ମୋ ନିଜ କାହାଣୀ

(ଦ୍ୱିତୀୟ ଭାଗ)

ଲେଖକ—ପଣ୍ଡିତ ଜହରଲାଲ ନେହରୁ
ଅନୁବାଦକ—ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ

Digitized by srujanika@gmail.com

ପ୍ରକାଶକ

କଟକ ଟ୍ରେଡ଼ିଂ କମ୍ପାନୀ

କଟକ

Rs 85 P 00

ତୃତୀୟ ମୁଦ୍ରଣ

୧୯୬୩—୨୦୦୧

Digitized by srujanika@gmail.com

ସୂଚୀ

ବିଷୟ— ପୃଷ୍ଠା

ଦ୍ୱିତୀୟ ଭାଗ

୪୩ । ବେରେଲି ଓ ଡେରାଡୁନ୍ ଜେଲରେ ୧
୪୪ । ଜେଲରେ ରହସ୍ୟ ୧୭
୪୫ । ଜେଲଖାନାରେ ଜୀବଜନ୍ତୁ ୨୯
୪୬ । ସଂଗ୍ରାମ ୪୧
୪୭ । ଧର୍ମ କ’ଣ ? ୫୭
୪୮ । ବ୍ରିଟିଶ ସରକାରର ଦ୍ୱୈତ ନୀତି ୭୬
୪୯ । ଦୀର୍ଘ ଜେଲଜୀବନର ଶେଷ ୧୦୦
୫୦ । ଗାନ୍ଧିଜୀଙ୍କ ସହିତ ସାକ୍ଷାତ୍ ୧୦୬
୫୧ । ଲିବରାଲ ଦୃଷ୍ଟିକୋଣ ୧୧୫
୫୨ । ଔପନିବେଶିକ ସ୍ୱାୟତ୍ତଶାସନ ଓ ସ୍ୱାଧୀନତା ୧୩୬
୫୩ । ପୁରାତନ ଓ ନୂତନ ଭାରତ ୧୫୩
୫୪ । ବ୍ରିଟିଶ ଶାସନର ଘଟଣାବଳୀ ୧୬୫
୫୫ । ଅସବର୍ଣ୍ଣ ବିବାହ ଓ ଅକ୍ଷର ସମସ୍ୟା ୧୮୪
୫୬ । ସାମ୍ପ୍ରଦାୟିକତା ଓ ତା’ର ପ୍ରତିକ୍ରିୟା ୨୦୬
୫୭ । ଅଚଳ ଅବସ୍ଥା ୨୩୨
୫୮ । ଭୂମିକମ୍ପ ୨୪୬
୫୯ । ଆଲିପୁର ଜେଲ ୨୬୫
୬୦ । ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଗଣତନ୍ତ୍ର ୨୭୪
୬୧ । ବିଷାଦ ୨୮୯
୬୨ । ସ୍ୱବିରୋଧ ମତ ୩୦୯
୬୩ । ହୃଦୟର ପରିବର୍ତ୍ତନ ନା ବାଧ୍ୟବାଧକତା ୩୨୨

Digitized by srujanika@gmail.com

ସୂଚୀ

ବିଷୟ— ପୃଷ୍ଠା

ଦ୍ୱିତୀୟ ଭାଗ

୪୩ । ବେରେଲି ଓ ଡେରାଡୁନ୍ ଜେଲ୍‌ରେ ୧

୪୪ । ଜେଲରେ ରହସ୍ୟ ୧୨

୪୫ । ଜେଲଖାନାରେ ଜୀବଜନ୍ତୁ ୨୯

୪୬ । ସଂଗ୍ରାମ ୪୧

୪୭ । ଧର୍ମ କ'ଣ ? ୫୭

୪୮ । ବ୍ରିଟିଶ ସରକାରର ଦ୍ୱୈତ ନୀତି ୭୭

୪୯ । ଦୀର୍ଘ ଜେଲଜୀବନର ଶେଷ ୧୦୦

୫୦ । ଗାନ୍ଧିଜୀଙ୍କ ସହିତ ସାକ୍ଷାତ୍ ୧୦୭

୫୧ । ଲିବରାଲ ଦୃଷ୍ଟିକୋଣ ୧୧୫

୫୨ । ଔପନିବେଶିକ ସ୍ୱାୟତ୍ତଶାସନ ଓ ସ୍ୱାଧୀନତା ୧୩୬

୫୩ । ପୁରାତନ ଓ ନୂତନ ଭାରତ ୧୫୩

୫୪ । ବ୍ରିଟିଶ ଶାସନର ଘଟଣାବଳୀ ୧୬୫

୫୫ । ଅସବର୍ଣ୍ଣ ବିବାହ ଓ ଅକ୍ଷର ସମସ୍ୟା ୧୮୦

୫୬ । ସାମ୍ପ୍ରଦାୟିକତା ଓ ତା'ର ପ୍ରତିକ୍ରିୟା ୨୦୭

୫୭ । ଅଚଳ ଅବସ୍ଥା ୨୩୨

୫୮ । ଭୂମିକମ୍ପ ୨୪୬

୫୯ । ଆଲିପୁର ଜେଲ ୨୬୫

୬୦ । ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଗଣତନ୍ତ୍ର ୨୭୪

୬୧ । ବିଷାଦ ୨୮୯

୬୨ । ସ୍ୱବିରୋଧ ମତ ୩୦୯

୬୩ । ହୃଦୟ ପରିବର୍ତ୍ତନ ନା ବାଧ୍ୟବାଧକତା ୩୧୨

Digitized by srujanika@gmail.com

୨୪ । ପୁଣି ଜେଲ ଜେଲ ୩୭୧
୨୫ । ଏଗାର ଦିନ ୩୮୫
୨୬ । ଜେଲ ପ୍ରତ୍ୟାବର୍ତ୍ତନ ୩୯୪
୨୭ । ସେତେବେଳ ଆଧୁନାର ଘଟଣା ୪୦୫
୨୮ । ଉପସଂହାର ୪୪୪
ସାତବର୍ଷ ପରେ ୪୫୭
୧୯୪୦—୧୯୪୭ ୪୮୩
ପରିଶିଷ୍ଟ—କ ୪୯୩
ପରିଶିଷ୍ଟ—ଖ ୪୯୬
ପରିଶିଷ୍ଟ—ଗ ୫୦୨

—:O:—

Digitized by srujanika@gmail.com

ଶ୍ରୀମତୀ ସ୍ୱରୂପରାଣୀ ନେହ୍ରୁ

Digitized by srujanika@gmail.com

ମୋ ନିଜ କାହାଣୀ

(ଦ୍ୱିତୀୟ ଭାଗ)

୪୩

ବେରଲି ଓ ଡେରାଡୁନ୍ ଜେଲରେ

ନୈନି ଜେଲରେ ଛଅ ସପ୍ତାହ ରହିବା ପରେ ମୋତେ ବେରଲି ଜିଲ୍ଲା ଜେଲକୁ ବଦଳି କରାଗଲା । ମୋର ସ୍ୱାସ୍ଥ୍ୟ ଠିକ୍ ଭଲ ନ ଥାଏ । ପ୍ରତିଦିନ ସାମାନ୍ୟ ତାପ ବଢ଼ୁଥିବା ଦେଖି ମୁଁ ବଡ଼ ଚିନ୍ତିତ ହେଉଥିଲି । ବେରଲିରେ ଚାରିମାସ ରହିବା ପରେ ପ୍ରଚଣ୍ଡ ଗ୍ରୀଷ୍ମକାଳରେ ମୋତେ ହିମାଳୟର ପାଦ ନିକଟରେ ଅବସ୍ଥିତ ଏକ ଥଣ୍ଡା ସ୍ଥାନ ଡେରାଡୁନ୍ ଜେଲକୁ ବଦଳି କରାଗଲା । ସେଠାରେ ମୁଁ କ୍ରମାନ୍ୱୟରେ ସାଢ଼େ ୧୪ ମାସ ଅର୍ଥାତ୍ ପ୍ରାୟ ମୋର ଦୁଇ ବର୍ଷ ପୂରିବା ପର୍ଯ୍ୟନ୍ତ ରହିଲି । ଅବଶ୍ୟ ମୁଲାକାତ, ଚିଠି ଓ ନିର୍ଦ୍ଦିଷ୍ଟ ସମ୍ବାଦ-ପତ୍ରମାନଙ୍କରୁ ମୁଁ କିଛି କିଛି ସମ୍ବାଦ ପାଉଥାଏ, ମାତ୍ର ପ୍ରକୃତ ଘଟଣାରୁ ମୁଁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ ହୋଇ ରହିଥିଲି ଏବଂ ପ୍ରଧାନ ଘଟଣାମାନଙ୍କ ସମ୍ବନ୍ଧରେ ମୋର ଗୋଳମାଳିଆ ଧାରଣା ଥିଲା ।

ମୁଁ ଖଲାସ ହେଲା ପରେ ମୋର ବ୍ୟକ୍ତିଗତ ବ୍ୟାପାର ଏବଂ ସେତେବେଳେ ଯେପରି ରାଜନୀତିକ ପରିସ୍ଥିତି ଥିଲା, ସେଥିରେ ବ୍ୟସ୍ତ ହୋଇ ପଡ଼ିଥିଲି । ପ୍ରାୟ ୫ ମାସରୁ ଅଧିକ ସ୍ୱାଧୀନତା ପାଇଲା ପରେ ପୁଣି ମୋତେ ଜେଲକୁ ଅଣାଗଲା ଏବଂ ମୁଁ ଏବେ ସୁଦ୍ଧା ଏଠାରେ ଅଛି । ଏହିପରି ଗତ ଚାରିବର୍ଷ ହେଲା ମୁଁ ଅଧିକ ସମୟ ଜେଲ ଭିତରେ ରହିଥିବାରୁ ପ୍ରଧାନ ଘଟଣାମାନଙ୍କ ସହିତ ମୋର ସମ୍ପର୍କ ନାହିଁ ଏବଂ ଏ ସମୟ ଭିତରେ ଯାହା ସବୁ ଘଟିଛି ସେ ସମ୍ବନ୍ଧରେ ବିସ୍ତୃତଭାବରେ ଜାଣିବା ଲାଗି କମ୍ ସୁଯୋଗ ମୁଁ ପାଇଛି । ଗାନ୍ଧିଜୀ ଗୋଲଟେବୁଲ ବୈଠକରେ ଯୋଗ ଦେଇ

Digitized by srujanika@gmail.com

ଥିଲେ; ଏହି ବୈଠକର ଦୃଷ୍ଟିରୁ ଅନ୍ତରାଳରେ କଣ ସବୁ ଘଟିଥିଲା, ସେ ସମ୍ବନ୍ଧରେ ମୋର ସ୍ପଷ୍ଟ ଜ୍ଞାନ କିଛି ନାହିଁ । ଏହି ବିଷୟରେ ଏ ପର୍ଯ୍ୟନ୍ତ ତାଙ୍କ ସହିତ କଥାବାର୍ତ୍ତା କରିବାର ଏବଂ ଏହା ପରେ ଘଟିଥିବା ଘଟଣା ସମ୍ବନ୍ଧରେ ତାଙ୍କ ସହିତ ଓ ଅନ୍ୟାନ୍ୟମାନଙ୍କ ସହ ଆଲୋଚନା କରିବାର ସୁଯୋଗ ମୋର ଘଟି ନାହିଁ ।

ଆମ ଜାତୀୟ ସଂଗ୍ରାମର ଅଗ୍ରଗତି ଠିକ୍ ରୂପେ ମୁଁ କହି ପାରିବି ନାହିଁ—କାରଣ ୧୯୩୨ ଓ ୩୩ ମସିହା ସମ୍ବନ୍ଧରେ ମୋତେ ବିଶେଷ ଜଣା ନ ଥିଲା । ମାତ୍ର ରଙ୍ଗମଞ୍ଚ, ତାର ପୃଷ୍ଠଭୂମି, ନାଟ୍ୟକାର ଏବଂ ଅନ୍ୟାନ୍ୟ ଛୋଟ ଘଟଣା ସମ୍ବନ୍ଧରେ ପୂର୍ଣ୍ଣ ଧାରଣା ରହିଛି । ଏହିପରି ଭାବରେ ମୁଁ ସଂଗ୍ରାମର ସାଧାରଣ ଗତି ସମ୍ବନ୍ଧରେ ଗୋଟିଏ ମୋଟାମୋଟି ଧାରଣା କରି ପାରୁଥିଲି । ପ୍ରଥମ ୪ ମାସ କିମ୍ବା ତହିଁରୁ ଅଧିକ କାଳ ପର୍ଯ୍ୟନ୍ତ ଆଇନ୍ ଅମାନ୍ୟ ଖୁବ୍ ପ୍ରବଳ ବେଗରେ ଏବଂ ସଂଗ୍ରାମଶୀଳ ଭାବରେ ଅଗ୍ରସର ହେଲା—ତା ପରେ କ୍ରମେ ପତନ ହେଲା—ମଧ୍ୟେ ମଧ୍ୟେ ଏହା ପ୍ରବଳ ହୋଇ ଉଠେ । ପ୍ରତ୍ୟକ୍ଷ ସଂଗ୍ରାମ ଅତି ଅଳ୍ପକ୍ଷଣ ପର୍ଯ୍ୟନ୍ତ ବିପ୍ଳବୀ ପରିସ୍ଥିତିରେ ରହିପାରେ । ଏହା ସ୍ଥିର ହୋଇ ରହିପାରେ ନା, ଏହା ଉଠିବ ବା ପଡ଼ିବ । ପ୍ରଥମ ପ୍ରବାହ ପରେ ଆଇନ ଅମାନ୍ୟ ଧୀରେ ଧୀରେ କମିଗଲା, ମାତ୍ର ଏହା ଛୋଟ ଆକାରରେ ଦୀର୍ଘକାଳ ପର୍ଯ୍ୟନ୍ତ ଚାଲିପାରେ । ବେଆଇନ ଘୋଷିତ ହୋଇଥିବା ସତ୍ତ୍ୱେ ନିଖିଳ ଭାରତ କଂଗ୍ରେସ କମିଟି ଖୁବ୍ ସଫଳତାର ସହିତ କାର୍ଯ୍ୟ କରୁଥିଲା । ଏହା ପ୍ରାଦେଶିକ କର୍ମୀମାନଙ୍କ ସହ ସମ୍ପର୍କ ରଖି ପାରିଥିଲା, ନିର୍ଦ୍ଦେଶ ପଠାଉଥିଲା; ରିପୋର୍ଟ ପାଉଥିଲା—ସମୟ ସମୟରେ ଆର୍ଥିକ ସାହାଯ୍ୟ ମଧ୍ୟ କରି ପାରୁଥିଲା ।

ପ୍ରାଦେଶିକ ଅନୁଷ୍ଠାନଗୁଡ଼ିକ ମଧ୍ୟ ଅଳ୍ପ ଅଧିକେ ଚାଲିଥିଲା । ମୁଁ ଜେଲରେ ଏହି କେତେ ବର୍ଷ ଥିବା ସମୟରେ ଅନ୍ୟ ପ୍ରଦେଶମାନଙ୍କ ସମ୍ବନ୍ଧରେ ବିଶେଷ କିଛି ଜାଣିପାରି ନ ଥିଲି, ମାତ୍ର ମୋର ଖଲାସ ପରେ ଯୁକ୍ତପ୍ରଦେଶର କାର୍ଯ୍ୟ କଳାପ ସମ୍ବନ୍ଧରେ କେତେକ ସମ୍ବାଦ ସଂଗ୍ରହ କରିଥିଲି । ୧୯୩୨ ମସିହା ସାରା ଏବଂ ୧୯୩୩ର ମଧ୍ୟଭାଗରେ ତତ୍କାଳୀନ କଂଗ୍ରେସ ସଭାପତି ଗାନ୍ଧିଜୀଙ୍କ ପରାମର୍ଶ ମତେ ଆଇନ ଅମାନ୍ୟ ସ୍ଥଗିତ

Digitized by srujanika@gmail.com

ଦେଖିବା ପର୍ଯ୍ୟନ୍ତ ଯୁକ୍ତ ପ୍ରଦେଶ କଂଗ୍ରେସ ଅନୁଷ୍ଠାନ ଠିକ୍ ରୂପେ ଚାଲୁଥିଲା । ଏହି ଆନ୍ଦୋଳନରେ ଜିଲ୍ଲାମାନଙ୍କୁ ଯଥାମତ ନିର୍ଦ୍ଦେଶ ଯାଏ, ଛପା ବା ଲେଖା ପ୍ରଚୁର ପତ୍ର ପଠାଯାଉଥିଲା; ଥରକୁ ଥର ଜିଲ୍ଲାର କାର୍ଯ୍ୟ ପରିଦର୍ଶନ କରାଯାଉଥାଏ ଏବଂ ଆମ କାଶୀସ୍ଥ ସେବାସଂଘର କର୍ମୀମାନେ ତାଙ୍କ ଭତ୍ତା ପାଉଥିଲେ । ଏଥିଭିତରୁ ଅନେକ କାର୍ଯ୍ୟ ଗୁପ୍ତଭାବରେ କରାଯାଉଥିଲା, କିନ୍ତୁ ପ୍ରାଦେଶିକ କମିଟିର ଅଫିସ ଓ ଅନ୍ୟ କାର୍ଯ୍ୟ କରୁଥିବା ସେକ୍ରେଟାରୀ ବରାବର ପ୍ରକାଶ୍ୟ ଭାବରେ କାର୍ଯ୍ୟ କରୁଥାଆନ୍ତି—ସେ ଗିରଫ ହେଲେ ଅନ୍ୟ ଜଣେ ସେକ୍ରେଟାରୀ ହେଉ ଥାଆନ୍ତି—ଏହିପରି ଚାଲୁଥାଏ ।

୧୯୩୦ ଓ ୧୯୩୨ ଆନ୍ଦୋଳନର ଅଭିଜ୍ଞତାରୁ ଆମେ ଦେଖି ପାରିଲୁ ଯେ, ସମଗ୍ର ଭାରତରେ ଗୁପ୍ତଭାବରେ ସମ୍ବାଦ ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇ ପାରେ । ବିଶେଷ କିଛି ଉଦ୍ୟମ ନ କରି ଏବଂ ବିରୋଧ ସତ୍ତ୍ୱେ ଏହା ଖୁବ୍ ଭଲ ଭାବରେ କରାଯାଇ ପାରିଥିଲା । ଆମ ଅନେକଙ୍କର ଧାରଣା ଯେ ଆଇନ ଅମାନ୍ୟ ସହିତ ଗୋପନୀୟତା ଖାପ ଖାଉନାହିଁ ଏବଂ ଜନସାଧାରଣଙ୍କୁ ଜାଗ୍ରତ କରାଇବାରେ ଏହା ବାଧା ଦେବ । ଗୋଟାଏ ବିସ୍ତୃତ ପ୍ରକାଶ୍ୟ ଗଣ-ଆନ୍ଦୋଳନର ଶ୍ରେଷ୍ଠ ଅଙ୍ଗରୂପେ ଏହା ଉପକାରୀ, ମାତ୍ର ଆନ୍ଦୋଳନର ପତନ ଅବସ୍ଥାରେ ଅକାର୍ଯ୍ୟକାରୀ ଗୁପ୍ତ କାର୍ଯ୍ୟସବୁ ଗଣ-ଆନ୍ଦୋଳନର ସ୍ଥାନ ନେଇ ଯିବାର ବିପଦ ରହିଛି । ୧୯୩୩ ମସିହା ଜୁଲାଇ ମାସରେ ଗାନ୍ଧିଜୀ ସମସ୍ତ ପ୍ରକାର ଗୋପନୀୟତାର ନିନ୍ଦାକଲେ ।

ଯୁକ୍ତପ୍ରଦେଶ ଛଡ଼ା ଗୁଜୁରାଟ ଓ କର୍ଣ୍ଣାଟକର କେତେକ ଅଞ୍ଚଳରେ କେତେକ ମାସ ପର୍ଯ୍ୟନ୍ତ ଖଜଣାବନ୍ଦ ଆନ୍ଦୋଳନ ଚାଲିଲା । ଗୁଜୁରାଟ ଓ କର୍ଣ୍ଣାଟକରେ କୃଷକମାନେ ଜମିରେ ମାଲିକ—ସେମାନେ ସରକାରକୁ ଖଜଣା ଦେବାକୁ ଅସ୍ୱୀକାର କରି ବହୁ ପରିମାଣରେ କଷ୍ଟ ସହିଲେ । ଜମିରୁ ଉଚ୍ଛେଦ ଓ ସମ୍ପତ୍ତି ଓ ବାଜେୟାପ୍ତି ହୋଇଯିବା ଯୋଗୁଁ କୃଷକମାନେ କଷ୍ଟ ପାଇଥିବାରୁ କଂଗ୍ରେସ ତରଫରୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ କିଛି ଉଦ୍ୟମ ହୋଇଥିଲା—ଏହା ଅବଶ୍ୟ ଯଥେଷ୍ଟ ନୁହେଁ । ଯୁକ୍ତ-ପ୍ରଦେଶରେ ବେଦଖଲ ହୋଇଥିବା କୃଷକମାନଙ୍କୁ ଏପରି ଭାବରେ ସାହାଯ୍ୟ କରିବା ପାଇଁ ପ୍ରାଦେଶିକ କଂଗ୍ରେସ ଅନୁଷ୍ଠାନ ପକ୍ଷରୁ କିଛି

Digitized by srujanika@gmail.com

ଉଦ୍ୟମ ହୋଇ ନ ଥିଲା । ଏଠାରେ ସମସ୍ୟା ବଡ଼ ଗୁରୁତର ହୋଇ ଉଠିଥିଲା (ରୟତବାରୀ କୃଷକଙ୍କ ପ୍ରଦେଶ ଏଠାରେ କୃଷକମାନଙ୍କ ସଂଖ୍ୟା ବହୁତ ବେଶୀ)—ଖୁବ୍ ବଡ଼ ଅଞ୍ଚଳ ଏବଂ ପ୍ରାଦେଶିକ ଅନୁଷ୍ଠାନ ପାଖରେ ଅର୍ଥ ଖୁବ୍ କମ୍ ଥିଲା । ଏହି ଆନ୍ଦୋଳନ ଫଳରେ ଦୁଃଖ ଭୋଗି-ଥିବା ହଜାର ହଜାର ଲୋକଙ୍କୁ ସାହାଯ୍ୟ କରିବା ଅସମ୍ଭବ ଥିଲା — ଏମାନେ ଏବଂ ପ୍ରାୟ କ୍ଷୁଧିତ ଅବସ୍ଥାରେ ପଡ଼ିଥିବା ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ପାର୍ଥକ୍ୟ ଆଣିବା ବଡ଼ କଷ୍ଟକର । କେତେକ ଲୋକଙ୍କୁ ସାହାଯ୍ୟ କରିଥିଲେ ଗୋଳମାଳ ଓ ଅସନ୍ତୋଷ ହୋଇଥାଆନ୍ତା । ସେଥିପାଇଁ ଆର୍ଥିକ ସାହାଯ୍ୟ ନ ଦେବା ଲାଗି ଆମେ ସ୍ଥିର କରିଥିଲୁଁ ଏବଂ ପ୍ରଥମରୁହିଁ ଏକଥା ଘୋଷଣା କରି ଦେଇଥିଲୁ—କୃଷକମାନେ ଆମ କାର୍ଯ୍ୟକୁ ସଂମ୍ପୂର୍ଣ୍ଣ ରୂପେ ପସନ୍ଦ କରିଥିଲେ । ଜନୋ ଦ୍ୱିଧାରେ ସେମାନେ କମଣ ଠାଣ ପଣ ଦେଖାଇ ପାରିଥିଲେ ଏହା ଆଶ୍ଚର୍ଯ୍ୟ କଥା । ଅବଶ୍ୟ ଯେଉଁଠି ସମ୍ଭବ, ଯେଉଁ କର୍ମୀମାନେ ଜେଲ ଯାଇଥିଲେ, ସେମାନଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ଆମେ କିଛି କିଛି ସାହାଯ୍ୟ ଦେବାକୁ ଚେଷ୍ଟା କରିଥିଲୁ । ଆମର ଏହି ହତଭାଗ୍ୟ ଦେଶର ଦୁର୍ଦ୍ଦଶା ଏପରି ଯେ ମାସିକ ଏକ ଟଙ୍କା ଦେଲେ ଭଗବାନଙ୍କ କରୁଣା ବୋଲି ମନେ ହୁଏ ।

ଆନ୍ଦୋଳନ ସମୟ ଭିତରେ ଯୁକ୍ତପ୍ରଦେଶ ପ୍ରାଦେଶିକ କଂଗ୍ରେସ କମିଟି (ଏହା ବେଆଇନ ଅନୁଷ୍ଠାନ ଥିଲା) ଏହାର ବେତନଭୋଗୀ କର୍ମୀମାନଙ୍କୁ ସାଧାରଣ ହାରରେ ଭତ୍ତା ଦେଇ ଆସୁଥିଲା — ସେମାନେ ସମସ୍ତେ ପ୍ରାୟ ଜେଲ ଯାଇଥିଲେ—ସେତେବେଳେ ସେମାନଙ୍କ ପରିବାରକୁ ସାହାଯ୍ୟ କରିବା ନିମନ୍ତେ ଅର୍ଥ ଦିଆଯାଉଥିଲା । ଏଥିରେ ସବୁଠାରୁ ଅଧିକ ଖରଚ ହେଉଥିଲା । ଏହାଛଡ଼ା ଛପା, ଲିଥୋ ପ୍ରଚାରପତ୍ର, ବୁଲେଟିନ୍ ଆଦିରେ ମଧ୍ୟ ଅନେକ ଟଙ୍କା ଖରଚ ହେଉଥିଲା । ବାଟ ଖରଚରେ ମଧ୍ୟ ଅନେକ ଅର୍ଥ ବ୍ୟୟ ହେଉଥିଲା ଏବଂ ଅର୍ଥାଭାବ ଘଟୁଥିବା ଜିଲାମାନଙ୍କୁ କିଛି ଅର୍ଥ ସାହାଯ୍ୟ କରାଯାଉଥିଲା । ଏକ ଶକ୍ତିଶାଳୀ ଏବଂ ସୁଦୃଢ଼ ସରକାର ବିରୁଦ୍ଧରେ ଏକ ଗଣ ଆନ୍ଦୋଳନ ଜୋର ଭାବରେ ଚାଲିଥିବା ସତ୍ତ୍ୱେ ୧୯୩୨ ମସିହା ଜାନୁୟାରିଠାରୁ ୧୯୩୩ ମସିହା ଅଗଷ୍ଟ ମାସ ପର୍ଯ୍ୟନ୍ତ ୨୦

Digitized by srujanika@gmail.com

ମାସ ଭିତରେ ଯୁକ୍ତପ୍ରଦେଶ ପ୍ରାଦେଶିକ କମିଟି ପ୍ରାୟ ୭୩ ହଜାର ଟଙ୍କା ଖରଚ କରିଥିଲା ଅର୍ଥାତ୍ ମାସିକ ୩୨୪୦ ଟଙ୍କା ଖରଚ ହୋଇଥିଲା । (ଏଥିରେ ଏଲାହାବାଦ, ଆଗ୍ରା, କାନପୁର ଓ ଲକ୍ଷ୍ନୌ ଜିଲ୍ଲାମାନଙ୍କର ଖରଚ ହିସାବ ଧରା ଯାଇନାହିଁ !) ପ୍ରଦେଶ ହିସାବରେ ୧୯୩୨ ଓ ୧୯୩୩ ରେ ଯୁକ୍ତପ୍ରଦେଶ ଆଗୁଆ ଥିଲା ଏବଂ ମୋର ମନେ ହୁଏ, ଏହାର ଫଳାଫଳ ତୁଳନାରେ କେତେ କମ୍ ଖରଚ ହୋଇଥିଲା । ଏହା ସହିତ ଆଇନ ଅମାନ୍ୟ ଆନ୍ଦୋଳନ ଦମନ କରିବା ନିମନ୍ତେ ପ୍ରାଦେଶିକ ସରକାର କେତେ ଖରଚ କରିଥିଲେ ତୁଳନା କଲେ ବଡ଼ ଆମୋଦ ଲାଗେ ; ମୋର ଅନୁମାନ (ମୋର ଯଥେଷ୍ଟ ଜ୍ଞାନ ନାହିଁ) କେତେକ ବଡ଼ କଂଗ୍ରେସ ଅନୁଷ୍ଠାନ ପ୍ରଦେଶରେ ଆହୁରି ଅଧିକ ଖରଚ ହୋଇଥିଲା । ପଡ଼ୋଶୀ ଯୁକ୍ତପ୍ରଦେଶ ଅପେକ୍ଷା କଂଗ୍ରେସ ଦୃଷ୍ଟିରୁ ବିହାର ଅଧିକ ଦରିଦ୍ର ପ୍ରଦେଶ, ତଥାପି ସଂଗ୍ରାମରେ ଏହା ଅଦ୍ଭୁତ ପ୍ରକାରରେ କାର୍ଯ୍ୟ କରିଥିଲା ।

କ୍ରମେ ଆଇନ ଅମାନ୍ୟ ଆନ୍ଦୋଳନର ପତନ ହେଲା; ମାତ୍ର ସେପରି କିଛି ସଫଳତା ନ ଥାଇ ଏହା କୌଣସି ପ୍ରକାରେ ଚାଲିଲା । ଏହା ଗଣ-ଆନ୍ଦୋଳନ ହୋଇ ରହିଲା ନାହିଁ । ସରକାରୀ ଦମନର ରୂପ ଛଡ଼ା ୧୯୩୨ ମସିହା ସେପ୍ଟେମ୍ବର ମାସରେ ଗାନ୍ଧିଜୀଙ୍କର ହରିଜନ ସମସ୍ୟାରେ ଉପବାସରେ ହିଁ ଏଥିରେ ପ୍ରଧାନ ଆଘାତ ଆସି ପଡ଼ିଥିଲା । ଏହି ଉପବାସ ଫଳରେ ଜନସାଧାରଣଙ୍କ ଭିତରେ ହେଲା ଜାଗରଣ – ମାତ୍ର ଏହା ଅନ୍ୟ ଦିଗରେ । ୧୯୩୩ ମସିହା ମେ ମାସରେ ଆଇନ ଅମାନ୍ୟ ସ୍ଥଗିତ କରିବା ଦ୍ୱାରା ଏହା ମୃତ ହୋଇଗଲା; ଏହା ପରେ କେବଳ କଥାରେ ଏହା ଥିଲା, କାର୍ଯ୍ୟରେ ନୁହେଁ । ଏହା ଅବଶ୍ୟ ସତ୍ୟ ଯେ ସ୍ଥଗିତ ନ ହୋଇଥିଲେ ସୁଦ୍ଧା କ୍ରମେ ଲୋପ ପାଇଯାଇ ଥାଆନ୍ତା । ଦମନର ହିଂସା ଓ କଠୋରତାରେ ଭାରତ ଅଗ୍ରସର ହୋଇ ପାରିଲା ନାହିଁ । ସେହିକାରଣ ପାଇଁ ମୋଟାମୋଟି ଜାତୀୟ ଶକ୍ତିର ଅପଚୟ ହୋଇଗଲା – ଏହାର ପୁନଃପ୍ରକାଶ ହୋଇ ପାରି ନ ଥିଲା । ବ୍ୟକ୍ତିଗତ ଭାବରେ କେତେକ ଲୋକ ଆଇନ ଅମାନ୍ୟ ଚଳାଉଥିଲେ, ମାତ୍ର ଏହା ଏକ ପ୍ରକାର ଅପ୍ରାକୃତିକ ବାୟୁ ମଣ୍ଡଳରେ ଚାଲୁଥିଲା ।

Digitized by srujanika@gmail.com

ଆମର ଏହି ଚଳନ୍ତି ଆନ୍ଦୋଳନର ଏପରି ଧୀର ପତନ କଥା ଜେଲରେ ଆମୋଦଦାୟକ ମନେ ହେଉ ନ ଥିଲା । ତଥାପି ଆମ ଭିତରୁ ଖୁବ୍ କମ୍ ଲୋକ ଗୋଟାଏ ବଡ଼ ସଫଳତା ଆଶା କରୁ ନ ଥିଲେ । ଜନସାଧାରଣଙ୍କ ଅବଶ୍ୟ ଉଦ୍ବୁଦ୍ଧ ହେଲେ ଗୋଟାଏ କିଛି ଅଦ୍ଭୁତ ଘଟଣା ଘଟିବାର ସମ୍ଭାବନା ରହିଛି । ମାତ୍ର ଏହା ଗଣ୍ୟ କରାଯାଉ ନ ଥିଲା । ସେଥିପାଇଁ ଏକ ଦୀର୍ଘ ସଂଗ୍ରାମ ପ୍ରତୀକ୍ଷା କରାଯାଉଥିଲା—ସେଥିରେ ଉତ୍ଥାନ ପତନ, ମଝିରେ ମଝିରେ ଅଚଳ ଅବସ୍ଥା ଘଟିବ—ତା ଫଳରେ ଜନତା କ୍ରମେ ଶୃଙ୍ଖଳା, ମିଳିତ କାର୍ଯ୍ୟ ଏବଂ ଆଦର୍ଶବାଦରେ ଶିକ୍ଷିତ ହେବ । ୧୯୩୨ର ପ୍ରଥମ ଅବସ୍ଥାରେ ଗୋଟିଏ ଅଦ୍ଭୁତ ଏବଂ ହଠାତ୍ ସଫଳତା ହେବ ବୋଲି ମୁଁ ଆଶଙ୍କା କରୁଥିଲି—ଗଭର୍ଣ୍ଣମେଣ୍ଟର୍-ୟ୍ୟାନ ଓ ଉପରେ ଥିବା ସୁବିଧାବାଦୀଙ୍କ ଭିତରେ ଗୋଟାଏ ଚୁକ୍ତିନାମା ଫଳରେ ଏହା ହେବା ସମ୍ଭବପର ବୋଲି ମନେ ହେଉଥିଲା । ୧୯୩୨ର ଅଭିଜ୍ଞତାରୁ ଅନେକ କଥା ଜଣା ପଡ଼ିଥାଏ । ସାଧାରଣତଃ ଲୋକେ ଯେତେବେଳେ ଦୃଢ଼ ଥାଆନ୍ତି ଏବଂ ସେମାନଙ୍କ ମନରେ ସ୍ପଷ୍ଟ ଧାରଣା ଥାଏ, ସେତେବେଳେ ସଫଳତା ଆସିଲେ ତାହାର ମୂଲ୍ୟ ସେମାନେ ବୁଝି-ପାରିବେ ଓ ଫାଇଦା ଉଠାଇ ପାରିବେ । ନଚେତ୍ ଜନସାଧାରଣ ସଂଗ୍ରାମ କରିବେ ଏବଂ କଷ୍ଟ ଭୋଗିବେ ଓ ଠିକ୍ ଅସଲ ମୁହୂର୍ତ୍ତରେ ଅନ୍ୟମାନେ ପ୍ରବେଶ କରି ସୁବିଧାଟିକ ଉଠାଇବେ । ଏହି ବିପଦ ପୂରାପୂରି ଥିଲା, କାରଣ କଂଗ୍ରେସ ବଡ଼ ଢିଲା ଥିଲା ଏବଂ ଏହା କିପରି ଶାସନ ବା ସମାଜ ଚାହେଁ ସେ ସମ୍ବନ୍ଧରେ କୌଣସି ସ୍ପଷ୍ଟ ଧାରଣା ନ ଥିଲା । ବାସ୍ତବିକ ପ୍ରଚଳିତ ଶାସନକୁ ବିଶେଷ ପରିବର୍ତ୍ତନ କରିବାକୁ କେତେକ ଲୋକ ଚାହୁଁ ନ ଥିଲେ, କେବଳ ବ୍ରିଟିଶ ବା ବିଦେଶୀଙ୍କ ବଦଳରେ ସ୍ୱଦେଶୀ ଲୋକ ରଖିବାକୁ ଚାହୁଁ ଥିଲେ ।

ପୁରାପୁରି 'ଗଭର୍ଣ୍ଣମେଣ୍ଟାଲ୍ୟାନ' ଯେଉଁମାନେ ସେମାନଙ୍କ ସମ୍ବନ୍ଧରେ କିଛି ଯାଏ ଆସେନା, କାରଣ କୌଣସି ସରକାର ହେଉ ତା ପାଖରେ ବଶ୍ୟତା ସ୍ୱୀକାର କରିବା ସେମାନଙ୍କ ଜୀବନର ମୁଖ୍ୟ ଧର୍ମ । ଲିବରାଲ୍ ଓ ରେସ୍ପନ୍‌ସିଭିଷ୍ଟମାନେ ମଧ୍ୟ ପ୍ରାୟ ସମ୍ପୂର୍ଣ୍ଣ ରୂପେ ବ୍ରିଟିଶ ଶାସନ ପ୍ରଥାକୁ ଗ୍ରହଣ କରୁଥିଲେ—ସେମାନଙ୍କର ସାମୟିକ ସମାଲୋଚନା ମୂଲ୍ୟହୀନ

Digitized by srujanika@gmail.com

ଓ ଫଳସ୍ଥାନ ହେଉଥିଲା । ଏହା ଜଣାଶୁଣା ଯେ ସେମାନେ ଆଇନ-ତତ୍ତ୍ୱବାଦୀ ସେଥିଯୋଗୁଁ ଆଇନ ଅମାନ୍ୟକୁ ସେମାନେ ପସନ୍ଦ କରନ୍ତେ ନାହିଁ । କିନ୍ତୁ ସେମାନେ ବହୁତ ଆଗରୁ ଗୃହୀତଲେ ଓ ଅଳ୍ପ ଅଧିକେ ସରକାର ପକ୍ଷରେ ଆଉଜି ଗଲେ । ସମସ୍ତ ପ୍ରକାର ନାଗରିକ ସ୍ୱାଧୀନତା ଯେ ଦମନ କରାଗଲା, ସେଥିରେ ସେମାନେ ପ୍ରାୟ ନୀରବ ଦର୍ଶକରୂପେ ରହି ଦେଖିଲେ । ସରକାର ଯେ କେବଳ ଆଇନ ଅମାନ୍ୟ ଆନ୍ଦୋଳନର ସମ୍ମୁଖୀନ ହୋଇ ଦମନ କରୁଥିଲେ ତାହା ନୁହେଁ, ସମସ୍ତ ପ୍ରକାର ରାଜନୈତିକ ଓ ସାଧାରଣ କାର୍ଯ୍ୟ ବନ୍ଦ କରିଥିଲେ; କିନ୍ତୁ ଏହା ବିରୁଦ୍ଧରେ ପ୍ରାୟ କେହି ପାଟି ତୁଣ୍ଡ କରି ନ ଥିଲେ । ଯେଉଁମାନେ ଏହି ସ୍ୱାଧୀନତା ଦାବୀ କରୁଥିଲେ ସେମାନେ ସଂଗ୍ରାମରେ ଲିପ୍ତ ହୋଇଗଲେ ଏବଂ ଶାସନର ଜୋର ଜବରଦସ୍ତି ନ ମାନିବା ହେତୁ ସେମାନଙ୍କୁ ଶାସ୍ତି ଭୋଗ କରିବାକୁ ପଡ଼ିଥିଲା । ଅନ୍ୟମାନେ ଦମନରେ ପେଷି ହୋଇ ଯାଇଥିଲେ ଏବଂ ସମାଲୋଚନା ପାଇଁ ମୁହଁ ଖୋଲି ନ ଥିଲେ । କେତେବେଳେ କମିତ ନରମ ସମାଲୋଚନା ହେଲେ ତାହାର ଭାଷା ବଡ଼ କୋମଳ ହେଉଥିଲା — କଂଗ୍ରେସ ଓ ଯେଉଁମାନେ ସଂଗ୍ରାମ ଚଳାଉଛନ୍ତି ସେମାନଙ୍କୁ ଖୁବ ନିନ୍ଦା କରାଯାଉଥିଲା ।

ପାଶ୍ଚାତ୍ୟ ଦେଶମାନଙ୍କରେ ନାଗରିକ ସ୍ୱାଧୀନତା ସପକ୍ଷରେ ଦୃଢ଼ ଜନମତ ଗଠିତ ହୋଇଛି । ଏହା ସୀମାବଦ୍ଧ ହେଲେ ଅସନ୍ତୋଷ ଓ ବିରୋଧ ହୁଏ [ସମ୍ପ୍ରତି ଏହା ବର୍ତ୍ତମାନ ପୂର୍ବଗୁଣ ଅତିହ୍ରାସ ହୋଇ ଗଲାଣି] । କୌଣସି ସ୍ୱତନ୍ତ୍ର ସଂଗ୍ରାମରେ ଯୋଗ ଦେବାକୁ ପ୍ରସ୍ତୁତ ନ ଥିଲେ ସୁଦ୍ଧା ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କଥା, ଲେଖା, ସମିତି, ସଂଗଠନ, ବ୍ୟକ୍ତିଗତ ଓ ମୁଦ୍ରାଯନ୍ତ୍ରର ସ୍ୱାଧୀନତାକୁ ବଡ଼ ଆଦର କରନ୍ତି ଏବଂ ଅବିଶ୍ରାନ୍ତ ଭାବରେ ଏଥିଲାଗି ଆନ୍ଦୋଳନ କରନ୍ତି । ସେଥିପାଇଁ ସରକାର ଏହା ଉପରେ ହସ୍ତକ୍ଷେପ କରିବାକୁ ପଛାଏ । ବ୍ରିଟିଶ ଲିବରାଲ୍‌ମାନଙ୍କ ପରି ଭାରତୀୟ ଲିବରାଲମାନେ ସେମାନଙ୍କ ସମକକ୍ଷ ବୋଲି ନିଜକୁ ଦାବୀ କରନ୍ତି (ଅବଶ୍ୟ କେବଳ ନାମ ଛଡ଼ା ସେମାନଙ୍କର କୌଣସି ସାଦୃଶ୍ୟ ନାହିଁ ।) ଏବଂ ଏହି ସ୍ୱାଧୀନତା ଉପରେ ହସ୍ତକ୍ଷେପ

Digitized by srujanika@gmail.com

ସମ୍ବନ୍ଧରେ ଅନ୍ତତଃ ମୁଖରେ ପ୍ରତିବାଦ କରିବା ସେମାନଙ୍କଠାରୁ ଆଶା କରି-ଯାଇପାରନ୍ତା, କାରଣ ସେମାନଙ୍କ ଉପରେ ବି ଏ ବାଧା ପଡ଼ୁନଥିଲା । ମାତ୍ର ସେମାନେ ସେପରି କିଛି କରି ନ ଥିଲେ । ଏମାନେ ସ୍ୱେଚ୍ଛାସେବକ ସଙ୍ଗେ ସ୍ୱର ମିଳାଇ କହି ପାରନ୍ତି ନାହିଁ ଯେ, "ତମେ ଯାହା କହୁଛ ସେଥିରେ ଆମ୍ଭେମାନେ ସମ୍ପୂର୍ଣ୍ଣ ଅମତ, ତଥାପି ତମର କହିବାର ଅଧିକାର ଆମ୍ଭେ-ମାନେ ମୃତ୍ୟୁ ବରଣ କରି ସୁଦ୍ଧା ରକ୍ଷା କରିବୁ ।"

ବୋଧହୁଏ ଏଥିପାଇଁ ସେମାନଙ୍କୁ ଦୋଷ ଦେଇ ହେବ ନାହିଁ — କାରଣ ସେମାନେ କେବେହେଁ ଗଣତନ୍ତ୍ର ବା ସ୍ୱାଧୀନତାର ସମର୍ଥକ ବୋଲି ଜଣାଇ ନାହାନ୍ତି—ଅଧିକନ୍ତୁ ମଧ୍ୟ ସେମାନେ ଏପରି ଏକ ପରିସ୍ଥିତିରେ ପଡ଼ି-ଥିଲେ ଯେ କିଛି କଥା କହିଲେ ବିପଦର ଆଶଙ୍କା ଥିଲା । ଭାରତର ଦଳ ସମ୍ବନ୍ଧରେ ବ୍ରିଟିଶ ଶ୍ରମିକ ଦଳର ନୂତନ ସାମ୍ୟବାଦୀମାନଙ୍କର ଏବଂ ପୁରାତନ ସ୍ୱାଧୀନତାପ୍ରେମୀ ବ୍ରିଟିଶ ଲିବରାଲମାନଙ୍କର ପ୍ରତିକ୍ରିୟା ଲକ୍ଷ୍ୟ କରିବା ବି ପ୍ରାସଙ୍ଗିକ ହେବ । ଦୁଃଖଜନକ ମନେ ହେଉଥିଲେ ସୁଦ୍ଧା ସେମାନେ ଭାରତୀୟ ଦମନକୁ ଦେଖି ସ୍ୱଚ୍ଛାଦରେ ଲକ୍ଷ୍ୟ କରୁଥିଲେ ଏବଂ "ମାଞ୍ଚେଷ୍ଟର ଗାର୍ଡ଼ିଆନ"ର ଜଣେ ପତ୍ରପ୍ରେରକଙ୍କ କଥାନୁସାରେ "ବୈଜ୍ଞାନିକ ଭାବରେ ଦମନ ପ୍ରୟୋଗ"ର ସଫଳତା ଦେଖି ସେମାନେ ଯେ ସନ୍ତୋଷ ଲାଭ କରୁଥିଲେ ତାହା ଦେଖା ଯାଉଥିଲା । ଏବେ ନିକଟରେ ଗ୍ରେଟ୍ ବ୍ରିଟେନର ଜାତୀୟ ସରକାର ଗୋଟିଏ ରାଜଦ୍ରୋହ ବିଲ ପାସକରିବାକୁ ଚେଷ୍ଟା କରିଥିଲେ—ଏହା ବକ୍ତୃତା କରିବାର ସ୍ୱାଧୀନତାରେ ହସ୍ତକ୍ଷେପ ଏବଂ ଖାନତଲାସ ପାଇଁ ଓ୍ୱାରେଣ୍ଟ ବାହାର କରିବାର କ୍ଷମତା ମାଜିଷ୍ଟ୍ରେଟମାନଙ୍କ ଉପରେ ଦେଉଥିଲା—ଏହିପରି ଅଧିକ କେତେକ କାରଣ ଦର୍ଶାଇ ବିଶେଷ ଭାବରେ ଲିବରାଲ ଓ ଶ୍ରମିକ ଦଳ ଏହାର ସମାଲୋଚନା କରି-ଥିଲେ । ଏହା ପଢ଼ିଲେ ଏଥିପ୍ରତି ମୋର ସହାନୁଭୂତି ହୁଏ ଏବଂ ଏହା ସଙ୍ଗେ ସଙ୍ଗେ ଭାରତର ଚିତ୍ର ମୋ ଆଖି ଆଗରେ ନାଚିଯାଏ । ବ୍ରିଟିଶ ରାଜ-ଦ୍ରୋହ ବିଲରେ ଯାହା ଥିଲା ତା'ଠାରୁ ହଜାରଗୁଣ ଅଧିକ କଠୋର ଧାରା ଥିବା ଆଇନ ସବୁ ଆଜି ଏଠାରେ ପ୍ରଚଳିତ । ଯେଉଁ ବ୍ରିଟିଶ ଲୋକେ ଇଂଲଣ୍ଡରେ ଗୋଟିଏ ମଶା ଦେଖି ଏତେ ବିବ୍ରତ, ସେମାନେ ଭାରତରେ

Digitized by srujanika@gmail.com

ଓ ତ୍ରୁଁ ନ କରି ସବୁ କଥା ଲଢ଼ାଇ ଗିଳି ଯାଆନ୍ତି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଛୁ । ବାସ୍ତବିକ ବ୍ରିଟିଶ ଲୋକଙ୍କର ନିଜର ବୈଷୟିକ ସୁବିଧା ସହିତ ସାମଞ୍ଜସ୍ୟ ରକ୍ଷି ନିଜର ନୈତିକ ମନୋବୃତ୍ତି ଗଢ଼ିବାର ଅଦ୍ଭୁତ କ୍ଷମତା ଦେଖି ମୁଁ ଚକିତ ହୋଇଛୁ—ସେମାନଙ୍କର ସାମ୍ରାଜ୍ୟବାଦୀ ସ୍ୱାର୍ଥ ଅଗ୍ରସର କରାଉଥିବା ପ୍ରତ୍ୟେକ କାର୍ଯ୍ୟକୁ ସେମାନେ ଠିକ୍ ବୋଲି ମନେ କରନ୍ତି । ମୁସୋଲିନୀ ଓ ହିଟଲର ସ୍ୱାଧୀନତା ଓ ଗଣତନ୍ତ୍ର ଉପରେ ଆକ୍ରମଣ କରୁଥିବାରୁ ସେମାନେ ସରଳବିଶ୍ୱାସ ଓ କ୍ଷୋଭର ସହିତ ସେମାନଙ୍କର ନିନ୍ଦା କରନ୍ତି, ଅଥଚ ଭାରତର ସ୍ୱାଧୀନତା ଦମନ ଓ ଆକ୍ରମଣକୁ ମଧ୍ୟ ସେମାନେ ସେହିପରି ସରଳ ବିଶ୍ୱାସରେ ଆବଶ୍ୟକ ବୋଲି ମନେ କରନ୍ତି ଏବଂ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରିବା ନିମନ୍ତେ ଏହା ଆବଶ୍ୟକ ବୋଲି ସେମାନେ ଉଚ୍ଚ ନୈତିକ କାରଣ ସବୁ ଦେଖାନ୍ତି ।

ସମଗ୍ର ଭାରତରେ ଅଗ୍ନି ଜଳୁଥିବାବେଳେ ଏବଂ ନରନାରୀ ସେହି ଅଗ୍ନିପରୀକ୍ଷାରେ ପଡ଼ିଥିଲାବେଳେ ବହୁଦୂରରେ ଲଣ୍ଡନରେ କେତେକ ବଛା ବଛା ଲୋକ ଯାଇ ଭାରତ ପାଇଁ ଶାସନତନ୍ତ୍ର ଗଢ଼ୁଥିଲେ । ୧୯୩୨ରେ ତୃତୀୟ ଗୋଲଟେବୁଲ ସମ୍ମିଳନୀ ହୋଇଥିଲା ଏବଂ ଅନେକ କମିଟି ନିଯୁକ୍ତ ହୋଇଥିଲା । ନିଜର ବ୍ୟକ୍ତିଗତ ଆମୋଦ ସଙ୍ଗେ ସଙ୍ଗେ ସାଧାରଣ କର୍ତ୍ତବ୍ୟ ଏକତ୍ର କରି କାର୍ଯ୍ୟ କରିବାର ସୁବିଧା ପାଇବା ପାଇଁ ବହୁସଂଖ୍ୟକ କେନ୍ଦ୍ର ବ୍ୟବସ୍ଥାସଭାର ସଭ୍ୟମାନଙ୍କୁ ଏହାର ସଭ୍ୟ କରି ନିଆଗଲା— ସରକାରୀ ଖର୍ଚ୍ଚରେ ବହୁସଂଖ୍ୟକ ଲୋକେ ସେଠାରେ ଜୁଟିଲେ । ୧୯୩୩ ମସିହାରେ ଭାରତୀୟ ଆସେମ୍ବଲିମାନଙ୍କ ସହ ଜଏଣ୍ଟ କମିଟି ବସିଲା ଏବଂ ଯେଉଁମାନେ ସାକ୍ଷ୍ୟ ଦେବାକୁ ଇଚ୍ଛୁକ ଥିଲେ ସେମାନଙ୍କୁ ଉଦାର ନୈତିକ ସରକାର ଜନା ଖର୍ଚ୍ଚରେ ନେଇଗଲେ । ଭାରତର ସେବା କରିବାର ଲୋଭନୀୟ ଦେଖି ସାଧାରଣ ଖର୍ଚ୍ଚରେ ଅନେକ ଲୋକ ପୁଣି ସମୁଦ୍ର ପାରି ହୋଇଗଲେ ଏବଂ ଶୁଣାଯାଏ ବାଟ ଖରଚ ଅଧିକା ପାଇବା ପାଇଁ କେତେକ ଲୋକ ଚେଷ୍ଟା କରିଥିଲେ ।

ଭାରତରେ ଗଣ ଆନ୍ଦୋଳନର ଅଗ୍ରଗତିଦ୍ୱାରା ଆତଙ୍କିତ ହୋଇ ବ୍ରିଟିଶ ସାମ୍ରାଜ୍ୟବାଦର ବାହୁଚ୍ଛାୟାତଳେ ଲଣ୍ଡନରେ ଏହି ନ୍ୟସ୍ତସ୍ୱାର୍ଥ

Digitized by srujanika@gmail.com

ପ୍ରତିନିଧିମାନେ ଏକତ୍ର ହେବା କିଛି ଆଶ୍ଚର୍ଯ୍ୟର କଥା ନୁହେଁ । ଦେଶମାତା ଏକ ଜୀବନମରଣ ସଂଗ୍ରାମରେ ପଡ଼ିଥିବା ବେଳେ କୌଣସି ଭାରତୀୟର ଏପରି ଆଚରଣ ଦେଖି ଆମ ଜାତୀୟ ପ୍ରାଣରେ ଆଘାତ ଜନ୍ମେ । ତଥାପି ଗୋଟିଏ ଦୃଷ୍ଟିରୁ ଆମେ ଅନେକେ ଏହା ଭଲ ବୋଲି ମନେ କରୁଥିଲୁ—କାରଣ ଆମେ ଭାବିଲୁ ଚିରଦିନ ପାଇଁ [ଏହା ଭୁଲ ବୋଲି ଏବେ ବୋଧ ହେଉଛି] ଭାରତରେ ପ୍ରଗତିଶୀଳ ଦଳଙ୍କଠାରୁ ପ୍ରତିକ୍ରିୟାପନ୍ଥୀମାନେ ବିଚ୍ଛିନ୍ନ ହୋଇଗଲେ । ସେମାନେ ଅଲଗା ହେବାଦ୍ୱାରା ଜନସାଧାରଣଙ୍କର ରାଜନୀତିକ ଶିକ୍ଷା ହେବ ଏବଂ ସମସ୍ତେ ବୁଝିପାରିବେ ଯେ କେବଳ ସ୍ୱାଧୀନତା ଦ୍ୱାରାହିଁ ସାମାଜିକ ସମସ୍ୟାର ସମାଧାନ ଓ ଜନସାଧାରଣଙ୍କ ବୋଝ ଦୂର ହୋଇପାରେ ।

କେବଳ ଦୈନନ୍ଦିନ ଜୀବନରେ ନୁହେଁ, ନୈତିକ ଓ ମାନସିକ ଦିଗରେ ଏମାନେ ଭାରତୀୟ ଜନସାଧାରଣଙ୍କଠାରୁ କିପରି ନିଜକୁ ଅଲଗା କରି ଦେଇଛନ୍ତି ଏହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏମାନଙ୍କ ସହିତ ଜନସାଧାରଣଙ୍କର କୌଣସି ସମ୍ପର୍କ ନାହିଁ—କିମ୍ବା ଅନ୍ତରର ଯେଉଁ ପ୍ରେରଣା ବଳରେ ସେମାନେ ଏପରି ତ୍ୟାଗ ଓ କଷ୍ଟ ବରଣ କରୁଛନ୍ତି ତାହା ଏମାନେ ବୁଝନ୍ତି ନାହିଁ । ଏହି ପ୍ରସିଦ୍ଧ ରାଜନୀତିମାନଙ୍କ ପକ୍ଷରେ ଗୋଟିଏ କଥାହିଁ ବାସ୍ତବ ପରି ମନେହୁଏ—ତାହା ହେଉଛି ବ୍ରିଟିଶ ସାମ୍ରାଜ୍ୟର ଶକ୍ତି । ସେମାନଙ୍କର ବିଶ୍ୱାସ ଏହାକୁ କେହି ତାଡ଼ି ପାରିବେ ନାହିଁ; ସୁତରାଂ ଭଲ ହେଉ ବା ମନ୍ଦ ହେଉ ଏହାକୁ ଗ୍ରହଣ କରିବାକୁ ହେବ । ଭାରତୀୟ ଜନସାଧାରଣଙ୍କ ସଦିଚ୍ଛା ବିନା ଭାରତର କୌଣସି ପ୍ରକୃତ ଶାସନତନ୍ତ୍ର ଗଠିତ ହୋଇପାରିବ ନାହିଁ କିମ୍ବା ଭାରତର ସମସ୍ୟା ସମାଧାନ ଯେ ସଂପୂର୍ଣ୍ଣ ଅସମ୍ଭବ—ସେମାନଙ୍କ ମନରେ ଏକଥା ଆଦୌ ପ୍ରବେଶ କଲପରି ଜଣାପଡ଼ ନ ଥିଲା । ମିଷ୍ଟର ଜେ. ଏ. ସ୍ପେଣ୍ଡର ତାଙ୍କ ରଚିତ "ସମସାମୟିକ ସଂକ୍ଷିପ୍ତ ଇତିହାସ" ପୁସ୍ତକରେ ଶାସନତନ୍ତ୍ରଗତ ସଙ୍କଟ ଦୂର କରିବା ନିମନ୍ତେ ୧୯[illegible]୦ ମସିହାରେ ଆୟର୍ଲାଣ୍ଡ ମିଳିତ ସମ୍ମିଳନୀର ନିଷ୍ଫଳତା ବିଷୟ ଉଲ୍ଲେଖ କରିଛନ୍ତି । ସଙ୍କଟ ମଧ୍ୟରେ ଯେଉଁ ରାଜନୀତିକ ନେତାମାନେ ଗୋଟାଏ ଶାସନତନ୍ତ୍ର ଗଢ଼ିବାକୁ ଚେଷ୍ଟା କରନ୍ତି,

Digitized by srujanika@gmail.com

ସେମାନଙ୍କ ଚେଷ୍ଟା ଠିକ୍ ଘରେ ନିଆଁ ଲଗିଥିଲାବେଳେ ସୀମା କରିବା ପରି । ୧୯୧୦ରେ ଆୟର୍ଲଣ୍ଡରେ ଯାହା ଥିଲା ତାହା ଅପେକ୍ଷା ୧୯୩୨ ଓ ୧୯୩୩ରେ ଭାରତରେ ଅଧିକ ଅଗ୍ନି ଜଳୁଥିଲା—ଅଗ୍ନିଶିଖା ଲିଭିଗଲେ ସୁଦ୍ଧା ଜ୍ୱଳନ୍ତ ଅଙ୍ଗାର ଅନେକ ଦିନ ପର୍ଯ୍ୟନ୍ତ ରହିବ—ଭାରତର ସ୍ୱାଧୀନତା ଆକାଙ୍କ୍ଷା ପରି ଏହା ଉତ୍ତପ୍ତ ଓ ଅତୃପ୍ତ ।

ଭାରତରେ ସରକାରୀ ମହଲରେ ହିଂସା ପ୍ରବୃତ୍ତି ଅଦ୍ଭୁତ ଭାବରେ ବୃଦ୍ଧି ପାଉଛି । ଏମାନଙ୍କର ସାତଶହ ପୁରାତନ ଧାରଣାର ଏବଂ ଏକ ପୁଲିସ ରାଜ୍ୟପରି ଇଂରେଜମାନେ ଏ ଦେଶକୁ ଶାସନ କରୁଛନ୍ତି; ଏପରି କି ସିଭିଲିୟାନ୍ ଶାସକମାନଙ୍କର ପ୍ରଭୁତ୍ୱ ଦୃଷ୍ଟିକୋଣ ମଧ୍ୟ ସାମରିକଭାବାପନ୍ନ ଦେଖାଯାଏ; ଯେପରି କି ଏହା ଗୋଟିଏ ବିଜିତ ଦେଶକୁ ବିରୋଧୀ ବିଦେଶୀ ସୈନ୍ୟ ଦଖଲ କରିବା ମନୋବୃତ୍ତି । ପ୍ରଚଳିତ ସମାଜ ଚକ୍ଷୁରେ ଭୀଷଣ ପ୍ରତିବାଦ ଯୋଗୁଁ ଏହି ମନୋବୃତ୍ତି ବୃଦ୍ଧି ପାଉଛି । ବଙ୍ଗଳା ଓ ଅନ୍ୟ ସ୍ଥାନମାନଙ୍କରେ ସାମୟିକ ଆତଙ୍କବାଦ ହେତୁ ସରକାରୀ ମହଲର ହିଂସା ମନୋଭାବ ବଢ଼ିଥିଲା ଏବଂ ସେମାନଙ୍କର ଏପରି କାର୍ଯ୍ୟର କିଛି ଯଥାର୍ଥତା ଥିଲା । ଅସଂଖ୍ୟ ଅର୍ଡିନାନ୍ସ ଓ ସରକାରୀ ନୀତି ଶାସକବର୍ଗ ଓ ପୁଲିସଙ୍କ ହାତରେ ଏତେ ପ୍ରବଳ କ୍ଷମତା ଦେଲା ଯେ ଫଳରେ ଭାରତ ପୁଲିସ ରାଜୁତି ଅଧୀନରେ ରହିଲା ଏବଂ ଏହାର କୌଣସି ପ୍ରତିରୋଧ କଲାପରି କିଛି ଉପାୟ ନ ଥିଲା ।

ଅଳ୍ପ ଅଧିକେ ଭାରତର ସମସ୍ତ ପ୍ରଦେଶରେ ଏହି ଭୀଷଣ ଦମନ-ଅଗ୍ନି ଜଳିଉଠୁଥିଲା, ମାତ୍ର ସୀମାନ୍ତ ପ୍ରଦେଶ ଓ ବଙ୍ଗଳା ଏଥିରେ ଅଧିକ କଷ୍ଟ ଭୋଗିଥିଲା । ସୀମାନ୍ତ ପ୍ରଦେଶ ବିଶେଷଭାବରେ ଗୋଟିଏ ସାମରିକ ଅଞ୍ଚଳ—ଏହା ଅଧା ସାମରିକ ଆଇନରେ ଶାସିତ ହୁଏ । ଏହାର ସାମରିକ ଗୁରୁତ୍ୱ ଥିବାରୁ 'ଲାଲକୁର୍ତ୍ତି' ଆନ୍ଦୋଳନରେ ସରକାର ସମ୍ପୂର୍ଣ୍ଣ-ରୂପେ ବିବ୍ରତ ହୋଇ ପଡ଼ିଥିଲା । ପ୍ରଦେଶରେ 'ଶାନ୍ତି' ଆଣିବାପାଇଁ ଏବଂ ଦୁର୍ଦ୍ଦାନ୍ତ 'ପଠାଣ' ଗୁଡ଼ିକୁ ଶାସନ କରିବା ନିମନ୍ତେ ଫୌଜ ବହୁ-ସଂଖ୍ୟାରେ ଏହି ପ୍ରଦେଶରେ ରହିଲେ । ଗ୍ରାମବାସୀମାନଙ୍କ ଉପରେ ବହୁତ ଟିକସ ବସାଇ ଦେବା ଭାରତରେ ଗୋଟିଏ ସାଧାରଣ କଥା ଏବଂ

Digitized by srujanika@gmail.com

ସହରରେ କେବେ କେବେ (ବିଶେଷତଃ ବଙ୍ଗଳାରେ) ଏହା ହୁଏ । 'ପିଟଣୀ ପୁଲିସ' ପ୍ରାପ୍ତ ବସେ—ପୁଲିସ ହାତରେ ଅଖଣ୍ଡ କ୍ଷମତା ଥାଏ—ତାହାର ପ୍ରତିରୋଧ କରିବା ଭଳି କିଛି ନ ଥିବାରୁ ସେମାନେ ଅତିକ୍ରମ କରିବା ଅବଶ୍ୟମ୍ଭାବୀ । ଶାନ୍ତି ଓ ଶୃଙ୍ଖଳା ନାମରେ ବିଶୃଙ୍ଖଳା ଓ ବେଆଇନ୍ କାର୍ଯ୍ୟର ବହୁତ ଦୃଷ୍ଟାନ୍ତ ଆମ ପାଖରେ ଅଛି ।

ବଙ୍ଗଳାର ଏକ ଅଂଶରେ ଅପୂର୍ବ ପରିସ୍ଥିତି ହେଲା । ସରକାର ସମଗ୍ର ଲୋକସଂଖ୍ୟାକୁ (କିମ୍ବା ଠିକ୍‌ରୂପେ କହିଲେ ହିନ୍ଦୁମାନଙ୍କୁ) ବିରୋଧୀ ଭାବରେ ବ୍ୟବହାର କଲେ ଏବଂ ପ୍ରତ୍ୟେକ ଲୋକଙ୍କୁ, ପୁରୁଷ, ସ୍ତ୍ରୀ ଏବଂ ବାର ଠାରୁ ପଚିଶ ବର୍ଷ ଭିତରେ ବାଳକ ଓ ବାଳିକାଙ୍କୁ—ପରିଚୟ ପତ୍ର ରଖିବାକୁ ବାଧ୍ୟ କରାଗଲା । ବହୁ ପରିମାଣରେ ବହିଷ୍କାର ଓ ଅନ୍ତରୀଣ ଆଦେଶ ହେଲା—ପୋଷାକ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଗଲା; ସ୍କୁଲଗୁଡ଼ିକ ନିୟନ୍ତ୍ରଣ କରାଗଲା କିମ୍ବା ବନ୍ଦ କରି ଦିଆଗଲା । ସାଇକଲ ଚଢ଼ିବାକୁ ମନା ହେଲା—ଗତିବିଧି ସମ୍ବନ୍ଧରେ ପୁଲିସକୁ ଖବର ଦେବା ଦରକାର ହେଲା ସାମରିକ ଓ ସାନ୍ଧ୍ୟ ଆଇନ ଜାରିହେଲା—ଫୌଜ ଯାତ୍ରାକଲେ, ପିଟଣୀ ପୁଲିସ ବସିଲା—ସାମୂହିକଭାବରେ ଜୋରିମାନା ଅସୁଲ ହେଲା । ଏବଂ ଆହୁରି ଅନେକ ଆଇନ ଓ କଟକଣା ସବୁ ପ୍ରଚଳିତ ହେଲା । ବସ୍ତୁତ ଅଞ୍ଚଳ ସବୁ ସାମରିକ ଅବରୁଦ୍ଧ ଅଞ୍ଚଳ ପରି ମନେ-ହେଲା ଏବଂ ସେଠାର ବାସିନ୍ଦାମାନଙ୍କ ଅବସ୍ଥା କଠୋର କଟକଣା ଭିତରେ ଶତ୍ରୁପକ୍ଷ ହାତରେ ଧରା ରହିଥିବା ନରନାରୀଙ୍କଠାରୁ କୌଣସି ଗୁଣରେ ଭଲ ନ ଥିଲା । ଇଂରେଜ ସରକାର ଦୃଷ୍ଟିରୁ ଏହିସବୁ ଅଦ୍ଭୁତ ରୀତି ଓ ଆଇନମାନ ଆବଶ୍ୟକ ଥିଲା କି ନା ତାହା ମୋର ବିଚାର କରିବାର ନୁହେଁ । ସେଗୁଡ଼ିକ ଯଦି ଆବଶ୍ୟକ ନ ଥିଲା, ତେବେ ଏହି ସମଗ୍ର ଅଞ୍ଚଳର ଅଧିବାସୀମାନଙ୍କୁ ବହୁକଷ୍ଟ ପହଞ୍ଚାଇ ଥିବାରୁ ଏବଂ ଏତେ ଅତ୍ୟାଚାର ଓ ଅପମାନ କରିବାର ଗୁରୁତର ଅପରାଧରେ ସରକାରଙ୍କୁହିଁ ଦୋଷୀ କରାଯିବ । ଏହାର ଯଦି ଆବଶ୍ୟକତା ଥାଏ, ତେବେ ଏହା ବ୍ରିଟିଶ ଶାସନର ନିଷ୍ଫଳତାର ପ୍ରମାଣ ।

Digitized by srujanika@gmail.com

ଏହି ହିଂସାମୂଳକ ମନୋଭାବ ଆମ ଲୋକଙ୍କ ପଛେ ପଛେ ଜେଲ ଭିତରକୁ ମଧ୍ୟ ପଶିଲା। ବନ୍ଦୀମାନଙ୍କୁ ଶ୍ରେଣୀ ବିଭାଗ କରିବା ଗୋଟାଏ ପ୍ରହସନ ଏବଂ ଯେଉଁମାନେ ଉଚ୍ଚ ଶ୍ରେଣୀରେ ରହୁଥିଲେ ସେମାନଙ୍କ ପକ୍ଷରେ ଏହା ଏକ ଅତ୍ୟାଚାର। ଖୁବ ଅଳ୍ପ ଲୋକଙ୍କୁ ଉଚ୍ଚ ଶ୍ରେଣୀ ଦିଆଯାଇଥିଲା—ଏଠାରେ ଭୋଗ କରୁଥିବା ସତ୍ତ୍ୱେ ବଡ଼ ମାନସିକ ଯନ୍ତ୍ରଣା ଉଦ୍ରେକ କରେ ଏବଂ ଅନେକ ଭାବପ୍ରବଣ ନରନାରୀ ଏହା ମାନିବାକୁ ବାଧ୍ୟ ହେଲେ। ସାଧାରଣ କଏଦୀଙ୍କଠାରୁ ରାଜବନ୍ଦୀଙ୍କୁ ଉନ୍ନତ ଅବସ୍ଥାରେ ରଖିବାକୁ ସରକାରୀ ନୀତି ହୋଇଥାଏ। ଏପରି କି ଜଣେ ଜେଲ ବିଭାଗର ଇନ୍‌ସ୍ପେକ୍‌ଟର ଜେନେରାଲ ସବୁ ଜେଲଖାନାକୁ ଏକ ଗୁପ୍ତ ଇସ୍ତାହାର ଲେଖି ଜଣାଇ ଦେଇଥିଲେ ଯେ ଆଇନ ଅମାନ୍ୟ ବନ୍ଦୀମାନଙ୍କ ପ୍ରତି "କଠୋର ଭାବରେ ବ୍ୟବହାର କରାଯିବ"†। ବେତମାଡ଼ ତ ଜେଲରେ ଗୋଟିଏ ସାଧାରଣ ଶାସ୍ତିସ୍ୱରୂପ ହୋଇଗଲା। ୧୯୩୩ ମସିହା ଏପ୍ରିଲ ତା ୨୭ ରିଖରେ ବିଲାତ ପାର୍ଲାମେଣ୍ଟରେ ସରକାରୀ ଭାରତସଚିବ କହିଥିଲେ, "୧୯୩୨ ମସିହାରେ ଆଇନ ଅମାନ୍ୟ ସଂକ୍ରାନ୍ତରେ ହୋଇଥିବା ଅପରାଧ ହେତୁ ଭାରତରେ ୫୦୦ରୁ ଅଧିକ ଲୋକଙ୍କୁ ବେତମାଡ଼ ଶାସ୍ତି ଦିଆଯିବା କଥା ସାର୍ ସାମୁଏଲ ହୋରଙ୍କୁ ଜଣାଅଛି।" ଜେଲ ଶୃଙ୍ଖଳା ଭଙ୍ଗ ହେତୁ ଯେଉଁସବୁ ବେତମାଡ଼ ହୋଇଥିଲା ତାହା ଏଥିରେ ହିସାବ କରାହୋଇଛି କି ନା ଜଣା ନାହିଁ। ୧୯୩୨ ରେ ଯେତେବେଳେ ବେତମାଡ଼ ସଂବାଦ ଆମେ ବାରମ୍ବାର ପାଇଲୁ, ସେତେବେଳେ ୧୮୩୦ ରେ ଗୋଟିଏ ଦୁଇଟି ବେତମାଡ଼ର ପ୍ରତିବାଦ କରି ଆମେ

---

† ୧୯୩୨ ମସିହା ଜୁନ ତା ୩୦ ରିଖରେ ଏହି ଇସ୍ତାହାର ବାହାରିଥିଲା। ସେଥିରେ ଥିଲା—"ଇନସ୍ପେକଟର ଜେନେରାଲ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟ ନିମ୍ନସ୍ଥ କର୍ମଚାରୀମାନଙ୍କୁ ଜଣାଇ ଦେବାକୁ ଚାହାନ୍ତି ଯେ ଆଇନ ଅମାନ୍ୟ ଆନ୍ଦୋଳନ ସଂକ୍ରାନ୍ତୀୟ ବନ୍ଦୀମାନଙ୍କ ପ୍ରତି ଅପେକ୍ଷାକୃତ ଭଲ ବ୍ୟବହାର କରିବାର କୌଣସି କାରଣ ନାହିଁ। ଏହି ଶ୍ରେଣୀର ବନ୍ଦୀମାନଙ୍କୁ ଯଥାସ୍ଥାନରେ ରଖି କଠୋର ବ୍ୟବହାର କରାଯିବା ଉଚିତ।"

Digitized by srujanika@gmail.com

କିପରି ଦିନଦିନ ଉପବାସ କରିଥିଲେ ସେ ବିଷୟ ମୋର ମନେ ପଡ଼ିଲା ! ଏହି ଅମାନୁଷିକ କାର୍ଯ୍ୟ ଦେଖି ସେତେବେଳେ ମୁଁ ମର୍ମାହତ ହୋଇଥିଲି—ଏଥରକ ବେଶୀ ଆଘାତ ପାଇଲି ଓ ମୋ ଭିତରେ ଗୋଟାଏ ବେଦନା ଅନୁଭବ କଲି—ମାତ୍ର ଏଥରକ ଆଉ ପ୍ରତିବାଦ କରି ଉପବାସ କରିବା କଥା ମୋ ମନରେ ଉଠିଲା ନାହିଁ । ଏ ବିଷୟରେ ମୁଁ ନିଜକୁ ବଡ଼ ଅସହାୟ ବୋଧ କଲି । କିଛି ଦିନ ପରେ ପାଶବିକତା ପ୍ରତି ମନୁଷ୍ୟର ମନର କ୍ରୋଧ ବି କମିଯାଏ । ଅନ୍ୟାୟ କଥା ବେଶୀ ଦିନ ଚାଲିଲେ ଲୋକେ ସେଥିରେ ଅଭ୍ୟସ୍ତ ହୋଇଯାଆନ୍ତି ।

ଜେଲରେ ଆମ ଲୋକମାନଙ୍କୁ କଠିନ ପରିଶ୍ରମ ଦିଆଯାଉଥିଲା—ଚକି ପେଷିବା, ଘଣା ପେଲିବା ଇତ୍ୟାଦି କାର୍ଯ୍ୟ ଦିଆଯାଉଥିଲା । ତାହା ଏପରି ଅସହ୍ୟ ହୋଇ ପଡ଼େ ଯେ ସେମାନେ କ୍ଷମା ମାଗିବାକୁ ଏବଂ ସରକାର-ଠାରେ ପ୍ରତିଶ୍ରୁତି ଦେଇ ଖଲାସ ହେବାକୁ ବାଧ୍ୟ ହୁଅନ୍ତି । ଏହା ହେଲେ ଜେଲ କର୍ତ୍ତୃପକ୍ଷ ଗୋଟାଏ ବଡ଼ ବିଜୟ ହେଲା ବୋଲି ଗର୍ବ କରନ୍ତି ।

ଜୋର ଜବରଦସ୍ତି ଓ ଅପମାନ ଉପରେ ବିରକ୍ତ ହେଉଥିବା ଯୁବକ ଓ ବାଳକମାନଙ୍କ ଉପରେ ହିଁ ଜେଲ ଶାସ୍ତି ବେଶୀ ହେଉଥିଲା । ଏହି ସୁନ୍ଦର ବାଳକମାନେ ଉତ୍ସାହୀ ଓ ଆତ୍ମମର୍ଯ୍ୟାଦା ଜ୍ଞାନସମ୍ପନ୍ନ ଏବଂ ଦୁଃସାହସଭାବ ପୂର୍ଣ୍ଣ—ଏପରି ଯୁବକୁ ଇଂରେଜ ସ୍କୁଲ ଓ ବିଶ୍ୱବିଦ୍ୟାଳୟ-ମାନଙ୍କରେ ପ୍ରଶଂସା ଓ ଉତ୍ସାହିତ କରାଯାଏ । ଭାରତରେ ସେମାନଙ୍କର ଯୁବସୁଲଭ ଆଦର୍ଶବାଦ ଓ ଆତ୍ମମର୍ଯ୍ୟାଦାବୋଧ ହେତୁ ସେମାନେ ହାତକଡ଼ି ପାଆନ୍ତି, ନିର୍ଜନ କାରାବାସ ଦଣ୍ଡ ହୁଏ ଏବଂ ବେତମାଡ଼ କରାଯାଏ ।

ବିଶେଷ ଭାବରେ ନାରୀମାନେ ଜେଲରେ ଯେପରି ବ୍ୟବହାର ପାଉଥିଲେ ତାହା ଭାବିଲେ ମନରେ କ୍ଳେଶ ଜାତ ହୁଏ । ଏମାନେ ସାଧାରଣତଃ ମଧ୍ୟବିତ୍ତ ଶ୍ରେଣୀର ସ୍ତ୍ରୀ ଲୋକ—ଏକ ପ୍ରକାର ଅଳସ ଜୀବନରେ ଅଭ୍ୟସ୍ତ; ପୁରୁଷ ନିଜର ସୁବିଧା ସକାଶେ ସମାଜରେ କରିଥିବା ଦମନ ଓ ବାଁଛନୀତ ମାନି ଚଳି କଷ୍ଟ ଭୋଗିଥାନ୍ତି । ସ୍ୱାଧୀନତାର ଡାକରା ସେମାନଙ୍କ ନିକଟରେ ଭିନ୍ନ ଅର୍ଥବିଶିଷ୍ଟ—ସେମାନେ ଯେପରି ଉତ୍ସାହ ଓ ଉନ୍ମାଦନାର ସହିତ ସଂଗ୍ରାମରେ ପ୍ରବେଶ କରିଥିଲେ, ସେଥିରେ

Digitized by srujanika@gmail.com

ସେମାନଙ୍କର ଗାର୍ହସ୍ଥ୍ୟ ଜୀବନର ଦାସତ୍ୱରୁ ମୁକ୍ତ ହେବାର ଯେ ପ୍ରବଳ ଆକାଙ୍‌କ୍ଷା ଅସ୍ପଷ୍ଟ ଓ ଅଚେତନ ଭାବରେ ଥିଲା, ଏଥିରେ ସନ୍ଦେହ ନାହିଁ । ଅଳ୍ପ କେତେକଙ୍କୁ ବାଦ୍ ଦେଲେ ସେମାନଙ୍କୁ ସାଧାରଣ କଏଦୀରୂପେ ବ୍ୟବହାର କରାଯାଉଥିଲା—ପତିତ ସାଥୀମାନଙ୍କ ସଙ୍ଗରେ ଅତି ହୀନ ଅବସ୍ଥା ଭିତରେ ରଖା ଯାଉଥିଲା । ମୁଁ ଥରେ ନାରୀମାନଙ୍କର ରହିବା ବାରକ୍ ସଂଲଗ୍ନ ଏକ ବାରକ୍‌ରେ ଥିଲି—କେବଳ ଗୋଟିଏ କାନ୍ଥ ଆମମାନଙ୍କୁ ଅଲଗା କରିଥାଏ । ସେହି ବେଷ୍ଟନୀରେ ଅନ୍ୟ କଏଦୀଙ୍କ ଛଡ଼ା କେତେକ ମହିଳା ରାଜବନ୍ଦୀ ବି ଥାଆନ୍ତି । ଆଉ ମଧ୍ୟ ଜଣେ ନାରୀ ବନ୍ଦୀ ଥାଆନ୍ତି ଯାହାଙ୍କ ଘରେ ମୁଁ ଥରେ ଅତିଥି ହୋଇ ରହିଥିଲି । ଗୋଟିଏ ଉଚ୍ଚ କାନ୍ଥ ଆମମାନଙ୍କୁ ବିଚ୍ଛିନ୍ନ କରିଥିଲା, ମାତ୍ର ନାରୀ କଏଦୀ ଓ୍ୱାର୍ଡର-ମାନଙ୍କ ଯେଉଁ କୁତ୍ସିତ ଭର୍ତ୍ସନା ଆମର ବନ୍ଧୁମାନଙ୍କୁ ସହ୍ୟ କରିବାକୁ ପଡ଼ୁଥିଲା ତାହା ମୋ କାନରେ ଆସି ବାଜେ ।

ପରିଷ୍କାର ଦେଖାଗଲା ଯେ ଦୁଇବର୍ଷ ତଳେ ୧୯୩୦ରେ ରାଜବନ୍ଦୀଙ୍କୁ ଯେପରି ବ୍ୟବହାର କରାଯାଉଥିଲା, ୧୯୩୨ ଓ ୧୯୩୩ ରେ ତାହା ଅପେକ୍ଷା ଖରାପ ବ୍ୟବହାର କରାଗଲା । କେବଳ କେତେକ କର୍ମଚାରୀଙ୍କ ବ୍ୟକ୍ତିଗତ ଜିଦ୍ ହେତୁ ଏହା ହୋଇପାରି ନ ଥାଏ—ଏହାରୁ ପରିଷ୍କାର ଧାରଣା ହେଉଛି ସରକାରଙ୍କର ଏହା ଜଣାଶୁଣା ନୀତି ଥିଲା । ରାଜବନ୍ଦୀଙ୍କ ଛଡ଼ା ସେକାଳରେ ସମସ୍ତ ପ୍ରକାର ମାନବିକତାର ଘୋର ବିରୋଧୀ ବୋଲି ଯୁକ୍ତପ୍ରଦେଶ ଜେଲ ବିଭାଗର ଗୋଟାଏ ନାମ ଥାଏ । ଏହି ସମ୍ବନ୍ଧରେ ଆମେ ଗୋଟାଏ ଆମୋଦପୂର୍ଣ୍ଣ ପ୍ରମାଣ ଗୋଟାଏ ନିର୍ଦ୍ଦୋଷ ସୂତ୍ରରୁ ପାଇଛୁ । ଜଣେ ଖ୍ୟାତନାମା ଜେଲ ପରିଦର୍ଶକ ଥରେ ଆମ ସହିତ ଜେଲରେ ଦେଖା କଲେ । ସେ ସାର୍ (ନାଇଟ୍) ଉପାଧିଧାରୀ; ଆମ ପରି କଟ୍ଟର ବିଦ୍ରୋହୀ ଏବଂ ରାଜଦ୍ରୋହୀ ନୁହନ୍ତି—ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ସମ୍ମାନ ଦେଖାଇବା ପାଇଁ ସରକାର ‘ସାର୍’ ଉପାଧି ଦେଇଛନ୍ତି । ସେ କହିଲେ ଯେ କେତେମାସ ତଳେ ସେ ଆଉ ଗୋଟିଏ ଜେଲକୁ ଯାଇଥିଲେ ଏବଂ ତାଙ୍କ ମନ୍ତବ୍ୟ ବହିରେ ଜେଲରଙ୍କୁ ଜଣେ “ସହୃଦୟ ଶୃଙ୍ଖଳାବାଦୀ” ବୋଲି ଲେଖି ଆସିଥିଲେ । ମାତ୍ର କର୍ତ୍ତୃପକ୍ଷ ମହଲରେ

Digitized by srujanika@gmail.com

ଏଥିରେ ଏହାର ଖର୍ଚ୍ଚ ଅର୍ଥହେବ ବୋଲି ତାହାର ମାନବିକତା ସମ୍ବନ୍ଧରେ କିଛି ଉଲ୍ଲେଖ ନକରିବା ନିମନ୍ତେ ସେ ଜେଲରର ଅନୁରୋଧ କଲେ । ମାତ୍ର ଏପରି ବର୍ଣ୍ଣନାରେ ଜେଲରଙ୍କର କୌଣସି କ୍ଷତି ହେବ ନାହିଁ ବୋଲି ସେ ଦର୍ଶକ ଲେଖିବାଲାଗି ସ୍ଥିର କଲେ । ମାତ୍ର ଫଳ ସ୍ୱରୂପ ଗୋଟାଏ ସୁଦୂର ଏବଂ ଅଣଆଡ଼ୁଆ ସ୍ଥାନକୁ ସେ ଜେଲରଙ୍କୁ ବଦଳି କରି ଦିଆଗଲା—ଏହା ତାଙ୍କ ପକ୍ଷରେ ଏକ ପ୍ରକାର ଶାସ୍ତି ।

ଯେଉଁ ଜେଲରମାନେ ବିଶେଷ ସ୍ବଭାବରେ ନିଷ୍ଠୁର ଓ ଅବିବେଚକ ବୋଲି ଖ୍ୟାତି ଲଭିଥାନ୍ତି, ସେମାନଙ୍କର ପଦୋନ୍ନତି ହୁଏ ଓ ଉପାଧି ମିଳେ । ଅନ୍ୟାୟ ଉପାୟରେ ଶୃଙ୍ଖଳା ରକ୍ଷିବା ଜେଲରେ ଏପରି ପ୍ରଚଳିତ ଯେ ଏଥିରୁ କେହି ମୁକ୍ତି ପାଇଛନ୍ତି ବୋଲି କୁହାଯାଇ ପାରିବ ନାହିଁ । ମାତ୍ର ମୋର ଓ ମୋ ବନ୍ଧୁମାନଙ୍କର ଅଭିଜ୍ଞତା ହେଉଛି ଯେ ଯେଉଁମାନେ ଜେଲରେ କଠୋର ଶୃଙ୍ଖଳାକାମୀ ବୋଲି ପରିଚିତ, ସେମାନେ ହିଁ ସର୍ବାପେକ୍ଷା ଅଧିକ ଦୋଷୀ ।

ସୌଭାଗ୍ୟର କଥା ଜେଲ ଭିତରେ ଓ ବାହାରେ ମୋତେ ସମସ୍ତେ ଭଦ୍ରତା ଦେଖାଇଛନ୍ତି; ଅନେକ ସମୟରେ ମୋର ପ୍ରାପ୍ୟଠାରୁ ବେଶୀ ଅଧିକ ଭଲ ବ୍ୟବହାର ପାଇଛି । ଜେଲରେ ଗୋଟିଏ ଘଟଣାରେ ମୋର ଓ ମୋ ପରିବାରଙ୍କ ମନରେ ଅଶେଷ ଦୁଃଖ ହେଲା । ମୋର ମାଆ, କମଳା ଓ ମୋ ଝିଅ ଇନ୍ଦିରା ଏଲାହାବାଦ ଜିଲ୍ଲା ଜେଲରେ ମୋ ଭିଣୋଇ ରଣଜିତ୍ ପଣ୍ଡିତଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇଥିଲେ—ମାତ୍ର ସେମାନଙ୍କୁ ବିନା ଦୋଷରେ ଜେଲର୍ ବଡ଼ ଅପମାନ ଦେଲା ଓ ବାହାର କରିଦେଲା । ମୁଁ ଏହା ଶୁଣି ଦୁଃଖିତ ହେଲି ଏବଂ ପ୍ରାଦେଶିକ ସରକାରର ଏଥିପ୍ରତି ପ୍ରତିକ୍ରିୟା ଦେଖି ମର୍ମାହତ ହେଲି । ଜେଲ କର୍ମଚାରୀ ମୋ ମାଆଙ୍କୁ ଆଉ ଯେପରି ଅପମାନ ନକରନ୍ତି, ଏଥିସକାଶେ ମୁଁ ସମସ୍ତ ପ୍ରକାର ସାକ୍ଷାତ୍ ବନ୍ଦ କରିଦେଲି । ମୁଁ ଡେରାଡୁନ୍ ଜେଲରେ ଥିଲାବେଳେ ସେଥିପାଇଁ ପ୍ରାୟ ସାତ ମାସ ପର୍ଯ୍ୟନ୍ତ ମୋର ଆଦୌ ସାକ୍ଷାତ ହୋଇ ନ ଥିଲା ।

Digitized by srujanika@gmail.com

୪୪

ଜେଲରେ ରହସ୍ୟ

ଗୋବିନ୍ଦବଲ୍ଲଭ ପନ୍ତ ଓ ମୁଁ ଏକ ସଙ୍ଗରେ ବେରିଲି ଜିଲ୍ଲା ଜେଲରୁ ଡେରାଡ଼ୁନ ଜେଲକୁ ବଦଳି ହେଲୁ । ଲୋକ ଭିଡ଼ ଏଡ଼ାଇବା ପାଇଁ ଆମକୁ ବେରେଲି ଷ୍ଟେସନକୁ ନିଆ ନ ଯାଇ ୫୦ ମାଇଲ ଦୂରରେ ଏକ ଅଣଆଡ଼ୁଆ ଷ୍ଟେସନକୁ ନିଆଗଲା । ରାତିରେ ଗୁପ୍ତ ଭାବରେ ଆମକୁ ମଟର ଗାଡ଼ିରେ ନିଆଗଲା । ଅନେକ ମାସ ଆବଦ୍ଧ ରହିବା ପରେ ଶୀତ ରାତିରେ ମଟର ଯାତ୍ରାର ପବନ କିପରି ଆନନ୍ଦପ୍ରଦ !

ବେରିଲି ଜେଲ ଛାଡ଼ିବା ପୂର୍ବରୁ ଗୋଟିଏ ଛୋଟ ଘଟଣାରେ ମୁଁ ବଡ଼ ବିଚଳିତ ହୋଇଗଲି ଏବଂ ଏବେ ସୁଦ୍ଧା ତାହା ମୋର ସ୍ମରଣ ଅଛି । ଜଣେ ଇଂରେଜ ବେରିଲି ଜିଲ୍ଲାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଥାଆନ୍ତି — ସେ ସେଠାରେ ଉପସ୍ଥିତ ଥିଲେ ଏବଂ ମୁଁ ମଟର ଗାଡ଼ିରେ ପ୍ରବେଶ କରିବା ମାତ୍ରେ ଟିକିଏ ସଙ୍କୋଚ ଭାବରେ ମୋ ହାତକୁ ଗୋଟିଏ ପାକେଟ୍ ବଢ଼ାଇ ଦେଇ କହିଲେ, 'ଏଥିରେ କେତେକ ସଚିତ୍ର ପୁରାତନ ଜର୍ମାନ ପତ୍ରିକା ଅଛି ।' ସେ କହିଲେ ଯେ ମୁଁ ଜର୍ମାନ ଭାଷା ଶିଖୁଛି ବୋଲି ସେ ଶୁଣିଥିଲେ ଏବଂ ସେଥିପାଇଁ ସେ ଏ ବହି ମୋ ପାଇଁ ଆଣିଛନ୍ତି । ମୋର ତାଙ୍କ ସହିତ ପୂର୍ବରୁ କେବେ ଦେଖା ନ ଥିଲା କିମ୍ବା ତା ପରେ ମୁଁ ଆଉ ତାଙ୍କୁ ଭେଟି ନାହିଁ । ମୋତେ ତାଙ୍କ ନାମ ସୁଦ୍ଧା ଜଣା ନାହିଁ । ଏପରି ସ୍ୱତଃପ୍ରବୃତ୍ତ ହୋଇ ସୌଜନ୍ୟ ଓ ହୃଦ୍ୟଭାବ ଦେଖାଇବାରେ ମୋର ହୃଦୟ ସ୍ପର୍ଶ କଲା ଏବଂ ମୁଁ ତାଙ୍କ ପ୍ରତି ବଡ଼ କୃତଜ୍ଞ ପରି ମନେ କଲି ।

Digitized by srujanika@gmail.com

ସେହି ଅର୍ଦ୍ଧବର୍ଷରେ ଦୀର୍ଘ ମଟର୍ ଯାତ୍ରାବେଳେ ଇଂରେଜ ଓ ଭାରତୀୟ, ଶାସକ ଓ ଶାସିତ, ସରକାରୀ ଓ ବେସରକାରୀ, ଆଦେଶ ପ୍ରଦାନକାରୀ ଓ ଆଦେଶ ପାଳନକାରୀମାନଙ୍କ ସହିତ ପରସ୍ପର ସମ୍ବନ୍ଧ ବିଷୟରେ ମୁଁ ଚିନ୍ତା କଲି—ଦୁଇ ଜାତି ଭିତରେ କିପରି ଗଭୀର ବ୍ୟବଧାନ ରହିଛି ଏବଂ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ କିପରି ଅବିଶ୍ୱାସ କରନ୍ତି – କିପରି ବିରାଗ ଭାବ ! ମାତ୍ର ଏହି ଅବିଶ୍ୱାସ ଓ ବୀତଶ୍ରଦ୍ଧ ଭାବ ଅପେକ୍ଷା ପରସ୍ପର ବିଷୟରେ ଅଜ୍ଞତା ବହୁତ ବେଶୀ—ସେଥିଲାଗି ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଭୟ କରନ୍ତି ଏବଂ ପ୍ରତ୍ୟେକର ଉପସ୍ଥିତିରେ ପ୍ରତ୍ୟେକ ବଡ଼ ତାକତର୍କରେ ଥାଆନ୍ତି । ଏକ ଅନ୍ୟକୁ ରୁକ୍ଷ ପ୍ରକୃତି ଓ ନୀରସ ବଦନ ପରି ମନେ କରନ୍ତି । ଏହି ଆବରଣ ତଳେ ଯେ ଭଦ୍ରତା ଓ ସଦ୍ଭାବ ଅଛି ତାହା କେହି ବୁଝି ପାରନ୍ତି ନାହିଁ । ଦେଶର ଶାସକ ହିସାବରେ ଅନୁଗ୍ରହ ଦେଖାଇବାର ସୁବିଧା ଥିବାରୁ ଚାକିରୀଲାଳସୀ ଓ ସୁବିଧାପ୍ରୟାସୀ ଅନେକ ଲୋକ ଇଂରେଜ-ମାନଙ୍କ ପଛରେ ଗୋଡ଼ାନ୍ତି ଏବଂ ଏହି ବିରକ୍ତିକର ଦୃଷ୍ଟାନ୍ତରୁ ସେମାନେ ଭାରତକୁ ବିଚାର କରନ୍ତି । ଭାରତବାସୀ ଦୃଷ୍ଟିରେ ଇଂରେଜ ଲୋକ ଅମାନୁଷିକ ଶାସନତନ୍ତ୍ରର ଜଣେ କର୍ମଚାରୀ ଏବଂ ସେ ନିଜର ନ୍ୟସ୍ତସ୍ୱାର୍ଥ ରକ୍ଷା ନିମନ୍ତେ ବ୍ୟଗ୍ରତାର ସହିତ କାର୍ଯ୍ୟ କରୁଛି । ଏକ ସୈନ୍ୟଦଳର ସୈନ୍ୟ କିମ୍ବା କର୍ମଚାରୀ ରୂପେ ବ୍ୟବହାରଠାରୁ ବ୍ୟକ୍ତିଗତ ଭାବରେ ମଣିଷର ବ୍ୟବହାରରେ କି ପାର୍ଥକ୍ୟ ! ସୈନିକ କାର୍ଯ୍ୟ କଠୋରତାରେ ମାନବିକତା ଭୁଲିଯାଏ ଏବଂ ଯନ୍ତ୍ରବତ୍ କାର୍ଯ୍ୟ କରି ନିରପରାଧୀ ଓ ନିର୍ଦ୍ଦୋଷ ଲୋକମାନଙ୍କ ଉପରେ ଗୁଳି ଚଳାଇ ହତ୍ୟା କରେ । ସେହିପରି ମୋର ମନେହୁଏ ଜଣେ ପୁଲିସ କର୍ମଚାରୀ ବ୍ୟକ୍ତିଗତ ଭାବରେ କାହା ପ୍ରତି ନିର୍ଦ୍ଦୟ ହେବାକୁ ଇତସ୍ତତଃ କରୁଥିଲେ ସୁଦ୍ଧା ତପୂର ଦିନ ନିରୀହ ଲୋକଙ୍କ ଉପରେ ଲାଠି-ମାଡ଼ର ନିର୍ଦ୍ଦେଶ ଦେବ । ସେତେବେଳେ ସେ ନିଜ ଏକକୁ ବ୍ୟକ୍ତିବିଶେଷ ରୂପେ ଚିନ୍ତା କରିବ ନାହିଁ କିମ୍ବା ଯେଉଁ ଜନତା ଉପରେ ସେ ପ୍ରହାର ବା ଗୁଳି କରେ ସେମାନଙ୍କୁ ମନୁଷ୍ୟ ରୂପେ ବିଚାର କରେ ନାହିଁ ।

Digitized by srujanika@gmail.com

ଯେଉଁ ମୁହୂର୍ତ୍ତରେ ଅନ୍ୟ ପକ୍ଷକୁ ଏବଂ ଜନତା ଦୃଷ୍ଟିରେ ଲୋକ ଦେଖିବାକୁ ଆରମ୍ଭ କଲେ, ସେହିକ୍ଷଣି ମନୁଷ୍ୟ ହିସାବରେ ଯେଉଁ ଯୋଗ ରହିବାର କଥା ତାହା ଲୋପପାଏ । ଆମେ ଭୁଲିଯାଉଁ ଯେ ଜନତା ହେଉଛି ନର ନାରୀ ଓ ବାଳକ ବାଳିକାଙ୍କର ସମଷ୍ଟି । ସେମାନେ ଆଦର କରନ୍ତି, ଘୃଣା କରନ୍ତି ଏବଂ କଷ୍ଟ ବି ସହି ପାରନ୍ତି । ସାଧାରଣତଃ ଯଦି ମନ ଗୋପନ ନ ରଖି କେହି ସିଧା ଇଂରେଜ ଲୋକ କଥା କହେ ତେବେ ସେ କହିବ ଯେ ସେ ଅତି ଭଦ୍ର କେତେକ ଭାରତବାସୀଙ୍କୁ ଜାଣେ, ମାତ୍ର ଏହା ଅସାଧାରଣ—ସାଧାରଣ ଭାରତବାସୀମାନେ ଏକ ଘୃଣ୍ୟ ଜନସୃଷ୍ଟି । ସାଧାରଣ ଭାରତୀୟ ମଧ୍ୟ ସ୍ୱୀକାର କରିବ ସେ କେତେକ ଇଂରେଜ ଲୋକଙ୍କୁ ଜାଣେ ଯେଉଁମାନେ ପ୍ରଶଂସାଯୋଗ୍ୟ, ମାତ୍ର ଏମାନଙ୍କ ଛଡ଼ା ଇଂରେଜମାନେ ବଡ଼ ପ୍ରଭୁତ୍ୱପ୍ରୟାସୀ, ଶୋଷକ ଏବଂ ଅତ୍ୟନ୍ତ ଖରାପ ପ୍ରକୃତର ଲୋକ । ଆଶ୍ଚର୍ଯ୍ୟ କଥା ଯେ ଯେଉଁ ବ୍ୟକ୍ତିବିଶେଷ ସହିତ ସମ୍ପର୍କରେ ଆସିଥାଆନ୍ତି ସେହିମାନଙ୍କ ଦୃଷ୍ଟିରୁ ଏକ ପକ୍ଷ ଅପର ଜାତିକୁ ବିଚାର ନ କରି ଯେଉଁମାନଙ୍କ ସମ୍ବନ୍ଧରେ ଅଳ୍ପ ଜାଣିଥାନ୍ତି ବା କିଛି ଜାଣି ନ ଥାନ୍ତି ସେହିମାନଙ୍କ ଦୃଷ୍ଟିରେ ବିଚାର କରନ୍ତି ।

ବ୍ୟକ୍ତିଗତ ଭାବରେ ମୁଁ ବଡ଼ ଭାଗ୍ୟବାନ୍ ଏବଂ ପ୍ରାୟ ସବୁଠାରେ ମୁଁ ମୋର ନିଜ ଦେଶଲୋକ ଓ ଇଂରେଜ ସମ୍ପ୍ରଦାୟଙ୍କଠାରୁ ଭଦ୍ର ବ୍ୟବହାର ପାଇଛି । ଏପରି କି ଜେଲରମାନେ ଏବଂ ପୁଲିସଲୋକେ ଯେଉଁମାନେ ମୋତେ ଗିରଫ କରିଛନ୍ତି, ବା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବନ୍ଦୀ ଭାବରେ ନେଲାବେଳେ ମୋ ସହିତ ଜଗୁଆଳି ଭାବରେ ଯାଆନ୍ତି, ସେମାନେ ମୋ ପ୍ରତି ଖୁବ୍ ଦୟାଭାବ ଦେଖାଇଛନ୍ତି । ଆମ ସଂଗ୍ରାମର ତିକ୍ତତା ଓ ବନ୍ଦୀ ଜୀବନର ଦଂଶନ ଏହି ମନୁଷ୍ୟୋଚିତ ବ୍ୟବହାରଠାରୁ ଅନେକ ହ୍ରାସ ପାଇ ଯାଇଛି । ମୋର ଦେଶବାସୀଙ୍କଠାରୁ ଏପରି ବ୍ୟବହାର ପାଇବାରେ ମୁଁ ବିସ୍ମିତ ନୁହେଁ, କାରଣ ସେମାନଙ୍କଠାରେ ମୁଁ କେତେକ ପରିମାଣରେ ଖ୍ୟାତି ଓ ଲୋକପ୍ରିୟତା ଲାଭ କରିଛି । ଇଂରେଜମାନେ ମୋତେ ଜନତା ଭିତରେ ବିଚାର ନ କରି ଏକ

ବ୍ୟକ୍ତିବିଶେଷ ହିସାବରେ ଦେଖନ୍ତି ଏବଂ ମୋର ମନେହୁଏ, ମୁଁ ଇଂଲଣ୍ଡରେ ଶିକ୍ଷା ପାଇଥିବାରୁ ଓ ଇଂରେଜ ସାଧାରଣ ସ୍କୁଲରେ ପାଠ ପଢ଼ିଥିବାରୁ ମୋ ସହିତ ଗୋଟିଏ ସନ୍ନିକଟ ଭାବ ସେମାନେ ଅନୁଭବ କରନ୍ତି । ଏହି କାରଣରୁ ମୋର ସାଧାରଣ କାର୍ଯ୍ୟ ସେମାନଙ୍କ ପକ୍ଷରେ ଖରାପ ବୋଲି ମନେ ହେଉଥିଲେ ସୁଦ୍ଧା ମୁଁ ଅନ୍ତେ ଅନେକେ ସେମାନଙ୍କ ପରି ଶିକ୍ଷିତ ବୋଲି ସେମାନେ ନ ଭାବି ରହି ପାରନ୍ତି ନାହିଁ । ମୁଁ ମୋର ଅଧିକାଂଶ ସହକର୍ମୀଙ୍କ ସହ ନିଜକୁ ତୁଳନା କଲେ ମୋ ପ୍ରତି ଏପରି ବିଶେଷ ବ୍ୟବହାର ଦେଖି ଅନେକ ସମୟରେ ବଡ଼ ବିବ୍ରତ ଓ ଲଜ୍ଜିତ ହୋଇଛି ।

ଏହି ସବୁ ସୁବିଧା ସତ୍ତ୍ୱେ ଜେଲ୍ ତ ଜେଲ ଏବଂ ଏହାର ଦମନ ମୂଳକ ବାୟୁମଣ୍ଡଳ ବେଳେ ବେଳେ ଅସହ୍ୟ ବୋଧ ହେଉଥିଲା । ଏଠାରେ ହିଂସା, ନୀଚତା, ଶଠତା ଏବଂ ଅସତ୍ୟ ପୂରି ରହିଥିଲା । ହୁଏତ ବଶ୍ୟତା ସ୍ୱୀକାର କରିବାକୁ ହେବ ନଚେତ୍ ଭର୍ତ୍ସନା ଶୁଣିବାକୁ ହେବ । ଭାବପ୍ରବଣ ଲୋକ ସର୍ବଦା ଅଶାନ୍ତିରେ ଦିନ କାଟିବ । ଛୋଟ ଛୋଟ ଘଟଣାରେ ସେ ବିବ୍ରତ ହୋଇଯିବ । କୌଣସି ଚିଠିରେ ଖରାପ ସମ୍ବାଦ ଓ ସମ୍ବାଦପତ୍ରରେ କୌଣସି ସମ୍ବାଦ ପାଇ ଲୋକ କ୍ଷଣକ ପାଇଁ କ୍ରୋଧାନ୍ୱିତ ହେବ ଏବଂ ବ୍ୟଗ୍ରତାରେ ଅଧୀର ହୋଇ ପଡ଼ିବ । ବାହାରେ କାର୍ଯ୍ୟ କରିବାର ଗୋଟାଏ ଆରାମ ଥାଏ ଏବଂ ନାନା କାର୍ଯ୍ୟ ଓ ସ୍ୱାର୍ଥ ହେତୁ ମନ ଓ ଶରୀର ସ୍ଥିର ରହେ । ଜେଲ ଭିତରେ ବାହାରକୁ ଯିବାର କୌଣସି ବାଟ ନାହିଁ । ଲୋକ ଏକ ପାଖିଆ ଏବଂ ବିକୃତ ଭାବରେ ଘଟଣାମାନଙ୍କୁ ଦେଖେ । ଜେଲରେ ବେମାର ପଡ଼ିବା ବଡ଼ ହତାଶାଜନକ ।

ମୁଁ ଜେଲ ରୁଟିନ୍ ଅନୁଯାୟୀ ନିଜକୁ ଚଳାଇ ନେଲି ଏବଂ ଶାରୀରିକ କସରତ୍ ଓ କଠିନ ମାନସିକ କାର୍ଯ୍ୟ କରି ବେଶ ସୁସ୍ଥ ଥିଲି । କାର୍ଯ୍ୟ ଓ କସରତର ମୂଲ୍ୟ ବାହାରେ ଥାଉ ବା ନ ଥାଉ, ଜେଲ ଭିତରେ ସେ ଗୁଡ଼ିକ ବଡ଼ ଦରକାର ଏବଂ ତାହା ବିନା ଲୋକ ହର୍ଗି-

Digitized by srujanika@gmail.com

ପଢ଼ିବା ସ୍ୱାଚ୍ଛନ୍ଦ୍ୟ । ମୁଁ ଏକ କାର୍ଯ୍ୟନିର୍ଘଣ୍ଟ କରି ତାହା ବରାବର ପାଳନ କରୁଥିଲି । ମୋର ସାଧାରଣ ସ୍ୱଭାବ, ଯଥା ପ୍ରତିଦିନ କ୍ଷୌର ହେବା (ମୋତେ ସେଫ୍‌ଟିରେଜର ମିଳିଥାଏ) ଆଦି ଜାରି କରୁଥିଲି । ଏସବୁ ଛୋଟ କଥା ମୋର ଲେଖିବାର କାରଣ ହେଉଛି ଲୋକେ ସାଧାରଣତ ଏସବୁ ଛାଡ଼ିଦେଇ ଅନ୍ୟ ବିଷୟରେ ବଡ଼ ହୁଗୁଳା ହୋଇଯାଆନ୍ତି । ପ୍ରତ୍ୟେକ ଦିନର କଠିନ ପରିଶ୍ରମ ପରେ ସନ୍ଧ୍ୟାବେଳକୁ ବେଶ୍ ଟିକିଏ କ୍ଲାନ୍ତ ହୋଇ ଯାଉଥାଏ ଏବଂ ସୁଖନିଦ୍ରା ଯାଏ ।

ଏହିରୂପେ ଦିନ ଦିନ, ସପ୍ତାହ ସପ୍ତାହ ମାସ ପରେ ମାସ କଟିଗଲା । ମାତ୍ର ବେଳେ ବେଳେ ଗୋଟାଏ ଗୋଟାଏ ମାସ ସତେ କି ବହୁତ ଦିନ ରହିଗଲା, ଆଦୌ ଶେଷ ହେଉନାହିଁ, ଏପରି ମନେ ହୁଏ । ବେଳେ ବେଳେ ମୁଁ ବଡ଼ ବିରକ୍ତ ହୋଇଯାଏ—ପ୍ରତ୍ୟେକ ଲୋକ ଓ ପ୍ରତ୍ୟେକ ଜିନିଷ ଉପରେ କ୍ରୋଧ ଜନ୍ମେ—ମୋର ଜେଲସାଥୀ, ଜେଲ କର୍ମଚାରୀ, ବାହାର ଲୋକେ କୌଣସି କାର୍ଯ୍ୟ କରିଥିବା ବା ନ କରିଥିବା ହେତୁ ବ୍ରିଟିଶ ସାମ୍ରାଜ୍ୟ (ଏହା ଉପରେ ତ ସ୍ଥାୟୀ କ୍ରୋଧ ଜନ୍ମେ) ଏବଂ ସର୍ବୋପରି ମୋ ନିଜଉପରେ କ୍ରୋଧ ଜନ୍ମେ । ଶେଷରେ ଏପରି ହୁଏ ଯେ କାରାଜୀବନର ସମସ୍ତ ପ୍ରକୃତି ଭିତରେ ମୁଁ ନିଜକୁ ମିଶାଇଦିଏ—ସୌଭାଗ୍ୟର କଥା ସେପରି ମନୋଭାବ ବେଶିଦିନ ରହେ ନାହିଁ ।

•

ମୁଲାକାତ ଦିନ ହେଉଛି ଜେଲରେ ହଲଚଲି ଦିନ । ସାକ୍ଷାତ୍ ପାଇଁ ଲୋକ କିପରି ବ୍ୟାକୁଳ ହୋଇ ଦିନ ଗଣି ଗଣି ବସିଥାଏ । ସାକ୍ଷାତ୍ ସମୟର ଉତ୍ସାହ ପରେ ପ୍ରତିକ୍ରିୟା ହେବା ଅପରିହାର୍ଯ୍ୟ—ଗୋଟାଏ ପ୍ରକାର ଶୂନ୍ୟତା ଏବଂ ନିଃସଙ୍ଗ ଭାବ ଜନ୍ମେ । ବେଳେ ବେଳେ ଏପରି ଘଟେ ଯଦି କୌଣସି ଖରାପ ସମ୍ବାଦ ସାକ୍ଷାତ୍‌ରେ ଆସି ପହଞ୍ଚେ ତେବେ ମୁଁ ବଡ଼ ବିମର୍ଷ ହୋଇଯାଏ । ସାକ୍ଷାତ୍ ବେଳେ ଜେଲ କର୍ମଚାରୀ-ମାନେ ତ ଉପସ୍ଥିତ ଥାଆନ୍ତି, ମାତ୍ର ଦେରାଦୁନରେ ଦୁଇ ତିନିଥର ମୁଲାକାତ-ବେଳେ ଜେଲ କର୍ମଚାରୀଙ୍କ ଛଡ଼ା ଗୁପ୍ତ ବିଭାଗର ଲୋକ (ସି· ଆଇ· ଡ଼ି·)

Digitized by srujanika@gmail.com

ମଧ୍ୟ କାଗଜ କଲମ ଧରି ଉପସ୍ଥିତ ଥିଲେ । ଆମ କଥାବାର୍ତ୍ତା ସେମାନେ ଟିପି ନେଉଥାନ୍ତି । ଏଥିରେ ମୁଁ ଭାରି ବିରକ୍ତ ହେଉଥିଲି ଏବଂ ଏଭଳି ମୁଲାକାତ ଆଦୌ କିଛି ହୋଇପାରୁ ନ ଥିଲା ।

ତା ପରେ ଏଲାହାବାଦ ଜେଲରେ ସାକ୍ଷାତ୍ କରିବାକୁ ଯାଇଥିଲା-ବେଳେ ମୋର ମାଆ ଏବଂ ସ୍ତ୍ରୀଙ୍କ ପ୍ରତି ଜେଲ କର୍ମଚାରୀଙ୍କ ପରେ ସରକାର ଯେପରି ବ୍ୟବହାର କଲେ ତାହାର ପ୍ରତିବାଦ ସ୍ୱରୂପ ମୁଁ ମୁଲାକାତ ଏକଦମ ବନ୍ଦ କରି ଦେଇଥିଲି । ପ୍ରାୟ ସାତମାସ ପର୍ଯ୍ୟନ୍ତ ମୋର କୌଣସି ଦେଖା ସାକ୍ଷାତ୍ ହୋଇ ନ ଥିଲା । ଏହି ସମୟରେ ମୁଁ ବଡ଼ ଶୂନ୍ୟ ଜୀବନ ଅନୁଭବ କଲି ଏବଂ ସାତ ମାସ ପରେ ମୁଁ ଯେତେବେଳେ ପୁଣି ସାକ୍ଷାତ୍ କରିବା ସ୍ଥିର କରିବାରୁ ମୋ ପରିବାରର ଲୋକେ ମୋତେ ଦେଖିବାକୁ ଆସିଲେ ସେତେବେଳେ ମୁଁ ଆନନ୍ଦରେ ଆତ୍ମହରା ହୋଇ ଯାଇଥିଲି । ମୋ ଭଉଣୀର ଛୋଟ ପିଲାମାନେ ମଧ୍ୟ ଆସିଥିଲେ । ସେଥିରୁ ସବା ଛୋଟ ପିଲାଟି ମୋ କାନ୍ଧରେ ବାହାରେ ଚଢ଼େ—ସେ ସାକ୍ଷାତ୍ ବେଳେ ଯେତେବେଳେ ମୋ କାନ୍ଧରେ ଚଢ଼ିବାକୁ ଚାହିଁଲା, ସେତେବେଳେ ମୁଁ ବଡ଼କଷ୍ଟରେ ନିଜର ଭାବ ଦମନ କଲି । ଗୋଟାଏ ହାର୍ଦ୍ଦିକ ସମ୍ପର୍କ ସକାଶେ ହୃଦୟ ଅନେକ ଦିନୁଁ ବ୍ୟାକୁଳ ହୋଇ ପଡ଼ିଥିବା ହେତୁ ପାରିବାରିକ ଜୀବନର ଏହି ସ୍ପର୍ଶରେ ମୁଁ ଅଧୀର ହୋଇ ପଡ଼ିଲି ।

ମୁଲାକାତ ବନ୍ଦ ହୋଇଥିବା ବେଳେ ପାକ୍ଷିକ ଆମ ଘରୁ କିମ୍ବା ଅନ୍ୟ ଜେଲରୁ (ମୋର ଦୁଇ ଭଉଣୀଯାକ ଜେଲରେ ଥାଆନ୍ତି) ଆସୁଥିବା ଚିଠିକୁ ମୁଁ ବ୍ୟଗ୍ରତାର ସହିତ ଅନାଇ ରହିଥାଏ ଏବଂ ଆଦରରେ ପଢ଼ିବାକୁ ଆରମ୍ଭ କରେ । ନିର୍ଦ୍ଦିଷ୍ଟ ଦିବସରେ ଚିଠି ଆସି ନ ପହଞ୍ଚିଲେ ମୁଁ ବ୍ୟସ୍ତ ହୋଇ ପଡ଼ୁଥିଲି । ପୁଣି ଯେତେବେଳେ ଆସେ ମୁଁ ଖୋଲିବାକୁ ଇତସ୍ତତଃ କରେ—ଗୋଟାଏ ନିଷିଦ୍ଧ ଆମୋଦ ପଦାର୍ଥ ପାଇଲେ ଲୋକ ଯେପରି ହୁଏ, ମୁଁ ସେହିପରି ଚିଠି ଧରି ହୁଏ । ଏ ଚିଠିରେ ମୋ ମନ ଖରାପ କଲାପରି କୌଣସି ସମ୍ବାଦ କାଳେ ଥିବ ମନ ଭିତରେ ଏହି ଭାବ ମଧ୍ୟ ରହିଥାଏ ।

Digitized by srujanika@gmail.com

ଜେଲର ଶାନ୍ତି ପୂର୍ଣ୍ଣ ଓ ନିସ୍ତରଙ୍ଗ ଜୀବନ ମଧ୍ୟରେ ଚିଠି ଲେଖିବା ଓ ପାଇବା ଗୋଟାଏ ବେଶ୍ ସାମୟିକ ଉତ୍ତେଜନା । ଏହା ଏପରି ଏକ ଭାବାବେଗ ଜାଗ୍ରତ କରାଏ ଯାହା ବଡ଼ ଅସ୍ଥିର କରି ପକାଏ ଏବଂ ଦିନେ ଦୁଇଦିନ ପର୍ଯ୍ୟନ୍ତ ମଣିଷର ମନ ଚଞ୍ଚଳ ହୁଏ—ଦୈନନ୍ଦିନ କାର୍ଯ୍ୟରେ ମନୋ-ନିବେଶ କରିବା କଷ୍ଟକର ହୋଇ ଉଠେ ।

ନୈନୀ ଓ ବେରିଲି ଜେଲରେ ମୋର କେତେକ ସାଥୀ ଥିଲେ । ଡେରାଡୁନରେ ପ୍ରଥମେ ମୁଁ, ଗୋବିନ୍ଦବଲ୍ଲଭ ପନ୍ତ ଏବଂ କାଶୀପୁରର କନଓ୍ୱାର ଆନନ୍ଦ ସିଂହ ଏହି ତିନି ଜଣ ଥିଲୁ—ମାତ୍ର ତାଙ୍କର ଛଅମାସ ପୂରିଯିବାରୁ ପନ୍ତଜୀ ଖଲାସ ହୋଇଗଲେ । ପରେ ଦୁଇଜଣ ଆମ ସାଥୀରେ ମିଶିଲେ । ୧୯୩୩ ଜାନୁୟାରୀ ଆରମ୍ଭ ବେଳକୁ ସବୁ ସାଥୀ ମୋତେ ଛାଡ଼ି ଚାଲିଗଲେ ଏବଂ ମୁଁ ଏକୁଟିଆ ରହିଲି । ଅଗଷ୍ଟ ମାସ ଶେଷରେ ମୁଁ ଖଲାସ ହେବା ପର୍ଯ୍ୟନ୍ତ ପ୍ରାୟ ସାତ ମାସ ଡେରାଡୁନ ଜେଲରେ ଏକ ପ୍ରକାର ନିର୍ଜନ ଜୀବନ କଟାଇଲି—ପ୍ରତିଦିନ କେତେକ ମିନିଟ୍ ପାଇଁ କୌଣସି ଜେଲ କର୍ମଚାରୀ ସହିତ କଥାବାର୍ତ୍ତା କରିବା ଛଡ଼ା ଆଉ କାହାରି ସହିତ କଥାବାର୍ତ୍ତା କରିବାର ସୁବିଧା ନ ଥାଏ । ନିୟମାନୁସାରେ ଏହା ନିର୍ଜନ କାରାବାସ ନୁହେଁ, ମାତ୍ର ଏହା ପ୍ରାୟ ଏହିପରି ହୋଇଥିଲା ଏବଂ ମୋ ପକ୍ଷରେ ବଡ଼ ଯନ୍ତ୍ରଣାଦାୟକ ହୋଇଥିଲା । ସୌଭାଗ୍ୟର କଥା ମୁଁ ପୁଣି ମୋର ସାକ୍ଷାତ୍‌ ଦେବା ଆରମ୍ଭ କରିଥିଲି—ଏଥିରେ ବେଶ୍ ଆରାମ ପାଉଥିଲି । ମୋର ମନେହୁଏ ବିଶେଷ ଅନୁଗ୍ରହ ସ୍ୱରୂପ ମୁଁ ବାହାରୁ ତଟକା ଫୁଲ ପାଉଥିଲି ଏବଂ କେତେକ ଫଟୋଗ୍ରାଫ ମୋ ସହିତ ରଖିବାକୁ ଦିଆ-ଯାଇଥିଲା—ଏଥିରେ ମୁଁ ବିଶେଷ ଆନନ୍ଦ ଲାଭ କରୁଥିଲି । ସାଧାରଣତଃ ଫୁଲ ଏବଂ ଫଟୋଗ୍ରାଫ ଦିଆଯାଏ ନାହିଁ ଏବଂ ଅନେକ ସମୟରେ ମୋ ପାଖକୁ ବାହାରୁ ଆସୁଥିବା ଫୁଲ ଦିଆଯାଇ ନ ଥିଲା । ନିର୍ଜନ କୋଠରୀକୁ ଟିକିଏ ଆମୋଦମୟ କରିବା ଲାଗି ଉତ୍ସାହିତ କରାଯାଉ ନ ଥିଲା ଏବଂ ମୋର ମନେ ଅଛି ମୋ ନିକଟରେ ଆଉ ଏକ ଘରେ ମୋର ଜଣେ ସାଥୀ ତାଙ୍କର ସାବୁନ ଆଦି ଭଲ ସଜାସଜି କରି ରଖିଥିବାରୁ ଜେଲ ସୁପରି-

Digitized by srujanika@gmail.com

ଷ୍ଟେସ୍ରେଣ୍ଟ ବଡ଼ ଆପତ୍ତି କରିଥିଲେ । ତାଙ୍କୁ କୁହାଗଲା ଯେ ତାଙ୍କ ନୋଟଖାତାକୁ ଆକର୍ଷକ ଓ 'କୋଷପୂର୍ଣ୍ଣ' କରି ପାରିବେ ନାହିଁ । କୋଷ ଜିନିଷ ହେଉଛି :—ଦାନ୍ତଘଷା ବ୍ରସ, ଦାନ୍ତଘଷା ଚୂର୍ଣ୍ଣ, ଝରି କଲମ କାଳି, କେଶତେଲ ଏକ ବୋତଲ, ବ୍ରସ ଏବଂ ପାନିଆ ଏବଂ ଆଉ ଗୋଟିଏ ଦୁଇଟି ଛୋଟ ଜିନିଷ ।

ଛୋଟ ଛୋଟ ଜିନିଷର ମୂଲ୍ୟ କଣ ଲୋକ ଜେଲରେ ବୁଝିପାରେ । କେତେ କମ୍ ଜିନିଷରେ ଚଳିବାକୁ ପଡ଼େ—ସେଥିରେ ପୁଣି ଆଉ ଯୋଗ କରିହୋଇ ପାରିବ ନାହିଁ କିମ୍ବା ତାହା ସ୍ଥାନରେ ଅନ୍ୟ ଜିନିଷ ଅଣା ଯାଇ ପାରିବ ନାହିଁ—ସେଥିରେ ହିଁ ଚଳିବାକୁ ହୁଏ—ଲୋକ କ୍ରମେ ଛୋଟ ଛୋଟ ଜିନିଷ ସବୁ ସଞ୍ଚୟ କରି ରଖେ—ବାହାରେ ହୁଏତ ଏହା ଅଳିଆ ଟୋକେଇରେ ଫୋପଡ଼ା ହେଉଥାନ୍ତା । ରଖିଥିବା ଜିନିଷର ମୂଲ୍ୟ କିଛି ନ ଥିଲେ ସୁଦ୍ଧା ଲୋକ ମନରେ ସମ୍ପତ୍ତି ଧାରଣା ଏପରି ପ୍ରବଳ ଯେ ସେ ସେହାକୁ ଛାଡ଼େ ନାହିଁ ।

ବେଳେ ବେଳେ ଜୀବନର ଆମୋଦଦାୟକ ପଦାର୍ଥ ପାଇବା ଲାଗି ବ୍ୟାକୁଳତା ଜନ୍ମେ—ଶାରୀରିକ ଅସୁସ୍ଥ, ଆମୋଦଦାୟକ ପାରିବାରିକ ଅବସ୍ଥା, ବନ୍ଧୁ ସହିତ ବାସ, କୌତୁକପ୍ରଦ କଥାବାର୍ତ୍ତା, ପିଲାମାନଙ୍କ ସହ ଖେଳ କୌତୁକ ଇତ୍ୟାଦି ପ୍ରତି ମନ ଦୌଡ଼େ । ସମ୍ବାଦପତ୍ରରେ କୌଣସି ଛବି ବା ଫଟୋଗ୍ରାଫ ଦେଖିଲେ ପୁରାତନ ସ୍ମୃତି ମନରେ ଜାଗ୍ରତ ହୁଏ, ସ୍ୱାବଲମ୍ବନର ନେପରୁଆ ଭାବ ମନେ ପଡ଼େ—ଘରକୁ ଫେରିଯିବାଲାଗି ବ୍ୟାକୁଳତା ଜନ୍ମେ ଏବଂ ସମସ୍ତ ଦିନଟି ଅଶାନ୍ତିରେ କଟେ ।

ମୁଁ ପ୍ରତିଦିନ କିଛି କିଛି ସୂତା କାଟୁଥିଲି । ଅତ୍ୟଧିକ ମାନସିକ କାର୍ଯ୍ୟ ପରେ କିଛି ଶାରୀରିକ ପରିଶ୍ରମ ବଡ଼ ଆରାମ ଓ ସନ୍ତୋଷ ଦାନ କରୁଥିଲା । ମୋର ପ୍ରଧାନ କାମ ଥିଲା ଲେଖା ଓ ପଢ଼ା । ମୋର ଇଚ୍ଛାମତେ ମୁଁ ପୁସ୍ତକ ପାଇ ପାରୁ ନ ଥିଲି; କାରଣ ବହି ପାଇବାରେ କଟକଣା ଥିଲା—ତାହା ଯାଞ୍ଚ ହେଉଥିଲା—ଯେଉଁମାନେ ଯାଞ୍ଚ କରନ୍ତି ସେମାନେ

Digitized by srujanika@gmail.com

ମଧ୍ୟ ସେପରି ସମର୍ଥ ଲୋକ ନୁହନ୍ତି । ସ୍ପେଙ୍ଗଲର୍‌ଙ୍କର 'ପାଶ୍ଚାତ୍ୟର ପତନ' (Decline of the West) ମୋତେ ଦିଆଯାଉ ନ ଥିଲା—କାରଣ ଏହା ନାମରୁ ବିପ୍ଳବାତ୍ମକ ଓ ରାଜଦ୍ରୋହସୂଚକ ମନେ ହେଉଥିଲା । କିନ୍ତୁ ମୋର ଆପତ୍ତି କରିବାର କଥା ନୁହେଁ, କାରଣ ମୁଁ ଅନେକ ପ୍ରକାର ବହି ପାଉଥିଲି । ମୋତେ ପୁଣି ଟିକିଏ ଅନୁଗ୍ରହ ଦେଖାଉଥିଲେ ଏବଂ ମୋଠାରୁ ଅନେକ ବନ୍ଦୀ (ଏ ଶ୍ରେଣୀ ବନ୍ଦୀ) ପ୍ରଚଳିତ ସମସ୍ୟା ସମ୍ବନ୍ଧରେ ଉଚିତ ପୁସ୍ତକ ପାଇବା ବଡ଼ ଅସୁବିଧା ହେଉଥିଲା । ମୁଁ ଶୁଣିଲି ଯେ ରାଜନୈତିକ ସମସ୍ୟା ଥିବାରୁ ବ୍ରିଟିଶ ସରକାରର ଶାସନତନ୍ତ୍ରଗତ ପ୍ରସ୍ତାବନା ସମ୍ବଳିତ ସରକାରୀ ଧଳାକାଗଜ (White Paper) ପୁଣି ବନାରସ ଜେଲରେ ଦିଆଯାଇ ନ ଥିଲା । ଧର୍ମ ପୁସ୍ତକ ଏବଂ ଉପନ୍ୟାସ ସବୁ ଜେଲ କର୍ମଚାରୀମାନେ ଆନନ୍ଦରେ ଦେଉଥିଲେ । ବ୍ରିଟିଶ ସରକାରର ଧର୍ମ ପ୍ରତି ଏପରି ଅନୁରାଗ ବାସ୍ତବିକ୍ ବଡ଼ କୌତୁକପ୍ରଦ—ସକଳ ପ୍ରକାର ଧର୍ମକୁ ନିରପେକ୍ଷ ଭାବରେ ସରକାର ଉତ୍ସାହ ଦାନ କରେ ।

ଭାରତରେ ଅତି ସାଧାରଣ ନାଗରିକ ସ୍ୱାଧୀନତା ସଙ୍କୁଚିତ କରାଯାଇଥିଲା ବେଳେ ବନ୍ଦୀର ଅଧିକାର ସମ୍ବନ୍ଧରେ କହିବା ପ୍ରାୟ ପ୍ରାସଙ୍ଗିକ ନୁହେଁ । ତଥାପି ଏହା ବିଚାର କରିବା ଯୋଗ୍ୟ ବିଷୟ । ଆଇନ ଅଦାଲତରେ ଜଣେ ଲୋକ ଶାସ୍ତି ପାଇବାର ଅର୍ଥ କଣ ହେଉଛି ଯେ ତାହାର ଶରୀର ସଙ୍ଗେ ସଙ୍ଗେ ମନ ମଧ୍ୟ ବନ୍ଦୀ ହେବ ? ବନ୍ଦୀମାନଙ୍କର ଶରୀର ବନ୍ଦୀ ହୋଇଥିଲା ବେଳେ ମନ କାହିଁକି ସ୍ୱାଧୀନତା ପାଇବ ନାହିଁ ? ଏପରି ପ୍ରଶ୍ନରେ ଭାରତରେ ଯେଉଁମାନେ ଜେଲ ବିଭାଗ ଶାସନ ଚଳାଉଛନ୍ତି, ସେମାନେ ଚମକି ପଡ଼ିବେ—କାରଣ ସେମାନଙ୍କର ନୂତନ ଆଦର୍ଶ ବା ସ୍ଥିର ଭାବରେ କୌଣସି କଥା ଚିନ୍ତା କରିବାର କ୍ଷମତା ସଙ୍କୁଚିତ । ଯେ କୌଣସି ସମସ୍ୟାରେ ସାଙ୍ଗ ପ୍ରଥା ଖଣ୍ଡନ—ଏହା ଏକପାଖିଆ ଓ ନିର୍ବୋଧତା । ଭାରତରେ ଏବେଯାଏଁ ଆମେ ଅନେକ ଆଧୁନିକ ସାହିତ୍ୟ, ପ୍ରଗତିଶୀଳ ପତ୍ରିକା ଓ ସମ୍ବାଦପତ୍ର ପାଇବାରୁ ବଞ୍ଚିତ ହୋଇଛୁ—ବାଜ୍ୟାପ୍ତି ହୋଇଥିବା ପୁସ୍ତକର ସଂଖ୍ୟା ବହୁତ ବେଶୀ—କ୍ରମେ ଏଥିରେ

Digitized by srujanika@gmail.com

ନୂତନ ନାମ ଯୋଗ କରାଯାଉଛି । ଏ ସବୁ ଛଡ଼ା ବନ୍ଦୀଙ୍କୁ ମଧ୍ୟ ଆଉ ଏକ ଦ୍ୱିତୀୟ ଓ ଅଲଗା ଯାଞ୍ଚ ସହିବାକୁ ପଡ଼େ—ସେଥିପାଇଁ ବାହାରେ ଯେଉଁ ସବୁ ପୁସ୍ତକ ଓ ସମ୍ବାଦପତ୍ର ଆଇନ ଅନୁସାରେ ଲୋକ କିଣି ପଢ଼ିପାରନ୍ତି ଜେଲ ଭିତରେ ତାଙ୍କ ନିକଟରେ ତାହା ପହଞ୍ଚେ ନାହିଁ ।

କେତେକ ଦିନ ଆମେରିକାର ନିୟୁୟର୍କ ସହରର ବିଖ୍ୟାତ ସିଂଗ୍‌ସିଂଗ୍ ଜେଲଖାନାକୁ କେତେକ କମ୍ୟୁନିଷ୍ଟ ସମ୍ବାଦପତ୍ର ଦିବା ନିଷେଧ କରାଯାଇଥିବାରୁ ଏହି ପ୍ରଶ୍ନ ଉଠିଥିଲା । ଆମେରିକାର ଶାସକ ସମ୍ପ୍ରଦାୟଙ୍କ ଭିତରେ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଭାରି କଠୋର ମନୋବୃତ୍ତି; ମାତ୍ର ଏହା ସତ୍ତ୍ୱେ କମ୍ୟୁନିଷ୍ଟ ସମ୍ବାଦପତ୍ର ଏବଂ ପତ୍ରିକା ସମେତ ଯେ କୌଣସି ପତ୍ରପତ୍ରିକା ବନ୍ଦୀମାନେ ପାଇ ପାରିବେ ବୋଲି ଜେଲ କର୍ମଚାରୀମାନେ ସ୍ୱୀକୃତ ହେଲେ । କେବଳ ଅତ୍ୟଧିକ ଉତ୍ତେଜନା ପୂର୍ଣ୍ଣ ବୋଲି ଜେଲ ଅଧ୍ୟକ୍ଷ ବ୍ୟଙ୍ଗଚିତ୍ର ନିଷେଧ କରିଥିଲେ ।

ଭାରତରେ ଅଧିକ ସଂଖ୍ୟକ ବନ୍ଦୀଙ୍କୁ କୌଣସି ସମ୍ବାଦପତ୍ର ବା ଲେଖାପଢ଼ା ପାଇଁ କିଛି ଦିଆଯାଉ ନ ଥିବା ସ୍ଥଳେ ଭାରତରେ ଜେଲଖାନାରେ ମନର ସ୍ୱାଧୀନତା କଥା ଆଲୋଚନା କରିବା କଷ୍ଟକର । ଏଥିରେ ଯାଞ୍ଚର ପ୍ରଶ୍ନ ନାହିଁ । ସମ୍ପୂର୍ଣ୍ଣରୂପେ ଏହା ନିଷିଦ୍ଧ । କେବଳ 'କ' ଶ୍ରେଣୀ ବନ୍ଦୀମାନଙ୍କୁ ଲେଖିବା ଜିନିଷ ଦିଆଯାଏ—ଏମାନେ ସମସ୍ତେ ମଧ୍ୟ ଦୈନିକ ସମ୍ବାଦପତ୍ର ପାଆନ୍ତି ନାହିଁ । ସରକାର ଅନୁମୋଦିତ ସମ୍ବାଦପତ୍ର ଦିଆଯାଏ । ରାଜନୈତିକ ଓ ଅରାଜନୈତିକ ସବୁ ଶ୍ରେଣୀର 'ଖ' ଓ 'ଗ' ଶ୍ରେଣୀ ବନ୍ଦୀମାନେ ଆଦୌ ଲେଖିବା ସରଞ୍ଜାମ ପାଇବାର କଥା ନୁହେଁ । 'ଖ' ଶ୍ରେଣୀ ବନ୍ଦୀ ବିଶେଷ ସୁବିଧାରୂପେ ବେଳେ ବେଳେ ପାଇ ପାରନ୍ତି, ଏହା ମଧ୍ୟ ଅନେକ ସମୟରେ କାଢ଼ି ନିଆଯାଏ । 'କ' ଶ୍ରେଣୀ ବନ୍ଦୀ ସଂଖ୍ୟାନୁପାତରେ ହଜାରକେ ଜଣେ—ସୁତରାଂ ଭାରତରେ ବନ୍ଦୀଜୀବନ ବିଚାର କଲାବେଳେ ଏମାନଙ୍କୁ ବାଦ୍ ଦେଇ ବିଚାର କରିବାକୁ ହେବ । ଏ କଥା ମନେ ରଖିବା ଉଚିତ ଯେ ଅଧିକ ସଭ୍ୟ ଦେଶରେ ସାଧାରଣ କଏଦୀମାନେ ପୁସ୍ତକ ଓ ସମ୍ବାଦପତ୍ର ସମ୍ବନ୍ଧରେ ଯେଉଁ ସୁବିଧା

Digitized by srujanika@gmail.com

ଖୋଲା କରନ୍ତି, ଭାରତରେ 'କ' ଶ୍ରେଣୀ ବନ୍ଦୀମାନେ ତାହାଠାରୁ ଖୁବ୍ କମ୍ ପାଆନ୍ତି ।

ଅବଶିଷ୍ଟ ପ୍ରତି ହଜାରରେ ୯୯୯ ଜଣ ଏକସଙ୍ଗରେ ଦୁଇ ଟୋ ପୁସ୍ତକ ପାଆନ୍ତି ଏବଂ ଅବସ୍ଥା ଏପରି ଯେ ସେମାନେ ସବୁଦା ଏ ସୁବିଧା ଉଠାଇ ପାରନ୍ତି ନାହିଁ । ଲେଖିବା କମ୍ବା ପଢ଼ିବା ବହିରୁ ନୋଟ୍ ଟିପି ରଖିବା ଏକ ବିପଜ୍ଜନକ ବିଳାସିତା; ଏହା ଆଦୌ ବରଦାସ୍ତ ହୁଏ । ମାନସିକ ପ୍ରଗତି ନିମନ୍ତେ ଇଚ୍ଛା କରି ଏପରି ନିରୁତ୍ସାହ କରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ମୂର୍ଖ । ବନ୍ଦୀକୁ ସଂସ୍କାର କରିବା ଏବଂ ତାକୁ ଏକ ଉପଯୁକ୍ତ ନାଗରିକ କରିବା ଦୃଷ୍ଟିରୁ ତାହାର ମନର ଗତିକୁ ଲକ୍ଷ୍ୟ କରି ଅନ୍ୟ ଦିଗରେ ଚଳାଇ ନେବାକୁ ହେବ—ତାକୁ ସ୍ୱାକ୍ଷର କରାଇବାକୁ ହେବ ଏବଂ ଶିଳ୍ପଶିକ୍ଷା ଦେବାକୁ ହେବ । ସମ୍ଭବତଃ ଭାରତରେ ଜେଲ କର୍ତ୍ତୃପକ୍ଷଙ୍କ ମନରେ ଏହା ପ୍ରବେଶ କରି ନାହିଁ । ଯୁକ୍ତପ୍ରଦେଶରେ ଏପରି ବ୍ୟବସ୍ଥା ନାହିଁ କହିଲେ ଚଳେ । ନିକଟରେ ଜେଲରେ ବାଳକ ଓ ଯୁବକମାନଙ୍କୁ ଲେଖାପଢ଼ା ଶିକ୍ଷା ଦେବାର ଉଦ୍ୟମ ହୋଇଛି; ମାତ୍ର ଏହା ସମ୍ପୂର୍ଣ୍ଣରୂପେ ଅକାର୍ଯ୍ୟକାରୀ ଏବଂ ଅତି ଅଯୋଗ୍ୟ ଲୋକଙ୍କ ହାତରେ ଏହି କାର୍ଯ୍ୟ ଦିଆଯାଇଥାଏ । ବେଳେ ବେଳେ କୁହାଯାଏ ଯେ ବନ୍ଦୀମାନେ ଶିଖିବାକୁ ଚାହାନ୍ତି ନାହିଁ । ମୋର ନିଜର ଅଭିଜ୍ଞତା ସମ୍ପୂର୍ଣ୍ଣ ବିପରୀତ ଏବଂ ସେହି ଉଦ୍ଦେଶ୍ୟରେ ମୋ ପାଖକୁ ଯେଉଁମାନେ ଆସନ୍ତି ସେମାନଙ୍କ ଭିତରୁ ଅନେକଙ୍କର ଲେଖାପଢ଼ା ଶିଖିବା-ପ୍ରତି ପୂର୍ଣ୍ଣ ଆଗ୍ରହ ଥିବାର ମୁଁ ଦେଖିଛି । ଆମ ପାଖକୁ ଯେଉଁମାନେ ଆସନ୍ତି ଆମେ ତାଙ୍କୁ ଶିକ୍ଷା ଦେଉ ଏବଂ ସେମାନେ କଠିନ ପରିଶ୍ରମ କରନ୍ତି; ବେଳେ ବେଳେ ମୁଁ ରାତି ଅଧରେ ଉଠି ଦେଖେ ଯେ ଆଗଦିନର ପଢ଼ା କରିବା ପାଇଁ ଲଣ୍ଠନ ପାଖରେ ରଖି ସେମାନେ ବସି ପଢ଼ୁଥାନ୍ତି ।

ଏହିପରି ଭାବରେ ବହି ପଢ଼ି ମୁଁ ଜେଲ ଜୀବନ କଟାଇଲି—ଗୋଟିଏ ବହି ପରେ ଅନ୍ୟ ପ୍ରକାର ବହି ପଢ଼ୁଥାଏ—ସାଧାରଣତଃ ବଡ଼ ବଡ଼ ପୁସ୍ତକ ଆରମ୍ଭ କରେ । ଉପନ୍ୟାସ ପଢ଼ିଲେ ମନ ହାଲୁକା ହୋଇଯାଏ—ସେଥିଲାଗି ମୁଁ ବେଶି ଉପନ୍ୟାସ ପଢ଼େ ନାହିଁ । ବେଳେ ବେଳେ ବେଶୀ ପଢ଼ି ମୁଁ କ୍ଲାନ୍ତ

Digitized by srujanika@gmail.com

ହୋଇ ପଡ଼ିଲେ ଲେଖିବାକୁ ଆରମ୍ଭ କଲେ। ମୋ ଝିଅ ପାଖକୁ ଚିଠି ଆକାରରେ ମୁଁ ଯେଉଁ ଇତିହାସ ଲେଖୁଥିଲି ତାହା ଦୁଇବର୍ଷ ସମୟ ନେଇଗଲା ଏବଂ ମୋର ମନ ସ୍ଥିର ରଖିବାରେ ଏହା ବହୁତ ସାହାଯ୍ୟ କରିଥିଲା। କେତେକ ପରିମାଣରେ ମୁଁ ଅତୀତ କଥା ଲେଖୁଥିଲି ବେଳେ ମୋତେ ଜେଲ କଥା ଭୁଲିଯାଏ।

ଭ୍ରମଣକାରୀମାନଙ୍କ ବୃତ୍ତାନ୍ତ ପଢ଼ିବାକୁ ମୁଁ ଭଲପାଏ—ହୁଏନ୍‌ସାଂ ମାର୍କୋପୋଲୋ, ଇବନ୍‌ବତୁତା ଇତ୍ୟାଦି ପୁରାତନ ପରିବ୍ରାଜକ, ସ୍ୱେନ-ହେଡ଼ିନ୍‌ଙ୍କ ପରି ଆଧୁନିକ ଲେଖକଙ୍କର ମଧ୍ୟ ଏସିଆ ଭ୍ରମଣ ଏବଂ ତିବତ୍‌ରେ ରୋବ୍‌ରଟଙ୍କର ଆଶ୍ଚର୍ଯ୍ୟ କାହାଣୀ ପଢ଼ିବାକୁ ଭଲଲାଗେ। ପର୍ବତ, ତୁଷାରାବୃତ ଶୃଙ୍ଗ ଏବଂ ମରୁଭୂମି ଚିତ୍ରସମ୍ବଳିତ ପୁସ୍ତକ ଭଲ ଲାଗେ—କାରଣ ଜେଲ ଭିତରେ ବିସ୍ତୃତ ସ୍ଥାନ, ସମୁଦ୍ର ଓ ପାହାଡ଼ ପାଇଁ ଲୋକ ବ୍ୟଗ୍ର ହୋଇ ଉଠେ। ମୋ ପାଖରେ ମଣ୍ଟବ୍ଲାଙ୍କ, ଆଲ୍‌ପ୍‌ସ ଏବଂ ହିମାଳୟର କେତେକ ସୁନ୍ଦର ଚିତ୍ର ପୁସ୍ତକ ଥାଏ। ମୋର ବାରକ୍‌ର ତାପ ୧୧୫ ଡିଗ୍ରୀ କିମ୍ବା ତହିଁରୁ ଅଧିକ ହୋଇଥିବା ବେଳେ ମୁଁ ତୁଷାରଖଚିତ ପାହାଡ଼ର ଚିତ୍ର ପ୍ରତି ଦୃଷ୍ଟି ନିକ୍ଷେପ କରେ। ମାନଚିତ୍ର ଦେଖିଲେ ବଡ଼ ଆନନ୍ଦ ହୁଏ। ଆମେ ଦେଖିଥିବା ସ୍ଥାନର ସ୍ମୃତି, କଳ୍ପନା ଏବଂ ଯେଉଁ ସ୍ଥାନ ଦେଖିବାକୁ ଚାହୁଁ ତା'ର ସ୍ୱପ୍ନ ଏହା ଜାଗ୍ରତ କରାଏ। ଅତୀତ ସମୟର କାର୍ଯ୍ୟ ପ୍ରତି ମନରେ ପୂର୍ଣ୍ଣ ଉଦ୍‌ବେଗ ଜାତ ହୁଏ—ଅଭ୍ର, ବିନ୍ଦୁ ଦ୍ୱାରା ଚିହ୍ନିତ ବୃହତ୍ ସହରସବୁ, କଳା ରେଖାରେ ରଞ୍ଜିତ ପର୍ବତ, ନୀଳବର୍ଣ୍ଣ ଚିହ୍ନିତ ସମୁଦ୍ର—ପୃଥିବୀର ଏହି ସବୁ ସୌନ୍ଦର୍ଯ୍ୟ ଦେଖିବା ଲାଗି—ପରିବର୍ତ୍ତନଶୀଳ ମାନବର ସଂଗ୍ରାମ ଓ ଦ୍ୱନ୍ଦ୍ୱ ଲକ୍ଷ୍ୟ କରିବା—ପାଇଁ ମନ ଅସ୍ଥିର ହୋଇ ଉଠେ—କିନ୍ତୁ ଶେଷରେ ଅତି ଶୀଘ୍ର ନୀରସ ମନରେ ମାନଚିତ୍ର ରଖି ଦେଇ ଆମର ଅତି ପରିଚିତ ପରିବେଷ୍ଟନୀ କାନ୍ଥ ପ୍ରତି ଦୃଷ୍ଟି ନିକ୍ଷେପ କରି ଜେଲଖାନାର ନିରାନନ୍ଦମୟ ଦୈନନ୍ଦିନ କାର୍ଯ୍ୟକ୍ରମ ଭିତରକୁ ଫେରି ଆସିବାକୁ ହୁଏ।

Digitized by srujanika@gmail.com

୪୫

ଜେଲଖାନାରେ ଜୀବଜନ୍ତୁ

ସାଢ଼େ ୧୩ ମାସ କାଳ ମୁଁ ଡେରାଡୁନ ଜେଲରେ ମୋର ଛୋଟ କୋଠରୀରେ ରହିଲି—ମନେ ହେଲା ସତେ ଯେପରି ମୁଁ ଏହାର ଏକ ଅଙ୍ଗ ହୋଇ ଯାଇଛି । ଏହାର ପ୍ରତ୍ୟେକ ଅଂଶ ସହିତ ମୁଁ ପରିଚିତ ହୋଇଗଲି । ଏହି ଚୂନଦିଆ କାନ୍ଥ, ଅବଡ଼ାଖାବଡ଼ା ଚଟାଣ, ପୋକଖିଆ କଡ଼ିବର୍ଗା ଥିବା ଛାତର ପ୍ରତ୍ୟେକ ଦାଗ ଓ ଚିହ୍ନ ମୋର ମନେ ଅଛି । ମୋ ବେଷ୍ଟନୀ ବାହାରେ କିଛି ଘାସ ଓ ପଥର ମୋର ପୁରାତନ ବନ୍ଧୁ ଥିଲେ । ମୁଁ ସେ କୋଠରୀରେ ଏକାକୀ ନ ଥିଲି; କାରଣ ଅନେକ କଙ୍କଡ଼ାବିଛା, ଝିଟିପିଟି ମଧ୍ୟ ସେଠାରେ ବାସ କରୁଥିଲେ—ଝିଟିପିଟି ସବୁ ବନ୍ଟା ତଳେ ଲୁଚିରହି ସନ୍ଧରେ ଶିକାର ଖୋଜି ବାହାରନ୍ତି । ଯଦି ବାହ୍ୟ ପଦାର୍ଥ ଉପରେ ଚିନ୍ତା ଓ ଭାବାବେଗ ଅଙ୍କିତ ହୋଇ ପାରେ, ତେବେ ସେହି ସେଲରେ ଏବେ ସୁଦ୍ଧା ତାହା ପୂର୍ଣ୍ଣ ହୋଇଛି ଏବଂ ସେଠାରେ ପ୍ରତ୍ୟେକ କଣପଟରେ ଏହା ଜଡ଼ିତ ହୋଇ ରହିଛି ।

ଅନ୍ୟ ଜେଲମାନଙ୍କରେ ମୁଁ ଭଲ ସେଲ ପାଇଥିଲି; ମାତ୍ର ଡେରାଡୁନରେ ଗୋଟିଏ ସୁବିଧା ମୁଁ ପାଇଥିଲି । ସେ ଜେଲଟି ଖୁବ୍ ଛୋଟ—ଆମକୁ ଜେଲ କାନ୍ଥ ବାହାରେ କିନ୍ତୁ ଜେଲ ପ୍ରାଚୀର ଭିତରେ ଗୋଟିଏ ଛୋଟ ହାଜତରେ ରଖା ଯାଇଥିଲା । ଏହି ସ୍ଥାନଟି ଏତେ ଛୋଟ ଯେ ସେଥିରେ ବୁଲିବାକୁ ସ୍ଥାନ ନ ଥାଏ—ସେଥିପାଇଁ ସକାଳେ ଓ ସନ୍ଧ୍ୟାବେଳେ ଆମେ ବାହାରକୁ ଯାଇ ଜେଲ ଫାଟକ ସାମନାରେ ପ୍ରାୟ ୧୦୦ଗଜ ପର୍ଯ୍ୟନ୍ତ ସ୍ଥାନରେ ବୁଲିବାକୁ ଅନୁମତି ପାଇଥିଲୁ । ଆମେ ଜେଲ ଫାଟକ ଭିତରେ ଥିଲୁ; ମାତ୍ର ଜେଲ କାନ୍ଥ ବାହାରକୁ ଆସିବା ହେତୁ ଆମେ

Digitized by srujanika@gmail.com

ଦୂରରେ ଥିବା ପର୍ବତ, ଶସ୍ୟକ୍ଷେତ୍ର ଓ ସାଧାରଣ ରାସ୍ତାର ଦୃଶ୍ୟ ଦେଖିପାରୁ । ଏହି ସୁବିଧା କେବଳ ମୋତେ ଦିଆ ଯାଇ ନ ଥିଲା— ଡେରାଡୁନ୍ ଜେଲରେ ଥିବା ସମସ୍ତ 'କ' ଓ 'ଖ' ଶ୍ରେଣୀର ବନ୍ଦୀଙ୍କୁ ଏହି ସୁବିଧା ମିଳିଥିଲା । ଜେଲ ପାଚେରୀ ଭିତରେ, ମାତ୍ର କାନ୍ଥ ବାହାରେ ଆଉ ଗୋଟିଏ ଛୋଟ କୋଠା ଥିଲା—ଏହା ହେଉଛି ଗୋରାମାନଙ୍କ ହାଜତ୍ । ଏହାର ଗୃହ ଦ୍ୱାରରେ କୌଣସି କାନ୍ଥ ନ ଥିଲା—ଏହା ଭିତରେ ଲୋକ ବସି ପର୍ବତ ଓ ବାହାର ଜୀବନର ମନୋରମ ଦୃଶ୍ୟ ଦେଖି ପାରେ । ସେଠି ଗୋରା କଏଦୀ ଓ ଅନ୍ୟମାନେ ଏଠାରେ ଥାଆନ୍ତି, ସେମାନଙ୍କୁ ମଧ୍ୟ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଜେଲ ଫାଟକ ସାମନାରେ ବୁଲିବାକୁ ଅନୁମତି ଦିଆଯାଇଥାଏ ।

ଯେଉଁ ବନ୍ଦୀ ଦୀର୍ଘକାଳ ପର୍ଯ୍ୟନ୍ତ ଉଚ୍ଚ କାନ୍ଥ ଭିତରେ ରହିଥିବ ସେହି ହିଁ ଏହି ବାହାର ଭ୍ରମଣ ଓ ଖୋଲା ଦୃଶ୍ୟ ଦେଖିଲେ କିପରି ଅପୂର୍ବ ମାନସିକ ସନ୍ତୋଷ ଜନ୍ମେ, ତାହା ଉପଲବ୍ଧି କରି ପାରିବ । ଏହି ବାହାରେ ବୁଲିବା ମୋତେ ଭଲ ଲାଗେ—ବର୍ଷା ଦିନେ ସୁଦ୍ଧା ମୁଁ ଏହା ଛାଡ଼ୁ ନ ଥିଲି—ଖୁବ୍ ଜୋରରେ ବର୍ଷା ହେଉଥିଲା ବେଳେ ମଧ୍ୟ ଆଣ୍ଠୁଏ ପାଣିରେ ମୁଁ ବୁଲୁଥାଏ । ଯେ କୌଣସି ସ୍ଥାନରେ ବାହାରକୁ ଆସିବାଟା ମୁଁ ପସନ୍ଦ କରନ୍ତି, ମାତ୍ର ଏଠାରେ ନିକଟରେ ଥିବା ହିମାଳୟ ପାହାଡ଼ରେ ଉଚ୍ଚ ଗିରିଶୃଙ୍ଗର ଦୃଶ୍ୟ ଦେଖି ମନରେ ଯେଉଁ ଆନନ୍ଦ ଜନ୍ମେ ତାହା ଅନେକ ପରିମାଣରେ ବନ୍ଦୀ ଜୀବନର କ୍ଲାନ୍ତି ଦୂର କରିଦିଏ । ମୋର ସୌଭାଗ୍ୟ ଯେ ଯେଉଁ ଦୀର୍ଘକାଳ ପର୍ଯ୍ୟନ୍ତ ମୋର କୌଣସି ଦେଖା ସାକ୍ଷାତ୍ ହେଉ ନ ଥିଲା ଏବଂ ମୁଁ ଏକାକୀ ଥିଲି, ସେତେବେଳେ ଏହି ପାହାଡ଼ମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରି ଆନନ୍ଦିତ ହେଉଥିଲି । ମୁଁ ମୋର ସେଲରୁ ପର୍ବତ ଦେଖି ପାରୁ ନ ଥିଲି; ମାତ୍ର ମୋର ମନରେ ଏହା ପରିପୂର୍ଣ୍ଣ ଥିଲା— ଏହା ମୋର ସନ୍ନିକଟବର୍ତ୍ତୀ ବୋଲି ମୁଁ ସର୍ବଦା ସଚେତନ ଥିଲି— ଗୋଟିଏ ଗୁପ୍ତ ଘନିଷ୍ଠତା ଆମ ଭିତରେ ରହିଥିଲା ପରି ବୋଧହୁଥିଲା

Digitized by srujanika@gmail.com

"ଉପରେ ଆକାଶରେ ଦଳ ଦଳ ହୋଇ ପକ୍ଷୀମାନେ ଉଡ଼ିଗଲେ; ଖଣ୍ଡିଏ ଏକଲା ମେଘ ମଧ୍ୟ ଭାସି ଚାଲିଗଲା । ମୁଁ ଅଦୂରବର୍ତ୍ତୀ ଝରଣାଟିର ଶୃଙ୍ଗ ଦରକୁ ଚାହିଁ ବସିଛି । ପରସ୍ପର ପ୍ରତି ଚାହିଁ ରହି ସୁଦ୍ଧା ମୁଁ ଓ ପର୍ବତ କେବେ କ୍ଲାନ୍ତ ବୋଧ କରୁନାହୁଁ ।"

କବି ଲିଡାଇ ପୋଙ୍କ ସହିତ ଏକମତ ହୋଇ ପର୍ବତ ଦେଖି ସୁଦ୍ଧା କେବେ କ୍ଲାନ୍ତ ହୁଏ ନାହିଁ ବୋଲି ମୁଁ କହିପାରିବି ନାହିଁ; ମାତ୍ର ଏପରି ବିରଳ ଘଟେ । ସାଧାରଣତଃ ପର୍ବତ ନିକଟରେ ଥିବାର ଅନୁଭବ କରି ମୁଁ ସ୍ୱାଚ୍ଛନ୍ଦ୍ୟ ଲାଭ କରେ । ଏହାର ସ୍ଥିର ଚରିତ୍ର ଓ ଅବିଚଳିତ ଭାବ ଦେଖି ଲକ୍ଷ ବର୍ଷର ଅଭିଜ୍ଞତା ଦୃଷ୍ଟିରେ ମୋତେ ଏହା ଦେଖିଲା ପରି ମନେହୁଏ । ମୋର ନାନାପ୍ରକାର ଚପଳତା ଦେଖି ଏହା ଉପହାସ କରେ ଏବଂ ମୋର ଉତ୍ତେଜିତ ମନକୁ ସାନ୍ତ୍ୱନା ଦିଏ ।

ଡେରାଡୁନରେ ବସନ୍ତ କାଳ ବଡ଼ ଆମୋଦପ୍ରଦ ଏବଂ ସମତଳ ଅଞ୍ଚଳ ଛଡ଼ା ଏଠାରେ ଏହା ଦୀର୍ଘକାଳସ୍ଥାୟୀ । ଶୀତ କାଳରେ ସମସ୍ତ ଗଛରୁ ପ୍ରାୟ ପତ୍ର ଝଡ଼ିପଡ଼େ ସେଗୁଡ଼ିକ ଫାଙ୍କା ହୋଇ ଯାଇଥାଏ— ଏପରି କି ଆଶ୍ଚର୍ଯ୍ୟ କଥା ଯେ ଜେଲ ଫାଟକ ସାମନାରେ ଥିବା ବୃହତ୍-କାୟ ଅଶ୍ୱତ୍ଥ ଗଛରୁ ପ୍ରାୟ ସମସ୍ତ ପତ୍ର ଝଡ଼ି ପଡ଼ିଥାଏ ; ସେଗୁଡ଼ିକ ବଡ଼ ନିର୍ମମ ଓ ନିରାନନ୍ଦ ଭାବରେ ରହିଥାନ୍ତି ମାତ୍ର ବସନ୍ତ ପବନ ଆସି ତାଙ୍କଠାରେ ଜୀବନ ସଞ୍ଚାର କଲା ଏବଂ ଶୀଘ୍ର ପ୍ରକୃତି ନୂତନ ଜୀବନର ସନ୍ଦେଶ ଦେଲା । ଆକସ୍ମିକ ଭାବରେ ଅଶ୍ୱତ୍ଥ ଓ ଅନ୍ୟ ଗଛମାନଙ୍କରେ ଚାଞ୍ଚଲ୍ୟ ଦେଖାଗଲା—ଯେପରି କି ବୃକ୍ଷର ଅନ୍ତରାଳରେ ଏକ ଗୋପନ ଆୟୋଜନର ରହସ୍ୟଜନକ ଇଙ୍ଗିତ ରହିଛି, ସେଗୁଡ଼ିକ ଦେହରେ ଛୋଟ ଛୋଟ ସବୁଜ ପତ୍ରର ଆବିର୍ଭାବ ଦେଖି ମୁଁ ଚମତ୍କୃତ ହୋଇଯାଏ । ଏହା ଏକ କି ଆନନ୍ଦଦାୟକ ମନୋରମ ଦୃଶ୍ୟ ! ତା'ପରେ ଦେଖୁ ଦେଖୁ ଲକ୍ଷ ଲକ୍ଷ ସଂଖ୍ୟାରେ ପତ୍ର ବାହାରି ପଡ଼େ, ସୂର୍ଯ୍ୟ କିରଣରେ ତାହା ଉଜ୍ଜ୍ୱଳ ଦିଶେ ଓ ପବନରେ ଦୋହଲି ଉଠେ । ଅଙ୍କୁର ଗୁଡ଼ିକ ହଠାତ୍ ପତ୍ରରେ ଯେ ପରିଣତ ହେବା କିପରି ଆଶ୍ଚର୍ଯ୍ୟ ପରିବର୍ତ୍ତନ !

କଅଁଳିଆ ଆମ୍ବପତ୍ର ଯେ ଟିକିଏ ରକ୍ତବର୍ଣ୍ଣ ରଞ୍ଜିତ ବାଇଗଣି ଏହା ମୁଁ ପୂର୍ବରୁ କେବେ ଲକ୍ଷ୍ୟ କରି ନ ଥିଲି—କାଶ୍ମୀରରେ ଶରତ୍ କାଳରେ ପର୍ବତରେ ଯେଉଁ ରଙ୍ଗ ପ୍ରକାଶିତ ହୁଏ ତାହା ସହିତ ଏହାର ଯେପରି ସାଦୃଶ୍ୟ ରହିଛି । ମାତ୍ର ଏହି ରଙ୍ଗ ଅଳ୍ପ ଦିନ ପରେ ପରିବର୍ତ୍ତିତ ହୋଇ ସବୁଜରଙ୍ଗ ହୋଇଯାଏ ।

ବର୍ଷା ପାଇଁ ଆଗ୍ରହ ପ୍ରକାଶ ହୁଏ—କାରଣ ଏହାଦ୍ୱାରା ଗ୍ରୀଷ୍ମ ଚାଲିଯାଏ । ମାତ୍ର ଭଲ ଜିନିଷ ଲୋକ ବହୁତ ସହ୍ୟ କରିପାରେ ନାହିଁ ଏବଂ ବର୍ଷା ଦେବତାର ଉଦ୍ଭିଦ ଉପରେ ଅପାର କରୁଣା । ବର୍ଷା ଋତୁ ଆରମ୍ଭର ପ୍ରଥମ ପାଞ୍ଚ ଛ' ସପ୍ତାହ ଭିତରେ ପଚାଶ ଷାଠିଏ ଇଞ୍ଚ ବର୍ଷା ହୋଇଯାଏ । କ୍ଷୁଦ୍ର ସେଲ ମଧ୍ୟରେ ହାତଗୋଡ଼ ବାନ୍ଧି ବସି ରହିବା ଏବଂ ଛାତରୁ ବା ଝରକାବାଟେ ପଡ଼ୁଥିବା ପାଣି ଛିଟିକାରୁ ରକ୍ଷା ପାଇବାର ଚେଷ୍ଟାରେ ବନ୍ଦୀ ହେବା କିଛି ଆମୋଦଦାୟକ ନୁହେଁ ।

ଶରତ୍ ଋତୁ ମଧ୍ୟ ଆନନ୍ଦଦାୟକ – ସେହିପରି ଯେତେବେଳେ ବର୍ଷା ହୁଏ ସେ ସମସ୍ତ ଛଡ଼ା ଶୀତଦିନ ମଧ୍ୟ ଭଲ । ବଜ୍ର ଗର୍ଜନ ହୁଏ, ବର୍ଷା ହୁଏ ଏବଂ ଥଣ୍ଡା ପବନ ବହିଆସେ – ଏଥିରେ ଲୋକ ଟିକିଏ ଗରମ ଓ ସ୍ୱଚ୍ଛନ୍ଦ ଅନୁଭବ କରିବା ନିମନ୍ତେ ବ୍ୟଗ୍ର ହୋଇ ଉଠେ । ବେଳେ ବେଳେ କୁଆପଥର ବୃଷ୍ଟି ହୁଏ – ଟିଣ ଘର ଛାତ ଉପରେ ପଥର ଅପେକ୍ଷା ବଡ଼ ବଡ଼ ଖଣ୍ଡ କୁଆପଥର ପଡ଼ି ଭୟଙ୍କର ଶବ୍ଦ କରେ - ପଦାତିକ ସୈନ୍ୟ ଗୁଳି ବର୍ଷଣ କଲାପରି ମନେହୁଏ ।

୧୯୩୨ ମସିହା ଡିସେମ୍ବର ୨୪ ତାରିଖ କଥା ମୋର ବିଶେଷ ଭାବରେ ମନେ ଅଛି । ସାରାଦିନ ଅବିଶ୍ରାନ୍ତ ବର୍ଷା—ଭୟଙ୍କର ଥଣ୍ଡା ପଡ଼ୁଥାଏ । ମୁଁ ଜେଲରେ ଯେତେଦିନ କଟାଇଛି ତାହା ଭିତରେ ଦେହ ଦୃଷ୍ଟିରୁ ଏହା ସବାପେକ୍ଷା ଖରାପ ଦିନ । ସନ୍ଧ୍ୟାବେଳେ ହଠାତ୍ ସବୁ ପରିଷ୍କାର ହୋଇଗଲା ଏବଂ ନିକଟବର୍ତ୍ତୀ ପାହାଡ଼ରେ ଘନ ତୁଷାର ଆଚ୍ଛାଦିତ ହୋଇଥିବା ଦେଖି ମୋର ସମସ୍ତ ଦୁଃଖ ଦୂର ହୋଇଗଲା । ତା'ପର ଦିନ

Digitized by srujanika@gmail.com

ଷ୍ମମାସ ଦିବସ ଅତ୍ୟନ୍ତ ସୁନ୍ଦର ଓ ପରିଷ୍କାର ହୋଇଥିଲା ଏବଂ ତୁଷାରାଚ୍ଛାଦିତ ପର୍ବତମାଳାର ଦୃଶ୍ୟ ଅଧିକ ମନୋରମ ହୋଇଥିଲା ।

ସାଧାରଣ କାର୍ଯ୍ୟରେ ବୃତ୍ତି ହେବାରେ ବାଧା ପାଉଥିବାରୁ ଆମେ ପ୍ରକୃତିର ସୌନ୍ଦର୍ଯ୍ୟ ବେଶୀ ଲକ୍ଷ୍ୟ କରୁଥିଲୁଁ । ଆମ ନିକଟରେ ଚାଲୁଥିବା ଅନେକ ଜୀବଜନ୍ତୁ ଓ କୀଟପତଙ୍ଗଙ୍କୁ ମଧ୍ୟ ଲକ୍ଷ୍ୟ କରୁଥିଲୁଁ । ମୁଁ କିଛିଏ ଅଧିକ ନିରୀକ୍ଷଣ କରି ମୋ ସେଲ ଏବଂ ବାହାର କୋଠ ଦେଖିଲି ଭିତରେ ନାନାପ୍ରକାର କୀଟ ପତଙ୍ଗ ଦେଖିପାରିଲି । ମୁଁ ଅନୁଭବ କଲି ଯେ ମୋର ବେଷ୍ଟିଗାଟି ଶୂନ୍ୟ ଏବଂ ନିର୍ଜନ ବୋଧ ହେଉଥିଲେ ସୁଦ୍ଧା ଏଠାରେ ଜୀବନର ପ୍ରବାହ ଚାଲିଛି । ଏହିସବୁ କୀଟ ପତଙ୍ଗ ମୋ କାର୍ଯ୍ୟରେ କୌଣସି ପ୍ରକାର ବାଧା ନ ଦେଇ ଉଡ଼ିଯାଉ, ଘୁସୁରି ଘୁସୁରି ଏବଂ ଉଡ଼ି ହଡ଼ି ଜୀବନ କଟାଉଛନ୍ତି—ସେମାନଙ୍କୁ ବାଧା ଦେବାର କୌଣସି କାରଣ ମୁଁ ଦେଖିଲି ନାହିଁ, ମାତ୍ର ଉଚ୍ଛଣାରେ ଥିବା ଛାରପୋକ, ମଶା ଏବଂ କେତେକ ପରିମାଣରେ ମାଛିମାନଙ୍କ ସହିତ ମୋର ବରାବର ଦ୍ୱନ୍ଦ୍ୱ ଲାଗିଥାଏ । ବାଦୁଡ଼ି ଓ ଭଅଁରର ଦାଉ ମୁଁ ସହି ପାରୁଥିଲି—ମୋ ସେଲରେ ସେଥିରୁ ଶହ ଶହ ଥିଲେ । ଅନ୍ୟମନସ୍କ ଭାବରେ ଥରେ ମୋତେ ଗୋଟାଏ ବାଦୁଡ଼ି ମାରି-ଦେବାରୁ ମୁଁ କିଛିଏ ରାଗିଯାଇଥିଲି । ମୁଁ ରାଗି ସେଗୁଡ଼ିକୁ ତଡ଼ି ଦେବାକୁ ଚାହୁଁଥିଲି—ମାତ୍ର ସେମାନେ ତାଙ୍କର ଅସ୍ଥାୟୀ ଗୃହ ରକ୍ଷା ନିମନ୍ତେ ସାହସର ସହିତ ସଂଗ୍ରାମ କଲେ—ସମ୍ଭବତଃ ସେମାନଙ୍କର ଡିମ୍ବ ସେଠାରେ ଥିଲା—ସେଥିରୁ ମୁଁ ବିରତ ହେଲି ଏବଂ ସ୍ଥିର କଲି ଯେ ସେମାନେ ଯଦି ଆଉ ମୋ କାର୍ଯ୍ୟରେ ବାଧା ନ ଦିଅନ୍ତି ତେବେ ଶାନ୍ତିରେ ବାସ କରନ୍ତୁ । ଏହି ବାଦୁଡ଼ି ଓ ଭଅଁର ପରିବେଷ୍ଟିତ ହୋଇ ମୁଁ ପ୍ରାୟ ଏକ ବର୍ଷରୁ ଅଧିକ ସେଠାରେ ରହିଲି—ସେମାନେ ମୋତେ କେବେ ଆକ୍ରମଣ କରି ନାହାନ୍ତି—ଆମେ ପରସ୍ପର ପ୍ରତି ଶ୍ରଦ୍ଧା କରି ଚାଲୁଥିଲୁଁ ।

ଚେମଣିଆ ବଡ଼ିରେ ମୋତେ ଭଲ ଲାଗେ ନାହିଁ—ତଥାପି ସେଗୁଡ଼ିକ ମୋତେ ସହ୍ୟ କରିବାକୁ ପଡ଼ୁଥିଲା । ସେ ସବୁ ବିନା ଶବ୍ଦରେ

Digitized by srujanika@gmail.com

ସନ୍ଧ୍ୟାର ଅନ୍ଧାରରେ ଉଡ଼ନ୍ତି ଏବଂ ଅନ୍ଧକାରବୃତ ଆକାଶରେ ଉଲ୍କାପାତ ପରି ଦେଖାଯାଆନ୍ତି । ଭୟସଞ୍ଚାରକ ପ୍ରାଣୀଗୁଡ଼ିକୁ ଦେଖିଲେ ମୁଁ ଥରି-ଉଠେ । ମଣିଷର ମୁହଁ ପାଖରେ ଏକ ଇଞ୍ଚ ଦୂରରେ ସେଗୁଡ଼ିକ ଉଡ଼ିଗଲା ପରି ମନେ ହୁଏ—ମୋତେ କାମୁଡ଼ି ପାରନ୍ତି ବୋଲି ମୋର ସବୁବେଳେ ଭୟ ହେଉଥାଏ । ବହୁ ଦୂରରେ ଆକାଶରେ ବଡ଼ ବଡ଼ ବାଦୁଡ଼ି ଉଡ଼ି ଯାଆନ୍ତି ।

ମୁଁ ଅନେକ ସମୟ ପର୍ଯ୍ୟନ୍ତ ପିମ୍ପୁଡ଼ି, ଉଇ ଓ ଅନ୍ୟ କୀଟମାନଙ୍କୁ ଲକ୍ଷ୍ୟ କରେ । ସଞ୍ଜ ହେଲେ ଝିଟିପିଟିସବୁ ବାହାରି ଶିକାର ଖୋଜି ବୁଲନ୍ତି—ଲାଞ୍ଜ ହଲାଇ ପରସ୍ପର ସହିତ ଯେଉଁ ଲଢ଼ାଇ କରନ୍ତି ତାହା ବେଶ୍ ମଜାର କଥା । ସେମାନେ ସାଧାରଣତଃ ବିରୁଡ଼ି ଧରନ୍ତି ନାହିଁ; ମାତ୍ର ଦୁଇ-ଥର ଅତି ସାବଧାନତାର ସହିତ ତାହା ମୁଖରୁ ଧରିବାର ମୁଁ ଦେଖିଛି । ତାହା ମୁହଁକୁ ସେମାନେ ଏପରି ଜାଣିଶୁଣି ଛାଡ଼ନ୍ତି କି ନା ଏହା ଦୈବାତ ହୋଇଗଲା ମତେ ଜଣା ନାହିଁ ।

ଗୃହକାଣ୍ଡରେ ଗଛ ଥିଲେ ବହୁସଂଖ୍ୟାରେ ଗୁଣ୍ଡୁଚିମୂଷା ରହନ୍ତି । ଏଗୁଡ଼ିକ ଖୁବ୍ ସାହସୀ ଓ ଆମନିକଟକୁ ଚାଲି ଆସନ୍ତି । ଲକ୍ଷ୍ନୌ ଜେଲରେ ଚଳଚଳ ନ ହୋଇ ଅନେକ ସମୟ ପର୍ଯ୍ୟନ୍ତ ବସି ମୁଁ ପଢ଼ୁଥାଏ—ବେଳେ ବେଳେ ଗୁଣ୍ଡୁଚିମୂଷା ଆସି ମୋ ଗୋଡ଼ ଉପରେ ଚଢ଼ି ଆଣ୍ଠୁରେ ବସି ଚାରିଆଡ଼କୁ ଅନାଏ । ତାପରେ ମୋ ଆଖି ଦେଖି ମୁଁ ଗଛ ବା ସେ ଭାବୁଥିବା ଜିନିଷ ନୁହେଁ ବୋଲି ସେ ଜାଣିପାରେ । ଭୟରେ ସେ କିଛିକ୍ଷଣ ସ୍ତମ୍ଭିତ ହୋଇଯାଏ ମାତ୍ର ପରକ୍ଷଣରେ ଡେଇଁ ଦୌଡ଼ି ପଳାଏ । ଗୁଣ୍ଡୁଚିମୂଷା ଛୁଆସବୁ ବେଳେ ବେଳେ ଗଛରୁ ପଡ଼ି ଯାଆନ୍ତି । ମାଆସବୁ ତାଙ୍କ ସଙ୍ଗେ ସଙ୍ଗେ ତଳେ ପଡ଼ି ଶ୍ଳେଷ୍ଟ ପେଣ୍ଡୁ ପରି ସେମାନଙ୍କୁ କରି ନିରାପଦ ସ୍ଥାନକୁ ନେଇ ଯାଆନ୍ତି । ବେଳେ ବେଳେ ଛୁଆଟି ହଜିଯାଏ । ଥରେ ମୋର ଜଣେ ସାଥୀ ହଜିଯାଇଥିବା ଗୋଟିଏ ଗୁଣ୍ଡୁଚିମୂଷା ଛୁଆକୁ ଧରି ପୋଷିଥିଲେ । ସେଗୁଡ଼ିକ ଏତେ ଶ୍ଳେଷ୍ଟ ହୋଇଥାଆନ୍ତି ଯେ, ସେମାନଙ୍କୁ

Digitized by srujanika@gmail.com

ଖୋଇବା ଗୋଟାଏ ସମସ୍ୟା ହୋଇଥାଏ । ଯାହାହେଉ ଗୋଟାଏ କୌଶଳ କରି ସେହି ସମସ୍ୟା ସମାଧାନ ହେଲା; ଝିଅ କଲମର କାଳି ଭର୍ତ୍ତି କରିବା ନଳରେ ଟିକିଏ ତୁଳା ଲଗାଇ ତାକୁ ଖୋଇବା ବୋତଲ କରିଗଲା ।

ଅଲମୋଡ଼ା ପାର୍ବତ୍ୟ ଜେଲ ଛଡ଼ା ମୁଁ ଯେଉଁ ଯେଉଁସବୁ ଜେଲକୁ ଯାଇଛି ସେଠାରେ ପାରା ଦେଖିଛି । ସେମାନେ ବହୁ ସଂଖ୍ୟାରେ ଥାଆନ୍ତି ଏବଂ ସନ୍ଧ୍ୟାବେଳେ ଉଡ଼ି ଆକାଶ ଆଚ୍ଛନ୍ନ କରି ପକାନ୍ତି । ବେଳେ ବେଳେ ଜେଲ କର୍ମଚାରୀମାନେ ସେମାନଙ୍କୁ ଗୁଳିକରି ମାରି ଖାଆନ୍ତି । ଶାରୀ ବି ଥାଆନ୍ତି । ପ୍ରତ୍ୟେକ ସ୍ଥାନରେ ସେଗୁଡ଼ିକ ଦେଖାଯାଆନ୍ତି । ଦୁଇଟି ଶାରୀ ମୋର ଡେରାଡୁନ୍ ସେଲରେ ଥିଲେ ଏବଂ ମୁଁ ସେମାନଙ୍କୁ ଖୁଆଉଥିଲି । ସେମାନେ ଖୁବ୍ ପୋଷା ହୋଇଗଲେ—ସକାଳ ବା ସନ୍ଧ୍ୟା ଭୋଜନରେ ଟିକିଏ ବିଳମ୍ବ ହେଲେ ସେମାନେ ଆସି ମୋ ପାଖରେ ବସନ୍ତି ଖାଇବା ନିମନ୍ତେ ଶବ୍ଦ କରନ୍ତି । ସେମାନଙ୍କର ସଙ୍କେତ ଓ ଅସ୍ଥିର ଚିତ୍କାର ଲକ୍ଷ୍ୟ କଲେ ବଡ଼ ଆନନ୍ଦ ଲାଗେ ।

ନୈନି ଜେଲରେ ହଜାର ହଜାର ଶୁଆ ଥିଲେ । ମୋବାରାକ୍‌ର କାନ୍ଥ ଫାଙ୍କରେ ଅନେକ ବସା ବାନ୍ଧି ରହିଥିଲେ । ସେମାନଙ୍କର ପ୍ରେମ କରିବାର ଭାବଭଙ୍ଗୀ ବଡ଼ କୌତୁକପ୍ରଦ ଦୃଶ୍ୟ । ବେଳେ ବେଳେ ଦୁଇଟି ପୁରୁଷ ଶୁଆଙ୍କ ଭିତରେ ମାଈ ଶୁଆପାଇଁ ଭୀଷଣ ଯୁଦ୍ଧ ଆରମ୍ଭ ହୋଇଯାଏ । ମାଈ ଶୁଆଟି ସ୍ଥିର ହୋଇ ବସିଥାଏ—ଯେ ଯୁଦ୍ଧରେ ଜୟଲାଭ କରେ ତାକୁ ଅନୁଗ୍ରହ କରେ ।

ଡେରାଡୁନ୍‌ରେ ନାନାପ୍ରକାର ପକ୍ଷୀ ଥିଲେ—ସବୁବେଳେ ଦିନେ କଣ୍ଠର ନାନାପ୍ରକାର ସ୍ୱର ହୁଏ—ପକ୍ଷୀ ଗାନ କରନ୍ତି—ସର୍ବୋପରି କୋଇଲିର ଡାକ ସମସ୍ତଙ୍କୁ ଲୁଚାଇ ଦିଏ । ଠିକ୍ ବର୍ଷା ପୂର୍ବରୁ ଏବଂ ଭିତରେ କାଳକୁଆ (Brain-Fever Bird) ଆସି ଆମ ପାଖରେ ପହଞ୍ଚିଲା—ଏହାର କାହିଁକି ଏପରି ନାମ କରାଯାଇଛି ମୁଁ ବୁଝି ପାରିଲି । କି ଦିନ କି ରାତି, କି ଖରା କି

Digitized by srujanika@gmail.com

ବର୍ଷା ସର୍ବଦା ଏହା ଏକସ୍ୱରରେ ଅବିଶ୍ରାମ ଚିତ୍କାର କରୁଥାଏ । ଆମ ଟେଣ୍ଟ ବେଷ୍ଟନୀ ଭିତରେ ଗଛ ନ ଥିବାରୁ ଆମେ ଏ ଚଢ଼େଇଙ୍କୁ ଦେଖି ପାରୁ-ନ ଥିଲୁଁ, କେବଳ ତାହାର ଚିତ୍କାର ଶୁଣୁଁ । ଆକାଶରେ ଚିଲ ଓ ଜଙ୍ଗଲ ଚଢ଼େଇ ଉଡ଼ି ଗଲାବେଳେ ମୁଁ ସେଗୁଡ଼ିକୁ ଲକ୍ଷ୍ୟ କରେ । କେତେବେଳେ ସେମାନେ ତଳକୁ ଆସନ୍ତି ଏବଂ କେତେବେଳେ ପବନସ୍ରୋତରେ ଭାସି-ଯାଆନ୍ତି । ବେଳେ ବେଳେ ବନ୍ୟ ହଂସ ଆମ ମୁଣ୍ଡ ଉପରେ ଉଡ଼ି ଯାଆନ୍ତି

ବେରିଲି ଜେଲରେ ବହୁସଂଖ୍ୟକ ମାଙ୍କଡ଼ ଥିଲେ ଏବଂ ସେମାନଙ୍କର ରହସ୍ୟପୂର୍ଣ୍ଣ ଗତିବିଧି ଲକ୍ଷ୍ୟ କରିବାର କଥା । ଗୋଟିଏ ଘଟଣାରେ ମୁଁ ମୁଗ୍ଧ ହେଲି । ଗୋଟିଏ ମାଙ୍କଡ଼ଛୁଆ ଆମ ବାରିକ୍ ପାଚେରୀ ଭିତରକୁ କୌଣସି ପ୍ରକାରେ ଆସିଗଲା — ସେ ଆଉ ପାଚେରୀ ଉପରକୁ ଉଠି ପାରିଲା ନାହିଁ । ଓ୍ୱାର୍ଡର, କଏଦୀ, ଓଭରସିଅର ଓ ଅନ୍ୟ ବନ୍ଦୀମାନେ ମିଳି ତାକୁ ଧରି ତା ବେକରେ ଏକ ଦଉଡ଼ି ବାନ୍ଧି ଅଟକାଇ ଦେଲେ । ତାର ପିତା ମାତା (ଅନୁମାନ ହୁଏ) ଗଛ ଉପରୁ ତାଙ୍କ ଛୁଆଟିର ଏ ଦୁର୍ଦ୍ଦଶା ଦେଖୁଥିଲେ—ସେମାନଙ୍କର କ୍ରୋଧ ଜାତହେଲା । ହଠାତ୍ ଗୋଟିଏ ବଡ଼ା ମାଙ୍କଡ଼ ତଳକୁ କୁଦିପଡ଼ି ମାଙ୍କଡ଼ଛୁଆ ଚାରିକଡ଼ରେ ଘେରିଥିବା ଜନତାକୁ ଆକ୍ରମଣ କଲା । ଏହା ଏକ ଅପୂର୍ବ ସାହସିକ କାର୍ଯ୍ୟ—କାରଣ ଓ୍ୱାର୍ଡର, କଏଦୀ, ଓଭର-ସିଅର ସମସ୍ତଙ୍କ ହାତରେ ଲାଠି ଓ ବାଡ଼ି ଥିଲା—ସେମାନେ ତାକୁ ଘୂରାଉ-ଥାନ୍ତି—ଏହାଛଡ଼ା ବହୁତ ଲୋକ ବି ଥିଲେ । ଶେଷରେ ଦୁଃସାହସରହିଁ ଜୟ ହେଲା—ଜନତା ଭୟ ପାଇ ପଳାଇ ଗଲେ—ବାଡ଼ିସବୁ ଛାଡ଼ି ଦେଇ ଗଲେ । ମାଙ୍କଡ଼ଛୁଆଟି ଉଦ୍ଧାର ପାଇଲା ।

ଆମେ ସମୟ ସମୟରେ ଅବାଞ୍ଛନୀୟ ଜୀବ-ଜନ୍ତୁ ଦେଖୁଥିଲୁଁ । ଗୋଟିଏ ଝଡ଼ ପରେ ସାଧାରଣତଃ ବହୁ ସଂଖ୍ୟାରେ ବିଛା ଦେଖାଯାଆନ୍ତି । ଆଶ୍ଚର୍ଯ୍ୟ କଥା ଯେ ମୋର ବିଛଣା କିମ୍ବା ପଢ଼ିବାକୁ ଦେଉଥିବା ବହିରେ ମୁଁ ସେ-ଗୁଡ଼ିକ ଅନେକ ସମୟରେ ଦେଖୁଥିଲେ ସୁଦ୍ଧା ମୋତେ କେବେ ଗୋଟିଏ ହେଲେ କାମୁଡ଼ି ନାହିଁ । ଥରେ ଗୋଟାଏ କଳା ବିଷାକ୍ତ ଢଙ୍କଡ଼ା ବିଛାକୁ

Digitized by srujanika@gmail.com

ମୁଁ କିଛି ସମୟ ଗୋଟାଏ ବୋତଲରେ ରଖିଥିଲି । ତା ପରେ ତାକୁ ପାଉଁଶରେ ବାନ୍ଧି କାନ୍ଥରେ ଝୁଲାଇ ଦେବାକୁ ସେ ଚଳାଇଗଲେ—ତାକୁ ଏପରି ହୁଗୁଲା ଛାଡ଼ିଦେବା ମୋର ଇଚ୍ଛା ନ ଥାଏ । ତେଣୁ ମୁଁ ମୋର ସେଲ ସଫା କରି ତାକୁ ଖୋଜିବାକୁ ଲାଗିଲି—ମାତ୍ର ସେ ଅନ୍ତର୍ଦ୍ଧାନ ହୋଇଯାଇଥିଲା ।

ଅନେକ ଗୁଡ଼ିଏ ସାପ ମୋ ସେଲ ବା ତା ନିକଟରେ ବାହାରିଥିଲେ । ଥରେ ଗୋଟାଏ ସାପ ବାହାରିବା ସମ୍ବାଦ ପଢ଼ାକୁ ଯାଇ ବଡ଼ ଅକ୍ଷରରେ 'ଖବର କାଗଜ'ରେ ବାହାରିଥିଲା । ପ୍ରକୃତରେ କହିବାକୁ ଗଲେ ଏପରି ଗୋଟାଏ ପରିବର୍ତ୍ତନ ମୋତେ ଭଲ ଲାଗିଥିଲା । ଜେଲ ଜୀବନ ସାଧାରଣତଃ ବଡ଼ ନିରାନନ୍ଦମୟ—ଯାହା କିଛି ନୂତନତ୍ୱ ଏଥି ଏକଘେୟାମିକୁ ଭାଙ୍ଗି ଦିଏ ତାହା ଆନନ୍ଦ ଦିଏ । ଏହା ବୋଲି ମୁଁ ଯେ ସାପ ପସନ୍ଦ କରେ ବା ଭଲ ପାଏ ତାହା ନୁହେଁ, ମାତ୍ର ଅନ୍ୟ ଲୋକେ ଯେପରି ସେଥିରେ ଭୟ ପାଆନ୍ତି ମୁଁ ସେପରି ପାଏ ନାହିଁ । ମୁଁ ଅବଶ୍ୟ ସାପ କାମୁଡ଼ାକୁ ଡରେ ଏବଂ ସାପ ଦେଖିଲେ ନିଜକୁ ରକ୍ଷା କରିବାର ଚେଷ୍ଟା କରେ । କିନ୍ତୁ ତାହା ଘୃଣାଯୋଗୁ ନୁହେଁ କିମ୍ବା ଭୟରେ ଅଭିଭୂତ ହୋଇ ନୁହେଁ । ବିଛୁଆ ଦେଖିଲେ ମୋର ଅଧିକ ଆତଙ୍କ ଜନ୍ମେ—ମାତ୍ର ଏହା ଭୟଯୋଗୁ ନୁହେଁ, ଗୋଟାଏ ସହଜାତ ଘୃଣା ହେତୁ । କଲିକତାର ଆଲିପୁର ଜେଲରେ ଦିନେ ହଠାତ୍ ଅଧରାତ୍ରରେ ମୋର ନିଦ ଭାଙ୍ଗିଗଲା, ମୋ ପାଦ ଉପରେ କ'ଣ ଗୋଟାଏ ଘୁସୁରି ଘୁସୁରି ଯାଉଥିବାର ମୁଁ ଅନୁଭବ କଲି । ମୁଁ ମୋର ଟର୍ଚ୍ଚ ଆଲୁଅ ପକାଇ ଦେଖିଲି ଯେ ବିଛଣାରେ ଗୋଟିଏ ବିଛୁଆ ବସି ଅଛି । ସ୍ୱାଭାବିକ ଭାବରେ ହଠାତ୍ ଅତି ଦ୍ରୁତ ବେଗରେ ମୁଁ ସେ ବିଛଣାରୁ ଡେଇଁପଡ଼ିଲି ଓ ସେଲ କାନ୍ଥରେ ଧକ୍କା ଖାଇଲି । ପାଭେଲଭଙ୍କର ଇଚ୍ଛାର ସମ୍ପର୍କହୀନ ପ୍ରତିକ୍ରିୟାର ଅର୍ଥ ସେତେବେଳେ ମୁଁ ପୂର୍ଣ୍ଣରୂପେ ବୁଝି ପାରିଲି ।

Digitized by srujanika@gmail.com

ଡେରାଡୁନ୍‌ରେ ମୁଁ ଗୋଟାଏ ଜନ୍ତୁ ଦେଖିଲି—ସେ ଜନ୍ତୁ ମୋତେ ନୂଆ କହିଲେ ଚଳେ। ମୁଁ ଜେଲ୍ ଫାଟକରେ ଛିଡ଼ାହୋଇ ଜେଲରଙ୍କ ସହିତ କଥାବାର୍ତ୍ତା କରୁଥିବାବେଳେ ବାହାରେ ଜଣେ ଲୋକ ଗୋଟିଏ ଅଦ୍ଭୁତ ଜନ୍ତୁ ନେଉଥିବାର ଦେଖିଲି। ଜେଲର ତାକୁ ଡାକିଲେ। ମୁଁ ଦେଖିଲି ଏହା ଗୋଧି ଓ କୁମ୍ଭୀର ମଝାମଝି ଦୁଇ ଫୁଟ ଲମ୍ବର ଗୋଟିଏ ଜନ୍ତୁ। ଏହାର ନଖ ଅଛି ଏବଂ ଦେହପାକ ବର ବର ହୋଇଛି। ଏହି କୁଞ୍ଚିତ ଜୀବଟିର ଅନେକ ପରିମାଣରେ ପ୍ରାଣ ଥାଏ—ତାକୁ ଏକ ଅଦ୍ଭୁତ ପ୍ରକାରରେ ଗୋଟାଏ ଗଣ୍ଠି ପରି କରି ଲୋକଟି ତା ଭିତରେ ଗୋଟାଏ ବାଉଁଶ ପୂରାଇ ଆନନ୍ଦରେ ବୋହି ନେଉଥାଏ। ସେ ଏହାକୁ 'ବୋ'ବୋଲି କହୁଥିଲା। ଏଥିରେ କ'ଣ କରିବ ବୋଲି ତାକୁ ଜେଲର ପଚାରିବାରୁ ସେ କହିଲା ଯେ, ଏଥିରେ ସେ ଭୁଜା—ଏକ ପ୍ରକାର ତରକାରୀ କରିବ। ସେ ଏକ ଜଙ୍ଗଲିବାସୀ। ପରେ ଏଫ୍, ଡବ୍ଲିଉ, ଚମ୍ପମନ୍‌ଙ୍କ 'ସୂର୍ଯ୍ୟାଲୋକ ଓ ଅନ୍ଧକାରରେ ଜଙ୍ଗଲ' ନାମକ ପୁସ୍ତକ ପଢ଼ି ମୁଁ ଦେଖିଲି ଯେ ଏହି ଜୀବ ହେଉଛି ପାଙ୍ଗୋଲିନ।

ବିଶେଷଭାବରେ ଦୀର୍ଘକାଳ ଥିବା ବନ୍ଦୀମାନେ ସ୍ନେହରେ କ୍ଷୁଧା ଭୋଗନ୍ତି। ସେମାନେ ଜନ୍ତୁ ପାଳି ବେଳେ ବେଳେ ହୃଦୟର ଆବେଗ ଚରିତାର୍ଥ କରନ୍ତି। ସାଧାରଣ କଏଦୀ ଏହା ପୋଷି ପାରନ୍ତି ନାହିଁ, ମାତ୍ର କଏଦୀ ଓଭରସିଅରଙ୍କର ଟିକିଏ ଅଧିକ ସ୍ୱାଧୀନତା ଥାଏ ଏବଂ ସେମାନେ ପୋଷିଲେ ଜେଲ କର୍ମଚାରୀ ଆପତ୍ତି କରନ୍ତି ନାହିଁ। ଗୁଣ୍ଡୁଚିମୂଷାହିଁ ସବୁଠାରୁ ପ୍ରିୟ—ବେଳେ ବେଳେ ମୂଷା ବି ପୋଷନ୍ତି। ଜେଲ ଭିତରକୁ କୁକୁର ଆସେ ନାହିଁ, ମାତ୍ର ବିରାଡ଼ି ଆସିବାରେ କିଛି ଆପତ୍ତି ନାହିଁ। ଥରେ ଗୋଟିଏ ଛୋଟ ଦୋଆଁଶିଆ ପ୍ରତି ମୋର ସ୍ନେହ ଜନ୍ମିଲା। ଏହା ଜଣେ ଜେଲ କର୍ମଚାରୀଙ୍କର ଏବଂ ସେ ବଦଳି ହେଲା ବେଳେ ତାକୁ ସଙ୍ଗରେ ନେଇଗଲେ। ମୁଁ ତାକୁ ହରାଇଲି। ସାଧାରଣତଃ କୁକୁର ଜେଲଭିତରକୁ ଆସୁ ନ ଥିଲେ ମଧ୍ୟ ଆକସ୍ମିକ ଭାବରେ ମୋତେ ଡେରାଡୁନ୍ ଜେଲରେ କେତୋଟି କୁକୁର ରଖିବାକୁ ହୋଇଥିଲା। ଜଣେ

Digitized by srujanika@gmail.com

ଜେଲ କର୍ମଚାରୀ ଗୋଟିଏ ମାଈ କୁକୁର ଆଣିଥିଲେ—ସେ ବଦଳି ହୋଇଗଲେ ଏବଂ ତାକୁ ଛାଡ଼ିଗଲେ । ଗୃହଶୂନ୍ୟ ପଥିକ ପରି ସେ ଗୋଟିଏ ନାଳୀ ଭିତରେ ରହିଲା ଏବଂ ବେଳେ ବେଳେ ଓ୍ୱାର୍ଡରମାନଙ୍କ ଅଇଁଠା ଖାଇଲା—ସାଧାରଣତଃ ଉପାସରେ ରହିଲା । ଜେଲ ବାହାର ହାଜତରେ ମୁଁ ରହିଥିବାରୁ ସେ ଖାଇବା ଲାଗି ମୋ ପାଖକୁ ଆସୁଥାଏ । ମୁଁ ତାକୁ ନିୟମିତ ଖାଇବାକୁ ଦେବାକୁ ଲାଗିଲି ଏବଂ ସେ ନାଳୀ ଭିତରେ ଗୁଡ଼ାଏ ଛୁଆ ପ୍ରସବ କଲା । ସେଥିରୁ ଅଧିକାଂଶ କିଏ ନେଇଗଲା—ଆଉ ତିନୋଟି ଥିଲେ ଏବଂ ମୁଁ ସେମାନଙ୍କୁ ଖୁଆଉଥିଲି । ଶ୍ରେଷ୍ଠ ଛୁଆ ଭିତରୁ ଗୋଟିଏ ବଡ଼ ବେମାରରେ ପଡ଼ିଲା—ଏଥିରେ ମୁଁ ବଡ଼ ହଇରାଣ ହେଲି । ମୁଁ ଯତ୍ନର ସହିତ ତାର ସେବା କଲି ଏବଂ ବେଳେ ବେଳେ ତାର ଦେହ କିପରି ଅଛି ଦେଖିବାପାଇଁ ରାତିରେ ମୁଁ ଦଶ ବାର ଥର ଉଠିଲି । ସେ ବଞ୍ଚିଗଲା ଏବଂ ମୋ ସେବା ଫଳରେ ସେ ଆରୋଗ୍ୟ ହେବା ଦେଖି ମୁଁ ବଡ଼ ସୁଖୀ ହେଲି ।

ବାହାର ଅପେକ୍ଷା ଜେଲଭିତରେ ମୁଁ ଜନ୍ତୁମାନଙ୍କ ସହିତ ଅଧିକ ସଂସର୍ଗରେ ଆସିଲି । ମୁଁ ବଡ଼ କୁକୁରପ୍ରିୟ; ବରାବର କୁକୁର ରଖିଥାଏ । ମାତ୍ର ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବା ହେତୁ ମୁଁ ସେମାନଙ୍କର ଠିକ୍‌ରୂପେ ଯତ୍ନ ନେଇ ପାରେ ନାହିଁ । ଜେଲଭିତରେ କୁକୁର ପାଇ ମୁଁ ବଡ଼ ଖୁସି ହେଲି । ସାଧାରଣତଃ ଭାରତୀୟମାନେ ଘରେ ଜୀବଜନ୍ତୁ ପୋଷିବା ପସନ୍ଦ କରନ୍ତି ନାହିଁ । ଆଶ୍ଚର୍ଯ୍ୟ କଥା ଯେ ଜୀବଜନ୍ତୁଙ୍କ ପ୍ରତି ଅହିଂସାଭାବ ପ୍ରକାଶ କରିବାପାଇଁ ଶାସ୍ତ୍ରବାଣୀ ଥିଲେ ସୁଦ୍ଧା ଏମାନଙ୍କ ପ୍ରତି ଲୋକେ ବଡ଼ ନିର୍ଦ୍ଦୟ ଓ କଠୋର ବ୍ୟବହାର କରନ୍ତି; ଏପରିକି ଗୋରୁ ହିନ୍ଦୁମାନଙ୍କର ପ୍ରିୟପଶୁ—ଅନେକେ ତାକୁ ପୂଜା କରନ୍ତି—ଦଙ୍ଗାହାଙ୍ଗାମାର ଏହା ହିଁ ଅନେକ ସମୟରେ କାରଣ ହୁଏ, ଅଥଚ ଏହାପ୍ରତି ମଧ୍ୟ ସଦୟ ଭାବ ଦେଖା ଯାଏନାହିଁ । ପୂଜା ଓ ଦୟାଶୀଳତା ଏକାଠି ଦିଶେ ନାହିଁ ।

ବିଭିନ୍ନ ଦେଶ ସେମାନଙ୍କର ଆକାଂକ୍ଷା ଓ ଚରିତ୍ରର ପ୍ରତୀକରୂପେ ବିଭିନ୍ନ ପ୍ରକାର ଜୀବଜନ୍ତୁଙ୍କୁ ଆଦର କରିଥାନ୍ତି—ଆମେରିକା ଯୁକ୍ତରାଷ୍ଟ୍ର ଓ

Digitized by srujanika@gmail.com

ଜର୍ମାନୀର ହେଉଛନ୍ତି ଉଗଲ, ଇଂଲଣ୍ଡର ହେଉଛନ୍ତି ସିଂହ ଓ ବୁଲଡଗ୍, ଫ୍ରାନ୍ସର ଲଢ଼ୁଆ କୁକୁଡ଼ା ଏବଂ ଅତୀତ ରୁଷର ଭାଲୁ । ଏହି ପ୍ରିୟ ଜୀବଜନ୍ତୁ ଦେଶର ଚରିତ୍ର ଗଠନରେ କେତେଦୂର ସାହାଯ୍ୟ କରନ୍ତି ? ଏମାନଙ୍କ ଭିତରୁ ଅଧିକାଂଶ ସଂଗ୍ରାମଶୀଳ, ଲଢ଼ୁଆ ଓ ଶିକାରୀ ଜୀବଜନ୍ତୁ । ଏହି ସବୁ ଆଦର୍ଶ ନେଇ ସଚେତନ ଭାବରେ ଯେଉଁ ଲୋକେ ବଢ଼ନ୍ତି, ସେମାନେ ଯେ ସଂଗ୍ରାମମୂଳକ ମନୋଭାବ ଛାଡ଼ିବେ ନାହିଁ ଏବଂ ଅନ୍ୟମାନଙ୍କୁ ଶିକାର ନ କରି ରହିବେ ନାହିଁ ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ । ହିନ୍ଦୁମାନଙ୍କର ଇଷ୍ଟଦେବତା ଯେତେବେଳେ ଗାଈ ସେତେବେଳେ ସେମାନେ ଯେ ନିରୀହ ଓ ଅହିଂସ ହେବେ ଏଥିରେ ଆଶ୍ଚର୍ଯ୍ୟ କଣ ?

Digitized by srujanika@gmail.com

୪୭

ସଂଗ୍ରାମ

ଯାହାରେ ସଂଗ୍ରାମ ଚାଲିଥାଏ—ବର୍ତ୍ତମାନ ବା ନିକଟ ଭବିଷ୍ୟତରେ ଜୟଲାଭ କରିବେ ନାହିଁ ବୋଲି ଜାଣିଥିଲେ ସୁଦ୍ଧା ସାହସୀ ନରନାରୀ ଏକ ଶକ୍ତିଶାଳୀ ଓ ସୁଦୃଢ଼ ସରକାରର ଆଦେଶ ଶାନ୍ତିପୂର୍ଣ୍ଣ ଭାବରେ ଅମାନ୍ୟ କରିବାରେ ଲାଗିଥିଲେ । ଶନା ବାଧ୍ୟାରେ ଦମନ ନୀତି କ୍ରମେ ଅଧିକ କଠୋର ହୋଇଯାଇ ଭାରତରେ ବ୍ରିଟିଶ ଶାସନର ସ୍ୱରୂପ ପ୍ରକାଶ ପାଇଲା । ଏଥିରେ ଏବେ ଆଉ କୌଣସି ଗୁପ୍ତ ରହିଲା ନାହିଁ—ସେତିକି ହିଁ ଅନ୍ତତଃ ଆମର ଯାନ୍ତ ନା ଥିଲା । ବନ୍ଧୁକ ହିଁ ଜୟ କଲା । ମାତ୍ର ଜଣେ ବଡ଼ ଯୋଦ୍ଧା ଥରେ କହିଥିଲେ, "ତୁମେ ବନ୍ଧୁକଦ୍ୱାରା ସବୁ କରିପାର; ମାତ୍ର ତା ଉପରେ ବସି ପାରିବ ନାହିଁ ।" ଆମେ ଭାବିଲୁ ଆମେ ନିଜର ଆତ୍ମା ବିକ୍ରୟ କରିବା ଓ ଏପରିରୂପେ ମାନସିକ ଅଧୋଗତିରେ ପହଞ୍ଚିବା ଅପେକ୍ଷା ଏପରି ଭାବରେ ଶାସିତ ହେବା ବରଂ ଭଲ । ଆମେ ଜେଲ ଭିତରେ ଶାରୀରିକ ଭାବରେ ଅସହାୟ ଥିଲୁ; ମାତ୍ର ଆମେ ଅନୁଭବ କଲୁ ସେଠାରେ ମଧ୍ୟ ଆମେ ଦେଶ ସେବା କରୁଛୁ ଏବଂ ବାହାରେ ଥିବା ଅନେକ ଲୋକଙ୍କ ଅପେକ୍ଷା ଭଲଭାବରେ ସେବା କରୁଛୁ । ଆମର ଦୁର୍ବଳତାହେତୁ ଆମେ କ'ଣ ନିଜକୁ ରକ୍ଷା କରିବା ନିମନ୍ତେ ଭାରତର ଭବିଷ୍ୟତ ନଷ୍ଟ କରିବୁ ? ଏ କଥା ସତ୍ୟ ଯେ ମନୁଷ୍ୟର ଜୀବନୀ ଶକ୍ତି ଓ ବଳ ଖୁବ୍ କମ୍ ଏବଂ ଅନେକ ଲୋକ ଶାରୀରିକ ଅକର୍ମଣ୍ୟ ହୋଇ ପଡ଼ିଲେ, ମରିଗଲେ ଏବଂ ଦଳରୁ ଖସି ପଡ଼ିଲେ କିମ୍ବା ଆମର ବିଶ୍ୱାସଘାତକତା କଲେ, ମାତ୍ର ଏହି ସବୁ ପ୍ରତିଘାତ ସତ୍ତ୍ୱେ ଆମର ଉଦ୍ଦେଶ୍ୟ ସ୍ଥିର ରହିଲା; ଯଦି ଆଦର୍ଶ ଅମଳାନ ରହେ ଓ ତେଜ ଅଟଳ ହୁଏ, ତେବେ ବ୍ୟର୍ଥତା ଆସିପାରେ ନାହିଁ । ଆମର ନୀତି ତ୍ୟାଗ ହେଉଛି ପ୍ରକୃତ ବ୍ୟର୍ଥତା:—ନିଜର ଦାବୀକୁ ଅସ୍ୱୀକାର କରିବା

Digitized by srujanika@gmail.com

ଏବଂ ଅନ୍ୟାୟ ପାଖରେ ଅପମାନଜନକ ଭାବରେ ବଶତା ସ୍ୱୀକାର କରିବା । ଶତ୍ରୁ କରିଥିବା 'ଆଘାତ ଅପେକ୍ଷା ନିଜେ କରିଥିବା କ୍ଷତରୁ ଆରୋଗ୍ୟ ଲାଭ କରିବା ନିମନ୍ତେ ଅଧିକ ସମୟ ଲାଗେ ।

ଆମର ଦୁର୍ବଳତା ଓ ଦୁର୍ନୀତିର ଅମଙ୍ଗଳ ଗତି ଦେଖିଲେ ବେଳେ ବେଳେ ବିଷାଦ ଆସେ, ତଥାପି ଆମେ ଯାହା ଲାଭ କରିପାରିଛୁ, ତାହା ଦେଖିଲେ ଗର୍ବ ଅନୁଭବ କରୁଁ । କାରଣ ଆମ ଦେଶଲୋକେ ବାସ୍ତବିକ ଅପୂର୍ବ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଏକ ବୀର ସୈନ୍ୟ ଦଳର ନିଜେ ଜଣେ ବୋଲି ଅନୁଭବ କଲେ ଆନନ୍ଦ ହୁଏ ।

ଆଇନ ଅମାନ୍ୟ ଚାଲିଥିଲାବେଳେ ଦିଲ୍ଲୀ ଓ କଲିକତାରେ ଦୁଇଥର କଂଗ୍ରେସର ଖୋଲା ଅଧିବେଶନ କରିବା ନିମନ୍ତେ ଚେଷ୍ଟା କରାଯାଇଥିଲା । ଏକଥା ଜଣା ଥିଲା ଯେ ଗୋଟାଏ ବେଆଇନ ଅନୁଷ୍ଠାନ ସାଧାରଣ ଓ ଶାନ୍ତିପୂର୍ଣ୍ଣ ଭାବରେ ଅଧିବେଶନ କରି ପାରନ୍ତା ନାହିଁ — ପ୍ରକାଶ୍ୟ ଅଧିବେଶନ କରିବା ଅର୍ଥ ପୁଲିସ ସହିତ ସଂଘର୍ଷ ଅନିବାର୍ଯ୍ୟ । ପୁଲିସ ଲାଠି ସାହାଯ୍ୟରେ ଏହିସବୁ ସଭା ଜୋର ଜବରଦସ୍ତି ଭଙ୍ଗି ଦିଆଗଲା ଏବଂ ଅନେକ ସଂଖ୍ୟକ ଲୋକ ଗିରଫ ହେଲେ । ଏଥିରେ ଏକ ଅସାଧାରଣ କଥା ହେଉଛି ଯେ ଏହି ବେଆଇନ ସଭାରେ ଯୋଗ ଦେବା ନିମନ୍ତେ ଭାରତର ଚାରିଆଡ଼ୁ ହଜାର ହଜାର ପ୍ରତିନିଧି ଆସିଥିଲେ । ଯୁକ୍ତପ୍ରଦେଶର ଲୋକେ ଏହି ଦୁଇ ଯାକ ଅଧିବେଶନକୁ ଚଳିଶ ସଂଖ୍ୟାରେ ଯାଇଥିଲେ ଜାଣି ମୁଁ ଖୁସି ହୋଇଥିଲି । ୧୯୩୩ ମସିହା ମାର୍ଚ୍ଚ ମାସରେ କଲିକତା ଯିବାପାଇଁ ମୋର ମାଆଙ୍କୁ ବାଧା କରି ଯାଇଥିଲା । ମୋର ମାଆ ପଣ୍ଡିତ ମାଲବ୍ୟଙ୍କ ସହ କଲିକତା ଅଧିବେଶନରେ ଯୋଗଦେବା ନିମନ୍ତେ ଯାଉଥିବାବେଳେ ବାଟରେ ଆସେନ୍‌ସୋଲରେ ଗିରଫ ହୋଇ କିଛିଦିନ ଅଟକ ରହିଲେ । ସେ ଅତି ଦୁର୍ବଳ ଓ ରୋଗୀ ଥାଇ ମଧ୍ୟ ଯେଉଁ ଶକ୍ତି ଓ ଉତ୍ସାହ ଦେଖାଇଲେ, ସେଥିରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଜେଲ ତାଙ୍କ ପକ୍ଷରେ କିଛି ଅଧିକ ଭୟର କାରଣ ନ ଥିଲା—କାରଣ ତାହା

Digitized by srujanika@gmail.com

ଅପେକ୍ଷା ଅଧିକ ଅର୍ଗ୍ଣିସନ୍ସାରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କର ପ୍ରିୟ ପୁଅ, ବୁଢ଼ ଝିଅ ଓ ଅନ୍ୟମାନେ ଜେଲରେ ଯନ୍ତ୍ରଣାକାଳ କଟାଉଥିଲେ ଏବଂ ଶୂନ୍ୟଘର ତାଙ୍କୁ ଗୋଟିଏ ଭୟ ସ୍ୱପ୍ନ ପରି ମନେ ହେଉଥିବ ।

ଆମର ସଂଗ୍ରାମ କ୍ରମେ ଜମିଗଲା—ଅତି ମନ୍ଥର ଗତିରେ ଚାଲିଲା—ଅନେକ ଦିନ ପରେ କେବେ କମିତ ହଠାତ୍ ଘଟଣା ଛଡ଼ା ଆଉ କୌଣସି ଉତ୍ତେଜନା ନ ଥିଲା । ମୋର ଚିନ୍ତାଧାରା ପୃଥିବୀର ଅନ୍ୟ ଦେଶମାନଙ୍କ ଉପରେ ଥାଏ—ସଙ୍କଟ ଭିତରେ ପଡ଼ି ଦୁନିଆ କପରି ଗତି କରୁଛି ତାହା । ଜେଲରେ ଯେତେ ହୁଏ ପାରେ ବହି ପ୍ରଭୃତି ପଢ଼ି ଲକ୍ଷ୍ୟ କରିବାକୁ ଲାଗିଲି । ସେ ସମ୍ବନ୍ଧରେ ମୁଁ ଯେତେ ପାରେ ପୁସ୍ତକ ପଢ଼ିଲି । ଯେତେ ବେଶୀ ପଢ଼ିଲି ସେତେ ଅଧିକ ମୁଗ୍ଧ ହେଲି । ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ସବୁଠାରେ ଯେଉଁ ବିରାଟ ରାଜନୈତିକ ଓ ଅର୍ଥନୈତିକ ଶକ୍ତିର ସଂଘର୍ଷ ଚାଲିଥାଏ, ପୃଥିବୀର ଏହି ନାଟକରେ ଭାରତ କଥିତ ସମସ୍ୟା ଓ ସଂଗ୍ରାମ ସହ ଏକ ଅଙ୍ଗ ମାତ୍ର । ଏହି ସଂଗ୍ରାମ ଭିତରେ ମୋର ସହାନୁଭୂତି ଅଧିକ ଭାବରେ କମ୍ୟୁନିଷ୍ଟ ଦଳକୁ ଗଲା ।

ବହୁଦିନ ହେଲା ମୁଁ ସୋସାଲିଜିମ ଓ କମ୍ୟୁନିଜିମ ପ୍ରତି ଆକୃଷ୍ଟ ଥିଲି, ରୁଷ ପ୍ରତି ମୋର ଅନୁରାଗ ଥିଲା । ସୋଭିଏଟ ରୁଷର ଅନେକ କଥା ମୁଁ ପସନ୍ଦ କରି ନ ଥିଲି—ସମସ୍ତ ବିରୁଦ୍ଧ ମତର ନିଷ୍ଠୁର ଦମନ, ସର୍ବସାଧାରଣଙ୍କୁ ସୈନ୍ୟଦଳରେ ଯୋଗ ଦେବାକୁ ବାଧ୍ୟ କରିବା ଏବଂ ବିଭିନ୍ନ କାର୍ଯ୍ୟ ପ୍ରଣାଳୀ ଚଳାଇବାପାଇଁ (ମୋ ମତରେ) ଅନାବଶ୍ୟକୀୟ ହିଂସା ପ୍ରୟୋଗକୁ ମୁଁ ପସନ୍ଦ କରୁ ନ ଥିଲି । ମାତ୍ର ପୁଞ୍ଜିବାଦୀ ଦେଶରେ ହିଂସା ଓ ଦମନ କିଛି କମ ପ୍ରୟୋଗ ହେଉ ନ ଥିଲା ଏବଂ ଆମର ଏହି ସମ୍ପତ୍ତିମୂଳକ ସମାଜ ଓ ବ୍ୟକ୍ତିଗତ ସମ୍ପତ୍ତିର ମୂଳଭିତ୍ତି ଯେ ହିଂସା ଏହା କ୍ରମେ ଅଧିକରୂପେ ବୁଝି ପାରିଲି । ହିଂସା ବ୍ୟତୀତ ଏହା ଅଧିକ ଦିନ ତିଷ୍ଠିପାରେ ନାହିଁ । ଲୋକ ଉପରେ ଯେତେବେଳେ ପ୍ରତ୍ୟେକ ସ୍ଥଳରେ ବିରାଟ ଜନସଂଖ୍ୟା ବାଧ୍ୟହୋଇ ମୁଷ୍ଟିମେୟଙ୍କ ପାଖରେ ଆତ୍ମସମର୍ପଣ କରନ୍ତି, ସେମାନଙ୍କର

Digitized by srujanika@gmail.com

ଗୌରବ ଓ ସମ୍ମାନର ବୃଦ୍ଧି କରିବାକୁ ବାଧ୍ୟ ହୁଅନ୍ତି, ସେତେବେଳେ କେବଳ ରାଜନୀତିକ ସ୍ୱାଧୀନତାର ବାସ୍ତବିକ କିଛି ଅର୍ଥ ନାହିଁ ।

ଦୁଇଥିରେ ହିଂସା ଥିଲା; ମାତ୍ର ପୁଞ୍ଜିବାଦୀ ସମାଜରେ ହିଂସା ଅନିବାର୍ଯ୍ୟ ପରି ମନେ ହେଲା । ରୁଷର ହିଂସାନୀତି ଯେତେ ଖରାପ ହେଉ ପଛକେ, ଏହା ଶାନ୍ତି, ସହଯୋଗ ଓ ଜନସାଧାରଣଙ୍କ ପ୍ରକୃତ ସ୍ୱାଧୀନତାମୂଳକ ନୂତନ ସମାଜ ସ୍ଥାପନଲାଗି ଉଦ୍ଦିଷ୍ଟ । ସମସ୍ତ ଦୋଷସତ୍ତ୍ୱେ ସୋଭିଏଟ ରୁଷ ବହୁବିଧ ବାଧା ଅତିକ୍ରମ କରିପାରିଛି ଏବଂ ନୂତନ ସମାଜ ଦିଗରେ ଅନେକ ଦୂର ଅଗ୍ରସର ହୋଇପାରିଛି । ସମଗ୍ର ଜଗତ ଏକ ଆର୍ଥିକ ସଙ୍କଟରେ ପଡ଼ି ପଛକୁ ଯାଉଥିଲାବେଳେ ସୋଭିଏଟ ଦେଶରେ ଆମ ସମ୍ମୁଖରେ ଗୋଟିଏ ବିରାଟ ନୂତନ ଦୁନିଆ ତିଆରି ହୋଇଚଲେ । ମହାନ୍ ଲେନିନଙ୍କୁ ଅନୁସରଣ କରି ରୁଷ ଭବିଷ୍ୟତ ପ୍ରତି ଦୃଷ୍ଟି ଦେଇ କ'ଣ ହେବ ସେଥିପ୍ରତି ନଜର ଦେଉଥିଲା—ଅଥଚ ଅନ୍ୟ ଦେଶସବୁ ନିର୍ଜୀବ ଅତୀତ ସହିତ ମୃତଭାବରେ ଜଡ଼ିତ ହୋଇ ଭୂତକାଳର ମୂଲ୍ୟହୀନ ପ୍ରତୀକ ରକ୍ଷା କରିବାରେ ଶକ୍ତି ନଷ୍ଟ କରୁଥିଲା । ବିଶେଷତଃ ସୋଭିଏଟ ତନ୍ତ୍ର ଅଧୀନରେ ମଧ୍ୟଏସିଆର ଅନୁନ୍ନତ ଅଞ୍ଚଳସବୁ ଯେପରି ପ୍ରଗତି କରିଥିଲା ତାହା ଦେଖି ମୁଁ ଅତ୍ୟନ୍ତ ମୁଗ୍ଧ ହୋଇଥିଲି । ସେଥିଯୋଗୁ ମୋଟାମୋଟି ମୁଁ ରୁଷ ସପକ୍ଷରେ ଥିଲି ଏବଂ ଏକ ଅନ୍ଧକାର ଓ ବିପର୍ଯ୍ୟସ୍ତ ଜଗତ ଭିତରେ ସୋଭିଏଟ ଆଦର୍ଶ ଗୋଟାଏ ଉଜ୍ଜ୍ୱଳ ଆଶା ଆଲୋକ ପରି ରହିଥିଲା ।

କମ୍ୟୁନିଷ୍ଟ ତନ୍ତ୍ର ସ୍ଥାପନ ଦିଗରେ ସୋଭିଏଟ ରୁଷର କାର୍ଯ୍ୟର ପରୀକ୍ଷାର ଗୁରୁତ୍ୱର ସଫଳତା ବା ନିଷ୍ଫଳତା ଅନେକ ପରିମାଣରେ ନିର୍ଭର କରୁଥିଲେ ସୁଦ୍ଧା କମ୍ୟୁନିଷ୍ଟ ମତବାଦର ଅଭ୍ରାନ୍ତତା ସହିତ ଏହାର ସମ୍ପର୍କ ନ ଥିଲା । ଜାତୀୟ ବା ଅନ୍ତର୍ଜାତୀୟ କାରଣରୁ ବଲଶେଭିକମାନେ ହୁଏତ ସଫଳତା ଲାଭ କରି ପାରନ୍ତି କିମ୍ବା ଅକୃତକାର୍ଯ୍ୟ ହୋଇପାରନ୍ତି; ତଥାପି କମ୍ୟୁନିଷ୍ଟ ମତବାଦ ଠିକ ରହିଥିବ । ଏହି ମତବାଦକୁ ବିଓ ବରି ରୁଷରେ ଯାହା ହୋଇଛି ତାହାକୁ ଅନ୍ଧଭାବରେ ଅନୁକରଣ କରିବା ହେଉଛି

Digitized by srujanika@gmail.com

ମୂର୍ଖତା, କାରଣ ଏହାର ପ୍ରୟୋଗ ସମ୍ପୂର୍ଣ୍ଣ ଦେଶର ବର୍ତ୍ତମାନ ଅବସ୍ଥିତ ଏବଂ ଐତିହାସିକ ପ୍ରଗତିର ଅବସ୍ଥା ଉପରେ ନିର୍ଭର କରେ । ଏହା ବ୍ୟତୀତ ଭାରତ ଓ ଅନ୍ୟ ଦେଶମାନେ ବଲ୍‌ସେଭିକ୍‌ମାନଙ୍କର ଜୟ ବା ଭୁଲରୁ ବହୁତ ଲାଭ ଉଠାଇ ପାରିବେ । ସମ୍ଭବତଃ ବଲ୍‌ସେଭିକ୍‌ମାନେ ଅତିଶୀଘ୍ର କାର୍ଯ୍ୟ କରିବାକୁ ଚାହୁଁଥିଲେ—କାରଣ ଚାରିଆଡ଼େ ସେମାନେ ଶତ୍ରୁ ପରିବେଷ୍ଟିତ ହୋଇଥିଲେ—ତାହାର ଆକ୍ରମଣର ଆଶଙ୍କା ଥିଲା । ଧୀରେ କାର୍ଯ୍ୟ ହୋଇଥିଲେ ମଫସଲ ଅଞ୍ଚଳର ଦୁଃଖ ଦୁର୍ଦ୍ଦଶା ଅନେକ ପରିମାଣରେ ଦୂର ହୋଇଥାଆନ୍ତା । କିନ୍ତୁ ପ୍ରଶ୍ନ ଉଠିଲା ପରିବର୍ତ୍ତନକୁ ଧୀରେ ଧୀରେ କରିଦେଲେ କ'ଣ ଆମୂଳ ପରିବର୍ତ୍ତନର ପ୍ରକୃତ ଫଳ ମିଳି ପାରିବ ? ମୌଳିକ ଉତ୍ତର ପରିବର୍ତ୍ତନ କରୁଥିବା ବେଳେ ସମ୍ଭାବନାବାଦଦ୍ୱାରା କୌଣସି ସଙ୍କଟଜନକ ପରିସ୍ଥିତିର ସମାଧାନ ହେବା ଅସମ୍ଭବ । ପରେ ପ୍ରଗତି ଯେତେ ମନ୍ଥର ଗତିରେ ହେଉ ପଛକେ, ପ୍ରଥମେ ପ୍ରଚଳିତ ସମାଜକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବାକୁ ହେବ । ପ୍ରଚଳିତ ସମାଜର ଦିନକାଳ ସରିଯାଇଛି; ଏହା କେବଳ ଭବିଷ୍ୟତ ଉନ୍ନତି ପଥରେ ଗୋଟାଏ ବୋଝ ପରି ରହିଛି ।

ଭାରତରେ ଜମି, କଳକାରଖାନା ଏବଂ ଦେଶର ଅନ୍ୟ ସକଳ ବୃହତ୍ ସମସ୍ୟା କେବଳ ବୈପ୍ଳବିକ କାର୍ଯ୍ୟକ୍ରମଦ୍ୱାରା ସମାଧାନ ହୋଇପାରେ । ଲଏଡ଼ ଜର୍ଜ ତାଙ୍କର 'ଯୁଦ୍ଧ ସ୍ମୃତି' ପୁସ୍ତକରେ ଲେଖିଛନ୍ତି—"ଦୁଇ ଲମ୍ଫ ପ୍ରଦାନରେ ଗହ୍ୱରରୁ ଉଠିବାର ଚେଷ୍ଟା କରିବା ଅପେକ୍ଷା ଗୁରୁତର ଭୁଲ ଆଉ ନାହିଁ ।"

ରୁଷ ଛଡ଼ା ମାର୍କସ ମତବାଦ ଓ ଦର୍ଶନ ମୋ ମନରୁ ଅନେକ ଅନ୍ଧକାର ଭାବ ଉଜ୍ଜ୍ୱଳ କରିଦେଲା । ଇତିହାସ ନୂତନ ଅର୍ଥରେ ବୁଝି ପାରିଲି । ମାର୍କସ ପ୍ରଣାଳୀରେ ବ୍ୟାଖ୍ୟା କରିବାଦ୍ୱାରା ଏକ ନୂତନ ଆଲୋକ ଏହା ଉପରେ ପଡ଼ିଲା ଏବଂ ଅଚେତନ ଭାବରେ ହେଲେ ସୁଦ୍ଧା ଐତିହାସିକ ଧାରା ଏକ ଶୃଙ୍ଖଳା ଓ ଉଦ୍ଦେଶ୍ୟମୂଳକ ମୋତେ ଦେଖା ଦେଲା । ଅତୀତ ଓ ବର୍ତ୍ତମାନର ଗହ୍ୱରହତାଶା ଓ ଦୁର୍ଦ୍ଦଶାସତ୍ତ୍ୱେ ଆମେ ଭବିଷ୍ୟତକୁ ଉଜ୍ଜ୍ୱଳ

Digitized by srujanika@gmail.com

ଆଶା ଦୃଷ୍ଟିରେ ଦେଖିଲି—ଅବଶ୍ୟ ଅନେକ ଗଳଦ ରହିଛି । ଯୁକ୍ତିହୀନ ମତବାଦରୁ ମୁକ୍ତ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣଯୋଗୁଁ ମାର୍କସ ମତବାଦ ପ୍ରତି ମୁଁ ଆକୃଷ୍ଟ ହେଲି । ଏ କଥା ସତ୍ୟ ରୁଷ ଏବଂ ଅନ୍ୟାନ୍ୟ ସ୍ଥାନରେ କମ୍ୟୁନିଜିମ ଭିତରେ ବହୁତ ଅନ୍ଧ ମତବାଦ ରହିଛି ଏବଂ ଅନେକ ସମୟରେ ପୀଡ଼ାଦାୟକ ବ୍ୟବସ୍ଥା ଅବଲମ୍ବନ କରାଯାଏ । ଏହା ନିତାନ୍ତ ଖରାପ ମନେହେଲା । ଅବଶ୍ୟ ଏହା ବୁଝି ପାରିବା କିଛି କଷ୍ଟକର ନ ଥିଲା । କାରଣ ଯେତେବେଳେ ସୋଭିଏଟ ଦେଶମାନଙ୍କରେ ଦ୍ରୁତ ପରିବର୍ତ୍ତନ ଘଟୁଛି, ସେତେବେଳେ କୌଣସି ଶଲୁଷ ମତବାଦକୁ ପ୍ରବଳ ହେବାକୁ ଦେଇଥିଲେ ବଡ଼ ଭୟଙ୍କର ପରିଣତି ହୋଇଥାଆନ୍ତା ।

ଜଗତ୍‌ବ୍ୟାପୀ ମାନ୍ଦା ଓ ପୃଥିବୀ ସଙ୍କଟ ହେତୁ ମାର୍କସୀୟ ବିଶ୍ଳେଷଣର ଯଥାର୍ଥତା ପ୍ରମାଣିତ ହେଲା । ଯେତେବେଳେ ଅନ୍ୟସବୁ ମତବାଦ ଓ ପ୍ରଥା ଅନ୍ଧକାରରେ ପଡ଼ି ବାଟ ପାଇ ନାହାନ୍ତି, ସେତେବେଳେ ମାର୍କସବାଦ ହିଁ ଅନେକ ଅଧିକ ସନ୍ତୋଷଜନକ ଭାବରେ ଏହାକୁ ବୁଝାଇ ପାରି ଗୋଟାଏ ପ୍ରକୃତ ସମାଧାନର ବାଟ ଦେଖାଇଛି ।

ମୋର ବିଶ୍ୱାସ ବଢ଼ିବା ସଙ୍ଗେ ସଙ୍ଗେ ଗୋଟାଏ ନୂତନ ଉତ୍ତେଜନାରେ ମୋର ମନ ପୂର୍ଣ୍ଣ ହୋଇଗଲା ଏବଂ ଆଇନ ଅମାନ୍ୟ ଆନ୍ଦୋଳନର ଅସଫଳତା ହେତୁ ହତାଶ ଭାବ ଅଧିକ ହେଲା ନାହିଁ । ପୃଥିବୀ ଇପ୍‌ସିତ ପୂର୍ଣ୍ଣତା ଆଡ଼କୁ ଦ୍ରୁତଗତିରେ ଅଗ୍ରସର ହେଉ ନାହିଁ କି ? ଯୁଦ୍ଧ ଓ ପ୍ରଳୟର ଆଶଙ୍କା ସମ୍ମୁଖରେ ଅଛି । ମାତ୍ର ଯାହା ହେଉ ଆମେ ଅଗ୍ରସର ହେଉଛୁଁ । କେହି ସ୍ଥିର ହୋଇ ବସି ନାହିଁ । ଏହି ଦୀର୍ଘ ଯାତ୍ରାରେ ଆମର ଜାତୀୟ ସଂଗ୍ରାମ ଏକ ସୋପାନ ମାତ୍ର । ଦମନ ଏବଂ କଷ୍ଟ ଭଲ—ଏହା ଆମ ଲୋକଙ୍କୁ ଭବିଷ୍ୟତ ସଂଗ୍ରାମପାଇଁ ପ୍ରସ୍ତୁତ କରୁଛି ଏବଂ ଜଗତରେ ଯେଉଁ ନୂତନ ଭାବଧାରା ଖେଳୁଛି ସେ ସମ୍ବନ୍ଧରେ ଏମାନଙ୍କୁ ଭାବିବାଲାଗି ବାଧ୍ୟ କରୁଛି । ଆମେ ଦୁର୍ବଳ ଲୋକେ ତ୍ୟାଗ କରିବାଦ୍ୱାରା ଅଧିକ ଦୃଢ଼, ଶୃଙ୍ଖଳିତ ଏବଂ ବଳବାନ୍ ହେବା । କାଳ ଆମ ସପକ୍ଷରେ ଅଛି ।

Digitized by srujanika@gmail.com

ସୋଭିଏତ୍ ରୁଷ, ଜର୍ମାନୀ, ଇଂଲଣ୍ଡ, ଆମେରିକା, ଜାପାନ, ଚୀନ୍, ଫ୍ରାନ୍ସ, ସ୍ପେନ, ଇଟାଲି ଓ କେନ୍ଦ୍ର ୟୁରୋପରେ କ'ଣ ଘଟୁଛି ତାହା ମୁଁ ଯତ୍ନର ସହିତ ଅଧ୍ୟୟନ କରୁଥିଲି ଏବଂ ସମସାମୟିକ ଘଟଣାବଳୀର ଜଟିଳ ଜାଳ ବୁଝିବାକୁ ଚେଷ୍ଟା କରୁଥିଲି । ପ୍ରତ୍ୟେକ ଦେଶର ଉଦ୍ୟମକୁ ମୁଁ ଅଲଗା ଭାବରେ ଆଗ୍ରହ ସହିତ ଲକ୍ଷ କଲି ଏବଂ ମିଶ୍ରିତ ଭାବରେ ପ୍ରତ୍ୟେକ ଦେଶ କିପରି ସାଧାରଣ ଅବସ୍ଥାରୁ ଯୁଦ୍ଧ ମଧ୍ୟରେ ପ୍ରବେଶ କରୁଛି, ତାହା ଲକ୍ଷ୍ୟ କଲି । ରାଜନୈତିକ ଓ ଅର୍ଥନୈତିକ ଦୁର୍ଗତିରୁ ବାଟ ଖୋଜିବାଲାଗି ଏବଂ ନିରସ୍ତ୍ରୀକରଣ ସମସ୍ୟାର ସମାଧାନଲାଗି ବାରମ୍ବାର ଆନ୍ତର୍ଜାତିକ ସମ୍ମିଳନୀର ନିଷ୍ଫଳତା ଦେଖି ଆମ ନିଜ ଦେଶର ସାମ୍ପ୍ରଦାୟିକ ସମସ୍ୟା କଥା ମୋ ମନରେ ଉଠିଲା । ଜଗତରେ ସଦିଚ୍ଛାର ଅଭାବ ନଥିଲେ ମୁଦ୍ଧା ଆମେ ଏହି ସମସ୍ୟାର ସମାଧାନ କରିପାରିନାହୁଁ; ବ୍ୟର୍ଥ ହେଲେ ପୃଥିବୀରେ ସଙ୍କଟକାଳ ଉପୁଜିବ ବୋଲି ସମସ୍ତେ ବୁଝିଥିଲେ ମୁଦ୍ଧା ୟୁରୋପ ଓ ଆମେରିକାର ପ୍ରସିଦ୍ଧ ରାଜନୀତିକମାନେ ଏକମତ ହୋଇ ଗତି କରିପାରିଲେ ନାହିଁ । ଯେ ଭାବରେ ହେଉ ପଛକେ ଭୁଲ ବାଟରେ ସମସ୍ୟା ପ୍ରତି ଦୃଷ୍ଟି ଦିଆଗଲା ଏବଂ ସମ୍ପୃକ୍ତ ଲୋକେ ଠିକ୍ ବାଟରେ ଯିବାକୁ ସାହସ କରି ନ ଥିଲେ ।

ପୃଥିବୀର ଦୁଃଖ ଦୈନ୍ୟ କଥା ଚିନ୍ତାକରି ମୁଁ କେତେକ ପରିମାଣରେ ମୋର ବ୍ୟକ୍ତିଗତ ଏବଂ ଦେଶର ଅସୁବିଧା ଭୁଲିଗଲି । ପୃଥିବୀ ଇତିହାସର ଏହି ବିରାଟ ବିପ୍ଳବ ଅମଳରେ ମୁଁ ବଞ୍ଚିଥିବାରୁ ବେଳେ ବେଳେ ବହୁ ଉତ୍ଫୁଲ୍ଲ ହୋଇ ଉଠେ । ମୋର ବିରାଟ ପରିବର୍ତ୍ତନ ଆସୁଛି, ସମ୍ଭବତଃ ମୁଁ ପୃଥିବୀରେ ମୋର ଏହି କ୍ଷୁଦ୍ର ଗୃହ କୋଣରେ ପଡ଼ି ସାମାନ୍ୟ ଭାଗ ନେଇ ପାରିବ । ବେଳେ ବେଳେ ସମଗ୍ର ଦୁନିଆରେ ହିଂସା ଓ ଦ୍ୱନ୍ଦ୍ୱର ବାୟୁମଣ୍ଡଳ ଦେଖି ମୋତେ ବଡ଼ ହତାଶ ଲାଗେ । ଆହୁରି ଅଧିକ ଖରାପ ହେଉଛି ଯେ ଶିକ୍ଷିତ ନରନାରୀ ମାନବସମାଜର ଅଧୋଗତି ଓ ଦାସତ୍ୱରେ ଏପରି ଚଳି ଯାଉଛନ୍ତି ଯେ କୌଣସି ଦୁଃଖ, ଦାରିଦ୍ର୍ୟ ଏବଂ ଅମାନୁଷିକ ବ୍ୟବହାର ବିରୁଦ୍ଧରେ ମତ ପ୍ରକାଶ କରିବା ନିମନ୍ତେ ସେମାନେ ଜଡ଼

Digitized by srujanika@gmail.com

ହୋଇଯାଇଛନ୍ତି । ଏଠି କମ୍ୟୁନିଷ୍ଟ ନେତାଙ୍କ ବାମୂମଣ୍ଡଳୀଙ୍କ ଗଣ୍ଡିମୁକ୍ତ ଅସାରତା ଏବଂ ସଂଗଠିତ ଶୂନ୍ୟତାର ଆସ୍ଫାଳନ ବୃଦ୍ଧି ପାଉଛି ଏବଂ ଭଲ ଲୋକେ ନୀରବ ରହୁଛନ୍ତି । ହଙ୍ଗେରୀର ଜନ୍ମ ଏବଂ 'କଳା ଡାଇରି' ଦେଖି ମୁଁ ମର୍ମାହତ ହୋଇଥିଲି; ମାତ୍ର ଏହା ଉଦ୍ୟୋଗୀ ଭାବ ସାନ୍ତ୍ୱନା ଲଭିଥିଲି; ମନେ ହେଲା ମନୁଷ୍ୟର ସମସ୍ତ ଉଦ୍ୟମ ଯେପରି ବ୍ୟର୍ଥ । ପରନ୍ତୁ ଅନ୍ତର୍ଭାବରେ ଚିନ୍ତା କରୁଛି—ଗୋଟାଏ ଛୋଟ ଦଳ ବାଠେ ଏଥିରେ କ'ଣ ରହିପାରନ୍ତା ?

ତଥାପି ଜୀବନରେ କମ୍ୟୁନିଷ୍ଟ ଦର୍ଶନ ମୋତେ ସାନ୍ତ୍ୱନା ଓ ଆଶା ଦେଲା । ଏହା ଭାରତରେ କପରି ପ୍ରଯୋଗ ହେବ ? ଆମେ ଆଜି ପର୍ଯ୍ୟନ୍ତ ଜାତୀୟ ସ୍ୱାଧୀନତାର ପ୍ରଶ୍ନ ସମାଧାନ କରିପାରିନାହୁଁ ଏବଂ ଏବେ ସୁଦ୍ଧା ଆମ ମନରେ ଜାତୀୟତାବାଦ ପୂର୍ଣ୍ଣ ହୋଇଛି । ଆମେ ଏକ ସଙ୍ଗରେ ଆର୍ଥିକ ସ୍ୱାଧୀନତା କଥା ଧରିବା ନା ଯେତେ ଜମ ସମସ୍ୟା ଲଗୁ ପଡୁଛି ଏହା ସମେ ଆସିବ ଏହି ପ୍ରଶ୍ନ ଥିଲା ? ପୃଥିବୀର ଘଟଣାବଳୀ ଏବଂ ଭାରତର କେତେକ ଘଟଣାରେ ଧାର୍ମିକ ସମସ୍ୟା ଆଗକୁ ଆସିଲା ଏବଂ ବୋଧହେଲା ଯେ ରାଜନୈତିକ ସ୍ୱାଧୀନତା ଆଉ ଏଥିରୁ ବିଚ୍ଛିନ୍ନ ହୋଇପାରେନା ।

ଭାରତରେ ବ୍ରିଟିଶ ସରକାରର ନୀତି ଫଳରେ ସାମାଜିକ ପ୍ରତିକ୍ରିୟା ଶ୍ରେଣୀ ଜାତୀୟ ସ୍ୱାଧୀନତାର ବିପକ୍ଷରେ ଯାଉଥିଲା । ଏହା ହେବା ସ୍ୱାଭାବିକ ଏବଂ ଭାରତର ଭିନ୍ନ ଶ୍ରେଣୀ ଓ ଦଳଙ୍କ ଭିତରେ ଏହି ଯେ ସୀମାରେଖା ସୃଷ୍ଟି ହୋଇଗଲା ଏହା ମୁଁ ବୁଝୁଥିଲି । ମାତ୍ର ଅନ୍ୟମାନେ ଏହା ପସନ୍ଦ କରୁଥିଲେ କି ? ସମ୍ଭବତଃ ଅନେକ ପସନ୍ଦ କରୁ ନ ଥିଲେ । ଏକଥା ସତ୍ୟ ଯେ କେତେକ ବଡ଼ ସହରରେ ମୁଷ୍ଟିମେୟ ଉଚ୍ଚଶିକ୍ଷିତ କମ୍ୟୁନିଷ୍ଟ ଥିଲେ—ସେମାନେ ଜାତୀୟ ଆନ୍ଦୋଳନର କଡ଼ା ସମାଲୋଚନା କରୁଥିଲେ ଏବଂ ବିରୋଧ କରୁଥିଲେ । ବିଶେଷଭାବରେ ବମ୍ବେ ଏବଂ ଅନ୍ୟ ସ୍ଥାନମାନଙ୍କରେ କଲିକତାରେ ସଂଗଠିତ ଶ୍ରମିକ ଆନ୍ଦୋଳନ ଶିଥିଳଭାବରେ ସାମ୍ୟବାଦୀମୂଳକ ଥିଲା—ମାତ୍ର ଏହା ଠିକ ଠିକ ହୋଇ ଭାଙ୍ଗିପଡ଼ିଲା ଏବଂ ଆର୍ଥିକ ସଙ୍କଟର ଆଘାତ ପାଇଲା । ଶିକ୍ଷିତଲୋକେ ଏପରି କି ଶିକ୍ଷିତ

Digitized by srujanika@gmail.com

ସରକାରୀ ଯୁବକମାନଙ୍କ ଭିତରେ ଅସ୍ପଷ୍ଟରୂପେ କମ୍ୟୁନିଷ୍ଟ ଓ ସୋସଲିଷ୍ଟ ଧାରଣା ଜନ୍ମିଥାଏ । କଂଗ୍ରେସର ତରୁଣ ନରନାରୀ ଯେଉଁମାନେ ଗଣତନ୍ତ୍ର ସମ୍ବନ୍ଧରେ ବ୍ରାଇସ, ମର୍ଲେ, କିଥ୍ ଓ ମାଜିନି ଆଦିଙ୍କର ପୁସ୍ତକ ପଢ଼ୁଥିଲେ ସେମାନେ ସୋସଲିଜମ୍, କମ୍ୟୁନିଜମ୍ ଓ ରୁଷ ସମ୍ବନ୍ଧରେ ପୁସ୍ତକ ପାଇଲେ ପଢ଼ିବାକୁ ଲାଗିଥିଲେ । ଏହି ନୂତନ ମତବାଦପ୍ରତି ମିରଟ ଷଡ଼ଯନ୍ତ୍ର ମକଦ୍ଦମା ହେତୁ ଅଧିକ ଲୋକଙ୍କର ମନ ଆକୃଷ୍ଟ ହୋଇଥିଲା ଏବଂ ପୃଥିବୀ ସଙ୍କଟ ମଧ୍ୟ ବାଧ୍ୟ କରିଥିଲା । ପ୍ରତ୍ୟେକ ସ୍ଥାନରେ ଗୋଟାଏ ସନ୍ଧିସ୍ଥଳର ନୂତନ ଭାବ ଏବଂ ପ୍ରଚଳିତ ସମାଜ ଉପରେ ସନ୍ଦେହ ପ୍ରତ୍ୟେକ ସ୍ଥାନରେ ଦେଖାଗଲା । ମନପବନର ସାଧାରଣ ଗତି କେଉଁଆଡ଼େ ତାହା ବୁଝି ଯାଉଛୁ—ମାତ୍ର ଏହି ପବନର ଗତି ଏବେ ସୁଦ୍ଧା ମନ୍ଥର ଓ ଅନିଶ୍ଚିତ । କେତେକ ଲୋକ ଫାସିଷ୍ଟ ମତବାଦ ନେଇ ବୁଲିଲେ । ଗୋଟିଏ ପରିଷ୍କାର ଓ ନିର୍ଦ୍ଦିଷ୍ଟ ମତବାଦର ଅଭାବ ଥିଲା । ଜାତୀୟତାହିଁ ଅଧିକ ଚିନ୍ତା ଥିଲା । ମୋତେ ପରିଷ୍କାର ବୋଧ ହେଲା ଯେ କେତେକ ପରିମାଣରେ ରାଜନୈତିକ ସ୍ୱାଧୀନତା ପାଇବାପର୍ଯ୍ୟନ୍ତ ଜାତୀୟତାହିଁ ମୁଖ୍ୟ ପ୍ରେରଣା ହୋଇ ରହିବ । ଏହି କାରଣରୁ କଂଗ୍ରେସ ଅତୀତର ଏବଂ ବର୍ତ୍ତମାନମଧ୍ୟ (କେବଳ କେତେକ ଶ୍ରମିକ ଅଞ୍ଚଳ ଛଡ଼ା) ଭାରତର ସର୍ବାପେକ୍ଷା ଅଧିକ ପ୍ରଗତିଶୀଳ ଓ ଶକ୍ତିଶାଳୀ ଅନୁଷ୍ଠାନ ହୋଇ ରହିଛି । ଗତ ୧୩ ବର୍ଷ ଭିତରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଏହାର ଅସ୍ପଷ୍ଟ ବୁର୍ଜୋଆ ମତବାଦସତ୍ତ୍ୱେ ଏହା ଜନସାଧାରଣଙ୍କ ଭିତରେ ଏକ ଅପୂର୍ବ ଜାଗ୍ରତ ଆଣି ପାରିଛି—ଏହା ଏକ ବିପ୍ଳବ ଉଦ୍ଦେଶ୍ୟ ସାଧନ କରିଛି । ଏହାର କାର୍ଯ୍ୟକାରିତା ଏବେ ସୁଦ୍ଧା ଶେଷ ହୋଇନାହିଁ ଏବଂ ଜାତୀୟ ପ୍ରେରଣା ସାମାଜିକଭାବରେ ପରିଣତ ନହେବା ପର୍ଯ୍ୟନ୍ତ ଏହା ଶେଷ ହେବା ସମ୍ଭବ ନୁହେଁ । ଅତଏବ ମତବାଦ ଏବଂ କାର୍ଯ୍ୟପନ୍ଥାର ଉଭୟ ବୃଦ୍ଧିରୁ ଭବିଷ୍ୟତ ପ୍ରଗତିହିଁ କଂଗ୍ରେସ ସହିତ ସଂଯୁକ୍ତ ହୋଇ ରହିବ—ଅବଶ୍ୟ ଅନ୍ୟ ଉପାୟସବୁ ବ୍ୟବହୃତ ହେବ ।

ମୋ ମତରେ କଂଗ୍ରେସ ଛାଡ଼ିବା ଅର୍ଥ ଜାତୀୟ ଜୀବନରୁ ନିଜକୁ ବିଚ୍ଛିନ୍ନ କରିବା—ଆମର ଅଧିକ ଶକ୍ତିଶାଳୀ ଅସ୍ତ୍ରକୁ ମୁଣ୍ଡା କରିବା ଏବଂ

Digitized by srujanika@gmail.com

ଅକାର୍ଯ୍ୟକାରୀ ବାଦତ୍ୱରେ ନିଜ ଶକ୍ତି ଅପଚୟ କରିବା । ତଥାପି କଂଗ୍ରେସ ସେପରି ଭାବରେ ଗଢ଼ା ଏହା କେବେ ସାମାଜିକ ସମସ୍ୟାର ଆମୂଳ ପରିବର୍ତ୍ତନ କଳପରି ସାଧନାର ଉପାୟ ଗ୍ରହଣ କରିବ କି ? ଏପରି ଏକ ସମସ୍ୟା ଏହା ଆଗରେ ଉପସ୍ଥାପିତ ହେଲେ ଏହି ଦୁଇ ବା ଅଧିକ ଭାଗରେ ବିଭକ୍ତ ହେବା ସ୍ୱାଭାବିକ ଅଥବା ଅନ୍ତତଃ ବହୁସଂଖ୍ୟକ ଲୋକ ଏଥିରୁ ଅନ୍ତର ହୋଇଯିବେ । ସମସ୍ୟାଗୁଡ଼ିକ ଯଦି ସ୍ପଷ୍ଟରୂପେ ରହେ ଏବଂ କଂଗ୍ରେସ ଭିତରେ ଅଧିକସଂଖ୍ୟକ ହେଉ ବା ଅଳ୍ପସଂଖ୍ୟକ ହେଉ ଯଦି ସୁସଂଗଠିତ ଦଳ ଏକ ବୈପ୍ଳବିକ ସାମାଜିକ କାର୍ଯ୍ୟପନ୍ଥା ଆଗରେ ରଖନ୍ତି, ତେବେ ଏହି ବିବାଦ କିଛି ଅବାଞ୍ଛନୀୟ ନୁହେଁ ।

ମାତ୍ର ଏବେ କଂଗ୍ରେସ ବୋଇଲେ ବୁଝାଏ ଗାନ୍ଧିଜୀ ? ସେ କ'ଣ କରିବେ ? ମତବାଦଦୃଷ୍ଟିରେ ଅନେକ ସମୟରେ ସେ ଅଦ୍ଭୁତ ଭାବରେ ପଶ୍ଚାତ୍‌ପଦ; ମାତ୍ର କାର୍ଯ୍ୟ ଦୃଷ୍ଟିରେ ଭାରତରେ ସେ ସର୍ବାପେକ୍ଷା ଅଧିକ ବିପ୍ଳବୀ । ତାଙ୍କର ଅଦ୍ଭୁତ ବ୍ୟକ୍ତିତ୍ୱ—ତାଙ୍କୁ ସାଧାରଣ ଭାବରେ ବିଚାର କରିବା ସମ୍ଭବ ନୁହେଁ କିମ୍ବା ଯୁକ୍ତିତର୍କର ସାଧାରଣ ଉପାୟ ତାଙ୍କ ସମ୍ବନ୍ଧରେ ପ୍ରୟୋଗ କରାଯାଇ ନପାରେ । ମାତ୍ର ସେ ଅନ୍ତରରେ ବିପ୍ଳବୀ ହୋଇଥିବାରୁ ଏବଂ ଭାରତ ରାଜନୀତିକ ସ୍ୱାଧୀନତା ନିମନ୍ତେ ବଦ୍ଧପରିକର ହୋଇଥିବାରୁ ସେହି ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ସେ କୌଣସିପ୍ରକାର ମିଳାମିଶା ନ କରି କାର୍ଯ୍ୟ କରିବେ । ଏହି ଚେଷ୍ଟାରେ ଗଣଶକ୍ତି ଅଧିକ ଅଗ୍ରସର ହେବ ଏବଂ ସେ ନିଜେ କ୍ରମେ ସମାଜ ଆଦର୍ଶରେ ଅଗ୍ରସର ହେବେ ବୋଲି ମୁଁ ମଧ୍ୟ ଆଶା କରିଥିଲି ।

ଅନେକ ବର୍ଷ ହେଲା ଭାରତ ଓ ବାହାରେ ରକ୍ଷଣଶୀଳ କମ୍ୟୁନିଷ୍ଟ-ମାନେ ଗାନ୍ଧିଜୀ ଓ କଂଗ୍ରେସ ଉପରେ ତୀବ୍ର ଆକ୍ରମଣ ଚଳାଇଛନ୍ତି ଏବଂ କଂଗ୍ରେସ ନେତାମାନଙ୍କ ଉପରେ ନାନା ଜାତି ଅଭିସନ୍ଧି ଆରୋପ କରିଛନ୍ତି । କଂଗ୍ରେସ ଆଦର୍ଶ ସମ୍ବନ୍ଧରେ ସେମାନଙ୍କର ମତବାଦ ନେଇ ସମାଲୋଚନା କେତେକାଂଶରେ ନିର୍ଦ୍ଦିଷ୍ଟ ଏବଂ ପରବର୍ତ୍ତୀ ଘଟଣାରେ ତାହାର ଯଥାର୍ଥତା କେତେକାଂଶରେ ପ୍ରମାଣିତ ହୋଇଛି । ଭାରତର

Digitized by srujanika@gmail.com

ସାଧାରଣ ରାଜନୀତିକ ପରିସ୍ଥିତି ସମ୍ବନ୍ଧରେ ପ୍ରଥମେ ହୋଇଥିବା କେତେକ କମ୍ୟୁନିଷ୍ଟ ବିଶ୍ଳେଷଣ ଅପୂର୍ବ ପ୍ରକାରେ ଠିକ୍ ହୋଇଥିଲା । ମାତ୍ର ସେମାନେ ସାଧାରଣ ନୀତି ଛାଡ଼ି ଯେତେବେଳେ ବିସ୍ତୃତ ବର୍ଣ୍ଣନା ଭିତରକୁ ଆସନ୍ତି ଏବଂ ଯେତେବେଳେ କଂଗ୍ରେସର ସ୍ଥାନ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଆନ୍ତି, ସେତେବେଳେ ସେମାନେ ମାରାତ୍ମକ ଭୁଲ କରନ୍ତି । ଭାରତରେ କମ୍ୟୁନିଷ୍ଟମାନଙ୍କର ପ୍ରଭାବ ଓ ସଂଖ୍ୟା ବୃଦ୍ଧି ନ ହେବାର ଗୋଟିଏ କାରଣ ହେଉଛି ଯେ ସେମାନେ କମ୍ୟୁନିଜମ ସମ୍ବନ୍ଧରେ ବୈଜ୍ଞାନିକ ଜ୍ଞାନ ପ୍ରଚାର କରି ଲୋକଙ୍କ ମନକୁ ସେଥିରେ ଆକର୍ଷିତ କରିବା ପରିବର୍ତ୍ତେ ଅନ୍ୟମାନଙ୍କୁ ଗାଳି ଦେବାରେ ହିଁ ବେଶୀ ଲାଗିପଡ଼ନ୍ତି । ଏହାର ପ୍ରତିକ୍ରିୟା ତାଙ୍କ ଉପରେ ପଡ଼ୁଛି ଓ ସେମାନଙ୍କର ଶତ୍ରୁ ଛିଡ଼ା ହୋଇଛି । ସେମାନଙ୍କ ଭିତରୁ ଅଧିକାଂଶ ଶ୍ରମିକମାନଙ୍କ ଭିତରେ କାର୍ଯ୍ୟ କରନ୍ତି, ଏବଂ ସାଧାରଣତଃ ଶ୍ରମିକମାନଙ୍କୁ ଜୟ କରିବାପାଇଁ କେତୋଟି ଧ୍ୱନି ଯଥେଷ୍ଟ । ମାତ୍ର ଶିକ୍ଷିତ ଲୋକେ ଖାଲି ଧ୍ୱନିରେ ଭୁଲିଯିବେ ନାହିଁ ଏବଂ ଭାରତରେ ମଧ୍ୟବିତ୍ତ ଶିକ୍ଷିତ ଶ୍ରେଣୀ ଯେ ସବାପେକ୍ଷା ଅଧିକ ବିପ୍ଳବୀ ଶକ୍ତି, ତାହା ସେମାନେ ଆଜି ସୁଦ୍ଧା ବୁଝିନାହାନ୍ତି । ରକ୍ଷଣଶୀଳ କମ୍ୟୁନିଷ୍ଟମାନଙ୍କର ଏପରି କାର୍ଯ୍ୟ-ସତ୍ତ୍ୱେ ଅନେକ ଶିକ୍ଷିତ ଲୋକ କମ୍ୟୁନିଜମ୍ ଆଡ଼କୁ ଆକୃଷ୍ଟ ହୋଇଛନ୍ତି । ତଥାପି ସେମାନଙ୍କ ଭିତରେ ବ୍ୟବଧାନ ରହିଛି ।

କମ୍ୟୁନିଷ୍ଟମାନଙ୍କ ମତରେ ଭାରତର ପୁଞ୍ଜିପତି ଓ ଜମିଦାରମାନଙ୍କ ସ୍ୱାର୍ଥ ସକାଶେ କେତେକ ଶିଳ୍ପ ଓ ବ୍ୟବସାୟଗତ ସୁବିଧା ଆଣିବା ନିମନ୍ତେ କଂଗ୍ରେସ ନେତାମାନେ ସରକାର ଉପରେ ଜନସାଧାରଣଙ୍କଦ୍ୱାରା ଚାପ ଦେଉଛନ୍ତି । କଂଗ୍ରେସର କାର୍ଯ୍ୟ ହେଉଛି "କୃଷକ, ନିମ୍ନ ମଧ୍ୟବିତ୍ତଶ୍ରେଣୀ ଏବଂ କଳକାରଖାନାର ଶ୍ରମିକଙ୍କ ଅସନ୍ତୋଷକୁ ସଙ୍ଗଠିତ କରି ବମ୍ବେ, ଅହମଦାବାଦ ଏବଂ କଲିକତାର କାରଖାନା ମାଲିକ ଓ ଧନୀଙ୍କ ହାତରେ ସମର୍ପି ଦେବା ।" ବୁଝାଯାଏ ଯେ ଭାରତରେ ପୁଞ୍ଜିପତିମାନେ ଅସଲ ଦୃଶ୍ୟର ଅନ୍ତରାଳରେ ରହି ପ୍ରଥମେ ଗଣଆନ୍ଦୋଳନ କରିବା ନିମନ୍ତେ କଂଗ୍ରେସ କାର୍ଯ୍ୟକାରୀ ସମିତିକୁ ହୁକୁମ ଦିଅନ୍ତି—ଯେତେବେଳେ ଏହି ଆନ୍ଦୋଳନ

Digitized by srujanika@gmail.com

ଷ୍ଟିଲ୍ ଶିଳ୍ପଓ ବିପଜ୍ଜନକ ହୋଇ ଉଠେ, ସେତେବେଳେ ଏହା ସ୍ଥଗିତ ରଖିବାପାଇଁ କମ୍ପାନୀ ଗୋଳମାଳ କରିଦେବାପାଇଁ ଚାହାନ୍ତି । ମଜୁର କହନ୍ତି ଯେ କଂଗ୍ରେସ ନେତାମାନେ ପ୍ରକୃତରେ ବ୍ରିଟିଶ ସରକାର ଯିବା ଚାହାନ୍ତି ନାହିଁ; କାରଣ ସେମାନେ ଅଧୃତ ଜନସାଧାରଣଙ୍କୁ ନିୟନ୍ତ୍ରଣ କରି ନିଜର ସୁବିଧା ଉଠାଇବାକୁ ଚାହାନ୍ତି । ଭାରତର ମଧ୍ୟବିତ୍ତ ଶ୍ରେଣୀ ଏହି କାର୍ଯ୍ୟରେ ପାରଦର୍ଶୀ ନୁହନ୍ତି ।

ଏହି ଅଦ୍ଭୁତ ବିଶ୍ଳେଷଣ ଯେ ଶକ୍ତିଶାଳୀ କମ୍ୟୁନିଷ୍ଟମାନେ ବିଶ୍ୱାସ କରନ୍ତି ଏହା ବାସ୍ତବିକ୍ ଆଶ୍ଚର୍ଯ୍ୟ କଥା ଏବଂ ଏହିପରି ବିଶ୍ୱାସ କରୁଥିବାରୁ ଭାରତରେ ସେମାନେ ଯେ ବିଫଳ ହେଉଛନ୍ତି ଏଥିରେ ଆଶ୍ଚର୍ଯ୍ୟ କଥା କିଛି ନାହିଁ ! ମୂଳ ଭୁଲ ହେଉଛି ଯେ ସେମାନେ ୟୁରୋପ ଶ୍ରମିକ ଆନ୍ଦୋଳନ ଦୃଷ୍ଟିରୁ ଭାରତୀୟ ଜାତୀୟ ଆନ୍ଦୋଳନକୁ ବିଚାର କରନ୍ତି ଏବଂ ଶ୍ରମିକନେତାମାନେ ଅନେକ ଥର ଶ୍ରମିକମାନଙ୍କ ପ୍ରତି ବିଶ୍ୱାସଘାତକତା କରିଥିବାରେ ସେମାନେ ଅଭ୍ୟସ୍ତ ହୋଇଥିବାରୁ ସେହି ତୁଳନା ଭାରତରେ ମଧ୍ୟ ପ୍ରୟୋଗ କରନ୍ତି । ଏକଥା ନିଶ୍ଚୟ ଯେ ଭାରତର ଜାତୀୟ ଆନ୍ଦୋଳନ ଏକ ଶ୍ରମିକ କିମ୍ବା ସର୍ବହରାଙ୍କ ଆନ୍ଦୋଳନ ନୁହେଁ । ଏହା ଯେ ବୁର୍ଜୋୟା ଆନ୍ଦୋଳନ ତାହାର ନାମରୁ ଜଣାପଡ଼େ ଏବଂ ଏ ପର୍ଯ୍ୟନ୍ତ ଏହାର ଉଦ୍ଦେଶ୍ୟ ସାମାଜିକ ବ୍ୟବସ୍ଥା ପରିବର୍ତ୍ତନ ନୁହେଁ ରାଜନୈତିକ ସ୍ୱାଧୀନତା ହାସଲ ହୋଇ ରହିଛି । ଏହି ଲକ୍ଷ୍ୟ ସୁଦୂରଗାମୀ ନୁହେଁ ବୋଲି ସମାଲୋଚନା ହୋଇପାରେ ଏବଂ ଜାତୀୟତା ସମୟ ଚାଲିଗଲାଣି ବୋଲି କୁହାଯାଇ ପାରେ ! ମାତ୍ର ଆନ୍ଦୋଳନର ମୂଳଗତ ଗ୍ରହଣ କଲେ ନେତାମାନେ ଜମି ପ୍ରଥା ବା ପୁଞ୍ଜିବାଦୀ ପ୍ରଥାକୁ ଓଲଟପାଲଟ କରିବାକୁ ଚାହାନ୍ତି ନାହିଁ ବୋଲି ସେମାନେ ଜନସାଧାରଣଙ୍କର ବିଶ୍ୱାସଘାତକ ବୋଲି କହିବା ମୂର୍ଖତା । ସେମାନେ କେବେ ଏହା ଦାବୀ କରନ୍ତି ନାହିଁ । କଂଗ୍ରେସରେ କେତେକ ଲୋକ—ସେମାନଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଉଛି—ଜମି ଓ ପୁଞ୍ଜିବାଦୀ ପ୍ରଥାର ପରିବର୍ତ୍ତନ ଚାହାନ୍ତି ମାତ୍ର ସେମାନେ ଏହା କଂଗ୍ରେସ ନାମରେ କହିପାରିବେନାହିଁ ।

Digitized by srujanika@gmail.com

ଏ କଥା ସତ୍ୟ ଯେ ଜାତୀୟ ଆନ୍ଦୋଳନର ବିଲାତି ଓ ବିଦେଶୀ ବର୍ଜନ ହେତୁ ଏବଂ ସ୍ୱଦେଶୀ ପ୍ରଚାର ହେତୁ ଭାରତର ପୁଞ୍ଜିପତି ଶ୍ରେଣୀ (ବଡ଼ ଜମିଦାର ଏବଂ ତାଲୁକଦାର ଏଥିରେ ଅନ୍ତର୍ଭୁକ୍ତ ନୁହନ୍ତି) ବହୁତ ଲାଭ ଉଠାଉଛନ୍ତି। ଏହା ହେବା ଅନିବାର୍ଯ୍ୟ, କାରଣ ପ୍ରତ୍ୟେକ ଜାତୀୟ ଆନ୍ଦୋଳନ ଗୃହଶିଳ୍ପକୁ ଉତ୍ସାହିତ କରେ ଓ ବର୍ଜନ ପ୍ରଚାର କରେ। ପ୍ରକୃତରେ କହିବାକୁ ଗଲେ ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଥିଲାବେଳେ ଏବଂ ଆମେ ବିଲାତି ଦ୍ରବ୍ୟ ବର୍ଜନ ପ୍ରଚାର କରୁଥିଲାବେଳେ ବମ୍ବେର ମିଲ ମାଲିକମାନେ ତରତର ହୋଇ ଲଙ୍କାଶାୟାର ସହିତ ଗୋଟାଏ ଚୁକ୍ତି କରି-ପକାଇଥିଲେ। କଂଗ୍ରେସଦୃଷ୍ଟିରୁ ଜାତୀୟ ଉଦ୍ଦେଶ୍ୟ ପ୍ରତି ଏହା ଅତ୍ୟନ୍ତ ବିଶ୍ୱାସଘାତକତା ଏବଂ ଏହାକୁ ସେହିରୂପେ ବୁଝା ଯାଇଥିଲା। ଆମ ଭିତରୁ ଅଧିକାଂଶ ଜେଲରେ ଥିଲାବେଳେ ବମ୍ବେ ଆସେମ୍ବ୍ଲିରେ କାରଖାନା ମାଲିକମାନଙ୍କ ପ୍ରତିନିଧିମାନେ କଂଗ୍ରେସ ଓ 'ଚରମପନ୍ଥୀ' ମାନଙ୍କର ନିନ୍ଦା କରିଥିଲେ।

ଗତ କେତେବର୍ଷ ହେଲା ଭାରତରେ ଅନେକ ପୁଞ୍ଜିପତି ଯେପରି କାର୍ଯ୍ୟ କରିଛନ୍ତି, ତାହା କଂଗ୍ରେସ ଏବଂ ଜାତୀୟବାଦୀଦୃଷ୍ଟିରୁ ମଧ୍ୟ କଳଙ୍କଜନକ ଏଥିରେ ସନ୍ଦେହ ନାହିଁ। 'ଅଟ୍ୱା ଚୁକ୍ତି' ରେ ଓଣଦାଲପାଇଁ ଅତି ଅଳ୍ପ ଲୋକଙ୍କର ହୁଏତ ଲାଭ ହୋଇଥାଇପାରେ, ମାତ୍ର ଭାରତର ସମଗ୍ର ଶିଳ୍ପ ଦୃଷ୍ଟିରୁ ଏହା ଖରାପ ଏବଂ ଏହାକୁ ବ୍ରିଟିଶ ମୂଳଧନ ଓ ଶିଳ୍ପ ନିକଟରେ ଆହୁରି ଅଧିକ ଅଧୀନ କରିଦେଲା। ଏଥିରେ ଜନସାଧାରଣଙ୍କର ମଧ୍ୟ କ୍ଷତି ହେଲା। ଏବଂ ଆମ ସଂଗ୍ରାମ ଚାଲିଥିଲାବେଳେ ଓ ହଜାର ହଜାର ଲୋକ ଜେଲରେ ଥିବା ଅବସ୍ଥାରେ ଏହି ଚୁକ୍ତି ସ୍ୱାକ୍ଷରିତ ହେଲା। ପ୍ରତ୍ୟେକ ଔପନିବେଶିକ ରାଜ୍ୟ ଇଂଲଣ୍ଡଠାରୁ ମୋଟା ସର୍ତ୍ତ ଦାବୀ କଲେ, ଅଥଚ ଭାରତ ଏକପ୍ରକାର ଦାନ କଲା। ଗତ କେତେବର୍ଷ ହେଲା ଅର୍ଥଲାଭପାଇଁ ଦୁଃସାହସ କରୁଥିବା ଲୋକେ ଭାରତର କ୍ଷତି କରି ସୁନା ଓ ରୂପା ବ୍ୟବସାୟ ଚଳାଇଛନ୍ତି।

Digitized by srujanika@gmail.com

ବଡ଼ ବଡ଼ ଜମିଦାର ଓ ତାଲୁକଦାରମାନେ ଗୋଲଟେବୁଲ ସମ୍ମିଳନୀରେ ସମ୍ପୂର୍ଣ୍ଣରୂପେ କଂଗ୍ରେସ ବିରୁଦ୍ଧରେ ଗଲେ ଏବଂ ଆଇନ ଅମାନ୍ୟ ଆନ୍ଦୋଳନ ସମ୍ବନ୍ଧରେ ସେମାନେ ପୁରାପୁରି ସରକାର ପକ୍ଷରେ ବୋଲି ପ୍ରକାଶ୍ୟଭାବରେ ଘୋଷଣା କଲେ । ଏହିମାନଙ୍କ ସାହାଯ୍ୟରେହିଁ ସରକାର ଅର୍ଡ଼ିନାନ୍ସ ଓ ଅନ୍ୟ ଦମନ ଆଇନ ଭିନ୍ନ ଭିନ୍ନ ପ୍ରଦେଶରେ ପାସ୍ କରିଥିଲେ । ଯୁକ୍ତପ୍ରଦେଶ କାଉନ୍ସିଲରେ ଆଇନ ଅମାନ୍ୟ ବନ୍ଦୀମାନଙ୍କ ଖଲାସ ବିରୁଦ୍ଧରେ ବଡ଼ ବଡ଼ ଜମିଦାର ସଭ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ଭୋଟ ଦେଇଥିଲେ ।

ଜନସାଧାରଣଙ୍କ ଚାପ ହେତୁ ୧୯୨୧ ଓ ୧୯୩୦ ରେ ଗାନ୍ଧିଜୀ ଦେଖାଇଥିଲ ଆକ୍ରମଣମୂଳକ ଆନ୍ଦୋଳନ ଆରମ୍ଭ କଲେ ବୋଲି ଯେଉଁ ଧାରଣା ଅଛି ତାହା ସମ୍ପୂର୍ଣ୍ଣ ଭୁଲ । ଜନସାଧାରଣଙ୍କ ଭିତରେ ଅବଶ୍ୟ ଉତ୍ସାହ ଥିଲା, ମାତ୍ର ଦୁଇଥରଯାକ ଗାନ୍ଧିଜୀହିଁ ଅଗ୍ରସର କରାଇଥିଲେ । ୧୯୨୧ ରେ ସେ ପ୍ରାୟ ଏକାକୀ କଂଗ୍ରେସକୁ ଅସହଯୋଗରେ ଭର୍ତ୍ତି କରାଇଥିଲେ । ୧୯୩୦ ରେ ସେ ଯଦି କୌଣସି ପ୍ରକାରେ ବାଧା ଦେଇଥାନ୍ତେ ତେବେ କୌଣସି ସଂଗ୍ରାମଶୀଳ ଏବଂ ଫଳପ୍ରଦ ପ୍ରତ୍ୟକ୍ଷ ସଂଗ୍ରାମ ହେବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇଥାଆନ୍ତା ।

ଅତି ଦୁର୍ଭାଗ୍ୟ କଥା ଯେ ଅତ୍ୟନ୍ତ ନିର୍ବୋଧ ଓ ଅନିଷ୍ଟକର ବ୍ୟକ୍ତିଗତ ସମାଲୋଚନାସବୁ କରାଯାଏ—ଏଥିରେ ପ୍ରକୃତ ସମସ୍ୟାରୁ ଦୃଷ୍ଟି ଅନ୍ୟ ଆଡ଼କୁ ଚାଲିଯାଏ । ଗାନ୍ଧିଜୀଙ୍କର ମତଲବ ପ୍ରତି ସନ୍ଦେହ କରି ଆକ୍ରମଣ କରିବା ଅର୍ଥ ନିଜର କ୍ଷତି କରିବା—କାରଣ ଭାରତର କୋଟି କୋଟି ଜନସାଧାରଣଙ୍କର ସେ ହେଉଛନ୍ତି ସତ୍ୟର ପ୍ରତିମୂର୍ତ୍ତି—ତାଙ୍କୁ ଚିହ୍ନିଥିବା ଲୋକେ ଜାଣନ୍ତି ଯେ କପରି ନିଷ୍ଠାର ସହିତ ନ୍ୟାଯ୍ୟ କାର୍ଯ୍ୟ କରିବାରେ ଲାଗି ରହନ୍ତି ।

ଭାରତରେ କମ୍ୟୁନିଷ୍ଟମାନେ ବଡ଼ ବଡ଼ ସହରର ଶ୍ରମିକଙ୍କ ସହିତ ସମ୍ପର୍କ ରଖିଛନ୍ତି । ସେମାନଙ୍କର ମଫସଲ ଅଞ୍ଚଳ ସମ୍ବନ୍ଧରେ ପ୍ରାୟ କିଛି ଜ୍ଞାନ

Digitized by srujanika@gmail.com

ନାହିଁ ବା ସମ୍ପର୍କ ନାହିଁ । କାରଖାନା ଶ୍ରମିକମାନଙ୍କର ଗୁରୁତ୍ୱ ଅଛି ଏବଂ ଭବିଷ୍ୟତ୍‌ରେ ଗୁରୁତ୍ୱ ଆହୁରି ଅଧିକ ହେବ—ମାତ୍ର କୃଷକଙ୍କ ସମୟରେ ତାଙ୍କ ସ୍ଥାନ ଦ୍ୱିତୀୟ—କାରଣ ଭାରତର ବର୍ତ୍ତମାନ ସମସ୍ୟା ହେଉଛି କୃଷକ ସମସ୍ୟା । ଅନ୍ୟ ପକ୍ଷରେ କଂଗ୍ରେସ କର୍ମୀମାନେ ଭାରତର ସମଗ୍ର ମଫସଲ ଅଞ୍ଚଳରେ ବ୍ୟାପକରୂପେ ରହିଛନ୍ତି ଏବଂ ସ୍ୱାଭାବିକ ଭାବରେ କଂଗ୍ରେସ ଏକ ବିରାଟ କୃଷକ ସଙ୍ଗଠନରେ ପରିଣତ ହେବ । କୃଷକମାନଙ୍କର କତୃତ୍ୱ ଉଦ୍ଦେଶ୍ୟ ହାସଲ ହୋଇଗଲେ ସେମାନେ ପ୍ରାୟ ବିପ୍ଳବୀ ହୁଅନ୍ତି ନାହିଁ ଏବଂ ସାଧାରଣତଃ ଯେପରି ଘଟେ ସେହିପରି ଭବିଷ୍ୟତ୍‌ରେ ଭାରତରେ ମଧ୍ୟ ସହର ବନାମ ଗ୍ରାମ, କାରଖାନା ଶ୍ରମିକ ବନାମ କୃଷକ ଏ ସମସ୍ୟା ଉଠିବ ।

ବହୁସଂଖ୍ୟକ କଂଗ୍ରେସ ନେତା ଓ କର୍ମୀମାନଙ୍କ ସହ ଘନିଷ୍ଠଭାବରେ ସମ୍ପର୍କ ସ୍ଥାପନ କରିବାର ମୋର ସୁଯୋଗ ଘଟିଛି ଏବଂ ଏମାନଙ୍କ ଅପେକ୍ଷା ଅଧିକ ଉଦ୍ୟମ କରିବାର ସଙ୍କଳ୍ପ ମୁଁ ଚାହେଁନା । ତଥାପି କେତୋଟି ଜୀବନ୍ତ ସମସ୍ୟାରେ ମୋର ସେମାନଙ୍କ ସହ ପାର୍ଥକ୍ୟ ରହିଛି ଏବଂ ଯେଉଁ କଥା ଅତି ନିଶ୍ଚିତ ପରି ଜଣାପଡ଼େ ତାହା ଅନେକ ସମୟରେ ସେମାନେ ବୁଝି ନପାରିବା ବା ଜାଣି ନପାରିବା ଦେଖି ମୁଁ ବଡ଼ ଦୁଃଖିତ ହୋଇଛି । ଶିକ୍ଷାର ଅଭାବ ଯୋଗୁଁ ଏହା ହୁଏ ନା, ଆମେ ସ୍ୱତନ୍ତ୍ର ମତବାଦ କ୍ଷେତ୍ରରେ ଗତି କରୁଁ । ଏହି ସୀମା ହଠାତ୍ ଅତିକ୍ରମ କରିବା କିପରି ଦୁଷ୍କର ମୁଁ ବୁଝିପାରିଥିଲି । ଏହା ଜୀବନର ଅଲଗା ଦର୍ଶନ ଏବଂ ଏହା ଭିତରେ ଆମେ କ୍ରମେ କ୍ରମେ ଅଚେତନଭାବରେ ବଢ଼ୁଁ । ଅନ୍ୟ ଦଳକୁ ଦୋଷଦେବା ବୃଥା । ସୋସିଆଲିଜମ୍ ବା ସାମ୍ୟବାଦ ମନୁଷ୍ୟ ଜୀବନର ଦୃଷ୍ଟିକୋଣ ଓ ତାହାର ସମସ୍ୟା ଉପରେ କେତେକ ମନସ୍ତତ୍ତ୍ୱ କାରଣ ଉପରେ ନିର୍ଭର କରେ । ଏହା ନ୍ୟାୟଶାସ୍ତ୍ର ଯୁକ୍ତି ଅପେକ୍ଷା ଆହୁରି କିଛି ଅଧିକ ଜିନିଷ । ଏହାଛଡ଼ା ବଂଶ ପରମ୍ପରା, ଲାଳନ ପାଳନ, ଅନ୍ତରର ଅଗୋଚର ପ୍ରଭାବ ଏବଂ ଆମର ପ୍ରଚଳିତ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ନିର୍ଭର କରେ । କେବଳ ଜୀବନର ଅତି ତିକ୍ତ ଅଭିଜ୍ଞତା ଫଳରେ ଲୋକ ନୂତନ ପଥକୁ ଯିବାକୁ

Digitized by srujanika@gmail.com

ବାଧ୍ୟ ହେବ ଏବଂ ଶେଷରେ ଆମକୁ ଅଧିକ କଠୋର ଅବସ୍ଥାରେ ପକାଇ ଅନ୍ୟଭାବରେ ଚିନ୍ତା କରିବାକୁ ହେବ । ହୁଏତ ଆମେ ଏହି ଗଣ୍ଡପଥରେ କିଛି ସାହାଯ୍ୟ କରିପାରୁଁ ଏବଂ ହୁଏତ 'ନିୟତିକୁ ଏଡ଼ାଇବାପାଇଁ ଲୋକ ଯେଉଁ ପଥ ଗ୍ରହଣ କରେ, ସେହି ବାଟରେହିଁ ନିୟତି ତାହା ସମ୍ମୁଖରେ ଉପସ୍ଥିତ ହୁଏ ।'

Digitized by srujanika@gmail.com

ଧର୍ମ କଅଣ ?

୧୯୩୨ ମସିହା ସେପ୍ଟେମ୍ବର ମଧ୍ୟଭାଗରେ ଗୋଟାଏ ବଜ୍ରାଘାତ ଫଳରେ ହଠାତ୍ ଆମ ଜେଲରେ ଶାନ୍ତିପୂର୍ଣ୍ଣ ଓ ନୀରସ ଜୀବନ ଆଘାତ ପାଇଲା । ସମ୍ବାଦ ପହଞ୍ଚିଲା ଯେ ପତିତ ଶ୍ରେଣୀଙ୍କପାଇଁ ରାମସେ-ମାକ୍ଡୋନାଲ୍ଡଙ୍କ ସାମ୍ପ୍ରଦାୟିକ ଭାଗ ବଣ୍ଟାରେ ଯେଉଁ ସ୍ୱତନ୍ତ୍ର ନିର୍ବାଚନ ରଖାଯାଇଥିଲା, ତାହା ନାପସନ୍ଦ କରି ଗାନ୍ଧିଜୀ 'ମୃତ୍ୟୁ ପର୍ଯ୍ୟନ୍ତ ଅନଶନ' କରିବା ନିମନ୍ତେ ସ୍ଥିର କରିଛନ୍ତି । ଲୋକମାନଙ୍କ ମର୍ମାହତ କରିବାର ତାଙ୍କର କି ଅଦ୍ଭୁତ କ୍ଷମତା ! ହଠାତ ସବୁ ପ୍ରକାର ଧାରଣା ମୋ ମନରେ ପ୍ରବେଶ କଲା; ସବୁ ପ୍ରକାର ସମ୍ଭାବନା ଓ ଅନିଶ୍ଚିତ ଅବସ୍ଥା ମୋ ମନରେ ଉଦିତ ହୋଇ ମୋତେ ସମ୍ପୂର୍ଣ୍ଣରୂପେ ଅସ୍ଥିର କରିପକାଇଲା । ଦୁଇଦିନ ପର୍ଯ୍ୟନ୍ତ ମୁଁ କୌଣସି ବାଟ ନ ପାଇ ଅନ୍ଧାରରେ ରହିଲି — ଗାନ୍ଧିଜୀଙ୍କ କାର୍ଯ୍ୟ ଫଳରେ ଯେଉଁସବୁ ଫଳ ହୋଇପାରେ ଭାବି ମୋର ହୃଦୟ ମରୁ ହୋଇଗଲା । ବ୍ୟକ୍ତିଗତ ଭାବଟା ଅତି ପ୍ରବଳ ଏବଂ ମୁଁ ତାଙ୍କୁ ଆଉ ଥରେ ଦେଖିପାରିବିନାହିଁ ଭାବି ଯନ୍ତ୍ରଣା ପାଇଲି । ପ୍ରାୟ ବର୍ଷକତଳେ ସେ ଜାହାଜ ଚଢ଼ି ଇଂଲଣ୍ଡ ଯାଉଥିବାବେଳେ ମୋର ତାଙ୍କ ସହିତ ଶେଷ ଦେଖା । ତାହା କ'ଣ ମୋର ଶେଷ ଦର୍ଶନ ହୋଇ ରହିବ ?

ସାଧାରଣ ଗୋଟାଏ ନିର୍ବାଚନ ସମସ୍ୟା; ଏପରି ଏକ ସାମାନ୍ୟ ସମସ୍ୟା ନେଇ ସେ ତାଙ୍କର ଅନ୍ତିମ ତ୍ୟାଗ କରିବାକୁ ପ୍ରସ୍ତୁତ ହେବା ଦେଖି ମୁଁ ବିରକ୍ତ ବୋଧ କଲି । ଆମର ସ୍ୱାଧୀନତା ଆନ୍ଦୋଳନରେ ଏହାର କିପରି ଫଳ ହେବ ? ଅନ୍ତତଃ ଏହି ସମୟପାଇଁ ବୃହତ୍ ସମସ୍ୟାଗୁଡ଼ିକ ପଶ୍ଚାତରେ ପଡ଼ିଯିବ ନାହିଁ କି ? ତାଙ୍କର ଜରୁରୀ ଦାବୀ ସେ ଯଦି ହାସଲ କରନ୍ତି ଏବଂ ଅନୁନ୍ନତ ସମ୍ପ୍ରଦାୟଙ୍କପାଇଁ ମିଳିତ ନିର୍ବାଚନ ମିଳିଯାଏ, ତେବେ ଏହା ଫଳରେ ଏକ ପ୍ରତିକ୍ରିୟା ହୋଇ କିଛି ଲାଭ ହୋଇଗଲା

Digitized by srujanika@gmail.com

ଏବଂ ଅତ୍ୟନ୍ତ ବର୍ତ୍ତମାନପାଇଁ ଆଉ କିଛି ଦରକାର ନାହିଁ ବୋଲି ହିତ ହେବ ନାହିଁକି ? ତାଙ୍କର ଏହି କାର୍ଯ୍ୟଦ୍ୱାରା ସେ ସାମ୍ପ୍ରଦାୟିକ ଭାଗବଣ୍ଟାକୁ ଏବଂ ସରକାର ଯେଉଁ ସାଧାରଣ ଯୋଜନା କରିଛି, ତାହା ସ୍ୱୀକାର କରୁ-ନାହାନ୍ତି କି ? ପ୍ରକାରାନ୍ତରେ ଏହା ଗ୍ରହଣ କରୁବେ ନାହିଁକି ? ଏହା ଅସହଯୋଗ ଓ ଆଇନ ଅମାନ୍ୟ ସହିତ ଖାପ ଖାଉଛି ତ ? ଏତେ ତ୍ୟାଗ ଓ ସାହସିକ କାର୍ଯ୍ୟ ପରେ ଆମ ଆନ୍ଦୋଳନ କ'ଣ ଶେଷ ହୋଇ ଅତି ନଗଣ୍ୟ ଅବସ୍ଥାରେ ରହିବ ?

ରାଜନୀତିକ ପ୍ରଶ୍ନକୁ ଏପରି ଧାର୍ମିକ ଓ ଭାବପ୍ରବଣ ଦୃଷ୍ଟିରୁ ଦେଖିଥିବାରୁ ଏବଂ ଏହା ସହିତ ବାରମ୍ବାର ଈଶ୍ୱରଙ୍କ ନାମ ଉଠାଉଥିବାରୁ ମୁଁ ତାଙ୍କ ଉପରେ କ୍ରୋଧ କରିଥିଲି । ଏପରିକି ସେ କହିଲେ ଯେ ତାଙ୍କର ଅନଶନର ତାରିଖ ପର୍ଯ୍ୟନ୍ତ ଭଗବାନ ନିର୍ଦ୍ଦେଶ କରିଛନ୍ତି । ସେ କିପରି ଏପରି ଦୃଷ୍ଟାନ୍ତ ଦେଉଛନ୍ତି !

ବାପୁ ଯଦି ମରିଯାନ୍ତି ? ତା'ପରେ ଭାରତ କିପରି ହେବ ? ତାହାର ରାଜନୀତି କିପରି ଆକାର ଧାରଣ କରିବ ? ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ଓ ବିମର୍ଷ ମନେ ହେଲା ଏବଂ ଏହା ଭାବିଲା ମାତ୍ରକେ ମୋ ହୃଦୟ ହତାଶାପୂର୍ଣ୍ଣ ହୋଇଗଲା ।

ଏହିପରି ମୁଁ ଚିନ୍ତା କରୁଥାଏ—ମୋର ମସ୍ତିଷ୍କ ଗୋଳମାଳିଆ ହୋଇଗଲା—କ୍ରୋଧ ଓ ଅସହାୟ ବୋଧ ହେଲା—ସେ ଏହି ବିଦ୍ରୋହର କାରଣ ହୋଇଥିବାରୁ ସ୍ନେହ ବି ହେଲା । କ'ଣ କରିବାକୁ ହେବ ମୁଁ ପ୍ରାୟ ଜାଣି ନ ଥିଲି—ମୁଁ ପ୍ରତ୍ୟେକ ଲୋକ ଉପରେ ଏବଂ ସର୍ବୋପରି ମୋ ଉପରେ ମଧ୍ୟ ରାଗିଲି, ବିରକ୍ତ ହେଲି ।

ତା ପରେ ଏକ ଅଦ୍ଭୁତ ଘଟଣା ମୋ ଠାରେ ଘଟିଲା । ମୋର ଭାବରାଜ୍ୟରେ ଏକ ସଙ୍କଟ ପହଞ୍ଚିଥିଲା—ମାତ୍ର ଶେଷରେ ଏହା ସ୍ଥିର ହୋଇଗଲା ଏବଂ ଭବିଷ୍ୟତ ଆଉ ସେପରି ଅନ୍ଧାର ଦେଖାଗଲା ନାହିଁ ।

Digitized by srujanika@gmail.com

ଅସଲ ସମୟରେ ଠିକ୍ କାର୍ଯ୍ୟ କରିବାର ଆଶ୍ଚର୍ଯ୍ୟ କ୍ଷମତା ବାପୁଙ୍କର ଥିଲା, ଏବଂ ହୁଏତ ହୋଇପାରେ ମୋ ଦୃଷ୍ଟିରେ ତାଙ୍କ କାର୍ଯ୍ୟ ଠିକ୍ ବୋଲି କହିବା ଅସମ୍ଭବ ମନେହେଉଥିଲେ ସୁଦ୍ଧା ଏଥିର ଫଳ ଭଲ ହୋଇପାରେ—ଖାଲି ଯେଉଁ କ୍ଷୁଦ୍ର ସମସ୍ୟାରେ ଏହା ଆବଦ୍ଧ ହୋଇଛି ସେଥିରେ ନୁହେଁ—ଆମ ଜାତୀୟ ସଂଗ୍ରାମର ବିଶାଳ କ୍ଷେତ୍ରରେ ମଧ୍ୟ ଏହା ପ୍ରକଟିତ ହୋଇପାରେ ଏପରିକି ବାପୁ ମଲେ ସୁଦ୍ଧା ଆମର ସ୍ୱାଧୀନତା ସଂଗ୍ରାମ ଚାଲିବ । ତେଣୁ ଯାହା ହେଉ ପଛକେ ଆମକୁ ପ୍ରସ୍ତୁତ ହୋଇ ସେଥିପ୍ରତି ଉଦ୍ୟୁକ୍ତ ହେବାକୁ ହେବ । ବିନା ଦ୍ୱିଧାରେ ଗାନ୍ଧିଜୀଙ୍କ ମୃତ୍ୟୁପର୍ଯ୍ୟନ୍ତ ସମ୍ମୁଖୀନ ହେବା ନିମନ୍ତେ ମୁଁ ମନସ୍ଥ କରିବାରୁ ମୁଁ ଟିକିଏ ପ୍ରବୁଦ୍ଧ ହେଲି ଏବଂ ସାରା ଜଗତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇଗଲି ।

ତା ପରେ ସମଗ୍ର ଦେଶରେ ଅଦ୍ଭୁତ ଉଦ୍‌ବୋଧକ ସମ୍ବାଦ ଆସି ପହଞ୍ଚିଲା—ହିନ୍ଦୁ ସମାଜ ଭିତରେ ଗୋଟାଏ ଯାଦୁକର ପରି ଉତ୍ସାହ ତରଙ୍ଗ ଖେଳିଲା ଏବଂ ଅସ୍ପୃଶ୍ୟତା ଶେଷହେବା ଉପରେ ପହଞ୍ଚିଲା । ମୁଁ ଭାବିଲି ୟେରବଡା ଜେଲରେ ବସିଥିବା ଛୋଟ ଲୋକଟି କିପରି ଯାଦୁକର ଏବଂ ଲୋକଙ୍କ ହୃଦୟକୁ ତରଳାଇବାପାଇଁ କିପରି ଦଉଡ଼ି ଟାଣିବାକୁ ହେବ ସେ ଜାଣିପାରନ୍ତି ।

ତାଙ୍କଠାରୁ ଏକ ତାର ଆସି ମୋ ପାଖରେ ପହଞ୍ଚିଲା । ମୋର କାରାବାସ ପରେ ମୁଁ ତାଙ୍କଠାରୁ ଏହି ପ୍ରଥମ ବାର୍ତ୍ତା ପାଇଲି ଏବଂ ଅନେକ ଦିନ ପରେ ତାଙ୍କଠାରୁ ଖବର ପାଇ ମୋତେ ଭଲ ଲାଗିଲା । ସେ ତାହରେ ଲେଖିଥିଲେ, "ମୋର ଏହି କେତେକ ଦିନ ଯନ୍ତ୍ରଣା ଭିତରେ ତୁମେ ମୋ ମନ ସମ୍ମୁଖରେ ରହିଛ । ତୁମର ମତ ଜାଣିବା ନିମନ୍ତେ ମୁଁ ଅତ୍ୟନ୍ତ ବ୍ୟଗ୍ର । ତୁମ ମତକୁ ମୁଁ କିପରି ଖାତିର କରେ ତୁମେ ଜାଣ । ଇନ୍ଦୁ ଓ ସ୍ୱରୂପର ପିଲାମାନଙ୍କ ସହିତ ଦେଖା ହୋଇଥିଲା । ଇନ୍ଦୁ ସୁଖୀ ଅଛି—ଟିକିଏ ମୋଟା ହୋଇଛି । ମୁଁ ଭଲ ଅଛି । ଉତ୍ତର ତାରଦ୍ୱାରା ଜଣାଅ—ମୋର ସ୍ନେହ ନେବ ।"

Digitized by srujanika@gmail.com

ଏହା ଅସାଧାରଣ—ତଥାପି ଏହା ତାଙ୍କର ଚରିତ୍ରର ଋଜୁତା— ତାଙ୍କର ଅନଶନର ବେଦନା ଭିତରେ ଓ ଏତେ କାର୍ଯ୍ୟବ୍ୟସ୍ତ ଥାଇ ସୁଦ୍ଧା ମୋର ଝିଅ ଓ ଭଉଣୀ ପିଲ ଯେ ତାଙ୍କ ସହିତ ସାକ୍ଷାତ୍ କରିଥିଲେ ଏବଂ ଶୁଣି ଥିଲେ ଯେ ଅଧିକ ମୋଟା ହୋଇଥିବା କଥା ଉଲ୍ଲେଖ କରିଥିଲେ ଏହା ଆହୁରି ଆଶ୍ଚର୍ଯ୍ୟ କଥା ! (ସେତେବେଳକୁ ମୋ ଭଉଣୀ ନୈନିତାଲ ଥାଏ ଏବଂ ଏସବୁ ପିଲମାନେ ପୁନାରେ ସ୍କୁଲରେ ପଢ଼ୁଥାନ୍ତି ।) ଜୀବନର ଅତି ଛୋଟ ଛୋଟ ଘଟଣା ସେ ଆଦୌ ଭୁଲନ୍ତି ନାହିଁ—ଜୀବନରେ ତାହାର ମୂଲ୍ୟ କେତେ ବେଶୀ !

ଠିକ୍ ସେହି ସମୟରେ ମୋ ପାଖରେ ଖବର ପହଞ୍ଚିଲି ଯେ ନିର୍ବାଚନ ସମସ୍ୟାରେ ଗୋଟାଏ ରାଜିନାମା ହୋଇଗଲାଣି । ଗାନ୍ଧିଜୀଙ୍କ ଠାରୁ ଏକ ଉତ୍ତର ଦେବାକୁ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅନୁଗ୍ରହ କରି ଅନୁମତି ଦେଲେ— ମୁଁ ତାଙ୍କ ନିକଟକୁ ଏହି ତାର ପଠାଇଲି :—

"ଆପଣଙ୍କ ତାର ଏବଂ ଗୋଟାଏ ରାଜିନାମା ପହଞ୍ଚିବାର ସଂକ୍ଷିପ୍ତ ସମ୍ବାଦ ପାଇ ମୁଁ ଆଶ୍ୱସ୍ତ ହେଲି—ମନ ଆନନ୍ଦରେ ପୂରିଗଲା । ଆପଣଙ୍କ ଅନଶନ ସିଦ୍ଧାନ୍ତର ପ୍ରଥମ ସମ୍ବାଦ ପାଇ ମାନସିକ ଯନ୍ତ୍ରଣା ଓ ବିଶୃଙ୍ଖଳା ଘଟିଲି; ମାତ୍ର ଶେଷରେ ଆଶାବାଦର ଜନ୍ମ ହେଲା ଏବଂ ମନ ଶାନ୍ତ ହେଲା । ଦଳିତ ପତିତ ଶ୍ରେଣୀଙ୍କ ଉଦ୍ଦେଶ୍ୟରେ କୌଣସି ତ୍ୟାଗହିଁ ଅଧିକ ନୁହେଁ । ଅତି ତଳେ ପଡ଼ିଥିବା ଲୋକର ସ୍ୱାଧୀନତାକୁହିଁ ସ୍ୱାଧୀନତା ବିଚାର କରିବାକୁ ହେବ, ମାତ୍ର ଅନ୍ୟ ସମସ୍ୟା ଆମ ଲକ୍ଷ୍ୟକୁ ଆଚ୍ଛନ୍ନ କରିପାରେ ବୋଲି ବୋଧ କରୁଛି । ଧାର୍ମିକ ଦୃଷ୍ଟିରୁ ଏହା ବିଚାର କରିବାରେ ମୁଁ ଅସମର୍ଥ । ଆପଣଙ୍କ ପନ୍ଥାର ଅନ୍ୟମାନେ ସୁବିଧା ଉଠାଇବାର ଆଶଙ୍କା ଅଛି, ମାତ୍ର ମୁଁ ଏକ ଯାଦୁକରକୁ କିପରି ଉପଦେଶ ଦେବା କଥା ଭାବିବ ? ନମସ୍କାର ।"

ପୁନାରେ ବିଭିନ୍ନ ଶ୍ରେଣୀର ଲୋକେ ଏକତ୍ର ହୋଇ ଏକ 'ଚୁକ୍ତି'ରେ ଦସ୍ତଖତ୍ କଲେ ଏବଂ ଅତି ଅସାଧାରଣ ବ୍ୟଗ୍ରତାର ସହିତ ବ୍ରିଟିଶ ପ୍ରଧାନ

Digitized by srujanika@gmail.com

ମନ୍ତ୍ରୀ ଏହା ଗ୍ରହଣ କଲେ ଏବଂ ତାଙ୍କର ପୂର୍ବ ନିଷ୍ପତ୍ତି ଅନ୍ୟଥା ହେଲା—ଅନଶନ ଛୁଟିଲା । ମୁଁ ଏହି ଚୁକ୍ତି ଓ ରାଜିନାମା ଆଦୌ ପସନ୍ଦ କରେ ନା, ମାତ୍ର ପୁନା ଚୁକ୍ତିରେ ଯାହା ଥିଲା ତାହା ବାଦ ଦେଲେ ମୁଁ ଏହାକୁ ପସନ୍ଦ କଲି ।

ଉତ୍ତେଜନା ଚାଲିଗଲା—ଆମର ଜେଲର ପୁରାତନ କାର୍ଯ୍ୟତାଲିକା ପୁଣି ଚାଲିଲା । ହରିଜନ ଆନ୍ଦୋଳନ ଏବଂ ଗାନ୍ଧିଜୀଙ୍କର ଜେଲ ଭିତରୁ କାର୍ଯ୍ୟ-କଳାପ ସମ୍ବାଦସବୁ ଆସି ପହଞ୍ଚିଲା—ଏଥିରେ ମୁଁ ବଡ଼ ବେଶୀ ଖୁସି ହୋଇ ନ ଥିଲି । ଏଥିରେ ସନ୍ଦେହ ନାହିଁ ଯେ ଅସ୍ପୃଶ୍ୟତା ଦୂର କରିବାପାଇଁ ଆନ୍ଦୋଳନ ଏବଂ ହତଭାଗ୍ୟ ପତିତ ଶ୍ରେଣୀଙ୍କୁ ଉଠାଇବାପାଇଁ ଗୋଟିଏ ଅପୂର୍ବ ବେଗ ଦିଆଗଲା; ଏହା ଚୁକ୍ତିରେ ନୁହେଁ, ସମସ୍ତ ଦେଶରେ ଯେଉଁ ଉତ୍ସାହ ଜାତହେଲା ତାହା ଫଳରେ ହୋଇଥିଲା । ଏହାହିଁ ସାଦରେ ଗ୍ରହଣ କରିବାର କଥା । ମାତ୍ର ଆଇନଅମାନ୍ୟ ଆନ୍ଦୋଳନର ଏଥିରେ କ୍ଷତି ହେବା ସ୍ୱାଭାବିକ । ଦେଶର ଦୃଷ୍ଟି ଅନ୍ୟ ସମସ୍ୟା ଆଡ଼କୁ ଚାଲିଯାଇଛି ଏବଂ ଅନେକ କଂଗ୍ରେସକର୍ମୀ ହରିଜନ କାର୍ଯ୍ୟରେ ଲାଗି ପଡ଼ିଲେ । ସମ୍ଭବତଃ ଗୋଟାଏ ନିରାପଦ କାର୍ଯ୍ୟ ଧରି ବସିଯିବାକୁ ଅନେକେ ଯୋଜନା ଖୋଜୁଥିଲେ- ଏଥିରେ ଜେଲ ଯିବାର ସମ୍ଭାବନା ଲାଠିମାଡ଼ ଓ ସମ୍ପତ୍ତି ବାଜ୍ୟାପ୍ତି ହେବାର ଆଶଙ୍କା ନ ଥିଲା; ଏହା ହେବା ସ୍ୱାଭାବିକ ଏବଂ ଆମର ହଜାର ହଜାର କର୍ମୀଙ୍କ ଭିତରୁ ସମସ୍ତେ ଅସୀମ କଷ୍ଟ ଓ ସେମାନଙ୍କର ଘରଦ୍ୱାର ନାଶ ହେବା-ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ଆଶା କରିବା ଠିକ୍ ନୁହେଁ । ତଥାପି ଆମର ବିରାଟ ଆନ୍ଦୋଳନର ଏପରି କ୍ରମ ପତନ ବଡ଼ ଯନ୍ତ୍ରଣାଦାୟକ ହୋଇଥିଲା । ଆଇନ ଅମାନ୍ୟ କୌଣସି ପ୍ରକାରେ ଚାଲିଥିଲା ଏବଂ ବେଳେ ବେଳେ ୧୯୩୩ ମସିହା ଏପ୍ରେଲ ମାସରେ ହୋଇଥିବା କଲିକତା କଂଗ୍ରେସ ଅଧିବେଶନ ପରି ବଡ଼ ବଡ଼ ଜନ ଜାଗ୍ରତ ଦେଖା ହୋଇଥିଲା । ଗାନ୍ଧିଜୀ ଯେରବଦା ଜେଲରେ ଥିଲେ, ମାତ୍ର ହରିଜନ ଆନ୍ଦୋଳନ ସମ୍ବନ୍ଧରେ ନିର୍ଦ୍ଦେଶ ଦେବାନିମନ୍ତେ ଏବଂ ଲୋକଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ତାଙ୍କୁ କେତେକ ସୁବିଧା ଦିଆ ଯାଇଥିଲା । ଯାହାହେଉ ଏହି-

Digitized by srujanika@gmail.com

ଯୋଗୁଁ ସେ ଜେଲଖାନାରେ ଅଛନ୍ତି ବୋଲି ଖବରଟା ଦୂର ହୋଇଗଲା । ଏହିସବୁରେ ମୁଁ ବଡ଼ ଦୁଃଖିତ ହେଲି ।

୧୯୩୩ ମସିହା ମେ ମାସ ପ୍ରଥମ ଭାଗରେ ଅନେକ ମାସ ପରେ ଗାନ୍ଧିଜୀ ତାଙ୍କର ୨୧ ଦିନ ଉପବାସ ଆରମ୍ଭ କଲେ । ଏହି ସମ୍ବାଦ ପ୍ରଥମେ ମୁଁ ପାଇ ଚମକିତ ହେଲି, ମାତ୍ର ଏହା ଏକ ଅପରିହାର୍ଯ୍ୟ ଘଟଣା ବୋଲି ମନେ କରି ମୁଁ ନିଜକୁ ସାନ୍ତ୍ୱନା ଦେଲି । ସେ ନିଜେ ମନସ୍ଥ କଲେ, ସାଧାରଣରେ ଘୋଷଣା କଲାପରେ ବୁଝା ଏହା ଛାଡ଼ିବାପାଇଁ ଲୋକେ ତାଙ୍କୁ ଅନୁରୋଧ କରିବା ଦେଖି ବାସ୍ତବିକ ମୁଁ ବିରକ୍ତ ହୋଇଗଲି । ଉପବାସ ମୋ ପାଖରେ ଏକ ଅବୋଧ୍ୟ ବସ୍ତୁ ହୋଇ ରହିଛି ଏବଂ ଏହି ସିଦ୍ଧାନ୍ତ କରିବା ପୂର୍ବରୁ ମୋତେ ପଚରା ହୋଇଥିଲେ ମୁଁ ନିଶ୍ଚୟ ଦୃଢ଼-ଭାବରେ ଏହାର ବିରୁଦ୍ଧରେ କହିଥା'ନ୍ତି । ମାତ୍ର ଗାନ୍ଧିଜୀଙ୍କ କଥାକୁ ମୁଁ ଅଧିକ ମୂଲ୍ୟ ଦିଏ ଏବଂ ଏହି ବ୍ୟକ୍ତିଗତ ସମସ୍ୟା ମାତ୍ରା ତାଙ୍କ ଦୃଷ୍ଟିରେ ଅତ୍ୟନ୍ତ ଗୁରୁତର ତାହା ଭାଙ୍ଗିବାକୁ ଚେଷ୍ଟା କରିବା ଭୁଲ ପରି ମୋତେ ମନେ ହେଲା । ସୁତରାଂ ଦୁଃଖ ଅନୁଭବ କଲେ ବୁଝା ମୁଁ ତାହା ସହ୍ୟ କରିଗଲି ।

ତାଙ୍କର ଉପବାସ ଆରମ୍ଭରୁ କେତେକ ଦିନ ପୂର୍ବରୁ ସେ ମୋତେ ଖଣ୍ଡେ ଚିଠି ଲେଖିଲେ—ଏହା ଏକ ଅପୂର୍ବ ଭଙ୍ଗୀରେ ଲେଖା—ଏଥିରେ ମୁଁ ବିଚଳିତ ହୋଇଥିଲି । ସେ ଜବାବ ଚାହୁଁଥିବାରୁ ମୁଁ ତାଙ୍କ ନିକଟକୁ ନିମ୍ନଲିଖିତ ତାର ପଠାଇଲି—

"ଆପଣଙ୍କ ପତ୍ର ପାଇଛି । ମୁଁ ଯେଉଁ ବିଷୟ ବୁଝିପାରେ ନାହିଁ ସେ ସମ୍ବନ୍ଧରେ କଣ କହିବି ? ଏହି ଅଦ୍ଭୁତ ଦେଶରେ ସତେ କି ମୁଁ ହଜିଯାଇଛି—ଆପଣ ହିଁ ଏଠାରେ ଏକ ମାତ୍ର ପରିଚିତ ସ୍ଥାନ; ମୁଁ ଅନ୍ଧକାର ଭିତରେ ବୁଲୁଛି, ମାତ୍ର ସ୍ଖଳିତ ହେଉଛି । ଯାହା ହେଉ ପଛକେ ଆପଣଙ୍କ ପ୍ରତି ଅନୁରାଗ ଓ ଚିନ୍ତା ବରାବର ରହିଥିବ ।"

Digitized by srujanika@gmail.com

ମୁଁ ତାଙ୍କ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନାପସନ୍ଦ କରୁଥିଲି—ଏଣେ ତାଙ୍କୁ କୌଣସି ପ୍ରକାର ଆଘାତ କରିବ ନାହିଁ—ଏହି ଦୁଇଟି ଦ୍ୱନ୍ଦ୍ୱ ମୋ ଭିତରେ ଚାଲିଲା । ତାହା ହେଉ ମୁଁ ଅନୁଭବ କଲି ତାଙ୍କୁ ପ୍ରଫୁଲ୍ଲ କରିପାରି ବାର୍ତ୍ତା ମୁଁ ପଠାଇ ନାହିଁ ଏବଂ ସେ ଯେତେବେଳେ ଗୋଟିଏ ଭୀଷଣ ଅଗ୍ନିପରୀକ୍ଷା ମଧ୍ୟ ଦେଇ ଯିବା ନିମନ୍ତେ ବଦ୍ଧପରିକର ଏବଂ ଏଥିରେ ତାଙ୍କର ଜୀବନ ଶେଷ ହେବାର ସମ୍ଭାବନା ଥିବାରୁ ମୋର ଯେତେଦୂର ସମ୍ଭବ ତାଙ୍କୁ ଆନନ୍ଦିତ କରିବା ଉଚିତ କଥା । ସବୁ ଛୋଟ ଛୋଟ କଥାଦ୍ୱାରା ମାନସିକ ଅବସ୍ଥାର ପାର୍ଥକ୍ୟ ଘଟେ ଏବଂ ତାହାଙ୍କୁ ବଞ୍ଚିବାପାଇଁ ପ୍ରାଣପଣେ ଚେଷ୍ଟା କରିବାକୁ ହେବ । ମୁଁ ଅନୁଭବ କଲି ଯାହା ଘଟୁ ପଛକେ ଏପରି-କି ଯଦି ଦୁର୍ଭାଗ୍ୟବଶତଃ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଆସେ ତାହା ଦୃଢ଼-ହୃଦୟରେ ଆମକୁ ସହ୍ୟ କରିବାକୁ ହେବ—ତେଣୁ ମୁଁ ତାଙ୍କ ନିକଟକୁ ଆଉ ଗୋଟିଏ ତାର ପଠାଇଲି :—

"ବର୍ତ୍ତମାନ ଯେତେବେଳେ ଆପଣ ମହା ପରୀକ୍ଷା ଭିତରେ ଚାଲିଛନ୍ତି ମୁଁ ପୁନର୍ବାର ଆପଣଙ୍କଠାରେ ଶ୍ରଦ୍ଧା ଓ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ଆପଣଙ୍କୁ ନିର୍ଭର କରି କହିପାରେ ମୁଁ ଅଧିକ ସ୍ପଷ୍ଟରୂପେ ଅନୁଭବ କରୁଛି ଯେ ଯାହା ଘଟୁ ପଛକେ ସେଥିରେ ଭଲ ହେବ ଏବଂ ଆପଣ ଜୟୀ ହେବେ ।"

ସେ ଉପବାସଟା କଟାଇଦେଲେ । ଉପବାସର ପ୍ରଥମ ଦିବସ ସେ ଜେଲରୁ ଖଲାସ ହୋଇଗଲେ ଏବଂ ତାଙ୍କ ପରାମର୍ଶମତେ ଛଅ ସପ୍ତାହ ଲାଗି ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରହିଗଲା ।

ତାଙ୍କ ଉପବାସ ସମୟରେ ଦେଶରେ ଯେଉଁ ଭାବାବେଗର ଉଚ୍ଛ୍ୱାସ ଖେଳିଗଲା ତାହା ମୁଁ ଲକ୍ଷ୍ୟ କଲି ଏବଂ ରାଜନୀତିକ ଦୃଷ୍ଟିରୁ ଏହା ଠିକ୍ ପନ୍ଥା କି ନା ବାରମ୍ବାର ମୁଁ ଚିନ୍ତା କରିବାରେ ଲାଗିଲି । ଏହା କେବଳ ଧର୍ମାନୁରକ୍ତି—ଏଥିରେ ସୂକ୍ଷ୍ମ ଚିନ୍ତା ଆଦୌ ଆଶା କରାଯାଇପାରେନା । ସମଗ୍ର ଭାରତ ଅଥବା ଅଧିକାଂଶ ଭାରତୀ ସମ୍ମାନ ଦୃଷ୍ଟିରେ ମହାତ୍ମାଙ୍କ ଆଡ଼କୁ

Digitized by srujanika@gmail.com

ଅର୍ଜାଁନ୍ତି ରହିଲେ ଏବଂ ଆଶା କରି ବସିଲେ ଯେ ସେ ଗୋଟିଏ ପରେ ଗୋଟିଏ ଅଲୌକିକ କାର୍ଯ୍ୟ କରି ଅସ୍ପୃଶ୍ୟତା ନାଶ କରିବେ – ସ୍ୱରାଜ ଆଣିବେ ଇତ୍ୟାଦି – ହାତେ ପ୍ରାପ୍ତ କରନ୍ତୁ କଲେ ନାହିଁ । ଗାନ୍ଧିଜୀ ଅନ୍ୟ-ମାନଙ୍କୁ ଚିନ୍ତା କରିବାକୁ ଉତ୍ସାହ ଦେଲେ ନାହିଁ; ସେ କେବଳ ବିଶୁଦ୍ଧତା ଓ ତ୍ୟାଗ ଉପରେ ଜୋର ଦେଲେ । ମୁଁ ଅନୁଭବ କଲି ଯେ ତାଙ୍କ ସହିତ ମୋର ଏକା ଦୃଢ଼ତର ଆକର୍ଷଣ ଥିବାସତ୍ତ୍ୱେ ମାନସିକ ଦିଗରେ ମୁଁ ତାଙ୍କଠାରୁ ଅଧିକରୁ ଅଧିକ ଦୂର ହୋଇଯାଉଛି । ସେ ରାଜନୈତିକ କାର୍ଯ୍ୟରେ ଅନେକ ସମୟରେ ତାଙ୍କର ନିର୍ଭୁଲ ସହଜାତ ବୁଦ୍ଧିଦ୍ୱାରା ଚାଳିତ ହୁଅନ୍ତି । ତାଙ୍କର କାର୍ଯ୍ୟପ୍ରତି ଗୋଟାଏ ଆଗ୍ରହ ଅଛି—ମାତ୍ର ବିଶ୍ୱାସଦ୍ୱାରା ଗୋଟାଏ ଦେଶକୁ ଶିକ୍ଷିତ କରିବା କ'ଣ ଠିକ୍ ପନ୍ଥା ? କ୍ଷଣକାଳପାଇଁ ଏହା ଫଳ-ପ୍ରଦ ହୋଇପାରେ ? ମାତ୍ର ଅବଶେଷରେ କ'ଣ ହେବ ?

ହିଂସା ଓ ଦ୍ୱନ୍ଦ୍ୱ ଉପରେ ପ୍ରତିଷ୍ଠିତ ପ୍ରଚଳିତ ସାମାଜିକ ବ୍ୟବସ୍ଥାକୁ ସେ ଗ୍ରହଣ କରିପରି ବୋଧ ହେଉଥିଲା—ସେ କିପରି ଏହା ଗ୍ରହଣ କରନ୍ତି ମୁଁ ବୁଝିପାରେ ନା । ମୋ ଭିତରେ ମଧ୍ୟ ଦ୍ୱନ୍ଦ୍ୱ ଚାଲିଲା ଏବଂ ମୁଁ ଦୁଇଟି ଭିନ୍ନ ଅନୁରକ୍ତି ବଳରେ ଟାଣି ପଡ଼ିଲି । ମୁଁ ଜାଣିଥିଲି ଯେ ବାଧ୍ୟତା-ମୂଳକ ଜେଲ୍ ବାଧା ଗଲେ ମୋ ସମ୍ମୁଖରେ ବିପଦ ଅଛି । ମୁଁ ଅତ୍ୟନ୍ତ ନିଃସଙ୍ଗ ଓ ଘରଶୂନ୍ୟ ବୋଧ କଲି ଏବଂ ଯେଉଁ ଭାରତ ଲାଗି ମୁଁ ମୋର ନିଷ୍ଠା ଅର୍ପଣ କରିଛି ଏବଂ ପରିଶ୍ରମ କରିଛି, ତାହା ମୋତେ ଏକ ଅଦ୍ଭୁତ ଓ ବିହ୍ୱଳମୟ ସ୍ଥାନ ପରି ବୋଧ ହେଲା । ଆମ ଦେଶ ଲୋକଙ୍କର ଚିନ୍ତାର ଗତି ଓ ଭାବ ସହିତ ମୁଁ ଯେ ଚାଲି ପାରୁନାହିଁ ଏହା କଣ ମୋର ଦୋଷ ? ଏପରିକି ମୋର ଅତି ଘନିଷ୍ଠ ବନ୍ଧୁମାନଙ୍କ ସହିତ ଗୋଟାଏ ଅଦୃଶ୍ୟ ପ୍ରତିବନ୍ଧକ ରହୁଛି ବୋଲି ମୁଁ ଅନୁଭବ କଲି ଏବଂ ଏହାକୁ ଅତିକ୍ରମ କରିବାକୁ ଅସମର୍ଥ ହୋଇ ମୁଁ ନିଜେ ସଙ୍କୁଚିତ ହୋଇଗଲି । ସେମାନଙ୍କୁ ଅତୀତ ଜଗତ ଆଚ୍ଛନ୍ନ କଲାପରି ମନେ ହେଲା—ପୁରାତନ ମତବାଦ, ଆଶା ଓ ଆକାଂକ୍ଷା ସେମାନଙ୍କ ମନ ଘାରିଥିଲା । ନୂତନ ଜଗତ ସେମାନଙ୍କ-ଠାରୁ ବହୁଦୂରରେ ରହିଥିଲା ।

Digitized by srujanika@gmail.com

“ଦୁଇଟି ଜଗତରେ ସେମାନେ ଭ୍ରମଣ କରୁଛନ୍ତି । ଗୋଟିଏ ମୃତ ଏବଂ ଅନ୍ୟଟିର ଜାତ ହେବାର ଶକ୍ତି ନାହିଁ—ଏଥିରେ ମୁଣ୍ଡ ଗୁଞ୍ଜିବେ କେଉଁଠି ?”

ଅନ୍ୟ ସବୁକଥା ଛାଡ଼ିଦେଲେ ଭାରତ ସାଧାରଣତଃ ଏକ ଧାର୍ମିକ ଦେଶ ବୋଲି ଧରାଯାଏ ଏବଂ ହିନ୍ଦୁ, ମୁସଲମାନ, ଶିଖ ପ୍ରଭୃତି ନିଜ ବିଶ୍ୱାସରେ ଗର୍ବ ଅନୁଭବ କରନ୍ତି ଏବଂ ସେମାନଙ୍କର ସତ୍ୟ ପ୍ରତିପାଦିତ କରିବା ନିମନ୍ତେ ପରସ୍ପରର ଶିରଚ୍ଛେଦନ କରନ୍ତି । ଭାରତରେ ଏବଂ ଅନ୍ୟ ସ୍ଥାନରେ ଯାହାକୁ ଧର୍ମ-ଅନ୍ତତଃ ସଂଗଠିତ ଧର୍ମ ବୋଲି କୁହାଯାଏ ତାହାର ଦୃଶ୍ୟ ଦେଖି ମୋତେ ଏକ ବିଭୀଷିକା ପରି ମନେ ହୁଏ । ମୁଁ ଅନେକ ଥର ଏହାର ନିନ୍ଦା କରିଛି ଏବଂ ଏହାକୁ ସମ୍ପୂର୍ଣ୍ଣରୂପେ ଦୂର କରିଦେବାର ଇଚ୍ଛା ଜାତ ହୋଇଛି । ସବୁଠାରେ ଏହା ସର୍ବଦା ଅନ୍ଧବିଶ୍ୱାସ ଓ ପ୍ରତିକ୍ରିୟା, ଯୁକ୍ତିହୀନ ମତବାଦ ଓ ଯୁକ୍ତିହୀନ ଅନୁରକ୍ତି, କୁସଂସ୍କାର ଓ ଶୋଷଣ ଏବଂ ନ୍ୟସ୍ତସ୍ୱାର୍ଥରକ୍ଷା କରିବାରେ ପ୍ରଶ୍ରୟ ଦିଏ । ତାଥାପି ମୁଁ ଜାଣିଥିଲି ଏଥିରେ ଆଉ କିଛି ଅଛି ଯାହା ମନୁଷ୍ୟ ମନରେ ଗୋଟାଏ ଗଭୀର ଅନ୍ତର-ପ୍ରେରଣା ଜାତ କରାଏ । ତାହା ନ ହୋଇଥିଲେ ଏହା ଯେପରି ଅପୂର୍ବ ଶକ୍ତି ହୋଇଛି ତାହା କିପରି ହୋଇଥାଆନ୍ତା ଏବଂ ଅସଂଖ୍ୟ ପୀଡ଼ିତ ନରନାରୀଙ୍କ ମନରେ ସାନ୍ତ୍ୱନା ଓ ଶାନ୍ତି କିପରି ଦିଅନ୍ତା ? ଏହି ଶାନ୍ତି କ'ଣ କେବଳ ଅନ୍ଧବିଶ୍ୱାସ ଓ ଅନୁସନ୍ଧାନର ଅଭାବ ହେତୁ ? ପ୍ରକାଶ୍ୟ ସମୁଦ୍ର ଭିତରେ ଯେଉଁ ଝଡ଼ ଚାଲେ, ସେଥିରୁ ରକ୍ଷା ପାଇବାଲାଗି ବନ୍ଦରରେ ରହିଥିବା ପରି ଶାନ୍ତି ନା ତାଠାରୁ କିଛି ଅଧିକ । କେତେକ ସ୍ଥଳରେ ଏହା ନିଶ୍ଚୟ ଆଉ କିଛି ଅଧିକ ।

ଅତୀତରେ ଯାହାଥାଉ ପଛକେ ସଂଗଠିତ ଧର୍ମ ବର୍ତ୍ତମାନ ଅନେକ ପରିମାଣରେ ଏକ ଶୂନ୍ୟରେ ପରିଣତ ହେଲାଣି-ଏଥିରେ ବାସ୍ତବତା ନାହିଁ । ମିଷ୍ଟର ଜି, କେ, ଚେଷ୍ଟରଟନ୍ ଏହାକୁ (ତାଙ୍କ ନିଜର ବିଶେଷ ଧର୍ମ ନୁହେଁ; ସବୁଧର୍ମକୁ) ପ୍ରାଚୀନ ଯୁଗର କୌଣସି ଜୀବିତ ପଦାର୍ଥ ବା ଜନ୍ତୁର

Digitized by srujanika@gmail.com

ପ୍ରସ୍ତାବିତ ସହିତ ତୁଳନା କରିଛନ୍ତି—ଏଥିରୁ ଜୀବନ୍ତ ଅଂଶ ଏକଦମ ଲୋପ ପାଇଛି ; ମାତ୍ର ଅନ୍ୟ ପଦାର୍ଥ ଏଥିରେ ମିଶିଯାଇଥିବାରୁ ଏହାର ଆକୃତି କୌଣସି ପ୍ରକାରେ ରହିପାରିଛି । ଯେଉଁଠି କିଛି ମୂଲ୍ୟବାନ୍ ପଦାର୍ଥ ପଡ଼ିଥିଲେ ସେଠାରେ ନାନା ଅନିଷ୍ଟକର ଘଟଣା ଘଟେ ।

ଆମ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଦେଶର ଧର୍ମ ଏହିରୂପ ହୋଇଛି ବୋଲି ମନେ ହୁଏ । ଏହି ଧର୍ମର ଉତ୍କୃଷ୍ଟ ଉଦାହରଣ ବୋଧହୁଏ ଇଂଲଣ୍ଡର ଗିର୍ଜା । ଧର୍ମ ଶବ୍ଦର ପ୍ରକୃତ ଯେଉଁ ଭାବ ଏଠାରେ ନ ଥାଏ । କେତେକାଂଶରେ ସମସ୍ତ ସଗଠିତ ପ୍ରୋଟେଷ୍ଟାଣ୍ଟ ଧର୍ମ ପ୍ରତି ଏହା ପ୍ରଯୁଜ୍ୟ, ମାତ୍ର ଇଂଲଣ୍ଡର ଗିର୍ଜା ଅନେକ ଦିନ ଧରି ସରକାରୀ ରାଜନୀତିର ଅଙ୍ଗ ହୋଇଥିବାରୁ ସମ୍ଭବତଃ ଅନ୍ୟର ଆଗକୁ ଚାଲିଯାଇଛି । *

---

*ଭାରତରେ ସରକାରଠାରୁ ଇଂଲଣ୍ଡର ଧର୍ମପ୍ରଚାର ଅନୁଷ୍ଠାନକୁ ସ୍ୱତନ୍ତ୍ର ଭାବରେ ଦେଖାଯାଇପାରେନା । ସରକାରୀ ବେତନଭୋଗୀ (ଭାରତୀୟ ରାଜସ୍ୱରୁ) ଧର୍ମଯାଜକ ଓ ପୁରୋହିତମାନେ ବଡ଼ ବଡ଼ କର୍ମଚାରୀଙ୍କ ପରି ସାମ୍ରାଜ୍ୟବାଦ ଶକ୍ତିର ପ୍ରତୀକ । ମୋଟାମୋଟି ଗିର୍ଜା ଭାରତ ରାଜନୀତିରେ ଏକ ରକ୍ଷଣଶୀଳ ଓ ପ୍ରତିକ୍ରିୟାପନ୍ଥୀ ଶକ୍ତିରୂପେ ରହିଛି ଏବଂ କୌଣସି ସଂସ୍କାର, କିମ୍ବା ପ୍ରଗତିର ବିରୋଧୀ । ସାଧାରଣ ଭାବରେ ପାଦ୍ରୀମାନେ ଭାରତର ଅତୀତ ଇତିହାସ ଓ ସଂସ୍କୃତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଏବଂ ଏହା କ'ଣ ଥିଲା ବା କ'ଣ ଅଛି ସେ ସମ୍ବନ୍ଧରେ ଜାଣିବାପାଇଁ ଟିକିଏ ହେଲେ କଷ୍ଟ କରନ୍ତିନାହିଁ । ସେମାନେ ହିଦେନ୍ (ପୌତ୍ତଳିକ)ମାନଙ୍କର ପାପ ଓ ଦୋଷ ଦେଖାଇ-ଦେବାରେ ବ୍ୟସ୍ତ । ଚାର୍ଲି ଆଣ୍ଡ୍ରୁଜଙ୍କ ପରି ଭାରତର ଅଧିକ ଅନୁରକ୍ତ ବନ୍ଧୁ ନାହାନ୍ତି । ତାଙ୍କର ଅପାର ପ୍ରେମ, ସେବାଭାବ ଏବଂ ଅତ୍ୟଧିକ ବନ୍ଧୁତା ସର୍ବଦା ଆନନ୍ଦଦାୟକ । ପୁନା ଖ୍ରୀଷ୍ଟସେବାଶ୍ରମରେ କେତେକ ଉତ୍ତମ ଲୋକ ଅଛନ୍ତି, ସେମାନେ ଯେଉଁ ଧର୍ମ ଶିକ୍ଷା ପାଇଛନ୍ତି, ସେଥିରେ ସେମାନେ ଖାଲି ଦୟା ଦେଖାଇବା ଉଦ୍ଦେଶ୍ୟରେ କାର୍ଯ୍ୟ କରନ୍ତି ନାହିଁ, ସେମାନେ ଭାରତୀୟ ଲୋକଙ୍କର ନିଃସ୍ୱାର୍ଥ ସେବାରେ ନିଜକୁ ନିୟୋଜିତ କରିଛନ୍ତି

Digitized by srujanika@gmail.com

ଏହି ଧର୍ମବିଶ୍ୱାସୀଙ୍କ ଭିତରୁ ଅନେକଙ୍କର ଉଦ୍ଦେଶ୍ୟ ଉନ୍ନତ ସନ୍ଦେହ ନାହିଁ । ମାତ୍ର ଗିର୍ଜା କିପରି ବ୍ରିଟିଶ ସାମ୍ରାଜ୍ୟବାଦକୁ ସାହାଯ୍ୟ କରୁଛି ଏବଂ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦକୁ କିପରି ନୈତିକ ଓ ଖ୍ରୀଷ୍ଟୀୟାନ ଧର୍ମାନୁମୋଦିତ କରୁଛି ତାହା ଉଲ୍ଲେଖଯୋଗ୍ୟ । ଏସିଆ ଓ ଆଫ୍ରିକାରେ ଇଂରେଜର ଧ୍ୱଂସକାରୀ ନୀତିକୁ ଏହା ଉଚ୍ଚନୈତିକତାବୁ ସମର୍ଥନ କରୁଛି ଏବଂ ଇଂରେଜ ମାନଙ୍କର ଏପରି କରିବାର ଅଧିକାର ଅଛି ବୋଲି କହୁଛି । ଏହି ଅସ୍ୱାଭାବିକ ଧାର୍ମିକ ମନୋଭାବ ଗଢ଼ିବାରେ ଗିର୍ଜା ସାହାଯ୍ୟ କରୁଛି କିମ୍ବା ଏହା ସେଥିରୁ ଜନ୍ମ ନେଉଛି ଜଣାନାହିଁ । ଇଉରୋପର ଅନ୍ୟ ଅଳ୍ପ

ଆହୁରି ଅନେକ ଇଂରେଜୀ ପାଦ୍ରୀଙ୍କ ସ୍ମୃତି ଭାରତରେ ସମ୍ପଦ ହୋଇ ରହିଛି ।

୧୯୩୦ ମସିହା ଡିସେମ୍ବର ତା ୧୬ ରିଖରେ କାଣ୍ଟରବରିର ଆର୍ଚ୍ଚବିଶପ ପାର୍ଲିମେଣ୍ଟରେ ବକ୍ତୃତା ଦେଇ ଦେଇ ୧୯୧୯ ମସିହା ମଣ୍ଟେଗୁ ଚେମସଫୋର୍ଡ ସଂସ୍କାରର ପ୍ରସ୍ତାବନାକୁ ଲକ୍ଷ୍ୟକରି କହିଥିଲେ, 'ସେ ବେଳେ ବେଳେ ଭାବୁଛନ୍ତି ଯେ ଏହି ବିରାଟ ସଂସ୍କାର ବଡ଼ ତରତରିଆ ହୋଇ କରାଯାଇଛି—ମୁଁ ଏ ଉପରେ ଗୋଟାଏ ସନ୍ଦେହ ଭାବ ଦେଖାଇବା ନିମନ୍ତେ ଓ ତରତରି ହୋଇ ଏହା କରାଯାଉଥିଲେ ସୁଦ୍ଧା ସେ ମନେକରନ୍ତି ଯେ ଯେଉଁ ଲକ୍ଷ୍ୟ ସ୍ଥିର କରାଯାଇଛି ତାହା ପ୍ରତ୍ୟାହାର କରାଯାଇ ପାରେନା ।' ଇଂରେଜ ଗିର୍ଜାର ପ୍ରଧାନ ଧର୍ମଯାଜକ ଭାରତୀୟ ସ୍ୱାଧୀନତାପ୍ରତି କିପରି ରକ୍ଷଣ-ଶୀଳ ମନୋଭାବ ଦେଖାନ୍ତି, ତାହା ଉଲ୍ଲେଖଯୋଗ୍ୟ । ଯେଉଁ ସଂସ୍କାର ଭାରତ ମତରେ ଅସମ୍ପୂର୍ଣ୍ଣ ଥିଲା ଏବଂ ଯାହାଯୋଗୁଁ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା ଓ ତାର ଫଳାଫଳ ଘଟିଲା, ତାକୁ କାଣ୍ଟର-ବରୀ ଆର୍ଚ୍ଚବିଶପ "ତରତରିଆ ଓ ଉଦାର" ବୋଲି ମନେ କଲେ । ଇଂରେଜ ଶାସକବର୍ଗଙ୍କ ଦୃଷ୍ଟିରୁ ଏହା ଅତ୍ୟନ୍ତ ପ୍ରୀତିପ୍ରଦ; ଏପରି କଥା କହିବାର ସ୍ପର୍ଦ୍ଧା ସତ୍ତ୍ୱେ ଏହିପରି ଗୋଟାଏ ଉଦାହରଣ ଦେଖାଯାଉଛି ବୋଲି ବିଶ୍ୱାସ କରୁଥିବାରୁ ସେମାନଙ୍କ ମନରେ ଗୋଟାଏ ଆଧ୍ୟାତ୍ମିକ ଆନନ୍ଦ ହେଉଥିବ ସନ୍ଦେହ ନାହିଁ ।

Digitized by srujanika@gmail.com

ଅନୁଗୃହୀତ ଦେଶ ଏବଂ ଆମେରିକାରେ ଇଂଲଣ୍ଡକୁ ଶଠତାର ଅପବାଦ ଦିଅନ୍ତି; "ବିଶ୍ୱାସଘାତକ ଏଲ୍‌ବିୟନ୍" ଗୋଟାଏ ପୁରାତନ ଉପହାସ-ମାତ୍ର ସମ୍ଭବତଃ ଏହି ଦୋଷାରୋପ ବ୍ରିଟିଶର ସଫଳତାର ଈର୍ଷାଭାବରୁ ଜାତ ହୋଇଛି—ଅନ୍ୟ କୌଣସି ସାମ୍ରାଜ୍ୟବାଦୀ ଶକ୍ତି ଇଂଲଣ୍ଡକୁ ଦୋଷ ଦେଇ ପାରିବେ ନାହିଁ; କାରଣ ପ୍ରତ୍ୟେକେ ଏ ସମ୍ବନ୍ଧରେ ସମାନ ଭାବରେ ଦୋଷୀ । ଜାଣିଶୁଣି ଶଠତା ଅବଲମ୍ବନ କରି ସୂକ୍ଷ୍ମ ବ୍ରିଟିଶ ବାରମ୍ବାର ଯେଉଁ ସଂହତ ଶକ୍ତିର ପରିଚୟ ଦେଇଛନ୍ତି, ତାହା ଅନ୍ୟ ଦେଶ ପକ୍ଷରେ ସମ୍ଭବ ନୁହେଁ । ସେମାନେ ଯେଉଁ ଶ୍ରେଣୀର 'ଧର୍ମ' ଗ୍ରହଣ କରିଛନ୍ତି; ସେଥିରେ ତାଙ୍କର ସ୍ୱାର୍ଥ ସହିତ ସଂଶ୍ଳିଷ୍ଟ କଥାରେ ସେମାନଙ୍କ ନୈତିକତା ହ୍ରାସ ବୋଲି କହି କ୍ଷମା ଦିଆଯାଇଛି । ଇଂରେଜମାନେ ଯେପରି ବ୍ୟବହାର କରିଛନ୍ତି, ଅନ୍ୟଲୋକେ ତା'ଠାରୁ ଆହୁରି ଖରାପ ବ୍ୟବହାର କରିଛନ୍ତି, ମାତ୍ର ସେମାନେ ବ୍ରିଟିଶଙ୍କ ପରି ସମାନ ପରିମାଣରେ ଏହା ପୁଣ୍ୟକର୍ମ ବୋଲି କହିବାରେ ସଫଳତା ଲାଭ କରିନାହାନ୍ତି । ଅନ୍ୟ ଚକ୍ଷୁରେ ଧୂଳିକଣା ଟିକିଏ ଦେଖିଲେ ଆମେ ସହଜରେ ଦେଖାଇ ଦେଇ ପାରୁଁ । ମାତ୍ର ଆମ ନିଜ ଆଖିରେ ପ୍ରସ୍ତରଖଣ୍ଡ ପୁଞ୍ଜା ଦେଖି ପାରୁ ନା—ଏଥିରେ ହୁଏତ ଇଂରେଜଙ୍କର ସମକକ୍ଷ କେହି ନାହାନ୍ତି । *

---

*ଇଂଲଣ୍ଡର ଗିର୍ଜା କିପରି ପରୋକ୍ଷଭାବରେ ଭ୍ରାନ୍ତ ରାଜନୀତିରେ ପ୍ରଭାବ ପକାଏ ଏହାର ଏକ ଦୃଷ୍ଟାନ୍ତ ଏବେ ମୋ ନିକଟକୁ ଆସିଛି । ୧୯୩୪ ମସିହା ନଭେମ୍ବର ତା ୧୪ରେ କାନପୁରରେ ହୋଇଥିବା ଯୁକ୍ତପ୍ରଦେଶ ଭାରତୀୟ ଖ୍ରୀଷ୍ଟିଆନ ସମ୍ମିଳନୀର ଅଭ୍ୟର୍ଥନା ସମିତିର ଚେୟାରମାନ୍ ମିଷ୍ଟର ଇ. ଟି. ଡେଭିଡ଼୍ କହିଲେ, "ଖ୍ରୀଷ୍ଟିଆନ ଭାବରେ ଆମେ ଧର୍ମାନୁସାରେ ରାଜାଙ୍କପ୍ରତି ଅନୁରକ୍ତ—କାରଣ ସେ ଆମ ଧର୍ମବିଶ୍ୱାସର ରକ୍ଷକ ।" ଏହାର ଅର୍ଥ ଭାରତରେ ବ୍ରିଟିଶ ସାମ୍ରାଜ୍ୟବାଦକୁ ସମର୍ଥନ କରିବା । ଆଇ. ସି. ଏସ୍. ପୁଲିସ ଓ ପ୍ରସ୍ତାବିତ ଶାସନତନ୍ତ୍ର ସମ୍ବନ୍ଧରେ ଇଂଲଣ୍ଡର ରକ୍ଷଣଶୀଳ ମନୋବୃତ୍ତି ସହିତ ଡେଭିଡ଼ଙ୍କ ସହାନୁଭୂତି ପ୍ରକାଶ

Digitized by srujanika@gmail.com

ପ୍ରୋଟେଷ୍ଟାଣ୍ଟ ମତବାଦ ନୂତନ ଅବସ୍ଥା ସହିତ ନିଜକୁ ଖାପ ଖୁଆଇଲା ଏବଂ ନୂତନ ଓ ପୁରାତନ ଉଭୟ ଜଗତର ସର୍ବାପେକ୍ଷା ଉତ୍ତମ ଜିନିଷ ଗ୍ରହଣ କଲା । ନୂତନ ଜଗତର ସ୍ୱଭାବ ଗ୍ରହଣରେ ଏହା ଅନେକ ସଫଳତା ଲାଭ କଲା; କିନ୍ତୁ ଏକ ସଂଗଠିତ ଧର୍ମ ହିସାବରେ ଧର୍ମଦୃଷ୍ଟିରୁ ଏହା ଏକ ଦୋଛକିରେ ପଡ଼ିଲା—କ୍ରମେ ଭାବପ୍ରବଣତା ଓ ବୃହତ୍ ବ୍ୟବସାୟରେ ପରିଣତ ହେଲା । ରୋମାନ୍ କାଥଲିକ ମତବାଦ ଏଥିରୁ ରକ୍ଷା ପାଇଥିଲା । କାରଣ ଏହା ପୁରୁଣା ମତବାଦକୁ ଯାକି ଧରିଥିଲା ଏବଂ ଯେତେଦିନ ପର୍ଯ୍ୟନ୍ତ ଏହାର ପ୍ରତିପତ୍ତି ଥିବ, ସେତେଦିନ ଏହା ଭଲରୂପେ ଚାଲିଥିବ । ଧର୍ମର ସୀମାବଦ୍ଧ ଅର୍ଥାନୁସାରେ ଆଜି ପାଶ୍ଚାତ୍ୟ ଦେଶରେ ଏହାହିଁ ଏକମାତ୍ର ଧର୍ମପଥ ମନେହୁଏ । ମୋର ଜଣେ ରୋମାନ୍‌କାଥଲିକ ବନ୍ଧୁ ମୋପାଇଁ ଜେଲ ଭିତରକୁ କାଥଲିକ୍ ମତବାଦ ଏବଂ ପୋପଙ୍କର ଧର୍ମସମ୍ବନ୍ଧୀୟ ପତ୍ରାବଳୀ କେତେକ ପଠାଉଥିଲେ । ମୁଁ ତାହା ଆଗ୍ରହର ସହିତ ପଢ଼ିଥିଲି । ଏତେ ଅଧିକ ଲୋକଙ୍କ ଉପରେ ଏହାର ପ୍ରଭାବର କାରଣ ମୁଁ ଏହା ପଢ଼ି ବୁଝିପାରିଥିଲି । ଇସଲାମ ଓ ଲୋକପ୍ରିୟ ହିନ୍ଦୁଧର୍ମ ପରି ଏହା ସନ୍ଦେହ ଓ ମାନସିକ ଦ୍ୱନ୍ଦ୍ୱରୁ ମନୁଷ୍ୟକୁ ମୁକ୍ତ କରି ଭବିଷ୍ୟତ ଜୀବନର ମଙ୍ଗଳ ସମ୍ବନ୍ଧରେ ନିର୍ଭର ଆଶ୍ୱାସନା ଦିଏ—ଏ ଜୀବନରେ ଯାହା ଅଭାବ ରହୁଛି, ଆର ଜୀବନରେ ତାହା ପୂରଣ ହେବ ।

ମୋର ଆଶଙ୍କା ଏପରି ନିରାପଦ ବନ୍ଦରରେ ଅଟ୍ଟାଳିକା ଗ୍ରହଣ କରିବା ମୋ ପକ୍ଷରେ ଅସମ୍ଭବ । ମୁଁ ଖୋଲା ସମୁଦ୍ରର ଝଡ଼ ଓ ବତାସ ଭିତରେ ରହିବାକୁ ଅଧିକ ପସନ୍ଦ କରେ । ପର ଜୀବନରେ ମୋର ମୃତ୍ୟୁ ପରେ କ'ଣ ଘଟିବ ସେଇଥିପାଇଁ ମୋର ଆଦୌ ଆଗ୍ରହ ନାହିଁ । ମୋର ଏହି ଜୀବନର ସମସ୍ୟାଗୁଡ଼ିକ ମନକୁ ପୂର୍ଣ୍ଣ ରଖିବା ନିମନ୍ତେ ଯଥେଷ୍ଟ । ଚୀନର ପରମ୍ପରାଗତ ଦୃଷ୍ଟିକୋଣ ମୌଳିକ ଭାବରେ ନୈତିକ ଅଥଚ ଧର୍ମହୀନ

କରୁଥିଲେ ଏବଂ ତାଙ୍କ ମତରେ ଏହା ନ ଥିଲେ ଭାରତରେ ଖ୍ରୀଷ୍ଟଧର୍ମ ବିପଦସଙ୍କୁଳ ହୋଇଥାନ୍ତା ।

Digitized by srujanika@gmail.com

କିମ୍ବା ଆଧ୍ୟାତ୍ମିକ ସଂଶୟବାଦ ପରିପୂର୍ଣ୍ଣ—ଏହା ପ୍ରତି ମୋର ଆକର୍ଷଣ ଅଛି—ଅବଶ୍ୟ ମୁଁ ଏହାକୁ ଜୀବନରେ ପ୍ରୟୋଗ କରିବାକୁ ପ୍ରସ୍ତୁତ ନୁହେଁ । 'ତାଓ' ଅର୍ଥାତ୍ ଯେଉଁ ପଥ ଅନୁସରଣ କରିବାକୁ ହେବ—ଜୀବନର ଗତି କେମିତି ଭଲ ହେବ' ଜୀବନକୁ କିପରି ବୁଝିବାକୁ ହେବ, ଏହାକୁ ଅସ୍ୱୀକାର କରିବାକୁ ନୁହେଁ ଗ୍ରହଣ କରିବାକୁ ହେବ । ମାତ୍ର ସାଧାରଣତଃ ଧାର୍ମିକ ଦୃଷ୍ଟିକୋଣରେ ଏହି ଜଗତ ସହିତ ସଂପର୍କ ନ ଥାଏ । ମୋର ମନେ ହୁଏ ଏହା ସ୍ପଷ୍ଟ ଚିନ୍ତାର ଶତ୍ରୁ—କାରଣ ଏହା ମୂଳରେ କେତେକ ନିର୍ଦ୍ଦିଷ୍ଟ ଓ ଅପରିବର୍ତ୍ତନୀୟ ଏବଂ ଯୁକ୍ତିହୀନ ମତବାଦ ଗ୍ରହଣ କରିବାକୁ ମୂଳଭିତ୍ତି ଉପରେ ଏହା ଗଠିତ—ମନୁଷ୍ୟର ଭାବପ୍ରବଣତା, ଇନ୍ଦ୍ରିୟ ସ୍ୱପ୍ରେରଣାରେ ଏହା ପ୍ରତିଷ୍ଠିତ । ମୁଁ ଯାହା ଆଧ୍ୟାତ୍ମିକତା ବା ଆଧ୍ୟାତ୍ମିକ ଜ୍ଞାନ ବୋଲି ମନେ କରେ ଏହା ତାହାଠାରୁ ଅଲଗା ଏବଂ ଏହା ଜାଣିଶୁଣି କିମ୍ବା ଅଚେତନ ଭାବରେ ବାସ୍ତବତା ପ୍ରତି ଆଖି ବୁଜିଦିଏ—କାରଣ ବାସ୍ତବତା ସ୍ପର୍ଶରେ ଆସିଲେ ଏହାର ପୂର୍ବ ନିର୍ଦ୍ଦିଷ୍ଟ ଧାରଣାର ବିରୋଧୀ ହେବ । ଏହା ସଙ୍କୀର୍ଣ୍ଣ ଏବଂ ଅନ୍ୟ ମତ ଓ ଧାରଣା ସମ୍ବନ୍ଧରେ ଅସହିଷ୍ଣୁ । ଏହା ଆତ୍ମସ୍ୱାର୍ଥୀ ଓ ସ୍ୱାର୍ଥାନ୍ୱେଷୀ । ସ୍ୱାର୍ଥପର ଓ ସୁବିଧାବାଦୀ ଲୋକେ ଏହାକୁ ଅନେକ ସମୟରେ ନିଜ-ସ୍ୱାର୍ଥରେ ବ୍ୟବହାର କରନ୍ତି ।

ଏହାର ଅର୍ଥ ଯେ ଧାର୍ମିକ ଲୋକଙ୍କ ଭିତରେ ଉଚ୍ଚ ନୈତିକଭାବ ନଥିଲା ବା ନାହିଁ ଏହା ନୁହେଁ । ଯଦି ନୈତିକତା ଓ ଧର୍ମଭାବକୁ ପରଜଗତ ନୁହେଁ ଇହଜଗତ ଦୃଷ୍ଟିରେ ଦେଖାଯାଏ ତେବେ ଧାର୍ମିକ ଦୃଷ୍ଟିକୋଣ ଲୋକଙ୍କର ଧାର୍ମିକ ଓ ନୈତିକ ପ୍ରଗତିର ସାହାଯ୍ୟ ତ କରେ ନାହିଁ ବରଂ ବାଧା ଦିଏ । ଧର୍ମ ସାଧାରଣତଃ ଈଶ୍ୱର ବା ପରମାତ୍ମାର ସହିତ ମିଳିତ ହେବା ନିମନ୍ତେ ଅନୁସନ୍ଧାନ ଏବଂ ଧାର୍ମିକ ଲୋକସମାଜର ମଙ୍ଗଳ ଛଡ଼ା ନିଜର ମୁକ୍ତି ନିମନ୍ତେ ଅଧିକ ବ୍ୟସ୍ତ । ଏହି ଅଧ୍ୟାତ୍ମବାଦୀ ସ୍ୱାର୍ଥ ତ୍ୟାଗ କରିବାକୁ ଚେଷ୍ଟା କରେ, ମାତ୍ର ସାଧାରଣତଃ ସେଥିରେ ଜଡ଼ିତ ହୋଇଯାଏ । ନୈତିକ ଆଦର୍ଶର ସହିତ ସାମାଜିକ ଆବଶ୍ୟକତାର କୌଣସି ସଂପର୍କ ନାହିଁ—ଏହା ଉଚ୍ଚ ଦାର୍ଶନିକ ପୀଠ ଉପରେ ପ୍ରତିଷ୍ଠିତ । ସଂଗଠିତ ଧର୍ମ ସାଧାରଣତଃ

Digitized by srujanika@gmail.com

ନ୍ୟସ୍ତସ୍ୱାର୍ଥରେ ପରିଣତ ହୁଏ । ଏହିରୂପେ ଏହା ଏକ ପ୍ରତିକ୍ରିୟାବାଦୀ ଶକ୍ତିରୂପେ ପରିବର୍ତ୍ତନ ଓ ଉନ୍ନତିର ପ୍ରତିରୋଧ କରେ ।

ଏକଥା ଭଲରୂପେ ଜଣା ଯେ ପ୍ରଥମ ଅବସ୍ଥାରେ ଦାସମାନଙ୍କର ସାମାଜିକ ଅବସ୍ଥାର ଉନ୍ନତି ଦିଗରେ ଖ୍ରୀଷ୍ଟିୟାନ୍ ଗିର୍ଜା ପ୍ରଥମେ ସାହାଯ୍ୟ କରିନାହିଁ । ଅର୍ଥନୈତିକ କାରଣହେତୁ ଇଙ୍ଗଲଣ୍ଡରେ ମଧ୍ୟଯୁଗରେ କ୍ରୀତଦାସମାନେ ସାମନ୍ତମାନଙ୍କର ଦାସ ହୋଇ ରହିଥିଲେ । ଗିର୍ଜାର ଏଥିପ୍ରତି ମତଗତି ଦୁଇଶହ ବର୍ଷ ପୂର୍ବେ (୧୭୨୭ରେ) ଆମେରିକା କ୍ରୀତଦାସ ଉପନିବେଶ ମାଲିକମାନଙ୍କ ନିକଟକୁ ଲଣ୍ଡନର ବିଶପ ଲେଖିଥିବା ଚିଠିରୁ ଜଣାପଡ଼େ । ※

ବିଶପ ଲେଖିଥିଲେ, "ଖ୍ରୀଷ୍ଟଧର୍ମ ଏବଂ ଏହାର ଅନୁଚରମାନଙ୍କ ସ୍ୱୀକୃତ ଧର୍ମ ଲୌକିକ ସମ୍ପତ୍ତି ବା ଲୌକିକ ସମ୍ପର୍କ ସକାଶେ କର୍ତ୍ତବ୍ୟରେ କୌଣସି ପରିବର୍ତ୍ତନ କରିବାକୁ ଚାହେଁ ନା । ଏସବୁ ବ୍ୟାପାରରେ ପ୍ରତ୍ୟେକ ଲୋକ ନିଜ ନିଜ ରାଷ୍ଟ୍ରର ନିୟମାଧୀନ । ଖ୍ରୀଷ୍ଟ ଧର୍ମ ଯେଉଁ ସ୍ୱାଧୀନତା ଦିଏ, ତାହା ହେଉଛି ପାପ, ସଇତାନ, କାମ, କ୍ରୋଧ ଇତ୍ୟାଦି ଅସୀମ କାମନାରୁ ମୁକ୍ତି । ମାତ୍ର ସେମାନଙ୍କର ବାହାର ଅବସ୍ଥା ସମ୍ବନ୍ଧରେ ସେମାନେ ପୂର୍ବରୁ ଦାସ ବା ମୁକ୍ତ ଯାହା ଥିଲେ ରହିବେ । ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବାଯୋଗୁଁ ତାହାର କୌଣସି ପରିବର୍ତ୍ତନ ହେବ ନାହିଁ ।

କୌଣସି ସଂଗଠିତ ଧର୍ମ ଆଜି ଏପରି ଖୋଲାଖୋଲି ଭାବରେ ନିଜମତ ପ୍ରକାଶ କରିବ ନାହିଁ, ମାତ୍ର ସମ୍ପତ୍ତି ଓ ପ୍ରଚଳିତ ସାମାଜିକ ବ୍ୟବସ୍ଥା ପ୍ରତି ଏହାର ଦୃଷ୍ଟିକୋଣ ସେହିପରି ଅଛି ।

ଏହା ଭଲରୂପେ ଜଣା ଯେ ଶବ୍ଦ ନିଜ ମନ ଭାବ ପ୍ରକାଶରେ ବହୁତ ଅସମ୍ପୂର୍ଣ୍ଣ ଉପାୟ ଏବଂ ଅନେକ ସମୟରେ ଏହା ନାନା ଅର୍ଥରେ ଗ୍ରହଣ

※ 'ମରାଲ ମ୍ୟାନ ଓ ମରାଲ ସୋସାଇଟି' ନାମକ ରେନହୋଲ୍ଡ ନେବୁରଙ୍କ ରଚିତ ପୁସ୍ତକରେ ଏହାର ଉଲ୍ଲେଖ ଅଛି ।

Digitized by srujanika@gmail.com

କରାଯାଏ । 'ଧର୍ମ' (ଅନ୍ୟ ଭାଷାରେ ଏଥିପ୍ରତି ଯେଉଁ ଶବ୍ଦ ପ୍ରୟୋଗ କରାଯାଏ) ର ବ୍ୟାଖ୍ୟା ଭିନ୍ନ ଲୋକେ ଯେପରି ଭିନ୍ନ ରୀତିରେ କରନ୍ତି ଅନ୍ୟ କୌଣସି ଶବ୍ଦର ସେପରି ଭିନ୍ନ ବ୍ୟାଖ୍ୟା କରାଯାଇ ପାରେ ନା । ସମ୍ଭବତଃ ଧର୍ମ ଶବ୍ଦ ଶୁଣି ବା ପଢ଼ି ଏକ ଧାରଣା ଦୁଇଜଣଙ୍କର ହେବା ଆଦୌ ସମ୍ଭବ ନୁହେଁ । ଏହିସବୁ ଧାରଣା ଓ କଳ୍ପନା ଭିତରେ ଆଚାର, ଅନୁଷ୍ଠାନ, ଧର୍ମପୁସ୍ତକ, ଜନସମ୍ପ୍ରଦାୟ, କେତେକ ସୂକ୍ଷ୍ମ ମତବାଦ, ନୈତିକ ଧାରଣା, ଭକ୍ତି, ପ୍ରେମ, ଭୟ, ଘୃଣା, ଦୟା, ତ୍ୟାଗ, ତପସ୍ୟା, ଉପବାସ, ଶୋକ, ପ୍ରାର୍ଥନା, ଅତୀତ ଇତିହାସ, ବିବାହ, ମୃତ୍ୟୁ, ପରଲୋକ, ଘଣ୍ଟା, ମୁଣ୍ଡଭାଙ୍ଗିବା ଏହିପରି ଅନେକ ଜିନିଷ ରହିଥିବ । ଏହି ବିଭିନ୍ନ ମୂର୍ତ୍ତି ଓ ବ୍ୟାଖ୍ୟାର ବିଶୃଙ୍ଖଳା ଭିତରେ ଏପରି ଏକ ପ୍ରବଳ ଆବେଗ ରହିଛି ଯାହା ଫଳରେ ନିରପେକ୍ଷ ଭାବରେ ଚିନ୍ତା କରିବା ଅସମ୍ଭବ ହୋଇପଡ଼େ । 'ଧର୍ମ' ଶବ୍ଦ ତାର ମୂଳ ଅର୍ଥ ହରାଇଛି (କିଛି ଯଦି ଥିଲା)—କେବଳ ଏହା ବିଶୃଙ୍ଖଳା ସୃଷ୍ଟି କରେ—ଯେଉଁଥିରୁ ବିପରୀତ ଅର୍ଥଯୋଗେ ବାଦାନୁବାଦ ଆଲୋଚନା ଓ ଯୁଦ୍ଧ ଚଳେ । ଯଦି ଏହାର ବ୍ୟବହାର ସମ୍ପୂର୍ଣ୍ଣରୂପେ ବନ୍ଦ କରି ଯାଆନ୍ତା ଏବଂ ଏହା ପରିବର୍ତ୍ତେ ସୀମାବଦ୍ଧ ଅର୍ଥସୂଚକ ଅନ୍ୟ ଶବ୍ଦ ଯଥା—ଆସ୍ତିକବାଦ, ଦର୍ଶନ, ନୈତିକତା, ଲୋକବ୍ୟବହାର, ଆଧ୍ୟାତ୍ମିକତା, ତତ୍ତ୍ୱଚିନ୍ତନ, କର୍ତ୍ତବ୍ୟ, ପରୋପକାର ଆଦି ଶବ୍ଦ ବ୍ୟବହାର କଲେ ଭଲ ହୁଅନ୍ତା । ଏହି ଶବ୍ଦଗୁଡ଼ିକର ଅର୍ଥ ମଧ୍ୟ ଅସ୍ପଷ୍ଟ, ତଥାପି 'ଧର୍ମ' ଅପେକ୍ଷା ଏହାର ଅର୍ଥ ସୀମାବଦ୍ଧ । ଏହି ଶବ୍ଦ ବ୍ୟବହାରରେ ଆଉ ଏକ ସୁବିଧା ଯେ ଏହା 'ଧର୍ମ' ଶବ୍ଦ ଯେପରି ଏତେ ଭାବାବେଗ ଓ ଅନୁମାନଦ୍ୱାରା ଆଚ୍ଛନ୍ନ ହୋଇଛି ଏ ଶବ୍ଦ ସେପରି ହୋଇ ନାହିଁ ।

ତାହାହେଲେ ଧର୍ମ ଶବ୍ଦର ଅର୍ଥ କ'ଣ ? (ଅସୁବିଧା ସତ୍ତ୍ୱେ ଏହି ଶବ୍ଦ ବ୍ୟବହାର କରିବାକୁ ପଡ଼ୁଛି) । ସମ୍ଭବତଃ ଏହାର ଅର୍ଥ ହେଉଛି ମନୁଷ୍ୟର ଆଭ୍ୟନ୍ତରୀଣ ଉନ୍ନତି ଏବଂ ଭଲ ବୋଲି ବିଚାର କରାଯାଉଥିବା ଦିଗରେ ତାହାର ଚେତନା ଜାଗ୍ରତ କରାଇବା । ଏହି କଲ୍ୟାଣ କେଉଁ ଦିଗରେ ହେବ ତାହା ପୁଣି ତର୍କର ବିଷୟ । କିନ୍ତୁ ମୁଁ ଯେତେଦୂର ବୁଝିଛି

Digitized by srujanika@gmail.com

ଧର୍ମ ଏହି ଆଭ୍ୟନ୍ତରୀଣ ପରିବର୍ତ୍ତନରେ ଜୋର ଦିଏ ଏବଂ ବାହ୍ୟିକ ପରିବର୍ତ୍ତନ ଅନ୍ତଃପ୍ରକୃତି ଭିତରର ପ୍ରକାଶମାତ୍ର ବୋଲି ଧରାଯାଏ ! ଏଥିରେ ସନ୍ଦେହ ନାହିଁ ଯେ ଏହି ଆଭ୍ୟନ୍ତରୀଣ ଉନ୍ନତିହିଁ ବାହାର ପାରିପାର୍ଶ୍ୱିକ ଅବସ୍ଥା ଉପରେ ପ୍ରଭାବ ବିସ୍ତାର କରେ । ଉଭୟେ ହିଁ ପରସ୍ପର ଉପରେ କ୍ରିୟା ଓ ପ୍ରତିକ୍ରିୟା କରନ୍ତି । ଗୋଟିଏ ପୁରୁଣାକଥା ସର୍ବଦା ଶୁଣାଯାଏ ଯେ ପାଶ୍ଚାତ୍ୟ ଦେଶରେ ଆଧୁନିକ ଶିଳ୍ପୋନ୍ନତିଯୋଗୁଁ ବାହ୍ୟ ପ୍ରଗତି ଅନ୍ତଃପ୍ରକୃତିଠାରୁ ବହୁଦୂର ଅଗ୍ରସର ହୋଇଯାଇଛି । ମାତ୍ର ଅନେକ ଲୋକ ଯେପରି ଭାବନ୍ତି ଯେ ଆମର ପ୍ରାଚ୍ୟଖଣ୍ଡରେ ଶିଳ୍ପୋନ୍ନତି ବଡ଼ ଧୀରେ ଧୀରେ ହୋଇଥିବାରୁ ଆମର ଅନ୍ତର୍ବିକାଶ ବହୁତ ବେଶୀ—ଏକଥା ଏଥିରୁ ପ୍ରମାଣିତ ହୁଏ ନା । ଏହିପରି ଭ୍ରାନ୍ତ ଧାରଣା ନେଇ ଆମେ ନିଜକୁ ଆଶ୍ୱସ୍ତ କରୁଁ ଏବଂ ଆମର ତ୍ରୁଟିଗୁଡ଼ିକ ଏଥିରେ ଘୋଡ଼ାଇବାକୁ ଚାହୁଁ । ହୋଇପାରେ କୌଣସି ବ୍ୟକ୍ତିବିଶେଷ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥାରୁ ଊପରକୁ ଉଠି ଅନ୍ତଃପ୍ରକୃତିର ଉଚ୍ଚ ବିକାଶରେ ପହଞ୍ଚି ପାରନ୍ତି । ମାତ୍ର ବହୁଲୋକ ବା ଦେଶ ପକ୍ଷରେ ବାହ୍ୟ ଉନ୍ନତି ନ ହେଲେ ମାନସିକ ଉନ୍ନତି ହେବା କଷ୍ଟକର । ଯେଉଁ ଲୋକ ଆର୍ଥିକ ଅବସ୍ଥାର ଶିକାର, ଜୀବନ ସଂଗ୍ରାମର ଶକ୍ତି ଯାହାର ସୀମାବଦ୍ଧ ଓ ବଦ୍ଧ, ସେ ଉଚ୍ଚ ଧରଣର ମାନସିକ ଉନ୍ନତି ଖୁବ୍ ବିରଳ ଲାଭ କରେ । ଯେଉଁ ଶ୍ରେଣୀ ଦଳିତ ଓ ଶୋଷିତ ତାହା କେବେହେଁ ଅଗ୍ରୋନ୍ନତି ପାଇପାରେ ନା । ଯେଉଁ ଦେଶ ରାଜନୀତି ଓ ଅର୍ଥନୀତି ଦିଗରେ ଅନ୍ୟର ପରାଧୀନ, ଅତ୍ୟନ୍ତ ସୀମାବଦ୍ଧ, ଆବଦ୍ଧ ଓ ଶୋଷିତ—ତାହାର ମାନସିକ ପ୍ରଗତି ହୋଇପାରେ ନା । ସେଥିହେତୁ ଆତ୍ମୋନ୍ନତି ସକାଶେ ମଧ୍ୟ ବାହ୍ୟିକ ସ୍ୱାଧୀନତା ଓ ଉପଯୋଗୀ ପାରିପାର୍ଶ୍ୱିକ ଅବସ୍ଥାର ଆବଶ୍ୟକତା ଅଛି । ଏହି ବାହ୍ୟିକ ସ୍ୱାଧୀନତା ପାଇବା ନିମନ୍ତେ ଏବଂ ଆତ୍ମୋନ୍ନତି ଉପରେ ସମସ୍ତ ବାଧା ଦୂରକରି ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ କରିବା ଉଦ୍ୟମ କଲାବେଳେ ଏପରି ପନ୍ଥା ହେବା ବାଞ୍ଛନୀୟ ଯଦ୍ଦ୍ୱାରା ପ୍ରକୃତ ଲକ୍ଷ୍ୟ ଯେପରି ଭୁଲି ନ ଯାଏ । ମୋର ମନେହୁଏ ଗାନ୍ଧିଜୀ ଯେତେବେଳେ ଲକ୍ଷ୍ୟ ଅପେକ୍ଷା ପନ୍ଥା ଉପରେ ବେଶୀ ଜୋର ଦିଅନ୍ତି,

Digitized by srujanika@gmail.com

ସେତେବେଳେ ଏହିପରି କିଛି କଥା ତାଙ୍କ ମନରେ ଥାଏ, ମାତ୍ର ପରନ୍ତୁ ଏପରି ହେବା ଉଚିତ ଯାହାକି ନିଶ୍ଚିତରୂପେ ଅସମ୍ଭବ—କାରଣ ଏହାର ଉଦ୍ୟମ ବୃଥା ହେବ ଏବଂ ଏହାଦ୍ୱାରା ଅଭ୍ୟନ୍ତରୀଣ ଓ ବାହ୍ୟିକ ଉଭୟ ଦିଗରେ ଅଧିକ ଅଧୋଗତି ହୋଇପାରେ ।

ଗାନ୍ଧିଜୀ ଏକ ସ୍ଥାନରେ ଲେଖିଛନ୍ତି "ମଣିଷ ଧର୍ମହୀନ ହୋଇ ବଞ୍ଚି ନ ପାରେ । ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ଅହଙ୍କାର ସହିତ ଘୋଷଣା କରନ୍ତି ଯେ ଧର୍ମ ସହିତ ତାଙ୍କର କୌଣସି ସମ୍ବନ୍ଧ ନାହିଁ । କେହି ଯଦି କହେ ମୁଁ ନିଶ୍ୱାସ ନିଏ ଅଥଚ ମୋର ନାକ ନାହିଁ, ସେ ଯେପରି କଥା ଏହା ସେହିପରି କଥା ।" ପୁଣି ସେ ଲେଖିଛନ୍ତି—"ମୋର ସତ୍ୟପ୍ରତି ଅନୁରକ୍ତି ହିଁ ମୋତେ ରାଜନୀତି ଆଡ଼କୁ ଟାଣି ଆଣିଛି । ମୁଁ ଇତସ୍ତତଃ ନ ହୋଇ ନମ୍ରତାର ସହିତ କହିପାରେ ଯେ ଯେଉଁମାନେ ରାଜନୀତି ସହିତ ଧର୍ମର କୌଣସି ସମ୍ପର୍କ ନାହିଁ ବୋଲି କହନ୍ତି, ସେମାନେ ଧର୍ମ ଅର୍ଥ କ'ଣ ବୁଝନ୍ତି ନାହିଁ ।" ସମ୍ଭବତଃ ସେ ଏହା କହିଥିଲେ ଠିକ୍ ହୋଇଥାନ୍ତା ଯେ ଯେଉଁ ଲୋକେ ଧର୍ମକୁ ରାଜନୀତି ଓ ଜୀବନରୁ ଅଲଗା ବୋଲି ବୁଝନ୍ତି ସେମାନେ ସେ (ଗାନ୍ଧି) 'ଧର୍ମ' ଶବ୍ଦର ଅର୍ଥ ଯେପରି ବୁଝନ୍ତି, ସେପରି ବୁଝନ୍ତି ନାହିଁ । ଏକଥା ସ୍ପଷ୍ଟ ଯେ ସେ ଏହାକୁ ଯେପରି ଅର୍ଥରେ ବ୍ୟବହାର କରନ୍ତି—ସମ୍ଭବତଃ ଅନ୍ୟ ଲୋକଙ୍କ ଅପେକ୍ଷା ଅଧିକ ନୈତିକ ଅର୍ଥରେ—ତାହା ଧର୍ମ ସମାଲୋଚକମାନଙ୍କଠାରୁ ପୃଥକ୍ । ଗୋଟିଏ ଶବ୍ଦ ଯଦି ବିଭିନ୍ନ ଅର୍ଥରେ ବ୍ୟବହାର କରାଯାଏ, ତେବେ ପରସ୍ପର ମଧ୍ୟରେ ବୁଝିପାରିବା କଷ୍ଟକର ହୋଇ ଉଠେ ।

ପ୍ରଫେସର୍ ଜନ୍ ଡ୍ୟୁଏ ଧର୍ମର ଏକ ଆଧୁନିକ ସଂଜ୍ଞା ଦେଇଛନ୍ତି—ଅନେକ ଧାର୍ମିକ ଲୋକେ ଏଥିରେ ଏକମତ ହେବେ ନାହିଁ । ତାଙ୍କ ମତରେ "ଯାହା ଜଗତର ବିକ୍ଷିପ୍ତ ଓ ଗତିଶୀଳ ଘଟଣା ପ୍ରବାହକୁ ଏକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ ନିକ୍ଷେପ କରେ" ତାହା ହେଉଛି ଧର୍ମ; ପୁଣି "କୌଣସି ଆଦର୍ଶ ସିଦ୍ଧି ପାଇଁ ସମସ୍ତ ପ୍ରକାର ବାଧା ଅତିକ୍ରମ କରି କାର୍ଯ୍ୟ କରିବା

Digitized by srujanika@gmail.com

ବ୍ୟକ୍ତିଗତ କ୍ଷତି ସତ୍ତ୍ୱେ ନିଜର ମତରେ ଆସ୍ଥା ସ୍ଥାପନାହିଁ ଧାର୍ମିକ ଗୁଣ ।" ବାସ୍ତବିକ୍ ଏହା ଯଦି ଧର୍ମ ହୁଏ ତେବେ ଏଥିପ୍ରତି କାହାର ଟିକିଏ ହେଲେ ଆପତ୍ତି ହେବ ନାହିଁ ।

ରୋମା ରୋଲାଁ ମଧ୍ୟ ଧର୍ମର ଏପରି ବ୍ୟାପକ ଅର୍ଥ କରିଛନ୍ତି, ଯାହା ଶୁଣିଲେ ସଙ୍ଗଠିତ ଧର୍ମର ରକ୍ଷଣଶୀଳ ଲୋକେ ତାଟକା ହୋଇଯିବେ । 'ରାମକୃଷ୍ଣଙ୍କ ଜୀବନୀ' ପୁସ୍ତକରେ ସେ ଲେଖିଛନ୍ତି—

"ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ବିଶ୍ୱାସ କରନ୍ତି ସେମାନେ ସମସ୍ତ ପ୍ରକାର ଧର୍ମବିଶ୍ୱାସରୁ ମୁକ୍ତ । ପ୍ରକୃତରେ ସେମାନେ ଅତି ମାତ୍ରାରେ ମୁକ୍ତତର୍କରେ ଚେତନାରେ ବୁଡ଼ି ରହିଥାନ୍ତି—ଏହାକୁ ସେମାନେ ସୋସିଆଲିଜମ୍, କମ୍ୟୁନିଜମ୍, ମାନବତାବାଦ, ଜାତୀୟତାବାଦ ଏବଂ ଏପରିକି ଯୁକ୍ତିବାଦ ବୋଲି କହନ୍ତି । ବିଷୟବସ୍ତୁ ନୁହେଁ, ମାତ୍ର ଚିନ୍ତାର ଗୁଣ ଦେଖି ଏହା କେଉଁଠୁ ଉଦ୍ଭୂତ, ଧର୍ମରୁ ଉତ୍ପନ୍ନ ହୋଇଛି କି ନା ଆମେ ସ୍ଥିର କରୁଁ । ଯଦି ଏକାନ୍ତ ଭାବରେ ଯେ କୌଣସି ତ୍ୟାଗ ସହ ନିର୍ଭୀକ ଭାବରେ ସତ୍ୟ ଅନୁସନ୍ଧାନ ଦିଗରେ ଏହା ଗତି କରେ ତେବେ ମୁଁ ଏହାକୁ ଧାର୍ମିକ-ଭାବ ବୋଲି କହିବି । କାରଣ ପ୍ରଚଳିତ ସମାଜ ବ୍ୟବସ୍ଥାଠାରୁ ଆହୁରି ଉଚ୍ଚତର ମାନବିକ ଉଦ୍ୟମ ଉଦ୍ଦେଶ୍ୟରେ ଏହା ପରିଣତ ହୁଏ ଏବଂ ମୋଟାମୋଟି ମାନବ ସମାଜର ଜୀବନରୁ ଏହା ଉଚ୍ଚତର । ଯଶସ୍ୱବାଦ ଯେତେବେଳେ ଆପଣାଛାଏଁ ଶକ୍ତିଶାଳୀ ଚରିତ୍ରଠାରୁ ଉଠେ, ଯେତେବେଳେ ଏହା ଦୁର୍ବଳ ନୁହେଁ ଶକ୍ତିର ପରିଚୟ ଦିଏ, ସେତେବେଳେ ଏହା ଧର୍ମ-ପ୍ରାଣ ସୈନ୍ୟ ଦଳ ସହିତ ସମାନ ଭାବରେ ତାଳ ଦେଇ ଚାଲେ ।"

ରୋମା ରୋଲାଁ ଯେଉଁସବୁ ସର୍ତ୍ତ ଦେଇଛନ୍ତି ମୁଁ ତାହା ପୂରଣ କରି ପାରିବି ବୋଲି ଭରସା କରୁନାହିଁ, ମାତ୍ର ଏହି ସର୍ତ୍ତରେ ମୁଁ ସେହି ମହାନ୍ ସୈନ୍ୟଦଳର ଅନୁଚର ହେବାଲାଗି ପ୍ରସ୍ତୁତ ।

Digitized by srujanika@gmail.com

୪୮

ବ୍ରିଟିଶ ସରକାରର ଦ୍ୱୈତ ନୀତି

ହରିଜନ ଆନ୍ଦୋଳନ ଚାଲିଲା—ଗାନ୍ଧିଜୀ ପ୍ରଥମେ ଯେରବଦା ଜେଲରୁ ଓ ପରେ ବାହାରୁ ଏହାର ନିୟନ୍ତ୍ରଣ କଲେ । ମନ୍ଦିର ପ୍ରବେଶ ବାଧା ଉଠାଇ ଦେବା ନିମନ୍ତେ ଖୁବ୍ ଆନ୍ଦୋଳନ ଚାଲିଲା ଏବଂ ସେହି ମର୍ମରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନ ପେଶ୍ ହେଲା । ତା ପରେ ଆଉ ଏକ ଅଦ୍ଭୁତ କଥା ଦେଖାଗଲା – ଜଣେ ଖ୍ୟାତନାମା କଂଗ୍ରେସ ନେତା ଦିଲ୍ଲୀ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କ ଘରକୁ ଯାଇ ମନ୍ଦିର ପ୍ରବେଶ ବିଲ ସପକ୍ଷରେ ମତ ସଂଗ୍ରହ କରିବାକୁ ଲାଗିଲେ । ତାଙ୍କ ଜରିଆରେ କେନ୍ଦ୍ର ଆସେମ୍ବ୍ଲି ମେମ୍ବରଙ୍କ ପାଖକୁ ଗାନ୍ଧିଜୀ ମଧ୍ୟ ଗୋଟିଏ ନିବେଦନ ପଠାଇଲେ । ଏଣେ ଆଇନ ଅମାନ୍ୟ ଚାଲିଥାଏ ଓ ଲୋକେ ଜେଲ ଯାଉ-ଥାଆନ୍ତି; କଂଗ୍ରେସ ଆସେମ୍ବ୍ଲି ବର୍ଜନ କରିଥାଏ ଏବଂ ସେଠାରେ ଥିବା କଂଗ୍ରେସ ସଭ୍ୟସବୁ ପ୍ରତ୍ୟାହାର କରି ଆସି ଥାଆନ୍ତି । ଯେ କେତେଜଣ ଅପଦାର୍ଥ ରହିଗଲେ ଏବଂ ଶୂନ୍ୟ ସ୍ଥାନ ଯେଉଁମାନେ ପୂରଣ କଲେ ସେମାନେ ଏ ସଙ୍କଟ ସମୟରେ କଂଗ୍ରେସର ବିରୋଧୀ ଓ ସରକାରର ସମର୍ଥକ ଭାବରେ ପରିଚିତ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଦମନ ଆଇନ ପାଶ୍ କରାଇବାରେ ଏବଂ ଅର୍ଡିନାନ୍ସର ଅଦ୍ଭୁତ ଶକ୍ତିସବୁକୁ ଚିରସ୍ଥାୟୀ କରାଇବାରେ ସରକାରଙ୍କୁ ସାହାଯ୍ୟ କରିଥାନ୍ତି । ସେମାନେ ଅଣ୍ଟୁଆ ଚୁକ୍ତିକୁ ଗିଳିଥାନ୍ତି, ଦିଲ୍ଲୀ, ସିମଳା ଓ ଲଣ୍ଡନର ବଡ଼ କର୍ତ୍ତାମାନଙ୍କୁ ଖୁଆଇ ଥାନ୍ତି ଓ ସେମାନଙ୍କ ସହିତ ନିଜେ ଭୋଜିଭାତ ଖାଆନ୍ତି, ଭାରତରେ ବ୍ରିଟିଶ ଶାସନକୁ ସେମାନେ ଧନ୍ୟବାଦ ଅର୍ପଣ କରିଥାନ୍ତି ଓ ଭାରତରେ ଯାହାକୁ 'ଦ୍ୱୈତ ଶାସନ' ବୋଲି କହନ୍ତି ତାହାର ସଫଳତା ସକାଶେ ପ୍ରାର୍ଥନା କରିଥାନ୍ତି ।

Digitized by srujanika@gmail.com

ସେତେବେଳେ ଯେଉଁ ଘଟଣା ଘଟିଥିଲା ସେଥିରେ ଗାନ୍ଧି ସେମାନଙ୍କ ନିକଟକୁ ନିବେଦନ ପଠାଇବା କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି—ଅଧିକନ୍ତୁ ମଧ୍ୟ କିଛି ମତ୍ପ୍ରାର୍ଥ ତଳେ କଂଗ୍ରେସର ଅସ୍ଥାୟୀ ସଭାପତି ହୋଇଥିବା ରାଜଗୋପାଳାଚାରୀଙ୍କର ଯେଉଁ ଅତି ତତ୍ପରତା ଦେଖାଇଲେ ସେଥିରେ ଆହୁରି ଅବାକ୍ ହେଲି । ଏହିସବୁ କାର୍ଯ୍ୟ ହେତୁ ଅଇନ ଅମାନ୍ୟ ଆନ୍ଦୋଳନର ଅବଶ୍ୟ କ୍ଷତି ଘଟିଲା, ମାତ୍ର ଏହାର ନୈତିକ ଦିଗ ଦେଇ ମୁଁ ମର୍ମାହତ ହେଲି । ମୋ ମତରେ ଗାନ୍ଧିଜୀ କିମ୍ବା ଅନ୍ୟ ଯେ କୌଣସି କଂଗ୍ରେସ ନେତା ଏପରି କାର୍ଯ୍ୟ କରିବାଦ୍ୱାରା ଏକ ଅନୈତିକ କାର୍ଯ୍ୟ କଲେ ଏବଂ ଜେଲରେ ଯେଉଁ ଲୋକେ ଥିଲେ ଓ ଯେଉଁମାନେ ସଂଗ୍ରାମ ଚଳାଉଥିଲେ ସେହି ଲକ୍ଷ ଲକ୍ଷ ଲୋକଙ୍କ ବିଶ୍ୱାସ ଭଙ୍ଗ କରାଗଲା । ମାତ୍ର ମୁଁ ଜାଣିଥିଲି ସେ ଏହାକୁ ଅନ୍ୟ ଦୃଷ୍ଟିରୁ ଦେଖୁଥିଲେ ।

ସେତେବେଳେ ଓ ପରେ ସରକାର ମନ୍ଦିର ପ୍ରବେଶ ଆଇନ ପ୍ରତି ଯେ ମନୋଭାବ ପ୍ରଦର୍ଶନ କଲେ ତାହା ଏଥିରେ ପ୍ରକାଶିତ ହୋଇଗଲା । ଏହି ବିଲର ଉଦ୍ୟୋକ୍ତାମାନଙ୍କ କାର୍ଯ୍ୟରେ ଯଥାସମ୍ଭବ ଅସୁବିଧା ସରକାର ସୃଷ୍ଟି କଲା, ଏହାକୁ ସ୍ଥଗିତ ରଖିବାକୁ ଚାହିଁଲା, ଏହାର ବିରୋଧୀମାନଙ୍କୁ ଉତ୍ସାହିତ କଲା ଏବଂ ଶେଷରେ ବିଲଟି ହତ୍ୟା କରାଗଲା । ଅନେକ ଥର ଭାରତରେ ସମସ୍ତ ପ୍ରକାର ସମାଜ ସଂସ୍କାର ପ୍ରତି ସରକାର ଏପରି ମନୋଭାବ ଦେଖାଇଛି ଏବଂ ଧର୍ମରେ ହସ୍ତକ୍ଷେପ କରିପାରିବ ନାହିଁ ବୋଲି ଛଳନା କରି ସାମାଜିକ ପ୍ରଗତିରେ ଏହା ବାଧା ଦେଇଛି । କିନ୍ତୁ ଏକଥା କହିବା ଦରକାର ନାହିଁ ଯେ ଏହା କରି ମଧ୍ୟ ଆମର ସାମାଜିକ ଦୋଷଗୁଡ଼ିକୁ ସମାଲୋଚନା କରିବାରେ କିମ୍ବା ଏହା କରିବାପାଇଁ ଅନ୍ୟମାନଙ୍କୁ ମତାଇବାରେ ସରକାର ପଛରେ ନାହିଁ । ଭାଗ୍ୟକ୍ରମେ ଗୋଟିଏ ବାଲ୍ୟବିବାହ ନିରୋଧ ଆଇନ ବା ସାରଦା ବିଲ ଆଇନରେ ପରିଣତ ହୋଇ ପାରିଥିଲା; ମାତ୍ର ଏହି ଆଇନ ପ୍ରଚଳନରେ ପରବର୍ତ୍ତୀ କାର୍ଯ୍ୟରୁ ସରକାର ଏହା ନାଶ କରିବାର କିପରି ବିରୋଧୀ ତାହା ଜଣାପଡ଼ିଥିଲା । ଯେଉଁ ସରକାର ଏକାନ୍ତରେ ଅନ୍ତଦାନ୍ୟସ ଜାରି କରିପାରେ, ନୂତନ ନୂତନ ଅପରାଧ ସୃଷ୍ଟି

Digitized by srujanika@gmail.com

କରିପାରେ, ଜଣକର ଦୋଷ ଅନ୍ୟଠାରେ ଲଗାଇ ଶାସ୍ତି ଦେଇପାରେ, ଏହି ସବୁ ଆଇନ ହେବା ଯୋଗୁଁ ହଜାର ହଜାର ଲୋକଙ୍କୁ ଜେଲକୁ ପଠାଇ ଦେଇପାରେ, ସେହି ସରକାର ସାରବା ଆଇନ ପରି ଗ୍ରାହ୍ୟମତ ଏକ ଆଇନ ଜାରି କରାଇବାକୁ ଭୟ ପାଇଲେ । ଏହି ଆଇନ ଫଳରେ ଯେଉଁ ଦୋଷକୁ ଦୂର କରିବା ନିମନ୍ତେ ଏହି ଆଇନ ହୋଇଥିଲା ତାହା ଅତ୍ୟନ୍ତ ଅଧିକ ପରିମାଣରେ ହେଲା ଏବଂ ଆଇନ ଜାରି କଲାପରେ ଯୁକ୍ତ ନିର୍ବୋଧ-ଭାବରେ ଯେଉଁ ୬ମାସ ସମୟ ଏଥିରେ ଦିଆଯାଇଥିଲା ସେହି ସମୟ ଭିତରେ ବାଲ୍ୟବିବାହ ଧୂମ୍ ଚାଲିଲା । ତାହାପରେ ଦେଖାଗଲା ଏହି ଆଇନ ଏକପ୍ରକାର ପ୍ରହସନ ମାତ୍ର, ଏହାର ଅବଜ୍ଞା କଲେ ସରକାର କିଛି ନଷ୍ଟ କରିବ ନାହିଁ କହିଲେ ଚଳେ । ସରକାରୀଭାବରେ ଏହି ଆଇନ ପ୍ରଚାର-ପାଇଁ କୌଣସି ଚେଷ୍ଟା କରାଗଲା ନାହିଁ ଏବଂ ଏହି ଆଇନରେ କ'ଣ ଅଛି ଏକଥା ମଫସଲର ଅଧିକାଂଶ ଲୋକେ ଜାଣି ନ ଥିଲେ । ସେମାନେ ହିନ୍ଦୁ ଓ ମୁସଲମାନ ପ୍ରଚାରକମାନଙ୍କଠାରୁ ଏହାର ପ୍ରକୃତ ବିବରଣୀ ସବୁ ଶୁଣିଲେ—ଏହି ପ୍ରଚାରକମାନେ ମଧ୍ୟ ଠିକ୍ ଭାବରେ ଆଇନକୁ ଜାଣି ନ ଥାନ୍ତି ।

ବ୍ରିଟିଶ ସରକାର ଭାରତରେ ପ୍ରଚଳିତ ଏହି ସାମାଜିକ ଦୋଷପ୍ରତି ପକ୍ଷପାତିତା ହେତୁ ଏପରି ଅଦ୍ଭୁତ ସହିଷ୍ଣୁତାର ପରିଚୟ ଦେଇଛନ୍ତି ତାହା ନୁହେଁ । ଏକଥା ସତ୍ୟ ଯେ ଏଗୁଡ଼ିକ ଦୂର ହେବା ଲାଗି ସେମାନେ ବିଶେଷ ଧ୍ୟାନ ଦିଅନ୍ତିନାହିଁ, କାରଣ ସେମାନଙ୍କର ଭାରତକୁ ଶାସନ କରିବା ଏବଂ ଏହାର ଧନ ସମ୍ପଦ ଲୁଟି କରିବାରେ ତାଙ୍କୁ ଏହା କୌଣସି ପ୍ରକାରେ ବାଧା ଦିଏ ନାହିଁ । ସମାଜ ସଂସ୍କାର ପ୍ରସ୍ତାବରେ ଅନେକ ଲୋକ ବିରକ୍ତ ହୋଇଯିବାର ଆଶଙ୍କା ସର୍ବଦା ରହିଛି ଏବଂ ରାଜନୀତିକକ୍ଷେତ୍ରରେ ପ୍ରତି କ୍ରୋଧ ଓ ବିରକ୍ତିର ସମ୍ମୁଖୀନ ହେବାକୁ ପଡ଼ୁଥିବାରୁ ଆଉ ଅଧିକ ବଢ଼ାଇବାକୁ ବ୍ରିଟିଶସରକାର ଇଚ୍ଛା କରୁ ନ ଥିଲା । ପରେ ସମାଜ ସଂସ୍କାର ବୃଷ୍ଟିରୁ ଅବସ୍ଥା ଆହୁରି ଖରାପ ହୋଇଛି, କାରଣ କ୍ରମେ ବ୍ରିଟିଶ ସରକାର ଅଧିକରୁ ଅଧିକ ଏହାର ଗୌରବ ରକ୍ଷକ ହୋଇ ପଡ଼ୁଛି ।

Digitized by srujanika@gmail.com

ଭାରତରେ ଅତ୍ୟନ୍ତ ପ୍ରତିକ୍ରିୟାପନ୍ଥୀମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ହେତୁ ଏହା ହୋଇଥିଲା । ସେମାନଙ୍କର ଶାସନପ୍ରଣାଳୀ ବିରୋଧ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅଭିନ୍ନ ସହଯୋଗୀସବୁ ସେମାନେ ବାଛିଲେ ଏବଂ ଯେଉଁ ଚରମ ସାମ୍ପ୍ରଦାୟିକତାବାଦୀ, ଧର୍ମଧ୍ୱଜୀ, ପ୍ରତିକ୍ରିୟାପନ୍ଥୀ ଏବଂ ସଂସ୍କାର ବିରୋଧୀ ଲୋକେହିଁ ଭାରତରେ ବ୍ରିଟିଶ ଶାସନର ପ୍ରଧାନ ସମର୍ଥକ । ରାଜନୀତିକ, ଅର୍ଥନୀତିକ ଓ ସାମାଜିକ ପ୍ରତ୍ୟେକ ଦୃଷ୍ଟିରୁ ମୁସଲମାନ ସାମ୍ପ୍ରଦାୟିକ ଅନୁଷ୍ଠାନଗୁଡ଼ିକ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ । ଏଥିରେ ହିନ୍ଦୁ ମହାସଭା ସେମାନଙ୍କ ସହିତ ତାଳ ପକାଉଛି, କିନ୍ତୁ ଏମାନେ ପଛକୁ ଯିବା ବେଗରେ ସନାତନୀଙ୍କ ପଛରେ ପଡ଼ୁଛନ୍ତି । ସନାତନୀମାନେ ହେଉଛନ୍ତି ସମାଜ ସଂସ୍କାର ବିରୋଧୀ—ସେମାନେ ଅତ୍ୟନ୍ତ ଉତ୍ସାହର ସହିତ ଓ ଅନେକ ସମୟରେ ଉଚ୍ଚସ୍ୱରରେ ଘୋଷଣା କରି ବ୍ରିଟିଶ ଶାସନ ପ୍ରତି ନିଜର ରାଜଭକ୍ତି ଦେଖାଇଲେ ।

ବ୍ରିଟିଶ ସରକାର ଯଦି ନୀରବ ହୋଇ ସାରଦା ଆଇନ ପ୍ରଚଳନ ଓ ଲୋକପ୍ରିୟ କରିବା ନିମନ୍ତେ କୌଣସି କାର୍ଯ୍ୟ କଲେ ନାହିଁ, ତେବେ କଂଗ୍ରେସ କିମ୍ବା ଅନ୍ୟ ବେସରକାରୀ ଅନୁଷ୍ଠାନମାନେ କାହିଁକି ଏହା ସପକ୍ଷରେ ପ୍ରଚାର ଚଳାଇଲେ ନାହିଁ ? ଅନେକ ଇଂରେଜ ଓ ଅନ୍ୟ ବିଦେଶୀ ସମାଲୋଚକମାନେ ଅନେକ ସମୟରେ ଏ ପ୍ରଶ୍ନ ପଚାରିଥାନ୍ତି । କଂଗ୍ରେସ ସମ୍ପର୍କରେ କୁହାଯାଇପାରେ ଯେ ଗତ ୧୫ବର୍ଷ ହେଲା ବିଶେଷତଃ ୧୯୩୦ ମସିହା ଠାରୁ ଏହା ଜାତୀୟ ସ୍ୱାଧୀନତା ହାସଲ ନିମନ୍ତେ ବ୍ରିଟିଶ ଶାସକମାନଙ୍କ ସହିତ ଏକ ଭୀଷଣ ଜୀବନ ମରଣ ସଂଗ୍ରାମରେ ବ୍ୟାପୃତ ରହିଛି । ଅନ୍ୟ ଅନୁଷ୍ଠାନମାନଙ୍କର ଜନସାଧାରଣଙ୍କ ସହିତ କୌଣସି ସମ୍ପର୍କ ବା ପ୍ରକୃତ କ୍ଷମତା କିଛି ନ ଥାଏ । ଜନସାଧାରଣଙ୍କ ମଧ୍ୟରେ ଥିବା ଚରିତ୍ରବାନ୍, ପ୍ରଭାବଶାଳୀ ଏବଂ ଆଦର୍ଶବାଦୀ ଲୋକେ କଂଗ୍ରେସକୁ ପଶିଥିଲେ ଏବଂ ସେମାନଙ୍କର ଅଧିକାଂଶ ସମୟ ବ୍ରିଟିଶ ସରକାରର ଜେଲରେ କଟିଥିଲା ।

ଅନ୍ୟ ଅନୁଷ୍ଠାନମାନେ ଜନସାଧାରଙ୍କ ସ୍ୱାର୍ଥରେ ଖାଲି କେତେକ ଲୋକଙ୍କୁ ନେଇ ପ୍ରସ୍ତାବ ପାଶ କରିବା ଛଡ଼ା ଆଉ କିଛି ପ୍ରାପ୍ତ କରିପାରନ୍ତେ

Digitized by srujanika@gmail.com

ନାହିଁ । ସେଗୁଡ଼ିକ ଉଦ୍‌ଯୋଗ ଭାବରେ କମ୍ପାନିଶୀଳ ଭାରତ ମହିଳା ସମିତି ପରି ଅନୁଷ୍ଠାନର ଭଦ୍ର ମହିଳା ଭାବରେ କାର୍ଯ୍ୟ କଲେ ଏବଂ ଆକ୍ରମଣ-କାରୀ ପ୍ରବୃତ୍ତି ସେମାନେ କରି ପାରିଲେ ନାହିଁ । ଏହା ଛଡ଼ା ଟ୍ରେଡ଼ୟୁନିଅନ ଓ ଅନ୍ୟ ସଂଘମାନଙ୍କ ଦ୍ୱାରା ସାଧାରଣ କାର୍ଯ୍ୟ ଉପରେ ଯେଉଁ ଭୀଷଣ ଦମନ ଚାଲିଲା ସେଥିରେ ସେମାନେ ଏକପ୍ରକାର ପଙ୍ଗୁ ହୋଇଗଲେ । ସାମରିକ ଆଇନଦ୍ୱାରା ବୈପ୍ଳବିକ କାର୍ଯ୍ୟ ଦମନ ହୋଇପାରେ, ମାତ୍ର ଏହା ସଙ୍ଗେ ସଙ୍ଗେ ସଭ୍ୟତା ଏବଂ ଅଧିକାଂଶ ସଭ୍ୟକାର୍ଯ୍ୟ ମଧ୍ୟ ଏହା ପଙ୍ଗୁ କରି-ପକାଏ ।

କିନ୍ତୁ ପ୍ରକୃତରେ କଂଗ୍ରେସ ଓ ଅନ୍ୟ ବେସରକାରୀ ଅନୁଷ୍ଠାନମାନେ ସମାଜ ସଂସ୍କାର ଦିଗରେ ଜାତୀୟ ବିଶେଷ କିଛି କରିପାରିନାହାନ୍ତି ତାହାର କାରଣ ଅତ୍ୟନ୍ତ ସ୍ପଷ୍ଟ । ଆମେ ଜାତୀୟତା ଜ୍ୱରରେ ପୀଡ଼ିତ—ଆମର ସମସ୍ତ ଦୃଷ୍ଟି ଏହା ଉପରେ ଏବଂ ଆମେ ରାଜନୈତିକ ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ଏହା ବରାବର ରହିଥିବ । ବର୍ଣ୍ଣାର୍ଡ଼ ଶ' କହିଲା ପରି "ଏକ ବିଜିତ ଦେଶ ହେଉଛି ଗ୍ରହଣୀ ରୋଗ ହୋଇଥିବା ଲୋକ ସଦୃଶ, ସେ ଏହାଛଡ଼ା ଆଉ କିଛି ଭାବି ପାରେ ନା......ଜାତୀୟତା ଆନ୍ଦୋଳନ ଛଡ଼ା ଏକ ଦେଶ-ପକ୍ଷରେ ଆଉ ବଡ଼ ଅଭିଶାପ କିଛି ନାହିଁ – ସ୍ୱାଭାବିକ କାର୍ଯ୍ୟକୁ ବଳପୂର୍ବକ ଦବାଇ ରଖିବା ଯନ୍ତ୍ରଣାର ଏହା ଲକ୍ଷଣ ମାତ୍ର । ପୃଥିବୀ ପ୍ରଗତିରେ ବିଜିତ ଦେଶର ସ୍ଥାନ ନାହିଁ, କାରଣ ଜାତୀୟ ସ୍ୱାଧୀନତା ହାସଲ କରି ଜାତୀୟ ଆନ୍ଦୋଳନରୁ ମୁକ୍ତି ପାଇବାକୁ ଚେଷ୍ଟା କରିବା ଛଡ଼ା ଆଉ କିଛି କରି-ପାରନ୍ତିନାହିଁ ।

ଅତୀତ ଅଭିଜ୍ଞତାରୁ ଦେଖାଯାଉଛି ଯେ ନିର୍ବାଚିତ ମନ୍ତ୍ରୀମାନଙ୍କ ହାତକୁ ଏ ସମ୍ବନ୍ଧରେ କ୍ଷମତା ଆସିବାସତ୍ତ୍ୱେ ମଧ୍ୟ ବର୍ତ୍ତମାନ ଅବସ୍ଥାରେ ସାମାଜିକ ଉନ୍ନତିରେ ଆମେ ବିଶେଷ କିଛି କରିପାରିବାନାହିଁ । ସରକାରର ବିପୁଳ ଅକର୍ମଣ୍ୟଭାବହିଁ ରକ୍ଷଣଶୀଳ ମନୋଭାବର ସହାୟକ—ଶତ ଶତ ବର୍ଷ ହେଲା ବ୍ରିଟିଶ ସରକାର ସମସ୍ତ ଅଗ୍ରଗତି ନାଶ କରି ସ୍ୱେଚ୍ଛାଚାରୀ

Digitized by srujanika@gmail.com

ଭାବରେ ଶାସନ କରନ୍ତୁ ଅଥବା ସେମାନେ ଠିକ୍ ଭାବରେ ଶାସନ କରୁଛନ୍ତି ବୋଲି କହନ୍ତୁ । ଦେଶବାସୀ ଲୋକଙ୍କ ତରଫରୁ ଏ ସମ୍ବନ୍ଧରେ କୌଣସି ବହୁଳ ସଙ୍ଗଠିତ ଉଦ୍ୟମକୁ ଏହା ପସନ୍ଦ କରେ ନା ଏବଂ ଏଥିରେ ଅନ୍ୟ ମତଲବ ଥିବାର ସନ୍ଦେହ କରେ । ହରିଜନ ଆନ୍ଦୋଳନର ଚାଳକମାନେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ସତ୍ତ୍ୱେ ଏହା ସରକାର ସହିତ ସଂଘର୍ଷରେ ଆସିଛନ୍ତି । ମୋର ନିଶ୍ଚିତ ଧାରଣା ଯେ କଂଗ୍ରେସ ଯଦି ସାବୁନ୍ ବ୍ୟବହାର ନିମନ୍ତେ ଦେଶବ୍ୟାପୀ ପ୍ରଚାର ଆରମ୍ଭ କରିଦେବ, ତେବେ ଏଥିରେ ମଧ୍ୟ ଅନେକ ସ୍ଥଳରେ ସରକାର ସହିତ ସଂଘର୍ଷ ଘଟିବ ।

ସରକାର ଯଦି ନିଜ ହାତକୁ ସମାଜ ସଂସ୍କାର କାର୍ଯ୍ୟ ନିଏ; ତେବେ ଏଥିରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ବେଶୀ କଷ୍ଟକର ବୋଲି ମୋର ମନେ ହୁଏ ନା । ମାତ୍ର ବିଦେଶୀ ଶାସକମାନଙ୍କୁ ସର୍ବଦା ସନ୍ଦେହଦୃଷ୍ଟିରେ ଦେଖାଯାଏ ଏବଂ ତାଙ୍କ କଥାରେ ବିଶେଷ କିଛି ହୋଇପାରୁନାହିଁ । ବିଦେଶୀ ଶାସନ ଦୂର ହୋଇଗଲେ ଏବଂ ଅର୍ଥନୈତିକ ପରିବର୍ତ୍ତନକୁ ପ୍ରାଧାନ୍ୟ ଦିଆଗଲେ, ଶକ୍ତିଶାଳୀ ଶାସନଦ୍ୱାରା ସୁଦୂରଗାମୀ ସମାଜ ସଂସ୍କାରସବୁ ସହଜରେ କରାଯାଇ ପାରେ ।

କିନ୍ତୁ ସମାଜ ସଂସ୍କାର, ସାରଦା ଆଇନ ଓ ହରିଜନ ଆନ୍ଦୋଳନ ଜେଲ ଭିତରେ ଆମ ମନକୁ ବେଶୀ ସ୍ପର୍ଶ କଲାନାହିଁ—ବରଂ ଆଇନ ଅମାନ୍ୟ ଆନ୍ଦୋଳନରେ ବାଧା ପଡ଼ୁଥାଇଲା ବୋଲି ହରିଜନ ଆନ୍ଦୋଳନ ପ୍ରତି ମୁଁ ଟିକିଏ ବିରକ୍ତ ହୋଇଥିଲି । ୧୯୩୩ ମସିହା ମେ ମାସ ପ୍ରଥମଭାଗରେ ୬ ସପ୍ତାହ ନିମନ୍ତେ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା ଏବଂ ଅନ୍ୟ କ'ଣ ଘଟିବ ସେଥିପାଇଁ ଆମେ ବ୍ୟାକୁଳ-ଭାବରେ ଅନାଇଁ ରହିଥିଲୁ । ଏହି ସ୍ଥଗିତ ଫଳରେ ଆନ୍ଦୋଳନ ଶକ୍ତ ଧକ୍କା ଖାଇଲା—କାରଣ ଜାତୀୟ ସଂଗ୍ରାମରେ ଏପରି ଶୀଘ୍ର ଓ ହାଲୁକା ଭାବରେ ଖେଳା ଯାଇ ପାରେ ନା କିମ୍ବା ମନଇଚ୍ଛାମତେ ଏହାକୁ ଆରମ୍ଭ ବା ବନ୍ଦ କରାଯାଇ ପାରେନା । ଆନ୍ଦୋଳନ ସ୍ଥଗିତ ହେବା ପୂର୍ବରୁ ମଧ୍ୟ

Digitized by srujanika@gmail.com

ନେତୃତ୍ୱ ବଡ଼ ଦୁର୍ବଳ ଓ ଅକର୍ମଣ୍ୟ ହୋଇ ପଡ଼ିଥିଲା । ଛୋଟ ଛୋଟ ସମ୍ମିଳନୀ ହେଉଥିଲା—ନାନାପ୍ରକାର ଗୁଜବ ପ୍ରଚଳିତ ହେଲା—ଏଗୁଡ଼ା ଆନ୍ଦୋଳନ ପକ୍ଷରେ କ୍ଷତିକାରକ । କଂଗ୍ରେସର କେତେକ ଅସ୍ଥାୟୀ ସଭାପତି ନାନାସ୍ଥାନ ଲୋକ ଥିଲେ ସନ୍ଦେହ ନାହିଁ, ମାତ୍ର ପ୍ରତ୍ୟକ୍ଷସଂଗ୍ରାମରେ ସେମାନଙ୍କ ସେନାପତି କାମ କରିବାଦ୍ୱାରା ତାଙ୍କପ୍ରତି କଠୋର ବ୍ୟବହାର କରାଯାଉଥିଲା । ସେମାନେ ଯେ କ୍ଲାନ୍ତ ହୋଇ ପଡ଼ିଥିଲେ ସେ ସୂଚନାର ଅଭାବ ନ ଥିଲା—ଅସୁବିଧା ଅବସ୍ଥାରୁ କୌଣସି ପ୍ରକାର ମୁକ୍ତି ପାଇବାର ଆକାଂକ୍ଷା ସେମାନଙ୍କର ଥିଲା । ଭିତର ମହଲରେ ଏହି ଅନିଶ୍ଚିତ ସଂଶୟ ଓ ଅବ୍ୟବସ୍ଥିତ ଚିନ୍ତା ବିରୁଦ୍ଧରେ ଅସନ୍ତୋଷ ଜାତ ହେଲା; କିନ୍ତୁ କଂଗ୍ରେସ ଅନୁଷ୍ଠାନ ସବୁ ବେଆଇନ ହୋଇଥିବାରୁ ଏହାକୁ ସଙ୍ଗଠିତ ଭାବରେ ପ୍ରକାଶ କରିବା କଷ୍ଟକର ହୋଇଥିଲା ।

ତା ପରେ ଗାନ୍ଧିଜୀଙ୍କର ୨୧ ଦିନ ଉପବାସ ଆସିଲା, ଜେଲରୁ ଖଲାସ ହେଲେ ଏବଂ ଛଅ ସପ୍ତାହପାଇଁ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ହେଲା । ଉପବାସ ଅବସାନ ହେଲା ଏବଂ କ୍ରମେ ସେଥିରୁ ସ୍ୱାସ୍ଥ୍ୟଲାଭ କଲେ । ଜୁନମାସ ମଧ୍ୟଭାଗରେ ଆଇନ ଅମାନ୍ୟ ଆନ୍ଦୋଳନ ପୁନଶ୍ଚ ଛଅ ସପ୍ତାହ-ପାଇଁ ସ୍ଥଗିତ କରିଦିଆଗଲା । ଏହିଭିତରେ ସରକାର କୌଣସି ପ୍ରକାର ଦମନ କମାଇ ନ ଥିଲେ । ଆଣ୍ଡାମାନ ଦ୍ୱୀପରେ ରାଜବନ୍ଦୀମାନେ (ହିଂସା-ମୂଳକ କାର୍ଯ୍ୟ ନିମନ୍ତେ ବଙ୍ଗଳାରେ ଯେଉଁମାନେ ବନ୍ଦୀ ହୋଇଥିଲେ ସେମାନଙ୍କୁ ସେଠାକୁ ପଠାଯାଇଥିଲା) ଦୁର୍ବ୍ୟବହାରର ପ୍ରତିବାଦ କରି ଅନଶନ କରିଥିଲେ ଏବଂ ସେମାନଙ୍କ ଭିତରୁ ଜଣେ ଦୁଇଜଣ ମଲେ—ଅନଶନରେହିଁ ସେମାନଙ୍କର ଜୀବନ ଗଲା । ଅନ୍ୟମାନେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥାନ୍ତି । ଆଣ୍ଡାମାନରେ ଘଟୁଥିବା କାଣ୍ଡ ସମ୍ବନ୍ଧରେ ଭାରତରେ ଯେଉଁ ଲୋକେ ପ୍ରତିବାଦ କରି ବକ୍ତୃତା ଦେଉଥିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯାଇ ଶାସ୍ତି ଦିଆଗଲା । ଆମେ ଯେ ଖାଲି ଛଟପଟ ହେଲୁ ତାହା ନୁହେଁ, ଏପରିକି ବନ୍ଦୀମାନେ ପ୍ରତିବାଦର ଅନ୍ୟ କୌଣସି ଉପାୟ ନ ଦେଖି ଅନଶନ କରି ମରୁଥିବାବେଳେ ଆମେ ଆପତ୍ତି ସୁଦ୍ଧା କରିପାରିଲୁ ନାହିଁ ।

Digitized by srujanika@gmail.com

କେତେକ ମାସ ପରେ ୧୯୩୯ ମସିହା ସେପ୍ଟେମ୍ବରରେ (ମୁଁ ଜେଲଖାନା ବାହାରେ ଥିବାବେଳେ) ରବୀନ୍ଦ୍ରନାଥ ଠାକୁର, ସି ଏଫ୍ ଆଣ୍ଡ୍ରୁଜ କଂଗ୍ରେସ ସହିତ କୌଣସି ସଂପୃକ୍ତ ନ ଥିବା ଏହିପରି ଅନେକ ଲୋକ ଆଣ୍ଡାମାନ୍ ବନ୍ଦୀମାନଙ୍କପାଇଁ ଆହୁରି ମାନବିକ ବ୍ୟବହାର କରିବା ନିମନ୍ତେ ଦସ୍ତଖତ କରି ଗୋଟିଏ ନିବେଦନ ପ୍ରକାଶ କରିଥିଲେ—ସେମାନଙ୍କୁ ଭାରତର ଜେଲମାନଙ୍କୁ ଫେରାଇ ଆଣିବା ଭଳି ବୋଲି ସେମାନେ ମତ ଦେଇଥିଲେ । ଏହି ଇସ୍ତାହାରରେ ଭାରତ ସରକାରର ଘରୋଇ ସଚିବ ଖୁବ୍ ଅସନ୍ତୋଷ ପ୍ରକାଶ କଲେ ଏବଂ ବନ୍ଦୀମାନଙ୍କ ପ୍ରତି ସହାନୁଭୂତି ଦେଖାଉଥିବା ହେତୁ ଦସ୍ତଖତକାରୀମାନଙ୍କୁ ଅତି କଠୋର ସମାଲୋଚନା କରିଥିଲେ । ତା'ପରେ ମୋର ଯେତେଦୂର ମନେ ଅଛି ବଙ୍ଗଳାରେ ଏପରି ସହାନୁଭୂତି ପ୍ରଦର୍ଶନ ଏକ ଅପରାଧ ହୋଇ ପଡ଼ିଲା ।

ଦ୍ୱିତୀୟ ଥରପାଇଁ ଛଅ ସପ୍ତାହ ନିମନ୍ତେ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ହେବା ପୂର୍ବରୁ ଅମେ ଡେରାଡୁନ ଜେଲରେ ସମ୍ବାଦ ପାଇଲୁଁ ଯେ ପୁନାଠାରେ ଗାନ୍ଧିଜୀ ଗୋଟିଏ ଘରୋଇ ସଭା ଡକାଇଛନ୍ତି । ପ୍ରାୟ ୨୩ ଶହ ଲୋକ ସେଠିକି ଗଲେ । ଗାନ୍ଧିଜୀଙ୍କ ପରାମର୍ଶମତେ ଗଣ ଆଇନ-ଅମାନ୍ୟ ସ୍ଥଗିତ ରଖାଗଲା । ମାତ୍ର ବ୍ୟକ୍ତିଗତ ଆଇନ ଅମାନ୍ୟପାଇଁ ଅନୁମତି ଦିଆଗଲା ଏବଂ ସମସ୍ତ ଗୁପ୍ତ କାର୍ଯ୍ୟ ନିଷେଧ କରାଗଲା । ଏହିସବୁ ନିଶ୍ଚିତ ଆଦୌ ପ୍ରେରଣାଦାୟକ ନୁହେଁ, ମାତ୍ର ଏ ସମ୍ବନ୍ଧରେ ମୁଁ ବିଶେଷ ଆପତ୍ତି କରି ନ ଥିଲି । ଗଣ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖିବା ଅର୍ଥ ହେଉଛି ପ୍ରଚଳିତ ଅବସ୍ଥାକୁ ସ୍ୱୀକାର ଓ ସୁଦୃଢ଼ କରିବା—କାରଣ ବାସ୍ତବରେ ସେତେବେଳେ କୌଣସି ଗଣ ଆନ୍ଦୋଳନ ଚାଲୁ ନ ଥିଲା । ଆମେ ଯେଉଁ କାର୍ଯ୍ୟ କରୁଥିଲୁଁ ସେଥିରେ ଗୋପନ ଭାବରେ କାର୍ଯ୍ୟ କରିବା ଗୋଟିଏ ଛଳନା ସ୍ୱରୂପ ଥିଲା ଏବଂ ଆନ୍ଦୋଳନ ଚରିତ୍ରରେ ଏହା ଏକ ଦୁର୍ବଳତା କହିଲେ ଚଳେ । ନିର୍ଦ୍ଦେଶ ପଠାଇବା ଏବଂ ସମ୍ପର୍କ ସ୍ଥାପନ ନିମନ୍ତେ ଏହା କେତେକ ପରିମାଣରେ ଆବଶ୍ୟକ ଥିଲା; ମାତ୍ର ଆଇନ ଅମାନ୍ୟ ଗୁପ୍ତ ରଖାଯାଇପାରେନା ।

Digitized by srujanika@gmail.com

ଉପସ୍ଥିତ ପରିସ୍ଥିତି ଏବଂ ଆମର ଲକ୍ଷ୍ୟ ସମ୍ବନ୍ଧରେ ପୁନାରେ ପ୍ରକୃତ ଆଲୋଚନାର ଅଭାବ ଦେଖି ମୁଁ ଅବାକ୍ ଓ ହତାଶ ହେଲି । ପ୍ରାୟ ଦୁଇ ବର୍ଷର ଙ୍କଷଣ ସଂଗ୍ରାମ ଓ ଦମନ ପରେ କଂଗ୍ରେସଲୋକେ ଏକତ୍ର ହୋଇ-ଥିଲେ ଏବଂ ଏଥି ଭିତରେ ଭାରତରେ ଅନେକ କଥା ଘଟିପାଇଥିଲା— ଭାରତରେ ମଧ୍ୟ ବ୍ରିଟିଶ-ଶାସନ ସଂସ୍କାରସମ୍ବଳିତ ଧଳାକାଗଜ ପ୍ରକାଶ ପାଇଥିଲା । ଆମକୁ ଏଥିଭିତରେ ବାଧ୍ୟହୋଇ ନୀରବ ରହିବାକୁ ପଡ଼ିଥିଲା ଏବଂ ଅନ୍ୟ ପକ୍ଷରେ ସମସ୍ୟାକୁ ଅସ୍ପଷ୍ଟ କରିବା ନିମନ୍ତେ ଅବିରାମ ଦୂଷିତ ପ୍ରଚାର ଚାଲିଥାଏ । ଖାଲି ସରକାରୀ ସମର୍ଥକ ନୁହନ୍ତି, ଲିବରାଲ ଓ ଅନ୍ୟମାନେ ମଧ୍ୟ ବାରମ୍ବାର କହୁଥାନ୍ତି ଯେ କଂଗ୍ରେସ ତାର ସ୍ୱାଧୀନତା ଲକ୍ଷ୍ୟ ଛାଡ଼ି ଦେଇଛି । ମୋର ମନେ ହେଲା ପୁଣି ଥରେ ପରିଷ୍କାର କରି ଦେବାପାଇଁ ଅନ୍ତତଃ ଆମର ରାଜନୀତିକ ଲକ୍ଷ୍ୟ ଉପରେ ଜୋର ଦିଆଯାଇ ପାରିଥାନ୍ତା ଏବଂ ସମ୍ଭବ ହେଲେ ଏଥି ସହିତ ସାମାଜିକ ଓ ଅର୍ଥନୈତିକ ଲକ୍ଷ୍ୟ ମଧ୍ୟ ଯୋଗ କରାଯାଇ ପାରିଥାନ୍ତା । ଏଠା ପରିବର୍ତ୍ତେ ଗଣ ଓ ବ୍ୟକ୍ତିଗତ ଆଇନ ଅମାନ୍ୟର ଗୁଣ, ଗୁପ୍ତ କାର୍ଯ୍ୟର ବାଞ୍ଛନୀୟତା ଅଛି କି ନାହିଁ ଏହି ସମ୍ବନ୍ଧରେ ହିଁ ଆଲୋଚନା ହେଲା । ଅଳ୍ପ ମଧ୍ୟ ସରକାର ସହିତ ଗୋଟାଏ 'ସନ୍ଧି' କଥା ଭାସି ଉଠିଥାଏ । ମୋର ଯେତେଦୂର ମନେ ଅଛି ଗାନ୍ଧିଜୀ ସାକ୍ଷାତ୍ କରିବାନିମନ୍ତେ ବଡ଼ଲାଟ ପାଖକୁ ତାର ପଠାଇଥାନ୍ତି – ତାର ଜବାବ ସ୍ୱରୂପ ଗୋଟିଏ 'ନାହିଁ' ଆସିଥାଏ—ତାପରେ କ'ଣ ଗୋଟିଏ 'ସମ୍ମାନ-ଜନକ ଶାନ୍ତି' କଥା ଉଲ୍ଲେଖ କରି ଗାନ୍ଧିଜୀ ଦ୍ୱିତୀୟ ତାର ପଠାଇଲେ । ସରକାର ବିଜୟ ଉଲ୍ଲାସରେ ସବୁପ୍ରକାରେ ଦେଶକୁ ଦମନ କରିବାକୁ ଚେଷ୍ଟା କରୁଥିବାବେଳେ ଏବଂ ଆଣ୍ଡାମାନରେ ଲୋକେ ଅନଶନରେ ମରୁଥିବାବେଳେ ଏହି ଚନ୍ଦ୍ରାଦ୍ୱାରା ଶାନ୍ତି ଖୋଜିଲେ ମିଳୁଛି କେଉଁଠୁ ? କିନ୍ତୁ ମୁଁ ଜାଣିଥିଲି ଯାହା ହେଉ ପଛକେ ସର୍ବଦା ଶାନ୍ତିଲାଗି ପ୍ରସ୍ତୁତ ହେବା ହେଉଚି ଗାନ୍ଧିଜୀଙ୍କର ସ୍ୱଭାବ ।

ଦମନ ପୂର୍ଣ୍ଣମାତ୍ରାରେ ଚାଲିଥାଏ ଏବଂ ଜନହିତକର କାର୍ଯ୍ୟ ଦମନ କରିବା ନିମନ୍ତେ ସମସ୍ତ ପ୍ରକାର ବିଶେଷ ଆଇନ ଜାରି ହୋଇଥାଏ ।

Digitized by srujanika@gmail.com

୧୯୩୭ ମସିହା ଫେବୃୟାରୀ ମାସରେ ମୋର ପତ୍ନୀଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ହୋଇଥିବା ସ୍ମୃତିସଭା ମଧ୍ୟ ପଣ୍ଡିତ ନେହେରୁ କହିଥିଲେ—ଅଥଚ ଏହା ଏକ କଂଗ୍ରେସ ସଭା ଏବଂ ଏଥିରେ ସୁପରିଚିତ ମଡରେଟ ସାର ତେଜ ବାହାଦୁର ସାପ୍ରୁ ସଭାପତି ହେବାର କଥା ଥାଏ । ଉପସ୍ଥିତରେ କପରେ ଅନୁଗ୍ରହ ଆମକୁ ମିଳିବ ତାହାର ଦୃଶ୍ୟପ୍ରଦୂତ ଧାଲାକାରେ ଆମକୁ ଦିଆଯାଇଥାଏ ।

ଏହା ଏକ ଅଦ୍ଭୁତ ଦଳିଲ—ପଢ଼ିଲେ ହିଁ ଶ୍ୱାସରୁଦ୍ଧ ହୁଏ ।ଏଥିରେ ଭାରତ ଗୋଟିଏ ଗୌରବମୟ ରାଷ୍ଟ୍ରରେ ପରିଣତ ହେବ ଏବଂ ରାଷ୍ଟ୍ର-ସଭାରେ ଦେଶୀୟ ରାଜ୍ୟର ସାମନ୍ତ ପ୍ରତିନିଧିମାନେ ପ୍ରାଧାନ୍ୟ କରିବେ । ମାତ୍ର ଦେଶୀୟ ରାଜ୍ୟ ଭିତରେ ବାହାରେ ହସ୍ତକ୍ଷେପ ସହ୍ୟ କରାଯିବ ନାହିଁ ଏବଂ ଅନିର୍ଦ୍ଦିଷ୍ଟ ଏକଛତ୍ର ଶାସନ ସେଠାରେ ଚାଲିଥିବ । ସାମ୍ରାଜ୍ୟର ପ୍ରକୃତ ବନ୍ଧନ ଅର୍ଥାତ୍ ଋଣ ବନ୍ଧନରେ ଆମେ ଲଣ୍ଡନ ସହର ସହିତ ସେହିପରି ବନ୍ଧା ହୋଇଥିବୁ ଏବଂ ଏକ ରିଜର୍ଭ ବ୍ୟାଙ୍କ କରାଯିବ, ଇଂଲଣ୍ଡ ବ୍ୟାଙ୍କ ଆମର ଅର୍ଥ ଓ ଋଣମୂଳ ନୀତି ପରିଚାଳନା କରିବ । ସମସ୍ତ ପ୍ରକାର ନ୍ୟସ୍ତସ୍ୱାର୍ଥ ରକ୍ଷାକରିବାକୁ ଅଭେଦ୍ୟ ବ୍ୟବସ୍ଥା ରହିବ ଏବଂ ନୂତନ ନ୍ୟସ୍ତସ୍ୱାର୍ଥ ସବୁ ସୃଷ୍ଟି କରାହେବ । ଏହି ନ୍ୟସ୍ତସ୍ୱାର୍ଥଙ୍କ ମଙ୍ଗଳ ସକାଶେ ଆମ ରାଜସ୍ୱର ହାତ ପାଦ ବାନ୍ଧି ଦିଆଯିବ । ବୃହତ ଓ ଆମର ଅତି ପ୍ରିୟ ଇମ୍ପିରିଆଲ ସର୍ଭିସ ଉପରେ କୌଣସି ପ୍ରକାର ଆଞ୍ଚ ବାଜିବ ନାହିଁ ଓ ଆୟୁଷ ରହିବ ନାହିଁ ଅଥଚ ଆମକୁ ସ୍ୱାଧୀନ ଶାସନରେ ଅଧିକ ଶିକ୍ଷା ଦେବା ନିମନ୍ତେ ଏମାନେ ରହିଥିବେ । ପ୍ରାଦେଶିକ ସ୍ୱାୟତ୍ତ ଶାସନ ମିଳିବ—ମାତ୍ର ଆମକୁ ଶାନ୍ତି ଶୃଙ୍ଖଳାରେ ରଖିବା ନିମନ୍ତେ ଗଭର୍ଣ୍ଣର ସେଠାରେ ମଙ୍ଗଳଦାୟକ ଓ ସର୍ବଶକ୍ତିମାନ ଡିକ୍ଟେଟର ହୋଇ ରହିଥିବେ ସର୍ବୋପରି ଉଚ୍ଚରେ ସର୍ବାପେକ୍ଷା ମହାନ୍ ଡିକ୍ଟେଟର ବଡ଼ଲାଟ ରହିଥିବେ—ତାଙ୍କର ଯାହା ଇଚ୍ଛା କରିପାରିବାର ଓ ବନ୍ଦ କରିବାର ପୂର୍ଣ୍ଣ କ୍ଷମତା ତାଙ୍କଠାରେ ଥିବ । ସତ୍ୟ କହିବାକୁ ଗଲେ ଉପନିବେଶିକ ଶାସନପାଇଁ ବ୍ରିଟିଶ ଶାସନ ସମ୍ପ୍ରଦାୟର ବିଚକ୍ଷଣତା ଏପରି କେବେ

Digitized by srujanika@gmail.com

ପ୍ରକାଶିତ ହୋଇ ନ ଥିଲା ଏବଂ ହିଟଲର ଓ ମସୋଲିନୀ ଏମାନଙ୍କୁ ପ୍ରଶଂସା କରି ଭାରତର ବଡ଼ଲାଟଙ୍କୁ ଦେଖି ଈର୍ଷାନ୍ୱିତ ହେଉଥିବେ ।

ଭାରତର ହାତ ଗୋଡ଼ ବାନ୍ଧି ରଖିବାପରି ଏକ ଶାସନତନ୍ତ୍ର ସୃଷ୍ଟି କରି, ପୁଣି ତାହା ସହିତ କେତେକ 'ବିଶେଷ ଦାୟିତ୍ୱ' ଏବଂ ସର୍ତ୍ତର ପାଞ୍ଚଶ ଅଧିକା ବେଡ଼ି ଲଗାଇ ଦିଆଗଲା—ଏହି ହତଭାଗ୍ୟ ବନ୍ଦୀ ଦେଶ ଯେପରି ଆଉ ଗତି କରି ନ ପାରେ । ନେଭିଲ ଚେମ୍ବରଲେନ୍ କହିଲା ପରି "ମନୁଷ୍ୟ ବୁଦ୍ଧି ଯେତେ ଉପାୟ ପାଇପାରେ ସେହି ସବୁ ଖଟାଇ ସେମାନେ ପ୍ରସ୍ତାବଗୁଡ଼ିକୁ ରକ୍ଷା କବଚଦ୍ୱାରା ଭଲ ଭାବରେ ପରିବେଷ୍ଟିତ କରି ପକାଇଛନ୍ତି ।"

ତା'ପରେ ଆମେ ଶୁଣିଲୁଁ ଯେ ଏହି ଅନୁଗ୍ରହ ସକାଶେ ଆମକୁ ବହୁତ ଦେବାକୁ ପଡ଼ିବ—ପ୍ରଥମେ ଏକାଥରକେ କେତେକ କୋଟି ଟଙ୍କା ଏବଂ ପରେ ବାର୍ଷିକ କିସ୍ତି ଦିବ । ଯଥେଷ୍ଟ ପରିମାଣରେ ପାଉଣା ନ ଦେଲେ ସ୍ୱରାଜ୍ୟର ଆଶୀର୍ବାଦ ଆମେ ପାଇ ପାରିବୁ ନାହିଁ ! ଭାରତ ଅତ୍ୟନ୍ତ ଦରିଦ୍ର ଓ ଏହା ଉପରେ ଏକ ଗଚ୍ଛିତ ଋଣ ବୋଝ ଅଛି ଏବଂ ଏଥିରୁ ରକ୍ଷା ପାଇବାପାଇଁ ଆମେ ସ୍ୱାଧୀନତା ଚାହୁଁ ଏହିପରି ଭ୍ରାନ୍ତ ଧାରଣା ଆମ୍ଭମାନଙ୍କର ଅଛି । ଏହି ଧାରଣାର ବଶବର୍ତ୍ତୀ ହୋଇ ଜନସାଧାରଣ ସ୍ୱାଧୀନତା ଦାବି କରନ୍ତି । ମାତ୍ର ଏବେ ଜଣାଗଲା ଏହି ବୋଝ ଆହୁରି ଅଧିକ ହେବ ।

ବ୍ରିଟିଶମାନଙ୍କ ଦ୍ୱାରା ଭାରତର ସମସ୍ୟାର ଏହି ହାସ୍ୟପ୍ରଦ ସମାଧାନ ହେଲା ଏବଂ ଆମକୁ ଶୁଣାଇ ଦିଆଗଲା ଆମ ଶାସକମାନେ କିପରି ଉଦାର ! ଏହିପୂର୍ବରୁ କେବେ କୌଣସି ସାମ୍ରାଜ୍ୟବାଦୀ ଶକ୍ତି ତାହାର ଅଧୀନସ୍ଥ ଦେଶକୁ ଏତେ କ୍ଷମତା ଓ ସୁବିଧା ଦାନ କରି ନାହିଁ । ଏହି ଦାନ ସମ୍ବନ୍ଧରେ ଦାତାମାନଙ୍କ ଭିତରେ ଇଂଲଣ୍ଡରେ ଖୁବ୍ ଆଲୋଚନା ହେଲା ଏବଂ ଯେଉଁମାନେ ଏହି ଅପଯୁକ୍ତ ଦାନ ଦେଖି ଭୀତ ହୋଇଥିଲେ ସେମାନେ

Digitized by srujanika@gmail.com

ଆରମ୍ଭ କଲେ । ଭାରତ ଓ ଇଂଲଣ୍ଡ ଭିତରେ ଅନେକ ଚିଠାପତ୍ର, ତିନୋଟି ଗୋଲଟେବୁଲ ସମ୍ମିଳନୀ, ଅସଂଖ୍ୟ କମିଟି ଓ ପରାମର୍ଶ ଦେବା ପରେ କାଳ ଲାଗି ତାହାର ଏହି ଫଳ ହୋଇଥିଲା ।

ଇଂଲଣ୍ଡକୁ ଯିବା ଏପର୍ଯ୍ୟନ୍ତ ଶେଷ ହୋଇ ନ ଥାଏ । ଧଳା କାଗଜ ସମ୍ବନ୍ଧରେ ବିଚାର କରିବା ନିମନ୍ତେ ଗୋଟିଏ ପାର୍ଲିମେଣ୍ଟର ଜଏଣ୍ଟ ସିଲେକ୍ଟ କମିଟି ହେବାର ଥାଏ ଏବଂ ସେଠାକୁ ଭାରତୀୟମାନେ କେତେକ ସାକ୍ଷୀ ଓ ଆସେସରରୂପେ ଗଲେ । ଲଣ୍ଡନରେ ମହାତ୍ମା ମଧ୍ୟ କେତେକ କମିଟି ବସିଲା ଏବଂ କୃଷ୍ଣ ଅନ୍ତରାଳରେ ଯୌଥ କମିଟିର ସଭ୍ୟ ହେବା ନିମନ୍ତେ, ସାମ୍ରାଜ୍ୟର ପ୍ରଧାନ ସହରରେ ଯାଇ କିଛି ଦିନ ରହିବା ସକାଶେ ମାଟଣା ବାହାଘର ପାଇବା ନିମନ୍ତେ ଅତି ଅମର୍ଯ୍ୟାଦାକର ତଦ୍ବିର ହେଉଥିବାର ଦେଖାଗଲା । ଧଳାକାଗଜର ପାଷାଣ ଭର ଓଜନ ପ୍ରସ୍ତାବ ଦେଖି ସୁଦ୍ଧା ସାହସୀ ଲୋକେ ଭୀତ ହେଲେ ନାହିଁ—ସମୁଦ୍ର ଓ ଉଡ଼ାଜାହାଜର ବିପଦକୁ ଗ୍ରାହ୍ୟ କଲେ ନାହିଁ, ଲଣ୍ଡନ ସହରରେ ରହିବା ବିପଦକୁ କିଛି ମନେ କଲେ ନାହିଁ—ସେମାନଙ୍କ ଯଥାଶକ୍ତି ବାଗ୍ମିତା ଓ ପ୍ରବର୍ତ୍ତାଇବାର ସମସ୍ତ ଶକ୍ତି ସହିତ ସେମାନେ ଧଳା କାଗଜ ପ୍ରସ୍ତାବ ପରିବର୍ତ୍ତନ କରାଇବାର ଉଦ୍ଦେଶ୍ୟରେ ଲାଗି ପଡ଼ିଲେ । ସେମାନେ ଜାଣିଥିଲେ ଏବଂ କହୁଥିଲେ ଏଥିରେ ଥିବା ସର୍ତ୍ତରେ କିଛି ଫଳର ଆଶା ନାହିଁ; ମାତ୍ର ସେମାନେ ପଛାଇବା ଲୋକ ନୁହନ୍ତି । କେହି ନ ଶୁଣିଲେ ସୁଦ୍ଧା ତାଙ୍କ କଥା ସେ ଅବଶ୍ୟ କହିବେ । ସମସ୍ତେ ଛାଡ଼ି ଚାଲି ଆସିଲେ ସୁଦ୍ଧା ତାଙ୍କ ଭିତରୁ ଜଣେ ରେସ୍ପନସିଭିଷ୍ଟ ନେତା ଶେଷ ପର୍ଯ୍ୟନ୍ତ କାମୁଡ଼ି ରହିଥିଲେ ଏବଂ ଇଂଲଣ୍ଡର କର୍ତ୍ତାମାନଙ୍କ ସହିତ ସାକ୍ଷାତ୍ ପରେ ସାକ୍ଷାତ, ଚେଷ୍ଟା ପରେ ଚେଷ୍ଟା ଚଳାଇଥାନ୍ତି—ଯେପରିକି ସେ କି ପ୍ରକାର ସଂଶୋଧନ ପରିବର୍ତ୍ତନ ଚାହାନ୍ତି ତାହା ସେ ସେମାନଙ୍କୁ ଭଲରୂପେ ମନାଇ ଦେଇ ପାରିବେ । ଶେଷରେ ଯେତେବେଳେ ସେ ନିଜ ଦେଶକୁ ଫେରିଲେ, ସେ ଅଶାନ୍ତିତ ଲୋକସାଧାରଣଙ୍କୁ କହିଲେ ଯେ ମରହଟ୍ଟାର ଧୈର୍ଯ୍ୟ ସହିତ ସେ ନିଜ କାର୍ଯ୍ୟରୁ ବିରତ ହୋଇ ନାହାନ୍ତି ଏବଂ ଶେଷ ପର୍ଯ୍ୟନ୍ତ ତାଙ୍କ କଥା ଶୁଣାଇବା ନିମନ୍ତେ ସେ ଲଣ୍ଡନରେ ଥିଲେ ।

Digitized by srujanika@gmail.com

ମୋର ମନେଅଛି ମୋ ପିତା ବରାବର କହନ୍ତି ଯେ ରେସ୍ପନ୍‌ସିଭ୍ ବନ୍ଧୁମାନଙ୍କର ରହସ୍ୟବୋଧ ନାହିଁ । ତାଙ୍କର ରହସ୍ୟଜନକ ମନ୍ତବ୍ୟ ଯୋଗୁଁ ଅନେକ ସମୟରେ ସେମାନଙ୍କ ସହିତ ତାଙ୍କର ମତଭେଦ ଘଟେ—ସେମାନେ ଆଦୌ ଏହା ପସନ୍ଦ କରନ୍ତି ନାହିଁ—ତା ପରେ ସେମାନଙ୍କୁ ବୁଝାଇ ଶାନ୍ତ କରାନ୍ତି—ଏହା ଏକ ଶକ୍ତିଜନକ କାର୍ଯ୍ୟ । ଏ କଥା ଶୁଣି ମୋ ମନରେ ମରହଟ୍ଟାମାନଙ୍କର ଖାଲି ଅତୀତରେ ନୁହେଁ ଆମ ଜାତୀୟ ସଂଗ୍ରାମରେ ମଧ୍ୟ ସଂଗ୍ରାମଶୀଳ ଭାବ ଏବଂ ତିଳକଙ୍କ କଥା ମୁଁ ଚିନ୍ତା କଲି—ତିଳକ ଭଙ୍ଗିଯିବେ ପଛକେ ନଇଁବେ ନାହିଁ ।

ଲିବରାଲମାନେ ଧଳାକାଗଜକୁ ସମ୍ପୂର୍ଣ୍ଣରୂପେ ନାପସନ୍ଦ କରୁଥିଲେ । ଭାରତରେ ଦିନକୁ ଦିନ ଯେଉଁ ଦମନ ଚାଲିଥିଲା ତାହା ମଧ୍ୟ ସେମାନେ ପସନ୍ଦ କରୁ ନ ଥିଲେ—ଅତି ସରଳ ହେଲେ ସୁଦ୍ଧା ବେଳେ ବେଳେ ଏହା ବିରୁଦ୍ଧରେ ପ୍ରତିବାଦ ଜଣାଉଥିଲେ ଏବଂ ସଙ୍ଗେ ସଙ୍ଗେ ସେମାନେ କଂଗ୍ରେସ ଓ ତାହାର ସମସ୍ତ କାର୍ଯ୍ୟର ନିନ୍ଦା କରୁଥିଲେ ବୋଲି ଜଣାଇ ଦେଉଥିଲେ । ସେମାନେ ବେଳେ ବେଳେ କଂଗ୍ରେସର କେତେକ ମୁଖିଆ ଲୋକଙ୍କୁ ଜେଲ-ଖାନାରୁ ଖଲାସ କରିଦେବା ନିମନ୍ତେ ସରକାରଙ୍କୁ ପରାମର୍ଶ ଦିଅନ୍ତି—ସେମାନେ କେବଳ ତାଙ୍କୁ ଜଣାଛବା ବ୍ୟକ୍ତିବିଶେଷଙ୍କ ଦୃଷ୍ଟିରୁ ବିଷୟଟି ଦେଖନ୍ତି । ଲିବରାଲ ଓ ରେସ୍ପନ୍‌ସିଭ୍‌ମାନେ କାରଣ ଦର୍ଶାଉଥିଲେ ଯେ ସାଧାରଣ ଶାନ୍ତି ରକ୍ଷାରେ ଆଉ ବିପଦ ନ ଥିବାରୁ ଅମୁକଅମୁକଙ୍କୁ ଖଲାସ କରିଦେବା ଉଚିତ । ଯଦି ସେ ଖରାପ ଆଚରଣ କରନ୍ତି ତେବେ ତାଙ୍କୁ ପୁନର୍ବାର ଗିରଫ କରିନେବାପାଇଁ ତ କ୍ଷମତା ବରାବର ସରକାର ହାତରେ ଅଛି—ସେତେବେଳେ ଏହା କରିବାପାଇଁ ସରକାର ପକ୍ଷରେ ଅଧିକ କାରଣ ରହିବ । ଏହି କାରଣରୁ କାର୍ଯ୍ୟକାରୀ ସମିତିର କେତେକ ସଭ୍ୟ କିମ୍ବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଖଲାସ କରି ଦେବା ନିମନ୍ତେ ଇଂଲଣ୍ଡର କେତେକ ଲୋକେ ଦୟାଶୀଳ ହୋଇ ଦାବୀ କରୁଥିଲେ । ଆମେ ଜେଲରେ ଥିବାବେଳେ ଯେଉଁ ଲୋକେ ଆମ୍ଭମାନଙ୍କ ପ୍ରତି ଆଗ୍ରହ ଦେଖାଉଥିଲେ ସେମାନଙ୍କ ପ୍ରତି ଆମେ କୃତଜ୍ଞ ନ ହୋଇ ରହିପାରିବୁଁ ନାହିଁ,

Digitized by srujanika@gmail.com

କିନ୍ତୁ ବେଳେ ବେଳେ ମନେହୁଏ ଆମର ଏହି ଶୁଭଚିନ୍ତକ ବନ୍ଧୁମାନେ ଯଦି ଆମକୁ ଛାଡ଼ନ୍ତେ ତେବେ ବଡ଼ ଭଲ ହୁଅନ୍ତା, ସେମାନଙ୍କର ମତଲବ ଯେ ଭଲ ଏହିରେ ଆମର ସନ୍ଦେହ ନ ଥିଲା, ମାତ୍ର ଏହା ସ୍ପଷ୍ଟ ଯେ ସେମାନେ ବ୍ରିଟିଶ ସରକାରର ମତବାଦ ପୂର୍ଣ୍ଣଭାବରେ ଗ୍ରହଣ କରିଥିଲେ-- ତାଙ୍କ ଆମ ଭିତରେ ବହୁତ ପାର୍ଥକ୍ୟ ଥିଲା ।

ଭାରତରେ ଯାହା ସବୁ ଘଟୁଥିଲା ତାହା ଲିବରାଲମାନେ ଅନେକ ପରିମାଣରେ ଭଲ ପାଉ ନ ଥିଲେ—ଏଥିରେ ସେମାନେ ଅସୁଖୀ ହେଉଥିଲେ, ମାତ୍ର ସେମାନେ କରିବେ କ'ଣ ? ସରକାର ବିରୁଦ୍ଧରେ କୌଣସି କାର୍ଯ୍ୟ କରିବା ତାଙ୍କ ଚିନ୍ତା ବାହାରେ । କେବଳ ନିଜର ବ୍ୟକ୍ତିତ୍ୱ ସ୍ୱତନ୍ତ୍ରରୂପେ ରକ୍ଷାବାନିମନ୍ତେ ସେମାନେ ଜନସାଧାରଣ ଓ କର୍ମୀ ବ୍ୟକ୍ତିମାନଙ୍କଠାରୁ ଅଲଗା ହୋଇ ରହିଲେ—ଦକ୍ଷିଣ ଆଡ଼କୁ ଘୁଞ୍ଚି ଗଲେ—ଶେଷରେ ସରକାର ସହିତ ତାଙ୍କ ମତର ଯେ ପାର୍ଥକ୍ୟ ରହିଛି ତାହା ଜାଣିବା ମୁସ୍କିଲ ହେଲା । ସେମାନଙ୍କର ସଂଖ୍ୟା ଖୁବ୍ କମ୍ ହୋଇ-ଥିବାରୁ ଏବଂ ଜନସାଧାରଣଙ୍କ ଉପରେ କୌଣସି ପ୍ରଭାବ ନ ଥିବାରୁ ଗଣ ସଂଗ୍ରାମରେ ତାଙ୍କ କାର୍ଯ୍ୟରେ କିଛି ପ୍ରଭେଦ ଘଟିଲା ନାହିଁ । କିନ୍ତୁ ସେମାନଙ୍କ ଭିତରେ ପ୍ରସିଦ୍ଧ ଓ ଖ୍ୟାତନାମା ଅନେକ ଲୋକ ଥିଲେ ଯେଉଁମାନେ ବ୍ୟକ୍ତିଗତଭାବରେ ସମ୍ମାନିତ । ଏହି ନେତାମାନେ ଏବଂ ମୋଟାମୋଟି ସମସ୍ତ ଲିବରାଲ ଓ ରେସ୍ପନସିଭିଷ୍ଟ ଦଳମାନେ ଏକ ଗୁରୁତର ସଙ୍କଟ ସମୟରେ ସରକାରୀ ନୀତିକୁ ନୈତିକ ସମର୍ଥନ ଦେଇଥିବାରୁ ବ୍ରିଟିଶ ସରକାରର ଅତୁଳନୀୟ ସେବା କରିଥିଲେ; ଏପରିକି କୌଣସି ପ୍ରଭାବଶାଳୀ ସମାଲୋଚନା, ସମୟେ ସମୟେ ତାହାର ସ୍ୱୀକାର ଏବଂ ଲିବରାଲମାନଙ୍କ ସନ୍ତୁଷ୍ଟିଯୋଗୁଁ ସରକାରର ବେଆଇନ ଓ ଜୋର ଜବରଦସ୍ତି ନୀତି ଭଲ-ରୂପେ ଚାଲି ପାରିଥିଲା । ଏହାପରି ଯେତେବେଳେ ସରକାର ନିଜର ଦମନ ନୀତିର ଯଥାର୍ଥତା ପ୍ରମାଣ କରିବାକୁ ଚାହୁଁଥିଲେ ସେତେବେଳେ ଲିବରାଲ ଓ ରେସ୍ପନସିଭିଷ୍ଟ ନେତାମାନେ ଏହି ଭୀଷଣ ଓ ଅଭୂତପୂର୍ବ ଜୋରଜବରଦସ୍ତି ନୀତିକୁ ନୈତିକ ସମର୍ଥନ ଦେଇଥିଲେ ।

Digitized by srujanika@gmail.com

ଲିବରାଲ ନେତାମାନେ କହୁଥିଲେ—ଧଳା କାଗଜ ଖରାପ; ଉଭା ଖରାପ । ମାତ୍ର ଏ ସମ୍ବନ୍ଧରେ କ'ଣ କରିବାକୁ ହେବ ? ୧୯୩୩ ମସିହା ଏପ୍ରିଲ ମାସରେ କଲିକତାରେ ହୋଇଥିବା ଲିବରାଲ ଫେଡ଼େରେସନ ବୈଠକରେ ବିଖ୍ୟାତ ଲିବରାଲ ନେତା ଶ୍ରୀନିବାସ ଶାସ୍ତ୍ରୀ କହିଥିଲେ—ଶାସନତନ୍ତ୍ରଗତ ପରିବର୍ତ୍ତନ ଯେତେ ଅସନ୍ତୋଷଜନକ ହେଉ ପଛକେ, ସେମାନେ ତାହା କାର୍ଯ୍ୟକାରୀ କରିବେ । ସେ କହିଥିଲେ—"ବର୍ତ୍ତମାନ ଖାଲି ଛିଡ଼ା ହୋଇ ଅବସ୍ଥା ଗତି କରିଯିବାଟା ଦେଖିବାର ବେଳ ନୁହେଁ ।" ତାଙ୍କ ଆଗରେ ସମ୍ଭବତଃ ଗୋଟିଏ କାର୍ଯ୍ୟ ଦେଖା ଯାଉଥିଲା—ତାହା ହେଉଛି ଯାହା ମିଳୁଥିଲା ତାହା ଗ୍ରହଣ କରିବା ଏବଂ ତାକୁ କାର୍ଯ୍ୟରେ ଲଗାଇବା । ଆଉ ଏକ ଉପାୟ ଥିଲା କିଛି ନ କରିବା । ସେ ପୁଣି କହିଲେ—"ଆମର ଯଦି ଜ୍ଞାନ, ଅଭିଜ୍ଞତା, ଉଦାରତା, ପ୍ରଭାବ ଖଟାଇବା ଶକ୍ତି, ସ୍ଥିର ପ୍ରଭାବ ଏବଂ ପ୍ରକୃତ ଯୋଗ୍ୟତା ଥିବ ଏବଂ ଆମର ଏହିସବୁ ଗୁଣ ଯଦି ଥାଏ, ତେବେ ତାହା ପୂର୍ଣ୍ଣଭାବରେ ପ୍ରୟୋଗ କରିବାର ଏହି ହେଉଛି ସମୟ ।" ଏହି ଆବେଗମୟ ଆବେଦନ ଉପରେ ମନ୍ତବ୍ୟ କରି 'ଉଚ୍ଛଳ ଶବ୍ଦ' ବୋଲି କଲିକତାର 'ଷ୍ଟେଟ୍‌ସମ୍ୟାନ୍' କାଗଜ ଲେଖିଥିଲେ ।

ଶାସ୍ତ୍ରୀ ସର୍ବଦା ଜ୍ୱାଳାମୟୀ ବକ୍ତୃତା ଦିଅନ୍ତି । ସେ ବାଗ୍ମୀମାନଙ୍କ ପରି ସୁନ୍ଦର ଶବ୍ଦ ଓ ସଙ୍ଗୀତମୟ ଭାବରେ ତାହା ବ୍ୟବହାର କରିବାର ଅଭ୍ୟାସ ତାଙ୍କର ଅଛି । ସେ ନିଜେ ଉତ୍ସାହରେ ଭସି ଯାଆନ୍ତି—ସେ ଯେଉଁ ଶବ୍ଦ ଗୁଡ଼ିକ ବ୍ୟବହାର କରନ୍ତି ତାହା ଅନ୍ୟମାନଙ୍କ ନିକଟରେ ଓ ତାଙ୍କ ନିଜ ନିକଟରେ ମଧ୍ୟ ଅର୍ଥହୀନ ହୋଇପଡ଼େ । ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଥିଲାବେଳେ ୧୯୩୩ ମସିହା ଏପ୍ରିଲ ମାସରେ ସେ କଲିକତାରେ ଯେଉଁ ନିବେଦନ କରିଥିଲେ ତାହା ବିଚାର କରିବାର ଯୋଗ୍ୟ । ମୌଳିକ ମତ ଏବଂ ଲକ୍ଷ୍ୟ ଛଡ଼ା ଆଉ ଦୁଇଟି ବିଷୟ ଉଲ୍ଲେଖ-ଯୋଗ୍ୟ । ପ୍ରଥମ ହେଉଛି ଯାହା ଘଟୁ ପଛକେ, ଆମେ ବ୍ରିଟିଶ ସରକାର-ଦ୍ୱାରା ଯେତେ ଅପମାନିତ, ନିଷ୍ପୀଡ଼ିତ ଓ ପରାଭୂତ ଏବଂ ଶୋଷିତ ହେଉଁ

Digitized by srujanika@gmail.com

ପଛକେ, ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ । ଆମେ କେତେ ତଳକୁ ଯାଇପାରୁ ତାହାର କିଛି ସ୍ଥିରତା ନାହିଁ । କାଠ ମୁଣ୍ଡ ଘୂରିଗଲା ପରେ, ମାତ୍ର ଶାସ୍ତ୍ରୀଙ୍କ ମତରେ ଭାରତର ନେତେ ତା' କରିବା ଉଚିତ ହେବ । ତାଙ୍କ ମତରେ ଆଉ କୌଣସି ପନ୍ଥା ନାହିଁ । ଏହାର ଅର୍ଥ ହେଉଛି ଯେ ତାଙ୍କ ନିଜ ଦୃଷ୍ଟିରୁ ବ୍ରିଟିଶ ସରକାରର ସିଦ୍ଧାନ୍ତକୁ ଗ୍ରହଣ କରି ତାହାର ବଶତା ସ୍ୱୀକାର କରିବା ତାଙ୍କର ଧର୍ମ—(ମୁଁ ଯଦି ଏହି ହତଭାଗ୍ୟ ଶବ୍ଦଟି ବ୍ୟବହାର କରିବା ସଙ୍ଗତ ହୁଏ) ଆମେ ଗୃହୀ ବା ନ ଗୃହୀ ଆମ ସମସ୍ତଙ୍କୁ କିସ୍ମତ୍ ବା ଭାଗ୍ୟ ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିବ ।

ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଯେ ସେ କୌଣସି ନିର୍ଦ୍ଦିଷ୍ଟ ଏବଂ ଜଣାଶୁଣା ପରିସ୍ଥିତି ସମ୍ବନ୍ଧରେ ପରାମର୍ଶ ଦେଉ ନ ଥିଲେ । 'ଶାସନ-ତନ୍ତ୍ରଗତ ପରିବର୍ତ୍ତନ' ଏବେ ସୂଚା ହେଉଥିଲା—ଅବଶ୍ୟ ଏହା ଅତ୍ୟନ୍ତ ଖରାପ ହେବ ବୋଲି ଗୋଟାଏ ଧାରଣା ଥିଲା । ସେ ଯଦି କହିଥାନ୍ତେ ଯେ ଧଳାକାଗଜ ପ୍ରସ୍ତାବନା ଖରାପ ହୋଇଥିଲେ ସୁଦ୍ଧା ସମସ୍ତ ପରିସ୍ଥିତି ଆଲୋଚନା କରି ମୁଁ ଦେଖିଛି ଯଦି ଏଗୁଡ଼ିକ ଆଇନରେ ପରିଣତ ହୁଏ, ତେବେ ତାହା କାର୍ଯ୍ୟକାରୀ କରିବା ସପକ୍ଷରେ ମୋର ମତ, ତେବେ ଏହି ମତ ଖରାପ ବା ଭଲ ହେଉ ପଛକେ ପ୍ରଚଳିତ ଘଟଣା ସହିତ ଏହାର ସମ୍ପର୍କ ଅଛି ବୋଲି କୁହାଯାଆନ୍ତା । ଶାସ୍ତ୍ରୀ ଅଧିକ ଆଗକୁ ଗଲେ ଏବଂ ସେ କହିଲେ ଶାସନତନ୍ତ୍ରଗତ ପରିବର୍ତ୍ତନ ଯେତେ ଅସନ୍ତୋଷଜନକ ହେଉ ପଛକେ ତାହା କାର୍ଯ୍ୟକାରୀ କରାଯିବ । ତାଙ୍କର ଦୃଷ୍ଟି କୋଣରୁ ଦେଖିଲେ ସର୍ବାପେକ୍ଷା ଜୀବନ୍ତ ସମସ୍ୟାରେ ସେ ବ୍ରିଟିଶ ସରକାରକୁ ସାଦା ତମସୁକ ଲେଖିବାକୁ ପ୍ରସ୍ତୁତ ଥିଲେ । କୌଣସି ବ୍ୟକ୍ତିବିଶେଷ, ସମ୍ପ୍ରଦାୟ ବା ଦଳ ଏକ ଅଦୃଶ୍ୟମାନ ଭବିଷ୍ୟତ ସମ୍ପର୍କରେ କିପରି ଏପରି ସ୍ୱୀକାର-ମୂଳକ ମନୋଭାବ ଗ୍ରହଣ କରିପାରେ ତାହା ମୋ ପକ୍ଷରେ କହିବା କଷ୍ଟକର—ହୁଏତ ସେମାନଙ୍କର କୌଣସି ପରିବନ୍ଧା ନୀତି କିମ୍ବା ନୈତିକ

Digitized by srujanika@gmail.com

ଓ ରାଜନୀତିକ ମାପକାଠି କିଛି ନାହିଁ ଏବଂ ତାଙ୍କର ଏକମାତ୍ର ମୂଳ ନୀତି ଓ ଧର୍ମ ହେଉଛି ଶାସକଙ୍କ ହୁକୁମକୁ ବିଚାର ନ କରି ଗ୍ରହଣ କରିବା ।

ଦ୍ୱିତୀୟ କଥା ହେଉଛି କୌଶଳ ସମ୍ବନ୍ଧରେ । ନୂତନ ସଂସ୍କାର ଜାତ ଂଗରେ ଧଳାକାଗଜ ହେଉଛି ଏକ ଦୀର୍ଘ ସୋପାନ । ସରକାର ଦୃଷ୍ଟିରୁ ଏହା ଏକ ଗୁରୁତର ପଦକ୍ଷେପ—ମାତ୍ର ଆହୁରି ଅନେକ ଅବସ୍ଥା ରହିଛି ଏବଂ ଏହାର ପରବର୍ତ୍ତୀ ପଦକ୍ଷେପରେ ଏହା ଭଲ ବା ମନ୍ଦପାଇଁ ପରିବର୍ତ୍ତିତ ହେବା ସମ୍ଭବ । ନାନା ସ୍ୱାର୍ଥସମ୍ପନ୍ନ ଲୋକେ ବ୍ରିଟିଶ ସରକାର ଓ ପାର୍ଲିମେଣ୍ଟରେ ଯେଉଁ ଚାପ ପକାଇବେ, ତାହା ଉପରେ ଏହି ପରିବର୍ତ୍ତନ ନିର୍ଭର କରେ । ଏହି ଚିଠି ଓଟବି ପୃଷ୍ଠରେ ଜଣା ପଡ଼ୁଥିଲା ଭାରତୀୟ ଲିବରାଲମାନଙ୍କୁ ହାତ କରିବା ନିମନ୍ତେ ସରକାର ଏହି ପ୍ରସ୍ତାବ ଗୁଡ଼ିକୁ ଅଧିକ ଉଦାର କିମ୍ବା ଅନ୍ତତଃ ଅଧିଭାବରେ ହସ୍ତକ୍ଷେପ କରିବାଟା ଟିକିଏ ହ୍ରାସ କରିପାରିଥାନ୍ତେ । ମାତ୍ର ନୂତନ ସଂସ୍କାର ଗ୍ରହଣ ବା ନାମଞ୍ଜୁର କାର୍ଯ୍ୟକାରୀ ହେବା ନ ହେବା ପ୍ରଶ୍ନ ଉଠିବାର ବହୁପୂର୍ବରୁ ଶାସ୍ତ୍ରୀଙ୍କ ସ୍ପଷ୍ଟ ଘୋଷଣାରୁ ସରକାରର ସ୍ପଷ୍ଟ ଧାରଣା ହେଲା ଯେ ସେମାନେ ଲିବରାଲମାନଙ୍କୁ ସମ୍ପୂର୍ଣ୍ଣରୂପେ ଅବଜ୍ଞା କରିପାରନ୍ତି । ସେମାନଙ୍କୁ ହାତ କରିବାର ପ୍ରଶ୍ନ ଉଠୁନାହିଁ । ଏମାନଙ୍କୁ ଡଣ୍ଡିଆ ଦେଇ ବାହାର କରିଦେଲେ ସୁଦ୍ଧା ସେମାନେ ସରକାରକୁ ଛାଡ଼ିବେନାହିଁ । ମୁଁ ଯେତେଦୂର ପାରେ ଲିବରାଲ ଦୃଷ୍ଟିକୋଣରୁ ବିଷୟଟି ଦେଖି ମୋର ମନେହେଲା ଶାସ୍ତ୍ରୀଙ୍କ କଳିକତା ବକ୍ତୃତା କୌଶଳ ହିସାବରେ ଅତ୍ୟନ୍ତ ଖରାପ ଏବଂ ଲିବରାଲ ଉଦ୍ଦେଶ୍ୟରେ କ୍ଷତିକାରକ ।

ଲିବରାଲ ଫେଡ଼େରେସନ ସଭା ବା ଶାସ୍ତ୍ରୀଙ୍କ ବକ୍ତୃତାର ସେପରି କିଛି ଗୁରୁତ୍ୱ ଥିବାରୁ ଯେ ମୁଁ ସେ ସମ୍ବନ୍ଧରେ ଏତେ ଲେଖିଲି ତାହା ନୁହେଁ, ମାତ୍ର ମୁଁ ଲିବରାଲ ନେତାମାନଙ୍କର ମାନସିକ ଅବସ୍ଥା ଜାଣିବା ସକାଶେ ଲେଖିଲି । ସେମାନେ ସମର୍ଥ ଓ ଶ୍ରଦ୍ଧାସ୍ପଦ ବ୍ୟକ୍ତି; ଅଥଚ ମୋର ସମସ୍ତ ସଦିଚ୍ଛା ସତ୍ତ୍ୱେ ସେମାନେ କାହିଁକି ଏପରି କାର୍ଯ୍ୟ କରନ୍ତି, ତାହା ମୁଁ

Digitized by srujanika@gmail.com

ଆଦୌ ବୁଝିପାରେ ନାହିଁ । ଶାସ୍ତ୍ରୀଙ୍କର ଆଉ ଏକ ବକ୍ତୃତା ମୁଁ ଜେଲରେ ପଢ଼ିଲି ତା, ମୋ ଉପରେ ଖୁବ୍ ପ୍ରଭାବ ପକାଇଥିଲା । ସେ ହେଉଛନ୍ତି ଭାରତ ସେବକ ସମିତିର ସଭାପତି । ୧୯୩୩ ମସିହା ଜୁନମାସରେ ସେ ପୁନାଠାରେ ସମିତି ବୈଠକରେ ବକ୍ତୃତା କରିଥିଲେ । ପ୍ରକାଶ ପାଇଲା ଯେ ସେ କହିଲେ, ବ୍ରିଟିଶ ପ୍ରଭାବ ଭାରତରୁ ହଠାତ୍ ଚାଲିଗଲେ ଭାରତରେ ମହା ବିପଦର ଆଶଙ୍କା ଅଛି—ରାଜନୈତିକ ଆନ୍ଦୋଳନ ସବୁ ଘୃଣା ଓ ଉତ୍ପୀଡ଼ନ ଦ୍ୱାରା ଚାଳିତ ହେବ ଏବଂ ଏକ ଦଳ ଅନ୍ୟ ଦଳ ଉପରେ ଅତ୍ୟାଚାର କରିବେ । ଅଧିକନ୍ତୁ ମଧ୍ୟ ବ୍ରିଟିଶ ରାଜନୈତିକ ଜୀବନରେ ସହିଷ୍ଣୁତା ଗୋଟାଏ ବଡ଼ ଗୁଣ—ଭାରତର ଭବିଷ୍ୟତ ଯେତେ ଅଧିକ ସମୟ ପର୍ଯ୍ୟନ୍ତ ବ୍ରିଟେନର ସହଯୋଗରେ ଚାଳିତ ହେବ ଭାରତରେ ସହିଷ୍ଣୁତା ଭାବ ସେତେ ଅଧିକ ବଢ଼ିବ । ଜେଲଖାନାରେ ଥିବାବେଳେ କଲିକତାର 'ଷ୍ଟେଟ୍‌ସମାନ୍' କାଗଜରେ ଶାସ୍ତ୍ରୀଙ୍କର ବକ୍ତୃତାର ଯେଉଁ ସଂକ୍ଷିପ୍ତ ବିବରଣୀ ବାହାରିଥିଲା ସେଥିରେ ମୋତେ ନିର୍ଭର କରିବାକୁ ପଡ଼ିଲା 'ଷ୍ଟେଟ୍‌ସମାନ୍' ଅଧିକନ୍ତୁ ଲେଖିଥିଲା—

"ଏହି ମତ ଅତି ଭଲ—ଆମେ ଦେଖୁଛୁ ଡାକ୍ତର ମୁଞ୍ଜେ ମଧ୍ୟ ଏହି ମର୍ମରେ ବକ୍ତୃତା ଦେଇଛନ୍ତି ।" ଅଧିକନ୍ତୁ ପ୍ରକାଶିତ ହୋଇଥିଲା ଯେ ରୁଷ ଇଟାଲି ଓ ଜର୍ମାନୀରେ ସ୍ୱାଧୀନତା ଅପହରଣ ଏବଂ ସେଠାରେ ଯେଉଁ ଅମାନୁଷିକ ଓ ବର୍ବରତା କରିଯାଉଛି ତାହା ଶାସ୍ତ୍ରୀ ଉଲ୍ଲେଖ କରିଥିଲେ ।

ବ୍ରିଟିଶ ରକ୍ଷଣଶୀଳ ଲୋକଙ୍କ ସହିତ ଭାରତ ଓ ବ୍ରିଟେନ ସମ୍ବନ୍ଧରେ ଶାସ୍ତ୍ରୀଙ୍କ ମତାମତର କିପରି ଅପୂର୍ବ ସାଦୃଶ୍ୟ ରହିଛି ତାହା ମୁଁ ଦେଖିଲି । ଖୁଣ୍ଟିନାଟି ବିଷୟରେ ପ୍ରଭେଦ ରହିଛି ସନ୍ଦେହ ନାହିଁ, ମାତ୍ର ମୂଳ ଆଦର୍ଶ ଏକ । ନିଜର ବିଶ୍ୱାସ ହ୍ରାସ ନ କରି ମିଷ୍ଟର ଉଇନଷ୍ଟନ୍ ଚର୍ଚ୍ଚିଲ ମଧ୍ୟ ଠିକ୍ ଏହି ଭାଷାରେ କହିପାରନ୍ତେ । ମିଷ୍ଟର ଶାସ୍ତ୍ରୀ ପୁଣି ଲିବରାଲ ଦଳର ବାମପନ୍ଥୀ ଏବଂ ଏହାର ଜଣେ ଦକ୍ଷ ନେତା ।

ମୋର ଆଶଙ୍କା ମୁଁ ଶାସ୍ତ୍ରୀଙ୍କର ଇତିହାସ ବିଶ୍ଳେଷଣ, ଦୁଃଖଦ ଘଟଣାବଳୀ ଏବଂ ବିଶେଷଭାବରେ ବ୍ରିଟେନ ଓ ଭାରତ ସମ୍ବନ୍ଧରେ ତାଙ୍କର

Digitized by srujanika@gmail.com

ମତ ଗ୍ରହଣ କରିବାକୁ ସଂପୂର୍ଣ୍ଣ ଅସମର୍ଥ । ସମ୍ଭବତଃ ଇଂରେଜ ହୋଇ ନ ଥିବା କୌଣସି ବିଦେଶୀ ମଧ୍ୟ ଏହା ଗ୍ରହଣ କରିପାରିବ ନାହିଁ — ଉଦାର ମତ-ବିଶିଷ୍ଟ ଅନେକ ଇଂରେଜ ମଧ୍ୟ ଏଥି ସହିତ ଦ୍ଵିମତ ହେବାର ସମ୍ଭାବନା । ବ୍ରିଟିଶଶାସକଶ୍ରେଣୀର ରଙ୍ଗିନ୍ ଚଷମାରେ ପୃଥିବୀ ଏବଂ ନିଜ ଦେଶକୁ ଦେଖିବାର ଅପୂର୍ବ କ୍ଷମତା ସେ ଅର୍ଜ୍ଜନ କରିଛନ୍ତି । ଅତି ଆଶ୍ଚର୍ଯ୍ୟ କଥା ଯେ ଗତ ୧୮ ମାସ ହେଲା ଭାରତରେ ଦୈନନ୍ଦିନ ଯେଉଁ ଅସାଧାରଣ ଘଟଣା ଘଟିଥିଲା ଏବଂ ସେ ବକ୍ତୃତା ଦେଉଥିଲାବେଳେ ଯାହା ସବୁ ହୋଇଥିଲା, ତାହା ସେ ସମ୍ପୂର୍ଣ୍ଣରୂପେ ଭୁଲିଯାଇଥିଲେ । ସେ ରୁଷ, ଜର୍ମାନୀ ଓ ଇଟାଲୀ କଥା ଉଲ୍ଲେଖ କରିଥିଲେ, ମାତ୍ର ନିଜ ଦେଶରେ ଯେଉଁ ଶାସନ ଉତ୍ପୀଡ଼ନ ଓ ଦମନ ଚାଲିଥିଲା ତାହା ଉଲ୍ଲେଖ କରି ନଥିଲେ । ସମ୍ବାଦପତ୍ର ଉପରେ କଟକଣା ହେତୁ ଅନେକ କଥା ପ୍ରକାଶ ହୋଇପାରୁ ନାହିଁ—ସେଥିପାଇଁ ହୁଏତ ସୀମାନ୍ତ ପ୍ରଦେଶ ଓ ବଙ୍ଗଳାରେ ଯେଉଁ ସବୁ ଶାସନ ଅବସ୍ଥା ଘଟୁଛି ତାହା ତାଙ୍କୁ ଜଣା ନଥିବ (ବଙ୍ଗଳା ଅତ୍ୟାଚାରକୁ ଲକ୍ଷ୍ୟ କରି କଂଗ୍ରେସ ସଭାପତି ଭାବରେ "ବଙ୍ଗଳା ଉପରେ ବଳାତ୍କାର" ବୋଲି ରାଜେନ୍ଦ୍ରବାବୁ ଏବେ କହିଛନ୍ତି) ମାତ୍ର ଭାରତର ଜ୍ଵାଳା ଏବଂ ଏକ ଶକ୍ତିଶାଳୀ ଶତ୍ରୁ ବିରୁଦ୍ଧରେ ଭାରତର ଲୋକେ ଜୀବନ ଓ ସ୍ଵାଧୀନତା ସକାଶେ ଯେଉଁ ସଂଗ୍ରାମ ଚଳାଇଛନ୍ତି, ତାହା କ'ଣ ତାଙ୍କୁ ଅଛପା ଥିଲା ? ଅନେକ ଅଞ୍ଚଳରେ ଯେଉଁ ପୁଲିସ ରାଜତ୍ଵ ଚାଲିଥିଲା, ସାମରିକ ଆଇନ ଫଳରେ ଯେପରି ଅବସ୍ଥା ସୃଷ୍ଟି ହୋଇଥିଲା, ଅର୍ଡ଼ିନାନ୍ସ, ଅନଶନ ଏବଂ ଜେଲଖାନାର ଅନ୍ୟ ଅତ୍ୟାଚାରର କାହାଣୀ ସବୁ କ'ଣ ତାଙ୍କୁ ମାଲୁମ୍ ପଡ଼ୁ ନଥିଲା ? ସେ କ'ଣ ଜାଣିପାରୁ ନଥିଲେ ଯେ ଯେଉଁ ସହିଷ୍ଣୁତା ଓ ସ୍ଵାଧୀନତା ସକାଶେ ସେ ବ୍ରିଟେନକୁ ପ୍ରଶଂସା କରୁଛନ୍ତି, ସେହି ସ୍ଵାଧୀନତା ଓ ସହିଷ୍ଣୁତା ଭାରତରେ ବ୍ରିଟେନ ଧ୍ଵଂସ କରୁଛି ?

ସେ କଂଗ୍ରେସ ସହିତ ଏକମତ ହୁଅନ୍ତୁ ବା ନ ହୁଅନ୍ତୁ ସେଥିରେ କିଛି ଯାଏ ଆସେନା । କଂଗ୍ରେସ ନୀତି ନିନ୍ଦା ବା ସମାଲୋଚନା କରିବାର ପୂର୍ଣ୍ଣ କ୍ଷମତା ତାଙ୍କର ଅଛି । ମାତ୍ର ଜଣେ ଭାରତୀୟ ଓ ସ୍ଵାଧୀନତା-ପ୍ରେମୀ

Digitized by srujanika@gmail.com

ଢଙ୍ଗରେ ତାଙ୍କ ନିଜ ଦେଶର ଜନନାୟକଙ୍କର ଅପୂର୍ବ ତ୍ୟାଗ ଓ ସାହସିକତା ପ୍ରତି ତାଙ୍କର ପ୍ରତିକ୍ରିୟା କ'ଣ ? ଆମ ଶାସକମାନେ ଭାରତ ହୃଦୟରେ କୁଠାରାଘାତ କଲାବେଳେ ସେ କ'ଣ ବେଦନା ଓ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ । ଏକ ଗର୍ବିତ ସାମ୍ରାଜ୍ୟର ଦୈହିକ ଶକ୍ତି ଆଗରେ ଯେ ହଜାର ହଜାର ଲୋକ ବଶ୍ୟତା ସ୍ୱୀକାର କରିବାକୁ ଅସ୍ୱୀକାର କରୁଛନ୍ତି—ସେମାନଙ୍କର ଆତ୍ମାକୁ ଅବମାନନା ନକରି ଅମ୍ଳାନ ବଦନରେ ଦୈହିକ ଶକ୍ତି ସହି, ନିଜର ଧନ-ଧ୍ୱଂସ ଏବଂ ପ୍ରିୟ ଲୋକଙ୍କୁ ଦୁଃଖଭୋଗ କରିବାକୁ ଦେଲେ ଏହା କ'ଣ ତାଙ୍କ ମତରେ କିଛି ନୁହେଁ ? ଆମେ ଜେଲଖାନାରେ ଓ ବାହାରେ ମୁହଁରେ ସାହସ ଦେଖାଇ ହସିଛୁଁ, ମାତ୍ର ଆମର ସେ ହସ ଅନେକ ସମୟରେ ଲୋତକ ଭିତର ଦେଇ ଅଛି ଓ କାନ୍ଦିବାର ନିକଟବର୍ତ୍ତୀ ହୁଏ ।

ସାହସୀ ଓ ସଦାଶୟ ଇଂରେଜ ଭେରିଅର ଏଲ୍‌ୱିନ୍ ତାଙ୍କର କିପରି ପ୍ରତିକ୍ରିୟା ହୋଇଥିଲା କହିଛନ୍ତି । ସେ ୧୯୩୦ରେ ଲେଖିଛନ୍ତି "ଏହା ଏକ ଅଦ୍ଭୁତ ଅଭିଜ୍ଞତା, ସମଗ୍ର ଜାତି ସମସ୍ତ ମାନସିକ ବନ୍ଧନ ଫୋପାଡ଼ି ଦେଇ ନିର୍ଭୟରେ ଦୃଢ଼ପ୍ରତିଜ୍ଞ ହୋଇ ଆତ୍ମମର୍ଯ୍ୟାଦା ରକ୍ଷା କରୁଛି ।" ସେ ପୁଣି ଲେଖିଛନ୍ତି—"ସତ୍ୟାଗ୍ରହ ସଂଗ୍ରାମ ଭିତରେ କଂଗ୍ରେସ ସ୍ୱେଚ୍ଛାସେବକ-ମାନେ ଅପୂର୍ବ ଶୃଙ୍ଖଳା ଦେଖାଇଥିଲେ—ଜଣେ ପ୍ରାଦେଶିକ ଗଭର୍ଣ୍ଣର ମଧ୍ୟ ଏହି ଶୃଙ୍ଖଳାକୁ ଉଦାର ଭାବରେ ସ୍ୱୀକାର କରିଥିଲେ ।"

ଶାସ୍ତ୍ରୀ ଜଣେ ଦକ୍ଷ ଓ ସହାନୁଭୂତି-ପ୍ରବଣ ଲୋକ—ତାଙ୍କ ଦେଶ-ଲୋକେ ତାଙ୍କୁ ଶ୍ରଦ୍ଧା କରନ୍ତି—ଏପରି ଏକ ସଂଗ୍ରାମ ଭିତରେ ସେ ଯେ ତାଙ୍କ ଦେଶବାସୀଙ୍କ ପରି ସମାନ ଭାବରେ ଅନୁଭବ କରୁ ନଥିବେ ଏହା ମନେକରିବା ଅସମ୍ଭବ । ସରକାର ସମସ୍ତ ପ୍ରକାର ସାଧାରଣ କାର୍ଯ୍ୟ ଓ ନାଗରିକ ସ୍ୱାଧୀନତାର ଯେପରି ଦମନ କରୁଛି ତାହା ସେ ଖୁବ୍ ନିନ୍ଦା କରିବେ ବୋଲି ଆଶା କରାଯାଉଥିଲା । ଆଶା କରାଯାଉଥିଲା ଯେ ବିଶେଷ ଭାବରେ ଅତ୍ୟାଚାର ପ୍ରପୀଡ଼ିତ ସୀମାନ୍ତ ଓ ବଙ୍ଗଳା ପ୍ରଦେଶକୁ ସେ ଓ

Digitized by srujanika@gmail.com

ତାଙ୍କର ଲିବରାଲ ବନ୍ଧୁମାନେ ବ୍ୟକ୍ତିଗତରୂପେ ଯାଉଁ ଅବସ୍ଥା ଦେଖିବେ—ସେମାନେ କଂଗ୍ରେସ କିମ୍ବା ଅନ୍ୟ କୌଣସି ଆନ୍ଦୋଳନକୁ ସାହାଯ୍ୟ କରିବା ନିମନ୍ତେ ଯାଆନ୍ତେ ନାହିଁ—ମାତ୍ର ସରକାରୀ ଓ ପୁଲିସର ଅତିରିକ୍ତ କାର୍ଯ୍ୟକୁ ପ୍ରକାଶ କରିଦେଇ ବନ୍ଦ କରିବାରେ ସାହାଯ୍ୟ କରନ୍ତେ । ଅନ୍ୟ ଦେଶରେ ନାଗରିକ ସ୍ୱାଧୀନତା ଓ ସ୍ୱାଧୀନତାପ୍ରେମୀମାନେ ପ୍ରାୟ ଏହିପରି କରିଥାନ୍ତି । ମାତ୍ର ଏପରି କାର୍ଯ୍ୟ କରିବା ପରିବର୍ତ୍ତେ, ଶାସକ ସମ୍ପ୍ରଦାୟ ଭାରତର ନରନାରୀଙ୍କ ଉପରେ ସାଦାସିଧା ଦମନ କରି ଏପରି କି ତାଙ୍କର ସାଧାରଣ ସ୍ୱାଧୀନତା ନଷ୍ଟକରିବାକୁ କାର୍ଯ୍ୟର ପ୍ରତିରୋଧ କରିବା ପରିବର୍ତ୍ତେ କ'ଣ ଘଟୁଛି ତାହା ଅନ୍ତତଃ ଜାଣିବାଲାଗି ସେ ଚେଷ୍ଟା କରିବା ପରିବର୍ତ୍ତେ ସହିଷ୍ଣୁତା ଓ ସ୍ୱାଧୀନତାପ୍ରେମର ଯେତେବେଳେ ଭାରତରେ ବେଶୀ ଅଭାବ ଦେଖାଯାଉଥିଲା, ସେତେବେଳେ ସେହି ଗୁଣ ବେଶୀ ଅଛି ବୋଲି ସରକାରଙ୍କୁ ଏକ ସାର୍ଟିଫିକେଟ୍ ଦେଇଥିଲେ । ସେମାନଙ୍କୁ ସେ ନୈତିକ ସମର୍ଥନ କରିଥିଲେ ଏବଂ ଦମନ କାର୍ଯ୍ୟ ଚଳାଇବା ଦିଗରେ ସେମାନଙ୍କୁ ଉତ୍ସାହିତ ଓ ଜାଗ୍ରତ କରିଥିଲେ ।

ମୋର ନିଶ୍ଚିତ ଧାରଣା ଯେ ତାଙ୍କର ଉଦ୍ଦେଶ୍ୟ ଏପରି ନଥିଲା—ସେ ତାଙ୍କ କାର୍ଯ୍ୟର କିପରି ଫଳାଫଳ ହେବ ତାହା ଚିନ୍ତା କରୁ ନ ଥିଲେ । ମାତ୍ର ତାଙ୍କ ବକ୍ତୃତାରେ ଯେ ଏପରି ଫଳ ହେବ ଏଥିରେ ସନ୍ଦେହ ନାହିଁ । ତେବେ ସେ କାହିଁକି ଏପରି ଭାବରେ ଚିନ୍ତା ଏବଂ କାର୍ଯ୍ୟ କରୁଥିଲେ ।

ଏହି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ମୁଁ ପାଇନାହିଁ—କେବଳ ଲିବରାଲ ନେତାମାନେ ତାଙ୍କ ନିଜ ଦେଶ ଏବଂ ସମସ୍ତ ଆଧୁନିକ ଚିନ୍ତାରୁ ଯେ ସଂପୂର୍ଣ୍ଣ ଅଲଗା ରହିଛନ୍ତି, ଏହା ମୁଁ ଜାଣିଥିଲି । ସେମାନେ ଯେଉଁସବୁ ପତ୍ର ପୁସ୍ତକ ପଢ଼ନ୍ତି, ସେଥିରେ ଜନସାଧାରଣଙ୍କଠାରୁ ତାଙ୍କର ଦୃଷ୍ଟି ବିଚ୍ୟୁତ ହୋଇ ରହେ ଏବଂ ଏକପ୍ରକାର ଆତ୍ମତୃପ୍ତିର ଭାବ ତାଙ୍କ ଭିତରେ ଜାଗ୍ରତ ହୋଇଛି । ଆମେ ଜେଲକୁ ଗଲୁଁ ଏବଂ ଆମ ଦେହ ସେଲରେ ଆବଦ୍ଧ ଥାଏ,

Digitized by srujanika@gmail.com

ମାତ୍ର ଆମର ମନ ସ୍ୱାଧୀନ ଥିଲା ଏବଂ ଆମର ଚିତ୍ତ ବିଚଳିତ ନ ଥାଏ । ମାତ୍ର ସେମାନେ ନିଜ ନିଜର ମାନସିକ ଜେଲ ତିଆରି କରିଥାନ୍ତି—ଏଥିରେ ସେମାନେ ଧରୁଥାନ୍ତି—ପଳାଇବାର ବାଟ ପାଆନ୍ତି ନାହିଁ । ସେମାନେ ବସ୍ତୁର ଅପରିବର୍ତ୍ତିତାବସ୍ଥା ସତ୍ତ୍ୱର ଉପାସକ, ମାତ୍ର ଏହି ପରିବର୍ତ୍ତନଶୀଳ ଜଗତରେ ଯେତେବେଳେ ଜିନିଷସବୁର ପରିବର୍ତ୍ତନ ଘଟେ, ସେତେବେଳେ ସେମାନଙ୍କ ନିକଟରେ କୌଣସି ଦିଗନିର୍ଣ୍ଣୟ ଯନ୍ତ୍ର ନ ଥିବାରୁ ସେମାନେ ମନ ଓ ଶରୀରରେ ଅସହାୟ ହୋଇ ପଡ଼ନ୍ତି । କୌଣସି ଆଦର୍ଶ ବା ମତବାଦ ବୁଝି ପାରନ୍ତି ନାହିଁ । ଆମ ଆଗରେ ଦୁଇଟି ପ୍ରଶ୍ନ—ହୁଏତ ଆଗକୁ ଅଗ୍ରସର ହେବୁ ନଚେତ୍ ଧକ୍କା ଖାଇ ପଡ଼ିବୁ—ଏକ ଗତିଶୀଳ ଦୁନିଆରେ ଆମେ ସ୍ଥିର ହୋଇ ରହିପାରୁନା । ପରିବର୍ତ୍ତନ ଓ ଗତିରେ ଭୟଭୀତ ହେଉଥିବାରୁ ତାଙ୍କର ଚତୁର୍ଦ୍ଦିଗରେ ଝଡ଼ ଦେଖି ଲିବରାଲମାନେ ଆତଙ୍କିତ ହୋଇଥିଲେ, ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଦୁର୍ବଳ ଥିବାରୁ ସେମାନେ ଅଗ୍ରସର ହୋଇପାରିନଥିଲେ—ସୁତରାଂ ସେମାନେ ଝଡ଼ବତାସରେ ଏଣେତେଣେ ପଡ଼ିବାକୁ ଲାଗିଲେ ଏବଂ ଯାହା କିଛି କୁଟା ଖଣ୍ଡେ ପାଇଥିଲେ ତାହା କାମୁଡ଼ି ଧରୁଥିଲେ । ଭାରତ ରାଜନୀତି କ୍ଷେତ୍ରରେ ସେମାନେ ହାମ୍ଲେଟ୍—ଚିନ୍ତାରେ ପୀଡ଼ିତ, ସର୍ବଦା ସଶଙ୍କ ଆତୁର, ଇତସ୍ତତଃ ଓ ଅପ୍ରତିଜ୍ଞାବଦ୍ଧ । "ଦେହଅଭିଶପ୍ତ ଦେହ, ସମୟ ମେଳ ଖାଉନାହିଁ, କିନ୍ତୁ ମୁଁ ତାକୁ ସଜାଡ଼ିବାକୁ ସର୍ବଦା ଲାଗିରହିଛି" ।

ଆଇନ ଅମାନ୍ୟ ଆନ୍ଦୋଳନର ଶେଷ ବେଳକୁ ଲିବରାଲ ସାପ୍ତାହିକ "ଭାରତ ସେବକ" କଂଗ୍ରେସ ଲୋକେ ଖାଲି ଜେଲ ଯିବାକୁ ଚାହାନ୍ତି ଏବଂ ପୁଣି ସେଥିରୁ ବାହାରି ଆସିବା ନିମନ୍ତେ ବ୍ୟସ୍ତ ବୋଲି ଅଭିଯୋଗ କଲା । ଟିକିଏ ବିରକ୍ତି ପ୍ରକାଶ କରି ଏହା କହିଲା ଯେ ଏହା ହେଉଛି କଂଗ୍ରେସର ପ୍ରଧାନ ନୀତି । ସମ୍ଭବତଃ ଏହା ବଦଳରେ ଲିବରାଲମାନେ ଯେଉଁ ପନ୍ଥା ଦେଖାଉଥିଲେ ତାହା ହେଉଛି ଗୋଟିଏ ଡେପୁଟେସନ ନେଇ ଇଂଲଣ୍ଡରେ ବ୍ରିଟିଶ ମନ୍ତ୍ରୀମାନଙ୍କ ପାଖକୁ ଯିବା କିମ୍ବା ଗଭର୍ଣ୍ଣମେଣ୍ଟ ପରିବର୍ତ୍ତନଲାଗି ଇଂଲଣ୍ଡରେ ପ୍ରାର୍ଥନା କରିବା ।

Digitized by srujanika@gmail.com

ଏକଥା ଅନେକ ପରିମାଣରେ ସତ୍ୟ ଯେ ସେତେବେଳେ ଅର୍ଡିନାନ୍ସ ଓ ଅନ୍ୟ ଦମନମୂଳକ ଆଇନ ଅମାନ୍ୟ କରିବାହିଁ କଂଗ୍ରେସର ପ୍ରଧାନ କାର୍ଯ୍ୟ ଥିଲା—ଏହା ଫଳରେ ଜେଲ ହେଉଥିଲା । ଏକଥା ମଧ୍ୟ ସତ୍ୟ ଯେ ଦୀର୍ଘକାଳ ସଂଗ୍ରାମ ଫଳରେ କଂଗ୍ରେସ ଓ ଦେଶ କ୍ଲାନ୍ତ ହୋଇ ପଡ଼ିଥିଲା ଏବଂ ସରକାରଙ୍କ ଉପରେ କୌଣସି ଫଳପ୍ରଦ ଚାପ ଅଣାଯାଇ ପାରି ନ ଥିଲା । ତଥାପି ଏହାର ଏକ କାର୍ଯ୍ୟକାରୀ ଓ ନୈତିକ ମୂଲ୍ୟ ଥିଲା ।

ଭାରତରେ ଯେଉଁ ନଗ୍ନ ଦମନ ଚାଲିଥିଲା ସେଥିରେ ଶାସକମାନଙ୍କୁ ପ୍ରଚୁର ପରିମାଣରେ ଅର୍ଥବ୍ୟୟ କରିବାକୁ ପଡ଼ୁଥିଲା । ସେମାନଙ୍କ ପକ୍ଷରେ ମଧ୍ୟ ଏହା ଏକ ଯନ୍ତ୍ରଣାଦାୟକ ପରୀକ୍ଷା ଥିଲା ଏବଂ ଶେଷରେ ଯେ ମୂଳଭିତ୍ତି ଦୋହଲିଯିବ ତାହା ସେମାନେ ଭଲରୂପେ ଜାଣିଥିଲେ । ଯେଉଁ ଲୋକଙ୍କ ଉପରେ ଜୋର ଜବରଦସ୍ତି କରାଯାଏ ସେମାନଙ୍କ ପାଖରେ ଏବଂ ସମଗ୍ର ଦୁନିଆ ଆଗରେ କ୍ରମେ ତାଙ୍କ ଶାସନର ଅସଲରୂପ ପ୍ରକାଶିତ ହୋଇଗଲା; ସେମାନେ ଲୌହ ମୁଷ୍ଟିକୁ ମଖମଲ ଆବରଣରେ ଘୋଡ଼ାଇବାକୁ ପସନ୍ଦ କରୁଥିଲେ । ଯାହା ଫଳାଫଳ ହେଉ ପଛକେ ଯେଉଁ ଲୋକେ ସରକାର ନିକଟରେ ନତ ହେଉନାହାନ୍ତି, ସେମାନଙ୍କ ସହିତ କାରବାର ଅପେକ୍ଷା ସରକାର ପକ୍ଷରେ ଏକ ବିରକ୍ତିକର ଏବଂ ଶେଷରେ ଉଦ୍ବେଗଜନକ କାର୍ଯ୍ୟ । ସୁତରାଂ ଦମନନୀତି ବିରୁଦ୍ଧରେ ସାମୟିକ ବିରୋଧରେ ମଧ୍ୟ ମୂଲ୍ୟ ଥିଲା । ଏହା ଲୋକଙ୍କୁ ଶକ୍ତିଦାନ କରିଥିଲା ଏବଂ ସରକାରର ନୈତିକ ଶକ୍ତି ଦୁର୍ବଳ କରିଥିଲା ।

ନୈତିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ଆହୁରି ବେଶୀ । ଥୋରୋ ଗୋଟିଏ ପ୍ରସିଦ୍ଧ ଅଧ୍ୟାୟରେ କହିଛନ୍ତି—"ଯେତେବେଳେ ଅନ୍ୟାୟ ଭାବରେ ନରନାରୀଙ୍କୁ ଜେଲ ଦିଆଯାଏ, ସେତେବେଳେ ପ୍ରତ୍ୟେକ ନ୍ୟାୟବନ୍ତ ନରନାରୀର ସ୍ଥାନ ହେଉଛି ଜେଲରେ ।" ଲିବରାଲ ପ୍ରକୃତିଙ୍କୁ ଏହି ମତ ଭଲ ଲାଗି ନ ପାରେ, ମାତ୍ର ଆମ ଭିତରୁ ଅନେକ ଅନୁଭବ କରୁଥିଁ ଯେ ଯେତେବେଳେ ଆଇନ ଅମାନ୍ୟ ବାଦ୍ ଦେଲେ ଆମର ଆହୁରି ଅନେକ

Digitized by srujanika@gmail.com

ସହକର୍ମୀଙ୍କୁ ବର୍ଷବର୍ଷ ଜେଲରେ ରଖାଯାଇଛି, ସରକାରର ଦମନନୀତି କ୍ରମାନ୍ୱୟରେ ଆମ ଉପରେ ଅତ୍ୟାଚାର କରି; ଆମକୁ ଅପମାନିତ କରି ଆମ ଲୋକଙ୍କ ଶୋଷଣରେ ସାହାଯ୍ୟ କରୁଛି; ସେତେବେଳେ ନୈତିକ ଜୀବନ ମଧ୍ୟ ଅସହ୍ୟ । ଆମ ନିଜ ଦେଶରେ ଆମେ ସନ୍ଦେହୀ ଲୋକ ପରି ବୁଲୁଁ, ଗୁପ୍ତଚର ଆମ ପଛେ ପଛେ ଲାଗି କାର୍ଯ୍ୟ ଲକ୍ଷ୍ୟ କରୁଥାନ୍ତି; ଆମର ପ୍ରତ୍ୟେକ କଥା ବଡ଼ ସାବଧାନତାର ସହିତ ଲେଖାହୋଇ ରହେ—କାରଣ କାଳେ ଆମେ ସର୍ବତ୍ର ବିଦ୍ୟମାନ ରାଜଦ୍ରୋହ ଆଇନ ଭଙ୍ଗ କରୁଁ । ଆମର ଚିଠିପତ୍ର ଖୋଲାଯାଏ ଏବଂ ଆମକୁ ସର୍ବଦା ନିଷେଧାଜ୍ଞା ଓ ଗ୍ରେପ୍ତାରର ସମ୍ମୁଖୀନ ହେବାକୁ ପଡ଼େ । ଆମର ନିର୍ବାଚନ କରିବାର ହେଉଛି – ଶତ୍ରୁର କ୍ଷମତା ନିକଟରେ ସମ୍ପୂର୍ଣ୍ଣ ବଶ୍ୟତା ସ୍ୱୀକାର କରିବା, ଆଧ୍ୟାତ୍ମିକ ଅଧୋଗତି ସ୍ୱୀକାର କରିବା ଏବଂ ଯାହାକୁ ସତ୍ୟବୋଲି ବିଚାରୁଥାଉଁ ତାହା ଅସ୍ୱୀକାର କରିବା ଏବଂ ଆମେ ଯାହାକୁ ମିଛ ବୋଲି ବିଚାରୁଛୁଁ ସେହି ଉଦ୍ଦେଶ୍ୟରେ ନୈତିକ ବେଶ୍ୟାବୃତ୍ତି ଅବଲମ୍ବନ ନ କରିବା କିମ୍ବା ଯାହା ଫଳାଫଳ ହେଉ ପଛକେ ଏହାର ସମ୍ପୂର୍ଣ୍ଣ ବିରୋଧ କରିବା । କେହି ଜେଲଯିବାକୁ କିମ୍ବା ବିପଦକୁ ନିମନ୍ତ୍ରଣ କରିବାକୁ ଚାହେଁ ନା । ମାତ୍ର ଅନେକ ସମୟରେ ଅନ୍ୟ ପନ୍ଥା ଅପେକ୍ଷା ଜେଲ ବରଂ ଶ୍ରେୟ । ବର୍ଣ୍ଣାର୍ଡ଼୍ ଶ ଲେଖିଛନ୍ତି "ଯାହା ତୁମେ ହୀନ ବୋଲି ଜାଣ, ସେହି ଉଦ୍ଦେଶ୍ୟରେ ଅନ୍ୟ ଲୋକଙ୍କଦ୍ୱାରା ବ୍ୟବହୃତହେବାହିଁ ଜୀବନରେ ପ୍ରକୃତରେ ବିଷାଦମୟ ଘଟଣା । ଅବଶିଷ୍ଟ ଯଥାସବୁ ହୁଏତ ଦୁର୍ଭାଗ୍ୟ କିମ୍ବା ମୃତ୍ୟୁ; ଏହାହିଁ କେବଳ ଦୁଃଖ, ଦାସତ୍ୱ, ଏବଂ ମର୍ତ୍ତ୍ୟରେ ନରକ ।"

୪୯

ଦୀର୍ଘ ଜେଲଜୀବନର ଶେଷ

ମୋର ଖଲାସ ହେବା ଦିନ ନିକଟ ହୋଇ ଆସିଲା । ମୁଁ "ଭଲ ଆଚରଣ" ସକାଶେ ସାଧାରଣ ଯାହା ସବୁ ମାର୍କ (Remisson) ପାଇବାର କଥା ପାଇଲି ଏବଂ ଏହା ଫଳରେ ମୋର ଦୁଇବର୍ଷ ଦଣ୍ଡରୁ ସାଢ଼େ ତିନିମାସ କମ୍ ହୋଇଥିଲା । ମୋର ମନର ଶାନ୍ତ କମ୍ପା ଜେଲଖାନାରେ ସ୍ୱଭାବତଃ ମନରେ ଯେଉଁ ଅବସାଦ ଦେଖାଯାଏ, ତାହା ଖଲାସ ହେବା ଆଶାର ଉତ୍ତେଜନାରେ ଭାଙ୍ଗିଯାଏ । ମୁଁ ବାହାରକୁ ଯାଇ କ'ଣ କରିବି ? ତାହା ଏକ କଠିନ ପ୍ରଶ୍ନ ଏବଂ ଏହାର ଉତ୍ତରରେ ମୁଁ ଇତସ୍ତତଃ ହେଉଥିବାରୁ ବାହାରକୁ ଯିବାର ଆନନ୍ଦ ମୋ ଠାରୁ ଗୁଲିଗଲା । ମାତ୍ର ଏହି ଭାବ କ୍ଷଣସ୍ଥାୟୀ ଥିଲା—ଦୀର୍ଘକାଳ ଧରାଇ ରହିଥିବା ଶକ୍ତି ଉଦ୍‌ବେଳିତ ହେଲା ଏବଂ ମୁଁ ବାହାରକୁ ଯିବା ନିମନ୍ତେ ବ୍ୟଗ୍ର ହୋଇ ଉଠିଥିଲି ।

୧୯୩୩ ମସିହା ଜୁଲାଇ ମାସ ଶେଷ ବେଳକୁ ଏକ ଯନ୍ତ୍ରଣାଦାୟକ ସମ୍ବାଦ ଆସି ପହଞ୍ଚିଲା—ତାହା ହେଉଛି ଜେ. ଏମ୍. ସେନଗୁପ୍ତଙ୍କର ଆକସ୍ମିକ ମୃତ୍ୟୁ । ଅନେକ ବର୍ଷ ଧରି କଂଗ୍ରେସ କାର୍ଯ୍ୟକାରୀ ସମିତିରେ ଆମେ ଯେ ଘନିଷ୍ଠ ସହକର୍ମୀ ଥିଲୁଁ ତାହା ନୁହେଁ, ମୁଁ କେମ୍ବ୍ରିଜରେ ଥିଲାବେଳେ ପ୍ରଥମେ ତାଙ୍କ ସମ୍ପର୍କରେ ଆସିଥିଲି । ଆମର ପ୍ରଥମେ କେମ୍ବ୍ରିଜରେ ସାକ୍ଷାତ୍ ହୋଇଥିଲା—ମୁଁ ନୂଆ ହୋଇଯାଇଥାଏ—ସେ ଡ଼ିଗ୍ରୀପ୍ରାପ୍ତ ହୋଇଥାଆନ୍ତି ।

ନଜରବନ୍ଦୀ ହୋଇଥିବା ଅବସ୍ଥାରେ ସେନଗୁପ୍ତ ମଲେ । ୧୯୩୨ ମସିହାର ପ୍ରଥମଭାଗରେ ଇଙ୍ଗଲେଣ୍ଡରୁ ଫେରିଲାବେଳେ ସେ ବମ୍ବେ ସମୁଦ୍ର ଉପକୂଳରେ ଥିବା ଅବସ୍ଥାରେ ତାଙ୍କୁ ସରକାର ଗିରଫ କରି ରାଜବନ୍ଦୀ-

Digitized by srujanika@gmail.com

ସ୍ୱରୂପ ରଖିଥିଲେ (ବନାବଗୃହରେ) ; ସେହିପରି ସେ ଜଣେ ବନ୍ଦୀ ବା ଅନ୍ତରୀଣ ବନ୍ଦୀ ହୋଇ ରହୁଥିଲେ ଏବଂ ତାଙ୍କର ସ୍ୱାସ୍ଥ୍ୟ କ୍ରମେ ଖରାପ ହେବାକୁ ଲାଗିଲା । ସରକାର ତାଙ୍କୁ ନାନାପ୍ରକାର ସୁବିଧା ଦେଇଥିଲେ, ମାତ୍ର ସେମାନେ ତାଙ୍କ ରୋଗ ଯେ ନାଶ କରିପାରିଲେ ନାହିଁ ଏହା ପ୍ରମାଣିତ ହେଲା । ତାଙ୍କ ଶବଯାତ୍ରାରେ କଲିକତାର ବିପୁଳ ଜନତା ତାଙ୍କୁ ଯେପରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ସେଥିରେ ମନେହେଲା ଅନ୍ତତଃ କ୍ଷଣକାଳପାଇଁ ବହୁଦିନ ଯାବତ୍ ଅବରୁଦ୍ଧ ବଙ୍ଗାଳୀର ଦଗ୍ଧ ହୃଦୟ ସତେକି ଚିତ୍ତରେ ପ୍ରକାଶର ବାଟ ପାଇଲା ।

ସେନଗୁପ୍ତ ଚାଲିଗଲେ । ସୁଭାଷବୋଷ ମଧ୍ୟ ଅଟକବନ୍ଦୀ (State Prisoner) ରୂପେ ଥିଲେ—ବର୍ଷ ବର୍ଷ ଧରି ଅଟକ ଓ କାରାବାସ ଫଳରେ ତାଙ୍କର ସ୍ୱାସ୍ଥ୍ୟଭଗ୍ନ ଘଟିଥିଲା । ଶେଷରେ ସେ ଇଉରୋପ ଯାଇ ଚିକିତ୍ସା କରିବା ନିମନ୍ତେ ସରକାର ତାଙ୍କୁ ଅନୁମତି ଦେଇଥିଲେ । ପ୍ରବୀଣ ନେତା ଭିଠଲ ପଟେଲ ପୀଡ଼ିତ ହୋଇ ଇଉରୋପରେ ଥାଆନ୍ତି । ବାହାରର ଅବିରାମ କାର୍ଯ୍ୟକ୍ଷେତ୍ରରୁ ଏବଂ ଜେଲ ଜୀବନର ଶାରୀରିକ କଷ୍ଟ ସହିବାକୁ ଅସମର୍ଥ ହୋଇ ଏହିପରି କେତେ ଲୋକଙ୍କର ସ୍ୱାସ୍ଥ୍ୟର ଭଗ୍ନ ନ ଘଟିଛି ! ମୃତ୍ୟୁ ନ ହୋଇଛି ! ବାହାରେ କିଛି ଜଣା ନ ପଡ଼ୁଥିଲେ ବି ଜେଲରେ ଯେଉଁ ଅସାଧାରଣ ଜୀବନ-ଯାପନ କରିବାକୁ ପଡ଼େ ତା ଫଳରେ କେତେଲୋକ-ଙ୍କର ମାନସିକ ଅବସ୍ଥାର ପରିବର୍ତ୍ତନ ନ ଘଟିଛି !

ସମଗ୍ର ଦେଶ କପରି ଭୟାବହ ଦୁଃଖ ବରଣ କରୁଛି ତାହା ସେନ-ଗୁପ୍ତଙ୍କ ମୃତ୍ୟୁହିଁ ମୋର ମନେ ପକାଇଦେଲା ଏବଂ ମୁଁ ବଡ଼ ଅବସାଦ ଓ କ୍ଲାନ୍ତ ବୋଧ କଲି । ଏସବୁର ଶେଷଫଳ କ'ଣ ହେବ ? ଏହାର ଶେଷ କେଉଁଠି ?

ମୋର ସ୍ୱାସ୍ଥ୍ୟ ସକାଶେ ମୁଁ ନିଜକୁ ଭାଗ୍ୟବାନ୍ ମନେ କରେ— କଂଗ୍ରେସକାର୍ଯ୍ୟରେ ଅନିୟମିତ ଜୀବନର କ୍ଲାନ୍ତି ସତ୍ତ୍ୱେ ମୋଟାମୋଟି

Digitized by srujanika@gmail.com

ମୋ ଶରୀର ସୁସ୍ଥ ଅଛି । ମୋର ମନେହୁଏ ମୁଁ ମୋର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେଉଥିବାରୁ ଯେଉଁ ସୁଗଠିତ ଶରୀର କରିପାରିଥିଲି ସେଥିଲାଗି ଏହା ସମ୍ଭବ ହୋଇଥିଲା । ରୋଗ, ଦୁର୍ବଳସ୍ୱାସ୍ଥ୍ୟ ଏବଂ ଅଧିକ ଚର୍ବି ମୋତେ ବଡ଼ ଅସୁନ୍ଦର ଦେଖାଯାଏ; ବ୍ୟାୟାମ, ପ୍ରଚୁର-ପରିମାଣରେ ନିର୍ମଳ ବାୟୁ, ସରଳ ଖାଦ୍ୟ ସାହାଯ୍ୟରେ ମୁଁ ଏଥିରୁ ମୁକ୍ତ ରହୁଥାଏ । ମୋର ନିଜର ଅଭିଜ୍ଞତା ହେଉଛି ଯେ ଅନୁପଯୁକ୍ତ ଖାଦ୍ୟଯୋଗୁଁ ଭାରତର ମଧ୍ୟବର୍ଗ ଶ୍ରେଣୀଙ୍କ ଭିତରେ ଅଧିକାଂଶ ରୋଗ ଦେଖାଯାଏ; ଖାଦ୍ୟ ଅତ୍ୟନ୍ତ ଗୁରୁପାକ ଓ ଅତିରିକ୍ତ । (ଯେଉଁମାନେ ଅର୍ଥ ଅପବ୍ୟୟ କରିପାରନ୍ତି ସେମାନଙ୍କ ପ୍ରତି ଏହା ପ୍ରଯୁଜ୍ୟ) ସ୍ନେହୀ ମାଆ ପିଲାଙ୍କୁ ମିଠା ଏବଂ ଅନ୍ୟାନ୍ୟ ଅତିରିକ୍ତ ଖାଦ୍ୟ ଖୁଆଇ ପିଲାମାନଙ୍କୁ ସାରା ଜୀବନରେ ବଦ୍‌ହଜମୀ ରୋଗରେ ଦୁର୍ବଳ ମୂଲ୍ୟରୁ ପକାଇ ଦେଇଥାଆନ୍ତି । ବହୁତ ଲୁଗାପଟା ଦେଇ ପିଲାକୁ ଘୋଡ଼ାଇ ଦିଆଯାଏ । ଭାରତରେ ଥିବା ଇଂରେଜଲୋକଙ୍କର ଖାଦ୍ୟ ଅଳ୍ପ ଗୁରୁପାକ ହେଲେ ସୁଦ୍ଧା ସେମାନେ ବହୁତ ଖାଆନ୍ତି । ସମ୍ଭବତଃ ପୂର୍ବପୁରୁଷ-ମାନଙ୍କଠାରୁ ଏମାନେ ଟିକିଏ ଉନ୍ନତି ଲାଭ କରିଛନ୍ତି । ପୂର୍ବୋକ୍ତ ଶ୍ରେଣୀ, ପ୍ରଚୁର ପରିମାଣରେ ଗରମ ଓ ଶକ୍ତିଶାଳୀ ଖାଦ୍ୟ ଖାଉଥିଲେ ;

ଖାଦ୍ୟ ସମ୍ବନ୍ଧରେ ମୋର ବିଶେଷ କିଛି ବାରଣ ନାହିଁ—କେବଳ ମୁଁ ବେଶୀ ଓ ଗୁରୁପାକ ଖାଦ୍ୟ ଛାଡ଼ିଛି । ପ୍ରାୟ ସମସ୍ତ କାଶ୍ମୀରୀ ବ୍ରାହ୍ମଣଙ୍କ ପରି ଆମ ପରିବାରରେ ମଧ୍ୟ ମାଂସ ଖିଆଯାଏ ଏବଂ ମୁଁ ମାଂସକୁ ଖୁବ୍ ବେଶୀ ଭଲ ପାଉ ନ ଥିଲେ ସୁଦ୍ଧା ପିଲାଦିନରୁ ମାଂସ ଖାଇଛି । ୧୯୨୦ ରେ ଅସହଯୋଗ ଆନ୍ଦୋଳନ ଆରମ୍ଭବେଳୁ ମୁଁ ମାଂସ ଛାଡ଼ିଦେଇ ନିରାମିଷାଶୀ ହେଲି । ପୁଣି ଛଅବର୍ଷ ପରେ ଯେତେବେଳେ ଇଉରୋପ ଗଲି ମାଂସ ଖାଇଲି । ପୁଣି ଭାରତକୁ ଫେରିଆସି ନିରାମିଷାଶୀ ହେଲି ଏବଂ ସେହିଦିନ-ଠାରୁ ମୁଁ ଅଳ୍ପେ ଅଧିକେ ନିରାମିଷାଶୀ ହୋଇଛି । ମାଂସ ମୋ ଦେହରେ ବେଶ୍ ଚଳେ, ମାତ୍ର ମୋର ଏଥିପ୍ରତି ଗୋଟିଏ ଅଶ୍ରଦ୍ଧା ହୋଇଛି ଏବଂ ଏହା ମୋତେ ଗୋଟାଏ ସ୍ଥୂଳରୁଚି ପରି ମନେହୁଏ ।

Digitized by srujanika@gmail.com

୧୯୩୬ ରେ ଜେଲରେ ମୋ ଦେହ ଖରାପ ହୋଇଥିଲା ଏବଂ କେତେମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମୋ ଦେହରେ ତାପ ବଢ଼ୁ ବଢ଼ୁ ବଢ଼ିବା ଦେଖି ମୁଁ ବିରକ୍ତ ହେଲି—ମୋର ଭଲ ସ୍ୱାସ୍ଥ୍ୟ ଥିବା ଅହଙ୍କାରରେ ଏହା ଆଘାତ କଲା । ମୁଁ ଜୀବନ ଓ ଶକ୍ତିର ପ୍ରଚୁରତା ଭୋଗ କରିବା ସମ୍ବନ୍ଧରେ ଆଗରୁ ଯେପରି ଭାବୁଥିଲି ଏହି ପ୍ରଥମଥରପାଇଁ ସେପରି ଭାବି ପାରିଲି ନାହିଁ ଏବଂ କ୍ରମେ ଶକ୍ତିକ୍ଷୟ ଓ ଅବସନ୍ନ ଭାବ ମନରେ ଆସି ଉତ୍ତରୋତ୍ତର କଲା । ମୁଁ ବିଶେଷଭାବରେ ମୃତ୍ୟୁକୁ ଭୟ କରେନି ବୋଲି ମୋର ମନେ ହୁଏନା ମାତ୍ର କ୍ରମେ ମାନସିକ ଓ ଦୈହିକ ଅଯୋଗତା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କଥା । ଯାହାହେଉ ମୋର ଭାବ ଅତିରଞ୍ଜିତ ବୋଲି ପ୍ରମାଣିତ ହେଲି—ମୁଁ ଏହି ଅସ୍ୱାସ୍ଥ୍ୟରୁ ଆରୋଗ୍ୟ ଲାଭ କଲି – ମୋର ଶରୀର ସୁସ୍ଥ ହେଲା । ଶୀତଦିନରେ ଦୀର୍ଘକାଳ ପର୍ଯ୍ୟନ୍ତ ସୂର୍ଯ୍ୟ କିରଣରେ ବସିବାରୁ ମୋର ଦେହ ଭଲ ଅବସ୍ଥାକୁ ଆସିବାରେ ସାହାଯ୍ୟ କରିଥିଲା । ଜେଲ ଭିତରେ ମୋର ସାଥିମାନେ କୋଟ ଓ ଶାଲ ଆବୃତ ହୋଇ ଥିଲା ଥରୁଥିବାବେଳେ ମୁଁ ଖୋଲା ଦେହରେ ସୂର୍ଯ୍ୟ କିରଣରେ ଆନନ୍ଦରେ ବସିଥାଏ । ଶୀତଦିନେ କେବଳ ଉତ୍ତରଭାରତରେହିଁ ଏହା ସମ୍ଭବ—କାରଣ ଅନ୍ୟସ୍ଥାନରେ ସୂର୍ଯ୍ୟକିରଣ ବଡ଼ ପ୍ରଖର ।

ସବୁ ବ୍ୟାୟାମ ଭିତରୁ ଶୀର୍ଷାସନ ହିଁ ମୋତେ ବିଶେଷ ଭାବରେ ଭଲ ଲାଗିଲା । ଏଥିରେ ଦୁଇ ହାତର ଅଙ୍ଗୁଳିକୁ ଛନ୍ଦି ପାପୁଲିକୁ ମୁଣ୍ଡ ଉପରେ ରଖି କହୁଣୀ ତଳେ ରଖାଯାଏ—ଏଥିରେ ମୁଣ୍ଡ ଭରି ଦେଇ ଗୋଡ଼ ଉପରକୁ ରଖି ମୁଣ୍ଡ ଉପରେ ସିଧା ଠିଆ ହେବାକୁ ହୁଏ । ଶାରୀରିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହା ଖୁବ୍ ଭଲ ବ୍ୟାୟାମ୍ ବୋଲି ମୋର ମନେ ହୁଏ । ଏଥିରେ ମନର ମଧ୍ୟ ପରିବର୍ତ୍ତନ ହୁଏ । ଏହି ଅଦ୍ଭୁତ ହାସ୍ୟକର ଅବସ୍ଥାରେ ମୋର ମିଜାଜ ଭଲ ହୁଏ ଏବଂ ଜୀବନର ଦୁଃଖକଷ୍ଟକୁ ଟିକିଏ ଅଧିକ ସହ୍ୟ କରିପାରିବାରେ ଏହା ମୋତେ ସାହାଯ୍ୟ କଲା ।

ଜେଲ ଜୀବନରେ ଯେଉଁ ସବୁ ସାଧାରଣ ଅବସାଦ ଆସେ ତାହା ଦୂର କରିବାରେ ମୋର ସୁସ୍ଥଦେହ ଏବଂ (ସୁସ୍ଥ ଅଛି) ଏହି ମନୋଭାବ

Digitized by srujanika@gmail.com

ବହୁତ ସାହାଯ୍ୟ କରିଥିଲା । ଜେଲଖାନା ଓ ବାହାରେ ପରିବର୍ତ୍ତିତ ଅବସ୍ଥାରେ ନିଜକୁ ଚଳାଇ ନେବାରେ ମଧ୍ୟ ଏହା ମୋତେ ସାହାଯ୍ୟ କରିଛି । ମୋ ଜୀବନରେ ଅନେକ ଦୁଃଖ ପଡ଼ିଅଛି, ସତେକି ଏହା ମୋତେ ନିମଗ୍ନ କରି ଦେଇଛି ବୋଲି ମୁଁ ମନେ କରେ । ମାତ୍ର ଆଶ୍ଚର୍ଯ୍ୟ କଥା ଯେ ମୁଁ ଯେତେ ଶୀଘ୍ର ଆଶା କରି ନ ଥାଏ ତହିଁଠାରୁ ଅଳ୍ପ ସମୟ ମଧ୍ୟରେ ଏହା ପୁଣି ଚାଲିଯାଏ । ମୋ ମତରେ ମୋର ସ୍ୱାସ୍ଥ୍ୟ ଓ ସଂଯମର ଲକ୍ଷଣ ଏହା ଯେ ମୋର କେବେହେଲେ ମୁଣ୍ଡ ବିଥାଏନାହିଁ କିମ୍ବା ଅନିଦ୍ରା ହେତୁ କଷ୍ଟ ପାଏନାହିଁ । ଆଧୁନିକ ସଭ୍ୟତାର ଏହି ସାଧାରଣ ରୋଗ ଗୁଡ଼ିକରୁ ମୁଁ ମୁକ୍ତ—ମୁଁ ବହୁତ ଲେଖାପଢ଼ା କରି ଏବଂ ଅନେକ ସମୟରେ ଜେଲ ଭିତରେ ଖରାପ ଆଲୁଅରେ ପଢ଼ି ଆଖିରେ ବହୁତ ଚାପ ପକାଇଥିଲେ ସୁଦ୍ଧା ମୋର ଦୃଷ୍ଟିଶକ୍ତି ଆଦୌ ଖରାପ ହୋଇନାହିଁ । ମୋର ଭଲ ଦୃଷ୍ଟି ଶକ୍ତି ଦେଖି ଗତବର୍ଷ ଜଣେ ଚକ୍ଷୁ ବିଶାରଦ ଆଶ୍ଚର୍ଯ୍ୟ ହୋଇଗଲେ ! ଆଠବର୍ଷ ପୂର୍ବେ ସେ କହିଥିଲେ ଯେ ବର୍ଷେ ଦିବର୍ଷ ଭିତରେ ମୋତେ ଚଶମା ଲଗାଇବାକୁ ପଡ଼ିବ । ତାଙ୍କର ବଡ଼ ଭୁଲ ଧାରଣା, ଆଜି ସୁଦ୍ଧା ଚଶମା ବ୍ୟବହାର ନ କରି ମୁଁ ଚାଲିଛି । ଏହିସବୁ ଘଟଣା ମୋର ପ୍ରଶାନ୍ତି ଓ ସଂଯମର ପରିଚୟ ତଥାପି ଯେଉଁ ସବୁ ଲୋକ ସର୍ବଦା ସ୍ଥିର ସଂଯତ ବୋଲି କହି ବୁଲନ୍ତି ସେମାନଙ୍କୁ ମୁଁ ଉତ୍ସୁକଚକ୍ଷୁରେ ଦେଖେ ।

ମୁଁ ଜେଲରୁ ଖଲାସ ହେବାକୁ ଅପେକ୍ଷା କରିଥିବାବେଳେ ବାହାରେ ନୂତନ ପ୍ରକାରରେ ବ୍ୟକ୍ତିଗତ ଆଇନ ଅମାନ୍ୟ ଆରମ୍ଭ ହୋଇଥାଏ । ଗାନ୍ଧିଜୀ ନେତୃତ୍ୱ ଦେବାକୁ ସ୍ଥିର କରିଥାନ୍ତି ଏବଂ କର୍ତ୍ତୃପକ୍ଷଙ୍କୁ ନୋଟିସ ଦେଇ ସେ ଅଗଷ୍ଟ ପହିଲା ଦିନ ଗୁଜରାଟ କୃଷକଙ୍କ ଭିତରେ ଆଇନଅମାନ୍ୟ ପ୍ରଚାର ଲାଗି ବାହାରିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଗିରଫ କରାଯାଇ ଏକବର୍ଷ ଜେଲ ଦିଆଗଲା—ସେ ଏରବଦା ଜେଲକୁ ପୁଣି ଫେରିଲେ । ସେ ଫେରିଯିବାରେ ମୋର ଆନନ୍ଦ ହେଲା । ଏହା ସଙ୍ଗେ ସଙ୍ଗେ ନୂଆ ପରିସ୍ଥିତି ହେଲା । ପୂର୍ବରୁ ହରିଜନ କାର୍ଯ୍ୟପାଇଁ ଗାନ୍ଧିଜୀ ଯେପରି ସୁବିଧା ପାଇଥିଲେ ସେସବୁ ସୁବିଧା ଜେଲ ଭିତରେ ପୁଣି ଦାବୀ କଲେ । ସରକାର ଏହା ଦେବାକୁ

Digitized by srujanika@gmail.com

ଅସ୍ୱୀକାର କଲେ । ହଠାତ୍ ଆମେ ଶୁଣିଲୁଁ ଗାନ୍ଧିଜୀ ଏହି ପ୍ରଶ୍ନ ନେଇ ପୁଣି ଉପବାସ ଆରମ୍ଭ କରିଛନ୍ତି ଏପରି ସଙ୍କଟ ଅବସ୍ଥାରେ ଏହା ଅତି ଅଦ୍ଭୁତ କାର୍ଯ୍ୟ ପରି ମନେହେଲା । ସରକାର ସହିତ ମୁକ୍ତିରେ ସେ ସମ୍ପୂର୍ଣ୍ଣ ଠିକ୍ ହୋଇଥିଲେ ମଧ୍ୟ ତାଙ୍କର ଏହି ସିଦ୍ଧାନ୍ତ ବୁଝିବା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ମନେ ହେଲା । ଆମର କରିବାର କିଛି ନ ଥିଲା—ଆମେ ତାଟକା ହୋଇ ଅନାଇ ରହିଲୁଁ ।

ଏକ ସପ୍ତାହ ଉପବାସ କଲାପରେ ତାଙ୍କ ସ୍ୱାସ୍ଥ୍ୟ ବହୁତ ଖରାପ ହେଲା । ତାଙ୍କୁ ଏକ ହାସପାତାଳକୁ ନିଆଗଲା, ମାତ୍ର ସେଠାରେ ମଧ୍ୟ ସେ ଏକ ବନ୍ଦୀରୂପେ ଥିଲେ—ସରକାର ହରିଜନ କାର୍ଯ୍ୟରେ ସୁବିଧା ଦେବା ସମସ୍ୟାରେ ଆଦୌ ବଙ୍କି ହେଲେ ନାହିଁ । ସେ ବଞ୍ଚିବାର ଆଶା ଛାଡ଼ିଲେ (ପୂର୍ବ ଅନଶନ ସମୟରେ ଏହା ଥିଲା) ଏବଂ ମରିବାପାଇଁ ଗଢକଲେ । ଶେଷ ସମୟ ନିକଟ ହେଲା ପରି ମନେହେଲା । ସେ ବିଦାୟ ନେଲେ ଏବଂ ଏପରିକି ତାଙ୍କ ପାଖରେ ଥିବା ବ୍ୟକ୍ତିଗତ ଜିନିଷ ସବୁ କିଏ ସେ ନେବ ତାହାର ବ୍ୟବସ୍ଥା କରିଦେଲେ—ନର୍ସ (ତାଙ୍କର ସେବିକା) ମାନଙ୍କୁ କେତେକ ଦେଇଦେଲେ । ମାତ୍ର ସରକାର ନିଜହାତରେ ତାଙ୍କ ମରିବାର ଦାୟିତ୍ୱ ନେବାକୁ ରାଜି ନ ଥିଲେ ଏବଂ ସେହି ଦିନ ସନ୍ଧ୍ୟାବେଳେ ହଠାତ୍ ତାଙ୍କୁ ଖଲାସ କରିଦିଆଗଲା । ଠିକ ରକ୍ଷା ପାଇବାର ମୁହୂର୍ତ୍ତରେହିଁ ସେ ଖଲାସ ହେଲେ । ଆଉ ଦିନେ ରହିଥିଲେ ବୋଧହୁଏ ଅବସ୍ଥା ଖତମ୍ ହୋଇ-ଥାନ୍ତା । ବୋଧହୁଏ ତାଙ୍କ ଜୀବନରକ୍ଷା ସି. ଏଫ୍. ଆଣ୍ଡ୍ରୁଜ୍ଙ୍କ ଯୋଗୁ ହୋଇଥିଲା । ସେ ଗାନ୍ଧୀଜୀଙ୍କ ନିଷେଧ ସତ୍ତ୍ୱେ ଭାରତକୁ ଧାଇଁ ଆସିଥିଲେ ।

ଏଥିଭିତରେ ଅଗଷ୍ଟ ତା ୨୭ ରିଖ ଦିନ ଡେରାଡୁନ୍ ଜେଲରୁ ମୋତେ ନୈନି ଜେଲକୁ ବଦଳି କରି ଅଣାହେଲା ଏବଂ ପ୍ରାୟ ଦେଢ଼ ବର୍ଷରୁ ଅଧିକ କାଳ ଅନ୍ୟ ଜେଲମାନଙ୍କରେ ରହି ମୁଁ ପୁଣି ନୈନୀ ଜେଲକୁ ଫେରିଲି । ଠିକ୍ ଏହି ସମୟରେ ମୋର ମାଆଙ୍କ ଆକସ୍ମିକ ରୋଗ ହେତୁ ତାଙ୍କୁ ହାସପାତାଳକୁ ନିଆହେବା ଖବର ଆସି ମୋ ପାଖରେ ପହଞ୍ଚିଲା ।

Digitized by srujanika@gmail.com

ମୋର ମାଆଙ୍କ ଅବସ୍ଥା ଗୁରୁତର ମନେ ହେବାରୁ ମୋତେ ୧୯୩୩ ମସିହା ଅଗଷ୍ଟ ତା ୩୦ ରିଖରେ ଖଲାସ କରିଦିଆଗଲା । ସାଧାରଣ ଭାବରେ ମୋର ବାକିସମୟ ପୂର୍ଣ୍ଣ ହୋଇଥିଲେ ମୁଁ ସେପ୍ଟେମ୍ବର ମାସ ତା ୧୬ ରିଖରେ ଖଲାସ ହୋଇଥାନ୍ତି । ପ୍ରାଦେଶିକ ସରକାର ଏହିପୂର୍ବେ ମୋତେ ଅଧିକା ୨୬ ଦିନ ମାର୍ଜ୍ଜନା ଦେଇଥିଲେ ।

Digitized by srujanika@gmail.com

୫୦

ଗାନ୍ଧିଜୀଙ୍କ ସହିତ ସାକ୍ଷାତ

ମୁଁ ଖଲାସ ହେବା ସଙ୍ଗେ ସଙ୍ଗେ ମାଆ ନିକଟକୁ ଲକ୍ଷ୍ନୌ ଗଲି ଏବଂ ସେଠାରେ ତା ପାଖରେ କିଛି ଦିନ ରହିଲି । ବହୁଦିନ ପରେ ମୁଁ ଜେଲରୁ ଆସିଥାଏ—ମୋର ପାରିପାର୍ଶ୍ୱିକ ଅବସ୍ଥାରୁ ମୁଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିଲି । ଆମେ ସମସ୍ତେ ଯେପରି ଭାବୁଁ ସେହିପରି ମୁଁ ଭାବିଲି ଯେ ଦୁନିଆ ଗତି କରି ଚାଲି ପରିବର୍ତ୍ତିତ ଘଟିଯାଉଛି, ଅଥଚ ମୁଁ ନୀରବରେ ଜେଲଖାନାରେ ରହିଛି—ଏହା ଭାବି ଟିକିଏ ମର୍ମାହତ ହେଲି । ଛୋଟ ଛୋଟ ବାଳକ ବାଳିକା ସବୁ ବଢ଼ି ଗଲେଣି; ବିବାହ, ଜନ୍ମ, ମୃତ୍ୟୁ, ପ୍ରେମ ଓ ଘୃଣା, କାର୍ଯ୍ୟ ଓ ଖେଳ; ବିଷାଦ ଏବଂ ଆନନ୍ଦ ଚାଲିଛି । ଜୀବନରେ ନୂତନ ଅନୁରାଗ, ନୂତନ ବିଷୟ ସମ୍ବନ୍ଧରେ ଆଲୋଚନା ଚାଲିଛି । ମୁଁ ଯାହାସବୁ ଶୁଣିଲି ଓ ଦେଖିଲି ସେଥିରେ ଟିକିଏ ଅ[illegible] ମନେ କଲି । ମତେ ପଛରେ ପକାଇ ଦେଇ ଜୀବନ ଗତି କରିଗଲା ପରି ମନେ ହେଲା । ଏହା ଖୁବ୍ ଆମୋଦଜନକ ଭାବ ନୁହେଁ । ମୁଁ ମୋର ପାରିପାର୍ଶ୍ୱିକ ଅବସ୍ଥା ସହିତ ଅଳ୍ପ ଦିନ ପରେ ନିଜକୁ ଚଳାଇ ନେଇପାରିଥାନ୍ତି, ମାତ୍ର ସେପରି କରିବା ନିମନ୍ତେ ମୋର ପ୍ରେରଣା ଜାତ ହେଲା ନାହିଁ । ମୁଁ ବୁଝିଲି ଯେ ଖୁବ୍ ଅଳ୍ପଦିନ ସକାଶେ ବାହାରେ ଅଛି ଏବଂ ଅତି ନିକଟରେ ପୁଣି ମୋତେ ଜେଲ ଭିତରକୁ ଯିବାକୁ ହେବ । ମୁଁ ଯେତେବେଳେ ଏ ସବୁ ଛାଡ଼ି ଶୀଘ୍ର ଚାଲିଯିବି ସେତେବେଳେ ଏହା ଗ୍ରହଣ କରିବାକୁ ବ୍ୟସ୍ତ ହେବାର ଦରକାର କ'ଣ ?

ରାଜନୀତିକ ଭାବରେ ଭାରତ ଢ଼ଣା ଅଧିକେ ନିସ୍ତବ୍ଧ ଥିଲା । ସରକାର ସାଧାରଣ କାର୍ଯ୍ୟସବୁ ଅନେକ ପରିମାଣରେ ନିୟନ୍ତ୍ରଣ କରି ଦମନ ଜାରି ଦେଇଥିଲେ ଏବଂ ବେଳେ ବେଳେ ଗିରଫ ହେଉଥିଲେ । ମାତ୍ର ହରତଢ଼

Digitized by srujanika@gmail.com

ସେତେବେଳର ନିସ୍ତବ୍ଧତା ମହତ୍ତ୍ୱପୂର୍ଣ୍ଣ ଥିଲା । ଭୀଷଣ ଦମନ ପରେ କ୍ଳାନ୍ତି ହେତୁ ଏହି ନିସ୍ତବ୍ଧତା ଇଙ୍ଗିତମୂଳକ ଥିଲା । ଏହି ନିସ୍ତବ୍ଧତା ବଡ଼ ଉଜ୍ଜ୍ୱଳ, ମାତ୍ର ଯେଉଁ ସରକାର ଅତ୍ୟାଚାର କରେ ସେ ତାହା ଦେଖି ପାରେ ନା । ଭାରତ ହେଉଛି ଏକ ଆଦର୍ଶ ପୁଲିସ-ରାଷ୍ଟ୍ର ଏବଂ ସରକାରର ସବୁ ଢଙ୍ଗରେ ପୁଲିସ ମନୋଭାବ ଦୃଷ୍ଟିଗୋଚର ହୁଏ । ବାହାରେ ସବୁ ଉଚାଧତା ଦମନ କରିଯାଇଛି ଏବଂ ଅସଂଖ୍ୟ ଗୁପ୍ତଚର ଦେଶସାରା ବ୍ୟାପି ରହିଛନ୍ତି । ଗୋଟାଏ ଛତ୍ରଭଙ୍ଗର ଆବହାଓ୍ୱା; ସବୁଠାରେ ଲୋକେ ଭୀତ ତ୍ରସ୍ତ । କୌଣସି ରାଜନୈତିକ କାର୍ଯ୍ୟ ବିଶେଷତଃ ମଫସଲ ଅଞ୍ଚଳରେ ସଙ୍ଗେ ସଙ୍ଗେ ଦମନ କରିଦିଆଯାଉଥିଲା—ମ୍ୟୁନିସିପାଲିଟି ଓ ସ୍ୱାୟତ୍ତ-ଶାସନ-ମାନଙ୍କରେ ଚାକିରୀ କରିଥିବା କଂଗ୍ରେସ ଲୋକଙ୍କୁ ପ୍ରାଦେଶିକ ସରକାରମାନେ ତଡ଼ିଦେବା ନିମନ୍ତେ ଚେଷ୍ଟା କରୁଥାନ୍ତି । ସରକାର ମତରେ ଯେଉଁ ଲୋକ ଆଇନ ଅମାନ୍ୟ କରି ଜେଲ ଯାଇଛି ସେ ମ୍ୟୁନିସିପାଲିଟି ସ୍କୁଲରେ ଶିକ୍ଷା ଦେବା କିମ୍ବା ଅନ୍ୟ କୌଣସି ପ୍ରକାର ମ୍ୟୁନିସିପାଲିଟିରେ କାର୍ଯ୍ୟ କରିବା ନିମନ୍ତେ ଅଯୋଗ୍ୟ । ମ୍ୟୁନିସିପାଲିଟି ପ୍ରଭୃତି ଉପରେ ବହୁତ ଚାପ ଦିଆଗଲା ଏବଂ ଅପରାଧୀ କଂଗ୍ରେସ ଲୋକଙ୍କୁ ବାହାର କରି ନ ଦେଲେ ସରକାରୀ ଗ୍ରାଣ୍ଟ ବନ୍ଦ କରିଦିଆଯିବ ବୋଲି ଧମକ ଦିଆଯାଉଥିଲା । ଏହି ଜୋର ଜବରଦସ୍ତିର ଗୋଟାଏ ଅତି ଖରାପ ଦୃଷ୍ଟାନ୍ତ କଲକତା କର୍ପୋରେସନରେ ଦେଖାଦେଲା । ମୋର ମନେହୁଏ ଶେଷରେ ଯେଉଁମାନେ ରାଜନୈତିକ ଅପରାଧରେ ଶାସ୍ତି ପାଇବେ ସେମାନେ କର୍ପୋରେସନରେ ଚାକିରୀ ପାଇ ପାରିବେ ନାହିଁ ବୋଲି ଶେଷରେ ସରକାର ଆଇନ ପାସ୍ କଲା ।

ଜର୍ମାନୀରେ ନାଜୀମାନଙ୍କର ଅତିରିକ୍ତ ଦମନର ସମ୍ବାଦ ଭାରତରେ ବ୍ରିଟିଶ କର୍ମଚାରୀ ଓ ତାଙ୍କ ସମ୍ବାଦପତ୍ରମାନଙ୍କରେ ଗୋଟାଏ ଅଦ୍ଭୁତ ପ୍ରଭାବ ପକାଇଲା । ସେହି ଦୃଷ୍ଟିରୁ ସେମାନେ ଭାରତରେ ଯାହା କରିଛନ୍ତି ତାହା ଯଥାର୍ଥ ବୋଲି କହୁଥିଲେ ଏବଂ ଅହଙ୍କାର ସହିତ ଆମକୁ କୁହାଗଲା ଯେ ଆମେ ଯଦି ନାଜୀ ହାତରେ ଥାଆନ୍ତେ, ତେବେ ଆମର ଭାଗ୍ୟ କଅଣ ହୋଇ ନ ଥାଆନ୍ତା ! ନାଜୀମାନେ ନୂତନ ନୀତି ଓ ନୂତନ ବ୍ୟବସ୍ଥା

Digitized by srujanika@gmail.com

କରିଛନ୍ତି—ଏହା ନିଶ୍ଚିତ ଯେ ଏହାର ଅବରୋଧ କରିବା ସହଜ କାମଟି ନୁହେଁ । ହୋଇପାରେ ଆମର ଅବସ୍ଥା ଅତି ଖରାପ ହୋଇଥାଆନ୍ତା; ଗତ ପାଞ୍ଚବର୍ଷ ଭିତରେ ଭାରତର ଭିନ୍ନ ଅଞ୍ଚଳରେ ଯେଉଁସବୁ ଘଟଣା ଘଟିଛି ସେ ସମସ୍ତ ଘଟଣା ମୋତେ ଜଣା ନଥିବାରୁ ଏ ସମ୍ବନ୍ଧରେ ବିଚାର କରିବା ମୋ ପକ୍ଷରେ କଷ୍ଟକର । ବ୍ରିଟିଶ ସରକାରରେ ଭାରତରେ ଯାହା ହେଉଛି ବାମ ହସ୍ତ ଯାହା କରିବ ଦକ୍ଷିଣ ହସ୍ତ ତାହା ଜାଣିବ ନାହିଁ—ସେଥିପାଇଁ କୌଣସି ନିରପେକ୍ଷ ତଦନ୍ତ ପ୍ରସ୍ତାବକୁ ସେମାନେ ଆଦୌ କର୍ଣ୍ଣପାତ କରନ୍ତିନାହିଁ, ଅଥଚ ଏହି ଅନୁସନ୍ଧାନ ଅନେକ ସମୟରେ କର୍ତ୍ତୃପକ୍ଷଙ୍କର ନିର୍ଦ୍ଦୋଷିତା ପ୍ରମାଣ କରେ । ମୋର ମନେ ହୁଏ, ଏକଥା ସତ୍ୟ ଯେ ସାଧାରଣ ଇଂରେଜ ଲୋକ ପାଶବିକତାକୁ ଘୃଣା କରେ । ନାଜୀମାନଙ୍କ ପରି କୌଣସି ଇଂରେଜ ଲୋକ "ପାଶବିକତା" ଶବ୍ଦକୁ ଶ୍ରଦ୍ଧାର ସହିତ ବାରମ୍ବାର ପ୍ରୟୋଗ କରିବା ଓ ପ୍ରକାଶ୍ୟରେ ତାର ଗୌରବ ଗାନ କରିବା ମୁଁ କଳ୍ପନା କରି ପାରେନା । ସେମାନେ ଏ କାର୍ଯ୍ୟ କଲାବେଳେ କିଛିଏ ଲଜ୍ଜିତ ହୁଅନ୍ତି । ମାତ୍ର ଆମେ ଜର୍ମାନ, ଋଷୀୟ ବା ଇଂରେଜ ଯାହା ହେଉ ପଛକେ ଆମର ଭଦ୍ରବ୍ୟବହାର ଆବରଣ ବଡ଼ ପାତଳା ଏବଂ ପ୍ରବୃତ୍ତି ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଯେଉଁ ଭାବ ପ୍ରକାଶ ହୁଏ, ତାହା ସୁନ୍ଦର ନୁହେଁ । ମହାସମର ମାନବପ୍ରୀତିକୁ ଭୀଷଣ ଭାବରେ ପାଶବିକ କରିପକାଇଲା ଏବଂ ଏପରିକି ଆର୍ମିଷ୍ଟିସ୍ ବା ସନ୍ଧିପତ୍ର ସ୍ୱାକ୍ଷର ସତ୍ତ୍ୱେ ଜର୍ମାନୀର ଖାଦ୍ୟଦ୍ରବ୍ୟ ଯେପରି ଅସନ୍ତୋଷଭାବରେ ବନ୍ଦ କରି ଦିଆଗଲା ସେଥିରେ ଏହା ଦେଖାଗଲା—ଜଣେ ଇଂରେଜ ଲେଖକ ଏହାକୁ ବର୍ଣ୍ଣନା କରି କହୁଛନ୍ତି "କୌଣସି ଜାତିଠାରେ ଏପରି ହୃଦୟହୀନତା, ପାଶବିକତା ଓ ଗୁପ୍ତ ବର୍ବରତା ଦେଖାଯାଏନାହିଁ ।" ଭାରତରେ ୧୮୫୭ ଓ ୧୮୫୮ ସିପାହୀ ଅବସ୍ଥା ଭୁଲିନାହିଁ । ଯେତେବେଳେ ଆମ ସ୍ୱାର୍ଥରେ ଆସି ଆଘାତ ପଡ଼େ ସେତେବେଳେ ଆମେ ଆମର କୁଳଜାତ ଓ ଭଦ୍ର ବ୍ୟବହାର ମଧ୍ୟ ଭୁଲିଯାଉ—ଅସତ୍ୟହିଁ 'ପ୍ରକୃତ' ହୁଏ ବର୍ବରତାର ନାମ ହୁଏ "ବୈଜ୍ଞାନିକ ଦମନ" ଏବଂ "ଆଇନ ଓ ଶୃଙ୍ଖଳା" ଆଦି ।

Digitized by srujanika@gmail.com

ଏହା କୌଣସି ବ୍ୟକ୍ତିବିଶେଷ ବା ବିଶେଷ ଲୋକଙ୍କର ଦୋଷ ନୁହେଁ । ଏପରି ଅବସ୍ଥାରେ ପ୍ରତ୍ୟେକେ ଊଣାଅଧିକେ ଏହିପରି ବ୍ୟବହାର କରନ୍ତି । ଭାରତରେ ଏବଂ ବିଦେଶୀ କର୍ତ୍ତୃତ୍ୱରେ ଥିବା ପ୍ରତ୍ୟେକ ଦେଶରେ ଶାସକ ତନ୍ତ୍ର ବିରୁଦ୍ଧରେ ସର୍ବଦା ଗୋଟାଏ ଭାବ ଜାଗ୍ରତ ଥାଏ ଏବଂ ଦିନକୁ ଦିନ ଏହା ଅଧିକ ସ୍ପଷ୍ଟ ଓ ବିପଦଜନକ ହୋଇ ଉଠେ । ଏହି ବିରୋଧ ହେତୁ ଶାସକ ସମ୍ପ୍ରଦାୟଙ୍କ ଭିତରେ ସର୍ବଦା ସାମରିକ ସଦ୍‌ଗୁଣ ଓ ପାପ ଦେଖାଯାଏ । ଗତ କେତେ ବର୍ଷ ହେଲା ଏହି ସାମରିକ ଗୁଣ ଓ ପାପାଚାର ବହୁ ଅଧିକ ପରିମାଣରେ ଆମେ ଭାରତରେ ଦେଖି ପାରିଥିଲେ—କାରଣ ଆମର ବିରୋଧ ବଡ଼ ଶକ୍ତିଶାଳୀ ଓ ଫଳପ୍ରଦ ହୋଇ ଉଠିଥିଲା । ମାତ୍ର ଆମକୁ ଅନେକ ପରିମାଣରେ ଭାରତର ସାମରିକ ମନୋଭାବ (କିମ୍ବା ଏହାର ଅଭାବ) ସହ୍ୟ କରିବାକୁ ପଡ଼େ । ଏହା ସାମ୍ରାଜ୍ୟର ଏକ ପରିଣତି ଏବଂ ଏଥିରେ ଦୁଇ ଦଳର ଅବନତି ହୁଏ । ଭାରତୀୟଙ୍କର ଅଯୋଗ୍ୟତା ସ୍ପଷ୍ଟ ପ୍ରତୀୟମାନ ହେଉଥିଲା, ଅନ୍ୟମାନଙ୍କର ଅଯୋଗ୍ୟତା ଅତି ତଳେ ଲୁଚିଥିଲା—ମାତ୍ର ସଙ୍କଟ ସମୟରେ ଏହା ଅଦ୍ଭୁତ ପରିଷ୍କାର ହେଲା । ଏହାଛଡ଼ା ବୃଟିଶଦଳ ସହ ଉଭୟଦଳର ଅଯୋଗ୍ୟତା ଦେଖାଯାଏ ।

ଉଚ୍ଚପଦସ୍ଥ କର୍ମଚାରୀଙ୍କ ବକ୍ତୃତା, ଆସେମ୍ବ୍ଲି ଓ କାଉନ୍‌ସିଲରେ ସେମାନଙ୍କର ଜବାବ ଏବଂ ସରକାରୀ ଇସ୍ତାହାର ସବୁ ପଢ଼ିବା ନିମନ୍ତେ ଜେଲରେ ମୋର ଯଥେଷ୍ଟ ଅବସର ଥିଲା । ମୁଁ ଦେଖିଲି ଗତ ତିନିବର୍ଷ ଭିତରେ ସେମାନଙ୍କର ଅନେକ ପରିବର୍ତ୍ତନ ହୋଇଛି ଏବଂ ଏହି ପରିବର୍ତ୍ତନ କ୍ରମେ ଅଧିକ ସ୍ପଷ୍ଟ ହେଲା । ଏହା ଅଧିକ ଉଗ୍ର ଦେଖାଇବା ଭାବରେ ପୂର୍ଣ୍ଣ ହୋଇଛି—ସର୍ଜେଣ୍ଟମେଜରମାନେ ସୈନ୍ୟମାନଙ୍କୁ ବକ୍ତୃତା କରିବା ପରି ଭାଷା ସେମାନଙ୍କଠାରେ ଅଧିକ ଦେଖାଗଲା । ୧୯୩୩ ମସିହା ନଭେମ୍ବର ବା ଡିସେମ୍ବର ମାସରେ ମୋର ମନେହୁଏ ବଙ୍ଗଳାର ମେଦିନାପୁର ଡିଭିଜନର କମିଶନରଙ୍କ ବକ୍ତୃତା ଏହି ସଂପର୍କରେ ଉଲ୍ଲେଖ ଯୋଗ୍ୟ । ଏହି ସବୁ ବକ୍ତୃତାରେ କରୁଣା ଲେଶ ମାତ୍ର ନ ଥାଏ । ଗୋଟିଏ

Digitized by srujanika@gmail.com

ଶିକ୍ଷିତ ଜାତି ପକ୍ଷରୁ ସମସ୍ତ ପ୍ରକାର ଲଭ ଉନେତା ଉଠାଇବାର ଭାବ ଏଥିରେ ଗୁପ୍ତ ହୋଇ ରହିଥାଏ । ସର୍ବହାରା ଶ୍ରେଣୀ ଅପେକ୍ଷା ବିଶେଷତଃ ବଙ୍ଗଳାରେ ବେସରକାରୀ ଲୋକମାନେ ଆହୁରି ଆଗକୁ ଗଲେ— ସେମାନଙ୍କ ନିଜ କାର୍ଯ୍ୟ ଓ ବକ୍ତୃତାରେ ନିର୍ଦ୍ଦିଷ୍ଟ ଭାବରେ ଫାସିଷ୍ଟ ମନୋବୃତ୍ତି ଦେଖା ଦେଇଥିଲା ।

ସିନ୍ଧୁ ପ୍ରଦେଶରେ କେତେକ ଶାସ୍ତି ପାଇଥିବା ଅପରାଧୀଙ୍କୁ ପ୍ରକାଶ୍ୟଭାବରେ ଯେଉଁ ଫାସି ଦିଆଗଲା ସେଥିରେ ଏହି ମନୋବୃତ୍ତି ପ୍ରକାଶ ପାଇଥିଲା । ସିନ୍ଧୁରେ ଅପରାଧ ସଂଖ୍ୟା ବୃଦ୍ଧି ହେବାରୁ ଅନ୍ୟ-ମାନଙ୍କୁ ସତର୍କ କରାଇ ଦେବା ନିମନ୍ତେ ସିନ୍ଧୁର ଶାସକମାନେ ଏପରି ପ୍ରକାଶ୍ୟଭାବରେ ଶାସ୍ତି ଦେବାଲାଗି ସ୍ଥିର କଲେ । ଏହି ଭୀଷଣ ଦୃଶ୍ୟ ଲକ୍ଷ୍ୟ କରିବା ଓ ସେଠାରେ ଉପସ୍ଥିତ ହେବାଲାଗି ସାଧାରଣଙ୍କୁ ସମସ୍ତ ପ୍ରକାର ସୁବିଧା ଦିଆଯାଇଥିଲା ଏବଂ ବହୁସହସ୍ର ଲୋକ ରୁଣ୍ଡ ହୋଇଥିଲେ ବୋଲି ଶୁଣାଯାଏ ।

ତେଣୁ ମୋର ଜେଲରୁ ଖଲାସ ପରେ ମୁଁ ଭାରତର ରାଜନୀତିକ ଓ ଅର୍ଥନୀତିକ ଅବସ୍ଥା ପର୍ଯ୍ୟବେକ୍ଷଣ କଲି ଏବଂ ଏହା ବିଶେଷ ଉତ୍ସାହ-ଜନକ ମନେ ହେଲାନାହିଁ । ମୋର ଅନେକ ସାଥୀ ଜେଲରେ ରହିଥିଲେ; ନୂତନ ଗିରଫଦାରୀ ଚାଲିଥାଏ—ସମସ୍ତ ଅର୍ଡିନାନ୍ସ ଜାରି ରହିଥାଏ— କଟକଣା ଓ ଯାଞ୍ଚ ହେତୁ ସମ୍ବାଦପତ୍ର ତଣ୍ଟି ଚିପି ଦିଆଯାଇଥାଏ—ଚିଠିପତ୍ର ଦେବା ନେବାର ସୁବିଧା ନ ଥାଏ । ମୋର ଜଣେ ସହକର୍ମୀ ରଫି ଅହମଦ କିଦ୍‌ୱାଇ ଚିଠି ଦେବାନେବାରେ ଅଟକାଇବା ବନ୍ଦୀମାନଙ୍କର ଖାମ ଖିଆଲ ଭାବରେ ବଡ଼ ବିରକ୍ତ ହୋଇଗଲେ । ତାଙ୍କ ଚିଠି ସବୁ ବାଟରେ ଅଟକାଇ ଦିଆଯାଏ ଓ ଅନେକ ଡେରିରେ ଆସି ପହଞ୍ଚେ କିମ୍ବା ହଜିଯାଏ—ଏଥିରେ ତାଙ୍କର କାର୍ଯ୍ୟସବୁ ଗୋଳମାଳ ଘଟେ । ସେନ୍ ସର୍ କରୁଥିବା କର୍ମଚାରୀ ଆଉ ଟିକିଏ କୁଶଳତାର ସହିତ ତାଙ୍କ କାର୍ଯ୍ୟ କରନ୍ତୁ ବୋଲି ତାଙ୍କୁ ଜଣାଇବାକୁ ସେ ଇଚ୍ଛା କରୁଥିଲେ, ମାତ୍ର ଲେଖିବେ

Digitized by srujanika@gmail.com

କପରି ? ସେନ୍‌ସର୍ କିଛି ପ୍ରକାଶ୍ୟ କର୍ମଗୃହୀ ନୁହନ୍ତି । ସମ୍ଭବତଃ ସେ ଜଣେ ସି. ଆଇ. ଡ଼ି. ବା ଗୁପ୍ତଚରଗର କର୍ମଗୃହୀ ଗୁପ୍ତଭାବରେ କାର୍ଯ୍ୟକରେ— ତାହାର ଅବସ୍ଥିତି ଏବଂ କାର୍ଯ୍ୟ ପ୍ରକାଶ୍ୟଭାବରେ ଜଣାଇ ଦିଆଯାଏ ନାହିଁ । ରଫି ଅହମଦ ଏକ କୌଶଳ କରି ଏ ଅସୁବିଧାରୁ ରକ୍ଷା ପାଇଲେ ! ସେ ସେନ୍‌ସର୍ ନିକଟକୁ ଖଣ୍ଡେ ଚିଠି ଲେଖି ନିଜ ଠିକଣା ଲଫାପା ଉପରେ ଲେଖି ଡାକଘରେ ପକାଇଦେଲେ । ଏ ଚିଠି ଠିକଣାପାରାରେ ପହଞ୍ଚିଲା ଏବଂ ତା ପରେ ରଫି ଅହମଦଙ୍କର ଚିଠିପତ୍ର ପାଇବାରେ ସୁବିଧା ଘଟିଲା ।

ମୋର ଜେଲରୁ ଫେରିପିବାର ଇଚ୍ଛା ନ ଥିଲା । ମୁଁ ଯଥେଷ୍ଟ ଦିନ ଜେଲରେ ରହିଥିଲି । ମାତ୍ର ମୁଁ ରାଜନୀତିକ ହେତୁରୁ ଅବସର ଗ୍ରହଣ କଲେ ଯିବା ନ ଯାଆନ୍ତି— ତାହା ଛଡ଼ା ପ୍ରଚଳିତ ଅବସ୍ଥାରେ କପରି ଏହା ଏଡ଼ି ପାରିବ ମୁଁ ଭାବି ପାରିଲି ନାହିଁ । ମୋର ସେପରି ଇଚ୍ଛା ନଥିଲା—ତେଣୁ ସରକାର ସହିତ ମୋର ସଙ୍ଘର୍ଷ ନିଶ୍ଚୟ ହେବ ବୋଲି ମୁଁ ଅନୁଭବ କଲି । ଯେକୌଣସି ମୁହୂର୍ତ୍ତରେ କୌଣସି କାର୍ଯ୍ୟ କରିବା ନିମନ୍ତେ କିମ୍ବା କିଛି କାର୍ଯ୍ୟ କରିବାରୁ ନିବୃତ୍ତ ହେବା ନିମନ୍ତେ ମୋ ଉପରେ ଆଦେଶ ଜାରି ହୋଇପାରେ— କୌଣସି ନିର୍ଦ୍ଦିଷ୍ଟ ଢଙ୍ଗରେ କାର୍ଯ୍ୟକରିବାପାଇଁ ଆଦେଶ ହେଲେ ମୋର ସମସ୍ତ ଶରୀର ତାହା ବିରୁଦ୍ଧରେ ଜଳିଉଠେ । ସରକାର ଲୋକଙ୍କୁ ଜୋର୍ ଜବରଦସ୍ତି କରି ଦବାଇ ଦେବାର ଉଦ୍ୟମ ହେଉଥିଲା । ମୁଁ ନିଃସହାୟ ବୋଧ କଲି ଏବଂ ଚତୁର୍ଦ୍ଦିଗ ଖେତରେ କିଛି କରି ପାରି ନ ଥିଲି—ଅନ୍ତତଃ ମୁଁ ନିକେ ଜୋର ଜବରଦସ୍ତି ବଶତା ସ୍ୱୀକାର କରିବାକୁ ଅସ୍ୱୀକାର କରିପାରେ ।

ମୁଁ ଜେଲଯିବା ପୂର୍ବରୁ କେତେକ କାର୍ଯ୍ୟ କରି ଯିବାକୁ ଚାହିଁଥିଲି । ପ୍ରଥମେ ମୋର ମାଆଙ୍କ ଦେହ ଅସୁସ୍ଥ ଥିବାରୁ ସେଥିପ୍ରତି ମୋର ପ୍ରଥମ ଦୃଷ୍ଟି ପଡ଼ିଲା । ଖୁବ୍ ଧୀରେ ଧୀରେ ତା'ଅବସ୍ଥାର ଉନ୍ନତି ହେଲା,ମାତ୍ର ଏତେ ଧୀରେ ଧୀରେ ସେ ଆରୋଗ୍ୟ ଲାଭକଲେ ଯେ ବର୍ଷକ ପର୍ଯ୍ୟନ୍ତ ବିଛଣାରେ ପଡ଼ି ରହିଲେ । ଗାନ୍ଧିଜୀ ତାଙ୍କର ଶେଷ ଉପବାସ ପରେ ପୁନାରେ ବିଶ୍ରାମ

Digitized by srujanika@gmail.com

ନେଉଥାନ୍ତି—ତାଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ମୁଁ ବ୍ୟଗ୍ର ହୋଇ ପଡ଼ିଥିଲି । ପ୍ରାୟ ଦୁଇବର୍ଷରୁ ଅଧିକ ହେବ ତାଙ୍କ ସହିତ ମୋର ସାକ୍ଷାତ ହୋଇ ନ ଥିଲା । ଏହା ଛଡ଼ା ପ୍ରଦେଶର ଯଥାସମ୍ଭବ ସହକର୍ମୀଙ୍କ ସହିତ ସାକ୍ଷାତ କରି ସେମାନଙ୍କ ସହିତ ଭାରତର ପ୍ରଚଳିତ ପରିସ୍ଥିତି ଏବଂ ପୃଥିବୀ ପରିସ୍ଥିତି ସମ୍ବନ୍ଧରେ ମୋ ମନରେ ଯେଉଁ ଧାରଣା ସୃଷ୍ଟି ହୋଇଥିଲା ତାହା ଆଲୋଚନା କରିବାକୁ ଇଚ୍ଛା କରୁଥିଲି । ମୁଁ ସେତେବେଳେ ଭାବୁଥିଲି ଯେ ଏକ ରାଜନୀତିକ ଓ ଅର୍ଥନୀତିକ ବିପଦ ଆଡ଼କୁ ଦୁନିଆ ଦ୍ରୁତବେଗରେ ଗତି କରୁଛି ଏବଂ ଆମର ଜାତୀୟ କର୍ମପନ୍ଥା ସ୍ଥିର କଲାପରେ ଏହା ମନରେ ରଖିବା ଉଚିତ ।

ମୋର ପାରିବାରିକ ବ୍ୟାପାର ପ୍ରତି ମୋର ନଜର ଦେବା ଦରକାର ଥିଲା । ଏପର୍ଯ୍ୟନ୍ତ ମୁଁ ସେଥିପ୍ରତି ଆଦୌ ଦୃଷ୍ଟି ଦେଇ ନ ଥିଲି ଏବଂ ଏପରିକି ପିତାଙ୍କ ମୃତ୍ୟୁପରେ ତାଙ୍କ କାଗଜପତ୍ର ସୁଦ୍ଧା ଦେଖି ନ ଥିଲି । ଆମେ ଆମର ଖର୍ଚ୍ଚ ବହୁପରିମାଣରେ କମ୍ କରି ଦେଇଥିଲୁଁ, ତଥାପି ଯାହା ଥିଲା ତାହା ଆମ ପକ୍ଷରେ ବହୁତ ହୋଇଥିଲା । ମାତ୍ର ଯେ ପର୍ଯ୍ୟନ୍ତ ଆମେ ଆମର ସେ ଘରେ ରହିଥିବୁ ସେ ପର୍ଯ୍ୟନ୍ତ ଏହା ଆଉ କମାଇବା କଷ୍ଟକର ହୋଇଥିଲା । ବ୍ୟୟ ବହନ କରିବାର ଶକ୍ତି ନ ଥିବାରୁ ଆମ୍ଭେ ମଟର ଗାଡ଼ି ରଖି ନ ଥିଲୁଁ—ଆହୁରି ମଧ୍ୟ ଯେ କୌଣସି ସମୟରେ ସରକାର ଏହା ବାଜ୍ୟାପ୍ତ କରିପାରେ । ଏହି ଆର୍ଥିକ ଅସୁବିଧା ଭିତରେ ମଧ୍ୟ ସାହାଯ୍ୟକାରୀ ମୋ ପାଖକୁ ବହୁସଂଖ୍ୟାରେ ଚିଠି ଆସୁଥାଏ (ସେନ୍‌ସର ସେଗୁଡ଼ିକ ସବୁ ପଠାଇ ଦିଏ) । ଶୁଣିଆଛି ବିଶେଷତଃ ଦକ୍ଷିଣ ଭାରତରେ ସାଧାରଣ ଭାବରେ ଗୋଟିଏ ବଡ଼ ଭୁଲ ଧାରଣା ଅଛି ଯେ ମୁଁ ଜଣେ ବଡ଼ ଧନୀ ଲୋକ ।

ମୁଁ ଜେଲରୁ ଆସିବାର ଅଳ୍ପ ଦିନ ପରେ ମୋର ସାନ ଭଉଣୀ କୃଷ୍ଣାର ବିବାହ ସ୍ଥିର ହେଲା ଏବଂ ମୁଁ ପୁଣି ଜବରଦସ୍ତି ଆଟକ ହୋଇ ଜେଲଖାନାକୁ ଯିବାପୂର୍ବରୁ ଶୀଘ୍ର ତାହାର ବିବାହ କରିଦେବା ନିମନ୍ତେ

Digitized by srujanika@gmail.com

ବ୍ୟଗ୍ର ଥିଲି । କୃଷ୍ଣା ଏକବର୍ଷ ଜେଲ ଭୋଗି ଅଲ କେତେମାସ ହେଲା ଜେଲଖାନାରୁ ଆସିଥାଏ ।

ମୋର ମାଆଙ୍କ ଦେହ ଟିକିଏ ଭଲ ହେବା ସଙ୍ଗେ ସଙ୍ଗେ ଫୁରସତ୍ ପାଇବା ମାତ୍ରେ ମୁଁ ଗାନ୍ଧିଜୀଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ପୁନା ଗଲି । ତାଙ୍କୁ ପୁଣି ଥରେ ଦେଖିବାକୁ ପାଇ ମୁଁ ଖୁସି ହେଲି ଏବଂ ଦୁର୍ବଳ ଥିଲେ ସୁଦ୍ଧା ସେ ଧୀରେ ଧୀରେ ଆରୋଗ୍ୟ ଲଭ କରୁଛନ୍ତି ଦେଖି ମୋର ଆନନ୍ଦ ହେଲା । ଆମର ଅନେକ କଥାବାର୍ତ୍ତା ହେଲା । ଏହା ସ୍ପଷ୍ଟଦେଖାଗଲା ଯେ ଦୁହିଁଙ୍କ ଭିତରେ ଆମର ଜୀବନ, ରାଜନୀତି ଓ ଅର୍ଥନୀତି ପ୍ରତି ଦୃଷ୍ଟି-କୋଣରେ ବହୁତ ପାର୍ଥକ୍ୟ ରହିଛି, ମୋର ଦୃଷ୍ଟିକୋଣକୁ ବୁଝିବା ନିମନ୍ତେ ସେ ଯେତେଦୂର ପାରନ୍ତି ଆସିବାର ଭାବ ଦେଖି ମୁଁ ବଡ଼ କୃତଜ୍ଞ ବୋଧ କଲି । ଏ ସମ୍ବନ୍ଧରେ ଆମର ଦିଆନିଆ ହୋଇଥିବା ଚିଠି ପରେ ପ୍ରକାଶିତ ହୋଇଥିଲା—ଯେଉଁସବୁ ବ୍ୟାପକ ସମସ୍ୟା ତେତେବେଳେ ମୋ ମନରେ ପୂର୍ଣ୍ଣମାତ୍ରାରେ ଥିଲା, ମୁଁ ସେ ସମ୍ବନ୍ଧରେ ଲେଖିଥିଲି—ଗୋଟିଏ ଅସ୍ପଷ୍ଟ ଭାଷାରେ ସେଗୁଡ଼ିକ ଲେଖା ହୋଇଥିଲେ ସୁଦ୍ଧା ମତଭେଦ ପରିଷ୍କାରରୂପେ ଜଣା ପଡ଼ୁଥିଲା । ଗାନ୍ଧିଜୀ ନ୍ୟସ୍ତସ୍ୱାର୍ଥ ଲୋପ କରିବା ନିମନ୍ତେ ଘୋଷଣା କରିବା ଦେଖି ମୁଁ ଖୁସି ହୋଇଥିଲି—ଅବଶ୍ୟ ବାଧ୍ୟ କରିବା ଅପେକ୍ଷା ବୁଝାଇ ସୁଝାଇ କରିବା ଉପରେ ସେ ଜୋର ଦେଇଥିଲେ । ଭଦ୍ର ଓ ବର୍ବର ଭାବରେ ବାଧ୍ୟ କରିବାଠାରୁ ତାଙ୍କର ବୁଝାଇ ଆପଣାର କରିବାର ପନ୍ଥା ଭିତରେ ବେଶୀ ପାର୍ଥକ୍ୟ ନାହିଁ ବୋଲି ମୁଁ ବିଚାରୁଥିବାରୁ ପାର୍ଥକ୍ୟଟା ବେଶୀ ପରି ମୋର ମନେ ହେଉ ନାହିଁ । ପୂର୍ବପରି ସେତେବେଳେ ମଧ୍ୟ ମୋର ଧାରଣା ହେଲା ଯେ ସେ ଅସ୍ପଷ୍ଟ ମତବାଦ ସବୁ ଆଲୋଚନା କରିବା ନିମନ୍ତେ ଘୃଣା କରୁଥିଲେ ସୁଦ୍ଧା ଘଟଣାର ଗତି ଓ ଯୁକ୍ତିଯୁକ୍ତତା କ୍ରମେ ଧୀର ପଦକ୍ଷେପରେ ମୌଳିକ ସାମାଜିକ ପରିବର୍ତ୍ତନ ଆଡ଼କୁ ତାଙ୍କୁ ଟାଣିନେବ । ସେ ଏକ ଅପୂର୍ବ ବିସ୍ମୟକର ଲୋକ—ମିଷ୍ଟର ଭେରିୟର ଏଲ୍‌ଉଇନଙ୍କ କହିବାନୁସାରେ ମଧ୍ୟଯୁଗର କାଥଲିକ ସନ୍ନ୍ୟାସୀଙ୍କ ପରି ଏହି ଲୋକଟି, ଅଥଚ ଏହା ସାଙ୍ଗରେ ଏକ ପ୍ରକୃତ କାର୍ଯ୍ୟଭାରାନେତା—ଭାରତର କୃଷକ-

Digitized by srujanika@gmail.com

ମ.ନଙ୍କର ନାଡ଼ି ସେ ଚିପିଜାଣିପାରନ୍ତି । ଏକସଙ୍କଟ ସମୟରେ ସେ କୁଆଡ଼କୁ ଯିବେ କହିବା କଷ୍ଟକର; କିନ୍ତୁ ଯେଉଁ ଆଡ଼କୁ ହେଉ ପଛକେ ଏଥିରେ ନିଶ୍ଚୟ ଗୋଟାଏ ପରିବର୍ତ୍ତନ ହେବ । ଆମ ବିଚାରରେ ସେ ଭୁଲ ପଥରେ ଯାଇପାରନ୍ତି, ମାତ୍ର ସର୍ବଦା ସେ ସଳଖ ରାସ୍ତାରେ ଯିବେ । ତାଙ୍କ ସହିତ କାର୍ଯ୍ୟ କରିବା ସର୍ବଦା ଭଲ, ଯେତେବେଳେ ଦରକାର ହେବ ସେତେବେଳେ ଭିନ୍ନ ପଥ ଅବଲମ୍ବନ କରିବାକୁ ପ୍ରସ୍ତୁତ ହେବାକୁ ହେବ ।

ମୁଁ ସେତେବେଳେ ଭାବିଲି ବର୍ତ୍ତମାନ ସେ ପ୍ରଶ୍ନ ଉଠୁନାହିଁ । ଆମେ ଜାତୀୟ ସଂଗ୍ରାମ ମଧ୍ୟରେ ପଡ଼ିଥାଉଁ । ଆଇନ ଅମାନ୍ୟ ବ୍ୟକ୍ତିବିଶେଷଙ୍କ ଭିତରେ ସୀମାବଦ୍ଧ ହୋଇଥିଲେ ସୁଦ୍ଧା ମତ ହିସାବରେ କଂଗ୍ରେସ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇ ରହିଛି । ଆମେ ଯେପରି ଅଛୁଁ ସେପରି କାର୍ଯ୍ୟ ଚଳାଇବାକୁ ହେବ ଏବଂ ଲୋକଙ୍କ ଭିତରେ ବିଶେଷତଃ ରାଜନୀତିକ ଭାବରେ ସଚେତନ କଂଗ୍ରେସ କର୍ମୀଙ୍କ ଭିତରେ ଆମକୁ ସାମ୍ୟବାଦୀ ଭାବ ପ୍ରଚାର କରିବାକୁ ହେବ—ତାହାହେଲେ ପୁନର୍ବାର କାର୍ଯ୍ୟକ୍ରମ ଘୋଷଣା କରିବାର ସମୟ ଆସିଲାବେଳକୁ ଆମେ ଅନେକ ଦୂର ଅଗ୍ରସର ହୋଇ ଯାଇଥିବୁଁ । କଂଗ୍ରେସ ବେଆଇନ ହୋଇଥାଏ ଏବଂ ବ୍ରିଟିଶ ସରକାର ଏହାକୁ ଲୋପ କରିଦେବା ନିମନ୍ତେ ଚେଷ୍ଟା କରୁଥାଏ । ଏହି ଆକ୍ରମଣର ସମ୍ମୁଖୀନ ଆମକୁ ହେବାକୁ ପଡ଼ିବ ?

ଗାନ୍ଧିଜୀଙ୍କ ସମ୍ମୁଖରେ ତାଙ୍କ ନିଜ ସମ୍ବନ୍ଧରେ ପ୍ରଧାନ ସମସ୍ୟା ଥିଲା, ସେ ନିଜେ କ'ଣ କରିବେ ? ସେ ଏକ ଜଟିଳ ଅବସ୍ଥାରେ ପଡ଼ିଥିଲେ—ଯେ ଯଦି ପୁନର୍ବାର ଜେଲ ଯାଆନ୍ତି, ତେବେ ପୁଣି ହରିଜନ କାର୍ଯ୍ୟପାଇଁ ସୁବିଧା ଦେବା କଥା ଉଠିବ—ସମ୍ଭବତଃ ସରକାର ସମ୍ମତ ହେବ ନାହିଁ—ତାଙ୍କୁ ପୁଣି ଉପବାସ କରିବାକୁ ପଡ଼ିବ । ସେହିକଥା କ'ଣ ପୁନର୍ବାର ଜନ୍ମିବ ? ଏହି ମୂଷା ବିରାଡ଼ି ଖେଳ ଭିତରକୁ ଯିବାକୁ ସେ ଅସ୍ୱୀକାର କଲେ ଏବଂ ସେ କହିଲେ ଯଦି ଏହି ସୁବିଧା ସକାଶେ ତାଙ୍କୁ ପୁନର୍ବାର ଉପବାସ କରିବାକୁ ପଡ଼େ, ତେବେ ଏଥରକ ଖଲାସ ହେବା ପରେ ମଧ୍ୟ ଉପବାସ ଭାଙ୍ଗିବେ ନାହିଁ । ଏହାର ଅର୍ଥ ମୃତ୍ୟୁ ପର୍ଯ୍ୟନ୍ତ ଉପବାସ ।

Digitized by srujanika@gmail.com

ତାଙ୍କ ନିକଟରେ ଦ୍ୱିତୀୟ ପନ୍ଥା ଥିଲା ତାଙ୍କୁ ଯେଉଁ ବର୍ଷକ ଶାସ୍ତି ଦିଆ-ଯାଇଥିଲା (ସେତେବେଳକୁ ଆଉ ସାଢ଼େ ଦଶମାସ ଥାଏ) ସେଥିଭିତରେ ସେ ଆଉଥରେ ଜେଲ୍ ବରଣ କରିବେ ନାହିଁ ଏବଂ ହରିଜନ କାର୍ଯ୍ୟରେ ନିଜକୁ ନିୟୋଗ କରିବେ । ଏହା ସଙ୍ଗେ ସଙ୍ଗେ ମଧ୍ୟ ସେ କଂଗ୍ରେସ କର୍ମୀମାନଙ୍କ ସହିତ ସାକ୍ଷାତ କରି ଯେଉଁଠି ଦରକାର ପରାମର୍ଶ ଦେବେ ।

ସେ ମୋତେ କହିଲେ, ତାଙ୍କ ପକ୍ଷରେ ଏକ ତୃତୀୟ ପନ୍ଥା ହେଉଛି ସେ କିଛିକ୍ଷଣପାଇଁ କଂଗ୍ରେସରୁ ସମ୍ପୂର୍ଣ୍ଣରୂପେ ଅବସର ଗ୍ରହଣ କରି ତାଙ୍କ ଭାଷାରେ 'ଯୁବକ ସଂପ୍ରଦାୟ'ଙ୍କ ହାତରେ ଏହା ଅର୍ପଣ କରି ଦେବେ ।

ପ୍ରଥମ ଉପାୟଟିର ପରିଣତି ମୃତ୍ୟୁପରି ବୋଧ ହେଉଥିବାରୁ ଆମେସବୁ କେହି ସେଥିରେ ରାଜି ହେବା ଅସମ୍ଭବ । କଂଗ୍ରେସ ଏକ ବେଆଇନ ପ୍ରତିଷ୍ଠାନ ହୋଇ ରହିଥିବାବେଳେ ତୃତୀୟ ପନ୍ଥାଟି ଅତ୍ୟନ୍ତ ଅବାଞ୍ଛନୀୟ ପରି ମନେ ହେଲା । ଏହା ଫଳରେ ହୁଏତ ସଙ୍ଗେ ସଙ୍ଗେ ଆଇନ ଅମାନ୍ୟ ଓ ସମସ୍ତ ପ୍ରକାର ପ୍ରତ୍ୟକ୍ଷ ସଂଗ୍ରାମ ପ୍ରତ୍ୟାହାର କରି ଆଇନତନ୍ତ୍ରଗତ କାର୍ଯ୍ୟକୁ ପୁଣି ଫେରିଯିବାକୁ ପଡ଼ିବ କିମ୍ବା ବେଆଇନ ଓ ଛିନ୍ନଭିନ୍ନ କଂଗ୍ରେସ ଏବେ ଗାନ୍ଧିଜୀଙ୍କଦ୍ୱାରା ପରିତ୍ୟକ୍ତ ହୋଇ ସରକାର-ଦ୍ୱାରା ଆହୁରି ଧ୍ୱଂସ ପାଇଯିବ । ଗୋଟିଏ ବେଆଇନ ଅନୁଷ୍ଠାନର ବୈଠକ ହେବା ଏବଂ କୌଣସି ନୀତି ଆଲୋଚନା କରିବାର ସୁବିଧା ନ ଥିବା ବେଳେ ଅନ୍ୟ କୌଣସି ଦଳ ଏହା ଦଖଲ କରିବାର ପ୍ରଶ୍ନ ଉଠୁ ନାହିଁ । ଏହି-ରୂପେ ଦୁଇଟିଯାକ ଛାଡ଼ି ଆମେ ଦ୍ୱିତୀୟ ପନ୍ଥାରେ ପହଞ୍ଚିଲୁ । ଆମ ଭିତରୁ ଅନେକେ ଏହା ପସନ୍ଦ କରୁ ନ ଥିଲେ ଏବଂ ଯାହା କିଛି ଆଇନ ଅମାନ୍ୟ ଚାଲିଛି ଏହା ସେଥିରେ ଏକ ଗୁରୁତର ଆଘାତ ଦେବ ବୋଲି ଆମେ ଜାଣିଥିଲୁ । ଗାନ୍ଧିଜୀ ଯଦି ନିଜେ ଯୁଦ୍ଧରୁ ଅପସରି ଯାଆନ୍ତି, ସେତେବେଳେ ଅନେକ କଂଗ୍ରେସକର୍ମୀ ଆଉ ଉତ୍ସାହର ସହିତ କାମ ଭିତରକୁ ଡେଇଁବାର ସମ୍ଭାବନା ନାହିଁ । ମାତ୍ର ଏ ଜଟିଳ ପରିସ୍ଥିତିରୁ ଆଉ

Digitized by srujanika@gmail.com

କୌଣସି ବାଟ ଥିଲା ପରି ମନେ ହେଉ ନାହିଁ ଏବଂ ଗାନ୍ଧିଜୀ ସେହି ଭାବରେ ଘୋଷଣା କଲେ ।

ମୁଁ ଏବଂ ଗାନ୍ଧିଜୀ ଭିନ୍ନ କାରଣରୁ ହେଉ ପଛକେ ଏକମତ ହେଲୁଁ ଯେ ଆଇନ ଅମାନ୍ୟ ପ୍ରତ୍ୟାହାର କରିବାର ସମୟ ଏବେ ଯୁକ୍ତ ପହୁଞ୍ଚି ନାହିଁ ଏବଂ ଶ୍ରେଷ୍ଠ ଆକାରରେ ହେଲେ ସୁଦ୍ଧା ଆମକୁ ତାହା ଚଳାଇବାକୁ ହେବ । ଅନ୍ୟ ଭଗବଦ୍‌ରେ ମୁଁ ସାମ୍ୟବାଦୀ ଚିନ୍ତା ଓ ପୃଥିବୀ ପରିସ୍ଥିତି ପ୍ରତି ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରିଥିଲି ।

ମୁଁ ଫେରିବା ବାଟରେ ବମ୍ବେରେ କିଛିଦିନ କଟାଇଲି । ସେଠାରେ ଉଦୟଶଙ୍କର ସୌଭାଗ୍ୟବଶତଃ ଥିଲେ । ମୁଁ ତାଙ୍କର ନୃତ୍ୟ ଦେଖିଲି । ଅପ୍ରତ୍ୟାଶିତ ଭାବରେ ଏହା ଆସି ପହଞ୍ଚିଲା ଏବଂ ମୁଁ ଏହା ଖୁବ୍ ଉପଭୋଗ କରିଥିଲି । ଥିଏଟର, ସଙ୍ଗୀତ, ସିନେମା, କଥାକୁହା ସିନେମା (ଟକି), ରେଡ଼ିଓ ଇତ୍ୟାଦି ଅନେକବର୍ଷ ହେଲା ମୁଁ ଦେଖି ବା ଶୁଣି ନାହିଁ—ଏସବୁ କି ମୁଁ ମଝିରେ ମଝିରେ ଯେଉଁ ଟିକକ ସ୍ୱାଧୀନତା ପାଉଥିଲି ସେତେବେଳେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି । ଏ ପର୍ଯ୍ୟନ୍ତ ମୁଁ ଥରେ ମାତ୍ର ଗୋଟାଏ 'ଟକି' ଦେଖିବାକୁ ଯାଇଥିଲି ଏବଂ ସିନେମା ଅଭିନେତାମାନଙ୍କର ନାମ କେବଳ ନାମ ସ୍ୱରୂପ ମୋ ପାଖରେ ଥିଲା । ନାଟକ କଥା ମୋର ବିଶେଷରୂପେ ମନେପଡ଼ୁଥିଲା ଏବଂ ବିଦେଶରେ ନୂଆ ନୂଆ ନାଟକ ବାହାରିବା କଥା ଖବରକାଗଜରେ ପଢ଼ି ମୋର ଈର୍ଷା ହେଉଥିଲା । ମୁଁ ଜେଲ ବାହାରେ ଥିବାବେଳେ ମଧ୍ୟ ଭାରତରେ ଭଲ ନାଟକ ଦେଖିବାର ପ୍ରାୟ ସୁଯୋଗ ନ ଥିଲା—କାରଣ ସେଗୁଡ଼ିକରୁ କୌଣସିଟି ପାଖରେ ନଥିଲା । ମୋର ବିଶ୍ୱାସ ବଙ୍ଗଳା, ଗୁଜରାଟୀ ଓ ମରହଟ୍ଟୀ ଭାଷାରେ ନାଟକ ସବୁ କିଛି ଉନ୍ନତି କରୁଛି—ମାତ୍ର ହିନ୍ଦୁସ୍ତାନୀ ରଙ୍ଗମଞ୍ଚ ସେପରି ଉନ୍ନତ ହୋଇନାହିଁ (ଆଧୁନିକ ଅବସ୍ଥାର ମୋତେ ଜଣାନାହିଁ) । ବର୍ତ୍ତମାନ ଯାହା ଅଛି ବା ଥିଲା ତାହା ଅତ୍ୟନ୍ତ ସ୍ଥୂଳ ଓ କଳାହୀନ ପରି ମନେ ହେଉଥିଲା । ମୁଁ ଶୁଣିଛି ଯେ ସବାକ୍ (ଟକି) ଏବଂ ନୀରବ ଛବିଙ୍କୁ

ଚଳିଛି ସବୁ ସ୍କୁଲବୁଡ଼ର ପରିପୁଷ୍ଟକ । ଏଗୁଡ଼ିକ ସାଧାରଣତଃ ଗୀତିନାଟ୍ୟ । ଭାରତର ଇତିହାସ ବା ପୁରାଣରୁ ନାଟକ ରଚିତ ହୋଇଥାଏ ।

ମୋର ମନେହୁଏ ଏଗୁଡ଼ିକ ସହରବାସୀଙ୍କୁ ପସନ୍ଦ ହେଲ୍‌ପରି ଖାଦ୍ୟ ଯୋଗାଏ । ଏହି ସ୍କୁଲବୁଚି ସଂଗଠନ ଓ ପନ୍ତଣାଦାୟକ ଦୃଶ୍ୟ ଏବଂ ଏବେ ସୁଦ୍ଧା ଜୀବିତଥିବା ଲୋକସଙ୍ଗୀତ ଓ ନୃତ୍ୟ ଏପରିକି ଗ୍ରାମ୍ୟ ନାଟକ ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟରୂପେ ଲକ୍ଷିତ ହୁଏ । ବଙ୍ଗଳାରେ, ଗୁଜରାଟରେ ଏବଂ ଦକ୍ଷିଣରେ ବେଳେ ବେଳେ ଦେଖାଯାଏ ଏବଂ ଦେଖି ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ ଆମର ଗ୍ରାମବାସୀମାନେ ଅଜାଣତରେ ସୁଦ୍ଧା ମୂଳରୁ କପରି କଳା ନିପୁଣ । ମଧ୍ୟବିତ୍ତ ଶ୍ରେଣୀ ଏପରି ନୁହନ୍ତି, ସେମାନଙ୍କର ମୂଲ୍ୟକାଙ୍ଗାଠନ ହେଲ୍‌ପରି ମନେହୁଏ ଏବଂ ସେମାନଙ୍କର ସୌନ୍ଦର୍ଯ୍ୟ-ଜ୍ଞାନ କିଛି ନାହିଁ । ସେମାନେ ଜର୍ମାନ ଓ ଅଷ୍ଟ୍ରିଆର ଶସ୍ତା ଓ କୁତ୍ସିତ ଛବିମାନଙ୍କରେ ଗୌରବ ଅନୁଭବ କରନ୍ତି—ଖୁବ୍ କୋହରେ ରବିବର୍ମା ଛବି ପର୍ଯ୍ୟନ୍ତ ଯାଆନ୍ତି । ହାରମୋନିୟମ ହେଉଛି ତାଙ୍କର ପ୍ରିୟ ବାଦ୍ୟଯନ୍ତ୍ର । ମୋର ଆଶା ଯେ ସ୍ୱରାଜ୍ୟ ସରକାରର ପ୍ରଥମ କାର୍ଯ୍ୟ ହେବ ଏହି ଭୀଷଣ ବସ୍ତୁଟିକୁ ବନ୍ଦକରିବା । ସମ୍ଭବତଃ ଲକ୍ଷ୍ନୌ ଓ ଅନ୍ୟ ସ୍ଥାନର ବଡ଼ ବଡ଼ ତାଲୁକଦାରମାନଙ୍କର ଘରେ କଳାଜ୍ଞାନର ଯେ ହ୍ରାସ ଓ ଅସାମଞ୍ଜସ୍ୟ ଦେଖାଯାଏ ତାହା ଅନ୍ୟତ୍ର ଦେଖିବାକୁ ମିଳେ ନା । ଖର୍ଚ୍ଚ କରିବା ନିମନ୍ତେ ସେମାନଙ୍କର ପଇସା ଅଛି ଓ ଆଡ଼ମ୍ବର ଦେଖାଇବାର ଆକାଂକ୍ଷା ରହିଛି—ସେମାନେ ତାହା କରନ୍ତି । ମାତ୍ର ଯେଉଁମାନେ ସେମାନଙ୍କ ସହିତ ଦେଖା କରିବାକୁ ଯାଆନ୍ତି, ସେମାନେ ତାଙ୍କର ଇଚ୍ଛା ପୂର୍ଣ୍ଣ କରିବାକୁ ଯାଇ ଯନ୍ତ୍ରଣା ପାଆନ୍ତି ।

ଏବେ ପ୍ରସିଦ୍ଧ ଠାକୁର ପରିବାରଙ୍କ ନେତୃତ୍ୱରେ ଶିଳ୍ପକଳାର କାଗ୍ରତ ହୋଇଛି ଓ ସମଗ୍ର ଭାରତରେ ଏହାର ପ୍ରଭାବ ଦେଖାଯାଉଛି । ଯେତେବେଳେ ଦେଶର ଲୋକଙ୍କର ସମସ୍ତଗତ ବାଧା ପାଉଛି, ସୀମାବଦ୍ଧ ହେଉଛି ଓ ଦବାଇ ଦିଆଯାଉଛି ଏବଂ ଲୋକେ ଗୋଟାଏ ଭୀତ-ସନ୍ତ୍ରାସିତ

Digitized by srujanika@gmail.com

ବାୟୁମଣ୍ଡଳରେ ବାସ କରୁଛନ୍ତି, ସେତେବେଳେ ଭଲା ବନ୍ଧନର ସ୍ପର୍ଶ ହେବ କିପରି ?

ବମ୍ବେରେ ମୋର ଅନେକ ବନ୍ଧୁ ଓ ସହକର୍ମୀଙ୍କ ସଙ୍ଗ ଭେଟ ହେଲା—ଅନେକେ ନିକଟରେ ଜେଲରୁ ଆସିଥାଆନ୍ତି । ସାମ୍ୟବାଦୀ ଦଳ ଏଠାରେ ବେଶୀ ପ୍ରଭାବଶାଳୀ ଥିବାର ଦେଖିଲି ଏବଂ କଂଗ୍ରେସର ଉପର ମହଲରେ ହୋଇଥିବା ଘଟଣାରେ ସେମାନେ ବଡ଼ ଅସନ୍ତୋଷ ପ୍ରକାଶ କଲେ । ଗୁଜରାଟରେ ଗାନ୍ଧିଜୀଙ୍କର ଦାର୍ଶନିକ ଦୃଷ୍ଟିଭଙ୍ଗୀର ତୀବ୍ର ସମାଲୋଚନା ହୋଇଥିଲା । ଏହି ସମାଲୋଚନାର କେତେକାଂଶ ସହିତ ମୁଁ ଏକମତ ହୋଇଥିଲି, ମାତ୍ର ମୋର ସ୍ପଷ୍ଟ ଧାରଣା ଥିଲା ଯେ ଯେଉଁ ପରିସ୍ଥିତିରେ ଆମେ ରହିଛେ ସେଥିରେ ଆମର କିଛି କରିପାରିବାର ନାହିଁ—ଆମକୁ ଚଳାଇବାକୁ ହେବ । ଆଇନ ଅମାନ୍ୟ ପ୍ରତ୍ୟାହାର କରିବାର ଉଦ୍ୟମରେ ଆମେ କିଛି ଆଶ୍ଚର୍ଯ୍ୟ ହେଉଁ ନାହିଁ—କାରଣ ସରକାରର ଆକ୍ରମଣ ସେହିପରି ଚାଲିଥିବ ଏବଂ ଫଳପ୍ରଦ କୌଣସି କାର୍ଯ୍ୟ କଲେହିଁ ଜେଲଯିବା ଅନିବାର୍ଯ୍ୟ ହୋଇପଡ଼ିବ । ଆମ ଜାତୀୟ ଆନ୍ଦୋଳନ ଏପରି ଏକ ଅବସ୍ଥାରେ ପହଞ୍ଚିଛି ଯେତେବେଳେ ସରକାର ତାହା ଦବାଇ ଦେବ କିମ୍ବା ହୁଏତ ଆନ୍ଦୋଳନ ସରକାରକୁ ଏହାର ଇଚ୍ଛାମତ କାର୍ଯ୍ୟକରିବାକୁ ବାଧ କରିବ । ଏହାର ଅର୍ଥ ଏହା ଏପରି ଏକ ଅବସ୍ଥାରେ ପହଞ୍ଚିଛି ଯେତେବେଳେ ଏହା ବେଆଇନ ଘୋଷିତ ହେବାର ସମ୍ଭାବନା ଏବଂ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହାର ହେଲେ ସୁଦ୍ଧା ଏହି ଆନ୍ଦୋଳନ ବନ୍ଦ ହୋଇପାରେନା । ଆଇନ ଅମାନ୍ୟ ଜାରି ରହିବାରେ କାର୍ଯ୍ୟତଃ କୌଣସି ପ୍ରଭେଦ ନ ଥିଲା—ଏହା ଏକ ପ୍ରକାର ନୈତିକ କାର୍ଯ୍ୟ—ଏହାର ମୂଲ୍ୟ ରହିଛି । ଗୋଟାଏ ସଂଗ୍ରାମ ଭିତରେ ନୂତନ ଧାରଣା ପ୍ରଚୁର କରିବା ଯେପରି ସହଜ କ୍ଷଣକାଳପାଇଁ ସଂଗ୍ରାମ ବନ୍ଦ କରାଯାଇଥିବାବେଳେ ଓ ଅବସାଦ ଆସୁଥିବାବେଳେ ତାହା ସମ୍ଭବ ନୁହେଁ । ସଂଗ୍ରାମ ଛଡ଼ା ଆଉ ଏକମାତ୍ର ବାଟ ଥିଲା ବ୍ରିଟିଶ ଶାସକମାନଙ୍କ

Digitized by srujanika@gmail.com

ସହିତ ମିଳାମିଶା ଏବଂ ବ୍ୟବସ୍ଥାପିକାମାନଙ୍କରେ ପୁଣି ଆଇନତନ୍ତ୍ର କାର୍ଯ୍ୟ ଆରମ୍ଭ କରିବା ।

ଏହା ଏକ ଜଟିଳ ପରିସ୍ଥିତି ଏବଂ ଇଚ୍ଛା ସ୍ଥିର କରିବା ସହଜ ନ ଥିଲା । ମୋର ସହକର୍ମୀମାନଙ୍କ ଭିତରେ ଯେଉଁ ମାନସିକ ଦ୍ୱନ୍ଦ୍ୱ ଚାଲିଥିଲା ତାହା ମୁଁ ପସନ୍ଦ କରିଥିଲି—କାରଣ ମୋତେ ମଧ୍ୟ ତାହାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ମାତ୍ର ଅନ୍ୟ ସ୍ଥାନରେ ଯେପରି ଦେଖାଯାଏ ସେହିପରି ଭାରତରେ ମଧ୍ୟ ସାମ୍ୟବାଦୀ ମତବାଦ ପ୍ରଭୃତି ଭିତରେ ଗୋଟାଏ କର୍ମହୀନ ଭାବ ଦେଖିପାରିଲି । ଯେଉଁମାନେ ସଂଗ୍ରାମ ଭିତରେ ଧୂଳି ଉତ୍ତାପ ମଧ୍ୟରେ ଦାୟିତ୍ୱ ନେଇ ଚାଲିଛନ୍ତି ତାଙ୍କୁ ଯେଉଁ ଲୋକମାନେ ନିଜେ କିଛି କରନ୍ତି ନାହିଁ ସେମାନେ ପ୍ରତିକ୍ରିୟାପନ୍ଥୀ ବୋଲି ସମାଲୋଚନା କରିବାର ଦେଖିଲେ ଟିକିଏ ବିରକ୍ତି ଆସେ । ଏହି ଆରାମ-ଚୌକି ଉପରେ ବସିରହିଥିବା ସାମ୍ୟବାଦୀମାନେ ବିଶେଷଭାବରେ ଗାନ୍ଧିଜୀଙ୍କୁ 'ପ୍ରଧାନ ପ୍ରତିକ୍ରିୟାପନ୍ଥୀ' ବୋଲି କହନ୍ତି ଏବଂ ଏପରି ସବୁ ଯୁକ୍ତି ବାଢ଼ନ୍ତି, ଯାହା ଯୁକ୍ତିତର୍କଦ୍ୱାରା ନିପୁଣ । ମାତ୍ର ବାସ୍ତବ ଘଟଣାଟି ହେଉଛି ଯେ ଏହି 'ପ୍ରତିକ୍ରିୟା ପନ୍ଥୀ'ହିଁ ଭାରତକୁ ଚିହ୍ନିଛନ୍ତି, ଭାରତକୁ ବୁଝିଛନ୍ତି—ସେ ହିଁ କୃଷକ ଭାରତର ପ୍ରତୀକ—ସେ ଭାରତକୁ ଯେପରି ଭାବରେ ଆଲୋଡ଼ିତ କରିପାରିଛନ୍ତି କୌଣସି ତଥାକଥିତ ବିପ୍ଳବୀଙ୍କଦ୍ୱାରା ଏହା ହୋଇପାରିନାହିଁ, ଏପରି କି ତାଙ୍କର ଏବେ ଏହି ହରିଜନ କାର୍ଯ୍ୟ ମଧ୍ୟ ଧୀରେ ଧୀରେ, ଅଥଚ ଅପ୍ରତିହତ ଭାବରେ ରକ୍ଷଣଶୀଳ ହିନ୍ଦୁଧର୍ମର ପ୍ରଭାବ ନାଶ କରୁଛି ଏବଂ ଏହାର ମୂଳଭିତ୍ତି ଦୋହଲାଇ ଦେଇଛି । ସମସ୍ତ ରକ୍ଷଣଶୀଳ ବା ସନାତନୀ ଶ୍ରେଣୀ ତାଙ୍କ ବିରୁଦ୍ଧରେ ଯାଇଛନ୍ତି ଏବଂ ତାଙ୍କୁ ସେମାନଙ୍କର ପ୍ରଧାନ ଶତ୍ରୁ ବୋଲି ମନେ କରନ୍ତି—ଅଥଚ ସେ ସେମାନଙ୍କ ପ୍ରତି ଧୀର ଓ ଭଦ୍ର ବ୍ୟବହାର କରି ଆସିଛନ୍ତି । ତାଙ୍କ ନିଜର ଅଦ୍ଭୁତ ଭାବରେ ପ୍ରଭାବଶାଳୀ ଶକ୍ତିସବୁ ବିସ୍ତୃତ କରିଦେବାର କ୍ଷମତା ତାଙ୍କର ଅଛି—ଜଳ ତରଙ୍ଗ ପରି ଏହା ବିସ୍ତାର ଲାଭକରେ ଏବଂ ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ସ୍ପର୍ଶକରେ । ପ୍ରତିକ୍ରିୟାପନ୍ଥୀ ହୁଅନ୍ତୁ ବା ବିପ୍ଳବୀ ହୁଅନ୍ତୁ ସେ ଭାରତର ମୁଖ

Digitized by srujanika@gmail.com

ପରିବର୍ତ୍ତିତ କରିଛନ୍ତି ଏବଂ ଏକ ଅବସାଦଗ୍ରସ୍ତ ଓ ଉତ୍ପୀଡ଼ିତ ଜନତାକୁ ତେଜସ୍ୱାନ୍ ଓ ଆତ୍ମମର୍ଯ୍ୟାଦାସମ୍ପନ୍ନ କରିପାରିଛନ୍ତି—ଜନସାଧାରଣଙ୍କ ଭିତରେ ଶକ୍ତି ଓ ଚେତନା ଜାଗ୍ରତ କରିପାରିଛନ୍ତି ଏବଂ ଭାରତର ସମସ୍ୟାକୁ ପୃଥିବୀର ସମସ୍ୟାରେ ପରିଣତ କରିପାରିଛନ୍ତି । ସେହି ଲକ୍ଷ୍ୟ ଉଦ୍ଦେଶ୍ୟରେ ଏହା କରାଯାଉଛି ଏବଂ ଏହାର ଦାର୍ଶନିକ ତାତ୍ପର୍ଯ୍ୟ ବାଦ୍ ଦେଲେ, ତାଙ୍କର ଅହିଂସ, ଅସହଯୋଗ ବା ନିରୁପଦ୍ରବ ପ୍ରତିରୋଧ ପନ୍ଥା ଭାରତ ଓ ପୃଥିବୀକୁ ଏକ ଶକ୍ତିଶାଳୀ ଦାନ ଏଥିରେ ସନ୍ଦେହ ନାହିଁ—ଏହା ଭାରତ ପ୍ରତି ଅତ୍ୟନ୍ତ ଅନୁକୂଳ ।

ମୋର ମନେହୁଏ ଠିକ୍ ସମାଲୋଚନାକୁ ଉତ୍ସାହିତ କରିବା ଠିକ୍ ଏବଂ ଆମ ସମସ୍ୟାର ଯଥାସମ୍ଭବ ସାଧାରଣ ଆଲୋଚନା ହେବା ଉଚିତ । ଦୁର୍ଭାଗ୍ୟର କଥା ଯେ ଗାନ୍ଧିଜୀଙ୍କ ପ୍ରାଧାନ୍ୟଯୋଗୁଁ ଏହା ହେବାରେ ଅନେକ ପରିମାଣରେ ବାଧା ପାଉଛି । ସର୍ବଦା ତାଙ୍କ ଉପରେ ବିଶ୍ୱାସ କରି ସିଦ୍ଧାନ୍ତ କରିବାପାଇଁ ତାଙ୍କ ଉପରେ ଛାଡ଼ିଦେବାର ପ୍ରବୃତ୍ତି ରହିଛି । ଏହା ପ୍ରକୃତରେ ଅନ୍ୟାୟ—କୌଣସି ଜାତି ଅନ୍ଧଭାବରେ ଆଦେଶ ପାଳନ କରି ଉନ୍ନତି କରିପାରେ ନା, ଏହା ଯୁକ୍ତିଯୁକ୍ତ ଭାବରେ ଲକ୍ଷ୍ୟ ଓ ପନ୍ଥା ଗ୍ରହଣ କରି ଏବଂ ତାହାକୁ ଭିତ୍ତି କରି ସହଯୋଗ ଓ ଶୃଙ୍ଖଳିତ ଭାବରେ କାର୍ଯ୍ୟ କଲେହିଁ ଜାତି ଉନ୍ନତି କରିପାରେ । କୌଣସି ନେତା ଯେତେ ବଡ଼ ହୋଇ ପଛକେ ସମାଲୋଚନାର ବାହାରେ ହେବା ଉଚିତ ନୁହେଁ । ମାତ୍ର ସମାଲୋଚନା ଯେତେବେଳେ ଖାଲି ଦୁର୍ମଖନତାର ଅସ୍ତ୍ର ହୁଏ, ସେତେବେଳେ ଏହା ଭୁଲ । ସାମ୍ୟବାଦୀମାନେ ଏପ୍ରକାର ସମାଲୋଚନାରେ ବ୍ରତୀ ହେବା ଅର୍ଥ ହେଉଛି ଲୋକ-ସାଧାରଣଙ୍କର ନିନ୍ଦାଭାଜନ ହେବା— କାରଣ ଜନସାଧାରଣ କାର୍ଯ୍ୟଦ୍ୱାରା ବିଚାର କରନ୍ତି । ଲେନିନ୍ କହିଛନ୍ତି "ଭବିଷ୍ୟତର କୋମଳ ସ୍ୱପ୍ନରେ ଅଭିଭୂତ ହୋଇ ଯେ ବର୍ତ୍ତମାନ କଠିନ କର୍ତ୍ତବ୍ୟକୁ ଅସ୍ୱୀକାର କରେ ସେହିଁ ସୁବିଧାବାଦୀ । ତତ୍ତ୍ୱ ଅନୁସାରେ ଏହାର ଅର୍ଥ ହେଉଛି ବାସ୍ତବ ଜୀବନରେ ବର୍ତ୍ତମାନ

Digitized by srujanika@gmail.com

ହୋଇଥିବା ପ୍ରଗତି ଭିତରେ ନିଜକୁ ପ୍ରତିଷ୍ଠିତ କରି ନ ପାରି ସ୍ୱପ୍ନ ନାମରେ ସେଥିରୁ ନିଜକୁ ବଞ୍ଚିତ କରିବା ।"

ଭାରତରେ ସୋସିଆଲିଷ୍ଟ ଓ କମ୍ୟୁନିଷ୍ଟମାନେ ଅନେକ ପରିମାଣରେ ଶ୍ରମିକମାନଙ୍କ ସମ୍ପୃକ୍ତ ସାହିତ୍ୟରୁ ନିଜର ମତ ପୋଷଣ କରନ୍ତି । କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯଥା ବମ୍ବେ ଓ କଲିକତା ନିକଟରେ ବହୁସଂଖ୍ୟକ ଶ୍ରମିକ ଅଛନ୍ତି ସତ୍ୟ, ମାତ୍ର ଭାରତର ଅବଶିଷ୍ଟ ଅଞ୍ଚଳରେ ପ୍ରଧାନତଃ କୃଷିଜୀବୀ ଏବଂ ଶ୍ରମିକମାନଙ୍କ ଦୃଷ୍ଟିରୁ ଭାରତ ସମସ୍ୟାର ସମାଧାନ ବା ଫଳପ୍ରଦ ଭାବରେ କୌଣସି କାର୍ଯ୍ୟ କରାଯାଇ ପାରେ ନା । ଜାତୀୟବାଦ ଏବଂ ଗ୍ରାମର ଅର୍ଥନୀତି ଦୁଇଟି ପ୍ରଧାନ ବସ୍ତୁ ଯାହା ବିଷୟ ଏବଂ ଇଉରୋପୀୟ ସାମ୍ୟବାଦରେ ଏହାର ଆଲୋଚନା ନାହିଁ । ରୁଷରେ ପୂର୍ବର ପୂର୍ବାବସ୍ଥା ଅନେକ ପରିମାଣରେ ଭାରତ ପରି ଥିଲା, ମାତ୍ର ସେଠାରେ ମଧ୍ୟ ଅତି ଅଦ୍ଭୁତ ଓ ଅସାଧାରଣ ଘଟଣାସବୁ ଘଟିଥିଲା ଏବଂ ସେହିସବୁ ପରିସ୍ଥିତି ପୁନର୍ବାର ଅନ୍ୟସ୍ଥାନରେ ଘଟିବ ବୋଲି ଭାବିବା ବ୍ୟର୍ଥତା । ମୁଁ ବିଶ୍ୱାସ କରେ ଯେ କମ୍ୟୁନିଜମର ଦର୍ଶନଦ୍ୱାରା ଯେ କୌଣସି ଦେଶର ପ୍ରକୃତ ଅବସ୍ଥାକୁ ବିଶ୍ଳେଷଣ କରି ବୁଝି ପାରିବାରେ ସାହାଯ୍ୟ ହୁଏ ଏବଂ ଭବିଷ୍ୟତ ପ୍ରଗତିର ପଥ ମଧ୍ୟ ଏହା ସୂଚାଇ ଦିଏ । ମାତ୍ର ବାସ୍ତବ ଘଟଣା ଓ ଅବସ୍ଥାକୁ ଲକ୍ଷ୍ୟ ନ କରି ଅନ୍ଧଭାବରେ ଏହି ଦର୍ଶନ ପ୍ରୟୋଗ କରିବା ଅର୍ଥ ହିଂସା ଓ ଅନ୍ୟାୟ ।

ଜୀବନ ଏକ ଜଟିଳ ବ୍ୟାପାର ଏବଂ ଜୀବନର ଦ୍ୱନ୍ଦ୍ୱ ଓ ସଂଘର୍ଷ ବେଳେ ବେଳେ ମଣିଷର ଜୀବନରେ ହତାଶ ଭାବ ଆଣେ । ଲୋକଙ୍କ ଭିତରେ ଯେ ମତଭେଦ ହେବ କିମ୍ବା ଏକ ଉଦ୍ଦେଶ୍ୟରେ ଗତି କରୁଥିବା ସହକର୍ମୀମାନେ ଯେ ପୃଥକ୍ ସିଦ୍ଧାନ୍ତରେ ପହଞ୍ଚିବେ ଏଥିରେ ବିଚିତ୍ର କିଛି ନାହିଁ । ମାତ୍ର ଯେଉଁ ଲୋକ ବଡ଼ ବଡ଼ ଶବ୍ଦଗୁଡ଼ିକ ଓ ଉଚ୍ଚ ମତବାଦ ଭିତରେ ନିଜର ଦୁର୍ବଳତା ଘୋଡ଼ାଏ, ତାକୁ ସନ୍ଦେହ କରିବା ସ୍ୱାଭାବିକ । ଯେଉଁ ଲୋକ ଏକରାରନାମା ଏବଂ ପ୍ରତିଶ୍ରୁତି ସରକାରଠାରେ ଲେଖି

Digitized by srujanika@gmail.com

ଦେଇ କୌଣସି ନିଜକୁ ରକ୍ଷା କରିବାକୁ ଚେଷ୍ଟା କରେ କିମ୍ବା ଅନ୍ୟ ସନ୍ଦେହଜନକ କାର୍ଯ୍ୟ କରେ ଏବଂ ଉପରେ ଅନ୍ୟମାନଙ୍କୁ ସମାଲୋଚନା କରିବାର ସ୍ପର୍ଦ୍ଧା ଦେଖାଏ, ସେ ଯେଉଁ ପଥ ବା ମତ ସମର୍ଥନ କରେ ତାହାର କ୍ଷତି ଘଟାଏ ।

ବମ୍ବେ ଏକ ଆନ୍ତର୍ଜାତିକ ସହରତଳି—ଏଠାରେ ସବୁପ୍ରକାର ଲୋକ ଅଛନ୍ତି । ଯାହାହେଉ ଜଣେ ପ୍ରସିଦ୍ଧ ନାଗରିକ ତାଙ୍କର ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ଧାର୍ମିକ ଦୃଷ୍ଟିକୋଣରେ ଉଦାରତା ସର୍ବଜନ ପ୍ରସିଦ୍ଧ । ଶ୍ରମିକ ନେତା ହିସାବରେ ସେ ଜଣେ ସାମ୍ୟବାଦୀ (ସୋସଲିଷ୍ଟ)-ରାଜନୀତି କ୍ଷେତ୍ରରେ ସେ ସାଧାରଣତଃ ନିଜକୁ ଗଣତନ୍ତ୍ରବାଦୀ ବୋଲି କହନ୍ତି; ସେ ହିନ୍ଦୁ ମହାସଭାର ପ୍ରିୟପାତ୍ର ଏବଂ ସେ ଧାର୍ମିକ ଓ ସାମାଜିକ ରୀତି ନୀତି ରକ୍ଷା କରିବା ନିମନ୍ତେ ଏବଂ ଏ ସମ୍ବନ୍ଧରେ ଆଇନଦ୍ୱାରା ଯେପରି କୌଣସି ହସ୍ତକ୍ଷେପ ନ କରିବ ସେଥିପାଇଁ ଚେଷ୍ଟା କରିବାଲାଗି ପ୍ରତିଶ୍ରୁତି ଦେଇଥିବେ; ନିର୍ବାଚନ ସମୟରେ ସେ ପ୍ରାଚୀନ ଉଦ୍ଧସେ୍ୟାଦୀ-ପନ୍ଥୀ ଆଧ୍ୟାତ୍ମିକତାର ପୂଜାରୀ ସନାତନୀମାନଙ୍କଦ୍ୱାରା ମନୋନୀତ ହୋଇ ଥିଲେ । ଏହି ବହୁନ ଓ ବହୁମୁଖୀ କାର୍ଯ୍ୟରେ କ୍ଳାନ୍ତ ନ ହୋଇ କଂଗ୍ରେସକୁ ଓ ଗାନ୍ଧିଜୀଙ୍କୁ ପ୍ରତିକ୍ରିୟାପନ୍ଥୀ ବୋଲି ସମାଲୋଚନା କରିବାରେ ନିଜର ଅପୂର୍ବ ଶକ୍ତି ଖଟାଇଥିଲେ । ଅନ୍ୟ କେତେକଙ୍କ ସହଯୋଗରେ ସେ କଂଗ୍ରେସ ଡେମୋକ୍ରେଟିକ ଦଳ ସ୍ଥାପନ କରିଥିଲେ—ଏହାର ଗଣତନ୍ତ୍ର ସହିତ କୌଣସି ସମ୍ବନ୍ଧ ନାହିଁ—କଂଗ୍ରେସକୁ ଟାଳିଦେବାରେହିଁ ଏହି ଅନୁଷ୍ଠାନ ସହିତ ଏହାର ସମ୍ପର୍କ । ପୁଣି ନୂତନ କ୍ଷେତ୍ର ଜୟ କରିବା ନିମନ୍ତେ ଖୋଜି ସେ ଜଣେ ଶ୍ରମିକ ପ୍ରତିନିଧି ଭାବରେ ଜେନେଭା ଶ୍ରମିକ ସମ୍ମିଳନୀକୁ ଗଲେ । ଏହି ସବୁ କାର୍ଯ୍ୟ ଦେଖି ମନେହେବ ସେ ଯେପରି ଇଂରେଜ ନମୁନାରେ 'ନେସନାଲ୍' ଗଭର୍ଣ୍ଣମେଣ୍ଟରେ ପ୍ରଧାନମନ୍ତ୍ରୀ ହେବା ନିମନ୍ତେ ନିଜକୁ ଯୋଗ୍ୟ ଧରୁଛନ୍ତି ।

ଏପରି ନାନାବିଧ ଦୃଷ୍ଟିକୋଣ ଓ କାର୍ଯ୍ୟଶକ୍ତି ଲାଭ କରିବାର ସୁଯୋଗ ଅତି ଅଳ୍ପ ଲୋକଙ୍କର ଥିବ । ତଥାପି କଂଗ୍ରେସ ସମାଲୋଚକଙ୍କ ମଧ୍ୟରୁ

Digitized by srujanika@gmail.com

ଅନେକେ ଗୋଟିଏ କ୍ଷେତ୍ରରୁ ଅନ୍ୟ କ୍ଷେତ୍ରକୁ ଯାଉଛନ୍ତି ଏବଂ ବହୁକଷ୍ଟରେ ହାତ ପକାଉଛନ୍ତି । କେତେକ ନିଜକୁ ସାମ୍ୟବାଦୀ କହନ୍ତି—ଏମାନେ ସାମ୍ୟବାଦକୁହିଁ କଳଙ୍କିତ କରନ୍ତି ।

—:o:—

Digitized by srujanika@gmail.com

୫୧

ଲିବରାଲ ଦୃଷ୍ଟିକୋଣ

ଗାନ୍ଧିଜୀଙ୍କ ସହିତ ସାକ୍ଷାତ କରିବାକୁ ପୁନା ଯାଉଥିଲାବେଳେ ଦିନେ ସନ୍ଧ୍ୟାରେ ମୁଁ ତାଙ୍କ ସହିତ 'ଭାରତ ସେବକ ସମିତି' ଘରକୁ ଗଲି । ପ୍ରାୟ ଏକ ଘଣ୍ଟାରୁ ଅଧିକ ହେବ ସୋସାଇଟିର କେତେକ ସଭ୍ୟ ରାଜନୀତିକ ବ୍ୟାପାର ସମ୍ବନ୍ଧରେ ତାଙ୍କୁ କେତେକ ପ୍ରଶ୍ନ କରିଥିଲେ ଏବଂ ସେ ତାର ଉତ୍ତର ଦେଉଥିଲେ । ସମିତିର ସଭାପତି ଶ୍ରୀନିବାସ ଶାସ୍ତ୍ରୀ କିମ୍ବା ସଭ୍ୟମାନଙ୍କ ଭିତରେ ଆଉ ଜଣେ ଦକ୍ଷ ଲୋକ ପଣ୍ଡିତ ହୃଦୟନାଥ କୁଞ୍ଜରୁ ମଧ୍ୟ ନ ଥିଲେ । ମାତ୍ର କେତେଜଣ ପୁରୁଣା ସଭ୍ୟ ଥିଲେ । ଅତି ତୁଚ୍ଛ କଥାନେଇ ପ୍ରଶ୍ନ କରାଯାଉଥିବା ଦେଖି ସେଠାରେ ଆମେ ଯେତେଜଣ ଉପସ୍ଥିତ ଥିଲୁଁ ଅବାକ୍ ହୋଇଥିଲୁଁ । ସେମାନେ ଗାନ୍ଧିଜୀଙ୍କର ବଡ଼ଲାଟଙ୍କୁ ସାକ୍ଷାତ୍ କରିବାପାଇଁ ନିବେଦନ କରିଥିବା ଏବଂ ବଡ଼ଲାଟ ତାହା ଅସ୍ୱୀକାର କରିବା ସମ୍ବନ୍ଧରେହିଁ ପ୍ରଶ୍ନ କରିଥିଲେ । ଏହି ସମୟ ପୃଥ୍ୱୀ ଜଗତରେ ଏବଂ ଯେତେବେଳେ ନିଜ ଦେଶରେ ଏକ କଠୋର ସ୍ୱାଧୀନତା ସଂଗ୍ରାମ ଚାଲିଛି ଏବଂ ଶହ ଶହ ଅନୁଷ୍ଠାନ ବେଆଇନ ଘୋଷିତ ହୋଇଥିଲାବେଳେ ସେମାନେ କ'ଣ ଏହାକୁହିଁ ଏକ ଗୁରୁତର ସମସ୍ୟା ରୂପେ ବିଚାର କରୁଥିଲେ ? କୃଷିସଂକଟ ଓ ଶିଳ୍ପ-ଦୁର୍ଗତି ଫଳରେ ଚାରିଆଡ଼େ ବେକାର ବ୍ୟାପିଥିଲା । ବଙ୍ଗଳା, ସୀମାନ୍ତ ଓ ଭାରତର ଅନ୍ୟ ଅଞ୍ଚଳମାନଙ୍କରେ ଭୟାବହ ଘଟଣାମାନ ଘଟିଥିଲା; ଚିନ୍ତା, ବକ୍ତୃତା, ଲେଖା ଓ ସଭାସମିତିର ସ୍ୱାଧୀନତା ଦମନ କରାଯାଇଥିଲା; ଏହାଛଡ଼ା ଏତେ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ବି ଥିଲା । ମାତ୍ର ଅତି ତୁଚ୍ଛ ଘଟଣା ସମ୍ବନ୍ଧରେ ସେମାନେ ପ୍ରଶ୍ନ ପଚାରୁଥିଲେ । ଗାନ୍ଧିଜୀ ପୁଣି ଆରମ୍ଭ କଲେ ବଡ଼ଲାଟ ଓ ଭାରତ ସରକାର ଉପରେ ତାର କେଉଁ ପ୍ରତିକ୍ରିୟା ହେବାର ସମ୍ଭାବନା ଏହି ବିଷୟ ନେଇ ସେ ବ୍ୟସ୍ତ ।

Digitized by srujanika@gmail.com

ମୋର ମନେହେଲା ସତେ କି ମୁଁ ଏକ ମଠ ଭିତରେ ପ୍ରବେଶ କରିଛି । ଏହାର ଅଧିବାସୀମାନେ ଅନେକାଂଶରେ ବାହାର ଜଗତର ସମ୍ପର୍କରୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ ହୋଇଛନ୍ତି । ଅଥଚ ଆମର ଏ ବନ୍ଧୁମାନେ କର୍ମଠ ରାଜନୀତିଜ୍ଞ—ସାଧାରଣ କାର୍ଯ୍ୟ ଓ ସେବା ଦୀର୍ଘକାଳ ହେଲା କରି ଦକ୍ଷତା ଅର୍ଜନ କରିଛନ୍ତି । ଆଉ କେତେକଙ୍କ ସହ ସେମାନଙ୍କୁ ଲିବରାଲ ଦଳର ମେରୁଦଣ୍ଡ ବୋଲି ଧରାଯାଏ । ଏହି ଦଳର ଅନ୍ୟ ଲୋକଙ୍କର କିଛି ମତ ନଥାଏ—ସେମାନେ ବେଳେ ବେଳେ ରାଜନୀତିକ କାର୍ଯ୍ୟରେ ସମ୍ପର୍କ ରଖିବା ନିମନ୍ତେ ରହିଥାନ୍ତି । ଏମାନଙ୍କ ଭିତରୁ କେତେକ ବିଶେଷତଃ ବମ୍ବେ ଓ ମାନ୍ଦ୍ରାଜରେ ଥିବା ଲୋକମାନଙ୍କୁ ସରକାରୀ କର୍ମଚାରୀଙ୍କଠାରୁ ଅଲଗା କରାଯାଇ ପାରେନା ।

କେଉଁ ଦେଶର ରାଜନୀତିକ ଅଗ୍ରଗତି କେତେଦୂର ହୋଇଛି ଏହା ତାହା ଉପରେ ପ୍ରଧାନ ପ୍ରଶ୍ନ । ପ୍ରକୃତ ପ୍ରଶ୍ନକୁ ଯେଉଁ ଦେଶ ବିଚାର କରେ ନା, ସେ ଦେଶହିଁ ନିଷ୍ଫଳ ହୁଏ । ଆମେ ସାଂପ୍ରଦାୟିକ ଭାବରେ ବ୍ୟବସ୍ଥା ସଭ୍ୟମାନଙ୍କରେ ସ୍ଥାନ ବାଣ୍ଟିବାପାଇଁ ଯେଉଁ ସମୟ ଓ ଶକ୍ତିର ଅପଚୟ କରୁଁ କିମ୍ବା ସାଂପ୍ରଦାୟିକ ଭାଗବଣ୍ଟା ଘେନି ଯେଉଁ ଦଳ ଗଢ଼ୁଁ ଓ ଜୀବନ୍ତ ସମସ୍ୟାକୁ ଛାଡ଼ି ନିଷ୍ଫଳ ମୁକ୍ତ ତର୍କରେ ଯେ ଲାଗୁଁ ଏଥିରେ ଆମର ରାଜନୀତିକ ଅଧୋଗତିର ପରିଚୟ ମିଳେ । ସେହିପରି ସେ ଦିନ ଗାନ୍ଧିଜୀଙ୍କୁ ଯେଉଁ ପ୍ରଶ୍ନ କରାଯାଇଥିଲା ସେଥିରେ ଭାରତ ସେବକସମିତି ଓ ଲିବରାଲ ଦଳର ମାନସିକ ଅବସ୍ଥାର ପରିଚୟ ମିଳିଲା । ସେମାନଙ୍କର କୌଣସି ରାଜନୀତିକ ବା ଅର୍ଥନୀତିକ ନୀତି ଉଚ୍ଚ ଆଦର୍ଶ ଥିଲାପରି ବୋଧ ହେଉନାହିଁ ଏବଂ ସେମାନଙ୍କର ରାଜନୀତି ବୈଠକଖାନା ବା କଚେରୀ ଧରଣର—ଉଚ୍ଚ କର୍ମଚାରୀମାନେ କ'ଣ କରିବେ ବା ନ କରିବେ ଏହା ହେଉଛି ସେମାନଙ୍କ ଆଗରେ ସମସ୍ୟା ।

'ଲିବରାଲ ଦଳ' ନାମ ଶୁଣି ଅନେକେ ଭୁଲଧାରଣା କରିପାରନ୍ତି । ଅନ୍ୟାନ୍ୟ ଦେଶମାନଙ୍କରେ ଏବଂ ବିଶେଷତଃ ଇଂଲଣ୍ଡରେ 'ଲିବରାଲ'

Digitized by srujanika@gmail.com

ବୋଇଲେ ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଅର୍ଥନୀତିକ ନୀତି—ସ୍ୱାଧୀନବ୍ୟବସାୟ ଏବଂ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଆଦି—ଅନୁସରଣ କରନ୍ତି ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଓ ନାଗରିକ ସ୍ୱାଧୀନତାର ଆଦର୍ଶ ଗ୍ରହଣ କରନ୍ତି ସେମାନଙ୍କୁ ବୁଝାଏ । ଏହି ଅର୍ଥନୀତିକ ଭିତ୍ତି ଉପରେ ଇଂରେଜ ଲିବରାଲ ପ୍ରତିଷ୍ଠିତ । ସ୍ୱାଧୀନ ବ୍ୟବସାୟ କରିବା ନିମନ୍ତେ ଏବଂ ରାଜାର ଏକଚାଟିଆ ଅଧିକାର ଓ ହୁକୁମ ଅନୁସାରେ ଟିକସ ବସାଇବାରୁ ରକ୍ଷା ପାଇବାର ଆକାଂକ୍ଷାହେତୁ ରାଜନୀତିକ ସ୍ୱାଧୀନତା ଆବଶ୍ୟକ ହୁଏ । ଭାରତରେ ଲିବରାଲମାନଙ୍କର ସେପରି କିଛି ଦୃଷ୍ଟିକୋଣ ନ ଥିଲା । ସେମାନେ ସମସ୍ତେ ପ୍ରାୟ ସଂରକ୍ଷଣ-ବାଦୀ; ସ୍ୱାଧୀନ ବ୍ୟବସାୟରେ ବିଶ୍ୱାସ କରନ୍ତି ନାହିଁ—ଏବେ ଘଟିଥିବା ଘଟଣାମାନଙ୍କରୁ ଜଣାପଡୁଛି ଯେ ନାଗରିକ ସ୍ୱାଧୀନତାକୁ ମଧ୍ୟ ସେମାନେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । ଭାରତର ଦେଶୀୟ ରାଜ୍ୟର ଏକଛତ୍ର ଓ ଅଧା-ସାମନ୍ତୀୟ ଶାସନରେ ଗଣତନ୍ତ୍ରର ମୂଳ କଥା ସୁଦ୍ଧା ଦେଖାଯାଏ ନାହିଁ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ତ ଆଦୌ ନାହିଁ । ଅଥଚ ଏଗୁଡ଼ିକ ସହିତ ସେମାନଙ୍କର ଘନିଷ୍ଠ ସମ୍ପର୍କ ଏବଂ ସାଧାରଣ ଭାବରେ ସେମାନେ ଏହାର ଯେ ସମର୍ଥନ କରନ୍ତି, ସେଥିରୁ ଏହା ଇଂଲଣ୍ଡର ଲିବରାଲ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଜଣାପଡ଼େ । ବାସ୍ତବିକ ଲିବରାଲ ଶବ୍ଦ ବୋଇଲେ ଯାହା ବୁଝାଏ ଭାରତର ଲିବରାଲମାନେ ସେହି ଅନୁସାରେ ଆଦୌ ଲିବରାଲ ନୁହନ୍ତି ଅଥବା ତାଙ୍କୁ ଖୁବ୍ ହେଲେ ବେଳେ ବେଳେ ଲିବରାଲ ବୋଲି କୁହାଯାଇପାରେ । ସେମାନେ ପ୍ରକୃତରେ କ'ଣ ତାହା କହିବା କଷ୍ଟକର, କାରଣ ସେମାନଙ୍କର କୌଣସି ଦୃଢ଼ ଓ ନିର୍ଦ୍ଦିଷ୍ଟ ମତ ନାହିଁ ଏବଂ ସେମାନଙ୍କର ସଂଖ୍ୟା ବହୁତ କମ୍ ହୋଇଥିଲେ ସୁଦ୍ଧା ପରସ୍ପର ସହିତ ମତବାଦ ଥାଏ । କେବଳ ନାସ୍ତିସୂଚକ କଥାରେ ସେମାନେ ବଳବାନ । ସେମାନେ ସବୁ ଭୁଲ ବୋଲି ମନେ କରନ୍ତି ଏବଂ ଏହାକୁ ଏଡ଼ାଇବାକୁ ଚେଷ୍ଟା କରନ୍ତି ଏବଂ ଏହା କରିବାଦ୍ୱାରା ସେମାନେ ସତ୍ୟ ପାଇପାରିବେ ବୋଲି ଆଶା କରନ୍ତି । ବାସ୍ତବିକ ସତ୍ୟ ସେମାନଙ୍କ ପକ୍ଷରେ ମଧ୍ୟ ପନ୍ଥା । ସେମାନେ ଯାହାସବୁ ଚରମ ବୋଲି ବିଚାର କରନ୍ତି, ତାହା ସମାଲୋଚନା କରି ନିଜକୁ ଗୋଟାଏ ଧାର୍ମିକ, ମଧ୍ୟବିତ୍ତ ଓ ଭଲପ୍ରକୃତିର

Digitized by srujanika@gmail.com

ନେକ ବୋଲି ସ୍ୱୀକାର କରି ଆନନ୍ଦ ଅନୁଭବ କରନ୍ତି । ଏହି ପନ୍ଥା ଅବଲମ୍ବନ କରିବାଦ୍ୱାରା ସେମାନେ କ୍ଳେଶଦାୟକ ଓ କଷ୍ଟକର ଚିନ୍ତା ଏବଂ କୌଣସି ରଚନାତ୍ମକ ପ୍ରସ୍ତାବ କରିବାରୁ ଦୂରରେ ରହନ୍ତି । ସେମାନଙ୍କ ଭିତରୁ କେତେକଙ୍କର ଅସ୍ପଷ୍ଟରୂପେ ଗୋଟାଏ ଧାରଣା ଅଛି ଯେ ଇଉରୋପରେ ପୁଞ୍ଜିବାଦ ସଂପୂର୍ଣ୍ଣରୂପେ ସଫଳ ହୋଇନାହିଁ ଏବଂ ସଙ୍କଟରେ ପଡ଼ିଛି; ଅନ୍ୟ ପକ୍ଷରେ ବ୍ୟକ୍ତିସ୍ୱାର୍ଥକୁ ଆକ୍ରମଣ କରୁଥିବାରୁ ସାମ୍ୟବାଦ ମଧ୍ୟ ଖରାପ ବୋଲି ସେମାନେ ମନେ କରନ୍ତି । ସେମାନେ ସମ୍ଭବତଃ ଚାହାନ୍ତି, ଗୋଟାଏ ଅଦ୍ଭୁତ ପ୍ରକାର ସମାଧାନ ଭବିଷ୍ୟତରେ କପଣ ହୋଇଯିବ—ଗୋଟାଏ ମଝିଆମଝି ବ୍ୟବସ୍ଥା ହେବ ଏବଂ ଏଥିଭିତରେ ବ୍ୟକ୍ତିସ୍ୱାର୍ଥକୁ ରକ୍ଷାର ବ୍ୟବସ୍ଥା ହୋଇଥିବ । ପୃଥିବୀ ଗୋଲ କିମ୍ବା ଚେପଟା ଏହି ସମ୍ବନ୍ଧରେ ଯଦି ଗୋଟାଏ ମୃଦୁ ତର୍କ ଲାଗେ, ତେବେ ସେମାନେ ଏ ତ ଏହି ଦୁଇଟିଯାକ ଚରମ ମତବାଦର ନିନ୍ଦା କରିବେ ଏବଂ କହିବେ ଯେ ଏହାକୁ ଚତୁଷ୍କୋଣ ବା ଡିମ୍ବାକୃତି ବୋଲି ଧରାଯାଇପାରେ ।

ଅତି ସାମାନ୍ୟ ଓ ତୁଚ୍ଛ ଘଟଣାରେ ସେମାନେ ଉତ୍ତେଜିତ ହୋଇ ଯାଆନ୍ତି ଏବଂ ଏତେ ଚିତ୍କାର ଓ ଗଣ୍ଡଗୋଳ କରନ୍ତି ଯେ ଦେଖିଲେ ବିସ୍ମିତ ହୁଏ । ସଚେତନ ଭାବରେ ହେଉ ବା ଅର୍ଦ୍ଧ ଚେତନ ଭାବରେ ହେଉ ସେମାନେ ମୂଳ ସମସ୍ୟାର ଆଲୋଚନା କରନ୍ତି ନାହିଁ, କାରଣ ଏହି ସବୁ ପ୍ରଶ୍ନର ମୌଳିକ ସମାଧାନ ଦରକାର ଏବଂ ଚିନ୍ତା ଓ କାର୍ଯ୍ୟରେ ସାହସ ଆବଶ୍ୟକ । ସେହିହେତୁ ଲିବରାଲଙ୍କ ପରାସ୍ତ ଓ ଜୟ ଲାଭରେ ସାହସ ଆବଶ୍ୟକ । ସେହିହେତୁ ଲିବରାଲଙ୍କ ପରାସ୍ତ ଓ ଜୟ ଲାଭରେ କିଛି ଯାଏ ଆସେ ନା । ଏଥିରେ କୌଣସି ନୀତିର ସମ୍ପର୍କ ନାହିଁ । ଯଦି ଏହିରୂପେ ବିଚାର କରାଯାଏ ତେବେ ଏହି ଦଳର ପ୍ରଧାନ ଗୁଣ ଏବଂ ବିଶେଷ ପ୍ରକୃତି ହେଉଛି ଯେ ଏମାନେ ଭଲ ବା ମନ୍ଦ ପ୍ରତ୍ୟେକ କଥାରେ ମଝି ମଝିଆ ପନ୍ଥା ଗ୍ରହଣ କରନ୍ତି । ଏମାନଙ୍କର ଜୀବନ ପ୍ରତି ଦୃଷ୍ଟିକୋଣ ଦେଖି ପୁରୁଣା ମତରେଠ ନାମ ଅଧିକ ଉପଯୁକ୍ତ ପରି ମନେ ହୁଏ । ଆଲେକଜାଣ୍ଡର ପୋପ୍ ଲେଖିଛନ୍ତି—

Digitized by srujanika@gmail.com

"ଧୀର ପ୍ରକୃତିବୋଧ ମୋର ଗୌରବ । ରକ୍ଷଣଶୀଳ ବା ନାଠ-ମାନେ ମୋତେ ଉଦାରନୈତିକ କହନ୍ତି ଏବଂ ଉଦାରନୈତିକମାନେ ମୋତେ ଜାଠ ବୋଲି କହନ୍ତି ।"

ମାତ୍ର ଧୀର ପ୍ରକୃତି ଯେତେ ପ୍ରଶଂସାଯୋଗ୍ୟ ହେଲେ ସୁଦ୍ଧା ଏହା ଏକ ଉଜ୍ଜ୍ୱଳ ଓ ପ୍ରଖର ଗୁଣ ନୁହେଁ । ଏହା ଏକ ଅନାଗ୍ରହ ଭାବ ଜାତ କରେ; ସେଥିପାଇଁ ଭାରତର ଲିବରାଲମାନଙ୍କୁ 'ନିରାନନ୍ଦ ସୈନ୍ୟଦଳ' ବୋଲି କହନ୍ତି; ଏମାନଙ୍କର ଦୃଷ୍ଟି ଗୁରୁ ଗମ୍ଭୀର ଓ ଅନ୍ଧକାରଚ୍ଛନ୍ନ, ଲେଖା ଓ କଥାବାର୍ତ୍ତା ନୀରସ ଏବଂ ହାସ୍ୟରସର ଅଭାବ ଥାଏ । ଅବଶ୍ୟ ସେମାନଙ୍କ ଭିତରେ ବିଶେଷତ୍ୱ ଅଛି — ସାର ତେଜ ବାହାଦୁର ସାପ୍ରୁ ସେଥିଭିତରୁ ଜଣେ—ସେ ତାଙ୍କର ବ୍ୟକ୍ତିଗତ ଜୀବନରେ ନୀରସ ନୁହନ୍ତି କିମ୍ବା ହାସ୍ୟରସର ଅଭାବ ତାଙ୍କଠାରେ ଦେଖାଯାଏ ନାହିଁ — ଏପରି କି ତାଙ୍କ ନିଜ ଉପରେ ପରିହାସ ସୁଦ୍ଧା ସେ ଗ୍ରହଣ କରନ୍ତି । ମାତ୍ର ମୋଟ ଉପରେ ଲିବରାଲଦଳ ହେଉଛି ନିର୍ଜୀବତାନ୍ତ ବିଶିଷ୍ଟ ଏବଂ ସେମାନଙ୍କ ଭିତରେ ଗୋଟାଏ ସାମଞ୍ଜସ୍ୟ ରହିଛି । ଏଲାହାବାଦର 'ଲିଡର' ପତ୍ରିକା ଲିବରାଲମାନଙ୍କର ମୁଖ୍ୟ ସମ୍ବାଦପତ୍ର—ଗତବର୍ଷ ଏହାର ସମ୍ପାଦକୀୟ ଲେଖାରେ ଏହାର ମନୋଭାବ ପ୍ରକାଶିତ ହୋଇଥିଲା । ଏଥିରେ ଲେଖାଥିଲା ଯେ ମହତ୍ ଓ ଅସାଧାରଣ ଲୋକେହିଁ ଦୁନିଆରେ ସବୁ କନ୍ଦଳ ସୃଷ୍ଟି କରନ୍ତି, ଅତଏବ୍ ସାଧାରଣ ମଧ୍ୟଶ୍ରେଣୀର ଲୋକ ଅନେକ ଭଲ । ଅତି ସୁନ୍ଦର ଓ ପ୍ରକାଶ୍ୟ ଭାବରେ ଏହା ମଧ୍ୟପନ୍ଥୀର ଜୟଧ୍ୱଜା ଉଡ଼ାଇ ରଖିଥିଲା ।

ଧୀରପ୍ରକୃତି, ରକ୍ଷଣଶୀଳତା ଏବଂ ବିପଦ ଓ ଆକସ୍ମିକ ପରିବର୍ତ୍ତନ ଏଡ଼ାଇବାର ଚେଷ୍ଟାର ପ୍ରବୃତ୍ତି ହେଉଛି ବୃଦ୍ଧ ବୟସର ଲକ୍ଷଣ । ଯୁବକ ପକ୍ଷରେ ଏହା ସଂପୂର୍ଣ୍ଣ ଠିକ୍ ବୋଲି ମନେ ହୁଏ ନା, ମାତ୍ର ଆମ ଦେଶ ଏକ ପ୍ରାଚୀନ ଦେଶ — ବେଳେ ବେଳେ ଏହାର ସନ୍ତାନମାନେ ଜନ୍ମବେଳୁ ବଡ଼ କ୍ଲାନ୍ତ ଓ ଅବସନ୍ନ ଦେଖାଯାନ୍ତି—ସେମାନଙ୍କଠାରେ ତେଜହୀନ

Digitized by srujanika@gmail.com

ବାର୍ଦ୍ଧକ୍ୟର ଛାପ ଦେଖାପାଏ । ମାତ୍ର ଏବେ ଏହି ପ୍ରାଚୀନ ଦେଶ ଦ୍ରୁତ ପରିବର୍ତ୍ତନ ଶକ୍ତିରେ କମ୍ପିତ ହୋଇ ପଡ଼ୁଛି ଏବଂ ମଣ୍ଡଳରେ ଲୋକେ ଚଞ୍ଚଳ ହୋଇପାଉଛନ୍ତି । ପୁରାତନ ଜଗତ ଟଳିଯାଉଛି । ଲୋକମାନେ ପୂର୍ବ ପୁରୁଷର କାରଣ ଦର୍ଶାଇବାରେ ସମର୍ଥ ହେଲେ ସୁଦ୍ଧା ତାକୁ ଅଟକାଇ ପାରୁନାହାନ୍ତି; ସତେ କି ସେମାନେ ଝଡ଼, ବନ୍ୟା ଓ ଭୂମିକମ୍ପକୁ ଅଟକାଇବାପାଇଁ ମନ୍ତ୍ର କରୁଛନ୍ତି । ତାଙ୍କର ପୁରାତନ ଧାରଣାସବୁ ବ୍ୟର୍ଥ ହେଲଣି, ଅଥଚ ସେମାନେ ନୂତନ ଚିନ୍ତା ଏବଂ କାର୍ଯ୍ୟ ଖୋଜୁନାହାନ୍ତି । ଇଂରେଜୀସ୍ଥ ପରମ୍ପରାଗତ ଚାଲିଚଳନ ସମ୍ବନ୍ଧରେ ଡାକ୍ତର ଏ, ଏନ୍, ହ୍ୱାଇଟ ହେଡ଼ କହିଛନ୍ତି — "ଯେଉଁସବୁ ଅବସ୍ଥା ଭିତରେ ପୂର୍ବ ପୁରୁଷଗଣ ଚାଲି ଆସିଥିଲେ, ସେହିସବୁ ଅବସ୍ଥା ବରାବର ରହିବ ଏବଂ ସନ୍ତାନ-ସନ୍ତତିମାନେ ସେହି ଅବସ୍ଥା ଭିତରେ ନିଜର ଜୀବନ ଗଢ଼ି ଉଠିବେ ବୋଲି ଏକ ମନ୍ଦ ଧାରଣାରେ ପରମ୍ପରା ନୀତି ପ୍ରତିଷ୍ଠିତ । ଆମେ ମାନବ ଜୀବନର ପ୍ରଥମ ଅଧ୍ୟାୟରେ ବାସ କରୁଛୁଁ — ତେଣୁ ଏପରି ଧାରଣା ସବୁ ଭ୍ରାନ୍ତ ।" ଡାକ୍ତର ହ୍ୱାଇଟ୍ ହେଡ଼ ତାଙ୍କ ବିଶ୍ଳେଷଣରେ ଉଦାରତା ଦେଖାଇଛନ୍ତି, କାରଣ ଏହି ଧାରଣା ସର୍ବଦାହିଁ ଅସତ୍ୟ । ଇଉରୋପର ପରମ୍ପରା ନୀତି ଯଦି ରକ୍ଷଣଶୀଳ ବୋଲି ଧରାପାଏ, ତେବେ ଆମ ନିଜ ଦେଶର ଅବସ୍ଥା ସେଥିରୁ କେତେ ଅଧିକ ନ ହେବ ? ମାତ୍ର ପରିବର୍ତ୍ତନର ସମୟ ଆସି ପହଞ୍ଚିଲେ ଐତିହାସିକ ଯନ୍ତ୍ର ଏହି ସବୁ ପରମ୍ପରାଗତ ନୀତି ପ୍ରତି ଆଦୌ ଦୃଷ୍ଟିପାତ କରେନା । ଆମେ ଅସହାୟ ଦୃଷ୍ଟିରେ ଅନାଉଁ ଏବଂ ଆମ କଳ୍ପନାର ବ୍ୟର୍ଥତା ହେତୁ ଅନ୍ୟମାନଙ୍କୁ ଦୋଷ ଦେଉଁ । ମାତ୍ର ଜେରାଲ୍ଡ ହେୟାର୍ଡ ଯେପରି କହିଛନ୍ତି ଏହା "ଯେଉଁ ଲୋକ ବିଶ୍ୱାସ କରେ ନିଜର ଚିନ୍ତାର ଭୁଲଯୋଗୁଁ ତାହାର କଳ୍ପନା ବ୍ୟର୍ଥ ହୋଇନାହିଁ, ମାତ୍ର ଅନ୍ୟ କେହି ଜାଣିଲେ ତାହା ପଣ୍ଡ କରିଛି, ତାହା ଅପେକ୍ଷା ଭ୍ରାନ୍ତ ଲୋକ ଆଉ କେହି ନାହିଁ ।"

ଆମେ ସମସ୍ତେ ଏହି ଭ୍ରାନ୍ତ ଧାରଣା ପୋଷଣ କରିଥାଉଁ । ମୁଁ ବେଳେ ବେଳେ ଭାବେ ଯେ ଗାନ୍ଧିଜୀ ଏଥିରୁ ମୁକ୍ତ ନୁହନ୍ତି । ମାତ୍ର

Digitized by srujanika@gmail.com

ଆମେ ଅତ୍ୟନ୍ତ କାର୍ଯ୍ୟ କରୁ ଓ ଜୀବନ ସହିତ ସମ୍ପର୍କ ରଖୁ ଏବଂ ବେଳେ ବେଳେ ଆମର ପରୀକ୍ଷା ଓ ଭୁଲଦ୍ୱାରା ଭ୍ରାନ୍ତ ଧାରଣା ଦୂର ହୁଏ ଏବଂ ଆମେ କୌଣସିମତେ ଅଗ୍ରସର ହେଉ । ମାତ୍ର ଲିବରାଲମାନେହିଁ ବେଶୀ ଦୁଃଖ ପାଆନ୍ତି । କାରଣ ଭୁଲ ହୋଇଯିବା ଭୟରେ ସେମାନେ କାର୍ଯ୍ୟ କରନ୍ତି ନାହିଁ, ପଡ଼ିଯିବା ଭୟରେ ସେମାନେ ଗତି କରନ୍ତି ନାହିଁ —ଜନସାଧାରଣଙ୍କ ସହିତ ସମସ୍ତ ପ୍ରକାର ମଧୁର ସମ୍ପର୍କରୁ ସେମାନେ ଅଲଗା ରହନ୍ତି ଏବଂ ନିଜ ନିଜର ମାନସିକ କୋଠରୀରେ ମନ୍ତ୍ରମୁଗ୍ଧ ପରି ରହନ୍ତି । ଦେଢ଼ବର୍ଷ ପୂର୍ବେ ଶ୍ରୀନିବାସ ଶାସ୍ତ୍ରୀ, ତାଙ୍କର ଲିବରାଲ ବନ୍ଧୁ-ମାନଙ୍କୁ ସତର୍କ କରି କହିଥିଲେ "ଦୂରରେ ଛିଡ଼ା ହୋଇ ଘଟଣା ଗତି କରିଯାଉଥିବାର ଦେଖନା ।" ଏହି ସତର୍କ ବାଣୀରେ ଯେ ସତ୍ୟତା ଥିଲା ତାହା ସେ ନିଜେ ହୁଏତ ବୁଝି ପାରି ନଥିଲେ । ସରକାର କ'ଣ କରୁଛନ୍ତି ସେହି ଦୃଷ୍ଟିରେ ସର୍ବଦା ଚିନ୍ତା କରୁଥିବା ହେତୁ ଭିନ୍ନ ସରକାରୀ କମିଟିଗୁଡ଼ିକର କିପରି ଶାସନତନ୍ତ୍ରଗତ ପରିବର୍ତ୍ତନ କରୁଛନ୍ତି ତାହା ଲକ୍ଷ୍ୟ କରି ସେ ହୁଏତ କହୁଥିଲେ । ମାତ୍ର ଦୁର୍ଭାଗ୍ୟର କଥା ଯେ ତାଙ୍କ ନିଜ ଦେଶର ଲୋକେ ଅଗ୍ରସର ହେଉଥିଲାବେଳେ ଲିବରାଲମାନେ ଦୂରରେ ଛିଡ଼ା ହୋଇ ଘଟଣା ଅତିକ୍ରମ କରିବାର ଦେଖିଲେ । ସେମାନେ ନିଜ ଦେଶର ଲୋକଙ୍କୁ ଭୟ କରୁଥିଲେ ଏବଂ ସେମାନେ ଶାସକମାନଙ୍କ ସହିତ କଳହ କରିବା ଅପେକ୍ଷା ନିଜ ଦେଶର ଜନସାଧାରଣଠାରୁ ବିଚ୍ଛିନ୍ନ ହେବାଟାହିଁ ପସନ୍ଦ କଲେ । ସୁତରାଂ ସେମାନେ ନିଜ ଦେଶରେ ଯେ ଅପରିଚିତ ହୋଇ ରହିଲେ ଏବଂ ସେମାନଙ୍କୁ ସେହିପରି ଛିଡ଼ାହୋଇଥିବା ଅବସ୍ଥାରେ ଛାଡ଼ି ଜୀବନ ଗତି କରିଗଲା ଏଥିରେ ବିଚିତ୍ର କ'ଣ ଅଛି ? ଆମ ଦେଶର ଲୋକେ ଜୀବନ ଓ ସ୍ୱାଧୀନତା ସକାଶେ ଭୀଷଣ ସଂଗ୍ରାମ କରୁଥିଲା-ବେଳେ ଲିବରାଲମାନେ କେଉଁ ପକ୍ଷରେ ରହିଲେ ଏଥିରେ ଅଦୌ ସନ୍ଦେହ ରହିଲା ନାହିଁ । ସେମାନେ ଅନ୍ୟ ପକ୍ଷରେ ରହି ଆମମାନଙ୍କୁ ପରାମର୍ଶ ଦେଉଥିଲେ, ବଡ଼ ବଡ଼ ନୀତି କଥା ଶୁଣାଇଲେ ଏବଂ ଅଠାପଦ୍ଧତେ ଲିମନ୍ଦନ କରୁଥିଲେ । ଗୋଲଟେବୁଲ ସମିତି ଓ କମିଟିମାନଙ୍କରେ ସେମାନଙ୍କର ସହଯୋଗ ସରକାର ପକ୍ଷରେ କେତେକ ପରିମାଣରେ ଭ

Digitized by srujanika@gmail.com

ହୋଇଥିଲା । ସେମାନେ ଅସ୍ୱୀକାର କରୁଥିଲେ ଅବସ୍ଥାର ପାର୍ଥକ୍ୟ ଘଟିଥାନ୍ତା । ଉଲ୍ଲେଖଯୋଗ୍ୟ କଥା ହେଉଛି ଏକ ସଙ୍କଳନାରୁ ବ୍ରିଟିଶ ଲେବର ପାର୍ଟି ଅଲଗା ରହୁଥିଲେ; ଅଥଚ ନ ଦିବା ନିମନ୍ତେ କେତେକଣ ଇଂରେଜଙ୍କ ଅନୁରୋଧ ସତ୍ତ୍ୱେ ଆମର ଲିବରାଲମାନେ ସହଯୋଗ କରୁଥିଲେ ।

ଆମେ ନାନା ବିଷୟରେ କେତେକ ପରିମାଣରେ ମଡ଼େରେଟ ବା ଚରମପନ୍ଥୀ । ଆମେ ଯଦି କୌଣସି କାର୍ଯ୍ୟପ୍ରତି ବିଶେଷ ମନଧ୍ୟାନ ଦେଉଁ ତେବେ ସେ ସମ୍ବନ୍ଧରେ ଦୃଢ଼ଭାବରେ ଅନୁଭବ କରୁ ଏବଂ ଚରମପନ୍ଥୀ ହୋଇପଡ଼ୁ । ନଚେତ୍ ଆମେ ଗୋଟାଏ ଭଦ୍ର ସହିଷ୍ଣୁତା ଓ ଦାର୍ଶନିକ ସଂଯମ ଦେଖାଉ—ଏହା ପ୍ରକୃତରେ ଆମର ଉଦାସୀନତାକୁ ଘୋଡ଼ାଇ ରଖେ । ମୁଁ ଦେଖିଛି ଆମ ଦେଶରେ କେତେକ ନ୍ୟସ୍ତ ସ୍ୱାର୍ଥଙ୍କୁ ଲୋପ କରିବା ପ୍ରସ୍ତାବ ପଡ଼ିବା ମାତ୍ରକେ କେତେକ ଅତି ନରମ ମଡ଼େରେଟ ମଧ୍ୟ ଅତ୍ୟନ୍ତ ସଂଗ୍ରାମଶୀଳ ମନୋଭାବ ଦେଖାଇଥିଲେ । ଆମର ଲିବରାଲ ବନ୍ଧୁମାନେ କେତେକ ପରିମାଣରେ ଉନ୍ନତ ଓ ସଂଗତିସଂପନ୍ନ ଲୋକଙ୍କର ପ୍ରତିନିଧି । ସେମାନେ ସ୍ୱରାଜ୍ୟପାଇଁ ଅପେକ୍ଷା କରିପାରନ୍ତି—ମାତ୍ର ସେଥିଲାଗି ଉତ୍ତେଜିତ ହୋଇପାରିବେ ନାହିଁ । ମାତ୍ର ଏକ ଆମୂଳ ସାମାଜିକ ପରି-ବର୍ତ୍ତନ ବାସ୍ତବରେ ସେମାନେ ଅତ୍ୟନ୍ତ ଚଞ୍ଚଳ ହୋଇ ପଡ଼ନ୍ତି ଏବଂ ଏତେବେଳେ ସେମାନେ ଆଉ ସେପରି ମଡ଼େରେଟ କିମ୍ବା ସୁନ୍ଦର ଯୁକ୍ତିଯୁକ୍ତ ହୋଇପାରନ୍ତି ନାହିଁ । ସୁତରାଂ ବ୍ରିଟିଶ ସରକାର ପ୍ରତି ସେମାନଙ୍କର ମଡ଼େରେଟ ମନୋବୃତ୍ତି ପ୍ରଯୁଜ୍ୟ ଏବଂ ସେମାନଙ୍କର ଆଶା ଯେ ସେମାନେ ଯଦି ଯଥେଷ୍ଟ ସମ୍ମାନଜନକ ଓ ମିଳାମିଶାପ୍ରିୟ ହେବେ, ସେମାନଙ୍କ ଆଚରଣରେ ସନ୍ତୁଷ୍ଟ ହୋଇ ତାହାର ପୁରସ୍କାର ସ୍ୱରୂପ ସରକାର ତାଙ୍କ କଥାକୁ ଖାତିର କରିବ । ବ୍ରିଟିଶ ଦୃଷ୍ଟିକୋଣ ଗ୍ରହଣ କରିବା ସେମାନଙ୍କ ପକ୍ଷରେ ଅନିବାର୍ଯ୍ୟ । 'ନୀଳପୁସ୍ତକ' ସବୁ ସେମାନେ ଆଗ୍ରହର ସହିତ ପଢ଼ନ୍ତି ଏରସ୍କାଇନ୍‌ମେଙ୍କ ରଚିତ 'ପାର୍ଲିମେଣ୍ଟାରୀ ପ୍ରାକ୍ଟିସ୍' ଏବଂ ଏହିପରି ପୁସ୍ତକ-ସବୁ ସେ ବାରବାର ପଢ଼ନ୍ତି—ନୂତନ ସରକାରୀ ରିପୋର୍ଟ ପ୍ରକାଶିତ ହେଲେ ତାଙ୍କ ପକ୍ଷରେ ଉତ୍ତେଜନା ଓ କଳ୍ପନାର ବସ୍ତୁ ହୋଇ ପଡ଼େ । ଇଂଲଣ୍ଡରୁ

Digitized by srujanika@gmail.com

ଫେରୁଥିବା ଲିବରାଲମାନେ ହ୍ୱାଇଟହଲ (ଇଂଲଣ୍ଡ ଶାସକବର୍ଗଙ୍କ ଅଫିସ) ସମ୍ବନ୍ଧରେ ରହସ୍ୟମୟ ବକ୍ତୃତା ଦିଅନ୍ତି; କାରଣ ଲିବରାଲ, ରେସ୍ପନ୍‌ସିଭିଷ୍ଟ ଓ ଏହିପରି ଅନ୍ୟ ଦଳଙ୍କ ପକ୍ଷରେ ହ୍ୱାଇଟହଲ ହେଉଛନ୍ତି ଇନ୍ଦ୍ରଲୋକ । ପୂର୍ବ-କାଳରେ କୁହା ହେଉଥିଲା ଯେ ଭଲ ଆମେରିକାନ୍‌ମାନେ ମଲାପରେ ପାରିସ ଯାଉଥିଲେ ଏବଂ ହୁଏତ ଭାରତର ଭଲ ଲିବରାଲମାନେ ମୃତ୍ୟୁ ପରେ ଭୂତ ହୋଇ ହ୍ୱାଇଟହଲରେ ବୁଲନ୍ତି ।

ମୁଁ ଲିବରାଲଙ୍କ ସମ୍ବନ୍ଧରେ ଲେଖୁଛି—ମାତ୍ର ଏଥିରେ ମୁଁ ଯାହା ଲେଖିଛି ସେଥିରୁ ଅଧିକାଂଶ କଂଗ୍ରେସ ଭିତରୁ ଅନେକଙ୍କ ଠାରେ ମଧ୍ୟ ପ୍ରଯୁଜ୍ୟ । ଯେଉଁ ରେସ୍ପନ୍‌ସିଭିଷ୍ଟମାନେ ଲିବରାଲମାନଙ୍କଠାରୁ ଉଦାର ନୀତିରେ ଆହୁରି ଦୂରକୁ ଯାଇଛନ୍ତି ଏହା ସେମାନଙ୍କ ପ୍ରତି ମଧ୍ୟ ଖାଟିବ । ସାଧାରଣ କଂଗ୍ରେସ ଲୋକ ଓ ସାଧାରଣ ଲିବରାଲଙ୍କ ଭିତରେ ବହୁତ ପାର୍ଥକ୍ୟ ରହିଛି; ତଥାପି ବ୍ୟବଧାନରେଖା ସେପରି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ନୁହେଁ । ମାତ୍ର ଗାନ୍ଧିଜୀଙ୍କ ପ୍ରେରଣା ବଳରେ ପ୍ରତ୍ୟେକ କଂଗ୍ରେସ ଲୋକ ତାଙ୍କ ନିଜ ଦେଶ ଓ ଦେଶର ଲୋକଙ୍କ ସହିତ କିଛି ସମ୍ପର୍କ ରଖିପାରିଛି—ସେ କାର୍ଯ୍ୟରେ ବ୍ରତୀ ହୋଇଛି ଏବଂ ଏହି କାରଣରୁ ଅସ୍ପଷ୍ଟ ଓ ଦୋଷଯୁକ୍ତ ମତବାଦର ଫଳାଫଳରୁ ସେ ରକ୍ଷା ପାଇଛି । ମାତ୍ର ଲିବରାଲମାନଙ୍କ ପକ୍ଷରେ ଏହା ନୁହେଁ; ସେମାନେ ପୁରାତନ ଓ ନୂତନ ଉଭୟ ସହିତ ସମ୍ପର୍କ ହରାଇଛନ୍ତି । ଦଳ ହିସାବରେ ସେମାନେ କ୍ରମେ ଲୋପ ପାଇଯାଉଛନ୍ତି ।

ମୋର ମନେହୁଏ ଆମ ଭିତରୁ ଅଧିକାଂଶ ପୁରୁଣା ପୌରାଣିକ ଭାବ ହରାଇଛୁଁ ଏବଂ ନୂତନ ଦୃଷ୍ଟିକୋଣ କିଛି ଗ୍ରହଣ କରିନାହୁଁ । 'ଭବଣୀ ସମୁଦ୍ରରୁ ଆବିର୍ଭୂତା ଦେଉଥିବାର' ଏବଂ 'ମହାଦେବଙ୍କର ସିଂହ ଝଙ୍କାର' ଆମେ ଆଉ ଦେଖିବୁ ନାହିଁ—ଏପରି ସୌଭାଗ୍ୟ ଅତି ଅଳ୍ପ ଲୋକଙ୍କର ହୁଏ ଯେଉଁମାନେ 'ବାଲିକଣା ଭିତରେ ସ୍ୱର୍ଗ ଦେଖିବା, ବନ୍ୟ ଫୁଲଭିତରେ ସ୍ୱର୍ଗ ଦେଖାଯାଏ ଅନନ୍ତକୁ ନିଜ ହାତ ପାପୁଲିରେ ଧରିପାରନ୍ତି ଏବଂ ମୁହୂର୍ତ୍ତି ମଧ୍ୟରେ ଅନନ୍ତକାଳ ଅନୁଭବ କରନ୍ତି ।'

Digitized by srujanika@gmail.com

ଦୁର୍ଭାଗ୍ୟର କଥା ଆମ ଭିତରୁ ଅଧିକାଂଶ ପ୍ରକୃତିର ରହସ୍ୟମୟ ଜୀବନ ଅନୁଭବ କରିପାରୁନା; ତାହାର କଥା ଗୋପନରେ ଆମ କାନରେ ଶୁଣାଯାଏ ନାହିଁ ଏବଂ ତାହାର ସ୍ପର୍ଶରେ ଆମେ ଉତ୍‌ଫୁଲ୍ଲ ହେଉନାହିଁ । ସେ ଦିନ ଯାଇଛି । ପୂର୍ବକାଳପରି ଆମେ ପ୍ରକୃତି ଭିତରେ ମହାନ୍‌ଭାବ ଦେଖି ନପାରିଲେ ସୁଦ୍ଧା ଆମେ ତାହା ମନୁଷ୍ୟର ଗୌରବ ଓ ବେଦନା ଭିତରେ ଦେଖିପାରୁ—ଏହାର ବିପୁଳ ସ୍ୱପ୍ନ, ଅନ୍ତରର ଝଡ଼, ଏହାର ଅନ୍ତର୍ଜ୍ୱାଳା ଓ ନିଷ୍ଫଳତା, ଏହାର ଦ୍ୱନ୍ଦ୍ୱ ଓ ନିର୍ଯାତନା ଭିତରେ ସର୍ବୋପରି ଗୋଟାଏ ମହାନ୍ ଭାଗ୍ୟରେ ଏହାର ବିଶ୍ୱାସ ଏବଂ ସ୍ୱପ୍ନ ସଫଳ ହେବାରେ କିପରି ଧାରଣା ତାହା ଦେଖିପାରୁଁ । ଏହି ଅନୁସନ୍ଧାନ ହେତୁ ଯେଉଁସବୁ ହୃଦ୍‌ଭଙ୍ଗ ଘଟେ ସେଥିରୁ ସାନ୍ତ୍ୱନା ମିଳେ ଏବଂ ମନୁଷ୍ୟର କ୍ଷୁଦ୍ରତାରୁ ଅନେକ ସମୟରେ ଲୋକ ଉପରକୁ ଉଠେ । ମାତ୍ର ଅନେକ ଏହି ଅନୁସନ୍ଧାନ କରି-ନାହାନ୍ତି—ପୁରାତନ ରୀତିନୀତିରୁ ବିଚ୍ଛିନ୍ନ ହୋଇଯାଇଛନ୍ତି, ଅଥଚ ବର୍ତ୍ତମାନର ପଥ ଅନୁସରଣ କରିପାରିନାହାନ୍ତି । ସେମାନେ ସ୍ୱପ୍ନ ଦେଖନ୍ତି ନାହିଁ କିମ୍ବା କାର୍ଯ୍ୟ କରନ୍ତି ନାହିଁ । ଋଷ ଫରାସି ବିପ୍ଳବ କିମ୍ବା ରୁଷ ବିପ୍ଳବ ପରେ ମନୁଷ୍ୟର ପ୍ରଚଣ୍ଡ ଆନ୍ଦୋଳନ କଥା ସେମାନେ ବୁଝି ପାରନ୍ତି ନାହିଁ । ଦୀର୍ଘକାଳ ଧରି ନିଷ୍ପେଷିତ ମନୁଷ୍ୟର କଠୋର ଆଶଙ୍କାସବୁ ଦ୍ରୁତବେଗରେ ଜଟିଳଭାବରେ ଆବିର୍ଭୂତ ହେଲେ ସେମାନେ ଭୟଭୀତ ହୋଇଯାଆନ୍ତି । ସେମାନଙ୍କ ଦୃଷ୍ଟିରେ 'ବାସ୍ତିଲ' ଏପର୍ଯ୍ୟନ୍ତ ଧ୍ୱଂସ ହୋଇନାହିଁ ।

ସମସ୍ତ ସମୟରେ ନ୍ୟାୟସଙ୍ଗତରୂପେ ବିକୃତଭାବ ଦେଖାଇ କହନ୍ତି ଯେ 'ଦେଶପ୍ରେମ କିଛି କଂଗ୍ରେସ ଲୋକଙ୍କର ଏକଚାଟିଆ ଅଧିକାର ନୁହେଁ ।' କୌଣସି ମୌଳିକତା ନ ଥାଇ ବାରମ୍ବାର ଏହି ବ୍ୟବହାର କରିଯାଉ ଥିବାରୁ ଦୁଃଖଲାଗେ । ମୋର ଆଶା କୌଣସି କଂଗ୍ରେସ ଲୋକ ମନରେ ଏପରି ଭାବ ନାହିଁ । ଅବଶ୍ୟ ଏହା କଂଗ୍ରେସର ଏକଚାଟିଆ ଅଧିକାର ବୋଲି ମୁଁ ମନେ କରେନା ଏବଂ ଅନ୍ୟ କେହି ଚାହିଁଲେ ମୁଁ ତାକୁ ଆନନ୍ଦରେ ଏହା ଉପହାର ଦେବି । ଅନେକ ସମୟରେ ସୁବିଧାବାଦୀ ଓ ଭାଗ୍ୟାନ୍ୱେଷୀ-ମାନେ ଏହାକୁ ଅସ୍ତ୍ରରୂପେ ବ୍ୟବହାର କରନ୍ତି—ସଙ୍କୁ ସ୍ୱାର୍ଥ; ସ...

Digitized by srujanika@gmail.com

ଛୁଟ ଓ ସବୁ ଶ୍ରେଣୀର ଉପଯୋଗୀ ନାନା ପ୍ରକାର ସ୍ୱଦେଶପ୍ରେମ ଅଛି । ଜନ୍‌ସନ୍ ଆଜି ଯଦି ଜୀବିତ ଥାଆନ୍ତେ, ତେବେ ସେ ତାଙ୍କ ନାମରେ ଦେଶ-ପ୍ରେମ କରନ୍ତେ । ଦେଶପ୍ରେମହିଁ ଆଉ ଯଥେଷ୍ଟ ଧର୍ତ୍ତବ୍ୟ ନାହିଁ—ଆହୁରି ଉଚ୍ଚତର, ବ୍ୟାପକ ଓ ମହତ୍ତର କାର୍ଯ୍ୟର ଆବଶ୍ୟକତା ଅଛି ।

ଧୀର ପ୍ରକୃତି ବା ମଡ଼େରେସନ୍ ମଧ୍ୟ ଯଥେଷ୍ଟ ବୋଲି ଧର୍ତ୍ତବ୍ୟ ନାହିଁ । ସଂଯମ ଭଲ ଏବଂ ଏହା ଆମ ସଂସ୍କୃତିର ମାପକାଠି, ମାତ୍ର ଏହି ମାପକାଠି ପଛରେ ଅନେକ ଜିନିଷ ଅଛି ଯାହାକୁ ସଂଯତ କରି ରଖିବାକୁ ପଡ଼ିବ । ମାନବ ନିଜେ ଅନେକ ଜିନିଷ ନିୟନ୍ତ୍ରଣ କରୁଛି—ଜଡ଼ ପ୍ରକୃତିକୁ ଆୟତ୍ତ କରୁଛି—ବଜ୍ର ବିଦ୍ୟୁତକୁ ଅତିକ୍ରମ କରୁଛି—ଉଜ୍ଜ୍ୱଳ ଅଗ୍ନି ଏବଂ ଖରସ୍ରୋତା ନଦୀକୁ ଆୟତ୍ତ କରି ବ୍ୟବହାର କରୁଛି; ମାତ୍ର ଯେଉଁ ଆବେଗ ଓ ଆକାଙ୍‌କ୍ଷା ତାହାର ହୃଦୟକୁ ଦହନ କରୁଛି ତାକୁ ଆୟତ୍ତ କରିବା ଅଧିକତର କଷ୍ଟକର । ଯେତେଦିନ ପର୍ଯ୍ୟନ୍ତ ଏହାକୁ ସେ ଆୟତ୍ତ କରିପାରି ନାହିଁ, ସେତେଦିନ ପର୍ଯ୍ୟନ୍ତ ତାର ମାନବିକ ସମ୍ପଦର ସେ ଉତ୍ତରାଧିକାରୀ ହୋଇ ପାରିବ ନାହିଁ । ମାତ୍ର ଆମେ କ'ଣ ଗତିରହିତ ପାଦ ଓ ଅସାଡ଼ ହାତକୁ ସଂଯତ କରିବା ?

ଦକ୍ଷିଣ ଆଫ୍ରିକା ଔପନିବେଶିକମାନଙ୍କୁ ଲକ୍ଷ୍ୟ କରି ରଏ କାମ୍ପବେଲ ଲେଖିଥିବା ଦୁଇଧାଡ଼ି ଏଠାରେ ଉଦ୍ଧୃତ କରିବା ଲୋଭ ମୁଁ ସମ୍ବରଣ କରି ପାରୁନାହିଁ । ଏ ଦୁଇଧାଡ଼ି ଭାରତର କେତେକ ରାଜନୀତିଜ୍ଞଙ୍କ ଦଳ ପ୍ରତି ସମାନ-ଭାବରେ ପ୍ରଯୁଜ୍ୟ :—

"ତୁମେ ଯେଉଁ ଦୃଢ଼ ସଂଯମ କରି ଲେଖ ସେମାନେ ତାହା ପ୍ରଶଂସା କରିବେ—ମୁଁ ଅବଶ୍ୟ ତାହାସହିତ ଏକମତ । ତୁମ ହାତରେ ଦଉଡ଼ି ଅଛି, ସଂଯତ କରିବାର ଜିହ୍ୱା ଲଗାମ୍ ଅଛି; ମାତ୍ର ତୁମର ଘୋଡ଼ା କାହିଁ ?"

ଆମ ଲିବରାଲ ବନ୍ଧୁମାନେ କହନ୍ତି ଯେ ଦୁଇ ଚରମପନ୍ଥୀଙ୍କ ମଧ୍ୟରେ ଅର୍ଥାତ୍ ଏକ ପକ୍ଷରେ କଂଗ୍ରେସ ଓ ଅନ୍ୟ ପକ୍ଷରେ ସରକାରକୁ ରଖି

Digitized by srujanika@gmail.com

ସେମାନେ ସଂକୀର୍ଣ୍ଣ ଅଥବ ପ୍ରକୃଷ୍ଟ ପଥରେ ଗତି କରନ୍ତି । ସେମାନେ ଉଭୟଙ୍କର ଦୋଷରୁ ନିଜକୁ ଗଡ଼ାନ୍ତି ଏବଂ ଦୁଇ ପକ୍ଷ ଦୋଷରୁ ମୁକ୍ତ ବୋଲି ନିଜକୁ ଧନ୍ୟବାଦ ଦିଅନ୍ତି । ସେମାନେ ସମତୁଲ ରଖିବାର ଉଦ୍ୟମ କରନ୍ତି ଏବଂ ମୋର ମନେହୁଏ ନ୍ୟାୟବିଚାରକ ପରି ଆଖି ବୁଜନ୍ତି କିମ୍ବା ବାନ୍ଧି ରଖନ୍ତି । କଳ୍ପନାର ସୁଦୂର ଅତୀତରେ ସେ ପ୍ରସିଦ୍ଧ ଚିତ୍କାର ଶୁଣିବାରେ ମୋର ଆନନ୍ଦ—"ଶାସ୍ତ୍ରବିଖ୍ୟାତ ଧର୍ମଧ୍ୱଜୀ ଭଣ୍ଡମାନେ—ହେ ଅନ୍ଧ ପଥପ୍ରଦର୍ଶକ—ତମେ ମଶା ଦେଖିଲେ ନମ୍ର ହୋଇଯାଅ, କିନ୍ତୁ ଓଟ ଗିଳିବାରେ ପଟୁ ।"

Digitized by srujanika@gmail.com

୫୨

ଔପନିବେଶିକ ସ୍ୱାୟତ୍ତଶାସନ ଓ ସ୍ୱାଧୀନତା

ଗତ ୧୭ ବର୍ଷ ହେଲ ଯେଉଁମାନେ କଂଗ୍ରେସର ନୀତ ଚଳାଉଛନ୍ତ ସେମାନଙ୍କ ଭିତରୁ ଅଧିକାଂଶହିଁ ମଧ୍ୟବିତ୍ତ ଶ୍ରେଣୀର ଲୋକ । ଲିବରାଲ ବା କଂଗ୍ରେସଲୋକ ସମସ୍ତେ ଏକାଶ୍ରେଣୀରୁ ଆସିଛନ୍ତି ଏବଂ ଏକ ପାରିପାର୍ଶ୍ୱିକ ଅବସ୍ଥାରେ ବଢ଼ିଛନ୍ତି । ସେମାନଙ୍କର ସାମାଜିକ ଜୀବନ, ସମ୍ବନ୍ଧ ଓ ବନ୍ଧୁତାରେ ସାମଞ୍ଜସ୍ୟ ରହିଛି—ସେମାନେ ଯେଉଁ ଦୁଇପ୍ରକାର ବୁର୍ଜୋୟା ମତବାଦ ଗ୍ରହଣ କରିଥିଲେ ସେଥିରେ ପ୍ରଥମେ ବିଶେଷ କିଛି ପାର୍ଥକ୍ୟ ନ ଥିଲା । ଚରିତ୍ରଗତ ଓ ମାନସିକ ଅବସ୍ଥାର ପାର୍ଥକ୍ୟହିଁ ସେମାନଙ୍କୁ ବିଚ୍ଛିନ୍ନ କଲା ଏବଂ ସେମାନେ ଭିନ୍ନ ଦିଗରେ ଦୃଷ୍ଟିପାତ କଲେ—ଏକ ଦଳ ଅଧିକ ପରିମାଣରେ ଧନୀ, ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀ ଓ ସରକାର-ଆଡ଼କୁ ଗଲେ ଏବଂ ଅନ୍ୟ ଦଳ ନିମ୍ନ ମଧ୍ୟବିତ୍ତ ଶ୍ରେଣୀଆଡ଼କୁ ଦୃଷ୍ଟିପାତ କଲେ । ମତବାଦ ଏବେ ପୂର୍ବ ସମାନ ରହିଥିଲା, ଲକ୍ଷ୍ୟରେ ପ୍ରଭେଦ ନ ଥିଲା ! ମାତ୍ର ଦ୍ୱିତୀୟ ଦଳ ପଶ୍ଚାତରେ ହାଟ ବଜାର ଓ ବେକାର ଶ୍ରେଣୀଙ୍କୁ ବହୁସଂଖ୍ୟାରେ ଆସି ଯୋଗ ଦେଇ ତାଙ୍କୁ ଅଗ୍ରସର କରାଇଲେ । ଭାଷା ପରିବର୍ତ୍ତିତ ହେଲା—ଏହା ଆଉ ସମ୍ମାନଜନକ ଓ ଭଦ୍ର ହୋଇ ରହିଲା ନାହିଁ, କର୍କଶ ଓ ଆକ୍ରମଣମୂଳକ ହୋଇ ଉଠିଲା । କାର୍ଯ୍ୟପ୍ରଦ ସ୍ୱରରେ କିଛି କରି ନ ପାରିବାରୁ କଡ଼ା ଭାଷା ବ୍ୟବହାର କରିବାରେ ଆରାମ ବୋଧ କଲେ । ଏହି ନୂତନ ପରିସ୍ଥିତିରେ ଭୟଭୀତ ହୋଇ ମଡରେଟମାନେ ଖସି ପଡ଼ିଲେ ଏବଂ ନିରାପଦସ୍ଥାନରେ ଆଶ୍ରୟ ନେଲେ, ଏପରିକି କଂଗ୍ରେସରେ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟ ବହୁ ପରିମାଣରେ ଥିଲେ—ଅବଶ୍ୟ ସଂଖ୍ୟାରେ ନିମ୍ନ ଶ୍ରେଣୀର ବୁର୍ଜୋୟାଙ୍କ ସଂଖ୍ୟା ବେଶୀ । ସେମାନେ ଯାହା ଯେ ଜାତୀୟ ସଂଗ୍ରାମର ସଫଳତାର ଆଶାରେ ଆସିଥିଲେ ତାହା ନୁହେଁ, ଏହି

Digitized by srujanika@gmail.com

ସଂଗ୍ରାମରେ ଗୋଟାଏ ଅନ୍ତରର ସନ୍ତୋଷ ଲାଭ କରିଥିଲେ । ଏହା କରଣରେ ସେମାନଙ୍କର ହରାଇଥିବା ଗର୍ବ ଓ ଆତ୍ମମର୍ଯ୍ୟାଦା ପୁନରୁଦ୍ଧାର କରିବାକୁ ଚାହୁଁଥିଲେ—ଜାତିର ମର୍ଯ୍ୟାଦାକୁ ପୁଣି ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଥିଲେ । ଏହା ଥିଲା ସାଧାରଣ ଜାତୀୟତାବାଦର ପ୍ରେରଣା—ଦୁହିଁଙ୍କ ପକ୍ଷରେ ଏହା ସମାନ ଥିଲେ ମଧ୍ୟ ଏହିଠାରେ ହିଁ ମଡରେଟ ଓ ଚରମ-ପନ୍ଥୀଙ୍କଠାରେ ମାନସିକ ପାର୍ଥକ୍ୟ ଦୃଷ୍ଟିଗୋଚର ହେଲା । କ୍ରମେ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ କଂଗ୍ରେସରେ ପ୍ରାଧାନ୍ୟ ଲଭିଲେ ଏବଂ ପରେ କୃଷକମାନେ ମଧ୍ୟ ପ୍ରଭାବ ବିସ୍ତାର କଲେ ।

କଂଗ୍ରେସ ଅଧିକରୁ ଅଧିକ ସଂଖ୍ୟାରେ ମଫସଲର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିବାରୁ ଲିବରାଲଙ୍କ ସହିତ ଏହାର ଯେ ପାର୍ଥକ୍ୟ ଥିଲା ତାହା ଆହୁରି ବଢ଼ିଗଲା ଏବଂ କଂଗ୍ରେସ ଦୃଷ୍ଟିକୋଣ ବୁଝିବା ବା ପସନ୍ଦ କରିବା ଲିବରାଲଙ୍କ ପକ୍ଷରେ ପ୍ରାୟ ଅସମ୍ଭବ ହୋଇ ଉଠିଲା । ଉଚ୍ଚଶ୍ରେଣୀର ବୈଠକଖାନା ପକ୍ଷରେ ମଫସଲର କ୍ଷୁଦ୍ର କୁଟୀର ବା ମାଟି କୁଡ଼ିଆକୁ ବୁଝିପାରିବା ସହଜ ନୁହେଁ । ଅଥଚ ଏହି ସବୁ ପାର୍ଥକ୍ୟ ସତ୍ତ୍ୱେ ଉଭୟ ମତବାଦହିଁ ଜାତୀୟତାବାଦୀ ଓ ବୁର୍ଜୋୟାବାଦୀ ଥିଲା; ଏହାର ପାର୍ଥକ୍ୟ କେବଳ ସ୍ତରଭେଦ, ମୂଳ ପଦାର୍ଥରେ ନୁହେଁ । କଂଗ୍ରେସରେ ଶେଷ ପର୍ଯ୍ୟନ୍ତ ଏପରି ଲୋକ ରହିଛନ୍ତି ଯେଉଁମାନେ କି ଲିବରାଲ ଦଳ ସହିତ ସମ୍ପୂର୍ଣ୍ଣ ଏକମତ ହୋଇପାରନ୍ତି ।

ଅନେକ ପୁରୁଷ ପର୍ଯ୍ୟନ୍ତ ଇଂରେଜମାନେ ଭାରତବର୍ଷକୁ ନିଜର ବୃହତ୍ ମଫସଲ ଘର (ପୁରାତନ ଇଂରେଜ ଫେଶନ ଅନୁସାରେ) ଭାବିବାକୁ ଲାଗିଲେ—ଏହା ତାଙ୍କର ଅଧିକାରରେ ଅଛି । ସେହି ଭଦ୍ରବ୍ୟକ୍ତିମାନେହିଁ ଘରର ଅଧିକାରୀ ଏବଂ ଏହାର ଭଲ ଅଂଶରେ ବାସ କରିବେ, ଭାରତୀୟମାନେ ଚାକରମାନଙ୍କ ଘରେ, ରୋଷେଇଶାଳରେ ରହିବେ । ପ୍ରତ୍ୟେକ ମଫସଲ ଘରେ ନିମ୍ନ ପଦଗୁଡ଼ିକ କାହା ପରେ କିଏ ରହିବ ତାହା ନିର୍ଦ୍ଦିଷ୍ଟ ହୋଇ ରହିଥାଏ—ସର୍ଦ୍ଦାର-ଚାକର, ବଜାର ଚାକର,

Digitized by srujanika@gmail.com

ତଦ୍‌ବୀର କାରକ, ଘର ରକ୍ଷକ, ପୁଷ୍ପାରୀ, ଖାନସାମା, ଗୃହରକ୍ଷୀ, ବଠୁଆନ୍ ଇତ୍ୟାଦି—ପ୍ରତ୍ୟେକଙ୍କୁ ନିୟମାନୁସାରେ ଚଳିବା ନିମନ୍ତେ କଠୋର ବ୍ୟବସ୍ଥା କରାଯାଇଥାଏ । ମାତ୍ର ଘରର ଉପର ଓ ନିମ୍ନ ଅଞ୍ଚଳ ଭିତରେ ସାମାଜିକ ଓ ରାଜନୀତିକ ସ୍ତରରେ ଗୋଟିଏ ଅଭେଦ୍ୟ ବାଧା ଥାଏ । ବ୍ରିଟିଶ ସରକାର ଆମ ଉପରେ ଯେ ଏପରି ବ୍ୟବସ୍ଥା ଲଦି ଦେଇଛି ଏଥିରେ ବିଚିତ୍ର ହେବାର କିଛି ନାହିଁ; ମାତ୍ର ଆମମାନଙ୍କୁ ବା ଆମମାନଙ୍କ ଭିତରୁ ଅଧିକାଂଶଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଛି ଯେ ଆମେ ସମସ୍ତେ ଏହି ବ୍ୟବସ୍ଥାକୁ ଆମ ଜୀବନ ଓ ଭାଗ୍ୟ ନିୟନ୍ତ୍ରଣର ଅନିବାର୍ଯ୍ୟ ଓ ସ୍ୱାଭାବିକ ଘଟଣା ବୋଲି ଗ୍ରହଣ କରି ନେଉ । ଆମେ ଏକ ଭଲ ମଫସଲ ଘର ଗୃହର ମନୋବୃତ୍ତି କରିପାରୁଛୁ । ବେଳେ ବେଳେ ଆମକୁ ଦୁର୍ଲ୍ଲଭ ସମ୍ମାନ ଦିଆହୁଏ—ବୈଠକଖାନାରେ ଏକ ଅଧପିଆଲି ଚା ଖାଇବାକୁ ଦିଆଯାଏ । ଆମର ବ୍ୟକ୍ତିଗତ ଆକାଂକ୍ଷା ହେଲା ସମ୍ମାନଜନକ ହେବା ଏବଂ ଉପର ଶ୍ରେଣୀକୁ ନିଜେ ଉଠିବା । ଅସ୍ତ୍ରଶସ୍ତ୍ର ବା କୂଟନୀତିର ଜୟ ଅପେକ୍ଷା ଭାରତରେ ମାନସିକ ଜୟହିଁ ଇଂରେଜଙ୍କର ସର୍ବଶ୍ରେଷ୍ଠ ଜୟ । ପୁରୁଣା କାଳର ଜ୍ଞାନୀ ଲୋକେ ଯେପରି କହୁଥିଲେ ଦାସହିଁ ନିଜକୁ ଦାସରୂପେ ଭାବିବାକୁ ଆରମ୍ଭ କରେ ।

କାଳ ପରିବର୍ତ୍ତନ ହୋଇଛି—ମଫସଲ ଘରର ସଭ୍ୟତା କି ଭାରତ କି ଇଂଲଣ୍ଡ କେଉଁଠାରେ ଆଉ ସ୍ୱେଚ୍ଛାରେ ସ୍ୱୀକାର କରାଯାଉ ନାହିଁ—କିନ୍ତୁ ତଥାପି ଏହି ଗୃହର ଢଙ୍ଗରେ ରହିବାପାଇଁ ଇଚ୍ଛା କରୁଥିବା ଲୋକ ଅଛନ୍ତି ଏବଂ ସେମାନେ ତାଙ୍କ ଗୃହଶିର ମଖମଲ ପୋଷାକ ଆଦର ଗର୍ବ କରନ୍ତି । ଲିବରାଲମାନଙ୍କ ପରି ଅନ୍ୟମାନେ ଏହାକୁ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିଛନ୍ତି, ଏହି କଳାନୈପୁଣ୍ୟକୁ ଓ ବ୍ୟବସ୍ଥାକୁ ପ୍ରଶଂସା କରନ୍ତି ଏବଂ ମାଲିକମାନଙ୍କୁ ତଡ଼ି ଜଣ ଜଣ କରି ସେଠାରେ ନିଜେ ରହିବାଲାଗି ଇଚ୍ଛା କରନ୍ତି । ସେମାନେ ଏହାକୁ ଭାରତୀୟକରଣ ବୋଲି କହନ୍ତି । ତାଙ୍କ ମତରେ ଶାସନର ରଙ୍ଗ ବଦଳିଲେ କିମ୍ବା ଖୁବ୍ ବେଶୀ ହେଲେ ନୂତନ ଶାସନ ହେଲେହିଁ ସମସ୍ୟାର ସମାଧାନ ହୋଇଯିବ । ସେମାନେ ଏକ ନୂତନ ରାଷ୍ଟ୍ର ପ୍ରତିଷ୍ଠା ଦିଗରେ ଚିନ୍ତା କରନ୍ତି ନାହିଁ ।

Digitized by srujanika@gmail.com

ସେମାନଙ୍କ ମତରେ ପ୍ରତ୍ୟେକ କଥା ପୂର୍ବପରି ଚାଲୁଥିବ—କେବଳ କଲ୍ୟେକ ଟିକିଏ ବେଶୀ ହେବ। ସେମାନେ ଯେଉଁ ଭବିଷ୍ୟତ କଳ୍ପନା କରନ୍ତି ସେଥିରେ ସେମାନେ କିମ୍ବା ସେମାନଙ୍କ ପରି ଲୋକେ କର୍ତ୍ତୃତ୍ୱ କରିବେ ଏବଂ ଇଂରେଜ ଉଚ୍ଚ କର୍ମଚାରୀଙ୍କ ସ୍ଥାନ ଗ୍ରହଣ କରିବେ; ସେଥିରେ ପ୍ରଚଳିତ ପ୍ରଥାନୁସାରେ ଚାକିରୀ, ସଉଦାଗରୀ ଭାଗ, ବ୍ୟବସ୍ଥାସଭା, ବ୍ୟବସାୟ, ଶିଳ୍ପ ରହିବ; ଆଇ. ସି. ଏସ୍. ଚାକିରୀ ରହିଥିବ। ରାଜାମାନେ ରାଜପ୍ରାସାଦରେ ବାସ କରୁଥିବେ—ବେଳେ ବେଳେ ସେମାନେ ହୀରା-ଖଚିତ ସୁନ୍ଦର ଦରବାରୀ ପୋଷାକ ପିନ୍ଧି ପ୍ରଜାମାନଙ୍କୁ ଦର୍ଶନ ଦେବେ; ଜମିଦାରମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ଏବଂ ସେମାନେ କୃଷକମାନଙ୍କୁ ହରକତ କରୁଥିବେ; ମହାଜନ ତାର ଟଙ୍କା ଥଳୀ ଧରି ଜମିଦାର ଓ ପ୍ରଜା ଉଭୟଙ୍କୁ ହଇରାଣ କରୁଥିବେ, ଓକିଲ ତାର ଫିସ୍ ସେହିପରି ନେଉଥିବ; ଏବଂ ଭଗବାନ ତାଙ୍କ ସ୍ୱର୍ଗରେ ଆନନ୍ଦରେ ଥିବେ।

ସେମାନଙ୍କର ଦୃଷ୍ଟିକୋଣ ହେଉଛି ପ୍ରଚଳିତ ବ୍ୟବସ୍ଥାକୁ ଜାରି ରଖି ଚଳାଇବା ଏବଂ ସେମାନେ ଯେଉଁ ପରିବର୍ତ୍ତନ ଚାହାନ୍ତି ତାହା କେତେକ ବ୍ୟକ୍ତିବିଶେଷର ପରିବର୍ତ୍ତନ। ଇଂରେଜଙ୍କର ସଦିଚ୍ଛାରେ ସେମାନେ ଆସ୍ତେ ଆସ୍ତେ ଏ ପରିବର୍ତ୍ତନ ଚାହାନ୍ତି। ବ୍ରିଟିଶ ସାମ୍ରାଜ୍ୟର ଦୃଢ଼ତା ଓ ଚଳିବା ଉପରେହିଁ ତାଙ୍କର ରାଜନୀତି ଓ ଅର୍ଥନୀତି ପ୍ରତିଷ୍ଠିତ। ଏହି ସାମ୍ରାଜ୍ୟ ବରାବର ରହିଥିବ—ଅନ୍ତତଃ ଦୀର୍ଘକାଳ ରହିବ। ଏହା ଭାବି ସେମାନେ ଏଥିରେ ନିଜକୁ ଖାପ ଖୁଆଇ ନିଅନ୍ତି—ତେଣୁ ସେମାନେ ଯେ କେବଳ ଏହାର ରାଜନୈତିକ ଓ ଅର୍ଥନୈତିକ ଆଦର୍ଶ ଗ୍ରହଣ କରନ୍ତି ତାହା ନୁହେଁ, ଯେଉଁ ନୈତିକ ମାପକାଠି ବ୍ରିଟିଶର କର୍ତ୍ତୃତ୍ୱ ରଖିବାପାଇଁ ତିଆରି ହୋଇଛି ତାହା ମଧ୍ୟ ସେମାନେ ଅନେକ ପରିମାଣରେ ଗ୍ରହଣ କରନ୍ତି।

କଂଗ୍ରେସ ମନୋଭାବର ଏଥିସହିତ ମୂଳଗତ ପାର୍ଥକ୍ୟ ରହିଛି—କାରଣ ଏହା ଏକ ନୂତନ ରାଷ୍ଟ୍ର ବ୍ୟବସ୍ଥା ଚାହେଁ, କେବଳ ପୃଥକ ଶାସନ ନୁହେଁ। ଏହି ନୂତନ ରାଷ୍ଟ୍ର କିପରି ହେବ ସେ ସମ୍ବନ୍ଧରେ ହୁଏତ

Digitized by srujanika@gmail.com

ସାଧାରଣ କଂଗ୍ରେସ ଲୋକର ସ୍ପଷ୍ଟ ଧାରଣା ହୋଇ ନ ପାରିଥାଏ, ଏବଂ ଏ ସମ୍ବନ୍ଧରେ ମତଭେଦ ଥାଇପାରେ । ମାତ୍ର କଂଗ୍ରେସ ମହଲରେ ଏହା ସାଧାରଣ ଧାରଣା (କେବଳ ମୁଷ୍ଟିମେୟ ମଡ଼ରେଟଙ୍କୁ ଛାଡ଼ି) ଯେ ପ୍ରଚଳିତ ଅବସ୍ଥା ଓ ପନ୍ଥା ଆଉ ଚଳି ପାରିବ ନାହିଁ ଏବଂ ଚଳିବା ଉଚିତ ନୁହେଁ ଏବଂ ମୌଳିକ ପରିବର୍ତ୍ତନ ଆବଶ୍ୟକ । ଏହିଠାରେହିଁ ଔପନିବେଶିକ ସ୍ୱାୟତ୍ତଶାସନ ଓ ସ୍ୱାଧୀନତା ଭିତରେ ପ୍ରଭେଦ । ପ୍ରଥମଟି ସେହି ପୁରାତନ ବ୍ୟବସ୍ଥା ରଖିବାକୁ ଚାହେଁ । ବ୍ରିଟିଶ ଅର୍ଥନୈତିକ ବ୍ୟବସ୍ଥାର ବହୁ ଦୃଶ୍ୟମାନ ଓ ଅଦୃଶ୍ୟମାନ ଅବସ୍ଥା ସହିତ ଆମକୁ ବାନ୍ଧି ରଖାଯିବ; ମାତ୍ର ଦ୍ୱିତୀୟରେ ଆମର ଅବସ୍ଥାକୁ ଖାପ ଖାଇଲା ଭଳି ନୂତନ ବ୍ୟବସ୍ଥା ପ୍ରତିଷ୍ଠା କରିବା ନିମନ୍ତେ ଆମକୁ ସ୍ୱାଧୀନତା ମିଳିବ ବା ମିଳିବା ଦରକାର ।

ଏହା ଇଂଲଣ୍ଡ ଏବଂ ଇଂରେଜଲୋକଙ୍କ ସହିତ ଚିରଦିନ ବିରୋଧିତା କରିବାର ପ୍ରଶ୍ନ ନୁହେଁ କିମ୍ବା ଯେତେ କ୍ଷତି ହେଉ ପଛକେ ଇଂରେଜଙ୍କଠାରୁ ସମସ୍ତ ସମ୍ପର୍କ ତୁଟାଇବା ପ୍ରଶ୍ନ ନୁହେଁ । ଯାହା ସବୁ ଘଟିଯାଇଛି ତାହା ଫଳରେ ଇଂଲଣ୍ଡ ଓ ଭାରତ ଭିତରେ ମନୋମାଳିନ୍ୟ ଘଟିବା ସ୍ୱାଭାବିକ । କବି ରବୀନ୍ଦ୍ରନାଥ ଠାକୁର କହନ୍ତି "ଅଧିନତାରେ ମଣିଷ ହୋଇ ଗୁଣ ନଷ୍ଟ ହୋଇଯାଏ ଏବଂ ଶାସକର ବ୍ୟବହାର ନୀଚ ହୁଏ ।" ଅନେକ ଦିନରୁ ଆମର ହୃଦୟ ଗୁରୁ ଧ୍ୱଂସ ହୋଇଯାଇଛି ଏବଂ ଶାସକର ବହୁଳ ବ୍ୟବହାର ସତ୍ତ୍ୱେ ଆମେ ଇଂରେଜଙ୍କ ଆଡ଼କୁ ପକ୍ଷପାତୀ ହୋଇ ନାହୁଁ । ମାତ୍ର ଆମକୁ ଯଦି ଭାରତ ଓ ମାନବ ସମାଜର ମହତ୍ କଲ୍ୟାଣ କରିବାକୁ ହେବ ତାହା ହେଲେ କ୍ଷଣିକ ଉତ୍ସାହରେ ଆମେ ଝିପିଯିବା ନାହିଁ । ଆମର ଏପରି ଇଚ୍ଛା ହେଲେ ସୁଦ୍ଧା ଗତ ୧୫ ବର୍ଷ ହେଲା ଗାନ୍ଧିଜୀ ଆମକୁ ଯେଉଁ କଠିନ ଶିକ୍ଷା ଦେଇଛନ୍ତି, ସେଥିରେ ଏହା ହେବ ନାହିଁ । ମୁଁ ଇଂରେଜ ସୃଷ୍ଟି ଏକ ବନ୍ଦୀ ଘରେ ବସି ଏହା ଲେଖୁଛି ଏବଂ ମୋର ହୃଦୟ ଆବେଗପୂର୍ଣ୍ଣ—ଏହି ନିର୍ଜ୍ଜନ କାରାବାସରେ ମୁଁ ପୂର୍ବଥର ଅପେକ୍ଷା ଅଧିକ କଷ୍ଟ ପାଇଛି । ନାନା ଘଟଣାରେ ଅନେକ ସମୟରେ ମୋ ମନରେ କ୍ରୋଧ ଓ ଅସନ୍ତୋଷ ପୂର୍ଣ୍ଣ ହୋଇଛି, ତଥାପି ମୁଁ ଏଠାରେ ବସି ମୋର ମନ ଓ ହୃଦୟ ଭିତରକୁ

Digitized by srujanika@gmail.com

ଲକ୍ଷ୍ୟ କରି ଇଂରେଜ ଲୋକ କିମ୍ବା ଇଂଲଣ୍ଡ ପ୍ରତି ମୋର ଆଦୌ କ୍ରୋଧ ନ ଥିବାର ଦେଖେ । ମୁଁ ବ୍ରିଟିଶ ସାମ୍ରାଜ୍ୟବାଦ ପସନ୍ଦ କରେ ନା ଏବଂ ଭାରତରେ ଏହା ଜବରଦସ୍ତି ଲଦିବାରେ ମୋର କ୍ରୋଧ ହୋଇଛି; ମୁଁ ପୁଞ୍ଜିବାଦୀ ପ୍ରଥାକୁ ପସନ୍ଦ କରେ ନା; ବ୍ରିଟେନର ଶାସକ ଶ୍ରେଣୀ ଯେଉଁ ଭାବରେ ଭାରତକୁ ଶୋଷଣ କରିଛନ୍ତି ତାହା ମୁଁ ଅତ୍ୟନ୍ତ ନା ପସନ୍ଦ କରେ ଓ ମୋର କ୍ରୋଧ ହୁଏ । ମାତ୍ର ଏଥିଲାଗି ମୋଟ ଉପରେ ମୁଁ ଇଂଲଣ୍ଡ ବା ଇଂରେଜ ଲୋକଙ୍କୁ ଦାୟୀ କରେ ନା ଏବଂ ମୋର ଏପରି ଭାବ ଯଦି ବା ହୁଏ, ତେବେ ସେଥିରେ କିଛି ପାର୍ଥକ୍ୟ ଘଟିବ ନାହିଁ; କାରଣ ସମଗ୍ର ଜାତିକୁ ନିନ୍ଦା କରିବା କିମ୍ବା ତା ଉପରେ କ୍ରୋଧ କରିବା ନିର୍ବୋଧତା । ସେମାନେ ଆମମାନଙ୍କ ପରି ଅବସ୍ଥାଚକ୍ରରେ ଦାସ ହୋଇ ପଡ଼ିଛନ୍ତି ।

ବ୍ୟକ୍ତିଗତ ଭାବରେ ମୋର ମାନସିକ ଗଠନ ଅନେକଟା ଇଂଲଣ୍ଡ ଯୋଗୁଁ ହୋଇଛି—ସୁତରାଂ ତାକୁ ବିଦେଶୀ ବୋଲି ଭାବିବା ମୋ ପକ୍ଷରେ ସହଜ ନୁହେଁ । ମୁଁ ଯାହା ଇଚ୍ଛା ତାହା କରେ ପଛକେ ଇଂଲଣ୍ଡର ସ୍କୁଲ କଲେଜରେ ଜୀବନ ଯେପରି ଭାବରେ ଗଢ଼ିଥିଲି ସେହି ଦୃଷ୍ଟି ଓ ମାପ କାଠିରେହିଁ ଅନ୍ୟାନ୍ୟ ଦେଶର ଶିକ୍ଷିତ ଓ ସାଧାରଣ କାର୍ଯ୍ୟ ବିଚାର ନ କରି ରହିପାରିବ ନାହିଁ । ମୋର ସମସ୍ତ ଆସକ୍ତି (ରାଜନୀତିକ ଜୀବନ ଛଡ଼ା) ଇଂଲଣ୍ଡ ଓ ଇଂରେଜ ଲୋକଙ୍କ ସପକ୍ଷରେ; ଏବଂ ମୁଁ ଯେ ଆଜି ଭାରତରେ ବ୍ରିଟିଶ ଶାସନର ପୂର୍ଣ୍ଣ ବିରୋଧୀ ହୋଇଛି ବୋଲି କୁହାଯାଏ, ଏହା ମୋର ଅନିଚ୍ଛା ସତ୍ତ୍ୱେ ମୁଁ ହେବାକୁ ବାଧ୍ୟ ହୋଇଛି ।

ଏହି ଶାସନ, ଏହି କର୍ତ୍ତୃତ୍ୱକୁହିଁ ଆମେ ଆପତ୍ତି କରୁ ଏବଂ ଏହା ସହିତ ଆମେ ସ୍ୱେଚ୍ଛାନୁସାରେ ମିଳାମିଶା କରିବୁ ନାହିଁ—ଇଂରେଜ ଲୋକଙ୍କ ସହିତ ନୁହେଁ । ଆମେ ସବୁପ୍ରକାରେ ଇଂରେଜ ଓ ଅନ୍ୟାନ୍ୟ ବିଦେଶୀ ଲୋକଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖିବୁଁ । ଆମେ ଭାରତରେ ନୂତନ ହାଉଆ ଚାହୁଁ, ନୂତନ ଓ ଜୀବନ୍ତ ଭାବଧାରା ଏବଂ ଉଦ୍ଯ

Digitized by srujanika@gmail.com

ସହଯୋଗ ବାଞ୍ଛା କରୁ; ଆମେ ବନ୍ଧୁତ୍ୱ ବୋଧରେ ଦ୍ରୁତ ହୋଇ ପଡ଼ୁଛୁଁ । ମାତ୍ର ଇଂରେଜମାନେ ଯଦି ବାଧ ରୂପରେ ଆସନ୍ତି, ତେବେ ସେମାନେ ଆମଠାରୁ କୌଣସି ବନ୍ଧୁତା ବା ସହଯୋଗ ଆଶା କରି ନ ପାରନ୍ତି । ସାମ୍ରାଜ୍ୟବାଦ-ରୂପକ ବ୍ୟାଘ୍ରର ସ୍ୱରୂପ ଅବରୋଧ ହେବ ଏବଂ ଆମ ଦେଶକୁ ଆଜି ସେହି ହିଂସ୍ର ଜନ୍ତୁ ସହିତ ଲଢ଼ିବାକୁ ପଡୁଛି, ଅରଣ୍ୟର ହିଂସ୍ର ବାଘକୁ ପୋଷ ମନାଇ ତାହାର ହିଂସାପ୍ରବୃତ୍ତି ଆମୂଳ ଭଙ୍ଗିବା ସମ୍ଭବ ମାତ୍ର ମୁଣ୍ଡିବାଦ ଓ ସାମ୍ରାଜ୍ୟବାଦ ଯେତେବେଳେ ଏକତ୍ର ହୋଇ କୌଣସି ହତଭାଗ୍ୟ ଦେଶ ଗ୍ରାସ କରନ୍ତି, ସେତେବେଳେ ତାକୁ ପୋଷ ମନାଇବା ଆଦୌ ସମ୍ଭବ ନୁହେଁ ।

କୌଣସି ଲୋକ ବା ଦେଶ କେବେ ମିଳାମିଶା କରିବ ନାହିଁ ବୋଲି ଯଦି କିଏ କହେ, ତେବେ ଗୋଟିଏ ଅର୍ଥରେ ତାହା ବୋକାମି ବୋଲି ବୁଝାପିବ । କାରଣ ଜୀବନହିଁ ସର୍ବଦା ମିଳାମିଶା କରିବା ନିମନ୍ତେ ଆମକୁ ବାଧ କରଏ । ଅନ୍ୟ ଦେଶ ବା ଜାତି ପକ୍ଷରେ ଏକଥା କହିବା ସଂପୂର୍ଣ୍ଣ ନିର୍ବୋଧତା । ମାତ୍ର ଯେତେବେଳେ କୌଣସି ପ୍ରଥା ବା ବିଶେଷ ପରିସ୍ଥିତିକୁ ଲକ୍ଷ୍ୟ କରି ଏହା ବୁଝାଯାଏ, ସେତେବେଳେ ଏଥିରେ ସତ୍ୟତା ଥାଏ ଏବଂ ଯେତେବେଳେ ଏହା ମାନବ ଶକ୍ତିର ଅତୀତ ହୋଇପଡ଼େ । ଭାରତର ସ୍ୱାଧୀନତା ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ଏହି ଦୁଇଟି ପରସ୍ପର ବିରୋଧୀ ଜିନିଷ, କୌଣସି ସାମରିକ ଆଇନ କିମ୍ବା ଜଗତର ସମସ୍ତ ମଧୁର କଥା ଆଣିଦେଲେ ମଧ୍ୟ ଏହାର ମିଳନ ହୋଇ ପାରେ ନା କିମ୍ବା ଏହାକୁ ଏକତ୍ର କରାଯାଇ ପାରେ ନା ! କେବଳ ଭାରତରୁ ବ୍ରିଟିଶ ସାମ୍ରାଜ୍ୟବାଦର ବହିଷ୍କାର ହେଲେ ହିଁ ପ୍ରକୃତ ଭାରତ-ବ୍ରିଟିଶ ସହଯୋଗର ଅବସ୍ଥା ସୃଷ୍ଟି ହୋଇପାରେ ।

ଆମେ ଶୁଣୁ ଯେ, ଆଧୁନିକ ଜଗତରେ ସ୍ୱାଧୀନତା ଏକ ସଂକୀର୍ଣ୍ଣ ଆଦର୍ଶ—ଏହା ଅଧିକରୁ ଅଧିକ ଅନ୍ୟର ନିର୍ଭରଶୀଳ ହେଉଛି— ତେଣୁ ସ୍ୱାଧୀନତା ଦାବୀ କରି ଆମେ ପଛକୁ ଓଟାରି ଧରୁଛୁଁ । ଲିବରାଲ,

Digitized by srujanika@gmail.com

ଶାନ୍ତିବାଦୀ ଏବଂ ଏପରି କି ବ୍ରିଟେନର ତଥାକଥିତ ସାମ୍ୟବାଦୀମାନେ ଏହି କଥା କହି ଆମର ସଙ୍କୀର୍ଣ୍ଣ ଜାତୀୟତାବାଦ ସକାଶେ ଆମକୁ ଭର୍ତ୍ସନା କରନ୍ତି ଏବଂ ସଙ୍ଗେ ସଙ୍ଗେ ପରାମର୍ଶ ଦିଅନ୍ତି ଯେ ବ୍ରିଟିଶ ଶାସନ ସଙ୍ଘ ମଧ୍ୟରେ (British Common Wealth of Nations) ହିଁ ଆମର ପୂର୍ଣ୍ଣ ଜାତୀୟ ଜୀବନ ପାଇବାର ବାଟ ରହିଛି । ଇଂଲଣ୍ଡରେ କିପରି ଲିବରଲ, ଶାନ୍ତିବାଦୀ, ସାମ୍ୟବାଦୀ ସମସ୍ତଙ୍କ ମତ ସାମ୍ରାଜ୍ୟ ରକ୍ଷା ଦିଗରେ ଗତି କରେ ଏହା ବଡ଼ କୌତୁକ ଆଶ୍ଚର୍ଯ୍ୟ କଥା । ଟ୍ରଟ୍‌ସ୍କି କହିଛନ୍ତି "ଶାସକଜାତି ପ୍ରଚଳିତ ବ୍ୟବସ୍ଥାକୁ ଜାରି ରଖିବା ଆକାଙ୍‌କ୍ଷାକୁ ଅନେକ ସମୟରେ ଉନ୍ନତ 'ଜାତୀୟତା'ର ପୋଷାକ ପିନ୍ଧାଏ—ଯେପରି ଲୁଟେରା ଜାତି ଲୁଣ୍ଠିତ ଧନ ହସ୍ତଗତ କରି ସହଜରେ ଶାନ୍ତିବାଦୀ ହୋଇଯାଏ । ଏହିପରି ଭାବରେ ମାକ୍‌ଡୋନାଲଡ୍‌ ଗାନ୍ଧିଜୀଙ୍କ ସମ୍ମୁଖରେ ନିଜକୁ ଅନ୍ତର୍ଜାତୀୟବାଦୀ ବୋଲି ମନେ କରୁଥିଲେ ।"

ଭାରତ ସ୍ୱଜାତିକ ସ୍ୱାଧୀନତା ପାଇଲେ କ'ଣ ହେବ ବା କ'ଣ କରିବ ମୁଁ ଜାଣେନା । କିନ୍ତୁ ମୁଁ ଜାଣେ ଆଜି ଭାରତର ଯେଉଁ ଲୋକେ ଜାତୀୟ ସ୍ୱାଧୀନତା ଦାବୀ କରୁଛନ୍ତି, ସେମାନେ ବ୍ୟାପକ ଆନ୍ତର୍ଜାତୀୟବାଦ ମଧ୍ୟ ଗ୍ରହଣ କରନ୍ତି । ଏକ ସାମ୍ୟବାଦୀ ଦୃଷ୍ଟିରେ ଜାତୀୟତାର କିଛି ଅର୍ଥ ନାହିଁ; ମାତ୍ର କଂଗ୍ରେସରେ ଥିବା ଅନେକ ଅସାମ୍ୟବାଦୀ ମଧ୍ୟ ଦୃଢ଼ ଅନ୍ତର୍ଜାତୀୟ-ବାଦୀ ଅଛନ୍ତି । ଆମେ ଆଜି ଯେଉଁ ସ୍ୱାଧୀନତା ଦାବୀ କରୁଛୁ ଏହା ପୃଥିବୀରୁ ଅଲଗା ରହିବାପାଇଁ ନୁହେଁ । ଏହାର ଠିକ୍ ବିପରୀତ—ଆମେ ପ୍ରକୃତ ଆନ୍ତର୍ଜାତିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ନିମନ୍ତେ ଅନ୍ୟ ଦେଶମାନଙ୍କ ପରି ଆମର ସ୍ୱାଧୀନତା କେତେକାଂଶରେ ସମର୍ପଣ କରିବାକୁ ସଂପୂର୍ଣ୍ଣଭାବେ ପ୍ରସ୍ତୁତ ଅଛୁଁ । ଯେ କୌଣସି ନାମରେ କଥିତ ହେଉ ପଛକେ ସାମ୍ରାଜ୍ୟ-ବାଦୀ ପ୍ରଥାହିଁ ଏହି ବ୍ୟବହାରର ଏକ ଶତ୍ରୁ ଏବଂ ଏହି ପ୍ରଥା ଜରିଆରେ ପୃଥିବୀରେ ସହଯୋଗ ବା ଶାନ୍ତି ପ୍ରତିଷ୍ଠା ହୋଇ ପାରେ ନା ।

ବଡ଼ ବଡ଼ ସାମ୍ରାଜ୍ୟବାଦୀ ଶକ୍ତିସବୁ ଦିନକୁ ଦିନ ଅଧିକ ଅର୍ଥ-ନୈତିକ ସାମ୍ରାଜ୍ୟବାଦ ଓ ଏକଛତ୍ର ଭାବ ହେତୁ ସମଗ୍ର ଜଗତରୁ ଅଲଗା

Digitized by srujanika@gmail.com

ହୋଇ ଆତ୍ମନିର୍ଭରଶୀଳ ହେଉଛନ୍ତି । ଅନ୍ତର୍ଜାତୀୟବାଦ ବୃଦ୍ଧି ପାଇବା ପରିବର୍ତ୍ତେ ଆମେ ବିପରୀତ ଦିଗରେ ଗତି ଦେଖୁଛେ । ଏହାର କାରଣ ଖୋଜି ପାଇବା କଷ୍ଟକର ନୁହେଁ । ଏହା ପ୍ରଚଳିତ ଅର୍ଥନୀତିକ ବ୍ୟବସ୍ଥାର କ୍ରମବର୍ଦ୍ଧିତ ଦୁର୍ବଳତାର ପରିଚାୟକ । ଏହି ନୀତିର ଫଳ-ସ୍ୱରୂପ ଗୋଟିଏ ସାମ୍ରାଜ୍ୟଭିତରେ ଅଧିକ ସହଯୋଗ ହେଲେ ସୁଦ୍ଧା ପୃଥିବୀର ଅବଶିଷ୍ଟ ଅଞ୍ଚଳରୁ ସ୍ୱତନ୍ତ୍ର ହେବାକୁ ହେଉଛି । ଆମେ ଅଟୋଆ ଓ ଅନ୍ୟାନ୍ୟ ସିଦ୍ଧାନ୍ତରୁ ଯାହା ଦେଖୁଛେ ଭାରତ ପକ୍ଷରେ ଅନ୍ୟ ଦେଶ ସହିତ ଏହା ଫଳରେ ସମ୍ବନ୍ଧ ଓ ବନ୍ଧନ କ୍ରମେ କମିଯାଉଛି । ଆମେ ପୂର୍ବାପେକ୍ଷା ଅଧିକ ଭାବରେ ସମ୍ପୂର୍ଣ୍ଣରୂପେ ବ୍ରିଟିଶ ଶିଳ୍ପର ମୁଖାପେକ୍ଷୀ ହୋଇପଡ଼ୁଛୁ । ଏହା ବର୍ତ୍ତମାନ ଯେଉଁ କ୍ଷତି କରୁଛି ତାହାଠାରୁ ଏହି ନୀତିର ବିପଦ ସ୍ପଷ୍ଟ ଜଣାପଡ଼ୁଛି । ଏହିପରି ହେଲେ ଔପନିବେଶିକ ସ୍ୱାୟତ୍ତ ଶାସନଦ୍ୱାରା ବ୍ୟାପକ ଅନ୍ତର୍ଜାତିକ ସମ୍ବନ୍ଧ ଛଡ଼ା ବିଚ୍ଛିନ୍ନ ହେବା ଆଡ଼କୁ ଗତି ହେଉଛନ୍ତି ।

ଯାହାହେଉ ଆମର ଭାରତୀୟ ଲିବରାଲ ବନ୍ଧୁମାନେ ବ୍ରିଟିଶ ନୀଳ ଚଷମାଦ୍ୱାରା ପୃଥିବୀକୁ ଏବଂ ବିଶେଷରୂପେ ତାଙ୍କ ନିଜ 'ଦେଶ ଭାରତକୁ ଦେଖିବାର ଏକ ଅଦ୍ଭୁତ କ୍ଷମତା ରହିଛି । କଂଗ୍ରେସ କ'ଣ କହୁଛି ଏବଂ କାହିଁକି କହୁଛି ସେ କଥା ପସନ୍ଦ କରିବା ନିମନ୍ତେ ସେମାନେ ଚେଷ୍ଟା ନକରି ସ୍ୱାଧୀନତା ଏକ ସଙ୍କୀର୍ଣ୍ଣ ନୀତି ଏବଂ ଔପନିବେଶିକ ସ୍ୱାୟତ୍ତଶାସନ ଅପେକ୍ଷା କମ୍ ଆତ୍ମତୃପ୍ତିକାରୀ ବୋଲି ପୁରାତନ ଇଂରେଜ ମୁରବିଙ୍କଠାରୁ ବାରମ୍ବାର ଶୁଣନ୍ତି । ସେମାନଙ୍କ ପକ୍ଷରେ ଆନ୍ତର୍ଜାତିକତା ହେଉଛି ହ୍ୱାଇଟ ହଲ— କାରଣ ଅନ୍ୟ ଦେଶ ସମ୍ବନ୍ଧରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ—ଆଉ ଏହି କାରଣ ଭାଷା ଅସୁବିଧା—ଆହୁରି ମଧ୍ୟ ସେମାନେ ଏ ସମ୍ବନ୍ଧରେ ଅଜ୍ଞ ଥାଇ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ରହୁଥାନ୍ତି । ଭାରତରେ ପ୍ରତ୍ୟକ୍ଷ ସଂଗ୍ରାମ ବା ଅନ୍ୟ କୌଣସି ପ୍ରକାର ଆକ୍ରମଣମୂଳକ ରାଜନୀତି ପ୍ରତି ସେମାନେ ବିମୁଖ । ମାତ୍ର ଅନ୍ୟ ଦେଶମାନଙ୍କରେ ଏହି ପନ୍ଥା ଅବଲମ୍ବନରେ ସେମାନଙ୍କର କେତେକ ନେତାଙ୍କର ଯେ ଆପତ୍ତି ନାହିଁ ଏହାହିଁ ବାସ୍ତବିକ

Digitized by srujanika@gmail.com

ଆଶ୍ଚର୍ଯ୍ୟ କଥା । ସେମାନେ ଦୂରରେ ରହି ଏହାର ପ୍ରଶଂସା କରିପାରନ୍ତି ଏବଂ ପାଶ୍ଚାତ୍ୟ ଦେଶର କେତେକ ଆଧୁନିକ ଡିକ୍‌ଟେଟରଙ୍କୁ ସେମାନେ ଭକ୍ତି ଅର୍ପଣ କରନ୍ତି ।

ନାମ ଅନେକ ଭଲ ଧାରଣା ଦେଇ ପାରେ, ମାତ୍ର ଭାରତରେ ଆମର ପ୍ରକୃତ ପ୍ରଶ୍ନ ହେଉଛି ଆମେ ନୂତନ ରାଷ୍ଟ୍ର ଗଢ଼ୁଁ ନା କେବଳ ଏକ ନୂଆ ଶାସନ ଗଢ଼ୁଁ । ଏଥିକି ଲିବରାଲମାନଙ୍କ ଉତ୍ତର ସ୍ପଷ୍ଟ, ସେମାନେ ନୂତନ ଶାସନ ଗଢ଼ିବାକୁ, ତାହା ଅପେକ୍ଷା ଆଉ କିଛି ଅଧିକ ନୁହେଁ; ଏହା ମଧ୍ୟ ସେମାନଙ୍କର ଗୋଟିଏ ସୁଦୂର ପ୍ରୟାସ ଓ ଉନ୍ନତ ଆଦର୍ଶ । "ଔପନିବେଶିକ ସ୍ୱାୟତ୍ତଶାସନ" ଶବ୍ଦ ଅନେକ ଥର ବ୍ୟବହାର କରାଯାଏ । ମାତ୍ର ବର୍ତ୍ତମାନପାଇଁ ସେମାନଙ୍କ ପ୍ରକୃତ ଲକ୍ଷ୍ୟ 'କେନ୍ଦ୍ରଶାସନରେ ଦାୟିତ୍ୱ' ଆଦି ରହସ୍ୟପୂର୍ଣ୍ଣ ବାକ୍ୟରୂପେ ପ୍ରକାଶ ପାଏ । କ୍ଷମତା, ସ୍ୱାଧୀନତା ଇତ୍ୟାଦି ଶବ୍ଦ ସେମାନଙ୍କ ନିକଟରେ ଭୀଷଣ ବୋଧହୁଏ । ଜନସାଧାରଣଙ୍କର ଏଥିପ୍ରତି ଉତ୍ସାହ ନ ଥିଲେ ସୁଦ୍ଧା ଆଇନଗତ କ୍ଷମତା ଓ ସେହି ଦୃଷ୍ଟିରେ ସମସ୍ୟା ବିଚାରହିଁ ତାଙ୍କର ପସନ୍ଦ । ବିଶ୍ୱାସ ଓ ସ୍ୱାଧୀନତା ନିମନ୍ତେ ବ୍ୟକ୍ତିବିଶେଷ ଓ ଦଳସବୁ ନିଜର ଜୀବନକୁ ବିପଦସଙ୍କୁଳ କରିବା ଏବଂ ଧ୍ୱଂସର ସମ୍ମୁଖୀନ ହେବାର ଦୃଷ୍ଟାନ୍ତ ଇତିହାସରେ ବହୁତ ରହିଛି । ମାତ୍ର ମଡ଼ରେଟମାନେ 'କେନ୍ଦ୍ରରେ ଦାୟିତ୍ୱ' କିମ୍ବା ଅନ୍ୟ କୌଣସି ଆଇନସଙ୍ଗତ ଶବ୍ଦ ବ୍ୟବହାର କରିବାପାଇଁ ଇଚ୍ଛା କରି କୌଣସି ଜିନିଷ ଖାଦ୍ୟ ବା ଘରର ଜିନିଷ ଛାଡ଼ିବାକୁ ପ୍ରସ୍ତୁତ ଅଛନ୍ତି କି ନା ସନ୍ଦେହ ।

ଏହାହିଁ ସେମାନଙ୍କର ଲକ୍ଷ୍ୟ; ଏହା 'ପ୍ରତ୍ୟକ୍ଷ ସଂଗ୍ରାମ' କିମ୍ବା ଅନ୍ୟ କୌଣସି ସଂଗ୍ରାମଶୀଳ କାର୍ଯ୍ୟଦ୍ୱାରା ହେବନାହିଁ, ମାତ୍ର ଶ୍ରୀନିବାସ ଶାସ୍ତ୍ରୀଙ୍କ କହିବାନୁସାରେ ଏହା 'ଜ୍ଞାନ, ଅଭିଜ୍ଞତା, ଧୀରବ୍ୟବହାର, ପ୍ରବର୍ତ୍ତାଇ ପାରିବାର ଶକ୍ତି, ନୀରବ ପ୍ରଭାବ ଏବଂ ପ୍ରକୃତ ଯୋଗ୍ୟତା'ର ପ୍ରଦର୍ଶନ । ସେମାନେ ଆଶା କରନ୍ତି ଯେ ଆମର ଭଲ ଆଚରଣ ଏବଂ ଉତ୍ତମ କାର୍ଯ୍ୟଦ୍ୱାରାହିଁ ଆମେ ଅବଶେଷରେ କ୍ଷମତା ଛାଡ଼ିବା ନିମନ୍ତେ ଆମେ ଆମର ଶାସକଙ୍କୁ ପ୍ରବର୍ତ୍ତାଇ ପାରିବା । ଅନ୍ୟ ପ୍ରକାରେ କହିବାକୁ ଗଲେ ସେମାନେ

Digitized by srujanika@gmail.com

ହୁଏତ ଆମର ଅତ୍ୟନ୍ତ ଆକ୍ରମଣମୂଳକ ମନୋଭାବଯୋଗୁଁ ଶଙ୍କିତ ହୋଇଛନ୍ତି କିମ୍ବା ଆମର ଯୋଗ୍ୟତାରେ ସନ୍ଦେହ ଅଛି ଅଥବା ଉଭୟ ରହିଛି । ସାମ୍ରାଜ୍ୟବାଦ ଓ ବର୍ତ୍ତମାନ ପରିସ୍ଥିତିରେ ଏହି ବିଶ୍ଳେଷଣ ଠିକ୍‌ଲଗା ପରି ମନେ ହୁଏ । ଶାସକଶ୍ରେଣୀଙ୍କ ସହଯୋଗରେ ଧୀରେ ଧୀରେ କ୍ଷମତା ପାଇବା ଧାରଣା ସମ୍ବନ୍ଧରେ ବିଖ୍ୟାତ ଇଂରେଜ ଲେଖକ ଅଧ୍ୟାପକ ଆର. ଏଚ. ଟନି ଗୋଟିଏ ସଙ୍ଗତ ଓ ହୃଦୟଗ୍ରାହୀ ଅଧ୍ୟାୟ ଲେଖିଛନ୍ତି । ସେ ବ୍ରିଟିଶ ଲେବରପାର୍ଟିକୁ ଲକ୍ଷ୍ୟ କରି ଲେଖିଛନ୍ତି, ମାତ୍ର ଏହା ଭାରତ ପକ୍ଷରେ ଅଧିକ ପ୍ରଯୁଜ୍ୟ, କାରଣ ଇଂଲଣ୍ଡରେ ଅନ୍ତତଃ ଗଣତନ୍ତ୍ରମୂଳକ ଅନୁଷ୍ଠାନମାନ ରହିଛି ଏବଂ ସେଠାରେ ଲୋକମତରେ ହୁଏ ଓ ଅଧିକସଂଖ୍ୟକ ଲୋକଙ୍କ ମତ ପ୍ରତି ଆଦର ଦେଖାଯାଏ । ପ୍ରଫେସର ଟନି ଲେଖିଛନ୍ତି—

“ପିଆଜକୁ ପାଖୁଡ଼ା ପାଖୁଡ଼ା ଛଡ଼ାଇ ଖିଆଯାଇପାରେ, ମାତ୍ର ଜୀବନ୍ତ ବାଘର ଗୋଟିଏ ଗୋଟିଏ ଅଙ୍ଗ ଧରି ଚମଡ଼ା ବାହାର କରାଯାଇ ପାରେ ନା; କାରଣ ଜୀବନ୍ତ ଦେହକୁ ଖଣ୍ଡ ବିଖଣ୍ଡ କରିବାକୁ ତାର ପେଶା ଏବଂ ତୁମେ ଚମଡ଼ା ଛଡ଼ାଇବା ପୂର୍ବରୁ ସେ ତମକୁ ଗିଳି ଦେଇଥିବ”…

“ଯଦି କୌଣସି ଦେଶରେ ସୁବିଧାଭୋଗୀ ଶ୍ରେଣୀ ସରଳ ଓ ନିର୍ବୋଧ ଅଛନ୍ତି, ତେବେ ତାହା ଇଂଲଣ୍ଡରେ ନୁହେଁ । କୌଶଳ ଓ ଅମାୟିକ ଆଚରଣଦ୍ୱାରା ଲେବର ପାର୍ଟିର ମତ ସଂସ୍ଥାପିତ କରି ଏହା ସେମାନଙ୍କର ସ୍ୱାର୍ଥ ବୋଲି ସେମାନଙ୍କୁ ଭୁଲାଇ ପାରିବାର ବିଶ୍ୱାସ ନିଷ୍ଫଳ ଯେପରି ନିଜ ହାତରେ ଦଲିଲ ରଖିଥିବା ବୁଦ୍ଧିମାନ ସଲିସିଟର (Solicitor) ହାତରୁ ସମ୍ପତ୍ତି ହସ୍ତାନ୍ତର କରିବାର ଚେଷ୍ଟା ନିଷ୍ଫଳ ଏହା ସେହିପରି । ବ୍ରିଟିଶ ଧନୀ ଶାସକମାନେ ସଙ୍ଗଠିତ, ଚତୁର, ଶକ୍ତିଶାଳୀ ଓ ଆତ୍ମବିଶ୍ୱାସୀ ଲୋକ—ସେମାନଙ୍କ ଉପରେ କଠିନ ଚାପ ପଡ଼ିଲେ ହତାହତ ଜ୍ଞାନ ହରାନ୍ତି । ସେମାନଙ୍କ ରୁଟିର କେଉଁ ଅଂଶରେ ଲହୁଣୀ ଲଗିଛି ତାହା ସେମାନେ ଭଲରୂପେ ଜାଣନ୍ତି, ଲହୁଣୀ ଦେବା ଯେପରି କମି ନଯାଏ ତାହା ଇଚ୍ଛା କରନ୍ତି···ତାଙ୍କ ଅବସ୍ଥାରେ ଯଦି ଗୁରୁତର ବିପଦ ପହଞ୍ଚେ, ତେବେ ସେମାନେ ପ୍ରତ୍ୟେକଟି ପଇସା ରାଜନୀତି ଓ ଅର୍ଥନୀତିକ

Digitized by srujanika@gmail.com

ଉତ୍ତେଜିତରେ ଖବର କରନ୍ତି—ପାର୍ଲିମେଣ୍ଟ, ନଳା, ଧବାଦମଡ଼, ସୈନ୍ୟଙ୍କ ମଧ୍ୟରେ ଅସନ୍ତୋଷ, ଆର୍ଥିକ ସଂକଟ, ଆନ୍ତର୍ଜାତିକ ଅସୁବିଧା ଏବଂ ଏପରି କି ସଂବାଦପତ୍ରରେ ଆକ୍ରମଣ ସୁଦ୍ଧା ପ୍ରୟୋଗ କରନ୍ତି—ଯେପରି ୧୯୩୧ ରେ ଦେଖାଯାଇଛି ସେମାନେ ନିଜର ପକେଟ ରକ୍ଷା କରିବା ନିମନ୍ତେ ଦେଶର ପକେଟରେ ଛିଦ୍ର କରିବା ନିମନ୍ତେ ପଛାଇବେ ନାହିଁ ।”

ବ୍ରିଟିଶ ଲେବରପାର୍ଟି ଏକ ଶକ୍ତିଶାଳୀ ଅନୁଷ୍ଠାନ । ଏହାକୁ ଶ୍ରମିକ ସଂଘସବୁ ସମର୍ଥନ କରନ୍ତି । ଏଥିରେ କୋଟି କୋଟି ଶ୍ରମିକ ସଭ୍ୟ ରହିଛନ୍ତି—ଏହା ଏକ ଅତ୍ୟନ୍ତ ଉନ୍ନତ ସହଯୋଗ ସଂଗଠନ; ବ୍ୟବସାୟୀ ଶ୍ରେଣୀଙ୍କ ଭିତରୁ ଅନେକ ସଭ୍ୟ ଓ ସହାନୁଭୂତିସଂପନ୍ନ ଲୋକ ଏଥିରେ ଅଛନ୍ତି । ସାବାଳକ ଭୋଟାଧିକାର ଉପରେ ପ୍ରତିଷ୍ଠିତ ଅନେକ ଗଣତାନ୍ତ୍ରିକ ଅନୁଷ୍ଠାନ ସବୁ ଇଂଲଣ୍ଡରେ ଅଛି ଏବଂ ନାଗରିକ ସ୍ୱାଧୀନତାର ଦୀର୍ଘ ପରମ୍ପରା ଅଛି । ଏ ସବୁ ସତ୍ତ୍ୱେ ଠନଙ୍କ ମତରେ ଖୋସାମତ ଓ ମଧୁର ପନ୍ଥା ବାହ୍ନିଯାନ୍ତୁ ଓ ଦରକାରୀ ହେଲେ ସୁଦ୍ଧା ବ୍ରିଟିଶ ଲେବର ପାର୍ଟି କେବଳ ଏହା ଜରିଆରେ ପ୍ରକୃତ କ୍ଷମତା ପାଇ ପାରିବ ନାହିଁ । ମିଷ୍ଟର ଠନଙ୍କ ମତରେ ଲେବର ପାର୍ଟି ପାର୍ଲିମେଣ୍ଟ (ହାଉସ ଅଫ୍ କମନସ୍) ବହୁ ସଂଖ୍ୟାରେ ଗଲେ ସୁଦ୍ଧା କୌଣସି ଆମୂଳ ପରିବର୍ତ୍ତନମୂଳକ ବ୍ୟବସ୍ଥା କରିବାରେ ମଧ୍ୟ କ୍ଷମତାହୀନ ହୋଇ ପଡ଼ିବେ । ସୁବିଧାଭୋଗୀ ଶ୍ରେଣୀର ବିରୋଧ ସମ୍ମୁଖରେ ସେମାନେ ଶକ୍ତିହୀନ ହୋଇଯିବେ । ଏମାନଙ୍କ ହାତରେ ସମସ୍ତ ରାଜନୀତିକ, ସାମାଜିକ, ଅର୍ଥନୀତିକ, ଆର୍ଥିକ ଓ ସାମରିକ ଶକ୍ତି ରହିଛି । ଏ କଥା କହିବା ଦରକାର ନାହିଁ ଯେ ଭାରତର ଅବସ୍ଥା ଆହୁରି ପୃଥକ । ଏଠାରେ କୌଣସି ଗଣତନ୍ତ୍ର ଅନୁଷ୍ଠାନ ବା ରୀତିର ପ୍ରଚଳନ ନାହିଁ । ଏହା ପରିବର୍ତ୍ତେ ଏଠାରେ ସୁପ୍ରତିଷ୍ଠିତ ହୋଇ ଅର୍ଡିନାନସ୍ ଓ ଏକଛତ୍ର ଶାସନ ଚାଲିଛି—ବ୍ୟକ୍ତି, ବକ୍ତୃତା, ଲେଖା, ସମିତି ଏବଂ ସଂବାଦପତ୍ରର ସ୍ୱାଧୀନତା ଦମନ କରାଯାଇଛି । ଲିବରାଲମାନଙ୍କର ମଧ୍ୟ କୌଣସି ଦୃଢ଼ ଅନୁଷ୍ଠାନ ନାହିଁ । ହସମୁଖ ଛଡ଼ା ସେମାନଙ୍କର ଆଉ କିଛି ଅଧିକ ସମ୍ବଳ ନାହିଁ ।

Digitized by srujanika@gmail.com

କୌଣସି 'ଜନମତନ୍ତ୍ର ବିରୋଧୀ' ଏବଂ 'ବେଆଇନ' କାର୍ଯ୍ୟ-ପଦ୍ଧତିର ଲିବରାଲମାନେ ଖୁବ ବିରୋଧୀ । ଗଣତନ୍ତ୍ର ଅନୁଷ୍ଠାନ ଥିବା ଦେଶମାନଙ୍କରେ 'ଜନମତତାନ୍ତ୍ରିକ'ର ବ୍ୟାପକ ଅର୍ଥ ରହିଛି । ଏହା ଆଇନ ଶାସନ ରକ୍ଷିବା ନିଶ୍ଚିତ କରେ, ସ୍ୱାଧୀନତା ରକ୍ଷା କରେ, ଶାସକ-ବର୍ଗଙ୍କୁ ସଂଯତ କରେ ଏବଂ ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାନିମନ୍ତେ ଗଣତନ୍ତ୍ର ପନ୍ଥା ଅବଲମ୍ବନ କରେ । ମାତ୍ର ଭାରତରେ ଏପରି କିଛି ଜନମତନ୍ତ୍ର ନାହିଁ ଏବଂ ଏହି ଶବ୍ଦର ଏପରି କିଛି ଅର୍ଥ ହୋଇପାରେନା । * ଏହା ଏଠାରେ ବ୍ୟବହାର କରିବା ଅର୍ଥ ହେଉଛି ଆଜି ଭାରତରେ ଯାହାର କୌଣସି ସ୍ଥାନ ନାହିଁ ତାହା ଆଣିବା । ଆଶ୍ଚର୍ଯ୍ୟ କଥା, ଶାସନକର୍ତ୍ତାଙ୍କ ଅନେକ ଅଧିକେ ସ୍ୱେଚ୍ଛାଚାର-ମୂଳକ କାର୍ଯ୍ୟକୁ ସମର୍ଥନ କରିବା ନିମନ୍ତେ 'ଜନମତତାନ୍ତ୍ରିକ' ଶବ୍ଦ ପ୍ରାୟ ବ୍ୟବହାର ହୁଏ, କିମ୍ବା ଏହା ଦ୍ୱାରା ଆଇନସଂଗତ ଶବ୍ଦର ବ୍ୟବହାର ମଧ୍ୟ ହୁଏ । 'ଆଇନ' 'ବେଆଇନ' ଶବ୍ଦ ବ୍ୟବହାର କରିବା ଆମ ପକ୍ଷରେ ଅଧିକ ଭଲ ହେବ—ଅବଶ୍ୟ ଦିନକୁଦିନ ଏହି ଶବ୍ଦର ଅର୍ଥ ଅସ୍ପଷ୍ଟ ରହୁଛି ଓ ବଦଳୁଛି ।

ନୂତନ ଅର୍ଡିନାନ୍ସ କିମ୍ବା ନୂତନ ଆଇନ ନୂତନ ଅପରାଧ ସୃଷ୍ଟି କରେ । ସାଧାରଣ ସଭାରେ ଯୋଗଦେବା ଏକ ଅପରାଧ ହୋଇପାରେ; ଦୋହପଳ ସାଇକେଲରେ ଚଢ଼ିବା, ନିର୍ଦ୍ଦିଷ୍ଟ ଲୁଗା ପିନ୍ଧିବା, ସନ୍ଧ୍ୟାବେଳେ ଘରେ ନଥିଲେ ପ୍ରତିଦିନ ପୁଲିସକୁ ନିଜ ସମ୍ବନ୍ଧରେ ରିପୋର୍ଟ ନଦେବା—ଆଦି ଏହିସବୁ ଅସଂଖ୍ୟ କାର୍ଯ୍ୟରେ ଭାରତରେ ଅପରାଧ ହୋଇ ରହିଛି ।

---

* ବିଖ୍ୟାତ ଲିବରାଲ ନେତା ଓ 'ଲିଡ଼ର' କାଗଜର ପ୍ରଧାନ ସମ୍ପାଦକ ଯୁକ୍ତପ୍ରଦେଶ ବ୍ୟବସ୍ଥାପକ ସଭାରେ ଜଏଣ୍ଟ ସିଲେକ୍ଟ କମିଟିର ଭାରତ ସମ୍ବନ୍ଧରେ ରିପୋର୍ଟ ଆଲୋଚନା ସମୟରେ କହିଥିଲେ, "'ଭାରତରେ କୌଣସି ଜନମତତାନ୍ତ୍ରିକ ସରକାର ନାହିଁ । ଭବିଷ୍ୟତରେ ଅଧିକ ପ୍ରତି-କ୍ରିୟାଶୀଳ ଓ ଜନମତନ୍ତ୍ର ସରକାର ଅଧୀନରେ ରହିବା ଅପେକ୍ଷା ପ୍ରଚଳିତ ଜନମତନ୍ତ୍ରହୀନ ସରକାର ଅଧୀନରେ ରହିବା ବରଂ ଭଲ ।"

Digitized by srujanika@gmail.com

ଦେଶର ଏକ ଅଞ୍ଚଳରେ ଗୋଟିଏ କାର୍ଯ୍ୟ ଅପରାଧ ହୋଇପାରେ, ଅନ୍ୟ ଅଞ୍ଚଳରେ ନୁହେଁ । ଏହିସବୁ ଆଇନ ଯେତେବେଳେ ଏକ ଦାୟିତ୍ୱହୀନ ଶାସକବର୍ଗ ଅଳ୍ପଲୋକଙ୍କ ମଧ୍ୟରେ ଜାରି କରିପାରନ୍ତି, ସେତେବେଳେ 'ଆଇନ' ଶବ୍ଦର ଅର୍ଥ ହେଉଛି ଶାସକଙ୍କ ଇଚ୍ଛା ଛଡ଼ା ଆଉ କିଛି ନୁହେଁ । ସାଧାରଣତଃ ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ ଏହି ଆଦେଶ ପାଳନ କରାଯାଏ— କାରଣ ଏହା ଅମାନ୍ୟ କଲେ ପରିଣତି ପ୍ରୀତିପଦ ନୁହେଁ । ମାତ୍ର ସର୍ବଦା ଏହା ମାନିବ ବୋଲି କେହି କହିବା ଅର୍ଥ ହେଉଛି ଏକ ଏକଛତ୍ର ବା ଦାୟିତ୍ୱହୀନ କର୍ତ୍ତୃପକ୍ଷ ନିକଟରେ ବଶ୍ୟତା ସ୍ୱୀକାର, ନିଜର ବିବେକ ବିସର୍ଜନ ଏବଂ ଏପରି କାର୍ଯ୍ୟରେ କେବେହେଲେ ସ୍ୱାଧୀନତା ପାଇବା ବୃଥା ବିଡ଼ମ୍ବନା ।

ଆଜି ପ୍ରତ୍ୟେକ ଗଣତନ୍ତ୍ର ଦେଶରେ ଆଲୋଚନା ଚାଲିଛି ଯେ ଦେଶପାଖରେ ଥିବା ନିୟମତାନ୍ତ୍ରିକ ପ୍ରଣାଳୀ ସାହାଯ୍ୟରେ ଆମୂଳ ଆର୍ଥିକ ପରିବର୍ତ୍ତନ ହୋଇ ପାରିବ କି ନା । ଅନେକ ଲୋକଙ୍କର ମତ ଯେ ଏହା ହୋଇ ପାରିବ ନାହିଁ—କିନ୍ତୁ ଅସାଧାରଣ ବିପ୍ଳବୀ ପନ୍ଥା ଗ୍ରହଣ କରିବାକୁ ପଡ଼ିବ । ଭାରତରେ ଏହି ପନ୍ଥା ମୂଳରୁ ମୂଲ୍ୟହୀନ, କାରଣ ଆମେ ଚାହୁଁଥିବା ପରିବର୍ତ୍ତନ ଆଣିବାର ବୈଧାନିକ ଉପାୟ କିଛି ନାହିଁ । ଯଦି କାଗଜ କଲମ ମେହିପରି କିଛି ଯଦି ଶାସନ ଜାରି ହୁଏ, ତେବେ ଅନେକଦିଗରେ ନିୟମ ତାନ୍ତ୍ରିକ ପ୍ରଗତି ଏକଦମ୍ ବନ୍ଦ ହୋଇଯିବ । ବିପ୍ଳବ କିମ୍ବା ବେଆଇନ କାର୍ଯ୍ୟ ଛଡ଼ା ଅନ୍ୟ ପନ୍ଥା ନାହିଁ । ତେବେ ଜଣେ କରିବ କ'ଣ ? ସମସ୍ତ ପରି-ବର୍ତ୍ତନ ଆଶା ଛାଡ଼ିଦେଇ ଭାଗ୍ୟକୁ ଆଦର କ'ଣ ପଡ଼ି ରହିବ ?

ଭାରତର ବର୍ତ୍ତମାନ ଅବସ୍ଥା ଆହୁରି ଅସାଧାରଣ । ଶାସକବର୍ଗ ସମସ୍ତ ପ୍ରକାର ସାଧାରଣ କାର୍ଯ୍ୟରେ ବାଧା ଦେଇ ପାରିବେ ଏବଂ ବନ୍ଦ କରି-ପାରିବେ । ଏହା ମତରେ ଯେଉଁ କାର୍ଯ୍ୟ ବିପଦଜନକ ମନେହୁଏ, ତାହା ନିଷେଧ କରାଯାଏ । ଏହିରୂପେ ଗତ ଚାରିବର୍ଷ ହେଲା ବନ୍ଦ ହୋଇଥିବା ପରି ସମସ୍ତ ପ୍ରକାର ଫଳପ୍ରଦ ସାଧାରଣ କାର୍ଯ୍ୟ ବନ୍ଦ କରାଯାଇପାରେ ।

Digitized by srujanika@gmail.com

ଏଥିରେ ବଶତା ସ୍ୱୀକାର କରିବା ଅର୍ଥ ସାଧାରଣ କାର୍ଯ୍ୟ ଛାଡ଼ିଦେବା। ଏହା ଏକ ଅସମ୍ଭବ ପରିସ୍ଥିତି।

କେହି କହିପାରିବ ନାହିଁ ଯେ ସେ ସବୁବେଳେ ଓ ସବୁ ବାଧାରେ ଆଇନ-ସଙ୍ଗତ କାର୍ଯ୍ୟ କରିପାରିବ। ଏପରି କି ଗଣତନ୍ତ୍ର ଦେଶରେ ସୁଦ୍ଧା ଏପରି ସମସ୍ୟା ପଡ଼ିଥାଏ ଯେତେବେଳେ ଲୋକଙ୍କୁ ଅନ୍ୟ ପ୍ରକାର କାର୍ଯ୍ୟ କରିବା-ପାଇଁ ଉଦ୍‌ବେଗ ବାଧ କରେ। ଏକ ସ୍ୱେଚ୍ଛାଚାରୀ ଏବଂ ଖାମଖିଆଲୀ ଶାସନ ଅଧୀନରେ ଏହା ଆହୁରି ବେଶୀ ହେବା ସ୍ୱାଭାବିକ; ବାସ୍ତବିକ ଏପରି ଅବସ୍ଥାରେ ଆଇନର କୌଣସି ନୈତିକ ଯଥାର୍ଥତା ରହେନା।

ଲିବରାଲମାନେ କହନ୍ତି, "ପ୍ରତ୍ୟକ୍ଷ ସଂଗ୍ରାମ ଏକଛତ୍ର ଶାସନର ଅନୁକୂଳ, ଗଣତନ୍ତ୍ରର ନୁହେଁ ଏବଂ ଯେଉଁମାନେ ଗଣତନ୍ତ୍ରର କଥା କୁହନ୍ତି, ସେମାନଙ୍କୁ ପ୍ରତ୍ୟକ୍ଷ ସଂଗ୍ରାମ ଛାଡ଼ିବାକୁ ହେବ।" ଏହା ବିଶୃଙ୍ଖଳ ଚିନ୍ତା ଓ ଶିଥିଳ ଲେଖାର ପରିଚୟ। ବେଳେ ବେଳେ ପ୍ରତ୍ୟକ୍ଷ ସଂଗ୍ରାମ—ଯଥା ଶ୍ରମିକ ଧର୍ମଘଟ ଆଦି ସଂପୂର୍ଣ୍ଣ ଆଇନସଙ୍ଗତ ହୋଇପାରେ। ସମ୍ଭବତଃ ଏହା କହିବାବେଳେ ରାଜନୈତିକ ସମସ୍ୟାକୁ ଲକ୍ଷ୍ୟ କରି କୁହା ହୋଇ-ଥିଲା। ଆଜି ଜର୍ମାନୀରେ ହିଟଲରର ଅଧୀନରେ କପରି କାର୍ଯ୍ୟର ସମ୍ଭାବନା ରହିଛି? ହୁଏତ ସମ୍ପୂର୍ଣ୍ଣ ବଶତା ସ୍ୱୀକାର କରିବାକୁ ହେବ ନଚେତ୍ ବେଆଇନ ଓ ବିପ୍ଳବୀ କାର୍ଯ୍ୟ କରିବାକୁ ପଡ଼ିବ। ସେଠାରେ ଗଣତନ୍ତ୍ର କପରେ ଚାଲିପାରେ?

ଭାରତରେ ଲିବରାଲମାନେ ଅନେକ ସମୟରେ ଗଣତନ୍ତ୍ର କଥା କହନ୍ତି, ମାତ୍ର ତାହା ମାନିବା ସେମାନଙ୍କର ଇଚ୍ଛା ନଥାଏ। ୧୯୩୪ ମସିହା ମେ ମାସରେ ଜଣେ ପ୍ରସିଦ୍ଧ ଲିବରାଲ ନେତା ସାର୍ ପି. ଏସ୍. ଶିବସ୍ୱାମୀ ଆୟାର୍ କହିଥିଲେ "ଗଣ ପରିଷଦ କଥା ଉତ୍ଥାପନ କରି କଂଗ୍ରେସ କୋଟି କୋଟି ଜନତାଙ୍କ ଉପରେ ବେଶୀ ବିଶ୍ୱାସ ସ୍ଥାପନ କରୁଛି ଏବଂ ଲଣ୍ଡନ ଗୋଲ ଟେବୁଲ ସମ୍ମିଳନୀରେ ଯୋଗ ଦେଇଥିବା

Digitized by srujanika@gmail.com

ଲେଖକଙ୍କର ଯୋଗ୍ୟତା ଓ ନିଷ୍ଠାପରତା ପ୍ରତି ନ୍ୟାୟ ବିଚାର କରୁନାହିଁ । ଗଣପରିଷଦ ଏହା ଅପେକ୍ଷା ଅଧିକ କିଛି କରିବା ବିଷୟରେ ମୁଁ ସନ୍ଦିହାନ ।'' ସୁତରାଂ ସାର୍ ଶିବସ୍ୱାମୀଙ୍କର ଗଣତନ୍ତ୍ର ଧାରଣା 'ଜନସାଧାରଣଙ୍କ' ଠାରୁ କିଛି ପୃଥକ ଜିନିଷ ଏବଂ ଏହା କେତିଶ ସରକାରଦ୍ୱାରା ମନୋନୀତ କେତେକ 'ବିଶ୍ୱାସୀ ଓ ଯୋଗ୍ୟ' ଲୋକଙ୍କ ସହିତ ଖାପ ଖାଏ । ଆହୁରି ମଧ୍ୟ ସେ 'ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନ ହେଲେ ସୁଦ୍ଧା' ଏହା କାଗଜକୁ 'ଆଶୀର୍ବାଦ' କରିଛନ୍ତି ଏବଂ ସଙ୍ଗେ ସଙ୍ଗେ କହୁଛନ୍ତି ଯେ 'ଦେଶୀ ପକ୍ଷରେ ଏହାର ପୂର୍ଣ୍ଣ ବିରୋଧ କରିବା ଅନ୍ୟାୟ ପରିଚାୟକ ହେବ । ସୁତରାଂ ବ୍ରିଟିଶ ସରକାର ଓ ସାର୍ ପି. ଏସ୍. ଶିବସ୍ୱାମୀ ଆୟାରଙ୍କ ଭିତରେ କାହିଁକି ପୂର୍ଣ୍ଣ ସହଯୋଗ ନ ହେବ ଏହା ବୁଝିବାର କୌଣସି କାରଣ ନାହିଁ ।

କଂଗ୍ରେସର ଆଇନ ଅମାନ୍ୟ ପ୍ରତ୍ୟାହାରକୁ ଲିବରାଲମାନେ ସ୍ୱାଗତ କରିବା ସ୍ୱାଭାବିକ । ଏହି 'ନିର୍ବୋଧ ଓ ଅବିବେକୀ ଆନ୍ଦୋଳନ' ରୁ ସେମାନେ ଅଲଗା ରହିଥିବା ହେତୁ ଯେ ବାହାଦୂରୀ ନେବେ ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ । ସେମାନେ ଆମକୁ କହିଲେ 'ଆମେ ଆଗରୁ ଏକଥା କହୁ ନ ଥିଲୁ କି ?' ଏହା ଏକ ଅଦ୍ଭୁତ ଯୁକ୍ତି । ଆମେ ବୁଦ୍ଧିହୀନ ବିଷୟରେ ଏକ ପ୍ରାଣପଣ ଯୁଦ୍ଧରେ ଧକ୍କା ଖାଇ ପଡ଼ିଗଲୁ । ଅତଏବ ଏହାର ନୈତିକ ସିଦ୍ଧାନ୍ତ ହେଲା ଯେ ଠିଆ ହେବାଟା ଖରାପ ଜିନିଷ—ବଡ଼ ବିପଦ ମୁକ୍ତି । ଗୋଡ଼ଭାଙ୍ଗି ହୋଇ ଗଡ଼ିବା ହେଉଛି ସର୍ବୋତ୍ତମ ଓ ନିରାପଦ । ଭୂମି ସହିତ ସମାନ୍ତରାଳ ଅବସ୍ଥାରେ ରହିଥିଲେ ଧକ୍କା ମାରି ଶୁଆଇ ଦେବା ଅସମ୍ଭବ ହେବ ।

Digitized by srujanika@gmail.com

୫୩

ପୁରାତନ ଓ ନୂତନ ଭାରତ

ଭାରତର ଜାତୀୟତାବାଦ ଯେ ବିଦେଶୀ ଶାସନ ପ୍ରତି ଅସନ୍ତୋଷ ପ୍ରକାଶ କରିବ ଏହା ସ୍ୱାଭାବିକ ଓ ଅନିବାର୍ଯ୍ୟ । ଅଥଚ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ସଚେତନ ଭାବରେ ବା ଅଚେତନ ଭାବରେ ହେଉ ଆମର ବହୁସଂଖ୍ୟକ ଶିକ୍ଷିତଲୋକ କିପରି ବ୍ରିଟିଶ ସାମ୍ରାଜ୍ୟ ମତବାଦକୁ ଗ୍ରହଣ କଲେ ଏହା ଅଦ୍ଭୁତ କଥା । ସେମାନେ ଏହା ଉପରେ ନିଜର ମୁକ୍ତି ସ୍ଥିର କଲେ ଏବଂ କେବଳ ଏହାର କେତେକ ବାହ୍ୟ ଲକ୍ଷଣ ସମାଲୋଚନା କରିବାକୁ ସାହସ କରୁଥିଲେ । ସ୍କୁଲ ଓ କଲେଜ-ମାନଙ୍କରେ ଯେଉଁ ଇତିହାସ ଓ ଅର୍ଥଶାସ୍ତ୍ର ଶିକ୍ଷା ଦିଆଯାଏ, ତାହା ବ୍ରିଟିଶ ଦୃଷ୍ଟିକୋଣରୁ ଲେଖା ହୁଏ—ଅତୀତରେ ଓ ବର୍ତ୍ତମାନ ଆମର ଅସଂଖ୍ୟ ଦୋଷ ଦୁର୍ବଳତା ଓ ବ୍ରିଟିଶମାନଙ୍କର ଗୁଣ ଓ ଉଚ୍ଚ ଆଦର୍ଶ କଥା ଉଲ୍ଲେଖ ଥାଏ । ଆମେ ଏହି ବିକୃତ ବିବରଣୀକୁ କେତେକ ପରିମାଣରେ ଗ୍ରହଣ କରିଛୁ ଏବଂ ଏପରି କି ଆମେ ଏହାର ପ୍ରତିରୋଧ କରିବାକୁ ମନ କରିଥିଲା ବେଳେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛୁ ! ଅବଶ୍ୟ ବୁଦ୍ଧି ଦିଗରୁ ପ୍ରଥମେ ଏହା ଠାରୁ ବର୍ତ୍ତିବାର ଉପାୟ ନ ଥିଲା, କାରଣ ଆମକୁ ଅନ୍ୟ କୌଣସି ବିଷୟ ବା ଯୁକ୍ତି ଜଣା ନ ଥିଲା; ସେଥିଲାଗି ଆମେ ଧାର୍ମିକ ଜାତୀୟତାବାଦରେ ଅନ୍ତତଃ ଆଶ୍ରୟ ନେଲୁ—ଅନ୍ତତଃ ଆମ ମନରେ ଏହି ଚିନ୍ତା ରହିଲା ଯେ ଧର୍ମ ଓ ଦର୍ଶନ ଦିଗରେ ଆମେ ଅନ୍ୟ ଲୋକଙ୍କଠାରୁ ଦ୍ୱିତୀୟ ନୋହୁଁ । ଆମର ଦୁର୍ଭାଗ୍ୟ ଓ ଅଧୋଗତି ସତ୍ତ୍ୱେ ଆମର ପାଶ୍ଚାତ୍ୟର ଚାକଚକ୍ୟ ଓ ବାହ୍ୟ ଦୃଶ୍ୟ ନ ଥିଲେ ସୁଦ୍ଧା ଆମର ଅନ୍ତରରେ ଯେଉଁ ପ୍ରକୃତ ସମ୍ପଦ ଅଛି, ତାହା ଏହା ଅପେକ୍ଷା ଅଧିକ ମୂଲ୍ୟବାନ୍ ଓ ଦୁର୍ଲ୍ଲଭ ଏହି ଧାରଣାରେ ଅନ୍ତତଃ ସାନ୍ତ୍ୱନା ପାଉଥିଲୁ । ବିବେକାନନ୍ଦ ଓ ଅନ୍ୟ ଦାର୍ଶନିକମାନଙ୍କ ଯୋଗୁଁ ଆମର ପ୍ରାଚୀନ

Digitized by srujanika@gmail.com

ଦର୍ଶନରେ ପାଶ୍ଚାତ୍ୟ ପଣ୍ଡିତମାନଙ୍କର ଅନୁରକ୍ତପୋଗୁଁ ଆମର ପୁନର୍ବାର ଆତ୍ମମର୍ଯ୍ୟାଦାବୋଧ ବଢ଼ିଥିଲା ଏବଂ ଅତୀତରେ ଆମର ମୃତ ଗୌରବ ପୁନର୍ବାର ଜାଗ୍ରତ ହୋଇଥିଲା ।

ଆମର ଅତୀତ ଓ ବର୍ତ୍ତମାନ ଅବସ୍ଥା ସମ୍ବନ୍ଧରେ ଇଂରେଜମାନଙ୍କର ଘୋଷଣାକୁ ଆମେ କ୍ରମେ ସନ୍ଦେହ ଚକ୍ଷୁରେ ଦେଖି ସମାଲୋଚନା କରିବାକୁ ଲାଗିଲୁ; ମାତ୍ର ତଥାପି ବ୍ରିଟିଶ ମତବାଦ ଭିତରେହିଁ ଆମେ ଚିନ୍ତା କଲୁ ଓ କାର୍ଯ୍ୟ କରୁଥିଲୁ । କୌଣସି ଜିନିଷ ଖରାପ ହେଲେ ତାକୁ 'ଅବ୍ରିଟିଶ' ବୋଲି କୁହାଯାଉଥିଲା, କୌଣସି ଇଂରେଜ ଲୋକ ଭାରତରେ ଦୁର୍ବ୍ୟବହାର କଲେ ସେଥିପାଇଁ ସେ ଦୋଷୀ ହେଉଥିଲା, ବ୍ୟବସ୍ଥା ନୁହେଁ । କିନ୍ତୁ ମଡ଼ରେଟ ଦୃଷ୍ଟିକୋଣରୁ ହେଲେ ସୁଦ୍ଧା ଭାରତରେ ବ୍ରିଟିଶ ଶାସନର ଯେଉଁ ସବୁ ସମାଲୋଚନାମୂଳକ ବିବରଣୀ ସଂଗ୍ରହ ହୋଇଥିଲା ତାହା ଏକ ବିପ୍ଲବାତ୍ମକ କାମ କରିଥିଲା ଏବଂ ଆମ ଜାତୀୟତାକୁ ଏକ ରାଜନୈତିକ ଓ ଅର୍ଥନୈତିକ ଭିତ୍ତି ଉପରେ ପ୍ରତିଷ୍ଠିତ କଲା । ଦାଦାଭାଇ ନାଓରୋଜୀଙ୍କର 'ଦାରିଦ୍ର୍ୟ ଓ ଭାରତରେ ଅବ୍ରିଟିଶ ଶାସନ' (Poverty and Un-British Rule in India) ରମେଶ ଦତ୍ତ, ୱିଲିୟମ ଡିଗ୍ବୀ ପ୍ରଭୃତିଙ୍କ ପୁସ୍ତକ ଆମ ଭିତରେ ଜାତୀୟବାଦ-ଚିନ୍ତା ବୃଦ୍ଧି କରିବାରେ ବୈପ୍ଳବିକ ପ୍ରେରଣା ଦେଇଥିଲା । ପ୍ରାଚୀନ ଭାରତ ଇତିହାସ ସମ୍ବନ୍ଧରେ ଅଧିକ ଅନୁସନ୍ଧାନ ଫଳରେ ସୁଦୂର ଅତୀତର ଉଜ୍ଜ୍ୱଳମୟ ଓ ଉଚ୍ଚସଭ୍ୟ ଯୁଗ ପ୍ରକାଶିତ ହେଲା ଏବଂ ଆମେ ଏହା ପଢ଼ି ଖୁବ୍ ସନ୍ତୋଷ ଲାଭ କଲୁ । ଆମେ ମଧ୍ୟ ଜାଣିପାରିଲୁ ଯେ ଇତିହାସ ବହିରୁ ଆମେ ଭାରତରେ ବ୍ରିଟିଶ ଶାସନ ବିବରଣ ସମ୍ବନ୍ଧରେ ଯାହା ପଢ଼ୁଛୁ ତାହା ସମ୍ପୂର୍ଣ୍ଣ ବିକୃତ ।

ଭାରତରେ ଇତିହାସ, ଅର୍ଥନୀତି ଶାସନ ସମ୍ବନ୍ଧରେ ବ୍ରିଟିଶମତ ବିରୁଦ୍ଧରେ ଆମର ବିରୋଧିତା ବୃଦ୍ଧି ପାଇଲା—ତଥାପି ଆମେ ତାଙ୍କ ମତବାଦ ଭିତରେ ରହି କାର୍ଯ୍ୟ କରିବାକୁ ଲାଗିଲୁ, ଶତାବ୍ଦୀର ଶେଷଭାଗ

Digitized by srujanika@gmail.com

ପର୍ଯ୍ୟନ୍ତ ଭାରତ ଜାତୀୟତାବାଦର ଏହି ଅବସ୍ଥା ଥିଲା । ବର୍ତ୍ତମାନ ସୁଦ୍ଧା ଲିବରାଲ ଦଳ, ଅନ୍ୟ ଛୋଟ ଛୋଟ ଦଳ ଏବଂ କେତେକ ମତରେ କଂଗ୍ରେସ ଦଳଙ୍କର ଅବସ୍ଥା ସେହିପରି—ସେମାନେ ଥରକୁ ଥର ଭାବ-ପ୍ରବଣ ଭାବରେ ଅଗ୍ରସର ହୁଅନ୍ତି, ଅଥଚ ମାନସିକ ଭାବରେ ସେମାନେ ଊନବିଂଶ ଶତାବ୍ଦୀରେ ରହିଛନ୍ତି । ଏହି କାରଣରୁ ଲିବରାଲ ଭାରତୀୟ ସ୍ୱାଧୀନତାର ଆଦର୍ଶ ଗ୍ରହଣ କରିପାରୁ ନାହାନ୍ତି; କାରଣ ଏହି ଦୁଇଟି ଭିତରେ ମୌଳିକ ଅସାମଞ୍ଜସ୍ୟ ରହିଛି । ସେ ଶର୍ତ୍ତରେ ଯେ ପାହାଚ ପାହାଚ କରି ଉଠି ସେ ଉଚ୍ଚ ପଦବୀ ପାଇବ ଏବଂ ଆହୁରି ବଡ଼ ବଡ଼ ଓ ଅଧିକ ଗୁରୁତର ଫାଇଲ ଦରକାର କରିବ । ସରକାରୀ ଶାସନ ଯନ୍ତ୍ର, ପୂର୍ବପରି ସୁବ୍ରୁଖିରୁରେ ଚାଲିଥିବ । ସେମାନେ କେବଳ କେନ୍ଦ୍ର ହୋଇ ରହିଥିବେ ଏବଂ ବିଶେଷ କିଛି ହସ୍ତକ୍ଷେପ ନ କରି ତାଙ୍କ ପଶ୍ଚାତ୍‌ରେ କୌଣସି ସ୍ଥାନରେ ବ୍ରିଟିଶ ସୈନ୍ୟ ରହିଥିବେ ଏବଂ ଦରକାର ବେଳେ ତାଙ୍କୁ ରକ୍ଷା କରିବେ । ସାମ୍ରାଜ୍ୟ ଭିତରେ ଔପ-ନିବେଶିକ ସ୍ୱାୟତ୍ତଶାସନ ସମ୍ବନ୍ଧରେ ଲିବରାଲଙ୍କର ଏହି ଧାରଣା ଏହା ଏକ ଅଳୀକ ଧାରଣା—ଏହା ଲବ୍ଧ ହେବା ଅସମ୍ଭବ—କାରଣ ବ୍ରିଟିଶ ରକ୍ଷା କରିବାର ମୂଲ୍ୟ ହେଉଛି ଭାରତର ପରାଧୀନତା । ଗୋଟିଏ ବୃହତ୍ ଦେଶର ଆତ୍ମମର୍ଯ୍ୟାଦାର ଏହା ଅଧୋଗତି ନ ହେଲେ ସୁଦ୍ଧା ଆମେ ଦୁଇକୂଳ ବଜାୟ ରଖିପାରିବା ନାହିଁ । ସାର ଫ୍ରେଡ଼ରିକ୍ ହ୍ୱାଇଟ୍ [ଭାରତ ଜାତୀୟତା ପ୍ରତି ସେ ପକ୍ଷପାତ ଶତ୍ରୁର କହିବାକୁ ହିଁହନ୍ତି ଏବେ ତାଙ୍କ ରଚିତ ‘ପ୍ରାଚ୍ୟ ଓ ପାଶ୍ଚାତ୍ୟର ଭବିଷ୍ୟତ’] [The Future of East and West] ବହିରେ ଲେଖିଛନ୍ତି—"ସେ (ଭାରତବାସୀ) ଏବେ ସୁଦ୍ଧା ବିଶ୍ୱାସ କରେ ଯେ ଇଂଲଣ୍ଡ ତା ବିପଦବେଳେ ପାଖରେ ଛିଡ଼ା ହେବ ଏବଂ ଯେ ପର୍ଯ୍ୟନ୍ତ ଏହି ଭ୍ରାନ୍ତ ଧାରଣା ତା ମନରେ ଥିବ ସେ ପର୍ଯ୍ୟନ୍ତ ସେ ନିଜର ସ୍ୱାୟତ୍ତଶାସନ ଆଦର୍ଶର ମୂଳଭିତ୍ତି ପକାଇ ପାରିବ ନାହିଁ ।" ସେ ଭାରତର କେନ୍ଦ୍ର ବ୍ୟବସ୍ଥାପକଙ୍କର ସଭାପତି ଥିବାବେଳେ ଯେଉଁ ଲିବରାଲ ସମ୍ବା

Digitized by srujanika@gmail.com

ପ୍ରତିକ୍ରିୟାପନ୍ଥୀ ଓ ସାମ୍ପ୍ରଦାୟିକ ମତବାଦୀ ଭାରତୀୟଙ୍କ ସମ୍ପର୍କରେ ଅଧିକ ପରିମାଣରେ ଆସିଥିଲେ ସେହିମାନଙ୍କୁ ଲକ୍ଷ୍ୟ କରି ସେ ଏହା ଲେଖିଥିବା ସମ୍ଭବ । ଏହା କଂଗ୍ରେସର ବିଶ୍ୱାସ ନୁହେଁ – ଅନ୍ୟ ଅଗ୍ରଗାମୀ ଦଳ ଏପରି ବିଶ୍ୱାସ କରନ୍ତି ନାହିଁ । ସେମାନେ ଯାହାହେଉ ସାର ଫେଡ୍ରିକଙ୍କ ସହିତ ଏକମତ ଯେ ଏହି ଭ୍ରାନ୍ତ ଧାରଣା ନ ଯିବା ପର୍ଯ୍ୟନ୍ତ ଏବଂ ମଧ୍ୟ ଭାରତ ଭାଗ୍ୟରେ ବିପଦ ଥାଏ, ତେବେ ସେ ନିଜେ ସେ ବିପଦର ସମ୍ମୁଖୀନ ନ ହେବା ପର୍ଯ୍ୟନ୍ତ କୌଣସି ସ୍ୱାଧୀନତା ହୋଇ ନ ପାରେ । ଭାରତରୁ ବ୍ରିଟିଶ ଫୌଜର ସମ୍ପୂର୍ଣ୍ଣ ପ୍ରତ୍ୟାହାର ହେବାଦ୍ୱାରାହିଁ ଭାରତ ସ୍ୱାଧୀନତାର ଆରମ୍ଭ ହେବ ।

ଉନବିଂଶ ଶତାବ୍ଦୀରେ ଭାରତର ଶିକ୍ଷିତ ଲୋକେ ଯେ ବ୍ରିଟିଶ ମତବାଦକୁ ଗ୍ରହଣ କରିଥିଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଆଶ୍ଚର୍ଯ୍ୟ କଥା ହେଉଛି ବିଂଶ ଶତାବ୍ଦୀର ଚାଞ୍ଚଲ୍ୟପ୍ରଦ ଘଟଣା ଓ ପରିବର୍ତ୍ତନ ପରେ ମଧ୍ୟ କେତେକ ଲୋକଙ୍କ ମନରେ ଏହି ଭ୍ରାନ୍ତ ଧାରଣା ରହିଛି । ଊନବିଂଶ ଶତାବ୍ଦୀରେ ବ୍ରିଟିଶ ଶାସକଶ୍ରେଣୀ ପୃଥିବୀର ଅଭିଜାତ୍ୟ (Aristocracy) ଶ୍ରେଣୀ ଥିଲେ ଏବଂ ସେମାନଙ୍କ ପଶ୍ଚାତରେ ଧନ ସମ୍ପଦ ଓ ଶକ୍ତିର ଗୌରବ ରହିଥିଲା । ଏହି ଦୀର୍ଘକାଳ କାର୍ଯ୍ୟ ଓ ଶିକ୍ଷା ହେତୁ ସେମାନଙ୍କଠାରେ କେତେକ ଗୁଣ ଥିଲା ଏବଂ ଅଭିଜାତ୍ୟ ଶ୍ରେଣୀର ଦୋଷ ମଧ୍ୟ ଥିଲା । ଗତ ପ୍ରାୟ ଦୁଇ ଶତାବ୍ଦୀ ହେଲା ଆମେ ଭାରତରେ ଏହି ଆଭିଜାତ୍ୟ ଗୁଣ ବୃଦ୍ଧି ପାଇବା ସକାଶେ ବହୁ ପରିମାଣରେ ସାହାଯ୍ୟ କରି ଆତ୍ମତୃପ୍ତି ଲାଭ କରୁ । ସେମାନେ ନିଜକୁ ଭାବିବାକୁ ଲାଗିଲେ ଯେ --ଯେପରି ଅନେକ ଜାତି ଓ ଦେଶ ଭାବିଛନ୍ତି ଯେ--ସେମାନେ ଭଗବାନଙ୍କ-ଦ୍ୱାରା ପ୍ରେରିତ ଏବଂ ସେମାନଙ୍କ ରାଜ୍ୟ ହେଉଛି ମର୍ତ୍ତ୍ୟରେ ସ୍ୱର୍ଗ ରାଜ୍ୟ । ତାଙ୍କର ବିଶେଷ ଅବସ୍ଥାକୁ ଗ୍ରହଣ କରାଗଲେ ଏବଂ ତାଙ୍କର ଶ୍ରେଷ୍ଠତା ସମ୍ବନ୍ଧରେ ପ୍ରଶ୍ନ କରା ନ ଗଲେ, ସେମାନେ ଦୟାଳୁ ଓ ଅମାୟିକ ଭାବ ଦେଖାନ୍ତି, କିନ୍ତୁ ଦେଖନ୍ତି ଯେପରି ଏ ଭାବ ନିଜ ସ୍ୱାର୍ଥର କିଛି କ୍ଷତି

Digitized by srujanika@gmail.com

ନ କରେ । ମାତ୍ର ସେମାନଙ୍କର ବିରୋଧ ଅର୍ଥ ଭଗବାନ୍ ବ୍ୟବସ୍ଥାର ବିରୋଧିତା—ତେଣୁ ଏହା ଏକ ଭୟାବହ ପାପ—ଏହାକୁ ଦମନ କରିବାକୁ ହେବ ।

ବ୍ରିଟିଶ ମତବାଦର ଏହି ଦିଗ ସମ୍ବନ୍ଧରେ ମିଷ୍ଟର ଆର୍ନେଷ୍ଟ ବିର୍କ୍ ତାଙ୍କ ରଚିତ "ଲଜିକ୍ ବ୍ରିଟାନିକ୍ୟୋ ଇମ୍ପିରିୟମ୍ ରିପ୍ରେକଲ୍" ପୁସ୍ତକରେ ଲେଖିଛନ୍ତି—

"ଶକ୍ତି ଓ ଐଶ୍ୱର୍ଯ୍ୟଯୁକ୍ତ ହୋଇ ବଂଶାନୁକ୍ରମିକ ଅଭ୍ୟାସ ହେତୁ ସେମାନଙ୍କ ଜୀବନଯାତ୍ରାଭଙ୍ଗୀ ଭିତରେ ଏପରି ଏକ ଆତ୍ମତୃପ୍ତି ଭାବ ଆସିଯାଇଛି ଯେ ସେମାନେ ମନେ କରନ୍ତି ଯେ ସେମାନଙ୍କ ଜନ୍ମପାଇବା ଅଧିକାରହିଁ ଭଗବାନଙ୍କଦ୍ୱାରା ନିର୍ଦ୍ଦିଷ୍ଟ । ଯେତେବେଳେ ବ୍ରିଟିଶର ଶ୍ରେଷ୍ଠତା ଅନ୍ୟମାନଙ୍କ କେହି ସନ୍ଦେହ କରେ, ସେତେବେଳେ ଏହି ଭାବ ଅଧିକ ଉଗ୍ର ହୋଇ ପଡ଼େ । ଶତାବ୍ଦୀର ଶେଷବେଳକୁ ଯୁବକ ବ୍ରିଟେନ୍‌ଗଣ ଏକରୂପ ଅଜ୍ଞାତ ଭାବରେ ମନେ କରୁଥିଲେ ଯେ ଏହି ସାଫଲ୍ୟ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ।

"ଏହି ଧାରଣାକୁ ଭିତ୍ତି କରି ବସ୍ତୁ ଓ ଘଟଣାର ବିଗ୍ରହ କରିବାରେ ଅଭ୍ୟସ୍ତ ବ୍ରିଟିଶ ବ୍ୟବହାରଗୁଡ଼ିକ ଦେଖିଲେ, ଏହା ଅତି ଲଘୁ ଓ ସଙ୍କୀର୍ଣ୍ଣ ସୀମା ଭିତରେ ବ୍ରିଟିଶ ମନସ୍ତତ୍ତ୍ୱ ଉପରେ କିପରି ପ୍ରତିକ୍ରିୟା ସୃଷ୍ଟି କରେ ତାହା ସ୍ପଷ୍ଟ ବୁଝାଯାଏ । ଯେ କେହି ଦେଖିଲେ ସ୍ପଷ୍ଟ ବୁଝିପାରିବ ଯେ ଇଂଲଣ୍ଡ ତାହାର ବର୍ତ୍ତମାନ ସଙ୍କଟଗୁଡ଼ିକର କାରଣ ନା ବାହ୍ୟ ଶକ୍ତି ଉପରେ ଆରୋପ କରିବାକୁ ଚାହେଁ ସେ ସବୁବେଳେ ଅନ୍ୟର ଦୋଷ ଦେଖେ ଏବଂ ମନେ କରେ ଏହି ଅନ୍ୟ ଲୋକ ଯଦି ଆତ୍ମସଂଶୋଧନ କରନ୍ତେ ତେବେ ବ୍ରିଟିଶ ତାର ପୁରାତନ ଐଶ୍ୱର୍ଯ୍ୟ ଫେରିପାଇବ । ନିଜର କୌଣସି ସଂସ୍କାର ଓ ପରିବର୍ତ୍ତନ ନକରି ବ୍ରିଟିଶମାନେ ସବୁବେଳେ ପରର ସଂଶୋଧନ ଓ ସଂସ୍କାର କରିବାରେ ବ୍ୟଗ୍ର ଥାଆନ୍ତି !"

ଯଦି ପୃଥିବୀର ଅବଶିଷ୍ଟ ଅଂଶ ପ୍ରତି ଏହାହିଁ ବ୍ରିଟିଶ ମନୋବୃତ୍ତି ହୁଏ, ତେବେ ଭାରତବର୍ଷରେହିଁ ଏହା ସବୁଠାରୁ ଅଧିକ ଦେଖାଯାଏ ।

Digitized by srujanika@gmail.com

ଭାରତ ସମସ୍ୟା ସମ୍ବନ୍ଧରେ ବ୍ରିଟିଶମନୋଭାବ ଅତ୍ୟନ୍ତ ବିରକ୍ତିକର ହେଲେ ସୁଦ୍ଧା ଏହା କୌତୁକପ୍ରଦ । ନିଜେ ସର୍ବଦା ଠିକ୍ ଅଛନ୍ତି ଏବଂ ଗୋଟିଏ ବିରାଟ ଦାୟିତ୍ୱ ଉପଯୁକ୍ତ ଭାବରେ ମୁଣ୍ଡାଇବାକୁ ପଡୁଥିବାରୁ ଗୋଟାଏ ଅସ୍ୱସ୍ତି; ସେମାନଙ୍କର ଜାତିର ଭାଗ୍ୟ ଓ ନିଜ ଆଦର୍ଶ ଉଚିତ ସାମ୍ରାଜ୍ୟ-ବାଦ ଗତିରେ ବିଶ୍ୱାସ—ଏହି ସତ୍ୟ ବିଶ୍ୱାସର ଗତିର ବିରୋଧ କରୁଥିବା ପାପୀ ଓ ଅବିଶ୍ୱାସୀଙ୍କ ପ୍ରତି ଘୃଣା ଓ କ୍ରୋଧ—ଏହି ମନୋଭାବ ଧର୍ମାନୁରାଗ ପରି ଅନ୍ଧ ଭାବରେ ପରିପୂର୍ଣ୍ଣ । ପୂର୍ବକାଳରେ ସେମାନେ କାଥଲିକ ଧର୍ମର ବିରୁଦ୍ଧବାଦୀଙ୍କୁ ଦମନ କରିବା ନିମନ୍ତେ ଯେଉଁ ଦଳ ହୋଇଥିଲା, ସେହି-ମାନଙ୍କ ପରି ଏ ବିଷୟରେ ଆମର ମତାମତକୁ ଖାତିର ନକରି ସେମାନେ ଆମକୁ ରକ୍ଷା କରିବାକୁ ବ୍ୟସ୍ତ ଥିଲେ । ଘଟଣାକ୍ରମେ ଏହି ବ୍ୟବସାୟରେ ସେମାନେ ଲାଭବାନ୍ ହେଲେ—ସେମାନେ ପୁରାତନ କାହାଣୀର ସତ୍ୟତା ପ୍ରତିପାଦିତ କରିଛନ୍ତି—"ସାଧୁତାହିଁ ଶ୍ରେଷ୍ଠ ନୀତି ।" ଭାରତରେ ସାମ୍ରାଜ୍ୟ ପରିକଳ୍ପନା ଗୃହୀତ କରାଇବା ଏବଂ ବହୁ ବହୁ ଭାରତୀୟଙ୍କୁ ବ୍ରିଟିଶ ଛାଞ୍ଚରେ ତିଆରି କରିବା ଏକ କଥା । ଆମେ ଯେତେ ଅଧିକ ବ୍ରିଟିଶ ଆଦର୍ଶ ଓ ଲକ୍ଷ୍ୟ ଗ୍ରହଣ କରିବୁ 'ସ୍ୱାୟତ୍ତଶାସନ' ଲାଗି ତେତେ ଅଧିକ ଯୋଗ୍ୟ ବିବେଚିତ ହେବୁ । ଆମେ ଯଦି ନିର୍ଭର ଜବାବ ଦେଇ କାର୍ଯ୍ୟରେ ଦେଖାଇ ଦେଇ ଯେ ବ୍ରିଟିଶ ଇଚ୍ଛାନୁସାରେ ଆମେ ସ୍ୱାଧୀନତାକୁ ବ୍ୟବହାର କରିବୁ ତେବେ ସ୍ୱାଧୀନତା ଆମକୁ ମିଳିବ ।

ମୋର ଆଶଙ୍କା ଭାରତରେ ବ୍ରିଟିଶ ଶାସନର ଘଟଣା ସମ୍ବନ୍ଧରେ ଭାରତବାସୀ ଓ ଇଂରେଜଙ୍କ ଭିତରେ ମତଭେଦ ହେବାର ସମ୍ଭାବନା ଏହା ସମ୍ଭବତଃ ସ୍ୱାଭାବିକ, ମାତ୍ର ଯେତେବେଳେ ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀ ଯଥା ଭାରତର ସଚିବ ଇତ୍ୟାଦି ଭାରତର ଅତୀତ ଓ ବର୍ତ୍ତମାନ ସମ୍ବନ୍ଧରେ ହାସ୍ୟପ୍ରଦ ଚିତ୍ର କରନ୍ତି ଏବଂ ଘଟଣା ଉପରେ ଭିତ୍ତି ନକରି ସେଇସବୁ ବର୍ଣ୍ଣିତ କରନ୍ତି, ସେଥିରେ ମର୍ମାହତ ହେବାକୁ ହୁଏ । କେତେକ ବିଶେଷଜ୍ଞ ଇତ୍ୟାଦିଙ୍କୁ ଛାଡ଼ିଦେଲେ ଭାରତ ସମ୍ବନ୍ଧରେ ଇଂରେଜ ଲୋକେ କେତେ ଅନଭିଜ୍ଞ—ଦେଖିଲେ ସମ୍ପୂର୍ଣ୍ଣ ଅସାଧାରଣ ମନେହୁଏ । ଘଟଣା

Digitized by srujanika@gmail.com

ଯେତେବେଳେ ସେମାନଙ୍କ ଦୃଷ୍ଟିରେ ପଡ଼େ ନା, ସେତେବେଳେ ଭିତରର ମନର ଭାବ ସେମାନଙ୍କଠାରୁ କେତେଦୂରରେ ଥିବ ? ସେମାନେ ଭାରତର ଶରୀରଧାରଣ ଦଖଲ କରୁଛନ୍ତି; ମାତ୍ର ଏହା ଧ୍ୱଂସ ଦଖଲ । ସେମାନେ ତାକୁ ଜାଣି ନଥିଲେ କିମ୍ବା ଜାଣିବାକୁ ଚେଷ୍ଟା କରି ନାହାନ୍ତି । ସେମାନେ ତାହାର ନୟନ ପ୍ରତି ଦୃଷ୍ଟିପାତ କରନ୍ତି ନାହିଁ—କାରଣ ସେମାନଙ୍କ ଚକ୍ଷୁ ଅନ୍ୟ ବିଷୟରେ ମଗ୍ନ ଏବଂ ଭାରତର ଚକ୍ଷୁ ଲଜ୍ଜା ଓ ଅପମାନରେ ଅବନତ । କେତେ ଶତାବ୍ଦୀର ସଂସର୍ଗ ପରେ ସୁଦ୍ଧା ସେମାନେ ପରସ୍ପର ନିକଟରେ ଅପରିଚିତ ଏବଂ ପରସ୍ପରକୁ ଘୃଣା କରନ୍ତି ।

ତଥାପି ଭାରତ ଦାରିଦ୍ର୍ୟ ଓ ଅଧୋଗତି ସତ୍ତ୍ୱେ ତାହାର ମହତ୍ତ୍ୱ ଓ ଗୌରବର ଇତିହାସ ରହିଛି; ସେ ଅତୀତର ସଂସ୍କୃତି ଓ ବର୍ତ୍ତମାନର ଦୁର୍ଦ୍ଦଶା ବୋଝରେ ଭାଙ୍ଗିପଡ଼ୁଥିଲେ ସୁଦ୍ଧା ତାର ଦୃଷ୍ଟିରେ କ୍ଳାନ୍ତ ଦେଖା ଦେଖାଯାଏ ନାହିଁ, "ସୌନ୍ଦର୍ଯ୍ୟ ତା'ର ମାଂସରୁ ଫୁଟି ବାହାରୁଛି; କେତେ ଆଶ୍ଚର୍ଯ୍ୟ ଚିନ୍ତା କେତେ ଅପୂର୍ବ ସ୍ୱପ୍ନ, କେତେ ମଧୁରଆବେଗ ସ୍ତର ସ୍ତର ହୋଇ ତାର ଶରୀରରେ ରହିଅଛି ।" ତାହାର ଜୀର୍ଣ୍ଣୀଭୂତ ଦେହର ଭିତରେ ଓ ବାହାରେ ତେବେ ସୁଦ୍ଧା ଆତ୍ମାର ମହିମାର ଦର୍ଶନ ମିଳେ । ଦୀର୍ଘକାଳ ଧରି ସେ ଯାତ୍ରା କରିଛି ଏବଂ ପଥରେ ଅନେକ ଜ୍ଞାନ ଅର୍ଜନ କରିଛି—ଅପରିଚିତ ଲୋକଙ୍କ ସହିତ ସମ୍ପର୍କରେ ଆସିଛି ଏବଂ ସେମାନଙ୍କୁ ନିଜର ବିରାଟ ପରିବାରର ଅନ୍ତର୍ଭୁକ୍ତ କରିଛି, ଗୌରବ ଓ ପତନ ଦୃଶ୍ୟ ଦେଖିଛି, ଅପମାନ ଓ ଭୀଷଣ ଦୁଃଖ ସହ୍ୟ କରିଛି ଏବଂ ଅନେକ ଅଦ୍ଭୁତ ଦୃଶ୍ୟ ଦେଖିଛି । ମାତ୍ର ତାର ଦୀର୍ଘ ଯାତ୍ରା ମଧ୍ୟରେ ସେ ତା'ର ଚିରସ୍ମରଣୀୟ ସଂସ୍କୃତିକୁ ଧରି ରଖିଛି, ଏଥିରୁ ଜୀବନ ଓ ଶକ୍ତି ପାଇଛି ଏବଂ ଅନ୍ୟ ଦେଶରେ ଏହା ବିତରଣ କରିଛି । ଗୋଲକାର ବସ୍ତୁ ପରି ସେ ତଳକୁ ଯାଇଛି ଓ ଉପରକୁ ଉଠିଛି ସେ ନିଜ ଚିନ୍ତାର ସାହାଯ୍ୟରେ ସ୍ୱର୍ଗକୁ ଯାଇ ସେଠାର ରହସ୍ୟ ଭେଦ କରିବା ନିମନ୍ତେ ଚେଷ୍ଟା କରିଛି ଏବଂ ନରକ ଗାତର ମଧ୍ୟ ତିକ୍ତ ଅଭିଜ୍ଞତା ତା'ର ଥିଲା । ଯେଉଁସବୁ ଦୁଃଖ-ଦାୟକ କୁସଂସ୍କାର ସବୁ ବୃଦ୍ଧି ପାଇଛି, ଯେଉଁସବୁ ପ୍ରଥାକୁ ଧରି ରହି-

Digitized by srujanika@gmail.com

ଥିବାରୁ ତାହାର ଅଧୋଗତି ହୋଇଛି ତାହା ସତ୍ତ୍ୱେ ଇତିହାସର ପ୍ରଥମ ଅବସ୍ଥାରେ ଉପନିଷଦରେ ତା'ର ଜ୍ଞାନୀ ସନ୍ତାନମାନେ ଯେଉଁ ପ୍ରେରଣା ଦେଇଥିଲେ ତାହା ସେ ସମ୍ପୂର୍ଣ୍ଣରୂପେ ଭୁଲି ନଥିଲା । ତାଙ୍କର ଚଞ୍ଚଳ ମନ ବିଶ୍ରାମହୀନ ଭାବରେ ବାରମ୍ବାର ଚେଷ୍ଟା କରି ଆବିଷ୍କାର କରିଅଛି— କୌଣସି ବୁଦ୍ଧିହୀନ ଅନ୍ଧ ମତବାଦ କିମ୍ବା ପ୍ରାଣହୀନ ବାହ୍ୟ ଅନୁଷ୍ଠାନରେ ନିଜକୁ ଢାଳି ଦେଇ ସେମାନେ ନିଶ୍ଚିନ୍ତ ହୋଇ ବସି ନଥିଲେ । ସେମାନେ ବର୍ତ୍ତମାନର ଶାରୀରିକ ଦୁଃଖରୁ ଆରାମ ଦାବୀ କରୁ ନଥିଲେ, କିମ୍ବା ସ୍ୱର୍ଗରେ ସ୍ଥାନ ଦାବୀ କରୁ ନଥିଲେ, ମାତ୍ର ଆଲୋକ ଓ ବୁଝିପାରିବାପାଇଁ ଚାହୁଁଥିଲେ । ବୃହଦାରଣ୍ୟକ ଉପନିଷଦର "ମୋତେ ଅବାସ୍ତବରୁ ବାସ୍ତବକୁ ନେଇଯାଅ" ଅନ୍ଧକାରରୁ ଆଲୋକକୁ ନିଅ ଏବଂ ମୋତେ ମୃତ୍ୟୁରୁ ଅମରପଦକୁ ନେଇଯାଅ" ଏହି ପ୍ରାର୍ଥନା ଥିଲା । ଆଜିସୁଦ୍ଧା ପ୍ରତିଦିନ କୋଟି କୋଟି ନରନାରୀଙ୍କର ପ୍ରାର୍ଥନା ହେଉଛି ଗାୟତ୍ରୀ ମନ୍ତ୍ର—ଏହା ହେଉଛି ଜ୍ଞାନ ଆଲୋକପାଇଁ ଆହ୍ୱାନ ।

ରାଜନୀତିକ ଦିଗରେ ବାରମ୍ବାର ଭାଙ୍ଗିପଡ଼ିଥିଲେ ସୁଦ୍ଧା ସେ ତାର ପରମ୍ପରାଗତ ସାଧାରଣ ସମ୍ପଦ ରକ୍ଷା କରିଛି ଏବଂ ତାର ବିପଦ ବେଳେ ସୁଦ୍ଧା ଏକ ଅପୂର୍ବ ଏକତା ଦେଖାଯାଇଛି । * ପ୍ରାଚୀନ ଦେଶମାନଙ୍କ ପରି ଏଥିରେ ଭଲ ଓ ମନ୍ଦର ଅପୂର୍ବ ସମାବେଶ ରହିଛି; ମାତ୍ର ଉତ୍ତମ ଜିନିଷ ଲୁଚି ରହିଛି ଏବଂ ତାହା ଖୋଜି ବାହାର କରିବାକୁ ହେବ—ମାତ୍ର ପଚନର ପରୁ ଗନ୍ଧ ପ୍ରକାଶ ପାଇଛି ଏବଂ ପ୍ରଖର ସୂର୍ଯ୍ୟ କିରଣ ଏହି ମନ୍ଦ ଗୁଡ଼ିକୁ ପ୍ରକାଶ କରି ଦେଇଛି ।

---

* "ଭାରତର ବହୁ ସ୍ୱବିରୋଧଭାବ ଓ ବିଭିନ୍ନ ମତ ଉପରେ ଏକ ମହତ୍ତ୍ୱର ଏକତା ରହିଛି—ଏହା ସହଜେ ଦେଖାଯାଏନା—କାରଣ ଦେଶକୁ ଏକ କରିବାପାଇଁ କୌଣସି ରାଜନୀତିକ ଯନ୍ତ୍ରରୂପେ ଏହାର ଐତିହାସିକ ଅଭିବ୍ୟକ୍ତି ହୋଇ ନଥିଲା; ମାତ୍ର ତଥାପି ଏହା ଅତ୍ୟନ୍ତ ବାସ୍ତବ ଓ ଶକ୍ତିଶାଳୀ; ଏପରି କି ଭାରତରେ ମୁସଲମାନ ଜଗତ ସୁଦ୍ଧା ସ୍ୱୀକାର କରନ୍ତି ଯେ ଏହାର ସଂସ୍ପର୍ଶରେ ଆସି ସେମାନେ ଗଭୀର ଭାବରେ ପ୍ରଭାବିତ ହୋଇଛନ୍ତି—" ସାର୍ ଫ୍ରେଡ଼ରିକ୍ ହ୍ୱାଇଟ୍—'ପ୍ରାଚ୍ୟ ଓ ପାଶ୍ଚାତ୍ୟର ଭବିଷ୍ୟତ' ।

Digitized by srujanika@gmail.com

ଇଟାଲି ଓ ଭାରତ ଭିତରେ ସାମଞ୍ଜସ୍ୟ ରହିଛି । ଉଭୟେ ହେଉଛନ୍ତି ପ୍ରାଚୀନ ଦେଶ—ଦୀର୍ଘ ପ୍ରାଚୀନ ସଂସ୍କୃତି ଏମାନଙ୍କ ପଶ୍ଚାତ୍‌ରେ ରହିଛି—ଅବଶ୍ୟ ଭାରତ ତୁଳନାରେ ଇଟାଲି ଏକ ନୂତନ ଦେଶ ଏବଂ ଭାରତ ଏକ ଅଧିକ ବିଶାଳ ଦେଶ । ଦୁଇଟିଯାକ ରାଜନୀତିକ ଭାବରେ ବିଭକ୍ତ—ତଥାପି ଭାରତ ପରି ଇଟାଲିର ଧାରଣା କେବେହେଁ ମରିନାହିଁ ଏବଂ ସମସ୍ତ ବିଭିନ୍ନତା ମଧ୍ୟରେ ଐକ୍ୟଭାବ ପ୍ରାଧାନ୍ୟ ଥିଲା । ଇଟାଲିରେ ପ୍ରଧାନ ଭାବରେ ରୋମାନ୍ ଏକତା ରହିଛି କାରଣ ସେହି ମହାନ୍ ସହରହିଁ ଦେଶରେ ପ୍ରାଧାନ୍ୟ କରିଥିଲା ଏବଂ ଏହା ଏକତାର ଝରଣା ଓ ପ୍ରତୀକ ହୋଇ ରହିଛି । ଭାରତରେ ସେପରି ଗୋଟାଏ କେନ୍ଦ୍ର ବା ସହରର ପ୍ରାଧାନ୍ୟ ନ ଥିଲା । ଅବଶ୍ୟ ବେନାରସକୁ ପ୍ରାଚ୍ୟର ଚିରନ୍ତନ ସହର କୁହାଯାଇ ପାରେ—ଖାଲି ଭାରତ ନୁହେଁ, ସମଗ୍ର ପୂର୍ବ ଏସିଆ ଭୂଖଣ୍ଡର । ମାତ୍ର ରୋମ ପରି ବେନାରସ କେବେ ସାମ୍ରାଜ୍ୟ ବିସ୍ତାର କିମ୍ବା ପାର୍ଥିବ ବସ୍ତୁ ଲାଭରେ ମନ ଦେଇ ନାହିଁ । ଭାରତୀୟ ସଂସ୍କୃତି ସମଗ୍ର ଭାରତରେ ଏତେ ବିସ୍ତୃତ ଥିଲା ଯେ ଦେଶର କୌଣସି ଅଞ୍ଚଳକୁ ସଂସ୍କୃତିର କେନ୍ଦ୍ରସ୍ଥଳ ବୋଲି କୁହାଯାଇ ପାରେ ନା । କନ୍ୟାକୁମାରୀଠାରୁ ହିମାଳୟର ଅମରନାଥ ଓ ବଦ୍ରିନାଥ ପର୍ଯ୍ୟନ୍ତ ଏବଂ ଦ୍ୱାରକାଠାରୁ ପୁରୀ ପର୍ଯ୍ୟନ୍ତ ଏକ ଭାବଧାରା ପ୍ରବାହିତ ହେଉଥିଲା ଏବଂ କୌଣସି ସ୍ଥାନରେ ଭାବର ସଙ୍ଘର୍ଷ ହେଲେ ତାହାର କୋଳାହଳ ଦେଶର ଦୂରବର୍ତ୍ତୀ ଅଞ୍ଚଳରେ ସୁଦ୍ଧା ପହଞ୍ଚି ଯାଉଥିଲା ।

ଇଟାଲି ଯେପରି ପଶ୍ଚିମ ୟୁରୋପକୁ ସଂସ୍କୃତି ଓ ଧର୍ମ ଦାନ କରୁଥିଲା, ସେହିପରି ପୂର୍ବ ଏସିଆରେ ଭାରତ ଦାନ କରିଥିଲା—ଅବଶ୍ୟ ଚୀନ ମଧ୍ୟ ଭାରତ ପରି ପ୍ରାଚୀନ ଓ ଶ୍ରଦ୍ଧାଭାଜନ । ଏପରି କି ଇଟାଲି ଯେତେବେଳେ ରାଜନୀତିକ କ୍ଷେତ୍ରରେ ତଳେ ପଡ଼ିଥିଲା, ସେତେବେଳେ ୟୁରୋପର ଶିଳ୍ପ ପ୍ରଣିଧିରେ ତାର ଜୀବନ ପ୍ରବାହିତ ହେଉଥିଲା ।

ମା'ଟର୍ନିକ କହିଛନ୍ତି ଇଟାଲି ଏକ 'ଭୌଗୋଳିକ ଅଭିବ୍ୟକ୍ତି' ଏବଂ ଅନେକ ପରବର୍ତ୍ତୀ ମା'ଟର୍ନିକ ଏହି ଶବ୍ଦ ଭାରତ ପ୍ରତି ପ୍ରୟୋଗ କରିଛନ୍ତି ।

Digitized by srujanika@gmail.com

ଏବଂ ଆଶ୍ଚର୍ଯ୍ୟ କଥା ଯେ ଏହି ଦୁଇ ମହାଦେଶର ଭୌଗୋଳିକ ଅବସ୍ଥାନରେ ମଧ୍ୟ ସାମଞ୍ଜସ୍ୟ ରହିଛି । ଇଂଲଣ୍ଡ ସହିତ ଅଷ୍ଟ୍ରିଆର ତୁଳନା ମଧ୍ୟ ଆହୁରି ଅଧିକ ଆମୋଦପ୍ରଦ । ଊନବିଂଶ ଶତାବ୍ଦୀର ଅଷ୍ଟ୍ରିଆ ପରି ବିଂଶ ଶତାବ୍ଦୀର ଇଂଲଣ୍ଡ ମଧ୍ୟ ଗର୍ବିତ, ଉଦ୍ଧତ ଓ ପ୍ରଭୁତ୍ୱପ୍ରବଣ—ମାତ୍ର ଏହାର ଯେଉଁ ମୂଳ ଏହାକୁ ଶକ୍ତିଦାନ କରୁଥିଲା, ତାହା କ୍ରମେ ଶୁଖିଯାଇଛି ଏବଂ ଏହାର ଅଂଶଗୁଡ଼ିକ କ୍ରମେ ଧ୍ୱଂସ ହୋଇଯାଉଛି ।

କୌଣସି ଦେଶକୁ ଦେବତ୍ୱ ଆରୋପ କରିବାର ପ୍ରବୃତ୍ତି ଅନେକେ ଦମନ କରିପାରନ୍ତି ନାହିଁ—ଆଦିମ ସଂସ୍କାର ଓ ଅଭ୍ୟାସର ଏହାହିଁ ଶକ୍ତି । ଭାରତ ହେଲା ଭାରତମାତା, ଏକ ସୁନ୍ଦରୀ ସ୍ତ୍ରୀ, ଅତ୍ୟନ୍ତ ବୃଦ୍ଧା, ମାତ୍ର ସର୍ବଦା ଯୌବନରେ ପରିପୂର୍ଣ୍ଣା—ଏହା ବିଷର୍ଣ୍ଣ ଦୃଷ୍ଟି, କ୍ଳିଷ୍ଟ ମୁଖ, ବିଦେଶୀ ଓ ବାହାର ଶକ୍ତିଦ୍ୱାରା ନିଷ୍ଠୁରରୂପେ ବ୍ୟବହାର ପାଇ ତାକୁ ରକ୍ଷାକରିବା ନିମନ୍ତେ ନିଜ ସନ୍ତାନମାନଙ୍କୁ ଆହ୍ୱାନ କରୁଛି । ଏହିପରି ଚିତ୍ର ସହସ୍ର ସହସ୍ର ଲୋକଙ୍କର ଭାବାବେଗ ଜାଗ୍ରତ କରିଛି; ଏବଂ ସେମାନଙ୍କୁ କାର୍ଯ୍ୟ ଓ ତ୍ୟାଗ ପଥରେ ଚାଳିତ କରିଛି । ତଥାପି ଭାରତ ପ୍ରଧାନ ଭାବରେ କୃଷକ ଓ ଶ୍ରମିକର ଦେଶ—ଦେଖିବାକୁ ସୁନ୍ଦର ନୁହେଁ—କାରଣ ଦାରିଦ୍ର୍ୟ କଦାପି ସୁନ୍ଦର ନୁହେଁ । ଆମର କଳ୍ପିତ ସୁନ୍ଦରୀ ନାରୀ କ'ଣ ଏହି ନଗ୍ନ ଶରୀର ଏବଂ ଜମି ଓ କାରଖାନାରେ ଭାଙ୍ଗି ପଡ଼ିଥିବା ମୂଲିଆମାନଙ୍କ ପରି ? କିମ୍ବା ଏହା କ'ଣ ସେହି ଶ୍ରେଷ୍ଠ ଦଳ--ଯେଉଁମାନେ ଯୁଗଯୁଗ ଧରି ଜନସାଧାରଣଙ୍କୁ ଦମନ କରିଛନ୍ତି, ଶୋଷଣ କରିଛନ୍ତି—ସେମାନଙ୍କ ଉପରେ ନିଷ୍ଠୁର ପ୍ରଥା ଜାରି କରିଛନ୍ତି ଏବଂ ଏପରିକି ସେମାନଙ୍କ ଭିତରୁ ଅନେକଙ୍କୁ ଅସ୍ପୃଶ୍ୟ କରିଛନ୍ତି ? ଆମେ ଆମର କଳ୍ପନାପ୍ରସୂତ ଜିନିଷଦ୍ୱାରା ସତ୍ୟକୁ ଘୋଡ଼ାଇ ଦେଇ ଏବଂ ବାସ୍ତବତାରୁ ଏକ ସ୍ୱପ୍ନ-ଜଗତକୁ ଚାଲିଯିବାର ଉଦ୍ୟମ କରୁ ।

ତଥାପି ଏହିସବୁ ବିଭିନ୍ନ ଶ୍ରେଣୀ ଏବଂ ସେମାନଙ୍କର ପରସ୍ପର ସଙ୍ଘର୍ଷ ସତ୍ତ୍ୱେ ଗୋଟାଏ ସାଧାରଣ ବନ୍ଧନହିଁ ଭାରତକୁ ଏକତ୍ର କରିପାରିଥିଲା ଏବଂ ଏହାର ଧୈର୍ଯ୍ୟ, ଅଧ୍ୟବସାୟ ଓ ସହ୍ୟ କରିବାର ଜୀବନୀଶକ୍ତି ଦେଖିଲେ

Digitized by srujanika@gmail.com

ଅସ୍ପର୍ଶ ଲାଗେ । କେଉଁ କାରଣରୁ ଏପରି କିଛି ହୋଇଥିଲା ? ଏହା କେବଳ ନିଷ୍କ୍ରିୟ ଶକ୍ତିର ହ୍ରାସ ବା ଆଳସ୍ୟ ନୁହେଁ—ଏଥିରେ ଏକ କାର୍ଯ୍ୟଶୀଳ ଗତି ଥିଲା—କାରଣ ଏହା ବାହାର ଶକ୍ତିଶାଳୀ ପ୍ରଭାବକୁ ସଫଳତାର ସହିତ ପ୍ରତିରୋଧ କରି ପାରିଥିଲା ଏବଂ ଏହାର ବିରୁଦ୍ଧରେ ଉଠିଥିବା ଅଭ୍ୟନ୍ତରୀଣ ଶକ୍ତିକୁ ମଧ୍ୟ ଗ୍ରାସ କରିଦେଇଥିଲା । ତଥାପି ଏ ସବୁ ଶକ୍ତି ସତ୍ତ୍ୱେ ଏହାର ରାଜନୈତିକ ସ୍ୱାଧୀନତା ରକ୍ଷା କରିପାରି ନ ଥିଲା କିମ୍ବା ରାଜନୈତିକ ଏକତା ଆଣିବାକୁ ଉଦ୍ୟମ କରି ନ ଥିଲା । ଶେଷ କଥାଟି ଅଧିକ କଷ୍ଟ ବହନ କରିବାର ଆବଶ୍ୟକ ବୋଲି ବିଚାର କରାଯାଉ ନ ଥିଲା; ଅତି ନିର୍ବୋଧଭାବରେ ତାର ଗୁରୁତ୍ୱ ବୋଧ ହୋଇନାହିଁ ଏବଂ ଏହି ଅବହେଳାଯୋଗୁଁ ଆମେ ଦୁଃଖ ପାଉଛେଁ । ଇତିହାସ ସାରା ପ୍ରାଚୀନ ଭାରତୀୟ ଆଦର୍ଶ, ରାଜନୈତିକ ଏବଂ ସାମରିକ ବିଜୟକୁ ଗୌରବମୟ ବୋଲି କହି ନାହିଁ ଏବଂ ଏହା ଅର୍ଥ ଏବଂ ଅର୍ଥବ୍ୟବସାୟୀମାନଙ୍କୁ ଘୃଣାଚକ୍ଷୁରେ ଦେଖିଛି । ସମ୍ମାନ ଓ ସମ୍ପର୍କ ଏକାଠି ରହିପାରେ ନା, ଅନ୍ତତଃ ମତବାଦ ଦିଗରୁ ଯେଉଁ ବ୍ୟକ୍ତି ଯେତେ କମ୍ ଧନ ନେଇ ସମାଜର ସେବା କରନ୍ତି ସମ୍ମାନ ତାହାର ହିଁ ପ୍ରାପ୍ୟ ।

ପ୍ରାଚୀନ ସଂସ୍କୃତି ଅନେକ ଭୀଷଣ ଝଡ଼ ଓ ବତାସ ମଧ୍ୟ ଦେଇ ମଧ୍ୟ ବଞ୍ଚିପାରିଛି, ମାତ୍ର ଏହା ନିଜର ବାହ୍ୟ ଆକୃତି ରଖିଥିଲେ ସୁଦ୍ଧା ଭିତର ବସ୍ତୁ ଆଉ ନାହିଁ । ଆଜି ଏହା ନୀରବରେ ଏବଂ ଜୀବନକୁ ତୁଚ୍ଛ କରି ଏକ ନୂତନ ଓ ସର୍ବଶକ୍ତିମାନ୍ ଶତ୍ରୁ ପୁଞ୍ଜିପତି ପାଶ୍ଚାତ୍ୟ ଜଗତର ବଣିଆ ସଭ୍ୟତାର ଶତ୍ରୁ ହୋଇଛି । ଏହି ନୂତନ ନିକଟରେ ଏହାର ପରାଜୟ ହେବ; କାରଣ ପାଶ୍ଚାତ୍ୟ ହାତରେ ବିଜ୍ଞାନ ଅଛି ଏବଂ କ୍ଷୁଧିତ ଜନସାଧାରଣଙ୍କୁ ବିଜ୍ଞାନ ଖାଦ୍ୟ ଯୋଗାଏ । ମାତ୍ର ଏହି ଗଳାକଟା ସଭ୍ୟତାର ପ୍ରତିଷେଧକ ମଧ୍ୟ ପାଶ୍ଚାତ୍ୟ ସଙ୍ଗେ ସଙ୍ଗେ ଆଣିଛି—ତାହା ହେଉଛି ସାମ୍ୟବାଦ, ସହଯୋଗ ଏବଂ ସାଧାରଣ ମଙ୍ଗଳ ନିମନ୍ତେ ସମାଜର ସେବା । ଏହା ସହିତ ପ୍ରାଚୀନ ବ୍ରାହ୍ମଣ ସେବା ଆଦର୍ଶର ବେଶୀ ପ୍ରଭେଦ

Digitized by srujanika@gmail.com

ନାହିଁ; ମାତ୍ର ଏହାର ଅର୍ଥ ହେଉଛି ସମସ୍ତ ଶ୍ରେଣୀ, ଦଳଙ୍କୁ ବ୍ରାହ୍ମଣୀ-କରଣ (ପୁରାତନ ଧାର୍ମିକ ଅର୍ଥରେ ନୁହେଁ) ଏବଂ ଶ୍ରେଣୀ ଭେଦର ଧ୍ୱଂସକରଣ । ଏହା ହୋଇପାରେ ଭାରତ ଯେତେବେଳେ ତାର ନୂତନ ପୋଷାକ ପିନ୍ଧିବ—ଥରେ ତ ନିଶ୍ଚେ ସେ ପିନ୍ଧିବ, କାରଣ ପୁରୁଣା ଛିଣ୍ଡି ଚିରା ଚିରା ହୋଇ ଗଲାଣି –ସେତେବେଳେ ସେ ତାକୁ ବର୍ତ୍ତମାନ ଅବସ୍ଥା ଓ ତାର ପୁରାତନ ଚିନ୍ତା ସହିତ ସାମଞ୍ଜସ୍ୟ ରଖି ପ୍ରସ୍ତୁତ କରିବ। ତା' ମାଟିରେ ସତେଜ ଭାବରେ ବୃଦ୍ଧି ପାଇଲା ଭଳି ଜିନିଷ ହିଁ ସେ ଗ୍ରହଣ କରିବ ।

Digitized by srujanika@gmail.com

୫୪

ବ୍ରିଟିଶ ଶାସନର ଘଟଣାବଳୀ

ଭାରତରେ ବ୍ରିଟିଶ ଶାସନର ସମଷ୍ଟିଗତ ଘଟଣା ସବୁ ଭ'ଲ ? କୌଣସି ଭାରତବାସୀ ଇଂରେଜ ପକ୍ଷରେ ଏ ସମ୍ବନ୍ଧରେ ନିରପେକ୍ଷ ଓ ବାସ୍ତବ ଦୃଷ୍ଟିରେ ଏହି ଦୀର୍ଘକାଳର ଘଟଣାବଳୀ ପ୍ରତି ଦୃଷ୍ଟି ଦେବା ସମ୍ଭବ କି ନା ସେ ବିଷୟରେ ମୋର ସନ୍ଦେହ ଅଛି । ଏହା ସମ୍ଭବ ହେଲେ ମଧ୍ୟ ଏହାର ମନସ୍ତତ୍ତ୍ୱ ଓ ଅନ୍ୟ ଘଟଣା ସବୁ ଠିକ୍ ମାପକାଠିରେ ମାପିବା ଅତ୍ୟନ୍ତ କଷ୍ଟକର । ଆମକୁ କୁହାଯାଏ ଯେ ବ୍ରିଟିଶ ଶାସନ "ଭାରତକୁ ଯାହା ଦେଇଛି ତାହା ତା'ର କେବେ ନ ଥିଲା । ଭାରତବର୍ଷରେ ଏପରି ଏକ ସରକାର ଅଛି, ଯାହାର ପ୍ରଭୁତ୍ୱ ସମ୍ବନ୍ଧରେ କେହି କୌଣସି ଅଞ୍ଚଳରେ ପ୍ରଶ୍ନ କରନ୍ତି ନାହିଁ ।" (୧୯୩୪ ମସିହାର ଜଏଣ୍ଟ ପାର୍ଲିମେଣ୍ଟାରୀ କମିଟିର ଭାରତ ଶାସନ ସଂସ୍କାର ରିପୋର୍ଟରୁ ଏହା ଗୃହୀତ) ଏହା ଏକ ଆଇନ ଶାସନ ଏବଂ ଏକ ଉପଯୁକ୍ତ ଏବଂ ସୁଦକ୍ଷ ଶାସନ ସ୍ଥାପନ କରିଛି — ଏହା ଭାରତରେ ପାର୍ଲିମେଣ୍ଟାରୀ ଶାସନ, ବ୍ୟକ୍ତିଗତ ସ୍ୱାଧୀନତାର ପାଶ୍ଚାତ୍ୟ ଆଦର୍ଶ ସବୁ ଆଣି ପ୍ରଚାର କରିଛି ଏବଂ "ସମଗ୍ର ବ୍ରିଟିଶ ଭାରତକୁ ଏକ ଶାସନର ଅନ୍ତର୍ଭୁକ୍ତ କରି ଗୋଟାଏ ରାଜନୈତିକ ଐକ୍ୟବୋଧ ଭାରତୀୟଙ୍କ ଭିତରେ ଜାଗ୍ରତ କରିଛି । ଏହିରୂପେ ଜାତୀୟତାବାଦର ପ୍ରଥମ ଅବସ୍ଥାର ଉଦ୍‌ବୋଧନ କରିଛି ।" ଏହା ଇଂରେଜ ପକ୍ଷର ଯୁକ୍ତିବାଦ କଥା ଏବଂ ଏଥିରେ ଅନେକ ସତ୍ୟତା ରହିଛି—ଯଦିଓ ଅନେକ ବର୍ଷ ହେବ ଆଇନ ଶାସନ ଓ ବ୍ୟକ୍ତିଗତ ସ୍ୱାଧୀନତା ଦେଖାଯାଉ ନାହିଁ ।

Digitized by srujanika@gmail.com

ଭାରତୀୟ ଦୃଷ୍ଟିରେ ଅଦ୍ଭୁତ ଅନେକ ଘଟଣା ଏହି ସମୟ ଭିତରେ ପରିଲକ୍ଷିତ ହୁଏ । ବିଦେଶୀ ଶାସନ ଆମର ବୈଷୟିକ ଓ ନୈତିକ ଯେଉଁ କ୍ଷତି କରିଛି ତାହା ଦର୍ଶାଇ ଦିଏ । ଏହି ଦୃଷ୍ଟିକୋଣ ଏତେବ ସ୍ୱତନ୍ତ୍ର ଯେ ଅନେକ ସମୟରେ ଯେଉଁ କଥାକୁ ବ୍ରିଟିଶମାନେ ଅନୁମୋଦନ କରନ୍ତି, ତାକୁ ଭାରତୀୟମାନେ ନିନ୍ଦା କରନ୍ତି । ଡାକ୍ତର ଆନନ୍ଦକୁମାର ସ୍ୱାମୀ ଲେଖିଛନ୍ତି "ଭାରତରେ ବ୍ରିଟିଶ ଶାସନର ଗୋଟିଏ ଉଲ୍ଲେଖ-ଯୋଗ୍ୟ କଥା ହେଉଛି ଯେ ଭାରତୀୟ ଲୋକଙ୍କ ଉପରେ ସବୁଠାରୁ କ୍ଷତି ପହୁଞ୍ଚାଇଲା ଭଳି ଘଟଣାମାନ ବାହାରକୁ ଆଶୀର୍ବାଦ ଭଳି ଦେଖାଯାଏ ।"

ପ୍ରକୃତରେ କହିବାକୁ ଗଲେ ଶତାବ୍ଦୀରେ ଭାରତରେ ଯେଉଁ ପରିବର୍ତ୍ତନ ହୋଇଛି, ଅନେକ ଅଧିକେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅଧିକାଂଶ ଦେଶରେ ମଧ୍ୟ ସେହିପରି ପରିବର୍ତ୍ତନମାନ ହୋଇଛି । ପାଶ୍ଚାତ୍ୟ ଇଉ-ରୋପରେ ଶିଳ୍ପୋନ୍ନତି ଏବଂ ତା'ପରେ ସମଗ୍ର ଜଗତରେ ଏହାର ପ୍ରସାର ଫଳରେ ଜାତୀୟତା ବୃଦ୍ଧିପାଇଲା ଏବଂ ପ୍ରତ୍ୟେକ ସ୍ଥାନରେ ରାଷ୍ଟ୍ରୀୟଐକ୍ୟ-ବୋଧ ଜାତ ହେଲା । ବ୍ରିଟିଶ ଭାରତର ଦ୍ୱାର ପ୍ରଥମେ ପାଶ୍ଚାତ୍ୟ ଜଗତକୁ ଖୋଲି ଦେଇଥିବାର ଏବଂ ପାଶ୍ଚାତ୍ୟର ଶିଳ୍ପୋନ୍ନତି ଓ ବିଜ୍ଞାନର ଗୋଟିଏ ବିଭାଗ ଏହି ଦେଶକୁ ଆଣିଥିବାର ବାହାଦୁରୀ ନେଇପାରନ୍ତି । ମାତ୍ର ପରିସ୍ଥିତିରେ ପଡ଼ି ବାଧ୍ୟ ନ ହେବା ପର୍ଯ୍ୟନ୍ତ ସେମାନେ ଭାରତକୁ ଶିଳ୍ପ ଆଦି ଆଣି ଶୁଦ୍ଧା ଏହାର ଉନ୍ନତିର ପଥ ରୋଧ କରିଥିଲେ । ଭାରତ ଦୁଇ ସଂସ୍କୃତିର ମିଳନ ସ୍ଥଳ ଥିଲା—ଇସଲାମ ପାଶ୍ଚାତ୍ୟ ଏସିଆର ସଂସ୍କୃତି ଏବଂ ନିଜର ପ୍ରାଚ୍ୟସଂସ୍କୃତି ଯାହାକି ସୁଦୂର ପ୍ରାଚ୍ୟକୁ ବ୍ୟାପି ଯାଇଥିଲା । ଏବେ ଆଧୁନିକ ପାଶ୍ଚାତ୍ୟରୁ ଏକ ତୃତୀୟ ଏବଂ ଅଧିକ କ୍ଷମତାଶାଳୀ ପ୍ରେରଣା ଆସିଲା ଏବଂ ଭାରତବର୍ଷ ବହୁ ବିଶିଷ୍ଟ ପୁରାତନ ଓ ନୂତନ ସଭ୍ୟତାର କେନ୍ଦ୍ରସ୍ଥଳ ଓ ସଂଗ୍ରାମଭୂମି ହୋଇ ଉଠିଲା । ଏଥିରେ ସନ୍ଦେହ ନାହିଁ ଯେ ଏହି ତୃତୀୟ ଶକ୍ତି ଜୟୀ ହୋଇ ଭାରତର ଅନେକ ପୁରାତନ ସମସ୍ୟା ସମାଧାନ କରି ପାରିଥାନ୍ତା । ମାତ୍ର ଯେଉଁ ବ୍ରିଟିଶମାନେ ଏହା ଆଣିବାରେ ସାହାଯ୍ୟ

Digitized by srujanika@gmail.com

କରିଥିଲେ, ସେମାନେ ଏହାର ଅଧିକ ପ୍ରଗତି ପଥ ରୋଧ କରିବାକୁ ଚେଷ୍ଟା କଲେ ! ସେମାନେ ଆମର ଶିଳ୍ପୋନ୍ନତିରେ ବାଧା ଦେଲେ—ଏଥିରେ ଆମର ରାଜନୈତିକ ଅଭିବୃଦ୍ଧିରେ ବିଳମ୍ବ ଘଟିଲା—ସେମାନେ ଏ ଦେଶରେ ବର୍ତ୍ତମାନ ସମୟର ଅନୁପଯୋଗୀ ଯେତେ ସାମନ୍ତ ଓ ଅନ୍ୟ ପ୍ରଥାର ପ୍ରତୀକ ଦେଖିଲେ ତାକୁ ରକ୍ଷା କରିବାର ଚେଷ୍ଟା କଲେ । ଆଇନ ଓ ରୀତି ନୀତିର ଜନିତ ସେତେବେଳେ ଯେପରି ଅବସ୍ଥାରେ ସେମାନେ ପାଇଥିଲେ ସେଥିରେ ସେ ଆମ ଗତିପଥ ରୋଧ କରିବାପାଇଁ ଜମାଟ ବାନ୍ଧିଦେଲେ ଏବଂ ସେମାନଙ୍କ ବନ୍ଧନରୁ ମୁକ୍ତି ପାଇବା ଆମ ପକ୍ଷରେ କଷ୍ଟକର ହୋଇ ଉଠିଲା । ସେମାନଙ୍କ ସଦିଚ୍ଛା ବା ସାହାଯ୍ୟରେ ଭାରତରେ 'ବୁର୍ଜୋୟା' ଶ୍ରେଣୀ ଅଭିବୃଦ୍ଧି ହୋଇନାହିଁ । ମାତ୍ର ଭାରତରେ ରେଲବାଇ ଓ ଅନ୍ୟାନ୍ୟ ଶିଳ୍ପ ପ୍ରବେଶ କରାଇଲା ପରେ ସେମାନେ ପରିବର୍ତ୍ତନର ଚକ୍ରକୁ ବନ୍ଦ କରିପାରି ନ ଥିଲେ; ସେମାନେ କେବଳ ଏହାକୁ ଟିକିଏ ମନ୍ଥର କରି ଗତି ଧୀର କରିପାରିଥିଲେ ଏବଂ ଏହା ନିଜର ପ୍ରକାଶ୍ୟ ସୁବିଧା ନିମନ୍ତେ ସେମାନେ କରିଥିଲେ ।

"ଏହି ଦୃଢ଼ ଭିତ୍ତି ଉପରେ ଭାରତ ସରକାରର ସୌଧ ନିର୍ମିତ—ଏହା ଦୃଢ଼ତାର ସହିତ କୁହାଯାଇ ପାରେ ଯେ ୧୮୫୮ ମସିହା ପରେ ଇଷ୍ଟଇଣ୍ଡିଆ କମ୍ପାନୀଠାରୁ ସମସ୍ତ ଅଧିକୃତ ଦେଶ ଉପରେ ଯେତେବେଳେ ବ୍ରିଟିଶ ମୁକୁଟର ଆଧିପତ୍ୟ ପ୍ରତିଷ୍ଠା ହେଲା, ସେହି ଦିନଠାରୁ ଭାରତ ଶିକ୍ଷା ଓ ପାର୍ଥିବ ଉନ୍ନତି ଦିଗରେ ଯାହା ପାଇଛି, ତାହା ତାହାର ଦୀର୍ଘ ଜଟିଳ ଇତିହାସରେ କେବେ ପାଇବା ଶକ୍ତି ବାହାରେ ଥିଲା ।" (ଏହା ଜଏଣ୍ଟ ପାର୍ଲିମେଣ୍ଟାରୀ କମିଟି ରିପୋର୍ଟରେ ଲେଖାଅଛି) ଏହି ଘୋଷଣାଟି ସ୍ୱତଃସିଦ୍ଧ ପରି ମନେ ହେଲେ ସୁଦ୍ଧା ସେପରି ନୁହେଁ, ଏବଂ ବାରମ୍ବାର ଏ କଥା କୁହା ଯାଇଛି ଯେ ବ୍ରିଟିଶ ଶାସନ ଆସିବା ଦିନଠାରୁ ଭାରତରେ ପ୍ରକୃତରେ ଶିକ୍ଷା ପଛକୁ ପଡ଼ୁଛି । ଏହି ବକ୍ତବ୍ୟ ସମ୍ପୂର୍ଣ୍ଣ ଠିକ୍ ବୋଲି ପ୍ରତୀୟମାନ ହେଲେ ସୁଦ୍ଧା ଏହା ଆଧୁନିକ ଯନ୍ତ୍ରଯୁଗ ସହିତ ଅତୀତ ଯୁଗର ତୁଳନା କରା ଯାଇଛି । ବିଜ୍ଞାନ ଓ ଶିଳ୍ପ ସକାଶେ ଗତ ଶତାବ୍ଦୀରେ

Digitized by srujanika@gmail.com

ଥିବାର ପ୍ରାୟ ପ୍ରତ୍ୟେକ ଦେଶରେ ଶିକ୍ଷା ଓ ବୈଜ୍ଞାନିକ ଦିଗରେ ବହୁ ଉନ୍ନତି ଘଟିଅଛି ଏବଂ ଏହା ନିଶ୍ଚିତରୂପେ କୁହାଯାଇପାରେ ଯେ କୌଣସି ଦେଶର ଏସବୁ ଉନ୍ନତି "ତାର ସୁଦୀର୍ଘ ଇତିହାସ ଭିତରେ ଯାହା ହୋଇ ପାରି ନ ଥିଲା ଏହି ସମସ୍ତ ଭିତରେ ହୋଇପାରିଛି"—ଯଦିଓ ଭାରତ ଇତିହାସ ତୁଳନାରେ ସେ ଦେଶର ଇତିହାସ ଦୀର୍ଘ ବୋଲି ମନେହୁଏ ନା । ଆମେ ଯଦି କହୁଁ ଏହି ଶିଳ୍ପ ଯୁଗରେ ବ୍ରିଟିଶ ଶାସନ ନ ଥିଲେ ସୁଦ୍ଧା ଏହିପରି କିଛି ଉନ୍ନତି ଆମର ହୋଇଥାଆନ୍ତା ତେବେ କ'ଣ ଆମକୁ କଳ୍ପନାପ୍ରିୟ ଓ ଅଦ୍ଭୁତ ଯୁକ୍ତିସମ୍ପନ୍ନ ବୋଲି କୁହାଯିବ ? ବାସ୍ତବିକ ଆମେ ଯଦି ଅନ୍ୟାନ୍ୟ ଅନେକ ଦେଶସହିତ ଆମ ଭାଗ୍ୟ ତୁଳନା କରୁ, ଆମେ କ'ଣ ଏହି କଳ୍ପନା କରିପାରିବୁ ନାହିଁ ଯେ ଆମର ଉନ୍ନତି ଆହୁରି ଅଧିକ ହୋଇ ପାରିଥାଆନ୍ତା ? କାରଣ ଆମକୁ ବ୍ରିଟିଶମାନଙ୍କର ଉନ୍ନତି-ଗତିରୋଧ ଅତିକ୍ରମ କରି ଅଗ୍ରସର ହେବାକୁ ପଡ଼ିଲା । ରେଲୱେ, ଟେଲିଫୋନ୍, ବେତାର ଇତ୍ୟାଦିକୁ ବ୍ରିଟିଶ ଶାସନର ଉପକାରକ ଚିହ୍ନ ବୋଲି କୁହାଯାଇପାରେ ନା । ଅବଶ୍ୟ ଏଗୁଡ଼ିକୁ ସ୍ୱାଗତ କରିବାର କଥା ଏବଂ ଆବଶ୍ୟକ ମଧ୍ୟ, ଏବଂ ବ୍ରିଟିଶମାନେ ଏଜେଣ୍ଟ ସ୍ୱରୂପ ଏହା ପ୍ରଥମେ ଭାରତକୁ ଆଣିଥିବାରୁ ଆମେ ତାଙ୍କପ୍ରତି କୃତଜ୍ଞ । କିନ୍ତୁ ଏହି ଯନ୍ତ୍ରଶିଳ୍ପ ପ୍ରଗତିର ପ୍ରଥମ ଉଦ୍ଦେଶ୍ୟ ଥିଲା ବ୍ରିଟିଶଶାସନକୁ ଦୃଢ଼ୀଭୂତ କରିବା । ଏଗୁଡ଼ିକ ଦେଶର ଶିରାପ୍ରଶିରା; ଏହା ଜରିଆରେ ରକ୍ତ ପ୍ରବାହିତ ହୋଇଛି; ବେପାର ବଢ଼ୁଛି; ଦ୍ରବ୍ୟ ଉତ୍ପନ୍ନ ହେଉଛି ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ଏହା ନୂତନ ଜୀବନ ଓ ସମ୍ପଦ ଦେଉଛି । ଏ କଥା ସତ୍ୟ ଯେ ଶେଷରେ ଏପରି କିଛି ଫଳ ହୁଏତ ହୋଇପାରେ ମାତ୍ର ଏଗୁଡ଼ିକ ଅନ୍ୟ ଏକ ଉଦ୍ଦେଶ୍ୟ ନିମନ୍ତେ କରାଯାଇଛି ଓ କାର୍ଯ୍ୟକାରୀ ହେଉଛି—ତାହା ହେଉଛି ସାମ୍ରାଜ୍ୟବାଦୀ କବ୍ଜା ଦୃଢ଼ କରିବାପାଇଁ ଏବଂ ବ୍ରିଟିଶ ପଦାର୍ଥ ସକାଶେ ବଜାର ଦଖଲ କରିବାପାଇଁ—ଏହା କରିବାରେ ସେମାନେ ସଫଳ ହୋଇଛନ୍ତି । ମୁଁ ଯନ୍ତ୍ରଶିଳ୍ପ ଏବଂ ଆଧୁନିକ ଯାନବାହନର ପକ୍ଷପାତୀ, ମାତ୍ର ବେଳେ ବେଳେ ମୁଁ ଜୀବନପ୍ରଦ ରେଳ ଗାଡ଼ିରେ ଯେତେବେଳେ ଭାରତ ସମତଳ ଭୂମିରେ ଭ୍ରମଣ କରେ,

Digitized by srujanika@gmail.com

ସେତେବେଳେ ଏହା ଭାରତବର୍ଷକୁ ଲୌହ ଶୃଙ୍ଖଳଦ୍ୱାରା ବାନ୍ଧି ବନ୍ଦୀ ବଲ୍ଲପର ମନେ ହୁଏ ।

ପୁଲିସଦ୍ୱାରା ରକ୍ଷିତ ଶାସନର କଳ୍ପନାହିଁ ଭାରତ ଶାସନ ସମ୍ବନ୍ଧରେ ଇଂରେଜଙ୍କ ଧାରଣା । ସରକାରର କାର୍ଯ୍ୟ ହେଉଛି ସରକାରଟିକୁ ରକ୍ଷା କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଅନ୍ୟମାନଙ୍କୁ ଛାଡ଼ିଦେବା । ସାଧାରଣ ରାଜସ୍ୱରୁ ସାମରିକ ବିଭାଗ, ପୁଲିସ, ଶାସନ ବିଭାଗ ଏବଂ ଋଣ ଉପରେ ସୁଧ ବାବଦରେ ଖରଚ କରାଯାଏ । ଜନସାଧାରଣଙ୍କର ଅର୍ଥନୈତିକ ଆବଶ୍ୟକତା ପ୍ରତି ଲକ୍ଷ୍ୟ କରାଯାଏ ନା ଏବଂ ଏହାକୁ ବ୍ରିଟିଶ ସ୍ୱାର୍ଥ ନିକଟରେ ବଳି ଦିଆଯାଏ । କେତେକ ମୁଷ୍ଟିମେୟ ଲୋକଙ୍କ ଛଡ଼ା ଲୋକଙ୍କର ସଂସ୍କୃତିଗତ ଓ ଅନ୍ୟ ଆବଶ୍ୟକତା ପ୍ରତି ଅବହେଳା ପ୍ରଦର୍ଶନ କରାଯାଏ । ସାଧାରଣ ରାଜସ୍ୱକୁ ଅନ୍ୟ ରୂପରେ ଖର୍ଚ୍ଚ କରିବା ଯଦ୍ୱାରା ଅବୈତନିକ ସାର୍ବଜନୀନ ଶିକ୍ଷା, ସାଧାରଣ ସ୍ୱାସ୍ଥ୍ୟ ଉନ୍ନତି, ଦରିଦ୍ର ଓ ଦୁର୍ବଳମନା ଲୋକଙ୍କ ପ୍ରତି ଯତ୍ନ, ଶ୍ରମିକମାନଙ୍କୁ ବେମାରିରୁ ରକ୍ଷା କରିବା ନିମନ୍ତେ ବ୍ୟବସ୍ଥା, ବୃଦ୍ଧ ବୟସ ଏବଂ ବେମାରିଲାଗି ବୀମାର ବ୍ୟବସ୍ଥା ହୋଇପାରିବ—ଯେପରି ଅନ୍ୟ ଦେଶମାନଙ୍କରେ ହୁଏ—ତାହା ସରକାରଙ୍କ ଧାରଣାର ସମ୍ପୂର୍ଣ୍ଣ ବାହାରେ । ଏହି ସବୁ ଦିଗରେ ଏହା ଖରଚ କରିପାରିବେ ନା; କାରଣ ଏହାର ଟିକସ ପ୍ରଥା ଅତ୍ୟନ୍ତ ନିମ୍ନଗାମୀ ଅର୍ଥାତ୍ ଯାହାର ଯେତେ କମ ଆୟ ତାହାକୁ ଅଧିକ ଉପାର୍ଜନ ଅପେକ୍ଷା ବେଶୀ ଟିକସ ଦେବାକୁ ହୁଏ । ଦେଶରକ୍ଷା ଓ ଶାସନ ବିଭାଗ ଯନ୍ତ୍ରାନ୍ତରେ ଏହାର ଖର୍ଚ୍ଚ ଅତି ଅଧିକ ଏବଂ ରାଜସ୍ୱରୁ ଅଧିକାଂଶହିଁ ଏଥିରେ ଖରଚ ହୋଇଯାଏ ।

ବ୍ରିଟିଶ ଶାସନର ବୈଶିଷ୍ଟ୍ୟ ହେଉଛି ଯେ ସେମାନେ ଦେଶରେ ତାଙ୍କର ରାଜନୈତିକ ଓ ଅର୍ଥନୈତିକ କର୍ତ୍ତୃତ୍ୱ ବୃଦ୍ଧି କରିବା ଭଳି ପ୍ରତ୍ୟେକ କଥାରେ ଶକ୍ତି କେନ୍ଦ୍ରୀଭୂତ କରନ୍ତି । ଅନ୍ୟ କଥା ସବୁ ଉପଲକ୍ଷ ମାତ୍ର । ସେମାନେ ଯଦି ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ଏବଂ କୁଶଳି ପୁଲିସ ଫୌଜ କରିପାରିଥାନ୍ତେ, ତେବେ ଏଥିଲାଗି ସେମାନେ ବାହାଦୁରୀ ନେଇ-

Digitized by srujanika@gmail.com

ପାରନ୍ତି, ମାତ୍ର ଏଥିଲାଗି ତାଙ୍କୁ ଭାରତବାସୀ ସାବାସ ଦେବେ ନାହିଁ। ଏକତା ଗୋଟିଏ ଭଲ କଥା, ମାତ୍ର ଦାସତ୍ୱର ଏକତା ନେଇ ଗର୍ବ କରି-ପାରି ପାରେ ନା ସ୍ୱେଚ୍ଛାଚାରୀ ଶାସନର ଅସଲ ଶକ୍ତି ଲୋକଙ୍କ ପକ୍ଷରେ ବଡ଼ ବୋଝ ହୋଇ ପାରେ ଏବଂ ପୁଲିସ ଫୌଜ ଅନେକ ପ୍ରକାରରେ ଦରକାରୀ ହେଲେ ମଧ୍ୟ ଏହା ଯେଉଁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ହୋଇଥାଏ ଅନେକ ସମୟରେ ତାଙ୍କ ବିରୁଦ୍ଧରେ ଯାଇପାରେ ଏବଂ ଯାଏ ମଧ୍ୟ। ବର୍ଟ୍ରାଣ୍ଡ ରସେଲ ଆଧୁନିକ ସଭ୍ୟତାକୁ ପୁରାତନ ଗ୍ରୀକ୍ ସଭ୍ୟତା ସହିତ ତୁଳନା କରି ଲେଖିଛନ୍ତି "ଆମଠାରୁ ଗ୍ରୀକ୍ ସଭ୍ୟତା କେବଳ ଏହି ଦିଗରୁ ଅଧିକ ଉନ୍ନତ ଥିଲା ଯେ ସେମାନଙ୍କର କର୍ମକୁଶଳ ପୁଲିସ ଆମପରି ନ ଥିଲେ, ଏହା ଫଳରେ ଅନେକ ଲୋକ ରକ୍ଷା ପାଇଥିଲେ।"

ବ୍ରିଟିଶ ପ୍ରାଧାନ୍ୟ ଯୋଗୁ ଭାରତରେ ଶାନ୍ତି ହୋଇଛି। ବାସ୍ତବିକ ମୋଗଲ ସାମ୍ରାଜ୍ୟ ଭାଙ୍ଗିଯିବା ପରେ ଦେଶରେ ଯେଉଁ ସବୁ ଗଣ୍ଡଗୋଳ ଓ ଦୁର୍ଦ୍ଦଶା ଘଟିଥିଲା, ତାହାପରେ ଭାରତ ପ୍ରକୃତ ଶାନ୍ତି ଚାହୁଁଥିଲା। ଶାନ୍ତି ଏକ ଅମୂଲ୍ୟ ପଦାର୍ଥ। ଏହା ସମସ୍ତ ପ୍ରକାର ପ୍ରଗତିରେ ଆବଶ୍ୟକ ଏବଂ ଏହା ଆସିଲାବେଳେ ଆମେ ସ୍ୱାଗତ କଲୁ। ମାତ୍ର ଶାନ୍ତି ପାଇବାକୁ ଅତି ଅଧିକ ମୂଲ୍ୟ ଦେବାକୁ ପଡ଼େ—ଆମେ କବରର ପୂର୍ଣ୍ଣ ଶାନ୍ତି ପାଇପାରୁଁ —ପିଞ୍ଜର ବା କାରାଗାରର ସମ୍ପୂର୍ଣ୍ଣ ନିରାପଦତା ପାଇପାରୁଁ। ନିଜର ଉନ୍ନତିରେ ଅସମର୍ଥ ଲୋକର ନିସ୍ତେଜ ବୈରାଗ୍ୟରୁ ଶାନ୍ତି ହୋଇପାରେ। ଶାନ୍ତି ଜିନିଷର ପ୍ରକୃତିରେ ଯେଉଁ ଆରାମଦାୟକ ଓ ମନୋମୁଗ୍ଧକର ଗୁଣ ଅଛି, ବିଦେଶୀ ବିଜେତା ଯେଉଁ ଶାନ୍ତି ଜବରଦସ୍ତି ଲଦି ଦିଏ, ସେଥିରେ ତାହା ନ ଥାଏ। ଯୁଦ୍ଧ ଗୋଟାଏ ଭୀଷଣ ଜିନିଷ, ଏହାକୁ ଛାଡ଼ିବା ଉଚିତ; ମାତ୍ର ଏହା ମଧ୍ୟ କେତେକ ଗୁଣକୁ ଉତ୍ସାହିତ କରେ। ମନସ୍ତତ୍ତ୍ୱବିଦ୍ ଉଇଲିୟମ୍ ଜେମ୍‌ସଙ୍କ ମତରେ ବଶ୍ୟତା, ସଂଘଶକ୍ତି, ଅଧ୍ୟବସାୟ, ବୀରତା, ବିବେକ, ଶିକ୍ଷା, ଆବିଷ୍କାର ପ୍ରବୃତ୍ତି, ବ୍ୟୟ ସଙ୍କୋଚ, ଦୈହିକ ସ୍ୱାସ୍ଥ୍ୟ ଓ ଶକ୍ତି ଏହା ବୃଦ୍ଧି କରେ। ଏହି କାରଣରୁ ଜେମ୍‌ସ ଯୁଦ୍ଧ ସଦୃଶ କୌଣସି ଏକ ନୈତିକ ଜିନିଷ ଚାହୁଁଥିଲେ ଯାହା ଯୁଦ୍ଧର ଉପଯୋଗିତା

ବୃଷ୍ଟ ବାଦ ଦେଇ ଜାତି ଭିତରେ ଏହି ଗୁଣ ସବୁ ସୃଷ୍ଟି କରିପାରିବ । ସମ୍ଭବତଃ ସେ ଯଦି ଅସହଯୋଗ ଓ ଆଇନଅମାନ୍ୟ କଥା ଜାଣିଥାନ୍ତେ, ତେବେ ନିଜ ମନୋମତ ଜିନିଷ ପାଇଥାନ୍ତେ—ଏହା ମୃଦ୍ଧର ସମତୁଲ ଅଥଚ ନୈତିକ ଓ ଶାନ୍ତିପ୍ରଦ ।

ଇତିହାସର ସମ୍ଭାବନା ଏବଂ 'ଯଦି' ଅଙ୍କ ଉଦ୍ଧାରକରିବା ବୃଥା । ମୁଁ ନିଶ୍ଚିତରୂପେ ବୋଧ କରେ ଯେ ବୈଜ୍ଞାନିକ ଓ ଶିଳ୍ପୋନ୍ନତ ପାଶ୍ଚାତ୍ୟ ଦେଶ ସହିତ ଭାରତବର୍ଷ ସମ୍ପର୍କରେ ଆସିବାରୁ ଭଲ ହେଲା । ବିଜ୍ଞାନ ହେଉଛି ପାଶ୍ଚାତ୍ୟ ଦେଶର ମହତ୍ ଦାନ । ଭାରତରେ ଏହାର ଅଭାବ ଥିଲା ଏବଂ ଏହା ବ୍ୟତୀତ ତାହାର ପତନ ଅବଶ୍ୟମ୍ଭାବୀ । ଯେପରି ଭାବରେ ସମ୍ପର୍କ ହେଲା ତାହା ଦୁର୍ଭାଗ୍ୟ କଥା; ତଥାପି ବୋଧହୁଏ ବାରମ୍ବାର ଗୁରୁତର ଆଘାତ ନ ହୋଇଥିଲେ ଆମର ଘୋର ନିଦ ଭାଙ୍ଗି ନ ଥାନ୍ତା । ଏହି ଦିଗରୁ ଦେଖିଲେ ପ୍ରୋଟେଷ୍ଟାଣ୍ଟ, ବ୍ୟକ୍ତି ସ୍ୱାତନ୍ତ୍ର୍ୟବାଦ ଆଙ୍ଗ୍ଲୋ-ସାକ୍ସନ ଇଂରେଜ ହିଁ ଅଧିକ ଉପଯୋଗୀ ଥିଲେ; କାରଣ ପାଶ୍ଚାତ୍ୟ ଦେଶର ଅନ୍ୟ ଲୋକମାନଙ୍କ ଅପେକ୍ଷା ସେମାନେ ସ୍ୱତନ୍ତ୍ର ଏବଂ ଆମକୁ ଅଧିକ ଆଘାତ କରିପାରିଥିଲେ ।

ସେମାନେ ଆମକୁ ରାଜନୈତିକ ଏକତା ଦେଲେ—ଏହା ଏକ ବାଞ୍ଛନୀୟ ଜିନିଷ; ମାତ୍ର ଆମର ଏହି ଏକତା ଥିଲେ କିମ୍ବା ନ ଥିଲେ ମୁଦ୍ଧା ଭାରତର ଜାତୀୟତା ବୃଦ୍ଧି ପାଇଁ ଏହି ଏକତା ଆସିଥାନ୍ତା । ଆଜି ଆରବ ଦେଶସବୁ ଅନେକ ସ୍ୱତନ୍ତ୍ର ରାଷ୍ଟ୍ରରେ ବିଭକ୍ତ ହୋଇ ପଡ଼ୁଛି— ସ୍ୱାଧୀନ, ରକ୍ଷିତ, ମାଣ୍ଡେଟ ଇତ୍ୟାଦି—କିନ୍ତୁ ସବୁଗୁଡ଼ିକ ଭିତରେ ଆନ୍ତରେ ଏକତା ଭାବ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପାଶ୍ଚାତ୍ୟ ସାମ୍ରାଜ୍ୟବାଦ ବାଧା ନ ଦେଲେ ଆରବ ଜାତୀୟବାଦ ଅନେକ ପରିମାଣରେ ଏହି ଏକତା ଆଣିପାରିବ । ମାତ୍ର ଭାରତବର୍ଷ ପରି ଏଠାରେ ବିବାଦମୂଳକ ମନୋବୃତ୍ତି ପ୍ରଚାର ଓ ସଂଖ୍ୟାନ୍ୟୂନ ସମ୍ପ୍ରଦାୟ ସୃଷ୍ଟି କରିନାହିଁ ଏହିସବୁ ଶକ୍ତିର ଉଦ୍ଦେଶ୍ୟ—ଏହା ତାକୁ କ୍ରମେ ଦୁର୍ବଳ

Digitized by srujanika@gmail.com

ଜଗତକୁ ଏବଂ ତାହାର ପ୍ରେରଣାକୁ କେତେକାଂଶରେ ବାଧାଦିଏ ଏବଂ ସାମ୍ରାଜ୍ୟବାଦୀ ଶକ୍ତି ରହିବାପାଇଁ ଗୋଟାଏ ସେଖନା ପାଏ ଏବଂ ଏକ ନିରପେକ୍ଷ ଉଗ୍ରରକ ବୋଲି ଦେଖାଇଦିଏ ।

ଘଟଣା କ୍ରମେ ସାମ୍ରାଜ୍ୟର ଉନ୍ନତି ସଙ୍ଗେ ସଙ୍ଗେ ଉପଲକ୍ଷ ସ୍ୱଭାବରେ ଭାରତରେ ରାଜନୈତିକ ଏକତା ହୋଇଥିଲା । ପରବର୍ତ୍ତୀ ବର୍ଷମାନଙ୍କରେ ଯେତେବେଳେ ଏହି ଏକତା ଜାତୀୟତାବାଦ ସହିତ ମିଳିତ ହୋଇ ବିଦେଶୀ ଶାସନର ପ୍ରତିରୋଧ କଲା, ସେତେବେଳେ ଆମେ ଦେଖିଲୁ ଯେ ଅନୈକ୍ୟ ଓ ସାମ୍ପ୍ରଦାୟିକ ଭାବକୁ ଜାଣି ଶୁଣି ଉତ୍ସାହିତ କରାଗଲା । ଏହା ଭବିଷ୍ୟତ ପ୍ରଗତି ପଥରେ ପ୍ରଧାନ ଅନ୍ତରାୟ ।

କେତେ ଦୀର୍ଘକାଳ ହେଲା ଇଂରେଜମାନେ ଏଠାକୁ ଆସିଲେଣି ! ଯେଉଁଦିନେ ଦୁଇ ଶତାବ୍ଦୀ ହେବ ସେମାନେ ପ୍ରାଧାନ୍ୟ କଲେଣି ! ସ୍ୱେଚ୍ଛାଚାରୀ ସରକାରମାନଙ୍କ ଭଳି ସେମାନେ ଖୁବ୍ ସୁବିଧା ପାଇଥିଲେ ଏବଂ ନିଜ ଇଚ୍ଛାନୁସାରେ ଭାରତକୁ ଗଢ଼ିବାର ଅପୂର୍ବ ସୁଯୋଗ ମିଳିଥିଲା । ଏହି କେତେକବର୍ଷ ଭିତରେ ଦୁନିଆରେ କେତେ ପରିବର୍ତ୍ତନ ହୋଇଛି —ଇଂଲଣ୍ଡ, ୟୁରୋପ, ଆମେରିକା ଓ ଜାପାନରେ ପ୍ରାଚୀନର ଚିହ୍ନ ସୁଦ୍ଧା ନାହିଁ । ଅଷ୍ଟାଦଶ ଶତାବ୍ଦୀରେ ଆଟଲାଣ୍ଟିକ ମହାସାଗର ଉପକୂଳରେ ଅବସ୍ଥିତ ଅତି କ୍ଷୁଦ୍ର ଆମେରିକା ଉପନିବେଶ ଆଜି ପୃଥିବୀରେ ସର୍ବାପେକ୍ଷା ଅଧିକ ସମ୍ପଦଶାଳୀ, ପ୍ରଭୁତ୍ୱଶାଳୀ ଏବଂ ଅଳ୍ପ ଦିନରେ ସର୍ବାପେକ୍ଷା ଅଧିକ ଉନ୍ନତ ଦେଶ । ଜାପାନରେ ଅତି ଅଳ୍ପ କାଳମଧ୍ୟରେ ଅପୂର୍ବ ପରିବର୍ତ୍ତନ ହୋଇଛି; ସୋଭିଏଟ ରୁଷର ବିଶାଳ ଭୂଖଣ୍ଡ ଯାହା କାଲି ପର୍ଯ୍ୟନ୍ତ ଜାର୍ ସରକାର ହାତରେ କଷ୍ଟ ପାଇ ଦବି ଯାଉଥିଲା, ସମସ୍ତ ଉନ୍ନତି ଅବରୁଦ୍ଧ ହୋଇଥିଲା, ସେ ଦେଶରେ ଆଜି ନୂତନ ଜୀବନ ପ୍ରବାହିତ ହୋଇଛି ଏବଂ ଆମ ଚକ୍ଷୁ ସମ୍ମୁଖରେ ଏକ ନୂତନ ଜଗତ ସୃଷ୍ଟି ହେଉଛି । ଭାରତରେ ମଧ୍ୟ ବହୁତ ପରିବର୍ତ୍ତନମାନ ହୋଇଛି ଏବଂ ଅଷ୍ଟାଦଶ ଶତାବ୍ଦୀରେ ଯାହା ଥିଲା, ସେଥିରୁ ଏ ଦେଶ ଅଧିକ ସ୍ୱତନ୍ତ୍ର

Digitized by srujanika@gmail.com

ହୋଇଛି—ରେଳବାଇ, ଜଳସେଚନ ବ୍ୟବସ୍ଥା, ଡାକ୍ତରଖାନା, ସ୍କୁଲ, କଲେଜ, ପ୍ରକାଣ୍ଡ ସରକାରୀ ଅଫିସ ଇତ୍ୟାଦି ହୋଇଛି ।

ତଥାପି ଏ ସବୁ ପରିବର୍ତ୍ତନ ସତ୍ତ୍ୱେ ଭାରତର ଅବସ୍ଥା କ'ଣ ? ଏକ ପରାଧୀନ ରାଜ୍ୟ—ଏହାର ପ୍ରତ୍ୟେକ ପ୍ରଗତି ଶକ୍ତି ଅବରୁଦ୍ଧ – ସ୍ୱାଧୀନଭାବରେ ନିଶ୍ୱାସ ମାରିବାର ସାହାସ ସୁଦ୍ଧା ନାହିଁ ଏବଂ ଅତି ଦୂର ଦେଶରୁ ଅପରିଚିତ ଲୋକହିଁ ଶାସନ କରୁଛନ୍ତି; ଏ ଦେଶର ଲୋକେ ଅଧଃପତିତଭାବରେ ଦରିଦ୍ର, ସ୍ୱଳ୍ପଜୀବୀ ଏବଂ ବେମାରି ଓ ସଂକ୍ରାମକ ରୋଗ ଅତିକ୍ରମ କରିବାକୁ ଅସମର୍ଥ; ଚାରିଆଡ଼େ ନିରକ୍ଷରତା; ବସ୍ତୁତ ଅଞ୍ଚଳମାନଙ୍କରେ କୌଣସି ପରିଷ୍କାର ପରିଚ୍ଛନ୍ନତା ବା ଚିକିତ୍ସାର ବ୍ୟବସ୍ଥା ନାହିଁ, ଜନସାଧାରଣ ଓ ମଧ୍ୟବିତ୍ତ ଶ୍ରେଣୀ ଉଭୟଙ୍କ ଭିତରେ ପ୍ରଚୁର ପରିମାଣରେ ବେକାର ସମସ୍ୟା ରହିଛି । ଆମେ ଶୁଣୁ ଯେ ସ୍ୱାଧୀନତା, ଗଣତନ୍ତ୍ର, ସାମ୍ୟବାଦ, କମ୍ୟୁନିଜମ୍ ଆଦି ସବୁ ଅବାସ୍ତବ ଆଦର୍ଶବାଦୀଙ୍କ ଧ୍ୱନି – ଏହା ତତ୍ତ୍ୱ ଉପଦେଶକ ଓ ପ୍ରତାରକ । ସମଗ୍ର ଜନସାଧାରଣଙ୍କ ମଙ୍ଗଳହିଁ ଏହାର ଅସଲ ପରୀକ୍ଷା । ଏହା ବାସ୍ତବିକ ଏକ ସର୍ବୋତ୍କୃଷ୍ଟ ପରୀକ୍ଷା ଏବଂ ସେହି ତୁଳନାରେ ଦେଖିଲେ ଆଜି ଭାରତ ଉପରେ ଭୀଷଣ ଦାରିଦ୍ର୍ୟ ଦେଖାଯାଏ । ଆମେ ବେକାର ସମସ୍ୟା ସମାଧାନ ଓ ଦୁର୍ଗତି ନାଶ ନିମନ୍ତେ ଅନ୍ୟ ଦେଶ-ମାନଙ୍କରେ ବଡ଼ ବଡ଼ ଯୋଜନା ହେଉଥିବାର ପଢ଼ୁଁ । ମାତ୍ର ଆମ ଦେଶରେ ଯେଉଁ ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଏପରି ବସ୍ତି ଓ ସ୍ୱାସ୍ଥ୍ୟହୀନଭାବରେ ବେକାରି ଓ ଦୁର୍ଗତି ରହିଛି ସେ ସମ୍ବନ୍ଧରେ କି ବ୍ୟବସ୍ଥା ହେଉଛି ? ଅନ୍ୟ ଦେଶମାନଙ୍କରେ ଗରିବ ଲୋକଙ୍କର ଘର ତିଆରି କରିବା ଯୋଜନା ମଧ୍ୟ ପଢ଼ୁଁ; କିନ୍ତୁ ଆମ ଦେଶର ଯେଉଁ ଲକ୍ଷ ଲକ୍ଷ ଲୋକ ଆଶ୍ରୟହୀନ ଅବସ୍ଥାରେ ବୁଲୁଛନ୍ତି କିମ୍ବା ମାଟି କୁଡ଼ିଆରେ ବାସ କରୁଛନ୍ତି ସେମାନଙ୍କ ଲାଗି କି ବ୍ୟବସ୍ଥା ହେଉଛି ? ଅନ୍ୟ ଦେଶମାନଙ୍କରେ ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା ଓ ସଂସ୍କୃତିଗତ ଏତେ ସୁବିଧା ଥିଲାବେଳେ ଏବଂ ଏତେ ଦ୍ରୁତଗତିରେ ଉନ୍ନତି ହେଉଥିଲାବେଳେ ଆମେ ଯେଉଁଠି ଥିଲୁ ସେଠିରୁ ପଛ ରହୁଥିବା କିମ୍ବା ଗେଣ୍ଡା ପରି ଧୀର ଗତିରେ ଯାଉଛୁଁ

Digitized by srujanika@gmail.com

ଦେଖିଲେ ଈର୍ଷା ହେବ ନାହିଁ କି ? ରୁଷ ପ୍ରାୟ ବାରବର୍ଷର ଅଦ୍ଭୁତ ଉଦ୍ୟମ ଫଳରେ ସେ ବଗାଠ ଦେଶରୁ ନିରକ୍ଷରତା ଦୂର କରିଛି ଏବଂ ଜନସାଧାରଣଙ୍କ ଜୀବନ ସ୍ପର୍ଶ କରି ଏକ ସୁନ୍ଦର ଓ ସମୟୋପଯୋଗୀ ଶିକ୍ଷା ପଦ୍ଧତି ପ୍ରଚଳନ କରିଛି । ଅନୁନ୍ନତ ତୁର୍କି ମଧ୍ୟ ଆତାତୁର୍କଙ୍କ ଅଧୀନରେ କେମାଲପାଶାଙ୍କ ନେତୃତ୍ୱରେ ବ୍ୟାପକ ଶିକ୍ଷା ପ୍ରଚାରରେ ଅନେକଦୂର ଅଗ୍ରସର ହୋଇଛି । ଫାସିଷ୍ଟ ଇଟାଲି ଆରମ୍ଭ ଦିନରୁହିଁ ନିରକ୍ଷରତାକୁ ଆକ୍ରମଣ କରିଛି । ଶିକ୍ଷାମନ୍ତ୍ରୀ ଜେନଟାଇଲ କହିଲେ "ସବୁ ଫ୍ରଣ୍ଟରେ ନିରକ୍ଷରତାକୁ ଆକ୍ରମଣ କର । ଏହି ସେପ୍ଟିକ ଦୂଷିତ ପ୍ଲେଗ ଆମର ଦେଶର ଦେହକୁ ନଷ୍ଟ କରୁଛି ତାକୁ ତାଡ଼ିଲ ଲୁହା ସାହାଯ୍ୟରେ ଉଚ୍ଛେଦ କରିବାକୁ ହେବ ।" ବୈଠକ ଆଲୋଚନା ଜରିଆରେ ଏହା ଅଶୋଭନୀୟ ମନେହୁଏ ମାତ୍ର ଏହି ଚିନ୍ତାଂଶଟିରେ ଗୋଟାଏ ଉଚ୍ଛ୍ୱାସ ଓ ଶକ୍ତିର ପରିଚୟ ମିଳେ । ଆମେ ଏଠାରେ କିଛିଏ ଅଧିକ ଉଦ୍ଧୃ ଓ ବୃଲେଇ ଗୁଲେଇ କଥା କହୁଁ । ଆମର କର୍ତ୍ତୃପକ୍ଷମାନେ ଅତି କ୍ଲାନ୍ତ ଭାବରେ ଅଗ୍ରସର ହୁଅନ୍ତି, କମିସନ ଓ କମିଟି ନିଯୁକ୍ତ କରି ସେଥିରେ ଶକ୍ତି କ୍ଷୟ କରନ୍ତି ।

ଭାରତବାସୀ ବେଶୀ କଥା କହନ୍ତି ଓ କିଛି କାର୍ଯ୍ୟ କରନ୍ତି ନାହିଁ ବୋଲି ଅଭିଯୋଗ କରାଯାଏ । ମାତ୍ର ବ୍ରିଟିଶ ଶାସନର କମିଟି ଓ କମିସନ ଆଦି ବସାଇବାର ଅଦ୍ଭୁତ କ୍ଷମତା ଦେଖିଲେ କିଏ ଆଶ୍ଚର୍ଯ୍ୟ ହେବନାହିଁ ! ପ୍ରତ୍ୟେକ କମିଟି ଦୀର୍ଘ ଶ୍ରମ କରି ବଡ଼ ରିପୋର୍ଟ ପ୍ରକାଶ କରେ—ଏହା 'ଏକ ମହାନ୍ ସରକାରୀ ରିପୋର୍ଟ'—ଏହାକୁ ଖୁବ୍ ପ୍ରଶଂସା କରାଯାଏ ଓ ଦପ୍ତରଖାନାରେ ରଖାଯାଏ । ଏହିରୂପେ ଆମେ ଅଗ୍ରସର ହେବାର, ପ୍ରଗତିର ଗୁରୁତ୍ୱ ଅନୁଭବ କରୁ ଅଥଚ ଯେଉଁଠି ଥିଲୁ ସେଇଠାରେ ଥାଉଁ । ଆମର ସମ୍ମାନବୋଧ ସନ୍ତୁଷ୍ଟ ହୁଏ ଏବଂ ନ୍ୟସ୍ତସ୍ୱାର୍ଥମାନେ ଅସ୍ପୃଶ୍ୟ ଓ ନିରାପଦରେ ଥାଆନ୍ତି । ଅନ୍ୟ ଦେଶମାନେ କିପରି ଭାବରେ ଅଗ୍ରସର ହେବେ ତାହା ଆଲୋଚନା କରନ୍ତି; ମାତ୍ର ଆମେ କାଳେ ଅଧିକ ଦ୍ରୁତ-ବେଗରେ ଗତି କରିପକାଉ ସେଥିପାଇଁ ରକ୍ଷାକବଚ, ସଂଯମ, ବାଧା ଆଦି ସମ୍ବନ୍ଧରେ ଆମେ ଆଲୋଚନା କରୁ ।

Digitized by srujanika@gmail.com

ଆମକୁ କୁହାଯାଉଛି (ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ରିପୋର୍ଟରେ) ଯେ ମୋଗଲ ସମୟର "ସାମ୍ରାଜ୍ୟ ଆଡ଼ମ୍ବର ଯୋଗୁଁ ଲୋକଙ୍କ ଦାରିଦ୍ର୍ୟ ବୃଦ୍ଧି ପାଇଥିଲା ।" ଏହା ଠିକ୍‌ରୂପେ ଲକ୍ଷ୍ୟ କରାଯାଇଛି, ମାତ୍ର ସେହି ମାପକାଠି ବର୍ତ୍ତମାନ ଚଳାଯାଇ ପାରେ ନା କି ? ଆଜି ବଡ଼ଲାଟଙ୍କ ଆଡ଼ମ୍ବର ଓ ଗୃହଗର୍କ୍ୟ ସହ ନଉଦିଲ୍ଲୀ କ'ଣ ? ପ୍ରାଦେଶିକ ଲାଟମାନଙ୍କର ଆଡ଼ମ୍ବର ଓ ସମାରୋହ ସବୁ କ'ଣ ? ଏକ ଅତି ଅଦ୍ଭୁତ ଦାରିଦ୍ର୍ୟ ଥିବା ଦେଶରେ ଏହିସବୁ ହେଉଛି ! ଏହି ପାର୍ଥକ୍ୟ ଦେଖିଲେ ମର୍ମାହତ ହେବାକୁ ହୁଏ ଏବଂ ହୃଦୟବାନ୍ ଲୋକ ଉପରେ ଏହା ସହ୍ୟ କରାଯାଉଛି ଅନୁମାନ କରିବା କଷ୍ଟକର ହୁଏ । ସପ୍ତଦଶରେ ସାମ୍ରାଜ୍ୟର ସମସ୍ତ ଆଡ଼ମ୍ବର ପଶ୍ଚାତ୍‌ରେ ଭାରତ ଆଜି ଏକ ଦରିଦ୍ର ଓ ଦୁର୍ଦ୍ଦଶାଗ୍ରସ୍ତ ଦେଶ ହୋଇ ରହିଛି । ଏଠାରେ ବହୁତ ଉପରଠାଉରିଆ ଚୂନ କାମ ହୋଇଛି ଏବଂ ଏହା ପଶ୍ଚାତରେ ଆଧୁନିକ ଅବସ୍ଥାରେ ଅଧିକରୁ ଅଧିକ ଦବିଯାଇ ହତଭାଗ୍ୟ ବୁର୍ଜୋଆ ଶ୍ରେଣୀ ରହିଛି । ଆହୁରି ତଳେ ପଡ଼ିଛନ୍ତି ଶ୍ରମିକମାନେ—ସେମାନେ ଦାରିଦ୍ର୍ୟରେ ପେଷି ହୋଇ ଅତି ଦୁର୍ଦ୍ଦଶାଗ୍ରସ୍ତ—ତା'ପରେ ସୃଷ୍ଟି ଅଛନ୍ତି ଭାରତର ପ୍ରତୀକ କୃଷକ—ଯାହାଙ୍କ ଭାଗ୍ୟ ହେଉଛି "ଦୁଃଖ ରାତ୍ରି ; ମାତ୍ର ତା'ର ଆଉ ଶେଷ ନାହିଁ ଅର୍ଥାତ୍ ସକାଳ ହୁଏ ନାହିଁ ।"

"ଶତାବ୍ଦୀର ବୋଝରେ ନଇଁପଡ଼ି ସେ ନିଜର ଲଙ୍ଗଳ ଧରି ଭୂମିକୁ ଦୃଷ୍ଟିଆବଦ୍ଧ କରି ରହିଛି, ମୁଖରେ ମୃତ ଯୁଗର ଶୂନ୍ୟତା ପ୍ରକାଶ ପାଉଛି ଏବଂ ତା ଉପରେ ପୃଥିବୀର ବୋଝ ଲଦାଯାଇଛି ।"

"ଏହି ଭୀଷଣ ଦୃଶ୍ୟ ମଧ୍ୟରେ ଯୁଗ ଯୁଗାନ୍ତରର ଦୁଃଖ ଚିତ୍ର ରହିଛି ଏହି ଦୁଃଖଦାୟକ ମୂର୍ତ୍ତି ଭିତରେ କାଳର ଦୃଶ୍ୟ ରହିଛି । ଏହି ଭୀଷଣ ଆକୃତି ଭିତରେ ମାନବିକତାର କୃତଘ୍ନତା ପ୍ରତିରହିଛି, ଲୁଣ୍ଠିତ, କଳୁଷିତ ଏବଂ ଅଧିକାରବଞ୍ଚିତ ଆର୍ତ୍ତ କ୍ରନ୍ଦନ—ଯେଉଁ ଶକ୍ତି ସବୁ ଦୁନିଆ ଗଢ଼ିଛି ତାଙ୍କଠାରେ ପ୍ରତିବାଦ ଜଣାଉଛି । ଏହା ପ୍ରତିବାଦ ଏବଂ ଭବିଷ୍ୟତ ବାଣୀ ମଧ୍ୟ ।" (The man with the hoe ନାମକ ପୁସ୍ତକରେ ଆମେରିକାର ଏକ କବି ଇ, ମାର୍କମଙ୍କ ଲେଖାରୁ ଉଦ୍ଧୃତ)

Digitized by srujanika@gmail.com

ଭାରତର ସବୁ ଦୁର୍ଦ୍ଦଶା ପାଇଁ ବ୍ରିଟିଶକୁ ଦୋଷ ଦେବା ବୃଥା । ଆମକୁ ସେ ଦାୟିତ୍ୱ ନେବାକୁ ହେବ ଏବଂ ଆମେ ଏଥିରୁ ଅଲଗା ହୋଇ ନ ପାରୁ । ଆମର ଦୁର୍ବଳତାର ଅପରାଧ୍ୱାର୍ଥ ପରିଣତି ପାଇଁ ଅନ୍ୟମାନଙ୍କୁ ଦୋଷ ଦେବା ଅଶୋଭନୀୟ । ଏକ ଦୃଢ଼ଶାଳୀ ସରକାରୀ ବ୍ୟବସ୍ଥା ବିଶେଷତଃ ଯଦି ତାହା ବିଦେଶୀ ହୋଇଥାଏ, ତେବେ ଏକ ଅଧୀନତାର ମନୋଭାବକୁ ଉତ୍ସାହିତ କରିବା ଏବଂ ଲୋକଙ୍କର ମାନସିକ ଦୃଷ୍ଟିକୋଣ ଓ ଭାବକୁ ସୀମାବଦ୍ଧ କରିବା ଲାଗି ତାହା ଚେଷ୍ଟା କରିବା ସ୍ୱାଭାବିକ । ଏହା ଚରିତ୍ରର ଅମୂଲ୍ୟ ସମ୍ପଦ—ଉଦ୍ୟମ, ଦୁଃସାହସିକ ଭାବ, ମୌଳିକତା ଓ ତେଜସ୍ୱିତା ନଷ୍ଟ କରିବାକୁ ଚାହେଁ ଏବଂ ଭୀରୁ, କାପୁରୁଷତା, ଉପରୋକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଓ ଖୋସାମଦ କରି ଅମଲାଙ୍କ ପାଦତଳେ ପଡ଼ି ରହିବାର ପ୍ରବୃତ୍ତିକୁ ଉତ୍ସାହିତ କରାଏ । ଏପରି ପ୍ରଥା ପ୍ରକୃତ ସେବା ମନୋଭାବ ଆଣି ଦିଏ ନା, ସାଧାରଣ ସେବା ବା ଆଦର୍ଶ ପ୍ରତି ଅନୁରକ୍ତି ଜନ୍ମାଏ ନାହିଁ, ଏହା ଅତି ଅଳ୍ପ ସାଧାରଣ ମନୋଭାବାପନ୍ନ ଲୋକ ଯେଉଁମାନେ କୌଣସି ପ୍ରକାର ନିଜର ଆତ୍ମୋନ୍ନତି ଚାହାନ୍ତି ସେମାନଙ୍କୁ ବାହାର କରେ । ବ୍ରିଟିଶ କେଉଁ ଶ୍ରେଣୀର ଲୋକଙ୍କୁ ଭାରତରେ ନିଜ ଦଳକୁ ନେଉଛନ୍ତି ଆମେ ପ୍ରତିଦିନ ଦେଖୁଛୁ । ସେମାନଙ୍କ ଭିତରୁ କେତେକ ବଡ଼ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ ଓ ଭଲ କାର୍ଯ୍ୟ କରିବାର ଯୋଗ୍ୟ ବ୍ୟକ୍ତି । ସେମାନେ ଅନ୍ୟଠାରେ ସୁଯୋଗ ଅଭାବରୁ ସରକାରୀ ବା ଅଧା ସରକାରୀ ବିଭାଗରେ ପ୍ରବେଶ କରନ୍ତି—କ୍ରମେ ସେମାନେ ନରମା ହୋଇ ଯାଆନ୍ତି ଏବଂ ଏହି ବିରାଟ ଯନ୍ତ୍ରର ଏକ ଅଙ୍ଗରେ ପରିଣତ ହୁଅନ୍ତି—କାର୍ଯ୍ୟର ନିର୍ଦ୍ଦିଷ୍ଟ କାର୍ଯ୍ୟନିର୍ଘଣ୍ଟରେ ସେମାନେ ବନ୍ଦୀ ହୋଇ ଯାଆନ୍ତି । ସେମାନଙ୍କ ଭିତରେ ଅମଲାତନ୍ତ୍ର ଗୁଣସବୁ ବୃଦ୍ଧି ପାଏ—"କିରାଣୀଗିରିର ଉପଯୋଗୀ ଜ୍ଞାନ ଏବଂ ଅଫିସ ରକ୍ଷା କରିବାର କୁଟ କୌଶଳ ମଧ୍ୟରେ ପୂର୍ଣ୍ଣ ଜ୍ଞାନ ଅର୍ଜନ କରନ୍ତି ।" ଅତି ଜୋରରେ ସାଧାରଣ ସେବାରେ ସେମାନଙ୍କର ଗୋଟାଏ କଷ୍ଟିପ୍ସ ଅନୁରକ୍ତି ଦେଖାଯାଏ । ସେମାନଙ୍କଠାରେ ଜ୍ୱଳନ୍ତ ଉତ୍ସାହ ନାହିଁ – ହୋଇପାରେ ନା । ଏକ ବିଦେଶୀ ଶାସନ ଅଧୀନରେ ତାହା ସମ୍ଭବ ନୁହେଁ ।

Digitized by srujanika@gmail.com

ଏମାନଙ୍କ ଚିନ୍ତା ଶ୍ରେଷ୍ଠ କର୍ମଚାରୀଙ୍କ ଠାରୁ ଅଧିକ ସଂଖ୍ୟକ ଶାସକୀ ପ୍ରଶଂସାପାତ୍ର ନ୍ୟ ହୁଅନ୍ତି; କାରଣ ସେମାନେ ତାଙ୍କର ଉଚ୍ଚପଦସ୍ଥ କର୍ମଚାରୀଙ୍କ ପଦଲେହନ କରିବାକୁ ଓ ନିମ୍ନସ୍ଥ କର୍ମଚାରୀଙ୍କ ଉପରେ ତର୍ଜନ ଗର୍ଜନ କରିବାକୁ ଶିଖିଥାନ୍ତି । ଏହା ସେମାନଙ୍କର ଦୋଷ ନୁହେଁ । ଏହି ଶାସନ ପ୍ରଣାଳୀ ହିଁ ତାଙ୍କୁ ଏପରି ଶିକ୍ଷା ଦିଏ । ଖୋସାମଦ୍ ଭାବ ଏବଂ ଅନୁଗ୍ରହ ଦେଖାଇବା ଭାବ ଥିଲେ ଏହା ହେବାରେ ଆଶ୍ଚର୍ଯ୍ୟ କଣ ଅଛି କି ? ଏହି ଭାବ ବରାବର ଦେଖାଯାଏ । ସେମାନଙ୍କର ଚାକିରୀର କୌଣସି ଆଦର୍ଶ ନାହିଁ; ଅକର୍ମା ହୋଇଯିବା ଏବଂ ତା'ପରେ ଉପବାସ ରହିବାର ଭୟ ତାଙ୍କୁ ଗ୍ରାସ କରିଥାଏ, ଏବଂ ସେମାନଙ୍କର ପ୍ରଧାନ ଚିନ୍ତା ହେଉଛି ସେମାନଙ୍କ ଚାକିରୀକୁ ବଜାୟ ରଖିବା ଓ ସେମାନଙ୍କର ଆତ୍ମୀୟ ଓ ବନ୍ଧୁ ବାନ୍ଧବମାନଙ୍କୁ ଚାକିରୀ ଦେବା । ଯେଉଁମାନଙ୍କ ପଛରେ ଗୁପ୍ତଚର ଏବଂ ଅତି ଘୃଣ୍ୟ ଗୁଇନ୍ଦା ସର୍ବଦା ଲାଗିଛନ୍ତି, ସେମାନଙ୍କଠାରେ ବାଞ୍ଛନୀୟ ଗୁଣ ପ୍ରକାଶ ପାଇ ପାରେନା ।

ଆଧୁନିକ ଘଟଣାବଳୀ ହେତୁ ହୃଦୟବାନ୍ ଏବଂ ସାଧାରଣ ମନୋଭାବାପନ୍ନ ଲୋକଙ୍କ ପକ୍ଷରେ ସରକାରୀ ଚାକିରୀ ପାଇବା ବେଶୀ କଷ୍ଟକର ହୋଇ ପଡ଼ୁଛି । ସରକାର ସେମାନଙ୍କୁ ଚାହେ ନା ଏବଂ ଆର୍ଥିକ ଅବସ୍ଥାରେ ବାଧ୍ୟ ନ ହେବା ପର୍ଯ୍ୟନ୍ତ ସେମାନେ ଅତି ଘନିଷ୍ଠ ଭାବରେ ଏଥିସହିତ ସଂଯୁକ୍ତ ହେବାକୁ ଚାହାନ୍ତି ନାହିଁ ।

କିନ୍ତୁ ସମସ୍ତ ଜଗତ ଜାଣେ ଯେ ସାମ୍ରାଜ୍ୟର ବୋଝ ଧଳା ଲୋକକୁ ସହ୍ୟ କରିବାକୁ ପଡ଼େ, କଳା ଲୋକକୁ ନୁହେଁ । ସାମ୍ରାଜ୍ୟ ସ୍ଥିତ ଚଳାଇବା ନିମନ୍ତେ ନାନାପ୍ରକାର ଇମ୍ପେରିଆଲ ଚାକିରୀ ସବୁ ରହିଛି ଏବଂ ସେମାନଙ୍କର ବିଶେଷ ସୁବିଧା ରକ୍ଷା ନିମନ୍ତେ ନାନା ରକ୍ଷାକବଚ ରଖାଯାଇଛି — ଏହା ଭାରତର ସ୍ୱାର୍ଥ ଦୃଷ୍ଟିରୁ କରାଯାଇଛି ବୋଲି ଆମକୁ କୁହାଯାଏ । ଏହି ସବୁ ସ୍ୱାର୍ଥ ଓ ଚାକିରୀର ପ୍ରଗତି ସହିତ ଭାରତର ମଙ୍ଗଳ କିପରି ସଂଶ୍ଳିଷ୍ଟ ରହିଛି ଏହା ଏକ ଅଦ୍ଭୁତ କଥା । ଭାରତ ସିଭିଲ ସର୍ଭିସର କୌଣସି ସୁବିଧା ।

Digitized by srujanika@gmail.com

ବା ପୁରସ୍କାର ଯଦି କାଢ଼ି ନିଆଯାଏ, ତେବେ ଅଯୋଗ୍ୟତା ଓ ଦୁର୍ନୀତି ବୃଦ୍ଧି ପାଇବ ବୋଲି ବୁଝାଯାଏ । ଭାରତ ମେଡ଼ିକାଲ ସର୍ଭିସପାଇଁ ରକ୍ଷିତ ଚାକିରୀ ସଂଖ୍ୟା ଯଦି କମ୍ କରିଦିଆଯାଏ, ତାହା 'ସ୍ୱାସ୍ଥ୍ୟର କ୍ଷତି' ପହଞ୍ଚିବ ବୋଲି ବୁଝାଯାଏ । ସୈନ୍ୟ ଭିତରେ ବ୍ରିଟିଶ ସଂଖ୍ୟା ସ୍ପର୍ଶ କରିବା କଥା ଉଠିଲେ ଆମ ସୁରକ୍ଷାରେ ଭୟଙ୍କର ବିପଦ ଆସି ପହଞ୍ଚିବ ବୋଲି ବୁଝାଯାଏ ।

ମୋର ମନେହୁଏ ଏଥିରେ କିଛି ସତ୍ୟତା ରହିଛି, ଯଦି ଉଚ୍ଚପଦସ୍ଥ କର୍ମଚାରୀମାନେ ହଠାତ୍ ଚାଲିଯାନ୍ତି ଏବଂ ନିମ୍ନସ୍ଥ କର୍ମଚାରୀଙ୍କ ହାତରେ ଶାସନ ଭାରର ସବୁ ଛାଡ଼ି ଦିଅନ୍ତି ତେବେ କୁଶଳତା ହାନି ହେବ । ମାତ୍ର ଏହି ପଦ୍ଧତିଟି ଏପରି ଗଢ଼ା ହୋଇଥିବାରୁ ଏହା ଘଟିବ । ନିମ୍ନସ୍ଥ କର୍ମଚାରୀ-ମାନେ କୌଣସି ପ୍ରକାର ଭଲ ଲୋକ ନୁହଁନ୍ତି ଏବଂ ସେମାନଙ୍କୁ ଦାୟିତ୍ୱ ମୁଣ୍ଡାଇବାକୁ କେବେ ଦିଆଯାଇ ନାହିଁ । ମୁଁ ଉପଲବ୍ଧି କରୁଛି ଯେ, ଭାରତରେ ପ୍ରଚୁର ପରିମାଣରେ ଭଲ ପଦାର୍ଥ ରହିଛି ଏବଂ ଉପଯୁକ୍ତ ଭାବରେ କାର୍ଯ୍ୟ କରାଗଲେ ଖୁବ୍ ଅଳ୍ପଦିନ ଭିତରେ ଏହା ବାହାରି ପାରେ । ମାତ୍ର ଏହାର ଅର୍ଥ ଆମର ସରକାରୀ ଓ ସାମାଜିକ ଦୃଷ୍ଟିକୋଣର ସମ୍ପୂର୍ଣ୍ଣ ପରିବର୍ତ୍ତନ । ଏଥିପାଇଁ ଦରକାର ଏକ ନୂତନ ରାଷ୍ଟ୍ର ।

ବର୍ତ୍ତମାନ ଯେପରି ଅଛି ଆମକୁ ବୁଝାଯାଏ ଯେ ଶାସନତନ୍ତ୍ରଗତ ଯାହା କିଛି ପରିବର୍ତ୍ତନ ହେଉ ପଛକେ, ଆମକୁ ଜଗିବା ଓ ରକ୍ଷା କରିବା-ପାଇଁ ବଡ଼ ଚାକିରୀ ସମ୍ବନ୍ଧରେ ଯେଉଁ କଡ଼ା ନିୟମ ରହିଛି ତାହା ପୂର୍ବ-ପରି ରହିଥିବ । ସରକାରୀ ଗୁପ୍ତରହସ୍ୟର ହର୍ତ୍ତାକର୍ତ୍ତା ବିଧାତା ପରି ସେମାନେ ମନ୍ଦିର ଜଗି ରହିଥିବେ ଏବଂ ଏହି ପବିତ୍ରତା ମଧ୍ୟରେ ଯେପରି ଅସାରତା ପ୍ରବେଶ କରିବାର ବାଧା ଦେବେ । କ୍ରମେ ଆମେ ଏହି ସୁବିଧା ପାଇବାର ଯୋଗ୍ୟ ହେଲେ ଗୋଟିକ ପରେ ଗୋଟିଏ ଏହି ଆବରଣ ସେମାନେ ହଟାଇ ଦେବେ—ଶେଷରେ ଏକ ଭବିଷ୍ୟତ ଯୁଗରେ ପବିତ୍ରରୁ ପବିତ୍ରତର ଆମର ଶ୍ରଦ୍ଧା ଓ ଭକ୍ତିଦାୟକ ଚକ୍ଷୁସାମନାରେ ଆବରଣ ଉନ୍ମୋଚନ ହେବ ।

Digitized by srujanika@gmail.com

ଏହିସବୁ ଇମ୍ପେରିଆଲ ସର୍ଭିସ ଭାରତରେ ବ୍ରିଟିଶ ଶାସନର ସର୍ବପ୍ରଧାନ ସ୍ତମ୍ଭ ଏବଂ ଭାରତରେ ସରକାରୀ ପରିଚାଳନାର ବାହାଦୁରୀ ବା ନିନ୍ଦା ପାଇଁ ଏମାନେ ବେଶୀ ଦାୟୀ । ଏହି ସର୍ଭିସର ଅନେକ ଗୁଣ ସମ୍ବନ୍ଧରେ ଆମେ ବାରମ୍ବାର ଶୁଣୁ ଏବଂ ସାମ୍ରାଜ୍ୟ ଯୋଜନାରେ ଏହାର ମହତ୍ତ୍ୱ ଏପରି ପାଠବାକ୍ୟ ହୋଇଗଲାଣି । ଭାରତରେ ଏହା ଯେପରି ଅପ୍ରତିଦ୍ୱନ୍ଦ୍ୱୀ ପ୍ରଭୁତ୍ୱ, ସ୍ୱେଚ୍ଛାଚାରୀ କ୍ଷମତା ଏବଂ ପ୍ରଚୁର ପରିମାଣରେ ଯେଉଁ ପ୍ରଶଂସା ଓ ଖୋସାମଦ ବାଣୀ ଏହା ପାଏ, ସେଥିରେ କୌଣସି ବ୍ୟକ୍ତିବିଶେଷ ବା ଦଳ ପକ୍ଷରେ ମାନସିକ ଅବସ୍ଥା ଠିକ୍ ରଖିବା ସମ୍ଭବ ନୁହେଁ । ଏହି ସର୍ଭିସ ପ୍ରତି ମୋର ସମସ୍ତ ଶ୍ରଦ୍ଧା ସତ୍ତ୍ୱେ ମୋର ଆଶଙ୍କା ଯେ ମୋତେ ସ୍ୱୀକାର କରିବାକୁ ହେବ ଯେ ଏହା କ ବ୍ୟକ୍ତିଗତ କ ମୋଟାମୋଟି ଭାବରେ ସେହି ପ୍ରାଚୀନ ଏବଂ କେତେକ ପରିମାଣରେ ଆଧୁନିକ ମାନସିକ ବିକୃତି (Paranoia) ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ବେଶୀ ।

ଆଇ. ସି. ଏସ୍.ର ଭଲ ଗୁଣ ସବୁ ଅସ୍ୱୀକାର କରି ହେବ ନାହିଁ — ଆମେ ଏହା ଭୁଲିପାରିବୁ ନାହିଁ । ସିଭିଲ ସର୍ଭିସମାନଙ୍କ ଏତେ ପ୍ରଶଂସା ଗାନ ଓ କରତାଳି ଧ୍ୱନି ହୁଏ ଯେ ମୋର ମନେହୁଏ ସମୟେ ସମୟେ ତାର ବିରୁଦ୍ଧ କରତାଳି ହେବା ବାଞ୍ଛନୀୟ । ଆମେରିକାର ଅର୍ଥନୀତି ଲେଖାରିକ ଭେବଲେନ୍ ସୁବିଧାଭୋଗୀ ଶ୍ରେଣୀକୁ 'ରକ୍ଷିତ ଶ୍ରେଣୀ' ବୋଲି କହିଛନ୍ତି । ମୋର ମନେହୁଏ ଆଇ. ସି. ଏସ୍. ଓ ଅନ୍ୟାନ୍ୟ ଇମ୍ପେରିଆଲ୍ ସର୍ଭିସ ସବୁ 'ରକ୍ଷିତଶ୍ରେଣୀ' ବୋଲି ସମାନଭାବରେ କୁହାଯାଇପାରେ । ଏହା ଅତ୍ୟନ୍ତ ବ୍ୟୟସାପେକ୍ଷ ବିଳାସ ।

ମେଜର ଡ଼. ଗ୍ରାହାମ୍ ପୋଲ ଆଗେ ବ୍ରିଟିଶ ପାର୍ଲିମେଣ୍ଟରେ ଜଣେ ଶ୍ରମିକ ସଦସ୍ୟ ଥିଲେ । ସେ ଭାରତ ସମସ୍ୟାରେ ଖୁବ୍ ଆଗ୍ରହ ଦେଖାନ୍ତି । କେତେଦିନ ତଳେ 'ମଡ଼ର୍ଣ୍ଣ ରିଭ୍ୟୁ'ରେ ସେ ଲେଖିଥିଲେ; 'ଆଇ. ସି. ଏସ୍. ଯେ ଖୁବ୍ ଯୋଗ୍ୟ ଏବଂ କୁଶଳ ସର୍ଭିସ ଏ କଥାର କେହି ପ୍ରତିବାଦ କରିବାକୁ ଚେଷ୍ଟା କରିନାହାନ୍ତି ।' ଏପରି କଥାସବୁ ଇଂଲଣ୍ଡରେ କୁହାଯାଏ

Digitized by srujanika@gmail.com

ଏବଂ ଉଦ୍ଦେଶ୍ୟ କରାଯାଏ ବୋଲି ଏହାକୁ ପରୀକ୍ଷା କରିବା ଦରକାର। ସେସବୁ ନିର୍ଦ୍ଦିଷ୍ଟ ବୃତ୍ତି ସମ୍ବନ୍ଧରେ ଅପ୍ରମାଣିତ ହୋଇପାରେ ତାହା ଆଶା କରାଯାଇ ନ ପାରେ; ଏହି ସବୁ ଉଦ୍ଦେଶ୍ୟରେ କେବେ ପ୍ରତିବାଦ ହୁଏ ନାହିଁ ବୋଲି ମେଜର ଗ୍ରାହାମ ପୋଲ ଯାହା ଅନୁମାନ କରନ୍ତି, ତାହା ସମ୍ପୂର୍ଣ୍ଣ ଭୁଲ। ଏହାର ବାରମ୍ବାର ବିରୋଧ ଓ ପ୍ରତିବାଦ କରାଯାଇଛି ଏବଂ ଅନେକ ଦିନ ପୂର୍ବରୁ ଗୋପାଳକୃଷ୍ଣ ଗୋଖେଲ ଆଇ. ସି. ଏସ୍. ସମ୍ବନ୍ଧରେ ବହୁ କଡ଼ା କଡ଼ା କଥା ଶୁଣାଇଛନ୍ତି। ସାଧାରଣ ଭାରତବାସୀ—କଂଗ୍ରେସ ବା ବେକଂଗ୍ରେସ ଲୋକ—ଏ ସମ୍ବନ୍ଧରେ ଅବଶ୍ୟ ମେଜର ଗ୍ରାହାମ ପୋଲଙ୍କ ସହିତ ମତ ତର୍କ କରିବେ। ମାତ୍ର ସୁଦ୍ଧେଁ ଯାକ କେତେକାଂଶରେ ଠିକ୍ ହେବାର ସମ୍ଭାବନା ଏବଂ ବିଭିନ୍ନ ଗୁଣ ସମ୍ବନ୍ଧରେ ଭିନ୍ନ ଥାଇପାରେ—କେଉଁ ବିଷୟରେ ଯୋଗ୍ୟତା ଓ ଦକ୍ଷତା? ଭାରତରେ ବ୍ରିଟିଶ ସାମ୍ରାଜ୍ୟର ଦୃଢ଼ୀକରଣ ଏବଂ ଦେଶକୁ ଶୋଷଣ କରିବାରେ ସାହାଯ୍ୟ କରିବା ଦୃଷ୍ଟିରୁ ଯଦି ଏହି ଦକ୍ଷତା ଓ ଯୋଗ୍ୟତା ବିଚାର କରାଯାଏ, ତେବେ ଆଇ. ସି. ଏସ୍. ମାନେ ଅବଶ୍ୟ ଖୁବ୍ ଭଲ କାର୍ଯ୍ୟ କରିଛନ୍ତି ବୋଲି ଦାବି କରିପାରନ୍ତି। ମାତ୍ର ଭାରତର ଜନସାଧାରଣଙ୍କ ମଙ୍ଗଳ ଯଦି ମାପକାଠି ହୁଏ ତେବେ ସେମାନେ ଅସମ୍ଭବ ପ୍ରକାରେ ବିଫଳ ହୋଇଛନ୍ତି। ଯେଉଁ ଜନସାଧାରଣଙ୍କର ସେମାନେ ସେବକ ଏବଂ ଯେଉଁମାନଙ୍କଠାରୁ ଶେଷରେ ସେମାନେ ନାନା ପ୍ରକାର ଉପକରଣ ସବୁ ପାଆନ୍ତି, ସେମାନଙ୍କ ଜୀବନ-ଯାତ୍ରା ପ୍ରଣାଳୀ ସହିତ ସେମାନଙ୍କର ବେତନ ଓ ଚଳିବା ପ୍ରଣାଳୀର ପାର୍ଥକ୍ୟ ଦେଖିଲେ ଏହି ବ୍ୟବଧାନ ଭଲରୂପେ ଦୃଷ୍ଟିଗୋଚର ହୁଏ।

ଏକଥା ସମ୍ପୂର୍ଣ୍ଣ ସତ୍ୟ ଯେ ମୋଟାମୋଟି ଏହି ସର୍ଭିସ ଗୋଟାଏ ଧାରା ବଜାୟ ରଖିଛି—ଯଦିଓ ଏହି ଧାରା ଅତ୍ୟନ୍ତ ମଧ୍ୟକାଳର। ତେବେ କେବେ କେବେ ବିଶେଷ ଭଲ ଲୋକ ବାହାରି ପଡ଼ନ୍ତି। ଏହି ସର୍ଭିସରୁ ଆଉ ଅଧିକ ଆଶା କରାଯାଇ ପାରେନା ନାହିଁ। ଭଲ ଓ ମନ୍ଦ ଦେଇ ଏହା ବ୍ରିଟିଶ ପବ୍ଲିକ ସ୍କୁଲ ଶିକ୍ଷାବିଧି ଗ୍ରହଣ କରିଥାଆନ୍ତି। (ଯଦିଓ ଅନେକ ଆଇ. ସି. ଏସ୍. ଲୋକେ ବ୍ରିଟିଶ ପବ୍ଲିକ ସ୍କୁଲର ଛାତ୍ର ନୁହନ୍ତି)

Digitized by srujanika@gmail.com

ଏହା ଗୋଟିଏ ଧାରା ରଖିଥିଲେ ସୁଦ୍ଧା ଏହା ବାହାରକୁ କେହି ଗଲେ ତାକୁ ସର୍ବଦା ନା-ପସନ୍ଦ କରାଯାଏ ଏବଂ ଦୈନନ୍ଦିନ କାର୍ଯ୍ୟର ନିର୍ଦ୍ଦିଷ୍ଟ କାର୍ଯ୍ୟନିର୍ଘଣ୍ଟ ଭିତରେ ବ୍ୟକ୍ତିବିଶେଷଙ୍କର ବୃଦ୍ଧିଷ୍ଣୁ କ୍ଷମତା ନଷ୍ଟ ହୋଇଯାଏ—ସମସ୍ତ ସମୟରେ ଅନ୍ୟମାନଙ୍କଠାରୁ ପୃଥକ ଦେଖାଯିବା ଭୟରେ ମଧ୍ୟ ମରିଯାଏ । ଏଥିରେ ଅନେକ ନିଷ୍ଠାପର ଲୋକ ଅଛନ୍ତି—ଅନେକଙ୍କର ପ୍ରକୃତ ସେବା ଆଦର୍ଶ ରହିଛି; ମାତ୍ର ଏହା ବ୍ରିଟିଶ ସାମ୍ରାଜ୍ୟ ସେବାର ଆଦର୍ଶ—ଭାରତ ତା ପରେ । ସେମାନେ ଯେପରି ଭାବରେ ଶିକ୍ଷିତ ଓ ଅବସ୍ଥିତ, ସେଥିରେ ସେମାନେ କେବଳ ଏହିରୂପେହିଁ କାର୍ଯ୍ୟ କରିପାରନ୍ତି । ସେମାନଙ୍କ ସଂଖ୍ୟା ମୁଷ୍ଟିମେୟ ହୋଇଥିବାରୁ ଏବଂ ଏକ ବିଦେଶୀ ଓ ବନ୍ଧୁଭାବାପନ୍ନ ନଥିବା ଲୋକଙ୍କଦ୍ୱାରା ପରିବେଷ୍ଟିତ ହୋଇଥିବାରୁ ସେମାନେ ଏକତ୍ର ହୋଇ ଗୋଟିଏ ଧାରା ବଜାୟ ରଖିଥିଲେ । ଜାତି ଓ ପଦବୀର ମର୍ଯ୍ୟାଦା ଏହା ବୃଦ୍ଧି କରିଥିଲା । ସେମାନଙ୍କର ବହୁପରିମାଣରେ ଏକଛତ୍ର କ୍ଷମତା ଥିବାରୁ ସେମାନେ ସମସ୍ତ ସମାଲୋଚନାକୁ ନାପସନ୍ଦ କରୁଥିଲେ—ଏସବୁ ମହାନ୍ ପାପ ବୋଲି ବିଚାରୁଥିଲେ—ଅଧିକରୁ ଅଧିକ ଅସହିଷ୍ଣୁ ସ୍କୁଲମାଷ୍ଟର ପରି ହେଲେ ଏବଂ ଦାୟିତ୍ୱହୀନ ଶାସକଙ୍କର ଅନେକ ଦୋଷ ତାଙ୍କଠାରେ ପ୍ରକାଶ ପାଇଲା । ସେମାନେ ଆତ୍ମତୃପ୍ତ ଓ ନିଶ୍ଚିନ୍ତ, ସଂକୀର୍ଣ୍ଣମନା, ନିର୍ଦ୍ଦିଷ୍ଟ ମନୋଭାବ ସମ୍ପନ୍ନ, ପରିବର୍ତ୍ତନଶୀଳ ଜଗତରେ ଗତିହୀନ ଏବଂ ପ୍ରଗତିମୂଳକ ବାୟୁ-ମଣ୍ଡଳରେ ସମ୍ପୂର୍ଣ୍ଣ ଅନୁପଯୋଗୀ । ଯେତେବେଳେ ତାଙ୍କଠାରୁ ଅଧିକ ସମର୍ଥ ଓ ଉଦାରହୃଦୟ ବ୍ୟକ୍ତିମାନେ ଭାରତ ସମସ୍ୟାକୁ ସମାଧାନ କରିବାକୁ ଲାଗିଲେ, ସେତେବେଳେ ସେଥିରେ ସେମାନେ କ୍ରୋଧ ପ୍ରକାଶ କରି ନାନା ଆପତ୍ତିଜନକ ଭାଷାରେ ଗାଳିଦେଲେ, ତାକୁ ଦବାଇଲେ ଏବଂ ସେ କାଠରେ ଯଥାସମ୍ଭବ ବାଧା ପହଞ୍ଚାଇଲେ । ମାତ୍ର ଯୁଦ୍ଧ ପରେ, ଯେତେ-ବେଳେ ପରିବର୍ତ୍ତନ ଫଳରେ କିଛି ନୂଆ ଶୀଘ୍ର ଅବସ୍ଥା ସୃଷ୍ଟି ହେଲା, ସେମାନେ ସମ୍ପୂର୍ଣ୍ଣ ହତବୁଦ୍ଧି ହେଲେ ଏବଂ ନିଜକୁ ଏଥି ସହିତ ମିଳାଇ ଚଳିପାରିଲେ ନାହିଁ । ଏପରି ଆକସ୍ମିକ ଓ ନୂତନ ପରିସ୍ଥିତି ଲାଗି ସେମାନଙ୍କର ଧରାବନ୍ଧା ଶିକ୍ଷା ଉପଯୁକ୍ତ ହୋଇନାହିଁ, ଦୀର୍ଘକାଳର ଦାୟିତ୍ୱହୀନ ବ୍ୟବସ୍ଥାରେ ସେମାନେ ନଷ୍ଟ ହୋଇ ଯାଇଛନ୍ତି । ଗୋଟାଏ ଦଳ ହିସାବରେ କାର୍ଯ୍ୟରେ ସେମାନ-

Digitized by srujanika@gmail.com

ଙ୍କର ସମ୍ପୂର୍ଣ୍ଣ କ୍ଷମତା ଥିଲା—କେବଳ ନାମକୁମାତ୍ର ବ୍ରିଟିଶ ପାର୍ଲିମେଣ୍ଟର ନିକଟକୁ ଥିଲା । ଲର୍ଡ ଆକ୍ଟନ୍ କହନ୍ତି "କ୍ଷମତା ଦୁର୍ନୀତି ଆଣେ ଏବଂ ସମ୍ପୂର୍ଣ୍ଣ କ୍ଷମତା ସମ୍ପୂର୍ଣ୍ଣରୂପେ ଚରିତ୍ରହୀନ କରିଦିଏ ।"

ମୋଟ ଉପରେ ସେମାନଙ୍କ ସୀମାବଦ୍ଧ ଉପାୟରେ ସେମାନେ ବିଶ୍ୱାସ ଯୋଗ୍ୟ କର୍ମଚାରୀ—ବିଶେଷ କୃତିତ୍ୱ ନଦେଖାଇଲେ ସୁଦ୍ଧା ବେଶ୍ ଉପଯୁକ୍ତ ଭାବରେ ଦୈନନ୍ଦିନ କାର୍ଯ୍ୟ କରିପାରନ୍ତି । ମାତ୍ର ସେମାନଙ୍କର ଶିକ୍ଷା ଏପରି ଯେ, ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ପରିସ୍ଥିତିରେ ସେମାନଙ୍କ ବୁଦ୍ଧି ସ୍ଫୁରେ ନାହିଁ; ଯଦିଓ ସେମାନଙ୍କର ଆତ୍ମବିଶ୍ୱାସ, ପ୍ରଣାଳୀବଦ୍ଧ କାର୍ଯ୍ୟ କରିବାର ପ୍ରକୃତି ଏବଂ ନିଜର ଶ୍ରେଣୀଗତ ଶୃଙ୍ଖଳା ହେତୁ ସେମାନେ ଜରୁରୀ ଅବସ୍ଥା ଅତିକ୍ରମ କରିପାରନ୍ତି । ପ୍ରସିଦ୍ଧ ମେସୋପଟାମିଆ ଗୋଳମାଳରେ ବ୍ରିଟିଶ ଭାରତ ସରକାରର ଅଯୋଗ୍ୟତା ଏବଂ 'ଜଡ଼ତା' ପ୍ରକାଶ ପାଇଛି; ଏବଂ ସେହିପରି ଅନେକ ଗୋଳମାଳ ବିଷୟ ପଦାକୁ ବାହାରି ନାହିଁ । ଆଇନ ଅମାନ୍ୟ ପ୍ରତି ସେମାନଙ୍କର ପ୍ରତିକ୍ରିୟା ଅତି କଠିନ । ଗୁଳି କରି ଏବଂ ମୁଦ୍‌ଗର ମାରି କ୍ଷଣକାଳପାଇଁ ଶତ୍ରୁକୁ ବାହାରକରି ଦିଆଯାଇପାରେ; ମାତ୍ର ଏଥିରେ ସମସ୍ୟାର ସମାଧାନ ହୁଏ ନାହିଁ ଏବଂ ଯେଉଁ ଉଚ୍ଚଭାବ ରକ୍ଷା କରିବା ନିମନ୍ତେ ଏହା ଚେଷ୍ଟା କରେ ତାହାକୁ ହିଁ କମ୍ କରିପକାଏ । ସୁତରାଂ କ୍ରମବର୍ଦ୍ଧିଷ୍ଣୁ ଓ ସଂଗ୍ରାମଶୀଳ ଜାତୀୟ ଆନ୍ଦୋଳନର ସମ୍ମୁଖୀନ ହେବାକୁ ସେମାନେ ଯେ ହିଂସା ଅବଲମ୍ବନ କଲେ ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ । ଏହା ଅପରିହାର୍ଯ୍ୟ, କାରଣ ଏହା ଉପରେ ସାମ୍ରାଜ୍ୟ ନିର୍ଭର କରେ ଏବଂ ବିଦ୍ରୋହିତାର ସମ୍ମୁଖୀନ ହେବାର ଅନ୍ୟ ଉପାୟ ତାଙ୍କୁ ଜଣା ନାହିଁ । ମାତ୍ର ଅତିରିକ୍ତ ଓ ଅନାବଶ୍ୟକ ହିଂସା ପ୍ରୟୋଗରୁ ପ୍ରମାଣ ମିଳେ ଯେ ସେମାନେ ପରିସ୍ଥିତିକୁ ଠିକ୍‌ରୂପେ ଧରିପାରି ନାହାନ୍ତି ଏବଂ ସାଧାରଣ ସମୟରେ ଯେଉଁ ଆତ୍ମସଂଯମ ଓ ନିଜକୁ ଆୟତ୍ତ କରିବା ପ୍ରକୃତି ତାଙ୍କର ଥାଏ ସେତେବେଳେ ତାହା ତାଙ୍କଠାରେ ନଥିଲା । ସେମାନଙ୍କର ମାନସିକ ବିକୃତି ଦେଖାଯାଏ ଏବଂ ସେମାନଙ୍କର ସାଧାରଣ ଘୋଷଣାମାନଙ୍କରେ ସୁଦ୍ଧା ବିକାରଗ୍ରସ୍ତ ଉଦ୍‌ବେଗ

Digitized by srujanika@gmail.com

ଦେଖାଗଲା । ଅନ୍ୟ ଉପର ଗଭୀର ବିଶ୍ୱାସ ଭାଙ୍ଗିଯାଇଥିଲା । ସଙ୍କଟ ସମୟ ନିର୍ଦ୍ଦୟ ଭାବ ଆମକୁ ଦେଖାଇଦିଏ ଏବଂ ଆମର ଆଭ୍ୟନ୍ତରୀଣ ଦୁର୍ବଳତା ପ୍ରକାଶିତ ହୋଇଯାଏ । ଆଇନ ଅମାନ୍ୟ ଏହିପରି ଏକ ସଙ୍କଟ ଓ ପରୀକ୍ଷା ସ୍ଥଳ ଏବଂ କଂଗ୍ରେସ ଓ ସରକାର ଉଭୟପକ୍ଷର ଅତି ଅଳ୍ପ ଲୋକହିଁ ଏଥିରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ମିଷ୍ଟର ଲୟଡ଼ ଜର୍ଜ କହିଛନ୍ତି—"ଏଭଳି ସଙ୍କଟ ସମୟରେ ପ୍ରଥମ ଶ୍ରେଣୀର ମେରୁଦଣ୍ଡ ଅତି ଅଳ୍ପ ଲୋକଙ୍କଠାରେ ଦେଖିବାକୁ ମିଳେ । ଅବଶିଷ୍ଟଙ୍କୁ ସଙ୍କଟସମୟରେ କେହି ଗଣ୍ୟ କରେ ନା । ଭଲ ପାଗରେ ଯେ ଛୋଟ ଛୋଟ କୂଦ ବଡ଼ ଦେଖାଯାଏ, ପ୍ରବଳ ବନ୍ୟା ସମୟରେ ତାହା କୁଆଡ଼େ ବିଲୀନ ହୋଇଯାଏ ଏବଂ କେବଳ ଅତି ଉଚ୍ଚ କୂଦସବୁ ପାଣି ଉପରେ ମୁଣ୍ଡ ଟେକି ଠିଆ ହୋଇଥିବାର ଦେଖାଯାଏ ।"

ଯାହା ଘଟିଲା ସେଥିଲାଗି ଆଇ. ସି. ଏସ୍.ମାନେ ବୁଦ୍ଧି ଓ ହୃଦୟ କୌଣସି ଦିଗରେ ପ୍ରସ୍ତୁତ ନ ଥିଲେ । ଏମାନଙ୍କର ମୂଳ ଶିକ୍ଷା ଅତି ପ୍ରାଚୀନ ଧରଣର ଏବଂ ସେଥିରୁ କେତେକ ନିର୍ଦ୍ଦିଷ୍ଟ ଗୁଣ ଓ ମାଧୁରୀ ସେମାନେ ଗ୍ରହଣ କରିଥିଲେ । ଏହା ପୁରୁଣା କାଳର ମନୋଭାବ; ଭିକ୍ଟୋରିଆ ଯୁଗ ପକ୍ଷରେ ଉପଯୋଗୀ, ମାତ୍ର ଆଧୁନିକ ଅବସ୍ଥା ସହିତ ଆଦୌ ଖାପ ଖାଏ ନାହିଁ । ସେମାନେ ସେମାନଙ୍କର ସଂକୀର୍ଣ୍ଣ ଓ ସୀମାବଦ୍ଧ ଆଙ୍ଗ୍ଲୋ ଇଣ୍ଡିଆନ୍ ଜଗତରେ ରହୁଥିଲେ—ଏହା ଇଂଲଣ୍ଡ ନୁହେଁ ବା ଭାରତ ନୁହେଁ । ସମସାମୟିକ ସମାଜରେ ଯେଉଁ ସବୁ ଶକ୍ତି କାର୍ଯ୍ୟ କରୁଛି ତାହା ସେମାନେ ପସନ୍ଦ କରିପାରିଲେ ନାହିଁ । ସେମାନେ ନିଜକୁ ଜନସାଧାରଣଙ୍କର ମୁରବୀ ଓ ମାରଫତଦାର ବୋଲି ଧରି ନେଇଥିଲେ ସୁଦ୍ଧା ସେମାନଙ୍କ ସମ୍ବନ୍ଧରେ ତାଙ୍କର କୌଣସି ଜ୍ଞାନ ନ ଥିଲା; ଏବଂ ଏପରି କି ନୂତନ ସଂଗ୍ରାମଶୀଳ ବୁର୍ଜୋୟାଙ୍କ ସମ୍ବନ୍ଧରେ ତାଙ୍କର ଜ୍ଞାନ ଆହୁରି କମ୍ । ସେମାନଙ୍କ ପାଖରେ ଥିବା ଖୋସାମଦକାରୀ ଓ ପଦଲାଳସୀମାନଙ୍କୁ ଦେଖିହିଁ ସେମାନେ ଭାରତବାସୀଙ୍କ ବିଚାର କରନ୍ତି ଏବଂ ଅନ୍ୟମାନଙ୍କୁ ଆନ୍ଦୋଳନକାରୀ, ଶଠ ବୋଲି ମନେ କରନ୍ତି । ଯୁଦ୍ଧ ପରେ ପୃଥିବୀର ପରିବର୍ତ୍ତନ ବିଶେଷରେ ଅର୍ଥନୈତିକ ଜଗତରେ ପରିବର୍ତ୍ତନ ସମ୍ବନ୍ଧରେ

Digitized by srujanika@gmail.com

ସେମାନଙ୍କର ଜ୍ଞାନ ଖୁବ୍ କମ୍ ଏବଂ ସେମାନେ ନିଜ ବାଟରେ ଏପରି ଅଭ୍ୟସ୍ତ ଯେ ପରିବର୍ତ୍ତିତ ଅବସ୍ଥା ସହିତ ନିଜକୁ ଚଳାଇ ନେଇ ପାରନ୍ତି ନାହିଁ । ସେମାନେ ବୁଝି ପାରୁ ନ ଥିଲେ ଯେ ସେମାନେ ଯେଉଁ ଅବସ୍ଥାର ପରିପୋଷକ, ଆଧୁନିକ ଯୁଗରେ ତାହାର ଦିନ ପୂରି ଆସିଛି, ଏବଂ ସେମାନେ ନିଜ ସ୍ୱଭାବରେ ଟି. ଏସ୍. ଇଲିଅଟଙ୍କ ରଚିତ 'ଦି ହଲୋ ମ୍ୟାନ୍' ବର୍ଣ୍ଣିତ ଚରିତ୍ରର ପ୍ରତୀକ ହୋଇଯାଇଛନ୍ତି ।

ତଥାପି ଯେ ପର୍ଯ୍ୟନ୍ତ ବ୍ରିଟିଶ ସାମ୍ରାଜ୍ୟବାଦ ରହିଥିବ ଏହି ବ୍ୟବସ୍ଥା ମୂଳଥିବ—ଏହା ଏବେ ମଧ୍ୟ ଶକ୍ତିଶାଳୀ ଏବଂ ଏଥିରେ ଅନେକ ଯୋଗ୍ୟ ଓ କୁଶଳକର୍ମୀ ନେତା ରହିଛନ୍ତି । ଭାରତରେ ବ୍ରିଟିଶ ସରକାର ଯୋକଣ୍ଠିଆ ପାନ୍ଥ ପରି, କିନ୍ତୁ ଏବେ ବୁଢା ମାଛରେ ଏହା ଶକ୍ତ ହୋଇ ଲାଗି ରହିଛି । ଏହା ଯନ୍ତ୍ରଣାଦାୟକ, ମାତ୍ର ସହଜରେ ଏହାକୁ କାଢ଼ି ପାରିବା ନାହିଁ । ଏହି ଯନ୍ତ୍ରଣା ସେହିପରି ରହିବାର ସମ୍ଭାବନା ଏବଂ ଦାନ୍ତ ବାହାରି ନ ପଡ଼ିବା କିମ୍ବା ଆପେ ଆପେ ପଡ଼ି ନ ଯିବା ପର୍ଯ୍ୟନ୍ତ ଏହା ଆହୁରି ଖରାପ ହେବ ।

ପବ୍ଲିକ ସ୍କୁଲ ଡ଼ିଗର ଦିନ ଇଂଲଣ୍ଡରୁ ମଧ୍ୟ ଯାଉଛି—ଆଗେ ଏହାର ଯେପରି ସ୍ଥାନ ଥିଲା ଆଜି ନାହିଁ, ଯଦି ଓ ସାଧାରଣ ବ୍ୟାପାରରେ ଏହା ଏବେ ସୁଦ୍ଧା ମୁଖ୍ୟ ରୂପେ ରହିଛି । ଭାରତରେ ଏହା ଆହୁରି ଅନୁପଯୋଗୀ—ଏହା ପ୍ରଗତିଶୀଳ ଜାତୀୟବାଦ ସହିତ ଖାପ ଖାଇ ପାରେ ନା କିମ୍ବା ସହଯୋଗ କରିପାରିବ ନାହିଁ—ଯେଉଁମାନେ ସାମାଜିକ ପରିବର୍ତ୍ତନ ଲାଗି ଦାବି କରୁଛନ୍ତି ତାଙ୍କ କଥା ତ ସ୍ୱତନ୍ତ୍ର ।

ଅବଶ୍ୟ ଆଇ, ସି, ଏସ୍, ରେ ଅନେକ ଅତି ସୁନ୍ଦର ଚରିତ୍ରବାନ୍ ଓ ଇଂରେଜ ଲୋକେ ଅଛନ୍ତି, ମାତ୍ର ଯେ ପର୍ଯ୍ୟନ୍ତ ପ୍ରଚଳିତ ପ୍ରଥା ଜାରିଥିବ, ସେ ପର୍ଯ୍ୟନ୍ତ ସେମାନଙ୍କର ଭଲଗୁଣ ଭାରତ ଲୋକଙ୍କ ପ୍ରତି ଉପକାରୀ ନ ହେବା ଉଦ୍ଦେଶ୍ୟରେ ଲାଗିବ । ସିଭିଲ ସର୍ଭିସର କେତେକ ଚରିତ୍ରବାନ୍

Digitized by srujanika@gmail.com

ପବ୍ଲିକ୍ ସ୍କୁଲ ଢଙ୍ଗରେ ଏତେ ଅନୁପ୍ରାଣିତ ଯେ ସେମାନଙ୍କ ରାଜଭକ୍ତି ସ୍ୱୟଂ ରାଜାଙ୍କଠାରୁ ବେଶୀ । ମୋର ମନେ ଅଛି ଥରେ ମୁଁ ଜଣେ ଯୁବକ ଭାରତୀୟ ଆଇ. ସି. ଏସ୍. ଙ୍କୁ ଭେଟିଥିଲି—ତାଙ୍କର ନିଜ ସମ୍ବନ୍ଧରେ ଖୁବ୍ ଉଚ୍ଚ ଧାରଣା ଥିଲା; ମାତ୍ର ଦୁର୍ଭାଗ୍ୟର କଥା ମୁଁ ସେଥିରେ ଏକମତ ହୋଇ ପାରିଲି ନାହିଁ । ସେ ଏହି ସର୍ଭିସର ନାନା ଗୁଣ ମୋତେ ଦର୍ଶାଇଲେ; ଶେଷରେ ତାଙ୍କର ଅଖଣ୍ଡ ଯୁକ୍ତି ବ୍ରିଟିଶ ସାମ୍ରାଜ୍ୟ ଅନୁକୂଳରେ ଶେଷ କଲେ—ଏହା ରୋମ ସାମ୍ରାଜ୍ୟ ଏବଂ ଚେଙ୍ଗିଜ୍ ଖାଁ ଓ ତୈମୁରଙ୍କ ସାମ୍ରାଜ୍ୟଠାରୁ ଭଲ ନୁହେଁକି ?

ଆଇ. ସି. ଏସ୍. ଙ୍କର ବଦ୍ଧମୂଳ ଧାରଣା ଯେ ସେମାନେ ଖୁବ୍ କୁଶଳ-ଭାବରେ ନିଜ କର୍ତ୍ତବ୍ୟ କରନ୍ତି ଏବଂ ସେଥିଲାଗି ସେମାନେ ସେମାନଙ୍କ ଦାବୀ ଉପରେ ଜୋର ଦେଇ ପାରନ୍ତି—ଏହି ଦାବୀ ସବୁ ଅନେକ ଓ ବିଭିନ୍ନ । ଭାରତ ଯେ ଆଜି ଦରିଦ୍ର ସେଥିପାଇଁ ଦାୟୀ ତାହାର ବଣିଆ, ମହାଜନ ଏବଂ ସାମାଜିକ ରୀତିନୀତି ଏବଂ ସର୍ବୋପରି ତାହାର ବହୁଳ ଲୋକସଂଖ୍ୟା । ସର୍ବାପେକ୍ଷା ବଡ଼ ବଣିଆ ହେଉଛି ଯେ ଭାରତରେ ବ୍ରିଟିଶ ସରକାର ଏକଥା ଭୁଲି ଯାଆନ୍ତି । ସେମାନେ ଲୋକସଂଖ୍ୟା ନେଇ କ'ଣ କରିବାକୁ ଚାହାନ୍ତି ମୁଁ ଜାଣେ ନା; କାରଣ ଦୁର୍ଭିକ୍ଷ, ମହାମାରୀ ଓ ମୃତ୍ୟୁହାର ଅଧିକ ହୋଇଥିବାରୁ ଅନେକ ଲୋକ ମରିଯାଉଥିଲେ ସୁଦ୍ଧା ଲୋକସଂଖ୍ୟା ତଥାପି ବଢୁତି ରହିଛି । ଜନ୍ମନିରୋଧପାଇଁ ପ୍ରସ୍ତାବ କରାଯାଏ ଏବଂ ମୁଁ ଜନ୍ମନିରୋଧ ସମ୍ବନ୍ଧରେ ଜ୍ଞାନ ଓ ଉପାୟ ପ୍ରଚାରର ସମ୍ପୂର୍ଣ୍ଣ ପକ୍ଷପାତୀ । ମାତ୍ର ଏହି ପନ୍ଥା ପ୍ରଚଳନପାଇଁ ଜନସାଧାରଣଙ୍କ ଜୀବନ ଯାତ୍ରା ପ୍ରଣାଳୀ ଉନ୍ନତ ହେବା ଦରକାର—ସାଧାରଣ ଶିକ୍ଷା କିଛି ଥିବା ଦରକାର ଏବଂ ସମଗ୍ର ଦେଶରେ 'ଚିକିତ୍ସାଳୟ' (କ୍ଲିନିକ) ତିଆରି ହେବା ଦରକାର । ବର୍ତ୍ତମାନ ଅବସ୍ଥାରେ ଜନ୍ମନିୟନ୍ତ୍ରଣ ବିଷୟ ଆଦୌ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରେ ନା । ମଧ୍ୟବର୍ତ୍ତୀ ଶ୍ରେଣୀ ଏଥିରୁ ଲାଭ ଉଠାଇ ପାରନ୍ତି—ମୋର ବିଶ୍ୱାସ ସେମାନେ ଅଧିକ ପରିମାଣରେ କ୍ରମେ ଆଜିକାଲି କରୁଛନ୍ତି ।

Digitized by srujanika@gmail.com

ମାତ୍ର ଅଧିକ ଲୋକଙ୍କର ମୃତ୍ୟୁକୁ ଅଦୂର ଲକ୍ଷ୍ୟ କରିବାର କଥା । ଆଜି ପୃଥିବୀର ସମସ୍ୟା ଖାଦ୍ୟ ବା ଅନ୍ୟ ଆବଶ୍ୟକୀୟ ଜିନିଷର ଅଭାବ ନୁହେଁ, ବାସ୍ତବିକ ପ୍ରକୃତରେ ଖାଇବା ଲୋକର ଅଭାବ କିମ୍ବା ଅନ୍ୟ ଭାବରେ କହିଲେ ଯେଉଁମାନଙ୍କର ଦରକାର ଅଛି ସେମାନଙ୍କର ଖାଦ୍ୟ କ୍ରୟ କରିବାର କ୍ଷମତା ନାହିଁ । ଅନ୍ୟ କଥା ଛାଡ଼ି ଦେଲେ ଭାରତରେ ମଧ୍ୟ ଖାଦ୍ୟର ଅଭାବ ନାହିଁ । ଲୋକସଂଖ୍ୟା ବହୁତ ବଢ଼ି ଯାଉଥିଲେ ସୁଦ୍ଧା ଖାଦ୍ୟ ସଂଗ୍ରହ ମଧ୍ୟ ବଢ଼ିଛି ଏବଂ ଲୋକସଂଖ୍ୟା ଅନୁପାତରେ ଅଧିକ ବୃଦ୍ଧି ହୋଇପାରେ । ଅଦ୍ଭୁତ ଭାରତର ଏତେ ଶୋଷିତ ଲୋକସଂଖ୍ୟା ବୃଦ୍ଧିହାର (ଗତବର୍ଷ ଦଶବର୍ଷ ଛଡ଼ା) ଅଧିକାଂଶ ପାଶ୍ଚାତ୍ୟ ଦେଶ ତୁଳନାରେ କମ୍ । ଏ କଥା ସତ୍ୟ ଯେ ଭବିଷ୍ୟତରେ ଏହା ଅଧିକ ହୋଇପାରେ, କାରଣ ପାଶ୍ଚାତ୍ୟ ଦେଶମାନଙ୍କରେ ଲୋକସଂଖ୍ୟା କମାଇବା ଏବଂ ଏପରି କି ବୃଦ୍ଧି ବନ୍ଦ କରିବାପାଇଁ ମଧ୍ୟ ବିଭିନ୍ନ ଶସ୍ତ୍ର କାର୍ଯ୍ୟ କରୁଛି । ଶୀଘ୍ର ଭାରତରେ ଏହି ସବୁ କାରଣ ଲୋକସଂଖ୍ୟା ବନ୍ଦ କରି ପାରିବାର ସମ୍ଭାବନା ।

ଭାରତ ସ୍ୱାଧୀନ ହେଲେ ଏବଂ ସେ ଯେଉଁ ନୂତନ ଜୀବନ ଗଢ଼ିବାକୁ ଚାହେଁ, ସେ ଅବସ୍ଥାରେ ପହଞ୍ଚିଲେ, ନିଜର ଉଦ୍ଦେଶ୍ୟ ହାସଲ ଲାଗି ସେ ତାର ସର୍ବୋତ୍କୃଷ୍ଟ ନରନାରୀଙ୍କୁ କାର୍ଯ୍ୟରେ ଲଗାଇବାପାଇଁ ଦରକାର କରିବ । ଉତ୍କୃଷ୍ଟ ଲୋକ ବିରଳ ଦେଖାଯାନ୍ତି, ଏବଂ ଭାରତରେ ବ୍ରିଟିଶ ଶାସନ ଅଧୀନରେ ଆମର କମ୍ ସୁଯୋଗ ଥିବାରୁ ତାହା ଅଧିକ ବିରଳ ହୋଇଛି । ଆମେ ଆମର ସାଧାରଣ ଜୀବନର ଅନେକ ବିଭାଗରେ ବିଶେଷତଃ ଯେଉଁଥିରେ ଯନ୍ତ୍ରଜ୍ଞାନ ଓ ବିଜ୍ଞାନସମ୍ପର୍କୀୟ ଜ୍ଞାନ ଆବଶ୍ୟକ ସେଥିରେ ଅନେକ ବିଦେଶୀ ଦକ୍ଷ ଲୋକ ରଖିବା ଆବଶ୍ୟକ ମନେ କରିବୁ । ଆଇ. ସି. ଏସ୍. ଏବଂ ଅନ୍ୟ ଇମ୍ପିରିଆଲ ସର୍ଭିସରେ କାର୍ଯ୍ୟ କରୁଥିବା ଅନେକ ଭାରତୀୟ ଓ ବିଦେଶୀ ମଧ୍ୟ ନୂତନ ବ୍ୟବସ୍ଥାରେ ଆବଶ୍ୟକ ହୋଇ ପାରନ୍ତି । ମାତ୍ର ଗୋଟିଏ କଥା ବିଷୟରେ ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଯେ, ଯେ ପର୍ଯ୍ୟନ୍ତ ଆମର ଶାସନ ଓ ସାଧାରଣ ଚାକିରୀ ବ୍ୟାପାରରେ ଆଇ. ସି. ଏସ୍. ମନୋଭାବ ଥିବ ସେ ପର୍ଯ୍ୟନ୍ତ ଭାରତରେ

Digitized by srujanika@gmail.com

କୌଣସି ନୂତନ ବ୍ୟବସ୍ଥା ହୋଇ ପାରିବ ନାହିଁ । ପ୍ରଭୁତ୍ୱମୂଳକ ଭାବ ହେଉଛି ସାମ୍ରାଜ୍ୟବାଦର ସାର ଏବଂ ଏହା ସ୍ୱାଧୀନତା ସହିତ ଏକସଙ୍ଗରେ ରହିପାରେ ନା । ଏହା ହୁଏତ ସ୍ୱାଧୀନତା ଧ୍ୱଂସ କରିବ ନଚେତ୍ ଏଥିରେ ନିଜେ ଲୁଚିଯିବ । କେବଳ ଏକପ୍ରକାର ରାଷ୍ଟ୍ରରେ ହିଁ ଏହା ଖାପ ଖାଇପାରେ—ତାହା ହେଉଛି ଫାସିଷ୍ଟ ରାଷ୍ଟ୍ର । ସୁତରାଂ ମୋତେ ବୋଧହୁଏ ଆମେ ନୂତନ ବ୍ୟବସ୍ଥା ସମ୍ବନ୍ଧରେ ପ୍ରକୃତ କାର୍ଯ୍ୟ ଆରମ୍ଭ କରି ପୂର୍ବରୁ ଆଇ. ସି. ଏସ୍. ଓ ଅନ୍ୟ ଚାକିରୀଗୁଡ଼ିକ ସମ୍ପୂର୍ଣ୍ଣରୂପେ ଲୋପ ହୋଇଥିବା ଦରକାର । ଏହି ଚାକିରୀର କେହି କେହି ଲୋକ ଯଦି ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ଓ ଯୋଗ୍ୟ ହୋଇଥାନ୍ତି, ତେବେ ସେମାନଙ୍କୁ ସ୍ୱାଗତ କରାଯିବ; ମାତ୍ର ତାହା କେବଳ ନୂତନ ଅବସ୍ଥାରେ । ଆଜି ସେମାନେ ଯେଉଁ ଅତି ଉଚ୍ଚବେତନ ଓ ଭତ୍ତା ପାଉଛନ୍ତି ତାହା ସେମାନେ ପାଇବା କଳ୍ପନାର ବାହାରେ । ନୂତନ ଭାରତର ସେବାରେ ଏପରି ଲୋକ ନିଯୁକ୍ତ ହେବେ ଯେଉଁମାନେ ଉତ୍ସାହୀ ଓ କୁଶଳ କର୍ମୀ ହୋଇଥିବେ—ସେମାନେ ଯେଉଁ ଉଦ୍ଦେଶ୍ୟରେ ସେବା କରୁଛନ୍ତି ସେଥିପ୍ରତି ତାଙ୍କର ଅଟଳ ବିଶ୍ୱାସ ଥିବ ଏବଂ ତାହା ସିଦ୍ଧି ନିମନ୍ତେ ପ୍ରାଣପଣେ ଲାଗି ପଡ଼ିବେ, ଯେଉଁମାନେ ଉଚ୍ଚବେତନର ଲୋଭ ଯୋଗୁ ନୁହେଁ, ମାତ୍ର ଏହାର ଗୌରବ ଓ ଆନନ୍ଦ ଲାଗି କାର୍ଯ୍ୟ କରୁଥିବେ । ଅର୍ଥ ପାଇବା ଉଦ୍ଦେଶ୍ୟ ଖୁବ୍ କମାଇବାକୁ ହେବ । ବିଦେଶୀ ସହାୟକଙ୍କର ପ୍ରଚୁର ଆବଶ୍ୟକତା ହେବ ଏବଂ ମୋର ଅନୁମାନ କୌଣସି ବିଶେଷ ଜ୍ଞାନ ନଥିବା ସିଭିଲିୟାନ୍ ଶାସକ ଆଦୌ ଦରକାର ହେବନାହିଁ । ଭାରତରେ ସେପରି ଲୋକଙ୍କର କିଛି ଅଭାବ ହେବ ନାହିଁ ।

ଭାରତର ଲିବରାଲ ଓ ସେମାନଙ୍କ ସଦୃଶ ଅନ୍ୟ ଦଳମାନେ ଭବିଷ୍ୟତ ଭାରତ ସରକାର ସମ୍ବନ୍ଧରେ ଯେଉଁ ନିଶ୍ଚିତ ଆଦର୍ଶ ଗ୍ରହଣ କରିଛନ୍ତି, ତାହା ମୁଁ ଆଗରୁ କହିଛି । ଚାକିରୀ ବାବଦରେ ତାହା ବିଶେଷ ଭାବରେ ପରିଲକ୍ଷିତ ହୁଏ; କାରଣ ସେମାନେ 'ଭାରତୀୟକରଣ' ଲାଗି ଦାବୀ କରନ୍ତି—ଅଥଚ ବ୍ୟବସ୍ଥା ଏବଂ ଚାକିରୀ ବାବଦର ପ୍ରକୃତ ଓ ଭାବଧାରା ଆମୂଳ ପରିବର୍ତ୍ତନ

Digitized by srujanika@gmail.com

ଦାବୀ କରନ୍ତି ନାହିଁ । ଏହି ମୂଳ ପ୍ରଶ୍ନରେ ସେମାନଙ୍କ ସହିତ ଏକମତ ହେବା ସମ୍ଭବ ନୁହେଁ; କାରଣ ଭାରତ ସ୍ୱାଧୀନତା କେବଳ ବୈଦେଶିକ ଶକ୍ତି ଓ ଗୋରା ବାହିନୀ ପ୍ରତ୍ୟାହାର ଚାହେଁ ନାହିଁ, ମାତ୍ର ଯେଉଁ ପ୍ରଭୁତ୍ୱମୂଳକ ଧାରଣାରୁ ସେମାନେ ପ୍ରେରଣା ପାଆନ୍ତି ତାକୁ ଲୋପ କରିବାକୁ ଚାହେଁ ଏବଂ ସେମାନଙ୍କର ବେତନ ଓ ସୁବିଧାକୁ ସମାନ କରିଦେବାକୁ ଚାହେଁ । ଏହି ଶାସନତନ୍ତ୍ର ଗଠନ କାଳରେ ରକ୍ଷାକବଚ ରଖିବା କଥା ଖୁବ୍ ଶୁଣାଯାଉଛି । ଏହି ରକ୍ଷାକବଚ ଯଦି ଭାରତ ସ୍ୱାର୍ଥ ଦୃଷ୍ଟିରୁ ହେଉଥାଏ, ତେବେ ଅନ୍ୟ-କଥା ଭିତରେ ଏହା ଲିପିବଦ୍ଧ କରିବା ଉଚିତ ଯେ ଆଇ. ସି. ଏସ୍. ଓ ସେହିପରି ଗୋରା ବାହିନୀ ଭାରତରେ ବର୍ତ୍ତମାନ ଆକାରରେ ରହିବ ନାହିଁ; ସେମାନଙ୍କର ସୁବିଧା ଓ କ୍ଷମତା ରହିବ ନାହିଁ ଏବଂ ନୂତନ ଶାସନ ବିଧାନ ସହିତ ସେମାନଙ୍କର କିଛି ଯାଏ ଆସେ ନା ।

ତଥାକଥିତ ଦେଶରକ୍ଷାପାଇଁ ଗୋରା ବାହିନୀ ଅଧିକ ରହସ୍ୟପୂର୍ଣ୍ଣ ଓ ଦୃଢ଼ । ଆମେ ସେମାନଙ୍କୁ ସମାଲୋଚନା କରିପାରିବୁନାହିଁ, ସେ ସମ୍ବନ୍ଧରେ କିଛି କହିପାରିବୁ ନାହିଁ; କାରଣ ଏ ସବୁ ସମ୍ବନ୍ଧରେ ଆମ୍ଭେ କ'ଣ ଜାଣୁ ? ଆମ୍ଭେ ଉଚ୍ଚ ହାରରେ କେବଳ ଅତ୍ୟଧିକ ପରିମାଣରେ ପଇସା ଦେଇଥିବୁ । କିଛିଦିନ ତଳେ ୧୯୩୪ ମସିହା ସେପ୍ଟେମ୍ବର ମାସରେ ଭାରତର କମାଣ୍ଡର (Commander-in-chief) ସାର୍ ଫିଲିପ୍ ଚେଟ୍ଟୁଡ୍ ସିମଲାରେ କାଉନ୍‌ସିଲ ଅଫ୍ ଷ୍ଟେଟ୍‌ରେ ଭାରତୀୟ ରାଜନୀତିଜ୍ଞମାନଙ୍କୁ ତୀକ୍ଷ୍ଣ ସାମରିକ ଭାଷାରେ ଶୁଣାଇ ଦେଇଥିଲେ—ତମେ ନିଜକାର୍ଯ୍ୟରେ ମନ ଦିଅ ଓ ମୋ କାର୍ଯ୍ୟରେ ହସ୍ତକ୍ଷେପ କର ନା । କୌଣସି ପ୍ରସ୍ତାବରେ ସଂଶୋଧନ ଆଣିଥିବା ସଭ୍ୟଙ୍କ ପ୍ରତି ଲକ୍ଷ୍ୟ କରି ସେ କହିଥିଲେ "ସେ ଏବଂ ତାଙ୍କ ବନ୍ଧୁମାନେ କ'ଣ ମନେ କରନ୍ତି ଯେ ଯୁଦ୍ଧରେ ଅଭିଜ୍ଞ ଏବଂ ଯୁଦ୍ଧନିପୁଣ ଇଂରେଜ ଜାତି ଯେଉଁମାନେ ତରବାରୀ ବଳରେ ସାମ୍ରାଜ୍ୟ ଜୟ କରିଛନ୍ତି ଏବଂ ସେହିଦିନଠାରୁ ସେହିବଳରେ ତାହା ରକ୍ଷା କରିଥିଲେ, ସେମାନେ ଆରାମଚଉକିରେ ବସି ସମାଲୋଚନା କରୁଥିବା ଲୋକଙ୍କଠାରୁ ଯେଉଁ ଜାତି ଅଭିଜ୍ଞତା ପାଇଛି ତାଙ୍କଠାରୁ ଯୁଦ୍ଧ ସମ୍ବନ୍ଧରେ ନାନାକଥା ଶୁଣିବେ ?"

Digitized by srujanika@gmail.com

ସେ ଅନେକ କୌତୁକପୂର୍ଣ୍ଣ ମନ୍ତବ୍ୟ ସବୁ କରିଥିଲେ—କେହି ହୁଏତ ଭାବି ପାରନ୍ତି ଯେ ସେ ସାମୟିକ ଉତ୍ତେଜନାବେଳେ ଏହା କହିଦେଉଥିଲେ, ମାତ୍ର ଆମେ ଶୁଣିଲୁ ଯେ ତାଙ୍କ ବକ୍ତୃତା ନକଲ ସହିତ ଆଗରୁ ଲେଖି ଆସିଥିଲେ ଏବଂ ସେହି ଲେଖାରୁ ପାଠ କରିଥିଲେ।

ଅବଶ୍ୟ ଜଣେ ଅନଭିଜ୍ଞ ଲୋକ ପକ୍ଷରେ ସାମରିକ ବ୍ୟାପାରରେ ଓ ଜେନେରାଲମାନଙ୍କ ସହିତ ମତଭେଦ କରିବା ଅସଙ୍ଗତ, ତଥାପି ଆରାମ ଚୌକିରେ ବସିଥିବା ସମାଲୋଚକମାନଙ୍କୁ ମନ୍ତବ୍ୟ ପ୍ରକାଶ କରିବା ନିମନ୍ତେ ହୁଏତ ଅନୁମତି ଦିଆଯାଇପାରେ। ଯେଉଁମାନେ ତରବାରୀ ବଳରେ ସାମ୍ରାଜ୍ୟ ଧରିଛନ୍ତି ଏବଂ ଯେଉଁମାନଙ୍କ ମୁଣ୍ଡଉପରେ ଏହି ଜଟିଳ ଅସ୍ତ୍ର ଝୁଲୁଛି ସେମାନଙ୍କ ଭିତରେ ଯେ ମତଭେଦ ହେବ ଏହା ବୁଝାପଡ଼ୁଛି। ସ୍ୱଭାବତଃ ସୈନ୍ୟଙ୍କୁ ଭାରତର ସ୍ୱାର୍ଥ ବା ସାମ୍ରାଜ୍ୟର ସ୍ୱାର୍ଥ ସକାଶେ କାର୍ଯ୍ୟରେ ଲଗାଇବା ସମ୍ବନ୍ଧ ଓ ଦୁହିଁଙ୍କ ସ୍ୱାର୍ଥ ଭିତରେ ପାର୍ଥକ୍ୟ ଥାଇପାରେ ଏବଂ ପରସ୍ପର ବିରୋଧୀ ହୋଇଯାଇପାରେ। ମହାସମରର ଅଭିଜ୍ଞତା ପରେ ଯଦି କେହି ପ୍ରସିଦ୍ଧ ସେନାପତି ଅନ୍ୟର ହସ୍ତକ୍ଷେପର ସ୍ୱାଧୀନତା ପାଇବା ଠିକ୍ ବୋଲି ମନେ କରନ୍ତି ତେବେ ରାଜନୈତିକ ଓ ଆରାମଚୌକିରେ ବସିଥିବା ଲୋକ ଆଶ୍ଚର୍ଯ୍ୟ ହୋଇପାରେ। ଅନେକ ପରିମାଣରେ ସେମାନଙ୍କର ଅବାଧ ସ୍ୱାଧୀନତା ସେତେବେଳେ ଥିଲା ଏବଂ ହିସାବରୁ ଦେଖାଯାଏ ସେମାନେ ପ୍ରତ୍ୟେକ କଥାରେ—ପ୍ରତ୍ୟେକ ସୈନ୍ୟଦଳରେ—ବ୍ରିଟିଶ, ଫରାସୀ, ଜର୍ମାନ୍, ଅଷ୍ଟ୍ରିଆ, ଇଟାଲି ଓ ରୁଷ—ସବୁଠି ବିଶୃଙ୍ଖଳା ସୃଷ୍ଟି କରିଛନ୍ତି। ବିଖ୍ୟାତ ଇଂରେଜ ସାମରିକ ଐତିହାସିକ ଓ ରଣନୀତି ବିଶାରଦ କ୍ୟାପ୍ଟେନ୍ ଲିଡ଼େଲ ହାର୍ଟ ତାଙ୍କର 'ମହାସମରର ଇତିହାସ' ପୁସ୍ତକରେ ଲେଖିଛନ୍ତି—"ଯୁଦ୍ଧର ଏକ ଅବସ୍ଥାରେ ବ୍ରିଟିଶ ସୈନ୍ୟମାନେ ତେଣେ ଶତ୍ରୁ ସହିତ ଲଢ଼ୁଥିବାବେଳେ ବ୍ରିଟିଶ ସେନାପତିମାନେ ନିଜନିଜ ଭିତରେ ଲଢ଼ୁଥାଆନ୍ତି। ଜାତିର ସଙ୍କଟ ସମୟରେ ମଧ୍ୟ ସେମାନଙ୍କ ମଧ୍ୟରେ ଚିନ୍ତା ଓ ଉଦ୍ୟମର ଏକତା ଦେଖାଗଲା ନାହିଁ।" ସେ କହିଛନ୍ତି 'ମୁଷ୍ଟି ଅମଳ ଆଦର୍ଶ ଲୋକଙ୍କ ଉପରେ ବିଶ୍ୱାସ, ନାମପୂଜାରେ ବିଶ୍ୱାସ ଏବଂ ମହନ୍ତ ଲୋକେ ଯେ ସାଧାରଣ

Digitized by srujanika@gmail.com

ଲୋକଙ୍କଠାରୁ ପୃଥକ୍ ଏହି ଧାରଣା ଲୋପ କରନ୍ତୁ । ନେତାଙ୍କର ଆବଶ୍ୟକତା ବର୍ତ୍ତମାନ ସୁଦ୍ଧା ରହିଛି—ସମ୍ଭବତଃ ଅଧିକ ରହିଛି; ମାତ୍ର ସେମାନେ ସାଧାରଣ ମଣିଷ ବୋଲି ଆମେ ବୁଝି ପାରିଲେ ସେମାନଙ୍କଠାରୁ ଅଧିକ ଆଶା କରିବୁ ନାହିଁ କିମ୍ବା ଅତ୍ୟଧିକ ବିଶ୍ୱାସ କରିବୁ ନାହିଁ ।"

ରାଜନୀତିଜ୍ଞ ମିଷ୍ଟର ଡ଼ି. ଲଏଡ଼ ଜର୍ଜ ତାଙ୍କର 'ଯୁଦ୍ଧ ସ୍ମୃତି' ପୁସ୍ତକରେ ସେନାପତିମାନଙ୍କର ଦୋଷ ଓ ଦୁର୍ବଳତାର ଏକ ଭୀଷଣ ଚିତ୍ର ଆଙ୍କିଛନ୍ତି—ଯେଉଁ ଭୁଲ ସକାଶେ ଲକ୍ଷ ଲକ୍ଷ ଲୋକଙ୍କୁ ଜୀବନ ଦେବାକୁ ପଡ଼ିଥିଲା । ଇଂଲଣ୍ଡ ଏବଂ ତାହାର ସହଯୋଗୀମାନେ ଯୁଦ୍ଧରେ ଜୟଲାଭ କଲେ, ମାତ୍ର ଏହା ଏକ "ରକ୍ତରଞ୍ଜିତ ପଥରେ ଜୟଲାଭ" । ଯୁଦ୍ଧ କର୍ମକର୍ତ୍ତାମାନେ ମନୁଷ୍ୟ ଓ ସମ୍ପତ୍ତି ସହିତ ଅତି ବେପରୁଆ ଓ ନିର୍ବୁଦ୍ଧିଆ ଭାବରେ କାରବାର କରି ଇଂଲଣ୍ଡକୁ ପ୍ରାୟ ଏକ ଧ୍ୱଂସମୁଖରେ ପକାଇଥିଲେ ଏବଂ ସେ ଓ ତା'ର ମିତ୍ରଶକ୍ତିମାନେ ଶତ୍ରୁପକ୍ଷର ଅଧିକ ଅସଯୋଗ୍ୟ ମୂର୍ଖତା ହେତୁ ହିଁ ଅନେକ ପରିମାଣରେ ରକ୍ଷା ପାଇଥିଲେ । ମହାଯୁଦ୍ଧକାଳର ବ୍ରିଟେନର ପ୍ରଧାନ ମନ୍ତ୍ରୀ ଏପରି ଲେଖିଛନ୍ତି ଏବଂ ଲର୍ଡ଼ କେଲଚେଙ୍କ ମୁଣ୍ଡରେ କିଛି ଧାରଣା ଭର୍ତ୍ତି କରିବା ନିମନ୍ତେ ତାଙ୍କର ମସ୍ତିଷ୍କ ଅପରେସନ୍ କରିବା ଦରକାର ପଡ଼ିଥିଲା ଏବଂ ଅତିରିକ୍ତ ରସୀ ନେଇବା ପ୍ରସ୍ତାବ ସମ୍ବନ୍ଧରେ ତାଙ୍କୁ କିପରି ବେଗ ପାଇବାକୁ ପଡ଼ିଥିଲା ତାହା ବର୍ଣ୍ଣନା କରିଛନ୍ତି । ଫରାସି ସେନାପତି ଜୋଫ୍ରେଙ୍କ ସମ୍ବନ୍ଧରେ ସେ ଲେଖିଛନ୍ତି ଯେ ତାଙ୍କର ପ୍ରଧାନ ଗୁଣ ହେଉଛି ଯେ ତାଙ୍କର ଦୃଢ଼ପ୍ରତିଜ୍ଞ ହାବଭାବ ଗୋଟାଏ ଶକ୍ତିର ପ୍ରେରଣା ଦେଉଥିଲା । "ବିପଦରେ ପଡ଼ି ବ୍ୟସ୍ତ ହେଉଥିବା ଲୋକ ଏଥିରେହିଁ ଶରଣ ନିଏ । ସେମାନେ ଭୁଲିଯାଆନ୍ତି ଯେ ବୁଦ୍ଧି ଗାଲରେ ଥାଏ ।"

ମାତ୍ର ମିଷ୍ଟର ଲଏଡ଼ ଜର୍ଜ ମୁଖ୍ୟ ଭାବରେ ବ୍ରିଟିଶ ସମରନାୟକ ଫିଲ୍ଡ ମାର୍ଶାଲ ହେଗ୍ଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି । ସେ ଦେଖାଇଛନ୍ତି ଯେ ଲର୍ଡ଼ ହେଗ୍ଙ୍କ ଅସଂଯତ ଅହମିକା ଏବଂ ହୀନାତ୍ମକ ଓ

Digitized by srujanika@gmail.com

ଅନ୍ୟମାନଙ୍କ କଥା ନଶୁଣିବା ହେତୁ ସେ ବ୍ରିଟିଶ ମନ୍ତ୍ରୀମଣ୍ଡଳ ପାଖରୁ ଅନେକ କଥା ଗୋପନ ରଖିଥିଲେ ଏବଂ ସେଥିହେତୁ ଫ୍ରାନ୍ସରେ ବ୍ରିଟିଶ ସୈନ୍ୟମାନଙ୍କୁ ଏକ ପ୍ରଧାନ ଅନର୍ଥରେ ପଡ଼ିବାକୁ ହୋଇଥିଲା । ତଥାପି ବ୍ୟର୍ଥତା ତାଙ୍କ ଚକ୍ଷୁ ସାମନାରେ ପରିଷ୍କାର ଦେଖାଗଲେ ମଧ୍ୟ ନିଜ ବିଶ୍ୱାସରେ ଅନ୍ଧ ହୋଇ ସେ ପାଶ୍ଚେଣ୍ଡେଲ ଓ କାମ୍ବ୍ରେଇର ସେହି ଅଭିଶପ୍ତ କର୍ଦ୍ଦମାକ୍ତ ଅଞ୍ଚଳରେ ଅନେକ ମାସ ପର୍ଯ୍ୟନ୍ତ ନିଜର ଆକ୍ରମଣ ଓ ଯୁଦ୍ଧ ଚଳାଇଲେ ଏବଂ ତା ଫଳରେ ୧୭ ହଜାର କର୍ମଗୃହୀ କେବଳ ମଲେ ବା ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିଲେ ଏବଂ ୪୦୦,୦୦୦ ବୀର ବ୍ରିଟିଶ ସୈନ୍ୟ ପ୍ରାଣ ହରାଇଲେ । ଅତ୍ୟନ୍ତ ଆନନ୍ଦର କଥା ଯେ ଆଜି ସେହି 'ଅଜ୍ଞାତ ସୈନିକ'ଙ୍କର ପୂଜା ହେଉଛି—ମାତ୍ର ତାଙ୍କ ଜୀବନ କେତେ ଶସ୍ତା—ସେ ଜୀବିତ ଥିଲାବେଳେ କେହି ପଚାରୁ ନାହାନ୍ତି ।

ଅନ୍ୟ ଲୋକଙ୍କ ପରି ମଧ୍ୟ ରାଜନୀତିକମାନେ ଅନେକ ସମୟରେ ଭୁଲ କରନ୍ତି, ମାତ୍ର ଗଣତାନ୍ତ୍ରିକ ରାଜନୀତିକମାନଙ୍କୁ ମନୁଷ୍ୟ ଓ ଘଟଣା ଲକ୍ଷ୍ୟ କରି ସେହି ଅନୁସାରେ ଚାଲିବାକୁ ହେବ । ସେମାନେ ସାଧାରଣତଃ ନିଜର ଭୁଲ ବୁଝିପାରି ସେଥି ଅନୁସାରେ ନିଜକୁ ଠିକ୍ କରିବାରେ ଲାଗନ୍ତି । ସୈନ୍ୟ ସମ୍ପୂର୍ଣ୍ଣ ପୃଥକ୍ ବାୟୁମଣ୍ଡଳରେ ବଢ଼ିଥାଏ—ସେଠାରେ ପ୍ରଭୁତ୍ୱ ଶରଜମାନ କଲେ ଏବଂ ସମାଲୋଚନା ସହ୍ୟ କରାଯାଏ ନା । ସେଥିପାଇଁ ଅନ୍ୟମାନଙ୍କ ପରାମର୍ଶରେ ସେ କ୍ରୋଧ ପ୍ରକାଶ କରେ ଏବଂ ସେ ଭୁଲ କଲେ ସମ୍ପୂର୍ଣ୍ଣ ଭୁଲ କରେ ଏବଂ ଭୁଲ ବରାବର କରୁଥାଏ । ତାହା ପକ୍ଷରେ ମନ ଓ ମସ୍ତିଷ୍କ ଛଡ଼ା ଗାଲ ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ । ଭାରତରେ ଆମର ସୁବିଧା ଏତିକି ଯେ ଏହି ଦୁଇ ଶ୍ରେଣୀ ମିଶି ଗୋଟାଏ ଦୋମିଶା ଶ୍ରେଣୀ ବାହାରିଛି, କାରଣ ସିଭିଲ ଶାସନରେ ଗୋଟାଏ ଅର୍ଦ୍ଧ-ସାମରିକ ପ୍ରଭୁତ୍ୱ ଓ ଆତ୍ମତୃପ୍ତି ବାୟୁମଣ୍ଡଳରେ ବୃଦ୍ଧି ପାଇଛି ଏବଂ ବଢ଼ି ରହିଛି । ସେଥିଲାଗି ଏହା ଅନେକ ପରିମାଣରେ ସୈନିକର ଚବୁକ ଓ ଅନ୍ୟ ଗୁଣସବୁ ହାସଲ କରିଛି ।

Digitized by srujanika@gmail.com

ଆମେ ଶୁଣୁ ଯେ 'ଭାରତୀୟକରଣ' ଚେଷ୍ଟା ଅଗ୍ରସର ହେଉଛି ଏବଂ ଆସନ୍ତା ୩୦ ବର୍ଷ କିମ୍ବା ଅଧିକ କାଳ ଭିତରେ ଭାରତୀୟ ରଙ୍ଗମଞ୍ଚରେ ଜଣେ ହେଁ ବ୍ରିଟିଶ ସେନାପତି ରହି ହୋଇ ପାରନ୍ତି । ସମ୍ଭବତଃ ଗଲେ ବର୍ଷରୁ ଅଳ୍ପ ସମୟ ଭିତରେ ଭାରତୀୟକରଣ ଅଧିକ ଦ୍ରୁତ ପରିମାଣରେ ଅଗ୍ରସର ହୋଇପାରେ ସଙ୍କଟ ସମୟରେ ବର୍ଷେ ବା ଦୁଇବର୍ଷ ଭିତରେ ଇଂଲଣ୍ଡ କିପରି ଲକ୍ଷ ଲକ୍ଷ ଲୋକ ଇଂରେଜ ସୈନ୍ୟ ତାଲିମ କରିପାରିଲା ଏହା ଦେଖି ଜଣେ ଆଶ୍ଚର୍ଯ୍ୟ ହୋଇପାରେ । ଏଥିରେ ଆମର ଉପଯୁକ୍ତ ପରାମର୍ଶଦାତା ଥିଲେ ଏହା ସମ୍ଭବତଃ ଅଧିକ ସତର୍କତା ଓ ସାବଧାନତାର ସହିତ ଅଗ୍ରସର ହୋଇ ଥାଆନ୍ତା । ସମ୍ଭବତଃ ସୁଶିକ୍ଷିତ ସୈନ୍ୟ ପ୍ରସ୍ତୁତ ହେବାର ବହୁପୂର୍ବରୁ ହିଁ ଯୁଦ୍ଧ ଶେଷ ହୋଇ ଥାଆନ୍ତା । ବୁଅର ଯୋଦ୍ଧା ସୈନ୍ୟ ଦଳଙ୍କ କଥା ମଧ୍ୟ ମନେ ପଡ଼େ—ସେଠାରେ କିଛି ନ ଥିଲା; ଅଥଚ ସେମାନେ ବହୁ ଶତ୍ରୁର ସମ୍ମୁଖୀନ ହେଲେ ଓ ଜୟଲାଭ କଲେ ଏବଂ ଆଜି ଦୁନିଆରେ ସେମାନେ ସର୍ବଶ୍ରେଷ୍ଠ ସାମରିକ ଜାତି । ସମ୍ଭବତଃ 'ମୁଣ୍ଡବିହୁଣ ଓ ମୁଣ୍ଡ ଦଣ୍ଡ' ସେନାପତିମାନେ ସେମାନଙ୍କୁ ପରାମର୍ଶ ଦେବାକୁ ନ ଥିଲେ ।

ଏବେ ଡେରାଡୁନରେ ଗୋଟାଏ ସାମରିକ ସ୍କୁଲ ହୋଇଛି ଏବଂ ସେଠାରେ ଭଦ୍ରଲୋକ ସନ୍ତାନମାନଙ୍କୁ କର୍ମଗୃହୀ ହେବା ନିମନ୍ତେ ଶିକ୍ଷା ଦିଆଯାଉଛି । ଆମେ ଶୁଣୁ ଯେ ସେମାନେ କୋର୍ସ ଭଲବେଳେ ଖୁବ୍ ପଢ଼ନ୍ତି ଏବଂ ସେମାନେ ନିଶ୍ଚୟ ପ୍ରଶଂସାଯୋଗ୍ୟ କର୍ମଗୃହୀ ହୋଇ ଉଠିବେ, ମାତ୍ର ମୋର ବେଳେ ବେଳେ ମନେହୁଏ ବୈଜ୍ଞାନିକ ଶିକ୍ଷା କିଛି ନ ଥିଲେ ଏହି ଶିକ୍ଷାର କି ଲାଭ ? ପୁରାତନ ପ୍ରେମ ତରବାରି ଧାରୀଙ୍କ ପରି ଆଜିକାଲିକା ଦୁନିଆରେ ପଦାତିକ ଓ ଅଶ୍ୱାରୋହୀଙ୍କ ବ୍ୟବସ୍ଥା ଏବଂ ଗ୍ୟାସ, ବୋମା, ଟ୍ୟାଙ୍କ ଓ ଶକ୍ତିଶାଳୀ କମାଣ୍ଡୋର ହେଉଥିବା ଯୁଦ୍ଧରେ ବନ୍ଧୁକକୁ ଟର ଧନୁ ଅପେକ୍ଷା କିଛିଏ ଭଲବୋଲି ବୁଝାଯାଇପାରେ । ସେମାନଙ୍କର ଶିକ୍ଷକ ଓ ପରାମର୍ଶଦାତା ଯେ ଏହା ବୁଝନ୍ତି ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ଭାରତରେ ବ୍ରିଟିଶଶାସନର ବିବରଣ କଣ ? ଆମର ଦୁର୍ବଳତାର ଏହିପରି ପରିଣତି ହୋଇଥିଲାବେଳେ ତାର ଦୋଷ ଦେଖାଇବାକୁ ଆମେ କିଏ ? ଆମେ ଯେ ପରିବର୍ତ୍ତନ ନଦୀରେ ବୁଡ଼ି ନଯାଇ ପଛରେ ପଡ଼ି ରହୁ, ଆତ୍ମତୃପ୍ତି ଲାଭ କରି ନିଜକୁ କେନ୍ଦ୍ର କରି ରହୁ, ଓଟପକ୍ଷୀ ପରି ମୁଣ୍ଡ ଗୁଞ୍ଜି କ'ଣ ଘଟୁଛି ନଦେଖି ତେବେ ଆମେ ନିଜର ବିପଦ ଆହ୍ୱାନ କରୁ। ପୃଥିବୀରେ ନୂତନ ପ୍ରବୃତ୍ତି ରେଖାରେ ଭାସି ଇଂରେଜମାନେ ଆମ ଏଠିକି ଆସିଲେ ଏବଂ ସେମାନେ ଐତିହାସିକ ଶକ୍ତିର ପ୍ରତିନିଧିତ୍ୱ କରିଥିଲେ—ସେମାନେ ହୁଏତ ତାହା ବୁଝିପାରି ନାହାନ୍ତି । ଯେଉଁ ଝଡ଼ ଆସି ଆମର ମୂଳୋତ୍ପାଟନ କଲେ, ଆମକୁ ଏଣେତେଣେ ଫୋପାଡ଼ି ଦିଏ ଏବଂ ଯେଉଁ ଶୀତ ବାୟୁ ଆମର ଦେହ ଥରାଇ ଦିଏ ସେଥିପାଇଁ କ'ଣ ଆମେ ଆପତ୍ତି କରିବା ? ଚାଲ ଅତୀତ ଓ ତାର ଦୁଃଖ ଭୁଲି ଭବିଷ୍ୟତର ସମ୍ମୁଖୀନ ହେବା । ଇଂରେଜମାନଙ୍କଠାରେ ଆମେ କୃତଜ୍ଞ ହେବୁ – କାରଣ ସେମାନେ ଏକ ମହତ୍ ଦାନ ଦେଇଆସିଥିଲେ—ତାହା ହେଉଛି ବିଜ୍ଞାନ ଓ ତା'ର ନୂତନ ଆବିଷ୍କାର ସବୁ । ଯାହାହେଉ ଭାରତରେ ବ୍ରିଟିଶ ସରକାର ଯେପରି ଭାବରେ ଭେଦ, ବିରୋଧୀ ଭାବ, ପ୍ରତିକ୍ରିୟାଶୀଳ ଭାବ, ସାମ୍ପ୍ରଦାୟିକତା ଏବଂ ସୁବିଧାବାଦକୁ ଏ ଦେଶରେ ଉତ୍ସାହିତ କରୁଛି ତାହା ଭୁଲିବା ବା ଚୁପ୍ ହୋଇ ଦେଖିବା କଷ୍ଟକର । ସମ୍ଭବତଃ ଏହି ପରୀକ୍ଷା ଓ ଦ୍ୱନ୍ଦ୍ୱ ଆମର ଦରକାର ଥିଲା ଏବଂ ଭାରତ ପୁନର୍ଜନ୍ମ ଗ୍ରହଣ କଲା ପୂର୍ବରୁ ହୁଏତ ଆମକୁ ବାରମ୍ବାର ଏହି ଅଗ୍ନି ପରୀକ୍ଷାରେ ପ୍ରବେଶ କରି ପରିଷ୍କାର ହେବାକୁ ପଡ଼ିବ, ଆମର ଦୁର୍ବଳତା, ଅପବିତ୍ରତା ଓ ଦୁର୍ନୀତି ପୋଡ଼ିଦେବାକୁ ହେବ ।

Digitized by srujanika@gmail.com

୫୫

ଅସବର୍ଣ୍ଣ ବିବାହ ଓ ଅକ୍ଷର ସମସ୍ୟା

୧୯୩୩ ମସିହା ସେପ୍ଟେମ୍ବର ମାସରେ ବମ୍ବେ ଓ ପୁନାରେ ପ୍ରାୟ ଏକ ସପ୍ତାହ କଟାଇଲା ପରେ ମୁଁ ଲକ୍ଷ୍ନୌକୁ ଫେରିଲି । ମୋର ମାଆ ସେତେବେଳକୁ ହାସପାତାଳରେ ଥାଆନ୍ତି ଏବଂ ଅତି ଧୀରେ ଧୀରେ ତାଙ୍କ ଅବସ୍ଥା ଭଲ ଆଡ଼କୁ ଆସୁଥାଏ । କମଳା ମଧ୍ୟ ତାଙ୍କର ସେବା କରିବା ନିମନ୍ତେ ଲକ୍ଷ୍ନୌରେ ଥାଏ—ତାହାର ଅବସ୍ଥା ବିଶେଷ ଭଲ ନ ଥାଏ । ପ୍ରତି ସପ୍ତାହରେ ମୋର ଭଉଣୀମାନେ ଏଲାହାବାଦରୁ ଆସୁଥାଆନ୍ତି । ମୁଁ ଲକ୍ଷ୍ନୌରେ ପ୍ରାୟ ୨।୩ ସପ୍ତାହ ରହିଲି ଏବଂ ଏଲାହାବାଦ ଅପେକ୍ଷା ସେଠାରେ ମୁଁ ଅଧିକ ଅବସର ପାଇଲି—କାରଣ ପ୍ରତିଦିନ ହାସପାତାଳକୁ ଦୁଇଥର ଯିବାହିଁ ମୋର ପ୍ରଧାନ କାର୍ଯ୍ୟ ଥିଲା । ମୋର ଅବସରବେଳେ ମୁଁ ଖବର କାଗଜ ପାଇଁ କେତେକ ଲେଖା ଲେଖିଲି ଏବଂ ସମଗ୍ର ଦେଶରେ ଏହା ବ୍ୟାପକ ଭାବରେ ପ୍ରକାଶିତ ହେଲା । 'ଭାରତର ଗତି କୁଆଡ଼େ ?' ନାମକ କେତେକ ଧାରାବାହିକ ପ୍ରବନ୍ଧରେ ମୁଁ ପୃଥିବୀ ପରିସ୍ଥିତି ସହିତ ଭାରତର ବିଚାର କରିଥିଲି । ତାହା ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ମୁଁ ପରେ ଶୁଣିଲି ଯେ ତେହେରାନ୍ ଓ କାବୁଲରେ ମଧ୍ୟ ପାର୍ସି ଭାଷାରେ ଏହାର ଅନୁବାଦ ହୋଇ ପ୍ରକାଶିତ ହୋଇଥିଲା । ଆଧୁନିକ ପ୍ରଗତି ଏବଂ ଆଧୁନିକ ପାଶ୍ଚାତ୍ୟ ଚିନ୍ତାଧାରା ସହିତ ସମ୍ପର୍କ ରଖିଥିବା ଲୋକ ପକ୍ଷରେ ଏହି ପ୍ରବନ୍ଧଗୁଡ଼ିକରେ କିଛି ନୂତନତ୍ୱ ବା ମୌଳିକତା ନ ଥିଲା । ମାତ୍ର ଆମ ଦେଶର ଲୋକେ ଦେଶ ସମସ୍ୟାରେ ଏତେ ବ୍ୟସ୍ତ ଯେ ସେମାନେ ଅନ୍ୟ ସ୍ଥାନମାନଙ୍କରେ କ'ଣ ଘଟୁଛି ସେଥିପ୍ରତି ଅଧିକ ଦୃଷ୍ଟି ଦିଅନ୍ତି ନାହିଁ । ମୋର ପ୍ରବନ୍ଧଗୁଡ଼ିକ ପ୍ରତି ଆଗ୍ରହ ଏବଂ ଅନ୍ୟ ଅନେକ ସୂଚନାରୁ ମୁଁ ଜାଣି ପାରିଲି ଯେ ଆମରି ଦୃଷ୍ଟିକୋଣ ବିସ୍ତୃତ ହୋଇଛି ।

Digitized by srujanika@gmail.com

ମୋ ମା ହାସପାତାଳରେ ରହି ଥିବାରୁ ବଡ଼ ବିରକ୍ତ ବୋଧ କରୁଥିଲେ ଏବଂ ଆମେ ତାଙ୍କୁ ଏଲାହାବାଦ ଫେରାଇ ଆଣିବା ନିମନ୍ତେ ସ୍ଥିର କଲୁ । ଆଉ ଗୋଟିଏ କାରଣ ହେଉଛି ଠିକ୍ ସେହି ସମୟରେ ମୋର ଭଉଣୀ କୃଷ୍ଣାର ବିବାହ ସ୍ଥିର ହୋଇ ଯାଇଥିଲା । ଆମେ ଯେତେ ଶୀଘ୍ର ସମ୍ଭବ ବିବାହ କରି ଦେବାକୁ ସ୍ଥିର କରିଥିଲୁ । ମୁଁ ପୁଣି ହଠାତ୍ ଜେଲ ଯିବା ପୂର୍ବରୁ ଏହା ଯେପରି ହୁଏ । ମୋତେ କେତେଦିନ ବାହାରେ ରହିବାକୁ ଦିଆଯିବ, ମୋର କିଛି ଧାରଣା ନ ଥିଲା—ଆଇନ ଅମାନ୍ୟ ଏବେ ସୁଦ୍ଧା କଂଗ୍ରେସର କାର୍ଯ୍ୟପନ୍ଥା ରୂପେ ରହିଥାଏ ଏବଂ କଂଗ୍ରେସ ଓ ଅନ୍ୟାନ୍ୟ ଅନେକ ଅନୁଷ୍ଠାନ ବେଆଇନ ହୋଇଥାଏ ।

ଏଲାହାବାଦରେ ଅକ୍ଟୋବର ମାସ ତୃତୀୟ ସପ୍ତାହରେ ଆମେ ବିବାହ ଉତ୍ସବ କରିବା ସ୍ଥିର କଲୁ । ଏହା ଏକ ଅସବର୍ଣ୍ଣ ବିବାହ । ମୁଁ ଏଥିରେ ଖୁସି ହୋଇଥିଲି ସତ, ମାତ୍ର ଏଥିରେ ଆମର କିଛି ହାତ ନ ଥିଲା । ଦୁଇଟି ଭିନ୍ନ ଜାତି, ବ୍ରାହ୍ମଣ ଓ ଅବ୍ରାହ୍ମଣ ମଧ୍ୟରେ ଏହି ବିବାହ ହେଉଥିଲା ଏବଂ ପ୍ରଚଳିତ ବ୍ରିଟିଶ ଭାରତୀୟ ଆଇନ ଅନୁସାରେ ଏହି ବିବାହ ସଂକ୍ରାନ୍ତରେ ଧାର୍ମିକ ଉତ୍ସବ ଆଇନସିଦ୍ଧ ନୁହେଁ । ସୌଭାଗ୍ୟ ବଶତଃ ନିକଟରେ ପାସ୍ ହୋଇଥିବା ଗୋଟିଏ 'ଅସବର୍ଣ୍ଣ ବିବାହ ଆଇନ' ଯୋଗୁଁ ଆମର ସୁବିଧା ହେଲା । ଏପରି ଦୁଇଟି ଆଇନ ପାସ୍ ହୋଇଥିଲା । ଦ୍ୱିତୀୟଟି ଅନୁସାରେ ମୋ ଭଉଣୀର ବିବାହ ହୋଇଥିଲା । ସେ ଆଇନ ଅନୁସାରେ ଏହା ହିନ୍ଦୁ ଓ ଅନ୍ୟାନ୍ୟ ସମ୍ପୃକ୍ତ ଧର୍ମ ଯଥା ବୌଦ୍ଧ, ଜୈନ୍ୟ ଓ ଶିଖ ଧର୍ମ ପ୍ରତି ଏହା ପ୍ରଯୁଜ୍ୟ ମାତ୍ର ଯଦି ଉଭୟପକ୍ଷ ଜନ୍ମରୁ କିମ୍ବା ଧର୍ମାନ୍ତର ଗ୍ରହଣକରି ଏହିସବୁ ଧର୍ମାବଲମ୍ବୀ ହୋଇଥାନ୍ତି, ତେବେ ଏହି ଦ୍ୱିତୀୟ ଆଇନ ପ୍ରଯୁଜ୍ୟ ହେବ ନାହିଁ ଏବଂ ପ୍ରଥମ 'ସିଭିଲ ମ୍ୟାରେଜ ଆକ୍ଟ' ଅନୁସାରେ କାର୍ଯ୍ୟ ହେବ । ଏହି ଆଇନ ଅନୁସାରେ ଉଭୟ ପକ୍ଷକୁ ସମସ୍ତ ମୁଖ୍ୟ ଧର୍ମକୁ ନିନ୍ଦା କରିବାକୁ ପଡ଼େ କିମ୍ବା କୌଣସି ଧର୍ମ ସେମାନଙ୍କର ନାହିଁ ବୋଲି ଅନ୍ତତଃ ଘୋଷଣା କରିବାକୁ ପଡ଼ିବ । ଏହି ଅକାରଣ ଧର୍ମନିନ୍ଦା ଅତ୍ୟନ୍ତ ବିରକ୍ତିକର । ଅନେକ ଲୋକ ଧର୍ମଭାବାପନ୍ନ ନ ହେଲେ ସୁଦ୍ଧା ଏପରି ବିବୃତି କରିବାରେ ଆପତ୍ତି

Digitized by srujanika@gmail.com

କରନ୍ତୁ—ତେଣୁ ଆଇନର ସୁବିଧା ନେଇ ପାରନ୍ତି ନାହିଁ । ସକଳ ଧର୍ମର ଉଦାର ଶୀଳ ଲୋକେ ଅସବର୍ଣ୍ଣ ବିବାହ ପ୍ରଚଳନରେ ଯେପରି ସୁବିଧା ନ ହୁଏ ସେଥିଲାଗି ବିରୋଧ କରନ୍ତି ! ଫଳସ୍ୱରୂପ ସେମାନେ ହୁଏତ ନିନ୍ଦା କରି ଘୋଷଣା କରିବା ଲାଗି କିମ୍ବା ଆଇନ ଭିତରେ ଆସିବା ଉପର-ଠାକୁରିଆ ଭାବରେ ସେ ଧର୍ମ ଗ୍ରହଣ କରିବାକୁ ବାଧ କରନ୍ତି । ବ୍ୟକ୍ତିଗତ ଭାବରେ ମୁଁ ଅସବର୍ଣ୍ଣ ବିବାହ ଉତ୍ସାହିତ କରିବାକୁ ଚାହେଁ; ମାତ୍ର ସେଗୁଡ଼ିକ ଉତ୍ସାହିତ କରାଯାଉ ବା ନ ଯାଉ ଏପରି ଏକ ଅସବର୍ଣ୍ଣ ବିବାହ ଆଇନ ପ୍ରଚଳନ ହେବା ଦରକାର ଯେଉଁଥିରେ ସକଳ ଧର୍ମର ଲୋକେ ନିଜର ଧର୍ମ ପରିବର୍ତ୍ତନ ବା ନିନ୍ଦା ନ କରି ବିବାହ ହୋଇପାରିବେ ।

ମୋର ଭଉଣୀ ବିବାହରେ କିଛି ଆଡ଼ମ୍ବର ନ ଥିଲା; ଏହା ଅତି ସରଳଭାବରେ ହୋଇଥିଲା । ସାଧାରଣତଃ ଭାରତୀୟ ବିବାହ ଉତ୍ସବରେ ଯେଉଁ ସବୁ ଜାକଜମକ ହୁଏ, ତାହା ମୁଁ ପସନ୍ଦ କରେ ନା । ମୋର ମାଆଙ୍କ ଅସ୍ୱାସ୍ଥ୍ୟ ଯୋଗୁଁ ଏବଂ ସେଥିରେ ପୁଣି ଆଇନ ଅମାନ୍ୟ ଚାଲିଥିଲା ବେଳେ ଓ ଆମର ଅନେକ ସହକର୍ମୀ ଜେଲରେ ଥିଲା ବେଳେ ଗୋଟାଏ କିଛି ଜାକଜମକ କରିବା ଆଦୌ ସମୟୋପଯୋଗୀ ହୋଇ ନ ଥାନ୍ତା । କେବଳ ଅଳ୍ପ କେତେକ ଆତ୍ମୀୟ ଓ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସଂପୂର୍ଣ୍ଣରୂପେ ଭୁଲ ବୁଝି ମୋ ପିତାଙ୍କର କେତେକ ପୁରୁଣା ବନ୍ଧୁ ଅକାରଣରେ ଏଥିରେ ମନ ଦୁଃଖ କଲେ । ସେମାନେ ବିଚାରିଲେ ଯେ ମୁଁ ଜାଣି ଶୁଣି ସେମାନଙ୍କୁ ଡାକିଲି ନାହିଁ ।

ଯେଉଁ ଛୋଟ ନିମନ୍ତ୍ରଣ ପତ୍ରଟି ପଠାଯାଇଥିଲା ତାହା ହିନ୍ଦୁସ୍ଥାନୀ ଭାଷାରେ ଏବଂ ଲାଟିନ୍ ଅକ୍ଷରରେ ଲେଖା ହୋଇଥିଲା । ଏହା ଏକ ନୂତନ କଥା—କାରଣ ଏହିପ୍ରକାର ନିମନ୍ତ୍ରଣ ପତ୍ର ସବୁ ବରାବର ହୁଏତ ନାଗରୀ ନଚେତ୍ ପାର୍ସି ଅକ୍ଷରରେ ଲେଖା ହୁଏ ଏବଂ ସୈନ୍ୟ ଓ ପାଦ୍ରୀଙ୍କ ଛଡ଼ା ଅନ୍ୟ କେଉଁଠାରେ ହିନ୍ଦୁସ୍ଥାନୀ ଭାଷା ଲାଟିନ ଅକ୍ଷରରେ ଲେଖିବା ଜଣା ନ ଥିଲା । ମୁଁ ଏହା ପରୀକ୍ଷା ସ୍ୱରୂପ ଲାଟିନ ଅକ୍ଷର

Digitized by srujanika@gmail.com

ବ୍ୟବହାର କଲି । ଏବଂ ନାନା ଲୋକଙ୍କର କି ପ୍ରତିକ୍ରିୟା ହେଉଛି ଦେଖିବାକୁ ଉତ୍ସୁକ ଥିଲି । ଏହାର ଏକ ମିଶ୍ରିତ ସ୍ୱାଗତ ହେଲା—ଅଧିକାଂଶ ନା-ପସନ୍ଦ କଲେ । ଖୁବ୍ ଅଳ୍ପ ସଂଖ୍ୟକ ଲୋକଙ୍କୁ ନିମନ୍ତ୍ରଣ ପଠାଯାଇଥିଲା । ଆହୁରି ଅଧିକ ଲୋକଙ୍କୁ ଯଦି ନିମନ୍ତ୍ରଣ କରାଯାଇଥାଆନ୍ତା, ତେବେ ଏହାର ପ୍ରତିକ୍ରିୟା ସ୍ୱରୂପ ପ୍ରତିବାଦ ଅଧିକ ହୋଇଥାଆନ୍ତା । ମୁଁ ଯାହା କଲି ଗାନ୍ଧିଜୀ ତାହା ପସନ୍ଦ କରି ନଥିଲେ ।

ଲାଟିନ ଅକ୍ଷର ପ୍ରତି ଅନେକ ଦିନରୁ ମୁଁ ଆକୃଷ୍ଟ ହୋଇଥିଲି । ମାତ୍ର ତୁରସ୍କ ଏହାକୁ ଗ୍ରହଣ କରି ଯେ ମୁଁ ଲାଟିନ ଅକ୍ଷର ବ୍ୟବହାର କରିଥିଲି ତାହା ନୁହେଁ । ତୁର୍କି ଓ ମଧ୍ୟ ଏସିଆରେ ଏହାର ପ୍ରଚଳନ ଦେଖି ମୁଁ ମୁଗ୍ଧ ହୋଇଥିଲି ଏବଂ ଏହା ସପକ୍ଷରେ ଯୁକ୍ତିର ମଧ୍ୟ ଗୁରୁତ୍ୱ ରହିଛି । ତଥାପି ମୁଁ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇପାରି ନଥିଲି । ମୋର ନିଶ୍ଚିତ ଧାରଣା ହୋଇଥିଲେ ସୁଦ୍ଧା ମୁଁ ଭଲରୂପେ ଜାଣିଥିଲି ଯେ ବର୍ତ୍ତମାନ ଭାରତରେ ଏହା ଗୃହୀତ ହେବାର କ୍ଷୀଣ ଆଶା ସୁଦ୍ଧା ନାହିଁ । ଜାତୀୟବାଦୀ, ଧର୍ମସଂପ୍ରଦାୟ, ହିନ୍ଦୁ, ମୁସଲମାନ, ପୁରାତନ ଓ ନୂତନ ସମସ୍ତ ଦଳ ଏହାର ତୀବ୍ର ବିରୋଧ କରିବେ । ମୁଁ ବୋଧ କରେ ଏହି ବିରୋଧିତା କେବଳ ଭାବାବେଗରୁ ହେବନାହିଁ । ଐତିହ୍ୟ ଥିବା ଯେ କୌଣସି ଭାଷା ପକ୍ଷରେ ଅକ୍ଷର ପରିବର୍ତ୍ତନ ଗୋଟାଏ ମୂଳ ପରିବର୍ତ୍ତନ । କାରଣ ଅକ୍ଷର ହେଉଛି ସାହିତ୍ୟର ଗୋଟାଏ ଘନିଷ୍ଠ ଅଂଶ । ଅକ୍ଷର ପରିବର୍ତ୍ତନ କରିଦିଅ—ଭିନ୍ନ ଶବ୍ଦ ସବୁ ହେବ, ଭିନ୍ନ ଉଚ୍ଚାରଣ ଓ ସ୍ୱତନ୍ତ୍ର ଧାରଣା ସବୁ ଆସିଯିବ । ପୁରାତନ ଓ ନୂତନ ସାହିତ୍ୟ ଭିତରେ ଗୋଟାଏ ଅନତି-କ୍ରମଣୀୟ ପ୍ରାଚୀର ଗଢ଼ି ଉଠିବ ଏବଂ ପ୍ରାଚୀନ ସାହିତ୍ୟ ଏକପ୍ରକାର ମୃତ ଓ ବିଦେଶୀ ଭାଷା ପରି ବୋଧ ହେବ । ଯେଉଁଠାରେ ରକ୍ଷା କରିବାର ଯୋଗ୍ୟ ସାହିତ୍ୟ ନାହିଁ ସେଠାରେ ଏହା ପରୀକ୍ଷା କରାଯାଇ ପାରେ । ଭାରତରେ ମୁଁ ଏପରି ପରିବର୍ତ୍ତନ କଳ୍ପନା କରିପାରେ ନା, କାରଣ ଆମର ସାହିତ୍ୟ ଯେ ଖାଲି ଉନ୍ନତ ଓ ମୂଲ୍ୟବାନ୍ ତାହା ନୁହେଁ, ଏହା ଆମର ଇତିହାସ ଓ ଚିନ୍ତାରେ ବନ୍ଧା ହୋଇଛି ଏବଂ ଆମର ଜନସାଧାରଣଙ୍କ ଜୀବନ

Digitized by srujanika@gmail.com

ସହିତ ଘନିଷ୍ଠ ଭାବରେ ସଂପୃକ୍ତ ହୋଇଛି । ଏହି ପରିବର୍ତ୍ତନ ଜୋରକରି କରିବାକୁ ହେଲେ ନିଷ୍ଠୁର ଭାବରେ ଏହାର ଛେଦ କରିବା ସଙ୍ଗେ ସମାନ ହେବ ଏବଂ ସାଧାରଣ ଶିକ୍ଷା ବାଟରେ ପ୍ରଗତିରେ ଏହା ବାଧା ଦେବ ।

ମାତ୍ର ଏ ପ୍ରଶ୍ନ ଆଲୋଚନାର ସମୟ ଆଜି ସୁଦ୍ଧା ଭାରତରେ ଆସି ନାହିଁ । ମୋର ମନେହୁଏ ଅକ୍ଷର ସଂସ୍କାର ବାଟରେ ଆମକୁ ପ୍ରଥମେ ସଂସ୍କୃତର ଜନ୍ୟାଭାଷା ଅର୍ଥାତ୍ ହିନ୍ଦି, ବଙ୍ଗଳା, ମରହଟ୍ଟା ଓ ଗୁଜରାଟୀ ଭାଷାପାଇଁ ଗୋଟିଏ ଅକ୍ଷର ବ୍ୟବହାର କରିବାକୁ ହେବ । ଏହି ଅକ୍ଷରଗୁଡ଼ିକ ଯେପରି ଅଛି ସେଗୁଡ଼ିକର ଉତ୍ପତ୍ତିସ୍ଥଳ ଗୋଟିଏ ସ୍ଥାନରୁ ଏବଂ ଏଥିରେ ବିଶେଷ ପାର୍ଥକ୍ୟ ନାହିଁ । ଗୋଟାଏ ସାଧାରଣ ଅକ୍ଷର ଠିକ କରିବା କିଛି କଷ୍ଟକର ହେବ ନାହିଁ । ଏହା ଦ୍ୱାରା ଏହି ଚାରିଟି ଏକ ଶ୍ରେଣୀର ପ୍ରଧାନ ଭାଷା ପରସ୍ପର ଅଧିକ ନିକଟତର ହୋଇଯିବ ।

ଭାରତ ସମ୍ପର୍କରେ ଆମର ଇଂରେଜ ଶାସକଗଣ ବାହାରର ସମଗ୍ର ଜଗତରେ ପ୍ରଚାର କରନ୍ତି ଯେ ଭାରତରେ ଯେତେ ଶତ ଭାଷା ପ୍ରଚଳିତ— ଏହାର ପ୍ରକୃତ ସଂଖ୍ୟା ମୁଁ ଭୁଲି ଯାଇଛି । ପ୍ରମାଣ ସ୍ୱରୂପ ଜନସୁମାରି ବିବରଣୀ ଅଛି । ଅଦ୍ଭୁତ କଥା ଯେ ଏ ଦେଶରେ ଇଂରେଜମାନେ ସାର୍ଦ୍ଧ-ଶତାବ୍ଦୀ ଧରି ବାସ କରୁଥିବା ସତ୍ତ୍ୱେ ଏତେ ଶତ ଭାଷା ଭିତରୁ ଗୋଟିଏ ଭାଷା ସୁଦ୍ଧା ଭଲରୂପେ ଜାଣନ୍ତି ନାହିଁ । ଏହି ସମସ୍ତ ଭାଷା ଏକ ଶ୍ରେଣୀରେ ବିଭକ୍ତ କରି ସେମାନେ ଏହାକୁ 'ଭର୍ଣ୍ଣାକୁଲର'—ଦାସ ଭାଷା କହନ୍ତି (ଲାଟିନ ଭର୍ଣ୍ଣା ଶବ୍ଦରୁ ଏହାର ଉତ୍ପତ୍ତି—ଭର୍ଣ୍ଣାର ଅର୍ଥ ନିଜ ଘରେ ଜନ୍ମିଥିବା ଦାସ) ଏବଂ ଆମର ଅନେକ ଲୋକ ଅଜାଣତରେ ଏହି ନାମ ଗ୍ରହଣ କରିଛନ୍ତି । ଭାରତରେ ଭାଷା ଭଲରୂପେ ଶିକ୍ଷା କରିବାପାଇଁ କଷ୍ଟ ସୁଦ୍ଧା ନ କରି ଇଂରେଜମାନେ କିପରି ନିଜର ଜୀବନ ଏଠାରେ କଟାନ୍ତି ଏହା ଆଶ୍ଚର୍ଯ୍ୟ କଥା । ସେମାନେ ଖାନସମା ଓ ଆୟାମାନଙ୍କ ସାହାଯ୍ୟରେ ଅପଭ୍ରଂଶ ହିନ୍ଦୁସ୍ଥାନୀ ଭାଷାର ଏକ ଅଦ୍ଭୁତ ଉଚ୍ଚାରଣ କରି ଏହାକୁ ପ୍ରକୃତ ଭାଷା ବୋଲି ବିଚାରନ୍ତି । ଭାରତୀୟ ଜୀବନ ସମ୍ବନ୍ଧରେ

Digitized by srujanika@gmail.com

ସେମାନେ ଯେପରି ସେମାନଙ୍କର ନିମ୍ନସ୍ଥ କର୍ମଚାରୀ ଓ ଖୋସାମତ୍‌କାରୀମାନଙ୍କଠାରୁ ତଥ୍ୟ ଗ୍ରହଣ କରନ୍ତି, ସେହିପରି ଭାଷା ସମ୍ବନ୍ଧରେ ନିଜ ଘରେ ନିଯୁକ୍ତ ହୋଇଥିବା ଚାକରଙ୍କଠାରୁ ଭାଷା ଗ୍ରହଣ କରନ୍ତି । ଚାକରମାନେ, ସାହେବ ଲୋକମାନେ ଆଉ କାଳେ କିଛି ବୁଝି ନ ପାରିବେ ଏହି ଭୟରେ ଅପଭ୍ରଂଶ ଭାଷା ବ୍ୟବହାର କରନ୍ତି । ହିନ୍ଦୁସ୍ଥାନୀ ଓ ଅନ୍ୟ ଭାରତୀୟ ଭାଷାମାନଙ୍କର ଯେ ଉଚ୍ଚାଙ୍ଗ ସାହିତ୍ୟ ଓ ବିସ୍ତୃତ ପ୍ରଚୁର ଅଛି ଏ ସମ୍ବନ୍ଧରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିଲା ପରି ମନେହୁଏ ।

ଜନସୁମାରିରେ ଭାରତରେ ୨।୩ ଶହ ପ୍ରକାର ଭାଷା ପ୍ରଚଳନ ଥିବାର ବିବରଣ ଜଣାପଡ଼େ ଏବଂ ସେହି ହିସାବରେ ଜର୍ମାନୀରେ ମଧ୍ୟ ୫୦।୬୦ ପ୍ରକାର ଭାଷା ଚଳୁଥିବା ଆମେ ଜାଣୁ । ଏଥିଯୋଗୁଁ ଜର୍ମାନୀରେ ଅନୈକ୍ୟ ଏବଂ ଭେଦସୃଷ୍ଟି ହେବା କଥା କେହି ଉପଲବ୍ଧ କରନ୍ତି ନାହିଁ । ପ୍ରକୃତରେ କହିବାକୁ ଗଲେ ଜନସୁମାରରେ ଅତି ଛୋଟ ଛୋଟ ଭାଷା—କେତେ ହଜାର ଲୋକ କହୁଥିବା ଭାଷା ମଧ୍ୟ ଦର୍ଜ ହୋଇଯାଏ ଏବଂ ବୈଜ୍ଞାନିକ ଗବେଷଣାର ସୁବିଧା ନିମନ୍ତେ ଅନେକ କହିବା ଭାଷାକୁ ମଧ୍ୟ ଅଲଗା ଭାବରେ ଲେଖାଯାଏ । ଭାରତର ଆୟତନ ତୁଳନାରେ ମୋ ମତରେ ଖୁବ୍ କମ ଭାଷାର ପ୍ରଚଳନ ଅଛି । ୟୁରୋପ ସହିତ ଆୟତନ ତୁଳନାରେ ଭାରତର ଭାଷା ଅଧିକ ଐକ୍ୟବଦ୍ଧ, ମାତ୍ର ବ୍ୟାପକ ଭାବରେ ନିରକ୍ଷରତା ଯୋଗୁଁ ଗୋଟାଏ ସାଧାରଣ କଥା ଭାଷା ବାହାରି ପାରୁନାହିଁ । ଭାରତର ପ୍ରଧାନ ଭାଷା ହେଉଛି (ବର୍ମୀ ଛଡ଼ା) ହିନ୍ଦୁସ୍ଥାନୀ (ଦୁଇପ୍ରକାର ହିନ୍ଦୀ ଓ ଉର୍ଦ୍ଦୁ), ବଙ୍ଗଳା, ଗୁଜରାଟୀ, ମରାହଟ୍ଟୀ, ତାମିଲ, ତେଲୁଗୁ, ମାଲୟାଲମ୍ ଓ କାନାରିଜ୍ । ଏହା ସହିତ ସିନ୍ଧି, ଆସାମୀ, ଓଡ଼ିଆ, ପୁସ୍ତୁ ଓ ପଞ୍ଜାବୀ ଭାଷା ଯୋଗ କଲେ କେତେକ ପାହାଡ଼ିଆ ଓ ଜଙ୍ଗଲ ଅଞ୍ଚଳ ଛାଡ଼ି ଦେଲେ ଭାରତର ସର୍ବତ୍ର ଏସବୁ ଭାଷାର ବ୍ୟବହାର ହୁଏ । ଏମାନଙ୍କ ଭିତରେ ସମଗ୍ର ଉତ୍ତର, କେନ୍ଦ୍ର ଓ ପଶ୍ଚିମ ଭାରତରେ ଆର୍ଯ୍ୟଭାଷାଗୁଡ଼ିକର ପରସ୍ପର ସହିତ ଏକତା ରହିଛି । ଦକ୍ଷିଣ ଦ୍ରାବିଡ଼ ଭାଷାସବୁ ସ୍ୱତନ୍ତ୍ର ହେଲେ

Digitized by srujanika@gmail.com

ସୁଦ୍ଧା ସସ୍କୃତ ଶବ୍ଦଦ୍ୱାରା ଅନେକ ପରିମାଣରେ ପ୍ରଭାବିତ ହୋଇଅଛି ଏବଂ ସଂସ୍କୃତ ଶବ୍ଦ ଏଥିରେ ପୂର୍ଣ୍ଣ ହୋଇଛି ।

ଉପରେ କଥିତ ୫ଟି ପ୍ରଧାନ ଭାଷା ପ୍ରତ୍ୟେକର ପ୍ରାଚୀନ ଓ ମୂଲ୍ୟବାନ୍ ସାହିତ୍ୟ ରହିଛି — ଆଜି ପ୍ରତ୍ୟେକ ଭାଷା ଏହି ନିର୍ଦ୍ଦିଷ୍ଟରୂପେ ଚିହ୍ନିତ ଏକ ବିସ୍ତୃତ ଅଞ୍ଚଳରେ ବ୍ୟବହାର ହୁଏ । ସୁତରାଂ କଥିତ ଭାଷାର ସଂଖ୍ୟା ହିସାବରେ ଏହିସବୁ ଭାଷାହିଁ ପୃଥିବୀର ପ୍ରଧାନଭାଷା ଭିତରେ ଗଣ୍ୟ । ପାଞ୍ଚ କୋଟି ଲୋକ ବଙ୍ଗଳା ଭାଷାରେ କଥା କହନ୍ତି । ହିନ୍ଦୁସ୍ଥାନୀ ଭାଷା ଭିନ୍ନ ଢଙ୍ଗରେ ମୋର ମନେ ହୁଏ (ମୋ ପାଖରେ ଠିକ୍ ସଂଖ୍ୟା ନାହିଁ) ଭାରତରେ ପ୍ରାୟ ୧୪ କୋଟି ଲୋକ କହନ୍ତି ଏବଂ ସମଗ୍ର ଦେଶର ଲୋକେ କେତେ ପରିମାଣରେ ଏହା ବୁଝିପାରନ୍ତି । * ସୁତରାଂ ଏହି ଭାଷାର ବିପୁଳ ଭବିଷ୍ୟତ ସମ୍ଭାବନା ରହିଛି । ଏହା ସଂସ୍କୃତର ଦୃଢ଼ଭିତ୍ତି ଉପରେ ଅବସ୍ଥିତ ଏବଂ ପାର୍ସି ଭାଷା ସହିତ ଏହାର ଘନିଷ୍ଠ ସମ୍ପର୍କ ରହିଛି ! ତେଣୁ ଦୁଇଟି ଉନ୍ନତ ଭାଷାରୁ ଏହିଭାଷାତଥ୍ୟ ଗ୍ରହଣକରନ୍ତି ଏବଂ ଆଜିକାଲି ଇଂରେଜୀ ଭାଷା ମଧ୍ୟ ନିଆ ଯାଉଛି । ଦକ୍ଷିଣରେ କେବଳ ଦ୍ରାବିଡ଼ ଅଞ୍ଚଳରେ ହିନ୍ଦୁସ୍ଥାନୀକୁ ପ୍ରାୟ ବିଦେଶୀ ଭାଷାରୂପେ ମନେକରନ୍ତି, ମାତ୍ର ସେ ଅଞ୍ଚଳର ଲୋକେ ମଧ୍ୟ ଏହା ବୁଝିବା ନିମନ୍ତେ ଖୁବ୍ ଉଦ୍ୟମ ଚଳାଇଛନ୍ତି । ଦୁଇବର୍ଷ ପୂର୍ବେ (୧୯୩୨)ରେ ଦକ୍ଷିଣରେ ହିନ୍ଦି ପ୍ରଚାର କରୁଥିବା ଗୋଟିଏ ବେସରକାରୀ ଅନୁଷ୍ଠାନର ହିସାବ ମୁଁ ଦେଖିଥିଲି । ଗଲା ୧୪ ବର୍ଷ ହେଲା ଏହି କମିଟି ଗଢ଼ାହେବା ଦିନୁଁ ଏହାର ଉଦ୍ୟମରେ କେବଳ ମାନ୍ଦ୍ରାଜ ପ୍ରଦେଶରେ ୫,୫୦,୦୦୦ ଲୋକ ହିନ୍ଦି ଶିଖିଛନ୍ତି । ସରକାରର ବିନା ସାହାଯ୍ୟରେ ଗୋଟିଏ ସ୍ୱେଚ୍ଛାପ୍ରଣୋଦିତ ଅନୁଷ୍ଠାନ ଏପରି ଫଳ ପାଇବା ଉଲ୍ଲେଖଯୋଗ୍ୟ ଏବଂ ଯେଉଁ ଲୋକ ସବୁ ହିନ୍ଦି ଶିଖିଲେ ସେମାନଙ୍କ ଭିତରୁ ଅଧିକାଂଶ ନିଜେ ନିଜେ ହିନ୍ଦି ଶିଖାଇବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି ।

---

* ହିନ୍ଦୁସ୍ଥାନୀ ଭାଷାଭାଷୀମାନେ ନିମ୍ନଲିଖିତ ଅଙ୍କଗୁଡ଼ିକ ପ୍ରକାଶ କରିଛନ୍ତି । ଏଗୁଡ଼ିକ ୧୯୩୧ କିମ୍ବା ୧୯[illegible] ଜନସଂଖ୍ୟାର ହିସାବରୁ ଗୃହୀତ

Digitized by srujanika@gmail.com

ମୋର ସନ୍ଦେହ ନାହିଁ ଯେ ହିନ୍ଦୁସ୍ଥାନୀ ଭାରତର ସାଧାରଣ ଭାଷା ହେବ । ଚାଷ୍ତବନ୍ନ ସାଧାରଣ ଭାବରେ ଏହା ଆଜି ସେହିରୂପେ ପ୍ରଚଳିତ । ନାଗରୀ କିମ୍ବା ପାର୍ସି ନେଇଁ ଅକ୍ଷର ପ୍ରଚଳନ ହେବ, ଏହି ବିବୋଧ କଳହ ଯୋଗୁଁ ଏହାର ଉନ୍ନତିରେ ବହୁତ ବାଧା ପଡ଼ୁଅଛି । ସ୍ୱପାରେ ଦୁଇଦଳ ଅଧିକ ପାର୍ସିଶବ୍ଦ ଓ ଅଧିକ ସଂସ୍କୃତ ପ୍ରୟୋଗ କରିବାର ଚେଷ୍ଟା କରି ବଡ଼ ଝଗଡ଼ା କରନ୍ତି । ଏହି ଉଭୟ ଅକ୍ଷରକୁ ସରକାରୀରୂପେ ଗ୍ରହଣ କରି ଯାହାର ଇଚ୍ଛା ଯେଉଁ ଅକ୍ଷର ବ୍ୟବହାର କରିବାକୁ ଛୁଟି ଦେବା ଛଡ଼ା ଏହି ଅସୁବିଧା ଦୂର କରିବାର ଅନ୍ୟ ଉପାୟ ନାହିଁ—କାରଣ ଏକଥା ଉଠିଲାବେଳେ ବଡ଼ ବେଶୀ କ୍ରୋଧ ଓ ଉଦ୍‌ବେଗ ଦେଖାଯାଏ । ମାତ୍ର ଏହିସବୁ ଚରମ ପ୍ରବୃତ୍ତିକୁ ନିରୁତ୍ସାହିତ କରି ସାଧାରଣ ପ୍ରଚଳିତ ଭାଷା ଅନୁସାରେ ଗୋଟିଏ ମଧ୍ୟବର୍ତ୍ତୀ ସାହିତ୍ୟ ପ୍ରଚଳନର ଚେଷ୍ଟା କରିବା ଉଚିତ । ଜନସାଧାରଣଙ୍କ ନିଜ ସାହିତ୍ୟ ଏହା ଅବଶ୍ୟ ହେବ । ବର୍ତ୍ତମାନ ଶ୍ରେଷ୍ଠ ମଧ୍ୟବିତ୍ତ ଶ୍ରେଣୀଦଳ ସବୁ ସାହିତ୍ୟପ୍ରେମୀ ଓ ନାୟକ ବୋଲି ମନେ କରୁଛନ୍ତି—ସେମାନେ ନିଜ ନିଜ ମତ ସମ୍ବନ୍ଧରେ ବଡ଼ ସଂକୀର୍ଣ୍ଣମନା ଓ ରକ୍ଷଣଶୀଳ । ସେମାନେ ସେହି ପୁରାତନ ଢଙ୍ଗକୁ ଜାକି ଧରିଛନ୍ତି—ସେଥିରେ କିଛି ଜୀବନ ନାହିଁ । ଏଥିରେ ଜନସାଧାରଣଙ୍କର ବା ଜଗତର ସାହିତ୍ୟ ସହିତ କୌଣସି ସମ୍ପର୍କ ନାହିଁ ।

କି ନା ମୋତେ ଜଣା ନାହିଁ । ମୋର ମନେ ହୁଏ ୧୯୨୧ ଜନସୁମାରି ହିସାବରୁ ଏହା ନିଆ ଯାଇଛି ଓ ବର୍ତ୍ତମାନ ହିସାବରେ ଏହି ସଂଖ୍ୟା ଅନେକ ପରିମାଣରେ ବୃଦ୍ଧି ହୋଇଥିବ ।

ହିନ୍ଦୁସ୍ଥାନୀ (ପଶ୍ଚିମ ହିନ୍ଦି, ପଞ୍ଜାବୀ ଓ ରାଜସ୍ଥାନୀ ସମେତ) ୧୩, ୯୩ ଲକ୍ଷ; ବଙ୍ଗଳା ୪,୯୩ ଲକ୍ଷ; ତେଲୁଗୁ ୨,୩୬ ଲକ୍ଷ; ମରହଟ୍ଟୀ ୧,୮୮ ଲକ୍ଷ; ତାମିଲ ୧,୮୮ ଲକ୍ଷ; କାନାରିଜ ୧,୦୩ ଲକ୍ଷ; ଓଡ଼ିଆ ୧,୦୧ ଲକ୍ଷ; ଗୁଜରାଟୀ ୯୬ ଲକ୍ଷ—ମୋଟ ୨୬, ୯୮ ଲକ୍ଷ ।

ପୁସ୍ତୁ, ଆସାମୀ ଏବଂ ବର୍ମୀ ଭାଷା ସମ୍ପୂର୍ଣ୍ଣ ପୃଥକ୍, ଏଠାରେ ତାହାର ହିସାବ ହୋଇ ନାହିଁ ।

Digitized by srujanika@gmail.com

ହିନ୍ଦୁସ୍ଥାନୀ ଭାଷା ପ୍ରଚଳନ ଓ ଉନ୍ନତରେ ଭାରତର ଅନ୍ୟ ବଡ଼ ବଡ଼ ଭାଷା ଯଥା ଗୁଜରାଟୀ, ବଙ୍ଗଳା, ମରହଟ୍ଟୀ, ଓଡ଼ିଆ ଏବଂ ଦକ୍ଷିଣରେ ଦ୍ରାବିଡ଼ ଭାଷା ସହିତ କୌଣସି ସଙ୍ଘର୍ଷ ହେବ ନାହିଁ ବା ହେବା ଉଚିତ ନୁହେଁ । ଏଥିଭିତରୁ କେତେକ ଭାଷା ଏବେ ସୁଦ୍ଧା ଅଧିକ ସଚେତନ ଏବଂ ବୁଦ୍ଧି ଦିଗରେ ହିନ୍ଦୁସ୍ଥାନୀଠାରୁ ଅଧିକ ଜାଗ୍ରତ । ସେଗୁଡ଼ିକ ନିଜ ନିଜ ଅଞ୍ଚଳରେ ଶିକ୍ଷା ଓ ଅନ୍ୟ ଉଦ୍ଦେଶ୍ୟର ସରକାରୀ ଭାଷାରୂପେ ଅବଶ୍ୟ ରହିବ । କେବଳ ସେହି ଭାଷା ଜରିଆରେ ହିଁ ଶିକ୍ଷା ଓ ସଂସ୍କୃତ ଜନସାଧାରଣଙ୍କ ମଧ୍ୟରେ ଶୀଘ୍ର ପ୍ରଚାର ହୋଇପାରିବ ।

ଅନେକ ଲୋକ ଅନୁମାନ କରନ୍ତି ଯେ ଇଂରେଜୀ ଭାଷା ଭାରତର ସାଧାରଣ ଭାଷା ହେବାର ସମ୍ଭାବନା ଅଛି । ଉଚ୍ଚଶ୍ରେଣୀର କେତେକ ମୁଷ୍ଟିମେୟ ଲୋକଙ୍କୁ ବାଦ୍‌ଦେଲେ ଏହା ଏକ ଉନ୍ମାଦପୂର୍ଣ୍ଣ କଳ୍ପନା ପରି ମୋତେ ମନେହୁଏ । ଆଜି ଯେପରି କେତେକାଂଶରେ ପ୍ରଚଳିତ ଅଛି, ହୋଇପାରେ ସେହିପରି ଇଂରେଜୀ ଭାଷା ବୈଜ୍ଞାନିକ, ବ୍ୟବସାୟଗତ କାରବାର ବିଶେଷତଃ ଆନ୍ତର୍ଜାତୀୟ ସମ୍ପର୍କ ସ୍ଥାପନରେ ବ୍ୟବହାର ହୋଇପାରେ । ପୃଥିବୀର ଚିନ୍ତା ଓ କର୍ମଧାରା ସହିତ ସଂସ୍ପର୍ଶରେ ଆସିବା ନିମନ୍ତେ ଆମ ଭିତରୁ ଅନେକଙ୍କର ବିଦେଶୀ ଭାଷା ଜାଣିବା ଦରକାର ଏବଂ ଆମ ବିଶ୍ୱବିଦ୍ୟାଳୟମାନଙ୍କରେ ଇଂରେଜୀ ଛଡ଼ା ଫରାସୀ, ଜର୍ମାନ୍, ରୁଷ୍, ସ୍ପେନ୍ ଓ ଇଟାଲି ଭାଷା ଚଳାଇବା ମୋର ଇଚ୍ଛା । ଏହାର ଅର୍ଥ ଏହା ନୁହେଁ ଇଂରେଜୀଭାଷାକୁ ଅବହେଳା କରାଯିବ, ମାତ୍ର ଜଗତର ସମତୁଲ ଦୃଷ୍ଟିକୋଣ ହେବା ନିମନ୍ତେ କେବଳ ଇଂରେଜୀ ଭାଷା ଚଷମାରେ ଦେଖିଲେ ଚଳିବ ନାହିଁ । ଏହି ଗୋଟିଏ ବିଷୟ ଓ ମତବାଦରେ କେନ୍ଦ୍ରୀଭୂତ କରିଥିବାରୁ ଆମର ମାନସିକ ଦୃଷ୍ଟି କୋଣରେ ଆମେ ଅନେକ ପରିମାଣରେ ଏକ-ଦେଶଦର୍ଶୀ ହୋଇଛୁ ଏବଂ ଆମେ ଭାରତ ସମ୍ପର୍କରେ ଇଂରେଜ ଦୃଷ୍ଟିକୋଣ-ଦ୍ୱାରା କିପରି ଭାବରେ ଆଚ୍ଛନ୍ନ ହୋଇଛୁ ତାହା ଉଗ୍ର ଜାତୀୟତାବାଦୀମାନେ ସୁଦ୍ଧା ବୁଝିପାରନ୍ତି ନାହିଁ ।

Digitized by srujanika@gmail.com

ଆମେ ଅନ୍ୟ ବିଦେଶୀ ଭାଷା ପ୍ରଚଳନରେ ଯେତେ ଉତ୍ସାହ ଦେଖାଉ ପଛକେ ବାହାର ଜଗତ ସହିତ ଇଂରେଜୀ ଭାଷା ଜରିଆରେ ହିଁ ଆମର ପ୍ରଧାନ ସଂପର୍କ ରହିବ । ଏହା ହେବା ଉଚିତ । ବଂଶାନୁକ୍ରମେ ଆମେ ଇଂରେଜୀ ଶିଖିବାକୁ ଚେଷ୍ଟା କରୁଛୁ ଏବଂ ଏହି ଉଦ୍ୟମରେ ଆମେ ବହୁ ସାଫଲ୍ୟ ଅର୍ଜନ କରିଛୁ । ବର୍ତ୍ତମାନ ସେ ସବୁକୁ ମୂଳପୋଛ ଉଡ଼ାଇ ଦେଇ ଦୀର୍ଘକାଳଧରି ପାଇଥିବା ଶିକ୍ଷାର ସୁବିଧା ନଷ୍ଟାଇବା ନିର୍ବୁଦ୍ଧିତା । ଇଂରେଜୀ ଭାଷା ପୃଥିବୀର ଏକ ବହୁଳ ସ୍ୱୀକୃତ ପ୍ରଧାନ ଭାଷା ଏବଂ ଏହା ଯେ ଦ୍ରୁତଗତିରେ ଅନ୍ୟ ଭାଷାମାନଙ୍କୁ ଅତିକ୍ରମ କରିଯାଉଛି ଏଥିରେ ସନ୍ଦେହ ନାହିଁ । 'ଆମେରିକାନ୍' ଭାଷା ଏହାର ସ୍ଥାନ ଯଦି ନ ନିଏ, ତେବେ ଆନ୍ତର୍ଜାତିକ ଆଲୋଚନା ଏବଂ ରେଡ଼ିଓ ପ୍ରଚାରରେ ହିଁ ଏହି ଭାଷା ଅଧିକ ପ୍ରୟୋଗ ହେବାର ସମ୍ଭାବନା । ସେଥିପାଇଁ ଆମେ ଇଂରେଜୀ ଭାଷା ପ୍ରଚାର ଅବଶ୍ୟ ଚଳାଇଥିବୁ । ଏହାକୁ ଯେତେ ଭଲଭାବରେ ସମ୍ଭବ ଶିକ୍ଷା କରିବା ଦରକାର; ମାତ୍ର ଆମ ଭିତରୁ କେତେକ ଯେପରି କରନ୍ତି, ସେପରି ଏହି ଭାଷାର ସୂକ୍ଷ୍ମ ଓ ସୁନ୍ଦର ତତ୍ତ୍ୱଟିକୁ ବୁଝିବା ନିମନ୍ତେ ଅଧିକ ଶକ୍ତି ଓ ସମୟ ନଷ୍ଟ କରିବା ଠିକ୍ ବୋଲି ମୋର ମନେହୁଏ ନାହିଁ । ବ୍ୟକ୍ତିଗତ ଭାବରେ କେହି କେହି କରିପାରନ୍ତି, ମାତ୍ର ବହୁ ଲୋକଙ୍କ ଆଗରେ ଏହାକୁ ଆଦର୍ଶ ରୂପେ ରଖିବା ଅର୍ଥ ତାଙ୍କ ଉପରେ ଏକ ଅନାବଶ୍ୟକୀୟ ବୋଝ ଲଦିବା ଏବଂ ଅନ୍ୟ ଦିଗରେ ସେମାନଙ୍କର ପ୍ରଗତିରେ ବାଧା ପହଞ୍ଚାଇବା ।

ମୁଁ, 'ବେସିକ୍ ଇଂରେଜୀ' ପ୍ରତି ଖୁବ୍ ଆକୃଷ୍ଟ ହୋଇଛି ଏବଂ ମୋର ମନେ ହୁଏ ଏହି ସରଳ ଇଂରେଜୀ ଭାଷାର ବିଶିଷ୍ଟ ଭବିଷ୍ୟତ ରହିଛି । ପାଣ୍ଡିତ୍ୟ ଅର୍ଜନ ଲାଗି ଇଂରେଜୀ ପ୍ରଚାର ଅପେକ୍ଷା ଏହି ବେସିକ୍ ଇଂରେଜୀ ଭାଷାର ବହୁଳ ପ୍ରଚାର ଆମ ଭିତରେ ହେବା ବାଞ୍ଛନୀୟ—ପାଣ୍ଡିତ୍ୟପୂର୍ଣ୍ଣ ଇଂରେଜୀ ଭାଷା କେତେ ଜଣ ବିଶେଷଜ୍ଞ ଓ ବିଶେଷତଃ ଛାତ୍ରମାନେ ଆୟତ୍ତ କରିପାରନ୍ତି ।

Digitized by srujanika@gmail.com

ବ୍ୟକ୍ତିଗତ ଭାବରେ ମୁଁ ଚାହେଁ ଯେ ହିନ୍ଦୁସ୍ଥାନୀ ଭାଷାରେ ଇଂରେଜୀ ଓ ଅନ୍ୟାନ୍ୟ ବିଦେଶୀ ଭାଷାରୁ କେତେକ ଶବ୍ଦ ଗ୍ରହଣ କରିବା ଉଚିତ । ଏହା ଆବଶ୍ୟକ—କାରଣ ଆଧୁନିକ ଶବ୍ଦର ଅଭାବ ରହିଛି—ସଂସ୍କୃତ, ଫାର୍ସି ବା ଆରବୀ ଭାଷାରୁ ନୂତନ ଓ କଷ୍ଟକର ଭାଷା ବାହାର କରିବା ଅପେକ୍ଷା ଏହି ପରିଚିତ ଶବ୍ଦ ବ୍ୟବହାର କରିବା ଭଲ । ଭାଷାର ପବିତ୍ରତା ରକ୍ଷକ-ମାନେ ବିଦେଶୀ ଶବ୍ଦ ବ୍ୟବହାରରେ ଆପତ୍ତି କରନ୍ତି; ମାତ୍ର ମୋର ମନେହୁଏ ସେମାନେ ମସ୍ତବଡ଼ ଭୁଲ କରୁଛନ୍ତି । କାରଣ ଆମର ଭାଷାକୁ ଉନ୍ନତ କରିବାର ଉପାୟ ହେଉଛି ଏହାକୁ ବିସ୍ତୃତ କରିବା—ଅନ୍ୟ ଭାଷା-ମାନଙ୍କରୁ ଶବ୍ଦ ଓ ଭାବ ଗ୍ରହଣ କରିବା ।

ମୋର ଭଉଣୀ ବିବାହର ଅଳ୍ପଦିନ ପରେ ମୁଁ ବେନାରସ୍ ଗଲି—ସେଠାରେ ମୋର ଜଣେ ପୁରାତନ ବନ୍ଧୁ ଶିବପ୍ରସାଦ ଗୁପ୍ତ ବର୍ଷେରୁ ଅଧିକ ଦିନ ହେଲା ବେମାର ପଡ଼ିଥିବାରୁ ତାଙ୍କୁ ଦେଖିବାକୁ ଯାଇଥିଲି । ସେ ଲକ୍ଷ୍ନୌ ଜେଲରେ ଥିବାବେଳେ ହଠାତ୍ ପକ୍ଷାଘାତ ରୋଗାକ୍ରାନ୍ତ ହେଲେ ଏବଂ ସେହିଦିନଠାରୁ ସେ ଅତି ଧୀରେ ଧୀରେ ସେଥିରୁ ଆରୋଗ୍ୟ ଲାଭ କରୁଥିଲେ । ମୁଁ ବେନାରସରେ ଥିବାବେଳେ ଗୋଟିଏ ଛୋଟ ହିନ୍ଦି ସାହିତ୍ୟ ସମିତି ମୋତେ ଗୋଟାଏ ଅଭିନନ୍ଦନ ଦେଲେ ଏବଂ ତାହାର ସଭ୍ୟମାନଙ୍କ ସହିତ ମୋର ବେଶ୍ ଆମୋଦପୂର୍ଣ୍ଣ କଥାବାର୍ତ୍ତା ହୋଇଥିଲା । ମୁଁ ସେମାନଙ୍କୁ କହିଲି, ଏ ସମ୍ବନ୍ଧରେ ମୋର ଜ୍ଞାନ ଖୁବ୍ ଅଳ୍ପ ହୋଇଥିବାରୁ ବିଶେଷଜ୍ଞମାନଙ୍କ ସମ୍ମୁଖରେ କିଛି କହିବାକୁ ମୁଁ ଇତସ୍ତତଃ କରେ, ତଥାପି ମୁଁ କେତେକ ମତ ପ୍ରକାଶ କରିଥିଲି । ସାଧାରଣ ହିନ୍ଦି ଭାଷା ଲେଖାରେ ଯେଉଁ ଜଟିଳ ଓ ଆଳଙ୍କାରିକ ଶବ୍ଦ ସବୁ ପ୍ରଚଳିତ ଅଛି ମୁଁ ଏହାର ସମାଲୋଚନା କରିଥିଲି । ନାନା ଅପ୍ରାକୃତ ସଂସ୍କୃତ ଶବ୍ଦ ପୂରିରହିଛି ଏବଂ ଏହା ପୁରାତନ ରୀତି ଅନୁସାରେ ଚାଲିଛି । ମୁଁ ସାହସର ସହିତ କହିଲି ଯେ କେତେକ ମୁଷ୍ଟିମେୟ ଲୋକଙ୍କପାଇଁ ରାଜଦରବାରୀ ଢଙ୍ଗରେ ହିନ୍ଦିଭାଷା ଲେଖା ଛାଡ଼, ହିନ୍ଦିଭାଷା ବରାବର ଜନସାଧାରଣଙ୍କପାଇଁ ଏବଂ ସେମାନେ ବୁଝିପାରିବା ଭଳି ଢଙ୍ଗରେ ଲେଖାହେବା ଦରକାର । ଜନ-

Digitized by srujanika@gmail.com

ସାଧାରଣଙ୍କ ସମ୍ପର୍କରେ ହିନ୍ଦୀର ନୂତନଜୀବନ ଆସିବ ଏବଂ ଲେଖକମାନେ ମଧ୍ୟ ଜନସାଧାରଣଙ୍କ ଭାବାବେଗ ଗ୍ରହଣ କରି ଭଲ ଲେଖି ପାରିବେ । ଅଧିକ ମଧ୍ୟ ମୁଁ କହିଲି ଯେ ଯଦି ହିନ୍ଦି ଲେଖକମାନେ ପାଶ୍ଚାତ୍ୟ ଚିନ୍ତା ଓ ସାହିତ୍ୟ ପ୍ରତି ଅଧିକ ଦୃଷ୍ଟି ଦିଅନ୍ତେ, ତେବେ ସେମାନେ ସେଥିରୁ ଅନେକ ଉପାଦାନ ପାଇପାରନ୍ତେ । ଇଉରୋପୀୟ ଭାଷାରୁ ଉଚ୍ଚାଙ୍ଗ ସାହିତ୍ୟ ଏବଂ ଆଧୁନିକ ଭାବାପନ୍ନ ପୁସ୍ତକମାନଙ୍କରୁ ଅନୁବାଦ ପ୍ରକାଶିତ ହେବା ବାଞ୍ଛନୀୟ । ମୁଁ ମଧ୍ୟ କହିଲି ଯେ ସମ୍ଭବତଃ ଏ ସମ୍ପର୍କରେ ହିନ୍ଦି ସ୍ଥାନ ଅପେକ୍ଷା ଅଧିକ ବଙ୍ଗଳା, ମରହଟ୍ଟୀ ଓ ଗୁଜରାଟୀ ଭାଷା ଅଧିକ ଉନ୍ନତ ଏବଂ ଏ କଥା ନିଶ୍ଚିତ ଯେ ଆଜିକାଲି ହିନ୍ଦି ଅପେକ୍ଷା ବଙ୍ଗଳା ଭାଷାରେ ଅଧିକ ମୌଳିକତା ଦେଖାଯାଏ ।

ଏ ସମ୍ବନ୍ଧରେ ବନ୍ଧୁଭାବରେ ଆମର ଆଲୋଚନା ହେଲା ଏବଂ ମୁଁ ଚାଲି ଆସିଲି । ମୋର ମତ ଯେ ସମ୍ବାଦପତ୍ରକୁ ଯିବ ଏହା ମୋର ଧାରଣା ନ ଥିଲା, ମାତ୍ର ଉପସ୍ଥିତ ଥିବା ଲୋକଙ୍କ ଭିତରୁ କେହି ହିନ୍ଦି କାଗଜକୁ ଗୋଟିଏ ରିପୋର୍ଟ ପଠାଇଦେଲା ।

ତା ପରେ ହିନ୍ଦି କାଗଜମାନଙ୍କରେ ମୋ ବିରୁଦ୍ଧରେ ଖୁବ୍ ପ୍ରତିବାଦ ବାହାରିଲା । ବଙ୍ଗଳା, ଗୁଜରାଟୀ ଓ ମରହଟ୍ଟୀ ଭାଷା ଅପେକ୍ଷା ହିନ୍ଦିକୁ ହୀନ ବୋଲି ତୁଳନା କରିବାର ସ୍ପର୍ଦ୍ଧା ପ୍ରତି ମଧ୍ୟ ଆକ୍ଷେପ କରାଗଲା । ମୁଁ ଜଣେ ଅଜ୍ଞ ବୋଲି କୁହାଗଲା—ବାସ୍ତବିକ୍ ମୁଁ ଯେ ଏହି ବିଶିଷ୍ଟ ବିଷୟରେ ଅଜ୍ଞ ସେଥିରେ ସନ୍ଦେହ ନାହିଁ—ଏବଂ ମୋ ମତ ଖଣ୍ଡନ କରି ମୋତେ ଦବାଇ ଦେବାପାଇଁ ବହୁତ କଡ଼ା ଶବ୍ଦର ପ୍ରୟୋଗ ହେଲା । ଏହି ବିବାଦକୁ ପଢ଼ିବାର ମୋର ସମୟ ନ ଥିଲା ଏବଂ ମୁଁ ଶୁଣିଛି ମୁଁ ପୁଣି ଜେଲ ଯିବା ପର୍ଯ୍ୟନ୍ତ ଅନେକ ମାସ ଧରି ଏହା ଚାଲିଥିଲା ।

ଏହି ଘଟଣାରେ ମୋର ଶିକ୍ଷା ହେଲା । ହିନ୍ଦି ସାହିତ୍ୟିକ ଓ ସାମ୍ବାଦିକମାନଙ୍କର ଗୋଟାଏ ଅସହିଷ୍ଣୁ ଭାବ ଏଥିରୁ ପ୍ରକାଶ ପାଇଲା ଏବଂ

Digitized by srujanika@gmail.com

ସେମାନଙ୍କର ଜଣେ ଶୁଭଚିନ୍ତକଠାରୁ ମଧ୍ୟ ସାଧୁ ସମାଲୋଚନା ଶୁଣିବାର ଧୈର୍ଯ୍ୟ ନାହିଁ । ଏହା ପଛରେ ହୀନତା ବୋଧ ଭାବ ଅବଶ୍ୟ ରହିଛି । ଆତ୍ମ-ସମାଲୋଚନା ତ ଆଦୌ ନାହିଁ—ସମାଲୋଚନାର ଆଦର୍ଶ ମଧ୍ୟ ଅତି କ୍ଷୀଣ । ଲେଖକ ଓ ସମାଲୋଚକମାନେ ବ୍ୟକ୍ତିଗତ ଦୋଷାରୋପ କରି କଳହ କରିବା କିଛି ବିରଳ ନୁହେଁ । ସମଗ୍ର ଦୃଷ୍ଟି କୋଣ ହେଉଛି ସଙ୍କୀର୍ଣ୍ଣ, ବୁର୍ଜୋୟା ଏବଂ ପ୍ରାଦେଶିକତାପୂର୍ଣ୍ଣ—ଏବଂ ଲେଖକସମ୍ପାଦକମାନେ ବିରାଟ ଜନସାଧାରଣ ଓ ତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ନିଜ ନିଜପାଇଁ ଏବଂ କେତେକ ମୁଷ୍ଟିମେୟ ଲୋକଙ୍କ ଲାଗି ଲେଖିଥିବାର ମନେ ହେଲା । ଏହା ମୋତେ ଅତି ଅଦ୍ଭୁତ ଅନୁକମ୍ପା କଥା ପରି ମନେହେଲା—କ୍ଷେତ୍ର ଏତେ ପ୍ରଶସ୍ତ ଥିଲାବେଳେ ଏପରି ଶକ୍ତି ଅପଚୟ ବଡ଼ ଦୁର୍ଭାଗ୍ୟର କଥା ପରି ମନେ ହେଲା ।

ହିନ୍ଦି ସାହିତ୍ୟର ଅତୀତ ସମ୍ପଦ ସୁନ୍ଦର, ମାତ୍ର କେବଳ ଅତୀତ ଉପରେ ଏହା ଚିରଦିନ ବଞ୍ଚିପାରେ ନା ; ମୋର ନିଶ୍ଚିତ ଧାରଣା ଯେ ଏହାର ବିରାଟ ଭବିଷ୍ୟତ ରହିଛି ଏବଂ ହିନ୍ଦି ସମ୍ବାଦପତ୍ର ଏ ଦେଶରେ ପ୍ରବଳ ଶକ୍ତି ହୋଇ ଉଠିବ । ମାତ୍ର ଏହି ସଙ୍କୀର୍ଣ୍ଣ ପ୍ରଥା ଛାଡ଼ି ଜନସାଧାରଣଙ୍କ ସହିତ ସାହସ ସହକାରେ ସମ୍ପର୍କ ନ କରିବା ପର୍ଯ୍ୟନ୍ତ ଉନ୍ନତ ହୋଇପାରିବ ନାହିଁ ।

Digitized by srujanika@gmail.com

୫୭

ସାଂପ୍ରଦାୟିକତା ଓ ତାର ପ୍ରତିକ୍ରିୟା

ମୋର ଭଉଣୀ ବିବାହ ସମୟରେ ଇଉରୋପରେ ବିଠଲଭାଇ ପଟେଲଙ୍କ ମୃତ୍ୟୁ ହୋଇଥିବା ଖବର ଆସି ପହଞ୍ଚିଲା । ସେ ଅନେକ ଦିନରୁ ବେମାର ଥିଲେ ଏବଂ ତାଙ୍କର ଖରାପ ସ୍ୱାସ୍ଥ୍ୟ ଯୋଗୁଁ ତାଙ୍କୁ ହିବତରେ ଜେଲଖାନାରୁ ଖଲାସ କରି ଦିଆଯାଇଥିଲା । ତାଙ୍କର ମୃତ୍ୟୁ ଏକ ଯନ୍ତ୍ରଣା-ଦାୟକ ଘଟଣା ଏବଂ ଏହିପରି ଆମର ଯୋଗ୍ୟ ନେତା ସବୁ ଜଣ ଜଣ କରି ଆମ ସଂଗ୍ରାମ ଭିତରେ ଆମକୁ ଛାଡ଼ି ଚାଲିଯିବାରୁ ଅତ୍ୟନ୍ତ ଅବସାଦ-ଜନକ ମନେ ହେଉଥିଲା । ବିଠଲଭାଇଙ୍କର ଖୁବ୍ ଗୁଣକୀର୍ତ୍ତନ ହେଲା— ଅଧିକାଂଶ ହିଁ ପାର୍ଲିମେଣ୍ଟାରିୟାନ୍ ହିସାବରେ ତାଙ୍କର ଦକ୍ଷତା ଓ ଆସେମ୍ବ୍ଲିର ସଭାପତି ରୂପେ ତାଙ୍କର ସଫଳତାକୁ ପ୍ରଶଂସା କରିଥିଲେ । ଏହା ସମ୍ପୂର୍ଣ୍ଣ ସତ୍ୟ; ମାତ୍ର ଏହାର ପୁନରୁକ୍ତିରେ ମୋତେ ବିରକ୍ତ ଲାଗିଲା । ଭାରତରେ ପାର୍ଲିମେଣ୍ଟାରୀ ନୀତିବିଶାରଦ ତଥା ଦକ୍ଷତାର ସହିତ ସଭାପତି ଚଉକି ଦଖଲ କରିବା ଲୋକଙ୍କର କ'ଣ ଅଭାବ ରହିଛି ? ଆମର ଓକିଲାତି ଶିକ୍ଷା ତ ଆମକୁ ସେହି ଗୋଟିଏ କାର୍ଯ୍ୟ କରିବା ଲାଗି ଉପଯୁକ୍ତ କରିଛି । ବିଠଲଭାଇ ତାହାଠାରୁ ଆହୁରି ବଡ଼—ସେ ଭାରତ ସ୍ୱାଧୀନତାର ଜଣେ ମହାନ୍ ଓ ପ୍ରବଳ ପରାକ୍ରମୀ ଯୋଦ୍ଧା ।

ନଭେମ୍ବର ମାସରେ ବେନାରସ ଯାଉଥିବାବେଳେ ହିନ୍ଦୁ ବିଶ୍ୱ-ବିଦ୍ୟାଳୟର ଛାତ୍ରମାନଙ୍କୁ ବକ୍ତୃତା ଦେବା ନିମନ୍ତେ ମୋତେ ନିମନ୍ତ୍ରଣ ଦିଆଯାଇଥିଲା । ଏହି ନିମନ୍ତ୍ରଣ ମୁଁ ଆନନ୍ଦରେ ଗ୍ରହଣ କରିଥିଲି ଏବଂ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ସଭାପତିତ୍ୱରେ ଏକ ବିରାଟ ସଭାରେ ବକ୍ତୃତା ଦେଲି । ମୋର ବକ୍ତୃତାରେ ମୁଁ ସାଂପ୍ରଦାୟିକତା ସମ୍ବନ୍ଧରେ ଅନେକ କଥା କହିଥିଲି—ଖୁବ୍ ଜୋର

Digitized by srujanika@gmail.com

ସହିତ ମୁଁ ଏହାର ନିନ୍ଦା କଲି—ବିଶେଷଭାବରେ ହିନ୍ଦୁ ମହାସଭାର କାର୍ଯ୍ୟକୁ ନିନ୍ଦା କଲି । ଆକ୍ରମଣ କରିବାପାଇଁ ପୂର୍ବରୁ ମୁଁ କିଛି ଠିକ୍ କରି ନ ଥିଲି, ମାତ୍ର ସବୁ ଦଳର ସାଂପ୍ରଦାୟିକ ନେତାମାନଙ୍କ ପ୍ରତିକ୍ରିୟାଶୀଳ କାର୍ଯ୍ୟ ଦେଖି ଅନେକ ଦିନରୁ ମୋ ମନରେ ଅସନ୍ତୋଷ ଭରି ରହିଥିଲା ଏବଂ ବକ୍ତୃତାର ଉତ୍ତେଜନାରେ ଏହି କ୍ରୋଧ ଭାବ ବାହାରି ଆସିଲା । ଜାଣିଶୁଣି ମୁଁ ହିନ୍ଦୁ ମହାସଭାର ପ୍ରତିକ୍ରିୟାଶୀଳ ରୂପ ସମ୍ବନ୍ଧରେ ଜୋର ଦେଇ କହିଲି—କାରଣ ଏକ ହିନ୍ଦୁ ଶ୍ରୋତୃବର୍ଗଙ୍କ ସାମନାରେ ମୁସଲମାନଙ୍କୁ ସମାଲୋଚନା କରିବାର କିଛି ଅର୍ଥ ନାହିଁ । ମାଳବ୍ୟଜୀ ହିନ୍ଦୁ ମହାସଭାର ଜଣେ ପ୍ରଧାନ ସ୍ତମ୍ଭ—ସୁତରାଂ ସେ ସଭାପତି ଥିବାବେଳେ ହିନ୍ଦୁ ମହାସଭାର ସମାଲୋଚନା କରିବା ଭଦ୍ରରୁଚିର ପରିଚୟ ନୁହେଁ ବୋଲି ମୋ ମନକୁ ସେତେବେଳେ ଆସିଲା ନାହିଁ ! ମୁଁ ଏ ସମ୍ବନ୍ଧରେ ଭାବି ନ ଥିଲି; କାରଣ କିଛିଦିନ ହେଲା ସେ ହିନ୍ଦୁ ମହାସଭା କାର୍ଯ୍ୟ ବିଶେଷ କିଛି କରୁ ନ ଥିଲେ ଏବଂ ଦେଖାଗଲା ଯେ ହିନ୍ଦୁ ମହାସଭାର ଅଧିକ ଆକ୍ରମଣଶୀଳ ନେତାମାନେ ତାଙ୍କୁ ଛାଡ଼ି ଦେଲେ । ସେ ଯେ ପର୍ଯ୍ୟନ୍ତ ମୁଖ୍ୟ ହୋଇ ରହିଥିଲେ ସେ ପର୍ଯ୍ୟନ୍ତ ହିନ୍ଦୁ ମହାସଭା ସାମ୍ପ୍ରଦାୟିକବାଦୀ ଥିଲେ ସୁଦ୍ଧା ରାଜନୀତିକ ପ୍ରତିକ୍ରିୟାପନ୍ଥୀ ନ ଥିଲେ । ମାତ୍ର ପରେ ଏହା ଅଧିକ ପ୍ରକାଶ ପାଇଛି ଏବଂ ମୋର ନିଶ୍ଚିତ ମତ ମାଳବ୍ୟଜୀଙ୍କର ଏଥି ସହିତ କିଛି ଯାଏ ଆସେ ନା ଏବଂ ସେ ଏହା ନା-ପସନ୍ଦ କରୁଥିବେ । ମାତ୍ର ମୁଁ ପରେ ବୁଝିପାରିଲି ଯେ ତାଙ୍କ ନିମନ୍ତ୍ରଣ ରକ୍ଷା କରି ସେଠାକୁ ଯାଇ ତାଙ୍କୁ ଏକ ଅଡୁଆ ଅବସ୍ଥାରେ ପକାଇବା ମୋ ପକ୍ଷରେ ଠିକ୍ ହୋଇ ନାହିଁ । ଏଥିପାଇଁ ମୁଁ ଦୁଃଖିତ ହେଲି ।

ମୋର ବୋକାମି ଯୋଗୁଁ ଆଉ ଏକ ଭୁଲ କରିଥିବାରୁ ମୁଁ ଦୁଃଖିତ ହୋଇଥିଲି । ଆଜମୀରର ଏକ ହିନ୍ଦୁ ଯୁବକ ସମ୍ପର୍କରେ ଦଣ୍ଡିତ ହୋଇଛି ବୋଲି କହି ଏକ ପ୍ରସ୍ତାବ କେହି ଜଣେ ମୋ ନିକଟକୁ ଡାକରେ ପଠାଇ ଦେଇଥିଲେ । ପ୍ରସ୍ତାବ ଅତି ଆପତ୍ତିଜନକ ହୋଇଥିଲା ଏବଂ ମୁଁ ଏହା ମୋର ବେନାରସ ବକ୍ତୃତାରେ ଉଲ୍ଲେଖ କରିଥିଲି । ପ୍ରକୃତରେ ଏପରି କୌଣସି ପ୍ରସ୍ତା

Digitized by srujanika@gmail.com

କୌଣସି ଅନୁଷ୍ଠାନରେ ଯୁକ୍ତ ହୋଇ ନ ଥିଲି—ଏକ ଦୁଷ୍ଟ ଲୋକର ଧପ୍ପାବାଜୀ ମାତ୍ର ।

ମୋର ବେନାରସ ବକ୍ତୃତା ସଂକ୍ଷିପ୍ତ ଆକାରରେ ପ୍ରକାଶିତ ହେଲା—ଖୁବ୍ ଗୋଟାଏ ଚଞ୍ଚଳ ପଡ଼ିଗଲା । ଏହି ଶ୍ରେଣୀର ସମାଲୋଚନାରେ ମୁଁ ଅଭ୍ୟସ୍ତ—ହିନ୍ଦୁ ମହାସଭା ନେତାଙ୍କର ଆକ୍ରମଣରେ ବଳକୁ ଦେଖି ମୁଁ ଅବାକ୍ ହେଲି । ଏହି ଆକ୍ରମଣ ଅନେକାଂଶରେ ବ୍ୟକ୍ତିଗତ ଏବଂ ପ୍ରକୃତ ମର୍ମ କଥା ସ୍ପର୍ଶ କରି ନ ଥିଲା । ସେମାନେ ସୀମା ନଜେ ନଜେ ଅତିକ୍ରମ କଲେ ଏବଂ ଏଥିରେ ମୁଁ ଖୁସି ହେଲି; କାରଣ ଏ ସମ୍ବନ୍ଧରେ ମୋତେ ପୁଣି କହିବାକୁ ସୁଯୋଗ ମିଳିଲା । ଗତ କେତେମାସ ହେଲା ଏପରି ଜେଲରେ ଥିବାବେଳେ ମଧ୍ୟ ଏ ସମ୍ବନ୍ଧରେ ମୋର ହୃଦୟଜ୍ୱାଳା ହେଉଥିଲା; ମାତ୍ର ଏହା କପରି ପ୍ରକାଶ କରିବି ଜାଣି ପାରି ନ ଥିଲି । ଏହା ବିଛୁଗାତରେ ହାତ ପୂରାଇବା କଥା—ବିଛୁକାମୁଡ଼ା ମୁଁ ସହ୍ୟ କରିପାରେ, ମାତ୍ର ତର୍କ ବିତର୍କ ବ୍ୟକ୍ତିଗତ ଆକ୍ରମଣରେ ପର୍ଯ୍ୟବସିତ ହେଲେ ସେଥିରେ ମାଧୁରୀ ରହେନା । ମାତ୍ର ଏବେ ଏ ଘଟଣାରେ ମୋର କିଛି ହାତ ନ ଥିଲା ଏବଂ ମୁଁ ମୋ ବକ୍ତୃତାରେ ହିନ୍ଦୁ ଓ ମୁସଲମାନ ସାଂପ୍ରଦାୟିକତା ସମ୍ବନ୍ଧରେ ଗୋଟିଏ ଯୁକ୍ତିଯୁକ୍ତ ପ୍ରବନ୍ଧ ଲେଖିଲି—କୌଣସିଟି ସତ୍ୟ ସାଂପ୍ରଦାୟିକତା ନୁହେଁ, ମାତ୍ର ସାଂପ୍ରଦାୟିକତା ଆବରଣ ଭିତରେ ରାଜନୀତିକ ଓ ସାମାଜିକ ପ୍ରତିକ୍ରିୟା ରହିଛି ବୋଲି ମୁଁ ଦର୍ଶାଇଲି । ମୋ ପାଖରେ ଏ... ତେଣୁ ଖବର କାଗଜ ଲେଖାସବୁ କଟା ହୋଇଥିଲା—ବିଭିନ୍ନ ସାଂପ୍ରଦାୟିକ ନେତାଙ୍କ ବିବୃତି ଓ ବକ୍ତୃତାସବୁ ମୁଁ ଜେଲଖାନାରେ ସଂଗ୍ରହ କରି ରଖିଥିଲି । ବାସ୍ତବିକ ମୋ ପାଖରେ ଏତେ ମସଲା ଥିଲା ଯେ ଏହାକୁ ସମ୍ବାଦପତ୍ରରେ ବାହାରିଲାପରି ଗୋଟିଏ ପ୍ରବନ୍ଧ ଉଲ୍ଲେଖ କରିବା ମୋ ପକ୍ଷରେ ବଡ଼ କଷ୍ଟକର ହୋଇଥିଲା ।

ମୋର ଏହି ପ୍ରବନ୍ଧଟି ଭାରତୀୟ ସମ୍ବାଦପତ୍ରମାନଙ୍କରେ ବ୍ୟାପକ ଭାବରେ ପ୍ରକାଶିତ ହେଲା । ମାତ୍ର ଆଶ୍ଚର୍ଯ୍ୟର କଥା ଯେ ହିନ୍ଦୁ ଓ ମୁସଲମାନ

Digitized by srujanika@gmail.com

ସାଂପ୍ରଦାୟିକ ନେତା କୌଣସି ତରଫରୁ କୌଣସି ଜବାବ ଆସିଲା ନାହିଁ ଯଦିଓ ଉଭୟଙ୍କ ସମ୍ବନ୍ଧରେ ଅନେକ କଥା ଏଥିରେ ଲେଖା ଥିଲା। ଯେଉଁ ହିନ୍ଦୁମହାସଭା ନେତାମାନେ ମୋତେ ଅତି କଡ଼ା ଓ ତୀବ୍ର ଭାଷାରେ ନିନ୍ଦା କରିଥିଲେ ସେମାନେ ସମ୍ପୂର୍ଣ୍ଣ ନୀରବ ରହିଲେ। ମୁସଲମାନଙ୍କ ପକ୍ଷରୁ ଦ୍ୱିତୀୟ ଗୋଲଟେବୁଲ ବୈଠକ ସମ୍ବନ୍ଧରେ କେତେକ ଘଟଣା ସମ୍ବନ୍ଧରେ ମୋର ଲେଖାର ଭୁଲ ସାର୍ ମହମ୍ମଦ ଇକ୍‌ବାଲ୍ ଦର୍ଶାଇବାକୁ ଚେଷ୍ଟା କରୁଥିଲେ, ମାତ୍ର ମୋର ମୂଳ ସମ୍ବନ୍ଧରେ ସେ କିଛି କହି ନଥିଲେ। ତାଙ୍କୁ ଜବାବରେ ମୁଁ କହିଥିଲି ଯେ ରାଜନୀତିକ ଓ ସାଂପ୍ରଦାୟିକ ସବୁ ସମସ୍ୟାର ସମାଧାନ ଗଣପରିଷଦରେ ହୋଇ ପାରିବ। ପରେ ମୁଁ ସାମ୍ପ୍ରଦାୟିକତା ସମ୍ବନ୍ଧରେ ଆଉ ଗୋଟିଏ ବା ଦୁଇଟି ପ୍ରବନ୍ଧ ଲେଖିଥିଲି। ଏହି ପ୍ରବନ୍ଧଗୁଡ଼ିକ ଯେପରି ଲୋକେ ଗ୍ରହଣ କଲେ ଏବଂ ଯେଉଁମାନେ ଚିନ୍ତା କରୁଥିଲେ ସେମାନଙ୍କ ଉପରେ ଏହାର ଦୃଶ୍ୟମାନ ପ୍ରଭାବ ଦେଖି ମୁଁ ପ୍ରୀତ ହୋଇଥିଲି। ଅବଶ୍ୟ ଏ ଧାରଣା ମୋର ନଥିଲା ଯେ ସାଂପ୍ରଦାୟିକ ମନୋଭାବ ପଛରେ ଯେଉଁ ଜବର ମନୋଭାବ ରହିଛି ତାହା ଯାଦୁମନ୍ତ୍ର କରି ଉଡ଼ାଇ ଦେଇ ପାରିବ। ମୋର ଜଣାଇ ଦେବାର ଉଦ୍ଦେଶ୍ୟ ଥିଲା ଯେ ସାଂପ୍ରଦାୟିକ ନେତାମାନେ ଭାରତ ଓ ଇଂଲଣ୍ଡ ଉଭୟ ପ୍ରତିକ୍ରିୟାଶୀଳଙ୍କ ସହିତ ସଂଶ୍ଳିଷ୍ଟ ଏବଂ ପ୍ରକୃତରେ ସେମାନେ ରାଜନୈତିକ ପ୍ରଗତିର ବିରୋଧୀ—ସାମାଜିକ ପ୍ରଗତିର ତ ଅଧିକ ବିରୋଧୀ। ସେମାନଙ୍କର ଦାବି ସହିତ ଜନସାଧାରଣଙ୍କର କୌଣସି ସମ୍ପର୍କ ନଥିଲା। ସେମାନେ ଉପରର କେତେକ ମୁଷ୍ଟିମେୟ ଦଳଙ୍କ ମଙ୍ଗଳ ନିମନ୍ତେ ଏହା କରୁଥିଲେ। ଏହିପରି ମୁକ୍ତ ଭାବରେ ସେମାନଙ୍କୁ ଆକ୍ରମଣ କରିବା ମୋର ମତଲବ୍ ଥିଲା —ଏପରି ସମୟରେ ପୁଣି ଜେଲ ଡାକରା ଆସିଗଲା। ହିନ୍ଦୁ-ମୁସଲମାନ ଏକତାପାଇଁ ବାରମ୍ବାର ହେଉଥିବା ନିବେଦନ ନିଃସନ୍ଦେହରୂପେ ବାଞ୍ଛନୀୟ ହେଲେ ସୁଦ୍ଧା ଅନୈକ୍ୟର ମୂଳ କାରଣ ବୁଝିବା ଲାଗି ଚେଷ୍ଟା ନ ହେଲେ ମୋତେ ଫମ୍ପା ପରି ମନେ ହେଲା। କେତେକ ଲୋକ ଅନୁମାନ କରନ୍ତି ଯେ ଏହି ଅଦ୍ଭୁତ ଯାଦୁମନ୍ତ୍ରଟି ବାରମ୍ବାର ଉଚ୍ଚାରଣ କଲେ ଏକତା ଆପେ ଆପେ ଦିନେ ଆସିଯିବ।

Digitized by srujanika@gmail.com

୧୮୫୭ ସାଲ ବିଦ୍ରୋହ ପରେ ସାମ୍ପ୍ରଦାୟିକ ପ୍ରଶ୍ନ ସମ୍ବନ୍ଧରେ ବ୍ରିଟିଶ ନୀତି ଲକ୍ଷ୍ୟ କଲେ ଆମୋଦ ଲାଗେ । ମୌଳିକ ଓ ଅପରିହାର୍ଯ୍ୟ ଭାବରେ ହିନ୍ଦୁ ଓ ମୁସଲମାନ ଏକତ୍ର କାର୍ଯ୍ୟ କରିବାରେ ବାଧା ଦିଆହୋଇଛି ଏବଂ ଏକ ସଂପ୍ରଦାୟଙ୍କୁ ଅନ୍ୟଙ୍କ ବିରୁଦ୍ଧରେ ଲଗାଇ ଦିଆଯାଇଛି । ୧୮୫୭ ପରେ ବ୍ରିଟିଶଙ୍କର କଠିନ ହାତ ହିନ୍ଦୁଙ୍କ ଅପେକ୍ଷା ମୁସଲମାନଙ୍କ ଉପରେ ବେଶୀ ପଡ଼ିଲା । ସେମାନେ ମୁସଲମାନଙ୍କୁ ଅଧିକ ଆକ୍ରମଣଶୀଳ ଓ ସାମରିକ ବୋଲି ବିଚାରିଲେ, ଭାରତ ଶାସନର ଅଳ୍ପଦିନର ପୂର୍ବ ସ୍ମୃତି ସେମାନଙ୍କ ମନରେ ଅଛି ବୋଲି ଭାବିଲେ ଏବଂ ସେଥିଲାଗି ସେମାନଙ୍କୁ ଅଧିକ ବିପଜ୍ଜନକ ବୋଲି ମନେକଲେ । ମୁସଲମାନମାନେ ମଧ୍ୟ ନୂତନ ଶିକ୍ଷାରୁ ଅଲଗା ହୋଇଥିଲେ ଏବଂ ଖୁବ୍ କମ୍ ଲୋକେ ସରକାରୀ ଚାକିରୀ ପାଇଥିଲେ । ଏହି ଦିନରୁ ସେମାନେ ସନ୍ଦେହ କରିବାକୁ ଲାଗିଲେ । ହିନ୍ଦୁମାନେ ଇଂରେଜୀ ଭାଷା ଶିଖି କିରାଣୀ ଗିରି କାମ ବେଶ୍ ଆନନ୍ଦରେ ସହିତ ଗ୍ରହଣ କରିଥିଲେ ଏବଂ ବେଶ୍ ନିର୍ଦ୍ଦୋଷ ମନେ ହେଲେ ।

ପୁଣି ନୂତନ ଜାତୀୟତା ଉପରେ ଶ୍ରେଣୀରେ ଅର୍ଥାତ୍ ଉଚ୍ଚ ଶ୍ରେଣୀ ଇଂରେଜୀ ଶିକ୍ଷିତଙ୍କଠାରେ ଦେଖାଦେଲା—ଏହା ହିନ୍ଦୁଙ୍କ ଭିତରେ ସୀମାବଦ୍ଧ ରହିବା ସ୍ୱାଭାବିକ, କାରଣ ମୁସଲମାନମାନେ ଶିକ୍ଷା ଦିଗରେ ଅନୁନ୍ନତ ଥିଲେ । ଏହି ଜାତୀୟତାବାଦୀମାନେ ବଡ଼ ଧୀର ଓ ଅତି ନମ୍ର ଭାବରେ ମତ ପ୍ରକାଶ କରୁଥିଲେ । ତଥାପି ସରକାରର ଏହା ପସନ୍ଦ ହେଉ ନ ଥିଲା । ସେମାନେ ମୁସଲମାନମାନଙ୍କୁ ଅଧିକ ଉତ୍ସାହିତ କରି ଏହି ଜାତୀୟତାବାଦୀ କାର୍ଯ୍ୟରୁ ଅଲଗା ରହିବା ନିମନ୍ତେ ଚେଷ୍ଟା କଲେ । ଇଂରେଜୀ ଶିକ୍ଷା ଅଭାବହିଁ ସେତେବେଳେ ମୁସଲମାନଙ୍କ ପକ୍ଷରେ ଗୋଟାଏ ଯଥେଷ୍ଟ ବାଧା ଥିଲା; ମାତ୍ର ଏହା କ୍ରମେ ବୃଦ୍ଧିପାଇବା ସ୍ୱାଭାବିକ । ଦୂରଦୃଷ୍ଟି ସହ ବ୍ରିଟିଶମାନେ ଭବିଷ୍ୟତ ପ୍ରତି ଦୃଷ୍ଟି ଦେଲେ ଏବଂ ଏହି କାର୍ଯ୍ୟରେ ସେମାନେ ଜଣେ ଖ୍ୟାତନାମା ବ୍ୟକ୍ତି ସାର୍ ସୈୟଦ ଅହମ୍ମଦ ଖାଁଙ୍କର ସାହାଯ୍ୟ ପାଇଲେ ।

Digitized by srujanika@gmail.com

ସାର୍ ସୟଦ୍ ତାଙ୍କ ସମ୍ପ୍ରଦାୟଙ୍କ ଦୁର୍ଗତି ବିଶେଷତଃ ଶିକ୍ଷାର ଅଧୋଗତିରେ ବଡ଼ ଦୁଃଖିତ ହୋଇଥିଲେ ଏବଂ ବ୍ରିଟିଶ ସରକାର ସମ୍ମୁଖରେ ଏହାର ପ୍ରଭାବ ଓ ଅନୁଗ୍ରହର ଅଭାବ ଦେଖି ସେ ବଡ଼ ଦୁଃଖିତ ହେଲେ । ତାଙ୍କର ସମସାମୟିକ ଅନ୍ୟାନ୍ୟ ଅନେକ ଲୋକଙ୍କ ପରି ସେ ବ୍ରିଟିଶମାନଙ୍କର ଜଣେ ଶ୍ରେଷ୍ଠ ଉପାସକ ଥିଲେ ଏବଂ ଇଂଲଣ୍ଡ ଗଲା ପରେ ତାଙ୍କ ଉପରେ ଗୋଟିଏ ଶକ୍ତିଶାଳୀ ପ୍ରଭାବ ପଡ଼ିଥିଲା । ଇଂଲଣ୍ଡ ଅଥବା ପଶ୍ଚିମ ଇଉରୋପ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସଭ୍ୟତାର ଚରମ ସୀମାରେ ପହଞ୍ଚିଥିଲା—ସମଗ୍ର ଜଗତରେ ଏହାର ପ୍ରତିଦ୍ୱନ୍ଦ୍ୱୀ କେହି ନ ଥିଲେ—ବଡ଼ ହେବାପାଇଁ ଯେଉଁ ସବୁ ଗୁଣ ଆବଶ୍ୟକ ଏହା ସବୁଠାରେ ଦେଖାଯାଉଥିଲା । ସମସ୍ତ ଐଶ୍ୱର୍ଯ୍ୟ ଉଚ୍ଚ ଶ୍ରେଣୀଙ୍କ ହାତରେ ଥିଲା ଏବଂ ସେଥିରେ ପୁଣି ଏହାର ବିରୋଧ ହେବାର ଭୟ ନ ଥିଲା । ଏହା ଜନବର୍ଜିତ ଉଦାର ମନୋଭାବ ବୃଦ୍ଧିର ସମୟ ଏବଂ ଭବିଷ୍ୟତରେ ମହାନ୍ ଭାଗ୍ୟରେ ବିଶ୍ୱାସୀ । ସୁତରାଂ ସେଠାକୁ ଯାଉଥିବା ଭାରତୀୟମାନେ ଏହି କଥା ଦେଖି ମୁଗ୍ଧ ହେବାରେ ବିଚିତ୍ରତା କ'ଣ ? ପ୍ରଥମେ ସେଠାକୁ ଅନେକ ହିନ୍ଦୁ ଯାଉଥିଲେ ଏବଂ ସେମାନେ ଇଉରୋପ ଓ ଇଂଲଣ୍ଡର ପ୍ରଭାବିତ ହୋଇ ଫେରିଲେ । କ୍ରମେ ସେମାନଙ୍କର ଏହି ଆଡ଼ମ୍ବର ଓ ଗୁରୁତ୍ୱ ଦୂର ହୋଇଗଲା ଓ ପ୍ରଥମ ଉତ୍ସାହ ଆଉ ରହିଲା ନାହିଁ । ମାତ୍ର ସାର୍ ସୟଦ୍‌ଙ୍କ ଉପରେ ପ୍ରଥମ ଦର୍ଶନର ବିସ୍ମୟ ଓ ଆସକ୍ତି ବହୁଦିନ ରହିଲା । ୧୮୬୯ରେ ଇଂଲଣ୍ଡ ଯାଇଥିଲାବେଳେ ସେ ଭାରତକୁ ନିଜର ଧାରଣା ଦେଇ ଚିଠିସବୁ ଲେଖିଥିଲେ । ଗୋଟିଏ ଚିଠିରେ ସେ ଲେଖିଛନ୍ତି—"ଏସବୁର ଫଳ ସ୍ୱରୂପ ଯଦିଓ ମୁଁ ଭାରତରେ ଇଂରେଜମାନଙ୍କର ଅଭଦ୍ରତା ଏବଂ ଭାରତବାସୀଙ୍କୁ ପଶୁ ଓ ଘୃଣାଯୋଗ୍ୟ ବୋଲି ଗ୍ରହିବାରୁ ମାର୍ଜନା କରିପାରୁ ନାହିଁ, ତଥାପି ମୋର ମନେହୁଏ ସେମାନେ ଆମକୁ ବୁଝି ନପାରି ଏପରି କରନ୍ତି ଏବଂ ମୋତେ ସ୍ୱୀକାର କରିବାକୁ ପଡ଼ିବ କେତେ କଥା ସମ୍ବନ୍ଧରେ ସେମାନଙ୍କର ମତ ବେଶୀ ଭୁଲ ନୁହେଁ । ଇଂରେଜମାନଙ୍କୁ ଖୋସାମତ କରିବାପାଇଁ ମୁଁ ଏହା କହୁ ନାହିଁ । ବାସ୍ତବିକ ମୁଁ କହିପାରେ ଯେ ଭାରତବାସୀ ଉଚ୍ଚ ନୀଚ, ବ୍ୟବସାୟୀ, ଛୋଟ ଦୋକାନୀ, ଶିକ୍ଷିତ ଓ

Digitized by srujanika@gmail.com

ଅଶିକ୍ଷିତ ପ୍ରତ୍ୟେକକୁ ଇଂରେଜ ଲୋକର ଶିକ୍ଷା, ଆଗ୍ରହ, ମହତ୍ତ୍ୱ ସମ୍ବନ୍ଧରେ ତୁଳନା କଲେ ଠିକ ଏକ ସୁନ୍ଦର ଓ ବଡ଼ ଲୋକ ସାମନାରେ କୁତ୍ସିତ କଳୁଷିତ ମନେ ହେବ । ବାସ୍ତବରେ ଆମକୁ ନପୁଂସକ ପଶୁ ବୋଲି ଭାବିବା ଇଂରେଜଙ୍କ ପକ୍ଷରେ କାରଣ ରହିଛି····ମୁଁ ଯାହା ଦେଖିଛି ଏବଂ ପ୍ରତ୍ୟକ୍ଷ ଯାହାସବୁ ଦେଖୁଛି ସେ ସବୁ ଭାରତବାସୀଙ୍କ କଳ୍ପନାର ସମ୍ପୂର୍ଣ୍ଣ ବାହାରେ ····ନୈତିକ ଓ ବୈଷୟିକ ଦୃଷ୍ଟିରୁ ମଣିଷର ସମସ୍ତ ଭଲ ଜିନିଷ ସର୍ବଶକ୍ତିମାନ୍ ଇଉରୋପକୁ ବିଶେଷତଃ ଇଂଲଣ୍ଡକୁ ଅର୍ପଣ କରିଛନ୍ତି ।"*

ଇଉରୋପ ଓ ବ୍ରିଟିଶକୁ ଅଳ୍ପ କେହି ଅଧିକ ପ୍ରଶଂସା କରି ପାରନ୍ତି ନାହିଁ ଏବଂ ଏଥିରୁ ସ୍ପଷ୍ଟ ବୁଝା ପଡ଼ୁଛି ଯେ ସାର୍ ସୟଦ ଖୁବ୍ ମୁଗ୍ଧ ହୋଇଥିଲେ ; ସମ୍ଭବତଃ ନିଜ ଦେଶ ଲୋକଙ୍କୁ ମୋହ-ନିଦ୍ରାରୁ ଉଠାଇ ସେମାନଙ୍କୁ ଅଗ୍ରସର ହେବା ନିମନ୍ତେ ପ୍ରବର୍ତ୍ତାଇବା ପାଇଁ ସେ କଠିନ ଶବ୍ଦ ପ୍ରୟୋଗ କରିଥିଲେ — ସେମାନଙ୍କର ଆଲୋଚନା କରିବା ନିମନ୍ତେ ଏପରି ତୁଳନା କରି ଦେଖାଇଥିଲେ ।

ସେ ହୃଦୟଙ୍ଗମ କରିଥିଲେ ପାଶ୍ଚାତ୍ୟ ଶିକ୍ଷା ପ୍ରସାର ହେବା ଦରକାର ଏବଂ ଶିକ୍ଷା ବିନା ତାଙ୍କ ସମ୍ପ୍ରଦାୟ କ୍ରମଶଃ ଅଧିକରୁ ଅଧିକ ଅନୁନ୍ନତ ଓ କ୍ଷମତାହୀନ ହୋଇ ପଡ଼ିବେ ! ଇଂରେଜୀ ଶିକ୍ଷା ପାଇଲେ ସରକାରୀ ଚାକିରୀ ମିଳିବ—ଗୋଟିଏ ନିରାପଦଭାବ ଓ ସମ୍ମାନ ଆସିବ । ସୁତରାଂ ଏହି ଶିକ୍ଷା ଦିଗରେ ସେ ନିଜର ଶକ୍ତି ନିୟୋଜିତ କଲେ—ନିଜର ଚିନ୍ତାଧାରା ଆଡ଼କୁ ସମ୍ପ୍ରଦାୟର ଗତି ବଦଳାଇବାକୁ ଚେଷ୍ଟାକଲେ । ଅନ୍ୟ ଦିଗରେ ମନଦେବାକୁ ସେ ଇଚ୍ଛୁକ ନଥିଲେ—ନିର୍ବେଦଭାବ ଓ ସଂଶୟରୁ ମୁସଲମାନମାନଙ୍କୁ ମୁକ୍ତ କରିବା ବଡ଼ କଠିନ କାମ ଥିଲା ; ହିନ୍ଦୁ ବୁର୍ଜୋୟାମାନଙ୍କଦ୍ୱାରା ଯେଉଁ ନୂତନ ଜାତୀୟତା ପ୍ରବାହ ଆରମ୍ଭ ହେଲା ଏହା ଏକ ମନ ଅନ୍ୟ ଆଡ଼କୁ

* ହାନ୍ସକୋହ୍ନଙ୍କ ରଚିତ 'History of Nationalism in the East' ରୁ ଉଦ୍ଧୃତ ।

Digitized by srujanika@gmail.com

ହାଣି ନେବାର ଷଡ଼ଯନ୍ତ୍ର ବୋଲି ସେ ମନେ କଲେ ଏବଂ ସେ ଏହାର ବିରୋଧ କଲେ । ହିନ୍ଦୁମାନେ ପାଶ୍ଚାତ୍ୟ ଶିକ୍ଷାରେ ଅନେକ ଶତାବ୍ଦୀ ଆଗରେ ଅଛନ୍ତି—ସେମାନେ ସେମାନଙ୍କୁ ସମାଲୋଚନା କରିବା ବଳାପରେ ମାତ୍ର ଥାଉନ୍ତି; ମାତ୍ର ତାଙ୍କର ଶିକ୍ଷା କାର୍ଯ୍ୟରେ ସେ ସରକାରର ପୂର୍ଣ୍ଣ ସହଯୋଗ ଉପରେ ନିର୍ଭର କରୁଥିଲେ ଏବଂ ଏତେ ଆଗରୁ ଏଥିରେ ଯୋଗ ଦେଇ ସେ ନିଜ ଉଦ୍ଦେଶ୍ୟକୁ ପଣ୍ଡ କରିଦେବାକୁ ଚାହୁଁ ନଥିଲେ । ତେଣୁ ଶିଶୁ ଜାତୀୟ କଂଗ୍ରେସ ବିରୁଦ୍ଧରେ ସେ ଚଳିଲେ ଏବଂ ଏପରି ମନୋଭାବକୁ ବ୍ରିଟିଶ ସରକାର ଅନେକର ସହିତ ଉତ୍ସାହିତ କଲେ ।

ମୁସଲମାନମାନଙ୍କ ମନ ପାଶ୍ଚାତ୍ୟ ଶିକ୍ଷାରେ କେନ୍ଦ୍ରୀଭୂତ କରିବା ନିମନ୍ତେ ସାର୍ ସୟଦଙ୍କ ଉଦ୍ୟମ ଯେ ଠିକ୍ ସନ୍ଦେହନାହିଁ । ତାହା ବ୍ୟତୀତ ସେମାନେ ଭାରତର ନୂତନ ଧରଣର ଜାତୀୟତା ଗଢ଼ିବାରେ କୌଣସି କାର୍ଯ୍ୟକାରୀ ଅଂଶ ନେଇ ପାରିନଥାନ୍ତେ ଏବଂ ହିନ୍ଦୁମାନଙ୍କର ଉତ୍ତମ ଶିକ୍ଷା ଓ ଶକ୍ତିଶାଳୀ ଆର୍ଥିକ ଅବସ୍ଥା ଦୃଷ୍ଟିରେ ସେମାନଙ୍କୁ ସେମାନଙ୍କର ପଦାଙ୍କାବନ କରିବାକୁ ପଡ଼ିଥାନ୍ତା । ଐତିହାସିକ କମ୍ୟୁ ମତବାଦ ଅନୁସାରରେ ମୁସଲମାନମାନେ ସେତେବେଳେ ବୁର୍ଜୋୟା ଆନ୍ଦୋଳନରେ ଯୋଗଦେବାକୁ ପ୍ରସ୍ତୁତ ନଥିଲେ; କାରଣ ହିନ୍ଦୁମାନଙ୍କ ପରି ସେମାନଙ୍କ ଭିତରେ ବୁର୍ଜୋୟା ହୋଇ ନଥିଲେ । ସୁତରାଂ ସାର ସୟଦଙ୍କ କାର୍ଯ୍ୟ ଅତ୍ୟନ୍ତ ମାତ୍ରା ବୋଲି ମନେହେଉଥିଲେ ସୁଦ୍ଧା ପ୍ରକୃତ ବୈପ୍ଳବିକ ଦିଗରେ ହୋଇଥିଲା । ମୁସଲମାନମାନେ ସାମନ୍ତବାଦୀ ଗଣତନ୍ତ୍ର ବିରୋଧୀ ମତବାଦରେ ଅଚ୍ଛନ୍ନ ଥିଲେ; ସେତେବେଳେ ହିନ୍ଦୁଙ୍କ ମଧ୍ୟବିତ୍ତ ଶ୍ରେଣୀ ଇଉରୋପୀୟାନ୍ ଲିବରାଲଙ୍କ ପରି ଚିନ୍ତା କରିବାକୁ ଲାଗିଥିଲେ । ଉଭୟେ ହିଁ ଅତ୍ୟନ୍ତ ମଡ଼ରେଟ୍ ଥିଲେ ଏବଂ ବ୍ରିଟିଶ ଶାସନ ଉପରେ ନିର୍ଭର କରୁଥିଲେ । ସାର ସୟଦଙ୍କ ଉଦାରନୈତିକ ଭାବ ହେଉଛି ଜମିଦାର ଶ୍ରେଣୀର ଉଦାରନୈତିକତା—କେତେକ ମୁଷ୍ଟିମେୟ ସଂଗଠିତ ମୁସଲମାନ ଏହି ଶ୍ରେଣୀଭୁକ୍ତ । ହିନ୍ଦୁ ମଡ଼ରେଟ୍ ମତ ହେଉଛି କେତେକ ସାବଧାନ ବ୍ୟବସାୟୀ ଓ ବୃତ୍ତିଜୀବି ନିଜର ଶିଳ୍ପ ଓ ଟଙ୍କା ପଇସାର ବୃଦ୍ଧି କରିବାର

Digitized by srujanika@gmail.com

ଦାଢ଼ି ରଖିଥିଲେ । ଏହି ହିନ୍ଦୁ ରାଜନୀତିଜ୍ଞମାନେ ଇଂରେଜ ଲିବରାଲ-ମାନଙ୍କର ତତ୍କାଳୀନ ନେତା ଗ୍ଲାଡ଼ଷ୍ଟୋନ, ବ୍ରାଇଟ ପ୍ରଭୃତିଙ୍କୁ ଆଦର୍ଶରୂପେ ଦେଖୁଥିଲେ । ମୁସଲମାନ ନେତାଏ କଣ କରୁଥିଲେ କି ନା ତାହା ମୋର ସନ୍ଦେହ ଅଛି । ସେମାନେ ସମ୍ଭବତଃ ଇଂଲଣ୍ଡର କନ୍‌ଜରଭେଟିଭ ଓ ସାମ୍ରାଜ୍ୟବାଦୀ ଲୋକଙ୍କୁ ପ୍ରଶଂସା କରୁଥିଲେ । ବାସ୍ତବିକ୍ ଅର୍ମେନିଆର ହତ୍ୟାକାଣ୍ଡ ଏବଂ ତୁର୍କିର ବାରମ୍ବାର ନିନ୍ଦା ହେତୁ ସେମାନେ ଗ୍ଲାଡ଼ଷ୍ଟୋନଙ୍କୁ ଦୁଇ ଚକ୍ଷୁରେ ଦେଖିପାରୁନଥିଲେ । ତେବେ ଯେଉଁମାନେ ତୁର୍କି ପ୍ରତି ଅଧିକ ବନ୍ଧୁଭାବ ଦେଖାଉଥିବାରୁ—ଅବଶ୍ୟ ଖୁବ୍ ଅଳ୍ପ ଲୋକେ ଏଥିରେ ଆଗ୍ରହ ନେଉଥିଲେ—ସେମାନଙ୍କର ତାଙ୍କ ପ୍ରତି ଟିକିଏ ପକ୍ଷପାତ ଭାବ ଥିଲା ।

ସାର୍ ସୟଦ ଅହମଦ ଖାଁଙ୍କର କେତେକ ବକ୍ତୃତା ପାଠ କଲେ ଆଜି ଆଶ୍ଚର୍ଯ୍ୟ ଲାଗେ । ୧୮୮୭ର ଡିସେମ୍ବର ମାସରେ ଗୋଟିଏ ବକ୍ତୃତା ଦେଇ କଂଗ୍ରେସର ଅଧିବେଶନ ହେଉଥିଲାବେଳେ କଂଗ୍ରେସର ଅତି ସାଧାରଣ ଦାବୀକୁ ମଧ୍ୟ ସେ ସମାଲୋଚନା ଓ ନିନ୍ଦା କରିଥିଲେ । ସାର୍ ସୟଦ୍ କହିଥିଲେ "......ସରକାର ଯଦି ଆପଣାର ସ୍ଥାନରେ ମୁଁ ଛିଡ଼ା କରେ କିମ୍ବା ବ୍ରହ୍ମଦେଶ ଜୟ କରେ, ତେବେ ସେ ନୀତି ସମାଲୋଚନା କରିବା ଆମର କିଛି ଅଧିକାର ନାହିଁ......ସରକାର ଆଇନ ତିଆରି କରିବା ନିମନ୍ତେ ଗୋଟିଏ ବ୍ୟବସ୍ଥାପକ କରିଛି । ପ୍ରଦେଶମାନଙ୍କର ଯେଉଁ ଗର୍ଭର୍ଣ୍ଣରମାନେ ଶାସନ ଓ ଲୋକଙ୍କ ଅବସ୍ଥା ସମ୍ବନ୍ଧରେ ଭଲରୂପେ ପରିଚିତ ହୋଇଥାନ୍ତି, ସେମାନଙ୍କୁ ଏହି କାଉନ୍‌ସିଲକୁ ସଦସ୍ୟ ରୂପେ ସରକାର ବାଛି ଆଣନ୍ତି ଏବଂ ଉଚ୍ଚ ସାମାଜିକ ଅବସ୍ଥାପନ୍ନ ଏବଂ ଆସେମ୍ବ୍ଲିରେ ବସିବା ଉପଯୁକ୍ତ କେତେକ ଲୋକଙ୍କୁ (ବଡ଼ ଜମିଦାରଙ୍କୁ) ମଧ୍ୟ ନିଆଯାଏ । କେତେକ ଲୋକ କହି ପାରନ୍ତି ଦକ୍ଷତା ଶକ୍ତିର ନ କରି କେବଳ ସାମାଜିକ ଅବସ୍ଥା ଦୃଷ୍ଟିରୁ କାହିଁକି ବଛାଯାଏ ? ମୁଁ ତୁମକୁ ପଚାରେ—ଜଣେ ନିମ୍ନ ଓ ସାଧାରଣ ଶ୍ରେଣୀର ଲୋକ ଯଦି ଏମ୍. ଏ. ବା ବି. ଏ. ହୋଇଥାଏ ଏବଂ ଆବଶ୍ୟକୀୟ ଦକ୍ଷତା ତା'ର ଥାଏ, ତେବେ ସେ ଅଭିଜାତ ଶ୍ରେଣୀଙ୍କ ଉପରେ ପ୍ରଭୁତ୍ୱ କରିବା ଏବଂ ଆମର ଜୀବନ ଓ ସମ୍ପଦ ସ୍ପର୍ଶ କରିବାର ଆଇନ

Digitized by srujanika@gmail.com

ଛଆଣ କରିବା କି’ଣ ଆମେ ପସନ୍ଦକରିବା ? କେବେହେଁ ନୁହେଁ......
କେବଳ ଏକ ବର୍ଗର ଲୋକ ବ୍ୟତୀତ ଅନ୍ୟ କାହାରିକି ବଡ଼ଲାଟ ତାଙ୍କର ସହକର୍ମୀ ରୂପେ ବାଛି ଭଲ ପର ବ୍ୟବହାର କରି ପାରିବେ ନାହିଁ। ସେମାନଙ୍କୁ ପୁଣି ହୁଏତ ଡ଼ିଉକ୍ ଓ ଅର୍ଲମାନଙ୍କ ସହିତ ଭୋଜି ଖାଇବାକୁ ପଡ଼ିପାରେ । ଆମେ କି’ଣ କହି ପାରିବା ଯେ ମାଇନ ପ୍ରଣୟନ ସଂକାଶେ ସରକାର ଯେଉଁ ପନ୍ଥା ଗ୍ରହଣ କରୁଛନ୍ତି, ଏହା ଲୋକମତ ଯେଉଁ କାର୍ଯ୍ୟ କରୁନାହିଁ ? ମାଇନ ଗଢ଼ିବାରେ ଆମର କିଛି ହାତ ନାହିଁ ବୋଲି କ’ଣ ଆମେ କହି ପାରିବା ? ଅବଶ୍ୟ ନୁହେଁ !” (ହାନସକୋହନଙ୍କ ରଚିତ History of Nationalism in the East ରୁ ଉଦ୍ଧୃତ)

ଭାରତରେ ‘ଗଣତାନ୍ତ୍ରିକ ଇସଲାମ୍’ଙ୍କର ଥିଲା ଏହି ମତ । ଆଜି ମଧ୍ୟ ତାଲୁକଦାର କିମ୍ବା ଆଗ୍ରା ପ୍ରଦେଶ, ବଙ୍ଗଳା ଓ ବିହାର ଜମିଦାର-ମାନେ ଏପରି କହିବାକୁ ଆଜି ସାହସ କରିବେ କି ନା ସନ୍ଦେହ । କିନ୍ତୁ ଏ ସମ୍ବନ୍ଧରେ ସାର ସୟଦ ଏକା ନୁହନ୍ତି, ଆଶ୍ଚର୍ଯ୍ୟ କଥା ଯେ ଆଜି ଅନେକ କଂଗ୍ରେସ ବକ୍ତୃତା ପଢ଼ିଲେ ସମାନ ଭାବ ପ୍ରକାଶ ପାଏ । ମାତ୍ର ଏଥିରୁ ପରିଷ୍କାର ବୁଝା ପଡ଼ୁଛି, ସେତେବେଳେ ହିନ୍ଦୁ ମୁସଲମାନ ସମସ୍ୟାରେ ରାଜନୈତିକ ଓ ଅର୍ଥନୈତିକ ବନିଆଦ ଥିଲା :—ଉନ୍ନତ ଓ ସ୍ୱଚ୍ଛଳ ଆର୍ଥିକ ଅବସ୍ଥାପନ୍ନ ମଧ୍ୟବିତ୍ତ ଶ୍ରେଣୀ (ହିନ୍ଦୁମାନଙ୍କୁ) ସାମନ୍ତବାଦୀ ଜମିଦାର ଶ୍ରେଣୀ (ମୁସଲମାନ) କେତେକ ପରିମାଣରେ ବାଧା ଦେଉଥିଲେ । ହିନ୍ଦୁ ଜମିଦାରମାନେ ତାଙ୍କର ବୁର୍ଜୋୟା ଶ୍ରେଣୀରେ ଘନିଷ୍ଠ ଭାବରେ ସଂଯୁକ୍ତ ଥିଲେ ଏବଂ ଏହିରୂପେ ମଧ୍ୟବିତ୍ତ ଶ୍ରେଣୀର ଦାବୀ ପ୍ରତି ସେମାନେ ହୁଏତ ନୀରବ କିମ୍ବା ସହାନୁଭୂତି ସମ୍ପନ୍ନ ଥିଲେ—ଏଥିରେ ସେମାନେ ପ୍ରଭାବ ପକାଇ ପାରୁ ଥିଲେ । ସବଦା ଯାହା କରନ୍ତି ସେହିରୂପେ ବ୍ରିଟିଶ ସାମନ୍ତବାଦୀମାନଙ୍କ ପକ୍ଷରେ ରହିଲେ । ଏଥି ଭିତରେ ଜନସାଧାରଣ ଏବଂ ନିମ୍ନ ମଧ୍ୟବିତ୍ତଶ୍ରେଣୀର କେଉଁଠାରେ ସ୍ଥାନ ନ ଥିଲା ।

ସାର୍ ସୟଦଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାରତର ମୁସଲମାନଙ୍କୁ [illegible] ଏବଂ ଅଲିଗଡ଼ କଲେଜ ଏହି ଆଶା ଓ ଆକାଙ୍କ୍ଷାର

Digitized by srujanika@gmail.com

ଦୃଶ୍ୟମାନ ପ୍ରତୀକ ହୋଇ ରହିଲା । ପରିବର୍ତ୍ତିତ ସମୟରେ ପ୍ରଗତିଶୀଳ ପ୍ରବୃତ୍ତି ଅତିଶୀଘ୍ର ନିଜର କାର୍ଯ୍ୟ ଶେଷ କରି କମ୍ ହୋଇଯାଇ ପ୍ରଗତିରେ ବାଧା ପହଞ୍ଚାଇପାରେ । ଭାରତୀୟ ଲିବରାଲମାନେ ଏହାର ସ୍ପଷ୍ଟ ଦୃଷ୍ଟାନ୍ତ । ସେମାନେ ଆମକୁ ବାରମ୍ବାର କହନ୍ତି ଯେ ପ୍ରାଚୀନ କଂଗ୍ରେସର ପରମ୍ପରା ଭିତରେ ସେମାନେ ପ୍ରକୃତ ଉତ୍ତରାଧିକାରୀ, ଆମେ ସବୁ ଉପରେ ଆସି ପଡ଼ୁଛୁ; ଏହା ସତ୍ୟ । ମାତ୍ର ସେମାନେ ଭୁଲିଯାଆନ୍ତି ପୃଥିବୀ ପରିବର୍ତ୍ତିତ ହୁଏ ଏବଂ ପୁରାତନ କଂଗ୍ରେସ-ପରମ୍ପରା ଚାଳିବର୍ଷ ତଳର ପରି ମିଳେଇ ଯାଇଛି—ଏହା କେବଳ ସ୍ମୃତିସ୍ୱରୂପ ରହିଛି । ସେହିପରି ସାର୍ ସୟଦଙ୍କ ବାର୍ତ୍ତା ଯେତେବେଳେ ପ୍ରଚାର ହୋଇଥିଲା ସେତେବେଳେ ତାହାର ଯଥାର୍ଥତା ଓ ଆବଶ୍ୟକତା ଥିଲା; ମାତ୍ର ଏକ ପ୍ରଗତିଶୀଳ ସମ୍ପ୍ରଦାୟର ଏହା ଏକମାତ୍ର ଆଦର୍ଶ ହୋଇ ପାରେ ନା । ଏହା ମଧ୍ୟ ସମ୍ଭବ ଯେ ସେ ଯଦି ଆଜି ଏକ ପୁରୁଷ ବଞ୍ଚିଥାନ୍ତେ, ତେବେ ସେହି ବାର୍ତ୍ତାକୁ ଏକ ନୂତନ ରୂପ ଦେଇଥାନ୍ତେ କିମ୍ବା ଅନ୍ୟ ନେତାମାନେ ତାଙ୍କ ପୁରୁଣା ସନ୍ଦେଶର ପୁନରାୟ ବ୍ୟାଖ୍ୟା କରି ପରିବର୍ତ୍ତିତ ଅବସ୍ଥା ସହିତ ଖାପ ଖୁଆଇ ଚଳିଥାନ୍ତେ । ମାତ୍ର ସାର୍ ସୟଦଙ୍କ ସଫଳତା ଏବଂ ତାଙ୍କ ସ୍ମୃତିକୁ ଯେପରି ଧରି ରଖାଗଲା, ସେଥିରେ ପୁରୁଣା ବିଶ୍ୱାସକୁ ଭୁଲିଯିବା ଲୋକଙ୍କ ପକ୍ଷରେ କଷ୍ଟକର ହେଲା ଏବଂ ଦୁର୍ଭାଗ୍ୟର କଥା ନୂତନ ପନ୍ଥା ଦେଖାଇଲା ପରି କୌଣସି ଖ୍ୟାତନାମା ମୁସଲମାନ ଭାରତରେ ନ ଥିଲେ । ଆଲିଗଡ଼ କଲେଜ ଭଲ କାର୍ଯ୍ୟ କଲା । ବହୁ ସଂଖ୍ୟକ ଦକ୍ଷ ଲୋକଙ୍କୁ ବାହାର କଲା ଏବଂ ଶିକ୍ଷିତ ମୁସଲମାନମାନଙ୍କର ମାନସିକ ଗତି ବଦଳାଇ ଦେଲା—ତଥାପି ଏହା ଯେଉଁ ଛାଞ୍ଚରେ ଗଢ଼ା ହୋଇଥିଲା ସେଥିରୁ ମୁକ୍ତ ହୋଇ ପାରିଲା ନାହିଁ—ସାମନ୍ତବାଦ ସବୁ ଏଠାରେ ରାଜତ୍ୱ କରୁଥିଲା ଏବଂ ସାଧାରଣ ଛାତ୍ରର ଉଦ୍ଦେଶ୍ୟ ଥିଲା ସରକାରୀ ଚାକିରୀ ପାଇବା । ଦୁର୍ଲ୍ଲଭ ଜିନିଷ ପାଇବା ଆଶାରେ ଋଜୁତାର ଖୋଜିବାରେ ତାହାର ଆଗ୍ରହ ନାହିଁ । ସେ ଡେପୁଟି କଲେକ୍ଟର ହେଲେ ଖୁସି ହେଉଥିଲା । ବିରାଟ ଇସଲାମ ଗଣତନ୍ତ୍ରର ସେ ଏକ ଅଙ୍ଗ ବୋଲି ତାକୁ କହିଲେ ସେ ଖୁସି ହେଉଥିଲା ଏବଂ ନିଜର ଭ୍ରାତୃଭାବ ଦେଖାଇବା ନିମନ୍ତେ ସେ ତା ମୁଣ୍ଡରେ

Digitized by srujanika@gmail.com

ନାଲି ଟୋପି ପିନ୍ଧି ସନ୍ତୁଷ୍ଟ ହେଉଥିଲେ । ଏହାକୁ ତୁର୍କି ଫେଜ୍ କହନ୍ତି— ସେତେବେଳେ ତୁର୍କର ଲୋକେ ଏହାକୁ ଛାଡ଼ି ଥାଆନ୍ତି । ଗଡ଼ିତ ରେ ତାହାର ଅପ୍ରତିହତ ଅଧିକାର ସମ୍ବନ୍ଧରେ ସେ ଜଗର୍ବ ରହିଥିଲେ, ଅର୍ଥାତ୍ ନିଜର ମୁସଲମାନ ଭାଇଙ୍କ ସହିତ ଏକାଠି ଖାଇବା ଓ ପ୍ରାର୍ଥନା କରିବାର ଅଧିକାର ଅଛି ବୋଲି ଅନୁଭବ କରୁଥିବାରୁ ସେ ଭାରତରେ ଅନ୍ୟ ରାଜନୈତିକ ଗଣତନ୍ତ୍ର କିମ୍ବା ଅନ୍ୟ କିଛି ଅବସ୍ଥିତି ସମ୍ବନ୍ଧରେ ଆଉ ଧାର୍ଣ୍ଣି ହେଲେ ନାହିଁ ।

ସରକାରୀ ଚାକିରୀ ପାଇବାର ଏହି ସଙ୍କୀର୍ଣ୍ଣ ଦୃଷ୍ଟିକୋଣ ଓ ଇଚ୍ଛା କେବଳ ଆଲିଗଡ଼ କିମ୍ବା ଅନ୍ୟ ସ୍ଥାନରେ ମୁସଲମାନ ଛାତ୍ରଙ୍କ ଭିତରେ ନ ଥିଲା । ହିନ୍ଦୁ ଛାତ୍ରଙ୍କ ମଧ୍ୟରେ ଏହା ଥିଲା—ସେମାନେ ଆଦୌ ଦୁଃସାହସିକ ପ୍ରକୃତିର ନୁହନ୍ତି । ମାତ୍ର ଅବସ୍ଥା ସେମାନଙ୍କ ଭିତରୁ ଅନେକଙ୍କୁ ପୁରୁଣା ବାଟ ଛାଡ଼ିବାକୁ ବାଧ୍ୟ କରିଥିଲା । ସେମାନଙ୍କର ସଂଖ୍ୟା ଥିଲା ବହୁତ ଏବଂ ସମସ୍ତଙ୍କପାଇଁ ଯଥେଷ୍ଟ ଚାକିରୀ ନ ଥିଲା—ତେଣୁ ସେମାନେ ଶ୍ରେଣୀଭ୍ରଷ୍ଟ ଶିକ୍ଷିତ ସଂପ୍ରଦାୟ ହୋଇ ବିପ୍ଳବୀ ଜାତୀୟ ଆନ୍ଦୋଳନର ମେରୁଦଣ୍ଡ ହେଲେ ।

ସାର୍ ସୟଦ୍ ଅହମଦ ଖାଁଙ୍କର ରାଜନୀତିକ ବାର୍ତ୍ତାର ସ୍ୱରୂପ ପଞ୍ଜାବରୁ ଭାରତୀୟ ମୁସଲମାନମାନେ ମୁକ୍ତ ହୋଇ ନ ଥାନ୍ତି, ଏହି ସମୟରେ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ସଂଗ୍ରାମଶୀଳ ଜାତୀୟ ଆନ୍ଦୋଳନ ଏ ମୁସଲମାନଙ୍କ ଭିତରେ ସରକାର ଗୋଟାଏ ଭେଦ ସୃଷ୍ଟି କରିବାର ସୁବିଧା ପାଇଲା । 'ଭାରତରେ ଅଶାନ୍ତି'ନାମକ ପୁସ୍ତକରେ ସାର୍ ଭାଲେଣ୍ଟାଇନ ଚିରୋଲ ୧୯୧୦ରେ ଲେଖିଛନ୍ତି—"ଏହା ଦୃଢ଼ତାର ସହିତ କୁହାଯାଇ ପାରେ ଯେ ବ୍ରିଟିଶ ଶାସନର ଦୃଢ଼ତା ଓ ସ୍ଥାୟିତ୍ୱ ନିମନ୍ତେ ବର୍ତ୍ତମାନ ଯେପରି ଭାରତର ମୁସଲମାନମାନେ ନିଜର ସ୍ୱାର୍ଥ ଓ ଆକାଙ୍କ୍ଷା ସହିତ ଲାଗି ପଡ଼ିଛନ୍ତି, ତାହା ଏଥିପୂର୍ବରୁ କେବେ ନଥିଲା ।" ରାଜନୀତି କ୍ଷେତ୍ରରେ ଭବିଷ୍ୟତ୍ ବାଣୀ କରିବା ବିପଜ୍ଜନକ । ସାର୍ ଭାଲେଣ୍ଟାଇନ

ନେଇଥିବାର ପାଞ୍ଚବର୍ଷ ପରେ ସେମାନଙ୍କୁ ପଛରେ ପକାଇ ରଖିଥିବା ବାନ୍ଧନକୁ ଭାଙ୍ଗିଦେବା ନିମନ୍ତେ ଶିକ୍ଷିତ ମୁସଲମାନମାନେ କଠିଣ ଉଦ୍ୟମ କରିଥିଲେ ଏବଂ କଂଗ୍ରେସ ପାଖରେ ଆସି ଛିଡ଼ା ହେଲେ । ୧୦ ବର୍ଷ ପରେ ଭାରତର ମୁସଲମାନମାନେ କଂଗ୍ରେସକୁ ଅତିକ୍ରମ କରି ଯାଇଥିବାର ମନେ ହେଲା ଏବଂ ବାସ୍ତବିକ ସେମାନେ କଂଗ୍ରେସର ନେତୃତ୍ୱ ନେଇଥିଲେ ! ମାତ୍ର ଏହି ଦଶବର୍ଷ ସ୍ମରଣୀୟ ଦିବସ—ମହାଯୁଦ୍ଧ ଏହି ସମୟରେ ହୋଇ ଶେଷ ହୋଇଥିଲା ଏବଂ ଜଗତକୁ ବିପର୍ଯ୍ୟସ୍ତ କରି ରଖି ଯାଇଥିଲା ।

ତଥାପି ଉପର ଠାଉରିଆ ଭାବରେ ସାର୍ ଭାଲେଣ୍ଟାଇନଙ୍କ ପକ୍ଷରେ ଏହି ସିଦ୍ଧାନ୍ତରେ ପହଞ୍ଚିବାର ପ୍ରତ୍ୟେକ କାରଣ ଥିଲା । ଆଗା ଖାଁ ମୁସଲମାନମାନଙ୍କର ନେତା ସ୍ୱରୂପ ବାହାରିଥିଲେ—ଏହି ଗୋଟିକ ଘଟଣାହିଁ ଦେଖାଇ ଦେଇ ଯେ ସେମାନେ ସେହି ସାମନ୍ତବାଦୀ ପରମ୍ପରାରେ ଅଛନ୍ତି; କାରଣ ଆଗାଖାଁ କିଛି ବୁର୍ଜୋୟା ନେତା ନ ଥିଲେ । ସେ ଜଣେ ବିପୁଳ ଐଶ୍ୱର୍ଯ୍ୟଶାଳୀ ଯୁବରାଜ ଏବଂ ଏକ ଧର୍ମ ସମ୍ପ୍ରଦାୟର ନେତା; ବ୍ରିଟିଶ ଶାସକ ସମ୍ପ୍ରଦାୟଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ହେତୁ ବ୍ରିଟିଶ ଦୃଷ୍ଟିରୁ ସେ ଜଣେ 'ମହାନ୍ ଆଲୋକ' । ସେ ଜଣେ ମାର୍ଜିତରୁଚିବିଶିଷ୍ଟ ଲୋକ, ଅଧିକାଂଶ ସମୟ ଇଉରୋପରେ ଥାଆନ୍ତି, ଜଣେ ସମ୍ପତ୍ତିଶାଳୀ ଜମିଦାର ଏବଂ ଖେଳାଳୀର ଜୀବନ କଟାନ୍ତି; ତେଣୁ ସେ ବ୍ୟକ୍ତିଗତ ଭାବରେ ସାମ୍ପ୍ରଦାୟିକ କିମ୍ବା ଗୋଷ୍ଠୀ ବ୍ୟାପାରରେ ସଂକୀର୍ଣ୍ଣମନା ନୁହନ୍ତି । ସେ ମୁସଲମାନଙ୍କର ନେତା ହେବା ଅର୍ଥ ମୁସଲମାନ ଜମିଦାରଶ୍ରେଣୀ ଓ କ୍ରମବର୍ଦ୍ଧିତ ବୁର୍ଜୋୟା ଶ୍ରେଣୀଙ୍କୁ ବ୍ରିଟିଶ ସରକାର ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ କରାଇବା, ପ୍ରକୃତରେ ସାମ୍ପ୍ରଦାୟିକ ସମସ୍ୟା ତା ତୁଳନାରେ ଦ୍ୱିତୀୟ ସ୍ଥାନ ନେଇଥିଲା ଏବଂ ଅସଲ ଉଦ୍ଦେଶ୍ୟ ନିମନ୍ତେ ଏଥିରେ ଜୋର ଦିଆ ଯାଉଥିଲା । ସାର୍ ଭ୍ୟାଲେଣ୍ଟାଇନ ଚିରୋଲ ଲେଖିଛନ୍ତି ଯେ ଆଗାଖାଁ ସେ ସମୟର ବଡ଼ଲାଟ ଲର୍ଡ଼ ମିଣ୍ଟୋଙ୍କୁ କହିଥିଲେ ଯେ "ବଙ୍ଗଭଙ୍ଗ ହେତୁ ଘଟିଥିବା ରାଜନୀତିକ ପରିସ୍ଥିତି ସମ୍ବନ୍ଧରେ ମୁସଲମାନମାନଙ୍କର ମତ ଏହି ଯେ ଯଦି ତୁରନ୍ତ ହୋଇ ହିନ୍ଦୁମାନଙ୍କୁ ରାଜନୀତିକ କ୍ଷମତା ଦିଆଯାଏ,

Digitized by srujanika@gmail.com

ତେବେ ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କରହିଁ ପ୍ରାଧାନ୍ୟ ହେବ—ଏହା ବ୍ରିଟିଶ ଶାସନର ସ୍ଥାୟିତ୍ୱ ଏବଂ ଅତ୍ୟନ୍ତ ରାଜଭକ୍ତ ସଂଖ୍ୟାନ୍ୟୂନ ମୁସଲମାନମାନଙ୍କ ସ୍ୱାର୍ଥ ପକ୍ଷରେ ମଧ୍ୟ ବିପଜ୍ଜନକ ।”

କିନ୍ତୁ ବ୍ରିଟିଶ ସରକାର ସହିତ ଉପରେ ପଡ଼ି ରହିବା ପଛରେ ଅନ୍ୟାନ୍ୟ ଶକ୍ତି ମଧ୍ୟ କାର୍ଯ୍ୟ କରୁଥିଲେ । ନୂତନ ମୁସଲମାନ ବୁର୍ଜୋୟା ଶ୍ରେଣୀ ପ୍ରଚଳିତ ଅବସ୍ଥାରେ ଅଧିକରୁ ଅଧିକ ଅସନ୍ତୁଷ୍ଟ ହେବା ଅନିବାର୍ଯ୍ୟ ଏବଂ ସେମାନେ ଜାତୀୟ ଆନ୍ଦୋଳନ ଆଡ଼କୁ ଟାଣି ହୋଇ ଆସୁଥିଲେ । ଆଗା ଖାଁ ନିଜେ ଏହା ଲକ୍ଷ୍ୟ କରି ବ୍ରିଟିଶଙ୍କୁ ସ୍ପଷ୍ଟଭାବରେ ସତର୍କ କରି ଦେଇଥିଲେ । ସେ ୧୯୧୪ ମସିହା ଜାନୁୟାରୀ ମାସର ‘ଏଡ଼ିନ୍‌ବର୍‌ଗ ରିଭିଉ’ (ମୁଦ୍ରିତ ବର୍ଷ ପୂର୍ବରୁ) ଏକ ଲେଖାରେ ମୁସଲମାନଙ୍କଠାରୁ ହିନ୍ଦୁଙ୍କୁ ପୃଥକ୍ କରିବା ନୀତି ଛାଡ଼ିବା ନିମନ୍ତେ ସରକାରକୁ ପରାମର୍ଶ ଦେଇଥିଲେ ଏବଂ ଯୁବକ ଭାରତ ହିନ୍ଦୁ ଓ ମୁସଲମାନ ସମସ୍ତଙ୍କ ଭିତରେ ଯେଉଁ ଉଗ୍ର ଜାତୀୟ ଭାବ ପ୍ରକାଶ ପାଉଛି ଏହା ପ୍ରତିରୋଧ କରିବା ନିମନ୍ତେ ଦୁଇ ସମ୍ପ୍ରଦାୟର ହିନ୍ଦୁ ଓ ମୁସଲମାନ ମଡ଼ରେଟ୍‌ମାନଙ୍କୁ ଏକତ୍ର କରି କାର୍ଯ୍ୟରେ ଲଗାଇବା ଦରକାର । ଏଥିରୁ ପରିଷ୍କାର ହେଉଛି ଯେ ମୁସଲମାନମାନଙ୍କର ସାମ୍ପ୍ର-ଦାୟିକ ସ୍ୱାର୍ଥ ଅପେକ୍ଷା ଭାରତରେ ରାଜନୀତିକ ପରିବର୍ତ୍ତନରେ ବାଧା-ଦେବାରେ ସେ ଅଧିକ ମନ ଦେଉଥିଲେ ।

କିନ୍ତୁ ମୁସଲମାନ ବୁର୍ଜୋୟାମାନଙ୍କର ଜାତୀୟ ଆନ୍ଦୋଳନ ପ୍ରତି ଆକର୍ଷଣକୁ ଆଗା ଖାଁ ବାଧା ଦେଇ ପାରିଲେ ନାହିଁ । ମହାସମର ଯୋଗୁ ଏହା ଶୀଘ୍ର ହେଲା ଏବଂ ନୂତନ ନେତା ବାହାରିବାରୁ ଆଗା ଖାଁ ପଛରେ ରହିଗଲେ । ଏପରି କି ଆଲିଗଡ଼ କଲେଜ ପୁଣି ସ୍ୱର ବଦଳାଇଲା ଏବଂ ନୂତନ ନେତାଙ୍କ ଭିତରେ ସବୁଠାରୁ ଶକ୍ତିଶାଳୀ ଥିଲେ ଅଲି ଭାଇ ଦୁହେଁ —ଏ ଦୁହେଁଯାକ ଆଲିଗଡ଼ର ଛାତ୍ର । ଡାକ୍ତର ଏମ୍‌. ଏ. ଆନ୍‌ସାରୀ, ମୌଲନା ଅବୁଲ କଲମ୍ ଆଜାଦ ଏବଂ ଅନ୍ୟ ବୁର୍ଜୋୟା ନେତାମାନେ ମଧ୍ୟ ମୁସଲମାନମାନଙ୍କର ରାଜନୀତିକ ସମସ୍ୟାରେ ପ୍ରଧାନ ଭାଗ ନେଲେ । ସେହିପରି ଧୀର ଭାବରେ ହେଲେ ମଧ୍ୟ ଏମ୍‌. ଏ. ଜିନା ମଧ୍ୟ କାର୍ଯ୍ୟ

Digitized by srujanika@gmail.com

କଲେ । ଗାନ୍ଧିଜୀ ଏହିସବୁ ନେତାଙ୍କ ଭିତରୁ ଅଧିକାଂଶଙ୍କୁ (କିନ୍ତୁ ଜିନ୍ନାଙ୍କୁ ନୁହେଁ) ଓ ସାଧାରଣ ଭାବରେ ମୁସଲମାନମାନଙ୍କୁ ଅସହଯୋଗ ଆନ୍ଦୋଳନ ଭିତରକୁ ଟାଣି ଆଣିଥିଲେ ଏବଂ ୧୯୧୯-୨୩ ପର୍ଯ୍ୟନ୍ତ ଘଟଣାମାନଙ୍କରେ ସେମାନେ ପ୍ରଧାନ ଭାଗ ନେଇଥିଲେ ।

ତା ପରେ ପ୍ରତିକ୍ରିୟା ଆସିଲା—ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ସାମ୍ପ୍ରଦାୟିକ ଓ ଅନୁନ୍ନତ ଲୋକେ ସେମାନଙ୍କର ନିଭୃତ କୋଠରୀରୁ ପୁଣି ବାହାରିଲେ । ଏହା ଅତି ଧୀରେ ଧୀରେ ହେଲା, ମାତ୍ର ବରାବର ଚାଲିଲା । ପ୍ରଥମ ଥରପାଇଁ ହିନ୍ଦୁ ମହାସଭାର ଟିକିଏ ପ୍ରାଧାନ୍ୟ ବଢ଼ିଲା—ଏହାର ପ୍ରଧାନ କାରଣ ହେଉଛି ସାମ୍ପ୍ରଦାୟିକ ଅଶାନ୍ତି, ମାତ୍ର ରାଜନୈତିକ ଭାବରେ ଏହା କଂଗ୍ରେସ ଉପରେ ଅଧିକ ପ୍ରଭାବ ପକାଇ ପାରି ନ ଥିଲା । ସାମ୍ପ୍ରଦାୟିକ ମୁସଲମାନ ଅନୁଷ୍ଠାନଗୁଡ଼ିକ ମୁସଲମାନ ଜନସାଧାରଣଙ୍କ ଉପରେ ସେମାନଙ୍କର ନଷ୍ଟ ହୋଇଥିବା ସ୍ଥାନକୁ ପୁନର୍ବାର ଫେରି ପାଇବାରେ କେତେକ ପରିମାଣରେ ସଫଳ ହୋଇଥିଲେ । ଏହା ସତ୍ତ୍ୱେ ମୁସଲମାନ ନେତାଙ୍କ ଭିତରୁ ଏକ ଶକ୍ତିଶାଳୀ ଦଳ ବରାବର କଂଗ୍ରେସ ସାଥିରେ ରହିଥିଲେ । ଏଥି ଭିତରେ ରାଜନୈତିକ ଭାବରେ ସମ୍ପୂର୍ଣ୍ଣ ପ୍ରତିକ୍ରିୟାପନ୍ଥୀ ସାମ୍ପ୍ରଦାୟିକ ମୁସଲମାନ ନେତାଙ୍କୁ ବ୍ରିଟିଶ ସରକାର ସବୁପ୍ରକାରେ ଉତ୍ସାହ ଦେବାକୁ ଲାଗିଲା । ଏହି ପ୍ରତିକ୍ରିୟାପନ୍ଥୀଙ୍କର ସଫଳତା ଲକ୍ଷ୍ୟକରି ଏହି ପ୍ରତିକ୍ରିୟାରେ ହିନ୍ଦୁ ମହାସଭାର ସେଥି ସହିତ ପ୍ରତିଯୋଗିତା କରି ଏହିରୂପେ ସରକାରଠାରୁ ସହାୟତା ପାଇବାକୁ ଆଶା କରିଥିଲେ । ମହାସଭାର ଅନେକ ପ୍ରଗତିଶୀଳ ଲୋକଙ୍କୁ ହୁଏତ ସେଥିରୁ ବାହାର କରିଦିଆଗଲା କିମ୍ବା ତାଙ୍କ ଇଚ୍ଛାନୁସାରେ ଛାଡ଼ି ଆସିଲେ ଏବଂ ଏହା ଉଚ୍ଚ ମଧ୍ୟବର୍ତ୍ତୀ ଶ୍ରେଣୀଙ୍କ ପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହେଲା, ବିଶେଷତଃ ଧନୀ ଓ ମହାଜନ ଶ୍ରେଣୀପ୍ରତି ।

ଦୁଇ ପକ୍ଷର ସାମ୍ପ୍ରଦାୟିକ ରାଜନୈତିକ ନେତାମାନେ ଯେଉଁମାନେ ବ୍ୟବସ୍ଥାସଭାରେ କେତେ ସଂଖ୍ୟାରେ ସ୍ଥାନ ପାଇବାପାଇଁ ବରାବର

Digitized by srujanika@gmail.com

ତର୍କବିତର୍କ କରୁଥିଲେ ସେମାନେ ସରକାରର ଅନୁଗ୍ରହ ଛଡ଼ା ଅନ୍ୟ କୌଣସି ଉପାୟରେ ହେବ ବୋଲି ଭାବି ପାରନ୍ତି ନାହିଁ । ଏହା ମଧ୍ୟବିତ୍ତ ଶ୍ରେଣୀର ଶିକ୍ଷିତ ଲୋକଙ୍କର ଚାକିରୀପାଇଁ ସଂଗ୍ରାମ । ସମସ୍ତଙ୍କୁ ସନ୍ତୁଷ୍ଟ କରି ପାରି ଚାକିରୀ ନ ଥିଲା । ସେଥିପାଇଁ ହିନ୍ଦୁ ଓ ମୁସଲମାନ ସାଂପ୍ରଦାୟିକ ନେତାମାନଙ୍କ ଭିତରେ ସେ କଥା ନେଇ ବିବାଦ ଲାଗିଲା—ହିନ୍ଦୁମାନେ ଥିବା ଚାକିରୀରୁ ଅଧିକ ଦଖଲ କରିଥିବାରୁ ଆତ୍ମରକ୍ଷା କରିବାରେ ଲାଗିଲେ ଏବଂ ମୁସଲମାନମାନେ ଅଧିକରୁ ଅଧିକ ଦାବୀ କରିବାରେ ଲାଗିଲେ । ଏହି ଚାକିରୀପାଇଁ ଚାଲିଥିବା ସଂଗ୍ରାମ ପଛରେ ଆହୁରି ଅଧିକ ଗୁରୁତର ବିବାଦ ଥିଲା—ଏହା ପ୍ରକୃତରେ ସାମ୍ପ୍ରଦାୟିକ ନ ଥିଲା । ମାତ୍ର ଏହା ସାମ୍ପ୍ରଦାୟିକ ସମସ୍ୟାରେ ପ୍ରଭାବ ପକାଇ ଥିଲା । ମୋଟ ଉପରେ ପଞ୍ଜାବ, ସିନ୍ଧୁ ଓ ବଙ୍ଗଳାରେ ହିନ୍ଦୁମାନେ ଅଧିକ ଧନୀ, ମହାଜନ ଓ ସହରବାସୀ ଥିଲେ; ଏହି ପ୍ରଦେଶମାନଙ୍କରେ ମୁସଲମାନମାନେ ଅଧିକ ଦରିଦ୍ର ଶ୍ରେଣୀର ଥିଲେ—ମଫସଲବାସୀ ଥିଲେ । ସୁତରାଂ ଏହି ଦୁହିଙ୍କ ଭିତରେ ଅନେକ ସମୟରେ ଆର୍ଥିକ ଅବସ୍ଥାହିଁ ସଂଘର୍ଷର କାରଣ ଥିଲା, ମାତ୍ର ଏହାକୁ ଏକ ସାମ୍ପ୍ରଦାୟିକ ରୂପ ଦିଆଗଲା । ବିଭିନ୍ନ ପ୍ରାଦେଶିକ ବ୍ୟବସ୍ଥା ସଭାରେ ବିଶେଷତଃ ପଞ୍ଜାବରେ ଗ୍ରାମବାସୀଙ୍କ ଋଣ ଲାଘବ କରିବା ନିମନ୍ତେ ହୋଇଥିବା ଆଲୋଚନାରେ ଏହା ସ୍ପଷ୍ଟରୂପେ ଜଣାପଡ଼ିଥିଲା । ହିନ୍ଦୁ ମହାସଭାର ପ୍ରତିନିଧିମାନେ ଏହି ଆଇନକୁ ବରାବର ବିରୋଧ କରିଥିଲେ ଏବଂ ମହାଜନ ଶ୍ରେଣୀଙ୍କ ପକ୍ଷ ଗ୍ରହଣ କଲେ ।

ମୁସଲମାନ ସାମ୍ପ୍ରଦାୟିକତାକୁ ସମାଲୋଚନା କରିବାକୁ ଯାଇ ହିନ୍ଦୁ ମହାସଭା ନେତାମାନେ ତାଙ୍କର ନିଦୋଷ ଜାତୀୟତାବାଦ ଉପରେ ଅଧିକ ଜୋର ଦେଉଥିଲେ । ମାତ୍ର ମୁସଲମାନ ଅନୁଷ୍ଠାନମାନେ ଯେପରି ପୂର୍ଣ୍ଣରୂପେ ଯେ ଅତ୍ୟନ୍ତ ସାଂପ୍ରଦାୟିକ ଥିଲେ ତାହା ପ୍ରତ୍ୟେକେ ଦେଖି ପାରିଲେ । ମହାସଭାର ସାଂପ୍ରଦାୟିକତା ଏକ ଜାତୀୟତା ଆବରଣରେ ଯାଉଥିବାରୁ ଏହା ସେତେ ସ୍ପଷ୍ଟ ଜଣାପଡୁ ନଥିଲା । ସେତେବେଳେ ସମସ୍ୟାର ଜାତୀୟ ଓ ଗଣତାନ୍ତ୍ରିକ ସମାଧାନ ଫଳରେ ହିନ୍ଦୁ ଉଚ୍ଚଶ୍ରେଣୀଙ୍କ ସ୍ୱାର୍ଥରେ ବାଧା

Digitized by srujanika@gmail.com

ପଞ୍ଜାବ ସେତେବେଳେ ପ୍ରକୃତ ପରୀକ୍ଷାସ୍ଥଳ ଏବଂ ଏହି ପରୀକ୍ଷାରେ ହିନ୍ଦୁ ମହାସଭା ବାରମ୍ବାର ଅକୃତକାର୍ଯ୍ୟ ହୋଇଛି । ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟଙ୍କ ଇଚ୍ଛା ବିରୁଦ୍ଧରେ ଏବଂ ସଂଖ୍ୟାନ୍ୟୂନ ସଂପ୍ରଦାୟଙ୍କ ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରେ ସେମାନେ ସିନ୍ଧୁ ପ୍ରଦେଶର ସ୍ୱତନ୍ତ୍ରୀକରଣ ପ୍ରସ୍ତାବର ବରାବର ବିରୋଧ କରୁଥିଲେ ।

କିନ୍ତୁ ସାଂପ୍ରଦାୟିକ ହିନ୍ଦୁ ଓ ମୁସଲମାନମାନଙ୍କର ଜାତୀୟତା ବିରୋଧ ଭାବ ଓ ପ୍ରତିକ୍ରିୟା ଭାବ ଗୋଲଟେବୁଲ ବୈଠକଗୁଡ଼ିକରେ ଅତି ଅଶ୍ଳୀଳ ଭାବରେ ପରିଦୃଷ୍ଟ ହୋଇଥିଲା । ବ୍ରିଟିଶ ସରକାର ଜୋରକରି ସାଂପ୍ରଦାୟିକ ମୁସଲମାନମାନଙ୍କୁ ପ୍ରତିନିଧିରୂପେ ମନୋନୀତ କରି ଦେଇଥିଲେ ଏବଂ ଏମାନେ ଆଗା ଖାଁଙ୍କ ନେତୃତ୍ୱରେ ପ୍ରକୃତରେ ଅତ୍ୟନ୍ତ ପ୍ରତିକ୍ରିୟା-ପନ୍ଥୀଙ୍କ ସହିତ ସହଯୋଗ କଲେ ଏବଂ କେବଳ ଭାରତ ଦୃଷ୍ଟିରୁ ନୁହେଁ ସମସ୍ତ ପ୍ରଗତିଶୀଳ ଦଳଙ୍କ ପକ୍ଷରେ ଏମାନେ ବ୍ରିଟିଶ ସାଧାରଣ ଜୀବନରେ ଅତ୍ୟନ୍ତ ବିପଜ୍ଜନକ ଶ୍ରେଣୀ । ଲର୍ଡ ଲଏଡ୍ ଓ ତାଙ୍କ ଦଳଙ୍କ ସହିତ ଆଗା ଖାଁ ଓ ତାଙ୍କ ଦଳଙ୍କ ଘନିଷ୍ଠ ସମ୍ପର୍କ ପ୍ରକୃତରେ ଅଦ୍ଭୁତ କଥା । ସେମାନେ ଅଧିକ ଆଗକୁ ଗଲେ ଏବଂ ଇଉରୋପୀୟାନ୍ ଆସୋସିଏସନ୍ ଓ ଗୋଲଟେବୁଲ ବୈଠକର ଅନ୍ୟମାନଙ୍କ ସହ ଚୁକ୍ତି କଲେ । ଏହା ଅତ୍ୟନ୍ତ ନୈରାଶ୍ୟଜନକ, କାରଣ ଏହି ଆସୋସିଏସନ୍ ଭାରତରେ ଭାରତସ୍ୱାଧୀନତାର ପ୍ରବଳତମ ଏବଂ ଅତ୍ୟନ୍ତ ଆକ୍ରମଣଶୀଳ ବିରୋଧ ହୋଇଥିଲା ଏବଂ ରହିଛି ।

ହିନ୍ଦୁ ମହାସଭା ପ୍ରତିନିଧିମାନେ ସକଳ ପ୍ରକାର ସ୍ୱାଧୀନତାରେ ବାଧା ଦେବାପାଇଁ ବ୍ରିଟିଶ ସ୍ୱାର୍ଥଲାଗି ରକ୍ଷା କବଚ ବିଶେଷତଃ ପଞ୍ଜାବରେ ଦାବୀ କଲେ । ସେମାନେ ବ୍ରିଟିଶ ସରକାରକୁ ସହଯୋଗ କରିବା ଉଦ୍ୟମରେ ମୁସଲମାନଙ୍କୁ ଅତିକ୍ରମ କରିବାକୁ ଚେଷ୍ଟା କଲେ—କିନ୍ତୁ ତ ପାରିଲେ ନାହିଁ—ଫଳରେ ନିଜର ଉଦ୍ଦେଶ୍ୟରେ ହାନି ଘଟିଲା ଏବଂ ସ୍ୱାଧୀନତା ପ୍ରତି ବିଶ୍ୱାସଘାତକତା କଲେ । ମୁସଲମାନମାନେ ଅନ୍ତତଃ

Digitized by srujanika@gmail.com

ମର୍ଯ୍ୟାଦାର ସହିତ ବକ୍ତୃତା କରିଥିଲେ, ହିନ୍ଦୁ ସାମ୍ପ୍ରଦାୟିକ ନେତାଙ୍କ ଠାରେ ଏତିକି ବୁଦ୍ଧି ନ ଥିଲା ।

ଦୁଇ ପକ୍ଷରେ ସାଂପ୍ରଦାୟିକ ନେତାମାନେ ଏକ କ୍ଷୁଦ୍ର ଉଚ୍ଚ ପ୍ରତିକ୍ରିୟାପନ୍ଥୀ ଶ୍ରେଣୀର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ସେମାନେ ଜନସାଧାରଣଙ୍କ ଧାର୍ମିକ ଉନ୍ମତ୍ତତାର ସୁବିଧା ନେଇ ନିଜ ଉଦ୍ଦେଶ୍ୟ ହାସଲ ନିମନ୍ତେ ତାଙ୍କୁ ଶୋଷଣ କରନ୍ତି । ଉଭୟ ପକ୍ଷରେ ଅର୍ଥନୈତିକ ସମସ୍ୟାକୁ ଏଡ଼ାଇଦେବା ନିମନ୍ତେ ଏବଂ ବନ୍ଦ କରିବା ନିମନ୍ତେ ସମସ୍ତ ପ୍ରକାର ଉଦ୍ୟମ ହୁଏ । ଅଚିରେ ଏପରି ସମୟ ଆସି ପହଞ୍ଚିବ ଯେତେବେଳେ ଏହି ସମସ୍ୟାକୁ ଆଉ ଦବାଇ ରଖାଯାଇ ପାରିବ ନାହିଁ ଏବଂ ଏଥିରେ ସନ୍ଦେହ ନାହିଁ ଯେ ସେତେବେଳେ ଆଗା ଖାଁଙ୍କ ୨୦ ବର୍ଷ ତଳର ସତର୍କବାଣୀ ପରି ଜନପ୍ରିୟ ପ୍ରବୃତ୍ତିକୁ ଦମନ କରିବା ନିମନ୍ତେ ଦୁଇପକ୍ଷର ମଣ୍ଡଳେଶ୍ୱରମାନେ ଐକ୍ୟବଦ୍ଧ ହେବେ । ଆଜିକାଲି ଏହା କେତେକ ପରିମାଣରେ ଦେଖାଯାଉଛି, କାରଣ ହିନ୍ଦୁ ଓ ମୁସଲମାନ ସାମ୍ପ୍ରଦାୟିକ ନେତାମାନେ ବାହାରେ ପରସ୍ପର ପ୍ରତି ଯେତେ ଆକ୍ରମଣ କରନ୍ତୁ ପଛକେ, ସେମାନେ ଆସେମ୍ବ୍ଲିରେ ସହଯୋଗ କରନ୍ତି ଏବଂ ସରକାର ପ୍ରତିକ୍ରିୟାପନ୍ଥୀ ଆଇନ କରିବାରେ ସାହାଯ୍ୟ କରନ୍ତି । ଯେଉଁ ସୂତ୍ରରେ ଏହି ଦୁଇଦଳ ଏକାଠି ବନ୍ଧା ଅଛନ୍ତି ରାଜଭକ୍ତି ହିଁ ତାହାର ଚିହ୍ନ ।

ଅଧିକ ଲକ୍ଷ୍ୟ କରିବାର କଥା ଯେ ଏଥିଭିତରେ ଜାଠଦଳର ଅତ୍ୟନ୍ତ ଦକ୍ଷିଣପନ୍ଥୀଙ୍କ ସହ ଆଗା ଖାଁଙ୍କର ଘନିଷ୍ଠ ସମ୍ପର୍କ ସେହିପରି ଥାଏ । ୧୯୩୪ ମସିହା ଅକ୍ଟୋବର ମାସରେ ବ୍ରିଟିଶ ନାଭି ଲିଗ୍‌ର ଭୋଜିରେ ସେ ଅତିଥି ହୋଇଥିଲେ—ଲର୍ଡ଼ ଲଏଡ଼ ସେଥିରେ ସଭାପତି ଥାଆନ୍ତି ଏବଂ ବ୍ରିଟିଶ ନୌଶକ୍ତି ଅଧିକ ବଢ଼ାଇବାପାଇଁ ଜାଠଦଳର ଚରମପନ୍ଥୀଠାରେ ହୋଇଥିବା ସମ୍ମିଳନୀରେ ଲର୍ଡ଼ ଲଏଡ଼ ଯେଉଁ ପ୍ରସ୍ତାବ କରିଥିଲେ, ତାହା ସେ ପୂର୍ଣ୍ଣ ରୂପେ ସମର୍ଥନ କଲେ । କାରଣ ଭାରତୀୟ ନେତା ସାମ୍ରାଜ୍ୟ ରକ୍ଷା ଓ ଇଂଲଣ୍ଡକୁ ନିରାପଦ ରଖିବା ନିମନ୍ତେ ଏତେ

Digitized by srujanika@gmail.com

ବ୍ୟସ୍ତଥିଲେ ଯେ ସେ ଏମାନଙ୍କ ବାଲଡ୍ୱିନ କିମ୍ବା 'ଟାଇମ୍ସ' ସମ୍ବାଦ ମତ ଅପେକ୍ଷା ଆହୁରି ଅଧିକା ବ୍ରିଟିଶ ଅସ୍ତ୍ରଶସ୍ତ୍ର ବଢ଼ାଇବା ଲାଗି ମତ ଦେଉ-ଥିଲେ । ଅବଶ୍ୟ ଏହା ସବୁ ଶାନ୍ତି ଉଦ୍ଦେଶ୍ୟରେ କୁହା ଯାଉଥିଲା ।

ଏହି ମାସରେ ଅର୍ଥାତ୍ ୧୯୩୪ ମସିହା ନଭେମ୍ବର ମାସରେ ଏକ ସମ୍ବାଦ ପ୍ରକାଶିତ ହେଲା ଯେ ଲଣ୍ଡନରେ ଇଂରେଜ ଭାବରେ ଗୋଟିଏ ଷଡ଼ଯନ୍ତ୍ର ଦେଖାଯାଉଥିଲା । ଏହାର ଉଦ୍ଦେଶ୍ୟ ଥିଲା 'ବ୍ରିଟିଶ ମୁକୁଟ ସହିତ ମୁସଲମାନ ଜଗତର ସ୍ଥାୟୀ ବନ୍ଧୁତ୍ୱ ଚେଷ୍ଟା ।' ଆମେ ଶୁଣିଲୁ ଏଥିରେ ମଧ୍ୟ ଆଗାଖାଁ ଓ ଲର୍ଡ଼ ଲଏଡ୍ ଦୁହେଁ ଅଗ୍ରଣୀ ହୋଇଥିଲେ । ଆଗାଖାଁ ଓ ଲର୍ଡ଼ ଲଏଡ୍‌ଙ୍କ ଭିତରେ ସାମ୍ରାଜ୍ୟ ବ୍ୟାପାରରେ ଅବିଚ୍ଛେଦ୍ୟ ମିଳନ—ଦୁଇଟି ହୃଦୟ ଏକ ଭାବରେ ସ୍ପନ୍ଦିତ ହେଉଛନ୍ତି, ଯେପରି ଜାତୀୟ ରାଜନୀତିରେ ସାର୍ ତେଜ ବାହାଦୁର ସାପ୍ରୁ ଓ ମିଷ୍ଟର୍ ଏମ୍. ଆର୍. ଜୟକାର । ଏହା ଲକ୍ଷ୍ୟ କରିବାର ଯୋଗ୍ୟ, ଏତେବେଳେ ଦୁଇଜଣଙ୍କ ଭିତରେ ବାରମ୍ବାର ଏତେ ଘନିଷ୍ଠତା ଥିଲାବେଳେ ଭାରତରୁ ଅଧିକ ଦେଇ ଦେବାର ଦୁର୍ବଳତା ଦେଖାଇଥିବା ହେତୁ ଲର୍ଡ଼ ଲଏଡ୍ ସରକାରୀ ଜାତୀୟ ନେତା ଏବଂ ଜାତୀୟ ସରକାର ଉପରେ କ୍ରମାଗତ ତୀବ୍ର ଆକ୍ରମଣ ଚଳାଇଥାନ୍ତି ।*

ପରେ କେତେକ ମୁସଲମାନ ସାମ୍ପ୍ରଦାୟିକ ନେତାଙ୍କର ବକ୍ତୃତା ଓ ବିବୃତି ସବୁ ବଡ଼ କୌତୂହଳପୂର୍ଣ୍ଣ ହୋଇଛି । ଏହାର ପ୍ରକୃତ ଗୁରୁତ୍ୱ କିଛି ନାହିଁ । ମାତ୍ର ଅନେକ ଲୋକ ଏପରି ଭାବନ୍ତି କି ନା ମୋର ସନ୍ଦେହ । ଯାହା ହେଉ ସାମ୍ପ୍ରଦାୟିକତାର ଏହି ମନୋଭାବ ସ୍ପଷ୍ଟ ଥିଲା ଏବଂ ଏହାକୁ ଖୁବ୍ ପ୍ରାଧାନ୍ୟ ଦିଆଯାଉଥିଲା ! 'ମୁସଲମାନ ଜାତି' 'ମୁସଲମାନ ସଂସ୍କୃତି' ଏ ସମ୍ବନ୍ଧରେ ଭାରତରେ ବହୁତ ଜୋର ଦିଆ ଯାଉଛି । ହିନ୍ଦୁ ଓ ମୁସଲ-

*ଏବେ କେତେକ ବ୍ରିଟିଶ ଲର୍ଡ଼ ଓ ଭାରତୀୟ ମୁସଲମାନଙ୍କୁ ନେଇ ଗୋଟାଏ କାଉନ୍‌ସିଲ ହୋଇଛି । ଇସଲାମ ପ୍ରତିନିଧିମାନଙ୍କର ଏକତା ଓ ମିଳନ ଏହାର ଉଦ୍ଦେଶ୍ୟ ।

Digitized by srujanika@gmail.com

ମାନ 'ସଂସ୍କୃତି' ଭିତରେ କେବେହେଁ ମିଳନ ହୋଇ ପାରେ ନା ଏହା ବୁଝା ହୋଇଛି । ଏଥିରୁ ଅନିବାର୍ଯ୍ୟ ଭାବରେ ଏହି ସିଦ୍ଧାନ୍ତ ବାହାରୁଛି ଯେ (ଯଥାର୍ଥ ଖୋଲି ଖୋଲି କୁହା ନ ହୋଇଥିଲେ ସୁଦ୍ଧା) ବତିଶ ତରହର ଜାତି ଭାରତରେ ରହିଥିବେ ଏବଂ କେବଳ ଧର୍ମ ଭୁକ୍ତ 'ସଂସ୍କୃତି' ଭିତରେ ମଧ୍ୟସ୍ଥତା କରୁଥିବେ ।

କେତେକ ହିନ୍ଦୁ ସାଂପ୍ରଦାୟିକ ନେତା ମଧ୍ୟ ଠିକ୍ ଏହିପରି ଚିନ୍ତା କରନ୍ତି—ମାତ୍ର ତାଙ୍କ ଭିତରେ ପାର୍ଥକ୍ୟ ଏତିକି ଯେ ସେମାନେ ସଂଖ୍ୟାଗରିଷ୍ଠ ହୋଇଥିବାରୁ ଅବଶେଷରେ ତାଙ୍କ 'ସଂସ୍କୃତି' ପ୍ରାଧାନ୍ୟ ଲାଭ କରିବ ବୋଲି ସେମାନେ ଆଶା ରଖିଥାନ୍ତି ।

ହିନ୍ଦୁ ମୁସଲମାନ 'ସଂସ୍କୃତି' ଏବଂ ମୁସଲମାନ 'ନେଶନ' ଏହି ଶବ୍ଦ-ମୂଳକର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଗବେଷଣାରେ କେତେ କୌତୁକପ୍ରଦ ଘଟଣାସବୁ ବାହାରେ । ଭାରତରେ ମୁସଲମାନ ନେଶନ ବା ଜାତି—ଅର୍ଥାତ୍ ଜାତି ଭିତରେ ଆଉ ଏକ ଜାତି—ଆଦୌ ଐକ୍ୟବଦ୍ଧ ନୁହେଁ, ମାତ୍ର ଅସ୍ପଷ୍ଟ, ଦୁର୍ବୋଧ ଓ ଅନିୟନ୍ତ୍ରିତ । ରାଜନୀତିକ ଭାବରେ ଏପରି ଧାରଣା ବୃଥା ଏବଂ ଅର୍ଥନୀତିକ ଦୃଷ୍ଟିରେ ଏହା ଅସମ୍ଭବ କଳ୍ପନା, ଏହା ଆଦୌ ବିଚାରଯୋଗ୍ୟ ନୁହେଁ । ତଥାପି ଏହା ପଛରେ ଥିବା ମନୋଭାବ ବୁଝିବାରେ ଏହା ଆମକୁ କିଛି ସାହାଯ୍ୟ କରେ । ଏପରି ବିଭକ୍ତ ଓ ଅସଂଶ୍ଳିଷ୍ଟ 'ଜାତିସବୁ' ମଧ୍ୟଯୁଗ ଏବଂ ତା ପରେ ଏକତ୍ର ଥିଲା । ଅଟୋମାନ ସୁଲତାନମାନଙ୍କର ପ୍ରଥମାବସ୍ଥାରେ କନ୍ଷ୍ଟାଣ୍ଟିନୋପଲରେ ପ୍ରତ୍ୟେକ 'ଜାତି' ଅଲଗା ଅଲଗା ବାସ କରୁଥିଲେ ଏବଂ ଲାଟିନ୍ ଖ୍ରୀଷ୍ଟିୟାନ, ଅର୍ଥୋଡକ୍ସ ଖ୍ରୀଷ୍ଟିୟାନ, ଇହୁଦୀ ପ୍ରତ୍ୟେକଙ୍କର କେତେକ ପରିମାଣରେ ସ୍ୱାଧୀନତା ଥିଲା । ଏହା ନିଜ ଅଞ୍ଚଳ ବାହାରେ ପ୍ରଗତିର ପ୍ରଥମ ଅବସ୍ଥାରେ ରହିଥିଲା—ଆଜିକାଲି ଅନେକ ପ୍ରାଚ୍ୟ ଦେଶରେ ଏହା ଗତିସ୍ୱପ୍ନ ହୋଇ ରହିଛି । ସୁତରାଂ ମୁସଲମାନ ଜାତି କହିବା ଅର୍ଥ କୌଣସି ଜାତି ନୁହେଁ, ମାତ୍ର ଏକ ଧାର୍ମିକ ବନ୍ଧନ; ଏହାର ଅର୍ଥ ଆଧୁନିକ ଅର୍ଥରେ କୌଣସି

Digitized by srujanika@gmail.com

ତାହାକୁ ବୃଦ୍ଧି କରିବାକୁ ଦିଆଯିବ ନାହିଁ; ଏହାର ଅର୍ଥ ଆଧୁନିକ ସଭ୍ୟତାକୁ ଛାଡ଼ି ମଧ୍ୟଯୁଗକୁ ଫେରିଯିବାକୁ ହେବ । ଏହାର ଅର୍ଥ ହୁଏତ ସ୍ୱେଚ୍ଛାଚାରୀ ନଚେତ୍ ବିଦେଶୀ ଶାସନ । ଶେଷରେ ଏହାର ଅର୍ଥ ହେଉଛି ମନର ଏକ ଭାବାବେଗ ଅବସ୍ଥା ଏବଂ ବାସ୍ତବତା, ବିଶେଷତଃ ଅର୍ଥନୀତିକ ବାସ୍ତବତାର ସମ୍ମୁଖୀନ ନହେବା ଲାଗି ଅତୀତ ବା ଅଜ୍ଞାତସାରରେ ମନ ଭିତରେ ଆକାଂକ୍ଷା । ଭାବାବେଗରେ ଯୁକ୍ତି ଖଟେ ନାହିଁ ଏବଂ ସେଗୁଡ଼ିକ ଏତେ ଅଯୌକ୍ତିକ ବୋଧ ହେଉଛନ୍ତି ବୋଲି ଆମେ ତାକୁ ଅବଜ୍ଞା କରି ନ ପାରୁ । ମାତ୍ର ମୁସଲମାନ ନେଶନ ବା ଜାତିର ଏହି ଧାରଣା କେତେକଙ୍କ ଉର୍ବର ମସ୍ତିଷ୍କରୁ ବାହାରିଛି—ସମ୍ବାଦ ପତ୍ରରେ ଏହା ପ୍ରକାଶିତ ହୋଇ ନ ଥିଲେ କେହି ପ୍ରାୟ ଜାଣି ନ ଥାନ୍ତେ । ଯଦି ବା ଅନେକ ଲୋକ ଏଥିରେ ବିଶ୍ୱାସ କରନ୍ତି, ତେବେ ବାସ୍ତବତା ସ୍ପର୍ଶରେ ଏହା ଲୋପ ପାଇଯିବ ।

ହିନ୍ଦୁ ଓ ମୁସଲମାନ 'ସଂସ୍କୃତି' ସମ୍ବନ୍ଧରେ ଏହି କଥା କୁହାଯାଇ-ପାରେ । ଜାତୀୟ ସଂସ୍କୃତି ଧନ ମଧ୍ୟ ଅତି ଦ୍ରୁତ ଗତିରେ ଲୋପ ପାଉଛି ଏବଂ ପୃଥିବୀରେ ଏକ ସଂସ୍କୃତି ହୋଇ ଉଠୁଛି । ଜାତିସବୁ ନିଜ ନିଜର ବିଶେଷତ୍ୱ ଭାଷା, ଅଭ୍ୟାସ, ଚିନ୍ତାଧାରା ପ୍ରଭୃତି ଅନେକ ଦିନ ପର୍ଯ୍ୟନ୍ତ ଧରି ରଖିପାରେ ଓ ରଖିବ, ମାତ୍ର ଯନ୍ତ୍ରଯୁଗ ଓ ବିଜ୍ଞାନ, ଦ୍ରୁତ ଯାତାୟତର ସୁବିଧା, ପୃଥିବୀ ସମ୍ବାଦର ଅବିରତ ଆଦାନ ପ୍ରଦାନ ରେଡ଼ିଓ, ସିନେମା ପ୍ରଭୃତି ତାହାକୁ କ୍ରମଶଃ ଗୋଟିଏ ଛାଞ୍ଚରେ ଗଢ଼ିବ, ଏହି ଅପରିହାର୍ଯ୍ୟ ପ୍ରବୃତ୍ତିକୁ କେହି ବାଧା ଦେଇ ପାରିବ ନାହିଁ—କେବଳ ପୃଥିବୀରେ ଗୋଟିଏ ମହାସଙ୍କଟ ପଡ଼ି ଆଧୁନିକ ସଭ୍ୟତା ଧ୍ୱଂସ ହେଲେ ତାହାର ପ୍ରକୃତିରେ ଗତିରୋଧ ହୋଇପାରେ । ପରମ୍ପରାଗତ ହିନ୍ଦୁ ଓ ମୁସଲମାନ ଜୀବନ ଦର୍ଶନରେ ନିଶ୍ଚୟ କେତେକ ପାର୍ଥକ୍ୟ ରହିଛି । ମାତ୍ର ଜୀବନର ଆଧୁନିକ ବୈଜ୍ଞାନିକ ଓ ଶିଳ୍ପୋନ୍ନତ ଦୃଷ୍ଟିକୋଣରେ ତୁଳନା କଲେ ଏହିସବୁ ପାର୍ଥକ୍ୟ ପ୍ରାୟ ଦୃଷ୍ଟିଗୋଚର ହୁଏ ନାହିଁ —କାରଣ ଏହି ଉଭୟଠାରୁ ଏହାର ପାର୍ଥକ୍ୟ ବହୁତ ବେଶୀ । ଆଜି

Digitized by srujanika@gmail.com

ଭାରତରେ ପ୍ରକୃତ ସଂଗ୍ରାମ ହିନ୍ଦୁ ଓ ମୁସଲମାନ ସଂସ୍କୃତି ଭିତରେ ନାହିଁ, ମାତ୍ର ଏହି ଦୁଇ ସଂସ୍କୃତି ଓ ଆଧୁନିକ ସଭ୍ୟତାର ବୈଜ୍ଞାନିକ ସଂସ୍କୃତି ଭିତରେ ସଂଘର୍ଷ ଲାଗିଛି । ଯେଉଁମାନେ 'ମୁସଲମାନ ସଂସ୍କୃତି' (ତାହା ଯାହା ହେଉ ପଛକେ) ରକ୍ଷା କରିବାକୁ ଚାହାନ୍ତି ସେମାନଙ୍କର ହିନ୍ଦୁ ସଂସ୍କୃତି ସହିତ ଗଣ୍ଡି ହେବା ଦରକାର ନାହିଁ, ମାତ୍ର ସେମାନଙ୍କୁ ପାଶ୍ଚାତ୍ୟ ବିପଦ ବିରୁଦ୍ଧରେ ଛିଡ଼ା ହେବାକୁ ପଡ଼ିବ । ବ୍ୟକ୍ତିଗତ ଭାବରେ ମୋର ସନ୍ଦେହ ନାହିଁ ଯେ ଆଧୁନିକ ବୈଜ୍ଞାନିକ ଓ ଶିଳ୍ପ ସଭ୍ୟତାକୁ ପ୍ରତିରୋଧ କରିବା ନିମନ୍ତେ ହିନ୍ଦୁ କିମ୍ବା ମୁସଲମାନ ଯେ କୌଣସି ପକ୍ଷରୁ ଉଦ୍ୟମ ନିଶ୍ଚୟ ନିଷ୍ଫଳ ହେବ ଏବଂ ଏହି ବ୍ୟର୍ଥତା ମୁଁ ବିନା ଦୁଃଖରେ ଲକ୍ଷ୍ୟ କରିବି । ଅଜାଣତରେ ହେଉ ବା ଅନିଚ୍ଛା ସତ୍ତ୍ୱେ ହେଉ ରେଳବାଇ ଆଦି ଯେତେବେଳେ ଆସିଲା ଆମେ ଗ୍ରହଣ କଲେ । ସାର୍ ସୈୟଦ୍ ଅହମଦ୍ ଖାଁ ଆଲିଗଡ଼ କଲେଜ ଆରମ୍ଭ କରି ଭାରତର ମୁସଲମାନଙ୍କ ତରଫରୁ ଏହା ଗ୍ରହଣ କଲେ । ମାତ୍ର ପ୍ରକୃତରେ ଜଣେ ବୁଡ଼ି ଯାଉଥିବା ଲୋକ କୌଣସି ମତେ ରକ୍ଷା ପାଇବା ନିମନ୍ତେ ଯାହା ପାଖରେ ପାଇଲା ତାକୁ ଧରିବା ପରି ଏହି ବ୍ୟାପାରରେ ଆମର ପ୍ରକୃତିରେ ବାହାର କିଛି ହାତ ନ ଥିଲା ।

କିନ୍ତୁ ଏହି 'ମୁସଲମାନ ସଂସ୍କୃତି' କଣ ? ଏହା କଣ ଆରବ, ପର୍ସିଆନ ଓ ତୁର୍କି ପ୍ରଭୃତି ମହତ୍ତ୍ୱ କାର୍ଯ୍ୟର ଗୋଟିଏ ଜାତିଗତ ସ୍ମୃତି ? ଭାଷା କି ? ନା କଳା ଓ ସଙ୍ଗୀତ ? ନା ରୀତିନୀତି ? ଆଧୁନିକ ମୁସଲମାନ କଳା ବା ମୁସଲମାନ ସଙ୍ଗୀତ ସମ୍ବନ୍ଧରେ କେହି କହିଲା ପରି ମୋର ମନେ ନାହିଁ । ଭାରତରେ ଆରବୀ ଓ ପାର୍ସି ଦୁଇ ଭାଷା ହିଁ ମୁସଲମାନ ଚିନ୍ତାରେ ପ୍ରଭାବ ପକାଇଛି, ବିଶେଷ ଭାବରେ ପାର୍ସି ଭାଷା । ମାତ୍ର ପାର୍ସି ପ୍ରଭାବର ଧର୍ମଭାବ ନାହିଁ । ପାର୍ସି ଭାଷା ଓ ଅନ୍ୟ ପାର୍ସି ରୀତିନୀତି ଓ ପରମ୍ପରା ସବୁ ହଜାର ହଜାର ବର୍ଷ ଭିତରେ ଭାରତକୁ ଆସିଥିଲା ଏବଂ ଉତ୍ତର ଭାରତରେ ଅଧିକ ପ୍ରଭାବ ବିସ୍ତାର କରିଥିଲା । ପର୍ସିଆ ହିଁ ପୂର୍ବ ଅଞ୍ଚଳର ଫ୍ରାନ୍ସ ଥିଲା — ଏଠାରୁ ଭାଷା ଓ ସଂସ୍କୃତି ପଡ଼ୋଶୀ

Digitized by srujanika@gmail.com

ଦେଶମାନଙ୍କରେ ପ୍ରଚଳିତ ହୋଇଥିଲା । ଭାରତରେ ଆମେ ସମସ୍ତେ ଏହି ସାଧାରଣ ଓ ମୂଲ୍ୟବାନ୍ ସଂସ୍କୃତିର ଉତ୍ତରାଧିକାରୀ ।

ଇସଲାମ୍ ଜାତି ଓ ଦେଶମାନଙ୍କ ଅତୀତ କୃତିତ୍ୱର ଗର୍ବହିଁ ସମ୍ଭବତଃ ମୁସଲମାନ ଐକ୍ୟର ଦୃଢ଼ବନ୍ଧନ । ବିଭିନ୍ନ ଜାତିର ମୁସଲମାନଙ୍କର ଏହି ମହତ୍ କାର୍ଯ୍ୟ ସକାଶେ କେହି କିଆଁ ଦ୍ୱେଷ କରେ ? ସେମାନେ ଯେତେଦିନ ପର୍ଯ୍ୟନ୍ତ ଏହା ସ୍ମରଣ ରଖି ଏହାର ଆଦର କରୁଥିବେ ସେତେଦିନ ପର୍ଯ୍ୟନ୍ତ କେହି ସେମାନଙ୍କଠାରୁ ଏହା ନେଇ ପାରିବ ନାହିଁ । ପ୍ରକୃତରେ ଭାବିବାକୁ ଗଲେ ଏହି ସମସ୍ତ ଅତୀତ ସମ୍ପଦର ଆମେ ସମସ୍ତେ ଉତ୍ତରାଧିକାରୀ—କାରଣ ସମ୍ଭବତଃ ଆମେ ଏସିଆବାସୀମାନେ ଇଉରୋପ ଆକ୍ରମଣ ବିରୁଦ୍ଧରେ ଗୋଟାଏ ଐକ୍ୟ ଅନୁଭବ କରୁ । ମୁଁ ଜାଣେ ଯେ ଯେତେବେଳେ ମୁଁ ସ୍ପେନରେ ଆରବଙ୍କ ସଙ୍ଘର୍ଷ ବିଷୟ କିମ୍ବା କ୍ରୁସେଡ଼ ସମୟ କଥା ପଢ଼ୁଛି, ସେତେବେଳେ ସେମାନଙ୍କ ପ୍ରତି ମୋର ସହାନୁଭୂତି ଯାଉଛି । ମୁଁ ନିରପେକ୍ଷ ହୋଇ ଉଦ୍ଦେଶ୍ୟକୁ ଲକ୍ଷ୍ୟ କରିବାକୁ ଚେଷ୍ଟା କରୁଛି, ମାତ୍ର ମୋର ଚେଷ୍ଟା ସତ୍ତ୍ୱେ ମଧ୍ୟ ମୋ ଭିତରର ଏସିଆବାସୀ ଭାବ ଏସିଆ-ବାସୀଙ୍କ ସମସ୍ୟା ଆଲୋଚନା କଲାବେଳେ ପ୍ରବଳ ହେଉଛି ।

ଏହି 'ମୁସଲମାନ ସଂସ୍କୃତି' କଣ ବୁଝିବା ନିମନ୍ତେ ମୁଁ କଠିନ ଚେଷ୍ଟା କରିଛି; କିନ୍ତୁ ମୁଁ ସ୍ୱୀକାର କରୁଛି ଯେ ମୁଁ ବୁଝି ପାରିନାହିଁ । ମୁଁ ଦେଖୁଛି ଉତ୍ତର ଭାରତରେ କେତେକ ମୁଷ୍ଟିମେୟ ମଧ୍ୟବିତ୍ତ ହିନ୍ଦୁ ଓ ମୁସଲମାନ ପାର୍ସି ଭାଷା ଓ ଭାବ ପରମ୍ପରାରେ ପ୍ରଭାବିତ ହୋଇଛନ୍ତି । ମାତ୍ର ଜନସାଧାରଣଙ୍କ ପ୍ରତି ଲକ୍ଷ୍ୟ 'ମୁସଲମାନ ସଂସ୍କୃତି'ର ପ୍ରତୀକ ହେଉଛି ଏକ ବିଶେଷ ପ୍ରକାରର ପାଇଜାମା ବେଶୀ ଲମ୍ବା ନୁହେଁ କି ଛୋଟ ନୁହେଁ, ବିଶେଷ ପ୍ରକାର ଦାଢ଼ି ଖିଅର ହେବା କିମ୍ବା କାଟିବା—ମାତ୍ର ଏହାକୁ ବଢ଼ିବାକୁ ଦେବା, ଗୋଟାଏ ଗଡ଼ୁବାଲ ଲୋଟା (ଢାଲ) ବ୍ୟବହାର—ଯେପରି ସାଧାରଣ ହିନ୍ଦୁ ମଧ୍ୟରେ ରୀତି ହେଉଛି ଧୋତି ବା ଲୁଙ୍ଗୀ ପିନ୍ଧିବା, ଚୁଟି ରଖିବା ଏବଂ ସ୍ୱତନ୍ତ୍ର ଧରଣର ଏକ ଲୋଟା

Digitized by srujanika@gmail.com

ବ୍ୟବହାର କରିବା । ପ୍ରକୃତରେ କହିବାକୁ ଗଲେ ଏହିସବୁ ପାର୍ଥକ୍ୟ ବେଶୀ ସହରରେ ଦେଖାଯାଏ ଏବଂ ତାହା କ୍ରମେ ଦୂର ହୋଇ ଯାଉଛି । ମୁସଲମାନ କୃଷକ ଓ କାରଖାନାର ଶ୍ରମିକ ଏବଂ ହିନ୍ଦୁ କୃଷକ ଓ କାରଖାନା ଶ୍ରମିକଙ୍କୁ ଅଲଗା ଅଲଗା କରିବା ପ୍ରାୟ ଅସମ୍ଭବ । ମୁସଲମାନ ଶିକ୍ଷିତ ଲୋକେ ପ୍ରାୟ ଦାଢ଼ି ରଖନ୍ତି ନାହିଁ ଏବଂ ଆଜିକାଲି ଅନେକ ସୁନ୍ଦର ଲାଲ ତୁର୍କି ଟୋପି ବ୍ୟବହାର କରନ୍ତି । (ତୁର୍କି ଦେଶ ଏହା ଛାଡ଼ିଥିଲେ ସୁଦ୍ଧା ଏହାକୁ ତୁର୍କି ଟୋପି କୁହାଯାଉଛି ।) ମୁସଲମାନ ସ୍ତ୍ରୀ ଲୋକମାନେ ଶାଢ଼ୀ ପିନ୍ଧୁଛନ୍ତି ଏବଂ ଧୀରେ ଧୀରେ ପରଦା ପ୍ରଥା ଲୋପ ପାଉଛି । ଏହି ସବୁ ଅଭ୍ୟାସ ଭିତରୁ କେତେକ ସହିତ ମୋର ରୁଚିର ମେଳ ଖାଏ ନାହିଁ, ମୋତେ ଦାଢ଼ି କିମ୍ବା ଚୁଟି ଭଲ ଲାଗେ ନାହିଁ, ମାତ୍ର ମୋର ରୁଚି ଅନ୍ୟଙ୍କ ଉପରେ ମୁଁ ଲଦିବାକୁ ଚାହେଁ ନା— ଏବଂ ମୁଁ ସ୍ୱୀକାର କରେ ଯେ ଅମାନୁଲ୍ଲା ଯେତେବେଳେ କାବୁଲରେ ଏହା ବନ୍ଦ କରିବାରେ ଲାଗି ପଡ଼ିଲେ ସେତେବେଳେ ମୁଁ ଖୁବ୍ ଖୁସି ହୋଇଥିଲି ।

ମୁଁ ଭାବେ ଯେ ଯେଉଁ ହିନ୍ଦୁ ଓ ମୁସଲମାନମାନେ ସବଦା ଅତୀତଗାମୀ ଏବଂ ଯେଉଁ ସବୁ ଜିନିଷ ଚାଲି ଗଲାଣି ତାହା ଧରି ରଖିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କର ଦୃଶ୍ୟ ଅତି କରୁଣ । ମୁଁ ଅତୀତକୁ ନିନ୍ଦା କରିବାକୁ ବା ଛାଡ଼ିବାକୁ ଚାହେଁ ନା, କାରଣ ଆମ ଅତୀତର କେତେ ସୁନ୍ଦର ଜିନିଷ ରହିଛି । ଏହା ଯେ ରହିଥିବ ସେଥିରେ ସନ୍ଦେହ ନାହିଁ । ମାତ୍ର ଏହିସବୁ ଲୋକେ ଯାହା ଯାକି ଧରିଥାନ୍ତି, ତାହା ସୁନ୍ଦର ନୁହେଁ—କିନ୍ତୁ ଯାହା ପ୍ରାୟ ରଖିବା ଯୋଗ୍ୟ ନୁହେଁ ଏବଂ ଅଧିକାଂଶ ତାହା ରଖିଥାନ୍ତି ।

ଅଳ୍ପ କେତେ ବର୍ଷ ହେଲା ଭାରତର ମୁସଲମାନମାନେ ବାରମ୍ବାର ଆଘାତ ପାଉଛନ୍ତି ଏବଂ ସେମାନଙ୍କର ପୁରୁଣା ଧାରଣାସବୁ ଭାଙ୍ଗି ପଡ଼ୁଛି । ତୁର୍କି ହେଉଛି ଇସଲାମର ପ୍ରଧାନ ଉଦ୍ୟୋକ୍ତା – ୧୯୨୦ ମସିହାରେ ଯେଉଁ ଖିଲାଫତ ଆନ୍ଦୋଳନ ଭାରତରେ ଏତେ ସାଂଘାତିକ ମୂର୍ତ୍ତି ହୋଇଥିଲା ତୁର୍କି

Digitized by srujanika@gmail.com

ଯୋଗ ଯେ ଆଜି ତାହା ଛାଡ଼ି ଦେଇଛନ୍ତି ନହେଁ, କ୍ରମଶ ଧର୍ମଠାରୁ ମଧ୍ୟ ଦୂରରେ ରହୁଛନ୍ତି । ତୁର୍କିର ନୂତନ ଶାସନବିଧାନର ଗୋଟିଏ ଦଫାରେ ଲିଖିତ ହୋଇଛି ଯେ ତୁର୍କି ହେଉଛି ଗୋଟିଏ ମୁସଲମାନ ରାଜ୍ୟ, ମାତ୍ର କାଳେ କେହିଏ ଭୁଲ ହୋଇପାରେ ସେଥିପାଇଁ ୧୯୨୭ ରେ କେମାଲ ପାଶା କହିଥିଲେ—"ଶାସନ-ବିଧାନରେ ତୁର୍କ ଏକ ମୁସଲମାନ ରାଜ୍ୟ ବୋଲି ଉଲ୍ଲେଖ ହେବା ଗୋଟାଏ ମିଳାମିଶା ମାତ୍ର, ପ୍ରଥମ ସୁଯୋଗରେ ଏହାକୁ ଉଠାଇ ଦିଆଯିବ ।" ମୋର ବିଶ୍ୱାସ ସେ ତାଙ୍କ ସୂଚନା ଅନୁସାରେ ପରେ କାର୍ଯ୍ୟ କରିଥିଲେ । ଇଜିପ୍ଟ ବହୁତ ସତର୍କ ଭାବରେ ହେଲେ ସୁଦ୍ଧା ପ୍ରାୟ ସେହି ଆଡ଼କୁ ଗତି କରୁଛି ଏବଂ ଏହାର ରାଜନୀତି ଧର୍ମଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ରହୁଛି । ଆରବ ଦେଶଗୁଡ଼ିକ ମଧ୍ୟ ସେଇଆ—କେବଳ ଆରବ ଟିକିଏ ଅନୁନ୍ନତ । ପାର୍ସିଆ ତାର ସ୍ପନ୍ଦନଗତ ପ୍ରେରଣା ପାଇଁ ପୂର୍ବ ଇସଲାମ ଦିନକୁ ଦୃଷ୍ଟିପାତ କରୁଛି । ପ୍ରତ୍ୟେକ ସ୍ଥାନରେ ଧର୍ମ ପଛରେ ପଡ଼ୁଛି ଏବଂ ଜାତୀୟବାଦୀ ଆକ୍ରମଣମୂଳକ ପୋଷାକରେ ପ୍ରକାଶ ପାଉଛି । ଜାତୀୟବାଦ ପଛରେ ସାମାଜିକ ଓ ଅର୍ଥନୈତିକ ଦାବୀ କରି ଅନ୍ୟ ବାଦ ସବୁ ପ୍ରକାଶ ପାଉଛି । ତାହା ହେଲେ 'ମୁସଲମାନ ଜାତି' ଏବଂ 'ମୁସଲମାନ ସଂସ୍କୃତି' କଣ ? ତାହା କଣ କେବଳ ଭବିଷ୍ୟତରେ ଦୟାବାନ ବ୍ରିଟିଶ ଶାସନ ଅଧୀନରେ ଉତ୍ତର ଭାରତରେ ରହିବ ?

ରାଜନୀତି ସମ୍ପର୍କରେ ବ୍ୟକ୍ତିବିଶେଷ ଉଦାର ଧାରଣା ପୋଷଣ କରିବା ଯଦି ପ୍ରଗତି ହୁଏ, ତେବେ ଆମର ସାଂପ୍ରଦାୟିକ ନେତା ଏବଂ ସରକାର ଜାଣିଶୁଣି ବଧିରଙ୍କ ଭାବରେ ଏହାର ବିପରୀତ କହୁଥିଲେ—ଏହି ବୃଦ୍ଧିକୁ ସଙ୍କୀର୍ଣ୍ଣ କରୁଥିଲେ ।

Digitized by srujanika@gmail.com

୫୭

ଅଚଳ ଅବସ୍ଥା

ମୋର ପୁନର୍ବାର ଗିରଫ ଓ ଜେଲଯିବା ସମ୍ଭାବନା ସର୍ବଦା ମୋ ମୁଣ୍ଡ ଉପରେ ଝୁଲୁଥାଏ । ବାସ୍ତବରେ ଦେଶରେ ଅର୍ଡିନାନ୍ସ ରାଜତ୍ୱ ଚାଲୁଥିବାବେଳେ ଏବଂ କଂଗ୍ରେସ ଏକ ବେଆଇନ ଅନୁଷ୍ଠାନ ହୋଇଥିଲାବେଳେ ଏହା ସମ୍ଭାବନା ଅପେକ୍ଷା ଅଧିକ ବେଶୀ ଥିଲା । ବ୍ରିଟିଶ ସରକାର ଯେପରି ଭାବରେ ଗଠିତ ଏବଂ ମୁଁ ଯେପରି ଭାବରେ ଗଠିତ ସେଥିରେ ମୋର ଦମନ ହେବା ଅପରିହାର୍ଯ୍ୟ । ସର୍ବଦା ଏହି ସମ୍ଭାବନା ମଧ୍ୟରେ ମୁଁ କାର୍ଯ୍ୟ କରିବାକୁ ଲାଗିଥିଲି । ମୁଁ କୌଣସି ଏକ କାର୍ଯ୍ୟ ନିର୍ଦ୍ଦିଷ୍ଟରୂପେ କରିପାରୁ ନ ଥିଲି ଏବଂ ଯେ କୌଣସି କାର୍ଯ୍ୟ ଯେତେ ଶୀଘ୍ର ସମାପ୍ତ କରିବାକୁ ଲାଗୁଥିଲି ।

ତଥାପି ମୋର ଗିରଫକୁ ସ୍ୱାଗତ କରିବାର ଇଚ୍ଛା ଆଦୌ ନ ଥିଲା । ଏବଂ ଗିରଫ ଏଡ଼ିବା ପାଇଁ ମୁଁ ଅନେକ ପରିମାଣରେ କେତେକ କାର୍ଯ୍ୟ ଏଡ଼ି ଦେଇଥିଲି । କ୍ରମଶଃ ବକ୍ତୃତା ନିମନ୍ତେ ଆମ ନିଜ ପ୍ରଦେଶ ଓ ଅନ୍ୟ ସ୍ଥାନମାନଙ୍କରୁ ନିମନ୍ତ୍ରଣ ଆସିଲା । ମୁଁ ଏସବୁ ଅସ୍ୱୀକାର କରୁଥିଲି; କାରଣ ବକ୍ତୃତା କରି ବୁଲିଲେ ତାହା ଅତିଶୀଘ୍ର ବନ୍ଦ ହୋଇଯିବ । ସେତେବେଳେ ମଝିଅମଝି ପନ୍ଥା କିଛି ନ ଥିଲା । ଗାନ୍ଧିଜୀଙ୍କ ସହିତ ପରାମର୍ଶ ଏବଂ କାର୍ଯ୍ୟକାରୀ ସମିତି ବୈଠକ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ସଂକ୍ରାନ୍ତରେ ମୁଁ ଯେଉଁ ସ୍ଥାନକୁ ଗଲି ସେଠାରେ ସାଧାରଣ ସଭାରେ ବକ୍ତୃତା କଲି ଓ ସ୍ୱାଧୀନ ଭାବରେ କହୁଥିଲି । ଜବଲପୁରରେ ଗୋଟାଏ ବଡ଼ ସଭା ହୋଇଥିଲା ଏବଂ ଖୁବ ଜାକଜମକ ଶୋଭାଯାତ୍ରା ହୋଇଥିଲା; ଦିଲ୍ଲୀରେ ଖୁବ୍ ବଡ଼ ଜନସଭା ହୋଇଥିଲା—ମୁଁ ଏଥିପୂର୍ବେ ଏତେ ବଡ଼

Digitized by srujanika@gmail.com

ସଭା ସେଠାରେ ଦେଖି ନ ଥିଲି । ବାସ୍ତବିକ ଏହିସବୁ ସଭାର ସଫଳତାରୁ ଜଣା ପଡ଼ିଲା ଯେ ସରକାର ବାରମ୍ବାର ଏହି ସଭା ହେବାଠାରୁ ସହ୍ୟ କରିବ ନାହିଁ । ଦିଲ୍ଲୀରେ ସଭା ହେବାର ଅଳ୍ପ କ୍ଷଣ ପରେ ମୋର ଆସନ୍ନ ଗିରଫ ସମ୍ବନ୍ଧରେ ଖୁବ୍ ଜନରବ ଉଠିଲା; ମାତ୍ର ମୁଁ ସେଥିରୁ ଉଦ୍ଧାର ଏଲାହାବାଦ ଆସିଲି—ବାଟରେ ମୁସଲମାନ ବିଶ୍ୱବିଦ୍ୟାଳୟରେ ଛାତ୍ରସଭାରେ ବକ୍ତୃତା କରିବା ନିମନ୍ତେ ଆଲିଗଡ଼ରେ ଓହ୍ଲାଇଥିଲି ।

ସରକାର ସମସ୍ତ କାର୍ଯ୍ୟକାରୀ ରାଜନୈତିକ କାର୍ଯ୍ୟ ଧ୍ୱଂସ କରିବା ନିମନ୍ତେ ଚେଷ୍ଟା କରୁଥିଲାବେଳେ ମୁଁ ଅରାଜନୈତିକ କାର୍ଯ୍ୟରେ ଭାଗ ନେବାକୁ ପସନ୍ଦ କରୁ ନ ଥିଲି, ମୁଁ ଦେଖିଲି ନାନା କାର୍ଯ୍ୟରେ ନିମଗ୍ନ ହୋଇ ସେଥିରେ ଆଶ୍ରା ନେବାର ଗୋଟାଏ ପ୍ରବୃତ୍ତି ଅନେକ କଂଗ୍ରେସ ଲୋକଙ୍କଠାରେ ରହିଛି—ଏହି କାର୍ଯ୍ୟ ଯଦି ବାଞ୍ଛନୀୟ ହେଲେ ମଧ୍ୟ ଆମର ସଂଗ୍ରାମ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଏପରି ପ୍ରବୃତ୍ତି ହେବା ସ୍ୱାଭାବିକ, ମାତ୍ର ସେତେବେଳେ ମୁଁ ଏହା ଉତ୍ସାହିତ କରିବା ଠିକ ନୁହେଁ ବୋଲି ବୋଧ କଲି ।

୧୯୩୩ ମସିହାର ଅକ୍ଟୋବର ମାସର ମଧ୍ୟ ଭାଗରେ ବର୍ତ୍ତମାନ ପରିସ୍ଥିତି ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ଠିକ କରିବା ନିମନ୍ତେ ଏଲାହାବାଦରେ ଯୁକ୍ତପ୍ରଦେଶ କଂଗ୍ରେସକର୍ମୀଙ୍କର ଗୋଟାଏ ସଭା ହୋଇଥିଲା, ପ୍ରାଦେଶିକ କଂଗ୍ରେସ କମିଟି ବେଆଇନ ହୋଇଥାଏ, ଏବଂ ସେତେବେଳେ ଠିକ ଆଇନଭଙ୍ଗ କରିବା ଆମର ମତଲବ ନ ଥିଲା—ଏକତ୍ର ହେବାର ଇଚ୍ଛା ଥିବାରୁ ଆମେ ଏହି କମିଟିକୁ ନିୟମିତ ଭାବରେ ଡାକିଲୁ ନାହିଁ । ମାତ୍ର ଯେଉଁ ସଭ୍ୟମାନେ ଜେଲ ବାହାରେ ଥିଲେ ଓ ଅନ୍ୟ ବହୁ ବହୁ କଂଗ୍ରେସ କର୍ମୀଙ୍କୁ ଏହି ଆଲୋଚନା ବୈଠକରେ ଯୋଗ ଦେବା ନିମନ୍ତେ ଆମେ ଡାକିଲୁ । ଆମର ବୈଠକ କିଛି ଗୋପନୀୟ ରହି ନ ଥିଲା ଯଦିଓ ଏହା ଘରୋଇ ସଭା ଥିଲା । ସରକାର ଏଥିରେ ବାଧା ଦେବେ କି ନାହିଁ ଏହା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆମେ ଜାଣି ନ ଥିଲୁ ।

Digitized by srujanika@gmail.com

ଏହି ସମୟରେ ଆମେ ପୃଥିବୀ ପରିସ୍ଥିତି, ଆର୍ଥିକ ଦୁର୍ଗତି, ନାଜିବାଦ, କମ୍ୟୁନିଜମ୍ ଇତ୍ୟାଦି ପ୍ରତି ଖୁବ୍ ଦୃଷ୍ଟି ଦେଉଥିଲୁ । ଅନ୍ୟ ଦେଶର ଘଟଣା ସହିତ ଆମ ଭାରତୀୟ ସଂଗ୍ରାମସାଥୀମାନେ ବିଚାର କରନ୍ତୁ ବୋଲି ଆମର ଇଚ୍ଛା ଥିଲା । ଶେଷରେ ଆମର ଲକ୍ଷ୍ୟ ସମ୍ବନ୍ଧରେ ଏକ ସାମ୍ୟବାଦ-ମୂଳକ ପ୍ରସ୍ତାବ ଏହି ସମ୍ମିଳନୀରେ ଗୃହୀତ ହେଲା ଏବଂ ଆଇନଅମାନ୍ୟ ପ୍ରତ୍ୟାହାର ବିରୁଦ୍ଧରେ ମତ ପ୍ରକାଶ କଲା । ପ୍ରତ୍ୟେକେ ଭଲରୂପେ ଜାଣିଥିଲେ ଯେ ବିସ୍ତୃତ ଭାବରେ ଆଇନଅମାନ୍ୟ ହେବାର ସମ୍ଭାବନା ନ ଥିଲା ଏବଂ ଏପରିକି ବ୍ୟକ୍ତିଗତ ଆଇନ-ଅମାନ୍ୟ ସୁଦ୍ଧା ଅତିଶୀଘ୍ର ଅତି ମନ୍ଥର ହୋଇଯିବ ନଚେତ୍ ଖୁବ୍ ସୀମାବଦ୍ଧ ହୋଇଯିବ । ସରକାରର ଅପମାନଜନକ ଓ ଅର୍ଡିନାନ୍ସ ଆଇନ ଚାଲୁଥିଲା ବେଳେ ଆନ୍ଦୋଳନ ପ୍ରତ୍ୟାହାର କଲେ ଅବସ୍ଥାରେ କିଛି ପାର୍ଥକ୍ୟ ଘଟିବ ନାହିଁ । ତେଣୁ କେବଳ ଗୋଟାଏ ବାହାର ଠାଟ ବଜାୟ ରଖିବା ନିମନ୍ତେ ଆମେ ଆଇନ ଅମାନ୍ୟ ଚଳାଇବାକୁ ସ୍ଥିର କଲୁ, କିନ୍ତୁ ପ୍ରକୃତରେ ଆମେ ଆମ କର୍ମୀମାନଙ୍କୁ ପରାମର୍ଶ ଦେଲୁ ଯେ ଜାଣିଶୁଣି ଗିରଫ ହେବେ ନାହିଁ ସେମାନେ ସାଧାରଣ କାର୍ଯ୍ୟ ଚଳାଉଥିବେ ଏବଂ କାର୍ଯ୍ୟ କରୁ କରୁ ଯଦି ଗିରଫ ହୋଇଯାନ୍ତି, ତେବେ ଆନନ୍ଦରେ ତାହା ଗ୍ରହଣ କରିବେ । ବିଶେଷ ଭାବରେ ମଫସଲ ଅଞ୍ଚଳରେ ସଂପର୍କ ସ୍ଥାପନ, ଅବସ୍ଥା ଜାଣିବା ଏବଂ ସରକାରର ଦମନ ଓ ଖଜଣା କମ କରିବା ଫଳରେ କୃଷକଙ୍କ ଅବସ୍ଥା କିପରି ତାହା ଜାଣିବା ନିମନ୍ତେ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ସେତେବେଳେ ଖଜଣାବନ୍ଦ ଆନ୍ଦୋଳନର ପ୍ରଶ୍ନ ନ ଥିଲା । ପୁନା ସମ୍ମିଳନୀ ପରେ ଅନୁଷ୍ଠାନ ଏହା ପ୍ରତ୍ୟାହାର କରି ନେଇଥିଲା ଏବଂ ପ୍ରଚଳିତ ପରିସ୍ଥିତିରେ ଏହା ପୁନର୍ବାର ହୋଇ ପାରିବ ନାହିଁ ଏହା ସ୍ପଷ୍ଟ ଜଣା ପଡ଼ୁଥିଲା ।

ଏହା ଅତ୍ୟନ୍ତ ନରମା ଓ ନିର୍ଦ୍ଦୋଷ କାର୍ଯ୍ୟ—ଏଥିରେ ବେଆଇନ କିଛି ନ ଥିଲା, ତଥାପି ଏହା ଫଳରେ ଗିରଫ ହେବ ବୋଲି ଆମେ ଜାଣିଥିଲୁ । ଆମର କର୍ମୀମାନେ ଗ୍ରାମକୁ ଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଗିରଫ

Digitized by srujanika@gmail.com

କରି ଦିଆଯାଉଥିଲା ଏବଂ ଅତି ଅନ୍ୟାୟ ଭାବରେ ଖଜଣା ବନ୍ଦ ପ୍ରଚାର କରୁଛନ୍ତି ବୋଲି ଅଭିଯୋଗ (ଅର୍ଡିନାନ୍ସ ଅନୁସାରେ ଏହା ଏକ ଅପରାଧ ହୋଇଥିଲା) କରାଯାଇ ଶାସ୍ତି ଦିଆଯାଉଥିଲା । ଆମର ଅନେକ ସହକର୍ମୀ ଧରା ହେଲା ପରେ ମଫସଲ ଅଞ୍ଚଳକୁ ଯିବା ନିମନ୍ତେ ମୋର ଇଚ୍ଛା ଥିଲା; ମାତ୍ର ମୋତେ ଅନ୍ୟ କେତେକ କାର୍ଯ୍ୟରେ ନିଯୁକ୍ତ ହେବାକୁ ପଡ଼ିଲା ଓ ଯିବା ସମ୍ଭବ ହେଲା ନାହିଁ ।

ଏହି କେତେମାସ ଭିତରେ ସମଗ୍ର ଭାରତୀୟ ପରିସ୍ଥିତି ଆଲୋଚନା କରିବା ନିମନ୍ତେ ଦୁଇଥର କାର୍ଯ୍ୟକାରୀ ସମିତିର ସଭ୍ୟମାନେ ଏକତ୍ର ହେଲେ । ସେତେବେଳେ କମିଟି କାର୍ଯ୍ୟ କରୁ ନ ଥିଲା, ବେଆଇନ ଅନୁଷ୍ଠାନ ଯୋଗୁଁ ନୁହେଁ । ଏହାର କାରଣ ହେଉଛି ପୁନା ଆଲୋଚନା ପରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶ ମତେ ସବୁ କଂଗ୍ରେସ କମିଟି ଓ ଅଫିସକୁ ସ୍ଥଗିତ କରି-ଦିଆଯାଇଥିଲା । ମୁଁ ଏକ ଅଦ୍ଭୁତ ଅବସ୍ଥାରେ ଥିଲି; କାରଣ ମୁଁ ଜେଲରୁ ଫେରି ଆସି ନିଜକୁ ଅସ୍ୱୀକାର କରିବାର ଏହି ଅର୍ଡିନାନ୍ସ ଗ୍ରହଣ କଲି ନାହିଁ ଏବଂ ନିଜକୁ କଂଗ୍ରେସର ସାଧାରଣ ସମ୍ପାଦକ ଭାବରେ ପରିଚୟ ଦେବାକୁ ଲାଗିଲି । ମାତ୍ର ମୁଁ ପବନରେ ଭାସିଲି । ବନ୍ଧ ଠିକଣା ଅଫିସ ନ ଥିଲା, କୌଣସି କର୍ମଚାରୀ ନ ଥିଲେ, ଅସ୍ଥାୟୀ ସଭାପତି ନ ଥିଲେ—ପରାମର୍ଶ ପାଇଁ ଗାନ୍ଧିଜୀ ଥିଲେ ସୁଦ୍ଧା ସେ ହରିଜନ କାର୍ଯ୍ୟ ନିମନ୍ତେ ସମଗ୍ର ଭାରତରେ ଭ୍ରମଣରେ ବ୍ୟସ୍ତ ଥିଲେ । ତାଙ୍କର ଭ୍ରମଣବେଳେ ଆମେ ଜବଲପୁର ଓ ଦିଲ୍ଲୀରେ ତାଙ୍କୁ ଭେଟିଲୁ ଏବଂ କାର୍ଯ୍ୟକାରୀ ସମିତିର ସଭ୍ୟ ସେଠାରେ ପହଞ୍ଚି ତାଙ୍କ ସହିତ ମିଶି ପରାମର୍ଶ କରିଥିଲୁ । ଏଥିରେ ଭିନ୍ନ ସଭ୍ୟଙ୍କ ଭିତରେ ଥିବା ମତଭେଦ ପରିଷ୍କାର ଜଣା ପଡ଼ିଲା । ଗୋଟାଏ ଅଚଳ ଅବସ୍ଥା ପହଞ୍ଚିଲା—କୌଣସି ଗୋଟାଏ ପନ୍ଥାରେ ପ୍ରତ୍ୟେକ ସଭ୍ୟ ରାଜି ହେଉ ନ ଥିଲେ । ଯେଉଁମାନେ ଆଇନ ଅମାନ୍ୟ ପ୍ରତ୍ୟାହାର କରିବାକୁ ଚାହୁଁଥିଲେ ଏବଂ ଯେଉଁମାନେ ଏହା ବିରୁଦ୍ଧରେ ଥିଲେ ସେମାନଙ୍କ ଭିତରେ ଗାନ୍ଧିଜୀଙ୍କ ସିଦ୍ଧାନ୍ତ ଉପରେ ସବୁ ନିର୍ଭର କରୁଥିଲା । ସେ ଏହା ପ୍ରତ୍ୟାହାର କରିବା ସପକ୍ଷରେ ଥିବାରୁ ପୂର୍ବାପର ଚାଲିଲା ।

Digitized by srujanika@gmail.com

ସେତେବେଳେ କାର୍ଯ୍ୟକାରୀ ସମିତିର ସଭ୍ୟମାନେ କଂଗ୍ରେସ ତରଫରୁ ବ୍ୟବସ୍ଥାସଭା-ନିର୍ବାଚନ-ଯୁଦ୍ଧ ଚଳାଇବା କଥାରେ ବିଶେଷ ଆଗ୍ରହ ଦେଖାଇ ନ ଥିଲେ ସୁଦ୍ଧା ସମସ୍ତ ସମ୍ବନ୍ଧରେ ସେ ପ୍ରଶ୍ନ କଂଗ୍ରେସ ନେତେ ଆଲୋଚନା କରୁଥିଲେ । ଏ କଥା ଉଠୁ ନ ଥିଲା- ଏହା ସ୍ପଷ୍ଟ ଜଳ୍ପନା ମାତ୍ର । ଅନ୍ତତଃ ଆଗାମୀ ଦୁଇ ତିନି ବର୍ଷ ପୂର୍ବରୁ ନୂତନ 'ସଂସ୍କାର' କାର୍ଯ୍ୟକାରୀ ହୋଇ ପାରିବ ନାହିଁ ଏବଂ ସେତେବେଳେ ଆସେମ୍ବ୍ଲି (କେନ୍ଦ୍ର ବ୍ୟବସ୍ଥାସଭା)କୁ ନିର୍ବାଚନର ପ୍ରଶ୍ନ ନ ଥିଲା । ବ୍ୟକ୍ତିଗତ ମତବାଦ ହିସାବରେ ନିର୍ବାଚନ-ଯୁଦ୍ଧ ଚଳାଇବାରେ ମୋର ଆପତ୍ତି ନ ଥିଲା ଏବଂ ମୁଁ ନିଶ୍ଚିତ ରୂପେ ଅନୁଭବ କଲି ଯେ ସେ ସମସ୍ତ ପରିସ୍ଥିତିରେ କଂଗ୍ରେସକୁ ସେଥିରେ ପ୍ରବେଶ କରିବାକୁ ପଡ଼ିବ । ମାତ୍ର ସେତେବେଳେ ସେ ପ୍ରଶ୍ନ ଉଠାଇବା ଅର୍ଥ ହେଉଛି ଦୃଷ୍ଟି ଅନ୍ୟ ପଥକୁ ନେବା । ମୁଁ ଆଶା କରୁଥିଲି ସଂଗ୍ରାମ ଚାଲିଲେ ଆମ ଆଗରେ ଯେଉଁ ସମସ୍ୟା ଅଛି ତାହା ପରିଷ୍କାର ହୋଇଯିବ ଏବଂ ମିଳାମିଶା କରିବାକୁ ଇଚ୍ଛୁକ ଥିବା ଲୋକଙ୍କର ପରିସ୍ଥିତି ଉପରେ କିଛି ପ୍ରାଧାନ୍ୟ ରହିବ ନାହିଁ ।

ଏହି ଭିତରେ ମୁଁ ସମ୍ବାଦପତ୍ରକୁ ପ୍ରବନ୍ଧ ଏବଂ ବିବୃତି ବରାବର ପଠାଉଥିଲି । କେତେକ ପରିମାଣରେ ମୁଁ ଏହାର ସୀମା ନିୟମ କରୁଥିଲି; କାରଣ ପ୍ରକାଶ ହେବା ନିମନ୍ତେ ଏହା ଲେଖା ହୋଇଥିଲା—ଯାହି ଓ ନାନା ଆଇନ ସବୁ ଚାରିଆଡ଼େ ଜାଲ ଘେରେଇ ରହିଥିଲା । ମୁଁ ବିପଦ ବରଣ କରିବାକୁ ପ୍ରସ୍ତୁତ ଥିଲେ କଣ ହେବ—ମୁଦ୍ରାକର, ପ୍ରକାଶକ ଏବଂ ସମ୍ପାଦକମାନେ ପ୍ରସ୍ତୁତ ନ ଥିଲେ । ମୋଟ ଉପରେ ସମ୍ବାଦପତ୍ରଗୁଡ଼ିକ ମୋ ପ୍ରତି ଭଲ ବ୍ୟବହାର କରିଛନ୍ତି ଓ ମୋ ସପକ୍ଷରେ ଅନେକ ମନ୍ତବ୍ୟ କରିଛନ୍ତି । ମାତ୍ର ସବୁବେଳେ ନୁହେଁ, ସେତେବେଳେ ଉକ୍ତି ଏବଂ ସେଥିରୁ କେତେକାଂଶ ବାଦ୍ ଦେଇ ଦିଆଯାଏ ଏବଂ ଥରେ ମୁଁ ଅନ୍ୟ କଷ୍ଟରେ ଲେଖିଥିବା ଗୋଟିଏ ଦୀର୍ଘ ପ୍ରବନ୍ଧ ଆଦୌ ପ୍ରକାଶିତ ହେଲା ନାହିଁ । ୧୯୩୪ ମସିହା ଜାନୁୟାରୀ ମାସରେ ମୁଁ କଲିକତାରେ ଥିବାବେଳେ

Digitized by srujanika@gmail.com

କଲିକତାର ଗୋଟିଏ ପ୍ରଧାନ ସଂବାଦପତ୍ରର ସଂପାଦକ ମୋ ସହିତ ଦେଖା କରିବାକୁ ଆସିଥିଲେ । ସେ ମୋତେ କହିଲେ ଯେ, ମୋର ଏକ ପ୍ରବନ୍ଧ ସମ୍ବନ୍ଧରେ ମତ ପ୍ରକାଶ ନିମନ୍ତେ ସେ ତାହା କଲିକତାର ସମସ୍ତ ସଂବାଦପତ୍ରର ପ୍ରଧାନ ସଂପାଦକଙ୍କ ପାଖକୁ ପଠାଇ ଦେଇଥିଲେ; ମାତ୍ର ପ୍ରଧାନ ସଂପାଦକ ତାହା ପସନ୍ଦ ନ କରିବାରୁ ପ୍ରକାଶିତ ହୋଇପାରିଲା ନାହିଁ । ଏହି ପ୍ରଧାନ ସଂପାଦକ ହେଉଛନ୍ତି କଲିକତାର ସଂବାଦପତ୍ରର ସରକାରୀ ଯାଞ୍ଚ କର୍ମଚାରୀ ।

ମୋର ସଂବାଦପତ୍ରକୁ କେତେକ ସାହାଯ୍ୟ ଓ ବକ୍ତୃତାରେ ମୁଁ କେତେକ ଦଳ ଏବଂ ବ୍ୟକ୍ତିବିଶେଷଙ୍କୁ ଖୁବ୍ ଜୋରରେ ସମାଲୋଚନା ସାହସର ସହିତ କରିଥିଲି । ଏଥିରେ ଅନେକ ଅସନ୍ତୁଷ୍ଟ ହେଲେ—କାରଣ ଗୋଟାଏ ଧାରଣା ଗାନ୍ଧିଜୀଙ୍କ ଯୋଗୁଁ ଗୃହୀତ ହୋଇ ଥିଲା ଯେ କଂଗ୍ରେସକୁ ଆକ୍ରମଣ କରାଯାଇପାରେ । ମାତ୍ର ପ୍ରତିଆକ୍ରମଣର ଭୟ ନାହିଁ । ଗାନ୍ଧିଜୀ ଏ ସମ୍ବନ୍ଧରେ ଦୃଷ୍ଟାନ୍ତ ଦେଖାଇଥିଲେ ଏବଂ କେତେକ ପରିମାଣରେ ମୁଖ୍ୟ କଂଗ୍ରେସ ନେତାଏ ଏହାକୁ ପାଳନ କରିଥିଲେ, ଯଦିଓ ବେଳେ ବେଳେ ନୁହେଁ । ସାଧାରଣତଃ ଆମେ ଅସ୍ପଷ୍ଟ ଓ ସୁନ୍ଦର ବାକ୍ୟ ପ୍ରୟୋଗ କରୁ ଏବଂ ଏଥିଯୋଗୁଁ ଆମର ସମାଲୋଚକମାନେ ଦୋଷମୁକ୍ତ ମୁକ୍ତ ଓ ସୁବିଧାବାଦ କୌଶଳ ପ୍ରୟୋଗ କରିବାର ସୁବିଧା ପାଆନ୍ତି । ବଡ଼ବଡ଼ ଅନ୍ୟ ପ୍ରକୃତ ସମସ୍ୟାକୁ ଉପେକ୍ଷା କରୁଥିଲେ । ମୁକ୍ତ ତର୍କ ଆଲୋଚନା ପ୍ରାୟ ହେଉ ନ ଥିଲା—ପାଶ୍ଚାତ୍ୟରେ ଫାସିଷ୍ଟଦେଶ ବ୍ୟତୀତ ଅନ୍ୟ ସବୁଦେଶରେ ହୁଏ ।

ମୋର ଜଣେ ବାନ୍ଧବଙ୍କ ମତ ପ୍ରତି ଶାର୍ଦ୍ଦିଶ ଆଏ ! ସେ ମୋତେ ଲେଖିଲେ ଯେ ସଂବାଦପତ୍ରରେ ମୋର ବକ୍ତୃତି ଗୁଡ଼ିକର ଜୋରକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଛନ୍ତି—ମୁଁ ଗୋଟିଏ ରାଗୀ ବଡ଼ଲୋକ ପରି ପ୍ରାୟ ହୋଇଯାଇଛି । ଏହା କଣ ମୋ ଆଶାର ନୈରାଶ୍ୟ ଯୋଗୁଁ ହୋଇଛି କି ? ମୁଁ ଆଶ୍ଚର୍ଯ୍ୟ ହୋଇ ଭାବିଲି, କେତେକାଂଶରେ ଏହା ସତ୍ୟ, କାରଣ କାହିଁକି ଭାବରେ ଆମ ସମସ୍ତଙ୍କର ନୈରାଶ୍ୟ ହୋଇଥିଲା । ବ୍ୟକ୍ତିଗତ

Digitized by srujanika@gmail.com

ଭାବରେ ମଧ୍ୟ ଏହା କେତେକ ପରିମାଣରେ ସତ୍ୟ । ତଥାପି ଏ ଭାବ ସମ୍ବନ୍ଧରେ ମୁଁ ଅଧିକ ସଚେତନ ନ ଥିଲି, କାରଣ ବ୍ୟକ୍ତିଗତ ଭାବରେ ମୋର କୌଣସି ଦମନ ବା ନିଷ୍ଫଳତାର ଭାବ ନ ଥିଲା । ଗାନ୍ଧିଜୀଙ୍କ ସହିତ ରାଜନୀତି କ୍ଷେତ୍ରରେ ସମ୍ପର୍କରେ ଆସିଲି ଜନ୍ମ ମୁଁ ତାଙ୍କଠୁଁ ଅନ୍ତତଃ ଗୋଟିଏ କଥା ଶିଖିଥିଲି, ଫଳାଫଳ ଉପରେ ମୋ ନିଜ ଅନ୍ତରର ଧାରଣାକୁ କଦାପି ଦବାଇ ରଖିବ ନାହିଁ । ଏହି ଅଭ୍ୟାସ ରାଜନୀତି କ୍ଷେତ୍ରରେ ଅନୁସରଣ କରିବା ହେତୁ (ଅନ୍ୟ କ୍ଷେତ୍ରରେ ଏହା ଅନୁସରଣ କରିବା ଆହୁରି କଷ୍ଟକର ଓ ବିପଜ୍ଜନକ) ମୁଁ ପ୍ରାୟ ହଇରାଣରେ ପଡ଼ୁଛି, ମାତ୍ର ଏହା ମୋତେ ଅନେକ ଶାନ୍ତି ଦାନ କରେ । ମୋର ମନେହୁଏ ଏହି କାରଣରୁ ଆମ ଭିତରୁ ଅନେକଙ୍କ ଭିତରେ ପ୍ରକୃତ ହୃଦୟର ଦିକ୍ତତା ନାହିଁ ଏବଂ ଅତି ଖରାପ ଧରଣ ନୈରାଶ୍ୟ ଭାବ ନାହିଁ । ଅନେକ ସଂଖ୍ୟକ ଲୋକ ଶ୍ରଦ୍ଧାର ସହିତ ଭାବୁଛନ୍ତି ବୋଲି ଜାଣିବା ମଧ୍ୟ ଖୁବ୍ ଆରାମଦାୟକ ଏବଂ ଅବସାଦ ଓ ନୈରାଶ୍ୟବାଦର ଶକ୍ତିଶାଳୀ ପ୍ରତିଷେଧକ । ମୋର ଅନୁମାନ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଏକାକୀ ରହିଥିବା ଭାବହିଁ ସବୁଠାରୁ ଭୟାବହ ।

କିନ୍ତୁ ଏହା ହେଲେ ସୁଦ୍ଧା ଏହି ଅଦ୍ଭୁତ ଓ ହତଭାଗ୍ୟ ଦୁନିଆଁ ଭିତରେ ଜଣେ ନୈରାଶ୍ୟରୁ କିପରି ଅଲଗା ରହିବ ? ଅନେକ ସମୟରେ ପ୍ରତ୍ୟେକ କଥା ଭୁଲ ବୋଲି ଜଣା ପଡ଼େ—ଆମେ କାର୍ଯ୍ୟକର ପାଉଥିଲେ ସୁଦ୍ଧା ଆମେ ଆମ ଚତୁର୍ଦ୍ଦିଗରେ ଲୋକଙ୍କର ଅବସ୍ଥା ଦେଖି ସନ୍ଦେହ କରୁ । ମୋର ଆଶଙ୍କା ଯେ ଅନେକ ସମୟରେ ବହୁତ ଘଟଣା ଓ ପରିସ୍ଥିତିରେ ଏବଂ ଏପରି କି ବ୍ୟକ୍ତିବିଶେଷ ଏବଂ ଦଳବିଶେଷ ଉପରେ ମୋର କ୍ରୋଧ ଓ ଅସନ୍ତୋଷ ଜାତ ହୁଏ । ଏବେ ଜୀବନ ପ୍ରତି ଦିନକଥାନା ଘର ରାଜନୀତିକୁ ମୁଁ ଅଧିକରୁ ଅଧିକ ଘୃଣା କରୁଛି— କାରଣ ଏହି ରାଜନୀତିଜ୍ଞମାନେ ପ୍ରକୃତ ସମସ୍ୟା ପ୍ରତି ଉଦାସୀନ । ଏହି ସମ୍ବନ୍ଧରେ ଆଲୋଚନା କରିବା ଠିକ୍ ମନେ କରନ୍ତି ନାହିଁ—କାରଣ ଏଥିରେ ନିଜର ଅର୍ଥ ଏବଂ କୌଣସି ପୂର୍ବଜାତ ସଂସ୍କାରରେ ବାଧା ପଡ଼ିବ

Digitized by srujanika@gmail.com

ପାରେ । ମାତ୍ର ମୁଁ ଆଶା କରେ ଯେ ମୋର ଏହି ସବୁ ଅସନ୍ତୋଷ, ନୈରାଶ୍ୟ ଏବଂ 'ରାଗୀ ବଗଡ଼ା ଭାବ' ସତ୍ତ୍ୱେ ମୁଁ ଏବେସୁଦ୍ଧା ଅନ୍ୟମାନଙ୍କର ଓ ମୋ ନିଜର ନିର୍ବୁଦ୍ଧିତା ଦେଖି ହସିବାର କ୍ଷମତା ହରାଇ ନାହିଁ ।

ଦୟାଳୁ ଭଗବାନଙ୍କ ଉପରେ ଲୋକଙ୍କର ବିଶ୍ୱାସ ଦେଖି ମୁଁ ସମୟ ସମୟରେ ଆଶ୍ଚର୍ଯ୍ୟ ହୁଏ । ଏହା ଆଘାତ ପରେ ଆଘାତ ଏବଂ ସର୍ବନାଶ ଅବସ୍ଥାରେ ସୁଦ୍ଧା ଅଟଳ ରହୁଛି; ଦୟାର ବିପରୀତ ପ୍ରମାଣଗୁଡ଼ିକ ବିଶ୍ୱାସରେ ଅଟଳତ୍ୱର ପରୀକ୍ଷା ରୂପେ ଧରାଯାଏ । ଜେରାର୍ଡ଼ ହାପ୍‌କିନ୍‌ସଙ୍କର ଆନନ୍ଦଦାୟକ ନିମ୍ନୋକ୍ତ କବିତା ଅଂଶ ସମସ୍ତଙ୍କ ହୃଦୟରେ ପ୍ରତିଧ୍ୱନିତ ହୁଏ ।

"ହେ ପ୍ରଭୁ ! ତୁମେ ବାସ୍ତବିକ ନ୍ୟାୟବାନ୍‌—ମୁଁ ତୁମ ସହିତ ଯୁକ୍ତି କଲେ ମୋର ଯୁକ୍ତି ମଧ୍ୟ ନ୍ୟାୟସଙ୍ଗତ ହୋଇଯିବ । ପାପୀମାନେ ତାଙ୍କ ବାଟରେ କାହିଁକି ଉନ୍ନତି କରନ୍ତି ? ମୋର ସମସ୍ତ ଉଦ୍ୟମ ହତାଶାରେ ପରିଣତ ହୁଏ କାହିଁକି ? ହେ ମୋର ବନ୍ଧୁ, ତୁମେ କିଣ ମୋର ଶତ୍ରୁ ? ମୁଁ ଭାବି ଆଶ୍ଚର୍ଯ୍ୟ ହୁଏ ଯେ ତମେ ମୋତେ ପରାସ୍ତ ଓ ବ୍ୟର୍ଥ କରିବ! [illegible] ଆଉ କଣ ଖରାପ କରିପାରନ୍ତ ? ହେ ନାଥ, ମଦୁଆ ଓ କାମୁକ ଲୋକ ମଧ୍ୟ ଅବସର ସମୟରେ ଉନ୍ନତି ଲାଭ କରନ୍ତି—ମାତ୍ର ମୁଁ ତୁମ ଲାଗି ସମସ୍ତ ସମୟ ଦେଇ ସୁଦ୍ଧା ତାହା ପାଏ ନାହିଁ ।"

ପ୍ରଗତି, ଗୋଟିଏ ଉଦ୍ଦେଶ୍ୟ, ଆଦର୍ଶ, ମନୁଷ୍ୟର ସାଧୁତା ଓ ଭାଗ୍ୟରେ ବିଶ୍ୱାସ—ଏ ସବୁ କିଣ ପ୍ରାୟ ଭଗବତ୍‌ ବିଶ୍ୱାସ ସହିତ ସଂପୃକ୍ତ ନୁହନ୍ତି ? ଆମେ ଯଦି ଯୁକ୍ତି ଓ କାରଣଦ୍ୱାରା ସେଗୁଡ଼ିକରେ ଯଥାର୍ଥତା କରୁ, ତେବେ ସଙ୍ଗେ ସଙ୍ଗେ ଆମେ ହଇରାଣରେ ପଡ଼ିଯାଉଁ ! ମାତ୍ର ଆମ ଭିତରେ କିଛି ଜିନିଷ ଆମକୁ ସେହି ଆଶା ଓ ବିଶ୍ୱାସରେ ବାନ୍ଧି ରଖେ—କାରଣ ଏଥିରୁ ବଞ୍ଚିତ ହେଲେ ଜୀବନ ଜଳବିହୀନ ମରୁଭୂମି ହୋଇ ପଡ଼ିବ ।

Digitized by srujanika@gmail.com

ମୋ ସାମ୍ୟବାଦ ପ୍ରଚାର ଫଳରେ କାର୍ଯ୍ୟକାରୀ ସମିତିର କେତେକ ସଭ୍ୟ ମଧ୍ୟ ବିବ୍ରତ ହୋଇ ପଡ଼ିଲେ । ଗତ କେତେ ବର୍ଷ ହେଲା ମୁଁ ଏହି ପ୍ରଚାର କରି ଆସୁଥିଲି—ସେମାନେ ତାହା ସେପରି ପସନ୍ଦ କରୁଥିଲେ ଏଥର ବି ମଧ୍ୟ ସେପରି କରିଥାନ୍ତେ—ମାତ୍ର ଏଥର ମୁଁ ଦେଶରେ ନ୍ୟସ୍ତ-ସ୍ୱାର୍ଥଙ୍କୁ କେତେକ ପରିମାଣରେ ଧମକ ଦେଉଥିଲି ଏବଂ ମୋର କାର୍ଯ୍ୟକୁ ଆଉ ନଗଣ୍ୟ କୁହାଯାଇପାରିବ ନାହିଁ । ମୁଁ ଜାଣିଥିଲି ମୋର କେତେକ ସହକର୍ମୀ ସାମ୍ୟବାଦୀ ନୁହନ୍ତି, ମାତ୍ର ମୁଁ ସର୍ବଦା ଭାବୁଛି ଯେ କଂଗ୍ରେସ କାର୍ଯ୍ୟକାରୀ ସମିତି ସଭ୍ୟ ହିସାବରେ କଂଗ୍ରେସର ମତକୁ କୌଣସି ପ୍ରକାର ଜଡ଼ିତ ନ କରି ସାମ୍ୟବାଦୀ ପ୍ରଚାର କରିବାର ପୂର୍ଣ୍ଣ ସ୍ୱାଧୀନତା ମୋର ଅଛି । କାର୍ଯ୍ୟକାରୀ ସମିତିର କେତେ ସଭ୍ୟ ମୋର ଏପରି କ୍ଷମତା ନାହିଁ ବୋଲି ଭାବୁଥିବାର ଜାଣି ମୁଁ ଆଶ୍ଚର୍ଯ୍ୟ ହେଲି । ମୁଁ ସେମାନଙ୍କୁ ଗୋଟାଏ ଖରାପ ଅବସ୍ଥାରେ ପକାଉଥିଲି—ସେମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର ମୁଁ କଣ କରନ୍ତି ? ମୁଁ ମୋର କାର୍ଯ୍ୟର ପ୍ରଧାନ ଅଂଶ ବୋଲି ଯାହା ଭାବୁଛି ତାହା ଛାଡ଼ି ପାରନ୍ତି ନାହିଁ । ଯଦି ଏହି ଦୁଇ କଥା ଭିତରେ ସଂଘର୍ଷ ହୁଏ ତେବେ ମୁଁ ବରଂ କାର୍ଯ୍ୟକାରୀ ସମିତି ସଭ୍ୟ ପଦରୁ ଇସ୍ତଫା ଦେବି । ମାତ୍ର କମିଟି ବୈଠକ ଥିଲା ବେଳେ ଏବଂ କାର୍ଯ୍ୟକାରୀ ନ ଥିଲା ବେଳେ ମୁଁ ବା କିପରି ଇସ୍ତଫା ଦେବି ?

ପରେ ପୁଣି ଥରେ ଏହି ଅସୁବିଧା ମୋ ସମ୍ମୁଖରେ ଉପୁଜିଥିଲା । ମୋର ମନେହୁଏ ଡିସେମ୍ବର ମାସ ଶେଷ ବେଳକୁ ଗାନ୍ଧିଜୀଙ୍କଠାରୁ ମାନ୍ଦ୍ରାଜରୁ ଖଣ୍ଡେ ଚିଠି ପାଇଲି । ସେ 'ମାନ୍ଦ୍ରାଜ ମେଲ' ଖବର କାଗଜକୁ ଦେଇଥିବା ଏକ ସାକ୍ଷାତକାର ବିବରଣୀ କାଟି ମୋ ପାଖକୁ ପଠାଇ ଥିଲେ ; ସାକ୍ଷାତକାରୀ ମୋ ବିଷୟରେ ତାଙ୍କୁ ପଚାରିଥିଲେ ଏବଂ ସେ ପ୍ରାୟ ମୋର କାର୍ଯ୍ୟ ସକାଶେ କ୍ଷମା ମାଗି ଉତ୍ତର ଦେଇଥିଲେ—ମାତ୍ର ମୋର ସତ୍ୟତା ଉପରେ ତାଙ୍କର ବିଶ୍ୱାସ ଅଛି ଏବଂ ମୁଁ ଏହି ନୂତନ ପନ୍ଥାକୁ କଂଗ୍ରେସକୁ ନେଇ ଯିବାକୁ ଚାହେଁ ନା ବୋଲି କହିଥିଲେ ।

Digitized by srujanika@gmail.com

ମୋ ଜୀବନରେ ଏପରି ମନ୍ତବ୍ୟକୁ ମୁଁ ବିଶେଷ ଭାବରେ ପସନ୍ଦ କରି ନ ଥିଲି, ମାତ୍ର ସେହି ସାକ୍ଷାତରେ ଗାନ୍ଧିଜୀ ବୃହତ୍ ଜମିଦାରୀ ପ୍ରଥା ଇତ୍ୟାଦି ସମ୍ବନ୍ଧରେ ଯାହା କହିଥିଲେ ତାହା ମୋତେ ବିବ୍ରତ କରି ପକାଇଲା । ଏହା ଆମର ଗ୍ରାମ୍ୟ ଓ ଜାତୀୟ ଅର୍ଥ ନୀତି ପକ୍ଷରେ ଅତ୍ୟନ୍ତ ବାଞ୍ଛନୀୟ ଅଂଶରୂପେ ସେ ଭାବୁଥିବାର ଜଣା ପଡ଼ିଲା । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ବୋଧ ହେଲା—କାରଣ ଆଜିକାଲି ବଡ଼ ବଡ଼ ଜମିଦାରୀ ଓ ତାଲୁକଦାରଙ୍କର ସମର୍ଥକ ଖୁବ୍ କମ୍ ଲୋକ ଅଛନ୍ତି । ସମଗ୍ର ଦୁନିଆଁରେ ଏହା ସବୁ ଭାଙ୍ଗି-ଦିଆଯାଉଛି, ଏବଂ ଭାରତରେ ଏହା ବେଶୀ ଦିନ ରହି ପାରିବ ନାହିଁ ବୋଲି ଅନେକ ଲୋକ ସ୍ୱୀକାର କରୁଛନ୍ତି; ଏପରିକି ଯଥେଷ୍ଟ କ୍ଷତିପୂରଣ * ପାଇଲେ ତାଲୁକଦାର ଓ ଜମିଦାରମାନେ ସୁଦ୍ଧା ଏହି ପ୍ରଥାର ଧ୍ୱଂସ ସ୍ୱାଗତ କରିବେ । ଏହି ପ୍ରଥା ନିଜ ବୋଝରେ ହିଁ ଭାଙ୍ଗି ପଡ଼ୁଛି । ତଥାପି ଗାନ୍ଧିଜୀ ଏହା ସପକ୍ଷରେ—ନ୍ୟସ ଠିକାଦାର ଇତ୍ୟାଦି କଥା ଉଠାଇଲେ । ମୁଁ ପୁଣି ଚିନ୍ତାକଲି ତାଙ୍କର ଓ ମୋର ଦୃଷ୍ଟିକୋଣରେ କେତେ ପାର୍ଥକ୍ୟ ? ଭବିଷ୍ୟତରେ ମୁଁ ବା ତାଙ୍କ ସହିତ କେତେଦୂର ସହଯୋଗ କରିପାରିବି ? ମୁଁ କଣ କାର୍ଯ୍ୟକାରୀ ସମିତିରେ ରହିଥିବି ? ସେତେବେଳେ ଆଉ କିଛି ବାଟ ନ ଥିଲା ଏବଂ କେତେକ ସପ୍ତାହ ପରେ ମୁଁ ପୁଣି ଜେଲ ଆସିବାରୁ ସେ କଥା ଅପ୍ରାସଙ୍ଗିକ ହୋଇଗଲା ।

---

* ୧୯୩୪ ମସିହା ଡିସେମ୍ବର ୨୩ ତାରିଖରେ ନଦୀଆ ବଙ୍ଗ ଜମିଦାର ସମ୍ମିଳନୀର ଅଭ୍ୟର୍ଥନା ସମିତି ଚେୟାରମାନ୍ ଭାବରେ ପି. ଏନ୍. ଠାକୁର କହିଲେ—"ଆୟର୍ଲାଣ୍ଡରେ ଯେପରି ହୋଇଛି ସେହିପରି ଯଦି ଜମିଦାରଙ୍କୁ ଯଥେଷ୍ଟ କ୍ଷତିପୂରଣ ଦେଇ ଆମ ଜମି ଜାତୀୟ ସମ୍ପତ୍ତିରେ ପରିଣତ କରାଯାଏ ତେବେ ବ୍ୟକ୍ତିଗତ ଭାବରେ ମୁଁ ସେଥିଲାଗି ଦୁଃଖିତ ହେବି ନାହିଁ ।" ଏହା ମନେ ରଖିବାର କଥା; ଚିରସ୍ଥାୟୀ ବନ୍ଦୋବସ୍ତ ହେତୁ ଅସ୍ଥାୟୀ ଜମିଦାରଙ୍କ ଅପେକ୍ଷା ବଙ୍ଗଳା ଜମିଦାରଙ୍କ ଅବସ୍ଥା ଭଲ । ଜାତୀୟକରଣ ସମ୍ବନ୍ଧରେ ପି. ଏନ୍. ଠାକୁରଙ୍କ ଧାରଣା ଅସ୍ପଷ୍ଟ ପରି ବୋଧ ହେଲା ।

ମୋର ଘରୋଇ ବ୍ୟାପାର ମଧ୍ୟ ଯଥେଷ୍ଟ ସମୟ ନେଉଥିଲା । ମୋର ମାଆଙ୍କ ସ୍ୱାସ୍ଥ୍ୟ ହିଁ ବିଶେଷ ଭଲ ଆଡ଼କୁ ଯାଉ ନ ଥିଲା, ମାତ୍ର ଏହା ଅତି ଧୀରେ ଧୀରେ ହେଉଥିଲା । ସେ ଏବେ ପୁରା ଶଯ୍ୟାଶାୟୀ ଥିଲେ, ମାତ୍ର ବିପଦ କିଛି ନ ଥିଲା । ମୋର ଆର୍ଥିକ ଅବସ୍ଥା ପ୍ରତି ମୁଁ ଅନେକଦିନରୁ ଦୃଷ୍ଟି ଦେଇ ନ ଥିଲି — ଏହା ଗୋଳମାଳିଆ ହୋଇ ଯାଇଥିଲା । ଆମର ଶକ୍ତି ଅପେକ୍ଷା ଆମେ ଅତ୍ୟଧିକ ଖର୍ଚ୍ଚ କରିଯାଉଛୁ ଏବଂ ଆମର ଖର୍ଚ୍ଚ କମାଇବାର ସ୍ପଷ୍ଟ ପନ୍ଥା କିଛି ଦେଖାଗଲା ନାହିଁ । କୌଣସି ପ୍ରକାର ଆୟ ଉତ୍ପାଦନରେ ଖରଚ କରିବା ପ୍ରତି ମୋର ବିଶେଷ ଆଗ୍ରହ ନ ଥିଲା । ଯେତେବେଳେ ମୋର ଅର୍ଥ ହୋଇ କିଛି ନ ଥିବ ସେହି ମୁହୂର୍ତ୍ତି ପ୍ରତି ମୁଁ ଅପେକ୍ଷା କରି ରହିଛି । ଆଧୁନିକ ଜଗତରେ ଅର୍ଥ ଓ ସମ୍ପତ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି; ମାତ୍ର ଯାହାର ଉଦ୍ଧର ଯାତ୍ରୀ ପକ୍ଷରେ ଅନେକ ସମୟରେ ଏହା ଏକ ବୋଝ ହୋଇପଡ଼େ । ଏଇପାଇଁ ଲୋକଙ୍କ ପକ୍ଷରେ ବିପଦ ବରଣ କରି-ବାର କାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼େ । ସେମାନେ ସର୍ବଦା ନିଜର ଅସ୍ଥାବର ସମ୍ପତ୍ତି ଓ କିନ୍ତୁପତ୍ର ହରାଇବାର ଭୟ କରନ୍ତି । ସରକାର ଯେତେବେଳେ ଇଚ୍ଛା କରିବ ଅର୍ଥ କିମ୍ବା ସମ୍ପତ୍ତି ନେଇଯିବାର ଏବଂ ବାଜ୍ୟାପ୍ତ କରି ପାରୁଥିବା ଅବସ୍ଥାରେ ଏହା ରଖି ଲାଭ କଣ ? ତେଣୁ ମୋର ଯାହା ଅଳ୍ପ କିଛି ଥିଲା ତାହା ଶେଷ ହୋଇଗଲେ ଭଲ । ଆମର ଆବଶ୍ୟକତା ଖୁବ୍ କମ୍ ଏବଂ ମୋର ଯଥେଷ୍ଟ ଅର୍ଜନ କରିବାର କ୍ଷମତା ଅଛି । ମୋର ପ୍ରଧାନ ଚିନ୍ତା ଥିଲା ଯେ ମୋର ମାଆ ତାଙ୍କର ଶେଷଜୀବନରେ ଯେପରି କିଛି ଅସୁବିଧା ଭୋଗ ନ କରେ କିମ୍ବା ତା'ର ଜୀବନଯାତ୍ରା ପ୍ରଣାଳୀରେ କିଛି ଊଣା ନ ହୁଏ । ମୋର ଝିଅ ଶିକ୍ଷାରେ ଯେପରି କୌଣସି ପ୍ରକାରେ ବାଧା ନ ପଡ଼ୁଛି ଏହା ମଧ୍ୟ ମୋର ଇଚ୍ଛା— ଏହା କହିବାକୁ ହେଲେ ମୋର ନିଜ ଧାରଣାନୁସାରେ ତାର ଉତ୍ସର୍ଗପରେ ନିହିବା ଦରକାର । ଏହା ଛଡ଼ା ମୋ ସ୍ତ୍ରୀ ବା ମୋର ଧନର ବିଶେଷ କିଛି ଦରକାର ନ ଥିଲା କିମ୍ବା ଅର୍ଥର ବାସ୍ତବିକ ଅଭାବ ବୋଧ କରୁ ନ ଥିବାରୁ ଆମେ ଏପରି ହେଉଥିଲୁ । ମୋର ସମ୍ପୂର୍ଣ୍ଣ ନିଶ୍ଚିତ ଧାରଣା ଯେ ଅର୍ଥ ଅଭାବରେ ସମୟ ପଡ଼ିଲେ ଆମେ କ୍ଷତି ହେବୁ ନାହିଁ । ଗୋଟିଏ ବିଷୟରେ

Digitized by srujanika@gmail.com

ମୋର ଅଧିକ ଖରଚ ହୁଏ—ତାହା ହେଉଛି ବହି କିଣିବା—ଏ ଅଭ୍ୟାସ ମୋ ପକ୍ଷରେ ଛାଡ଼ିବା କଷ୍ଟକର ।

ଆମର ଉପସ୍ଥିତ ଆର୍ଥିକ ଅବସ୍ଥାର ଉନ୍ନତି କରିବା ନିମନ୍ତେ ମୁଁ ମୋ ସ୍ତ୍ରୀର ଗହଣା ଓ ରୂପା ଆଦି ଯାହାଥିଲା ତାର ବିକ୍ରୀ କରିବାକୁ ସ୍ଥିର କଲି । ଅନ୍ୟାନ୍ୟ ଜିନିଷ ଗାଡ଼ି ଘୋଡ଼ା ମଧ୍ୟ ବିକ୍ରୀ ହେଲା । କମଳା ତାର ଗହଣା ବିକ୍ରୀ ହେବାକୁ ରାଜି ହେଉ ନ ଥିଲା—ଯଦିଓ ସେ ବାରବର୍ଷ ହେଲା ସେଗୁଡ଼ିକ ବ୍ୟବହାର କରୁ ନ ଥିଲା ଏବଂ ଏଗୁଡ଼ିକ ବ୍ୟାଙ୍କରେ ଜମା ଥିଲା । ମାତ୍ର ଏଗୁଡ଼ିକ ଝିଅକୁ ଦେବାର ଇଚ୍ଛା ତା'ର ଥିଲା ।

୧୯୩୪ ମସିହା ଜାନୁୟାରୀ ମାସ । ନିର୍ଦ୍ଦୋଷ କାର୍ଯ୍ୟ କରୁଥିବା ସତ୍ତ୍ୱେ ଏଲାହାବାଦ ଜିଲାର ଗ୍ରାମମାନଙ୍କରେ ଆମର କର୍ମୀମାନେ ଗିରଫ ହେବାରୁ ସେମାନଙ୍କ ପଥ ଅନୁସରଣ କରି ଗ୍ରାମକୁ ଯିବା ଦରକାର ପଡ଼ିଥିଲା । ଆମର ଯୁକ୍ତ ପ୍ରାଦେଶିକ କଂଗ୍ରେସ କମିଟିର ଅତ୍ୟନ୍ତ କୁଶଳ କର୍ମୀ ସମ୍ପାଦକ ରଫି ଅହମଦ୍ କିଦ୍‌ୱାଇ ମଧ୍ୟ ଗିରଫ ହୋଇଥିଲେ । ଜାନୁୟାରୀ ତା ୨୬ରିଖ--ସ୍ୱାଧୀନତା ଦିବସ—ଏହା ଉପେକ୍ଷା କରି ହେବ ନାହିଁ । ଅର୍ଡ଼ିନାନ୍ସ ଓ ନିଷେଧ ସତ୍ତ୍ୱେ ଏହା ୧୯୩୦ ମସିହାଠାରୁ ସମଗ୍ର ଦେଶରେ ନିୟମିତରୂପେ ପାଳିତ ହୋଇ ଆସିଛି । ମାତ୍ର ଏଥରକ ନେତୃତ୍ୱ ଦେବ କିଏ ? ସେ ନେତୃତ୍ୱ ବା କ'ଣ ହେବ ? ମୋ ପାଖରେ ମତବାଦ ହିସାବରେ ଜଣେ ହେଲେ କେହି ନିଖିଳ ଭାରତ କଂଗ୍ରେସ କମିଟିର ପଦସ୍ଥ ବ୍ୟକ୍ତି ନ ଥିଲେ । ମୁଁ କେତେକ ବନ୍ଧୁଙ୍କ ସହ ପରାମର୍ଶ କଲି ଏବଂ କିଛି କରିବାକୁ ହେବ ବୋଲି ପ୍ରାୟ ସମସ୍ତେ ସହମତ ହେଲେ, ମାତ୍ର ଏହି 'କିଛିଟା' କ'ଣ ହେବ ସେ ସମ୍ବନ୍ଧରେ କେହି ରାଜି ହେଲେ ନାହିଁ । ମୁଁ ଦେଖିଲି ବହୁସଂଖ୍ୟାରେ ଗିରଫ ହେଲା ପରେ କୌଣସି କାର୍ଯ୍ୟ ନ କରିବାର ପ୍ରବୃତ୍ତି ଦେଖା ଯାଉଛି । ଶେଷରେ ସ୍ୱାଧୀନତା ଦିବସର ଉପଯୁକ୍ତ ପାଳନ ନିମନ୍ତେ ମୁଁ ଗୋଟିଏ ସଂକ୍ଷିପ୍ତ ନିବେଦନ ପ୍ରକାଶ କଲି—ଏହା କିପରି ଭାବରେ ପାଳିତ ହେବ ତାହା ସ୍ଥାନୀୟ ଲୋକେ ନିଜ ନିଜ ଅଞ୍ଚଳରେ

Digitized by srujanika@gmail.com

ବ୍ୟବସ୍ଥା କରିବାଲାଗି ଛାଡ଼ି ଦିଆଗଲା । ଏହାପରେ ଜାଲ ସାରା ଖୁବ୍ ଉତ୍ସାହ ଭାବରେ ଏହା ପାଳନ କରିବା ନିମନ୍ତେ ଆମେ କର୍ମଯୋଜନା କଲୁ ।

ଆମେ ମନେ କଲୁ ଯେ ସ୍ୱାଧୀନତା ଦିବସ ଆନ୍ଦୋଳନକାରୀମାନେ ସେହିଦିନ ଗିରଫ ହୋଇଯିବେ । ମୁଁ ପୁଣି ଥରେ ଜେଲ ଫେରିଯିବା ପୂର୍ବରୁ ଥରେ ବଙ୍ଗଳାକୁ ଯିବାର ଇଚ୍ଛା ଥିଲା । ପ୍ରଥମରେ ପୁରାତନ ସହକର୍ମୀଙ୍କ ସହିତ ସାକ୍ଷାତ୍ କରିବାର ଇଚ୍ଛା ଥିଲା । ମାତ୍ର ପ୍ରକୃତରେ ଗତ କେତେକ ବର୍ଷ ହେଲା ବଙ୍ଗଳାର ଲୋକେ ଯେଉଁ ଅଦ୍ଭୁତ କଷ୍ଟ ସହିଛନ୍ତି, ସେଥିରେ ତାଙ୍କୁ ଶ୍ରଦ୍ଧା ଅର୍ପଣ କରିବାର ଇଚ୍ଛା ଥିଲା । ମୁଁ ଭଲରୂପେ ଜାଣିଥିଲି ଯେ ସେମାନଙ୍କୁ ମୁଁ କିଛି ସାହାଯ୍ୟ କରିପାରିବି ନାହିଁ । ସହାନୁଭୂତି ଓ ବନ୍ଧୁତ୍ୱ କେତେଦୂର ଯିବ—ତଥାପି ଏହା ସ୍ୱାଗତ କରାଯାଏ । ବିଶେଷତଃ ତାର ଆବଶ୍ୟକ ସମୟରେ ଭାରତର ଅବଶିଷ୍ଟ ଅଞ୍ଚଳ ବଙ୍ଗଳାକୁ ଛାଡ଼ି ଦେଇଥିବାରୁ ବଙ୍ଗଳା ବିଚ୍ଛିନ୍ନ ଭାବ ବୋଧ କରୁଥିଲା । ଏହି ଧାରଣା ହେବାର କୌଣସି ଯଥାର୍ଥ କାରଣ ନ ଥିଲା । ତଥାପି ଏହି ଧାରଣା ଥିଲା ।

କମଳାର ଚିକିତ୍ସା ସମ୍ବନ୍ଧରେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ନିମନ୍ତେ ମଧ୍ୟ ମୋର ତାକୁ ସାଥିରେ ନେଇ କଲିକତା ଯିବାର ଥିଲା । ତାର ଦେହ ଭଲ ନ ଥିଲା, ମାତ୍ର ଆମେ ଦୁହେଁ ହିଁ ଅନେକାଂଶରେ ଏହାର ଉପେକ୍ଷା କରିଥିଲୁ—କଲିକତା କିମ୍ବା ଅନ୍ୟ କୌଣସି ସ୍ଥାନରେ ଚିକିତ୍ସାପାଇଁ ଦୀର୍ଘକାଳ ରହିବାକୁ ପଡ଼ିବ ଏହି ଧାରଣାରେ ଆମେ ତାହା ବନ୍ଦ ରଖିଥିଲୁ । ମୁଁ ଜେଲ ବାହାରେ ଯେ କେତେ ଦିନ ଅଛି ସେତିକି ଦିନ ଆମର ଯେତେ ବେଶୀ ସମ୍ଭବ ଏକତ୍ର ରହିବାର ଇଚ୍ଛା ଥିଲା । ମୁଁ ଭାବିଲି ମୁଁ ଜେଲକୁ ଯିବାପରେ ସେ ଡାକ୍ତରଙ୍କ ସହିତ ପରାମର୍ଶ କରି ଚିକିତ୍ସା କରିବାକୁ ଯଥେଷ୍ଟ ସମୟ ପାଇବ । ଏବେ ଗିରଫ ଅତି ନିକଟ ମନେ ହେବାରୁ ମୁଁ ମୋର ଉପସ୍ଥିତିରେ କଲିକତାରେ ଡାକ୍ତର ପରାମର୍ଶ କରିବାକୁ ଚାହିଁଥିଲି—ତା' ପରେ ଅନ୍ୟ ବ୍ୟବସ୍ଥା ସେ କରିପାରେ ।

Digitized by srujanika@gmail.com

ତେଣୁ ଜାନୁୟାରୀ ୧୫ ତାରିଖ ଦିନ କମଳା ଓ ମୁଁ ଏକ ସଙ୍ଗରେ କଲିକତା ଯିବା ସ୍ଥିର କଲୁ । ଆମେ ଆମର ସ୍ୱାଧୀନତା ଦିବସ ପାଳନ ଉତ୍ସବ ଦିନକୁ ଫେରି ଆସିବା ଲାଗି ଯଥେଷ୍ଟ ସମୟ ରଖିବାକୁ ଚାହୁଁଥିଲୁ ।

୫୮

ଭୂମିକମ୍ପ

୧୯୩୪ ମସିହା ଜାନୁୟାରୀ ତା ୧୫ ଶଖ ଅପରାହ୍ଣ । ମୁଁ ଆମର ଏଲାହାବାଦ ଘର ବାରଣ୍ଡାରେ ଛିଡ଼ା ହୋଇ ଦଳେ କୃଷକଙ୍କୁ ବକ୍ତୃତା କରୁଛି । ବାର୍ଷିକ ମାଘ ମେଳା ଆରମ୍ଭ ହୋଇଥାଏ ଏବଂ ପ୍ରତିଦିନ ଦଳଦଳ ହୋଇ ଯାତ୍ରୀ ଆସୁଥାନ୍ତି । ହଠାତ୍ ମୋର ପାଦ ହଲିଗଲା—ମୁଁ ନିଜକୁ ଠିକ୍ କରି ରଖି ପାରିଲି ନାହିଁ । ମୁଁ କହୁ କହୁ ଗୋଟାଏ ସ୍ତମ୍ଭ ଧରି ରହିଗଲି । ଦରଜା ସବୁ ଶବ୍ଦ କଲା ଏବଂ ନିକଟସ୍ଥ ସ୍ୱରାଜ୍ୟ ଭବନରୁ ମଧ୍ୟ ଖୁବ୍ ଶବ୍ଦ ଆସିଲା—ଏଠାରେ ଅନେକ ଟାଇଲ ଉପରୁ ଖସି ପଡ଼ିଥିଲା । ଭୂମିକମ୍ପ ସମ୍ପର୍କରେ ପୂର୍ବରୁ ଜ୍ଞାନ ନ ଥିବାରୁ ପ୍ରଥମେ କ'ଣ ହେଉଛି ମୁଁ ଜାଣିପାରି ନ ଥିଲି, ମାତ୍ର ଶୀଘ୍ର ମୁଁ ବୁଝିପାରିଲି । ଏପରି ନୂତନ ଅଭିଜ୍ଞତାରେ ମୁଁ ହଠାତ୍ ମୁଗ୍ଧ ହୋଇଗଲି—କୃଷକମାନଙ୍କୁ ଭୂମିକମ୍ପ ସମ୍ବନ୍ଧରେ କେତେକ କଥା କହିବାରେ ଲାଗିଲି । ମୋର ବୁଢ଼ୀ ନେଡେଇ ସେହି କୋଠା ଛାଡ଼ି ଦୂରକୁ ପଳାଇବା ନିମନ୍ତେ ମୋତେ ଡାକ ପକାଇଲେ । ପଳାଇଯିବାଟା ମୋତେ ହାସ୍ୟକର ମନେହେଲା । ମୁଁ ଭୂମିକମ୍ପକୁ ଗୁରୁତର ମନେ କରୁ ନ ଥିଲି—ଆଉ ଯାହା ହେଉ ମଧ୍ୟ ଉପର ମହଲରେ ଶଯ୍ୟାଶାୟୀ ମାଆ, ଓ ସ୍ତ୍ରୀ—ସେ ସମ୍ଭବତଃ ସେତେବେଳକୁ ବିଛଣାପତ୍ର ବାନ୍ଧିଥାଏ—ଛାଡ଼ିଦେଇ ନିଜେ ନିରାପଦ ରହିବାକୁ ଚାହୁଁ ନ ଥିଲି । ଦେଖାଗଲା କେତେକ ସମୟ ପର୍ଯ୍ୟନ୍ତ କମ୍ପନ ରହିଲା, ତା ପରେ ଚାଲିଗଲା । ଏ ସମ୍ବନ୍ଧରେ କେତେ ମିନିଟ ଆଲୋଚନା ଚାଲିଲା—ତାହାପରେ ଆମେ ଏହା ଭୁଲିଗଲୁ । ଏହି ଦୁଇ ତିନି ମିନିଟ କମ୍ପନ ଫଳରେ ବିହାର ଓ ଅନ୍ୟ ସ୍ଥାନରେ ଲକ୍ଷ ଲକ୍ଷ ଲୋକଙ୍କର କି ଅବସ୍ଥା ହୋଇଛି ସେତେବେଳେ ଆମେ ଜାଣି ନ ଥିଲୁ କିମ୍ବା ଅନୁମାନ କରିପାରୁ ନ ଥିଲୁ ।

Digitized by srujanika@gmail.com

ସେହିଦିନ ସନ୍ଧ୍ୟାବେଳେ କମଳା ସହିତ ମୁଁ କଲିକତା ଗଲି—କିନ୍ତୁ ନ ଜାଣି ସେ ଦିନ ସକାଳେ ଦକ୍ଷିଣ ଭୂମିକମ୍ପ ଅଞ୍ଚଳ ଅତିକ୍ରମ କରି ଆମେ ଟ୍ରେନରେ ଆସିଲୁ। ତତ୍ପରଦିନ ଏହି ଧ୍ୱଂସଲୀଳା ସମ୍ବନ୍ଧରେ ବିଶେଷ କିଛି ସମ୍ବାଦ ମିଳିଲା ନାହିଁ। ତା ପରଦିନ କିଛି କିଛି ସମ୍ବାଦ ଆସି ପହଞ୍ଚିଲା। ତୃତୀୟ ଦିନ ଏହି ବିପଦ ସମ୍ବନ୍ଧରେ ଆମର ଗୋଟାଏ କ୍ଷୀଣଧାରଣା ହୋଇଥିଲା।

ଆମେ କଲିକତା କାମରେ ବ୍ୟସ୍ତ ରହିଲୁ। ବାରମ୍ବାର ଅନେକ ଡାକ୍ତରଙ୍କ ସହିତ ପରାମର୍ଶ ହେଲା ଏବଂ ଶେଷରେ ସ୍ଥିର ହେଲା ଯେ ୨।୩ମାସ ପରେ ଚିକିତ୍ସାପାଇଁ କମଳା କଲିକତା ଆସିବ। ତା'ପରେ ଅନେକ ଦିନରୁ ସାକ୍ଷାତ୍ ହୋଇ ନଥିବା ବନ୍ଧୁ ଓ କଂଗ୍ରେସ କର୍ମୀମାନଙ୍କ ସହ ମଧ୍ୟ ସାକ୍ଷାତ୍ ହେଲା। ସର୍ବଦା ମୁଁ ଗୋଟାଏ ଭୟଙ୍କର ମାନସିକ ବେଦନା ଅନୁଭବ କରୁଥାଏ। କାଳେ ବିପଦ ଆସି ପାରେ ଏଥିଲାଗି ଲୋକେ କୌଣସି କାର୍ଯ୍ୟ କରିବାକୁ ଭୟ କରୁଥାନ୍ତି—ସେମାନେ ଅନେକ କଷ୍ଟ ସହୁଥାନ୍ତି। ଭାରତର ଅନ୍ୟ ଅଞ୍ଚଳ ଅପେକ୍ଷା ଏଠାରେ ଖବରକାଗଜ-ଗୁଡ଼ିକ ଅଧିକ ସତର୍କ। ଭାରତର ଅନ୍ୟ ଅଞ୍ଚଳ ପରି ଏଠାରେ ମଧ୍ୟ ଭବିଷ୍ୟତ କାର୍ଯ୍ୟ ସମ୍ବନ୍ଧରେ ସନ୍ଦେହ ଓ ଅନିଶ୍ଚିତ ଭାବ ଥିଲା। ବାସ୍ତବିକ ଭୟ ଯୋଗୁଁ ଯେତେ ନୁହେଁ, ଏହି ସନ୍ଦେହହିଁ ଯେ କୌଣସି ଫଳପ୍ରଦ ରାଜନୀତିକ କାର୍ଯ୍ୟରେ ବାଧା ପହଞ୍ଚାଇଲା। ଫାସିଷ୍ଟ ମନୋବୃତ୍ତି ଅଧିକ ଦେଖା ଯାଉଥିଲା—ସୋସାଲିଷ୍ଟ ଓ କମ୍ୟୁନିଷ୍ଟ ମନୋଭାବ ମଧ୍ୟ—ମାତ୍ର ଏହା ଅତ୍ୟନ୍ତ ଅସ୍ପଷ୍ଟ ଓ ମିଶ୍ରିତ। ଏହି ସବୁ ଦଳ ଭିତରେ ପାର୍ଥକ୍ୟ ଖୋଜି ବାହାର କରିବା କଷ୍ଟକର। ଆତଙ୍କବାଦୀ ଆନ୍ଦୋଳନ ପ୍ରତି ସରକାର ସେତେବେଳେ ଭାରି ନଜର ଦେଉଥାନ୍ତି ଏବଂ ସରକାରଦ୍ୱାରା ଏହାର ସେତେବେଳେ ଭାରି ଦଳନ ହୋଇଥାଏ—ମାତ୍ର ଏହି ଆନ୍ଦୋଳନ ସମ୍ବନ୍ଧରେ ଜାଣିବାପାଇଁ ମୋର ସେତେବେଳେ ସମୟ ବା ସୁବିଧା ନ ଥିଲା। ମୁଁ ଯେତେଦୂର ଜାଣିପାରିଲି ଏହାର କୌଣସି ରାଜନୀତିକ ଗୁରୁତ୍ୱ ନ ଥିଲା ଏବଂ ଆତଙ୍କବାଦୀ ଆନ୍ଦୋଳନର ପୁରୁଣା

Digitized by srujanika@gmail.com

ସଭ୍ୟମାନେ ସେଥିର ବିଶ୍ୱାସ ହରାଉଥିଲେ । ସେମାନେ ପୃଥକ୍ ଢଙ୍ଗରେ ଚିନ୍ତା କରିବାକୁ ଆରମ୍ଭ କରିଥିଲେ । ବଙ୍ଗଳାରେ ସରକାରୀ ଦମନ ହେତୁ କ୍ରୋଧବଶତଃ କେତେ କେତେ ବ୍ୟକ୍ତିଙ୍କର ଅସ୍ଥିର ହୋଇ ଗୋଟାଏ ପ୍ରକାର ଶତ୍ରୁତା ଦେଖାଉଥିଲେ । ଉଭୟ ପକ୍ଷରେ ଏହି ଶତ୍ରୁତା ଅଧିକ ଥିଲା ସନ୍ଦେହ ନାହିଁ । ବ୍ୟକ୍ତିଗତ ଆତଙ୍କବାଦ ମଧ୍ୟରେ ଏହା ପ୍ରତ୍ୟକ୍ଷ ଥିଲା । ସରକାର ପକ୍ଷରୁ ଶତ୍ରୁଭାବ ଛଡ଼ା ଆହୁରି ଅଧିକ ଦେଖାଯାଉଥିଲା— ବେଳେ ବେଳେ ପ୍ରତିହିଂସା ନିଆଯାଉଥିଲା ଏବଂ ଏହି ଅସାମାଜିକ ସମସ୍ୟାକୁ ବୁଝି ଏହା ଦମନ କରିବାର ଅଭାବ ଦେଖାଯାଉଥିଲା । ଯେ କୌଣସି ସରକାର ଆତଙ୍କବାଦ କାର୍ଯ୍ୟର ସମ୍ମୁଖୀନ ହେଲେ ତାହା ଚକ୍ଷୁରେ ଯାଇ ତାକୁ ଦମନ କରିବାକୁ ବାଧ୍ୟ ହେବ । ମାତ୍ର ସରକାର ପକ୍ଷରେ ସଂଯମ ରକ୍ଷା କରିବା ଆବଶ୍ୟକ—କାରଣ ଦୋଷୀ ଓ ନିର୍ଦ୍ଦୋଷଙ୍କ ଉପରେ ସମାନ ଭାବେ ବିନା ବିବେଚନାରେ ଅତିରିକ୍ତ କାର୍ଯ୍ୟ କଲେ ନିର୍ଦ୍ଦୋଷଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଏହି ସଂଖ୍ୟା ବୃଦ୍ଧି ହୋଇ ତାଙ୍କ ଉପରେ ଓଲଟା ପଡ଼ିବାର ସମ୍ଭାବନା । ବୋଧହୁଏ ଏପରି ଏକ ଧମକ ସାମନାରେ ଧୀର ସ୍ଥିର ହୋଇ ରହିବା ସହଜ ନୁହେଁ । ଆତଙ୍କବାଦୀ କାର୍ଯ୍ୟ ଦିନକୁ ଦିନ ବିରଳ ହୋଇଯାଉଛି, କିନ୍ତୁ ଏହାର ସମ୍ଭାବନା ସର୍ବଦା ରହିଛି—ଏହି ଧାରଣାହିଁ ଯେଉଁମାନଙ୍କ ହାତରେ ଏହା ଦମନ କରିବାର ଭାର ସେମାନଙ୍କୁ ଅସ୍ଥିର କରିପକାଏ । ଏହା ସ୍ପଷ୍ଟ ଯେ ଏହା ଗୋଟାଏ ରୋଗ ନୁହେଁ—ରୋଗର ଲକ୍ଷଣ ମାତ୍ର । ପ୍ରକୃତ ରୋଗର ଚିକିତ୍ସା ନକରି ଲକ୍ଷଣ ଚିକିତ୍ସା କରିବା ବୃଥା ।

ମୋର ବିଶ୍ୱାସ ଆତଙ୍କବାଦୀଙ୍କ ସହିତ କିଛି ସମ୍ବନ୍ଧଥିବା ଅନେକ ତରୁଣ ସ୍ତ୍ରୀ ପୁରୁଷଙ୍କର ଗୋଟାଏ ଗୁପ୍ତ କାର୍ଯ୍ୟ ପ୍ରତି ଆକର୍ଷଣ ଥାଏ । ଦୁଃସାହସିକ ଯୁବକଙ୍କ ପକ୍ଷରେ ଗୁପ୍ତକାର୍ଯ୍ୟ ଏବଂ ବିପଦ ବରଣ କରିବାର ଗୋଟାଏ ମୋହ ଅଛି; ଜାଣିବାପାଇଁ ଆଗ୍ରହ, ଏହି ସବୁ ଚାଲିଛି କି ଉଦ୍ଦେଶ୍ୟରେ ହେଉଛି ଏବଂ ଏହି କାର୍ଯ୍ୟର ପଛରେ କିଏ ସବୁ ଅଛନ୍ତି ଏହା ଜାଣିବା ନିମନ୍ତେ ଆକାଙ୍କ୍ଷା ଜାତ ହୁଏ । ଏହା ଡିଟେକ୍ଟିଭ ବା ଗୁପ୍ତ

Digitized by srujanika@gmail.com

ଜାର୍ଜି ଉପନ୍ୟାସର ପସ୍ଥାନ । ଏହିସବୁ ଲୋକଙ୍କର କିଛି କରିବାର ମତଲବ ନ ଥାଏ—ଆତଙ୍କବାଦୀ କାର୍ଯ୍ୟ ତ ନୁହେଁ; ମାତ୍ର ପୁଲିସ ଚକ୍ଷୁରେ ସନ୍ଦେହ ବୋଲି ବିବେଚିତ ଲୋକଙ୍କ ସହିତ କେବଳ ସଂପର୍କରେ ଆସିଲେ ହିଁ ସେମାନେ ସନ୍ଦେହ ବିବେଚିତ ହେଉଥିଲେ । ସେମାନେ ଅନିର୍ଦ୍ଦିଷ୍ଟ ଅନ୍ତରୀଣ ବନ୍ଦୀ ହେଉଥିଲେ କିମ୍ବା ଅଧିକ ଦୁର୍ଭାଗ୍ୟ ହୋଇଥିଲେ ଜେଲଖାନାରେ ରହନ୍ତି ।

ଆମେ ଶୁଣୁ ଯେ ଭାରତରେ ଆଇନ ଓ ଶୃଙ୍ଖଳା ହୋଇଛି ଜରୁରି ଅବସ୍ଥାର ଅପୂର୍ବ କୀର୍ତ୍ତି । ମୋର ମନର ସ୍ୱାଭାବିକ ଗତି ତାହା ପକ୍ଷରେ । ମୁଁ ଜୀବନରେ ଶୃଙ୍ଖଳା ପସନ୍ଦ କରେ, ଅରାଜକତା, ବିଶୃଙ୍ଖଳତା ଏବଂ ଅଯୋଗ୍ୟତା ପସନ୍ଦ କରେ ନା । ମାତ୍ର ସରକାର ଓ ରାଷ୍ଟ୍ରସବୁ ଲୋକଙ୍କ ଉପରେ ଯେଉଁ ଆଇନ ଓ ଶୃଙ୍ଖଳା ଲଦନ୍ତି, କର୍ତ୍ତୃ ଅଦକ୍ଷତା ଫଳରେ ତାର ଉପଯୋଗିତା ସମ୍ବନ୍ଧରେ ମୋର ସନ୍ଦେହ ଜନ୍ମିଛି । ବେଳେ ବେଳେ ଏଥିଲାଗି ଅତିରିକ୍ତ ମୂଲ୍ୟ ଦିଆଯାଏ—ଆଇନ ହେଉଛି ପ୍ରାଧାନ୍ୟ କରୁଥିବା ଦଳର ଇଚ୍ଛା ମାତ୍ର—ଶୃଙ୍ଖଳା ହେଉଛି ସର୍ବବ୍ୟାପୀ ଭୟର ପ୍ରତିବିମ୍ବ । ବାସ୍ତବିକ ବେଳେ ବେଳେ ତଥାକଥିତ ଆଇନ ଶୃଙ୍ଖଳାକୁ ଠିକ୍ ଭାବରେ ଆଇନ ଶୃଙ୍ଖଳା ନ ଥିବା ପରି ମନେ ହୁଏ । ବ୍ୟାପକ ଭୟ ଉପରେ ପ୍ରତିଷ୍ଠିତ କୌଣସି ଜିନିଷ ବାଞ୍ଛନୀୟ ନୁହେଁ ଏବଂ ଯେଉଁ 'ଶୃଙ୍ଖଳା' ସରକାର ଜୋର ଜବରଦସ୍ତି ଆଇନ ସାହାଯ୍ୟରେ ଚଳେ ଏବଂ ତାହା ବିନା ରହିପାରେ ନା, ତାହାକୁ ସିଭିଲ ଶାସନ ନକହି ସାମରିକ ଶାସନ ବୋଲି କୁହାଯିବ । ହଜାରବର୍ଷ ପୂର୍ବେ କବି କହ୍ଲଣଙ୍କ ରଚିତ 'ରାଜତରଙ୍ଗିଣୀ'ରେ ମୁଁ ଦେଖିଛି ଆଇନ ଓ ଶୃଙ୍ଖଳା ଅର୍ଥରେ ଅର୍ଥାତ୍ ରାଷ୍ଟ୍ର ଓ ଶାସକଙ୍କ ପକ୍ଷରେ ଯାହା କରିବା କର୍ତ୍ତବ୍ୟ ସେ ସମ୍ପର୍କରେ 'ଧର୍ମ' ଓ 'ଅଭୟ' ଏହି ଦୁଇଟି ଶବ୍ଦର ବାରମ୍ବାର ବ୍ୟବହାର ହୋଇଛି । ଆଇନ ବୋଇଲେ କେବଳ ଆଇନ ନୁହଁ ଆଉ କିଛି ବୁଝାଏ ଏବଂ ଶୃଙ୍ଖଳା ହେଉଛି ଲୋକଙ୍କର ନିର୍ଭୟତା । ଏହି ଭୀତ ଜନସାଧାରଣଙ୍କ ଉପରେ 'ଶୃଙ୍ଖଳା' ଜବରଦସ୍ତି ଲଦିବା ଅପେକ୍ଷା ଅଭୟ ଭାବ ଜାଗ୍ରତ କରାଇବା କେତେ ଅଧିକ ବାଞ୍ଛନୀୟ ।

Digitized by srujanika@gmail.com

ଆମେ କଲିକତାରେ ସାଢ଼େ ତିନି ଦିନ ରହିଲୁ ଏବଂ ଏହି ସମୟ ଭିତରେ ମୁଁ ତିନୋଟି ସାଧାରଣ ସଭାରେ ବକ୍ତୃତା କରିଥିଲି । ମୁଁ ପୂର୍ବପର କଲିକତାରେ ଆତଙ୍କବାଦୀ କାର୍ଯ୍ୟର ନିନ୍ଦା କରି ସେ ସମ୍ବନ୍ଧରେ ମନ୍ତବ୍ୟ କଲି ଏବଂ ତା ପରେ ସରକାର ଯେପରି ନୀତି ଅବଲମ୍ବନ କରିଥିଲେ ସେ ସମ୍ବନ୍ଧରେ ଆଲୋଚନା କଲି, ମୁଁ ମୋର ପୂର୍ଣ୍ଣ ଅନ୍ତରଙ୍ଗ କଥା କହିଥିଲି, ସେ ପ୍ରଦେଶର ଘଟଣାସବୁ ଶୁଣି ମୁଁ ଉଦ୍‌ଭ୍ରାନ୍ତ ହୋଇ ଯାଇଥିଲି । ଚେନା ବଙ୍ଗଳରେ ଯେପରିଭାବରେ ସମଗ୍ର ଜନସଂଖ୍ୟାର ଆତ୍ମମର୍ଯ୍ୟାଦା ଉପରେ ଆଘାତ କରାଯାଇଥିଲା ସେଥିରେ ମୁଁ ବ୍ୟଥିତ ହୋଇଥିଲି । ରାଜନୈତିକ ସମସ୍ୟାର ଗୁରୁତ୍ୱ ଥିଲେ ମଧ୍ୟ ଏହି ମାନସିକ ସମସ୍ୟା ଆଗରେ ତାହାର ସ୍ଥାନ ଦ୍ୱିତୀୟ ବୋଲି ମନେ ହେଲା । ମୋର ଏହି ତିନୋଟି ଯାକ ବକ୍ତୃତା ପରେ କଲିକତା ବଙ୍ଗଳରେ ମୋ ବିରୁଦ୍ଧରେ ତିନୋଟି ଅପରାଧ ବିବେଚିତ ହେଲା ଏବଂ ମୋର ବର୍ତ୍ତମାନ ଶାସ୍ତି ସେଇଥିପାଇଁ ।

କବି ରବୀନ୍ଦ୍ରନାଥ ଠାକୁରଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମେ କଲିକତାରୁ ଶାନ୍ତି-ନିକେତନକୁ ଗଲୁ । ତାଙ୍କ ସାକ୍ଷାତରେ ସର୍ବଦା ଆନନ୍ଦ ହୁଏ ଏବଂ ଏତେ ପାଖକୁ ଆସି ତାଙ୍କୁ ନ ଦେଖି ଯିବାକୁ ମନ ହେଲା ନାହିଁ । ଇନ୍ଦୁ ପୂର୍ବରୁ ଦୁଇଥର ଶାନ୍ତି-ନିକେତନ ଯାଇ ଥିଲା । କମଳା ପ୍ରଥମ ଥର ପାଇଁ ଯାଇଥିଲା ଏବଂ ଆମେ ଆମ ଝିଅକୁ ସେଠାକୁ ପଠାଇବା ନିମନ୍ତେ ଚାହୁଁଥିବାରୁ ସେ ସେହି ସ୍ଥାନ ଦେଖିବା ନିମନ୍ତେ ବିଶେଷ ଭାବରେ ଗଲା । ଅଳ୍ପ ଦିନ ପରେ ଇନ୍ଦିରା ମାଟ୍ରିକୁଲେଶନ ପରୀକ୍ଷା ଦେବାର କଥା ଏବଂ ତାର ଭବିଷ୍ୟତ ଶିକ୍ଷା ସମ୍ବନ୍ଧରେ ଆମେ ଚିନ୍ତିତ ଥିଲୁ । ସରକାରୀ ବା ବେସରକାରୀ ବିଶ୍ୱବିଦ୍ୟାଳୟରେ ତାକୁ ପଢ଼ାଇବାର ସମ୍ପୂର୍ଣ୍ଣ ବିରୋଧୀ ମୁଁ ଥିଲି, କାରଣ ମୁଁ ଏଗୁଡ଼ିକ ଆଦୌ ପସନ୍ଦ କରେ ନା । ଏଗୁଡ଼ିକର ଗୋଟାଏ ପ୍ରକାର ସରକାରୀ ଅତ୍ୟାଗ୍ରହ ଏବଂ ପ୍ରଭୁତ୍ୱ ବାୟୁମଣ୍ଡଳ ଥାଏ । ଅତୀତରେ ଏଥିରୁ ଅନେକ ସୁନ୍ଦର ନରନାରୀ ବାହାରିଛନ୍ତି ସନ୍ଦେହ ନାହିଁ-- ହେଉପଛେ ଅଧିକ ବାହାରିବେ । କେତେକ ଲୋକ ବାହାରି ଥିବାରୁ [illegible] ବୁଦ୍ଧି [illegible] ମାନି ଦେଉଥିବାର ଏବଂ ଦମନ କରିଥିବାର

Digitized by srujanika@gmail.com

ଅଭିଯୋଗରୁ ବିଶ୍ୱବିଦ୍ୟାଳୟଗୁଡ଼ିକ ମୁକ୍ତ ହୋଇ ପାରେ ନା । ଶାନ୍ତିନିକେତନ ଏହି ମୃତତ୍ୱସ୍ତରୁ ମୁକ୍ତ ବୋଲି ଆମେ ସ୍ଥିର କରିଥିଲୁ । ଅଧିକନ୍ତୁ କେତେକ ଦିଗରେ ଅନ୍ୟ ବିଶ୍ୱବିଦ୍ୟାଳୟ ପରି ଆଧୁନିକ ସାଜ-ସରଞ୍ଜାମ ଏଠାରେ ନାହିଁ ।

ଫେରିଲା ବେଳେ ଭୂମିକମ୍ପ ସାହାଯ୍ୟ ସମ୍ବନ୍ଧରେ ଆଲୋଚନା କରିବା ନିମନ୍ତେ ଆମେ ପାଟନାରେ ଓହ୍ଲାଇଲୁ । ରାଜେନ୍ଦ୍ର ପ୍ରସାଦ ଠିକ୍ ସେହି ସମୟରେ ଜେଲରୁ ଖଲାସ ହୋଇଥାନ୍ତି ଏବଂ ଅପରିହାର୍ଯ୍ୟ ଭାବରେ ବେସରକାରୀ ସାହାଯ୍ୟ କାର୍ଯ୍ୟର ପରିଚାଳନା କରୁଥାନ୍ତି । ଆମେ ଅପ୍ରତ୍ୟାଶିତ ଭାବରେ ପହଞ୍ଚିଲୁ; କାରଣ ଆମ ତାରଗୁଡ଼ିକ ସେଠାରେ ପହଞ୍ଚି ପାରି ନ ଥିଲା । ଆମେ କମଳା ଭଉଣୀଙ୍କ ସହିତ ଯେଉଁ ଘରେ ରହିବାକୁ ଇଚ୍ଛା କରିଥିଲୁ, ସେ ଘର ଭାଙ୍ଗି ପଡ଼ିଥିଲା—ଏହା ଏକ ବଡ଼ ଦୋତାଲା ଇଟାଘର । ତେଣୁ ଅନ୍ୟ ଅନେକ ଲୋକଙ୍କ ପରି ଆମେ ଖୋଲା ଯାଗାରେ ବାସ କଲୁ ।

ତତ୍ପର ଦିନ ମୁଁ ମୋଜାଫରପୁର ଗଲି । ସେତେବେଳକୁ ଭୂମିକମ୍ପର ପ୍ରଥମ ଦିବସ ଏବଂ କେବଳ କେତୋଟି ପ୍ରଧାନ ରାସ୍ତା ଛଡ଼ା ଧ୍ୱଂସ-ସ୍ତୂପ ସବୁ ସଫା ହୋଇ ନ ଥାଏ । ଏହି ସବୁ ଗଳି ପରିଷ୍କାର ହେବା ସମୟରେ ଶବ ସବୁ ବାହାରୁଥାଏ—ଦେହଗୁଡ଼ିକରେ ବିଶେଷ ଭଙ୍ଗୀ ଦେଖାଯାଏ—ସତେକି ଗୋଟାଏ ପଡ଼ିଯାଉଥିବା କାନ୍ଥ ବା ଛାତରୁ ଦେହ ଟେକି ପଳାଇବାକୁ ଚେଷ୍ଟା କରୁଛନ୍ତି । ଏହି ଧ୍ୱଂସ ସବୁ ଏକ ଭୟାବହ ଦୃଶ୍ୟ । ଜୀବିତ ଥିବା ଲୋକେ ବଡ଼ ବିଚଳିତ ହୋଇଯାଇଥିଲେ—ତୀବ୍ର ମାନସିକ ଆଘାତରେ ଭୀତ ହୋଇଥିଲେ ।

ଏଲାହାବାଦ ଫେରିବା ପରେ ସଙ୍ଗେ ସଙ୍ଗେ ଚାନ୍ଦା ଓ ଜିନିଷ ସଂଗ୍ରହର ବ୍ୟବସ୍ଥା ହେଲା ଏବଂ କଂଗ୍ରେସ ଦେକଂଗ୍ରେସ ଆମେ ସମସ୍ତେ ଏଥିରେ ଲାଗିପଡ଼ିଲୁ । ମୋର କେତେକ ବନ୍ଧୁଙ୍କର ମତ ହେଲା ଯେ ଭୂମିକମ୍ପ ଯୋଗୁଁ ସ୍ୱାଧୀନତା ଦିବସ ପାଳନ ସ୍ଥଗିତ ରଖାଯାଉ । ମାତ୍ର ଆଜ

Digitized by srujanika@gmail.com

କେତେକ ବନ୍ଧୁ ଓ ମୁଁ ଏଥିରେ ଏକମତ ହୋଇ ପାରିଲୁ ନାହିଁ—ଗୋଟାଏ ଭୂମିକମ୍ପ ଯୋଗୁଁ ଆମ କାର୍ଯ୍ୟରେ କାହିଁକି ବାଧା ପଡ଼ିବ। ତେଣୁ ଜାନୁଆରୀ ୨୬ ତାରିଖରେ ଏଲାହାବାଦ ଜିଲ୍ଲାର ମଫସଲମାନଙ୍କରେ ଅନେକ ସଭା ହୋଇଥିଲା—ସହରରେ ମଧ୍ୟ ଗୋଟାଏ ବିରାଟ ସଭା ହୋଇଥିଲା—ଆମେ ଆଶା କରି ନ ଥିବା ସାଫଲ୍ୟ ଲାଭ କଲୁ। ଅନେକ ପୁଲିସର ବାଧା ଏବଂ ଗିରଫ ହେବ ବୋଲି ମନେ କରିଥିଲେ ଏବଂ ଅଳ୍ପ ପରିମାଣରେ ତାହା ସତ୍ୟ ହେଲା। ମାତ୍ର ସଭା କରିପାରିବା ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ। ଆମର କେତେକ ଗ୍ରାମରେ ଏବଂ ଅନ୍ୟ କେତେକ ସହରରେ ଗିରଫ ହୋଇଥିଲା।

ମୁଁ କଲିକତାରୁ ଫେରିବା ସଙ୍ଗେ ସଙ୍ଗେ ଭୂମିକମ୍ପ ସମ୍ବନ୍ଧରେ ଗୋଟିଏ ବିବୃତି ଦେଇ ଅର୍ଥ ସାହାଯ୍ୟ ପାଇଁ ନିବେଦନ କରିଥିଲି। ଏହି ବିବୃତିରେ ଭୂମିକମ୍ପ ପରେ ବିହାର ସରକାରର ଅକର୍ମଣ୍ୟ ଭାବକୁ ମୁଁ ସମାଲୋଚନା କରିଥିଲି। ଭୂମିକମ୍ପ ଅଞ୍ଚଳରେ ଥିବା ସରକାରୀ କର୍ମଚାରୀଙ୍କୁ ସମାଲୋଚନା କରିବାକୁ ମୋର ଇଚ୍ଛା ନ ଥିଲା, କାରଣ ସେମାନଙ୍କୁ ଏକ କଠିନ ପରିସ୍ଥିତି ମଧ୍ୟରେ କାର୍ଯ୍ୟ କରିବାକୁ ପଡ଼ିଥିଲା—ଏଥିରେ ମନର ଦୃଢ଼ତା ଦରକାର। ମୋ ବିବୃତିରେ 'କେତେକ ଏପରି ଅର୍ଥ ବାହାରି ଥିବାରୁ ମୁଁ ଦୁଃଖିତ। ମାତ୍ର ମୁଁ ଦୃଢ଼ଭାବରେ ଅନୁଭବ କଲି ଯେ ପ୍ରଥମରେ ବିହାର ସରକାରର କେନ୍ଦ୍ର ସ୍ଥାନ ଅର୍ଥାତ୍ ରାଜଧାନୀରେ ବିଶେଷ ଶୃଙ୍ଖଳା ଦେଖାଗଲା ନାହିଁ--ବିଶେଷତଃ ଧ୍ୱଂସସ୍ତୂପ ସବୁ କାଢ଼ିବାର ବ୍ୟବସ୍ଥା ହୋଇଥିଲେ ଅନେକ ଜୀବନ ରକ୍ଷା ହୋଇ ପାରିଥାନ୍ତା। କେବଳ ମୁଙ୍ଗେର ସହରରେ ହଜାର ହଜାର ଲୋକ ମରିଥିଲେ ଏବଂ ତିନି ସପ୍ତାହ ପରେ ମୁଁ ଯାଇ ଦେଖିଲି ଯେ ସେଠାରେ ବିରାଟ ଧ୍ୱଂସସ୍ତୂପ ସବୁ ଜମା ହୋଇଛି—ତାହା ସ୍ପର୍ଶ ସୁଦ୍ଧା କରାଯାଇ ନାହିଁ – ଅଥଚ ସେଠାରୁ କେତେକ ମାଇଲ ଦୂରରେ ଜମାଲପୁରରେ ସହସ୍ର ସହସ୍ର ରେଲବାଇ ଶ୍ରମିକ ରହିଛନ୍ତି—ସେମାନଙ୍କୁ ଖବର ଦେବା ମାତ୍ରେ କେତେକ ଘଣ୍ଟା ଭିତରେ ଏହି କାର୍ଯ୍ୟରେ ଲଗାଯାଇ ପାରିଥାନ୍ତା। ଜୀବନ୍ତ ଥିବା ଲୋକଙ୍କୁ ଭୂମିକମ୍ପ ହେବାର

Digitized by srujanika@gmail.com

ଲେଖକ

Digitized by srujanika@gmail.com

ବାରବର୍ଷ ପରେ ସୁଦ୍ଧା ବାହାର ଲୋକମାନେ ନ ଥିଲେ । ସରକାର ଧନସମ୍ପତ୍ତି ରକ୍ଷାପାଇଁ ସଙ୍ଗେ ସଙ୍ଗେ ବ୍ୟବସ୍ଥା କରିଥିଲେ; ମାତ୍ର ତଳେ ଚାପି ହୋଇ ପଡ଼ିଥିବା ଲୋକଙ୍କୁ ଉଦ୍ଧାର କରିବା ନିମନ୍ତେ ସେପରି ତତ୍ପରତା ଅବଲମ୍ବନ କରାଯାଇ ନ ଥିଲା । ଏହିସବୁ ଅଞ୍ଚଳରେ ମ୍ୟୁନିସିପାଲିଟି ସବୁ କାର୍ଯ୍ୟକାରୀ ହୋଇ ନ ଥାଏ ।

ମୋର ମନେହୁଏ ମୋର ସମାଲୋଚନାର ଯଥାର୍ଥତା ଥିଲା ଏବଂ ମୁଁ ପରେ ଦେଖିଲି ଯେ ଭୂମିକମ୍ପ ଅଞ୍ଚଳର ଅଧିକାଂଶ ଲୋକ ଏଥିରେ ଏକମତ ହୋଇଥିଲେ । ମାତ୍ର ଏହାର ଯଥାର୍ଥତା ଥାଉ ବା ନ ଥାଉ, ଏହି ଘଟଣାଟି ସାଧୁତାର ସହିତ କରାଯାଇଥିଲା—ସରକାରଙ୍କୁ ଦୋଷ ଦେବା ମତଲବରେ ନୁହେଁ, କାର୍ଯ୍ୟ ଯେପରି ଦ୍ରୁତଗତିରେ ଅଗ୍ରସର ହେବ ସେହି ମତଲବରେ । ଏ ସମ୍ପର୍କରେ ଗାନ୍ଧିଜୀ ପାଠ କରିଛନ୍ତି ବୋଲି କେହି ତାଙ୍କୁ ଦୋଷ ଦେଇ ନ ଥିଲେ । ଏହା ଏକ ନୂତନ ଅଭୂତପୂର୍ବ ଅବସ୍ଥା—ଏଥିରେ ଭୁଲ ମାର୍ଜନା କରାଯାଇପାରେ । ମୋତେ ଯେତେଦୂର ଜଣା ଅଛି (କାରଣ ମୁଁ ଜେଲରେ ଥିଲି) ବିହାର ସରକାର ପରେ ଧ୍ୱଂସର ପୁନର୍ନିର୍ମାଣ କାର୍ଯ୍ୟ ଦକ୍ଷତାର ସହିତ ଚଳାଇଥିଲେ ।

ମାତ୍ର ମୋର ସମାଲୋଚନାରେ କ୍ରୋଧ ପ୍ରକାଶ ହେଲା ଏବଂ ଏହା ବିରୁଦ୍ଧରେ ସରକାର ସପକ୍ଷରେ ବିହାରର କେତେକ ଲୋକ ଗୋଟାଏ ସାର୍ଟିଫିକେଟ ଦେଇ ବିବୃତି ପ୍ରକାଶ କଲେ । ଭୂମିକମ୍ପ ଏବଂ ତତ୍ସମ୍ପର୍କୀୟ କାର୍ଯ୍ୟ ସତେକି ଗୌଣ କଥା । ସବୁଠାରୁ ଗୁରୁତର କଥା ହେଉଛି ସରକାରଙ୍କୁ ସମାଲୋଚନା କରିଗଲି—ରାଜଭକ୍ତ ପ୍ରଜାମାନଙ୍କ ପକ୍ଷରେ ଏହା ରକ୍ଷା କରିବା କର୍ତ୍ତବ୍ୟ ! ଭାରତରେ ଏହି ଆଶ୍ଚର୍ଯ୍ୟଜନକ ଅବସ୍ଥା ସବୁଠି ଦେଖାଯାଏ—ସରକାରଙ୍କୁ ସମାଲୋଚନା କରିବା ପସନ୍ଦ କରନ୍ତି ନାହିଁ—ଅଥଚ ପାଶ୍ଚାତ୍ୟ ଦେଶମାନଙ୍କରେ ଏହା ସାଧାରଣ କଥା । ଏହା ସାମରିକ ମନୋବୃତ୍ତି, ସମାଲୋଚନା ସହ୍ୟ କରି ପାରେନା । ପ୍ରଜାଙ୍କ ପକ୍ଷ ଭାରତରେ ବୃଟିଶ ସରକାର ଓ ଏହାର ଉଚ୍ଚପଦସ୍ଥ କର୍ମଚାରୀମାନେ

Digitized by srujanika@gmail.com

କୌଣସି ଭୁଲ କରି ପାରନ୍ତି ନାହିଁ । ଏହାର ସୂଚନା ଦେବାର ରାଜଦ୍ରୋହ ।

ଆହୁରି ଅଦ୍ଭୁତ କଥା ଯେ ସରକାର କଠୋର ବା ଅତ୍ୟାଚାରୀ ଅପେକ୍ଷା ଅଯୋଗ୍ୟ ଓ କୁଶଳହୀନ ବୋଲି ଅଭିଯୋଗ ଆଣିଲେ ବେଶି କ୍ରୋଧ ସଞ୍ଚାର ହୁଏ । ଅତ୍ୟାଚାରୀ ଆଦି କଥା କହିଲେ ଲୋକ ବାସ୍ତବିକ ଜେଲ ଶାସ୍ତି ପାଇପାରେ—ସରକାର ଏଥିରେ ଅଭ୍ୟସ୍ତ, ତେଣୁ ଏଥିପ୍ରତି ଖାତିର କରେ ନା ! ମୋ ଉପରେ ଏହା ସାମ୍ରାଜ୍ୟବାଦୀ କାହିଁକି ଗୋଟାଏ ଗୁଣରୂପେ ଧରାପାଇ ପାରେ । ମାତ୍ର ଅଯୋଗ୍ୟତା ଓ ମାନସିକ ବିକାରଗ୍ରସ୍ତ କଥା କହିଲେ ନିଜର ଆତ୍ମବଡ଼ିମା ମୂଳରେ ଏହା ଆଘାତ କରେ ଏବଂ ଇଂରେଜ କର୍ମଚାରୀମାନେ ଭାରତରେ ଭଗବତ୍ ପ୍ରେରିତ ବୋଲି ଯେ ଭ୍ରାନ୍ତଧାରଣା ତାଙ୍କ ମନରେ ଅଛି ସେଥିରେ ଆଘାତ କରେ । ସେମାନେ ଠିକ୍ ଆଙ୍ଗ୍ଲିକାନ୍ ବିଶପ୍ ଙ୍କ ଭଳି—ଯେ କି ଖ୍ରୀଷ୍ଟିୟାନ ବିରୁଦ୍ଧ ଆଚରଣ ଅଭିଯୋଗକୁ ଶାନ୍ତ ଭାବରେ ସହ୍ୟ କରିପାରେ । ମାତ୍ର ଅଯୋଗ୍ୟ ଓ ନିର୍ବୋଧ ବୋଲି ଅଭିଯୋଗ ହେଲେ କ୍ରୋଧ ପ୍ରକାଶ କରେ ଏବଂ ପ୍ରତିଆକ୍ରମଣ କରେ ।

ଇଂରେଜ ଲୋକଙ୍କ ଭିତରେ ଗୋଟାଏ ସାଧାରଣ ବିଶ୍ୱାସ—ଏହା ମୂର୍ତ୍ତି ଏକ ଅପରିବର୍ତ୍ତନୀୟ ଧର୍ମବାଣୀ ବୋଲି ପ୍ରଚଳିତ ହୁଏ ଯେ ଭାରତରେ ସରକାର ପରିବର୍ତ୍ତିତ ହୋଇ ବ୍ରିଟିଶ ପ୍ରଭାବ କମିଗଲେ ବା ଦୂର ହୋଇଗଲେ ସରକାର ଅତି ଖରାପ ଓ ଅଯୋଗ୍ୟ ହୋଇ ପଡ଼ିବ । ଖୁବ୍ ଉଦାର, ଉଦାରପନ୍ଥୀ ଏବଂ ପ୍ରଗତି ମତବାଦୀ ଇଂରେଜମାନେ ଏହି କଥା ବିଶ୍ୱାସ କରି ମତପ୍ରକାଶ କରନ୍ତି ଯେ ଭଲ ସରକାର ଅପେକ୍ଷା ସ୍ୱାୟତ୍ତଶାସନ ଭଲ—ଏବଂ ଭାରତବାସୀ ଯଦି ନିଜର ଅଧୋଗତି ଚାହାନ୍ତି ତେବେ ସେମାନଙ୍କୁ ତାହା କରିବାକୁ ଅନୁମତି ଦିଆଯାଉ । ଭାରତରୁ ବ୍ରିଟିଶ ପ୍ରଭାବ ଲୋପ ହୋଇଗଲେ କ'ଣ ହେବ ମୁଁ ଜାଣେନା । ବ୍ରିଟିଶ କପରି ଭାବରେ ଯିବ ଏବଂ ସେତେବେଳେ ଭାରତ କାହା ଅଧୀନରେ ରହିବ, ଏବଂ

Digitized by srujanika@gmail.com

ଜାତୀୟ ଓ ଅନ୍ତର୍ଜାତୀୟ ଅନେକ ଅବସ୍ଥା ଉପରେ ଏହା ନିର୍ଭର କରେ । ମାତ୍ର ମୋତେ ପରିଷ୍କାର ଦେଖାଯାଉଛି ଯେ ବ୍ରିଟିଶ ସରକାର ସାହାଯ୍ୟରେ ଗୋଟାଏ ରାଷ୍ଟ୍ର ସ୍ଥାପିତ ହେଲେ ଆଜି ଯାହା ବ୍ୟବସ୍ଥା ଅଛି ତାହା ଅପେକ୍ଷା ସାଧାରଣ ଭାବରେ ଅଧିକ ଖରାପ ଓ ଅଯୋଗ୍ୟ ହେବ—କାରଣ ବର୍ତ୍ତମାନ ବ୍ୟବସ୍ଥାରେ ଗୁଣ ବ୍ୟତୀତ ସମସ୍ତ ଦୋଷମାନ ସେଥିରେ ରହିବ । ଅନ୍ୟ ଭାବରେ ମୁଁ ଏପରି ଏକ ପରିସ୍ଥିତିର କଳ୍ପନା କରିପାରେ ଯେ ଭାରତୀୟ ଲୋକଙ୍କ ଦ୍ୱାରା ସରକାର ସ୍ଥାପିତ ହେଲେ ଏହା ବର୍ତ୍ତମାନ ବ୍ୟବସ୍ଥା ଅପେକ୍ଷା ଅଧିକ ଯୋଗ୍ୟ ଓ ମଙ୍ଗଳପ୍ରଦ ହେବ । ସମ୍ଭବତଃ ଦମନନୀତି-ମୂଳକ ବ୍ୟବସ୍ଥା ସବୁ ଏପରି କୁଶଳ ହୋଇ ପାରେ ନା, ଶାସନ ଯନ୍ତ୍ର ଏପରି ଜାକଜମକ ନ ହୋଇ ପାରେ, ମାତ୍ର ଉତ୍ପନ୍ନ, ଲୋକେ ତାହା ଭୋଗ କରିବା ଏବଂ ଅନ୍ୟ ଯେଉଁ କାର୍ଯ୍ୟଦ୍ୱାରା ଜନସାଧାରଣଙ୍କର ଦୈହିକ, ନୈତିକ ଓ ସଂସ୍କୃତିଗତ ଉନ୍ନତି ହେବ, ସେଥିରେ ଅଧିକ କୁଶଳତା ଦେଖାଯିବ । ମୋର ବିଶ୍ୱାସ ସ୍ୱାୟତ୍ତଶାସନ ଯେ କୌଣସି ଦେଶ ପକ୍ଷରେ ମଙ୍ଗଳଜନକ । ମୁଁ ପ୍ରକୃତ ଭଲ ସରକାର ଅପେକ୍ଷା ସ୍ୱାୟତ୍ତଶାସନ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି । ସ୍ୱାୟତ୍ତଶାସନକୁ ନିଜର ପ୍ରତିଷ୍ଠାକାମୀର କରିବାକୁ ହେଲେ ଜନସାଧାରଣଙ୍କୁ ଭଲରୂପେ ଶାସନ କରିବାକୁ ପଡ଼ିବ । କାରଣ ମୁଁ ବିଶ୍ୱାସ କରେ ଯେ ଭାରତରେ ବ୍ରିଟିଶ ସରକାରର ଅତୀତ କାହାଣୀ ଯାହା ହେଉ ପଛକେ, ଭଲ ଶାସନ ଓ ଜନସାଧାରଣଙ୍କ ଜୀବନଯାତ୍ରା ପ୍ରଣାଳୀ ବଢ଼ାଇବାରେ ଏହା ଆଜି ସମ୍ପୂର୍ଣ୍ଣ ଅସମର୍ଥ ଏବଂ ମୋର ମନେହୁଏ ଭାରତରେ ଏହାର କାଳ ପୂରିଗଲାଣି । ଭାରତ ସ୍ୱାଧୀନତାର ପ୍ରକୃତ ଯଥାର୍ଥତା ଏହି ଯେ ଏହା ଭଲ ସରକାର ନୁହେ—ଜନସାଧାରଣଙ୍କ ଜୀବନଯାତ୍ରା ପ୍ରଣାଳୀ ଉନ୍ନତ କରିବାକୁ ନୁହେ । ଶିଳ୍ପ ଓ ସଂସ୍କୃତିର ପ୍ରଗତି ନୁହେ ଏବଂ ବିଦେଶୀ ସାମ୍ରାଜ୍ୟବାଦୀଶାସନରେ ଯେଉଁ ଭୀତି ଓ ଦମନ ବାୟୁମଣ୍ଡଳ ରହିଛି ସେଥିରୁ ମୁକ୍ତି ପାଇବାକୁ ନୁହେଁ । ବ୍ରିଟିଶ ସରକାର ଏବଂ ଆଇ. ପି. ଏସ୍. ସେମାନଙ୍କ ଇଚ୍ଛା ଭାରତ ଉପରେ ଲାଦିବା ନିମନ୍ତେ ଶକ୍ତିଶାଳୀ ହୋଇ ପାରିଥାନ୍ତି । ମାତ୍ର ଭାରତର ବର୍ତ୍ତମାନ ସମସ୍ୟା ସମାଧାନ ନିମନ୍ତେ ସେମାନେ କୁଶଳ ବା ଯୋଗ୍ୟ ନୁହନ୍ତି—ଭବିଷ୍ୟତ

Digitized by srujanika@gmail.com

ସମସ୍ୟାଗୁଡ଼ିକ ତ ଆଦୌ ନୁହେଁ—କାରଣ ସେମାନଙ୍କର ମନୋଭାବ ଓ ଧାରଣା ସବୁ ଭୁଲ—ଏହା ବାସ୍ତବତା ସହିତ ସମ୍ପର୍କ ହରାଇଛି । ଯେଉଁ ସରକାର ବା ଶାସକଶ୍ରେଣୀ ଯୋଗ୍ୟ ନୁହେଁ କିମ୍ବା ଯାହା ଏକ ଅଚଳ ବ୍ୟବସ୍ଥାର ସମର୍ଥକ, ତାହା ବେଶୀଦିନ ନିଜର ଇଚ୍ଛା ଲଦି ପାରେ ନା ।

ଭୂମିକମ୍ପ ପୀଡ଼ିତ ଅଞ୍ଚଳକୁ ଯାଇ ସେଠାରେ କିପରି ରିଲିଫ କାର୍ଯ୍ୟ ହେଉଛି ତାହାର ଖବର ଆଣିବା ନିମନ୍ତେ ଏଲାହାବାଦ ଭୂମିକମ୍ପ ସାହାଯ୍ୟ ସମିତି ତରଫରୁ ମୁଁ ପ୍ରେରିତ ହେଲି । ମୁଁ ସଙ୍ଗେ ସଙ୍ଗେ ଏଠାକୁ ଗଲି ଏବଂ ଦଶଦିନ ପର୍ଯ୍ୟନ୍ତ ମୁଁ ଏହି ବିଧ୍ୱସ୍ତ ଅଞ୍ଚଳରେ ବୁଲିଲି । ଏହି ଭ୍ରମଣ ଅତ୍ୟନ୍ତ କଷ୍ଟକର—ଏହି କେତେଦିନ ମୋର ଆଦୌ ନିଦ ହୋଇନ ଥିଲା । ସକାଳ ୫ଟା ବେଳୁ ପ୍ରାୟ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଆମେ ବୁଲୁଥାଉ—ବିଦୀର୍ଣ୍ଣ ଓ ବଙ୍କା ରାସ୍ତାରେ ମଟରରେ ଯାଉ—ଯେଉଁଠାରେ ପୋଲ ଭାଙ୍ଗି ଯାଇଥାଏ, ସେଠାରେ ଷ୍ଟିମବୋଟରେ ଯାଉ—କେଉଁ କେଉଁ ସ୍ଥାନରେ ଭୂମି ଅବନତ ହୋଇଯାଇଥିବାରୁ ରାସ୍ତା ପାଣିରେ ବୁଡ଼ିଥାଏ । ବିଧ୍ୱସ୍ତ ଧ୍ୱଂସ ସହିତ ସହରଗୁଡ଼ିକର ଦୃଶ୍ୟ ଅତି ଭୟାବହ—ଏହାର ରାସ୍ତା ସବୁ ଖଣ୍ଡିଆ ଖାବରା ହୋଇଛି—ଗୋଟାଏ ଅସୁର ସତେ କି ନିଜ ହାତରେ ଛିଡ଼ାଇ କରି ପକାଇଛି; କେଉଁଠି ରାସ୍ତା ଘରର ମୂଳଦୁଆ ଅପେକ୍ଷା ଅଧିକ ଉଚ୍ଚ ହୋଇ ଯାଇଛି । ଏହି ରାସ୍ତାସବୁ ବିଦୀର୍ଣ୍ଣ ହେବା ଫଳରେ ସେଥିରୁ ପାଣି ଓ ବାଲି ବାହାରି ଲୋକ, ଗୋରୁଗାଈ ବୁଡ଼ାଇ ପକାଇଛି । ଏହି ସହରଗୁଡ଼ିକ ଅପେକ୍ଷା ଉତ୍ତର ବିହାରର ସମତଳ ଭୂମିରେ—ଏହାକୁ ବିହାରର ଉପବନ ବୋଲି କୁହାଯାଏ, ଧ୍ୱଂସ ଓ ଭଗ୍ନାଂଶ ଅଧିକ । ମାଇଲ ମାଇଲ ଧରି ବାଲି ଓ ପ୍ରକାଣ୍ଡ ଜଳରାଶି ଠୁଳ ହୋଇଛି—ଭୂମିରେ ପ୍ରକାଣ୍ଡ ଗହ୍ୱର ହୋଇଯାଇଛି । ଏହିସବୁ ବିଦୀର୍ଣ୍ଣ ମୁଖରୁ ବହୁପରିମାଣରେ ଜଳ ଓ ବାଲି ବାହାରୁଛି । ଏହି ଅଞ୍ଚଳରେ ଉଡ଼ାଜାହାଜ ଯୋଗେ ବୁଲି ଦେଖିଥିବା କେତେକ ଇଂରେଜ କର୍ମଚାରୀ କହୁଥିଲେ ଯେ ଏହା ମୁକ୍ତ ସମୁଦ୍ର ଏବଂ ତା'ଉପରେ ଉତ୍ତର ଫ୍ରାନ୍ସର ଯୁଦ୍ଧକ୍ଷେତ୍ର ଦୃଶ୍ୟ ପରି ଦେଖାଯାଉଥିଲା ।

Digitized by srujanika@gmail.com

ଏହା ଏକ ଭୀଷଣ ଅଭିଜ୍ଞତା । ଭୂମିକମ୍ପ ହେଲାବେଳେ ଦୁଇପାଖ ପ୍ରବଳ ବେଗରେ ହଲିବା ଫଳରେ ଠିଆ ହୋଇଥିବା ଲୋକସବୁ ପଡ଼ି ଯାଇଥିଲେ । ତା'ପରେ ଭୂମି ଭିତର ତଳ ଆନ୍ଦୋଳନ ହେଲା—ଅଶ୍ୱାରୋହୀ ସୈନ୍ୟଙ୍କ ସମାନ ଗର୍ଜନ କିମ୍ବା ଉପରେ ଏକଶତ ଉଡ଼ାଜାହାଜ ଉଡ଼ୁଥିଲା ପରି ଗୃଶଆଡ଼େ ଶବ୍ଦର ପ୍ରତିଧ୍ୱନି ହେଲା—ଭୂମିସବୁ ପ୍ରକାଣ୍ଡ ଭାବରେ ବିଦୀର୍ଣ୍ଣ ହୋଇଯାଇ ସେହି ମୁଖରୁ ଅସଂଖ୍ୟ ସ୍ଥାନରୁ ପାଣି ବାହାରି ଆସିଲା ଏବଂ ପ୍ରାୟ ୧୦।୧୨ ଫୁଟ ପାଣି ଉପରକୁ ଉଠିଗଲା । ସମ୍ଭବତଃ ଏସବୁ ପ୍ରାୟ ତିନିମିନିଟ ବା ଆଉ କିଛି ଅଳ୍ପସମୟ ପର୍ଯ୍ୟନ୍ତ ରହିଲା—ତାପରେ ଏହା ଚାଲିଗଲା—ମାତ୍ର ଏହି ତିନିମିନିଟର ଦୃଶ୍ୟ କି ଭୟାବହ । ଏହା ଦେଖିଥିବା ଅନେକ ଲୋକ ଯେ ପୃଥିବୀର ଏହା ଶେଷ ଅବସ୍ଥା ବୋଲି ଅନୁମାନ କରୁଥିଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସହରମାନଙ୍କର ଘର ପଡ଼ିଯାଉଥିବାର ଏବଂ ପାଣି ମାଡ଼ି ଆସୁଥିବାର ଶବ୍ଦ—ଚାରିଆଡ଼େ ଗୋଟାଏ ଧୂଳିର ବାୟୁମଣ୍ଡଳ—କିଛି ଦେଖିବା ଅସମ୍ଭବ ହୋଇ ପଡ଼ିଥିଲା । ମଫସଲ ଅଞ୍ଚଳରେ ବେଶୀ ଧୂଳି ନଥିଲା ଓ ଅନେକ ଦୂର ପର୍ଯ୍ୟନ୍ତ ଲୋକ ଦେଖିପାରୁଥିଲେ—ମାତ୍ର ଧୀର ଭାବରେ ବସି ଦୃଶ୍ୟ ଦେଖୁଛି କିଏ ? ଯେଉଁମାନେ ଜୀବିତ ରହିଥିଲେ ସେମାନେ ଭୂଇଁରେ ଗଡ଼ୁଥିଲେ କିମ୍ବା ଆତଙ୍କ ଜ୍ୱାଳାରେ ଅଚେତନ ହୋଇ ପଡ଼ିଥିଲେ ।

ଭୂମିକମ୍ପର ୧୦ ଦିନ ପରେ ଜୀବନ୍ତଥିବା ଅବସ୍ଥାରେ ବାରବର୍ଷର ଗୋଟିଏ ଶ୍ରେଷ୍ଠ ବାଳକକୁ ଖୋଳି ବାହାର କରାଗଲା । (ମୋର ମନେହୁଏ ମୋଜାଫର ପୁରରେ), ସେ ବଡ଼ ଅବାକ୍ ହୋଇଗଲା । ଯେତେବେଳେ ଭୂମି ଦୋହଲିଲା ଏବଂ ତାହା ଉପରେ ଧ୍ୱଂସସ୍ତୂପ ଜମା ହୋଇଗଲା, ସେ ଭାବିଥିଲା ଯେ ପୃଥିବୀ ଲୋପ ହୋଇଗଲା—କେବଳ ସେହି ଏକମାତ୍ର ଜୀବିତ ହୋଇ ରହିଛି ।

ମୋଜାଫର ପୁରରେ ମଧ୍ୟ ଠିକ୍ ଭୂମିକମ୍ପ ସମୟରେ ଘରସବୁ ଭାଙ୍ଗି ପଡ଼ୁଥିବାବେଳେ ଏବଂ ଶହ ଶହ ଲୋକ ମରିଯାଉଥିବାବେଳେ

Digitized by srujanika@gmail.com

ଗୋଟିଏ ଶିଶୁ ଜନ୍ମ ହୋଇଥିଲା । ଅନେକଙ୍କ ମୃତକ ପିତାମାତା କ'ଣ ...ଶବେ ଜାଣିପାରିଲେ ନାହିଁ—ସେମାନେ ପାଗଳ ହୋଇପଡ଼ିଲେ । ପାହାହେଉ ମୁଁ ଖବର ପାଇଲି ଯେ ସେ ମାଆ ଓ ପିଲା ଦୁହେଁ ବଞ୍ଚି-ରହିଲେ । ଭୂମିକମ୍ପରେ ଜନ୍ମ ହୋଇଥିବାରୁ ପିଲାଟିର ନାମ କାମ୍ପେ ଦେବୀ ରଖାଯାଇଥିଲା ।

ଆମ ଭ୍ରମଣ ଶେଷରେ ଆମେ ମୁଙ୍ଗେର ସହରରେ ପହଞ୍ଚିଲୁ । ଆମେ ଖୁବ୍ ବୁଲାବୁଲି କଲୁ, ପ୍ରାୟ ନେପାଳ ସୀମାନ୍ତରେ ପହଞ୍ଚିଲୁ ଓ ଅନେକ ବିକଟାଳ ଦୃଶ୍ୟ ଦେଖିଥିଲୁ । ଆମେ ଶବ୍ଦ ଧ୍ୱଂସସ୍ତୂପ ଦେଖିବାରେ ଅଭ୍ୟସ୍ତ ହୋଇ ପଡ଼ିଥିଲୁ । ତଥାପି ଆମେ ମୁଙ୍ଗେରରେ ପହଞ୍ଚି ଏହି ଉନ୍ନତ ସହରର ସମ୍ପୂର୍ଣ୍ଣ ଧ୍ୱଂସଲୀଳା ଦେଖି ଶିହରି ଉଠିଲୁ । ଏହି ଭୟାବହ ଦୃଶ୍ୟ ମୁଁ କଦାପି ଭୁଲି ପାରିବ ନାହିଁ ।

କି ସହର କି ମଫସଲ ସମଗ୍ର ଭୂମିକମ୍ପପୀଡ଼ିତ ଅଞ୍ଚଳର ଲୋକଙ୍କ ...ତରେ ନିଜ ଚେଷ୍ଟାରେ ରକ୍ଷା ପାଇବା ସାହସର ଅଭାବ ଦେଖାଯାଉ-ଥିଲା—ସମ୍ଭବତଃ ସହରର ମଧ୍ୟବିତ୍ତ ଶ୍ରେଣୀ ଏଥିରେ ଅଧିକ ଦୋଷୀ । ...ଏତ ସରକାର କିମ୍ବା ବେସରକାରୀ ରିଲିଫ୍ ସମିତି କେହି ତାଙ୍କୁ ସାହାଯ୍ୟ କରିବ ଏହି ଆଶା ସେମାନେ କରି ବସିରହିଥିଲେ । ଆଉ ଯେଉଁମାନେ ନିଜକୁ ଏହି କାର୍ଯ୍ୟରେ ଅର୍ପଣ କରିଥିଲେ ସେମାନେ ମନେ କରୁଥିଲେ କେବଳ ହୁକୁମ ଦେଲେ କାମ ହୋଇଯିବ । ଏଥିରେ ସନ୍ଦେହ ନାହିଁ ଯେ ଭୂମିକମ୍ପ ଭୟରେ ଯେଉଁ ମାନସିକ ଭ୍ରମ ହୋଇଥିଲା ତାହା କେତେକାଂଶରେ ଏଥିପାଇଁ ଦାୟୀ—ମାତ୍ର ଏହା ଅଳ୍ପେ ଅଳ୍ପେ କମି ଯାଇଥିବ ।

ଏହା ସହିତ ତୁଳନା କରି ବାହାରର ଅନ୍ୟ ଅଞ୍ଚଳ ଏବଂ ଅନ୍ୟ ପ୍ରଦେ ମାନଙ୍କରୁ ଆସୁଥିବା ରିଲିଫ୍ କର୍ମୀମାନଙ୍କର ଦକ୍ଷତା ଓ ଶକ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଥିଲି । ଏହି ଯୁବକ ଯୁବତୀମାନଙ୍କର କାର୍ଯ୍ୟକୁଶଳତା

Digitized by srujanika@gmail.com

ଦେଖି ମନ ଆନନ୍ଦିତ ହୁଏ—ବିଭିନ୍ନ ରିଲିଫ୍ ସମିତି କାର୍ଯ୍ୟକରୁଥିବା ସତ୍ତ୍ୱେ ସେମାନଙ୍କ ଭିତରେ ସହଯୋଗ ଥିଲା ।

ମୁଙ୍ଗେରରେ ଭୂମି ଖୋଳିବା ଓ ଧ୍ୱଂସସ୍ତୂପ ସବୁ ବାହାର କରିବା କାର୍ଯ୍ୟରେ ଲୋକଙ୍କୁ ବ୍ରତୀ କରିବାରେ ଉତ୍ସାହିତ କରିବାପାଇଁ ମୁଁ ଗୋଟାଏ ନାଟକୀୟ ଦୃଶ୍ୟ କଲି । ମୁଁ ନିଜେ ଇତସ୍ତତଃ ହୋଇ ଏହା କରିଥିଲି, ମାତ୍ର ସଫଳ ହେଲି । ରିଲିଫ୍ ସମିତିମାନଙ୍କର ନେତାମାନେ ସମସ୍ତେ କୋଦାଳ ଧେନି ଯାଇ ସାବଧାନ ଖୋଳିଲେ ଏବଂ ଆମେ ଗୋଟିଏ ଛୋଟ ବାଳିକାର ମୃତଦେହ ବାହାର କଲୁ । ସେହିଦିନ ମୁଁ ମୁଙ୍ଗେର ଛାଡ଼ିଲି, ମାତ୍ର ଖୋଳିବା କାର୍ଯ୍ୟ ଚାଲିଲା ଏବଂ ଅନେକ ସ୍ଥାନୀୟ ଲୋକ ସଫଳତାର ସହିତ ଏହି କାର୍ଯ୍ୟ ଚଳାଇଲେ ।

ଅନ୍ୟ ସମସ୍ତ ରିଲିଫ୍ ସମିତି ଭିତରେ ରାଜେନ୍ଦ୍ର ପ୍ରସାଦଙ୍କ ସଭାପତିତ୍ୱରେ ହୋଇଥିବା କେନ୍ଦ୍ର ରିଲିଫ୍ କମିଟି ହିଁ ପ୍ରଧାନ ଥିଲା । ଏହା କଂଗ୍ରେସ ଅନୁଷ୍ଠାନ ନୁହେଁ—ଏହା ଏକ ନିଖିଳ ଭାରତ ଅନୁଷ୍ଠାନରେ ପରିଣତ ହେଲା ଏବଂ ଏଥିରେ ଭିନ୍ନ ଦଳ ଓ ଦାତାମାନେ ସଭ୍ୟ ହୋଇ ରହିଥିଲେ । ଯାହାହେଉ ଏକ ସୁବିଧା ହେଲା ଯେ ମଫସଲ ଅଞ୍ଚଳର କଂଗ୍ରେସ ଅନୁଷ୍ଠାନ ସବୁ ଏହାର ନିର୍ଦ୍ଦେଶମତେ କାର୍ଯ୍ୟ କଲେ । ଗୁଜରାଟ ଏବଂ ଯୁକ୍ତପ୍ରଦେଶର କେତେକ ଜିଲ୍ଲା ଛଡ଼ା ଭାରତର କୌଣସି ପ୍ରଦେଶରେ କଂଗ୍ରେସ କର୍ମୀମାନେ କୃଷକମାନଙ୍କର ଅଧିକ ସଂସ୍ପର୍ଶରେ ନଥିଲେ । ପ୍ରକୃତରେ କୃଷକଙ୍କ ଭିତରୁ ଅଧିକାଂଶ କର୍ମୀ ବାହାରିଥିଲେ; ବିହାର ପ୍ରଧାନତଃ ଭାରତରେ ଗୋଟିଏ କୃଷିପ୍ରଧାନ ପ୍ରଦେଶ ଏବଂ ଏହାର ମଧ୍ୟବିତ୍ତଶ୍ରେଣୀ ମଧ୍ୟ କୃଷକମାନଙ୍କ ସହିତ ଘନିଷ୍ଠ-ରୂପେ ସମ୍ପୃକ୍ତ । ମୁଁ କଂଗ୍ରେସ ସମ୍ପାଦକ ଥିବାସମୟରେ ବେଳେ ବେଳେ ବିହାର ପ୍ରାଦେଶିକ କଂଗ୍ରେସ କମିଟି ଅଫିସ ପରିଦର୍ଶନ କରିବାକୁ ଯାଇଛି —ମୋ ବିଚାରରେ ସେମାନଙ୍କର ଅଯୋଗ୍ୟତା ଏବଂ ଅଫିସ ଚଳିବାରେ ସାଧାରଣ ଶିଥିଳତା ଦେଖି ମୁଁ ଖୁବ୍ କଡ଼ା ଭାଷାରେ ସେମାନଙ୍କର

Digitized by srujanika@gmail.com

ସମାଲୋଚନା କରୁଛୁ । ଠିଆ ହେବା ଅପେକ୍ଷା ବସିବାର, ବସିବାର ଅପେକ୍ଷା ଶୋଇପଡ଼ୁଥିବାର ଗୋଟାଏ ପ୍ରବୃତ୍ତି ଦେଖାଯାଏ । ଅଫିସ ସାଜସରଞ୍ଜାମ କିଛି ନାହିଁ—ସେମାନେ ସାଧାରଣ ଅଫିସ ସାଜସରଞ୍ଜାମ ଚ୍ୟୁତ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତି । ତଥାପି ଅଫିସ ପରିଚାଳନାର ସମାଲୋଚନା ସତ୍ତ୍ୱେ ମୁଁ ଜାଣିଥିଲି ଯେ କଂଗ୍ରେସ ଦୃଷ୍ଟିରୁ ଏ ଦେଶରେ ବିହାର ପ୍ରଦେଶ ଖୁବ୍ ନିଷ୍ଠାର ସହିତ କାର୍ଯ୍ୟ କରୁଅଛି । ଏଠାରେ କଂଗ୍ରେସର କିଛି ଆଡ଼ମ୍ବର ନ ଥିଲା, ମାତ୍ର ଏହା ପଛରେ କୃଷକଙ୍କର ସମର୍ଥନ ଥିଲା । ଏପରି କି ନିଖିଳଭାରତ କଂଗ୍ରେସ କମିଟିରେ ମଧ୍ୟ ବିହାରର ସଭ୍ୟମାନେ କେବେ କୌଣସି କାର୍ଯ୍ୟରେ ପ୍ରାୟ ଉତ୍ସାହ ଦେଖାଇ ନାହାନ୍ତି । ଏଠାରେ ସେମାନଙ୍କୁ ଦେଖିଲେ ମନେହୁଏ ସତେକି ସେମାନେ ଆଶ୍ଚର୍ଯ୍ୟ ହୋଇ ପଡ଼ିଛନ୍ତି । ମାତ୍ର ଦୁଇଟିଯାକ ଆଇନଅମାନ୍ୟ ଆନ୍ଦୋଳନରେ ବିହାର ଅଦ୍ଭୁତ କାର୍ଯ୍ୟ କରିଛି । ତା'ପରେ ହୋଇଥିବା ବ୍ୟକ୍ତିଗତ ଆଇନ-ଅମାନ୍ୟରେ ମଧ୍ୟ ଏହା ଖୁବ୍ ଭଲ କରିଥିଲା ।

ରିଲିଫ୍ କମିଟି ଏହି ସୁନ୍ଦର ଅନୁଷ୍ଠାନ ସାହାଯ୍ୟରେ ମଫସଲରେ ପହଞ୍ଚି ପାରିଥିଲା । ମଫସଲ ଅଞ୍ଚଳରେ ଅନ୍ୟ କୌଣସି ସମିତି ଏପରିକି ସରକାର ତରଫରୁ ସୁଦ୍ଧା ଏତେ ସହାୟକ ହୋଇନଥିଲେ । ବିହାର ରିଲିଫ୍ କମିଟି ଓ କଂଗ୍ରେସ ଅନୁଷ୍ଠାନ ଉଭୟର ପ୍ରଧାନ ଥିଲେ ରାଜେନ୍ଦ୍ର-ବାବୁ—ସେ ବିହାରର ଅପ୍ରତିଦ୍ୱନ୍ଦ୍ୱୀ ନେତା । ସେ କୃଷକ ପରି ଦେଖା-ଯାଆନ୍ତି—ବିହାର ପ୍ରଦେଶର ସେ ଆଦର୍ଶ ସନ୍ତାନ—ତାଙ୍କୁ ପ୍ରଥମେ ଦେଖିଲେ କିଛି ଆକର୍ଷଣ ହୁଏ ନାହିଁ — ତାଙ୍କର ଖୋଲା ଚକ୍ଷୁ ଓ ଉଜ୍ଜ୍ୱଳ ଦୃଷ୍ଟି ଦେଖିଲେ କେହି ଭୁଲିପାରିବ ନାହିଁ । ଏହି ଦୃଷ୍ଟିରେ ଯେ ସତ୍ୟର ଇଙ୍ଗିତ ଅଛି ଏଥିରେ କାହାରି ସନ୍ଦେହ ରହିବ ନାହିଁ । କୃଷକମାନଙ୍କପରି ତାଙ୍କର ଦୃଷ୍ଟିକୋଣ ଟିକିଏ ସୀମାବଦ୍ଧ । ଆଧୁନିକ ଜଗତ ମତରେ ସେ କେତେକ ପରିମାଣରେ ସେ ସଭ୍ୟତା ଦେବାରୁ ମୁକ୍ତ, ମାତ୍ର ତାଙ୍କର ଅସାମାନ୍ୟ

Digitized by srujanika@gmail.com

ଏକତା, ତାଙ୍କର ବୁଦ୍ଧି ଯାହା ଦିଆ ହୁଏ, ଶକ୍ତି ଏବଂ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନିଷ୍ଠା ପ୍ରଭୃତି ଗୁଣ ଯୋଗୁଁ ସେ ଖାଲି ନିଜ ପ୍ରଦେଶରେ ନୁହେଁ, ସାରା ଭାରତରେ ଅଦ୍ଭୁତ। ରାଜେନ୍ଦ୍ରବାବୁ ବିହାରରେ ସବୁଦଳ ସବୁମତଙ୍କଦ୍ୱାରା ଯେପରି ନେତାରୂପେ ସ୍ୱୀକୃତ ଭାରତର ଅନ୍ୟ କୌଣସି ପ୍ରଦେଶରେ କେହି ସେପରି ନୁହେଁ। ଗାନ୍ଧିଜୀଙ୍କ ସନ୍ଦେଶର ପ୍ରକୃତ ମର୍ମ-ଗ୍ରହଣ କଲାପରି ଲୋକ ତାଙ୍କ ସଦୃଶ—ଯଦି ଥାଆନ୍ତି—ଖୁବ୍ କମ୍ ଅଛନ୍ତି।

ଭାଗ୍ୟର କଥା ବିହାରର ରିଲିଫ୍ କାର୍ଯ୍ୟ ଚଳାଇବା ନିମନ୍ତେ ତାଙ୍କପରି ଲୋକର ନେତୃତ୍ୱ ମିଳିଲା ଏବଂ ତାଙ୍କଠାରେ ବିଶ୍ୱାସ ଯୋଗୁଁ ହିନ୍ଦୁସ୍ତାନ ଚାରିଆଡ଼ୁ ଅଜସ୍ର ଅର୍ଥ ଆସିଲା। ଦୁର୍ବଳ ସ୍ୱାସ୍ଥ୍ୟ ଘେନି ମଧ୍ୟ ସେ ରିଲିଫ୍ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ। ସେ ଅତିରିକ୍ତ ପରିଶ୍ରମ କଲେ—କାରଣ ସମସ୍ତ କାର୍ଯ୍ୟରେ ସେ ହେଲେ କେନ୍ଦ୍ର ଓ ପ୍ରତ୍ୟେକ ତାଙ୍କ ପାଖକୁ ପରାମର୍ଶ କରିବାକୁ ଯାଉଥିଲେ।

ମୁଁ ଭୂମିକମ୍ପ ଅଞ୍ଚଳରେ ଭ୍ରମଣ କରୁଥିବାବେଳେ କିମ୍ବା ସେଠାକୁ ଯିବା ପୂର୍ବରୁ ଅସ୍ପୃଶ୍ୟତା ପାପର ଶାସ୍ତିସ୍ୱରୂପ ଭୂମିକମ୍ପ ହୋଇଛି ବୋଲି ଗାନ୍ଧିଜୀଙ୍କ ବିବୃତି ପଢ଼ି ବଡ଼ ମର୍ମାହତ ହେଲି। ଏପରି ମନ୍ତବ୍ୟ ଶୁଣିଲେ ତାଟକା ହେବାକୁ ହୁଏ—ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରତ୍ୟୁତ୍ତର ଜବାବ ସହିତ ମୁଁ ସମ୍ପୂର୍ଣ୍ଣ ଏକମତ—ଏହା ମୁଁ ସ୍ୱାଗତ କରିଥିଲି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାଠାରୁ ଯାଉ ବଦଖତ କଥା କଳ୍ପନା କରା ଯାଇନପାରେ। ଜଡ଼ ପ୍ରକୃତି ଉପରେ ଭୌତିକ ଘଟଣାଗୁଡ଼ିକ ଯେ ଭାବାବେଗ ସୃଷ୍ଟି କରେ ସେ ସମ୍ବନ୍ଧରେ ବିଜ୍ଞାନ ହୁଏତ ଏପରି ଯୁକ୍ତିହୀନ ମତବାଦ ଆଜି ସୁଦ୍ଧା ସ୍ୱୀକାର କରି ନାହିଁ। ମାନସିକ ଆଘାତ ଫଳରେ ଅଜୀର୍ଣ୍ଣ ହୋଇପାରେ କିମ୍ବା ଲୋକର ଆଖି କିଛି ଖରାପ ହୋଇପାରେ। ମାତ୍ର ଲୌକିକ ଆଚାର ଏବଂ ମନୁଷ୍ୟର ଦୋଷର ପ୍ରତିକ୍ରିୟାରୂପେ ପୃଥିବୀର ସ୍ତରଗୁଡ଼ିକ କମ୍ପିତ ହୁଏ ବୋଲି କହିବା ଅଦ୍ଭୁତ କଥା ଛଡ଼ା କିଛି ନୁହେଁ। ପାପରେ ବା, ଧାର୍ମିକ କ୍ରୋଧ

Digitized by srujanika@gmail.com

ଏବଂ ସୌର ଜଗତରେ ମଣିଷର ଆପେକ୍ଷିକ ସମ୍ପର୍କ ପ୍ରଭୃତି ଆମକୁ ଅନେକ ଶହ ବର୍ଷକୁ ନେଇଯାଏ—ଏହା ସେହି ଯୁଗର କଥା ଯେତେବେଳେ ଇଂଲଣ୍ଡରେ ଧର୍ମବିରୋଧୀମାନଙ୍କୁ ଶାସ୍ତି ଦେବା ନିମନ୍ତେ ଖ୍ରୀଷ୍ଟ ଯାଜକ-ମାନଙ୍କ ସଂଗ୍ରହର ପ୍ରାଧାନ୍ୟ ଥିଲା—ଧର୍ମ ସମ୍ବନ୍ଧରେ ବୈଜ୍ଞାନିକ ତଥ୍ୟ କହୁଥିବା ହେତୁ ଜିଓର୍ଦାନ ବ୍ରୁନୋଙ୍କୁ ପୋଡ଼ି ମାରିଦିଆ ହୋଇଥିଲା ଏବଂ ଅନେକ 'ଡାଆଣି'ଙ୍କୁ ମାରି ଦିଆଯାଇଥିଲା ! ଏପରିକି ଅଷ୍ଟାଦଶ ଶତାବ୍ଦୀରେ ବୋଷ୍ଟନର ଧର୍ମଯାଜକମାନେ କହୁଥିଲେ ଯେ ଘର ଉପରେ ବଜ୍ରପାତରୁ ରକ୍ଷା ପାଇବା ନିମନ୍ତେ ଲୁହାଦଣ୍ଡ ରଖିବା ଫଳରେ ମାସା-ଚୁସେଟ୍‌ସ୍‌ରେ ଭୂମିକମ୍ପ ହୋଇଥିଲା ।

ଭୂମିକମ୍ପ ଯଦି ପାପ ନିମନ୍ତେ ଐଶ୍ୱରିକ ଶାସ୍ତି ହୁଏ, ତେବେ ଆମେ କେଉଁ ପାପ ଲାଗି କଷ୍ଟ ଭୋଗୁଛେ କିପରି ବାହାର କରିବା ? ହୁଏତ ଆମକୁ ବହୁ ପାପର ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ ? ପ୍ରତ୍ୟେକ ଲୋକ ତାହା ନିଜ ଇଚ୍ଛା ଅନୁସାରେ ଅର୍ଥ କରିପାରେ । ଆମେ ବିଦେଶୀକର୍ତ୍ତୃତ୍ୱରେ ବଶତା ସ୍ୱୀକାର କରିଥିବାରୁ କିମ୍ବା ଏହି ଅନ୍ୟାନ୍ୟ ସାମାଜିକ ବ୍ୟବସ୍ଥା ସହ୍ୟ କରି-ଥିବାରୁ ଏପରି ଶାସ୍ତି ପାଇପାରିଥାଉ ଏକଥା କୁହାଯାଇପାରେ । ବିପୁଳ ଜମିଦାରୀର ମାଲିକ ଦରଭଙ୍ଗା ମହାରାଜାଙ୍କର ଏହି ଭୂମିକମ୍ପରେ ବହୁତ ଆର୍ଥିକ କ୍ଷତି ହୋଇଥିଲା । ଆମେ କହିପାରୁ ଯେ ଜମିଦାରୀ ପ୍ରଥା ଥିବାରୁ ତାଙ୍କ ପ୍ରତି ଏପରି ହେଲା । ଦକ୍ଷିଣଭାରତ ଲୋକଙ୍କର ଅସ୍ପୃଶ୍ୟତା ଦୋଷ ହେତୁ ବିହାରରେ ଊଣା ଅଧିକେ ନିରୀହଲୋକଙ୍କ ଉପରେ ଶାସ୍ତି ଆସି ପଡ଼ିଲା ବୋଲି କହିବା ଅପେକ୍ଷା ଏ କଥା ଲକ୍ଷ କରିବାର ଅଧିକ କାରଣ ଅଛି । ଅସ୍ପୃଶ୍ୟତା ଥିବା ଅଞ୍ଚଳରେ ଭୂମିକମ୍ପ ନହେଲା କାହିଁକି ? ଅଥବା ଆଇନଅମାନ୍ୟ ଆନ୍ଦୋଳନ ହେତୁ ଏହା ଏକ ଐଶ୍ୱରିକ ଶାସ୍ତି ବୋଲି ବ୍ରିଟିଶ ସରକାର କହିପାରନ୍ତେ, କାରଣ ଅଧିକ ଭାବରେ ଭୂକମ୍ପପ୍ରପୀଡ଼ିତ ଉତ୍ତର ବିହାରହିଁ ସ୍ୱାଧୀନତା ଆନ୍ଦୋଳନର ବହୁତ ଅଗ୍ରଗାମୀ ଥିଲା ।

ଏ ସମ୍ବନ୍ଧରେ ଆମେ ଅନିର୍ଦ୍ଦିଷ୍ଟ ଭାବରେ ଏହିପରି ନାନା କଳ୍ପନା କରିପାରୁଁ । ତା' ପରେ ପୁଣି ପ୍ରଶ୍ନ ଉଠୁଛି ଯାହା ଈଶ୍ୱରଙ୍କ କାର୍ଯ୍ୟ ତାହାର

Digitized by srujanika@gmail.com

ଫଳାଫଳ ମନୁଷ୍ୟର ଉଦ୍ୟମଦ୍ୱାରା କମାଇବାକୁ ଚେଷ୍ଟା କରିବା ନାହିଁକି ? ଈଶ୍ୱର ଆମଠାରେ କାହିଁକି ଏପରି ନିଷ୍ଠୁର ପରିହାସ କଲେ ଭାବି ଆମେ ଆଶ୍ଚର୍ଯ୍ୟ ହେଉଁ । ବହୁତ ଅପୂର୍ଣ୍ଣତା ରଖି ଆମକୁ ସୃଷ୍ଟି କରାଗଲା—ଚତୁର୍ଦ୍ଦିଗରେ ବହୁ ପ୍ରଲୋଭନ ଜାଲ ପାତି, ପତନର ବାଟ ରଖି ଗୋଟିଏ ନିଷ୍ଠୁର ଓ ଦୁର୍ଦ୍ଦଶାଗ୍ରସ୍ତ ଜଗତ ସୃଷ୍ଟି କରିଛନ୍ତି । ବାଘ ଓ ମେଣ୍ଢାଛୁଆ ଏକ ସଙ୍ଗେ ସୃଷ୍ଟି କରି ତା'ପରେ ପୁଣି ଆମକୁ ଶାସ୍ତି ଦିଆଯାଉଛି ।

ମୋର ଫେରିଆସିବାର ପୂର୍ବ ଦିନ ରାତିରେ ରିଲିଫ୍ କାର୍ଯ୍ୟପାଇଁ ବିଭିନ୍ନ ପ୍ରଦେଶରୁ ଆସିଥିବା ବନ୍ଧୁ ଓ ସାଥୀମାନଙ୍କ ସହ ଅନେକ ରାତି-ପର୍ଯ୍ୟନ୍ତ ଥିଲି । ଯୁକ୍ତପ୍ରଦେଶରୁ ଆମର ଅନେକ ବଛାବଛା କର୍ମୀ ଯାଇଥିଲେ । ସେଉଁ ବିଷୟ ନେଇ ଅନେକ ବ୍ୟସ୍ତ ଥିଲେ ତାହା ଆଲୋଚନା କରୁଥିଲୁ, ଆମେ ଭୂମିକମ୍ପ ସାହାଯ୍ୟ କାର୍ଯ୍ୟରେ ନିଜକୁ କେତେଦୂର ନିୟୋଜିତ କରିବୁ ? ଏହାର ଅର୍ଥ ଅନ୍ତତଃ ସେପର୍ଯ୍ୟନ୍ତ ଆମର ରାଜନୀତିକ କାର୍ଯ୍ୟ ପ୍ରତ୍ୟାହାର କରିବା । ରିଲିଫ୍ କାର୍ଯ୍ୟ ବଡ଼ କଷ୍ଟଦାୟକ—ଅନ୍ୟ କାର୍ଯ୍ୟ ସହିତ ସାମୟିକଭାବରେ ଏହା କରାଯାଇପାରେନା । ଏଥିରେ ନିଯୁକ୍ତ ହେବା ଅର୍ଥ ହେଉଛି କ୍ରିୟାଶୀଳ ରାଜନୀତିକ କାର୍ଯ୍ୟରୁ ଅନେକଦିନ ପର୍ଯ୍ୟନ୍ତ ଦୂରରେ ରହିବା ଏବଂ ଆମ ପ୍ରଦେଶରେ ଏହାର ଫଳ ଖରାପ ହୋଇପାରେ । କଂଗ୍ରେସରେ ଅନେକ ଲୋକ ଥିଲେ ସୁଦ୍ଧା ଘଟଣାରେ ଠିକ ନିର୍ଦ୍ଦେଶ କରିବା ଲୋକସଂଖ୍ୟା ଖୁବ୍ କମ୍ ଏବଂ ସେମାନଙ୍କୁ ଅନ୍ୟ କାର୍ଯ୍ୟରେ ଛାଡ଼ି ଦିଆଯାଇପାରେନା । ତଥାପି ଭୂମିକମ୍ପ କଥା ଅବହେଳା କରାଯାଇପାରିବ ନାହିଁ । ମୁଁ ନିଜେ ପୂର୍ବପରି ରିଲିଫ୍ କାର୍ଯ୍ୟରେ ନିଯୁକ୍ତ ହେବାକୁ ଇଚ୍ଛୁକ ନଥିଲି । ମୁଁ ଅନୁଭବ କଲି ଯେ ଏହି କାର୍ଯ୍ୟଲାଗି ଲୋକର ଅଭାବ ରହିବ ନାହିଁ—ମାତ୍ର ବିପଦବରଣ କଲାପରି କାର୍ଯ୍ୟପାଇଁ ଖୁବ୍ କମ୍ ଲୋକ ମିଳିବେ ।

ଏହିପରି ସବୁରେ ଆମେ ଅନେକବେଳ ପର୍ଯ୍ୟନ୍ତ କଥାବାର୍ତ୍ତା କଲୁ । ଜାତୀୟ ସ୍ୱାଧୀନତା ଦିବସ ପାଳନ କଥା, କିପରି ଆମର କେତେକ ବନ୍ଧୁ

Digitized by srujanika@gmail.com

ନିଯୁକ୍ତ ହୋଇଥିଲାବେଳେ ଆମେ ରଷା ଗାଉଥିଲୁ ଏହିସବୁ କଥା ଆଲୋଚନା କରିଥିଲୁ । ମୁଁ ସେମାନଙ୍କୁ ପରିହାସ କରି କହିଲି ସେ ଅପୂର୍ଣ୍ଣ ନବୁପଦରେ ବହୁ ସାମରିକ ରାଜନୀତି ପରିକଳ୍ପନା କରିବାର ଗୁପ୍ତ ରହସ୍ୟ ମୁଁ ପାଉଛି ।

ମୁଁ ଭ୍ରମଣରେ ଅତିଶୟ କ୍ଳାନ୍ତ ହୋଇ ତା୧୧ରିଖ ଦିନ ଏଲ୍ହାବାଦ ଫେରିଲି । ଦଶଦିନର କଠିନ ପରିଶ୍ରମ ଫଳରେ ମୁଁ ବଡ଼ ରୁଗ୍ଣ ଦେଖା-ଯାଉଥିଲି—ମୋ ଚେହେରା ଦେଖି ପରିବାରଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ମୋର ଭ୍ରମଣ ବୃତ୍ତାନ୍ତ ଏଲ୍ହାବାଦ ରିଲିଫ୍ କମିଟିକୁ ଦେବା ନିମନ୍ତେ ମୁଁ ଲେଖା ଆରମ୍ଭ କଲି, ମାତ୍ର ନିଦ ଆସିଲା; ତା'ପରେ ୨୪ଘଣ୍ଟା ଭିତରୁ ମୁଁ ପ୍ରାୟ ୧୨ଘଣ୍ଟା ଶୋଇଥିଲି ।

ତୃତୀୟଦିନ ଅପରାହ୍ଣରେ ମୁଁ ଓ କମଳା ଚାହା ଖାଇ ସାରିଥାଉଁ—ଏପରି ସମୟରେ ପୁରୁଷୋତ୍ତମଦାସ ଟାଣ୍ଡନ ଆସି ପହଞ୍ଚିଲେ । ଆମେ ବାରଣ୍ଡାରେ ଛିଡ଼ା ହୋଇଛୁ ଏପରି ସମୟରେ ଏକ ମଟରଗାଡ଼ି ଆସିଲା ଓ ଜଣେ ପୁଲିସ କର୍ମଚାରୀ ଓହ୍ଲାଇଲେ । ମୁଁ ସଙ୍ଗେ ସଙ୍ଗେ ଜାଣିଲି ଯେ ମୋର ବେଳ ଆସିଗଲା । ମୁଁ ତାଙ୍କ ନିକଟକୁ ଯାଇ କହିଲି "ବହୁତ ଦିନୌ ସେ ଆପକା ଇନ୍ତଜାର ଥା"—ଆପଣଙ୍କପାଇଁ ଅନେକ ଦିନରୁ ଅପେକ୍ଷା କରିଥିଲି । ସେ ଟିକିଏ ଅପ୍ରସ୍ତୁତ ହୋଇ କହିଲେ ତାଙ୍କର କିଛି ଦୋଷ ନାହିଁ । ଏହି ଓ୍ୱାରେଣ୍ଟ ବା ପରଓ୍ୱାନା କଲିକତାରୁ ଆସିଛି ।

ବାହାରେ ମୁଁ ମା ୫ ଦ ଶ ୧୩ ନ ରହିଲି ଏବଂ ଏବେ ମୁଁ ମୁଁ ଏକାକୀ ନିର୍ଜନ ସ୍ଥାନକୁ ଚାଲିଲି । ମାତ୍ର ପ୍ରକୃତ ବୋଝ ମୋର ନୁହେଁ, ଏହା ପଡ଼ିବ ନାରୀମାନଙ୍କୁ—ମୋର ପୀଡ଼ିତା ମାତା, ସ୍ତ୍ରୀ ଓ ଭଉଣୀକୁ ସହ୍ୟ କରିବାକୁ ପଡ଼ିଲା ।

Digitized by srujanika@gmail.com

୫୯

ଆଲିପୁର ଜେଲ

"ମୋତେ ଏକା ପାଣି କାହିଁ ଏତେ ଦୂରରେ ପଠାଇଦେଇଛନ୍ତି, କେତେଦିନ ମୁଁ ଏଠାରେ ମୋର କର୍ମ ଭୋଗି ବସିରହିବି, ଏହି ଉଚ୍ଛୃଙ୍ଖଳ ନିୟତିରକା ଅପ୍ରତିହତତତ୍ତ୍ୱରେ ମୋତେ କେଉଁଠାକୁ ବା ନେଇଯିବ ଏବଂ ନୌକା କେଉଁ କୂଳରେ ଲଗାଇବ, ତାହା ମୁଁ ଜାଣେ ନାହିଁ । ତଥାପି ମୋତେ ଅବଶ୍ୟ ଯିବାକୁ ହେବ।"—ରବର୍ଟ ବ୍ରାଉନିଙ୍ଗ୍ ।

ସେହିଦିନ ରାତିରେ ମୋତେ କଲିକତା ନିଆଗଲା । ହାଓଡ଼ା-ଷ୍ଟେସନରୁ ଗୋଟିଏ କଳା ପୁଲିସ ଗାଡ଼ିରେ ମୋତେ ଲାଲବଜାର ଥାନାକୁ ନିଆଗଲା । କଲିକତା ପୁଲିସର ଏହି ପ୍ରସିଦ୍ଧ ହେଡ୍ ଅଫିସ ସମ୍ବନ୍ଧରେ ମୁଁ ଅନେକ କଥା ପଢ଼ିଥିଲି ଏବଂ ଆଗ୍ରହର ସହିତ ଲକ୍ଷ୍ୟ କରିବାକୁ ଲାଗିଲି । ବହୁସଂଖ୍ୟକ ଗୋରା ସର୍ଜେଣ୍ଟ ଓ ଇନ୍‌ସପେକ୍‌ଟର ଥିଲେ-- ଉତ୍ତର ଭାରତର ଯେ କୌଣସି ଥାନାଠାରୁ ଯଥେଷ୍ଟ ବେଶୀ । କନ୍‌ଷ୍ଟେବଲଗୁଡ଼ିକ ପ୍ରାୟ ବିହାର କିମ୍ବା ଯୁକ୍ତପ୍ରଦେଶର ପୂର୍ବ ଜିଲ୍ଲାମାନଙ୍କର ଲୋକ । ଜେଲର ବଡ଼ ଲୋକରେ ମୁଁ କଚେରୀକୁ ଯାଇଛି ଏବଂ ଫେରିଛି, ଗୋଟିଏ ଜେଲଖାନାରୁ ଅନ୍ୟ ଜେଲଖାନାକୁ ଯାଇଛି – ମୋର ସବୁ ଯାତ୍ରାରେ ମୋ ସହିତ ଏହି ଲୋକ ଭିତରେ ଏପରି କନ୍‌ଷ୍ଟେବଲ କେତେକ ଯାଉଥିଲେ । ସେମାନେ ସମ୍ପୂର୍ଣ୍ଣ ଅସୁଖୀ ଦେଖାଯାଉଥିଲେ ସେମାନଙ୍କ କାର୍ଯ୍ୟପସନ୍ଦ କରୁନଥିଲେ ଏବଂ ମୋ ପ୍ରତି ସହାନୁଭୂତିପୂର୍ଣ୍ଣ ଥିବାର ସ୍ପଷ୍ଟ ଜଣାପଡ଼ୁଥିଲା । ବେଳେ ବେଳେ ସେମାନଙ୍କ ଆଖି ଲୁହରେ ଭରିଯାଏ ।

ପ୍ରଥମେ ମୋତେ ପ୍ରେସିଡେନ୍‌ସି ଜେଲରେ ରଖାଗଲା ଏବଂ ସେଠାରୁ ମୋର ବିଚାର ନିମନ୍ତେ ଚିଫ୍ ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟଙ୍କ କଚେରୀକୁ

Digitized by srujanika@gmail.com

ନିଆଗଲା । ଏହା ଗୋଟିଏ ନୂତନ ଅଭିଜ୍ଞତା । କଚେରୀଘର ଏବଂ କୋଠା ପ୍ରକାଶ୍ୟ କଚେରୀ ଅପେକ୍ଷା ସୁରକ୍ଷିତ ଦୁର୍ଗ ପରି ମନେ ହେଉଥିଲା । କେତେକ ସଂବାଦପତ୍ରର ଲୋକ ଏବଂ ସାଧାରଣ ଓକିଲ ଛଡ଼ା ବାହାରର ଆଉ କାହାରିକୁ ଆସିବା ନିମନ୍ତେ ଅନୁମତି ଦିଆ ହୋଇ ନ ଥିଲା । କେତେକ ଫୌଜ ସହିତ ପୁଲିସ ଉପସ୍ଥିତ ଥିଲେ । ସମ୍ଭବତଃ ଏହିସବୁ ବ୍ୟବସ୍ଥା ବିଶେଷଭାବରେ ମୋ ପାଇଁ ହୋଇ ନ ଥିଲା; ଏହା ଏଠାରେ ସବୁଦିନର ବ୍ୟବସ୍ଥା । ମୋତେ କଚେରୀଘର ଭିତରକୁ ନେଲାବେଳେ ଉପରେ ଓ କଡ଼ରେ ତାରଦିଆ ଘେରା (ଘରଭିତରେ) ଗୋଟିଏ ଲମ୍ବା ବାଟରେ ଯିବାକୁ ପଡ଼ିଲା । ଠିକ୍ ଗୋଟିଏ ପିଞ୍ଜରା ଭିତରେ ଯିବାପରି ମନେ ହେଲା । ମାଜିଷ୍ଟ୍ରେଟ ଆସନଠାରୁ ତାହା ଅନେକ ଦୂରରେ ଥିଲା । କଚେରୀ ଭିତରେ ପୁଲିସ ଓ କଳାକୋଟ୍ ଗାଉନ୍ ପିନ୍ଧା ଓକିଲମାନେ ଭର୍ତ୍ତି ହୋଇଥିଲେ ।

ଏପରି କଚେରୀ ବିଚାରରେ ମୁଁ ଅଭ୍ୟସ୍ତ । ଏଥିପୂର୍ବରୁ ମୋର ଅନେକ ବିଚାର ସବୁ ଜେଲ । ଫାଟେରା ଭିତରେ ହୋଇଛି ! ବିଚାରବେଳେ ସର୍ବଦା କେତେକ ବନ୍ଧୁ, ଆତ୍ମୀୟ ଓ ଜଣାଶୁଣା ଲୋକ ଉପସ୍ଥିତ ଥାଆନ୍ତି ଏବଂ ବାୟୁମଣ୍ଡଳ ଟିକିଏ ସହଜ ମନେହୁଏ । ସାଧାରଣତଃ ପୁଲିସ ନେପଥ୍ୟରେ ଥାଆନ୍ତି—ଏପରି ତାରଘେରା ପିଞ୍ଜରା କେଉଁଠି ଦେଖାନାହିଁ । ଏଠାରେ ଏଇଟା ସମ୍ପୂର୍ଣ୍ଣ ପୃଥକ, ମୁଁ ଅଦ୍ଭୁତ ଓ ଅପରିଚିତ ଲୋକ-ଗୁଡ଼ିକଙ୍କ ମୁହଁକୁ ଅନାଇ ଦେଖିଲି ତାଙ୍କ ସହିତ ମୋ ଭିତରେ କିଛି ସାମଞ୍ଜସ୍ୟ ନାହିଁ । ଏହା ଆକର୍ଷକ ଜନତା ନୁହନ୍ତି । ମୋର ଆଶଙ୍କା ଗାଉନପିନ୍ଧା ଓକିଲସବୁ ଦେଖିବାକୁ ସୁନ୍ଦର ନୁହନ୍ତି ଏବଂ ପୁଲିସ ଅଦାଲତ ଓକିଲଙ୍କଠାରେ ଗୋଟାଏ ପ୍ରକାର ଅଦ୍ଭୁତ ଅପ୍ରୀତିକର ଦୃଶ୍ୟ ଦେଖାଯାଏ । ଶେଷରେ ସେହି କଳା ପୋଷାକ ମଧ୍ୟରୁ ମୁଁ ଗୋଟିଏ ପରିଚିତ ଓକିଲ ମୁହଁ ଦେଖି ପାରିଥିଲି, ମାତ୍ର ସେ ଜନତା ଭିତରେ ଲୁଆଡ଼େ ଲୁଚିଗଲେ ।

ବିଚାର ଆରମ୍ଭ ହେବା ପୂର୍ବରୁ ମୁଁ ବାରଣ୍ଡାରେ ବସିଥିବାବେଳେ ବଡ଼ ନିଃସଙ୍ଗ ଓ ସମସ୍ତଙ୍କଠାରୁ ବିଚ୍ଛିନ୍ନ ଭାବ ବୋଧକଲି । ମୋର ନାଡ଼ିର

Digitized by srujanika@gmail.com

ଗତି ଠିକ୍‌ଏ ଦ୍ରୁତ ହୋଇଥିବ ଏବଂ ମୋର ପଦ ଗ୍ରହଣବେଳେ ମନରେ ଯେପରି ଶାନ୍ତ ଥାଏ, ଏଥରକ ସେପରି ନ ଥିଲା । ମୋର ହଠାତ୍ ସେତେବେଳେ ମନେହେଲା ବାହ୍ୟର ଓ ଶାନ୍ତି ବିଷୟରେ ମୋର ଏତେ ଅଭିଜ୍ଞତା ଥିବା ସତ୍ତ୍ୱେ ଏପରି ସ୍ଥିତିରେ ମୋର ଯଦି ଏପରି ଅସାଧାରଣ ପ୍ରତିକ୍ରିୟା ହୁଏ, ଯୁବକ ଏବଂ ଅନଭିଜ୍ଞ ଲୋକମାନଙ୍କ ଭିତରେ କେତେ ଅଧିକ ଭାବ ଜାତ ହେଉ ନ ଥିବ ?

ସେହି ଡକ୍ (ଆଡ୍‌ଡା) ରେ ମୋତେ ଖୁବ୍ ଭଲ ଲାଗିଲା । ପୂର୍ବ ପରି ଲଢ଼ି ନ ଥିଲି ଏବଂ ଗୋଟିଏ ଛୋଟ ବକ୍ତୃତା ଦେଇଥିଲି । ତା ପରଦିନ ଫେବୃୟାରୀ ତା ୧୬ ରିଖରେ ମୋତେ ଦୁଇବର୍ଷ କାରାଦଣ୍ଡ ଦିଆଗଲା । ମୋର ସପ୍ତମ ଥର କାରାବାସ ଆରମ୍ଭ ହେଲା ।

ବାହାରେ ମୁଁ ଯେ ସାଢ଼େ ୫ ମାସ ରହିଲି ସେ କଥା ମନେପକାଇ ମୋତେ ସନ୍ତୋଷ ଲାଗିଲା । ଏହି ସମୟଗୁଡ଼ିକ ଭଲଭାବରେ ନିଯୁକ୍ତ ହୋଇଥିଲା ଏବଂ କେତେକ ଦରକାରୀ କାର୍ଯ୍ୟ କରିପାରିଥିଲି । ମୋର ମାଆଙ୍କ ସ୍ୱାସ୍ଥ୍ୟଗତ ଫେରିଛି ଏବଂ ଆଶୁ ବିପଦ କିଛି ନାହିଁ । ମୋର ଛୋଟ ଭଉଣୀ କୃଷ୍ଣାର ବିବାହ ହୋଇ ଯାଇଥିଲା । ମୋ ଝିଅର ଭବିଷ୍ୟତ ଶିକ୍ଷା ବ୍ୟବସ୍ଥା ହୋଇଥିଲା । ମୋର ପାରିବାରିକ ଓ ଆର୍ଥିକ ଜଞ୍ଜାଳ ସବୁ ସୁବିଧା କରି ଦିଆଯାଇଥିଲା । ବନ୍ଦୀଦିନରୁ ଅବହେଳିତ ହୋଇ ପଡ଼ିଥିବା ଅନେକ ବ୍ୟକ୍ତିଗତ ବ୍ୟାପାର ସବୁ ମୁଁ ଦେଖିଥିଲି । ମୁଁ ଜାଣିଥିଲି ଯେ ସାଧାରଣ କାର୍ଯ୍ୟକ୍ଷେତ୍ରରେ ସେତେବେଳେ ଆଉ କିଛି ବେଶୀ କରାଯାଇ ପାରି ନ ଥାନ୍ତା । ଅନ୍ତତଃ କଂଗ୍ରେସ ମନୋଭାବ ଟିକିଏ ଦୃଢ଼ କରିବାରେ ଏବଂ ଚିନ୍ତାଧାରା କେତେକ ପରିମାଣରେ ସାମାଜିକ ଓ ଆର୍ଥିକ ଦିଗରେ ନେବାରେ ମୁଁ ସାହାଯ୍ୟ କରିଥିଲି । ପୁନାର ଗାନ୍ଧିଜୀଙ୍କୁ ମୋର ଚିଠିପତ୍ର ଏବଂ ପରେ ସମ୍ବାଦପତ୍ରରେ ମୋର ପ୍ରବନ୍ଧସବୁ ଫଳରେ ଗୋଟାଏ ପରିବର୍ତ୍ତନ ଦେଖାଗଲା । ସାଂପ୍ରଦାୟିକ ସମସ୍ୟା ସମ୍ବନ୍ଧରେ ମୋର ପ୍ରବନ୍ଧଗୁଡ଼ିକର ଭଲ ଫଳ ହୋଇଥିଲା । ତା ପରେ ମୁଁ ପୁଣି ପ୍ରାୟ ଦୁଇବର୍ଷପରେ

Digitized by srujanika@gmail.com

ଗାନ୍ଧିଜୀଙ୍କ ସହ ସାକ୍ଷାତ୍ କରିପାରିଥିଲେ—ଅନେକ ବନ୍ଧୁ ଓ ସାଥୀଙ୍କୁ ଭେଟିଲି । କିଛିଦିନପାଇଁ ମୁଁ ନୂତନ ଆବେଗ ଓ ଶକ୍ତି ପାଇଲି ।

ମୋ ମନରେ ଗୋଟାଏ କଥାର ଛାୟାପାତ ହେଉଥିଲା—ତାହା ହେଉଛି କମଳାର ଭଗ୍ନସ୍ୱାସ୍ଥ୍ୟ । ତା'ର ଦେହ କେତେ ବେଶୀ ଅସୁସ୍ଥ ସେ ସମ୍ବନ୍ଧରେ ମୋର କିଛି ଧାରଣା ନ ଥିଲା; କାରଣ ଏକଦମ୍ ଶଯ୍ୟାଶାୟୀ ନ ହେବା ପର୍ଯ୍ୟନ୍ତ ସେ କୌଣସି ରକମ କିଛି ନ କହି ଚାଲିଥାଏ । ମାତ୍ର ମୋର ମନ ଅସ୍ଥିର ହେଲା । ତଥାପି ମୁଁ ଆଶା କଲି ଯେ ବର୍ତ୍ତମାନ ମୁଁ ଯେତେବେଳେ ଜେଲକୁ ଆସିଗଲଣି, ସେ ତାର ଚିକିତ୍ସାରେ ଅଧିକ ମନୋନିବେଶ କରିବା ନିମନ୍ତେ ସମୟ ପାଇବ । ମୁଁ ବାହାରେ ଥିବାବେଳେ ଏହା କରିବା ଅଧିକ କଷ୍ଟକରଥିଲା—କାରଣ ବେଶୀଦିନ ମୋତେ ଛାଡ଼ି ରହିବାକୁ ସେ ଚାହୁଁ ନ ଥିଲା ।

ମୋର ଆଉ ଗୋଟିଏ ଦୁଃଖ ଥିଲା । ମୁଁ ଥରେ ହେଲେ ଏଲ୍ଲାବାଦ ଜିଲ୍ଲାର ମଫସଲ ଅଞ୍ଚଳକୁ ଯାଇ ନ ପାରି ଥିବାରୁ ଦୁଃଖିତ ହେଲି । ଆମର ନିର୍ଦ୍ଦେଶ ମାନି କାର୍ଯ୍ୟ କରିଥିବାରୁ ଆମର ଅନେକ ଯୁବକ ସହକର୍ମୀ ନିକଟରେ ସେଠାରେ ଗିରଫ ହୋଇଥିଲେ ଏବଂ ସେମାନଙ୍କର ଅନୁସରଣ ନ କରିବାଟା ଗୋଟାଏ ଅନୁରାଗହୀନତା ପରି ମନେ ହୁଏ ।

ପୁଣି ସେହି କଳା ପୁଲିସ ଲରି ମୋତେ ଜେଲଖାନାକୁ ନେଇ ଆସିଲା । ବାଟରେ ଅନେକ ସୈନ୍ୟ ଓ ସଶସ୍ତ୍ର ଗାଡ଼ି କୁଚ୍ କରି ଯାଉଥିବାର ଦେଖିଲି । ଜେଲଖାନା ଗାଡ଼ି ଭିତରେ ଥିବା ଛୋଟ ଛୋଟ ଛିଦ୍ରରେ ମୁଁ ଉଙ୍କିମାରି ତାହା ଦେଖିଲି । ମୁଁ ଭାବିଲି ସମସ୍ତ ଗାଡ଼ି ଓ ଟାଙ୍କ ଦେଖିବାକୁ କିପରି କୁତ୍ସିତ ! ଏଗୁଡ଼ିକ ମୋତେ ପ୍ରାଗ୍ଐତିହାସିକ ଯୁଗର ବଡ଼ ବଡ଼ ପ୍ରାଣୀ ଡାଇନୋସରସ ଇତ୍ୟାଦି ପରି ମନେ ହେଲା ।

ମୋତେ ପ୍ରେସିଡେନ୍‌ସି ଜେଲରୁ ଆଲିପୁର ଜେଲକୁ ବଦଳି କରାଗଲା ଏବଂ ସେଠାରେ ୧୦ × ୯ ଫୁଟର ଗୋଟିଏ ନିର୍ଜନ କୋଠରୀରେ

Digitized by srujanika@gmail.com

ରଖାଗଲା । ଏହା ସମ୍ମୁଖରେ ଗୋଟିଏ ବାରଣ୍ଡା ଏବଂ ସ୍ଲେଟ ପଥର ଅଗଣା ଥାଏ । ପ୍ରାୟ ସାତଫୁଟ ଉଚ୍ଚର ଗୋଟିଏ ସ୍ଲେଟ ପାଚେରୀ ଅଗଣା ଚାରିକଡ଼େ ଘେରି ହୋଇଥାଏ ଏବଂ ଏହା ଭିତରେ ରହିଲେ ଗୋଟାଏ ଅଦ୍ଭୁତ ଦୃଶ୍ୟ ମୋତେ ଦେଖାଯାଏ । ନାନାପ୍ରକାର କୋଠା—ଏକ ମହଲା, ଦି ମହଲା, ଗୋଲ, ସମଚତୁଷ୍କୋଣ, ନାନା ଅଦ୍ଭୁତ ଛାତ—ଚାରିକଡ଼ରେ ଦେଖାଗଲା —କେତେକ ଅନ୍ୟଠାରୁ ଉଚ୍ଚ ଦେଖାଯାଏ । ମନେ ହେଲା ଏହି ଘର ସବୁ ଗୋଟି ଗୋଟି ହୋଇ ତିଆରି ହୋଇଛି—କୌଣସି ଉଦ୍ଦେଶ୍ୟ ନେଇ ଥିବା ସ୍ଥାନର ପୂର୍ଣ୍ଣ ସୁବିଧା କରାଯାଇଛି । ଏହା ଦେଖିବାକୁ ଗୋଟାଏ ଗୋଲକଧନ୍ଦା ପରି କିମ୍ବା ଉଦ୍ଦେଶ୍ୟହୀନ ବାସ୍ତୁକାରର ଅଦ୍ଭୁତ କଳ୍ପନା ପରି । ତଥାପି ମୁଁ ଶୁଣିଲି ଯେ କୋଠାସବୁ ଯୋଜନାନୁସାରେ ତିଆରି ହୋଇଛି— ଗୋଟାଏ ଘଣ୍ଟାଘର ମଝିରେ ଅଛି (ଏହା ଖ୍ରୀଷ୍ଟିୟାନ ବନ୍ଦୀଙ୍କ ପାଇଁ ଗିର୍ଜାଘର) । ସହର ଜେଲ ହୋଇ ଥିବାରୁ ଏହାର ସ୍ଥାନ ସଂକୀର୍ଣ୍ଣ ଏବଂ ପ୍ରତ୍ୟେକ ଟିକିଏ ସ୍ଥାନର ବ୍ୟବହାର କରାଯାଇଛି ।

ଏହିସବୁ ଅଦ୍ଭୁତ କୋଠାର ନିର୍ମାଣ ପ୍ରଣାଳୀ ଦେଖିବାର ପ୍ରଥମ ଦୃଶ୍ୟ ମୋ ମନରୁ ଯାଇନାହିଁ, ଏପରି ସମୟରେ ଗୋଟାଏ ଉଦ୍ଭାବକ ଦୃଶ୍ୟ ଦେଖି ପାରିଲି । ମୋ ସେଲ୍ ଓ ଅଗଣା ସାମନାରେ ଦୁଇଟି ଚିମ୍ନିରୁ ବହୁତ କଳା ଧୂଆଁ ବାହାରୁଥାଏ—ବେଳେ ବେଳେ ପବନରେ ସେହି ଧୂଆଁ ମୋ ଆଡ଼କୁ ଆସି ମୋର ପ୍ରାୟ ଶ୍ୱାସରୁଦ୍ଧ ହୋଇଯାଏ । ଏହା ଜେଲ ରୋଷେଇ ଘରର ଚିମ୍ନି । ପରେ ମୁଁ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କହିଥିଲି ଯେ ଏହି ବିପଦରୁ ରକ୍ଷା ପାଇବାପାଇଁ ବନ୍ଦୀମାନଙ୍କୁ ଗ୍ୟାସ୍ ମୁଖା ପିନ୍ଧିବାକୁ ଦିଆଯାଉ ।

ଆଲିପୁର ଜେଲର ଲାଲ ଇଟା ନିର୍ମିତ କୋଠାର ଅପରିବର୍ତ୍ତିତାସ୍ୱ ଦୃଶ୍ୟ ଏବଂ ରୋଷେଇ ଘର ଧୂଆଁ ଶ୍ୱାସ ପ୍ରଶ୍ୱାସରୂପେ ଗ୍ରହଣ କରିବା— ଏହା କିଛି ପ୍ରଥମେ ଭଲ ଲାଗିଲା ନାହିଁ—ଉଦ୍ଦେଶ୍ୟ ଓ ନିଃସ୍ୱାଳମୟ ମନେ ହେଲା ନାହିଁ । ମୋ ଅଗଣାରେ କୌଣସି ଗଛ ବା ସବୁଜ ରଙ୍ଗର କିଛି

Digitized by srujanika@gmail.com

ନଥିଲା—ଏହା ସବୁ ସିମେଣ୍ଟରେ ତକ୍‌ତା ଓ ତରଚ୍ଛିନ୍ନ—କେବଳ ପ୍ରଚ୍ଛଦନ ଯାହା ଧୂଆଁ ଯୋଗୁଁ କଳା ଜଣେ—ଏହା ଅତ୍ୟନ୍ତ ଶୁଷ୍କ ଓ ନିରାନନ୍ଦ ଦୃଶ୍ୟ । ମୋର ସନ୍ନିକଟସ୍ଥ କେତେକ ଅଗଣାରେ ମୁଁ କେବଳ ଦୁଇ ତିନୋଟି ଗଛର ଅଗ ଦେଖି ପାରୁଥିଲି । ମୁଁ ପହଞ୍ଚିଲା ବେଳକୁ ସେଗୁଡ଼ିକରେ ପତ୍ର ଫୁଲ କିଛି ନ ଥିଲା—ଶୁଷ୍କ ହୋଇଥିଲା । କ୍ରମେ ଗୋଟାଏ ରହସ୍ୟଜନକ ପରିବର୍ତ୍ତନ ହେଲା ଏବଂ ଗଛର ସମସ୍ତ ଶାଖାରେ ଛୋଟ ଛୋଟ ସବୁଜରଙ୍ଗ ଜିନିଷ ସବୁ ବାହାରିବାକୁ ଲାଗିଲା । କଢ଼ିସବୁରୁ ପତ୍ର ବାହାରୁ ଥାଏ; ଏହାସବୁ ଶୀଘ୍ର ବୃଦ୍ଧି ପାଇଲା ଏବଂ ଅତି ଆନନ୍ଦଦାୟକ ସବୁଜ ରଙ୍ଗରେ ନଗ୍ନ ଶାଖାସବୁ ଆବୃତ୍ତ ହୋଇଗଲା । ଏହି ମନୋମୁଗ୍ଧକର ପରିବର୍ତ୍ତନରେ ଆଲିପୁର ଜେଲ ମଧ୍ୟ ଶୋଭମାନ୍ ମନେହେଲା ।

ଗୋଟିଏ ଗଛରେ ଚିଲବସା ଥାଏ—ମୁଁ ତାକୁ ଲକ୍ଷ୍ୟ କଲି । ଛୋଟ ଛୋଟ ଚିଲି ଉଡ଼ୁଥାନ୍ତି ଏବଂ ଶିକାର କୌଶଳ ଶିଖୁଥାନ୍ତି । ବେଳେ ବେଳେ ସେଗୁଡ଼ିକ ଖୁବ୍ ଦ୍ରୁତ ଗତିରେ ତଳକୁ ଖସିପଡ଼ି ଠିକ୍ ଲକ୍ଷ୍ୟ କରି ବନ୍ଦୀ ହାତରୁ ପ୍ରାୟ ତାହାର ମୁହଁରୁ ରୁଟି ଛଡ଼ାଇ ନେଇ ଯାଆନ୍ତି ।

ସୂର୍ଯ୍ୟାସ୍ତଠାରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ (ଅଳେଇ ଅଧିକେ) ଆମେ ଆମ ସେଲରେ ବନ୍ଦ ରହୁଥିଲୁ ଏବଂ ଦୀର୍ଘ ଶୀତରାତ୍ର କଟାଇବା ସହଜ ନଥିଲା । ଘଣ୍ଟା ଘଣ୍ଟା ଧରି ଲେଖା ଓ ପଢ଼ାରେ ମୁଁ କ୍ଳାନ୍ତ ହୋଇ ପଡ଼େ—ଏବଂ ସେହି ଛୋଟ ସେଲରେ ବୁଲିବାକୁ ଆରମ୍ଭ କରେ—୪।୫ ପାଦ ଆଗକୁ ଯାଏ, ପୁଣି ପଛକୁ ଫେରି ଆସେ । ଚିଡ଼ିଆଖାନା ପିଞ୍ଜରା ଭିତରେ ଭାଲୁ କିପରି ଏକଡ଼ ସେକଡ଼ ହୁଏ ମୋର ମନେ ପଡ଼ିଲା । ବେଳେ ବେଳେ ଯେତେବେଳେ ମୋତେ ଅଧିକ ଶରକ୍ତ ଲାଗେ ସେତେବେଳେ ମୁଁ ମୋର ପ୍ରିୟ ପ୍ରତିକାର ଶୀର୍ଷାସନ କରିଦିଏ—ମୁଣ୍ଡଉପରେ ଛିଡ଼ା ହୁଏ ।

ରାତିର ପ୍ରଥମ ଭାଗ ବେଶ୍ ବିସ୍ତବ୍ଧ ମନେହୁଏ । ସହରର ଶବ୍ଦସବୁ ଭାସିଆସେ—ଟ୍ରାମ୍ ଗାଡ଼ିର ଶବ୍ଦ; କଳଗାଉଣା (ଗ୍ରାମ୍‌ଫୋନ୍)ର ବାଜଣା

କମ୍ଭା କେହି ଦୂରରେ ଗୀତ ଗାନ କରୁଥିବା ଶୁଣିପାରେ । ଦୂରରୁ ଏହି ଗୀତର ଏହି କ୍ଷୀଣ ସ୍ୱର ବେଶ୍ ଆନନ୍ଦ ଦାନ କରେ । ମାତ୍ର ରାତରେ ବେଶୀ ଶାନ୍ତି ନ ଥାଏ କାରଣ ରାତ୍ର କଗୁଆଳ ସବୁ ଜୋତାମାଡ଼ ଧପର ଧପର କରି ଏକାଡ଼ ସେକାଡ଼ ବୁଲନ୍ତି ଏବଂ ପ୍ରତିଘଣ୍ଟାରେ ଗୋଟାଏ ପ୍ରକାର ପରିଦର୍ଶନ ହୁଏ । କେହି ପଳାଇ ଯାଇ ନାହାନ୍ତି ବୋଲି ନିଶ୍ଚିତ ହେବା ନିମନ୍ତେ କେହି କେହି କର୍ମଚାରୀ ଲଣ୍ଠନ ଧରି ବୁଲିଆସନ୍ତି ବୁଲି ଯାଆନ୍ତି । ପ୍ରତିଦିନ ରାତି ଚାରିଟା ବେଳେ ବା ତା' ଆଗରୁ ଗୋଟାଏ ଭୀଷଣ ଶବ୍ଦ ହୁଏ—ବାସନ ମଜାମଜିର ଶବ୍ଦ ଶୁଣାଯାଏ । ବୋଧହୁଏ ରୋଷେଇ ଘର କାମ ଆରମ୍ଭ ହେଲା ବୋଲି ଜଣାଯାଏ ।

ପ୍ରେସିଡେନ୍‌ସି ଜେଲ ପରି ଆଲିପୁର ଜେଲରେ ମଧ୍ୟ ଅନେକ ଓ୍ୱାର୍ଡ଼ର, ଜଗୁଆଳ, କର୍ମଚାରୀ ଓ କରାଣୀ ଅଛନ୍ତି । ଏହି ଦୁଇଟି ଯାକ ଜେଲରେ କେମ୍ପ ଜେଲ ପରି ପ୍ରାୟ ୨୨୦୦।୨୩୦୦ ବନ୍ଦୀ ଥାଆନ୍ତି; ମାତ୍ର ପ୍ରତ୍ୟେକଠାରେ କର୍ମଚାରୀ ସଂଖ୍ୟା କେମ୍ପଜେଲ କର୍ମଚାରୀଙ୍କ ଦ୍ୱିଗୁଣ ହେବ । ଏଠାରେ ଅନେକ ଗୋରା ଓ୍ୱାର୍ଡ଼ର ଓ ଅବସର ପ୍ରାପ୍ତ ଭାରତୀୟ ସୈନ୍ୟ କର୍ମଚାରୀ ମଧ୍ୟ ଥାଆନ୍ତି । ପ୍ରମାଣ ମିଳିଥିଲା ଯେ ବ୍ରିଟିଶ ସାମ୍ରାଜ୍ୟ ମୁକ୍ତପ୍ରଦେଶ ଅପେକ୍ଷା କଲିକତାରେ ଅଧିକ ପ୍ରଚୁର ଓ ଜାକଜମକ ଭାବରେ କାର୍ଯ୍ୟ କରୁଥିଲା । ପ୍ରଚଣ୍ଡ ସାମ୍ରାଜ୍ୟ ଶକ୍ତିର ଚିହ୍ନ ସ୍ୱରୂପ ଓ ବାରମ୍ବାର ସ୍ମରଣ କରାଇଦେବା ନିମନ୍ତେ କୌଣସି ଉଚ୍ଚପଦସ୍ଥ କର୍ମଚାରୀ ଆସିଲା ମାତ୍ରେ ବନ୍ଦୀମାନଙ୍କୁ 'ସରକାର ସଲାମ' ବୋଲି ଚିତ୍କାର କରିବାକୁ ପଡ଼ୁଥିଲା । 'ସରକାର ସଲାମ' ଧ୍ୱନିକୁ ଦୀର୍ଘ କରିବା ସଙ୍ଗେ ସଙ୍ଗେ ଅଙ୍ଗର ମଧ୍ୟ କିଛି ପରୈଚାଳନା ହୁଏ । ମୋ ଅଗଣା ପାଚେରୀ ଉପରେ ଦେଇ ଦିନ ଭିତରେ ଅନେକ ଥର ଏହି ଧ୍ୱନି ମୋ ସେଲରେ ଆସି ପହଞ୍ଚେ—ବିଶେଷତଃ ପ୍ରତିଦିନ ଯେତେବେଳେ ସୁପରିଣ୍ଟେଣ୍ଡେଣ୍ଟ ଯାଉଥାଏ । ଯେଉଁ ବଡ଼ ରାଜଛତ୍ର ତଳେ ସୁପରିଣ୍ଟେଣ୍ଡେଣ୍ଟ ଯାଉଥାଏ, ତାହା ମୁଁ ମୋର ୭ ଫୁଟ ଉଚ୍ଚ ପାଚେରୀ ଉପରେ ଦେଖି ପାରୁଥାଏ ।

Digitized by srujanika@gmail.com

ମୁଁ ଭାବେ ଏହି ଅଦ୍ଭୁତ ଧ୍ୱନି 'ସରକାର ସଲାମ' ଏବଂ ଅଙ୍ଗ ପରିଚାଳନା ସବୁ ଅତୀତ କାଳର ଚିହ୍ନ କି ? ନା ଏଗୁଡ଼ିକ କୌଣସି ଉଚ୍ଚାଭିଳାଷୀ ଇଂରେଜ କର୍ମଚାରୀ ମସ୍ତିଷ୍କରୁ ବାହାରିଛି ? ମୁଁ ଜାଣେନା, ମାତ୍ର ମୋର ଅନୁମାନ ଏହା କୌଣସି ଇଂରେଜ ମୁଣ୍ଡରୁ ବାହାରିଛି । ଏହାର ସ୍ୱରରେ ଗୋଟିଏ ପ୍ରକାର ଆଙ୍ଗ୍ଲୋଇଣ୍ଡିଆନ ଭଙ୍ଗୀ ଅଛି । ଭାଗ୍ୟବଶତଃ ଯୁକ୍ତପ୍ରଦେଶ ଜେଲରେ ଏହି ଧ୍ୱନି ନ ଥାଏ କିମ୍ବା ସମ୍ଭବତଃ ବଙ୍ଗଳା ଓ ଆସାମ * ଛଡ଼ା ଆଉ କେଉଁଠି ନ ଥାଏ । ସ୍ପଷ୍ଟ ଭାବରେ 'ସରକାର'ର ଶକ୍ତିର ପ୍ରାବଲ୍ୟ ସ୍ୱୀକାର ପାଇଁ ଜବରଦସ୍ତି ସଲାମ ଦେବାପାଇଁ ଧ୍ୱନି ହୁଏ ସେଥିରେ ମନୁଷ୍ୟ ଚରିତ୍ରର ଅଧୋଗତି ଜଣାପଡ଼େ ।

ଆଲିପୁରରେ ଗୋଟାଏ ପରିବର୍ତ୍ତନ ଲକ୍ଷ୍ୟ କରି ମୋତେ ଭଲ ଲାଗିଲା । ଯୁକ୍ତପ୍ରଦେଶ ଜେଲ ଅପେକ୍ଷା ଏଠାରେ ସାଧାରଣ କଏଦୀଙ୍କ-ଖାଦ୍ୟ ବହୁତ ଭଲ । ଜେଲ ଖାଦ୍ୟ ଅନ୍ୟ ସ୍ଥାନ ଅପେକ୍ଷା ଯୁକ୍ତ-ପ୍ରଦେଶରେ ଖରାପ ।

ଦେଖୁ ଦେଖୁ ଶୀତ ଚାଲିଗଲା । ବସନ୍ତ ପରେ ପରେ ଗ୍ରୀଷ୍ମ ଆସି ପହଞ୍ଚିଲା । ଦିନକୁ ଦିନ ଏଠାରେ ଅଧିକ ଗ୍ରୀଷ୍ମ ପଡ଼ିଲା । ମୋତେ କଲିକତା ଜଳବାୟୁ ଆଦୌ ଭଲ ଲାଗେ ନାହିଁ—ଏପରି କି ଏହି କେତେଦିନ ଭିତରେ ମୁଁ ବଡ଼ କାହିଲ ହୋଇଗଲି । ଜେଲଖାନାରେ ଅବସ୍ଥା ଆହୁରି ଖରାପ ହେବା ସ୍ୱାଭାବିକ—ଦିନକୁ ଦିନ ମୋର ଅବସ୍ଥା କିଛି ଭଲ ହେଲା ନାହିଁ । କସରତ୍ କରିବାଲାଗି ସ୍ଥାନ ଅଭାବ ଏବଂ ସେହି ଜଳବାୟୁରେ ଦୀର୍ଘକାଳ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିବାରୁ ସମ୍ଭବତଃ ମୋର ଦେହ ଟିକିଏ ଖରାପ ହେଲା ଏବଂ ମୋର ଓଜନ ଅତି ଦ୍ରୁତବେଗରେ କମିବାକୁ ଲାଗିଲା । ସବୁ ତାଲା, ଲୁହା କବାଟ, କାନ୍ଥ ମୋତେ ଖରାପ ଲାଗିଲା ।

---

* ଲେଖକ ଯେଉଁ ସମୟ କଥା ବର୍ଣ୍ଣନା କରିଛନ୍ତି, ସେ ସମୟରେ ଏହାର ଓଡ଼ିଶାରେ ମଧ୍ୟ ଥିଲା, ମାତ୍ର ପରେ କଂଗ୍ରେସ ଶାସନଭାର ଗ୍ରହଣ କଲାପରେ ଏହା ଉଠିଯାଇଛି—ଅନୁବାଦକ ।

Digitized by srujanika@gmail.com

ଆଲିପୁରରେ ଏକମାସ ରହିଲା ପରେ ମୋ ଅଗଣା ବାହାରେ କିଛି କସରତ କରିବାପାଇଁ ମୋତେ ଅନୁମତି ମିଳିଲା । ଏହି ପରିବର୍ତ୍ତନରେ ମୁଁ ଖୁସି ହେଲି ଏବଂ ସକାଳ ସନ୍ଧ୍ୟାରେ ମୁଁ ପ୍ରଧାନ ପାଚେରୀ କଡ଼ରେ ବୁଲି ପାରୁଥିଲି । ଧୀରେ ଆଲିପୁର ଜେଲ ଏବଂ କଲିକତା ଜଳବାୟୁ ମୋ ଦେହରେ ଚାଲିଗଲା; ଏପରି କି ରେଳେଇ ଘର, ତା'ର ଧୂଆଁ ଓ ବାସନମଜା ଶବ୍ଦ ସବୁ ମଧ୍ୟ ବରଦାସ୍ତ ହେଲା ନାହିଁ । ଅନ୍ୟ ବନ୍ଧୁ ମୋ ମନରେ ରହିଲା ଏବଂ ଅନ୍ୟ କଙ୍କାଳ ସବୁ ଆସି ପହଞ୍ଚିଲା । ବାହାରୁ ଭଲ ସମ୍ବାଦ ଆସୁ ନଥିଲା ।

Digitized by srujanika@gmail.com

ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଗଣତନ୍ତ୍ର

ମୋର ଗିରଫ୍ତି ପରେ ମୋତେ କୌଣସି ଦୈନିକ ସମ୍ବାଦ ପତ୍ର ଆଲିପୁର ଜେଲରେ ମିଳିପାରିବ ନାହିଁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ବିଚାରାଧୀନ ବନ୍ଦୀ ଥିବାବେଳେ ମୁଁ କଲିକତାର ଦୈନିକ 'ଷ୍ଟେଟ୍ସମ୍ୟାନ୍' ପାଉଥିଲି, ମାତ୍ର ବିଚାର ଶେଷ ହେବା ପରେ ଏହା ବନ୍ଦ ହୋଇଗଲା । ୧୯୩୨ ମସିହାଠାରୁ ଯୁକ୍ତପ୍ରଦେଶରେ ସରକାରଦ୍ୱାରା ମଞ୍ଜୁରୀ ପାଇ ଗୋଟିଏ ଦୈନିକ ଖବରକାଗଜ ଏ କ୍ଲାସ ବା ପ୍ରଥମ ଶ୍ରେଣୀ ବନ୍ଦୀମାନଙ୍କୁ ମିଳୁଥିଲା । ଅନ୍ୟାନ୍ୟ ଅନେକ ପ୍ରଦେଶରେ ମଧ୍ୟ ସେହିପରି ନିୟମ ଥିଲା ଏବଂ ମୋର ସମ୍ପୂର୍ଣ୍ଣ ଧାରଣା ଥିଲା ଯେ ବଙ୍ଗଳାରେ ବି ସେହି ନିୟମ ପ୍ରଚଳିତ ଅଛି । ଯାହା ହେଉ ଦୈନିକ ପରିବର୍ତ୍ତେ ମୋତେ ସାପ୍ତାହିକ 'ଷ୍ଟେଟ୍ସମ୍ୟାନ୍' ଦିଆଗଲା । ଏହି କାଗଜଟି ଇଂଲଣ୍ଡକୁ ଫେରି ଯାଇଥିବା ଅବସରପ୍ରାପ୍ତ ଇଂରେଜ କର୍ମଚାରୀ ବା ବ୍ୟବସାୟୀଙ୍କ ପାଇଁ ପ୍ରକାଶିତ ହୁଏ ଏବଂ ସେମାନଙ୍କର ଆଗ୍ରହ ଜାତ କଲାପରି ସଂକ୍ଷିପ୍ତ ଭାରତୀୟ ସମ୍ବାଦ ଏଥିରେ ଥାଏ । ଏଥିରେ କୌଣସି ବିଦେଶୀ ସମ୍ବାଦ ନ ଥାଏ—ମୁଁ ଏ ସବୁ ଆଦୌ ଜାଣିପାରି ନ ଥିଲି—ଆଗରୁ ବନ୍ଦୀ ଜୀବନ ଭିତରେ ମୁଁ ଏହାକୁ ଲକ୍ଷ୍ୟ କରୁଥିଲି । ସୌଭାଗ୍ୟ କ୍ରମେ ମୋତେ ସାପ୍ତାହିକ 'ମାଞ୍ଚେଷ୍ଟର ଗାର୍ଡିଅନ' ମିଳୁଥିଲା ଏବଂ ଏହାଦ୍ୱାରା ମୁଁ ୟୁରୋପ ଓ ଆନ୍ତର୍ଜାତିକ ପରିସ୍ଥିତି ସହିତ ସମ୍ପର୍କ ରଖି ପାରୁଥିଲି ।

ଫେବୃୟାରୀରେ ମୋର ଗିରଫ ଓ ବିଚାର ସମୟରେହିଁ ୟୁରୋପରେ ବିରୋଧ ଓ ଶକ୍ତି ସଂଘର୍ଷ ଦେଖାଦେଲା । ଫ୍ରାନ୍ସରେ ଗୋଟାଏ ଗୃହଯୁଦ୍ଧ ଦେଖାଯାଉଥିଲା—ତାହାଫଳରେ ଫାସିଷ୍ଟଦଙ୍ଗା ଦେଖାଗଲା ଏବଂ ଗୋଟିଏ

Digitized by srujanika@gmail.com

ନାତ୍ସି ସରକାର ସ୍ଥାପିତ ହେଲା । ଅଷ୍ଟ୍ରିଆର ଅବସ୍ଥା ଅତି ଖରାପ ଥିଲା— ଅଷ୍ଟ୍ରିଆ ଚାନ୍‌ସେଲର ଡଲଫସ ଶ୍ରମିକମାନଙ୍କୁ ଗୁଳିକରି ମାରି ପକାଉଥିଲେ ଏବଂ ସେଇ ସମାଜତାନ୍ତ୍ରିକ ଗଣତନ୍ତ୍ରବାଦୀ ଫ୍ଲାଟ ସୌଧ ସେଠାରେ ତିଆରି ହୋଇଥିଲା ତାହା ଧ୍ୱଂସ କରୁଥିଲେ । ଅଷ୍ଟ୍ରିଆରେ ରକ୍ତପାତ ସମ୍ବାଦରେ ମୁଁ ଅତ୍ୟନ୍ତ ବିଷାଦ ଗ୍ରସ୍ତ ହେଲି । ଏହି ଦୁନିଆଟା କିପରି ଦୁଃଖଜନକ ଓ ରକ୍ତାକ୍ତ—ମନୁଷ୍ୟ ତା'ର ନ୍ୟସ୍ତସ୍ୱାର୍ଥ ରକ୍ଷା ନିମନ୍ତେ କିପରି ବର୍ବର ହୋଇଉଠେ ! ଇଂଲଣ୍ଡ ଓ ଆମେରିକା ସର୍ବତ୍ର ଫାସିଜିମ୍ ଅଗ୍ରଗତି କରୁଥିଲା । ହିଟଲର ଜର୍ମାନୀର କ୍ଷମତାକୁ ଆସିଲାବେଳେ ମୁଁ ଭାବୁଥିଲି ଯେ ତାଙ୍କ ଶାସନ ଦୀର୍ଘଦିନ ରହିବ ନାହିଁ କାରଣ ଜର୍ମାନୀର ଆର୍ଥିକ ଅଶାନ୍ତିର କୌଣସି ସମାଧାନ ବାଟ ସେ ଦେଖାଇନଥିଲେ । ସେହିପରି ଯେତେବେଳେ ଅନ୍ୟ ଦେଶମାନଙ୍କରେ ଫାସିଜିମ୍ ବୃଦ୍ଧି ପାଇଲା, ଏହା ପ୍ରତିକ୍ରିୟାର ଶେଷ ଅଧ୍ୟାୟ ବୋଲି ଭାବି ମନକୁ ସାନ୍ତ୍ୱନା ଦେଉଥିଲି । ଏହା ପରେ ଶୃଙ୍ଖଳ ବନ୍ଧନ ନିଶ୍ଚୟ ହେବ । ମାତ୍ର ମୁଁ ଭାବିବାକୁ ଲାଗିଲି ମୋର ଇଚ୍ଛା କେବଳ ମନକୁ ଛଳନା ନୁହେଁ ତ ? ଫାସିଷ୍ଟ ତରଙ୍ଗ ଏତେ ଶୀଘ୍ର ଓ ସହଜରେ ବନ୍ଦ ହୋଇଗଲା ପରି ସୁସ୍ପଷ୍ଟ ପରିସ୍ଥିତି ଅଛି କି ? ଫାସିଷ୍ଟ ଡିକ୍‌ଟେଟରମାନଙ୍କ ପ୍ରତି ଅବସ୍ଥା ଅସହ୍ୟ ହୋଇ ପଡ଼ିଲେ ବୁଝା ସେମାନେ ନିଜେ ଆତ୍ମସମର୍ପଣ କରିବା ପୂର୍ବରୁ ନିଜଦେଶକୁ ଧ୍ୱଂସମୂଳକ ସଂଗ୍ରାମରେ ନ ପକାଇ ଛାଡ଼ିଦେବେ ? ଏହି ସଂଘର୍ଷର ଫଳ କ'ଣ ହେବ ?

ଏଥି ଭିତରେ ଭିନ୍ନ ଆକାର ପ୍ରକାରର ଫାସିଜିମ୍ ବିସ୍ତାର ଲାଭ କଲା । ଯେଉଁ ସ୍ପେନକୁ 'ସାଧୁ ଲେଖକଙ୍କର ପ୍ରଜାତନ୍ତ୍ର ରାଜ୍ୟ' ବୁଝାଯାଏ ଏବଂ ଯାହାକୁ କେହି ଜଣେ ସବୁ ଗଭର୍ଣ୍ଣମେଣ୍ଟ ଭିତରେ 'ଶ୍ରେଷ୍ଠ ସରକାର' ବୋଲି କହୁଥିଲେ, ସେ ବହୁତ ପଛରେ ପଡ଼ିଛି ଏବଂ ପ୍ରତିକ୍ରିୟାରେ ଲୁଚି ଯାଇଛି । ସତ୍ ଲିବରାଲ ନେତାଙ୍କର ସମସ୍ତ ସୁନ୍ଦର କଥା ସୁଦ୍ଧା ଏହାକୁ ରକ୍ଷା କରିପାରିଲା ନାହିଁ । ସବୁଠାରେ ଦେଖାଗଲା ଲିବରାଲ ମତବାଦ ଆଧୁନିକ ଅବସ୍ଥାରେ ସଙ୍କୀର୍ଣ୍ଣ ହୋଇ କାର୍ଯ୍ୟକାରୀ ହୋଇ ପାରୁ ନାହିଁ । ଏହା କେବଳ କଥା ଓ ଶବ୍ଦଗୁଡ଼ିକ ଧରି ରହିଥିଲା ଏବଂ ଏହାହିଁ କାର୍ଯ୍ୟର

Digitized by srujanika@gmail.com

ସ୍ଥାନ ଦେଇପାରେ ବୋଲି ସେମାନେ ଭାବୁଥିଲେ । ସଙ୍କଟ ସମୟରେ ଗୋଟାଏ ପ୍ରସ୍ତାବିତ ଶେଷ ହେବାପରେ ଏହା ଲୋପ ହୋଇଯାଏ ।

ଅଷ୍ଟ୍ରିୟାର ଦୁର୍ଦ୍ଦଶା ସମ୍ବନ୍ଧରେ ମାଞ୍ଚେଷ୍ଟର ଗାର୍ଡ଼ିୟାନରେ ସମ୍ପାଦକଙ୍କ ପ୍ରବନ୍ଧ ମୁଁ ଖୁବ୍ ଆଗ୍ରହର ସହିତ ପଢ଼ିଲି । "ଏହି ରକ୍ତାକ୍ତ ମୃତ୍ୟୁରୁ କିପରି ଅଷ୍ଟ୍ରିୟା ବାହାରିବ ? ଇଉରୋପର ଅତି ପ୍ରତିକ୍ରିୟାଶୀଳ କ୍ୟାଥଲିକ୍‌ଙ୍କର ବନ୍ଧୁକ ଓ ମେସିନଗନ୍ ଶାସିତ ଶାସନ ଅଷ୍ଟ୍ରିୟାରେ ଚାଲିବ ?" "ଯଦି ଇଂଲଣ୍ଡ ଯଦି ସ୍ୱାଧୀନତା ଦାବୀ ସମର୍ଥନ କରୁଛି ତେବେ ତା'ର ପ୍ରଧାନ ମନ୍ତ୍ରୀ କିଛି କହି ନାହାନ୍ତି କାହିଁକି ? ସେ ଡିକ୍‌ଟେଟରଙ୍କ ପ୍ରଶଂସା କରିବା ଆମେ ଶୁଣିଛୁ—ଡିକ୍‌ଟେଟରମାନେ କିପରି 'ଜାତିର ଆତ୍ମାକୁ ଜୀବନ୍ତ' ଏବଂ 'ଗୋଟାଏ ନୂତନ ଦୃଷ୍ଟିକୋଣ ଓ ନୂତନ ଶକ୍ତି' ଦେଉଛନ୍ତି ତାହା ସେ କହିବାର ଆମେ ଶୁଣିଛୁ । ମାତ୍ର ଯେଉଁ ଦେଶରେ ଘଟୁ ପଛକେ ଏହି ସମସ୍ତ ଅତ୍ୟାଚାରର ସମ୍ବନ୍ଧରେ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ କିଛି କହିବା ଦରକାର । ଏହା ଖାଲି ଶରୀର ନାଶ କରେନା, ମାତ୍ର ଅନେକ ସମୟରେ ଆତ୍ମାକୁ ମଧ୍ୟ ହତ୍ୟା କରେ—ଏହା ମୃତ୍ୟୁ ଅପେକ୍ଷା ଅଧିକ ଖରାପ ।"

'ମାଞ୍ଚେଷ୍ଟର ଗାର୍ଡ଼ିୟାନ' ଯଦି ସ୍ୱାଧୀନତା ଦାବୀ ସମର୍ଥନ କରେ ତେବେ ସେ ବା କାହିଁକି ଭାରତରେ ଯେଉଁ ସ୍ୱାଧୀନତା ଦମନ କରାଯାଇଛି ସେ ସମ୍ବନ୍ଧରେ କିଛି ଉଚ୍ଚବାଚ କରେ ନାହିଁ ? ଆମେ ଖାଲି ଶାରୀରିକ ନିର୍ଯ୍ୟାତନ ସହୁନାହୁଁ—ଆତ୍ମାର କଠୋର ଅଗ୍ନି ପରୀକ୍ଷା ମଧ୍ୟ ଅନୁଭବ କରୁଛୁ ।

"ଅଷ୍ଟ୍ରିୟାର ଗଣତନ୍ତ୍ର ଧ୍ୱଂସ କରାଯାଇଛି—ଯଦିଓ ଏହା ନିଜର ପୂର୍ବ ଗୌରବ ଅନୁସାରେ ମୃତ୍ୟୁ କରି ଦେଉଛି କଲା ଏବଂ ଏତଦ୍ଦ୍ୱାରା ଏପରି ଏକ ପ୍ରବାଦ ସୃଷ୍ଟି କଲା ଯାହା ଆଗାମୀ କାଳରେ ଇଉରୋପୀୟ ସ୍ୱାଧୀନତା ଜୀବନକୁ ପୁନରୁଜ୍ଜୀବିତ କରିପାରେ ।"

"ସ୍ୱାଧୀନତାହୀନ ଇଉରୋପ ଆଉ ନିଶ୍ୱାସ ମାରୁ ନାହିଁ । ଏଠାରେ ସୁସ୍ଥ ଓ ଉତ୍ସାହପ୍ରଦ ଜୀବନର ଆଦାନ ପ୍ରଦାନ ନାହିଁ । କ୍ରମେ କ୍ରମେ

Digitized by srujanika@gmail.com

ଶ୍ୱାସରୁଦ୍ଧ ହୋଇଛି । ଏହା ଉପରେ ଯେଉଁ ମାନସିକ ମୂର୍ଚ୍ଛା ଆସିଛି, ସେଥିରେ କେବଳ ବେଳେ ବେଳେ କ୍ଷୀଣ ଆନ୍ଦୋଳନ କିମ୍ବା ଅନ୍ତରର କୌଣସି ବିପର୍ଯ୍ୟୟ କିମ୍ବା ବାମ ଓ ଦକ୍ଷିଣ ଦିଗରେ ଏହା ଉପରେ ଆକ୍ରମଣ ଓ ଆଘାତ ଶୁଣୁଛି······ରାଇନ ନଦୀଠାରୁ ଉରାଲ ପର୍ଯ୍ୟନ୍ତ ଇଉରୋପ ଗୋଟିଏ ବଡ଼ ଜେଲଖାନା ।”

ମୋର ହୃଦୟର ଭାବ ପ୍ରତ୍ୟେକ ଏହି ହୃଦୟଗ୍ରାହୀ ଲେଖାରେ ପ୍ରତି-ଧ୍ୱନିତ ହେଲା । ମାତ୍ର ମୁଁ ଚିନ୍ତା କରିବାକୁ ଲାଗିଲି—ଭାରତ କଥା କ'ଣ ? ମାଞ୍ଚେଷ୍ଟର ଗାର୍ଡିୟାନ କିମ୍ବା ଇଂଲଣ୍ଡରେ ଥିବା ସବୁ ଯେ ସ୍ୱାଧୀନତାପ୍ରେମୀ ରହିଛନ୍ତି ସେମାନେ ଆମ ବିଷୟରେ ଏପରି ନୀରବ କାହିଁକି ? ସେମାନେ ଅନ୍ୟ ସ୍ଥାନରେ ଯେଉଁ ବିଷୟ ଏତେ ଦୃଢ଼ତାର ସହିତ ନିନ୍ଦା କରୁଛନ୍ତି ତାହା ଆମ ଦେଶରେ ଦେଖି ପାରୁ ନାହାନ୍ତି କାରଣ ? ମହାସମର ପୂର୍ବରୁ ୬୦ ବର୍ଷ ତଳେ ଊନବିଂଶ ଶତାବ୍ଦୀର ପରମ୍ପରାରେ ଶିକ୍ଷିତ ସ୍ୱଭାବତଃ ସତର୍କ ଏବଂ ସଂଯତ ଭାଷା ପ୍ରୟୋଗକାରୀ ଜଣେ ବିଖ୍ୟାତ ଇଂରେଜ ଲିବରାଲ ନେତା କହିଛନ୍ତି—“ଆଇନ ନାମରେ ଜୋର ଜବରଦସ୍ତିର ଏହି ଶୋଚନୀୟ ଚିତ୍ର ନୀରବ ଭାବରେ ଦେଖିବା ଅପେକ୍ଷା ଆମ ଦେଶ ନାମ ଇତିହାସ ପୃଷ୍ଠାରୁ ଲିଭାଯାଉ ।” ଏହା ଏକ ଦୁଃସାହସିକ ଚିନ୍ତା—ଜ୍ୱାଳାମୟୀ ଭାଷାରେ ମଣ୍ଡିତ ହୋଇଛି ଏବଂ ଏହା ରକ୍ଷା କରିବା ନିମନ୍ତେ ଇଂଲଣ୍ଡର ବୀର ଯୁବକଗଣ ଲକ୍ଷ ଲକ୍ଷ ସଂଖ୍ୟାରେ ଲାଗି ପଡ଼ିଥିଲେ । ମିଷ୍ଟର ଆସ୍କୁଇଥଙ୍କ ପରି ଯଦି କୌଣସି ଭାରତୀୟ ଏକ ବକ୍ତୃତା ଦେଇଥାନ୍ତା ତେବେ ତାର ଭାଗ୍ୟରେ କ'ଣ ଘଟିଥାନ୍ତା ?

ଜାତୀୟ ମନୋରଞ୍ଜନ ଗୋଟିଏ ଜଟିଳ କଥା ଆମ ଭିତରୁ ଅଧିକାଂଶ ନିଜକୁ ଖୁବ୍ ନ୍ୟାୟପରାୟଣ ଓ ନିରପେକ୍ଷ ଭାବୁଁ ; ସର୍ବଦା ଅନ୍ୟଲୋକ ଦୋଷ ଓ ଅନ୍ୟାୟ କରୁଛି ବୋଲି ମନେକରୁ । ଆମ ମନ ପଛରେ ଆମେ କୌଣସି ସ୍ଥାନରେ ଉପଲବ୍ଧି କରୁ ଯେ ଆମେ

Digitized by srujanika@gmail.com

ଅନ୍ୟମାନଙ୍କ ଉପରେ ନୋହୁଁ । ଏହି ଅହମିକାସର୍ବସ୍ୱତା ଆମର ଭଦ୍ରତାବୋଧ ଯୋଗୁଁ ଆମେ ସାଧାରଣତଃ ପ୍ରକାଶ କରୁ ନା । ଏକ ସାମ୍ରାଜ୍ୟ-ବାଦୀ ଜାତି ଭାବରେ ଅନ୍ୟ ଦେଶର ଭାଗ୍ୟ ନିୟନ୍ତ୍ରଣ କରିବାର ସୌଭାଗ୍ୟ ଆମକୁ ଘଟି ଥାଏ, ତେବେ ଆମ ପକ୍ଷରେ ଏ କଥା ବିଶ୍ୱାସ କରିବାକୁ କଷ୍ଟକର ହେବ ନାହିଁ ଯେ ସମସ୍ତ ସମ୍ଭବପର ଦୁନିଆର ଶ୍ରେଷ୍ଠ ଏହି ଦୁନିଆରେ ଯାହା ହେଉଛି ତାହା ସବୁଠୁ ଭଲ, ଏବଂ ଯେଉଁମାନେ ପରିବର୍ତ୍ତନପାଇଁ ଆନ୍ଦୋଳନ କରୁଛନ୍ତି, ସେମାନେ ସ୍ୱାର୍ଥପର କମ୍ବା ନିର୍ବୁଦ୍ଧି ବୋକା, ସେମାନେ ଆମଠୁ ଯାହା ପାଇଛନ୍ତି ସେଥିପାଇଁ କୃତଜ୍ଞ ନୁହନ୍ତି, କୃତଘ୍ନ ।

ବ୍ରିଟିଶ ଏକ ଦ୍ୱୀପବାସୀ ଜାତି ଏବଂ ଦୀର୍ଘକାଳ ସାଫଲ୍ୟ ଓ ଉନ୍ନତି ଫଳରେ ସେମାନେ ଅନ୍ୟ ସମସ୍ତଙ୍କୁ ପ୍ରାୟ ଘୃଣା ଚକ୍ଷୁରେ ଦେଖନ୍ତି । ସେମାନଙ୍କ ପକ୍ଷରେ କେହି ଜଣେ କହିଲାପରି 'ଫ୍ରାନ୍ସର କାଲେ ବନ୍ଦର-ଠାରୁ ନିଗ୍ରୋବର୍ଣ୍ଣର ଆରମ୍ଭ ହୋଇଛି ।' ମାତ୍ର ଏହା ଏକ ଅତି ସାଧାରଣ ଉକ୍ତି । ସମ୍ଭବତଃ ବ୍ରିଟିଶ ଉଚ୍ଚଶ୍ରେଣୀଙ୍କ ମତରେ ପୃଥିବୀର ଉଚ୍ଚଗତା ଏହିପରି ହେବ [୧] ବ୍ରିଟେନ—ତାପରେ ଦୀର୍ଘ ଫାଙ୍କ ଏବଂ ତା'ପରେ [୨] ବ୍ରିଟିଶ ଉପନିବେଶଗୁଡ଼ିକ (କେବଳ ଗୋରାଙ୍କର) ଏବଂ ଆମେରିକା [ଏଥିରେ ଆଙ୍ଗ୍ଲୋ-ସାକ୍ସନଙ୍କୁ ଗଣିବେ—ଡାଗୋ, ଇତ୍ୟାଦିମାନେ ନୁହନ୍ତି] [୩] ପଶ୍ଚିମ ଇଉରୋପ [୪] ଇଉରୋପର ଅବଶିଷ୍ଟାଂଶ [୫] ଦକ୍ଷିଣ ଆମେରିକା [ଲାଟିନ୍ ଜାତି] ଦୀର୍ଘ ଫାଙ୍କ ଏବଂ ତା ପରେ [୬] ଏସିଆ ଓ ଆଫ୍ରିକାର କଳା, ହଳଦିଆ ଓ ବାଦାମୀ ରଙ୍ଗର ଲୋକ ସବୁ—ଏହାକୁ ଅନେକ ବହୁତେ ଏକ ସଙ୍ଗରେ ଧରିଯାଏ ।

ସବୁଠାରୁ ଶେଷ ଶ୍ରେଣୀ ଭିତରେ ହେଉଛୁ ଆମେ—ସୁତରାଂ ଆମ ଶାସକ ଯେଉଁଠି ରହନ୍ତି ତା'ଠାରୁ ଆମେ କେତେ ତଳେ ? ସୁତରାଂ ସେମାନେ ଆମପ୍ରତି ଯେତେବେଳେ ଦୃଷ୍ଟିପାତ କରନ୍ତି, ସେତେବେଳେ ତାଙ୍କର ଦୃଷ୍ଟି ଯେ ଅନ୍ଧଚ୍ଛନ୍ନ ହୋଇଯାଏ ଏଥିରେ ଆଶ୍ଚର୍ଯ୍ୟ କ'ଣ ? ଆମେ ଗଣତନ୍ତ୍ର ଓ ସ୍ୱାଧୀନତା କଥା କହିଲାବେଳେ ସେମାନେ ଉତ୍ତ୍ୟକ୍ତ ହେବେ

Digitized by srujanika@gmail.com

ନାହିଁକି ? ଏହି ଶବ୍ଦ ସବୁ ଆମର ବ୍ୟବହାରପାଇଁ ଉପଯୋଗ ନାହିଁ । ଅତ୍ୟାଧିକ ଲିବରାଲ ରାଜନୀତିକ ଜନ୍ ମର୍ଲେ କହି ନ ଥିଲେ କି ଯେ ସେ ଅତି ଦୂରର ଓ ଅଜଣା ଭବିଷ୍ୟତରେ ମଧ୍ୟ ଭାରତରେ ଗଣତନ୍ତ୍ର ଅନୁଷ୍ଠାନ ହେବା କଥା କଳ୍ପନା କରିପାରିବେ ନାହିଁ ? ସମୁଦ୍ରମେଳରେ କଲମ ଜନତାର କୋଟ (ଜାମା) ପରି ଗଣତନ୍ତ୍ର ଭାରତର ଉପଯୋଗୀ ନୁହେଁ । ପରେ ସାମ୍ୟବାଦ ପତାକାଧାରୀ, ପଦଦଳିତ ଜନତାର ବନ୍ଧୁ ବ୍ରିଟେନର ଶ୍ରମିକ ଦଳ ତାଙ୍କର ଜନ୍ମ ପରେ ୧୯୨୪ରେ ଆମକୁ ବଙ୍ଗଳା ଅର୍ଡିନାନ୍ସ ଉପହାର ଦେଇଥିଲେ ଏବଂ ତାଙ୍କର ଦ୍ୱିତୀୟ ଥର ଶାସନ କାଳରେ ଆମର ଅବସ୍ଥା ଅଧିକ ଖରାପ ହେଲା । ମୋର କଳ୍ପିତ ଧାରଣା ସେମାନଙ୍କ ଭିତରୁ କେହି ଆମର ଦୃଷ୍ଟିରେ ଚିନ୍ତା କରୁନଥିଲେ—ସେମାନେ ଯେତେବେଳେ ଉଚ୍ଚସ୍ଥାନରୁ ବସି ଆମକୁ 'ଅତି ପ୍ରିୟ ଭାଇମାନେ' ବୋଲି ସମ୍ବୋଧନ କରନ୍ତି, ସେତେବେଳେ ସେମାନେ ଗୋଟିଏ ଗୁରୁତର ଗୌରବ ଅନୁଭବ କରନ୍ତି । ମାତ୍ର ତାଙ୍କ ଆଗରେ ଆମେ ତାଙ୍କପରି କୋଟୁ ଏବଂ ଅନ୍ୟ ମାପକାଠିରେ ଆମକୁ ବିଚାର କରିବାକୁ ହେବ । ଭାଷାଗତ ଏବଂ ସଂସ୍କୃତି-ଗତ ପାର୍ଥକ୍ୟ ହେତୁ କୌଣସି ଜଣେ ଇଂରେଜ ଓ ଫରାସି ଲୋକ ପକ୍ଷରେ ସମାନ ଭାବରେ ଚିନ୍ତା କରିବା ବଡ଼ କଷ୍ଟକର; ସୁତରାଂ ଇଂରେଜ ଓ ଏସିଆବାସୀ ପକ୍ଷରେ ପାର୍ଥକ୍ୟ କେତେ ଅଧିକ ନ ହେବ ?

କେତେଠରେ ଭାରତ ପ୍ରସ୍ତାବ ସମ୍ବନ୍ଧରେ ପାର୍ଲାମେଣ୍ଟ (House of Lords)ର ଆଲୋଚନାରେ ଉଦାର ଲର୍ଡ଼ମାନେ ଖୁବ୍ ଜ୍ଞାନମୂଳକ ଭାଷଣ ସବୁ ଦେଇଛନ୍ତି । ଏମାନଙ୍କ ଭିତରେ ଜଣେ ହେଉଛନ୍ତି ଲର୍ଡ଼ ଲଟନ—ସେ ଗୋଟିଏ ପ୍ରଦେଶର ଗଭର୍ଣ୍ଣର ଥିଲେ ଏବଂ ଅସ୍ଥାୟୀ ବଡ଼ଲାଟ ବ ହୋଇଥିଲେ । ସେ ଜଣେ ଲିବରାଲ ଓ ସହାନୁଭୂତିସମ୍ପନ୍ନ ଗଭର୍ଣ୍ଣର ବୋଲି ବୁଝାଯାଏ । ସେ କହୁଥିବାର ଶୁଣାଯାଏ ଯେ 'ମୋଟା-ମୋଟି କଂଗ୍ରେସ ରାଜନୀତିକଙ୍କ ଅପେକ୍ଷା ଭାରତ ସରକାର ଅଧିକ ପ୍ରତିନିଧିମୂଳକ । ଭାରତ ସରକାରର ସରକାରୀ କର୍ମଚାରୀ, ସୈନ୍ୟ ପୁଲିସ, ରାଜା, ଯୋଦ୍ଧା ଜାତି, ଉଦ୍ୟମୀ ମୁସଲମାନ ଓ ହିନ୍ଦୁ ସମ୍ପ୍ରଦାୟ

ତରଫରୁ କହିପାରେ, ମାତ୍ର କଂଗ୍ରେସ ରାଜନୀତିଜ୍ଞମାନେ ଉଦାର ଭାରତୀୟ ଜାତିଙ୍କ ପକ୍ଷରୁ କହିପାରନ୍ତି ନାହିଁ ।' ସେ ତାଙ୍କ କଥା ଅଧିକ ସ୍ପଷ୍ଟ ରୂପେ କହିଥିଲେ 'ମୁଁ ଭାରତୀୟ ମତ କହିଲାବେଳେ ଯେଉଁମାନଙ୍କ ସହଯୋଗରେ ମୁଁ ଶାସନ କରେ ଏବଂ ଯେଉଁମାନଙ୍କ ସହଯୋଗରେ ଭବିଷ୍ୟତ ଲାଟ ଓ ବଡ଼ଲାଟମାନେ ଶାସନ କରିବେ ସେହିମାନଙ୍କ କଥା ମୁଁ ବୁଝୁଛି ।' (୧)

ତାଙ୍କ ବକ୍ତୃତାରୁ ଦୁଇଟି କୌତୂହଳପ୍ରଦ କଥା ପ୍ରକାଶ ପାଉଛି । ଯେଉଁ ଭାରତବର୍ଷ ବ୍ରିଟିଶକୁ ସାହାଯ୍ୟ କରେ ତାହାକୁହିଁ ଭାରତ ବୋଲି ଧରିବାକୁ ହେବ । ଭାରତରେ ବ୍ରିଟିଶ ସରକାର ଖୁବ୍ ପ୍ରତିନିଧିମୂଳକ ଏବଂ ତେଣୁ ଦେଶର ଗଣତାନ୍ତ୍ରିକ ଅନୁଷ୍ଠାନ । ଏହି ଯୁକ୍ତି ଗୁରୁତର ସ୍ୱରରେ କହିବା ଦେଖିଲେ ସୁଏଜ କେନାଲ ପାରି ହେଲେ ଇଂରେଜ ଶବ୍ଦର ଅର୍ଥ ବଦଳିଯାଏ ବୋଲି କହିବାକୁ ହେବ । ଏହା ପରେ ଯୁକ୍ତି ହେଉଛି ଯେ ରାଜା ପ୍ରତ୍ୟେକ ଲୋକର ପ୍ରତିନିଧି ହୋଇଥିବାରୁ ସେ ସ୍ୱେଚ୍ଛାଚାରୀ ସରକାର ସର୍ବାପେକ୍ଷା ପ୍ରତିନିଧିମୂଳକ ଏବଂ ଗଣତାନ୍ତ୍ରିକ । ରାଜାଙ୍କର ସ୍ୱର୍ଗୀୟ ଅଧିକାର ଆମେ ଫେରି ପାଇଲୁ—'ମୁଁ ହେଉଛି ରାଷ୍ଟ୍ର ।'

ପ୍ରକୃତରେ କହିବାକୁ ଗଲେ ବ୍ରିଟିଶ ସ୍ୱେଚ୍ଛାତନ୍ତ୍ର ଶାସନର ମଧ୍ୟ ନାମଜାଦା ସମର୍ଥକ ଜୁଟିଲେଣି । ଭାରତୀୟ ସିଭିଲ ସର୍ଭିସର ଉଜ୍ଜ୍ୱଳମଣି ଯୁକ୍ତପ୍ରଦେଶ ଗଭର୍ଣ୍ଣର ମାଲକମ୍ ହେଲି ୧୯୩୪ ମସିହା ନଭେମ୍ବର ତା ୫ ରିଖରେ ବେନାରସରେ ବକ୍ତୃତାରେ ଦେଶୀୟ (୨) ରାଜ୍ୟରେ ସ୍ୱେଚ୍ଛାତନ୍ତ୍ର ଶାସନ ସମର୍ଥନ କରିଥିଲେ । ଏହି ମତ ପ୍ରକାଶର କୌଣସି ଆବଶ୍ୟକତା ନ ଥିଲା । କାରଣ ବ୍ରିଟିଶଙ୍କ ଦେଶୀୟ ରାଜ୍ୟ କିଛି ନିଜ ଇଚ୍ଛା ଅନୁସାରେ ସ୍ୱେଚ୍ଛାଚାରୀ ଶାସନ ପରିତ୍ୟାଗ କରିବ ନାହିଁ । ଅଧିକ ଆମୋଦ-ପ୍ରଦ କଥା ହେଉଛି ଯେ ଇଉରୋପରେ ଗଣତନ୍ତ୍ର ବିଫଳ ହୋଇଛି ବୋଲି

(୧) ଲର୍ଡ ସଭା, ୧୯୩୪ ମସିହା ଡିସେମ୍ବର ୧୨

(୨) ୧୯୩୪ ମସିହା ଜୁନ ୨୧ ମହୀଶୂର ।

Digitized by srujanika@gmail.com

କାରଣ ଦର୍ଶାଇ ଏହି ସ୍ୱେଚ୍ଛାଚାରୀ ଶାସନ ରକ୍ଷା କରିବା ଲାଗି ଲୁହା ହେଉଛି । ମହୀଶୂରର ଦେଓ୍ୱାନ ସାର୍ ମିର୍ଜା ଇସମାଇଲ 'ପାର୍ଲାମେଣ୍ଟାରୀ ଗଣତନ୍ତ୍ର ଅନ୍ୟସ୍ଥାନରେ ବିଫଳ ହୋଇଥିବାବେଳେ ଏଠାରେ ସଫଳତାମୂଳକ ସମ୍ଭାର ଧାରା କଥାରେ ଆଶ୍ଚର୍ଯ୍ୟ' ପ୍ରକାଶ କରିଥିଲେ । ମୋର ନିଶ୍ଚିତ ଧାରଣା ଯେ ରାଜ୍ୟ ଭିତରେ ଯେଉଁମାନେ ବିବେକୀ, ସେମାନେ ବୁଝିପାରୁଛନ୍ତି ଯେ ଆମର ବର୍ତ୍ତମାନ ଶାସନତନ୍ତ୍ର ସମସ୍ତ ବାସ୍ତବ କାର୍ଯ୍ୟପାଇଁ ସମ୍ପୂର୍ଣ୍ଣ ଗଣତନ୍ତ୍ରମୂଳକ । ମହୀଶୂରରେ ବିବେକ ବୋଧ ହୁଏ ଏଠାରେ ଦେଓ୍ୱାନ ଓ ରାଜାଙ୍କର ନିଜର ମନୋରଞ୍ଜନର ଛାୟା ମାତ୍ର । ଆଜି ମହୀଶୂରରେ ଯେଉଁ ଗଣତନ୍ତ୍ର ଅଛି ତାହାର ସ୍ୱେଚ୍ଛାଚାରୀ ଶାସନ ସହିତ କିଛି ପାର୍ଥକ୍ୟ ନାହିଁ ।

'ଗଣତନ୍ତ୍ର ଭାରତ ପ୍ରତି ଉପଯୋଗୀ ନହେଲେ ଇଜିପ୍ଟ ପ୍ରତି ମଧ୍ୟ ସେହିପରି ଅନୁପଯୋଗୀ । ମୁଁ ବର୍ତ୍ତମାନ 'ଷ୍ଟେଟସ୍‌ମ୍ୟାନ'ର କାଇରୋ ସମ୍ବାଦଦାତାଙ୍କର ଏକ ଦୀର୍ଘ ଲେଖା ପଢ଼ିଲି (ମୁଁ ବର୍ତ୍ତମାନ ଯେଉଁ ଜେଲରେ ଅଛି, ଏଠାରେ ଏହି ଦୈନିକ କାଗଜ ମୋତେ ଦିଆଯାଉଛି) ସେଥିରେ ଲେଖା ଅଛି ଯେ ପ୍ରଧାନମନ୍ତ୍ରୀ ନାସିମ୍ ପାଶା "ତାଙ୍କର ଏକ ଘୋଷଣାରେ ଦାୟିତ୍ୱ ସମ୍ପନ୍ନ ଲୋକଙ୍କ ମନରେ କମ ଆତଙ୍କ ଜାଗ୍ରତ କରାଇ ନାହାନ୍ତି; କାରଣ ଏହି ଘୋଷଣାରେ ସେ ରାଜନୈତିକ ଦଳ ସବୁ ବିଶେଷତଃ ଓ୍ୟାଫ୍‌ଦ୍‌ମାନଙ୍କୁ ଏକତ୍ର ଦଳବଦ୍ଧ କରିବାକୁ ଚାହାନ୍ତି— ହୁଏତ ଶୀଘ୍ର ଗୋଟାଏ ଜାତୀୟ ସମ୍ମିଳନୀ କରିବେ ନଚେତ୍ ଗଣପରିଷଦ ପାଇଁ ନିର୍ବାଚନ କରିବେ—ଉଭୟ କଥାରେ ନୂତନ ଶାସନ ବିଧାନ ପରିବର୍ତ୍ତିତ ହୋଇଯିବ । ଏହାର ଫଳ ସ୍ୱରୂପ ଇଜିପ୍ଟ, ଲୋକ ଶାସିତ ଗଣତନ୍ତ୍ର ମୂଳକ ଶାସନକୁ ଫେରିଯିବ—ଇତିହାସରୁ ଦେଖାଯାଏ ଏହି ଶାସନ ଇଜିପ୍ଟ ପକ୍ଷରେ ସର୍ବନାଶକର ହୋଇଛି, କାରଣ ଅତୀତରେ ଏହା ଜନତାଙ୍କର ନୀଚ ପ୍ରବୃତ୍ତିରେ ପଡ଼ିଯାଇଛି । ଇଜିପ୍ଟ ରାଜନୀତି ଏବଂ ଏଠାର ଲୋକଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟ ସମ୍ବନ୍ଧରେ ଯାହାର କିଛି ଜ୍ଞାନ ଅଛି ସେ ଟିକିଏ ହେଲେ ସନ୍ଦେହ କରିବ ନାହିଁ ଯେ ଏହି ନିର୍ବାଚନରେ ଓ୍ୟାଫ୍‌ଦ୍ ଦଳହିଁ ଅଧିକ ସଂଖ୍ୟାରେ ନିର୍ବାଚିତ ହେବେ । ଅତଏବ ଏହି ପରି

Digitized by srujanika@gmail.com

ପ୍ରଚଳନ ବନ୍ଦ ହେବା ନଗଲେ, ଆମକୁ ଅଚିରାତ୍ ଏକ ଅଗଣତନ୍ତ୍ର ବିଦେଶୀ ବିରୋଧୀ ବହୁକାଶାସନର ସମ୍ମୁଖୀନ ହେବାକୁ ପଡ଼ିବ ।"*

ଏ ସମ୍ପର୍କରେ କଥା ଉଠୁଛି ଯେ 'ଓ୍ୟାଫ୍‌ଦ୍‌ମାନଙ୍କୁ ଜବାବ ଦେବାପାଇଁ' ଶାସନଦ୍ୱାରା 'ରୁପଦେଇ' ନିର୍ବାଚନ କରାଯାଉ, ମାତ୍ର ଦୁର୍ଭାଗ୍ୟବଶତଃ ପ୍ରଧାନମନ୍ତ୍ରୀ 'ଏତେ ଅଧିକ ଆଇନରେ ଚଳିଥିବାଲୁ' ସେ ସେପରି ଏପରି କିଛି କରିବେ ନାହିଁ । ତେଣୁ ଏକମାତ୍ର ବାଟ ହେଉଛି ହ୍ୱାଇଟ୍-ହଲ ଅର୍ଥାତ୍ ବିଲାତ ସରକାର ଏଥିରେ ହସ୍ତକ୍ଷେପ କରିବ ଏବଂ ଜଣାଇ ଦେବ ଯେ 'ଏହା ଏପରି ଶାସନ ପ୍ରତ୍ୟାବର୍ତ୍ତନ ସହ୍ୟ କରିପାରିବ ନାହିଁ ।'

ହ୍ୱାଇଟହଲ କିଛି କରିପାରେ ନପାରେ କିମ୍ବା ଇଜିପ୍ଟରେ କ'ଣ ଘଟିବ ମୋତେ ଜଣା ନାହିଁ । † କିନ୍ତୁ ସମ୍ଭବତଃ ଜଣେ ସ୍ୱାଧୀନତାପ୍ରେମୀ ଇଂରେଜ ଲେଖକର ଏହି ମନ୍ତ୍ର ପଢ଼ିଲେ ଇଜିପ୍ଟ ଓ ଭାରତ ପରିସ୍ଥିତିର ଜଟିଳତା ଆମେ କେତେକଟା ବୁଝିପାରୁ । 'ଷ୍ଟେଟ୍‌ସ୍‌ମେନ' ତା'ର ସମ୍ପାଦକୀୟ ଲେଖାରେ ଲେଖିଥିଲା "ମୂଳଦୋଷ ହେଉଛି ଯେ ଗଣତନ୍ତ୍ରର ଚଳଣି ପାଇଁ ଯେଉଁ ଧରଣର ଜୀବନ ଓ ମନୋଭାବ ହେବାର କଥା, ତାହା ସନ୍ତତ ସାଧାରଣ ଇଜିପ୍ଟବାସୀ ଭୋଟଦାତାର କୌଣସି ସମ୍ପତ୍ତି ନାହିଁ ।" ଏହି ଅସାମାଞ୍ଜସ୍ୟ କଥା ଆହୁରି ବର୍ଣ୍ଣନା କରି କୁହାଯାଇଛି—"ଇଉରୋପରେ ଅତି ଅଧିକ ଦଳ ହେବାରୁ ଗଣତନ୍ତ୍ରର ପତନ ହୋଇଛି; ମାତ୍ର ଇଜିପ୍ଟରେ ଅସୁବିଧା ହେଉଛି ସେଠାରେ ଗୋଟିଏ ମାତ୍ର ଦଳ ଅଛି । ତାହା ହେଉଛି ଓ୍ୟାଫ୍‌ଦ୍ ।"

ଭାରତରେ ଆମକୁ କୁହାଯାଏ ଆମର ଗଣତାନ୍ତ୍ରିକ ପ୍ରଗତି ପଥରେ ସାମ୍ପ୍ରଦାୟିକ ବିଭେଦହିଁ ଅନ୍ତରାୟ ଏବଂ ସେଥିଲାଗି ଅକାଟ୍ୟ ଯୁକ୍ତିଦ୍ୱାରା ଏହି

---

* ଷ୍ଟେଟ୍‌ସ୍‌ମେନ ଡିସେମ୍ବର ୧୯, ୧୯୩୪ ।

† ୧୯୩୦ ନଭେମ୍ବର ତୃତୀୟ ଅଧିକାର ବିରୁଦ୍ଧରେ ଇଜିପ୍ଟ ମୁଖ୍ୟଆଡ଼େ ରାଜନୀତିକ ଦଙ୍ଗା ହୋଇଥିଲା ।

Digitized by srujanika@gmail.com

ବନ୍ଦୋବସ୍ତ ସବୁଦିନେ ରଖାଯାଇଛି । ଆମକୁ ପୁଣି କୁହାଯାଏ ଯେ ଆମେ ଏକତାବଦ୍ଧ ନୋହୁଁ । ଇଜିପ୍ଟରେ କିଛି ସାଂପ୍ରଦାୟିକ ଦଙ୍ଗା ନାହିଁ ଏବଂ ସେଠାରେ ପୂର୍ଣ୍ଣ ରାଜନୈତିକ ଏକତା ଥିବାର ମନେ ହୁଏ । ତଥାପି ଏହି ଏକତାହିଁ ଗଣତନ୍ତ୍ର ଓ ସ୍ୱାଧୀନତା ପକ୍ଷରେ ଏଠାରେ ପ୍ରତିବନ୍ଧକ ବୋଲି ଧରାଯାଉଛି । ସତ କହିବାକୁ ଗଲେ ଗଣତନ୍ତ୍ରର ପଥ ସିଧା ଓ ସଙ୍କୀର୍ଣ୍ଣ ପ୍ରାଚ୍ୟଦେଶ ପକ୍ଷରେ ଗଣତନ୍ତ୍ରର ଅର୍ଥ ହେଉଛି ଗୋଟିଏ ସାମ୍ରାଜ୍ୟବାଦ ଶାସକ ଶକ୍ତିର ଆଦେଶ ପାଳନ କରିବା ଏବଂ ଏହାର କିଛି ସ୍ୱାର୍ଥ ସ୍ପର୍ଶ ନ କରିବା । ଏହି ସର୍ତ୍ତ ଗ୍ରହଣ କଲେ ଗଣତାନ୍ତ୍ରିକ ସ୍ୱାଧୀନତା ବିନାବାଧାରେ ଉପଭୋଗ କରିପାରେ ।

୭୧

ବିଷାଦ

"ଶୀତଳ ଓ ମଧୁର ଦୂର୍ବାଦଳରେ ମୁଁ ଶୋଇବା ପାଇଁ ବ୍ୟାକୁଳ । ମା ମୋର, ତୋର ପାଦତଳେ କ୍ଳାନ୍ତ ସନ୍ତାନର ସମସ୍ତ ସ୍ୱପ୍ନ ଭୁଲିଯାଏ ।"

ଏପ୍ରିଲ ମାସ ଆସିଲା । ବାହାର ଘଟଣା ସମ୍ବନ୍ଧରେ ବାହାରୁ ଆଲିପୁର ଜେଲରେ ମୋ ପାଖରେ ଆସି ନାନା ଜନରବ ପହଞ୍ଚିଲା—ଏହି ଜନରବ ଅପ୍ରୀତିକର ଓ ଅଶାନ୍ତିପ୍ରଦ । ଦିନେ କଥା କହୁ କହୁ ଜେଲ ସୁପରିଣ୍ଟେଣ୍ଡେଣ୍ଟ ମୋତେ କହିଲେ ଯେ ମିଷ୍ଟର ଗାନ୍ଧି ଆଇନ୍ ଅମାନ୍ୟ ପ୍ରତ୍ୟାହାର କରିଛନ୍ତି । ଏହାଛଡ଼ା ଆଉ କିଛି ମୋତେ ଜଣା ନ ଥିଲା । ଏହି ସମ୍ବାଦ ଆନନ୍ଦ ଦେଲା ନାହିଁ—ମୁଁ ଦୁଃଖିତ ହେଲି—ଗତ କେତେବର୍ଷ ହେଲା ଯାହାକୁ ଆମେ ଏତେ ଅଧିକ ଭାବରେ ଧରିଥିଲୁ ତାହା ଏକ ପ୍ରକାର ଅନ୍ତ ହୋଇଗଲା । ତଥାପି ମୁଁ ନିଜେ ନିଜେ ମୁକ୍ତି କଲି ଯେ ଏହି ସମାପ୍ତି ହେବାର ଥିଲା । ମୁଁ ମନଭିତରେ ଜାଣିଥିଲି ଯେ ଯେତେବେଳେ ହେଲେ ଅନ୍ତତଃ ଅଳ୍ପସମୟପାଇଁ ଆଇନ ଅମାନ୍ୟ ବନ୍ଦ କରିବାକୁ ପଡ଼ିବ । ଫଳାଫଳକୁ ଖାତିର ନ କରି ବ୍ୟକ୍ତିବିଶେଷ ଅନିର୍ଦ୍ଦିଷ୍ଟ ଭାବରେ ଏହା ରଖିପାରନ୍ତି ନାହିଁ, କିନ୍ତୁ ଜାତୀୟ ଅନୁଷ୍ଠାନ ସବୁ ଏପରିଭାବରେ କରେ ନାହିଁ । ଗାନ୍ଧିଜୀ ଯେ ଦେଶର ଏବଂ ଅଧିକାଂଶ କଂଗ୍ରେସ ଲୋକଙ୍କ ମନ ଠିକ୍ ବ୍ୟାଖ୍ୟା କରିଥିଲେ ଏଥିରେ ମୋହର ସନ୍ଦେହ ନ ଥିଲା—ଏହି ନୂତନ ପରିସ୍ଥିତି ଅପ୍ରୀତିକର, ତଥାପି ମୁଁ ନିଜକୁ ପ୍ରବୋଧନା ଦେବାକୁ ଚେଷ୍ଟା କରିଥିଲି ।

ବ୍ୟବସ୍ଥା ସଭାରେ ପ୍ରବେଶ କରିବା ନିମନ୍ତେ ପୁରାତନ ସ୍ୱରାଜ୍ୟଦଳ ପୁଣି ଗଢ଼ିବା ସମ୍ବନ୍ଧରେ ନୂତନ ଉଦ୍ୟମ କଥା ମଧ୍ୟ ଅସ୍ପଷ୍ଟ ଭାବରେ

Digitized by srujanika@gmail.com

ପୂର୍ଣ୍ଣିଲି । ଏହା ଅନିବାର୍ଯ୍ୟ ପରି ମନେହେଲା ଏବଂ ଅନେକ ଦିନରୁ ମୋର ମତ ଯେ କଂଗ୍ରେସ ଉଦ୍ଦେଶ୍ୟନ୍ତ ନିର୍ବାଚନରୁ ପୃଥକ ରହି ପାରିବ ନାହିଁ । ଜେଲଖାନାରେ ମୁଁ ଯେଉଁ ମାସ ଥିଲି ସେଥିରେ ଏହି ପ୍ରବୃତ୍ତିକୁ ନିରୁତ୍ସାହିତ କରିବା ନିମନ୍ତେ ମୁଁ ଚେଷ୍ଟା କରିଥିଲି; କାରଣ ଏହାର ସମସ୍ୟା-ପଦ୍ଧତି ନାହିଁ ବୋଲି ମୋର ମନେହେଲା—ତାହା ଛଡ଼ା ପ୍ରତ୍ୟକ୍ଷ ସଂଗ୍ରାମ ଏବଂ କଂଗ୍ରେସ ଲୋକଙ୍କ ମନରେ ସାମାଜିକ ପରିବର୍ତ୍ତନ ସମ୍ବନ୍ଧରେ ଯେଉଁ ନୂତନ ଧାରଣା ଜାତ ହେଉଛି, ସେଥିରୁ ଏହା ଅନ୍ୟ ଆଡ଼କୁ ମନ ନେଇଯିବ । ମୁଁ ଭାବିଲି ଯେପରି ସ୍ୱାଧୀନ ପାର୍ଲିଆମେଣ୍ଟ-ସଂଗଠନ ହୋଇଥିବ, ସେତେ ଅଧିକ ପରିମାଣରେ ଆମର ଜନସାଧାରଣ ଓ ଶିକ୍ଷିତ ଲୋକଙ୍କ ଭିତରେ ଏହିସବୁ ଧାରଣା ପ୍ରସାର ଲାଭ କରିବ ଏବଂ ଆମର ରାଜନୀତିକ ଓ ସାମାଜିକ ଅବସ୍ଥା ମୂଳରେ ଥିବା ବାସ୍ତବତା ପ୍ରକାଶିତ ହେବ । ଲେନିନ୍ ଯେପରି କୌଣସିଠାରେ କହିଛନ୍ତି—'ଯେକୌଣସି ଏବଂ ପ୍ରତ୍ୟେକ ରାଜନୀତିକ ସଂଗଠନର ଉପଯୋଗିତା ଅଛି, କାରଣ ଯାହା ଲୁଚିଥାଏ, ଏହା ତାହାକୁ ବାହାର କରେ, ରାଜନୀତିର ବାସ୍ତବ ଶକ୍ତିକୁ ପ୍ରକାଶ କରେ; ମିଥ୍ୟା, ଶଠତାପୂର୍ଣ୍ଣ କଥା ଓ ଗଳ୍ପ ଧରିପକାଏ; ଘଟଣାସବୁ ଏହା ସ୍ପଷ୍ଟ ଭାବରେ ବୁଝାଇ ଦିଏ ଏବଂ ବାସ୍ତବତା ବୁଝିବା ଲାଗି ଜନସାଧାରଣଙ୍କୁ ବାଧ୍ୟ କରେ ।' ମୁଁ ଆଶା କରିଥିଲି ଯେ ଏହିପରି କାର୍ଯ୍ୟ ଫଳରେ କଂଗ୍ରେସ ପରିଷ୍କାରମାନ ଓ ସୁସମ୍ବଦ୍ଧ ଅନୁଷ୍ଠାନ ହେବ—ଏହାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିବ । ହୁଏତ ଏଥିରେ କେତେକ ଦୁର୍ବଳ ଲୋକ ଖସିଯାଇ ପାରନ୍ତି । ଏଥିରେ କିଛି କ୍ଷତି ହେବନାହିଁ । ମତବାଦ ହିସାବରେ ପ୍ରତ୍ୟକ୍ଷ ସଂଗ୍ରାମ ଶେଷ କରିବାର ଏବଂ ତଥା କଥିତ ନିୟମ-ତାନ୍ତ୍ରିକ ଓ ଆଇନଗତ ପନ୍ଥାକୁ ପୁଣି ଫେରି ଆସିବାର ସମସ୍ୟା ଆସିଲେ, କଂଗ୍ରେସର ଉନ୍ନତ ଏବଂ ପ୍ରକୃତ କର୍ମରତ ଶାଖା ଆମର ଶେଷ ଲକ୍ଷ୍ୟର ମଧ୍ୟରୁ ଦୃଷ୍ଟି କୋଣରୁ ଏହି ପନ୍ଥାର ଉପଯୋଗ କରିବେ ।

ଏହି ବେଳ ସମ୍ଭବତଃ ଆସିଯାଇଥିଲା । ମାତ୍ର ମୋର ଦୁଃଖ ହେଲା ଯେ ଯେଉଁମାନେ ଆଇନ ଅମାନ୍ୟ ଏବଂ ସକଳ କଂଗ୍ରେସ କାର୍ଯ୍ୟରେ

Digitized by srujanika@gmail.com

ମେରୁଦଣ୍ଡ ଫଟା ଥିଲେ, ସେମାନେ ପଛରେ ପଡ଼ିଯାଇଛନ୍ତି—ଏପରି କାର୍ଯ୍ୟ କରି ନ ଥିବା ଅନ୍ୟ ଲୋକେ ମୁଖ୍ୟ ହୋଇ ଉଠୁଛନ୍ତି !

କେତେଦିନ ପରେ ସାପ୍ତାହିକ 'ଷ୍ଟେଟ୍‌ସମ୍ୟାନ୍' ମୋ ପାଖକୁ ଆସିଲା ଏବଂ ଗାନ୍ଧିଜୀ ଆଇନ ଅମାନ୍ୟ ପ୍ରତ୍ୟାହାର କରି ଯେଉଁ ବିବୃତି ଦେଇଥିଲେ ତାହା ଏଥିରେ ମୁଁ ପଢ଼ିଲି । ଏହା ପଢ଼ି ମୁଁ ଆଶ୍ଚର୍ଯ୍ୟ ହେଲି— ମୋର ହୃଦୟ ଦ୍ରବୀଭୂତ ହୋଇଗଲା । ବାରମ୍ବାର ମୁଁ ଏହା ପଢ଼ିଲି— ଆଇନ ଅମାନ୍ୟ ଓ ଅନ୍ୟକଥା ମୋ ମନରୁ ଲୋପ ହୋଇଗଲା ଏବଂ ଅନ୍ୟ ସନ୍ଦେହ ଓ ସଙ୍ଘର୍ଷ ପୂରିଗଲା । ଗାନ୍ଧିଜୀ ଲେଖିଥିଲେ "ସତ୍ୟାଗ୍ରହ ଆଶ୍ରମରେ କେତେକ ସହକର୍ମୀ ଓ ସହଯୋଗୀଙ୍କ ସହିତ ବ୍ୟକ୍ତିଗତ କଥାବାର୍ତ୍ତାରୁହିଁ ଏହି ବିବୃତି ପ୍ରେରଣା ପାଇଛି । ବିଶେଷ ଭାବରେ ଏଥିରେ ଏହାର କାରଣ ହେଉଛି ଯେ କଥାବାର୍ତ୍ତା ଉକ୍ତ କରି ସଂବାଦ ମିଳିଲା ଯେ ଜଣେ ଦୀର୍ଘକାଳର ମୂଲ୍ୟବାନ୍ ସହକର୍ମୀ ଜେଲରେ ତାଙ୍କ କର୍ତ୍ତବ୍ୟ କରିବାକୁ ଅସମ୍ମତି ପ୍ରକାଶ କରି ତା ପରିବର୍ତ୍ତେ ନିଜର ବ୍ୟକ୍ତିଗତ ପଢ଼ାଶୁଣାରେ ନିଯୁକ୍ତ ଥିଲେ । ଏହା ସତ୍ୟାଗ୍ରହ ନିୟମର ବିରୁଦ୍ଧରେ, ସନ୍ଦେହ ନାହିଁ । ଭଲ ପାଉଥିବା ଏହି ବନ୍ଧୁଙ୍କ ଅସଂପୂର୍ଣ୍ଣତା ଅପେକ୍ଷା ମୋର ନିଜର ଅସଂପୂର୍ଣ୍ଣତା କଥା ମଧ୍ୟ ଅଧିକ ଭାବରେ ଜାଣିପାରିଲି । ସେ ବନ୍ଧୁ କହିଲେ ଯେ ତାଙ୍କର ଏ ଦୁର୍ବଳତା ମୋତେ ଜଣାଥିଲା ବୋଲି ତାଙ୍କର ଧାରଣା । ମୁଁ ଅନ୍ଧ ଥିଲି—କୌଣସି ନେତା ପକ୍ଷରେ ଅନ୍ଧତା କ୍ଷମଣୀୟ ନୁହେଁ । ମୁଁ ତତ୍‌କ୍ଷଣାତ୍ ଦେଖିଲି ଯେ ଅନ୍ତତଃ ବର୍ତ୍ତମାନ ପାଇଁ କାର୍ଯ୍ୟକ୍ଷେତ୍ରରେ ନିରୁପଦ୍ରବ ପ୍ରତିରୋଧର ମୁଁ ଏକମାତ୍ର ପ୍ରତିନିଧି ହୋଇ ରହିବ ।"

"ବନ୍ଧୁ"ଙ୍କର ଯଦିବା ଏପରି ଅସଂପୂର୍ଣ୍ଣତା ବା ଦୋଷ ଥାଏ, ଏହା ଅତି ସାମାନ୍ୟ କଥା । ମୁଁ ସ୍ୱୀକାର କରୁଛି ଅନେକ ସମୟ ମୁଁ ଏହି ଦୋଷରେ ଦୋଷୀ, ମାତ୍ର ସେଥିଲାଗି ମୁଁ ଆଦୌ ଅନୁତାପ କରୁନାହିଁ । ଏହାକୁ ଯଦି ବା ଗୁରୁତର ବ୍ୟାପାର ବୋଲି ଧରିଯାଏ, ଜଣେ ବ୍ୟକ୍ତି ବିଶେଷର

Digitized by srujanika@gmail.com

ଦୋଷ ସକାଶେ ପ୍ରତ୍ୟକ୍ଷଭାବରେ ସହସ୍ର ସହସ୍ର ଏବଂ ଅପ୍ରତ୍ୟକ୍ଷଭାବରେ ଲକ୍ଷ ଲକ୍ଷ ଲୋକ ଜଡ଼ିତ ହୋଇଥିବା ଆନ୍ଦୋଳନକୁ କ'ଣ ଏହିପରି ଛାଡ଼ି ଦିଆଯିବ ? ଏହା ମୋତେ ଅତି ଭୀଷଣ ଓ ଅନୀତିପୂର୍ଣ୍ଣ କାର୍ଯ୍ୟପରି ମନେ ହେଲା । ସତ୍ୟାଗ୍ରହ କ'ଣ ଏବଂ କ'ଣ ନୁହେଁ ଏ ସମ୍ବନ୍ଧରେ ମୁଁ ଜାଣେବୋଲି ଧରି ନେଉନାହିଁ, ମାତ୍ର ମୋ ନିଜର କ୍ଷୁଦ୍ର ଉପାୟରେ ମୁଁ ଆଚରଣରେ କେତେକ ନୀତି ଅନୁସରଣ କରୁଥିଲି ଏବଂ ଗାନ୍ଧିଜୀଙ୍କ ବକ୍ତୃତା ପଢ଼ି ମୋର ସେ ସମସ୍ତ ନୀତି ଆହତ ବିପର୍ଯ୍ୟସ୍ତ ହେଲା । ମୁଁ ଜାଣେ ଗାନ୍ଧିଜୀ ସାଧାରଣତଃ ସହଜାତ ବୃତ୍ତି (“ଅନ୍ତରର ଆଦେଶ” ବା ପ୍ରାର୍ଥନାର ଉତ୍ତର ଅପେକ୍ଷା ଏହା ଡାକିବାକୁ ମୁଁ ପସନ୍ଦ କରେ) ଦ୍ୱାରା କାର୍ଯ୍ୟ କରନ୍ତି ଏବଂ ଅନେକ ସମୟରେ ଏହି ସହଜାତ ବୃତ୍ତି ଠିକ୍ ହୋଇଥାଏ । ଜନସାଧାରଣଙ୍କ ମନ ବୁଝିବାର ଏବଂ ମନବୁଝି ଉପଯୁକ୍ତ ବେଳରେ କାର୍ଯ୍ୟ କରିବାର ଅଦ୍ଭୁତ କୌଶଳ ତାଙ୍କର ଅଛି ବୋଲି ସେ ବାରମ୍ବାର ଦେଖାଇ ଦେଇଛନ୍ତି । ସେ ନିଜର କାର୍ଯ୍ୟର ଯଥାର୍ଥତା ଦେଖାଇବା ନିମନ୍ତେ ଯେଉଁସବୁ କାରଣ ପରେ ଦର୍ଶାନ୍ତି, ତାହା ସାଧାରଣତଃ ପରବର୍ତ୍ତୀ ଚିନ୍ତା ଏବଂ ପ୍ରାୟ କାହାରିକୁ ବେଶୀ ଦୂର ନେଇ ଯାଏ ନା । ସଂକଟ ସମୟରେ ଜଣେ ନେତା ବା କର୍ମରତ ଲୋକ ଅର୍ଦ୍ଧଚେତନ ଭାବରେ କାର୍ଯ୍ୟ କରିଯାଏ ଏବଂ ତା'ପରେ ନିଜର କାର୍ଯ୍ୟଲାଗି କାରଣ ଚିନ୍ତା କରେ । ମୁଁ ମଧ୍ୟ ଅନୁଭବ କଲି ଯାଇକି ଅସାମାନ୍ୟ ଆନ୍ଦୋଳନ ସ୍ଥଗିତ କରି ଗାନ୍ଧିଜୀ ଠିକ୍ କରିଛନ୍ତି । ମାତ୍ର ସେ ଯେଉଁ କାରଣ ଦର୍ଶାଇଲେ ତାହା ବୁଦ୍ଧି ପକ୍ଷରେ ଅପମାନ ଏବଂ ଜାତୀୟ ଆନ୍ଦୋଳନର ଜଣେ ନେତାର ଏକ ଅଦ୍ଭୁତ କାର୍ଯ୍ୟ ପରି ମନେ ହେଲା । ତାଙ୍କର ଆଶ୍ରମବାସୀଙ୍କୁ ଯେ କୌଣସି ପ୍ରକାର ବ୍ୟବହାର କରିବାର ପୂର୍ଣ୍ଣ ଅଧିକାର ତାଙ୍କର ଥିଲା; ସେମାନେ ସକଳପ୍ରକାର ଶପଥ ନେଇଥିଲେ ଏବଂ ଏକ ନିର୍ଦ୍ଦିଷ୍ଟ ଶାସନ ଗ୍ରହଣ କରିଥିଲେ । ମାତ୍ର କଂଗ୍ରେସ ସେପରି କିଛି କରି ନ ଥିଲା, ମୁଁ ସେପରି କିଛି କରି ନ ଥିଲି । ଏହା ଏକ ଆଧ୍ୟାତ୍ମିକ ଏବଂ ରହସ୍ୟପୂର୍ଣ୍ଣ କାରଣ ପରି ମୋତେ ମନେହେଲା—ଏଥିରେ ଆମର ଆଦୌ ଆଗ୍ରହ ନାହିଁ—ଏଥିପାଇଁ ଆମକୁ

Digitized by srujanika@gmail.com

ଏପାଖ ସେପାଖ ଠେଲିଦିଆଯିବ କାହିଁକି ? ଏହାକୁ ଭିତ୍ତି କରି କୌଣସି ରାଜନୀତିକ ଆନ୍ଦୋଳନ କଳ୍ପନା କରାଯାଇ ପାରେ କି ? ମୁଁ ସତ୍ୟାଗ୍ରହର ନୈତିକ ତଥ୍ୟ ଯାହା ବୁଝିଥିଲି ତାହା ଇଚ୍ଛାନୁସାରେ ଗ୍ରହଣ କରିଥିଲି (କେତେକ ସୀମାବଦ୍ଧ ଭାବରେ ମୁଁ ସ୍ୱୀକାର କରୁଛି ।) ଏହାର ମୂଳ ତତ୍ତ୍ୱ ମୋର ହୃଦୟକୁ ସ୍ପର୍ଶ କରିଥିଲା ଏବଂ ଏହା ରାଜନୀତିକୁ ଏକ ଉଚ୍ଚ ଓ ଉଦାର ସୀମାକୁ ଉଠାଉଥିବା ପରି ମୋର ମନେ ହେଉଥିଲା । ମୁଁ ମଧ୍ୟ ଏହା ମାନିବାକୁ ପ୍ରସ୍ତୁତ ଥିଲି, କେବଳ ଲକ୍ଷ ପାଇଁ ଯେ କୌଣସି ଉପାୟ ସମର୍ଥନ କରାଯାଇ ପାରେ ନା । ମାତ୍ର ଏହି ନୂତନ ପରିସ୍ଥିତି ବା ବ୍ୟାଖ୍ୟା ଆହୁରି ଅଗେଇ ଯାଇଥିଲା ଏବଂ ଏଥିରେ କେତେକ ସମ୍ଭାବନା ଦେଖି ମୁଁ ଭୀତ ହେଲି ।

ଏହି ସମସ୍ତ ବିବୃତି ମୋତେ ଅତ୍ୟଧିକ ପରିମାଣରେ ଭୀତ ଓ ଉଦ୍ବେଳିତ କଲା । ଶେଷରେ ସେ କଂଗ୍ରେସ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ, "ସେମାନେ ଆତ୍ମତ୍ୟାଗ ଏବଂ ସ୍ୱେଚ୍ଛାକୃତ ଦାରିଦ୍ର୍ୟ କଳା ଓ ସୌନ୍ଦର୍ଯ୍ୟ ଅବଶ୍ୟ ଶିଖିବେ । ସେମାନେ ଅବଶ୍ୟ ଜାତି ସଙ୍ଗଠନ କାର୍ଯ୍ୟରେ ନିଜକୁ ନିୟୋଗ କରିବେ—ନିଜେ ହାତରେ ସୂତାକାଟି ଓ ଲୁଗା ବୁଣି ଖଦଡ଼ ପ୍ରଚାର କରିବେ, ଜୀବନର ପ୍ରତ୍ୟେକ ପଦକ୍ଷେପରେ ପରସ୍ପର ପ୍ରତି ଅସନ୍ଦେହ ବ୍ୟକ୍ତିଗତ ଆଚରଣ ଦ୍ୱାରା ହାର୍ଦ୍ଦିକ ସାମ୍ପ୍ରଦାୟିକ ଏକତା ପ୍ରଚାର, ନିଜର ବ୍ୟକ୍ତିଗତ ଜୀବନରେ ସକଳ ଆକାର ଓ ପ୍ରକାରର ଅସ୍ପୃଶ୍ୟତା-ନାଶ, ମଦ୍ୟ ଓ ଅନ୍ୟ ନିଶା ଦ୍ରବ୍ୟ ଖାଉଥିବା ଲୋକଙ୍କ ସହିତ ବ୍ୟକ୍ତିଗତ ଭାବରେ ସମ୍ପର୍କ ସ୍ଥାପନ କରି ଏବଂ ସାଧାରଣ ବ୍ୟକ୍ତିଗତ ବିଶୁଦ୍ଧତା ଦେଖାଇ ତାହା ସମ୍ପୂର୍ଣ୍ଣ ବର୍ଜନ କରିବା ନିମନ୍ତେ ପ୍ରଚାର । ଏହିସବୁ ସେବାପାଇଁ ଦରିଦ୍ର ଲୋକପରି ଜୀବନଯାତ୍ରା ଚଳାଇବାକୁ ହେବ, ଯେଉଁମାନଙ୍କ ପକ୍ଷରେ ଦରିଦ୍ରଭାବରେ ଜୀବନ ଧାରଣ ସମ୍ଭବ ନ ହେବ, ସେମାନେ ଅସଙ୍ଗଠିତ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଛୋଟ ଛୋଟ ଶିଳ୍ପ ଧରି ପାରନ୍ତି—ଏଥିରେ ଅଧିକ ଆୟ ହେବ ।"

Digitized by srujanika@gmail.com

ଏହି ରାଜନୈତିକ କର୍ମପନ୍ଥା ଆମକୁ ଅନୁସରଣ କରିବାକୁ ହେବ ! ଦେଖାଗଲା ଗାନ୍ଧିଜୀ ଓ ମୋ ଭିତରେ ବହୁଦୂର ବ୍ୟବଧାନ ରହିଛି । ଯନ୍ତ୍ରଣାରେ ଆଘାତ ପାଇ ମୁଁ ଅନୁଭବ କଲି ଯେ ଅନେକ ବର୍ଷ ଧରି ତାଙ୍କ ପ୍ରତି ମୋର ଯେ ଅନୁରକ୍ତିର ବନ୍ଧନ ଥିଲା, ତାହା ଛିନ୍ନ ହୋଇଗଲା । ଅନେକଦିନ ହେଲା ମୋ ଭିତରେ ଏକ ମାନସିକ ଦ୍ୱନ୍ଦ୍ୱ ଚାଲିଛି । ଗାନ୍ଧିଜୀ ଯାହାସବୁ କରିଛନ୍ତି ସେଥିରୁ ଅନେକ କଥା ମୋର ପସନ୍ଦ ହୋଇନାହିଁ—ମୁଁ ବୁଝିପାରିନି ନାହିଁ । ଆଇନ ଅମାନ୍ୟ ଚାଲିଥିବା ସମୟରେ ଏବଂ ତାଙ୍କର ସହକର୍ମୀମାନେ ସଂଗ୍ରାମ ଭିତରେ ପଡ଼ିଥିବାବେଳେ ତାଙ୍କର ଅନଶନ ଓ ଅନ୍ୟ ସମସ୍ୟାରେ ମନୋନିବେଶ, ନାନା ବ୍ୟକ୍ତିଗତ ଓ ଅମୂର୍ତ୍ତ କାର୍ଯ୍ୟ—ଯାହା ଫଳରେ ବାହାରେ ଥାଇ ସୁଦ୍ଧା କୌଣସି ପ୍ରକାର ରାଜନୈତିକ କାର୍ଯ୍ୟରେ ଯୋଗ ନ ଦେବା ନିମନ୍ତେ ତାଙ୍କର ଶପଥ ଗ୍ରହଣ, ତାଙ୍କର ନୂତନ ଅଭିଯାନ ଓ ଶପଥ, ଯାହା ଫଳରେ ଅନେକ ସହକର୍ମୀଙ୍କ ସହିତ ନେଇଥିବା ପୁରାତନ ଶପଥ ଓ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଥିଲେ ସୁଦ୍ଧା ପଛକୁ ପଡ଼ିଗଲା—ଏହି ସବୁ ବିଷୟ ମୋତେ ଉତ୍ପୀଡ଼ନ କଲା । ମୁଁ ଜେଲ ବାହାରେ ଥିବା ଅଳ୍ପକ୍ଷଣ ଭିତରେ ମଧ୍ୟ ଏହା ଏବଂ ଅନ୍ୟ ମତଭେଦ ସବୁ ଅନ୍ୟ ସମୟ ଅପେକ୍ଷା ଅଧିକ ଅନୁଭବ କରିଥିଲି । ଗାନ୍ଧିଜୀ କହିଥିଲେ ଯେ ଆମ ଭିତରେ ପ୍ରକୃତିଗତ ମତଭେଦ ରହିଛି । ମାତ୍ର ଏହା ହୁଏତ 'ପ୍ରକୃତିଗତ ପାର୍ଥକ୍ୟ'ଠାରୁ ଆହୁରି ଅଧିକ, ଏବଂ ମୁଁ ବୁଝିପାରିଲି ଯେ କେତେକ ବିଷୟରେ ମୋର ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଧାରଣା ରହିଛି—ସେ ଏହାର ସମ୍ପୂର୍ଣ୍ଣ ବିରୋଧୀ । ମାତ୍ର ଅତୀତରେ ଆମର ବୃହତ୍ତର ଅନୁରକ୍ତି—ଜାତୀୟ ସ୍ୱାଧୀନତା—ଯାହା ଲାଗି କଂଗ୍ରେସ କାର୍ଯ୍ୟ କରୁଛି – ତାହା ଆଗରେ ମୁଁ ଯେତେଦୂର ପାରେ ଏହାକୁ ଚୁପି ରଖିଥିଲି । ମୁଁ ମୋର ନେତା ଓ ସହକର୍ମୀଙ୍କ ପ୍ରତି ଅନୁରକ୍ତ ଓ ବିଶ୍ୱାସୀ ହେବାକୁ ଚେଷ୍ଟା କରିଛି, କାରଣ ମୋର ମାନସିକ ଗତି ଯାହା ସେଥିରେ କୌଣସି ଉଦ୍ଦେଶ୍ୟ ଏବଂ ସହକର୍ମୀଙ୍କ ପ୍ରତି ଅନୁରାଗକୁ ମୁଁ ବଡ଼ ସ୍ଥାନ ଦିଏ । ମୋର ନୈତିକ ବିଶ୍ୱାସରୁ ମୁଁ ଅନ୍ୟ ଆଡ଼କୁ ଟାଣି ହୋଇ ଯାଉଛି ବୋଲି ଯେତେବେଳେ ଅନୁଭବ କରେ ସେତେବେଳେ

Digitized by srujanika@gmail.com

ନିଜ ଭିତରେ ମୁଁ ବହୁ ଦ୍ୱନ୍ଦ୍ୱ ଭରିଛି । କୌଣସିମତେ ମୁଁ ଏକ ମିଳାମିଶା କରିନେଇଛି । ବୋଧହୁଏ ମୁଁ ଭୁଲ କରୁଛି, କାରଣ ନିଜ ବିଶ୍ୱାସକୁ ଛାଡ଼ିଦେବା କାହାର ପକ୍ଷରେ ଠିକ୍ ନୁହେଁ; ମାତ୍ର ଆଦର୍ଶର ଏହି ଦ୍ୱନ୍ଦ୍ୱ ଭିତରେ ମୁଁ ମୋର ସହକର୍ମୀଙ୍କ ପ୍ରତି ଅନୁକୂଳ ଧାରା ରଖିଛି ଏବଂ ଆଶା କରିଥିଲି ଯେ ଘଟଣା ଏବଂ ପରିସ୍ଥିତିର ଦ୍ରୁତ ପରିବର୍ତ୍ତନରେ ଆଜି ମୋ ମନ ଅସ୍ଥିର କରୁଥିବା ଅସୁବିଧା ସବୁ ସମାଧାନ ହୋଇଯିବ ଏବଂ ମୋର ସହକର୍ମୀମାନେ ମୋ ଦୃଷ୍ଟିକୋଣର ନିକଟବର୍ତ୍ତୀ ହୋଇଯିବେ ।

କିନ୍ତୁ ବର୍ତ୍ତମାନ କ'ଣ ହେବ ? ହଠାତ୍ ଆଲମୁରା ଜେଲର ସେହି ନିର୍ଜନ କୋଠରୀରେ ମୋତେ ଏକୁଟିଆ ବୋଧ ହେଲା । ଜୀବନ ଅତି ନୀରସ ମନେ ହେଲା—କଠୋର ବିଷାଦପୂର୍ଣ୍ଣ ମନେହେଲା । ମୁଁ ଯେଉଁସବୁ କଠୋର ଶିକ୍ଷା ପାଇଥିଲି ସେଥିଭିତରୁ କଠିନତର ଏବଂ ଅତି ଯନ୍ତ୍ରଣାଦାୟକ ବ୍ୟାପାର ମୋର ସମ୍ମୁଖୀନ ହେଲା; କୌଣସି ଚରମ ବ୍ୟାପାରରେ କାହାରି ଉପରେ ବିଶ୍ୱାସ କରିବା ସମ୍ଭବ ନୁହେଁ । ଜଣକୁ ଜୀବନ ପଥରେ ଯାତ୍ରା କରିବାକୁ ହେବ; ଅନ୍ୟମାନଙ୍କଠାରେ ନିର୍ଭର କରିବା ଅର୍ଥ ହୃଦୟଭଙ୍ଗ ହେବାକୁ ନିମନ୍ତ୍ରଣ କରିବା ।

ମୋର ସଞ୍ଚିତ ବିରକ୍ତି ଧର୍ମ ଓ ଧାର୍ମିକ ଦୃଷ୍ଟିକୋଣ ଉପରେ ପଡ଼ିଲା । ସବୁଲି ଚିନ୍ତାର ସ୍ପଷ୍ଟତା ଏବଂ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ଏହା ବଡ଼ ଶତ୍ରୁ—କାରଣ ଏହା ଭାବାବେଗ ଏବଂ ପ୍ରବୃତ୍ତି ଉପରେ ପ୍ରତିଷ୍ଠିତ ନୁହେଁ କି ? ଏହା ଆଧ୍ୟାତ୍ମିକ ବୋଲି ଧରି ନିଆଯାଏ, ମାତ୍ର ପ୍ରକୃତ ଆଧ୍ୟାତ୍ମିକତା ଓ ଆଧ୍ୟାତ୍ମ ଭାବରୁ ଏହା କେତେଦୂରରେ ପଡ଼ିଛି ? ପରଲୋକ ଦୃଷ୍ଟିରେ ଚିନ୍ତା କରୁଥିବାରୁ ମନୁଷ୍ୟର ମୂଲ୍ୟ ସାମାଜିକ ମୂଲ୍ୟ ଏବଂ ସାମାଜିକ ନ୍ୟାୟର ମୂଲ୍ୟ ସମ୍ବନ୍ଧରେ ଏହାର କୌଣସି ଧାରଣା ନାହିଁ । ପୂର୍ବ ନିର୍ଦ୍ଦିଷ୍ଟ ଧାରଣାକୁ ଧରି ଏହା ବାସ୍ତବତାପ୍ରତି ଆଖି ବୁଜିଦିଏ—କାରଣ ଭୟ ଯେ, ବାସ୍ତବତା ହୁଏତ ଏହା ସହିତ ଖାପ ନ ଖାଇପାରେ । ଏହା ନିଜକୁ ସତ୍ୟ ଉପରେ ପ୍ରତିଷ୍ଠା କରେ ଅଥଚ ଏହା ଏବଂ ସମସ୍ତ ସତ୍ୟଜାଣିଥିବା ସମ୍ବନ୍ଧରେ

Digitized by srujanika@gmail.com

ଏହା ଏପରି ନିଶ୍ଚିତ ଯେ ଏହା ଖୋଜିବା ପାଇଁ ମୋତେ ଚେଷ୍ଟା କରେ ନା; କେବଳ ଅନ୍ୟମାନଙ୍କୁ ଏହି ସଂପର୍କରେ କହିବାକୁ ଲାଗେ । ସତ୍ୟ ପ୍ରତି ଇଚ୍ଛା ଏବଂ ବିଶ୍ୱାସ କରିବା ପ୍ରବୃତ୍ତି ଏକ କଥା ନୁହେଁ । ଏହା ଶାନ୍ତି କଥା କହେ, ଅଥଚ ଯେଉଁସବୁ ପ୍ରଥା ଏବଂ ଅନୁଷ୍ଠାନ ହିଂସା ବିନା ତିଷ୍ଠିପାରେ ନାହିଁ, ଏହା ତାକୁ ସମର୍ଥନ କରେ । ଏହା ତରବାରିର ହିଂସା ନିନ୍ଦାକରେ, ମାତ୍ର ନୀରବ ଭାବରେ ଓ ଶାନ୍ତ ପୋଷାକ ପିନ୍ଧି ଯେଉଁ ହିଂସା ମାଗି ମନୁଷ୍ୟଙ୍କୁ ଅର୍ଦ୍ଧାହାରୀ କରେ ଓ ହତ୍ୟା କରେ ସେ ସମ୍ବନ୍ଧରେ କ'ଣ କରେ; ଅଥବା ଆହୁରି ଖରାପ କଥା ହେଉଛି ଯେ କୌଣସି ବାହ୍ୟିକ ଶାରୀରିକ କ୍ଷତି ନ ପହୁଞ୍ଚାଇ ଏହା ମନଉପରେ ଅତ୍ୟାଚାର କରେ, ଭାବ ଧ୍ୱଂସ କରେ ଏବଂ ହୃଦୟକୁ ଭାଙ୍ଗିଦିଏ ? ଏ ସମ୍ବନ୍ଧରେ ଏହା ନୀରବ ।

ମୋ ଭିତରେ ଏହିସବୁ ଆଲୋଡ଼ନ ଯାହାଙ୍କ ପାଇଁ ହେଉଛି ତା'ପରେ ମୁଁ ତାଙ୍କ କଥା ଭାବିଲି । ଗାନ୍ଧିଜୀ କିପରି ଅଦ୍ଭୁତ ଲୋକ—ତାଙ୍କର କିପରି ଅଦ୍ଭୁତ ଓ ପ୍ରାୟ ଅପ୍ରତିହତ ଶକ୍ତି ଏବଂ ଲୋକଙ୍କ ଉପରେ କି ସୂକ୍ଷ୍ମ ପ୍ରଭାବ । ତାଙ୍କ ଲେଖା ଓ କଥାରେ ତାଙ୍କୁ ବୁଝିହେବ ନାହିଁ; ଏଥିରେ ଜଣଙ୍କର ଯାହା ଧାରଣା ହେବ ତାହାପେକ୍ଷା ତାଙ୍କ ବ୍ୟକ୍ତିତ୍ୱ ଅନେକ ବଡ଼ । ତାଙ୍କର ଭାରତ ପ୍ରତି କି ବିପୁଳ ସେବା ! ସେ ଭାରତର ଲୋକଙ୍କ ଭିତରେ ସାହସ ଓ ମନୁଷ୍ୟତା ପ୍ରବେଶ କରାଇଛନ୍ତି ଶୃଙ୍ଖଳା ଓ ସହିଷ୍ଣୁ ଭାବ ଦେଇଛନ୍ତି—ଏକ ଉଦ୍ଦେଶ୍ୟ ଲାଗି ଆନନ୍ଦରେ ଜୀବନ ତ୍ୟାଗ କରିବାର ଶକ୍ତି ଏବଂ ସମସ୍ତ ନମ୍ରତା ସତ୍ତ୍ୱେ ଆତ୍ମମର୍ଯ୍ୟାଦା ବୋଧ ଦେଇଛନ୍ତି । ସେ କହନ୍ତି ସାହସ ହେଉଛି ଚରିତ୍ର ଗଠନର ନିଶ୍ଚିତ ଭିତ୍ତି—ସାହସ ବିନା ନୈତିକତା, ଧର୍ମ, ପ୍ରେମର କିଛି ଅର୍ଥ ନାହିଁ । "ଯେପର୍ଯ୍ୟନ୍ତ ଲୋକ ଭୟଭୀତ ହେଉଛି ସେ ପର୍ଯ୍ୟନ୍ତ ସେ ସତ୍ୟ ବା ପ୍ରେମ ଅନୁସରଣ କରି ପାରେ ନା ।" ହିଂସାପ୍ରତି ତାଙ୍କର ଘୃଣା ସତ୍ତ୍ୱେ ସେ ଆମକୁ କହିଛନ୍ତି "ଭୀରୁତା ହିଂସା ଅପେକ୍ଷା ଅଧିକ ଘୃଣ୍ୟ ।" "ଯେଉଁ ଲୋକ ପ୍ରକୃତରେ କିଛି କରିବାକୁ ଚାହେଁ ତାହା ପକ୍ଷରେ ଶୃଙ୍ଖଳାକୁ ଶପଥ ଭାବରେ ଗ୍ରହଣ କରିବା ଦରକାର । ତ୍ୟାଗ, ଶୃଙ୍ଖଳା ଏବଂ ଆତ୍ମସଂଯମ ଛଡ଼ା କୌଣସି ମୁକ୍ତି ଏବଂ ଆଶା ନାହିଁ । ଶୃଙ୍ଖଳା

Digitized by srujanika@gmail.com

ବ୍ୟତୀତ ତ୍ୟାଗ ଫଳପ୍ରଦ ହେବ ନାହିଁ ।" ଏହା କେବଳ କଥା—ଶୁଦ୍ଧ ବାକ୍ୟ ମାତ୍ର, ଏହା ଶୂନ୍ୟ ବଚନଗର୍ଭ ମନେହୋଇପାରେ, କିନ୍ତୁ ଏହି ବାକ୍ୟ ପଛରେ ଶକ୍ତି ଅଛି । ଭାରତ ଜାଣେ ଏହି ଯୁଦ୍ଧ ନେତାଙ୍କର କଥାନୁସାରେ କାର୍ଯ୍ୟ କରିବାର ଶକ୍ତି ଅଛି ।

ସେ ଅଦ୍ଭୁତ ଶବ୍ଦମାନଙ୍କରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଏହି ପୁରାତନ ପୀଡ଼ିତ ଦେଶର ମର୍ମକଥା ପ୍ରକୃତରୂପେ ପ୍ରକାଶ କରିବା-ପାଇଁ ଆସିଛନ୍ତି । ସେ ଯେପରି ଭାରତବର୍ଷ ଏବଂ ତାଙ୍କର ଦୁର୍ବଳତା ଯେପରି ଭାରତର ଦୁର୍ବଳତାରେ ପରିଣତ ହୁଏ । ତାଙ୍କପ୍ରତି ଅବଜ୍ଞାଭାବ ବ୍ୟକ୍ତିଗତ କଥା ନୁହେଁ—ଏହା ଜାତି ପକ୍ଷରେ ଅପମାନ । ବଲ୍ଡୱିନ୍ ପ୍ରଭୃତି ଯେଉଁମାନେ ଏହି ଘୃଣାଭାବ ଦେଖାନ୍ତି ସେମାନେ କିପରି ବିପଜ୍ଜନକ ଶସ୍ୟର ବୀଜ ବପନ କରୁଛନ୍ତି ତାହା ବୁଝିପାରନ୍ତି ନାହିଁ । ମୋର ମନେଅଛି ୧୯୩୧ ମସିହା ଡିସେମ୍ବର ମାସ,ରେ ଗାନ୍ଧିଜୀ ଗୋଲଟେବୁଲ ବୈଠକରୁ ଫେରୁଥିଲା ବେଳେ ପୋପ୍ ଗାନ୍ଧିଜୀଙ୍କ ସହିତ ସାକ୍ଷାତ୍ ଦେବାକୁ ଅସ୍ୱୀକାର କରିବାରୁ ମୁଁ କିପରି ମର୍ମାହତ ହୋଇଥିଲି । ଏହି ଅସ୍ୱୀକାର ଭାରତ ପ୍ରତି ଗୋଟିଏ ଅପମାନ ପରି ମୋର ମନେହେଲା—ଏଥିରେ ସନ୍ଦେହ ନାହିଁ, ଜାଣି ଶୁଣି ଏହି ଅସ୍ୱୀକାର କରାଯାଇଥିଲା—ଯଦିଓ ଅପମାନ କଥା ହୁଏତ କଳ୍ପନାରେ ନଥିଲା । କାଥଲିକ ଗିର୍ଜା ନିଜ ଧର୍ମ ବାହାରେ ମହାପୁରୁଷ ବା ମହାତ୍ମାମାନଙ୍କୁ ପସନ୍ଦ କରେ ନା—କେତେକ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ ଗାନ୍ଧିଜୀଙ୍କୁ ଏକ ମହାନ୍ ପୁରୁଷ ଏବଂ ପ୍ରକୃତ ଖ୍ରୀଷ୍ଟିୟାନ୍ ବୋଲି କହୁଥିବାରୁ ଏହି ଧର୍ମବିରୁଦ୍ଧ ପାପଠାରୁ ଦୂରରେ ରହିବାକୁ ବେଶ ଅଧିକ ପ୍ରୟୋଜନ ମନେ କରୁଥିଲା ।

ଠିକ୍ ଏହି ସମୟରେ ୧୯୩୪ ମସିହା ଏପ୍ରିଲ ମାସରେ ଆଲିପୁର ଜେଲରେ ମୁଁ ବର୍ଣ୍ଣାର୍ଡ ଶଙ୍କର ନୂତନ ନାଟକ ସବୁ ପଢ଼ିଲି—'ଅନ୍ ଦି ରକ୍ସ' (On the Rocks) ର ମୁଖବନ୍ଧ ପଢ଼ିଲି—ପାଇଲେଟ୍ ଓ ଖ୍ରୀଷ୍ଟଙ୍କ ଭିତରେ ଆଲୋଚନା ମୋତେ ମୁଗ୍ଧ କରିଥିଲା । ଅନ୍ୟ ଏକ

Digitized by srujanika@gmail.com

ସାମ୍ରାଜ୍ୟ ଅନ୍ୟ ଏକ ଧାର୍ମିକ ଲୋକର ସମ୍ମୁଖୀନ ହୋଇଥିବାବେଳେ ଏହାର ଅଧିକ ନିମ୍ନମହତ୍ତ୍ୱ ଜଣାପଡ଼ିଲା । ଏହି ମୁଖବନ୍ଧରେ ଯୀଶୁ ପାଇ-ଲେଟଙ୍କୁ କହୁଛନ୍ତି "ମୁଁ ତମକୁ କହୁଛି, ଭୟ ଛାଡ଼ିଦିଅ । ରୋମର ମହତ୍ତ୍ୱ ସମ୍ବନ୍ଧରେ ବଡ଼ ବଡ଼ କଥା ଆଉ ମୋତେ କହ ନାହିଁ । ରୋମର ଯାହା ମହତ୍ତ୍ୱ ବୋଲି ତମେ କହୁଛ ତାହା ଭୟ ଛଡ଼ା ଆଉ କିଛି ନହେଁ; ଅତୀତ ଭୟ, ଭବିଷ୍ୟତ ଭୟ, ଦରିଦ୍ରର ଭୟ, ଧନୀର ଭୟ, ବଡ଼ ବଡ଼ ଧର୍ମଯାଜକଙ୍କ ଭୟ, ଶିକ୍ଷିତ ଇହୁଦୀ ଓ ଗ୍ରୀକମାନଙ୍କ ଭୟ, ବର୍ବର ଗଲ୍, ଗୋଥ ଏବଂ ହୂନ୍‌ମାନଙ୍କର ଭୟ, କାର୍ଥେଜର ଭୟରୁ ରକ୍ଷା ପାଇବା ନିମନ୍ତେ ତମେ ତାକୁ ଧ୍ୱଂସ କଲ ବୋଲି ତାର ଭୟ, ବର୍ତ୍ତମାନ ସାମ୍ରାଜ୍ୟବାଦୀ ସିଜରଙ୍କୁ ତାଠାରୁ ଅଧିକ ଭୟ, ତାଙ୍କୁ ତମେ ମୂର୍ତ୍ତିମନ୍ତ କରି ସୃଷ୍ଟି କଲ—ମୋ ପରି କପର୍ଦ୍ଦକହୀନ, ନିର୍ଯ୍ୟାତିତ ଓ ଉପହସିତ ଲୋକଙ୍କୁ ମଧ୍ୟ ତୁମ୍ଭର ଭୟ, ଭଗବାନଙ୍କ ଶାସନ ଛଡ଼ା ଅନ୍ୟ ସବୁରି ଭୟ; ରକ୍ତ, ଲୌହ ଏବଂ ସୁବର୍ଣ୍ଣ ଛଡ଼ା ଅନ୍ୟ କେଉଁଥିରେ ବିଶ୍ୱାସ ନାହିଁ, ତମେ ଯେ ସବୁ ରୋମ ପକ୍ଷରେ କହୁଛ, ସେମାନେ ସମସ୍ତେ କାପୁରୁଷ; ମୁଁ ଭଗବାନଙ୍କ ରାଜ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଥିବାରୁ ସାହସର ସହିତ ସବୁ କଥାରେ ସମ୍ମୁଖୀନ ହୋଇଛି, ସବୁ କଷ୍ଟ ସହିଛି ଏବଂ ଏକ ଚିରସ୍ଥାୟୀ ମୁକୁଟ ଉପଲବ୍ଧି କରିଛି ।"

ଗାନ୍ଧିଜୀଙ୍କର ମହତ୍ତ୍ୱ, ଭାରତ ପ୍ରତି ତାଙ୍କର ସେବା କିମ୍ବା ବ୍ୟକ୍ତିଗତ ଭାବରେ ମୁଁ ତାଙ୍କ ନିକଟରେ କେତେ ଋଣୀ ସେ ପ୍ରଶ୍ନ ଏଠାରେ ଉଠୁନାହିଁ । ଏସବୁ ସତ୍ତ୍ୱେ ସେ ଅନେକ ବ୍ୟାପାରରେ ମରାତ୍ମକ ଭୁଲ କରିପାରନ୍ତି । ମୋଟ ଉପରେ ତାଙ୍କର ଲକ୍ଷ୍ୟ କ'ଣ ? ଅନେକବର୍ଷ ହେଲା ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ସତ୍ତ୍ୱେ ତାଙ୍କର ଲକ୍ଷ୍ୟ ସମ୍ବନ୍ଧରେ ମୋ ମନରେ ସ୍ପଷ୍ଟ ଧାରଣା ହୋଇ ନଥିଲା । ତାଙ୍କର ନିଜର ପରିଷ୍କାର ଧାରଣା ଅଛି କି ନା ମୋ ସନ୍ଦେହ । ସେ କହନ୍ତି ଏକ ପଦକ୍ଷେପହିଁ ମୋ ପକ୍ଷରେ ଯଥେଷ୍ଟ—ସେ ଭବିଷ୍ୟତ ଭିତରେ ପ୍ରବେଶ କରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ସମ୍ମୁଖରେ ଗୋଟିଏ ସ୍ପଷ୍ଟ ଧାରଣା ରଖିବାକୁ ଚାହାନ୍ତି ନାହିଁ ।

Digitized by srujanika@gmail.com

ଚିନ୍ତାପ୍ରସୂତ ଦୃଷ୍ଟି ଦିଅ—ସମାପ୍ତି ବା ଲକ୍ଷ୍ୟ ଆପେ ଆପେ ଆସିପିବ—ଏକଥା ବାରମ୍ବାର କହିବାରେ ସେ କ୍ଲାନ୍ତ ଅନୁଭବ କରନ୍ତି ନାହିଁ, ତମର ବ୍ୟକ୍ତିଗତ ଜୀବନରେ ଉତ୍ତମ ଆଚରଣ କର—ଅନ୍ୟ କଥା ସବୁ ସଙ୍ଗେ ସଙ୍ଗେ ଆସିପିବ । ଏହା ଏକ ରାଜନୀତିକ ବା ବୈଜ୍ଞାନିକ ମନୋଭାବ ନୁହେଁ, ଏହା ବୋଧହୁଏ ନୈତିକ ମନୋଭାବ ମଧ୍ୟ ନୁହେଁ । ଏହା ସଙ୍କୀର୍ଣ୍ଣ ନୀତିବାଦ ଏବଂ ଏଥିରେ ପ୍ରଶ୍ନ ଉଠେ—ଭଲ କ'ଣ ? ଏହା କେବଳ ବ୍ୟକ୍ତିଗତ ବ୍ୟାପାର ନା ସାମାଜିକ ବ୍ୟାପାର ? ଗାନ୍ଧିଜୀ ଆଚରଣ ଉପରେ ବେଶୀ ଜୋର ଦିଅନ୍ତି—ବୁଦ୍ଧିର ଶିକ୍ଷା ଓ ଉନ୍ନତି ପ୍ରତି ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । ଚରିତ୍ର ବିନା ବୁଦ୍ଧି ବିପଜ୍ଜନକ ହେବାର ସମ୍ଭାବନା, ମାତ୍ର ବୁଦ୍ଧି ବ୍ୟତୀତ ଚରିତ୍ର ବା କ'ଣ ? ବାସ୍ତବିକ ଚରିତ୍ର କିପରି ଉନ୍ନତି ଲାଭ କରେ ? ଗାନ୍ଧିଜୀଙ୍କୁ ମଧ୍ୟଯୁଗର ଖ୍ରୀଷ୍ଟିୟାନ ଋଷିଙ୍କ ସହିତ ତୁଳନା କରାଯାଏ—ତାଙ୍କର ଅନେକ କଥା ଏଥିସହିତ ଖାପ ଖାଇଲା ପରି ଜଣାପଡ଼େ । ଏହା ଆଧୁନିକ ମାନସିକ ଅନୁଭୂତି ଓ ଚିନ୍ତା ସହିତ ଆଦୌ ଖାପ ଖାଏ ନାହିଁ ।

ଏହା ଯାହା ହେଉ ପଛକେ କୌଣସି ଲକ୍ଷ୍ୟ ସମ୍ବନ୍ଧରେ ଅସ୍ପଷ୍ଟତା ମୋତେ ନିନ୍ଦନୀୟ ପରି ମନେ ହୁଏ । କାର୍ଯ୍ୟକୁ ଫଳପ୍ରଦ କରିବାକୁ ହେଲେ ସମାପ୍ତି ବିଷୟରେ ସ୍ପଷ୍ଟ ଧାରଣା ଥିବା ଦରକାର । ଜୀବନ କେବଳ ଯୁକ୍ତି—ସମଷ୍ଟି ନୁହେଁ—ଏହା ସହିତ ଖାପଖୁଆଇବା ନିମନ୍ତେ ସମାପ୍ତିକୁ ବାରମ୍ବାର ଭିନ୍ନ କରିବାକୁ ହେବ, ମାତ୍ର କୌଣସି ଗୋଟିଏ ଲକ୍ଷ୍ୟ ପରିଷ୍କାରରୂପେ ଦୃଷ୍ଟିପଥରେ ଥିବା ଦରକାର ।

ମୋର ଅନୁମାନ ଗାନ୍ଧିଜୀ ଯେପରି ଜଣାପଡ଼ନ୍ତି ଲକ୍ଷ୍ୟ ବିଷୟରେ ସେ ସେତେ ଅସ୍ପଷ୍ଟ ନୁହନ୍ତି । ସେ ଏକ ଦିଗରେ ଯିବା ନିମନ୍ତେ ଆବେଗର ସହିତ ଆକାଂକ୍ଷା କରନ୍ତି, ମାତ୍ର ଏହା ଆଧୁନିକ ଭାବ ଓ ଅବସ୍ଥା ସହିତ ସମ୍ପୂର୍ଣ୍ଣ ପୃଥକ ଏବଂ ଏ ପର୍ଯ୍ୟନ୍ତ ସେ ଦୁଇଟି ଭିତରେ ସାମଞ୍ଜସ୍ୟ ଆଣିବାରେ ଅସମର୍ଥ ହୋଇଛନ୍ତି କିମ୍ବା ତାଙ୍କର ଲକ୍ଷ୍ୟ ହାସଲପାଇଁ ମଧ୍ୟବର୍ତ୍ତୀ ଚିନ୍ତା

Digitized by srujanika@gmail.com

ବାହାର କରିପାରି ନାହାନ୍ତି । ସେଥିପାଇଁ ଅସ୍ପଷ୍ଟତା ଓ ପରସ୍ପରର ଅଭାବ ଦେଖାଯାଏ । ମାତ୍ର ସେ ଦକ୍ଷିଣ ଆଫ୍ରିକାରେ ତାଙ୍କର ଦର୍ଶନ ଗଢ଼ିବା ଦିନଠାରୁ ପ୍ରାୟ ୨୫ବର୍ଷ ହେଲା ତାଙ୍କର ମନର ଗତି କେଉଁଆଡ଼େ ତାହା ସ୍ପଷ୍ଟ ଜଣାପଡ଼େ । ସେହିକାଳର ଲେଖାସବୁ ଏବେ ସୁଦ୍ଧା ତାଙ୍କମତ ସହିତ ମିଳୁଛି କି ନା ମୋତେ ଜଣାନାହିଁ । ଏଗୁଡ଼ିକ ସମ୍ପୂର୍ଣ୍ଣରୂପେ ତାଙ୍କ ମତ ବୋଲି ମୋର ସନ୍ଦେହ, ମାତ୍ର ତାଙ୍କ ଚିନ୍ତା ପଛରେ କ'ଣ ଅଛି ତାହା ବୁଝିବାରେ ଏହା ସାହାଯ୍ୟ କରେ ।

ସେ ୧୯୦୯ ରେ ଲେଖିଥିଲେ "ଭାରତ ଗତ ୫୦ ବର୍ଷ ହେଲା ଯାହା ଶିଖିଛି ତାହା ଭୁଲିଯିବାରେହିଁ ଭାରତର ମୁକ୍ତି ନିର୍ଭର କରେ । ରେଳବାଇ, ଟେଲିଗ୍ରାଫ୍, ହାସପାତାଳ, ଓକିଲ, ଡାକ୍ତର ଇତ୍ୟାଦି ସବୁର ଅବସାନ ହେବା ଦରକାର; ତଥାକଥିତ ଉଚ୍ଚଶ୍ରେଣୀଙ୍କୁ ସଚେତନ, ଧାର୍ମିକ ଓ ଜ୍ଞାତସାରରେ ସରଳ କୃଷକ ଜୀବନ ଯାପନ ଶିକ୍ଷା କରିବାକୁ ପଡ଼ିବ—ଏହାହିଁ ପ୍ରକୃତ ସୁଖଦାୟକ ଜୀବନ ବୋଲି ବୁଝିବା ଦରକାର ।" ସେ ପୁଣି ଲେଖିଛନ୍ତି—"ମୁଁ ପ୍ରତ୍ୟେକଥର ରେଳଗାଡ଼ି ବା ମଟରଗାଡ଼ିରେ ଚଢ଼ିବା ମାତ୍ରେ ମନେ କରେ ଯେ ମୁଁ ଯାହା ଠିକ୍ ବୋଲି ଗ୍ରହଣ କରେ ତାହା ପ୍ରତି ହିଂସା କରୁଛି ।" "ଅତ୍ୟନ୍ତ କୃତ୍ରିମ ଦ୍ରୁତଗାମୀ ଯାନବାହନଦ୍ୱାରା ଜଗତରେ ପ୍ରସାର ଚେଷ୍ଟା କରିବା ଅର୍ଥ ହେଉଛି ସମ୍ଭବପାଇଁ ଉଦ୍ୟମ କରିବା ।"

ଏହିସବୁ ମୋତେ ଅତ୍ୟନ୍ତ ଭୁଲ ଓ ଛଟଦାରକ ମତ ପରି ମନେ ହେଲା ଏବଂ ଏହା ଲାଭ କରିବା ଅସମ୍ଭବ । ଏହା ପଛରେ ଗାନ୍ଧିଜୀଙ୍କର ଦରିଦ୍ରତା, କଷ୍ଟବରଣ ଏବଂ ଋଷିଜୀବନପ୍ରତି ପ୍ରଶଂସା ଓ ଶ୍ରଦ୍ଧା ରହିଛି । ତାଙ୍କ ମତରେ ଅଭାବର ବୃଦ୍ଧି, ଜୀବନଯାତ୍ରା ପ୍ରଣାଳୀର ଅଭିବୃଦ୍ଧି ପ୍ରଗତି ଏବଂ ସଭ୍ୟତାର ପରିଚାୟକ ନୁହେଁ "ମାତ୍ର ସ୍ୱେଚ୍ଛାକୃତ ଭାବରେ ଓ ଜାଣିଶୁଣି ଅଭାବଗୁଡ଼ିକୁ ସୀମାବଦ୍ଧ କରିବାରେହିଁ ପ୍ରକୃତ ସୁଖ ଓ ସନ୍ତୋଷ ଲାଭ ହୁଏ ଏବଂ ସେବା କରିବାର ଶକ୍ତି ବୃଦ୍ଧିପାଏ ।" ଏହି

Digitized by srujanika@gmail.com

ମୂଳକଥା ଥରେ ଗ୍ରହଣ କରିଗଲେ ଗାନ୍ଧିଜୀଙ୍କ ଅନ୍ୟ ଚିନ୍ତାଧାରା ବୁଝିବା ସହଜ ହୋଇପାଏ ଏବଂ ତାଙ୍କ କାର୍ଯ୍ୟ ଭଲରୂପେ ବୁଝିହୁଏ । ମାତ୍ର ଆମ ଭକ୍ତଙ୍କ ଅଧିକାଂଶ ଏହି ମୂଳ ସିଦ୍ଧାନ୍ତ ଗ୍ରହଣ କରୁ ନା—ତଥାପି ପରେ ଯେତେବେଳେ ତାଙ୍କର କାର୍ଯ୍ୟ ଆମର ଇଚ୍ଛାନୁମୋଦିତ ନୁହେଁ ଆମେ ସେଥିରେ ଆପତ୍ତି କରୁ ।

ବ୍ୟକ୍ତିଗତ ଭାବରେ ମୁଁ ଦାରିଦ୍ର୍ୟ ଏବଂ କଷ୍ଟଭୋଗର ପ୍ରଶଂସା ଭଲପାଏ ନାହିଁ । ଏହା ଆଦୌ ବାଞ୍ଛନୀୟ ବୋଲି ମୋର ମନେ ହୁଏ ନା —ଏହାକୁ ଦୂରକରିବାକୁ ହେବ । ଋଷି ଜୀବନ ହୁଏତ ବ୍ୟକ୍ତିବିଶେଷଙ୍କ ପକ୍ଷରେ ଉପଯୋଗୀ ହୋଇପାରେ ମାତ୍ର ଏହାକୁ ସାମାଜିକ ଆଦର୍ଶରୂପେ ଗ୍ରହଣର ପକ୍ଷପାତୀ ମୁଁ ନୁହେଁ, ମୁଁ ସରଳତା, ସାମ୍ୟ ଆତ୍ମସଂଯମର ଅର୍ଥ ବୁଝେ ପସନ୍ଦ କରେ, ମାତ୍ର ଦେହକୁ କଷ୍ଟ ଦେବା ପସନ୍ଦ କରେ ନା । ଯେପରି ଜଣେ ଖେଳାଳିକୁ ନିଜ ଶରୀର ଦୋରସ୍ତ କରିବାକୁ ପଡ଼େ, ମୋର ମନେହୁଏ ମନ ଓ ଅଭ୍ୟାସକୁ ସେହିପରି ଶିକ୍ଷିତ କରି ନିଜ ଆୟତ୍ତରେ ଆଣିବାକୁ ହେବ । ଯେଉଁ ଲୋକ ଅତି ମାତ୍ରାରେ ଅସଂଯମୀ, ସେ ଅଧିକ କଷ୍ଟ ସହି ପାରିବ କିମ୍ବା ଅସାଧାରଣ ଆତ୍ମସଂଯମ ଦେଖାଇ ପାରିବ କିମ୍ବା ସଙ୍କଟ ସମୟରେ ବୀରରୂପେ କାର୍ଯ୍ୟ କରିପାରିବ, ଏହା ଆଶା କରିବା ବୃଥା ! ଶରୀର ଅବସ୍ଥା ଭଲ ରଖିବା ନିମନ୍ତେ ଯେତିକି ଶିକ୍ଷା ଆବଶ୍ୟକ ଚରିତ୍ର ରକ୍ଷା ନିମନ୍ତେ ଅନ୍ତତଃ ସେତିକି ନୈତିକ ଶିକ୍ଷା ଆବଶ୍ୟକ । ମାତ୍ର ଏହାର ଅର୍ଥ ଋଷିଜୀବନ ବା ଆତ୍ମପୀଡ଼ନ ନୁହେଁ ।

ମୁଁ ସରଳ 'କୃଷକ' ଜୀବନର ଆଦର୍ଶକୁ ଆଦୌ ପସନ୍ଦ କରେ ନା । ଏ କଥା ଶୁଣିଲେ ମୋର ଆତଙ୍କ ଜନ୍ମେ—ଏଥିରେ ନିଜକୁ ନ ମିଶାଇ ମୁଁ ବରଂ କୃଷକକୁ ଏଥିରୁ ଟାଣିଆଣିବାକୁ ଚାହେଁ; ଗ୍ରାମକୁ ସହରୀ କରିବାକୁ ଚାହେଁ ନା; ମାତ୍ର ସହରର ସଂସ୍କୃତି ଓ ସୁବିଧା ମଫସଲକୁ ନେଇଯିବାକୁ ଚାହେଁ । ଏହି ଜୀବନ ମୋତେ ପ୍ରକୃତ ସୁଖ ନଦେଇ ବରଂ ମୋତେ ଜେଲ ଠାରୁ ଖରାପ ବୋଧ ହେବ । 'କୋଦାଳ ହାତରେ ଥିବା

Digitized by srujanika@gmail.com

ମଣିଷ' ଠାରେ ଆଦର୍ଶ ଖାଇଲାପରି କ'ଣ ଅଛି ? ଅନେକ ଦିନ ଧରି ବଂଶପରଂପରା କ୍ରମେ ଶୋଷିତ ଓ ନିର୍ଯ୍ୟାତିତ ହୋଇଥିବାରୁ ସେମାନଙ୍କ ସଙ୍ଗୀ ପଶୁ ହେବାଠାରୁ ଟିକିଏ ପାର୍ଥକ୍ୟ ରହିଛି ।

“କିଏ ତାହାକୁ ସୁଖରୁ ବଞ୍ଚିତ ଏବଂ ତାର ସୁକୁମାର ପ୍ରବୃତ୍ତି ମୃତ କରିଅଛି । ଏଥିପାଇଁ ସେ ଶୋକ କରେ ନା, କିଛି ଆଶା ମଧ୍ୟ କରେ ନା, ତାହାକୁ ବଳଦର ଭାଇ ପରି କିଏ ନିର୍ବୋଧ ଓ ମଢ଼ କରିଛି ।”

ମନୁଷ୍ୟର ମନ ଏଥିରୁ ଯାଇ ପୁରାତନ ଅବସ୍ଥାକୁ ଫେରିବାପାଇଁ ଆକାଂକ୍ଷା କରିବ ଏହା ମୋ ପକ୍ଷରେ ସମ୍ପୂର୍ଣ୍ଣ ଦୁର୍ବୋଧ । ମନୁଷ୍ୟ ଯାହା ଗୌରବ ଓ ଜୟଲାଭ ମନେକରେ, ତାକୁ ନିନ୍ଦା କରିବାକୁ ହେବ, ନିରୁତ୍ସାହିତ କରିବାକୁ ହେବ—ମନ ଉଦ୍ଦୀପନ ଏବଂ ଅଗ୍ରଗତିରେ ବାଧା ଦେଲ ପରି ବାହ୍ୟ ପାରିପାର୍ଶ୍ୱିକ ବ୍ୟବସ୍ଥାକୁ ବାଞ୍ଛନୀୟ ବୋଲି ମନେ କରିବାକୁ ହେବ । ଆଧୁନିକ ସଭ୍ୟତା ଦୋଷପୂର୍ଣ୍ଣ, ମାତ୍ର ଏହା ଭିତରେ ଅନେକ ଭଲ ମଧ୍ୟ ଅଛି । ଏହି ଦୋଷ ଦୂର କରିବାର ଶକ୍ତି ମଧ୍ୟ ଏହା ଭିତରେ ରହିଛି । ଏହାକୁ ସମୂଳୋତ୍ପାଟନ କରିବା ଅର୍ଥ ହେଉଛି ଏହାର ଶକ୍ତି ଦୂର କରିଦେବା ଏବଂ ଏକ ନିର୍ବେଦ ନିରାନନ୍ଦ ଓ ଦୁର୍ଦଶାଗ୍ରସ୍ତ ଅବସ୍ଥିତିକୁ ଫେରିଯିବା, ଏହା ବାଞ୍ଛନୀୟ ବୋଲି ଧରିନେଲେ ସୁଦ୍ଧା ଏହା ଏକ ଅସମ୍ଭବ କାର୍ଯ୍ୟ । ଆମେ ପରିବର୍ତ୍ତନ ସ୍ରୋତକୁ ବନ୍ଦ କରିପାରିବା ନାହିଁ କିମ୍ବା ଏଥିରୁ ନିଜକୁ ବିଚ୍ଛିନ୍ନ ରଖିପାରିବା ନାହିଁ ଏବଂ ମନସ୍ତତ୍ତ୍ୱ ଭାବରେ ବିଚାର କଲେ ଆମେ ଯେ ଏଡ଼ନର ଆତ ଖାଇଛୁ, ତାହାର ସ୍ୱାଦ ଏକଦମ୍ ଭୁଲିଯାଇ ଆଦିମ ଅବସ୍ଥାକୁ ଫେରିଯାଇ ପାରିବୁ ନାହିଁ ।

ଏହା ଯୁକ୍ତି କରିବା ମଧ୍ୟ କଷ୍ଟକର—କାରଣ ଦୁଇଟିଯାକ ଦୃଷ୍ଟିକୋଣ ସଂପୂର୍ଣ୍ଣ ଭିନ୍ନ । ଗାନ୍ଧିଜୀ ସର୍ବଦା ବ୍ୟକ୍ତିଗତ ମୁକ୍ତି ଓ ପାପ ବିଷୟରେ ଚିନ୍ତା କରୁଛନ୍ତି, ଅଥଚ ଆମ ଭିତରୁ ଅଧିକାଂଶଙ୍କ ମନରେ ସାମାଜିକ ମଙ୍ଗଳ ଅଧିକ ପରିମାଣରେ ରହିଛି । ମୁଁ ପାପର ଧାରଣା ଧରିବା କଷ୍ଟକର ମନେ କରୁଛି ଏବଂ ସମ୍ଭବତଃ ଏଥିଯୋଗୁଁ ମୁଁ ଗାନ୍ଧିଜୀଙ୍କର ସାଧାରଣ ଦୃଷ୍ଟି-

Digitized by srujanika@gmail.com

କୋଣସି ପସନ୍ଦ କରିପାରି ନାହିଁ । ସେ ସମାଜ ବା ସମାଜିକ ବ୍ୟବସ୍ଥାର ପରିବର୍ତ୍ତନ ଚାହାନ୍ତି ନାହିଁ—ସେ ବ୍ୟକ୍ତିବିଶେଷଙ୍କର ପାପ-ଦୂର କରିବା ନିମନ୍ତେ ନିଜକୁ ନିୟୋଗ କରିଛନ୍ତି । ସେ ଲେଖିଛନ୍ତି "ସ୍ୱଦେଶୀବ୍ରତ-ଧାରୀ ଜଗତ ସଂସ୍କାର କରିବାର ବୃଥା ଆଶା କରେ ନା, କାରଣ ସେ ବିଶ୍ୱାସ କରେ ଯେ ଭଗବାନଙ୍କର ନିର୍ଦ୍ଦିଷ୍ଟ ନିୟମାନୁସାରେ ଜଗତ ଚାଲୁଛି ଓ ଚାଲିଥିବ ।" ତଥାପି ଜଗତ ସଂସ୍କାର କରିବା ନିମନ୍ତେ ସେ ଯଥେଷ୍ଟ ସଂଗ୍ରାମଶୀଳ; ମାତ୍ର ସେ ଯେଉଁ ସଂସ୍କାର ଚାହାନ୍ତି, ତାହା ବ୍ୟକ୍ତିଗତ ସଂସ୍କାର, ଇନ୍ଦ୍ରିୟ ଓ ଇନ୍ଦ୍ରିୟଲାଳସା ଚରିତାର୍ଥ ଉପରେ ବିଜୟ—କାରଣ ଏହାହିଁ ପାପ । ଜଣେ ଦକ୍ଷ ରୋମାନ୍ କାଥଲିକ ଲେଖକ ଫାସିଜମ୍ ସମ୍ବନ୍ଧରେ ଲେଖି ଯେଉଁ ସ୍ୱାଧୀନତାର ସଂଜ୍ଞା ଦେଇଛନ୍ତି, ସେଥିରେ ସେ ସହମତ ହେବେ । 'ପାପବନ୍ଧନରୁ ମୁକ୍ତି ପାଇବା ଅପେକ୍ଷା ସ୍ୱାଧୀନତା କିଛି ଅଧିକ ନୁହେଁ ।' ଦୁଇଶହବର୍ଷ ପୂର୍ବେ ଲଂଡ୍ରନର ବିଶପ ଲେଖିଥିବା କଥାରେ ଏହାର କପର ସୌସାଦୃଶ୍ୟ ରହିଛି । "ଖ୍ରୀଷ୍ଟଧର୍ମ ଯେଉଁ ସ୍ୱାଧୀନତା ଦିଏ ତାହା ହେଉଛି ପାପ ଓ ସଇତାନଠାରୁ ମନୁଷ୍ୟର ଇନ୍ଦ୍ରିୟ ପ୍ରବୃତ୍ତି, ଲାଳସା ଓ ଅସଂଗତ କାମନାରୁ ମୁକ୍ତି ।"*

ଏହି ଦୃଷ୍ଟିକୋଣ ଠିକ୍‌ଏ ବୁଝିପାରିଲେ ଯୌନ ସମ୍ବନ୍ଧରେ ଗାନ୍ଧିଜୀଙ୍କର ମନୋଭାବ ଠିକ୍‌ଏ ବୁଝିହେବ-ଆଜିକାଲି ସାଧାରଣ ମନୁଷ୍ୟକୁ ଏହା ଅତ୍ୟନ୍ତ ଅସାଧାରଣ ମନେହୁଏ । ତାଙ୍କ ମତରେ 'ସନ୍ତାନ କାମନା ନ ଥିବା ମିଳନ ମାତ୍ରେହିଁ ପାପ ।' 'କୃତ୍ରିମ ଉପାୟ ଅବଲମ୍ବନ କରିବା ଫଳରେ କ୍ଲୀବତ୍ୱ ଓ ସ୍ନାୟବିକ ଦୁର୍ବଳତା ଅବଶ୍ୟ ଆସିବ ।' 'ନିଜ କାର୍ଯ୍ୟର ଫଳାଫଳରୁ ତ୍ରାହିପାଇବାର ଚେଷ୍ଟା କରିବା ଅନ୍ୟାୟ ଓ ଅନୈତିକ......କାହାରି ପକ୍ଷରେ ନିଜର ଆକାଂକ୍ଷା ଚରିତାର୍ଥ କରିବା ଏବଂ ତା'ପରେ ଟନିକ୍ ବା ଅନ୍ୟ ଔଷଧ ଖାଇ ଫଳାଫଳରୁ ରକ୍ଷା ପାଇବାକୁ ଚେଷ୍ଟା କରିବା ଖରାପ । ଏହି ପାଶବିକ ପ୍ରବୃତ୍ତିକୁ ଚରିତାର୍ଥ କରିବା

* 'ଧର୍ମ କ'ଣ ?' ଅଧ୍ୟାୟରୁ ଏହା ଉଦ୍ଧୃତ ହୋଇଛି ।

Digitized by srujanika@gmail.com

ଏବଂ ନିଜ କାର୍ଯ୍ୟର ପରିଣତିରୁ ରକ୍ଷା ପାଇବାର ଚେଷ୍ଟା କରିବା ଅଧିକ ଖରାପ ।’

ବ୍ୟକ୍ତିଗତ ଭାବରେ ଏହି ମତ ଅତ୍ୟନ୍ତ ଅସ୍ୱାଭାବିକ ଓ ଅର୍ଥଶୂନ୍ୟ ପରି ମୋତେ ମନେ ହୁଏ । ତାଙ୍କ କଥା ଯଦି ସତ୍ୟ ହୁଏ, ତେବେ ମୁଁ ଏକ ଭୀଷଣ ଅପରାଧୀ—ହୁଏତ କ୍ଲୀବତ୍ୱ ଓ ସ୍ୱାଭାବିକ ଦୁର୍ବଳତାର ଶେଷସୀମାରେ ଆସି ପହଞ୍ଚିଛି । ରୋମାନ୍ କାଥଲିକମାନେ ମଧ୍ୟ ପ୍ରବଳ ଭାବରେ ଜନ୍ମ ନିୟନ୍ତ୍ରଣର ବିରୋଧ କରିଛନ୍ତି—ମାତ୍ର ଗାନ୍ଧିଜୀ ଏହାକୁ ଯୁକ୍ତି ଛଳରେ ଯେଉଁଠି ନେଇ ପହଞ୍ଚାଇଛନ୍ତି, ସେମାନେ ସେ ପର୍ଯ୍ୟନ୍ତ ନେଇ ନାହାନ୍ତି । ସେମାନେ ମନୁଷ୍ୟର ପ୍ରକୃତି ବୃତ୍ତି ଏହା ସହିତ ମିଳାମିଶା କରିଛନ୍ତି ।※ ମାତ୍ର ଗାନ୍ଧିଜୀ ତାଙ୍କ ଯୁକ୍ତିର ଚରମ ସୀମାକୁ ଯାଇଛନ୍ତି ଏବଂ କେବଳ ସନ୍ତାନ ଜାତ କରିବା ଛଡ଼ା ଅନ୍ୟ କୌଣସି ସମୟରେ ଯୌନ ପ୍ରବୃତ୍ତିର ଆବଶ୍ୟକତା ବା ଯୁକ୍ତିଯୁକ୍ତତା ଅଛି ବୋଲି ସ୍ୱୀକାର କରନ୍ତି ନାହିଁ—ସେ ସ୍ତ୍ରୀ ଓ ପୁରୁଷ ଭିତରେ ସ୍ୱାଭାବିକ ଯୌନ ଆକର୍ଷଣ ଅଛି ବୋଲି ସ୍ୱୀକାର କରନ୍ତି ନାହିଁ । ସେ ପୁଣି କହୁଛନ୍ତି "ମାତ୍ର ମୋତେ କୁହାଯାଏ ଯେ ଏହା ଏକ ଅସମ୍ଭବ ଆଦର୍ଶ ଏବଂ ମୁଁ ପୁରୁଷ ଓ ସ୍ତ୍ରୀ ଭିତରେ ସ୍ୱାଭାବିକ ଆକର୍ଷଣକୁ ବିବେଚନା କରେନା । ଏଠାରେ ଉଲ୍ଲେଖ କରାଯାଇଥିବା ଯୌନ ମିଳନ ଇଚ୍ଛାକୁ ସ୍ୱାଭାବିକ ବୋଲି ଧରାଯାଇ ପାରେ ଏହା ସ୍ୱୀକାର କରିବାକୁ ମୁଁ ନାରାଜ; ତାହାହେଲେ ଆମେ ଶୀଘ୍ର ଧ୍ୱଂସ ପାଇଯିବା । ପୁରୁଷ ସ୍ତ୍ରୀ ଭିତରେ ସାଧାରଣ ଆକର୍ଷଣ ହେଉଛି ଭାଇ ଭଉଣୀ, ମାଆ ପୁଅ ବାପା ଝିଅର ଆକର୍ଷଣ । ଏହି ସ୍ୱାଭାବିକ ଆକର୍ଷଣ ହିଁ ଦୁନିଆକୁ ରକ୍ଷା କରିଛି ।" ଅଧିକ ଜୋର ଦେଇ ସେ କହୁଛନ୍ତି "ନା, ମୋର ସମସ୍ତ ଶକ୍ତି ଦେଇ ମୁଁ ମଧ୍ୟ ଏହି ଘୋଷଣା କରିବ ଯେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯୌନ ଆକର୍ଷଣ ମଧ୍ୟ ଅସ୍ୱାଭାବିକ ।"

※ ୧୯୩୧ ମସିହା ଡ଼ିସେମ୍ବର ତା ୩୧ ରିଖରେ ‘ଖ୍ରୀଷ୍ଟୀୟାନ ବିବାହ’ ସମ୍ବନ୍ଧରେ ଏକାଦଶ ପୋପ୍‌ପାୟସ୍ ତାଙ୍କ ଲେଖାରେ କହୁଛନ୍ତି—

Digitized by srujanika@gmail.com

ଏହି 'ଓଡ଼ିପସ କମ୍ପ୍ଲେକ୍ସ' ଫ୍ରୟେଡ଼ ଏବଂ ମନୋଶିକ୍ଷଣ (Psychoanalytical) ଭିତ୍ତି ପ୍ରବୃତ୍ତିର ଯୁଗରେ ଏହି ଦୃଢ଼ଘୋଷଣା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ବିଭ୍ରାନ୍ତିକର ପରି ମନେହୁଏ । ଏହାକୁ ଲୋକ ଗୋଟାଏ ବିଶ୍ୱାସ ରୂପେ ଗ୍ରହଣ କରିବ ନଚେତ୍ ଆଗ୍ରାହ୍ୟ କରିବ । ମଧ୍ୟବର୍ତ୍ତୀ ପନ୍ଥା କିଛି ନାହିଁ, କାରଣ ଏହା ବିଶ୍ୱାସର ପ୍ରଶ୍ନ, ଯୁକ୍ତିର ନୁହେଁ । ମୋ ମତରେ ମୁଁ ମନେକରେ ଗାନ୍ଧିଜୀଙ୍କ ଧାରଣା ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଭୁଲ । କେତେକଙ୍କ ପାଇଁ ତାଙ୍କ ପରାମର୍ଶ ଉପଯୋଗୀ ହୋଇପାରେ; ମାତ୍ର ସାଧାରଣ ନୀତି ହିସାବରେ ଏଥିରେ ଖାଲି ହତାଶ, ଇନ୍ଦ୍ରିୟ ଦମନ ହେତୁ ଆକ୍ଷେପ, ସ୍ନାୟବିକ ଦୁର୍ବଳତା ଏବଂ ସବୁ ପ୍ରକାର ଶାରୀରିକ ଓ ସ୍ନାୟବିକ ବ୍ୟାଧି ଦେଖାଦେବ । ଯୌନଇନ୍ଦ୍ରିୟ ସଂଯମ ନିଶ୍ଚୟ ବାଞ୍ଛନୀୟ; ମାତ୍ର ଗାନ୍ଧିଜୀଙ୍କ ମତ ଅନୁସରଣ କଲେ ବିସ୍ତୃତ ଭାବରେ ଫଳପ୍ରଦ ହେବ କି ନା ସନ୍ଦେହ । ଏହା ଅତ୍ୟନ୍ତ ଚରମ କଥା ଏବଂ ଅଧିକାଂଶ ଲୋକ ସ୍ଥିର କରନ୍ତି ଏହା ତାଙ୍କ ଶକ୍ତି ବାହାରେ—ତେଣୁ ସେମାନେ ସାଧାରଣ ଭାବରେ ଚଳନ୍ତି କିମ୍ବା ସ୍ତ୍ରୀ ପୁରୁଷଙ୍କ ଭିତରେ ବିବାଦ ହୁଏ । ଜଣାପଡ଼ୁଛି ଗାନ୍ଧିଜୀ ଭାବୁଛନ୍ତି ଯେ ଜନ୍ମ ନିୟନ୍ତ୍ରଣ ପନ୍ଥା ଅବଲମ୍ବନ କଲେ ଅତିରିକ୍ତ ଯୌନପ୍ରକ୍ରିୟା ହେବ ଏବଂ ପୁରୁଷ ଓ ସ୍ତ୍ରୀ ଭିତରେ ଯୌନ ଆକର୍ଷଣ ଯଦି ଏକମାତ୍ର ଆକର୍ଷଣ ଧରାଯାଏ, ତେବେ ପ୍ରତ୍ୟେକ ସ୍ତ୍ରୀ ପଛରେ ପ୍ରତ୍ୟେକ ପୁରୁଷ ଗୋଡ଼ାଇବ କିମ୍ବା ତାର ବିପରୀତ ଘଟିବ । ଏପରି କୌଣସି ସିଦ୍ଧାନ୍ତରେ ପହଞ୍ଚିବାର କିଛି ଯଥାର୍ଥତା ନାହିଁ—ଏହି ଯୌନ ଇନ୍ଦ୍ରିୟ କଥା ଗୁରୁତର ହେଲେ ମଧ୍ୟ ସେ ଏ ସମସ୍ୟାରେ କାହିଁକି ଏତେ

"ସମୟ ହେତୁ କିମ୍ବା ଅନ୍ୟ କିଛି ଦୋଷ ଯୋଗୁଁ ଯଦି ସନ୍ତାନ ନ ହୁଏ, ତାହାହେଲେ ବିବାହିତ ସ୍ତ୍ରୀ ପୁରୁଷ ଯଦି ସେମାନଙ୍କର ଅଧିକ ଯୁକ୍ତିଯୁକ୍ତ ଓ ସ୍ୱାଭାବିକ ଭାବରେ ଚଳନ୍ତି, ତେବେ ତାହାକୁ ପ୍ରାକୃତିକ ନିୟମର ବ୍ୟତିକ୍ରମ ବୋଲି କୁହାଯାଇ ପାରିବ ନାହିଁ ।" 'ସମୟ ହେତୁ' ଅର୍ଥ ତଥାକଥିତ 'ନିରାପଦ ସମୟ' ଯେତେବେଳେ ଗର୍ଭ ସଞ୍ଚାରର ସମ୍ଭାବନା ନ ଥାଏ ।

Digitized by srujanika@gmail.com

ବ୍ୟସ୍ତ ମୋତେ ଜଣାନାହିଁ । ତାଙ୍କ ମତରେ ଏହା 'କଳା ବା ଧଳା' ସମସ୍ୟା, ମଝିଆମଝି ରଙ୍ଗ ନୁହେଁ । ଦୁଇ ପକ୍ଷରେହିଁ ତାଙ୍କର ଚରମ ମତବାଦ—ମୋତେ ଏହା ଅତ୍ୟନ୍ତ ଅସାଧାରଣ ଓ ଅସ୍ୱାଭାବିକ ମନେହୁଏ । ସମ୍ଭବତଃ ଯୌନ ଇନ୍ଦ୍ରିୟ ସମ୍ବନ୍ଧରେ ଯେଉଁ ଧ୍ୱଂସକାରୀ ସାହିତ୍ୟ ଆଜିକାଲି ସବୁ ଦେଶ ପରିମାଣରେ ଆସୁଛି ଏହା ତାହାର ପ୍ରତିକ୍ରିୟା । ମୁଁ ନିଜକୁ ଜଣେ ସାଧାରଣ ବ୍ୟକ୍ତିବିଶେଷ ରୂପେ ମନେ କରେ ଏବଂ ମୋର ଜୀବନରେ ଯୌନ ଭାବ ଭାଗ ଅଭିନୟ କରିଛି; ମାତ୍ର ଏହା ମୋର ମନ ଅଧିକାର କରିନାହିଁ କିମ୍ବା ଅନ୍ୟ କାର୍ଯ୍ୟରୁ ମୋ ମନକୁ ଭ୍ରଷ୍ଟ କରିପାରି ନାହିଁ । ଏହା ମୋ ପାଖରେ ଏକ ଗୌଣ ବ୍ୟାପାର ହୋଇ ରହିଛି ।

ଯେଉଁ ତପସ୍ୱୀ ଜଗତ ଓ ଜଗତର ରୀତିନୀତି ଛାଡ଼ି ଦେଇଛି, ଯେ ଜୀବନକୁ ଅସ୍ୱୀକାର କରି ତାକୁ ଦୋଷ ବୋଲି ବିଚାରିଛି ତାଙ୍କର ମତ ଅନେକାଂଶରେ ସେହିପରି । ଜଣେ ତପସ୍ୱୀ ପକ୍ଷରେ ଏହାଦବୁ ସ୍ୱାଭାବିକ, ମାତ୍ର ଏହି ଜଗତର ଯେଉଁ ନରନାରୀମାନେ ଜୀବନକୁ ଗ୍ରହଣ କରି ତା ଯେତେ ସମ୍ଭବ ହିତ କରିବାକୁ ଚାହାନ୍ତି ସେମାନଙ୍କଠାରେ ଏହି ନୀତି ପ୍ରୟୋଗ ବହୁଦୂର ପରି ମନେହୁଏ । ଗୋଟିଏ ଦୋଷକୁ ଏଡ଼ିବାକୁ ଯାଇ ଆହୁରି ଅନେକ ଓ ଗୁରୁତର ଅନ୍ୟାୟକୁ ସେ ଗ୍ରହଣ କରେ ।

ମୁଁ ଅନ୍ୟ କଥା ଆଡ଼କୁ ଚାଲିଗଲି, ମାତ୍ର ମୋର ଆଲିପୁର ଜେଲରେ ସେହି ଦୁଃଖପୂର୍ଣ୍ଣ ଦିବସଗୁଡ଼ିକରେ ଏହିସବୁ କଥା ମୋ ମନରେ ପୂରିଥିଲା । କୌଣସି ଧାରାବାହିକ ସମ୍ପର୍କ ସହିତ ନୁହେଁ, ମାତ୍ର ସମସ୍ତ ବିଷୟ ଗୋଳମାଳିଆ ହୋଇ ମୋ ମନରେ ବିଶୃଙ୍ଖଳା ସୃଷ୍ଟି କଲା ଓ ମୁଁ ଉତ୍ପୀଡ଼ିତ ହେଲି । ସର୍ବୋପରି ପୁଣି ଏକୁଟିଆ ଓ ବିଷାଦସ୍ତବ୍ଧ ଥିଲି—ଏହା ପୁଣି ଜେଲର କଷ୍ଟାନୁଭବ ମୋ ସେହି ନିର୍ଜନତାରେ ଆହୁରି ବଢ଼ିଥାଏ । ମୁଁ ବାହାରେ ଥିଲେ ଏହି ଆଘାତ ଅଧିକ କ୍ଷଣସ୍ଥାୟୀ ହୋଇ ନଥାନ୍ତା—ମୁଁ ନୂତନ କାର୍ଯ୍ୟରେ ନିଜକୁ ଲଗାଇ ଦେଇ ପାରିଥାନ୍ତି ଏବଂ ମୋର ଚିନ୍ତା ଓ କାର୍ଯ୍ୟରେ ଆରାମ ପାଇଥାନ୍ତି । ଜେଲ ଭିତରେ ମୁଁ କିଛି ଆରାମ ପାଇଲି

Digitized by srujanika@gmail.com

ନାହିଁ ଏବଂ ମୁଁ ବଡ଼ ଦୁର୍ଭୋଗଗ୍ରସ୍ତ ଭାବରେ ଦିନ କାଟିଲି । ସୌଭାଗ୍ୟ ବଶତଃ ମୁଁ ଖୁବ୍ ଶୀଘ୍ର ଶାନ୍ତ ହୋଇପାରେ ଏବଂ ସେହି ଗ୍ଲାନିରୁ ନୈରାଶ୍ୟରୁ ମୁକ୍ତି ଶିଘ୍ର ପାଇଲି ; ଅବସାଦ ମୋ ମନରୁ ଦୂର ହେବାକୁ ଲାଗିଲା ଏବଂ ତା'ପରେ ଜେଲରେ କମଳା ସହିତ ସାକ୍ଷାତ୍ ହେଲା । ଏଥିରେ ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି ଏବଂ ମୋର ନିର୍ଜନଭାବ ଦୂର ହୋଇଗଲା । ମୁଁ ମନେ କଲି ଯାହା ହେଉ ନା କାହିଁକି ଆମେ ଦୁହେଁ ପରସ୍ପର ଉପରେ ନିର୍ଭର କରିପାରିବୁ ।

Digitized by srujanika@gmail.com

୭୨

ସ୍ୱବିରୋଧ ମତ

ଯେଉଁ ଲୋକେ ବ୍ୟକ୍ତିଗତ ଭାବରେ ଗାନ୍ଧିଜୀଙ୍କୁ ଜାଣନ୍ତି ନାହିଁ ଏବଂ କେବଳ ତାଙ୍କର ଲେଖା ପଢ଼ିଛନ୍ତି ସେମାନେ ଭାବିବା ସ୍ୱାଭାବିକ ଯେ ଗାନ୍ଧୀ ଜଣେ ପୁରୋହିତ ଶ୍ରେଣୀର ଲୋକ, ବଡ଼ ଶୃଙ୍ଖଳାବାଦୀ, ଗମ୍ଭୀର ମୁଖ, ନିରାନନ୍ଦ ଏବଂ 'କଳା ପୋଷାକ (ଗାଉନ)ପିନ୍ଧି ବୁଲୁଥିବା ଧର୍ମଯାଜକ'-ମାନଙ୍କ ପରି । ମାତ୍ର ତାଙ୍କ ଲେଖାରୁ ଉଦ୍ଧୃତ କଲେ ଅନ୍ୟାୟ କରାହେବ; ସେ ଲେଖାରେ ଯାହା ଜଣାଯାନ୍ତି ଏହା ଅପେକ୍ଷା ଅଧିକ ମହତ୍ ଏବଂ ସେ ଯାହା ସବୁ ଲେଖିଛନ୍ତି ତାହା ଏଠାରେ ଉଦ୍ଧାର କରି ସମାଲୋଚନା କରିବା ସଙ୍ଗତ ନୁହେଁ । ସେ ଖ୍ରୀଷ୍ଟିଆନ୍ ସାଧୁ ଧର୍ମଯାଜକଙ୍କଠାରୁ ସମ୍ପୂର୍ଣ୍ଣ ବିପରୀତ ଧରଣର । ତାଙ୍କର ହସ ଆନନ୍ଦଦାୟକ, ତାଙ୍କ ହସରେ ମୋହ ଅଛି ଏବଂ ତାଙ୍କ ପାଖରେ ରହିଲେ ଲୋକ ହାଲୁକା ଭାବ ଅନୁଭବ କରେ । ତାଙ୍କଠାରେ ଶିଶୁପରି ସରଳଭାବ ରହିଛି—ତାହା ମଣିଷକୁ ମୋହିତ କରେ । ସେ କୌଣସି ଘରେ ପ୍ରବେଶ କଲେ ତାଙ୍କ ସହିତ ନୂତନ ବାୟୁ ଯେପରି ଆସନ୍ତି—ତାହା ବାୟୁମଣ୍ଡଳକୁ ନୂତନ ଓ ଆଲୋକିତ କରି ପକାଏ ।

ସେ ହେଉଛନ୍ତି ଜଣେ ଅସାଧାରଣ ସ୍ୱବିରୋଧୀ ଲୋକ । ମୋର ମନେହୁଏ ସବୁ ଖ୍ୟାତନାମା ଲୋକ ଅନେକାଂଶରେ ଏହିପରି । ଅନେକ ବର୍ଷ ପର୍ଯ୍ୟନ୍ତ ମୁଁ ଏ ସମସ୍ୟା ଚିନ୍ତା କରିଛି, ଦଳିତ ଜନସାଧାରଣଙ୍କ ପ୍ରତି ତାଙ୍କର ପ୍ରେମ ଓ ଆଦର ସତ୍ତ୍ୱେ ଯେଉଁ ପ୍ରଥା ଏପରି ଲୋକ ସୃଷ୍ଟି କରେ ଏବଂ ଧ୍ୱଂସ କରେ ତାକୁ ସମର୍ଥନ କରୁଛନ୍ତି କିପରି ? ଅହିଂସା ପ୍ରତି ତାଙ୍କର ବ୍ୟାକୁଳତା ସତ୍ତ୍ୱେ ହିଂସା ଓ ଦମନ ନୀତିରେ ସମ୍ପୂର୍ଣ୍ଣରୂପେ ପ୍ରତିଷ୍ଠିତ ରାଜନୈତିକ ଓ ସାମାଜିକ ବ୍ୟବସ୍ଥା ସପକ୍ଷରେ ସେ କିପରି ମତ ପ୍ରକାଶ

Digitized by srujanika@gmail.com

କରନ୍ତି ? ସେ ଏହି ପ୍ରଥାର ସପକ୍ଷପାତୀ ବୋଲି କହିବା ବୋଧହୁଏ ଠିକ୍ ହେବ ନାହିଁ, ସେ ଭଲା ଅଧିକେ ଜଣେ ଦାର୍ଶନିକ ନୈରାଜ୍ୟବାଦୀ । କିନ୍ତୁ ଆଦର୍ଶ ନୈରାଜ୍ୟବାଦ ଅବସ୍ଥା ବର୍ତ୍ତମାନ ସୁଦ୍ଧା ବହୁ ଦୂରରେ ଥିବାରୁ ଏବଂ ସହଜରେ କଳ୍ପନା କରାଯାଇ ନଥିବାରୁ, ସେ ପ୍ରଚଳିତ ବ୍ୟବସ୍ଥାକୁ ଗ୍ରହଣ କରି ନଅନ୍ତି । ତାଙ୍କର ଆପତ୍ତିଜନକ ପନ୍ଥାର ମୁଁ ଚିନ୍ତା କରୁନାହିଁ କାରଣ ସେ କୌଣସି ପରିବର୍ତ୍ତନ ପାଇଁ ହିଂସା ପନ୍ଥାର ନିନ୍ଦା କରନ୍ତି । ପ୍ରଚଳିତ ଅବସ୍ଥା ପରିବର୍ତ୍ତନ ସକାଶେ କି ଉପାୟ ଅବଲମ୍ବନ କରିବାକୁ ହେବ ସେ କଥା ଛାଡ଼ିଦେଲେ, ଏକ ଆଦର୍ଶଉଦ୍ଦେଶ୍ୟ କଳ୍ପନା କରାଯାଇପାରେ, ଯାହା ଅଦୂର ଭବିଷ୍ୟତରେ ଲାଭ ହେବାର ସମ୍ଭାବନା ଥାଇପାରେ ।

ବେଳେ ବେଳେ ସେ ନିଜକୁ ସାମ୍ୟବାଦୀ (Socialist) ବୋଲି କହନ୍ତି; ମାତ୍ର ନିଜର ଅଦ୍ଭୁତ ଅର୍ଥରେ ସେ ଏହା ବ୍ୟବହାର କରନ୍ତି— ସାମ୍ୟବାଦ ନାମରେ ସାଧାରଣତଃ ଯେଉଁ ଅର୍ଥନୈତିକ ଭିତ୍ତିରେ ଗଢ଼ା ସମାଜର କଳ୍ପନା କରାଯାଏ ତାହା ସହିତ ଏହାର ସମ୍ପର୍କ ନାହିଁ । ସେ କହିବାରୁ ଅନେକ ମୁଖିଆ କଂଗ୍ରେସ ନେତା ମଧ୍ୟ ଏହି ଶବ୍ଦ ବ୍ୟବହାର କରନ୍ତି—ଏହାର ଅର୍ଥ ଏକପ୍ରକାର ଭ୍ରାନ୍ତ ମାନବିକତା । ଏହି ଅସ୍ପଷ୍ଟ ବୈଜ୍ଞାନିକ ଶବ୍ଦ ବ୍ୟବହାର କରି ସେମାନେ ଭୁଲ କରନ୍ତି, କାରଣ ସେ ବ୍ରିଟିଶ ଜାତୀୟ ସରକାରର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟାନ୍ତ * ହିଁ ଅନୁସରଣ କରନ୍ତି । ମୁଁ ଜାଣେ ଯେ ଗାନ୍ଧିଜୀ ଏ ବିଷୟରେ ଅନଭିଜ୍ଞ ନୁହନ୍ତି,

* ୧୯୩୫ ମସିହା ଜାନୁଆରୀ ମାସରେ ଏଡ଼ିନବରାର 'କନ୍‌ଜେର ଭେଟିଭ ଓ ଇଉନିଅନିଷ୍ଟ ଅସୋସିଏସନ୍'କୁ ବାର୍ତ୍ତାପ୍ରେରଣ କରି ମିଷ୍ଟର ରାମ୍‌ସେ ମାକ୍‌ଡୋନାଲ୍ଡ କହିଥିଲେ "ସଙ୍କଟ ସମୟରେ ପ୍ରତ୍ୟେକ ଲୋକ ପକ୍ଷରେ ପୂର୍ଣ୍ଣତା ଏବଂ ଏକତା ହେବା ଦରକାର । ଏହା ପ୍ରକୃତ ସାମ୍ୟବାଦ ଏବଂ ପ୍ରକୃତ ଜାତୀୟବାଦ ହେଉ ସତ୍ୟ ବ୍ୟକ୍ତିସ୍ୱତନ୍ତ୍ରବାଦ ମଧ୍ୟ ।"

Digitized by srujanika@gmail.com

ଉଠିଣ ସେ ଅର୍ଥନୀତି, ସୋସଲିଜମ୍ ଏବଂ ଏପରିକି ମାର୍କସବାଦ ସମ୍ବନ୍ଧରେ ଅନେକ ବହି ପଢ଼ିଛନ୍ତି ଓ ଅନ୍ୟମାନଙ୍କ ସହିତ ଆଲୋଚନା କରନ୍ତି । ମାତ୍ର ମୁଁ ଅଧିକ ଉପଲବ୍ଧି କରୁଛି ଯେ କୌଣସି ଗୁରୁତର ବ୍ୟାପାରରେ ମନ ବେଶୀ ଦୂର ନେଇପାଏ ନା । ଉଇଲିଅମ୍ ଜେମ୍ସ କହୁଛନ୍ତି "ମୋର ହୃଦୟ ଗ୍ରହଣ ନଥିଲେ ତୁମର ମସ୍ତିଷ୍କ ତୁମକୁ କେବଳ ବିଶ୍ୱାସ କରାଇ ଦେବ ନାହିଁ ।" ଭାବାବେଗ ସାଧାରଣ ଦୃଷ୍ଟିକୋଣକୁ ଶାସନ କରେ ଓ ମନକୁ ନିୟନ୍ତ୍ରଣ କରେ । ଆମର କଥାବାର୍ତ୍ତା ଧାର୍ମିକ, ରାଜନୈତିକ କିମ୍ବା ଅର୍ଥନୈତିକ ଯାହା ହେଉ ପଛକେ ପ୍ରକୃତରେ ଭାବାବେଗ ବା ସହଜାତ ବୃତ୍ତିରେ ପ୍ରତିଷ୍ଠିତ । ସୋପେନ ହାଓ୍ୟାର କହନ୍ତି "ମନୁଷ୍ୟ ଯାହା ଇଚ୍ଛା କରେ ତାହା କରିପାରେ, ମାତ୍ର ମନୁଷ୍ୟ କ'ଣ ଇଚ୍ଛା କରେ ତାହା ଇଚ୍ଛାନୁସାରେ ସ୍ଥିର କରିପାରେ ନା ।"

ଦକ୍ଷିଣ ଆଫ୍ରିକାରେ ପ୍ରଥମ ଅବସ୍ଥାରେ ଗାନ୍ଧିଜୀଙ୍କର ଅଦ୍ଭୁତ ପରିବର୍ତ୍ତନ ହୋଇଥିଲା – ଏହା ସେ ତାଙ୍କ ମନ ଭିତରେ ଖୁବ୍ ଆଲୋଚନା କରିଥିଲେ ଏବଂ ତାଙ୍କ ଜୀବନର ସମସ୍ତ ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହୋଇ ଯାଇଛି । ସେହିଦିନଠାରୁ ତାଙ୍କର ସମସ୍ତ ଧାରଣାର ଗୋଟାଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହୋଇଯାଇଛି ଏବଂ ତାଙ୍କ ମନ ନୂଆ କିଛି ଗ୍ରହଣ କରିବା ନିମନ୍ତେ ଖୋଲା ନୁହେଁ । ଯେଉଁ ଲୋକେ ତାଙ୍କୁ କିଛି ନୂତନ ପରାମର୍ଶ ଦିଅନ୍ତି, ସେ ସେମାନଙ୍କ କଥାକୁ ଅତ୍ୟନ୍ତ ଧୈର୍ଯ୍ୟ ଓ ମନୋଯୋଗର ସହିତ ଶୁଣନ୍ତି, ମାତ୍ର ଏପରି ଭଦ୍ର ଆଗ୍ରହ ପ୍ରାପ୍ତ ହେଲେ ଜଣକର ଧାରଣା ହୁଏ ସତେ କି ଗୋଟାଏ ବନ୍ଦ କବାଟ ପାଖରେ କଥା କହୁଛି । ସେ ଦୃଢ଼ଭାବରେ କେତେକ ଧାରଣାକୁ ଧରିଛନ୍ତି—ଅନ୍ୟ ସବୁ ତାଙ୍କ ପକ୍ଷରେ ଗୁରୁତର ମନେ ହୁଏନା । ଅନ୍ୟାନ୍ୟ ଏବଂ ଗୌଣ ବିଷୟରେ ଜୋର ଦେବା ଅର୍ଥ ହେଉଛି ମହତ୍ ଚିନ୍ତନା ବିକୃତ ଓ ମନ ବିକ୍ଷିପ୍ତ ହୋଇଯାଏ । ମୂଳ କଥାଟି ଠିକ୍ ଧରିଥିଲେ ଅନ୍ୟାନ୍ୟ ବିଷୟସବୁରେ ଠିକ୍ ସାମଞ୍ଜସ୍ୟ ଆସିଯିବ । ପନ୍ଥା ଠିକ୍ ହୋଇଥିଲେ ସମାପ୍ତି ମଧ୍ୟ ଠିକ୍ ଅବଶ୍ୟ ହେବ ।

Digitized by srujanika@gmail.com

ମୋର ମନେହୁଏ ଏହାହିଁ ତାଙ୍କ ଚିନ୍ତାର ପ୍ରଧାନ କଥା । ସେ ସାମ୍ୟବାଦକୁ ଏବଂ ଅଧିକ ନିର୍ଦ୍ଦିଷ୍ଟଭାବରେ ମାର୍କସବାଦକୁ ସନ୍ଦେହ କରନ୍ତି—'କାରଣ ଏହାର ହିଂସା ସହିତ ସହଯୋଗ ରହିଛି । 'ଶ୍ରେଣୀ-ସଂଘର୍ଷ' ଶବ୍ଦର ଅର୍ଥ ହେଉଛି ଦ୍ୱନ୍ଦ୍ୱ ଏବଂ ହିଂସା —ତେଣୁ ତାଙ୍କ ନିକଟରେ ଏହା ଭୟଙ୍କର । ସାଧାସିଧା ଭାବରେ ଚୋଟାଏ ନିର୍ଦ୍ଦିଷ୍ଟ ପରିମାଣ ଛଡ଼ା ଜନସାଧାରଣଙ୍କ ଜୀବନଯାତ୍ରା ପ୍ରଣାଳୀ ବେଶୀଦୂର ଉନ୍ନତ କରିବାର ଇଚ୍ଛା ତାଙ୍କର ନାହିଁ । କାରଣ ତାଙ୍କ ମତରେ ଉନ୍ନତ ଆକାରରେ ଜୀବନଧାରଣ ଫଳରେ ବିଳାସ ଓ ପାପ ବୃଦ୍ଧି ହେବ । କେତେକ ମୁଷ୍ଟିମେୟ ସଙ୍ଗତିସମ୍ପନ୍ନ ଲୋକ ଯେ ବିଳାସୀ ହୋଇଛନ୍ତି, ଏହା ଅତ୍ୟନ୍ତ ଖରାପ—ତାଙ୍କ ସଂଖ୍ୟା ଯଦି ବୃଦ୍ଧି ପାଏ ତେବେ ଅଧିକ ଖରାପ ହେବ । ୧୯୨୬ ମସିହାରେ ସେ ଲେଖିଥିବା ଗୋଟିଏ ଚିଠିରୁ ଏପରି ସିଦ୍ଧାନ୍ତ ବାହାର କରାଯାଇପାରେ । ଇଂଲଣ୍ଡରେ ବିରାଟ କୋଇଲା ଧର୍ମଘଟ ବେଳେ ତାଙ୍କ ପାଖକୁ ଇଂଲଣ୍ଡରୁ ଆସିଥିବା ଏକ ଚିଠିର ଉତ୍ତରରେ ସେ ଏହା ଲେଖିଥିଲେ । ପତ୍ରଲେଖକ ପ୍ରଶ୍ନ କରିଥିଲେ ଯେ ଖଣି ମଜୁରିଆଙ୍କ ସଂଖ୍ୟା ଅତି ଅଧିକ ହୋଇଥିବାରୁ ସେମାନେ ଏହି ଧର୍ମଘଟରେ ହାରିଯିବେ-ତେଣୁ ସେମାନେ ଜନ୍ମନିୟନ୍ତ୍ରଣ ଉପାୟ ଅବଲମ୍ବନ କରି ସଂଖ୍ୟା କମାଇବା ଦରକାର । ଗାନ୍ଧିଜୀ ଏହାର ଉତ୍ତରରେ କହିଥିଲେ "ଶେଷରେ ଯଦି ଖଣି ମାଲିକମାନେ ଅନ୍ୟାୟରେ ରହି ସୁଦ୍ଧା ଜୟଲାଭ କରନ୍ତି, ଖଣି ମଜୁରିଆଙ୍କ ସଂଖ୍ୟାଧିକ୍ୟ ଯୋଗୁଁ ଯେ ସେମାନେ ଜୟଲାଭ କରିବେ ତାହା ନୁହେଁ, କାରଣ ଖଣି ମଜୁରିଆମାନେ ସଂଯମ ଶିକ୍ଷା କରିନାହାନ୍ତି । ଖଣିମଜୁରିଆଙ୍କର ଯଦି କୌଣସି ସନ୍ତାନ ନ ଥାନ୍ତେ, ତେବେ ସେମାନେ ନିଜ ଅବସ୍ଥାର ଉନ୍ନତିପାଇଁ କିଛି ଉଦ୍ୟମ କରନ୍ତେ ନାହିଁ ଏବଂ ମଜୁରି ବଢ଼ାଇବାର କୌଣସି କାରଣ ରହନ୍ତା ନାହିଁ । ସେମାନେ କ'ଣ ମଦ ଖାଆନ୍ତି, ଜୁଆ ଖେଳନ୍ତି ଓ ଧୂମ୍ରପାନ କରନ୍ତି ? ଖଣିମାଲିକମାନେ ଏହା କରି ସୁଦ୍ଧା ପ୍ରାଧାନ୍ୟ ପାଆନ୍ତି ଏହା କହିବା କି ଏହାର ଉତ୍ତର ହେବ ? ଖଣି ମଜୁରିଆମାନେ ଯଦି ପୁଞ୍ଜିପତିଙ୍କଠାରୁ

Digitized by srujanika@gmail.com

ଉନ୍ନତ ବୋଲି ନ ଦେଖାନ୍ତି, ତେବେ ପୃଥିବୀର ସହାନୁଭୂତି ପାଇବାର କି ଅଧିକାର ଅଛି ? ମୁକ୍ତିପନ୍ଥ ସଂଖ୍ୟା ବୃଦ୍ଧିପାଇଁ ? ମୁକ୍ତିବାଦକୁ ଦୃଢ଼-କରିବା ନିମନ୍ତେ ? ଗଣତନ୍ତ୍ର ଯାଥାର୍ଥ୍ୟ ହୋଇ ସ୍ୱୀକୃତ କଲେ ଉନ୍ନତତର ଜଗତ ହେବ, ସେଥିପାଇଁ ଗଣତନ୍ତ୍ର ପ୍ରତି ଶ୍ରଦ୍ଧା ଦେଖାଇବା ନିମନ୍ତେ ଆମକୁ କୁହାଯାଏ । ମୁକ୍ତିପନ୍ଥ ଓ ମୁକ୍ତିବାଦକୁ ଯେଉଁସବୁ ଦୋଷ ନିମନ୍ତେ ଆମେ ଦାୟୀ କରୁ, ସେହି ସବୁ ଦୋଷ ଆମେ ସବୁ ବ୍ୟାପକଭାବରେ ପୋଷଣ ନ କରିବା ।”

ଏହା ପଢ଼ିଲାବେଳେ ଇଂରେଜ ଖଣି ମଜୁରିଆ, ତାଙ୍କର ସ୍ତ୍ରୀ ଓ ସନ୍ତାନମାନଙ୍କର କ୍ଲାନ୍ତ ଓ ଶୁଖିଲା ମୁହଁ ଗୁଡ଼ିକ ମୋ ଆଖି ଆଗରେ ନାଚି ଉଠିଲା । ତାଙ୍କୁ ଧ୍ୱଂସ କରୁଥିବା ଏକ ପାଶବିକ ପ୍ରଥା ବିରୁଦ୍ଧରେ ଅସହାୟ ଭାବରେ ସେମାନେ ସଂଗ୍ରାମ କରୁଥିବାର ମୁଁ ୧୯୨୭ ମସିହା ଗ୍ରୀଷ୍ମ ଋତୁରେ ଦେଖି ଆସିଥିଲି । ଗାନ୍ଧିଜୀଙ୍କ କଥାସବୁ ସମ୍ପୂର୍ଣ୍ଣ ଠିକ୍ ନୁହେଁ, କାରଣ ଖଣି ମଜୁରିଆମାନେ ଦରମା ବୃଦ୍ଧିପାଇଁ ଦାବୀ କରୁ ନ ଥିଲେ, ସେମାନଙ୍କର ମଜୁରୀ ହ୍ରାସ ବିରୁଦ୍ଧରେ ସେମାନେ ଲଢ଼ାଇ କରୁଥିଲେ ଏବଂ ଖଣି ମାଲିକମାନେ ଖଣି ବନ୍ଦ କରିଦେବାରୁ ସେମାନେ ପ୍ରତିବାଦ କଲେ । ମାତ୍ର ଏକଥା ବର୍ତ୍ତମାନ ଆମର ଭାବିବାର ବିଷୟ ନୁହେଁ; ଖଣି ମଜୁରିଆଙ୍କର ଜନ୍ମ ନିୟନ୍ତ୍ରଣ ଔଷଧ ବ୍ୟବହାର କଥା ମଧ୍ୟ ଆଲୋଚ୍ୟ ନୁହେଁ, ଯଦିଓ କଳକାରଖାନା ଜନ୍ମରୋଧ ସମସ୍ୟା ସମାଧାନ ବିଷୟରେ ଏହା ଏକ ଅଦ୍ଭୁତ ସମାଧାନ ଉପାୟ । ଶ୍ରମିକ ସମସ୍ୟା ଏବଂ ଶ୍ରମିକ-ମାନଙ୍କ ଉନ୍ନତ ଜୀବନଯାତ୍ରା ନିର୍ବାହ ନିମନ୍ତେ ମଜୁରିବୃଦ୍ଧି ଦାବୀ ସମ୍ବନ୍ଧରେ ଗାନ୍ଧିଜୀଙ୍କର ଦୃଷ୍ଟିକୋଣ ବୁଝି ପାରିବା ନିମନ୍ତେ ମୁଁ ଏହା ଉଲ୍ଲେଖ କରୁଛି । ଏହା ସାମ୍ୟବାଦୀ ଅଥବା ମୁକ୍ତିବାଦୀ ଦୃଷ୍ଟିକୋଣଠାରୁ ସମ୍ପୂର୍ଣ୍ଣ ପୃଥକ୍ । ନ୍ୟସ୍ତସ୍ୱାର୍ଥମାନେ ବାଧା ନ ଦେଲେ ଆଜି ବିଜ୍ଞାନ ଏବଂ ଶିଳ୍ପ କାରଖାନା କୌଶଳରେ ପ୍ରତ୍ୟେକ ଲୋକକୁ ଯେ ଖାଦ୍ୟ ବସ୍ତ୍ର ଓ ଗୃହ ଦିଆଯାଇ ପାରିବ ଏବଂ ବହୁପରିମାଣରେ ସେମାନଙ୍କର ଜୀବନ ଯାତ୍ରା ପ୍ରଣାଳୀ ଅଧିକ ଉନ୍ନତ କରିଯାଇ ପାରିବ, ଏକଥାରେ ତାଙ୍କର ଆଗ୍ରହ

Digitized by srujanika@gmail.com

ନାହିଁ, କାରଣ କେତେକ ନିର୍ଦ୍ଦିଷ୍ଟ ସୀମା ଛଡ଼ା ସେ ଏହି ଫଳାଫଳପାଇଁ ଉତ୍ସୁକ ନୁହନ୍ତି । ସେଥିପାଇଁ ସାମ୍ୟବାଦ ପ୍ରଥା ପ୍ରତି ତାଙ୍କର ଆକର୍ଷଣ ନାହିଁ—ଯୁକ୍ତିବାଦ କେତେକାଂଶରେ ସତ୍ୟ କରାଯାଇ ପାରେ, କାରଣ ଏହା ଅନ୍ୟାୟକୁ ବହୁତ ସୀମାବଦ୍ଧ କରିପାରେ । ସେ ଉଭୟକୁ ପସନ୍ଦ କରନ୍ତି ନାହିଁ, ମାତ୍ର କମ୍ ଅନ୍ୟାୟରୂପେ ଦ୍ୱିତୀୟଟିକୁ ସେ ବର୍ତ୍ତମାନପାଇଁ ଗ୍ରହଣ କରନ୍ତି — ଏହା ରହିଛି ଏବଂ ଏହାକୁ ତାଙ୍କୁ ମାନି ନେବାକୁ ପଡ଼ିବ ।

ତାଙ୍କ ପ୍ରତି ଏପରି ଭାବ ପୋଷଣ କରିବା ମୋ ପକ୍ଷରେ ଭୁଲ ହୋଇପାରେ । ମାତ୍ର ମୁଁ ଅନୁଭବ କରେ ଯେ ସେ ଏହି ପ୍ରକାରେ ଭାବୁଛନ୍ତି । ସେ ସଂପୂର୍ଣ୍ଣ ଅଲଗା ସିଦ୍ଧାନ୍ତ ଉପରେ ନିଜର ଜୀବନ ଗଢୁଥିବାରୁ ତାଙ୍କର ଉକ୍ତିରେ ସ୍ୱବିରୋଧ ଭାବ ଓ ଗୋଳମାଳ ଦେଖି ଆମେ ବିଚଳିତ ହେଉ । କେବେ କେମେ ସ୍ୱଚ୍ଛନ୍ଦତା ଓ ଅବସର ସମୟ ବଢ଼ାଇବା ଆଦର୍ଶକୁ ସେ ଚାହାନ୍ତି ନାହିଁ; ଚାହାନ୍ତି କେବଳ ନୈତିକ ଜୀବନ ବିଷୟ ଚିନ୍ତା କରନ୍ତୁ—ଖରାପ ଅଭ୍ୟାସସବୁ ଛାଡ଼ିଦିଅନ୍ତୁ—ବିଳାସରେ କମ ମାତନ୍ତୁ ଏବଂ ଏହିରୂପେ ନିଜ ବ୍ୟକ୍ତିଗତ ଭାବରେ ଓ ଆଧ୍ୟାତ୍ମିକ ଦିଗରେ ଉନ୍ନତି କରନ୍ତୁ । ଯେଉଁମାନେ ଜନସାଧାରଣଙ୍କର ସେବା କରିବାକୁ ଚାହାନ୍ତି, ବୈଷୟିକ ଭାବରେ ସେମାନେ ଉନ୍ନତ ହେବା ଦରକାର ନାହିଁ—ସେମାନେ ତଳକୁ ଜନସାଧାରଣଙ୍କ ସୀମାକୁ ଚାଲିଯାଇ ଏକା ଅବସ୍ଥାରେ ମିଶିବାକୁ ଚେଷ୍ଟାକରିବା ଉଚିତ । ଏହା ଫଳେ ଜନସାଧାରଣଙ୍କ ଉନ୍ନତି କରିବା ସମ୍ଭବ ହେବ । ତାଙ୍କ ମତରେ ଏହାହିଁ ପ୍ରକୃତ ଗଣତନ୍ତ୍ର । ୧୯୩୪ ମସିହା ସେପ୍ଟେମ୍ବର ତା୧୭ରିଖରେ ଗୋଟିଏ ବକ୍ତୃତିରେ ସେ କହିଥିଲେ "ମୋର ପ୍ରତିବୋଧ କରିବାରେ ଅନେକ ଚିନ୍ତିତ ହୋଇଛନ୍ତି । ମୋପରି ଏକ ଜାଠ ଗଣତନ୍ତ୍ରବାଦୀ ପକ୍ଷରେ ଏହା ଲଜ୍ଜାର କଥା । ଦରିଦ୍ରତମ ମନୁଷ୍ୟ ସହିତ ପୂର୍ଣ୍ଣଭାବରେ ନିଜକୁ ମିଶାଇ ଦେବା, ସେମାନଙ୍କଠାରୁ ଅଧିକ ଭଲଭାବରେ ରହିବା ନିମନ୍ତେ ଇଚ୍ଛା ନ କରିବା, ନିଜର ସମସ୍ତ ଶକ୍ତି ଅନୁଯାୟୀ ସଚେତନ ଭାବରେ ତାଙ୍କ

Digitized by srujanika@gmail.com

ସୀମାରେ ପହଞ୍ଚିବା ନିମନ୍ତେ ଚେଷ୍ଟା କରିବାକୁ ଯଦି ଗଣତନ୍ତ୍ର କୁହଏ, ତେବେ ମୁଁ ନିଜକୁ ସେପରି ଗଣତନ୍ତ୍ରବାଦୀ ବୋଲି ଦାବି କରେ ।"

ଏହି ମତ ଓ ଦୃଷ୍ଟିକୋଣ ସହିତ ସମ୍ଭବତଃ କୌଣସି ଆଧୁନିକ ଗଣତନ୍ତ୍ରବାଦୀ, ପୁଞ୍ଜିବାଦୀ ବା ସାମ୍ୟବାଦୀ ସହମତ ନାହିଁ—ଅବଶ୍ୟ ଅନେକ ସ୍ୱୀକାର କରିବେ ଯେ ଜନସାଧାରଣଙ୍କଠାରୁ ନିଜକୁ ବିଚ୍ଛିନ୍ନ ରଖିବା, ବିରାଟ ଜନସଂଖ୍ୟା ନିତାନ୍ତ ଆବଶ୍ୟକୀୟ ଜିନିଷ ନ ପାଉଥିବା ବେଳେ ଅଧିକ ଉନ୍ନତ ଭାବରେ ଜୀବନଯାପନ ଓ ବିଳାସରେ ମାତିବା ଅନ୍ୟାୟ । ମାତ୍ର ପୁରାତନ ଧର୍ମମନୋଭାବସମ୍ପନ୍ନ ଲୋକ ହୁଏତ ଏଥିରେ ସହମତ ହୋଇ ପାରେ, କାରଣ ଉଭୟେ ହିଁ ଭାବାବେଗରେ ପରସ୍ପର ସହିତ ଆବଦ୍ଧ ଏବଂ ସର୍ବଦା ଅତୀତ ଦୃଷ୍ଟିରେ ଚିନ୍ତା କରନ୍ତି । ସେମାନେ ବର୍ତ୍ତମାନ କ'ଣ ଅଛି ବା କ'ଣ ହେବାକୁ ଯାଉଛି ସେ ସମ୍ବନ୍ଧରେ ଚିନ୍ତା କରିବା ଅପେକ୍ଷା କ'ଣ ଥିଲା ସେ ସମ୍ବନ୍ଧରେ ଅଧିକ ଚିନ୍ତା କରନ୍ତି । ଅତୀତ ଏବଂ ଭବିଷ୍ୟତ ଉଭୟ ପ୍ରତି ମାନସିକ ପ୍ରେରଣା ଫଳରେ ଜଗତରେ ସବୁପ୍ରକାର ପାର୍ଥକ୍ୟ ଦେଖାଯାଏ । ପ୍ରାଚୀନ ଜଗତରେ ଜନସାଧାରଣଙ୍କର ସାଧାରଣ ବୈଷୟିକ ଉନ୍ନତି କରିବା କଥା ଚିନ୍ତା କରିବା କଷ୍ଟକର ଥିଲା । ସମାଜରେ ଦରିଦ୍ର ବରାବର ରହିଛନ୍ତି । ସେତେବେଳେ ସାମାଜିକ ବ୍ୟବସ୍ଥାରେ ମୁଷ୍ଟିମେୟ ଧନୀ ଲୋକଙ୍କୁ ସର୍ବଦା ଆବଶ୍ୟକୀୟ ମନେ କରାଯାଉଥିଲା—ସମାଜର ଉତ୍ପାଦନ ସଙ୍କାଶେ ତାଙ୍କର ଆବଶ୍ୟକତା ଥିଲା ! ଏହିରୂପେ ନୀତିବାଦୀ, ସଂସ୍କାରବାଦୀ ଏବଂ ହୃଦୟବାନ୍ ଲୋକେ ମଧ୍ୟ ଏହାକୁ ଗ୍ରହଣ କରୁଥିଲେ; ମାତ୍ର ଏହା ସଙ୍ଗେ ସଙ୍ଗେ ଅଭାବଗ୍ରସ୍ତ ଦରିଦ୍ର ଲୋକଙ୍କ ପ୍ରତି ଧନୀଙ୍କର କର୍ତ୍ତବ୍ୟ କଥା ବୁଝାଉଥିଲେ; ସେମାନଙ୍କୁ ଦରିଦ୍ରର ମାରଫତ୍‌ଦାର ହେବାକୁ ପଡ଼ିବ ଓ ସେମାନେ ଉଦାର ହେବା ଦରକାର । ପ୍ରତ୍ୟେକ ଧର୍ମରେ ଦାନ ହେଉଛି ପ୍ରଧାନ ଗୁଣ । ସାମନ୍ତବାଦୀ ରାଜା, ବଡ଼ ବଡ଼ ଜମିଦାର, ପୁଞ୍ଜିପତିମାନେ ଏହି ମାରଫତ୍‌ଦାରୀ କଥା ସ୍ୱୀକାର କରିବା ନିମନ୍ତେ ଖାଲି ସର୍ବଦା ଜୋରଦେଇ ଆସୁଛନ୍ତି । ସେ ଧାର୍ମିକ ଲୋକମାନଙ୍କର ଦୀର୍ଘ ପରମ୍ପରାଗତ ଭାବ ଅନୁସରଣ କରୁଛନ୍ତି । "ଧନୀ ଲୋକ ଅବଶ୍ୟ

Digitized by srujanika@gmail.com

ନିଜକୁ ସର୍ବଶକ୍ତିମାନ୍ ଭଗବାନଙ୍କର ସେବକ ଏବଂ ତାଙ୍କ ଧନର ରକ୍ଷକ ଓ ବଣ୍ଟନକାରୀ ବୋଲି ସ୍ୱୀକାର କରିବେ । ଯୀଶୁଖ୍ରୀଷ୍ଟ ଯେ ଦରିଦ୍ର ଲୋକଙ୍କର ଭାଗ୍ୟ ତାଙ୍କଠାରେ ଅର୍ପଣ କରିଛନ୍ତି ।” ସାଧାରଣ ହିନ୍ଦୁଧର୍ମ ଓ ଇସଲାମ୍ ମଧ୍ୟ ଏହି ଢଙ୍ଗ ପ୍ରଚାର କରେ ଏବଂ ଧନୀ ଲୋକଙ୍କୁ ଉଦାର ହେବା ନିମନ୍ତେ ସର୍ବଦା ଆହ୍ୱାନ କରେ—ସେମାନେ ମନ୍ଦିର, ମସଜିଦ୍, ଧର୍ମଶାଳା ତିଆରି କରି କିମ୍ବା ସେମାନଙ୍କ ପ୍ରଚୁର ଧନ ଭିତରୁ ଦରିଦ୍ରକୁ ତମ୍ବା ବା ରୁପା ବିତରଣ କରି ଖୁବ୍ ଧାର୍ମିକ ବୋଲି ଗର୍ବ କରନ୍ତି ।

୧୮୯୧ ଖ୍ରୀଷ୍ଟାବ୍ଦର ମେ ମାସରେ ପୋପ ଏକାଦଶ ଲିଓଙ୍କ ପ୍ରଚାରିତ ଘୋଷଣା ପତ୍ରରେ ଏହି ପୁରୁଣାକାଳର ଧାର୍ମିକ ମନୋଭାବ ବ୍ୟକ୍ତ କରି ଏକ ଉଜ୍ଜ୍ୱଳ ଲେଖା ଦେଖାଯାଏ । ନୂତନ କଳକାରଖାନା ଯୋଗୁଁ ହୋଇଥିବା ଅବସ୍ଥା ସମ୍ବନ୍ଧରେ ମନ୍ତବ୍ୟ କରି ସେ କହିଛନ୍ତି :—

“କଷ୍ଟ ଭୋଗ କରିବା ଓ ସହ୍ୟ କରିବା ହେଉଛି ମନୁଷ୍ୟର କପାଳ ଲିଖନ । ଲୋକ ଯେତେ ଇଚ୍ଛା ଚେଷ୍ଟା କରୁଥାନ୍ତୁ ଏପରି କୌଣସି ଶକ୍ତି ଓ କୌଶଳ ନାହିଁ ଯାହା ମାନବ ଜୀବନରୁ ଦୁଃଖ ଦୁର୍ଦ୍ଦଶା ଦୂର କରିଦେବ । ଯଦି କେହି ଥାନ୍ତି ସେମାନେ ବୃଥା ରୂପେ ଛଳନା କରନ୍ତି—ସେମାନେ କଠୋର ଦୁଃଖ ଭୋଗ କରୁଥିବା ଲୋକଙ୍କୁ ଦୁଃଖ ଯନ୍ତ୍ରଣାରୁ ରକ୍ଷା, ଅବିଚ୍ଛେଦ୍ୟ ଶାନ୍ତି ଏବଂ ସର୍ବଦା ସୁଖ ଭୋଗର ଆଶା ଦିଅନ୍ତି—ସେମାନେ ଲୋକଙ୍କୁ ପ୍ରତାରଣା କରନ୍ତି, ବଞ୍ଚନା କରନ୍ତି ଏବଂ ସେମାନଙ୍କର ଏହି ମିଥ୍ୟା ପ୍ରତିଶ୍ରୁତି ଯୋଗୁଁ ଦୁଃଖଭାର ପୂର୍ବାପେକ୍ଷା ଅଧିକ ବଢ଼ିଯାଏ । ଦୁନିଆ ବାସ୍ତବରେ ଯାହା ସେହିରୂପେ ତାକୁ ଚିନ୍ତାକରି ଗ୍ରହଣ କରିବା ଭଲ,—ଏହା ସଙ୍ଗେ ସଙ୍ଗେ ଆମର ଦୁଃଖର ଅପନୋଦନ ସକାଶେ ଆମେ ଅନ୍ୟତ୍ର ଚେଷ୍ଟା କରିବା ।”

ତା’ପରେ ଏହି ‘ଅନ୍ୟତ୍ର’ କେଉଁଠି ସେ ସମ୍ବନ୍ଧରେ କୁହାଯାଇଛି :—

“ଯେଉଁ ଜୀବନ ଆସିବ ଏବଂ ଯେଉଁ ଜୀବନ ଚିରଦିନ ପର୍ଯ୍ୟନ୍ତ ରହିବ, ତାକୁ ସ୍ୱୀକାର ନ କରି ପୃଥିବୀର ବ୍ୟାପାରସବୁର ଠିକ୍ ରୂପେ

Digitized by srujanika@gmail.com

ମୁକ୍ତି କରିପାରିବ ନାହିଁ କିମ୍ବା ବୁଝି ହେବ ନାହିଁ । ପ୍ରକୃତରେ ଆମେ ଯେଉଁ ମହାର୍ଘ ସତ୍ୟପାଇଁ, ତାହା ହେଉଛି ଖ୍ରୀଷ୍ଟିୟାନ୍ ମତବାଦ--ଧର୍ମ ଏହା ଉପରେ ଭିତ୍ତି କରିଛୁ—ଆମେ ମର୍ତ୍ତ୍ୟମାନବଜୀବନ ଶେଷ ହେଲା ପରେହିଁ ପ୍ରକୃତରେ ବଞ୍ଚିବାକୁ ଆରମ୍ଭ କରିବା । ଭଗବାନ୍ ଜଗତର ନଶ୍ୱର ଓ କ୍ଷଣସ୍ଥାୟୀ ଜିନିଷରୁପେ ଆମକୁ ସୃଷ୍ଟି କରି ନାହାନ୍ତି, ମାତ୍ର ସ୍ୱର୍ଗୀୟ ଓ ଚିରସ୍ଥାୟୀ ଜିନିଷପାଇଁ ସୃଷ୍ଟି କରିଛନ୍ତି । ସେ ଆମକୁ ପୃଥିବୀକୁ ନିର୍ବାସିତ ସ୍ୱରୂପେ ପଠାଇଛନ୍ତି—ଏହା ଆମର ପ୍ରକୃତ ଦେଶ ନୁହେଁ । ଧନ ଓ ଅନ୍ୟାନ୍ୟ ଜିନିଷକୁ ଲୋକେ ଭଲ ଓ ବାଞ୍ଛନୀୟ ବୋଲି କହନ୍ତି—ଆମେ ତାହା ପ୍ରଚୁର ପରିମାଣରେ ପାଇବାକୁ କିମ୍ବା ଆମର ତାହା ସମ୍ପୂର୍ଣ୍ଣ କାମନା କରି ପାରୁ; ମାତ୍ର ନୈସର୍ଗିକ ସୁଖ ସକାଶେ ଏହାର ଦରକାର ନାହିଁ ।"

ଏହି ଧାର୍ମିକ ମନୋଭାବ ଅତି ପୁରୁଣାକାଳର ଜଗତ ସହିତ ସଂଶ୍ଲିଷ୍ଟ—ବର୍ତ୍ତମାନ ଦୁର୍ଦ୍ଦଶାରୁ ମୁକ୍ତି ପାଇବାର ଏକମାତ୍ର ସମ୍ଭବ ଉପାୟ ହେଉଛି ଆଉ ଏକ ଜଗତ । ମାତ୍ର ସମସ୍ତ ଅବସ୍ଥାର ପରିବର୍ତ୍ତନ ହୋଇଛି, ଅତୀତ ସ୍ୱପ୍ନରେ କଳ୍ପନା କରାଯାଇ ନ ଥିବା ଭଳି ମାନବର ବୈଷୟିକ ଉନ୍ନତି ସୀମା ବହୁତ ଉଚ୍ଚକୁ ଉଠିଛି, ତଥାପି ଅତୀତର ସେହି ବନ୍ଧନ ରହିଯାଇଛି; ବର୍ତ୍ତମାନ କେବଳ କେତେକ ଅସ୍ପଷ୍ଟ ଓ ଅନିର୍ଦ୍ଦେଶକ ଆଧ୍ୟାତ୍ମିକ ଗୁଣ ଉପରେ ଜୋର ଦିଆଯାଏ । କାଥଲିକମାନେ ୧୨ଶ ଓ ୧୩ଶ ଶତାବ୍ଦୀକୁ—ଯେଉଁ ଯୁଗକୁ ଅନ୍ୟମାନେ 'ଅନ୍ଧକାର ଯୁଗ' ବୋଲି କହୁଛନ୍ତି ତାକୁ ଖ୍ରୀଷ୍ଟଧର୍ମର ସୁବର୍ଣ୍ଣ ଯୁଗ ବୋଲି ବରୁଛନ୍ତି—ଏହି ସମୟରେ ମହାପୁରୁଷ ସବୁ ଆବିର୍ଭୂତ ହୋଇଥିଲେ; ନୂଆ କେତେ [ଧର୍ମଗ୍ରନ୍ଥ] ରେ ଖ୍ରୀଷ୍ଟିୟାନ ଶାସକମାନେ ପ୍ରବୃତ୍ତ ହୋଇଥିଲେ ଏବଂ ଗଥିକ ଗିର୍ଜାସବୁ ତିଆରି ହୋଇଥିଲା । ସେମାନଙ୍କ ମତରେ ଏହି ଯୁଗ ହେଉଛି "ପ୍ରକୃତ ଖ୍ରୀଷ୍ଟିୟାନ ଗଣତନ୍ତ୍ର ଯୁଗ—ମଧ୍ୟଯୁଗର ସାହାଯ୍ୟ ପ୍ରଥା ଅନୁସାରେ ଏହାର ନିୟନ୍ତ୍ରଣ ହେଉଥିଲା—ଏପରି କେବେ ପୂର୍ବରୁ ହୋଇନଥିଲା ବା ତା ପରେ ହୋଇନାହିଁ ।" ଫାଦର ଖାଲିଫାଙ୍କ ଅଧୀନରେ ଥିବା 'ଉପଲମ୍ବ

Digitized by srujanika@gmail.com

ଗଣତନ୍ତ୍ର' ପ୍ରତି ମୁସଲମାନମାନେ ଦୃଷ୍ଟି ନିକ୍ଷେପ କରନ୍ତି ଏବଂ ସେଠାରେ ସେମାନେ ଯେଉଁ ଅପୂର୍ବ ଉନ୍ନତି କରିଥିଲେ ତାହା ଦେଖନ୍ତି । ହିନ୍ଦୁମାନେ ବୈଦିକ ଓ ପୌରାଣିକ ଯୁଗକୁ ଅନାଇ ରାମରାଜ୍ୟର ସ୍ୱପ୍ନ ଦେଖନ୍ତି । ଅଥଚ ଇତିହାସରୁ ଆମେ ଜାଣୁ ଯେ ସେହି ଅତୀତ କାଳରେ ଦରିଦ୍ର ଜନତା ଖାଦ୍ୟ ଓ ଜୀବନର ଅତ୍ୟନ୍ତ ଆବଶ୍ୟକୀୟ ଜିନିଷ ଯୁକ୍ତା ନ ପାଇ ଅତ୍ୟନ୍ତ ଦୁର୍ଦ୍ଦଶାରେ କାଳ କାଟୁଥିଲେ । ଉପରେ ଅବସର ପାଉଥିବା ଏବଂ ସୁବିଧା ପାଉଥିବା କେତେକ ମୁଷ୍ଟିମେୟ ଲୋକ ହୁଏତ ଆଧ୍ୟାତ୍ମିକ ଜୀବନ ଯାପନରେ ବ୍ରତୀ ହୋଇପାରୁଥାନ୍ତି, ମାତ୍ର ଅନ୍ୟମାନେ କେବଳ ମାତ୍ର ବଞ୍ଚି ରହିବା ପାଇଁ ସଂଗ୍ରାମ କରିବା ଅପେକ୍ଷା ତାଙ୍କ ପକ୍ଷରେ ଆଉ କିଛି କଳ୍ପନା କରିବା କଷ୍ଟକର ଥିଲା । ଯେଉଁ ଲୋକ ଖାଇବାକୁ ପାଉ ନାହିଁ, ତାହା ପକ୍ଷରେ ସଂସ୍କୃତିଗତ ଓ ଆଧ୍ୟାତ୍ମିକ ପ୍ରଗତି ହେବା ଅତି ଅସମ୍ଭବ । ତାର ସମସ୍ତ ଚିନ୍ତା ଖାଦ୍ୟ ଏବଂ ତାହା କିପରି ପାଇବ ଏଥିରେ ନିୟୋଜିତ ହେବ ।

କଳକାରଖାନା ଯୁଗରେ ଅନେକ ଖରାପ କଥା ଅଛି—ଏହା ଆମେ ଖୁବ୍ ଦେଖିପାରୁ; ମାତ୍ର ଆମେ ଭୁଲିଯାଉ ଯେ ମୋଟାମୋଟି ପୃଥିବୀ ପ୍ରତି ଦୃଷ୍ଟିପାତ କଲେ ଏବଂ ବିଶେଷ ଭାବରେ ଅଧିକ ଶିଳ୍ପୋନ୍ନତ ଦେଶଗୁଡ଼ିକୁ ଦେଖିଲେ ଦେଖାଯାଏ ଯେ ଏହା ଲୋକଙ୍କର ବୈଷୟିକ ମଙ୍ଗଳ ସକାଶେ ଏପରି ଏକ ଭିତ୍ତି ସ୍ଥାପନ କରିପାରିଛି ଯାହା ଫଳରେ ଅଧିକସଂଖ୍ୟକ ଲୋକଙ୍କ ପକ୍ଷରେ ସଂସ୍କୃତିଗତ ଓ ଆଧ୍ୟାତ୍ମିକ ଉନ୍ନତି କରିବା ସହଜ ହୁଏ । ଭାରତ କିମ୍ବା ଅନ୍ୟ ଔପନିବେଶିକ ରାଜ୍ୟମାନଙ୍କରେ ଏହା ଦେଖାଯାଏ ନାହିଁ; କାରଣ ଆମେ ଯନ୍ତ୍ରଯୁଗର ଫାଇଦା ପାଉନାହୁଁ । ଆମେ ଏଥିରେ କେବଳ ଶୋଷିତ ହୋଇଛୁଁ ଏବଂ ଅନେକ ପ୍ରକାରେ ବୈଷୟିକ ଭାବରେ ଆମର ଅବସ୍ଥା ଖରାପ ହୋଇଛି—ସଂସ୍କୃତିଗତ ଓ ଆଧ୍ୟାତ୍ମିକ ଭାବରେ ଆହୁରି ଅଧିକ ଖରାପ । ଦୋଷ କଳକାରଖାନାର ନୁହେଁ, ଦୋଷ ହେଉଛି ବିଦେଶୀ କର୍ତ୍ତୃତ୍ୱର । ଅନ୍ତତଃ

Digitized by srujanika@gmail.com

ବର୍ତ୍ତମାନ ସମୟରେ ଭାରତରେ ତଥାକଥିତ ପାଶ୍ଚାତ୍ୟ ପ୍ରଥା ପ୍ରଚଳିତ ସାମନ୍ତବାଦକୁ ଦୃଢ଼ୀଭୂତ କରୁଛି ଏବଂ ଆମର କୌଣସି ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଏହାକୁ ଆହୁରି ଘନ କରି ପକାଉଛି ।

ଏହାହିଁ ଆମର ଦୁର୍ଭାଗ୍ୟ ଏବଂ ବର୍ତ୍ତମାନ ଦୁନିଆକୁ ଆମେ ଏଥିଯୋଗୁଁ ସେପରି ଭୁଲଦୃଷ୍ଟିରେ ନ ଦେଖୁଁ । କାରଣ ବର୍ତ୍ତମାନ ଅବସ୍ଥାରେ ଉତ୍ପାଦନ ପ୍ରଣାଳୀ ବା ସମାଜ ପ୍ରଗତି ପଥରେ ଆଉ ଧନୀ ଲୋକ ଏକ ଆବଶ୍ୟକୀୟ ଓ ବାଞ୍ଛନୀୟ ଅଂଶ ହୋଇନାହିଁ । ଏମାନେ ଅଦରକାର ପରି ରହୁଛନ୍ତି ଏବଂ ସର୍ବଦା ପ୍ରଗତି ପଥରେ ବାଧା ଦେଉଛନ୍ତି । ପୁରୋହିତ-ମାନଙ୍କର ପୂର୍ବ କାଳର ସେହି ପ୍ରବୃତ୍ତି—ଧନୀମାନେ ଉଦାର ହୁଅନ୍ତୁ—ଦରିଦ୍ର ନମ୍ର ହୋଇ ରହନ୍ତୁ—କପାଳଲେଖାକୁ ଆନନ୍ଦରେ ଗ୍ରହଣ କରନ୍ତୁ—ସନ୍ତୁଷ୍ଟ ପ୍ରକୃତ ଓ ଭଲ ଆଚରଣ କରନ୍ତୁ ଇତ୍ୟାଦି କଥା ଆଜି ଅର୍ଥହୀନ ହୋଇପଡ଼ୁଛି । ମଣିଷ ପାଖରେ ଉତ୍ପାଦ ଆଜି ବହୁଗୁଣ ବଢ଼ିଯାଉଛି ଏବଂ ଏହା ବର୍ତ୍ତମାନ ପୃଥିବୀ ସମସ୍ୟାର ସମ୍ମୁଖୀନ ହୋଇ ତାହାର ସମାଧାନ କରିପାରେ । ଅନେକ ଧନୀ ଲୋକ ନିର୍ଦ୍ଦିଷ୍ଟରୂପେ ମଲିଙ୍ଗ ପରି ହୋଇଛନ୍ତି, ଏବଂ ଏହି ପରଙ୍ଗପୁଷ୍ଟ ଶ୍ରେଣୀର ଅବସ୍ଥିତି ଖାଲି ଯେ ଅନାବଶ୍ୟକ ତାହା ନୁହେଁ, ଏଥିରେ ମନୁଷ୍ୟର ସମ୍ପଦର ପ୍ରଚୁର ବୃଥାବ୍ୟୟ ମାତ୍ର । ଏହି ଶ୍ରେଣୀ ଏବଂ ଯେଉଁ ପ୍ରଥା ଏମାନଙ୍କୁ ସୃଷ୍ଟି କରେ, ତାହା ପ୍ରକୃତରେ କାର୍ଯ୍ୟ ଓ ଉତ୍ପତ୍ତିରେ ବାଧା ଦିଏ—ଦୁଇ ଦିଗରେ କର୍ମହୀନ ଲୋକ ଗଢ଼ିବାରେ ଉତ୍ସାହିତ କରେ —ଲୋକେ ଅନ୍ୟ ଲୋକଙ୍କ ଶ୍ରମ ଉପରେ ବଞ୍ଚନ୍ତି ଏବଂ କେତେକଙ୍କର କିଛି କାମ ନଥାଏ—କ୍ଷୁଧିତ ହୋଇଥାନ୍ତି । ଗାନ୍ଧିଜୀ ନିଜେ କେତେଦିନ ତଳେ ଲେଖିଛନ୍ତି—"କ୍ଷୁଧିତ ଓ ଆଳସ୍ୟପରାୟଣ ଲୋକ ଭଗବାନଙ୍କୁ ଗୋଟିଏ ଆକାରରେ ଗ୍ରହଣ କରିପାରେ —ତାହା ହେଉଛି କାର୍ଯ୍ୟ ଏବଂ ମଜୁରୀ ଅନୁସାରରେ ଖାଦ୍ୟ ପାଇବାର ପ୍ରତିଶ୍ରୁତି । ନିଜର ଖାଦ୍ୟ ପାଇଁ ଶ୍ରମ କରିବା ନିମନ୍ତେ ଭଗବାନ୍ ମନୁଷ୍ୟକୁ ସୃଷ୍ଟି କରିଛନ୍ତି ଏବଂ କହିଛନ୍ତି ଯେଉଁମାନେ କାର୍ଯ୍ୟ ନ କରି ଖାଆନ୍ତି ସେମାନେ ଚୋର ।"

Digitized by srujanika@gmail.com

ପୁରାତନ ଚନ୍ତା ଓ ସିଦ୍ଧାନ୍ତ ସବୁ ଆଜିକାଲି ନାହିଁ । ଅଧୁନିକ ଜଗତର ଜଟିଳ ସମସ୍ୟାକୁ ବୁଝିବା ନିମନ୍ତେ ସେହିସବୁ ଉପାୟ ପ୍ରୟୋଗ କରିବା, ସେହି ସମ୍ବନ୍ଧରେ ବର୍ତ୍ତମାନ ଯୁଗର ଅନୁପଯୋଗୀ ଶବ୍ଦ ପ୍ରୟୋଗ କରିବା, ଅର୍ଥ ବିଶୃଙ୍ଖଳା ସୃଷ୍ଟି କରିବା ଏବଂ ବ୍ୟର୍ଥତାକୁ ସ୍ୱାଗତ କରିବା । ବ୍ୟକ୍ତିଗତ ସମ୍ପତ୍ତିର ଆଦର୍ଶ—ଯାହା କେତେକ ଲୋକଙ୍କୁ ଜଗତର ଗୋଟାଏ ମୌଳିକ ଧାରଣାପରି ମନେହୁଏ, ବରାବର ପରିବର୍ତ୍ତିତ ହୋଇ ଆସିଛି । ଏକ ସମୟରେ କ୍ରୀତଦାସମାନଙ୍କୁ ବ୍ୟକ୍ତିଗତ ସମ୍ପତ୍ତି ରୂପେ ଧରାଯାଉଥିଲା - ସ୍ତ୍ରୀ ଓ ସନ୍ତାନମାନଙ୍କୁ ମଧ୍ୟ ସେହିପରି ଭାବୁଥିଲେ—ନୂତନ ବଧୂର ପ୍ରଥମ ରଜନୀ ଭୋଗ କରିବାର ଅଧିକାର ସାମନ୍ତ ପ୍ରଭୁଙ୍କର ଥିଲା, ରାସ୍ତା, ନଦୀର, ଘାଟ, ପୋଲ, ସାଧାରଣ ବ୍ୟବହାର ବ୍ୟବସ୍ଥା, ଆକାଶ ଓ ଜମିରେ ବ୍ୟକ୍ତିଗତ ସମ୍ପତ୍ତି ଥିଲା । ଜୀବଜନ୍ତୁ ମଧ୍ୟ ଆଜିସୁଦ୍ଧା ସମ୍ପତ୍ତିରୂପେ ରହିଛନ୍ତି-- ଯଦିଓ ଅନେକ ଦେଶରେ ଆଇନ ହୋଇ ଏହି ଅଧିକାରକୁ ସୀମାବଦ୍ଧ କରିଦିଆଯାଇଛି । ଯୁଦ୍ଧ ସମୟରେ ସମ୍ପତ୍ତି ଉପରେ ବ୍ୟକ୍ତିଗତ-ଅଧିକାର ନିୟମର ବରାବର ବ୍ୟତିକ୍ରମ କରାଯାଏ । ସମ୍ପତ୍ତି ଦିନକୁ ଦିନ ଅସ୍ପଷ୍ଟ ପରି ହୋଇଯାଉଛି, କମ୍ପାନୀରେ ଅଂଶ ଖର୍ଦ୍ଦି ଏବଂ ଋଣ କରଜ ଗ୍ରହଣ ଆଦିରେ ସନ୍ନିବେଶିତ ହେଉଛି । ସମ୍ପତ୍ତିର ଧାରଣା ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ସରକାର ବା ରାଷ୍ଟ୍ର ଅଧିକରୁ ଅଧିକ ହସ୍ତକ୍ଷେପ କରୁଛନ୍ତି— ଜନମତ ଦାବୀ କରୁଛି ଏବଂ ସମ୍ପତ୍ତି-ଅଧିକାରୀ ଲୋକଙ୍କର ଯଥେଚ୍ଛା ଅଧିକାରକୁ ଆଇନ ବଳରେ ସଂକୁଚିତ କରିଦିଆଯାଉଛି । ନାନା ପ୍ରକାର ଗୁରୁ ଟିକସ ପ୍ରଥା ଚଳୁଛି—ଏହା ବାଜ୍ୟାପ୍ତି ସଙ୍ଗେ ସମାନ—ଏହା ସାଧାରଣ ହିତ ସକାଶେ ବ୍ୟକ୍ତିଗତ ସମ୍ପତ୍ତି ଅଧିକାରକୁ ଗ୍ରାସ କରିଦିଏ । ସାଧାରଣ ନୀତିର ଭିତ୍ତି ହେଲା ସାଧାରଣ ହିତ ଏବଂ ଲୋକ ନିଜର ସମ୍ପତ୍ତି ରକ୍ଷା କରିବା ନିମନ୍ତେ ସୁଦ୍ଧା ସାଧାରଣ ହିତ ବିରୁଦ୍ଧରେ କାର୍ଯ୍ୟ କରିପାରେ ନା । ମୋଟାମୋଟି ଅତୀତରେ ବହୁସଂଖ୍ୟକ ଲୋକଙ୍କର କୌଣସି ସମ୍ପତ୍ତି ଅଧିକାର ନଥିଲା—ସେମାନେ ନିଜେ ସମ୍ପତ୍ତିରୂପେ ଅନ୍ୟଦ୍ୱାରା ବ୍ୟବହୃତ ହେଉଥିଲେ । ଏପରିକି ଆଜି ସୁଦ୍ଧା ଖୁବ୍ ଅଳ୍ପ ଲୋକଙ୍କର ଏହି ଅଧିକାର ଅଛି । ଆମେ ନ୍ୟସ୍ତସ୍ୱାର୍ଥ କଥା ବହୁପରିମାଣରେ

Digitized by srujanika@gmail.com

ଶୁଣୁ । ଆଜି ଏକ ନୂତନ ପ୍ରକାର ନ୍ୟସ୍ତସ୍ୱାର୍ଥ ସ୍ୱୀକାର କରିବାକୁ ହେବ, ତାହା ହେଉଛି ପ୍ରତ୍ୟେକ ନରନାରୀ ବଞ୍ଚିବ, ଶ୍ରମ କରିବ ଏବଂ ଶ୍ରମର ଫଳ ଭୋଗ କରିବ । ଏହି ପରିବର୍ତ୍ତିତ ଧାରଣା ଯୋଗୁ ସମ୍ପତ୍ତି ଓ ମୂଳଧନ ଲୋପ ପାଏନାହିଁ—ସେଗୁଡ଼ିକ ସ୍ତୁତ ହୋଇଛି । ଅଳ୍ପସଂଖ୍ୟକ ଲୋକଙ୍କ ହାତରେ ପଡ଼ିବା ହେତୁ ଯେତେବେଳେ ଅନ୍ୟମାନଙ୍କ ଉପରେ ପ୍ରଭୁତ୍ୱ ହୁଏ, ସେତେବେଳେ ସେ ସମସ୍ତ ସମାଜ ଫେରାଇନେବାକୁ ଚାହେଁ ।

ଗାନ୍ଧିଜୀ ବ୍ୟକ୍ତିବିଶେଷର ଆଭ୍ୟନ୍ତରୀଣ, ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି ଚାହାନ୍ତି ଏବଂ ଏହାପରେ ବାହ୍ୟିକ ପାରିପାର୍ଶ୍ୱିକ ଅବସ୍ଥା ପରିବର୍ତ୍ତନ କରିବାର ଆଶା କରନ୍ତି । ସେ ଚାହାନ୍ତି—ଲୋକେ ଖରାପ ଅଭ୍ୟାସ ଓ ବିଳାସ ଛାଡ଼ିଦିଅନ୍ତୁ—ଶୁଦ୍ଧ ହୋଇଯାନ୍ତୁ । ସେ କାମ-ଇନ୍ଦ୍ରିୟ ଉପଭୋଗରୁ ନିବୃତ୍ତ ହେବାକୁ ଏବଂ ମଦ୍ୟ ଧୂମ୍ରପାନ ତ୍ୟାଗ କରିବାକୁ ଚାହାନ୍ତି । ଏହି ସବୁ ବିଳାସରେ କେଉଁଟା କେତେଦୂର ଖରାପ ସେ ସମ୍ବନ୍ଧରେ ମତଭେଦ ଥାଇପାରେ, ମାତ୍ର ଏଥିରେ କିଛି ସନ୍ଦେହ ଅଛି କି ଯେ ବ୍ୟକ୍ତିଗତ ଦୃଷ୍ଟିରୁ ହେଉ, ଏବଂ ସାମାଜିକ ଦୃଷ୍ଟିରୁ ହେଉ, ଲୋଭ, ସ୍ୱାର୍ଥପରତା, ପରିଗ୍ରହ-ପ୍ରବୃତ୍ତି, ବ୍ୟକ୍ତିଗତ ଲାଭପାଇଁ ବ୍ୟକ୍ତିବିଶେଷଙ୍କର ଭୀଷଣ ଦ୍ୱନ୍ଦ୍ୱ, ଗୋଷ୍ଠି ଓ ଶ୍ରେଣୀମଧ୍ୟରେ କଦର୍ଯ୍ୟ ସଂଗ୍ରାମ, ଏକ ଦଳର ଅନ୍ୟ ଦଳକୁ ଶୋଷଣ ଓ ଅମାନୁଷିକଭାବରେ ଦମନ ଏବଂ ଜାତି ଜାତି ଭିତରେ ଭୀଷଣ ଯୁଦ୍ଧସବୁ ଅପେକ୍ଷା ଏହି ବ୍ୟକ୍ତିଗତ ଦୁର୍ବଳତା ଅଳ୍ପ କ୍ଷତିକାରକ ? ଅବଶ୍ୟ ସେ ଏହିସବୁ ହିଂସା ଓ ଅଧୋଗତିକୁ ନେଇଯାଉଥିବା ସଂଗ୍ରାମକୁ ମଧ୍ୟ ଘୃଣା କରନ୍ତି । ମାତ୍ର ଆଧୁନିକ ସ୍ୱାର୍ଥପର ଓ ପୁଞ୍ଜିସଂଗ୍ରହପ୍ରିୟ ସମାଜ ଯାହାର ନିୟମ ହେଉଛି ସବଳ ଅବଶ୍ୟ ଦୁର୍ବଳ ଉପରେ ପ୍ରାଧାନ୍ୟ କରିବ ସେଥିରେ ଏହା ସ୍ୱାଭାବିକ ନୁହେଁ କି ? ଏହି ଦୁନିଆର ପୂର୍ବକାଳପରି ମୂଳମନ୍ତ୍ର ହେଉଛି "ଯାହାଙ୍କର କ୍ଷମତା ଅଛି ସେ ନେବେ ଏବଂ ଯେ ପାରନ୍ତି ସେ ରକ୍ଷା କରିବେ ?" ଆଜିକାଲି ଲାଭ କରିବାର ପ୍ରବୃତ୍ତିହିଁ ସଂଗ୍ରାମ ସୃଷ୍ଟି କରିଛି । ମନୁଷ୍ୟର ନିକୃଷ୍ଟ ପ୍ରବୃତ୍ତିକୁ ପ୍ରଚଳିତ ପ୍ରଥା ରକ୍ଷା କରୁଛି ଓ ପ୍ରତ୍ୟେକ ସୁବିଧା ଦେଉଛି; ଏହା କେତେକ ମହତ୍ତ୍ୱର ପ୍ରବୃତ୍ତିକୁ ଉତ୍ସାହିତ

Digitized by srujanika@gmail.com

କରେ ସନ୍ଦେହ ନାହିଁ ; ମାତ୍ର ମନୁଷ୍ୟର ଗୋଟିଏ ପ୍ରବୃତ୍ତିକୁ ଅଧିକ ଉତ୍ସାହିତ କରେ । ସଫଳତା ଅର୍ଥ ହେଉଛି ଅନ୍ୟମାନଙ୍କୁ ଧକ୍କାମାରି ତାଙ୍କ ଉପରେ ମାଡ଼ିବସିବା । ଏହିସବୁ ମତଲବ ଓ ଆକାଂକ୍ଷାକୁ ଯଦି ସମାଜ ଉତ୍ସାହିତ କରେ ଏବଂ ଆମର ସର୍ବୋତ୍କୃଷ୍ଟ ଲୋକ ଏଥିଲାଗି ଆକୃଷ୍ଟ ହେଉଥାନ୍ତି, ତେବେ ପାରିପାର୍ଶ୍ୱିକ ଅବସ୍ଥାରେ ଗାନ୍ଧୀଜୀ କ'ଣ ଚିନ୍ତାକରୁଛନ୍ତି ଯେ ସେ ତାଙ୍କର ନୈତିକ ମାନବର ଆଦର୍ଶ ହାସଲ କରି ପାରିବେ ? ସେ ସେବାଭାବ ବୃଦ୍ଧି କରିବାକୁ ଚାହାନ୍ତି ; କେତେକ ବ୍ୟକ୍ତିବିଶେଷଙ୍କଠାରେ ଏ ଭାବ କରିବାରେ ସେ ସମର୍ଥ ହେବେ; ମାତ୍ର ଯେ ପର୍ଯ୍ୟନ୍ତ ସମାଜ ସଂଗ୍ରହପ୍ରବୃତ୍ତିଶୀଳ ସମାଜର ବଳିଷ୍ଠ ଲୋକଙ୍କୁ ଆଦର୍ଶରୂପେ ରଖିଥିବ, ବ୍ୟକ୍ତିଗତ ଲାଭ ଆଶା ଯେ ପର୍ଯ୍ୟନ୍ତ ପ୍ରଧାନ ପ୍ରେରଣା ହୋଇ ରହିଥିବ, ସେ ପର୍ଯ୍ୟନ୍ତ ବହୁ ସଂଖ୍ୟକ ଲୋକ ଏହି ପଥ ଅନୁସରଣ କରିବେ ।

ମାତ୍ର ଏହି ସମସ୍ୟା ଆଉ ଏକ ନୈତିକ ବା ନୀତି-ଶାସ୍ତ୍ରଗତ ହୋଇ ନାହିଁ । ଆଜି ଏହା ଏକ ବାସ୍ତବ ଓ ଜରୁରୀ ସମସ୍ୟା ହୋଇଛି । କାରଣ ସମଗ୍ର ଜଗତ ଆଜି ଏକ କନ୍ଦଳରେ ପଡ଼ିଛି ଏବଂ କୌଣସି ଏକ ପନ୍ଥା ବାହାର କରିବାକୁ ହେବ । କିଛି ଘଟିବ ବୋଲି ଆମେ ଆଶା କରି ଅପେକ୍ଷା କରିପାରୁ ନା । ଆମେ କେବଳ ପୁଞ୍ଜିବାଦ, ସାମ୍ୟବାଦ ଓ କମ୍ୟୁନିଜମ୍ ଆଦିର ଖରାପ ଦିଗଟା ସମାଲୋଚନା କରି ନାସ୍ତିବାଚକ ଭାବରେ ଅପେକ୍ଷା କରି ରହିପାରୁ ନା । କେବଳ ଆଶା କରି ବସିବୁ ନାହିଁ ଯେ ସୁବର୍ଣ୍ଣ ଯୁଗ ଆସିବ— ସେଥିରେ ପୁରାତନ ଓ ନୂତନ ସମସ୍ତ ପ୍ରଥାର ଉତ୍ତମ ବିଷୟଗୁଡ଼ିକ ଭିତରେ ଗୋଟିଏ ମିଳାମିଶା ହୋଇ ଭଲ ଅବସ୍ଥା ସୃଷ୍ଟି ହେବ । ରୋଗକୁ ଚିହ୍ନି ପ୍ରତିକାର ବାହାର କରି ତାହା କରିବାକୁ ପଡ଼ିବ । ଏହା ସୁନିଶ୍ଚିତ ଯେ ଆଜି ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ଆମେ ଯେଉଁଠାରେ ଅଛେ ସେଠାରେ ରହିବା ନାହିଁ; ଆମେ ହୁଏତ ପଛକୁ ଯିବା ଚେଷ୍ଟା କରିବା ନଚେତ୍ ଆଗକୁ ଠେଲି ହୋଇଯିବା । ସମ୍ଭବତଃ ଏଥିରେ ଆମର ନିଜର କିଛି ହାତ ରହିବ ନାହିଁ ; କାରଣ ପଛକୁ ଫେରିବା କଳ୍ପନା କରାଯାଇ ପାରେ ନା ।

Digitized by srujanika@gmail.com

ମାତ୍ର ଗାନ୍ଧିଜୀଙ୍କ କାର୍ଯ୍ୟକଳାପରୁ ଜଣାପଡ଼ୁଛି ଯେ ସେ ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ ଅବସ୍ଥାକୁ ଫେରିଯିବାକୁ ଚାହାନ୍ତି – ସେ କେବଳ ଦେଶକୁ ସ୍ୱାବଲମ୍ବନଶୀଳ କରିବାକୁ ଚାହାନ୍ତି ନାହିଁ ଗ୍ରାମକୁ ମଧ୍ୟ ସ୍ୱାବଲମ୍ବନଶୀଳ କରିବାକୁ ଚାହାନ୍ତି । ଆଦିମ ସମାଜରେ ଗ୍ରାମଗୁଡ଼ିକ ଅନେକ ଅଂଶରେ ସ୍ୱାବଲମ୍ବନଶୀଳ ଥିଲା—ନିଜର ଅନ୍ନ ବସ୍ତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷପତ୍ର ବ୍ୟବସ୍ଥା ସେଇଠାରେ ହେଉଥିଲା । ଆବଶ୍ୟକତା ବୋଇଲେ ଅତ୍ୟନ୍ତ ନିମ୍ନ ଧରଣର ଜୀବନଯାତ୍ରା ନିର୍ବାହ ବୁଝିବାକୁ ହେବ । ଗାନ୍ଧିଜୀ ସ୍ଥାୟୀ ଭାବରେ ଏହା ଚାହାନ୍ତି ବୋଲି ମୋର ମନେହୁଏ ନା । କାରଣ ଏହା ଏକ ଅସମ୍ଭବ ଲକ୍ଷ୍ୟ । ଆଜିର ବିଶାଳ ଲୋକସଂଖ୍ୟା କେତେକ ଦେଶରେ ବଞ୍ଚିବାକୁ ସମର୍ଥ ହେଉ ନାହାନ୍ତି—ସେମାନେ ଏହି ଅଭାବ ଓ ଅନାହାରକୁ ଫେରିଯିବାଟା ସହ୍ୟ କରି ପାରିବେ ନାହିଁ । ମୋର ମନେହୁଏ ଭାରତ ପରି ଏକ କୃଷିପ୍ରଧାନ ଦେଶରେ ଆମର ବର୍ତ୍ତମାନ ଜୀବନ ଧାରଣ ପ୍ରଣାଳୀ ଏତେ ନିମ୍ନସ୍ତରରେ ଅଛି ଯେ ଗ୍ରାମ୍ୟ ଶିଳ୍ପ ଉନ୍ନତଦ୍ୱାରା ଏଠାରେ ଜନସାଧାରଣଙ୍କର ସାମାନ୍ୟ ଉନ୍ନତି ହେବା ସମ୍ଭବ । ମାତ୍ର ପ୍ରତ୍ୟେକ ଦେଶ ପରି ଆମେ ପୃଥିବୀର ଅନ୍ୟ ଦେଶ ସହିତ ବନ୍ଧା ହୋଇ ରହିଛେ ଏବଂ ଏଥିରୁ ବିଚ୍ଛିନ୍ନ ହୋଇଯିବା ମୋତେ ସମ୍ପୂର୍ଣ୍ଣ ଅସମ୍ଭବ ମନେ ହେଉଛି । ତେଣୁ ଆମକୁ ପୃଥିବୀ ଅନୁସାରେ ଭାବିବାକୁ ହେବ ଏବଂ ଏହି ଦିଗରେ ଚିନ୍ତା କରି ଦେଖିଲେ ସଂପୂର୍ଣ୍ଣ ସ୍ୱାବଲମ୍ବନବାଦର କୌଣସି ସ୍ଥାନ ନାହିଁ । ବ୍ୟକ୍ତିଗତରୂପେ ପ୍ରତ୍ୟେକ ଦୃଷ୍ଟିରୁ ମୁଁ ଏହାକୁ ଅବାଞ୍ଛନୀୟ ମନେ କରେ ।

ଆମେ ଅନିବାର୍ଯ୍ୟରୂପେ ଗୋଟାଏ ସମ୍ଭବପର ସମାଧାନରେ ପହଞ୍ଚୁ—ତାହା ହେଉଛି ସାମ୍ୟବାଦ ବ୍ୟବସ୍ଥାର ସଂସ୍ଥାପନ—ପ୍ରଥମେ ଜାତୀୟ ସୀମା ଭିତରେ ଏବଂ କ୍ରମେ ସାଧାରଣ ହିତ ସକାଶେ ଧନର ଉତ୍ପାଦନ ଓ ବଣ୍ଟନ ନିୟନ୍ତ୍ରଣ କରି ସମଗ୍ର ଦୁନିଆରେ ଏହା କିପରି ଭାବରେ ହୋଇପାରିବ ତାହା ଆଉ ଗୋଟିଏ ବିଷୟ । ମାତ୍ର ଏହା ସ୍ପଷ୍ଟ କଥା ଯେ ବର୍ତ୍ତମାନ ସମାଜରେ ଯେ କେତେକ ଲୋକ ଲାଭ ଉଠାଉଛନ୍ତି,

Digitized by srujanika@gmail.com

ସେମାନେ ଯଥେଷ୍ଟ କରୁଥିବା ହେତୁ କୌଣସି ଦେଶ ବା ମାନବ ସମାଜର ଦ୍ରୁତ କାର୍ଯ୍ୟ ବନ୍ଦ କରାଯାଇ ପାରେ ନା । ରାଜନୈତିକ କିମ୍ବା ସାମାଜିକ ଅନୁଷ୍ଠାନ ସବୁ ପରିବର୍ତ୍ତନ ପଥରେ ଯଦି ଅନ୍ତରାୟ ହୁଅନ୍ତି, ତେବେ ତାଙ୍କୁ ଦୂର କରିଦେବାକୁ ହେବ । ଏହି ବାଞ୍ଛନୀୟ ଓ ବାସ୍ତବ ଆଦର୍ଶ ଜନମନରେ ଏହା ସହିତ ମିଳାମିଶା କରିବା ହେଉଛି ଏକ ଭୀଷଣ ବିଶ୍ୱାସଘାତକତା । ପୃଥିବୀ ଅବସ୍ଥା ଦୃଷ୍ଟିରୁ ଏପରି ପରିବର୍ତ୍ତନ ବାଧ୍ୟହୋଇ କିମ୍ବା ଜଲଦି କରାଯାଇପାରେ, ମାତ୍ର ସମ୍ପୃକ୍ତ ଅଧିକାଂଶ ଲୋକଙ୍କର ସ୍ୱେଚ୍ଛା ସହିତ କିମ୍ବା ଅନୁମତି ବିନା ହୋଇପାରିବ ନାହିଁ । ତେଣୁ ସେମାନଙ୍କୁ ଏଥିରେ ଦୀକ୍ଷିତ କରାଇ ହାତ କରିବାକୁ ହେବ । ଗୋଟିଏ ଛୋଟ ଦଳର ଷଡ଼ଯନ୍ତ୍ରମୂଳକ ହିଂସା ଏଥିରେ କିଛି ସାହାଯ୍ୟ କରି ପାରିବ ନାହିଁ । ତେଣୁ ସ୍ୱାଭାବିକ ଭାବରେ ପ୍ରଚଳିତ ପ୍ରଥାରେ ଯେଉଁମାନେ ଲାଭବାନ୍ ହେଉଛନ୍ତି ତାଙ୍କୁ ମଧ୍ୟ ହାତ କରିବାକୁ ହେବ । ମାତ୍ର ସେମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ଏଥିରେ ଦୀକ୍ଷିତ ହେବା ଅତ୍ୟନ୍ତ ଅସମ୍ଭବ ।

ଗାନ୍ଧିଜୀଙ୍କର ବିଶେଷ ପ୍ରିୟ ଖଦି ଆନ୍ଦୋଳନ—ହାତ କଟା ଓ ହାତ ବୁଣା ହେଉଛି ଉତ୍ପାଦନରେ ବ୍ୟକ୍ତିଗତ ଉଦ୍ୟମରେ ଦୃଢ଼ୀକରଣ—ଏହି-ରୂପେ ଏହା ପୂର୍ବ-ଯନ୍ତ୍ରଯୁଗକୁ ଫେରିଯିବ । ଆଧୁନିକ କୌଣସି ଗୁରୁତର ସମସ୍ୟା ସମାଧାନ ପାଇଁ ଏହାକୁ ଗୁରୁତର ଭାବରେ ଗ୍ରହଣ କରାଯାଇ ପାରେ ନା; ଏବଂ ଏଥିରେ ଗୋଟାଏ ମନୋବୃତ୍ତି ଜାତ ହୁଏ ଯାହା ଆମକୁ ଠିକଣା ବାଟରେ ନେବାରେ ବାଧା ଜାତ କରେ । ଯାହାହେଉ ଅସ୍ଥାୟୀ ଭାବରେ ଏହାର ଉପକାରିତା ଅଛି ବୋଲି ମୁଁ ଉପଲବ୍ଧି କରୁଛି ଏବଂ ଆଉ କିଛିଦିନ ସାହାଯ୍ୟକାରୀ ହୋଇପାରେ ଯେ ପର୍ଯ୍ୟନ୍ତ ଦେଶବ୍ୟାପୀ ଭୂମି ଓ କଳକାରଖାନା ସମସ୍ୟାର ଠିକ୍ ସମାଧାନ କରିବା ନିମନ୍ତେ ରାଷ୍ଟ୍ର ବ୍ୟବସ୍ଥା କରି ନାହିଁ । ଆଜି ଭାରତରେ ବେକାର ସମସ୍ୟା ଗୁରୁତର—ଏହାର ବିବରଣୀ ନାହିଁ—ମଫସଲ ଅଞ୍ଚଳରେ ଆଂଶିକ ଭାବରେ ବେକାର ସମସ୍ୟା ବେଶୀ । ଏହି ବେକାରର ପ୍ରତିକାର କରିବା ନିମନ୍ତେ ସରକାର ପକ୍ଷରୁ କୌଣସି ଉଦ୍ୟମ ହୋଇ ନାହିଁ ଏବଂ ଅକର୍ମୀଙ୍କୁ ସହାଯ୍ୟ କରିବାର

Digitized by srujanika@gmail.com

କିଛି ବ୍ୟବସ୍ଥା ହୋଇ ନାହିଁ । ଆର୍ଥିକ ଦୃଷ୍ଟିରୁ ଏହି ସଂପୂର୍ଣ୍ଣ ଓ ଆଂଶିକ ଅକର୍ମୀଙ୍କ ପ୍ରତି ଖଦି କେତେକ ପ୍ରକାରେ ସାହାଯ୍ୟକାରୀ ହୋଇଛି, ନିଜ ଚେଷ୍ଟା ଫଳରେ ଏହି ଉନ୍ନତି ହୋଇଥିବାରୁ ସେମାନଙ୍କର ଆତ୍ମ- ସମ୍ମାନ ବୃଦ୍ଧି ହୋଇଛି ଏବଂ ଗୋଟାଏ ବିଶ୍ୱାସଭାବ ଆସିଛି । ମନୁଷ୍ୟର ମାନସିକ ଉନ୍ନତି ଏଠାରେ ବେଶୀ ଲକ୍ଷ କରିବାର କଥା । ଗ୍ରାମ ଓ ସହର ଭିତର ପାର୍ଥକ୍ୟକୁ ଖଦି କେତେକ ପରିମାଣରେ ଦୂର କରି ପାରିଛି—ଏହା ମଧ୍ୟବିତ୍ତ ଶିକ୍ଷିତ ଶ୍ରେଣୀ ଓ କୃଷକଙ୍କୁ ପରସ୍ପର ନିକଟକୁ ଟାଣି ଆଣି ପାରିଛି । ପୋଷାକ ପିନ୍ଧିଲାବାଲା ଓ ଦେଖିଲାବାଲା ମଧ୍ୟରେ ଏକ ମାନସିକ ଫଳ ପ୍ରଦାନ କରେ—ମଧ୍ୟବିତ୍ତ ଶ୍ରେଣୀ ସାଧାସିଧା ଧଳା ଖଦି ପୋଷାକ ପିନ୍ଧିବା ଫଳରେ ସରଳତା ବୃଦ୍ଧି ପାଇଛି । ସମ୍ପତ୍ତି ବା ବିଳାସର ଛଳନା ଓ ଅଳୀକତା ଦୂର ହୋଇଛି ଏବଂ ଜନସାଧାରଣଙ୍କ ସହିତ ଗୋଟାଏ ଐକ୍ୟବୋଧ ଜନ୍ମିଛି । ପୋଷାକ ପରିଚ୍ଛଦରେ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ଆଉ ଧନୀ ଶ୍ରେଣୀର ଅନୁକରଣ କରୁ ନାହାନ୍ତି କିମ୍ବା ନିଜେ ଶସ୍ତା ପୋଷାକ ପିନ୍ଧୁଛନ୍ତି ବୋଲି ଲଜ୍ଜା ବୋଧ କରୁ ନାହାନ୍ତି । ବାସ୍ତବିକ ସେମାନେ ଏଥିରେ ଯେ ଖାଲି ନିଜକୁ ସମ୍ମାନିତ ମନେ କରନ୍ତି ତାହା ନୁହେଁ, ଯେଉଁମାନେ ବେଶମର ଆଡ଼ମ୍ବର ପୋଷାକ ପିନ୍ଧନ୍ତି ତାଙ୍କ ଅପେକ୍ଷା ନିଜକୁ ଉଚ୍ଚ ମନେ କରନ୍ତି । ଅତି ଦରିଦ୍ର ଲୋକ ମନରେ ସୁଦ୍ଧା ଏହିପରି ମର୍ଯ୍ୟାଦା ଓ ଆତ୍ମସମ୍ମାନ ବୋଧ ହୋଇଛି । ଗୋଟିଏ ଖଦିପିନ୍ଧା ଦଗ୍ରଠ ଜନତାରେ ଧନୀ ଦରିଦ୍ର ଜାଣିପାରିବା କଷ୍ଟକର ଏବଂ ଏଥିରେ ଏକ ପ୍ରକାର ବନ୍ଧୁତ୍ୱ ବୃଦ୍ଧି ହୁଏ । ଏଥିରେ ସନ୍ଦେହ ନାହିଁ କଂଗ୍ରେସ ଜନସାଧାରଣ ଭିତରେ ପ୍ରବେଶ କରିବାରେ ଖଦି ସାହାଯ୍ୟ କରିଥିଲା । ଏହା ଜାତୀୟ ସ୍ୱାଧୀନ-ତାର ପୋଷାକ ହୋଇଛି ।

ମିଲ ମାଲିକମାନେ ଯେ ସେମାନଙ୍କ ଲୁଗାର ଦାମ୍ ବାରମ୍ବାର ବଢ଼ାଉଥିଲେ ଖଦିଦ୍ୱାରା ତାହା ବି କିଛିଏ ରହିତ ହେଲା । ଅତୀତରେ ଏହି ମିଲ ମାଲିକମାନେ ବିଦେଶୀ ପ୍ରତିଯୋଗୀତା ବିଶେଷତଃ ଲାଙ୍କାଶାୟାର ଯୋଗୁଁ ସଂଯତ ହୋଇଥିଲେ । ମହାସମର ପରେ ଯେତେବେଳେ ଏହି

Digitized by srujanika@gmail.com

ପ୍ରତିଯୋଗିତା ବନ୍ଦ ହେଲା, ସେତେବେଳେ ସ୍ୱଭାବତଃ ଲୁଗାଦାମ ଅଦ୍ଭୁତ ପ୍ରକାରରେ ବଢ଼ିଗଲା ଏବଂ ଭାରତୀୟ ମିଲମାନେ ଅଜସ୍ର ଅର୍ଥ ଅର୍ଜନ କଲେ । ପରେ ସ୍ୱଦେଶୀ ଗ୍ରହଣ ଓ ବିଦେଶୀ ବର୍ଜନ ଆନ୍ଦୋଳନ ଏହି ମିଲମାନଙ୍କୁ ଅଧିକ ପରିମାଣରେ ସାହାଯ୍ୟକଲା, ମାତ୍ର ଖଦି ଥିବାରୁ ଗୋଟାଏ ପରିବର୍ତ୍ତନ ଘଟିଲା ଏବଂ ଏହା ନଥିଲେ ଦାମ୍ ଯେତେଦୂର ବଢ଼ିଥାନ୍ତା, ସେପରି ବଢ଼ି ପାରିଲା ନାହିଁ । ବାସ୍ତବିକ ମିଲମାନେ (ଜାପାନ ମଧ୍ୟ) ମୋଟା ଲୁଗାସବୁ ତିଆରି କରି ଲୋକଙ୍କର ଖଦିପ୍ରୀତିର ସୁଯୋଗ ଗ୍ରହଣ କଲେ— ଏହି ମୋଟା ଲୁଗାକୁ ହାତକଟା ଓ ହାତବୁଣା ଲୁଗାର ବାହୁନୁଏନା । ଯୁଦ୍ଧପରି ଆଉ ଏକ ଜରୁରୀ ଅବସ୍ଥା ପଡ଼ିଲେ ଏବଂ ବିଦେଶୀଲୁଗା ଆସିବା ବନ୍ଦ ହୋଇଗଲେ ୧୯୧୪ ମସିହାପରେ ମିଲ୍ ମାଲିକମାନେ ଯେପରି-ଭାବରେ କ୍ରେତାମାନଙ୍କୁ ଲୁଟ୍ କରିଥିଲେ ସେପରି କରିବାର ସମ୍ଭାବନା ବହୁତ କମ । ଖଦି ଆନ୍ଦୋଳନ ସେଥିରେ ବାଧା ଦେବ ଏବଂ ଖଦି ସଙ୍ଗଠନ ଅଳ୍ପ ସମୟ ଭିତରେ ପ୍ରସାର ହେବାର କ୍ଷମତା ଅଛି ।

ବର୍ତ୍ତମାନ ଭାରତରେ ଖଦି ଆନ୍ଦୋଳନର ଏହିସବୁ ଉପକାର ସତ୍ତ୍ୱେ ଏହା କ୍ଷଣସ୍ଥାୟୀ ଅବସ୍ଥାପରି ମୋତେ ମନେହୁଏ । ଭାରତର ଅର୍ଥନୈତିକ ବ୍ୟବସ୍ଥା ପରିବର୍ତ୍ତନ ସମୟରେ ଏହା ପରେ ସାହାଯ୍ୟକାରୀ ଆନ୍ଦୋଳନରୂପେ ରହିପାରେ । ଭବିଷ୍ୟତରେ ପ୍ରଧାନ ଚେଷ୍ଟା ହେବ ଭୂମିସଂକ୍ରାନ୍ତ ବ୍ୟବସ୍ଥାର ସଂପୂର୍ଣ୍ଣ ପରିବର୍ତ୍ତନ ଏବଂ କଳକାରଖାନା ବୃଦ୍ଧି । ଖାଲି ଜମି ସମସ୍ୟାରେ ଟିକିଏ ହାତ ଦେଇ, ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଅସଂଖ୍ୟ କମିସନ ବସାଇ, ଉପରଠାଉରିଆ ଭାବରେ ଛୋଟ ଛୋଟ ପରିବର୍ତ୍ତନ ଦାବିକଲେ ସାମାନ୍ୟ ମଙ୍ଗଳ ହୋଇପାରେ ଆମର ପ୍ରଚଳିତ ଭୂମିପ୍ରଥା ଜର୍ଜ୍ଜରିତ—ଏହା ଉତ୍ପାଦନ, ବଣ୍ଟନ ଏବଂ କୌଣସି ବ୍ୟାପକ ଓ ବୈଜ୍ଞାନିକ ଉତ୍ପାଦନ, କାର୍ଯ୍ୟରେ ଅନ୍ତରାୟ ହୋଇ ରହିଛି । କେବଳ ଏକ ଆମୂଳ ପରିବର୍ତ୍ତନ କରି, ଛୋଟ ଛୋଟ କ୍ଷେତ ଭାଙ୍ଗିଦେଇ, ସଙ୍ଗଠିତ ସାମୂହିକ ଓ ସମବାୟ ପ୍ରଚେଷ୍ଟା ପ୍ରସାରକରି ଏବଂ ଅଳ୍ପ ଉଦ୍ୟମରେ ବହୁତ ଉତ୍ପାଦନ ବୃଦ୍ଧି କରିପାରିଲେହିଁ ଆଧୁନିକ

Digitized by srujanika@gmail.com

ଅବସ୍ଥାର ଅନୁକୂଳ ହେବ । ଭୂମିରେ ଆମର ସମସ୍ତଲୋକେ କାର୍ଯ୍ୟ ପାଇ ପାରିବେ ନାହିଁ; ଏବଂ ବ୍ୟାପକ ବୈଜ୍ଞାନିକ ପ୍ରଣାଳୀର (ଗାନ୍ଧିଜୀଙ୍କର ଯେପରି ଭୟ) ଫଳରେ ଜମିରେ ଶ୍ରମିକ କମ୍ ସଂଖ୍ୟାରେ ଦରକାର ହେବେ । ଅନ୍ୟମାନେ ଆଂଶିକଭାବରେ ହୋଇପାରେ ଶିଳ୍ପ ଆଡ଼କୁ ଯିବେ, ମାତ୍ର ମୁଖ୍ୟଭାବରେ ବ୍ୟାପକ ସାମ୍ୟବାଦ ନୀତିରେ ଚାଳିତ କାରଖାନା ଏବଂ ସାମାଜିକ ସେବାରେ ନିଜକୁ ନିଯୋଗ କରିବେ ।

ଖାଦ ଅବଶ୍ୟ ଅନେକ ଅଞ୍ଚଳରେ ଲୋକଙ୍କୁ କିଛି ଉପଶମ ଦେଉଛି; ମାତ୍ର ଏହା ଯେଉଁ ସଫଳତା ପାଇଛି ସେଥିରେ ମଧ୍ୟ ବିପଦର ଆଶଙ୍କା ରହିଛି । ଏହାର ଅର୍ଥ ହେଉଛି ଏହା ଏକ ପତନୋନ୍ମୁଖୀ ଜମି ପ୍ରଥାର ପୁନରୁତ୍ଥାନ କରୁଛି ଏବଂ ସେହିପରିମାଣରେ ଉତ୍ତମପ୍ରଥା ଦିଗରେ ପରିବର୍ତ୍ତନରେ ବାଧା ପହଞ୍ଚାଇଛି । ଏହାର ଫଳ ଏତେ ଅଧିକ ନୁହେଁ ଯେ ଏହି ପାର୍ଥକ୍ୟଟା ଲକ୍ଷ୍ୟ କରିପାଇପାରେ, ମାତ୍ର ଏହି ପ୍ରବୃତ୍ତି ରହିଛି । କୃଷକ ଯେଉଁ ନିମ୍ନସ୍ତରର ଜୀବନ ଧାରଣ କରୁଛି, ଆଜି ତାହା ଜମିରୁ ଯାହା ନିଷ୍ପନ୍ନ ହେଉଛି ତା'ପକ୍ଷରେ ତାହା ଯଥେଷ୍ଟ ନୁହେଁ । ତା'ର ଏହି କ୍ଷୁଦ୍ର ଆୟ ସହିତ ସେ ଅନ୍ୟ ବାହାରର ଆୟ ମିଶାଇବାକୁ ଚାହେଁ କିମ୍ବା ସାଧାରଣତଃ ସେ ଯାହା କରେ ନିଜର ଖଜଣା ବା ରାଜସ୍ୱ ଦେବା ନିମନ୍ତେ ଅଧିକ ଋଣଗ୍ରସ୍ତ ହେବାକୁ ହୁଏ । ଏହିପରି ଭାବରେ ଏହି ଅଧିକା ଆୟହିଁ ଜମିଦାର ବା ସରକାର ପକ୍ଷରେ ତାଙ୍କ ଅଂଶ ଆଦାୟ କରିବାରେ ସାହାଯ୍ୟ କରେ, ଅନ୍ୟଥା ତାହା ସେମାନେ ଆଦାୟ କରିପାରନ୍ତେ ନାହିଁ । ଅଧିକା ଆୟ ପ୍ରଚୁର ହେବା ସଙ୍ଗେ ସଙ୍ଗେ ଖଜଣା ବି ବୃଦ୍ଧିହୋଇ ଏହା ନେଇଯିବାର ସମ୍ଭାବନା ରହିଛି । ବର୍ତ୍ତମାନ ପ୍ରଥାରେ କୃଷକର ସମସ୍ତ ଅଧିକ ଶ୍ରମ ଏବଂ ସଞ୍ଚୟ କରିବାର ଚେଷ୍ଟା ଫଳରେ ଜମିଦାରହିଁ ଶେଷରେ ଲାଭବାନ୍ ହେବ । ମୋର ଯେତେଦୂର ମନେ ଅଛି ହେନ୍‌ରିଜର୍ଜ ତାଙ୍କର 'ପ୍ରଗତି ଓ ଦାରିଦ୍ର୍ୟ ନାମକ ପୁସ୍ତକରେ ବିଶେଷତଃ ଆୟର୍‌ଲଣ୍ଡର ଦୃଷ୍ଟାନ୍ତ ଦେଇ ଏହି ବିଷୟରେ ଆଲୋଚନା କରିଛନ୍ତି ।

Digitized by srujanika@gmail.com

ଗାନ୍ଧିଜୀଙ୍କର ଗ୍ରାମ୍ୟ ଶିଳ୍ପର ପୁନରୁଦ୍ଧାର କରିବା ଚେଷ୍ଟା ହେଉଛି ଖଦି କର୍ମପନ୍ଥାର ପ୍ରସାର । ଏହା ଅଣୁ ଦ୍ରୁତ ପହଞ୍ଚାଇପାରେ—କେତେକ-ଅଂଶ ଉଣା ଅଧିକେ ସ୍ଥାୟୀଭାବରେ, ମାତ୍ର ଅଧିକାଂଶ ଅସ୍ଥାୟୀଭାବରେ ହେବ । ଗ୍ରାମବାସୀର ବର୍ତ୍ତମାନ ଦୁର୍ଦ୍ଦଶାରେ ଏହା ସାହାଯ୍ୟ କରେ ଏବଂ ଯେଉଁ କେତେକ କଳା ଓ ସଂସ୍କୃତିଗତ ଗୁଣ ସବୁ ଲୋପ ପାଇଯିବା ଉପରେ ଥିଲା ତାହା କେତେକ ପରିମାଣରେ ବଞ୍ଚାଇ ରଖେ । ମାତ୍ର ଯନ୍ତ୍ରପାତି ଏବଂ କଳକାରଖାନା ସହିତ ଏହା ବିଦ୍ରୋହ କଲେ ବଞ୍ଚିପାରିବ ନାହିଁ । ଏବେ ନିକଟରେ ଗ୍ରାମ୍ୟ ଶିଳ୍ପ ସମ୍ବନ୍ଧରେ 'ହରିଜନ'ରେ ଗୋଟିଏ ପ୍ରବନ୍ଧରେ ଗାନ୍ଧିଜୀ ଲେଖିଛନ୍ତି—"ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା, ସେଥିଲାଗି ଯଦି ହାତରେ ଲୋକେ କମ୍ ଥାଆନ୍ତି, ତେବେ ସେଥିଲାଗି ଯନ୍ତ୍ରର ଆବଶ୍ୟକତା ଥାଇ ପାରେ । ମାତ୍ର ଭାରତ ପରି ଯେଉଁଠି କାର୍ଯ୍ୟ କରିବାକୁ ଆବଶ୍ୟକ ଅପେକ୍ଷା ଅଧିକ ଲୋକ ଥାଆନ୍ତି ସେ ଦେଶରେ ଏହା ଅନିଷ୍ଟକର । ଆମ ଗ୍ରାମମାନଙ୍କରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କୁ ଅବସର ଦେବା ବର୍ତ୍ତମାନ ପ୍ରଶ୍ନ ନୁହେଁ । ସେମାନେ ଅକର୍ମୀ ହୋଇ ବସୁଥିବା ସମୟକୁ କିପରି ଉପଭୋଗ କରାଯିବ ଏହା ହେଉଛି ପ୍ରଶ୍ନ । ସେମାନେ ଯାହା କାମ କରନ୍ତି ତାହା ବର୍ଷକରେ ମା୬ସ ସଙ୍ଗେ ସମାନ ।" ଯେଉଁ ଦେଶରେ ବେକାର ସମସ୍ୟା ଅଛି ସେ ସବୁ ଦେଶ ପ୍ରତି ଏହା ଅଭିଯୋଗ ଭିନ୍ନ ପ୍ରକାରେ କରାଯାଇ ପାରେ । ମାତ୍ର ପ୍ରକୃତରେ କାର୍ଯ୍ୟ କରିବାକୁ ନାହିଁ ବୋଲି ଦୋଷ ନୁହେଁ, ମାତ୍ର ବର୍ତ୍ତମାନ ପ୍ରଚଳିତ ଲାଭ ପ୍ରଥାରେ ମାଲିକମାନେ ଲୋକ ଖଟାଇ ଲାଭ କରିପାରୁନାହାନ୍ତି । ପ୍ରଚୁର କାର୍ଯ୍ୟ କରିବାର ଅଛି, ଯଥା—ରାସ୍ତା ତିଆରି, ଜଳସେଚନ ଯୋଜନା, ଗୃହନିର୍ମାଣ, ପରିଷ୍କାର ପରିଚ୍ଛନ୍ନତା ଓ ଚିକିତ୍ସା ସୁବିଧା ବିସ୍ତାର, ଶିଳ୍ପ, ଚିତ୍ତୁଳିବଣ୍ଟ, ସାମାଜିକ ଓ ସଂସ୍କୃତିଗତ, ସେବା, ଶିକ୍ଷା, ଏବଂ ଅଭାବଗ୍ରସ୍ତ ଲୋକଙ୍କ ନିମନ୍ତେ ଆବଶ୍ୟକୀୟ ପଦାର୍ଥର ବ୍ୟବସ୍ଥା ଇତ୍ୟାଦି । ଆମର ଲକ୍ଷ ଲକ୍ଷ ଲୋକ ଆଗାମୀ ପଚିଶ ବର୍ଷ କାର୍ଯ୍ୟରେ ଲାଗିଲେ ପୁଣି ଏହା ଶେଷ ହେବ ନାହିଁ ; ମାତ୍ର ମୂଳପ୍ରେରଣା ଯଦି ଲାଭ ମତଲବ ନ ହୋଇ

Digitized by srujanika@gmail.com

ସାମାଜିକ ଉନ୍ନତି ହୁଏ ଏବଂ ସାଂପ୍ରଦାୟିକ ଯଦି ସାଧାରଣ ହିତ ସକାଶେ-ଏହାର ସଂଗଠନ କରେ ତେବେ ଏହା ହୋଇପାରେ । ରୁଷ୍ ସୋଭିଏଟ ତନ୍ତ୍ରରେ ଯେତେ ଦୋଷ ଥାଉ ପଛକେ ଏଠାରେ ବେକାର ସମସ୍ୟା ନାହିଁ । ଆମ ଲୋକେ କାର୍ଯ୍ୟ ଅଭାବରୁ ଅଳସୁଆ ହୋଇ ନାହାନ୍ତି, ମାତ୍ର କାର୍ଯ୍ୟ ଓ ସଂସ୍କୃତିଗତ ଉନ୍ନତି ଲାଗି କୌଣସି ସୁବିଧା ଦିଆଯାଇ ନାହିଁ । ଶିଶୁ ଶ୍ରମିକ ପ୍ରଥା ଲୋପ କରେ ଏବଂ ଏକ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ପଢ଼ାପଢ଼ି କରିବା ନିମନ୍ତେ ବାଧ୍ୟ କରାଗଲେ, ଶ୍ରମିକ କ୍ଷେତ୍ରରୁ କିମ୍ବା ଅକର୍ମୀଙ୍କ ସଂଖ୍ୟାରୁ ଅନେକ ବାଳକ ବାଳିକା ଅନ୍ତର ହୋଇ ପାରନ୍ତେ ଏବଂ ଶ୍ରମିକ ବଜାରରେ ଲକ୍ଷ ଲକ୍ଷ ଇଚ୍ଛୁକ ଶ୍ରମିକ ଅନେକ କାର୍ଯ୍ୟ ପାଇ ପାରନ୍ତେ ।

ଗାନ୍ଧିଜୀ ଚରଖା ଓ ତକଲିର ଉତ୍ପାଦନ ଶକ୍ତି ବଢ଼ାଇବାକୁ ଚେଷ୍ଟା କରିଛନ୍ତି ଏବଂ କେତେକ ପରିମାଣରେ ସଫଳ ହୋଇଛନ୍ତି । ଏହା ଯନ୍ତ୍ର ଓ କଳକବଜାର ଉନ୍ନତିର ଚେଷ୍ଟା ଏବଂ ଏହିପରି ଉନ୍ନତି ଗୁଡ଼ିକ (ବିଦ୍ୟୁତ ସାହାଯ୍ୟରେ ଗ୍ରାମ୍ୟଶିଳ୍ପ ଚଳାଇବା ସଂପୂର୍ଣ୍ଣ ସମ୍ଭବ)ଲାଭ ମତଲବ ପୁନର୍ବାର ଆସି ପହଞ୍ଚିବ ଏବଂ ଅତ୍ୟଧିକ ଉତ୍ପାଦନ ଓ ବେକାର ସମସ୍ୟା ଆସି ପହଞ୍ଚିବ । କେତେକ ଆଧୁନିକ କଳକାରଖାନା କୌଶଳ ପ୍ରୟୋଗ କରା ନ ଗଲେ ଗ୍ରାମ୍ୟଶିଳ୍ପ ଆଧୁନିକ ବୈଜ୍ଞାନିକ ଓ ସଂସ୍କୃତିଗତ ହିତ କରି ନପାରେ । ଏହା କଳକବଜା ସହ ପ୍ରତିଯୋଗିତା କରିପାରିବନା । ଆମ ଦେଶରେ ବଡ଼ ବଡ଼ ଯନ୍ତ୍ରପାତି ଚଳାଇବା ବନ୍ଦ କରିବା ସମ୍ଭବ ବା ବାଞ୍ଛନୀୟ କି ? ଗାନ୍ଧିଜୀ ବାରମ୍ବାର କହିଛନ୍ତି ଯେ ସେ ଯନ୍ତ୍ରପାତି ସବୁର ବିରୋଧୀ ନୁହନ୍ତି; ସେ ଭବଲ୍ଲପରି ମନେହେଉଛି ଯେ ତାହା ବର୍ତ୍ତମାନ ଭାରତରେ ପ୍ରୟୋଜନ ନାହିଁ । ଆମେ କ'ଣ ଲୁହା ଓ ଇସ୍ପାତ ପରି ମୌଳିକ ଶିଳ୍ପ କାରଖାନା କିମ୍ବା ଆଉ ହାଲୁକା କାରଖାନା ସବୁ ଯାହା ବର୍ତ୍ତମାନ ଅଛି; ତାକୁ ବନ୍ଦ କରିଦେବା ?

ଆମେ ଯେ ଏହା କରିପାରିବା ନାହିଁ ଏହା ସ୍ପଷ୍ଟ । ଆମର ଯଦି ରେଳବାଇ, ପୋଲ, ଯାତାୟାତର ସୁବିଧା ଅଛି, ତେବେ ହୁଏତ ଆମେ

Digitized by srujanika@gmail.com

ତାହା ତିଆରି କରିବୁ ନଚେତ୍ ଅନ୍ୟ ଉପରେ ନିର୍ଭର କରିବୁ । ଆମେ ଯଦି ଦେଶରକ୍ଷାର ଉପାୟ ଚାହୁଁ, ତେବେ ଆମକୁ ଯେ ଖାଲି ମୌଳିକ ଶିଳ୍ପ ରକ୍ଷା କରିବାକୁ ହେବ ତାହା ନୁହେଁ, ଏକ ଅତ୍ୟନ୍ତ ଉନ୍ନତ କଳକାରଖାନା ବ୍ୟବସ୍ଥା କରିବାକୁ ହେବ । ଆଜି କୌଣସି ଦେଶ ପ୍ରକୃତରେ ସ୍ୱାଧୀନ ନୁହେଁ କିମ୍ବା ଶିଳ୍ପୋନ୍ନତ ହୋଇ ନଥିଲେ ଆକ୍ରମଣ ପ୍ରତିରୋଧ କରିବାକୁ ସମର୍ଥ ନୁହଁ । ଏକ ମୂଳ ଶିଳ୍ପ ସାହାଯ୍ୟକାରୀରୂପେ ଅନ୍ୟଟିକୁ ଦରକାର କରେ ଏବଂ ଶେଷରେ ଆମକୁ ନିଜର କଳକବଜା ଶିଳ୍ପ କରିବାକୁ ପଡ଼େ । ଏହି ସବୁ ମୂଳ ଶିଳ୍ପ କାର୍ଯ୍ୟକାରୀ ହେଉଥିବା-ବେଳେ ହାଲୁକା କାରଖାନାସବୁ ବିସ୍ତାର କରିବା ଅବଶ୍ୟମ୍ଭାବୀ । ଏହି ପ୍ରଥାକୁ ବାଧା ଦେଇ ହେବ ନାହିଁ, କାରଣ ଆମର ବୈଷୟିକ ଓ ସଂସ୍କୃତିଗତ ପ୍ରଗତି ଯେ ଖାଲି ଏଥିସହିତ ସଂଶ୍ଳିଷ୍ଟ ତାହା ନୁହେଁ, ଆମର ସ୍ୱାଧୀନତା ମଧ୍ୟ । ବଡ଼ ବଡ଼ କଳକାରଖାନା ଯେତେ ଅଧିକ ବିସ୍ତାର ଲାଭକରିବ, ଛୋଟ ଧରଣର ଗ୍ରାମ୍ୟ ଶିଳ୍ପ ତେତେ କମ୍ ପରିମାଣରେ ଏହା ସହିତ ପ୍ରତିଯୋଗିତା କରିପାରିବ । ଏକ ସାମ୍ୟବାଦୀ ବ୍ୟବସ୍ଥାରେ ଏହା ବଞ୍ଚିପାରିବାର କିଛି ହେଲେ ସମ୍ଭାବନା ଅଛି, ମାତ୍ର ପୁଞ୍ଜିବାଦ ଅଧୀନରେ ଆଦୌ ନାହିଁ—ଏବଂ ସାମ୍ୟବାଦ ଅଧୀନରେ ମଧ୍ୟ ଯେଉଁସବୁ ବିଶେଷ ପଦାର୍ଥ ଅଧିକ ପରିମାଣରେ ପ୍ରସ୍ତୁତ କରିବା ସମ୍ଭବ ନୁହେଁ, କୁଟୀରଶିଳ୍ପ ସେହିସବୁ ବିଶେଷ କାର୍ଯ୍ୟ କରିପାରେ ।

କେତେକ କଂଗ୍ରେସନେତା କଳକାରଖାନା ନାମ ଶୁଣିଲେ ଆତଙ୍କିତ ହୁଅନ୍ତି ଏବଂ ମନେ କରନ୍ତି ଯେ ବହୁପରିମାଣରେ ଉତ୍ପାଦନ ହେଉଛି ଶିଳ୍ପୋନ୍ନତ ଦେଶମାନଙ୍କର ସମସ୍ତ ଅଶାନ୍ତିର ମୂଳ । ଏହା ପ୍ରକୃତ ଅବସ୍ଥା ସମ୍ବନ୍ଧରେ ଅଦ୍ଭୁତ ଭୁଲ ଧାରଣା । *ଜନସାଧାରଣଙ୍କର କୌଣସି ଜିନିଷ ଯଦି ଅଭାବ ଥାଏ, ତେବେ ଯଥେଷ୍ଟ ପରିମାଣରେ ଏହା ତିଆରି କରାଯିବା

---

* ୧୯୩୫ ମସିହା ଜାନୁୟାରୀ ୩ତାରିଖ ଅହମଦାବାଦରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ "ଗ୍ରାମ୍ୟଶିଳ୍ପ ଉନ୍ନତିରେହିଁ ପ୍ରକୃତ

Digitized by srujanika@gmail.com

କ'ଣ ଖରାପ ? ବସ୍ତୁତ ସମୃଦ୍ଧି ଅପେକ୍ଷା ସେମାନେ ଅଭାବରେ ରହିବା କ'ଣ ଆମେ ଚାହୁଁ ? ଦୋଷ ସେ ଉତ୍ପାଦନରେ ନୁହେଁ ଏହା ସ୍ପଷ୍ଟ ମାତ୍ର ବଣ୍ଟନ ପ୍ରଣାଳୀର ଦୋଷ ଓ ଅସମ୍ପୂର୍ଣ୍ଣତା ଯୋଗୁଁ ଏହା ହୋଇଛି ।

ଗ୍ରାମ୍ୟଶିଳ୍ପ ଉଦ୍ୟୋକ୍ତାମାନଙ୍କ ପକ୍ଷରେ ଆମର କୃଷିକୁ ଯେ ଜଗତ ବଜାର ଉପରେ ନିର୍ଭର କରିବାକୁ ପଡ଼ୁଛି ଏହା ଏକ କଷ୍ଟଦାୟକ ସମସ୍ୟା ହୋଇ ପଡ଼ିଅଛି । ବ୍ୟବସାୟୋପଯୋଗୀ ଶସ୍ୟ ଉତ୍ପାଦନ କରିବାକୁ ଏବଂ ପୃଥିବୀର ଦରଦାମ୍ ଉପରେ କୃଷକଙ୍କୁ ନିର୍ଭର କରିବାକୁ ପଡ଼ୁଛି । ଏହି ଦରଦାମ୍ ବେଶୀ କମ୍ ହୁଏ, ଅଥଚ ନଗଦ ଟଙ୍କାରେ ତାକୁ ଖଜଣା ଓ ରାଜସ୍ୱ ଦେବାକୁ ପଡ଼େ । ତାକୁ କୌଣସି ପ୍ରକାରେ ଟଙ୍କା ଉଠାଇବାକୁ ହେବ ଅଥଚ ସେ ଅତ୍ୟନ୍ତଃ ସେହି ଚେଷ୍ଟା କରେ— ସେଥିପାଇଁ ଯେଉଁ ଶସ୍ୟ ବୁଣିଲେ ସେ ଅଧିକ ପଇସା ପାଇବ ତାହା ସେ ବୁଣେ । ଏପରିକି ଯେଉଁ ଫସଲ କଲେ ସେ ନିଜ ପରିବାରକୁ ସ୍ୱାବଲମ୍ବୀ କରିପାରିବ, ତାହା ସେ ଲଗାଇ ପାରେ ନା ।

ଆଜିକାଲି ଖାଦ୍ୟ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥର ମୂଲ୍ୟ ହ୍ରାସ ହଠାତ୍ ଘଟିଥିବାରୁ ଲକ୍ଷ ଲକ୍ଷ କୃଷକ ବିଶେଷତଃ ଯୁକ୍ତପ୍ରଦେଶ ଓ ବିହାରରେ ଆଖୁଚାଷ କରୁଛନ୍ତି । ଚିନି ଉପରେ ଶୁଳ୍କ ବସିବାରୁ ଗୋବର ଛତୁପରି ଚାରିଆଡ଼େ ଚିନି କାରଖାନା ଗଢ଼ିଉଠିଛି ଏବଂ ଚିନି ଚାହିଦା ଖୁବ୍ ବେଶୀ । ମାତ୍ର ଉତ୍ପନ୍ନ ଆଖୁର ପରିମାଣ ଅତି ଅଳ୍ପ ଦିନରେ ଅତିରିକ୍ତ ହୋଇ ପଡ଼ିଲା—କଳକାରଖାନା ମାଲିକମାନେ କୃଷକଙ୍କୁ ଶୋଷଣ କଲେ ଏବଂ ଦର ହ୍ରାସ ହେଲା ।

ଏହି ସବୁ ଓ ଆହୁରି ଅନେକ କଥା ବିଚାର କରି ଆମର କୃଷି ଓ କଳକାରଖାନା ସମସ୍ୟାର କୌଣସି ଏକାନ୍ତ ସ୍ୱାବଲମ୍ବୀ ଭାବରେ

ସାମ୍ୟବାଦ ଅଛି । ପ୍ରଚୁର ଉତ୍ପାଦନ ହେତୁ ପାଶ୍ଚାତ୍ୟ ଦେଶମାନଙ୍କରେ ଯେଉଁ ଦୁଃଖଜନକ ଅବସ୍ଥା ଘଟିଛି ଆମେ ଆମ ଦେଶରେ ସେପରି ଅବସ୍ଥା ସୃଷ୍ଟି କରିବାକୁ ଚାହୁଁ ନା ।"

Digitized by srujanika@gmail.com

ସମାଧାନ ବାଞ୍ଛନୀୟ ନୁହେଁ ବା ସମ୍ଭାବନା ନାହିଁ ବୋଲି ମନେ ହୁଏ । ବାସ୍ତବିକ ଏହା ଆମର ଜାତୀୟ ଜୀବନର ପ୍ରତ୍ୟେକ ବିଭାଗ ସ୍ପର୍ଶକରେ । ଆମେ ଅସ୍ପଷ୍ଟ ଓ ଭାବାବେଗ ଶବ୍ଦାନୁଭୂତିର ଆଶ୍ରା ଗ୍ରହଣ କରିପାରୁ ନା, ମାତ୍ର ଏହିସବୁ ଘଟଣାର ସମ୍ମୁଖୀନ ହେବାକୁ ହେବ ଏବଂ ସେଥିରେ ନିଜକୁ ଚଳାଇନେବାକୁ ହେବ—ଯେପରି ଆମେ ଇତିହାସର ବନ୍ଦୀ ହୋଇପାରୁ—ଅସହାୟ ପଦାର୍ଥ ରୂପେ ଯେପରି ନ ହେଉ ।

ତଥାପି ଗାନ୍ଧିଜୀ * କିପରି ସ୍ୱବିରୋଧୀ ସେ କଥା ମୁଁ ଭାବେ । ତାଙ୍କର ତୀକ୍ଷ୍ଣବୁଦ୍ଧି ଏବଂ ପତିତ ଓ ଉତ୍ପୀଡ଼ିତ ଜନସାଧାରଣଙ୍କର ଅବସ୍ଥା ଉନ୍ନତ କରିବା ନିମନ୍ତେ ଏତେ ବ୍ୟାକୁଳତା ସତ୍ତ୍ୱେ ସେ ଏପରି ଏକ ପ୍ରଥା ସମର୍ଥନ କରନ୍ତି କାହିଁକି ? ଏହି ପ୍ରଥା ତ’ ଣ ପତନ ମୁଖରେ ରହିଛି ଏବଂ ଦୁର୍ଦ୍ଦଶା ଓ ଅପବ୍ୟୟ କରାଉଛି ? ଏକଥା ସତ୍ୟ ଯେ ସେ ଗୋଟିଏ ବାଟ ଖୋଜିଛନ୍ତି, ମାତ୍ର ଅତୀତକୁ ଯିବା ବାଟ ବନ୍ଦ ହୋଇନାହିଁ କି ? କିନ୍ତୁ ଏଥି ଭିତରେ ପ୍ରତିଷ୍ଠ ପଥରେ ପୁରାତନ ବ୍ୟବସ୍ଥାର ଯେଉଁସବୁ ପ୍ରତୀକ ବାଧା ରୂପେ ରହିଛି—ଯଥା ସାମନ୍ତବାଦୀ

---

*୧୯୩୧ ମସିହାରେ ଲଣ୍ଡନରେ ଦ୍ୱିତୀୟ ଗୋଲଟେବୁଲ ସମ୍ମିଳନୀରେ ବକ୍ତୃତା ଦେଇ ଗାନ୍ଧିଜୀ କହିଥିଲେ—“ସର୍ବୋପରି ସାତ ଲକ୍ଷ ଗ୍ରାମରେ ବିସ୍ତୃତ କୋଟି କୋଟି ମୂକ ଅର୍ଦ୍ଧାହାରୀ ଜନସାଧାରଣଙ୍କର କଂଗ୍ରେସ ହେଉଛି ପ୍ରତିନିଧି—ଜନସାଧାରଣ ବ୍ରିଟିଶ ଭାରତ ବା ଭାରତୀୟ ଭାରତ (ଦେଶୀୟ ରାଜ୍ୟ) ଯେ କୌଣସି ସ୍ଥାନ ଅଧିବାସୀ ହୋଇଥାନ୍ତୁ ନା କାହିଁକି । ପ୍ରତ୍ୟେକଟି ସ୍ୱାର୍ଥ, ଯାହା କଂଗ୍ରେସ ମତରେ ରକ୍ଷା କରିବା କଥା, ତାହା ଏହି ମୂକ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ପଛରେ; ତେଣୁ କେତେକ ସ୍ୱାର୍ଥ ଭିତରେ ବାରମ୍ବାର ସଂଘର୍ଷ ଦେଖାଯାଉଛି । ପ୍ରକୃତରେ ଗୋଟାଏ ଯଦି ସଂଘର୍ଷ ହୁଏ, ତେବେ ମୁଁ ବିନା ଦ୍ୱିଧାରେ କଂଗ୍ରେସ ତରଫରୁ କହିପାରେ ଯେ ଏହି ମୂକ ଜନସାଧାରଣଙ୍କ ସକାଶେ କଂଗ୍ରେସ ଅନ୍ୟ ସମସ୍ତ ସ୍ୱାର୍ଥକୁ ବଳି ଦେବ ।

Digitized by srujanika@gmail.com

ରାଜ୍ୟ [ଗଡ଼ଜାତ] ବଡ଼ ବଡ଼ ଜମିଦାରୀ ଓ ତାଲୁକଦାରୀ, ଏବଂ ପ୍ରଚଳିତ ସୁକ୍ତିବାଦୀ ବ୍ୟବସ୍ଥାକୁ ସେ ଆଶୀର୍ବାଦ କରନ୍ତି । ମାଲିକତଦାରୀ ମତରେ ବିଶ୍ୱାସ କରିବା ଯୁକ୍ତିଯୁକ୍ତ କି ? ଜଣେ ବ୍ୟକ୍ତିବିଶେଷ ହାତରେ ଅବାଧ କ୍ଷମତା ଓ ଧନ ଅର୍ପଣ କରି ସେ ତାହା ସାଧାରଣ ହିତ ସକାଶେ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରିବ ଆଶା କରାଯାଇପାରେ କି ? ଆମ ଭିତରେ ଉତ୍କୃଷ୍ଟ ଲୋକ କ'ଣ ଏପରି ସମ୍ପୂର୍ଣ୍ଣତା ପ୍ରାପ୍ତ ହୋଇଛନ୍ତି ଯେ ତାଙ୍କୁ ବିଶ୍ୱାସ କରାଯାଇ ପାରେ ? ଏପରିକି ପ୍ଲେଟୋଙ୍କ ଦାର୍ଶନିକ-ରାଜାମାନେ ସୁଦ୍ଧା ଯୋଗ୍ୟତାର ସହିତ ଏହି ଭାର ବହନ କରିପାରି ନାହାନ୍ତି । ସେମାନଙ୍କ ଉପରେ ଏହି ଦୟାଶୀଳ ଅତିମାନବମାନଙ୍କୁ ରଖିବା କ'ଣ ଅନ୍ୟମାନଙ୍କ ପକ୍ଷରେ ଭଲ ? ମାତ୍ର କୌଣସି ଅତି-ମାନବ ବା ଦାର୍ଶନିକ-ରାଜା ଦୁନିଆରେ ନାହାନ୍ତି, ସମସ୍ତେ ହେଉଛନ୍ତି ଦୁର୍ବଳ ମନୁଷ୍ୟ—ସେମାନେ ନିଜର ବ୍ୟକ୍ତିଗତ ମଙ୍ଗଳ କିମ୍ବା ନିଜର ଧାରଣା-ଅନୁସାରେ ସାଧାରଣ ହିତ ଓ ଉନ୍ନତିର ଚିନ୍ତା ନକରି ରହିପାରନ୍ତି ନାହିଁ । ଜାତି, ପଦମର୍ଯ୍ୟାଦା ଓ ଅର୍ଥନୈତିକ ଶକ୍ତିର ଗତାନୁଗତିକ ପ୍ରଥା ସ୍ଥାୟୀ କରିବାର ଚେଷ୍ଟା ଚାଲିଛି ଏବଂ ଅନେକ ସ୍ଥଳରେ ଏହାର ଫଳାଫଳ ଶୋଚନୀୟ ହୋଇଛି ।

ମୁଁ ପୁଣି ଥରେ କହୁଛି ଯେ କିପରି ପରିବର୍ତ୍ତନ କରିବାକୁ ହେବ, ଆମ ବାଟରେ ଯେଉଁ ସବୁ ବାଧା ଅଛି ତାହା କିପରି ଦୂର କରିବାକୁ ହେବ, ବାଧ୍ୟ କରି ବା ବାଞ୍ଛିତ ହିଂସାଦ୍ୱାରା ବା ଅହିଂସାଦ୍ୱାରା ସେକଥା ବର୍ତ୍ତମାନ ଆଲୋଚନା କରୁନାହିଁ । ମୁଁ ପରେ ଏ ସମ୍ବନ୍ଧରେ ଆଲୋଚନା କରିବି । ମାତ୍ର ପରିବର୍ତ୍ତନର ଆବଶ୍ୟକତା ସ୍ୱୀକାର କରି ପରିଷ୍କାର ରୂପେ କହିବାକୁ ହେବ । ଯଦି ନେତା ଓ ଚିନ୍ତାଶୀଳ ଲୋକେ ଏହା ପରିଷ୍କାରରୂପେ ଦେଖି ନ ପାରି ପ୍ରକାଶ ନ କରନ୍ତି, ସେମାନେ ତାଙ୍କ ନିଜ ଚିନ୍ତାଧାରାରେ କିପରି ଅନ୍ୟ ଲୋକଙ୍କୁ ଦୀକ୍ଷିତ କରାଇବାରେ ଆଶା କରିବେ କିମ୍ବା ଲୋକଙ୍କ ଭିତରେ ଆବଶ୍ୟକୀୟ ମତବାଦ ସୃଷ୍ଟି କରିପାରିବେ ? ଘଟଣା ଯେ ସବୁଠାରୁ ବଳିଷ୍ଠ ଶିକ୍ଷକ ଏଥିରେ ସନ୍ଦେହ ନାହିଁ, ମାତ୍ର

Digitized by srujanika@gmail.com

ଘଟଣା ସବୁକୁ ଠିକ୍ ରୂପେ ବୁଝିବାକୁ ହେବ ଏବଂ ତାହାର ମର୍ମ ବୁଝି ପାରୁଥିଲେ ତାହାର ବ୍ୟାଖ୍ୟା କରିବାକୁ ହେବ—ଏଥିରୁହିଁ ପ୍ରକୃତ କାର୍ଯ୍ୟ ବାହାରିବ ।

ମୋର ଶତ୍ରୁଉରେ ବଡ଼ କ୍ଲାନ୍ତ ହୋଇ ଅନେକ ସମୟରେ ମୋତେ ବନ୍ଧୁ ଓ ସହକର୍ମୀମାନେ ପଚାରନ୍ତି—ତମେ କ'ଣ ଭଲ ଓ ଦୟାଳୁ ରାଜା, ଉଦାର ଜମିଦାର, ସଦିଚ୍ଛାସମ୍ପନ୍ନ ଓ ଅମାୟିକ ପୁଞ୍ଜିପତି ଦେଖିନାହଁ ? ପ୍ରକୃତରେ ମୁଁ ଦେଖିଛି । ମୁଁ ନିଜେ ଯେଉଁ ଶ୍ରେଣୀର ଲୋକ ସେହି ଶ୍ରେଣୀ ଏହି ଜମିଦାର ଓ ସମ୍ପତ୍ତିବାନ୍ ଲୋକଙ୍କ ସହିତ ମିଶନ୍ତି । ମୁଁ ଜଣେ ଖାଣ୍ଟି ବୁର୍ଜୋୟା, ବୁର୍ଜୋୟା ପରିବେଶରେ ବଢ଼ିଛି—ଏହି ଶିକ୍ଷାରେ ପିଲାଦିନୁଁ ଯେଉଁ ସଂସ୍କାରସବୁ ଦେଖାଯାଏ ତାହା ମୋଠାରେ ଅଛି । କମ୍ୟୁନିଷ୍ଟମାନେ ମୋତେ 'ପେଟି ବୁର୍ଜୋୟା' ବୋଲି କହନ୍ତି—ଏହା ସଂପୂର୍ଣ୍ଣ ସତ୍ୟ । ସମ୍ଭବତଃ ସେମାନେ ମୋତେ ବର୍ତ୍ତମାନ 'ଅନୁତପ୍ତ ବୁର୍ଜୋୟା' ବୋଲି କହିବେ । ମାତ୍ର ମୁଁ ଯାହା ହୋଇଥାଏଁ ପଛକେ ଏଠାରେ ତାହା ଆଲୋଚ୍ୟ ନୁହେଁ । କୌଣସି ବ୍ୟକ୍ତିବିଶେଷ ଦୃଷ୍ଟିରୁ ଜାତୀୟ, ଆନ୍ତର୍ଜାତୀୟ, ଅର୍ଥନୀତିକ ଓ ସାମାଜିକ ସମସ୍ୟା ବିବେଚନା କରିବା ଠିକ୍ ନୁହେଁ । ଯେଉଁ ବନ୍ଧୁମାନେ ମୋତେ ଏପରି ପ୍ରଶ୍ନ ପଚାରନ୍ତି ସେମାନେ ବାରମ୍ବାର କହନ୍ତି ଯେ ସେମାନଙ୍କର କଳିଆ ପାପ ସହିତ, ପାପୀ ସହ ନୁହେଁ । ମୁଁ ତ ଏତେଦୂର ଯିବ ନାହିଁ । ମୁଁ କହେ ମୋର କଳହ ହେଉଛି ପ୍ରଥା ସହିତ, ବ୍ୟକ୍ତିବିଶେଷ ସହ ନୁହେଁ । ପ୍ରଥା ଅନେକ ପରିମାଣରେ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଙ୍କ ସହିତ ଜଡ଼ିତ ଥାଏ ଏବଂ ଏହି ବ୍ୟକ୍ତିବିଶେଷ ଓ ଗୋଷ୍ଠୀକୁ ପରିବର୍ତ୍ତିତ କରିବାକୁ ପଡ଼ିବ ତାହା ବିରୋଧ କରିବାକୁ ହେବ । ଯଦି କୌଣସି ପ୍ରଥାର ଉପଯୋଗିତା ନ ଥାଏ ଏବଂ ତାହା ବୋଝ ସ୍ୱରୂପ ଥାଏ, ତେବେ ତାହାର ଲୋପ ସୁନିଶ୍ଚିତ—ଯେଉଁ ଶ୍ରେଣୀ ବା ଗୋଷ୍ଠୀ ଏହାକୁ ଧରିଥାନ୍ତି ସେମାନଙ୍କୁ ମଧ୍ୟ ପରିବର୍ତ୍ତନ କରିବାକୁ ପଡ଼ିବ । ଏହି ପରିବର୍ତ୍ତନ ବାଟରେ ଯେତେ କମ୍ ସମ୍ଭବ ଦୁଃଖ ଦେବାର କଥା ଉଠିପାରିବ, ମାତ୍ର ଦୁର୍ଭାଗ୍ୟର କଥା ଯେ

Digitized by srujanika@gmail.com

ଦୁଃଖ ଓ ବିଶୃଙ୍ଖଳା ହେବା ଅନିବାର୍ଯ୍ୟ । କୌଣସି କ୍ଷୁଦ୍ର ଅନ୍ୟାୟ ଭୟରେ ଆମେ ବଡ଼ ଅନ୍ୟାୟକୁ ସହ୍ୟ କରିପାରିବା ନାହିଁ—ଯେ କୌଣସି ସମୟରେ ଏଗୁଡ଼ିକ ପ୍ରତିକାରପାଇଁ ଆମର ଅସ୍ତ୍ର ବାହାରେ ରହିବ ।

ପ୍ରତ୍ୟେକ ପ୍ରକାର ମାନବିକ ସମିତି—ରାଜନୀତିକ, ସାମାଜିକ ବା ଅର୍ଥନୀତିକ—ପଛରେ କିଛି ବିଜ୍ଞାନ ରହିଛି । ଏହିସବୁ ସମିତି ପରିବର୍ତ୍ତିତ ହେଉଥିବେଳେ ଏହି ସହିତ ଖାପ ଖାଇବା ନିମନ୍ତେ ଏହାର ଦାର୍ଶନିକ ଭିତ୍ତିର ମଧ୍ୟ ପରିବର୍ତ୍ତନ ହେବ—ଏହାକୁ ପୁନର୍ଗଠନ କରିବାପାଇଁ ମଧ୍ୟ ଏହା ହେବା ଦରକାର । ସାଧାରଣତଃ ଦର୍ଶନ ଘଟଣାର ଗତି ପଛରେ ପଡ଼ିଯାଏ ଏବଂ ପଛରେ ପଡ଼ିଯିବାଯୋଗୁଁ ଗଣ୍ଡଗୋଳ ସୃଷ୍ଟି ହୁଏ । ୧୯ଶ ଶତାବ୍ଦୀରେ ଗଣତନ୍ତ୍ର ଓ ପୁଞ୍ଜିବାଦ ଏକତ୍ର ବୃଦ୍ଧି ପାଇଥିଲା, ମାତ୍ର ପରସ୍ପର ସହିତ ସାମଞ୍ଜସ୍ୟ ନ ଥିଲା । ଏମାନଙ୍କ ଭିତରେ ମୂଳଗତ ବିରୋଧ ଥିଲା, କାରଣ ଗଣତନ୍ତ୍ର ଅନେକ ଲୋକଙ୍କ ଶକ୍ତି ଉପରେ ଜୋର-ଦେଉଥିଲା, ମାତ୍ର ପୁଞ୍ଜିବାଦ କେତେକ ଲୋକଙ୍କ ହାତରେ ପ୍ରକୃତ କ୍ଷମତା ଅର୍ପଣ କରେ । ସାମଞ୍ଜସ୍ୟ ନ ଥାଇ ସୁଦ୍ଧା ଏ ଦୁହେଁ କୌଣସି-ପ୍ରକାର ଚାଲିଛନ୍ତି, କାରଣ ରାଜନୀତିକ ପାର୍ଲାମେଣ୍ଟାରୀ ଗଣତନ୍ତ୍ର ହେଉଛି ଗୋଟିଏ ଅତ୍ୟନ୍ତ ସୀମାବଦ୍ଧ ଗଣତନ୍ତ୍ର ଏବଂ ଏକଚେଟିଆ ଅଧିକାର ଓ କେନ୍ଦ୍ରୀଭୂତ ଶକ୍ତି ବୃଦ୍ଧି ପାଇବାରେ ବିଶେଷ ହସ୍ତକ୍ଷେପ କରେ ନାହିଁ ।

ଏପରି ହୋଇ ସୁଦ୍ଧା ଗଣତନ୍ତ୍ର ଭାବ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ବିଚ୍ଛେଦ ଅନିବାର୍ଯ୍ୟ ହୋଇପଡ଼ିଲା ଏବଂ ସେ ସମୟ ଆଜି ଆସି ପହଞ୍ଚିଛି । ଆଜି ପାର୍ଲାମେଣ୍ଟାରୀ ଗଣତନ୍ତ୍ରର ବଦନାମ ହୋଇଛି ଏବଂ ଏହାର ପ୍ରତିକ୍ରିୟା ସ୍ୱରୂପ ସମସ୍ତ ପ୍ରକାର ନୂତନ ଧ୍ୱନି ଚାରିଆଡ଼େ ଶୁଣାଯାଉଛି । ଏହି କାରଣରୁ ଏବେସୁଦ୍ଧା ଭାରତରେ ବ୍ରିଟିଶ ସରକାର ଅଧିକ ପ୍ରତିକ୍ରିୟା-ଶୀଳ ହୋଇ ଉଠୁଛି ଏବଂ ଆମ ରାଜନୀତିକ ସ୍ୱାଧୀନତାର ବାହାର ଆକୃତି ସୁଦ୍ଧା ନ ଦେବା ଲାଗି ଏହାକୁ ଗୋଟିଏ ଯୋଜନା ରୂପେ ଧରିଛି । ଆଶ୍ଚର୍ଯ୍ୟ କଥା ଯେ ଦେଶୀୟ ରାଜାମାନେ ତାଙ୍କର ଅବାଧ ସ୍ୱେଚ୍ଛାଚାରୀ ଶାସନ

Digitized by srujanika@gmail.com

ପାଇଁ ଏହି କାରଣ ଦର୍ଶାନ୍ତି ଏବଂ ଆଜି ପୃଥିବୀର କୌଣସି ସ୍ଥାନରେ ନ ଥିବା ଭଳି ମଧ୍ୟଯୁଗର ଅବସ୍ଥା ତାଙ୍କ ରାଜ୍ୟରେ ଜାରି କରିବାକୁ ଦୃଢ଼ ଭାବରେ ଘୋଷଣା କରନ୍ତି । ※ ପାର୍ଲିମେଣ୍ଟାରୀ ଗଣତନ୍ତ୍ର ବହୁତ ଦୂର ନ ଯିବାରୁ ବ୍ୟର୍ଥ ହେଲା ନାହିଁ, ମାତ୍ର ଏହା ବେଶୀ ଦୂର ଯାଇ ପାରିଲା ନାହିଁ । ଏହା ଯଥେଷ୍ଟ ଗଣତନ୍ତ୍ରମୂଳକ ନ ଥିଲା । କାରଣ ଏଥିରେ ଅର୍ଥନୈତିକ ଗଣତନ୍ତ୍ର ନ ଥିଲା—ଏହାର ପନ୍ଥା ଧୀର ଓ ଜଟିଳ ଏବଂ ଦ୍ରୁତ ପରିବର୍ତ୍ତନ ଯୁଗପାଇଁ ଏହା ଅନୁପଯୋଗୀ ।

ଆଜି ସମ୍ଭବତଃ ପୃଥିବୀରେ ଯେତେ ପ୍ରକାର ସ୍ୱେଚ୍ଛାଚାରୀ ଶାସନ ଅଛି ସେଥିଭିତରେ ଭାରତର ଦେଶୀୟ ରାଜ୍ୟଗୁଡ଼ିକ ହେଉଛି ଚରମ ଦୃଷ୍ଟାନ୍ତ । ଏଗୁଡ଼ିକ ଅବଶ୍ୟ ବ୍ରିଟିଶ କର୍ତ୍ତୃତ୍ୱ ଅଧୀନରେ, ମାତ୍ର ବ୍ରିଟିଶ ସରକାର କେବଳ ବ୍ରିଟିସ ସ୍ୱାର୍ଥରକ୍ଷା ବା ଉନ୍ନତି ଲାଗି ହସ୍ତକ୍ଷେପ କରେ । ବାସ୍ତବିକ ଆଶ୍ଚର୍ଯ୍ୟ କଥା ଯେ ଏହି ପୁରାତନ ଯୁଗର ସାମନ୍ତୀୟ ରାଜ୍ୟଗୁଡ଼ିକ ବଂଶ

※ ୧୯୩୫ ଜାନୁୟାରୀ ତା ୨୨ ରିଖରେ ରାଜନ୍ୟବର୍ଗର ଚାନସେଲର ପାତିଆଲା ମହାରାଜା ଚେମ୍ବର ସଭାରେ ବକ୍ତୃତା କରି କହିଥିଲେ-ଭାରତୀୟ ରାଜନୀତିକମାନେ ରାଷ୍ଟ୍ରସଂଘ ଅନୁକୂଳରେ ମତ ଦେବା ପଛରେ ଆଶା ରହିଛି ଯେ ରାଜାମାନେ ପରିସ୍ଥିତିଦ୍ୱାରା ବାଧ୍ୟ ହୋଇ ଗଣତନ୍ତ୍ରମୂଳକ ଶାସନ ପରିବର୍ତ୍ତନ କରିବେ । ସେ କହିଲେ "ଭାରତରେ ରାଜାମାନେ ତାଙ୍କ ପ୍ରଜାଙ୍କ ଲାଗି ସର୍ବୋତ୍ତମ ଯାହା କରିବା ନିମନ୍ତେ ସର୍ବଦା ଇଚ୍ଛୁକ ଏବଂ କାଳର ଗତି ଅନୁସାରେ ନିଜକୁ ଓ ନିଜର ଶାସନତନ୍ତ୍ରକୁ ଖାପ ଖୁଆଇବା ନିମନ୍ତେ ପ୍ରସ୍ତୁତ ଅଛନ୍ତି; ମାତ୍ର ଆମେ ଖୋଲାଖୋଲି ଭାବରେ କହି ଦେବାକୁ ଚାହୁଁ ଯେ ଯଦି ବ୍ରିଟିଶ ଭାରତ ରାଜନୀତିକମାନେ ଆଶା କରୁଥାନ୍ତି ଯେ ଆମର ରାଜ୍ୟର ସୁନ୍ଦର ବାୟୁମଣ୍ଡଳରେ କୌଣସି ନିନ୍ଦିତ ରାଜନୀତିକ ମତବାଦ ଭର୍ତ୍ତି କରି ଦେଇ ପାରିବେ, ତେବେ ସେମାନେ ଗୋଟାଏ ଅବାସ୍ତବ ଦୁନିଆରେ ବାସ କରୁଛନ୍ତି ବୋଲି କହିବାକୁ ହେବ । (୭୦ ଅଧ୍ୟାୟରେ ମହୀଶୂର ଦେବାନଙ୍କ ବକ୍ତୃତା ଦେଖ ।) ସେହିଦିନ

Digitized by srujanika@gmail.com

ଶତାବ୍ଦୀର ମଧ୍ୟ ଭାଗରେ କିପରି ଏତେ କମ୍ ପରିବର୍ତ୍ତନ ଭିତରେ ଚାଲି ଆସିଛନ୍ତି । ବାୟୁମଣ୍ଡଳ ଖସକ୍ରାନ୍ତ ହୋଇ ଏବେ ସୁଖା ରହିଛି; ଜଳ ମନ୍ଥର ଗତିରେ ଚାଲିଛି । ପରିବର୍ତ୍ତନ ଓ ଗତି ଭିତରେ ଯାଉଥିବା ନୂତନ ଲୋକ ସେଥିରେ କ୍ଳାନ୍ତ ହୋଇ ଏଥିରେ ଆସି ପହଞ୍ଚି ବୋଧହୁଏ କିଛିଏ ଆଳସ୍ୟ ବୋଧ କରେ ଏବଂ ତା ଉପରେ ଗୋଟାଏ ଅସ୍ପଷ୍ଟ ମୋହ ଆବୃତ ହୋଇଯାଏ । ଏହା ବଡ଼ ଅବାସ୍ତବ ଜଣା ପଡ଼ୁଛି—ଯେପରିକି ଏକ ଚିତ୍ରରେ ଦେଖାଇ ଦିଆଯାଇଛି ଯେ ସମସ୍ତ ସ୍ଥିର ହୋଇ ରହିଛି—ଏକ ଅପରିବର୍ତ୍ତନୀୟ ଦୃଶ୍ୟ ପରିଦୃଷ୍ଟ ହେଉଛି । ପ୍ରାୟ ଅଜାଣତ ଭାବରେ ସେ ଅତୀତକୁ ଯାଏ, ଶିଶୁବେଳରେ ସ୍ୱପ୍ନ ମନେପଡ଼େ, ଅସ୍ତ୍ର ଶସ୍ତ୍ର ଶୋଭିତ ବୀରର ଦୃଶ୍ୟ, ସୁନ୍ଦରୀ ସାହସୀ ରାଜକନ୍ୟା ତାପାଖକୁ ଆସନ୍ତି, ଉଚ୍ଚ ଗମ୍ବୁଜ-ବିଶିଷ୍ଟ ଦୁର୍ଗ, ବୀରତ୍ୱ, ସମ୍ମାନ ଓ ଆତ୍ମବଡ଼ିମା ସମ୍ବନ୍ଧରେ ଅସମ୍ଭବ ଧାରଣା, ଅତୁଳନୀୟ ସାହସ ଓ ମୃତ୍ୟୁ ପ୍ରତି ଅବଜ୍ଞା ଆଦି ବିଷୟ ମନରେ ପଡ଼େ; ବିଶେଷତଃ ଯଦି ସେ ରୋମାଣ୍ଟିକର, ବୃଥା ଓ ଅସମ୍ଭବ କାର୍ଯ୍ୟ ହୋଇଥିବା ରାଜପୁତାନାରେ ରହିଥାଏ ଏହା ବେଶୀ ଦେଖାଯାଏ ।

ରାଜନ୍ୟ ବର୍ଗରେ ବକ୍ତୃତା କରି ବିକାନୀରର ମହାରାଜା କହିଥିଲେ "ଆମେ ଦେଶୀୟ ରାଜ୍ୟର ଶାସକମାନେ ଭାଗ୍ୟର ଯୋଦ୍ଧା ନୋହୁଁ । ମୁଁ ଏଠାରେ କହି ରଖୁଛି ଯେ ବଂଶାନୁକ୍ରମେ ଶତାବ୍ଦୀ ଧରି ଆମେ ଶାସନ ଭାର ଗ୍ରହଣ କରିଥାଉଁ ବୋଲି ଦାବୀ କରିପାରୁ ଏବଂ ମୋର ବିଶ୍ୱାସ କେତେକ ପରିମାଣରେ ରାଜନୀତିକୁଶଳ ମଧ୍ୟ ହୋଇଛୁ । ତେଣୁ କୌଣସି ତରତରିଆ ବା ବିନାବିଚାରରେ କୌଣସି ସିଦ୍ଧାନ୍ତକରିବା ବିରୁଦ୍ଧରେ ଆମକୁ ସାବଧାନତା ଅବଲମ୍ବନ କରିବାକୁ ହେବ । ମୁଁ ଖୁବ୍ ନମ୍ରତାର ସହିତ କହିବାକୁ ଚାହେଁ ଯେ ରାଜାମାନଙ୍କର କୌଣସି ଲୋକଦ୍ୱାରା ଧ୍ୱଂସ ପାଇବାର ଇଚ୍ଛା ନାହିଁ, ମାତ୍ର ଦୁର୍ଭାଗ୍ୟବଶତଃ ଯଦି ଏପରି ସମୟ ଆସି ପହଞ୍ଚେ, ଯେତେବେଳେ ସନନ୍ଦ ସର୍ତ୍ତ ଅନୁସାରେ ସୁଦ୍ଧା ବ୍ରିଟିଶ ମୁକୁଟ ଆମକୁ ଆବଶ୍ୟକୀୟ ଆଶ୍ରୟ ଦେଇ ପାରିବେ ନାହିଁ, ତେବେ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରି ମରିବୁ ।"

Digitized by srujanika@gmail.com

ମାତ୍ର ଅତିଶୀଘ୍ର ସେ ସ୍ୱପ୍ନ ଭାଙ୍ଗିଯାଏ—ଉତ୍ପୀଡ଼ନ ଭାବ ବୋଧ ହୁଏ; ଏହା ବଡ଼ କଠିନ, ନିଶ୍ୱାସ ନେବା କଷ୍ଟକର ହୁଏ—ଏହି ନିସ୍ତବ୍ଧ ଓ ମନ୍ଥରଗତି କରୁଥିବା ଜଳ ତଳେ ଅବଛ ପାଣି ଓ ପଙ୍କ ଥାଏ। ଲୋକ ଚତୁର୍ଦ୍ଦିଗରେ ସଙ୍କୁଚିତ, ସୀମାବଦ୍ଧ ବୋଧକରେ, ମନ ଓ ଶରୀର ବନ୍ଦୀ ହେଲା ପରି ମନେକରେ। ରାଜାଙ୍କର ଆଡ଼ମ୍ବରପୂର୍ଣ୍ଣ ପ୍ରାସାଦ୍ ସହିତ ତୁଳନା କରି ଲୋକ ନିଜ ଆଗରେ ଲୋକଙ୍କର ଅତ୍ୟନ୍ତ ଅଧୋଗତି ଓ ଦୁର୍ଦ୍ଦଶା ଦେଖିପାରେ। ରାଜାର ବିଳାସ ଓ ବ୍ୟକ୍ତିଗତ ଆବଶ୍ୟକତା ଲାଗି ସେହି ପ୍ରାସାଦରେ ରାଜ୍ୟର କେତେ ଟଙ୍କା ଖରଚ ନ ହୋଇଥାଏ ! ସେବା ଆକାରରେ ଲୋକଙ୍କ ପାଖରୁ କେତେ କମ୍ ଯାଏ ! ଆମ ରାଜାମାନଙ୍କୁ ସୃଷ୍ଟିକରି ପାଳିବା ବଡ଼ ଭୟଙ୍କର ବ୍ୟୟସାଧ୍ୟ। ତାଙ୍କ ଲାଗି ହେଉଥିବା ଏହି ପ୍ରକାର ବ୍ୟୟ ବଦଳରେ ସେମାନେ କ'ଣ ଦିଅନ୍ତି ?

ଏହିସବୁ ଦେଶୀୟ ରାଜ୍ୟରେ ଗୋଟାଏ ରହସ୍ୟର ଆବରଣ ରହିଛି। ଏଠାରେ ସମ୍ବାଦପତ୍ରକୁ ଉତ୍ସାହ ଦିଆଯାଏ ନାହିଁ—ଖୁବ୍ ହେଲେ ଗୋଟାଏ ସାହିତ୍ୟିକ ବା ଅଧା ସରକାରୀ ସାପ୍ତାହିକ କାଗଜ ପ୍ରକାଶ ଚଳିପାରେ। ବାହାର ସମ୍ବାଦପତ୍ର ସବୁ ନିଷେଧ କରିଦିଆଯାଏ। ତ୍ରାଭାଙ୍କୋର, କୋଚିନ ପ୍ରଭୃତି କେତେକ ଦକ୍ଷିଣ ରାଜ୍ୟ ଛାଡ଼ି ଅନ୍ୟତ୍ର ଶିକ୍ଷିତ ଲୋକଙ୍କର ସଂଖ୍ୟା ବହୁତ କମ୍—ଏହି କେତୋଟି ରାଜ୍ୟରେ ବ୍ରିଟିଶ ଭାରତ ଅପେକ୍ଷା ଶିକ୍ଷିତ ସଂଖ୍ୟା ଅଧିକ। ଦେଶୀୟ ରାଜ୍ୟମାନଙ୍କରୁ ପ୍ରଧାନ ସମ୍ବାଦ ଆସେ ବଡ଼ଲାଟଙ୍କ ଆଗମନ, ତାଙ୍କ ଲାଗି ଜାକଜମକ ଓ ସାଜସଜ୍ଜା—ଅନେକ ସମୟରେ ପ୍ରଶଂସାସୂଚକ ବକ୍ତୃତା—କିମ୍ବା ଅନାବଶ୍ୟକ ଭାବରେ ବ୍ୟୟ କରି ବିବାହଉତ୍ସବ, ରାଜା ଜନ୍ମଦିନପାଳନ କିମ୍ବା କୃଷକ ବିଦ୍ରୋହର ସମ୍ବାଦ ଆସେ। ବିଶେଷ ଆଇନ ଜାରିହୋଇ ରାଜାମାନଙ୍କୁ ସମାଲୋଚନାରୁ ରକ୍ଷା କରିଛି। ବ୍ରିଟିଶ ଭାରତରେ ସୁଦ୍ଧା ହୋଇ ପାରିବ ନାହିଁ ଏବଂ ରାଜ୍ୟ ଭିତରେ ସୁଦ୍ଧା ନରମ ଧରଣର ସମାଲୋଚନା ହେଲେ କଠୋରଭାବରେ ଦମନ କରାଯାଏ। ସାଧାରଣ ସଭାକଥା ସେଠି ଅଜଣା ଏବଂ ଏପରିକି

Digitized by srujanika@gmail.com

ସାମାଜିକ ବ୍ୟାପାର ନେଇ ସଭା ସମିତି ମଧ୍ୟ ନିଷେଧ କରାଯାଏ । * ବାହାରର ମୁଖ୍ୟ ସାଧାରଣ ଲୋକଙ୍କୁ ସାଧାରଣତଃ ରାଜ୍ୟଭିତରେ ପ୍ରବେଶର ବାଧା ଦିଆଯାଏ । ୧୯୨୦-୩୦ ମଧ୍ୟଭାଗରେ ସି. ଆର୍. ଦାସ ଅତ୍ୟନ୍ତ ଅସୁସ୍ଥ ଥିଲେ ଓ ଶରୀର ଆରୋଗ୍ୟ ନିମନ୍ତେ ସେ କାଶ୍ମୀର ଯିବାଲାଗି ସ୍ଥିର କରିଥିଲେ । ସେ ରାଜନୀତିକ ଉଦ୍ଦେଶ୍ୟରେ ଯାଉ-ନ ଥିଲେ । ସେ ଠିକ୍ କାଶ୍ମୀର ସୀମାନ୍ତକୁ ଗଲାପରେ ତାଙ୍କୁ ସେଠାରେ ନିଷେଧ କରାଗଲା । ଏପରି କି ଏମ୍. ଏ. ଜିନ୍ନାଙ୍କୁ ମଧ୍ୟ ହାଇଦରାବାଦ ଯିବାକୁ ଦିଆଯାଇ ନ ଥିଲା । ହାଇଦ୍ରାବାଦ ସହରରେ ସରୋଜିନୀ ନାଇଡୁଙ୍କ ଘର—ତାଙ୍କୁ ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ସେଠାକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା ।

ଦେଶୀୟ ରାଜ୍ୟରେ ଏପରି ଅବସ୍ଥା ଥିବାବେଳେ ରାଜ୍ୟଭିତରେ ପ୍ରାଥମିକ ଅଧିକାର ନିମନ୍ତେ କଂଗ୍ରେସ ଦାବୀ କରିବା ସ୍ୱାଭାବିକ ହୋଇଥାନ୍ତା ଏବଂ ଏହି ସର୍ବପ୍ରକାର ଦମନର ସମାଲୋଚନା କରାଯାଇଥାନ୍ତା । ମାତ୍ର

---

*୧୯୩୪ ଅକ୍ଟୋବର ତାରିଖରେ ହାଇଦରାବାଦ (ଦାକ୍ଷିଣାତ୍ୟ)ରୁ ଏକ ସମ୍ବାଦରେ ପ୍ରକାଶ ପାଇଥିଲା—

"ଗତ କାଲି ସ୍ଥାନୀୟ ବିବେକ-ବର୍ଦ୍ଧିନୀ ଥିଏଟରରେ ଗାନ୍ଧିଙ୍କ ଜନ୍ମଦିବସ ଉତ୍ସବ ଉପଲକ୍ଷେ ଯେଉଁ ସାଧାରଣ ସଭା କରିବା ନିମନ୍ତେ ଘୋଷଣା କରାଯାଇଥିଲା ତାହା ବନ୍ଦ କରିବାକୁ ପଡ଼ିଲା । ଏହି ସଭା ହାଇଦ୍ରାବାଦ ହରିଜନ ସେବକସଂଘଦ୍ୱାରା କରାହୋଇଥିଲା । ଖବରକାଗଜକୁ ଏକ ଚିଠିରେ ସେହି ସଂଘର ସେକ୍ରେଟେରୀ ଲେଖିଛନ୍ତି ଯେ ସଭା ହେବାର ଠିକ୍ ୨୪ ଘଣ୍ଟା ପୂର୍ବରୁ କର୍ତ୍ତୃପକ୍ଷମାନେ ଦାବୀ କଲେ ଯେ ଅମାନତ ନଗଦ ଟ ୨୦୦୦ ଙ୍କା ଦେଲେ ଏବଂ କୌଣସି ପ୍ରକାର ରାଜନୀତିକ ବକ୍ତୃତା ହେବନାହିଁ ବୋଲି ଏକରାରନାମା ଦେଲେ ସଭା କରିବା ନିମନ୍ତେ ଅନୁମତି ଦିଆଯିବ । କୌଣସି ସରକାରୀ କର୍ମଚାରୀର କାର୍ଯ୍ୟ ସମାଲୋଚନା କରାଯିବ ନାହିଁ । ଏହି ସବୁ କର୍ତ୍ତୃପକ୍ଷଙ୍କଠାରେ ପୂରଣ କରିବା ନିମନ୍ତେ ଆବଶ୍ୟକ ଯଥେଷ୍ଟ ସମୟ ନ ପାଇବାରୁ ସଭା ସ୍ଥଗିତ ରଖିବାକୁ ପଡ଼ିଲା ।

Digitized by srujanika@gmail.com

ଦେଶୀୟ ରାଜ୍ୟ ସମ୍ବନ୍ଧରେ ଗାନ୍ଧିଜୀ ଗୋଟିଏ ନୂତନ ନୀତି ଅନୁସରଣ କଲେ—"ଦେଶୀୟ ରାଜ୍ୟର ଅଭ୍ୟନ୍ତରୀଣ ଶାସନରେ ହସ୍ତକ୍ଷେପ ନ କରିବା ନୀତି।" ଦେଶୀୟ ରାଜ୍ୟ ଭିତରେ ଅତ୍ୟନ୍ତ ଅସାଧାରଣ ଓ ଦୁଃଖଦାୟକ ଘଟଣା ଘଟିଥିଲେ ସୁଦ୍ଧା ଏବଂ ଦେଶୀୟ ରାଜ୍ୟ ସରକାର ସବୁ ଅହେତୁକ ଭାବରେ କଂଗ୍ରେସକୁ ଆକ୍ରମଣ କରିବା ସତ୍ତ୍ୱେ ଏହି ନୀତି ସେ ଆଜି ପର୍ଯ୍ୟନ୍ତ ଧରି ରଖିଛନ୍ତି। ମନେହୁଏ ଭୟ ହେଉଛି କଂଗ୍ରେସର ସମାଲୋଚନା ଫଳରେ ହୁଏତ ଶାସକମାନେ ଅପମାନିତ ହୋଇପିବେ ଏବଂ ସେମାନଙ୍କୁ 'ଦୀକ୍ଷିତ' କରାଇବା ଅଧିକ କଷ୍ଟକର ହୋଇପଡ଼ିବ। ୧୯୩୪ ମସିହା ଜୁଲାଇ ମାସରେ ଦେଶୀୟରାଜ୍ୟ ପ୍ରଜା ସମ୍ମିଳନୀର ସଭାପତି ଏନ୍. ସି. କେଲକାରଙ୍କୁ ଏକ ଚିଠିରେ ଗାନ୍ଧିଜୀ ତାଙ୍କର ସେହି ହସ୍ତକ୍ଷେପ ନ କରିବା ନୀତି ଅତ୍ୟନ୍ତ ଠିକ୍ ଓ ଯୁକ୍ତିଯୁକ୍ତ ବୋଲି କହି ସେଥିରେ ପୂର୍ବପରି ମତ ରହିଛି ବୋଲି ଲେଖିଥିଲେ ଏବଂ ଏହି ସବୁ ଦେଶୀୟ ରାଜ୍ୟର ଆଇନଗତ ଓ ଶାସନଗତ ଅବସ୍ଥିତି ସମ୍ବନ୍ଧରେ ସେ ଯେଉଁ ମତ ପ୍ରକାଶ କରିଥିଲେ ତାହା ଅଦ୍ଭୁତ। ସେ ଲେଖିଥିଲେ "ଦେଶୀୟ ରାଜ୍ୟଗୁଡ଼ିକ ବ୍ରିଟିଶ ଆଇନ ଅନୁସାରେ ସ୍ୱାଧୀନ। ଯେଉଁ ଅଞ୍ଚଳକୁ ବ୍ରିଟିଶ ଭାରତ ବୋଲି କୁହାଯାଉଛି, ତାହାର ଯେପରି ନିଜ ଛଡ଼ା ସିଲୋନ ବା ଆଫଗାନିସ୍ଥାନର ନୀତି ନିୟନ୍ତ୍ରଣ କରିବାରେ କୌଣସି କ୍ଷମତା ନାହିଁ, ସେହିପରି ଦେଶୀୟ ରାଜ୍ୟ ଉପରେ ମଧ୍ୟ ନାହିଁ।" ଗାନ୍ଧିଜୀଙ୍କର ଏହି ମତ ଓ ପରାମର୍ଶ ଦେଖି ଅତି ନରମ ମତ୍ତରେଟ ଭାରତ ଦେଶୀୟ ରାଜ୍ୟ ପ୍ରଜାସମ୍ମିଳନୀ ଓ ଲିବରାଲମାନେ ଆଶ୍ଚର୍ଯ୍ୟ ହେବେ ନାହିଁ କି ?

ମାତ୍ର ଦେଶୀୟ ରାଜ୍ୟ ରାଜାମାନେ ଏହି ମତକୁ ଖୁବ୍ ପସନ୍ଦ କରିଥିଲେ ଏବଂ ଏହାର ସୁବିଧା ଉଠାଇଥିଲେ। ଏକମାସ ଭିତରେ ତ୍ରାଭାଙ୍କୋର ରାଜ୍ୟ ଭିତରେ ଜାତୀୟ କଂଗ୍ରେସକୁ ବେଆଇନ ଘୋଷଣା କରାଗଲା ଏବଂ ଏହାର ସମସ୍ତ ସଭା ଓ ସଭ୍ୟସଂଗ୍ରହ ବନ୍ଦ କରାଗଲା। ଏହା କରିବା ବେଳେ ରାଜ୍ୟର ସରକାର ପ୍ରକାଶ କଲା 'ଦାୟିତ୍ୱଜ୍ଞାନସମ୍ପନ୍ନ

Digitized by srujanika@gmail.com

ନେତାମାନେ' ଏହି ପରାମର୍ଶ ଦେଇଛନ୍ତି—ଗାନ୍ଧିଜୀଙ୍କ ବିବୃତିକୁ ଉଚିତ କରି କହିଥିବା ସ୍ପଷ୍ଟ ଭୁଲ୍ ହୋଇଗଲା । ଆହୁରି ଲକ୍ଷ୍ୟ କରିବାର କଥା ଯେ ବ୍ରିଟିଶ ଭାରତରେ ଆଇନ ଅମାନ୍ୟ ପ୍ରତ୍ୟାହାର କଲାପରେ ଏହି ନିଷେଧାଜ୍ଞା ହୋଇଥିଲା (ଦେଶୀୟ ରାଜ୍ୟରେ କେବେ ଏହି ଆନ୍ଦୋଳନ ହୋଇନାହିଁ) ଏତେବେଳେ ପୁଣି ଭାରତ ସରକାର କଂଗ୍ରେସଗୁଡ଼ିକ ବୈଧ ଅନୁଷ୍ଠାନ ବୋଲି ସ୍ୱୀକାର କରି ସାରିଥାନ୍ତି । ଆହୁରି ମଜାର କଥା ହେଉଛି ଏହି ସମୟରେ (ଏବେ ସୁଦ୍ଧା ଅଛନ୍ତି) ତ୍ରାବାଙ୍କୋର ସରକାରର ପ୍ରଧାନ ରାଜନୀତିକ ପରାମର୍ଶଦାତା ଥିଲେ ସାର ସି. ପି. ରାମସ୍ୱାମୀ ଆୟାର । ସେ ଏକ ସମୟରେ କଂଗ୍ରେସ ଓ ହୋମ ରୁଲ ଲିଗର ଜଣେ ସାଧାରଣ ସମ୍ପାଦକ ଥିଲେ, ପରେ ଲିବରାଲ ହେଲେ, ଭାରତ ସରକାର ଓ ମାନ୍ଦ୍ରାଜ ସରକାରରେ ଉଚ୍ଚପଦବୀ ଗ୍ରହଣ କଲେ ।

କଂଗ୍ରେସ ମତ ଅନୁସାରେ ଗାନ୍ଧିଜୀଙ୍କ ପରାମର୍ଶ ମାନି ସାଧାରଣ ସମୟରେ ସୁଦ୍ଧା ତ୍ରାବାଙ୍କୋର ସରକାରର କଂଗ୍ରେସ ଉପରେ ଏହି ଅହେତୁକୀ ଆକ୍ରମଣ ସମ୍ବନ୍ଧରେ ସାଧାରଣରେ କିଛି ପ୍ରକାଶ କରାଗଲା ନାହିଁ । * କେତେକ ଲିବରାଲ ସୁଦ୍ଧା ଏହାର କଠୋର ସମାଲୋଚନା କରିଥିଲେ । ବାସ୍ତବିକ ଅନେକ ଲିବରାଲଙ୍କଠାରୁ ଦେଶୀୟ ରାଜ୍ୟ ସମ୍ବନ୍ଧରେ ଗାନ୍ଧିଜୀଙ୍କର ମତ ଆହୁରି ମଡ଼ରେଟ ଓ ସଂଯତ । ସମ୍ଭବତଃ ମୁଖ୍ୟ ନେତାମାନଙ୍କ ଭିତରେ ଏକମାତ୍ର ପଣ୍ଡିତ ମଦନ ମୋହନ ମାଲବ୍ୟ, ଯାହାଙ୍କର ଅସଂଖ୍ୟ ରାଜାଙ୍କ ସହିତ ଘନିଷ୍ଠ ସମ୍ପର୍କ

---

* ୧୯୩୫ ମସିହା ଜାନୁୟାରୀ ୭ ତାରିଖ ବରୋଦାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହି ହସ୍ତକ୍ଷେପ ନକରିବା ନୀତି ଉପରେ ଜୋର ଦେଇ-ଥିଲେ । ସେ କହିଥିବାର ପ୍ରକାଶ ପାଇଥିଲା "ଦେଶୀୟ ରାଜ୍ୟରେ ଥିବା ସମସ୍ତ କଟକଣା ମାନି ଦେଶୀୟ ରାଜ୍ୟର କର୍ମୀମାନଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ । ଶାସନକୁ ସମାଲୋଚନା କରିବା ପରିବର୍ତ୍ତେ ଶାସକ ଓ ଶାସିତଙ୍କ ଭିତରେ ସଦ୍‌ଭାବ ସ୍ଥାପନର ଉଦ୍ୟମ ହେବା ଦରକାର ।"

Digitized by srujanika@gmail.com

ରହିଛନ୍ତି ସେହିପରି ସଂଯତ ଏବଂ ତାଙ୍କ କଥାରେ ଦେଶୀୟ ରାଜ୍ୟର ଶାସକମାନଙ୍କ ମନରେ ଯେପରି ଅସନ୍ତୋଷ ନ ଜନ୍ମେ ସେଥିଲାଗି ସେ ସତର୍କ ଥାଆନ୍ତି ।

ଦେଶୀୟ ରାଜ୍ୟର ରାଜାମାନଙ୍କ ସମ୍ପର୍କରେ ଗାନ୍ଧିଜୀ ସର୍ବଦା ସେପରି ସତର୍କ ନ ଥାନ୍ତି । ସେ ୧୯୧୬ ମସିହା ଫେବୃୟାରୀ ମାସରେ ବେନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଥମ ଉଦ୍‌ଘାଟନ ଦିବସରେ ଗୋଟିଏ ସଭାରେ ବକ୍ତୃତା କରିଥିଲେ — ସେଥିରେ ଜଣେ ରାଜା ସଭାପତି ହୋଇଥିଲେ ଓ ଅନେକ ରାଜା ଯୋଗ ଦେଇଥିଲେ । ସେ ନୂତନ ହୋଇ ଦକ୍ଷିଣ ଆଫ୍ରିକାରୁ ଫେରିଥାନ୍ତି—ନିଖିଳଭାରତ ରାଜନୀତିର ଭାର ତାଙ୍କ ଉପରେ ସେତେବେଳକୁ ପଡ଼ି ନ ଥାଏ । ସେ ଏକ ମହାପୁରୁଷ ପରି ଆବେଗମୟ ଭାଷାରେ ରାଜା-ମାନଙ୍କୁ ସଂଶୋଧନ କରିବା ନିମନ୍ତେ ଏବଂ ଅଯଥା ଆଡ଼ମ୍ବର ଓ ବିଳାସ ଛାଡ଼ିବା ନିମନ୍ତେ କହିଲେ । ସେ କହିଲେ "ରାଜାମାନେ ଯାଅ, ତୁମର ମଣିସବୁ ବିକ୍ରି କରିଦିଅ ।" ସେମାନେ ସେମାନଙ୍କର ମଣି ବିକ୍ରୟ କରି ନ ଥିଲେ ସତ, ମାତ୍ର ଯାଇଥିଲେ । ଅତ୍ୟନ୍ତ ବିଚଳିତ ହୋଇ ଜଣକ ପରେ ଜଣେ ଏବଂ ଛୋଟ ଛୋଟ ଦଳ ବାନ୍ଧି ସେମାନେ ସେହି ଗୃହ ଛାଡ଼ିଗଲେ—ଏପରିକି ସଭାପତି ମଧ୍ୟ ବକ୍ତାଙ୍କୁ ଏକାକୀ ଛାଡ଼ି ଦେଇ ଖସି ଚାଲିଗଲେ । ଆନିବେଶାନ୍ତ ବି ସେଠାରେ ଉପସ୍ଥିତ ଥିଲେ—ସେ ଗାନ୍ଧିଜୀଙ୍କ ମନ୍ତବ୍ୟରେ ଅପମାନିତ ହୋଇ ସଭା ଛାଡ଼ି ଚାଲିଗଲେ ।

ଏନ୍‌ ସି କେଲକାରଙ୍କୁ ଗାନ୍ଧିଜୀ ଚିଠିରେ ପୁଣି ଲେଖିଛନ୍ତି—"ମୁଁ ଚାହେଁ ଯେ ରାଜାମାନେ ତାଙ୍କ ପ୍ରଜାଙ୍କୁ ଦାୟିତ୍ୱମୂଳକ ସ୍ୱାତନ୍ତ୍ର୍ୟ ଦିଅନ୍ତୁ ଏବଂ ମୋ ମତରେ ରାଜାମାନେ ନିଜକୁ ବିଚାରିବା ଉଚିତ ଏବଂ ପ୍ରକୃତରେ ସେମାନେ ଶାସନ କରୁଥିବା ଲୋକଙ୍କର ମାରଫତଦାର ଭାବରେ କାର୍ଯ୍ୟ କରନ୍ତୁ ।" ଏହି ମାରଫତଦାରୀ କଥାର ଯଦି ଯଥାର୍ଥତା ଥାଏ, ଭାରତ ଶାସନପାଇଁ ବ୍ରିଟିଶ ସରକାରର ମାରଫତଦାରୀରେ

Digitized by srujanika@gmail.com

ଆମେ କାହିଁକି ଆପତ୍ତି କରିବା ? ସେମାନେ କେବଳ ବିଦେଶୀ ହୋଇଥିବା ଛଡ଼ା ମୁଁ ଆଉ କିଛି ପାର୍ଥକ୍ୟ ଦେଖୁନାହିଁ । ଧର୍ମର ରଙ୍ଗ, ଜାତି, ଉତ୍ପତ୍ତି ଓ ସଂସ୍କୃତିଗତ, ଅନେକ ପାର୍ଥକ୍ୟ ଭାରତର ଭିନ୍ନ ଲୋକଙ୍କର ଭିତରେ ବି ଅଛି ।

ଗତ କେତେବର୍ଷ ମଧ୍ୟରେ ଦେଶୀୟ ରାଜ୍ୟମାନଙ୍କ ଭିତରେ ଦ୍ରୁତ ଗତିରେ ବ୍ରିଟିଶ କର୍ମଚାରୀଙ୍କ ପ୍ରବେଶ ହୋଇଛି—ଅନେକ ସମୟରେ ଅନିଚ୍ଛୁକ ଅଥଚ ଅସହାୟ ଶାସକଙ୍କ ଉପରେ ଏହା ଲଦି ଦିଆଯାଇଛି । ଉପରୁ ଭାରତ ସରକାର ସର୍ବଦା ଦେଶୀୟ ରାଜ୍ୟ ଉପରେ ଖୁବ୍ କର୍ତ୍ତୃତ୍ୱ କରେ; ବର୍ତ୍ତମାନ ଏହା ଛଡ଼ା ଅନେକ ବଡ଼ ବଡ଼ ଦେଶୀୟ ରାଜ୍ୟ ଭିତରେ ମଧ୍ୟ କର୍ତ୍ତୃତ୍ୱ ସ୍ଥାପନ କରାଯାଇଛି । ସୁତରାଂ ଏହି ଦେଶୀୟ ରାଜ୍ୟ ପକ୍ଷରୁ ଯାହା ସବୁ କୁହାଯାଏ, ତାହା ଭାରତ ସରକାରର ରୂପାନ୍ତରିତ କଥା ମାତ୍ର, କିନ୍ତୁ ଏଥିରେ ସାମନ୍ତତନ୍ତ୍ର ବ୍ୟବସ୍ଥାର ପୂର୍ଣ୍ଣ ସୁଯୋଗ ନିଆଯାଏ ।

ମୁଁ ବୁଝିପାରୁଛି ଯେ ଅନ୍ୟ ସ୍ଥାନ ପରି ଦେଶୀୟ ରାଜ୍ୟରେ ଏକ ପ୍ରକାର କାର୍ଯ୍ୟ କରିବା ସର୍ବଦା ସମ୍ଭବ ନୁହେଁ । ବାସ୍ତବିକ ବିଭିନ୍ନ ବ୍ରିଟିଶ ଭାରତ ପ୍ରଦେଶରେ ମଧ୍ୟ କୃଷିଗତ, ଶିଳ୍ପ, ସାମ୍ପ୍ରଦାୟିକ ଓ ସଂସ୍କାରଗତ ନାନା ପ୍ରକାର ପାର୍ଥକ୍ୟ ରହିଛି ଏବଂ ଏକପ୍ରକାର କାର୍ଯ୍ୟପ୍ରଣାଳୀ ଅନୁସରଣ କରିବା ସୁବିଧାଜନକ ନୁହେଁ । କିନ୍ତୁ ଯଦିଓ ପରିସ୍ଥିତି ଉପରେ କାର୍ଯ୍ୟ ନିର୍ଭର କରେ, ଆମର ସାଧାରଣ ନୀତି ଭିନ୍ନ ସ୍ଥାନରେ ପୃଥକ୍ ହେବା ଉଚିତ ନୁହେଁ—ଗୋଟିଏ ସ୍ଥାନରେ ଯାହା ଖରାପ ଅନ୍ୟ ସ୍ଥାନରେ ମଧ୍ୟ ଖରାପ ହୋଇପାରେ । ନଚେତ୍ ଅଭିଯୋଗ ହେବ ଏବଂ ହୋଇଛି ଯେ ଆମର ନୀତି ବା କର୍ମପନ୍ଥାର ଠିକଣା ନାହିଁ ଏବଂ ଆମେ କେବଳ ନିଜପାଇଁ କ୍ଷମତା ପାଇବା ନିମନ୍ତେ ବାହାରିଛୁ ।

ଧାର୍ମିକ ଓ ଅନ୍ୟ ସଂଖ୍ୟାନ୍ୟୂନ ସମ୍ପ୍ରଦାୟ ଲାଗି ପୃଥକ ନିର୍ବାଚନ ବିରୁଦ୍ଧରେ ଖୁବ୍ ମତ ପ୍ରକାଶିତ ହୋଇଛି ଏବଂ ଏହା ଠିକ୍ ମଧ୍ୟ

Digitized by srujanika@gmail.com

ଦର୍ଶାଇଦିଆଯାଇଛି ଏହା ଗଣତନ୍ତ୍ର ସହିତ ଖାପ ଖାଉ ନାହିଁ । ଅବଶ୍ୟ ଯଦି ନାନା ଧାର୍ମିକ ବିଭାଗରେ ନିର୍ବାଚନମଣ୍ଡଳୀମାନଙ୍କୁ ବିଭକ୍ତ କରାଯାଏ ତାହା ହେଲେ ଗଣତନ୍ତ୍ର ହେବା ଅଥବା ଯାହା ଦାୟିତ୍ୱମୂଳକ ଶାସନ କହନ୍ତି ତାହା ହେବା ଅସମ୍ଭବ । କିନ୍ତୁ ପଣ୍ଡିତ ମଦନମୋହନ ମାଲବ୍ୟ ଓ ହିନ୍ଦୁ ମହାସଭାର ନେତାମାନଙ୍କ ପରି ଅବିଶ୍ରାନ୍ତ ସମାଲୋଚକମାନେ ସୁଦ୍ଧା ଦେଶୀୟ ରାଜ୍ୟର ଅବସ୍ଥା ବିଷୟରେ ମୌନସମ୍ମତି ପ୍ରଦାନ କରନ୍ତି ଏବଂ ସମ୍ଭବତଃ ଦେଶୀୟ ରାଜ୍ୟର ସ୍ୱେଚ୍ଛାଚାରୀ ଶାସନ ଏବଂ ବ୍ରିଟିଶ ଭାରତର ଗଣତନ୍ତ୍ର (ଏହା ଅନ୍ତତଃ କୁହାଯାଏ) ସହିତ ବନ୍ଧୁତ୍ୱ ଗଢ଼ିବା ନିମନ୍ତେ ସେମାନେ ପ୍ରସ୍ତୁତ ହେବେ । ଏହାଠାରୁ ଅଧିକ ଅଳୀକ ଓ ସାମଞ୍ଜସ୍ୟହୀନ ଏକତା କଳ୍ପନା କରିବା କଷ୍ଟକର, ମାତ୍ର ହିନ୍ଦୁ ମହାସଭାରେ ଥିବା ଜାତୀୟବାଦ ଓ ଗଣତନ୍ତ୍ରର ପୃଷ୍ଠପୋଷକମାନେ ଏହି ଉଦ୍ୟମକୁ ଗ୍ରାହ୍ୟ କରିଦିଅନ୍ତି । ଆମେ ସତ୍ୟ ଓ ସାମଞ୍ଜସ୍ୟ କଥା ଉଠାଉ, ମାତ୍ର ଆମର ମୂଳ ପ୍ରେରଣା ହେଉଛି ଭାବାବେଗ ।

କଂଗ୍ରେସ ଓ ଦେଶୀୟ ରାଜ୍ୟର ପ୍ରତିରୋଧ ଭାବ ପ୍ରତି ମୁଁ ଆସିଲି । ପ୍ରାୟ ଦେଢ଼ ଶତାବ୍ଦୀ ପୂର୍ବେ ବର୍କଙ୍କୁ ଲକ୍ଷ୍ୟ କରି ଥମାସ୍ ପେନ କଥା ମୋର ମନେ ପଡ଼ିଲା—"ସେ ପାଳକ ପ୍ରତି ଦୟାପରବଶ ହୁଅନ୍ତି, ଅଥଚ ମରିଯାଇଥିବା ପକ୍ଷୀ କଥା ଭୁଲିଯାଆନ୍ତି ।" ଗାନ୍ଧିଜୀ ଅବଶ୍ୟ ମରଣୋନ୍ମୁଖ ପକ୍ଷୀ କଥା ଭୁଲନ୍ତିନାହିଁ । ମାତ୍ର ପାଳକ ଉପରେ ଏତେ ଜୋର କାହିଁକି ?

ଅଳ୍ପ ଅଧିକେ ତାଲୁକଦାରୀ ଓ ବଡ଼ଜମିଦାରୀ ସମ୍ପର୍କରେ ମଧ୍ୟ ସେହି କଥା । ଏହି ଅଧା-ସାଆନ୍ତିଆ ପ୍ରଥାର କାଳ ଯେ ପୂରି ଗଲାଣି ଏବଂ ଏହା ଉତ୍ପତ୍ତି ଓ ସାଧାରଣ ପ୍ରଗତି ପଥରେ ଯେ ଅନ୍ତରାୟ ଏ ସମ୍ବନ୍ଧରେ ଯୁକ୍ତିର ଆବଶ୍ୟକତା ନାହିଁ । ଏହା ଉନ୍ନତ ପୁଞ୍ଜିବାଦ ସହିତ ମଧ୍ୟ ବିବାଦ କରେ ଏବଂ ପ୍ରାୟ ସମଗ୍ର ୟୁରୋପରେ ବିରାଟ ଜମିଦାରୀ ସବୁ ଲୋପ ପାଇଛି ଏବଂ ଭୂସ୍ୱତ୍ୱାଧିକାରୀ କୃଷକମାନଙ୍କ ହାତକୁ ଆସିଛି ।

Digitized by srujanika@gmail.com

ମୁଁ ସର୍ବଦା ଦେଖିଛି ଯେ ଭାରତରେ କେବଳ ଗୋଟାଏ ପ୍ରଶ୍ନ ଉଠିବାର କଥା—ସେ ହେଉଛି, ଷଡ଼ପୁରଣ। ମାତ୍ର ଆଶ୍ଚର୍ଯ୍ୟ ହୋଇଛି ଯେ ଗତ ବର୍ଷକ ଭିତରେ ମୁଁ ଦେଖିପାରିଛି, ଗାନ୍ଧିଜୀ ପ୍ରଚଳିତ ତାଲୁକଦାରୀ ଯେପରି ଅଛି ସେହିପରି ରଖିବାକୁ ଚାହାନ୍ତି। ସେ ୧୯୩୪ ମସିହା ଜୁଲାଇ ମାସରେ କାନପୁରରେ କହିଥିଲେ, "ଉଭୟ ପକ୍ଷରୁ ହୃଦୟ ପରିବର୍ତ୍ତନ ଫଳରେ ଜମିଦାର ଓ ପ୍ରଜାଙ୍କ ଭିତରେ ଭଲ ସମ୍ବନ୍ଧ ହୋଇପାରେ। ଏହା ହେଲେ ଉଭୟେ ଶାନ୍ତି ଓ ଆରାମରେ ବାସ କରିପାରିବେ। ସେ କେବେହେଁ ଜମିଦାରୀ ଓ ତାଲୁକଦାରୀ ପ୍ରଥା ଲୋପ କରିବା ସପକ୍ଷରେ ନୁହନ୍ତି ଏବଂ ଯେଉଁମାନେ ଏହା ଲୋପ କରିବା କଥା କହନ୍ତି, ସେମାନେ ନିଜ କଥା ବୁଝିନାହାନ୍ତି।" (ଏହି ଶେଷ ଉକ୍ତି ଅତ୍ୟନ୍ତ ଅନ୍ୟାୟ)

ସେ ଅଧିକ କହିଥିବାର ପ୍ରକାଶ ପାଇଥିଲା—"ଯଥାର୍ଥ କାରଣ ବ୍ୟତୀତ ସମ୍ପତ୍ତିଶାଳୀ ଶ୍ରେଣୀଙ୍କଠାରୁ ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ଛଡ଼ାଇନେବା ସପକ୍ଷରେ ମୁଁ ନୁହେଁ। ମୋର ଉଦ୍ଦେଶ୍ୟ ହେଉଛି ତମ ହୃଦୟରେ ପହଞ୍ଚି ପରିବର୍ତ୍ତନ କରିବା (ସେ ଜମିଦାରମାନଙ୍କୁ ବକ୍ତୃତା କରୁଥାନ୍ତି)—ତାହାହେଲେ ତମେ ତମର ପ୍ରଜାମାନଙ୍କପାଇଁ ମାରଫତ୍‌-ଦାରରୂପେ ସମ୍ପତ୍ତି ରଖିବ ଏବଂ ପ୍ରଧାନତଃ ତାଙ୍କ ମଙ୍ଗଳ ସକାଶେ ଏହା ବ୍ୟୟ କରିବ········ମାତ୍ର ମନେକର ଯଦି ତମ ସମ୍ପତ୍ତିରୁ ଉଚ୍ଛେଦ କରିବା ନିମନ୍ତେ ଅନ୍ୟାୟଭାବରେ କିଛି ଉଦ୍ୟମ ହୁଏ, ତେବେ ମୋତେ ତମେ ତମ ପକ୍ଷରେ ପାଇବ········ପାଶ୍ଚାତ୍ୟର ସୋସିଆଲିଜମ୍ ଓ କମ୍ୟୁନିଜମ୍ କେତେକ ନିର୍ଦ୍ଦିଷ୍ଟ ଧାରଣାରେ ପ୍ରତିଷ୍ଠିତ—ଏହାର ଆମ ସହିତ ମୌଳିକ ପାର୍ଥକ୍ୟ ରହିଛି। ସେମାନଙ୍କର ବିଶ୍ୱାସ ଭିତରୁ ଗୋଟିଏ ହେଉଛି ଯେ ମନୁଷ୍ୟ ପ୍ରକୃତିର ସ୍ୱାର୍ଥପରତା ଅବଶ୍ୟ ରହିବ ବୋଲି ଏମାନେ କହନ୍ତି········ଅତଏବ ଆମର ସୋସିଆଲିଜମ୍ ଓ କମ୍ୟୁନିଜମ୍ ଅହିଂସା ଉପରେ ଏବଂ ଶ୍ରମିକ ଓ ମାଲିକ, ଜମିଦାର ଓ ପ୍ରଜାଙ୍କର ସାମଞ୍ଜସ୍ୟ ଉପରେ ପ୍ରତିଷ୍ଠିତ ହେବ।

Digitized by srujanika@gmail.com

ଦର୍ଶାଇଦିଆଯାଇଛି ଏହା ଗଣତନ୍ତ୍ର ସହିତ ଖାପ ଖାଉ ନାହିଁ । ଅବଶ୍ୟ ପୃଥକ୍ ନାନା ଧାର୍ମିକ ବର୍ଗରେ ନିର୍ବାଚନମଣ୍ଡଳମାନଙ୍କୁ ବିଭକ୍ତ କରାଯାଏ ତାହା ହେଲେ ଗଣତନ୍ତ୍ର ହେବା ଅଥବା ଯାହା ଦାୟିତ୍ୱମୂଳକ ଶାସନ କହନ୍ତି ତାହା ହେବା ଅସମ୍ଭବ । କିନ୍ତୁ ପଣ୍ଡିତ ମଦନମୋହନ ମାଳବ୍ୟ ଓ ହିନ୍ଦୁମହାସଭାର ନେତାମାନଙ୍କ ପରି ଅବଶ୍ରାନ୍ତ ସମାଲୋଚକମାନେ ସୁଦ୍ଧା ଦେଶୀୟ ରାଜ୍ୟର ଅବସ୍ଥା ସମ୍ବନ୍ଧରେ ମୌନସମ୍ମତି ପ୍ରଦାନ କରନ୍ତି ଏବଂ ସମ୍ଭବତଃ ଦେଶୀୟ ରାଜ୍ୟର ସ୍ୱେଚ୍ଛାଚାର ଶାସନ ଏବଂ ବ୍ରିଟିଶ ଭାରତର ଗଣତନ୍ତ୍ର (ଏହା ଅନ୍ତତଃ କୁହାଯାଏ) ସହିତ ବନ୍ଧୁସନ୍ଧି ଗଢ଼ିବା ନିମନ୍ତେ ସେମାନେ ପ୍ରସ୍ତୁତ ହେବେ । ଏହାଠାରୁ ଅଧିକ ଅଳୀକ ଓ ସାମଞ୍ଜସ୍ୟହୀନ ଏକତା କଳ୍ପନା କରିବା କଷ୍ଟକର, ମାତ୍ର ହିନ୍ଦୁ ମହାସଭାରେ ଥିବା ଜାତୀୟବାଦ ଓ ଗଣତନ୍ତ୍ରର ପୃଷ୍ଠପୋଷକମାନେ ଏହି ଉଦ୍ୟମକୁ ଗ୍ରାସ କରିଦିଅନ୍ତି । ଆମେ ଯୁକ୍ତି ଓ ସାମଞ୍ଜସ୍ୟ କଥା ଉଠାଉ, ମାତ୍ର ଆମର ମୂଳ ପ୍ରେରଣା ହେଉଛି ଭାବାବେଗ ।

କଂଗ୍ରେସ ଓ ଦେଶୀୟ ରାଜ୍ୟର ସ୍ୱାର୍ଥବିରୋଧ ଭାବ ପ୍ରତି ମୁଁ ଆସିଲି । ପ୍ରାୟ ଦେଢ଼ ଶତାବ୍ଦୀ ପୂର୍ବେ ବର୍କଙ୍କୁ ଲକ୍ଷ୍ୟ କରି ଥମାସ୍ ପେନ କଥା ମୋର ମନେ ପଡ଼ିଲା—"ସେ ପାଳକ ପ୍ରତି ଦୟାପରବଶ ହୁଅନ୍ତି, ଅଥଚ ମରିଯାଉଥିବା ପକ୍ଷୀ କଥା ଭୁଲିଯାଆନ୍ତି ।" ଗାନ୍ଧିଜୀ ଅବଶ୍ୟ ମରଣୋନ୍ମୁଖ ପକ୍ଷୀ କଥା ଭୁଲନ୍ତିନାହିଁ । ମାତ୍ର ପାଳକ ଉପରେ ଏତେ ଜୋର କାହିଁକି ?

ଅନେକ ଅଧିକେ ତାଲୁକଦାରୀ ଓ ବଡ଼ଜମିଦାରୀ ସମ୍ପର୍କରେ ମଧ୍ୟ ସେହି କଥା । ଏହି ଅଧା-ସାମନ୍ତିକ ପ୍ରଥାର କାଳ ଯେ ପୂରିଗଲାଣି ଏବଂ ଏହା ଉତ୍ପତ୍ତି ଓ ସାଧାରଣ ପ୍ରଗତି ପଥରେ ଯେ ଅନ୍ତରାୟ ଏ ସମ୍ବନ୍ଧରେ ମତଭେଦର ଅବଶ୍ୟକତା ନାହିଁ । ଏହା ଉନ୍ନତ ପୁଞ୍ଜିବାଦ ସହିତ ମଧ୍ୟ ବିବାଦ କରେ ଏବଂ ପ୍ରାୟ ସମସ୍ତ ଦୁନିଆରେ ବଡ଼ ବଡ଼ ଜମିଦାରୀ ପ୍ରଥା ଲୋପ ପାଇଛି ଏବଂ ଭୂସ୍ୱତ୍ୱାଧିକାରୀ କୃଷକମାନଙ୍କ ହାତକୁ ଆସିଛି ।

Digitized by srujanika@gmail.com

ମୁଁ ସର୍ବଦା ଦେଖିଛି ଯେ ଭାରତରେ କେବଳ ଗୋଟାଏ ପ୍ରଶ୍ନ ଉଠିବାର କଥା—ସେ ହେଉଛି, ଭୂମିପୂରଣ । ମାତ୍ର ଆଶ୍ଚର୍ଯ୍ୟ ହୋଇଛି ଯେ ଗତ ବର୍ଷକ ଭିତରେ ମୁଁ ଦେଖିପାରିଛି, ଗାନ୍ଧିଜୀ ପ୍ରଚଳିତ ତାଲୁକଦାରୀ ଯେପରି ଅଛି ସେହିପରି ରଖିବାକୁ ଚାହାନ୍ତି । ସେ ୧୯୩୪ ମସିହା ଜୁଲାଇ ମାସରେ କାନପୁରରେ କହିଥିଲେ, "ଉଭୟ ପକ୍ଷରୁ ହୃଦୟ ପରିବର୍ତ୍ତନ ଫଳରେ ଜମିଦାର ଓ ପ୍ରଜାଙ୍କ ଭିତରେ ଭଲ ସମ୍ବନ୍ଧ ହୋଇପାରେ । ଏହା ହେଲେ ଉଭୟେ ଶାନ୍ତି ଓ ଆରାମରେ ବାସ କରିପାରିବେ । ସେ କେବେହେଁ ଜମିଦାରୀ ଓ ତାଲୁକଦାରୀ ପ୍ରଥା ଲୋପ କରିବା ସପକ୍ଷରେ ନୁହନ୍ତି ଏବଂ ଯେଉଁମାନେ ଏହା ଲୋପ କରିବା କଥା କହନ୍ତି, ସେମାନେ ନିଜ କଥା ବୁଝିନାହାନ୍ତି ।" (ଏହି ଶେଷ ଉକ୍ତି ଅତ୍ୟନ୍ତ ଅନ୍ୟାୟ)

ସେ ଆହୁରି କହିଥିବାର ପ୍ରକାଶ ପାଇଥିଲା—"ଯଥାର୍ଥ କାରଣ ବ୍ୟତୀତ ସମ୍ପତ୍ତିଶାଳୀ ଶ୍ରେଣୀଙ୍କଠାରୁ ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି କାଢ଼ିନେବା ସପକ୍ଷରେ ମୁଁ ନୁହେଁ । ମୋର ଉଦ୍ଦେଶ୍ୟ ହେଉଛି ତମ ହୃଦୟରେ ପହଞ୍ଚି ପରିବର୍ତ୍ତନ କରିବା (ସେ ଜମିଦାରମାନଙ୍କୁ ବକ୍ତୃତା କରୁଥାନ୍ତି)—ତାହାହେଲେ ତମେ ତମର ପ୍ରଜାମାନଙ୍କପାଇଁ ମାରଫତ୍-ଦାରରୂପେ ସମ୍ପତ୍ତି ରଖିବ ଏବଂ ପ୍ରଧାନତଃ ତାଙ୍କ ମଙ୍ଗଳ ସକାଶେ ଏହା ବ୍ୟୟ କରିବ·········ମାତ୍ର ମନେକର ଯଦି ତମ ସମ୍ପତ୍ତିରୁ ଉଚ୍ଛେଦ କରିବା ନିମନ୍ତେ ଅନ୍ୟାୟଭାବରେ କିଛି ଉଦ୍ୟମ ହୁଏ, ତେବେ ମୋତେ ତମେ ତମ ପକ୍ଷରେ ପାଇବ·········ପାଶ୍ଚାତ୍ୟର ସୋସଲିଜମ୍ ଓ କମ୍ୟୁନିଜମ୍ କେତେକ ନିର୍ଦ୍ଦିଷ୍ଟ ଧାରଣାରେ ପ୍ରତିଷ୍ଠିତ—ଏହାର ଆମ ସହିତ ମୌଳିକ ପାର୍ଥକ୍ୟ ରହିଛି । ସେମାନଙ୍କର ବିଶ୍ୱାସ ଭିତରୁ ଗୋଟିଏ ହେଉଛି ଯେ ମନୁଷ୍ୟ ପ୍ରକୃତିର ସ୍ୱାର୍ଥପରତା ଅବଶ୍ୟ ରହିବ ବୋଲି ଏମାନେ କହନ୍ତି·········ଅତଏବ ଆମର ସୋସଲିଜମ୍ ଓ କମ୍ୟୁନିଜମ୍ ଅହିଂସା ଉପରେ ଏବଂ ଶ୍ରମିକ ଓ ମାଲିକ, ଜମିଦାର ଓ ପ୍ରଜାଙ୍କର ସାମଞ୍ଜସ୍ୟ ଉପରେ ପ୍ରତିଷ୍ଠିତ ହେବ ।

Digitized by srujanika@gmail.com

ପ୍ରାଚ୍ୟ ଓ ପାଶ୍ଚାତ୍ୟର ମୂଳଗତ ପାର୍ଥକ୍ୟ କିଛି ଅଛି କି ନା ମୋତେ ଜଣା ନାହିଁ, ସମ୍ଭବତଃ ଅଛି । ମାତ୍ର ନିକଟ ଅତୀତରେ ଗୋଟିଏ କଥାରେ ପାର୍ଥକ୍ୟ ସ୍ପଷ୍ଟରୂପେ ଦେଖାଯାଉଛି ଯେ ପାଶ୍ଚାତ୍ୟ ଦେଶର ଧନୀ ସଂପ୍ରଦାୟଙ୍କ ଅପେକ୍ଷା ଆମ ଭାରତର ପୁଞ୍ଜିପତି ଓ ଜମିଦାରମାନେ ଶ୍ରମିକ ଓ ପ୍ରଜାମାନଙ୍କ ସ୍ୱାର୍ଥକୁ ଅଧିକ ଅବଜ୍ଞା କରିଛନ୍ତି । ପ୍ରଜାର ମଙ୍ଗଳ ସକାଶେ କୌଣସି ସାମାଜିକ ସେବାରେ ନିଯୁକ୍ତ ହେବାର କୌଣସି ଉଦ୍ୟମ ଭାରତୀୟ ଜମିଦାରଠାରେ ଦେଖାଯାଏ ନାହିଁ । ଜଣେ ପାଶ୍ଚାତ୍ୟ ପରିଦର୍ଶକ ଏଚ୍. ଏନ୍. ବ୍ରେଲସ୍‌ଫୋର୍ଡ଼ କହିଛନ୍ତି "ସମସାମୟିକ ସାମାଜିକ ବ୍ୟବସ୍ଥା ଭିତରେ ଭାରତର ମହାଜନ ଓ ଜମିଦାରଙ୍କ ପରି ଅତ୍ୟନ୍ତ ଅର୍ଥଲିପ୍ସୁ ବୋଲି ଲୋକ ମୁଁ ଆଉ ଦେଖି ନାହିଁ ।" * ସମ୍ଭବତଃ ଭାରତୀୟ ଜମିଦାରଙ୍କର ଦୋଷ ନୁହେଁ । ପରିସ୍ଥିତି ତା'ପକ୍ଷରେ ଅତି ଅଧିକ ମନେ ହେଉଛି ଏବଂ ସେ କ୍ରମେ ଅଧିକ ନିମ୍ନକୁ ଯାଉଛି ଏବଂ ବର୍ତ୍ତମାନ ଏପରି ଏକ କଷ୍ଟକର ଅବସ୍ଥାରେ ପଡ଼ିଛି ଯେଉଁଥିରୁ ସେ ବାହାରି ପାରୁ ନାହିଁ । ମହାଜନଙ୍କ-ଦ୍ୱାରା ଅନେକ ଜମିଦାର ତାଙ୍କ ସମ୍ପତ୍ତିରୁ ବଞ୍ଚିତ ହୋଇଛନ୍ତି ଏବଂ ଶ୍ରେଷ୍ଠ ଶ୍ରେଷ୍ଠ ଜମିଦାର ଯେ ପୂର୍ବେ ଜମିର ମାଲିକ ଥିଲେ ଏବେ ପ୍ରଜା ଅବସ୍ଥାକୁ ଆସିଲେଣି । ଏହି ମହାଜନମାନେ ସହରରେ ଥାଇ ଟଙ୍କା ଦେଇ ସମ୍ପତ୍ତି ବନ୍ଧକ ରଖନ୍ତି ଏବଂ କ୍ରମେ ଜମିଦାର ହୋଇଯାନ୍ତି ଏବଂ ଗାନ୍ଧିଜୀଙ୍କ କଥାନୁସାରେ ଏମାନେ ଯେଉଁ ହତଭାଗ୍ୟ ଲୋକଙ୍କୁ ତାଙ୍କ ଜମିରୁ ବେଦଖଲ କରିଛନ୍ତି, ସେହିମାନଙ୍କର ମାଲିକତ୍ୱ ଦାବି ଏବଂ ପ୍ରଧାନତ୍ୱରେ ପ୍ରଜାମାନଙ୍କ ମଙ୍ଗଳ ସକାଶେ ସେମାନଙ୍କର ଅସ୍ତ୍ର ଖଟାଇବାକୁ ଏମାନଙ୍କଠାରୁ ମୁଁ ଆଶା କରିପାରିବ ।

ତାଲୁକଦାରୀ ପ୍ରଥା ଯଦି ଭଲ, ତେବେ ଏହା ସମଗ୍ର ଭାରତରେ ପ୍ରଚଳନ ହେଉନାହିଁ କାହିଁକି ? ଭାରତର ବହୁ ଅଂଶରେ କୃଷକ

* ଏଚ୍. ଏନ୍. ବ୍ରେଲସ୍‌ଫୋର୍ଡ—'ସମ୍ପତ୍ତି ନା ଶାନ୍ତି' (Property or Peace)

Digitized by srujanika@gmail.com

ଭୂସ୍ୱତ୍ୱାଧିକାରୀ ହୋଇଛନ୍ତି । ଗୁଜୁରାଟରେ ବଡ଼ ବଡ଼ ଜମିଦାରୀ ଓ ତାଲୁକଦାରୀ ପ୍ରଥା ପ୍ରଚଳନରେ ଗାନ୍ଧିଜୀ ରାଜିହେବେ କି ? ମୋର ଅନୁମାନ, ହେବେ ନାହିଁ । ତେବେ ଯୁକ୍ତପ୍ରଦେଶ, ବିହାର ବା ବଙ୍ଗଳା ପାଇଁ ତାହିଁକି ଏକପ୍ରକାର ଏବଂ ଗୁଜୁରାଟ ଓ ପଞ୍ଜାବ ପ୍ରତି ଅନ୍ୟ ପ୍ରକାର ଭୂମିପ୍ରଥା ଉପଯୋଗୀ ? ଭାରତର ଉତ୍ତର, ପୂର୍ବ, ଦକ୍ଷିଣ ଓ ପଶ୍ଚିମ ଲୋକଙ୍କ ଭିତରେ କୌଣସି ପ୍ରଭେଦ ନାହିଁ ଏବଂ ସେମାନଙ୍କର ମୂଳ ଧାରଣା ମଧ୍ୟ ଏକ । ସୁତରାଂ ଏଥିରୁ ଏହା ଜଣାପଡ଼ୁଛି—ଯାହା ଅଛି ତାହା ରହିଥିବ—ପ୍ରଚଳିତ ବ୍ୟବସ୍ଥା ରକ୍ଷା କରିବାକୁ ହେବ । ଲୋକଙ୍କ ପ୍ରତି କ'ଣ ମଙ୍ଗଳଦାୟକ ଓ ବାଞ୍ଛନୀୟ ସେ ସମ୍ବନ୍ଧରେ ଅର୍ଥନୈତିକ ଅନୁସନ୍ଧାନ ହେବା ଦରକାର ନାହିଁ; ସେମାନଙ୍କର ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ ଲାଗି କୌଣସି ଉଦ୍ୟମ ହେବ ନାହିଁ; କେବଳ ଲୋକଙ୍କ ହୃଦୟ ପରିବର୍ତ୍ତନ ଦରକାର । ଜୀବନ ଓ ତାହାର ସମସ୍ୟା ସମ୍ବନ୍ଧରେ ଏହାହିଁ ଧର୍ମଦିଗରୁ ଦେଖାଯାଏ । ଏହାର ରାଜନୀତି, ଅର୍ଥନୀତି ବା ସମାଜନୀତି ସହିତ କୌଣସି ସମ୍ପର୍କ ନାହିଁ । ଅଥଚ ରାଜନୀତିକ ଓ ଜାତୀୟ କ୍ଷେତ୍ରରେ ଗାନ୍ଧିଜୀ ଏହା ଅତିକ୍ରମ କରିଯାଆନ୍ତି ।

ବର୍ତ୍ତମାନ ଭାରତ ଏହିପରି କେତେକ ସ୍ୱବିରୋଧ ଭାବର ସମ୍ମୁଖୀନ ହୋଇଛନ୍ତି । ଆମେ ନିଜକୁ କେତେଗୁଡ଼ିଏ ବନ୍ଧନରେ ବାନ୍ଧି ରଖିଛୁ ଏବଂ ଏହି ବନ୍ଧନ ନ ଖୋଲିବା ପର୍ଯ୍ୟନ୍ତ ଆମ ପଥରେ ଅଗ୍ରସର ହେବା କଷ୍ଟକର । ଭାବାବେଗରେ ସେ ମୁକ୍ତି ଆସିବ ନାହିଁ । ତେବେ ଭଲ ବାଟ କ'ଣ ? ସ୍ପିନୋଜା ଅନେକଦିନ ପୂର୍ବରୁ କହିଛନ୍ତି—"ଜ୍ଞାନ ଏବଂ ବୁଦ୍ଧି ଦ୍ୱାରା ମୁକ୍ତ ନଚେତ୍ ଭାବାବେଗର ବନ୍ଧନ ।" ସେ ପ୍ରଥମ ପ୍ରଶ୍ନଟି ହିଁ ପସନ୍ଦ କରିଥିଲେ ।

Digitized by srujanika@gmail.com

୭୩

ହୃଦୟ ପରିବର୍ତ୍ତନ ନା ବାଧ୍ୟବାଧକତା

୧୬ ବର୍ଷ ପୂର୍ବେ ଗାନ୍ଧିଜୀ ଅହିଂସା ମନ୍ତ୍ର ପ୍ରଚାର କରି ଭାରତକୁ ପ୍ରସିଦ୍ଧ କଲେ । ସେହିଦିନଠାରୁ ଭାରତ ଆକାଶରେ ଏହା ପ୍ରାଧାନ୍ୟ ଲାଭ କରିଛି । ନାନା ପ୍ରକାରରେ ବହୁସଂଖ୍ୟକ ଲୋକ ଏହାକୁ ଗ୍ରହଣ କରିଛନ୍ତି । କେତେକ ଏହା ସହିତ ଯୁକ୍ତିତର୍କ କରିଛନ୍ତି ଏବଂ ତା ପରେ ଏହା ଗ୍ରହଣ କରିଛନ୍ତି । କେତେକ ସମଗ୍ର ବା ଆଂଶିକ ରୂପେ ଗ୍ରହଣ କରିଛନ୍ତି, କେତେକ ପ୍ରକାଶ୍ୟରେ ଏହାକୁ ପରିହାସ କରିଛନ୍ତି । ଆମର ରାଜନୈତିକ ଓ ସାମାଜିକ ଜୀବନରେ ଏହା ପ୍ରଧାନ ଭାଗ ନେଇଛି ଏବଂ ବ୍ୟାପକ ଜଗତର ମଧ୍ୟ ଏହା ବହୁପରିମାଣରେ ଦୃଷ୍ଟି ଆକର୍ଷଣ କରିଛି । ମନୁଷ୍ୟ ଚିନ୍ତା କରିବା ଶିଖିବା ଦିନୁଁ ଏହି ମତର ପ୍ରଚାର ହୋଇଛି, ମାତ୍ର ବୋଧହୁଏ ଗାନ୍ଧିଜୀ ରାଜନୈତିକ ଓ ସାମାଜିକ ଆନ୍ଦୋଳନରେ ବ୍ୟାପକ ଭାବରେ ପ୍ରଥମେ ହିଁ ଏହାକୁ ପ୍ରୟୋଗ କଲେ । ଏହା ବ୍ୟକ୍ତିଗତ ବ୍ୟାପାର ହୋଇଥିବାରୁ ମୂଳତଃ ଧାର୍ମିକ ଥିଲା । ବ୍ୟକ୍ତିବିଶେଷ ନିଜେ ସଂଯତ ହେବ, ପୂର୍ଣ୍ଣ ନିଃସ୍ୱାର୍ଥପର ହେବା ନିମନ୍ତେ ଚେଷ୍ଟା କରିବ—ଏହିରୂପେ ସାଂସାରିକ ଦ୍ୱନ୍ଦ୍ୱର ସୀମାରୁ ସେ ଉପରକୁ ଉଠିପାରିବ ଏବଂ ଏକ ପ୍ରକାର ବ୍ୟକ୍ତିଗତ ସ୍ୱାଧୀନତା ଓ ମୁକ୍ତି ପାଇପାରିବ । କେବଳ ଅନ୍ତତଃ ଅପ୍ରତ୍ୟକ୍ଷ ଓ ସୁଦୂରଗାମୀ ଛଡ଼ା ସାମାଜିକ ଅବସ୍ଥା ପରିବର୍ତ୍ତନ କରିବାର ଏବଂ ବାସ୍ତବ ସାମାଜିକ ସମସ୍ୟାରେ ଏହା ଖଟାଇବାର ତାହାର ଧାରଣା ନ ଥିଲା । ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ତାହାର ଅସାମ୍ୟ ଏବଂ ଅନ୍ୟାୟ ବ୍ୟବସ୍ଥା ସବୁ ପ୍ରାୟ ଗ୍ରହଣ କରୁଥିଲେ । ଗାନ୍ଧିଜୀ ଏହି ବ୍ୟକ୍ତିଗତ ଆଦର୍ଶକୁ ଏକ ସାମାଜିକ ଗୋଷ୍ଠୀର ଆଦର୍ଶ କରିବା ନିମନ୍ତେ ଚେଷ୍ଟା କଲେ । ସେ ରାଜନୈତିକ ଏବଂ ସାମାଜିକ ଅବସ୍ଥା ପରିବର୍ତ୍ତନ କରିବାକୁ

Digitized by srujanika@gmail.com

ମୃହାନ୍ତି; ଏବଂ ସେ ଭାରତବର୍ଷରେ ଏହି ଲକ୍ଷ୍ୟ ରଖି ଯେ ଅହିଂସା ପନ୍ଥାକୁ ବ୍ୟାପକ ଏବଂ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କ୍ଷେତ୍ରରେ ପ୍ରୟୋଗ କଲେ । ସେ ଲେଖିଛନ୍ତି "ଯେଉଁମାନେ ମନୁଷ୍ୟର ଅବସ୍ଥା ଏବଂ ପାରିପାର୍ଶ୍ୱିକ ଅବସ୍ଥାର ଆମୂଳ ପରିବର୍ତ୍ତନ ଚାହାନ୍ତି, ସେମାନେ ସମାଜରେ ଗୋଟାଏ ଆଲୋଡ଼ନ ସୃଷ୍ଟି ନ କଲେ ତାହା କରିପାରିବେ ନାହିଁ । ଏହା କରିବାପାଇଁ କେବଳ ଦୁଇଟି ମାତ୍ର ପନ୍ଥା ରହିଛି—ଅହିଂସା ଓ ହିଂସା । ହିଂସାର ଗୁପ୍ତ ଶାରୀରିକ ଶକ୍ତି ଉପରେ ପଡ଼େ ଏବଂ ଏହାକୁ ଯେ ବ୍ୟବହାର କରେ ତାକୁ ଯେପରି ହତାଶ କରେ; ଯେ ଏହାର ଶିକାର ହୁଏ ସେ ମଧ୍ୟ ସେହିପରି ହତାଶ ହୁଏ; ମାତ୍ର ଅହିଂସା ଗୁପ୍ତ ଆତ୍ମନିଗ୍ରହ ଯଥା ଉପବାସ ଆଦିଦ୍ୱାରା ପ୍ରଯୁକ୍ତ ହୋଇଥିବାରୁ ସମ୍ପୂର୍ଣ୍ଣ ଭିନ୍ନ ଉପାୟରେ କାର୍ଯ୍ୟ କରେ । ଏହା ଦେହକୁ ସ୍ପର୍ଶ କରେ ନା, ମାତ୍ର ଯେଉଁ ଯେଉଁ ନୈତିକତା ଆତ୍ମକୁ ଏହା ଗଢ଼ନ୍ତି, ଏହା ମନୁଷ୍ୟର ନୈତିକବୋଧକୁ ସ୍ପର୍ଶ କରେ ଓ ଦୃଢ଼ କରେ ।*

ଏହି ଧାରଣାର ଅନେକ ପରିମାଣରେ ଭାରତୀୟ ଚିନ୍ତା ସହିତ ସାମଞ୍ଜସ୍ୟ ରହିଛି ଏବଂ ଉପର ଠାଉରିଆ ଭାବରେ ହେଲେ ମଧ୍ୟ ଦେଶରେ ଏହା ଉତ୍ସାହର ସହିତ ଗୃହୀତ ହେଲା । ଏହା ପଶ୍ଚାତରେ ଯେଉଁ ସୁଦୂର-ଗାମୀ ତାତ୍ପର୍ଯ୍ୟ ଥିଲା ତାହା ଖୁବ୍ କମ୍ ଲୋକେ ବୁଝି ପାରିଥିଲେ ଏବଂ ଯେ କେତେଜଣ ଅସ୍ପଷ୍ଟ ଭାବରେ ବା ବୁଝି ଥିଲେ ସେମାନେ ବିଶ୍ୱାସ ଓ କାର୍ଯ୍ୟରେ ଆଗ୍ରହ ଗ୍ରହଣ କଲେ । ମାତ୍ର କାର୍ଯ୍ୟର ବେଗ ଯେତେବେଳେ କମିଗଲା, ସେତେବେଳେ କେତେକ ଲୋକଙ୍କ ମନରେ ଅଗଣିତ ପ୍ରଶ୍ନ ଉଠିଲା ଏବଂ ଏହାର ଜବାବ ପାଇବା ମଧ୍ୟ ଅତ୍ୟନ୍ତ କଷ୍ଟକର ହୋଇ ଉଠିଲା । ରାଜ-ନୀତିରେ ଯେଉଁ ଅସ୍ତ୍ର ଉପାୟ ଅବଲମ୍ବନ କରିବାର କଥା ଏହି ପ୍ରଶ୍ନ ସବୁ ତାହା ସ୍ପର୍ଶ କରି ନ ଥିଲା । ବରଂ ଏହି ଅହିଂସା ପଢ଼ୁରୋଧ ଧାରଣା

* ଗାନ୍ଧିଜୀଙ୍କର ଗୋଟିଏ ଉପବାସ ଉପଲକ୍ଷରେ ୧୯୩୨ ଡିସେମ୍ବର ୪ ତାରିଖରେ ଗାନ୍ଧିଜୀଙ୍କ ଏକ ବକ୍ତୃତାରୁ ଗୃହୀତ ।

Digitized by srujanika@gmail.com

ପଛରେ ଯେଉଁ ଦର୍ଶନ ଥିଲା, ସେମାନେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ରାଜନୈତିକ ଭାବରେ ଅହିଂସା ଆନ୍ଦୋଳନ ଏପର୍ଯ୍ୟନ୍ତ ସଫଳ ହୋଇ ନାହିଁ, କାରଣ ଭାରତ ଆଜି ସୁଦ୍ଧା ସାମ୍ରାଜ୍ୟବାଦର ପାପବନ୍ଧନରେ ଆବଦ୍ଧ ରହିଛି । ସାମାଜିକ ଭାବରେ ମଧ୍ୟ ଏହା କୌଣସି ଆମୂଳ ସାମାଜିକ ପରିବର୍ତ୍ତନ ସାଧନ କରିପାରିନାହିଁ । ମାତ୍ର ଟିକିଏ ଗଭୀର ଦୃଷ୍ଟିପାତ କଲେ ଲୋକ ଦେଖିପାରିବ ଯେ ଭାରତର କୋଟି କୋଟି ଲୋକଙ୍କ ଭିତରେ ଏହା ଏକ ଅଦ୍ଭୁତ ପରିବର୍ତ୍ତନ ଆଣିପାରିଛି । ଏହା ସେମାନଙ୍କୁ ଚରିତ୍ର, ବଳ ଓ ଆତ୍ମ-ବିଶ୍ୱାସ ଦାନ କରିଛି—କୌଣସି ସାମାଜିକ ବା ରାଜନୈତିକ ପ୍ରଗତି ପଥରେ ଏହା ମୂଲ୍ୟବାନ୍ ଗୁଣ—ଏହା ବିନା ତା ପାଇବା ବା ରକ୍ଷିପାରିବା କଷ୍ଟକର । ଏହିସବୁ ଗୁଣ ଅହିଂସା ଯୋଗୁଁ ବା ସଂଗ୍ରାମ କ୍ଷେତ୍ରରୁ ଲବ୍ଧ ହୋଇଛି ଏହା କହିବା କଷ୍ଟକର । ଅନେକ ସ୍ଥଳରେ ବଡ଼ବଡ଼ ଲୋକେ ହିଂସା ଦ୍ୱନ୍ଦ୍ୱ ଫଳରେ ମଧ୍ୟ ଏହି ସବୁ ଗୁଣ ହାସଲ କରିପାରିଛନ୍ତି । ତଥାପି ମୋର ମନେହୁଏ ବିଶ୍ୱାସର ସହିତ କୁହାଯାଇପାରେ ଯେ ଏହି ସଂକ୍ରାନ୍ତରେ ଅହିଂସାରେ ଆମର ଲାଭ ମପାଯାଇପାରିବ ନାହିଁ । ଗାନ୍ଧିଜୀ ଯେଉଁ 'ସମାଜରେ ଆଲୋଡ଼ନ' କଥା ଉଲ୍ଲେଖ କରନ୍ତି ଏହା କନିଷ୍ଠ ଭାବରେ ତାହା ଉନ୍ନତ କରିବାରେ ସାହାଯ୍ୟ କରିଛି ଅବଶ୍ୟ ମୂଳକାରଣ ଓ ଅବସ୍ଥା ନିମନ୍ତେ ଯେ ଆଲୋଡ଼ନ ହୋଇଛି ଏଥିରେ ସନ୍ଦେହ ନାହିଁ । ବୈପ୍ଳବିକ ପରିବର୍ତ୍ତନ ପୂର୍ବରୁ ପରିସ୍ଥିତି ଯେପରି ଦ୍ରୁତଗତି ଧରେ ଏହା ସେପରି ଗତି ଜନସାଧାରଣଙ୍କ ଭିତରେ ସୃଷ୍ଟି କରୁଛି ।

ଅହିଂସା ପଥରେ ଏହା ଏକ ସ୍ପଷ୍ଟ ମୁକ୍ତି, ମାତ୍ର ଏହା ଆମକୁ ବେଶୀ ଦୂର ନେଇଯାଏ ନାହିଁ । ପ୍ରକୃତ ପ୍ରଶ୍ନ ସବୁର ଜବାବ ମିଳେ ନା । ଦୁର୍ଭାଗ୍ୟବଶତଃ ସେ ପ୍ରଶ୍ନ ସମାଧାନ କରିବାରେ ଗାନ୍ଧିଜୀ ଆମକୁ ବିଶେଷ ସାହାଯ୍ୟ କରନ୍ତି ନାହିଁ । ଅନେକ ସମୟରେ ସେ ଏ ସମ୍ବନ୍ଧରେ ଲେଖିଛନ୍ତି ଓ କହିଛନ୍ତି, ମାତ୍ର ମୁଁ ଯେତେଦୂର ଜାଣେ ଏହାର ସମସ୍ତ ତାତ୍ପର୍ଯ୍ୟ—ଦାର୍ଶନିକ ବା ବୈଜ୍ଞାନିକ ଭାବରେ ସେ କେବେ ସାଧାରଣରେ

Digitized by srujanika@gmail.com

ଆଲୋଚନା କରି ନାହାନ୍ତି । * ସେ ଲକ୍ଷ୍ୟ ଅପେକ୍ଷା ଉପାୟର ଗୁରୁତ୍ୱ ଉପରେ ବେଶୀ ଜୋର ଦଅନ୍ତି, ଜୋର ଜବରଦସ୍ତି ଅପେକ୍ଷା ହୃଦୟ ପରିବର୍ତ୍ତନକୁ ଭଲ ବୋଲି କହନ୍ତି, ଏବଂ ଅହିଂସାକୁ ସତ୍ୟ ଓ ସମଗ୍ର ମଙ୍ଗଳ ସହିତ ମିଶାଇବାର ଗୋଟାଏ ପ୍ରବୃତ୍ତି ଦେଖାଯାଏ । ବାସ୍ତବରେ ସେ ଅନେକ ସମୟରେ ଏହି ଶବ୍ଦଗୁଡ଼ିକୁ ଏକ ଅର୍ଥରେ ବ୍ୟବହାର କରନ୍ତି । ଯେଉଁମାନେ ଏଥି ସହିତ ଏକମତ ହୁଅନ୍ତି ନାହିଁ ସେମାନଙ୍କୁ ଏହି ମଣ୍ଡଳୀର ବାହାରେ ରଖାଯାଏ ଏବଂ ନୈତିକ ଆଇନବିରୁଦ୍ଧ କାର୍ଯ୍ୟ କରୁଛନ୍ତି ବୋଲି ଧରାଯାଏ । ତାଙ୍କର ନୈତିକ ଅନ୍ତର ଏଥିରେ ଅସହିଷ୍ଣୁତା ଭାବ ଆସିବା ଅନିବାର୍ଯ୍ୟ ବୋଲି ମନେ କରନ୍ତି ।

ମୋ ପରି ଯେଉଁମାନଙ୍କର ଏପରି ବିଶ୍ୱାସ କରିବାର ଭାଗ୍ୟ ନ ଥାଏ, ଆମେ ଅନେକ ସନ୍ଦେହରେ ପଡ଼ୁ । ଏହି ସନ୍ଦେହ ଜରୁରୀ ଆବଶ୍ୟକତା ଉପରେ ନୁହେଁ, ମାତ୍ର ବ୍ୟକ୍ତି ଦୃଷ୍ଟିରୁ ନୈତିକ ଓ ସଙ୍ଗେ ସଙ୍ଗେ ସାମାଜିକ ଦୃଷ୍ଟିରୁ ଫଳପ୍ରଦ ହେବା ଭଳି ସଙ୍ଗତିପୂର୍ଣ୍ଣ ଦର୍ଶନପାଇଁ ଆକାଂକ୍ଷା । ମୁଁ ସ୍ୱୀକାର କରୁଛି ଯେ ଏହି ସନ୍ଦେହ ମୋର ନାହିଁ ଏପରି ନୁହେଁ, ଏବଂ ମୁଁ ସମସ୍ୟାର କୌଣସି ସନ୍ତୋଷଜନକ ସମାଧାନ ଦେଖି ପାରୁନାହିଁ । ମୁଁ ହିଂସାକୁ ଅତ୍ୟନ୍ତ ନାପସନ୍ଦ କରେ, ତଥାପି ମୁଁ ନିଜେ ହିଂସାରେ ପୂର୍ଣ୍ଣ, ସଚେତନରେ ହେଉ ବା ଅଚେତନରେ ହେଉ ଅନ୍ୟମାନଙ୍କ ଉପରେ ବଳପ୍ରୟୋଗ କରିବାର ଚେଷ୍ଟା କରେ । ମାତ୍ର ଗାନ୍ଧିଜୀ ମାନସିକ ଯେଉଁ ବଳପ୍ରୟୋଗ କରନ୍ତି ତାହା ଛଡ଼ା ଆଉ କିଛି ଅଧିକ ବଳପ୍ରୟୋଗ ହୋଇପାରେ କି ? ଏହା ଫଳରେ ତାଙ୍କର ଘନିଷ୍ଠ ଅନୁଚର ଓ ସହକର୍ମୀମାନଙ୍କର ଏକ ପ୍ରକାର ମାନସିକ ନିର୍ଜୀବତା ଆସିଯାଇଛି ।

---

* ରିଚାର୍ଡ ଗ୍ରେଗଙ୍କର 'ଅହିଂସାର ଶକ୍ତି' (Power of Non-violence)ରେ ଏହି ସମ୍ବନ୍ଧରେ ବୈଜ୍ଞାନିକ ଆଲୋଚନା ହୋଇଛି । ତାଙ୍କ ପୁସ୍ତକ ଅତ୍ୟନ୍ତ ମୁଗ୍ଧକର ଏବଂ ଚିନ୍ତୋଦ୍ଦୀପକ ।

Digitized by srujanika@gmail.com

କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି ଜାତୀୟ ଓ ସାମାଜିକ କ୍ଷେତ୍ରରେ ଏହି ବ୍ୟକ୍ତିଗତ ଅହିଂସା ଆଦର୍ଶ ଦୂରର ପରିମାଣରେ ପ୍ରଚଳିତ ହୋଇପାରିବ କି ? କାରଣ ଏଥିରେ ସମଗ୍ର ମାନବ ଜାତିକୁ ପ୍ରେମ ଓ ମଙ୍ଗଳର ଉଚ୍ଚ ଆଦର୍ଶକୁ ଉଠିବାକୁ ହେବ । ଏ କଥା ସତ୍ୟ ଯେ ଅବଶେଷରେ ପ୍ରକୃତ ରାଷ୍ଟ୍ରୀୟ ଆଦର୍ଶ ହେଉଛି ମାନବ ସମାଜକୁ ଏହି ସୀମାକୁ ଉଠାଇବା ଏବଂ ଘୃଣା, କଦର୍ଯ୍ୟଭାବ ଓ ସ୍ୱାର୍ଥପରତା ଲୋପ କରିବା । ଏହା ଶେଷରେ ସମ୍ଭବ କି ନା ତାହା ଆଲୋଚନାର ବିଷୟ ହୋଇପାରେ; ମାତ୍ର ଏହା ବ୍ୟତୀତ ଜୀବନ "ଏକ ମୂର୍ଖ ଲୋକ ଦ୍ୱାରା କଥିତ ଗଳ୍ପ—ଏହାର କୌଣସି ଅର୍ଥ ନାହିଁ ।" ଏହି ଆଦର୍ଶ ପାଇବା ନିମନ୍ତେ ଯେଉଁସବୁ ବାଧାଯୋଗୁଁ ଏହା ପାଇବା ଅସମ୍ଭବ ହୋଇ ଉଠେ ଏବଂ ଯାହାଯୋଗୁଁ ନାନାପ୍ରକାର ବିରୁଦ୍ଧ ପ୍ରବୃତ୍ତି ଦେଖାଯାଏ ସେଥିପ୍ରତି କ'ଣ ଖାତିର ନକରି ପ୍ରତ୍ୟକ୍ଷଭାବରେ ଏହି ସବୁ ଗୁଣ ପ୍ରଚୁର କରି କାର୍ଯ୍ୟ କରିବାକୁ ପଡ଼ିବ ? ନା ଆମେ ଏହି ବାଧାକୁ ପ୍ରଥମେ ଦୂର କରିବା ଏବଂ ପ୍ରେମ, ସୌନ୍ଦର୍ଯ୍ୟ ଓ ସଦ୍‌ଭାବ ନିମନ୍ତେ ଆହୁରି ଅଧିକ ଉପଯୋଗୀ ଓ ଅନୁକୂଳ ବାୟୁମଣ୍ଡଳ ସୃଷ୍ଟି କରିବା ? ନା ଦୁଇଟିଯାକ ଉପାୟକୁ ଏକତ୍ର କରି ପାରିବା ?

ତାପରେ ହିଂସା ଓ ଅହିଂସା, ବାଧ୍ୟବାଧକତା ଏବଂ ପରିବର୍ତ୍ତନ ମଧ୍ୟରେ ସୀମାରେଖା କ'ଣ ଏତେ ସ୍ପଷ୍ଟ ? ଅନେକ ସମୟରେ ଶାରୀରିକ ହିଂସା ଅପେକ୍ଷା ନୈତିକ ଶକ୍ତି ଅତ୍ୟନ୍ତ ଅଧିକ ଉଦ୍‌ବନ୍ଧ ବଳପ୍ରୟୋଗ ଜନିତ ହୋଇଥାଏ । ଅହିଂସା ଓ ସତ୍ୟର ଅର୍ଥ କଣ ସମାନ ? ସତ୍ୟ କ'ଣ ? ଏହା ଏକ ପୁରାତନ ପ୍ରଶ୍ନ—ହଜାର ଉତ୍ତର ଏଥିଲାଗି ଦିଆଯାଇଛି ଏବଂ ତଥାପି ଏହି ପ୍ରଶ୍ନର ସମାଧାନ ହୋଇ ନାହିଁ, ମାତ୍ର ଏହା ଯାହା ହୋଇଥାଉ ପଛକେ ଏହା ସତ୍ୟ ସହିତ ସମ୍ପୂର୍ଣ୍ଣରୂପେ ଏକ ବୋଲି କୁହାଯାଇ ପାରେ ନା । ହିଂସା ଖରାପ ହେଲେ ସୁଦ୍ଧା ଏହା ମୂଳତଃ ଅନୈତିକ ବୋଲି ବର୍ଜନ କରାଯାଇ ପାରିବ ନାହିଁ । ଏହାର ନାନା ସ୍ତର ଓ ରୂପ ଅଛି ଏବଂ ଅନେକ ସମୟରେ ଏହା ଆଉ କିଛି ଖରାପ

Digitized by srujanika@gmail.com

କାର୍ଯ୍ୟ ଅପେକ୍ଷା ଅଧିକ ଶ୍ରେଷ୍ଠ ମନେହୁଏ । ଗାନ୍ଧିଜୀ ନିଜେ କହିଛନ୍ତି ଯେ ଏହା ଭୀରୁତା, ଭୟ ଓ ଦାସତ୍ୱ ଅପେକ୍ଷା ଉତ୍ତମ ଏବଂ ଏହି ତାଲିକାରେ ଆହୁରି ଅନେକ ଦୋଷସବୁ ଯୋଗ କରାଯାଇପାରେ । ଏ କଥା ସତ୍ୟ ଯେ ସାଧାରଣତଃ ହିଂସା ସହିତ ମନ୍ଦ-ଇଚ୍ଛା ଥାଏ, କିନ୍ତୁ ମତ ହିସାବରେ ଅନ୍ତତଃ ଏହା ସର୍ବଦା ସେପରି ହେବା ଦରକାର ହୁଏ ନା । ସଦିଚ୍ଛା ଉପରେ ମଧ୍ୟ ହିଂସା ପ୍ରତିଷ୍ଠିତ ହୋଇପାରେ (ଦୃଷ୍ଟାନ୍ତ ସ୍ୱରୂପ ଡାକ୍ତରର ଅସ୍ତ୍ର ଚିକିତ୍ସା) ଏବଂ ଏହିପରି ଫଳପ୍ରଦ କାର୍ଯ୍ୟକୁ ନୀତିବିଗର୍ହିତ ବୋଲି କୁହାଯାଇପାରେ ନା । ଯାହାହେଉ ସଦିଚ୍ଛା ଏବଂ ମନ୍ଦଅଭିପ୍ରାୟ ଏହି ଦୁଇଟି ହେଉଛି ନୈତିକତା ଓ ନୀତିର ଚରମ ପରୀକ୍ଷା । ସୁତରାଂ ଯଦିଓ ଅନେକ ସମୟରେ ନୈତିକତା ଦୃଷ୍ଟିରୁ ହିଂସା ଅନ୍ୟାୟ ଏବଂ ସେହି ଦୃଷ୍ଟିରୁ ବିପଜ୍ଜନକ ବୋଲି ଧରାଯାଇପାରେ, ତଥାପି ସବୁଠାରେ ତାହା ଏପରି ହୋଇପାରେ ନା ।

ସମଗ୍ର ଜୀବନହିଁ ହିଂସା ଓ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ; ସୁତରାଂ ହିଂସାହିଁ ହିଂସା ଜାତ କରେ ଏବଂ ସୁତରାଂ ହିଂସାକୁ ଜୟକରିବା ଉପାୟ ହିଂସା ନୁହେଁ ବୋଲି କୁହାଯାଏ ତାହା ସତ୍ୟପର ମନେହୁଏ । ମାତ୍ର ଶପଥ କରି ଏହାକୁ ସମ୍ପୂର୍ଣ୍ଣରୂପେ ଗ୍ରହିଲେ ମନୁଷ୍ୟକୁ ଏକ ନାସ୍ତିସୂଚକ ମନୋଭାବ ଦେବାକୁ ହୁଏ—ଏହାର ଜୀବନ ସହିତ ଆଦୌ ସମ୍ପର୍କ ନ ଥାଏ । ହିଂସା ହେଉଛି ଆଧୁନିକ ରାଷ୍ଟ୍ର ଓ ସମାଜ ବ୍ୟବସ୍ଥାର ଜୀବନୀଶକ୍ତି । ରାଷ୍ଟ୍ରର ବଳ ଓ ଅସ୍ତ୍ର ପ୍ରୟୋଗ ନକଲେ ଟିକସ ଆଦାୟ ହୋଇପାରିବ ନାହିଁ; ଜମିଦାରମାନେ ତାଙ୍କ ଖଜଣା ପାଇପାରିବେ ନାହିଁ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଲୋପ ପାଇଯିବ । ଆଇନ ସଶସ୍ତ୍ର ଶକ୍ତିଦ୍ୱାରା ଅନ୍ୟମାନଙ୍କୁ ବ୍ୟକ୍ତିଗତ ସମ୍ପତ୍ତି ବ୍ୟବହାରରୁ ବଞ୍ଚିତ କରେ । ସଂଗ୍ରାମଶୀଳ ଓ ଆତ୍ମରକ୍ଷାକାରୀ ହିଂସା ସକାଶେ ଜାତିର ରାଷ୍ଟ୍ର ବଞ୍ଚି ରହେ ।

ଏ କଥା ସତ୍ୟ ଯେ ଗାନ୍ଧିଜୀଙ୍କ ଅହିଂସା ପ୍ରକୃତରେ ନାସ୍ତିସୂଚକ ନୁହେଁ । ଏହା ଅପ୍ରତିରୋଧ ନୁହେଁ, ଏହା ଅହିଂସା ପ୍ରତିରୋଧ—ଏହା ସମ୍ପୂର୍ଣ୍ଣ ଭିନ୍ନ

Digitized by srujanika@gmail.com

କଥା, ଏକ ନିର୍ଦ୍ଦିଷ୍ଟ କ୍ରିୟାତ୍ମକ କାର୍ଯ୍ୟପନ୍ଥା । ଯେଉଁମାନେ ଶାନ୍ତିଭାବରେ ପ୍ରଚଳିତ ବ୍ୟବସ୍ଥାକୁ ଗ୍ରହଣ କରୁ ନାହାନ୍ତି ସେମାନଙ୍କ ପ୍ରତି ଏହା ପ୍ରତ୍ୟ-ନ୍ତ୍ରେ । ଏହା ସୃଷ୍ଟି ହେବାର ଉଦ୍ଦେଶ୍ୟ ହେଉଛି 'ସମାଜରେ ସ୍ପନ୍ଦନ' ସୃଷ୍ଟି କରିବା ଏବଂ ପ୍ରଚଳିତ ଅବସ୍ଥାକୁ ଏହିରୂପେ ପରିବର୍ତ୍ତନ କରିବା । ସୀମିତ ବା ହୃଦୟକୁ ପରିବର୍ତ୍ତନ କରିବାର ମତଲବ ଯାହା ଥାଉନା କାହିଁକି କାର୍ଯ୍ୟତଃ ଏହା ଏକ ଶକ୍ତିଶାଳୀ ବାଧ୍ୟବାଧକତା ଅସ୍ତ୍ର ହୋଇଛି, ଅବଶ୍ୟ ଅଧିକ ଭଦ୍ର ଓ କମ୍ ଆପତ୍ତିଜନକ ଭାବରେ ବଳ ପ୍ରୟୋଗ କରାଯାଏ । ବାସ୍ତବିକ୍ ଗାନ୍ଧିଜୀ ତାଙ୍କର ପ୍ରଥମ ଲେଖାମାନଙ୍କରେ 'ବାଧ୍ୟ' ଏହି ଶବ୍ଦ ବ୍ୟବହାର କରିଥିଲେ । ବଡ଼ଲାଟ (ଲର୍ଡ଼ ଚେମ୍‌ସ୍‌ଫୋର୍ଡ଼)ଙ୍କ ୧୯୨୦ରେ ପଞ୍ଜାବ ସାମରିକ ଆଇନ ଅନ୍ୟାୟକୁ ସମାଲୋଚନା କରି ଗାନ୍ଧିଜୀ ଲେଖିଥିଲେ—

"କାଉନ୍‌ସିଲ ଉଦ୍‌ଘାଟନ ସମୟରେ ବଡ଼ଲାଟଙ୍କ ବକ୍ତୃତାରେ ଯେଉଁ ମନୋଭାବ ପ୍ରକାଶ ପାଇଲା, ସେଥିରେ ତାଙ୍କ ସହିତ ଓ ତାଙ୍କ ସରକାର ସହିତ କୌଣସି ଆତ୍ମମର୍ଯ୍ୟାଦାସମ୍ପନ୍ନ ଲୋକ ପକ୍ଷରେ ସହଯୋଗ କରିବା ଅସମ୍ଭବ ।

"ପଞ୍ଜାବ ସମ୍ବନ୍ଧରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଛନ୍ତି ସେଥିରେ କୌଣସି ପ୍ରତିକାର ହୋଇପାରିବ ନାହିଁ ବୋଲି ପରିଷ୍କାରରୂପେ ମନା କରିଛନ୍ତି । ଆସନ୍ନ 'ଭବିଷ୍ୟତ' ସମସ୍ୟାରେ ଆମେ ମନ ଦେବାପାଇଁ ସେ ଚାହାନ୍ତି । ଆସନ୍ନ ଭବିଷ୍ୟତ ସମସ୍ୟା ହେଉଛି ପଞ୍ଜାବ ଘଟଣା ସକାଶେ ସରକାରଙ୍କୁ ଅନୁତାପ କରିବା ନିମନ୍ତେ ବାଧ୍ୟକରାଇବା । ଅବଶ୍ୟ ଏହାର କୌଣସି ସୂଚନା ଦେଖାଯାଉନାହିଁ । ବରଂ ଓଲଟା ତାଙ୍କ ସମାଲୋଚକ-ମାନଙ୍କ କଥାର ଜବାବ ଦେବା ପ୍ରବୃତ୍ତିକୁ ସେ ବାଧା ଦେଇଛନ୍ତି । ଏହାର ଅର୍ଥ ସେ ଭାରତକୁ ସ୍ପର୍ଶ କରୁଥିବା ଅନେକ ଜୀବନ୍ତ ସମସ୍ୟାରେ ନିଜର ମତ ପରିବର୍ତ୍ତନ କରି ନାହାନ୍ତି । ସେ ଏହିସବୁ ସମସ୍ୟା ଇତିହାସ ଭିତରେ ଗଳିବ ବୋଲି ଛାଡ଼ିଦେଇ ନାହାନ୍ତି । ମୋ ମତରେ ଏପରି ମତ ପ୍ରକାଶ ଭାରତବାସୀଙ୍କ ମନକୁ ଅଧିକ ଉତ୍ତେଜିତ କରିବ । ଯେଉଁ ଲୋକଙ୍କ ପ୍ରତି ଅନ୍ୟାୟ କରାଯାଇଛି ଏବଂ ଦାୟିତ୍ୱ ଓ ବିଶ୍ୱାସଯୋଗ୍ୟ ପଦବୀ ଗ୍ରହଣ

Digitized by srujanika@gmail.com

ଉଣିବା ନିମନ୍ତେ ସମ୍ପୂର୍ଣ୍ଣ ଅଯୋଗ୍ୟ କର୍ମଚାରୀଙ୍କ ଅଧୀନରେ ଯେଉଁ ଲୋକଙ୍କୁ ଅଙ୍କମୁକ୍ତା ରଖାଯାଇଛି ଗଣତନ୍ତ୍ରବାଦର ଅନୁକୂଳ ମତ ତାଙ୍କ ପକ୍ଷରେ କି ଦରକାରରେ ଆସିବ ? ଅନ୍ୟୁନପକ୍ଷରେ କହିବାକୁ ଗଲେ ପଞ୍ଚାୟତ ପ୍ରତି ନ୍ୟାୟ ବିଚାର ନ କରିବା ନିମନ୍ତେ ମନସ୍ଥ କରି ସନ୍ଦେଶୋଚ କଥା ଉଠାଇବା ହେଉଛି ଶଠତା ।”

ସରକାର ସବୁ ଅତିମାତ୍ରାରେ ହିଂସାରେ ପ୍ରତିଷ୍ଠିତ—କେବଳ ସଶସ୍ତ୍ର ଶକ୍ତିର ପ୍ରକାଶ୍ୟ ହିଂସା ନୁହେଁ, ମାତ୍ର ଆହୁରି ଭିତରେ ଭିତରେ କାର୍ଯ୍ୟ କରୁଥିବା ଅଧିକ ବିପଜ୍ଜନକ ହିଂସା ଯଥା—ଗୁପ୍ତଚର, ଗୁଇନ୍ଦା, ପ୍ରରୋଚକ, ଚର (Agent-provocateurs), ପ୍ରତ୍ୟକ୍ଷ ଏବଂ ଅପ୍ରତ୍ୟକ୍ଷ ଭାବରେ ଶିକ୍ଷା, ସମ୍ବାଦପତ୍ର ଇତ୍ୟାଦି ଜରିଆରେ ମିଥ୍ୟା ପ୍ରଚାର, ଧର୍ମ ଓ ଅନ୍ୟାନ୍ୟ ଭାବ ସଞ୍ଚାର, ଅର୍ଥନୈତିକ ଶୋଷଣ ଓ ଅନାହାର ଇତ୍ୟାଦି । ଯୁଦ୍ଧ ସରକାର ଭିତରେ ପ୍ରକାଶ ନ ପାଇଲେ ସମସ୍ତ ପ୍ରକାର ମିଥ୍ୟା ଓ ବିଶ୍ୱାସଘାତକତା ଯୁକ୍ତିଯୁକ୍ତ ବୋଲି ଧରାଯାଏ । ଶାନ୍ତି ବେଳରେ ସୁଦ୍ଧା—ଯୁଦ୍ଧ ସମୟରେ ଅଧିକ ପରିମାଣରେ ହୁଏ । ତିନିଶହ ବର୍ଷ ପୂର୍ବେ ଜଣେ କବି ଓ ବ୍ରିଟିଶଦୂତ ସାର୍ ହେନ୍‌ରି ଓ୍ୱଟନ୍ କହିଥିଲେ, “ଦୂତ ଅର୍ଥ ହେଉଛି ନିଜଦେଶ ସକାଶେ ଦେଶାନ୍ତରରେ ମିଛ କହିବା ସାଧୁଲୋକ ।” ଆଜିକାଲି ରାଷ୍ଟ୍ରଦୂତମାନଙ୍କ ପଛରେ ସାମରିକ, ନୌବାହିନୀ ଓ ବାଣିଜ୍ୟ ରହିଛି ଏବଂ ସେମାନଙ୍କର ପ୍ରଧାନ କାର୍ଯ୍ୟ ହେଉଛି ଯେଉଁ ଦେଶ ଯିବେ ସେ ଦେଶରେ ଗୋଇନ୍ଦାଗିରି କରିବା । ତାଙ୍କ ପଛରେ ଗୁପ୍ତଚରଙ୍କ ବିରାଟ ଜାଲ ଥାଏ—ଏହା ପଛରେ ଅସଂଖ୍ୟ ଶାଖାପ୍ରଶାଖା, ଷଡ଼ଯନ୍ତ୍ର ଓ ଶଠତାର ଜାଲ ରହିଛି ଏବଂ ଗୋଇନ୍ଦା ଓ ପ୍ରତି ଗୋଇନ୍ଦା ରହିଛନ୍ତି—ଅପରାଧ ସଙ୍ଘମାନଙ୍କରେ ଏହାର ସମ୍ପର୍କ ରହିଛି । ଏହା ମନୁଷ୍ୟ ପ୍ରକୃତିକୁ ଲୁଟି ଦେଇ ଅଧୋଗତି ଆଡ଼କୁ ନିଏ ଏବଂ ଗୁପ୍ତ ହତ୍ୟା କରେ । ଶାନ୍ତି ସମୟରେ ଏ ସବୁ ଖରାପ ହେଲେ ଯୁଦ୍ଧରେ ଏହାର ପ୍ରଚାର ଗୁରୁତ୍ୱ ପାଏ ଏବଂ ଏହାର ବିଷାକ୍ତ ପ୍ରଭାବ ସବୁଦିଗରେ ବିସ୍ତାର ଲାଭ କରିଥିଲା । ମହାସମର ସମୟରେ ହୋଇଥିବା ପ୍ରଚାର ଦୃଷ୍ଟାନ୍ତ ସବୁ ଆଜି ପଢ଼ିଲେ ବଡ଼ ମଜା

Digitized by srujanika@gmail.com

ଲଗେ—ଶତ୍ରୁ ଦେଶଗୁଡ଼ିକ ସମ୍ବନ୍ଧରେ କପଟ ଅଦ୍ଭୁତ ମିଥ୍ୟା ପ୍ରଚାର ଏବଂ ଏଥିପାଇଁ କପଟ ଅଜସ୍ର ଅର୍ଥବ୍ୟୟ ଓ ଗୁପ୍ତଚର ରଖାଯାଇଛି ଇତ୍ୟାଦି । ମାତ୍ର ଆଜି ଶାନ୍ତି ହେଉଛି କେବଳ ଦୁଇଟି ଯୁଦ୍ଧ ଭିତରେ ମଧ୍ୟବର୍ତ୍ତୀ ଅବସ୍ଥା—ଆଉ ଗୋଟିଏ ଯୁଦ୍ଧପାଇଁ ପ୍ରସ୍ତୁତ ହେବା ଏବଂ ଅନେକ ପରିମାଣରେ ଏହାର ଅର୍ଥ ହେଉଛି ଅର୍ଥନୈତିକ ଓ ଅନ୍ୟ କ୍ଷେତ୍ରରେ ସଂଘର୍ଷ ଜାରି ରଖିବା । ବିଜେତା ଓ ଜେତା, ସାମ୍ରାଜ୍ୟବାଦ ଶକ୍ତି ଏବଂ ତାଙ୍କ ଅଧୀନସ୍ଥ ଉପନିବେଶ, ସୁବିଧାଭୋଗୀ ଶ୍ରେଣୀ ଓ ଶୋଷିତ ଶ୍ରେଣୀ ମଧ୍ୟରେ ସର୍ବଦା ଟଣାଓଟରା ଲାଗିଛି ! ହିଂସା ଓ ମିଥ୍ୟା ପ୍ରଚାର ସହିତ ଯୁଦ୍ଧ ବାୟୁମଣ୍ଡଳ ତଥାକଥିତ ଶାନ୍ତି ସମୟରେ ମଧ୍ୟ କେତେକ ପରିମାଣରେ ରହିଛି ଏବଂ ଏହି ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ସୈନ୍ୟ ଓ ଅନ୍ୟ ଶାସନ ସମ୍ପୃକ୍ତ କର୍ମଚାରୀଙ୍କୁ ଶିକ୍ଷା ଦିଆଯାଏ । 'ଯୁଦ୍ଧକ୍ଷେତ୍ର ଲାଗି ସୈନ୍ୟର ପକେଟ ବହି' (Soldiers' Pocket Book for Field service) ନାମକ ପୁସ୍ତକରେ ଲର୍ଡ ୱଏଲସଲି ଲେଖିଛନ୍ତି—"ଆମେ ସର୍ବଦା ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟାକରିବୁ ଯେ ସାଧୁତାହିଁ ଶ୍ରେଷ୍ଠ ନୀତି ଏବଂ ସତ୍ୟହିଁ ଅବଶେଷରେ ଜୟ କରେ । ଏହି ସୁନ୍ଦର ବାକ୍ୟସବୁ ଶିଶୁଙ୍କର ଲେଖା ପୁସ୍ତକରେ ବେଶ୍ ଦେଖାଯାଏ, ମାତ୍ର ଯେଉଁ ଲୋକ ଯୁଦ୍ଧକ୍ଷେତ୍ରରେ କାର୍ଯ୍ୟ କଲବେଳେ ଏହା ପ୍ରୟୋଗ କରିବାକୁ ଚାହେଁ ତାହା ପକ୍ଷରେ ରବିଦିନ ଲାଗି ନିଜର ତରବାରି କୋଷ ଭିତରେ ରଖିବା ଭଲ ।"

ବର୍ତ୍ତମାନ ଅବସ୍ଥାରେ ଜାତି ବିରୁଦ୍ଧରେ ଜାତି ଏବଂ ଶ୍ରେଣୀ ବିରୁଦ୍ଧରେ ଶ୍ରେଣୀ ସଂଗ୍ରାମ କରୁଥିବାବେଳେ ହିଂସା ଓ ମିଥ୍ୟା ଅନିବାର୍ଯ୍ୟ ବୋଲି ମନେହୁଏ । ସୁବିଧାଭୋଗୀ ଦେଶ ଓ ଗୋଷ୍ଠୀ, ନିଜର କ୍ଷମତା ଓ ସୁବିଧା ରଖିନେବାକୁ ଚାହାନ୍ତି ଏବଂ ସେମାନେ ଯେଉଁମାନଙ୍କ ଉପରେ ଦମନ କରନ୍ତି ସେମାନଙ୍କୁ ପ୍ରଗତିର ସୁବିଧା ଦିଅନ୍ତି ନାହିଁ—ଏମାନେ ଅବଶ୍ୟ ହିଂସା, ବାଧ୍ୟବାଧକତା ଓ ମିଥ୍ୟା ଉପରେ ନିର୍ଭର କରିବେ । ଏହା ହୋଇପାରେ ସାଧାରଣ ଜନମତ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏବଂ ଏହି ଦ୍ୱନ୍ଦ୍ୱ ସଂଘର୍ଷର ବାସ୍ତବତା ଏବଂ ତାର ଦମନ ଅଧିକ ପ୍ରକାଶ୍ୟ ହେଲେ

Digitized by srujanika@gmail.com

ହିଂସା କମିଯାଇପାରେ । ପ୍ରକୃତରେ କହିବାକୁ ଗଲେ ସମସ୍ତ ଆଧୁନିକ ଅନିଶ୍ଚିତାରେ ଏହାର ବିପରୀତ ଦେଖାଯାଉଛି, ପ୍ରଚଳିତ ଅନୁଷ୍ଠାନର ଅବରୋଧିତା ଯେତେ ବଢ଼ୁଛି ହିଂସା ସେତେ ବୃଦ୍ଧି ପାଉଛି । ଏପରିକି ପ୍ରକାଶ୍ୟ ହିଂସା କମି ଯାଇଥିଲେ ସୁଦ୍ଧା ଅଧିକ ସୂକ୍ଷ୍ମ ଓ ବିପଜ୍ଜନକ ଆକାରରେ ଚାଲିଛି । ମୁକ୍ତ, ଧାର୍ମିକ ଦୃଷ୍ଟିକୋଣ ବା ନୈତିକତା କିନ୍ତୁ କୌଣସି ପ୍ରକାରେ ହିଂସା ପ୍ରବୃତ୍ତିକୁ ଦମନ କରିପାରି ନାହିଁ । ବ୍ୟକ୍ତି-ବିଶେଷ ଉନ୍ନତି ଲାଭ କରିଛନ୍ତି ଏବଂ ମାନବିକ ସୀମାରୁ ଉପରକୁ ଯାଇଛନ୍ତି ଏବଂ ସମ୍ଭବତଃ ଇତିହାସର ପୂର୍ବକାଳ ଅପେକ୍ଷା ଆଜିକାଲି ଉନ୍ନତତର ଧରଣ (ଅଧିକ ଉଦାହରଣ ମିଳି ଯାଉଛି), ଲୋକ ସଂଖ୍ୟା! ଅଧିକ, ସମାଜ ମୋଟାମୋଟି ଭାବରେ ପ୍ରଗତି କରିଛି ଏବଂ ଅତି ଅଳ୍ପ ପରିମାଣରେ ଆଦିମ ଓ ବର୍ବର ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରୁଛି । ମାତ୍ର ମୋଟାମୋଟି ଭାବରେ ଗୋଷ୍ଠୀ ବା ସମ୍ପ୍ରଦାୟ ସବୁର ବିଶେଷ ଉନ୍ନତି ହୋଇ ନାହିଁ । ବ୍ୟକ୍ତିବିଶେଷ ଅଧିକ ସଭ୍ୟ ହେବା ସଙ୍ଗେ ସଙ୍ଗେ ତା'ର ସମସ୍ତ କାମନା ଓ ପାପ ସବୁ ସଂପ୍ରଦାୟକୁ ଦେଉଛି ଏବଂ ଏହି ସବୁ ସଂପ୍ରଦାୟରେ ନୈତିକ ଦୃଷ୍ଟିରେ ନିମ୍ନସ୍ତ ଶ୍ରେଣୀର ଲୋକଙ୍କ ହିଂସା ପ୍ରତି ସର୍ବଦା ଆକର୍ଷଣ ଥିବାରୁ, ଏହି ସଂପ୍ରଦାୟର ନେତାମାନେ ପ୍ରାୟ ଉତ୍ତମ ନରନାରୀ ହୋଇ ନ ଥାନ୍ତି ।

ହୁଏତ ଯଦି ବା ଆମେ ଧରିନେବା ଯେ ରାଷ୍ଟ୍ରରୁ ବାହ୍ୟ ଧରଣର ହିଂସା କ୍ରମଶଃ ଦୂର ହୋଇଯିବ, ତଥାପି ସରକାର ଓ ସାମାଜିକ ଜୀବନ ଉଭୟରେ ଯେ କିଛି ବଳପ୍ରୟୋଗର ଆବଶ୍ୟକତା ରହିଛି ଏହା ଉପେକ୍ଷା କରିବା ଅସମ୍ଭବ । ସାମାଜିକ ଜୀବନରେ କୌଣସି ପ୍ରକାର ଶାସନର ଆବଶ୍ୟକତା ଥାଏ ଏବଂ ଯେଉଁ ଲୋକ ହାତରେ କ୍ଷମତା ଅର୍ପଣ କରାଯାଇ ଥାଏ, ସେ ଅତ୍ୟନ୍ତ ସ୍ୱାର୍ଥପର ଓ ସମାଜରେ କ୍ଷତି ପହଞ୍ଚାଇଲା ପରି ସମସ୍ତ ପ୍ରକାର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପ୍ରବୃତ୍ତିକୁ ଅବଶ୍ୟ ଭାଙ୍ଗିଦେବ ଓ ବାଧା ଦେବ । ସାଧାରଣତଃ ଏପରି ଲୋକେ ଆବଶ୍ୟକ ଅପେକ୍ଷା ଅଧିକ ଦୂର ଯାଆନ୍ତି—କାରଣ କ୍ଷମତାଯୋଗୁଁ ଦୁର୍ନୀତି ଓ ଅଧୋଗତି ହୁଏ । ତେଣୁ

Digitized by srujanika@gmail.com

ଏହି ଶାସକମାନେ ଯେତେ ସ୍ୱାଧୀନତାପ୍ରେମୀ ହୁଅନ୍ତୁ ଓ ବଳପ୍ରୟୋଗକୁ ଘୃଣା କରନ୍ତୁ ପଛକେ, ଅସାମାଜିକ ବ୍ୟକ୍ତିବିଶେଷଙ୍କ ପ୍ରତି ସେମାନଙ୍କୁ ବଳ-ପ୍ରୟୋଗ କରିବାକୁ ପଡ଼ିବ—ଯେ ପର୍ଯ୍ୟନ୍ତ ସେହି ରାଷ୍ଟ୍ରରେ ପ୍ରତ୍ୟେକ ଲୋକ ପୂର୍ଣ୍ଣତା ନ ପାଇଛି, ସଂପୂର୍ଣ୍ଣ ନିଃସ୍ୱାର୍ଥପର ନ ହୋଇଛି ଏବଂ ସାଧାରଣ ହିତସକାଶେ ନିଜକୁ ନିଯୁକ୍ତ ନ କରିଛି । ବାହାରର ପରଧନଲୋଭୀ ସମ୍ପ୍ରଦାୟଙ୍କ ଆକ୍ରମଣ ବିରୁଦ୍ଧରେ ମଧ୍ୟ ଏହି ରାଷ୍ଟ୍ରର ଶାସକମାନଙ୍କୁ ବଳ-ପ୍ରୟୋଗ କରିବାକୁ ପଡ଼ିବ, ଅର୍ଥାତ୍ ବଳ ସାହାଯ୍ୟରେ ବଳର ସମ୍ମୁଖୀନ ହୋଇ ତାଙ୍କୁ ନିଜର ଆତ୍ମରକ୍ଷା କରିବାକୁ ପଡ଼ିବ । ଯେତେବେଳେ ସମସ୍ତ ଦୁନିଆରେ ଗୋଟିଏ ସରକାର ପ୍ରତିଷ୍ଠିତ ହେବ, ସେତେବେଳେ ଏହାର ଆବଶ୍ୟକତା ଦୂର ହେବ ।

ଶକ୍ତି ଏବଂ ବଳପ୍ରୟୋଗ ବାହାର ଆକ୍ରମଣରୁ ରକ୍ଷା ଏବଂ ଆଭ୍ୟନ୍ତରୀଣ ସାମଞ୍ଜସ୍ୟ ରକ୍ଷିବା ନିମନ୍ତେ ଯଦି ଏପରି ଆବଶ୍ୟକ ହୁଏ, ତେବେ ଲୋକ କେଉଁଠି ସୀମାରେଖା କାଟିବ ? ରେନହୋଲ୍ଡ ନିବହ୍ର 'ନୈତିକ ଲୋକ ଓ ନୀତିହୀନ ସମାଜ' ପୁସ୍ତକରେ କହିଛନ୍ତି, ରାଜନୀତିରେ ନୀତିଶାସ୍ତ୍ର ଥରେ ଏହି ସୁଯୋଗ ଦେଲେ ଏବଂ ସାମାଜିକ ସଂଯୋଗ ରକ୍ଷା କରିବା ନିମନ୍ତେ ବଳପ୍ରୟୋଗ ଏକ ଆବଶ୍ୟକୀୟ ଅସ୍ତ୍ରରୂପେ ଗୃହୀତ ହେଲେ, ହିଂସା ଓ ଅହିଂସାତ୍ମକ ବଳପ୍ରୟୋଗ କିମ୍ବା ସରକାର ଓ ବିପ୍ଳବୀମାନଙ୍କ ବଳପ୍ରୟୋଗ ଭିତରେ ପାର୍ଥକ୍ୟ ନିରୂପଣ କରିବା ସମ୍ଭବ ନୁହେଁ ।

ମୁଁ ନିଶ୍ଚିତରୂପେ ଜାଣେ ନା, ମାତ୍ର ମୁଁ ଅନୁମାନ କରୁଛି ଯେ ଏହି ଅସଂପୂର୍ଣ୍ଣ ଜଗତରେ ଗୋଟିଏ ଜାତୀୟ ରାଷ୍ଟ୍ର ପକ୍ଷରେ ବାହାରର ଅହେତୁକ ଆକ୍ରମଣରୁ ରକ୍ଷାପାଇବା ନିମନ୍ତେ ବାହୁବଳ ଦରକାର ବୋଲି ଗାନ୍ଧିଜୀ ବୋଧହୁଏ ସ୍ୱୀକାର କରିବେ । * ଅବଶ୍ୟ ତାହାଙ୍କ ପଡ଼ୋଶୀ

* ଗାନ୍ଧିଜୀ ଏଥିରେ ଏକମତ ନୁହନ୍ତି ବୋଲି ୧୯୪- ମସିହାରେ ପରିଷ୍କାର ଘୋଷଣା କରିଦେଇଛନ୍ତି—ଅନୁବାଦକ ।

Digitized by srujanika@gmail.com

ଅନ୍ୟ ରାଜ୍ୟମାନଙ୍କ ସହିତ ଅତ୍ୟନ୍ତ ବନ୍ଧୁଭାବ ଓ ଶାନ୍ତିପୂର୍ଣ୍ଣନୀତି ଅନୁସରଣ କରିବ, କିନ୍ତୁ ଯାହାହେଉ ପଛକେ ଆକ୍ରମଣର ସମ୍ଭାବନା ନାହିଁ ବୋଲି କହିବା ନିରର୍ଥକ । ରାଷ୍ଟ୍ରକୁ ମଧ୍ୟ ବଳପ୍ରୟୋଗମୂଳକ କେତେକ ଆଇନ ପାସ୍ କରିବାକୁ ହେବ—ଭିନ୍ନ ଶ୍ରେଣୀ ଓ ଗୋଷ୍ଠୀଙ୍କଠାରୁ କେତେକ ଅଧିକାର ଓ ସୁବିଧା କାଢ଼ିନେବାକୁ ହେବ ଏବଂ ସେମାନଙ୍କ କାର୍ଯ୍ୟର ସ୍ୱାଧୀନତା ସଂଯମ କରିବାକୁ ପଡ଼ିବ । ସମସ୍ତ ଆଇନ କେତେ ପରିମାଣରେ ବଳପ୍ରୟୋଗ ମୂଳକ । କଂଗ୍ରେସର କରାଚୀ କର୍ମପନ୍ଥାରେ ରହିଛି "ଲୋକଙ୍କର ଶୋଷଣ ଅନ୍ତ କରିବା ନିମନ୍ତେ ଯଥାର୍ଥ କୋଟି କୋଟି ଲୋକଙ୍କର ପ୍ରକୃତ ଅର୍ଥନୈତିକ ସ୍ୱାଧୀନତାହିଁ ରାଜନୀତିକ ସ୍ୱାଧୀନତାର ଅନ୍ତର୍ଭୁକ୍ତ ହେବ ।" ଏହି ଅତ୍ୟନ୍ତ ବାଞ୍ଛନୀୟ ଭାବକୁ କାର୍ଯ୍ୟକାରୀ କରିବାକୁ ହେଲେ ଅତ୍ୟନ୍ତ ସୁବିଧାଭୋଗୀ ଲୋକଙ୍କୁ ସୁବିଧାଭୋଗ ନ କରୁଥିବା ଲୋକଙ୍କପାଇଁ ସୁବିଧା ଛାଡ଼ିବାକୁ ପଡ଼ିବ । ଆହୁରି ମଧ୍ୟ ଲେଖାଅଛି ଯେ ଶ୍ରମିକମାନେ ବଞ୍ଚିରହିବା ଭଳି ମଜୁରି ଓ ଅନ୍ୟାନ୍ୟ ସୁବିଧା ପାଇବା ଉଚିତ, ସମ୍ପତ୍ତି ଉପରେ ବିଶେଷ ଟିକସ ଧାର୍ଯ୍ୟ କରାଯିବ; ଏବଂ "ମୂଳ ଶିଳ୍ପ, ବୃତ୍ତି, ଖଣିଜ ସମ୍ପଦ, ରେଳବାଇ, ଜଳପଥ, ଜାହାଜ ଓ ଅନ୍ୟାନ୍ୟ ସାଧାରଣ ଯାତାୟାତ ଉପାୟ ସବୁ ସରକାର ଅଧୀନରେ ରହିବ କିମ୍ବା ଏହା ସେ ନିୟନ୍ତ୍ରଣ କରିବ ।" ଆହୁରି ଅଛି ଯେ "ସମସ୍ତ ପ୍ରକାର ମଦ ଓ ନିଶା ଦ୍ରବ୍ୟର ପ୍ରଚଳନ ସମ୍ପୂର୍ଣ୍ଣରୂପେ ନିଷେଧ କରାଯିବ ।" ଅନେକ ଲୋକ ସେ ସବୁ ଆପତ୍ତି କରିପାରନ୍ତି । ସେମାନେ ଅଧିକସଂଖ୍ୟକ ମତ ଆଗରେ ବଶ୍ୟତା ସ୍ୱୀକାର କରିପାରନ୍ତି, ମାତ୍ର ଏହା କେବଳ ଅମାନ୍ୟର ଫଳାଫଳ ଭୟରେ ସେମାନେ କରିବେ । ପ୍ରକୃତରେ ଗଣତନ୍ତ୍ର ଅର୍ଥ ହେଉଛି ଅଧିକସଂଖ୍ୟକ ଲୋକଙ୍କର ଅଳ୍ପସଂଖ୍ୟକ ଲୋକଙ୍କ ଉପରେ ବଳପ୍ରୟୋଗ ।

ଯଦି ସମ୍ପତ୍ତି ଅଧିକାର ସ୍ପର୍ଶ କରି କିମ୍ବା ଏହା ଲୋପ ସାଧନ ଉଦ୍ଦେଶ୍ୟରେ ସଂଖ୍ୟାଗରିଷ୍ଠ ଲୋକେ ଏକ ଆଇନ ପାସ୍ କରନ୍ତି, ତେବେ ଏହା କ'ଣ ବଳପ୍ରୟୋଗ ହେଲା ବୋଲି ଆପତ୍ତି କରାଯିବ ? ବାସ୍ତବିକ

Digitized by srujanika@gmail.com

ହିଁ, କାରଣ ସମସ୍ତ ପ୍ରକାର ଗଣତନ୍ତ୍ରମୂଳକ ଆଇନରେ ଏହି ପଦ୍ଧତି ଗ୍ରହଣ କରାଯାଏ । ସଂଖ୍ୟାଗରିଷ୍ଠ ଦଳ ଅନ୍ୟାୟ ଭାବରେ ବା ଅନୀତି ଭାବରେ କାର୍ଯ୍ୟ କରୁଛି ବୋଲି କୁହାଯାଇ ପାରେ, ସେତେବେଳେ ବିମୂଢ଼ କରିବାର ପ୍ରଶ୍ନ ହେଉଛି—ସଂଖ୍ୟାଗରିଷ୍ଠ ଦଳ ଯେଉଁ ଆଇନ ପାସ୍ କରିଛି ତାହା କୌଣସି ନୀତିଗତ ସମସ୍ୟା ବିରୁଦ୍ଧରେ ଯାଉଛି କି ? ଏହା ସ୍ଥିର କରିବ କିଏ ? ଯଦି ବ୍ୟକ୍ତି ବିଶେଷ ବା ଗୋଷ୍ଠୀସବୁ ନିଜ ସ୍ୱାର୍ଥଦୃଷ୍ଟିରୁ ନୀତିଶାସ୍ତ୍ରର ବ୍ୟାଖ୍ୟା କରିବାରେ ଲାଗନ୍ତି, ତାହାହେଲେ ଗଣତନ୍ତ୍ର ପଦ୍ଧତି ଶେଷ ହେଲ ବୋଲି କହିବାକୁ ହେବ । ବ୍ୟକ୍ତିଗତ ଭାବରେ ମୁଁ ମନେ କରେ ଯେ ବ୍ୟକ୍ତିଗତ ସମ୍ପତ୍ତି ଅଧିକାର (ଅତ୍ୟନ୍ତ ସୀମାବଦ୍ଧ ଭାବରେ ଛଡ଼ା) ମୋଟାମୋଟି ଭାବରେ ସମାଜ ଉପରେ ବ୍ୟକ୍ତିବିଶେଷ ହାତରେ ବିପଜ୍ଜନକ କ୍ଷମତା ଅର୍ପଣ କରେ ଏବଂ ସେହିହେତୁ ଏହା ସମାଜ ପକ୍ଷରେ ଅତ୍ୟନ୍ତ କ୍ଷତିକାରକ । ମୁଁ ଏହାକୁ ମଦ ଖାଇବା ଅପେକ୍ଷା ଅଧିକ ନୀତିହୀନ କାର୍ଯ୍ୟ ବୋଲି ମନେ କରେ—କାରଣ ମଦ ସମାଜ ଅପେକ୍ଷା ବ୍ୟକ୍ତି ପକ୍ଷରେ ବିଶେଷ କ୍ଷତିକାରକ ।

ଯାହା ହେଉ ଅହିଂସା ନୀତିରେ ବିଶ୍ୱାସ କରୁଛନ୍ତି ବୋଲି ଦାବି କରୁଥିବା କେତେକ ଲୋକ ମୋତେ କହିଛନ୍ତି ଯେ ମାଲିକମାନଙ୍କର ସମ୍ମତି ନନେଇ ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିକୁ ଜାତୀୟକରଣ କରିବା ଉଦ୍ୟମର ଅର୍ଥ ହେଉଛି ବଳପ୍ରୟୋଗ ଏବଂ ଏହିରୂପେ ଏହା ଅହିଂସାର ବିରୋଧୀ । ବାସ୍ତବିକ ବଡ଼ ବଡ଼ ଜମିଦାରମାନେ ଏହି ମତ ଦେଖାଇ ମୋତେ ବୁଝାଇବାକୁ ଚାହାଁନ୍ତି—ଅଥଚ ସେମାନେ ନିଜର ଖଜଣା ଜବରଦସ୍ତି ଅସୁଲ କରିବାରେ ସରକାର ସାହାଯ୍ୟ ଦେବାଟା ଅନ୍ୟାୟ ବୋଲି ବିଚାର କରନ୍ତି ନାହିଁ, ଏବଂ ବହୁତ କଳକାରଖାନା ମାଲିକ ପୁଞ୍ଜିପତିମାନେ ତାଙ୍କ ଅଧୀନରେ ଥିବା କାରଖାନାମାନଙ୍କରେ ଶ୍ରମିକସଙ୍ଘ ସ୍ୱାଧୀନ ଭାବରେ ରହିବାଟା ସୁଦ୍ଧା ଅନୁମତି ଦିଅନ୍ତି ନାହିଁ । ଏଥିରେ କଷ୍ଟ ପାଉଥିବା ଅଧିକସଂଖ୍ୟକ ଲୋକ ଯେ ପରିବର୍ତ୍ତନ ଚାହୁଁଛନ୍ତି ଏହା ଯଥେଷ୍ଟ ବୋଲି ଧରାଯାଏ ନାହିଁ । ଅଥଚ ଯେଉଁ ଅଳ୍ପ କେତେକ ଲୋକ ଏଥିରେ କ୍ଷତିଗ୍ରସ୍ତ

Digitized by srujanika@gmail.com

ହେବେ ସେମାନଙ୍କ ହୃଦୟ ପରିବର୍ତ୍ତନ କଥା ଉଠୁଛି । ଏହିରୂପେ କେତେକ ସ୍ୱାର୍ଥପର ଦଳ ଗୋଟିଏ ପରିଷ୍କାର ବାଞ୍ଛନୀୟ ପରିବର୍ତ୍ତନରେ ମଧ୍ୟ ବାଧା ଦେଇ ପାରନ୍ତି ।

ଇତିହାସ ଗୋଟିଏ କଥା ଦେଖାଇ ଦେଇଛି—ତାହା ହେଉଛି ଏଇୟା:—ଅର୍ଥନୀତିକ ସ୍ୱାର୍ଥ ଅନୁସାରେ ଗୋଷ୍ଠୀ ଏବଂ ଶ୍ରେଣୀଙ୍କର ରାଜନୀତିକ ମତ ଗଠିତ ହୁଏ । ଯୁକ୍ତି ବା ନୈତିକ ବିଚାର ସବୁ ଏହି ସ୍ୱାର୍ଥକୁ ଅତିକ୍ରମ କରିପାରେ ନା । ବ୍ୟକ୍ତିବିଶେଷଙ୍କୁ ପରିବର୍ତ୍ତନ କରିପାଇପାରେ, ସେମାନେ ସେମାନଙ୍କ ବିଶେଷ ସୁବିଧା ଆପଣାଛାଏଁ ଛାଡ଼ି ଦେଇ ପାରନ୍ତି (ଯଦିଓ ଏପରି ଦୃଷ୍ଟାନ୍ତ ବିରଳ), ମାତ୍ର ଶ୍ରେଣୀ ଏବଂ ଗୋଷ୍ଠୀ ଏହା କରନ୍ତି ନାହିଁ । ତେଣୁ ଏକ ଶାସକ ଓ ସୁବିଧାଭୋଗୀ ଶ୍ରେଣୀ ହୃଦୟ ପରିବର୍ତ୍ତନ ହୋଇ ନିଜର କ୍ଷମତା ଛାଡ଼ିଦେବା ଏବଂ ଅନ୍ୟାନ୍ୟ ସୁବିଧା ସବୁ ପରିତ୍ୟାଗ କରିବାପାଇଁ ପ୍ରସ୍ତୁତ ହୋଇଯିବା ଉଦ୍ୟମ ଏପର୍ଯ୍ୟନ୍ତ ବରାବର ବ୍ୟର୍ଥ ହୋଇଛି ଏବଂ ଏହା ଭବିଷ୍ୟତରେ ସଫଳହୋଇ-ପାରିବାର କୌଣସି କାରଣ ଦେଖାଯାଉନାହିଁ । ରେନ୍‌ହୋଲ୍ଡ ନାଇବୁର ତାଙ୍କର ସେହି (Moral Man and Immoral Society) ପୁସ୍ତକରେ ନୀତିବାଦୀଙ୍କ ବିରୁଦ୍ଧରେ ଯୁକ୍ତି କରି କହିଛନ୍ତି "ସେହି ଋଷି ଅନୁମାନ କରୁଛି ଯେ ବ୍ୟକ୍ତିବିଶେଷର ଆତ୍ମବର୍ଦ୍ଧନା ଯୁକ୍ତିବାଦର ବୃଦ୍ଧି କିମ୍ବା ଧର୍ମଭାବ ପ୍ରେରଣା ପାଇ ସଦିଚ୍ଛା ହେତୁ କ୍ରମେ ଅଧିକ ସଂଯତ ହେଉଛି ଏବଂ ମାନବ ସମାଜ ଓ ସମୂହ ଭିତରେ ସାମାଜିକ ସାମଞ୍ଜସ୍ୟ ସ୍ଥାପନ ନିମନ୍ତେ ଏହି ଧାରା ଛଡ଼ା ଅନ୍ୟ କିଛି ପ୍ରଚଳନର ଆବଶ୍ୟକତା ନାହିଁ ।" ଏହି ନୀତିବାଦୀମାନେ "ମାନବ ସମାଜରେ ନ୍ୟାୟଲାଗି ହେଉଥିବା ସଂଗ୍ରାମରେ ରାଜନୀତିକ ଆବଶ୍ୟକତା ସ୍ୱୀକାର କରନ୍ତି ନାହିଁ, ମନୁଷ୍ୟ ପ୍ରକୃତିରେ ସମଷ୍ଟିଗତ ଆଚରଣ ଭାବକୁ ସେମାନେ ବୁଝିପାରନ୍ତି ନାହିଁ ଏବଂ ଏମାନଙ୍କୁ କେବେହେଁ ଯୁକ୍ତି ବା ବିବେକର ସମ୍ପୂର୍ଣ୍ଣ ଆୟତ୍ତକୁ ଅଣାଯାଇ ପାରିବନାହିଁ । ସେମାନେ ବୁଝି ପାରନ୍ତିନାହିଁ ଯେ ସମୂହ ଶକ୍ତି ସାମ୍ରାଜ୍ୟବାଦ କିମ୍ବା ଶ୍ରେଣୀପ୍ରାଧାନ୍ୟ ଯେଉଁ ଆକାରରେ ହେଉ

Digitized by srujanika@gmail.com

ପଛକେ ଦୁର୍ବଳତାକୁ ଶୋଷଣ କରେ—ଏହା ବସ୍ତୁତଃ ବଳପ୍ରୟୋଗ ନ ହଲେ ଏହାକୁ ସ୍ଥାନଚ୍ୟୁତ ଆଦୌ କରାଯାଇପାରିବ ନାହିଁ ।” ସେ ପୁଣି ଲେଖିଛନ୍ତି—“କେତେକ ପରିମାଣରେ ସବଳ ମୁକ୍ତ ସାମାଜିକ ପରିସ୍ଥିତିରେ ସ୍ୱାର୍ଥର ଦାସ ହୋଇଥିବାରୁ କେବଳ ନୀତି କମ୍ବା ଯୁକ୍ତିର ପ୍ରରୋଚନାରେ ନ୍ୟାୟ ଆସିପାରେ ନା……ସଂଘର୍ଷ ହେବା ଅନିବାର୍ଯ୍ୟ ଏବଂ ଏହି ସଂଘର୍ଷରେ ଶକ୍ତିକୁ ଶକ୍ତି ଦ୍ୱାରା ବିରୋଧ କରିବାକୁ ପଡ଼ିବ ।”

ତେଣୁ କୌଣସି ଗୋଟିଏ ଶ୍ରେଣୀ ବା ଜାତିକୁ କେବଳ ହୃଦୟ ପରିବର୍ତ୍ତନ କରିବା କମ୍ବା ବୈଜ୍ଞାନିକ ଯୁକ୍ତି ଓ ନ୍ୟାୟ ବିଚାର ପ୍ରତି ନିବେଦନ କରି ସଂଘର୍ଷ ଦୂର କରି ପାରିବ ବୋଲି ଚିନ୍ତା କରିବା ଅର୍ଥ ହେଉଛି ନିଜକୁ ପ୍ରତାରଣା କରିବା । ଏକ କର୍ତ୍ତୃତ୍ୱଶାଳୀ ସାମ୍ରାଜ୍ୟବାଦୀ ଶକ୍ତି ତା’ର ଏକ ଦେଶ ଉପରେ କର୍ତ୍ତୃତ୍ୱ ଛାଡ଼ି ଦେବ ବୋଲି ଅନୁମାନ କରିବା ମୋହ ମାତ୍ର—ସେହିପରି କୌଣସି ଶ୍ରେଣୀ ବଳପ୍ରୟୋଗ ସଦୃଶ ଫଳପ୍ରଦ ଚାପ ନ ପାଇ ତାହାର ଶ୍ରେଷ୍ଠ ସ୍ଥାନ ଓ ସୁବିଧା ଛାଡ଼ିଦେବ ବୋଲି ଆଶା କରିବା ମୋହ ମାତ୍ର ।

ଗାନ୍ଧିଜୀ ସ୍ପଷ୍ଟରୂପେ ଏହି ଚାପ ଆଣିବାକୁ ଚାହାନ୍ତି—ଅବଶ୍ୟ ସେ ଏହାକୁ ବଳପ୍ରୟୋଗ ବୋଲି କହନ୍ତି ନାହିଁ । ତାଙ୍କ ମତରେ ଉପାୟ ହେଉଛି ଅସହଯୋଗ । ଏଥିରେ ଟିକିଏ ଦର୍ଶନ ତତ୍ତ୍ୱ ରହିଥିବାରୁ ଏବଂ କୌଣସି ବୈଷୟିକ ଦୃଷ୍ଟିରୁ ଏହା ମାପ କରାଯାଇ ନ ପାରିବାରୁ ଏହା ବିଚାର କରିବା ଟିକିଏ କଷ୍ଟକର । ଏହାର ଯେ ଶତ୍ରୁ ଉପରେ ପ୍ରଚୁର ପରିମାଣରେ ପ୍ରଭାବ ପଡ଼େ ଏଥିରେ ସନ୍ଦେହ ନାହିଁ । ନିଜ ପକ୍ଷ ସମର୍ଥନ କରିବାପାଇଁ ନୈତିକ ଯୁକ୍ତି ଦେଖାଉଥିବା ଲୋକ ଏଥିରେ ବିଚଳିତ ହୋଇଯାଏ, ତାହା ମଧ୍ୟରେ ସର୍ବୋତ୍କୃଷ୍ଟ ଭାବ ଜାଗ୍ରତ ହୁଏ ଏବଂ ଏହା ମିଳାମିଶାର ବାଟ ଉନ୍ମୁକ୍ତ କରେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରେମ ଓ ଅସହଯୋଗ ଦୃଷ୍ଟିରେ ନିବେଦନ ଫଳରେ ଶତ୍ରୁ ଏବଂ ଦର୍ଶକ ଉପରେ ଏକ ଶକ୍ତିଶାଳୀ ମାନସିକ ପ୍ରତିକ୍ରିୟା ହୁଏ । ଅଧିକାଂଶ

Digitized by srujanika@gmail.com

ଶିକାରୀ ଜାଣନ୍ତି ଯେ ବନ୍ୟ ପଶୁର ସନ୍ତ୍ରଶୀଳ ହେବା ଧରଣରେ ପାର୍ଥକ୍ୟ ରହିଛି । ସେ ଦୂରରୁ ସଂଗ୍ରାମଶୀଳ ଭାବ ବୋଧ କରିପାରେ ଏବଂ ଏହାର ପ୍ରତିକ୍ରିୟା କରେ । ଏପରି କି ମନୁଷ୍ୟର ଯେ ଭୟ ହୋଇଛି ଏହା ସେ ହୁଏତ ଠିକେ ବୁଝିପାରେ ନାହିଁ, କିନ୍ତୁ ପଶୁ କୌଣସି ପ୍ରକାରେ ଜାଣି-ପାରେ । ମଣିଷ ଭୟଭୀତ ହୋଇ ଆକ୍ରମଣ କରିବାକୁ ଭୟ ପାଏ । ମୁହୂର୍ତ୍ତ ପାଇଁ ଯଦି ସିଂହ ଶିକାରୀ ଭୟ ପାଏ,ତେବେ ତା ଉପରେ ସାଙ୍ଗେ ସାଙ୍ଗେ ଆକ୍ରମଣ ହେବାର ଆଶଙ୍କା ଥାଏ । କିନ୍ତୁ ଅପ୍ରତ୍ୟାଶିତ ଘଟଣା ନ ଘଟିଲେ ଅତ୍ୟନ୍ତ ନିର୍ଭୀକ ଲୋକ ପକ୍ଷରେ ହିଂସ୍ରଜନ୍ତୁର ଭୟ ପ୍ରାୟ ନ ଥାଏ । ତେଣୁ ଏହି ମାନସିକ ପ୍ରଭାବ ଯେ ମଣିଷ ଉପରେ ପଡ଼ିପାରେ ଏହା ସ୍ୱାଭାବିକ ବୋଲି ମନେହୁଏ । ମାତ୍ର ବ୍ୟକ୍ତିବିଶେଷକୁ ଏହା ସ୍ପର୍ଶ କରି-ପାରେ, କିନ୍ତୁ କୌଣସି ଶ୍ରେଣୀ କିମ୍ବା ଗୋଷ୍ଠୀକୁ ସ୍ପର୍ଶ କରେ କି ନା ସନ୍ଦେହ । ସେହି ଶ୍ରେଣୀ, ଶ୍ରେଣୀଗତ ଭାବରେ ଅନ୍ୟଦଳସହିତ ବ୍ୟକ୍ତିଗତ ଓ ଘନିଷ୍ଠ ସଂପର୍କରେ ଆସେ ନାହିଁ । ଏପରିକି ଯେଉଁ ସମାଜ ଏହା ପାଏ, ତାହା ଏକ ପଥର ଓ ବିକୃତ । ଯାହା ହେଉ ପଛକେ କୌଣସି ଦଳ ଏହାର ପ୍ରତିଷ୍ଠା ବିରୋଧରେ ଯାଉଛି ବୋଲି ଜାଣିଲେ ଏହା ବନ୍ଧୁକରେ କ୍ରୋଧଜନିତ ପ୍ରତିକ୍ରିୟା ଏପରି ହୁଏ ଯେ ଅନ୍ୟ ସମସ୍ତ କ୍ଷୁଦ୍ର ଭାବକୁ କୁଆଡ଼େ ଏହା ଗ୍ରାସ କରିପକାଏ । ଦୀର୍ଘକାଳରୁ ଏହାର ଶ୍ରେଷ୍ଠ ପରିସ୍ଥିତି ଓ ସୁବିଧା ସମାଜର ମଙ୍ଗଳ ନିମନ୍ତେ ଆବଶ୍ୟକ ବୋଲି ଧାରଣାର ବଶ-ବର୍ତ୍ତୀ ହୋଇଥିବାରୁ, ଏହାର ବିପରୀତ ମତ ପାପିଳ ଯୁକ୍ତିପରି ମନେ କରନ୍ତି । ଆଇନ ଓ ଶୃଙ୍ଖଳା ଏବଂ ପ୍ରଚଳିତ ବ୍ୟବସ୍ଥାର ଦୃଢ଼ୀକରଣ ହିଁ ପ୍ରଧାନ ଗୁଣ ହୋଇ ଉଠେ ଏବଂ ଏହା ବନ୍ଧୁକରେ ଧରିବାର ଉଦ୍ୟମ ହେଉଛି ପ୍ରଧାନ ପାପ ।

ସୁତରାଂ ବନ୍ଧୁକପନ୍ଥ ସମ୍ବନ୍ଧରେ ହୃଦୟ ପରିବର୍ତ୍ତନ କଥା ବେଶୀ ଦୂର ଯାଇ ପାରେ ନା । ବାସ୍ତବିକ ବେଳେ ବେଳେ ଶତ୍ରୁର ନରମ ପଣିଆ ଓ ନୀତିପ୍ରକୃତ ତାଙ୍କୁ ଅଧିକ କ୍ରୋଧାନ୍ୱିତ କରେ—କାରଣ ସେମାନଙ୍କୁ ଭୁଲରେ ପକାଇବା ନିମନ୍ତେ ଏହା କରାଯାଉଛି ସେ ମନେ କରନ୍ତି; ଏବଂ

Digitized by srujanika@gmail.com

ଜଣେ ଭୁଲ କରୁଛ ବୋଲି ନିଜ ଭିତରେ ସନ୍ଦେହ କରିବାକୁ ଆରମ୍ଭ-କରିବା ମାତ୍ରେ, ତାର ନୈତିକ କ୍ରୋଧ ଉଦ୍ରେକ ହୁଏ । ସେ ଯାହାହେଉ ମୁଁ ଦେଖେ ଅହିଂସା କୌଶଳ ଅନ୍ୟ ପକ୍ଷରେ କୌଣସି କୌଣସି ବ୍ୟକ୍ତି-ବିଶେଷଙ୍କୁ ସ୍ପର୍ଶ କରେ ଏବଂ ଏହି ପ୍ରକାରେ ବିରୋଧ ପକ୍ଷର ଶକ୍ତି ମଧ୍ୟ ଦୁର୍ବଳ-ନିର ପଡ଼ିଯାଏ । ଏପରିକି ଏହା ନିରପେକ୍ଷ (Neutral) ଙ୍କର ଅଧିକ ସହାନୁଭୂତି ପାଏ ଏବଂ ପୃଥିବୀର ଜନମତ ଉପରେ ପ୍ରଭାବ ବିସ୍ତାର କରିବାରେ ଏହା ଏକ ପ୍ରଭାବଶାଳୀ ଉପାୟ । ମାତ୍ର ଏଥିରେ ମଧ୍ୟ ଶାସକ-ଗୋଷ୍ଠୀଙ୍କର ସମ୍ବାଦ ବାହାରକୁ ପଠାଇବାରେ ବାଧାଦେବା କିମ୍ବା ବିକୃତି କରିବାର ସମ୍ଭାବନା ରହିଛି—କାରଣ ସେମାନେହିଁ ପ୍ରଚାର-ବାହିନୀ ସବୁ ନିୟନ୍ତ୍ରଣ କରନ୍ତି ଏବଂ ଏହିରୂପେ ପ୍ରକୃତ ଘଟଣା ଜଣାଇବାରେ ବାଧା ଦିଅନ୍ତି । ଯାହାହେଉ ଅହିଂସ ଉପାୟ ଯେଉଁ ଦେଶରେ କାର୍ଯ୍ୟକାରୀ ହୁଏ, ସେ ଦେଶର ଅନେକ ଅଧିକ ବହୁସଂଖ୍ୟକ ଉଦାସୀନ ଲୋକଙ୍କ ଉପରେ ଏହା ଗଭୀର ଓ ସୁଦୂର ପ୍ରସାରୀ ପ୍ରଭାବ ବିସ୍ତାର କରେ । ସେମାନେ ନିଶ୍ଚିତରୂପେ ଏଥିରେ ପ୍ରୀତିତ ହୋଇଯାଆନ୍ତି ଏବଂ ଅନେକ ସମୟରେ ଏହା ସପକ୍ଷରେ ଉତ୍ସାହୀ ହୋଇ ଉଠନ୍ତି; ତାପରେ ଆଉ ହୃଦୟ ପରିବର୍ତ୍ତନ ଦରକାର ପଡ଼େନା, କାରଣ ତାଙ୍କର ଉଦ୍ଦେଶ୍ୟପ୍ରତି ସାଧାରଣ ସମ୍ମତି ଦେଖାଯାଏ । ଯେଉଁମାନେ ପରିବର୍ତ୍ତନକୁ ଭୟ କରନ୍ତି, ସେମାନଙ୍କ ମଧ୍ୟରେ ପ୍ରଭାବ ସେତେ ସ୍ପଷ୍ଟ ନୁହେଁ । ଭାରତରେ ଅସହଯୋଗ ଓ ଆଇନ ଅମାନ୍ୟ ଆନ୍ଦୋଳନର ଉଦ୍ଭବ ପ୍ରସାରରେ ଅହିଂସ ଆନ୍ଦୋଳନ ବିପୁଳ ନିରପେକ୍ଷ ଲୋକସଂଖ୍ୟା ଉପରେ ଶକ୍ତିଶାଳୀ ପ୍ରଭାବ ପକାଇପାରେ ଏବଂ ସନ୍ଦେହୀର ହୃଦୟ ପରିବର୍ତ୍ତନ କରିପାରେ ତାହା ଦେଖାଇ ଦେଇଛି । ଯେଉଁମାନେ ମୂଳରୁ ଏହାର ବିରୋଧୀ ତାଙ୍କର ବିଶେଷ ପରିବର୍ତ୍ତନ ଦେଖାଯାଇ ନାହିଁ । ବାସ୍ତବରେ ଆନ୍ଦୋଳନର ସଫଳତାରେ ତାଙ୍କର ଭୟ ବୃଦ୍ଧି ପାଇଛି ଏବଂ ସେମାନେ ଅଧିକ ବିରୋଧୀ ହୋଇ ପଡ଼ିଛନ୍ତି ।

ଗୋଟିଏ ରାଷ୍ଟ୍ରର ସ୍ୱାଧୀନତା ରକ୍ଷା କରିବା ନିମନ୍ତେ ଯଦି ହିଂସାର ଉପକାରିତା ସ୍ୱୀକାର କରାଯାଏ, ତେବେ ସେହି ସ୍ୱାଧୀନତା ହାସଲ

Digitized by srujanika@gmail.com

କରିବା ନିମନ୍ତେ ହିଂସା ଓ ବଳପ୍ରୟୋଗ ପନ୍ଥା କାହିଁକି ଅବଲମ୍ବନ କରିବା ଠିକ୍ ହେବ ନାହିଁ ବୁଝିବା କଷ୍ଟକର । ହିଂସାମୂଳକ ପନ୍ଥା ଅବାଞ୍ଛନୀୟ ଓ ଅନୁପଯୋଗୀ ହୋଇପାରେ, ମାତ୍ର ଏହା ସମ୍ପୂର୍ଣ୍ଣରୂପେ ଅଯୌକ୍ତିକ ଓ ମନା କରି ଦିଆଯାଇ ପାରେ ନା । ଖାଲି କୌଣସି ସରକାର ସଶସ୍ତ୍ର ଶକ୍ତି ନିୟନ୍ତ୍ରଣ କରୁଥିବାରୁ କର୍ତ୍ତୃତ୍ୱ କରି ହିଂସା ପ୍ରୟୋଗ କରିବାର ଏହାର ଅଧିକାର ରହିଛି ବୋଲି ବୁଝାଯାଇ ପାରେ ନା । ଯଦି ଅହିଂସ ଆନ୍ଦୋଳନ ସଫଳ ହୋଇ ରାଷ୍ଟ୍ର ନିୟନ୍ତ୍ରଣ କରେ, ତେବେ କ'ଣ ପୂର୍ବରୁ ନ ଥିଲେ ସୁଦ୍ଧା ସଙ୍ଗେ ସଙ୍ଗେ ଏହାର ହିଂସା ପ୍ରୟୋଗ କରିବାର ଅଧିକାର ହୋଇ-ଯାଏ ? ଯଦି ଏହାର କର୍ତ୍ତୃତ୍ୱ ବିରୁଦ୍ଧରେ ଗୋଟାଏ ସଶସ୍ତ୍ର ବିଦ୍ରୋହ ହୁଏ, ତେବେ ଏହା କିପରି ତାର ସମ୍ମୁଖୀନ ହେବ ? ଏହା ହିଂସାମୂଳକ ପନ୍ଥା ଅବଲମ୍ବନ କରିବା ନିମନ୍ତେ ଅନିଚ୍ଛୁକ ହେବା ସ୍ୱାଭାବିକ, ଏବଂ ଏହି ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ପ୍ରତ୍ୟେକ ଶାନ୍ତିମୂଳକ ପନ୍ଥାର ଚେଷ୍ଟା କରିବ, ମାତ୍ର ଏହା ହିଂସା ବ୍ୟବହାର କରିବାର ଅଧିକାର ଛାଡ଼ି ପାରେ ନା । ଲୋକମାନଙ୍କ ଭିତରେ ଏହି ପରିବର୍ତ୍ତନ ବିରୁଦ୍ଧରେ ଅସନ୍ତୁଷ୍ଟ ଲୋକ ନିଶ୍ଚୟ ରହିବେ ଏବଂ ସେମାନେ ପୂର୍ବ ଅବସ୍ଥା ଫେରାଇବା ନିମନ୍ତେ ଚେଷ୍ଟା କରିବେ । ସେମାନେ ଯଦି ଭାବନ୍ତି ଯେ ନୂତନ ରାଷ୍ଟ୍ରର ଦମନ ଅସ୍ତ୍ର ତାଙ୍କ ହିଂସାକୁ ଅଯୁକ୍ତ କରିବା ନିମନ୍ତେ ପ୍ରୟୋଗ କରା ନ ଯିବ, ତେବେ ସେମାନେ ଅଧିକ ଭାବରେ ଏଥିରେ ଲାଗିବାର ସମ୍ଭାବନା ରହିଛି । ସୁତରାଂ ମନେହୁଏ ହିଂସା ଓ ଅହିଂସା, ବଳପ୍ରୟୋଗ ଓ ହୃଦୟ ପରିବର୍ତ୍ତନ ଏହା ଭିତରେ ଗୋଟାଏ ସିଧା ସଳଖ ସୀମାରେଖା ଟାଣିବା ସମ୍ପୂର୍ଣ୍ଣ ଅସମ୍ଭବ । ରାଜନୈତିକ ପରିବର୍ତ୍ତନ କଥା ଆଲୋଚନା କଲେ ଏହି ଅସୁବିଧା ବାସ୍ତବ, ମନେ ହୁଏ ଏବଂ ସୁବିଧାଭୋଗୀ ଓ ଶୋଷିତ ଶ୍ରେଣୀଙ୍କ ମଧ୍ୟରେ ଆହୁରି ଅଧିକ ଖରାପ ହୁଏ ।

କୌଣସି ଆଦର୍ଶ ସକାଶେ ଉଚ୍ଚ ଅଥବା ସର୍ବଦା ପ୍ରଶଂସନୀୟ; ବଶ୍ୟତା ସ୍ୱୀକାର ନ କରି କିମ୍ବା ପ୍ରତିଘାତ ନ କରି କୌଣସି ଉଦ୍ଦେଶ୍ୟ ସକାଶେ କଷ୍ଟ ବରଣ କରିବାର ଏକ ମହତ୍ତ୍ୱ ଓ ଗରିମା ଅଛି—ଏହା

Digitized by srujanika@gmail.com

ନିକଟରେ ବାଧ୍ୟ ହୋଇ ମସ୍ତକ ଅବନତ କରିବାକୁ ପଡ଼େ । ତଥାପି କେବଳ କଷ୍ଟ ଭୋଗିବା ଉଦ୍ଦେଶ୍ୟରେ କଷ୍ଟ ଭୋଗିବା ଓ ଏହା ମଧ୍ୟରେ ସୂକ୍ଷ୍ମ ବ୍ୟବଧାନ ଏବଂ ଏହି ଶ୍ରେଣୀର ଆତ୍ମନିଗ୍ରହ ବିଷାଦଜନକ ହେବାର ସମ୍ଭାବନା ଏବଂ ଏପରିକି ନୈତିକ ଅଧୋଗତି ହୋଇପାରେ । ହିଂସା ଯଦି ପ୍ରାକୃତିକ ନିଷ୍ଠୁରତା ହୁଏ, ତେବେ ଅହିଂସା ଏବଂ ନିଷ୍କ୍ରିୟ ଭାବରେ ଅନ୍ତତଃ ବିପରୀତ ଦିଗରେ କ୍ରିୟା କରିବାର ସମ୍ଭାବନା ରହିଛି । ଅହିଂସା, ଭୀରୁତା ଓ ନିଷ୍କ୍ରିୟତାର ଆବରଣ ସ୍ୱରୂପ ଏବଂ ପ୍ରଚଳିତ ବ୍ୟବସ୍ଥା ଜାରି ରଖିବାର ଗୋଟାଏ ସମ୍ଭାବନା ସର୍ବଦା ରହିଛି ।

ଭାରତରେ ଗତ କେତେବର୍ଷ ହେଲା ଆମୂଳ ସାମାଜିକ ପରିବର୍ତ୍ତନ ଭାବ ପ୍ରାଧାନ୍ୟଲାଭ କରିଅଛନ୍ତି ବରାବର କୁହାଯାଏ ଯେ ଏପରି ପରିବର୍ତ୍ତନ ନିମନ୍ତେ ହିଂସାର ଆବଶ୍ୟକତା ଅଛି ଏବଂ ତାହା କରାଯାଇ ପାରିବ ନାହିଁ । ଶ୍ରେଣୀ-ସଂଘର୍ଷ କଥା ଉଲ୍ଲେଖ କରାଯିବା ଉଚିତ ନୁହେଁ (ତାହା ଯେତେ ଥାଉ ପଛକେ), କାରଣ ଭବିଷ୍ୟତରେ ଲକ୍ଷ ଯାହା ହେଉ ପଛକେ ଏହା ସମ୍ପୂର୍ଣ୍ଣ ସହଯୋଗ ଓ ଅହିଂସ ପ୍ରଗତି ପଥରେ ବାଧା ହୁଏ । ଏହା ସମ୍ପୂର୍ଣ୍ଣ ସମ୍ଭବ ଯେ କୌଣସି ଏକ ଅବସ୍ଥାରେ ହିଂସା ପ୍ରୟୋଗ ବିନା ଆମର ସାମାଜିକ ସମସ୍ୟା ସମାଧାନ ହୋଇ ପାରିବ ନାହିଁ, କାରଣ ଏହା ନିଶ୍ଚିତ ରୂପେ ଜଣା ପଡ଼ୁଛି ଯେ ସୁବିଧାଭୋଗୀ ଶ୍ରେଣୀ ନିଜର ଅବସ୍ଥା କାଏମ ରଖିବା ନିମନ୍ତେ ହିଂସା ପ୍ରୟୋଗ କରିବାରେ ବିରତ ହେବେ ନାହିଁ । ମାତ୍ର ମତ ହିସାବରେ ଦେଖିଲେ ଯଦି ଅହିଂସ କୌଶଳଦ୍ୱାରା ବିରାଟ ରାଜନୈତିକ ପରିବର୍ତ୍ତନ ଘଟିବା ସମ୍ଭବ ହୁଏ, ତେବେ ଏହି ପନ୍ଥାରେ ଗୋଟିଏ ଆମୂଳ ସାମାଜିକ ପରିବର୍ତ୍ତନ ଆଣିବା କାହିଁକି ସମ୍ଭବ ନ ହେବ ? ଆମେ ଯଦି ଅହିଂସା ସାହାଯ୍ୟରେ ରାଜନୈତିକ ସ୍ୱାଧୀନତା ପାଇପାରୁ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ଲୋପ କରିପାରୁ, ତେବେ ସାମନ୍ତ ରାଜା, ଜମିଦାର ଏବଂ ଅନ୍ୟ ସାମାଜିକ ପ୍ରଶ୍ନସବୁ ଆମେ ସେହି ପ୍ରକାରେ ସମାଧାନ କରି ପାରିବା ନାହିଁ କାହିଁକି ? ସେହି ଉପାୟରେ ସାମ୍ୟବାଦୀ ରାଷ୍ଟ୍ର ପ୍ରତିଷ୍ଠା ବା ନ ହେବ କାହିଁକି ? ଏହା ଅହିଂସା ସାହାଯ୍ୟରେ ହୋଇ ପାରିବ

Digitized by srujanika@gmail.com

କି ନାହିଁ ସେ ପ୍ରଶ୍ନ ଉଠୁନାହିଁ । କଥା ହେଉଛି ହୁଏତ ଏହି ଦୁଇଟିଯାକ ଉଦ୍ଦେଶ୍ୟ ଅହିଂସା ସାହାଯ୍ୟରେ ହାସଲ କରିବା ସମ୍ଭବ ହେବ ନଚେତ୍ ନାହିଁ । ଅବଶ୍ୟ ଏକଥା ବୁଝାଯାଇ ପାରିବ ନାହିଁ କେବଳ ଗୋଟିଏ ବିଦେଶୀ ଶାସକଙ୍କ ବିରୁଦ୍ଧରେ ଅହିଂସା ଉପାୟ ଅବଲମ୍ବନ କରାଯାଇ-ପାରେ । ଦେଖିବାକୁ ଗଲେ ଏହା ନିଜ ଦେଶରେ ନିଜର ଦେଶୀୟ ସ୍ୱାର୍ଥପରତା ଓ ରକ୍ଷଣବାଦୀଙ୍କ ବିରୁଦ୍ଧରେ ପ୍ରୟୋଗ କରିବା ସହଜ, କାରଣ ଅନ୍ୟ ସ୍ଥାନ ଅପେକ୍ଷା ସେମାନଙ୍କଠାରେ ଏହାର ମାନସିକ ପ୍ରଭାବ ଅଧିକ ହେବ ।

ଆଜିକାଲି ଭାରତରେ ଉଦ୍ଦେଶ୍ୟ ଓ କର୍ମପନ୍ଥା ସବୁ କେବଳ ଅହିଂସା ବିରୋଧୀ ହୋଇଥିବାରୁ ତାହା ନିନ୍ଦା କରିବାର ଗୋଟିଏ ପ୍ରବୃତ୍ତି ଦେଖା-ଯାଉଛି; ମୋ ମତରେ ଏହାଦ୍ୱାରା ସମସ୍ୟାକୁ ଠିକ୍ ଦୃଷ୍ଟିରୁ ନ ଦେଖି ତାର ବିପରୀତ ଦିଗରୁ ଦେଖାଯାଉଛି । ଆମେ ୧୫ବର୍ଷ ତଳେ ଅହିଂସ ପନ୍ଥା ଗ୍ରହଣ କରିଥିଲୁ, କାରଣ ଏକ ବାଞ୍ଛନୀୟ ଓ କାର୍ଯ୍ୟକାରୀ ଭାବରେ ଏହା ଆମର ଲକ୍ଷ୍ୟସ୍ଥଳକୁ ନେଇଯିବ ବୋଲି ଆମେ ବୁଝି ପାରିଥିଲୁ । ସେତେ-ବେଳେ ଲକ୍ଷ୍ୟ ଅହିଂସାଠାରୁ ସ୍ୱତନ୍ତ୍ର ଥିଲା; ଏହା ଏହାର ଶାଖା ନ ଥିଲା କିମ୍ବା ଏଥିରୁ ଜାତ ହୋଇ ନ ଥିଲା । ସେତେବେଳେ କେହି କହି ନ ଥିଲେ ଯେ କେବଳ ଅହିଂସ ଉପାୟରେ ଯଦି ହାସଲ ହୋଇପାରିବ ତେବେ ଆମେ ସ୍ୱାଧୀନତାପାଇଁ ଲଢ଼ିବୁ । ମାତ୍ର ଆଜି ଆମର ଲକ୍ଷ୍ୟ ଅହିଂସା ଦୃଷ୍ଟିରେ ବିଚାର କରାଯାଉଛି ଏବଂ ଏହା ସହିତ ଖାପ ନଖାଇଲେ ଏହାକୁ ନାମଞ୍ଜୁର କରାଯିବ । ଏହିପରି ଭାବରେ ଅହିଂସା ଗୋଟାଏ ଅପରିବର୍ତ୍ତନୀୟ ଯୁକ୍ତିହୀନ ମତବାଦରେ ପରିଣତ ହୋଇଛି—ଏହା ବିରୁଦ୍ଧରେ କେହି କହିପାରିବେ ନାହିଁ । ସେହିହେତୁ ଏହାର ଉପାଦେୟତା ପ୍ରତି ଆଧ୍ୟାତ୍ମିକ ପ୍ରେରଣା ଏହା ହରାଇଛି ଏବଂ କେବଳ ବିଶ୍ୱାସ ଓ ଧର୍ମର ଗହ୍ୱରରେ ରହିଯାଉଛି । ଏପରିକି ଏହା ନ୍ୟସ୍ତସ୍ୱାର୍ଥଙ୍କର ପ୍ରଧାନ ଅବଲମ୍ବନ ଅନେକ ସମୟରେ ହୋଇଯାଉଛି — ସେମାନେ ପ୍ରଚଳିତ ବ୍ୟବସ୍ଥାକୁ ଜାରି ରଖିବା ନିମନ୍ତେ ଏହାର ସୁବିଧା ଉଠାନ୍ତି ।

Digitized by srujanika@gmail.com

ଏହା ଦୁର୍ଭାଗ୍ୟ କଥା, କାରଣ ମୁଁ ବିଶ୍ୱାସ କରେ ଯେ ଅହିଂସ ପ୍ରତିରୋଧ ଭାବ ଏବଂ ସଂଗ୍ରାମପାଇଁ ଅହିଂସ କୌଶଳ ଭାରତ ତଥା ସମଗ୍ର ଜଗତ ପକ୍ଷରେ ଅତ୍ୟନ୍ତ ମୂଲ୍ୟବାନ୍ ସମ୍ପଦ ଏବଂ ଗାନ୍ଧିଜୀ ଆଧୁନିକ ଜଗତରେ ଏହି ଚିନ୍ତାଧାରା ପ୍ରବେଶ କରାଇ ଏକ ଅତୁଳ ସେବା କରିଛନ୍ତି । ମୁଁ ବିଶ୍ୱାସ କରେ ଯେ ଏହାର ବିରାଟ ଭବିଷ୍ୟତ ରହିଛି । ହୋଇ ପାରେ ମାନବ ସମାଜ ହୁଏତ ଏହାକୁ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିବା ନିମନ୍ତେ ଯଥେଷ୍ଟ ଭାବରେ ଉନ୍ନତ କରି ନାହିଁ । ଏ, ଇ, ଙ୍କ ରଚିତ 'ଇଣ୍ଟର ପ୍ରିଟରସ୍' ଏକ ଚରିତ୍ରରେ ବର୍ଣ୍ଣନା ଅଛି 'ତମେ ତମର ଆଲୋକ ଅନ୍ଧାର ଦୃଷ୍ଟିପଥରେ ରଖ, ମାତ୍ର ଅନ୍ଧ ଏହାର କି ବ୍ୟବହାର କରିପାରିବ, କେବଳ ଗୋଟାଏ ଗଦା ପରି ତାକୁ ମନେ ହେବ ।' ବର୍ତ୍ତମାନପାଇଁ ହୁଏତ ଏହି ଲକ୍ଷ୍ୟ ଯଥେଷ୍ଟ ଭାବରେ ହାସଲ ହୋଇ ନ ପାରେ, ମାତ୍ର ସମସ୍ତ ମହତ୍ ଭାବ ପରି ଏହା ବୃଦ୍ଧି ପାଇବ ଏବଂ ଏହା ଆମ କାର୍ଯ୍ୟରେ ଅଧିକରୁ ଅଧିକ ପ୍ରଭାବ ବିସ୍ତାର କରିବ । ଅସହଯୋଗ, ଅର୍ଥାତ୍ ଅନ୍ୟାୟ ବୋଲି ବିଚାର କରୁଥିବା ଏକ ରାଷ୍ଟ୍ର ବା ସମାଜକୁ ସହଯୋଗ ପ୍ରତ୍ୟାହାର କରିବା ହେଉଛି ଏକ ଶକ୍ତିଶାଳୀ ଓ କ୍ରିୟାତ୍ମକ ଭାବ । ଯଦି କେତେକ ମୁଷ୍ଟିମେୟ ଧାର୍ମିକ ଲୋକ ଏହା ବ୍ୟବହାର କରନ୍ତି, ତେବେ ଏହା ପ୍ରଭାବ ବିସ୍ତାର କରେ ଏବଂ ବୃଦ୍ଧି ପାଏ । ଅନେକ ସଂଖ୍ୟକ ଲୋକଙ୍କ ଉପରେ ବାହାର ପ୍ରଭାବ ଅଧିକ ପରିଲକ୍ଷିତ ହୁଏ, ମାତ୍ର ସମସ୍ୟାକୁ ଅନ୍ୟ ଘଟଣାରେ ଏହାର ନୈତିକ ସମସ୍ୟାକୁ ଆଚ୍ଛନ୍ନ କରିବାର ଗୋଟାଏ ପ୍ରବୃତ୍ତି ରହିଛି । ଏହାର ବହୁତ ଗମ୍ଭୀରତାକୁ ପୂର୍ଣ୍ଣ କଲା ପରି ମନେହୁଏ । ସାମୂହିକ ମାନବ ସମାଜ କ୍ରମେ ବ୍ୟକ୍ତିବିଶେଷଙ୍କ ପଛକୁ ଠେଲି ।

ଯାହାହେଉ ବିଶୁଦ୍ଧ ଅହିଂସା ନୀତିରେ ଜୋର ଦେବାଟା ଏହାକୁ ଗୋଟାଏ ପ୍ରକାର ସୁଦୂର କଥା ଏବଂ ଜୀବନରୁ ଅଲଗା କରିଦିଏ ଏବଂ ଲୋକଙ୍କ ଭିତରେ ଗୋଟାଏ ପ୍ରବୃତ୍ତି କରିଛି ଯେ ହୁଏତ ଏହାକୁ ଧାର୍ମିକ ଓ ଅନ୍ଧ ଭାବରେ ଗ୍ରହଣ କରିବ ନଚେତ୍ ଆଦୌ ହେବ ନାହିଁ । ଏଥିରେ ବୁଦ୍ଧି ପ୍ରୟୋଗ କଥା ପଛକୁ ପଡ଼ି ଯାଇଛି । ୧୯୨୦ରେ ଭାରତର ଆତଙ୍କ-

Digitized by srujanika@gmail.com

ବାମୀଙ୍କ ଉପରେ ଏହା ଖୁବ୍ ପ୍ରଭାବ ପକାଇଥିଲା ଏବଂ ଅନେକଙ୍କୁ ସେ ପଥରୁ ହଟାଇ ଆଣିଥିଲା ଏବଂ ଯେଉଁମାନେ ବା ସେଥିରେ ଥିଲେ ସେମାନେ ସନ୍ଦେହରେ ପଡ଼ିଲେ ଓ ହିଂସାକାର୍ଯ୍ୟ ବନ୍ଦ କରିଥିଲେ । ଏବେ ସେମାନଙ୍କ ଉପରେ ଏହାର ସେପରି କିଛି ପ୍ରଭାବ ନାହିଁ । ଏପରିକି କଂଗ୍ରେସ ଭିତରେ ମଧ୍ୟ ଅନେକ ବିଶିଷ୍ଟ ବ୍ୟକ୍ତି ଯେଉଁମାନେ ଅସହଯୋଗ ଓ ଆଇନ ଅମାନ୍ୟ ଆନ୍ଦୋଳନରେ ଉଲ୍ଲେଖଯୋଗ୍ୟ ଭାବରେ କାର୍ଯ୍ୟ କରିଥିଲେ ଏବଂ ଅହିଂସାର ସମସ୍ତ ତାତ୍ପର୍ଯ୍ୟ ଗ୍ରହଣ କରି ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲେ, ସେମାନଙ୍କୁ ସନ୍ଦେହୀ ବୋଲି ବିଚାର କରାଯାଉଛି—ସେମାନଙ୍କର କଂଗ୍ରେସ ଲୋକ ଭାବରେ ଆଉ ରହିବାର ଅଧିକାର ନାହିଁ, କାରଣ ସେମାନେ ଅହିଂସାକୁ ଏକ ମତ ବା ଧର୍ମ ହିସାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି କିମ୍ବା ଯେଉଁ ଲକ୍ଷ୍ୟକୁ କେବଳ ମୂଲ୍ୟବାନ ବୋଲି ବିଚାର କରନ୍ତି, ତାହା ଛାଡ଼ିବା ନିମନ୍ତେ ପ୍ରସ୍ତୁତ ନୁହଁନ୍ତି—ସେ ଲକ୍ଷ୍ୟ ହେଉଛି—ଏକ ସାମ୍ୟବାଦୀ ରାଷ୍ଟ୍ରର ପ୍ରତିଷ୍ଠା—ସେଥିରେ ସମସ୍ତଙ୍କପାଇଁ ସମାନ ନ୍ୟାଯ୍ୟ ସୁବିଧା ରହିବ—ଆଜି ଯେଉଁ ବ୍ୟକ୍ତିଗତ ସମ୍ପତ୍ତି ଉପରେ ଅଧିକାର ଓ ଅନ୍ୟାନ୍ୟ ସୁବିଧା ରହିଛି ତାହା ଲୋପ ହେଲେ ହିଁ ଗୋଟିଏ ଯୋଜନାମୂଳକ ସମାଜ ସ୍ଥାପିତ ହୋଇପାରେ । ଅବଶ୍ୟ ଗାନ୍ଧିଜୀ ଏକ ଜୀବନ୍ତ ଶକ୍ତିରୂପେ ରହିଛନ୍ତି—ତାଙ୍କ ଅହିଂସା ଏକ କ୍ରିୟାତ୍ମକ ଓ ଆକ୍ରମଣଶୀଳ ଉପାୟ ଏବଂ ସେ କେତେବେଳେ ଦେଶକୁ ପୁଣି ଏକ ଅଗ୍ରଗାମୀ ଆନ୍ଦୋଳନରେ ପକାଇବେ କେହି କହିପାରିବେ ନାହିଁ । ତାଙ୍କର ସମସ୍ତ ମହତ୍ତ୍ୱ, ସ୍ୱଚରେଧୂତା ଏବଂ ଜନସାଧାରଣଙ୍କୁ ଗତିଶୀଳ କରିବା ଶକ୍ତି ହେତୁ ସେ ସାଧାରଣ ମାପ କାଠିର ଉପରେ । ଆମେ ଅନ୍ୟକୁ ଯେପରି ବିଚାର କରିବା ବା ମାପ କରିବା ତାଙ୍କୁ ସେପରି କରିପାରିବା ନାହିଁ । ମାତ୍ର ତାଙ୍କୁ ଅନୁସରଣ କରୁଛନ୍ତି ବୋଲି ଦାବୀ କରୁଥିବା ଲୋକଙ୍କ ଭିତରୁ ଅନେକ ଏକାମୀ ଶାନ୍ତିବାଦୀ କିମ୍ବା ଟଲଷ୍ଟୟଙ୍କ ଧରଣର ଅପ୍ରତିରୋଧୀ କିମ୍ବା ଗୋଟିଏ ଧର୍ମୀୟ ସମ୍ପ୍ରଦାୟର ସଭ୍ୟରୂପେ ରହନ୍ତି; ଜୀବନ ଏବଂ ବାସ୍ତବତା ସହିତ କୌଣସି ସମ୍ପର୍କ ନ ଥାଏ । ବର୍ତ୍ତମାନ

Digitized by srujanika@gmail.com

ବ୍ୟବସ୍ଥାକୁ ଜାରି ରଖିବାରେ ଅଗ୍ରହୀ କେତେକ ଲୋକ ତାଙ୍କ ପାଖରେ ଭୁଣ୍ଡ ହୁଅନ୍ତି ଏବଂ ଏହି ଉଦ୍ଦେଶ୍ୟ ଲାଗି ସେମାନେ ହିଂସାର ଆଶ୍ରୟ ନିଅନ୍ତି । ଏହିରୂପେ ସୁବିଧାବାଦ ପ୍ରବେଶ କରେ ଏବଂ ଅହିଂସା ସ୍ୱାର୍ଥବୁଦ୍ଧିଙ୍କୁ ଶତ୍ରୁଙ୍କୁ ଆପଣାର କରିବାର ଚେଷ୍ଟା କରୁ କରୁ ନିଜର ପରିବର୍ତ୍ତନ ହୋଇ ଶେଷ ସହିତ ସମାନ ହୋଇଯାଏ । ଉତ୍ସାହ ମଉଳି ଗଲେ ଓ ଆମେ ଦୁର୍ବଳ ହୋଇଗଲେ, ସର୍ବଦା ଶତ୍ରୁକୁ ପିବାର, ମିଳାମିଶା କରିବାର ଗୋଟିଏ ପ୍ରବୃତ୍ତି ଦେଖାଯାଏ ଏବଂ ଶତ୍ରୁକୁ ଆପଣାର କରିବା ଏହା କୌଶଳ ବୋଲି କହି ସ୍ୱାଚ୍ଛନ୍ଦ୍ୟ ଭାବ ଅନୁଭବ କରାଯାଏ । ସମୟ ସମୟରେ ଆମେ ଆମର ପୁରାତନ ସହକର୍ମୀଙ୍କୁ ଛାଡ଼ିଦେଇ ନୂଆ ଏହି ଲାଭ ଉଠାଉ ସେମାନଙ୍କର ବଡ଼ ବଡ଼ କଥାର ଆମେ ନିନ୍ଦା କରୁ । ସେମାନଙ୍କ ଘୋଷଣାରେ ନୂତନ ବନ୍ଧୁମାନେ ବିରକ୍ତ ହୁଅନ୍ତି ଏବଂ ଆମର ଏକତା ଭାଙ୍ଗୁଛନ୍ତି ବୋଲି ତାଙ୍କ ଉପରେ ଅଭିଯୋଗ କରାଯାଏ । ସମାଜିକ ବ୍ୟବସ୍ଥାର ଗୋଟିଏ ପ୍ରକୃତ ପରିବର୍ତ୍ତନ କରିବା ପରିବର୍ତ୍ତିରେ ପ୍ରଚଳିତ ପ୍ରଥା ଭିତରେ ଉଦାରତା ଓ ଦୟାଭାବ ଦେଖାଇବା ଉପରେ ଜୋର ଦିଆଯାଏ—ନ୍ୟସ୍ତସ୍ୱାର୍ଥ ଯଥାସ୍ଥାନରେ ରହିଥାଏ ।

ମୁଁ ଉପଲବ୍ଧି କରିଛି ଯେ ପନ୍ଥାର ଗୁରୁତ୍ୱ ଉପରେ ଜୋର ଦେଇ ଗାନ୍ଧିଜୀ ଆମ୍ଭମାନଙ୍କର ଏକ ମହତ ସେବା କରିଛନ୍ତି । ତଥାପି ମୁଁ ନିଶ୍ଚିତ-ରୂପେ ବୋଧ କରେ ଯେ ସମାପ୍ତି ଏବଂ ଲକ୍ଷ୍ୟ ଉପରେ ବେଶୀ ଜୋର ଦେବା ଦରକାର । ଆମେ ଯଦି ପରିଷ୍କାର ହିସାବରେ ତାହା କଳ୍ପନା ନ କରିପାରୁ, ତେବେ ଆମେ କେବଳ ଲକ୍ଷ୍ୟହୀନ ପରିବ୍ରାଜକ ହେବା । ଆଉ କିଛି ହେବୁ ନାହିଁ, ଅତ୍ୟନ୍ତ ଅଗୁରୁତର ଛୋଟ ସମସ୍ୟାରେ ଆମେ ବୃଥା ଶକ୍ତି ବ୍ୟୟ କରିବୁ । ମାତ୍ର ନୈତିକ ପନ୍ଥାକୁ ସଂପୂର୍ଣ୍ଣରୂପେ ବାଦ ଦେଇ ସୁଦ୍ଧା ପନ୍ଥାଟାକୁ ଅବହେଳା କରାଯାଇ ପାରିବ ନାହିଁ—ଏହାର ଗୋଟିଏ କାର୍ଯ୍ୟକାରୀ ଅଂଶ ରହିଛି । ଖରାପ ଏବଂ ନୀତିହୀନ ପନ୍ଥା ଅନେକ ସମୟରେ ସମ୍ମୁଖରେ ଥିବା ଲକ୍ଷ୍ୟକୁ ପଛରେ ପକାଇ ଦିଏ କିମ୍ବା ଅନେକ ନୂତନ

Digitized by srujanika@gmail.com

ସମସ୍ୟା ଉପୁଜାଏ । ଯାହା ହେଉ କୌଣସି ଲୋକ ଯେଉଁ ଲକ୍ଷ୍ୟ ଘୋଷଣା କରେ ସେଥିରୁ ନୁହେଁ, ସେ ଯେଉଁ ପନ୍ଥା ଗ୍ରହଣ କରେ ସେଥିରୁହିଁ ତାକୁ ଠିକ ରୂପେ ବିଚାର କରିପାରିପାରେ । ଯେଉଁ ଉପାୟ ଅବଲମ୍ବନ କଲେ ଅନାବଶ୍ୟକ ସଂଘର୍ଷ ଏବଂ ଘୃଣା ବୃଦ୍ଧି ପାଇବ, ସେ ଉପାୟରେ ଲକ୍ଷ୍ୟ ହାସଲ କରିବା ଅଧିକ କଷ୍ଟକର ଓ ସୁଦୂର ହେବା ସମ୍ଭବପର । ବାସ୍ତବିକ ଉପାୟ ଓ ଉଦ୍ଦେଶ୍ୟ ଏପରି ଘନିଷ୍ଠ ଭାବରେ ଜଡ଼ିତ ଯେ ଏହାକୁ ପୃଥକ କରିଯାଇ ପାରେ ନା । ପ୍ରକୃତ ପକ୍ଷେ ଉପାୟ ବା ପନ୍ଥା ଏପରି ହେବା ଉଚିତ ଯାହା ବିବାଦ ଓ ଘୃଣା କମାଇଦେବ କିମ୍ବା ଅନ୍ତତଃ ସେଗୁଡ଼ିକୁ ଯେତେଦୂର ସମ୍ଭବ ସୀମାବଦ୍ଧ କରିଦେବ (କାରଣ ଏହା ହେବା ଅନିବାର୍ଯ୍ୟ ମନେହୁଏ) ଏବଂ ସଦିଚ୍ଛା-ଜାଗ୍ରତ କରିବ । ଏହା କୌଣସି ନିର୍ଦ୍ଦିଷ୍ଟ ପନ୍ଥା ନ ହୋଇ ଏକ ମତଲବ, ଇଚ୍ଛା ବା ମନୋଭାବର ପ୍ରଶ୍ନ ହୋଇପଡ଼େ । ଏହି ମୂଳ ମତଲବ ଉପରେ ଗାନ୍ଧିଜୀ ଜୋର ଦେଇଛନ୍ତି ଏବଂ ସେ ମାନବର ପ୍ରକୃତିକୁ ସନ୍ତୋଷଜନକ ପରିମାଣରେ ପରିବର୍ତ୍ତନ କରିପାରି ନଥିଲେ ସୁଦ୍ଧା କୋଟି କୋଟି ଲୋକ ସଂପୃକ୍ତ ଥିବା ଏକ ବିରାଟ ଜାତୀୟ ଆନ୍ଦୋଳନ ଭିତରେ ଏହି ଭାବ ସେ ଆଶ୍ଚର୍ଯ୍ୟଜନକ ଭାବରେ ଉଦ୍ରେକ କରି ଦେଇଛନ୍ତି । କଠିନ ନୈତିକ ଶୃଙ୍ଖଳା ଉପରେ ତାଙ୍କର ଜୋର ଦେବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ ଥିଲା; ଅବଶ୍ୟ ଏହି ବ୍ୟକ୍ତିଗତ ଶୃଙ୍ଖଳାପାଇଁ ସେ ଯେଉଁ ମାପକାଠି ରଖିଛନ୍ତି ତାହା ଆଲୋଚ୍ୟ ବିଷୟ ହୋଇପାରେ । ସେ ନିଜର ପାପ ଓ ଦୁର୍ବଳତା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି ଏବଂ ସାମାଜିକ ପାପ ଉପରେ ଅତ୍ୟନ୍ତ ଅଳ୍ପ ଦୃଷ୍ଟି ଦିଅନ୍ତି । ଏହି ଶୃଙ୍ଖଳାର ଆବଶ୍ୟକତା ସ୍ପଷ୍ଟ ଜଣା ପଡ଼ୁଛି, କାରଣ ଅନିଶ୍ଚୟତା ଭିଡ଼ ସୁବିଧାବାଦୀ ଶ୍ରେଣୀଙ୍କ ସହିତ ଯୋଗଦେଇ କ୍ଷମତା ପାଇବାର ପ୍ରବୃତ୍ତି ହେତୁ ଅନେକ କଂଗ୍ରେସ ଲୋକ ଏହା ଭୁଲି ଯାଉଛନ୍ତି । କୌଣସି ନାମଜାଦା କଂଗ୍ରେସ ଲୋକପାଇଁ ଏହି ଅନୁଗ୍ରହ ଦ୍ୱାର ସର୍ବଦା ଖୋଲା ରହିଛି

ଆଜି ସମଗ୍ର ଜଗତ ବିଭିନ୍ନ ସଙ୍କଟରେ ପଡ଼ିଛି, ମାତ୍ର ଭାରତର ସଙ୍କଟହିଁ ଏଥିଭିତରେ ପ୍ରଧାନ । ପ୍ରାଚ୍ୟରେ ଏହା ବିଶେଷ ଭାବରେ ହୋଇଛି,

Digitized by srujanika@gmail.com

କାରଣ ଏସିଆରେ ଅଧୁନା ପରିବର୍ତ୍ତନ ଅନ୍ୟ ସ୍ଥାନ ଅପେକ୍ଷା ଅତ୍ୟନ୍ତ ଦ୍ରୁତଗତିରେ ହୋଇ ପାରୁଛି ଏବଂ ସାମଞ୍ଜସ୍ୟ ରଖିବା ଯାହା ମଧ୍ୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଯେଉଁ ରାଜନୈତିକ ସମସ୍ୟା ପରିସ୍ଥିତିରେ ପ୍ରାଧାନ୍ୟ ଲାଭକରି ବୋଧ ହେଉଛି ତାହା ବୋଧହୁଏ ସବୁଠାରୁ କମ୍ ଗୁରୁତର, ଅବଶ୍ୟ ଏହା ଆମ ପକ୍ଷରେ ପ୍ରଥମ ସମସ୍ୟା ଏବଂ ପ୍ରକୃତ ପ୍ରଶ୍ନ ସବୁରେ ହାତ ଦେବା ପୂର୍ବରୁ ଏହାକୁ ସନ୍ତୋଷଜନକ ଭାବରେ ସମାଧାନ କରିବା ଦରକାର । ଯୁଗ ଯୁଗ ଧରି ଆମେ ଗୋଟାଏ ଅପରିବର୍ତ୍ତିତ ମୂଳ-ସାମାଜିକ ବ୍ୟବସ୍ଥାରେ ଚାଲି ଆସିଛେ ଏବଂ ଏବେ ସୁଦ୍ଧା ଆମ ଭିତରୁ ଅନେକ ବିଶ୍ୱାସ କରନ୍ତି ଯେ ଏହା ସମାଜର ଏକମାତ୍ର ସମ୍ଭବପର ଓ ଉପଯୁକ୍ତ ଭିତ୍ତି ଏବଂ ଆମର ନୈତିକ ଧାରଣା ସବୁ ଏଥି ସହିତ ଯୋଗ କରନ୍ତି । ମାତ୍ର ଅତୀତକୁ ବର୍ତ୍ତମାନ ସହିତ ଖାପ ଖୁଆଇବାର ଚେଷ୍ଟା ବ୍ୟର୍ଥ ହୁଏ—ଏହା ହେବାର କଥା । ଆମେରିକାର ଅର୍ଥନୈତିକ ଭେବଲେନ୍ ଲେଖିଛନ୍ତି—"ଶେଷରେ ଅର୍ଥନୈତିକ ନୈତିକତା ଅର୍ଥନୈତିକ ଆବଶ୍ୟକତା ଉପରେ ନିର୍ଭର କରେ ।" ବର୍ତ୍ତମାନର ଆବଶ୍ୟକତା ହେତୁ ସେହି ଅନୁସାରେ ଏକ ନୂତନ ନୈତିକତା ତିଆରି କରିବା ପାଇଁ ଆମକୁ ବାଧ୍ୟ କରିବ । ଭାବରାଜ୍ୟର ଏହି ସଙ୍କଟରୁ ଯଦି ଆମକୁ ପଥ ବାହାର କରିବାକୁ ହେବ ଏବଂ ପ୍ରକୃତ ଆଧ୍ୟାତ୍ମିକ ଗୁଣ କ'ଣ ତାହା ଯଦି ବୁଝିବାକୁ ହେବ, ତେବେ ଆମକୁ ସାହସ ଓ ଖୋଲାଖୋଲି ଭାବରେ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବା ଦରକାର—କୌଣସି ଧର୍ମର ଯୁକ୍ତିହୀନ ମତବାଦରେ ଆଶ୍ରୟ ନେଲେ ଚଳିବ ନାହିଁ । ଧର୍ମ ଯାହା କହେ ତାହା ଭୁଲ ବା ଠିକ୍ ହୋଇ ପାରେ, ମାତ୍ର ଯେଉଁ ପ୍ରକାରେ ଏହା କହେ ଏବଂ ଆମକୁ ବିଶ୍ୱାସ କରାଇବାକୁ ଚାହେଁ, ତାହା କୌଣସି ସମସ୍ୟାର ବୁଦ୍ଧିର ସହିତ ଆଲୋଚନା କରିବା ପକ୍ଷରେ ଅନୁକୂଳ ନୁହେଁ । ଫ୍ରଏଡ଼ ଯେପରି କହିଛନ୍ତି ଧର୍ମର ଯୁକ୍ତିହୀନ ମତବାଦ ସବୁ 'ବିଶ୍ୱାସ କରିବାର ଯୋଗ୍ୟ' ପ୍ରଥମରେ ଆମର ଆଦିମ ପୂର୍ବପୁରୁଷମାନେ ଏଥିରେ ବିଶ୍ୱାସ କରୁଥିଲେ, ଦ୍ୱିତୀୟରେ ଆଦିମ କାଳରୁ ଏହାର ପ୍ରମାଣ ସବୁ ଆମ

Digitized by srujanika@gmail.com

ନିକଟରେ ଅଛି, ବୃଥାସୂରେ ଏଗୁଡ଼ିକର ସତ୍ୟତା ସମ୍ବନ୍ଧରେ ପ୍ରଶ୍ନ ଉଠାଇବା ନିଷେଧ । ❋

ଆମେ ଯଦି ଅହିଂସାକୁ ଏହାର ଧର୍ମ ଓ ଆଧ୍ୟାତ୍ମିକ ମତବାଦ ଦୃଷ୍ଟିରୁ ବିଚାର କରୁ ତେବେ ଏଥିରେ ଆଉ ମନ୍ତ୍ରର ସ୍ଥାନ ନାହିଁ । ଏହା ଏକ ସମ୍ପ୍ରଦାୟର ସଙ୍କୀର୍ଣ୍ଣ ଧର୍ମ ହୋଇ ପଡ଼େ—ଏହା ଲୋକେ ଗ୍ରହଣ କରି ପାରନ୍ତି ବା ନ ପାରନ୍ତି । ଏହା ବର୍ତ୍ତମାନ ସମସ୍ୟା ସହିତ ଜୀବନ୍ତ ସହଯୋଗ ବା ପ୍ରୟୋଗ ହରାଏ । ମାତ୍ର ଆମେ ଯଦି ଏହାକୁ ପ୍ରଚଳିତ ଅବସ୍ଥା ସହିତ ସମ୍ପର୍କ ରଖି ତୁଳନା କରୁ, ତେବେ ପୃଥିବୀର ପୁନର୍ଗଠନ କରିବାର ଉଦ୍ୟମରେ ଏହା ଆମକୁ ଅନେକ ପରିମାଣରେ ସାହାଯ୍ୟ କରିପାରିବ । ସମ୍ଭବ ମାନବର ଦୁର୍ବଳତା ଓ ପ୍ରକୃତିକୁ ହିସାବକରି ଏହାକୁ ବିଚାର କରିବାକୁ ହେବ । ବସ୍ତୁତ ଭାବରେ କୌଣସି କାର୍ଯ୍ୟ, ବିଶେଷଭାବରେ ଆମୂଳ ଓ ବୈପ୍ଳବିକ ପରିବର୍ତ୍ତନ ଉଦ୍ଦେଶ୍ୟରେ ହେଉଥିବା କୌଣସି କାର୍ଯ୍ୟ ଏହାର ନେତାଙ୍କ ଚିନ୍ତା ଅନୁସାରେ ହୁଏ ନା, ମାତ୍ର ପ୍ରଚଳିତ ଅବସ୍ଥା ହିଁ ଏହା ସ୍ପର୍ଶ କରେ ଏବଂ ଅଧିକ ରୂପେ ଯେଉଁ ମନୁଷ୍ୟ ସମାଜ ଏଥିରେ କାର୍ଯ୍ୟ କରନ୍ତି ସେମାନଙ୍କ ଭାବନା ଉପରେ ନିର୍ଭର କରେ ।

ପୃଥିବୀର ଇତିହାସରେ ହିଂସା ଏକ ବୃହତ୍ ଭାଗ ନେଇଛି । ଆଜି ମଧ୍ୟ ଏହା ସେହିପରି ସମାନ ଗୁରୁତର ଭାଗ ନେଉଛି ଏବଂ ସମ୍ଭବତଃ ଆହୁରି ଅନେକ ଦିନ ପର୍ଯ୍ୟନ୍ତ ଏହା ସେହିପରି କରୁଥିବ । ଅତୀତରେ ଅଧିକାଂଶ ପରିବର୍ତ୍ତନ ହିଂସା ଓ ବଳ ପ୍ରୟୋଗଦ୍ୱାରା ହୋଇ ପାରିଛି । ଡବ୍ଲିଉ. ଇ. ଗ୍ଲାଡଷ୍ଟୋନ୍ ଥରେ କହିଥିଲେ "ମୁଁ ଦୁଃଖର ସହିତ କହୁଛି ଯେ ଯଦି ରାଜନୈତିକ ସଙ୍କଟବେଳେ ଏହି ଦେଶର ଲୋକଙ୍କୁ କେବଳ ହିଂସାକୁ ଘୃଣା କରିବା, ଶୃଙ୍ଖଳାକୁ ଭଲ ପାଇବା ଏବଂ ଧୈର୍ଯ୍ୟ ରଖିବା

❋ 'ଦି ଫିଉଚର ଅଫ୍ ଆନ୍ ଇଲ୍ୟୁଜନ୍ (The future of an illusion)

Digitized by srujanika@gmail.com

ଛଡ଼ା ଆଉ କିଛି ଉପଦେଶ ଦିଆଯାଇ ନ ଥାନ୍ତା, ତେବେ ଏ ଦେଶର ସ୍ୱାଧୀନତା କେବେହେଁ ହାସଲ ହୋଇ ପାରି ନ ଥାନ୍ତା ।"

ଅତୀତ ଓ ବର୍ତ୍ତମାନରେ ହିଂସାର ଗୁରୁତ୍ୱ ଅବହେଳା କରିବା ଅସମ୍ଭବ । ଏହା କହିବା ଅର୍ଥ ହେଉଛି ଜୀବନକୁ ଅସ୍ୱୀକାର କରିବା । ତଥାପି ହିଂସା ଯେ ଖରାପ ଏଥିରେ ସନ୍ଦେହ ନାହିଁ ଏବଂ ଏହାର ପରିଣାମରେ ଅସରନ୍ତି ଦୁଃଖସବୁ ଆସେ । ହିଂସା ଅପେକ୍ଷା ଅଧିକ ଖରାପ ହେଉଛି ଏଥିସହିତ ଯେଉଁ ଘୃଣା, ନିଷ୍ଠୁରତା, ପ୍ରତିଶୋଧ ଓ ଶାସ୍ତି ଭାବ ଆସେ । ବାସ୍ତବିକ ହିଂସା ସ୍ୱରୂପତଃ ଖରାପ ନୁହେଁ, ମାତ୍ର କେବଳ ତାହାର ଏହି ମତଲବ ଥିବାରୁ ଖରାପ । ଏହି ସବୁ ମତଲବ ଛଡ଼ା ମଧ୍ୟ ହିଂସା ହୋଇପାରେ; ଗୋଟିଏ ଭଲ ଉଦ୍ଦେଶ୍ୟ ଏବଂ ମନ୍ଦ ଉଦ୍ଦେଶ୍ୟ ପାଇଁ ମଧ୍ୟ ହିଂସା ହୋଇପାରେ । ମାତ୍ର ଏହି ସବୁ ଉଦ୍ଦେଶ୍ୟରୁ ହିଂସାକୁ ଅଲଗା କରିବା ଅତ୍ୟନ୍ତ କଷ୍ଟକର ଏବଂ ସେଥିପାଇଁ ଯଥାସମ୍ଭବ ହିଂସା ତ୍ୟାଗ କରିବା ବାଞ୍ଛନୀୟ । ଯାହାହେଉ ଏହାକୁ ଏଡ଼ାଇଦେଇ ଲୋକ ଅଧିକ ଖରାପ ଓ ଅନ୍ୟ ପ୍ରକାର ଅନ୍ୟାୟ ସବୁକୁ ଗ୍ରହଣ କରି ଗୋଟାଏ ନିଷ୍କ୍ରିୟ ଭାବ ଗ୍ରହଣ କରି ପାରେ ନା । ହିଂସାରେ ବଶତା ସ୍ୱୀକାର କରିବା କିମ୍ବା ହିଂସାରେ ପ୍ରତିଷ୍ଠିତ ଗୋଟିଏ ଅନ୍ୟାୟ ଶାସନକୁ ଗ୍ରହଣ କରିବା ହେଉଛି ଅହିଂସା ଭାବର ଅସ୍ୱୀକାର । ଅହିଂସା ପନ୍ଥାକୁ ନିଜର ଯଥାର୍ଥତା ପ୍ରମାଣ କରିବାକୁ ହେଲେ କ୍ରିୟାତ୍ମକ ହେବାକୁ ପଡ଼ିବ ଏବଂ ଏହା ଏକ ରାଷ୍ଟ୍ର ବା ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ କରିବାରେ ସମର୍ଥ ହେବାକୁ ପଡ଼ିବ ।

ଏହା ଏପରି କରି ପାରିବ କି ନା ମୋତେ ଜଣା ନାହିଁ । ମୋର ମନେହୁଏ ଏହା ଆମକୁ ଅନେକ ଦୂର ନେଇଯାଇ ପାରେ, ମାତ୍ର ଏହା ଆମକୁ ଶେଷ ଲକ୍ଷ୍ୟକୁ ନେଇଯାଇ ପାରିବ କି ନା ସନ୍ଦେହ । ଯେ କୌଣସି ଅବସ୍ଥାରେ କୌଣସି ପ୍ରକାର ବଳ ପ୍ରୟୋଗ ଅନିବାର୍ଯ୍ୟ ପରି ମନେ ହୁଏ, କାରଣ ଯେଉଁ ଲୋକେ ସୁବିଧା ଓ କ୍ଷମତା ଧରିଛନ୍ତି ସେମାନେ ବାଧ୍ୟ ନ ହେଲେ ତାହା ଛାଡ଼ି ଦିଅନ୍ତି ନାହିଁ କିମ୍ବା ଏପରି ଅବସ୍ଥା

Digitized by srujanika@gmail.com

ସୃଷ୍ଟି ହୁଏ ସେଉଁଥିରେ ସେମାନେ ଏହି ସୁବିଧା ନ ଛାଡ଼ି ରଖିବାଠାରୁ ଅଧିକ ଉପକାରକ ବୋଲି ଅନୁଭବ କରନ୍ତି । ସମାଜର ବର୍ତ୍ତମାନ ସଂଘର୍ଷ—ଜାତୀୟ ଏବଂ ଶ୍ରେଣୀ ସଂଘର୍ଷ ସବୁ—ବଳପ୍ରୟୋଗ ବିନା ସମାଧାନ ହୋଇ-ପାରେ ନା । ଅବଶ୍ୟ ଅନେକ ପରିମାଣରେ ହୃଦୟ ପରିବର୍ତ୍ତନ ହେବ, କାରଣ ଯେ ପର୍ଯ୍ୟନ୍ତ ଅଧିକ ସଂଖ୍ୟକ ଲୋକ ଏଥିରେ ଦୀକ୍ଷିତ ହୋଇ-ନାହାନ୍ତି ସେ ପର୍ଯ୍ୟନ୍ତ ସାମାଜିକ ପରିବର୍ତ୍ତନ କରିବାର ଆନ୍ଦୋଳନର ପ୍ରକୃତ ଭିତ୍ତି ନାହିଁ । ମାତ୍ର କେତେଜଣଙ୍କ ଉପରେ ବଳ ପ୍ରୟୋଗ କରିବାକୁ ପଡ଼ିବ । ଏହିସବୁ ମୌଳିକ ସଂଘର୍ଷକୁ ଘୋଡ଼ାଇ ରଖିବା ଏବଂ ଏହା ନାହିଁ ବୋଲି ପ୍ରକାଶ କରିବାକୁ ଚେଷ୍ଟା କରିବା ଆମ ପକ୍ଷରେ ଠିକ ହେବ ନାହିଁ । ଏହା କେବଳ ସତ୍ୟ ଗୋପନ କରିବା ନୁହେଁ, କିନ୍ତୁ ଏହା ପ୍ରତ୍ୟକ୍ଷଭାବରେ ପ୍ରଚଳିତ ବ୍ୟବସ୍ଥାକୁ ଆଗକୁ ଠେଲି ପ୍ରକୃତ ଘଟଣା ସମ୍ବନ୍ଧରେ ଲୋକଙ୍କୁ ଭୁଲ ପଥରେ ନିଏ ଏବଂ ଶାସକ ଶ୍ରେଣୀଙ୍କୁ ଗୋଟିଏ ନୈତିକ ଭିତ୍ତି ଦିଏ—ସେମାନେ ତାଙ୍କର ବିଶେଷ ସୁବିଧା ରକ୍ଷା ନିମନ୍ତେ ଏହା ସର୍ବଦା ଖୋଜି ବୁଲୁଥାନ୍ତି । ଏକ ଅନ୍ୟାୟ ପ୍ରଥା ବିରୁଦ୍ଧରେ ଲଢ଼ିବା ନିମନ୍ତେ ଏହା ଯେଉଁ ମିଥ୍ୟା ପ୍ରତିଶ୍ରୁତି ଉପରେ ପ୍ରତିଷ୍ଠିତ ହୋଇଛି ତାହା ପ୍ରକାଶ କରିବାକୁ ହେବ, ଏବଂ ବାସ୍ତବତା ଦେଖାଇ ଦେବାକୁ ହେବ । ଅସହଯୋଗର ଗୋଟାଏ ଗୁଣ ହେଉଛି ଆମେ ପ୍ରଚଳିତ ବ୍ୟବସ୍ଥା ସହିତ ସହଯୋଗ କରିବା ନିମନ୍ତେ ଅସ୍ୱୀକାର କରିବାହେତୁ କିମ୍ବା ଏହାର ଅନ୍ତ-ଗତରେ ସହଯୋଗ କରିବାକୁ ଅସ୍ୱୀକାର କରିବାହେତୁ ଏହାର ମିଥ୍ୟା ଏବଂ ମିଥ୍ୟା ଭିତ୍ତି ପ୍ରକାଶିତ ହୋଇଯାଏ ।

ଆମର ଶେଷ ଲକ୍ଷ୍ୟ ହେଉଛି ଶ୍ରେଣୀଶୂନ୍ୟ ସମାଜ—ଏଥିରେ ସମସ୍ତଙ୍କ ପ୍ରତି ସମାନ ଅର୍ଥନୈତିକ ନ୍ୟାୟ, ଶିକ୍ଷା ଓ ସୁବିଧା ମିଳିବ—ଏହି ସମାଜକୁ ସେପରି ପରିକଳ୍ପନା ଭିତ୍ତି ଉପରେ ଗଢ଼ିବାକୁ ହେବ ଯେଉଁଥିରେ ମାନବ ସମାଜର ବୈଷୟିକ ଓ ବସ୍ତୁଗତ ଉଚ୍ଚତର ସୀମାକୁ ଯିବ—ଆଧ୍ୟାତ୍ମିକ ଗୁଣ ବିକଶିତ ହେବ—ସହଯୋଗ, ନିଃସ୍ୱାର୍ଥ-ପରତା, ସେବାଭାବ, ଠିକ୍ କାର୍ଯ୍ୟ କରିବା ନିମନ୍ତେ ଆକାଙ୍କ୍ଷା, ସଦିଚ୍ଛା ଓ

Digitized by srujanika@gmail.com

ପ୍ରେମରୂପ ନୀତିହେବ—ଶେଷରେ ଗୋଟିଏ ସମଗ୍ର ଜାତିର ବ୍ୟବସ୍ଥା ଗଢ଼ା ହୋଇପାରିବ । ଏହି ପଥରେ ଯାହା ବାଧା ଦେବ ତାକୁ ଅନ୍ତର କରିବାକୁ ହେବ—ସମ୍ଭବ ହେଲେ ଭଦ୍ରଭାବରେ ଏବଂ ଦରକାର ପଡ଼ିଲେ ବଳ ସାହାଯ୍ୟରେ । ବଳପ୍ରୟୋଗ ଅନେକ ସମୟରେ ଦରକାର ପଡ଼ିବ ବୋଲି ସନ୍ଦେହ ରହୁନାହିଁ । ମାତ୍ର ଯଦି ବଳପ୍ରୟୋଗ କରିବାର କଥା, ତାହାକୁ ଘୃଣା ବା କଷ୍ଟମୂଳ ଭାବରେ କରାଯିବା ଉଚିତ ନୁହେଁ, ମାତ୍ର କେବଳ ଏହି ବାଧା ଦୂର କରିବାର ଉତ୍ତେଜନାହୀନ ଆକାଙ୍କ୍ଷାରେ ହୋଇ ଯାଇବ । ଏହା ଅତ୍ୟନ୍ତ କଷ୍ଟସାଧ୍ୟ । ଏହା ସହଜ କାମ ନୁହେଁ, ସହଜ ପଥ ମଧ୍ୟ ନାହିଁ—ପତନର ଗହ୍ୱର ଅଗଣିତ । ଅସୁବିଧା ବା ପତନର ଗାତ ଯାହା ରହିଛି ତାକୁ ଭୁଲିଯିବାଦ୍ୱାରା ସେସବୁ ଦୂର ହୋଇ ପାରିବ ନାହିଁ, ସେଗୁଡ଼ିକର ପ୍ରକୃତ ରୂପ ବୁଝିପାରି ସାହସର ସହିତ ସମ୍ମୁଖୀନ ହେଲେହିଁ ଦୂର ହୋଇପାରିବ । ଏହିସବୁ ସୁଦୂର ଅବାସ୍ତବ କଳ୍ପନା ପରି ମନେ ହୋଇ ପାରେ, ଏବଂ ଏହିସବୁ ଉଦାର ମତଲବରେ ଅନେକ ଲୋକ ଚଞ୍ଚଳିତ ହେବାର ସମ୍ଭାବନା ଖୁବ୍ କମ୍ । ମାତ୍ର ଆମକୁ ଦୃଷ୍ଟିପଥରେ ଏହା ରଖିବାକୁ ହେବ ଏବଂ ତା ଉପରେ ଜୋର ଦେବାକୁ ହେବ—ହୋଇପାରେ କ୍ରମେ କ୍ରମେ ଏହା ଆମଠାରେ ପରିପୂର୍ଣ୍ଣ ଘୃଣା ଓ ଆବେଗକୁ କ୍ରମେ କମ୍ କରିଦେବ ।

ଆମର ଚିନ୍ତା ଏହି ଲକ୍ଷ୍ୟ ଉଦ୍ଦେଶ୍ୟରେ ଚାଳିତ ହେବା ଉଚିତ ଏବଂ ଏହି ମତଲବ ଉପରେ ପ୍ରତିଷ୍ଠିତ ହେବ । ଆମକୁ ମଧ୍ୟ ବୁଝି ରଖିବାକୁ ହେବ ଯେ ବ୍ୟାପକ ଭାବରେ ମନୁଷ୍ୟର ପ୍ରକୃତି ଯାହା, ସେଥିରେ ସେ ସର୍ବଦା ଆମର ଅନୁରୋଧ ଏବଂ କାରୁଣ୍ୟ ମିନତିକୁ କର୍ଣ୍ଣପାତ କରିବ ନାହିଁ କିମ୍ବା ଉଚ୍ଚ ନୈତିକ ଆଦର୍ଶ ଅନୁସାରେ କାର୍ଯ୍ୟ କରିବନାହିଁ । ହୃଦୟ ପରିବର୍ତ୍ତନ ସହିତ ବାଧ୍ୟବାଧକତା ବି ଦରକାର ପଡ଼ିବ, ତେବେ ଆମେ ଏହି ବାଧ୍ୟବାଧକତାକୁ ଯେତେ ବେଶୀ ପାରୁ ସୀମାବଦ୍ଧ କରିପାରୁ ଏବଂ ଏହାର ପ୍ରୟୋଗ ଏପରି କରିପାରୁ ଯେଉଁଥିରେ ଦୋଷ କମିଯିବ ।

———

Digitized by srujanika@gmail.com

୨୪

ପୁଣି ଡେରା ଜେଲ

ଆଲିପୁର ଜେଲରେ ମୋର ଦେହ ଭଲ ରହୁ ନ ଥିଲା । ମୋର ଓଜନ ପ୍ରଚୁର ପରିମାଣରେ କମି ଯାଇଥିଲା—କଲିକତାର ହାଉଆ ଓ ଗରମ ବଢ଼ିବା ସଙ୍ଗେ ସଙ୍ଗେ ମୋର ଦୁର୍ଦ୍ଦଶା ବଢ଼ିଲା । ଭଲ ଜଳବାୟୁ ବିଶିଷ୍ଟ ସ୍ଥାନକୁ ମୋର ବଦଳି ହେବାର ଜନରବ ଶୁଣାଯାଉଥିଲା । ମାର୍ଚ୍ଚ ତା ୭ ରିଖ ବିଛଣା ପତ୍ର ଏକାଠି କରି ଜେଲ ବାହାରକୁ ଯିବା ନିମନ୍ତେ ମୋତେ କୁହାଗଲା । ମୋତେ ଡେରାଡୁନ ଜେଲକୁ ପଠାଯିବାର କଥା । କେତେକ ମାସର ନିର୍ଜନ ବାସ ପରେ ସେ ଦିନ ସନ୍ଧ୍ୟାର ଶୀତଳ ବାୟୁ ଭିତରେ କଲିକତା ଭିତର ଦେଇ ଯାତ୍ରା ବଡ଼ ଆରାମପ୍ରଦ ହୋଇଥିଲା— ବୃହତ୍ ହାୱଡ଼ା ଷ୍ଟେସନର ଜନତା ଦେଖି ମୁଗ୍ଧ ହୋଇଗଲି ।

ମୋର ବଦଳି ହେବାରେ ମୁଁ ଖୁସି ହେଲି ଏବଂ ଡେରାଡୁନ ଓ ତାହାର ନିକଟସ୍ଥ ପର୍ବତସବୁ ଦେଖିବା ନିମନ୍ତେ ବ୍ୟାକୁଳ ହୋଇ ଅନାଇ ରହିଲି । ସେଠି ପହଞ୍ଚି ଦେଖିଲି ନଅ ମାସ ପୂର୍ବେ ମୁଁ ନୈନୀକୁ ଯିବାବେଳେ ଯେପରି ଅବସ୍ଥା ଥିଲା ସେପରି ନାହିଁ । ମୋତେ ଗୋଟିଏ ନୂତନ ସ୍ଥାନରେ ରଖାଗଲା । ଗୋଟିଏ ପୁରୁଣା ଗୋରୁ ଗୁହାଳ ସଫା କରି ଠିକଣା କରି ମୋତେ ସେଥିରେ ରଖାଗଲା ।

ସେଲ ହିସାବରେ ଏହା ଖରାପ ନ ଥିଲା ଏବଂ ଏହା ସହିତ ଗୋଟିଏ ଛୋଟ ବାରଣ୍ଡା ଥାଏ । ପ୍ରାୟ ୫୦ ଫୁଟ ଲମ୍ବ ଗୋଟିଏ ଛୋଟଅଗଣା ଏଥି-ସହିତ ସଂଲଗ୍ନ ହୋଇଥାଏ । ମୁଁ ତେବେହେ ଏଥିପୂର୍ବରୁ ଥିବା ପୁରୁଣା ସେଲ ଅପେକ୍ଷା ଏହା ଭଲ, ମାତ୍ର ଅଳ୍ପ ଦିନ ପରେ ମୁଁ ବୁଝିପାରିଲି

Digitized by srujanika@gmail.com

ଅନ୍ୟାନ୍ୟ ଅନେକ କଥା ତାହା ଅପେକ୍ଷା ଭଲ ନୁହେଁ । ଏହାର ବେଷ୍ଟିତ କାନ୍ଥ ଯାହା ପୂର୍ବେ ୧୦ ଫୁଟ ଉଚ୍ଚ ଥିଲା ଏବେ ମୋପାଇଁ ତାହା ବିଶେଷଭାବରେ ଆଉ ୪ । ୫ ଫୁଟ ଉଚ୍ଚ କରି ଦିଆଯାଇଛି । ଯେଉଁ ପର୍ବତ-ଶୃଙ୍ଗର ଦୃଶ୍ୟ ଦେଖିବାପାଇଁ ମୁଁ ଏତେ ବ୍ୟାକୁଳ ହୋଇଥିଲି, ତାହା ଆଉ ଦେଖା ଯାଉ ନ ଥିଲା—କେବଳ କେତୋଟି ଗଛର ଅଗ ଦେଖି ପାରୁଥିଲି । ମୁଁ ଏହି ଜେଲରେ ପ୍ରାୟ ୩ ମାସରୁ ଅଧିକ ସମୟ ରହିଲି, ମାତ୍ର ପର୍ବତର ଟିକିଏ ଦର୍ଶନ ପାଇଲି ନାହିଁ । ମୁଁ ପୂର୍ବରୁ ଜେଲ ପାଚେରୀ ସାମନାରେ ଭ୍ରମଣ ସକାଶେ ଯେଉଁ ଅନୁମତି ପାଉଥିଲି ଏଥର ପାଇଲି ନାହିଁ ଏବଂ ମୋ ନିଜ ଅଗଣା କସରତ୍ ସକାଶେ ଯଥେଷ୍ଟ ବୋଲି ବିବେଚନା କରାଗଲା ।

ଏହା ଏବଂ ଅନ୍ୟାନ୍ୟ ନୂତନ କଟକଣା ସବୁ ବଡ଼ ନିରାଶାଜନକ ଲାଗିଲା ଏବଂ ମୁଁ ବିରକ୍ତ ହେଲି । ମୁଁ ଅଧୀର ହୋଇ ପଡ଼ିଲି ଏବଂ ଏପରିକି ମୋ ଅଗଣାରେ ଯାହା ଟିକିଏ କସରତ ହୋଇପାରନ୍ତା ସେତିକ ବି କରିବାକୁ ଇଚ୍ଛା କଲି ନାହିଁ । ମୁଁ ପୂର୍ବରୁ କେବେ ଏପରି ନିଃସଙ୍ଗ ଓ ପୃଥିବୀରୁ ବିଚ୍ଛିନ୍ନ ବୋଧ କରି ନ ଥିଲି । ଏହି ନିର୍ଜନ ଅବରୁଦ୍ଧ ଅବସ୍ଥାରେ ମୁଁ ବିଚଳିତ ହେଲି ଏବଂ ଶାରୀରିକ ଓ ମାନସିକ ଉଭୟ ଦିଗରେ ମୋର ପତନ ହେଲା । ମୁଁ ଜାଣିଥିଲି ଯେ ମୋର ପ୍ରାଚୀରର ଆର ପାଖରେ କେତେକ ଫୁଟ ଦୂରରେ ନିର୍ମଳ ମୁକ୍ତ ବାୟୁ ରହିଛି । ଘାସ ଓ କେବଳ ମୃତ୍ତିକାର ଶୀତଳ ଗନ୍ଧ ଏବଂ ସୁଦୂର ପାହାଡ଼ ଆଦି ରହିଛି । ମାତ୍ର ସେ-ସବୁ ମୋ ଅଦୃଶ୍ୟ ବାହାରେ—ସେହି ପ୍ରାଚୀର ଦେଖି ଦେଖି ମୋର ଚକ୍ଷୁ କ୍ଳାନ୍ତ ଓ ବିଶ୍ରାନ୍ତ ହୋଇ ଉଠିଲା । ଏପରିକି ଜେଲ ଜୀବନର ସାଧାରଣ କୋଳାହଳ ସୁଦ୍ଧା ମୋ ପାଖକୁ ଆସିପାରିଲା ନାହିଁ—କାରଣ ମୋତେ ବିଚ୍ଛିନ୍ନ କରି ଏକୁଟିଆ ରଖା ହୋଇଥିଲା ।

ଛଅ ସପ୍ତାହ ପରେ ବର୍ଷା ଋତୁ ଆରମ୍ଭ ହେଲା ଏବଂ ମୁଷଳ ଧାରାରେ ମେଘ ବର୍ଷିଲା । ପ୍ରଥମ ସପ୍ତାହରେ ୧୨ ଇଞ୍ଚ ବର୍ଷା ହେଲା ।

Digitized by srujanika@gmail.com

ବାୟୁମଣ୍ଡଳରେ ପରିବର୍ତ୍ତନ ଦେଖାଦେଲା—ନୂତନ ଜୀବନର ସୂଚନା ଦେଖାଦେଲା; ତାପ କମିଗଲା ଏବଂ ଶରୀର ଆରାମ ଓ ହାଲୁକା ଲାଗିଲା । ମାତ୍ର ଚିତ୍ତ ଓ ମନର କିଛି ଆରାମ ହେଲା ନାହିଁ । ବେଳେ ବେଳେ କେହି ଓ୍ୱାର୍ଡ଼ର ବା ଅନ୍ୟ କେହି ଆସିବା ନିମନ୍ତେ ମୋ ଅଗଣାର ଲୁହା ଦରଜା ଖୋଲିଯାଏ ଏବଂ କେତେକ ସେକଣ୍ଡପାଇଁ ବାହାର ଜଗତର ଦୃଶ୍ୟ ସବୁଜ କ୍ଷେତ ଓ ଗଛସବୁ, ମୁକ୍ତାପରି ବର୍ଷାବିନ୍ଦୁ ସବୁ ଉଜ୍ଜ୍ୱଳ ଦେଖାଯାଏ—ମାତ୍ର ଏହା କେବଳ କ୍ଷଣକ ପାଇଁ ଏବଂ ତା ପରେ ନିର୍ଯ୍ୟାତ ପରି ଏହା ମିଳାଇ ଯାଏ : ଦରଜା କେବେ ହେଲେ ପୁରାପୁରିଭାବେ ଫିଟେ ନାହିଁ । ସମ୍ଭବତଃ ମୁଁ ଯେଉଁ ଦରଜା ନିକଟରେ ଥାଏ, ତେବେ ଏହା ନ ଖୋଲିବା ନିମନ୍ତେ ଓ୍ୱାର୍ଡ଼ରଙ୍କୁ ନିର୍ଦ୍ଦେଶ ଦିଆ ହୋଇଥାଏ ଏବଂ ଯେତେବେଳେ ଖୋଲିବେ ଅତି ଅଳ୍ପ ଖୋଲିବାକୁ ଅନୁମତି ଦିଆ ହୋଇଥାଏ । ଏହି ସବୁଜରଙ୍ଗ ଓ ନିର୍ମଳତାର ସ୍ୱପ୍ନ ଦର୍ଶନ ମୋ ପକ୍ଷରେ ଶୁଭଦାୟକ ପ୍ରାୟ ହେଉ ନ ଥିଲା । ଏହି ଦୃଶ୍ୟ ମୋ ହୃଦୟରେ ଘରକୁ ଫେରିଯିବାର ଆକାଂକ୍ଷା ଜାଗ୍ରତ କରେ । ଚିତ୍ତରେ ବେଦନା ଅନୁଭବ କରେ ଏବଂ ଏପରି କି ଦୁଆର ଖୋଲିଲେ ସୁଦ୍ଧା ମୁଁ ଇଚ୍ଛା କରି ତେଣିକି ଚାହେଁ ନା ।

ମାତ୍ର ଏହି ସବୁ ଅସନ୍ତୋଷର କାରଣ ପ୍ରକୃତରେ ଜେଲ ନୁହେଁ—ଅବଶ୍ୟ ଜେଲଯୋଗୁଁ ଏହା ବଢ଼ିଥିଲା । ଏହା ବାହାର ଘଟଣାର ପ୍ରତିକ୍ରିୟା—କମଳାଙ୍କ ଅସୁସ୍ଥତା ଓ ମୋର ରାଜନୈତିକ ଜଞ୍ଜାଳ । ମୁଁ ବୁଝିପାରୁଥିଲି ଯେ କମଳାଙ୍କ ପୁରୁଣା ରୋଗ ପୁଣି ତାକୁ ଧରିଲାଣି ଏବଂ ମୁଁ ନିଜକୁ ଅସହାୟ ମନେ କଲି—ତାର କୌଣସି ସାହାଯ୍ୟରେ ଆସିପାରିଲି ନାହିଁ । ମୁଁ ଜାଣିଥିଲି ମୁଁ ତା ପାଖରେ ଥିଲେ ସେ ବହୁତ ଆରାମ ବୋଧ କରନ୍ତା ।

ଅଲିପୁର ପରି ନୁହେଁ—ଡେରାଡୁନ ଜେଲରେ ମୋତେ ଗୋଟିଏ ଦୈନିକ ସମ୍ବାଦପତ୍ର ଦିଆଗଲା ଏବଂ ମୁଁ ବାହାରର ରାଜନୈତିକ ଓ

Digitized by srujanika@gmail.com

ଅନ୍ୟାନ୍ୟ ଅବସ୍ଥାର ଗତି ସହିତ ସଂପର୍କ ରଖିପାରିଲି । ପ୍ରାୟ ଛଅବର୍ଷ ପରେ (କାରଣ ଅଧିକାଂଶ ସମୟ ଏହା ବେଆଇନ ଥିଲା) ପାଟନାରେ ନିଖିଳ ଭାରତ କଂଗ୍ରେସ କମିଟିର ବୈଠକ ହେଲା ଏବଂ ଏହାର ବିବରଣୀ ପଢ଼ି ଅବସାଦ ଆସିଲା । ମୋତେ ଆଶ୍ଚର୍ଯ୍ୟ ଲାଗିଲା ଯେ ଭାରତ ଓ ପୃଥିବୀରେ ଏତେ ଘଟଣା ଘଟିଯାଇଥିବା ପରେ ବସିଥିବା ଏହି ପ୍ରଥମ ବୈଠକରେ ପରିସ୍ଥିତି ବିଶ୍ଳେଷଣ କରି, ସେ ସମ୍ବନ୍ଧରେ ସଂପୂର୍ଣ୍ଣରୂପେ ଆଲୋଚନା କରି ପୁରୁଣା ପନ୍ଥାରୁ କିଛି ବାଟ କାଢ଼ିବାକୁ ଚେଷ୍ଟା କରାଗଲା ନାହିଁ । ଦୂରରୁ ଗାନ୍ଧିଜୀ ସେହି ପୁରୁଣା ଡିକ୍‌ଟେଟର ପରି ବୋଧ ହେଲେ— ସେ କହିଲେ "ମୋର ନେତୃତ୍ୱ ଅନୁସରଣ କରିବାକୁ ହେଲେ ମୋର ସର୍ତ୍ତ ମାନିବାକୁ ପଡ଼ିବ !" ତାଙ୍କର ଦାବୀ ସଂପୂର୍ଣ୍ଣ ସ୍ୱାଭାବିକ; କାରଣ ଆମେ ତାଙ୍କ ନେତୃତ୍ୱ ଚାହିଁବୁ ଏବଂ ସେ ତାଙ୍କର ଗଭୀର ବିଶ୍ୱାସ ବିରୁଦ୍ଧରେ କାର୍ଯ୍ୟ କରିବେ ଏହା ହୋଇପାରେ ନା । ମାତ୍ର ଏଥିରେ ଉପରୁ ଗୋଟିଏ ବ୍ୟବସ୍ଥା ଲଦାହେବା ପରି ମନେ ହେଲା ଏବଂ ପରସ୍ପର ଆଲୋଚନା ହୋଇ ଗୋଟିଏ ନୀତି ସ୍ଥିର କରିବା ପ୍ରାୟ ହୋଇ ନ ଥିଲା । ଆଶ୍ଚର୍ଯ୍ୟ କଥା ଗାନ୍ଧିଜୀ ଉପର ଭାବରେ ମନ ଅଧିକାର କରି ଦିଅନ୍ତି ଏବଂ ପରେ ଲୋକଙ୍କର ଅସହାୟ ଅବସ୍ଥାଯୋଗୁଁ ଆପତ୍ତି କରନ୍ତି । ମୋର ମନେହୁଏ ବ୍ୟାପକଭାବରେ ସେ ଯେପରି ଅନୁରକ୍ତି ଓ ଶ୍ରଦ୍ଧା ପାଇଛନ୍ତି, ସେପରି ଖୁବ୍ କମ୍ ଲୋକ ପାଇଛନ୍ତି ଏବଂ ସେ ଯେଉଁ ଉଚ୍ଚ ଆଦର୍ଶ ସ୍ଥାପନ କରିଛନ୍ତି ତାହାର ସମକକ୍ଷ ଲୋକେ ହୋଇପାରୁନାହାନ୍ତି ବୋଲି ଦୋଷ ଦେବା ମୋ ବିଚାରରେ ସଂଗତ ନୁହେଁ । ପାଟନା ବୈଠକରେ ଏପଟକ ସେ ପୁଣି ଶେଷ ପର୍ଯ୍ୟନ୍ତ ରହିପାରି ନ ଥିଲେ, କାରଣ ତାଙ୍କର ହରିଜନ ଭ୍ରମଣ ଚଳାଇବାର କଥା । ବ୍ୟବସାୟୀ ପରି ତତ୍ପରତା ସହିତ କାର୍ଯ୍ୟ କରି ଶୀଘ୍ର କାର୍ଯ୍ୟକାରୀ ସମିତିଦ୍ୱାରା ଉପସ୍ଥାପିତ ପ୍ରସ୍ତାବଗୁଡ଼ିକ ଗ୍ରହଣ କରିବା ନିମନ୍ତେ ସେ ନିଖିଳ ଭାରତ କଂଗ୍ରେସ କମିଟିକୁ ପରାମର୍ଶ ଦେଇ ଚାଲିଗଲେ ।

Digitized by srujanika@gmail.com

ସମ୍ଭବତଃ ଏହା ସତ୍ୟ ଯେ ଦୀର୍ଘକାଳ ଆଲୋଚନାରେ ଅବସ୍ଥାର ଉନ୍ନତି ହୋଇ ନ ଥାନ୍ତା । ଗୋଟାଏ ବିଶୃଙ୍ଖଳା ଥିଲା ଏବଂ ସଭ୍ୟମାନଙ୍କ ଭିତରେ ସ୍ପଷ୍ଟ ଚିନ୍ତାର ଅଭାବ ଥିଲା—ଅନେକେ ସମାଲୋଚନା କରିବାକୁ ପ୍ରସ୍ତୁତ ଥିଲେ ସୁଦ୍ଧା ସେମାନଙ୍କର କୌଣସି ଗଠନମୂଳକ ପ୍ରସ୍ତାବ ନ ଥିଲା । ଏପରି ପରିସ୍ଥିତିରେ ଏହା ସ୍ୱାଭାବିକ, କାରଣ ସଂଗ୍ରାମ ବୋଝ ଅଧିକ ପରିମାଣରେ ପ୍ରଦେଶର ଏହି ନେତାମାନଙ୍କ ଉପରେ ପଡ଼ିଥିଲା—ସେମାନେ ଟିକିଏ କ୍ଳାନ୍ତ ହୋଇ ପଡ଼ିଥିଲେ—ମାନସିକ ଦୁର୍ବଳତା ନ ଥିଲା, ସେମାନେ ଅସ୍ପଷ୍ଟରୂପେ ଅନୁଭବ କରୁଥିଲେ କିଛି ହେବାକୁ ହେବ । ଆଇନ ଅମାନ୍ୟ ବନ୍ଦ କରିବାକୁ ପଡ଼ିବ, ମାତ୍ର ତା'ପରେ ହେବ କ'ଣ ? ଦୁଇଟି ଦଳ ଗଢ଼ି ଉଠିଲା—ଏକ ଦଳ ବ୍ୟବସ୍ଥାପକ ସଭାମାନଙ୍କରେ କେବଳ ନିୟମତାନ୍ତ୍ରିକ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କଲେ ଏବଂ ଅନ୍ୟ ଦଳ ବରଂ ଅସ୍ପଷ୍ଟଭାବରେ ସାମ୍ୟବାଦ ଧାରାରେ ଚିନ୍ତା କରୁଥିଲେ । ଅତ୍ୟଧିକ ସଂଖ୍ୟା ଏହି ଦୁଇଟିରୁ କୌଣସିଟିରେ ନ ଥିଲେ । ସେମାନେ ନିୟମତାନ୍ତ୍ରିକ ପନ୍ଥାକୁ ଫେରିଯିବାଟା ପସନ୍ଦ କରୁ ନ ଥିଲେ ମାତ୍ର ଏହା ସଙ୍ଗେ ସଙ୍ଗେ ସାମ୍ୟବାଦରେ ମଧ୍ୟ ସେମାନେ ଟିକିଏ ଭୟ ପାଉଥିଲେ ଏବଂ ମନେ କରୁଥିଲେ ଏହି ଦଳ ପ୍ରବୃତ୍ତିରେ ଆମ ଭିତରେ ବିରୋଧ ସୃଷ୍ଟି ହୋଇପାରେ । ସେମାନଙ୍କର କୌଣସି ଗଠନାତ୍ମକ ଧାରଣା ନ ଥିଲା—କେବଳ ମାତ୍ର ଗୋଟିଏ ଆଶା ଓ ଭରସାର ସ୍ଥଳ ଥିଲେ ଗାନ୍ଧିଜୀ । ପୂର୍ବଥର ପରି ସେମାନେ ତାଙ୍କ ପାଖକୁ ଚାଲେ ଓ ତାଙ୍କ ନେତୃତ୍ୱ ଗ୍ରହଣ କଲେ-ଯଦିଓ ଅନେକେ ସେ ଯେଉଁ କଥା କହିଲେ ତାହା ସଂପୂର୍ଣ୍ଣରୂପେ ପସନ୍ଦ କରୁ ନ ଥିଲେ । ମଡ଼େରେଟ୍ ନିୟମତାନ୍ତ୍ରିକ ଦଳ ଗାନ୍ଧିଜୀଙ୍କ ସମର୍ଥନପାଇଁ [illegible] ଓ କଂଗ୍ରେସରେ ପ୍ରାଧାନ୍ୟ ଲଭିଲେ ।

ଏହା ହେବ ବୋଲି ଆଶା କରି ଯାଉଥିଲି । ମାତ୍ର ମୁଁ ଯାହା ଭାବିଥିଲି ଏହି ପ୍ରତିକ୍ରିୟା କଂଗ୍ରେସକୁ ଅଧିକ ପଛକୁ ନେଲା । ଗତ ୧୫ ବର୍ଷ ଭିତରେ ଅସହଯୋଗ ଆରମ୍ଭ ଦିନୁଁ କଂଗ୍ରେସ ନେତାମାନେ କେବେ-ହେଲେ ଏପରି ଅତି ନିୟମତାନ୍ତ୍ରିକ ଭାଷଣରେ କଥା କହିନାହାନ୍ତି ।

Digitized by srujanika@gmail.com

ଏପରି ୧୯୨୮-୩୦ ଭିତରେ ହୋଇଥିବା ସ୍ୱରାଜ୍ୟ ଦଳ [ଯାହା ପ୍ରତି-କ୍ରିୟା ଫଳରେ ଗଢ଼ା ହୋଇଥିଲା] ତାହା ଏହି ନୂତନ ନେତାଙ୍କଠାରୁ ଅଧିକ ଅଗ୍ରଗାମୀ ଥିଲା ଏବଂ ସ୍ୱରାଜ୍ୟ ଦଳରେ ଯେପରି ପ୍ରଭାବଶାଳୀ ବ୍ୟକ୍ତିର ପ୍ରଭାବ ଥିଲା ବର୍ତ୍ତମାନ ତାହା ନ ଥିଲା । ଆଜି ପର୍ଯ୍ୟନ୍ତ ଗଣତନ୍ତ୍ର ମନେ କରି ଯେଉଁସବୁ ଲୋକେ ସାବଧାନତାର ସହିତ ଆନ୍ଦୋଳନରୁ ବିଚ୍ଛିନ୍ନ ହୋଇଥିଲେ, ସେମାନେ ଏବେ ବାହାରି ଆସି ପ୍ରାଧାନ୍ୟ ଦେବାକୁ ଲାଗିଲେ ।

ସରକାର କଂଗ୍ରେସ ଉପରୁ ବାଧା ଉଠାଇ ଦେଲା ଏବଂ ଏହା ଏକ ଆଇନସଂଗତ ଅନୁଷ୍ଠାନ ହେଲା । ମାତ୍ର ଏହାର ଅନେକ ସହଯୋଗୀ ଓ ସାହାଯ୍ୟକାରୀ ଅନୁଷ୍ଠାନ ସବୁ ବେଆଇନ ହୋଇ ରହିଥିଲା ଯଥା ଏହାର ସ୍ୱେଚ୍ଛାସେବକ ବାହିନୀ, ସେବାଦଳ, ଅନେକ କୃଷକ ସଭା – ଏସବୁ ଅର୍ଦ୍ଧ-ସ୍ୱତନ୍ତ୍ର କୃଷକସଂଘ ଥିଲା—ଏବଂ କେତେକ ଅନୁଷ୍ଠାନ ସହ କେତେକ ଶିକ୍ଷା ଅନୁଷ୍ଠାନ ଓ ଯୁବକ ସଂଘ । ବିଶେଷ ଭାବରେ "ଖୋଦାଇ ଖିଦମତ୍‌ଗାର୍" ବା ସୀମାନ୍ତର ଲାଲକୁର୍ତ୍ତି ଦଳ [ଯେଉଁ ନାମରେ ତାଙ୍କୁ ଡକାଯାଏ] ମଧ୍ୟ ବେଆଇନ ହୋଇ ରହିଥାଏ । ୧୯୩୧ ରେ ଏହି ଅନୁଷ୍ଠାନ କଂଗ୍ରେସର ଏକ ନିୟମିତ ଅଂଶରେ ପରିଣତ ହୋଇଥିଲା ଏବଂ ସୀମାନ୍ତରେ କଂଗ୍ରେସର ପ୍ରତିନିଧିରୂପେ ରହିଥିଲା । ଏହିରୂପେ ଯଦି କଂଗ୍ରେସ ସଂପୂର୍ଣ୍ଣ ପ୍ରତ୍ୟକ୍ଷ ସଂଗ୍ରାମ ପ୍ରତ୍ୟାହାର କରିଥିଲା ଏବଂ ନିୟମ-ତାନ୍ତ୍ରିକ ପଥକୁ ଫେରିଯାଇଥିଲା, ଆଇନ ଅମାନ୍ୟପାଇଁ ହୋଇଥିବା ବିଶେଷ ଆଇନ ସବୁକୁ ସରକାର ସେହିପରି ରଖିଥିଲା ଏବଂ ଏପରିକି କଂଗ୍ରେସ ଅନୁଷ୍ଠାନର ବହୁ ମୁଖ୍ୟ ଶାଖାକୁ ବେଆଇନ ଘୋଷଣା କରିଥିଲା । କୃଷକ ସଂଗଠନ ଓ ଶ୍ରମିକ ସଂଘ ସବୁ ଦବାଇବା ନିମନ୍ତେ ବିଶେଷ ଦୃଷ୍ଟି ଦିଆଗଲା; ଏଥି ସଙ୍ଗେ ସଙ୍ଗେ ଲକ୍ଷ୍ୟ କରିବାର କଥା ହେଉଛି ରାଜକର୍ମଚାରୀ ସବୁ ଜମିଦାରମାନଙ୍କୁ ସଂଗଠିତ ହେବା ନିମନ୍ତେ କହିବୁଲିଲେ । ଏହି ଜମିଦାର ଅନୁଷ୍ଠାନ ଗଢ଼ିବା ନିମନ୍ତେ ସମସ୍ତ ସୁବିଧା ଦିଆ ଯାଇଥିଲା । ଯୁକ୍ତପ୍ରଦେଶରେ ଏଥି ଭିତରୁ ଦୁଇଟି ପ୍ରଧାନ [ଜମିଦାର]

Digitized by srujanika@gmail.com

ଅନୁଷ୍ଠାନପାଇଁ ମୃଦା ସନ୍ନ୍ୟାସୀ ସୂତ୍ରରେ ବିଜୟ ଓ ଗଞ୍ଜଣା ସହ୍ୟ ଅସୁଲ କୋଇଥିଲି ।

ମୋର ବିଶ୍ୱାସ ଯେ କେବେହେଁ ହିନ୍ଦୁ ବା ମୁସଲମାନ ସାଂପ୍ରଦାୟିକ ଅନୁଷ୍ଠାନ ପ୍ରତି ମୋର ପକ୍ଷପାତ ଭାବ ନାହିଁ, ମାତ୍ର ଗୋଟିଏ ଘଟଣାରେ ମୁଁ ହିନ୍ଦୁ ମହାସଭା ପ୍ରତି ବିଶେଷ ସ୍ୱତନ୍ତ୍ରେ ରାଗିଗଲି । ଏହାର ଜଣେ ସଂପାଦକ ନିଜ ସୀମାତିକ୍ରମ କରି ଯାଇ 'ଲାଲକୁର୍ତ୍ତି'ଙ୍କ ଉପରେ ନିଷେଧାଜ୍ଞା ଜାରିକୁ ପ୍ରକୃତରେ ସମର୍ଥନ କରିଥିଲେ ଏବଂ ଏଥି- ପାଇଁ ସରକାରଙ୍କୁ ପ୍ରଶଂସା କରିଥିଲେ । କୌଣସି ଆକ୍ରମଣମୂଳକ ଆନ୍ଦୋଳନ ଚାଲିଥିବା ସମୟରେ ଅତି ପ୍ରାଥମିକ ନାଗରିକ-ଅଧିକାର ବଞ୍ଚିତ କରିବାର ଏପରି ସମର୍ଥନ ଦେଖି ମୁଁ ବିସ୍ମିତ ହେଲି । ଏହି କର୍ମପନ୍ଥା ବାଦ ଦେଲେ ଏହି କେତେବର୍ଷ ସଂଗ୍ରାମ ଭିତରେ ସୀମାନ୍ତର ଲୋକେ ଅପୂର୍ବ ପ୍ରକାରେ କାର୍ଯ୍ୟ କରିଛନ୍ତି । ସେମାନଙ୍କର ନେତା ଖାଁ ଅବଦୁଲ- ଗଫୁର ଖାଁ ଭାରତର ଜଣେ ସାହସୀ ଓ ସାଦାସିଧା ଲୋକ—ସେ ଏବେ ସୁଦ୍ଧା ଜେଲରେ ଥିଲେ—ବିନା ବିଚାରରେ ସରକାରର ଅଟକବନ୍ଦୀ State Prisoner ରୂପେ ତାଙ୍କୁ ରଖା ଯାଇଥିଲା । ମୁଁ ଭାବିଲି ଯେ ସାମ୍ପ୍ରଦାୟିକ ଭାବ କ'ଣ ତାହାଠାରୁ ଅଧିକ ତଳକୁ ଯାଇପାରେ ? ଏବଂ ମୁଁ ଆଶା କରିଥିଲି ହିନ୍ଦୁ ମହାସଭାର ଅଧିକ ପ୍ରଧାନ ନେତା ଏହି ବିଷୟରେ ନିଜର ସହକର୍ମୀର ନିନ୍ଦା କରିବେ । କିନ୍ତୁ ମୋର ଯେତେଦୂର ମନେ ଅଛି ସେମାନଙ୍କ ଭିତରୁ ଜଣେ ହେଲେ କେହି ଏ ବିଷୟରେ ପଦେ ହେଲେ କହିଲେ ନାହିଁ ।

ହିନ୍ଦୁ ମହାସଭା ସେକ୍ରେଟାରୀଙ୍କ ଘୋଷଣା ପଢ଼ି ମୁଁ ବଡ଼ ବିବ୍ରତ ହେଲି । ଏହା ଗୋଟିଏ ଖରାପ ଲକ୍ଷଣ, ମାତ୍ର ଦେଶରେ ଗୋଟାଏ ନୂତନ ଅବସ୍ଥାର ଚିହ୍ନପରି ଏହା ମୋର ମନେ ହେଲା । ସେଦିନ ରାତିରେ ମୁଁ ଟିକିଏ ଘୁମାଇ ପଡ଼ିଲି ଏବଂ ଗୋଟାଏ ଅଦ୍ଭୁତ ସ୍ୱପ୍ନ ଦେଖିଥିବାର ମୋର ସ୍ମରଣ ଅଛି । ଗୃହଆଙ୍ଗ୍ ଅବଦୁଲ ଗଫୁର ଖାଁଙ୍କୁ

Digitized by srujanika@gmail.com

ଆକ୍ରମଣ ହେଉଛି ଏବଂ ତାଙ୍କୁ ରକ୍ଷା କରିବା ନିମନ୍ତେ ମୁଁ ଲଢ଼ୁଛି । ମୁଁ କ୍ଲାନ୍ତ ହୋଇ ଉଠିଲି—ବଡ଼ ଦୁର୍ଦ୍ଦଶାଗ୍ରସ୍ତ ବୋଧ କଲି ଏବଂ ମୋର ତକିଆ ଲୁହରେ ଓଦା ହୋଇଥିଲା । ଏଥିରେ ମୁଁ ଆଶ୍ଚର୍ଯ୍ୟ ହେଲି, କାରଣ ଜାଗ୍ରତ ଥିବା ଅବସ୍ଥାରେ ମୋର ଏପରି ଭାବାବେଗ କେବେ ହେଉ ନ ଥିଲା ।

ଏହି ସମୟରେ ମୋର ମନ ସ୍ଥିର ନ ଥିଲା ସତ୍ୟ, ମୋର ନିଦ ଠିକ୍ ହେଉ ନ ଥିଲା—ଏହା ମୋ ପକ୍ଷରେ ଅତି ସାଧାରଣ କଥା ଏବଂ ନାନାପ୍ରକାର ଖରାପ ସ୍ୱପ୍ନ ଦେଖିଲି । ବେଳେ ବେଳେ ମୁଁ ଶୋଇଥିଲାବେଳେ ବିଳିବିଳାଏ ବା ଚିତ୍କାର କରେ । ଥରେ ଏହି ଚିତ୍କାର ଖୁବ୍ ଜୋରରେ ହେଲା ଏବଂ ମୁଁ ଉଠି ଦେଖିଲି ଯେ ଦୁଇଟି ଜେଲ ଓ୍ୟାର୍ଡ଼ର ଆସି ମୋ ବିଛଣା ପାଖରେ ଛିଡ଼ା ହୋଇଛନ୍ତି—ମୋର ଶବ୍ଦ ଶୁଣି ସେମାନେ ବିଚଳିତ ହୋଇଛନ୍ତି । ମୁଁ ସ୍ୱପ୍ନ ଦେଖିଲି ଯେ ମୋର ଗଳା କିଏ ଚିପି ଧରିବାରୁ ଯେପରି ମୋର ଶ୍ୱାସରୁଦ୍ଧ ହେଉଛି ।

ଏହି ସମୟରେ କଂଗ୍ରେସ କାର୍ଯ୍ୟକାରୀ ସମିତିର ଗୋଟାଏ ପ୍ରସ୍ତାବ ପଢ଼ି ମୋ ମନରେ କଷ୍ଟ ହେଲା । ଏହି ପ୍ରସ୍ତାବଟି ଗୃହୀତ ହୋଇଥିଲା—ଏଥିରେ ଥିଲା ଯେ ବ୍ୟକ୍ତିଗତ ସମ୍ପତ୍ତି ବାଜ୍ୟାପ୍ତ ଓ ଶ୍ରେଣୀ ସଂଘର୍ଷର ଆବଶ୍ୟକତା ସମ୍ବନ୍ଧରେ ଢିଲା ଭାବରେ ଆଲୋଚନା ହେଉ ଥିବାରୁ "କମିଟି କଂଗ୍ରେସବାଲାଙ୍କୁ ସ୍ମରଣ କରାଇ ଦେବାକୁ ଚାହେଁ ଯେ କରାଚୀ ପ୍ରସ୍ତାବ ନ୍ୟାୟସଙ୍ଗତ," କାରଣ କ୍ଷତିପୂରଣ ବା ବ୍ୟକ୍ତିଗତ ସମ୍ପତ୍ତି ବାଜ୍ୟାପ୍ତ କଳ୍ପନା କରୁନାହିଁ କିମ୍ବା ଶ୍ରେଣୀସଂଘର୍ଷ ସପକ୍ଷରେ ମତ ଦେଉ-ନାହିଁ । କାର୍ଯ୍ୟକାରୀ ସମିତିର ଆହୁରି ମତ ଯେ "ବାଜ୍ୟାପ୍ତି ଓ ଶ୍ରେଣୀ ସଂଘର୍ଷ କଂଗ୍ରେସର ଅହିଂସା ନୀତିର ବିରୋଧୀ ।" ଏହି ପ୍ରସ୍ତାବଟି ଢିଲା ଭାବରେ ଲେଖା ହୋଇଥିଲା ଏବଂ ଶ୍ରେଣୀ ସଂଘର୍ଷ ସମ୍ବନ୍ଧରେ ଏହି ନୂତନ ପ୍ରସ୍ତାବକମାନଙ୍କର ଅଜ୍ଞତା ପ୍ରକାଶ ପାଉଥିଲା । ଏହା ନୂତନ ଗଠିତ କଂଗ୍ରେସ ସାମ୍ୟବାଦୀ ଦଳକୁ ଲକ୍ଷ୍ୟ କରି ହୋଇଥିଲା ଏକଥା ସ୍ପଷ୍ଟ ।

Digitized by srujanika@gmail.com

ପ୍ରକୃତରେ କହିବାକୁ ଗଲେ ଏହି ଦଳର କୌଣସି ଦାୟିତ୍ୱସମ୍ପନ୍ନ ସଭ୍ୟ ବାକ୍ୟାର୍ପି କଥା ଉଠାଇ ନାହାନ୍ତି; ଯାହାହେଉ ବର୍ତ୍ତମାନ ଅବସ୍ଥାରେ ଶ୍ରେଣୀସଂଘର୍ଷ ରହିଛି ବୋଲି ବାରମ୍ବାର ଏ କଥା କୁହାଯାଉଛି । କାର୍ଯ୍ୟକାରୀ ସମିତି ପ୍ରସ୍ତାବରୁ ଜଣା ପଡ଼ୁଥିଲା ଯେ ଶ୍ରେଣୀ ସଂଘର୍ଷରେ ବିଶ୍ୱାସ କରୁଥିବା କୌଣସି ଲୋକ କଂଗ୍ରେସର ସାଧାରଣ ସଭ୍ୟ ସୁଦ୍ଧା ହୋଇପାରିବ ନାହିଁ । କଂଗ୍ରେସ ସାମ୍ୟବାଦୀ ହୋଇଯାଇଛି କିମ୍ବା ଏହା ବ୍ୟକ୍ତିଗତ ସମ୍ପତ୍ତି ବିରୁଦ୍ଧରେ ଏପରି ଅଭିଯୋଗ କେହି କରି ନାହିଁ । ଏହାର କେତେକ ସଭ୍ୟଙ୍କର ଏପରି ମତ ଥିଲା, ମାତ୍ର ଏବେ ଦେଖାଗଲା ଯେ ଏହି ସବୁ ଶ୍ରେଣୀର ଜାତୀୟ ଅନୁଷ୍ଠାନର ସୈନ୍ୟରୂପେ ରହିବାପାଇଁ ସେମାନଙ୍କର ସ୍ଥାନ ସୁଦ୍ଧା ନାହିଁ ।

ମୁଁ ଅନେକ ଥର କହିଛି ଯେ କଂଗ୍ରେସ ସମଗ୍ର ଜାତିର ପ୍ରତିନିଧି । ରାଜାଠାରୁ ଆରମ୍ଭ କରି ସମ୍ବଳହୀନ ଲୋକ ପର୍ଯ୍ୟନ୍ତ ସମସ୍ତ ଗୋଷ୍ଠୀ ଓ ସ୍ୱାର୍ଥ ଏଥିରେ ରହିଛନ୍ତି । ଜାତୀୟ ଆନ୍ଦୋଳନ ସବୁ ପ୍ରାୟ ଏପରି ଦାବୀ କରି-ଥାନ୍ତି—ଏହାର ଅର୍ଥ ଜାତୀୟ ଆନ୍ଦୋଳନ ଦେଖାଇବାକୁ ଚାହେଁ ଯେ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କର ଏହା ପ୍ରତିନିଧି ଏବଂ ସେମାନଙ୍କର କାର୍ଯ୍ୟରେ ସମସ୍ତ ସ୍ୱାର୍ଥର ମଙ୍ଗଳ ହେବ । ମାତ୍ର ଏହି ଦାବୀ ମୁକ୍ତିହ୍ୱାଦ୍ ସମର୍ଥନ କରି ହେବ ନାହିଁ; କାରଣ କୌଣସି ରାଜନୀତିକ ଅନୁଷ୍ଠାନ ପରସ୍ପର ବିରୋଧୀ ସ୍ୱାର୍ଥର ପ୍ରତିନିଧିତ୍ୱ କରିପାରେ ନା—ତାହାହେଲେ ଏହା ଏକ ବିଶେଷତ୍ୱହୀନ ନିରର୍ଥକ ଜଡ଼ପିଣ୍ଡରେ ପରିଣତ ହୋଇଯିବ । କଂଗ୍ରେସ ନିଶ୍ଚିତ ଗୋଟିଏ ରାଜନୀତିକ ଦଳ ଯାହାର ନିର୍ଦ୍ଦିଷ୍ଟ କିମ୍ବା ଅସ୍ପଷ୍ଟ ଲକ୍ଷ୍ୟ ରହିଛି ଓ ରାଜନୀତିକ ଦର୍ଶନ ରହିଛି ଏବଂ ଏହା ଜାତୀୟ କଲ୍ୟାଣପାଇଁ ସେ ବ୍ୟବହାର କରିବାକୁ ଚାହେଁ କିମ୍ବା ଏହା ଗୋଟିଏ ଦୟାଶୀଳ ଲୋକହିତକର ଅନୁଷ୍ଠାନ ଯାହାର ନିଜର କୌଣସି ମତ ନାହିଁ—ସମସ୍ତଙ୍କର ମଙ୍ଗଳବାଞ୍ଛା କରିବା ହେଉଛି ଉଦ୍ଦେଶ୍ୟ । ଯେଉଁ-ମାନେ ଏହି ଲକ୍ଷ୍ୟ ଓ ଦର୍ଶନ ସହିତ ଏକମତ ସେମାନଙ୍କର ଏଥିରେ ସ୍ଥାନ ଏବଂ ଯେଉଁମାନେ ଏହା ବିରୋଧୀ ସେମାନଙ୍କୁ ଜାତୀୟତା

Digitized by srujanika@gmail.com

ବିରୋଧୀ କିମ୍ବା ସମାଜବିରୋଧୀ ଏବଂ ପ୍ରତିକ୍ରିୟାପନ୍ଥୀ ବୋଲି ବିଚାର କରିପାଏ—ଏମାନଙ୍କର ପ୍ରଭାବକୁ ହୁଏତ ବାଧା ଦେବାକୁ ହେବ ନଚେତ ଲୋପ କରି ଦେବାକୁ ପଡ଼ିବ—ତାହାହେଲେ ନିଜର ଦର୍ଶନ କାର୍ଯ୍ୟକାରୀ ହୋଇପାରିବ । ଏକଥା ସତ୍ୟ ଯେ ସାମ୍ରାଜ୍ୟବାଦ ବିରୋଧୀ ଜାତୀୟ ଆନ୍ଦୋଳନରେ ଏକମତ ହେବାର ବ୍ୟାପକ କ୍ଷେତ୍ର ରହିଛି; କାରଣ ଏହା ସାମାଜିକ ସଂଘର୍ଷକୁ ସ୍ପର୍ଶ କରେ ନାହିଁ । ସୁତରାଂ ଭିନ୍ନ ପ୍ରକାରେ କଂଗ୍ରେସ ଭାରତର ଅଧିକ ସଂଖ୍ୟକ ଲୋକଙ୍କର ପ୍ରତିନିଧିତ୍ୱ କରେ ଏବଂ କେବଳ ସାମ୍ରାଜ୍ୟବାଦ-ବିରୋଧ ସମସ୍ୟାରେ ବିଶ୍ୱାସ କରୁଥିବା ପରସ୍ପର ବିରୋଧୀ ଦଳ ମଧ୍ୟ ଏଥି ଭିତରେ ଅଛନ୍ତି; ଏ ବିଷୟରେ କେତେ ଦୂର ଜୋର ଦେଇ କାର୍ଯ୍ୟ କରିଯିବ ସେଥିରେ ମଧ୍ୟ ମତଭେଦ ରହିଛି । ଯେଉଁମାନେ ଏହି ସାମ୍ରାଜ୍ୟବାଦ-ବିରୋଧ ମୂଳ ନୀତି-ବିରୁଦ୍ଧ ମତ ପୋଷଣ କରନ୍ତି ସେମାନେ କଂଗ୍ରେସରୁ ଅଲଗା ରହିଛନ୍ତି ଏବଂ ଭିନ୍ନ ପ୍ରକାରେ ବ୍ରିଟିଶ ସରକାର ପକ୍ଷରେ ଯୋଗ ଦେଇଛନ୍ତି । ଏହିରୂପେ କଂଗ୍ରେସ ଗୋଟାଏ ପ୍ରକାର ସ୍ଥାୟୀ ସର୍ବଦଳ କଂଗ୍ରେସ ହୋଇଛି—ଏହା ଭିତରେ ପରସ୍ପରକୁ ଆଚ୍ଛନ୍ନ କଲାପରି ବହୁ ଦଳ ଅଛନ୍ତି ଏବଂ ଗୋଟିଏ ସାଧାରଣ ବିଶ୍ୱାସରେ ସମସ୍ତେ ଏକମତ ହୋଇ ରହିଛନ୍ତି ଏବଂ ଗାନ୍ଧିଜୀଙ୍କର ପ୍ରଧାନ ବ୍ୟକ୍ତିତ୍ୱ ମଧ୍ୟ ରହିଛି ।

ପରେ କାର୍ଯ୍ୟକାରୀ ସମିତି ତା'ର ଶ୍ରେଣୀ ସଂଘର୍ଷ-ମୂଳକ ପ୍ରସ୍ତାବକୁ ଘୁଞ୍ଚାଇବାକୁ ଚେଷ୍ଟା କରିଥିଲା । ଏହି ପ୍ରସ୍ତାବ ଯେପରି ଭାଷାରେ ଲେଖାଯାଇଥିଲା କିମ୍ବା ଏଥିରେ ନିର୍ଦ୍ଦିଷ୍ଟ ଭାବରେ ଯାହା ଲେଖା ଥିଲା ପ୍ରସ୍ତାବର ଗୁରୁତ୍ୱ ସେଥିରେ ନାହିଁ । ମାତ୍ର କଂଗ୍ରେସ କେଉଁ ଦିଗରେ ଚାଲିଛି ଏହା ତା'ର ଏକ ସୂଚନା । କଂଗ୍ରେସର ନୂତନ ପାର୍ଲିଆମେଣ୍ଟାରି ଦଳ କେନ୍ଦ୍ର ବ୍ୟବସ୍ଥା ସଭାର ଆସନ୍ତା ନିର୍ବାଚନରେ ପଇସାବାଲା ଲୋକଙ୍କର ସମର୍ଥନ ପାଇବା ନିମନ୍ତେ ଏହି ପ୍ରସ୍ତାବ କରିଥିବାର ସ୍ପଷ୍ଟ ଜଣାପଡ଼ିଲା । ସେମାନଙ୍କ ନିର୍ଦ୍ଦେଶମତେ କଂଗ୍ରେସ ଅଧିକରୁ ଅଧିକ ଦକ୍ଷିଣ ଆଡ଼କୁ ଯାଉଥିଲା ଏବଂ ଦେଶର ମଡ଼ରେଟ ଓ ରକ୍ଷଣଶୀଳ ଦଳକୁ

Digitized by srujanika@gmail.com

ହାତ କରିବାକୁ ଚେଷ୍ଟା କରୁଥିଲ । ଅନ୍ତତଃ ଯେଉଁମାନେ କଂଗ୍ରେସ ଆନ୍ଦୋଳନର ବିରୋଧ କରୁଥିଲେ ଏବଂ ଆଇନଅମାନ୍ୟ ଚାଲିଥିଲାବେଳେ ସରକାର ପକ୍ଷ ଗ୍ରହଣ କରିଥିଲେ ସେମାନଙ୍କ ପ୍ରତି ନରମ ତଥା କିଛି ଅତି ସନ୍ତୁଷ୍ଟ କରିବାର ଚେଷ୍ଟା ହୋଇଥିଲା । ଏହି ମିଳାମିଶା ଏବଂ 'ହୃଦୟ ପରିବର୍ତ୍ତନ' ପଥରେ ବାମପନ୍ଥୀଙ୍କର ଚିତ୍କାର ଓ ସମାଲୋଚନା ଏକ ଅନ୍ତରାୟ ହୋଇଥିଲା ଏବଂ କାର୍ଯ୍ୟକାରୀ ସମିତିର ପ୍ରସ୍ତାବ ଓ ଅନ୍ୟାନ୍ୟ ନେତାଙ୍କ ବିବୃତ୍ତିରୁ ଜଣାପଡ଼ିଲା ଯେ ବାମପନ୍ଥୀଙ୍କର ବାଧାସତ୍ତ୍ୱେ କଂଗ୍ରେସ କର୍ମକର୍ତ୍ତାମାନେ ତାଙ୍କର ନୂତନ ପଥରୁ ବିଚଳିତ ହେବେ ନାହିଁ । ବାମ-ପନ୍ଥ ଯଦି ଭଲ ଆଚରଣ ନ କରନ୍ତି ତାଙ୍କ ଉପରେ ଚଢ଼ି ତାଙ୍କୁ କଂଗ୍ରେସରୁ ଅନ୍ତର କରିଦେବାକୁ ହେବ । କଂଗ୍ରେସର ପାର୍ଲିଆମେଣ୍ଟାରି ବୋର୍ଡ ଯେଉଁ ଇସ୍ତାହାର ପ୍ରକାଶ କରିଥିଲା, ତାହା କଂଗ୍ରେସ ଗତ ୧୫ ବର୍ଷ ଭିତରେ ଯାହାସବୁ ଇସ୍ତାହାର ଦେଇଥିଲା ତାହା ଅପେକ୍ଷା ଅଧିକ ମଡ଼ରେଟ ଓ ସତର୍କତାମୂଳକ ।

ଗାନ୍ଧିଜୀଙ୍କ କଥା ବାଦ୍ ଦେଲେ କଂଗ୍ରେସ ନେତୃମଣ୍ଡଳୀ ମଧ୍ୟରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଜାତୀୟ ସଂଗ୍ରାମରେ ଖୁବ୍ କୃତିତ୍ୱର ସହିତ କାର୍ଯ୍ୟ କରିଛନ୍ତି—ସେମାନଙ୍କର ସତ୍ୟତା ଓ ନିର୍ଭୀକତା ନିମନ୍ତେ ଦେଶରେ ସମ୍ମାନ ଲଭିଛନ୍ତି । ମାତ୍ର ଏହି ନୂତନ ନୀତି ଅନୁସରଣ ଫଳରେ କଂଗ୍ରେସର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଏପରି ଲୋକ ସବୁ ଆସି ଉପସ୍ଥିତ ଥିଲେ ଯେଉଁମାନଙ୍କୁ ଆଦୌ ଆଦର୍ଶବାଦୀ ବୋଲି କୁହାଯାଇ ପାରିବନାହିଁ । ଅବଶ୍ୟ କଂଗ୍ରେସ କର୍ମୀ ଶ୍ରେଣୀଙ୍କ ଭିତରେ ବହୁସଂଖ୍ୟକ ଆଦର୍ଶବାଦୀ ଥିଲେ, ମାତ୍ର ଏବେ ପୂର୍ବାପେକ୍ଷା ସ୍ୱାର୍ଥାନ୍ୱେଷୀ ଓ ଅସୁବିଧା-ବାଦୀଙ୍କପାଇଁ ଦ୍ୱାର ଖୋଲି ଦିଆଗଲା । ଗାନ୍ଧିଜୀଙ୍କର ଦୁର୍ବୋଧ ଓ ରହସ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ପ୍ରସଙ୍ଗ କଥା ଛାଡ଼ିଦେଲେ କଂଗ୍ରେସ ଭିତରେ ଦୁଇଟି କଥା ଦେଖାଗଲା— ଗୋଟିଏ ହେଉଛି ରାଜନୀତିକ ଦଳ—ଏହା ଏକପ୍ରକାର ଦଳତନ୍ତ୍ରରେ

Digitized by srujanika@gmail.com

ପରିଣତ ହେଉଛି ଏବଂ ଅନ୍ୟ ପକ୍ଷ ଏକପ୍ରକାର ପ୍ରାର୍ଥନା ସୱର ଦୟା ଓ ଭାବପ୍ରବଣରେ ପୂର୍ଣ୍ଣ ।

ସରକାର ପକ୍ଷରେ ଏକପ୍ରକାର ଭଜନ୍ତ ଆନନ୍ଦ—ସେମାନେ ତାଙ୍କ ନୀତି ଫଳରେ ଆଇନ-ଅମାନ୍ୟ ଆନ୍ଦୋଳନ ଓ ତା'ର ଅନ୍ୟ ପ୍ରତିକ୍ରିୟା ସବୁ ଦମନ କରିବାର ସଫଳତା ଲଭିଥିଲେ ଏହି ଭାବ କିଛି ଲୁଗୁଛପା ନ ଥିଲା । ଅସ୍ତ୍ରୋପଚାର ସଫଳ ହୋଇଥିଲା, ରୋଗୀ ମରିଛି କି ବଞ୍ଚିଛି ସେଥିରେ କିଛି ଯାଏ ଆସେ ନା । ସେମାନେ ସାମାନ୍ୟ ପରିବର୍ତ୍ତନ ସହ ସେହି ନୀତି ଅନୁସରଣ କରିଗଲେ ଯଦିଓ ଅନେକ ପରିମାଣରେ କଂଗ୍ରେସ ବାଗକୁ ଆସିଥିଲା । ସେମାନେ ଜାଣନ୍ତି ଯେ ମୂଳ ସମସ୍ୟା ରହିଥିବା ପର୍ଯ୍ୟନ୍ତ ଜାତୀୟ କର୍ମପନ୍ଥାର ଏପରି ପରିବର୍ତ୍ତନ କ୍ଷଣସ୍ଥାୟୀ, ମାତ୍ର ସେମାନେ ଟିକିଏ ହାଲୁକା ହେଲେ ଆହୁରି ଦୃଢ଼ତାରେ ଅଗ୍ରସର ହେବ । ସମ୍ଭବତଃ ସେମାନେ ମଧ୍ୟ ଭାବିଥିଲେ ଯେ କଂଗ୍ରେସର ଅଗ୍ରଗାମୀ ଦଳ, ଶ୍ରମିକ ଏବଂ କୃଷକଙ୍କ ଭିତରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଦମନ କରିଦେଲେ, କଂଗ୍ରେସର ଅଧିକ ସତର୍କତା ଅବଲମ୍ବନ କରି ଚାଲୁଥିବା ନେତାମାନେ କିଛି ଅପମାନିତ ବୋଧ କରିବେ ନାହିଁ ।

ଡେରାଡୁନ ଜେଲରେ ମୋର ଚିନ୍ତା କେତେକ ପରିମାଣରେ ଏହି ଧରଣରେ ଗଲୁଥାଏ । ଘଟଣାର ଗତି ସମ୍ବନ୍ଧରେ ଗୋଟାଏ ନିର୍ଦ୍ଦିଷ୍ଟ ମତ ପୋଷଣ କରିବା ଅବସ୍ଥାରେ ପ୍ରକୃତରେ ମୁଁ ନ ଥିଲି, କାରଣ ମୁଁ ଏହାର ସ୍ପର୍ଶରେ ନ ଥିଲି । ଆଲ୍ଲିପୁରରେ ମୁଁ ସମ୍ପୂର୍ଣ୍ଣ ଭାବରେ ସମ୍ପର୍କ ହରାଇଥିଲି ଏବଂ ଡେରାଡୁନରେ ସରକାର ବାଛି ଦେଉଥିବା ଖବରକାଗଜରେ ବେଳେ ବେଳେ ପକ୍ଷପାତ ଭାବରେ ଏବଂ ଅନେକ ସମୟରେ ଏକପାଖିଆ ସମ୍ବାଦ ଆସି ପହଞ୍ଚେ । ବାହାରେ ମୋର ସହକର୍ମୀଙ୍କ ସହିତ ସମ୍ପର୍କରେ ଆସିଲେ ଏବଂ ପରିସ୍ଥିତିକୁ ଘନିଷ୍ଠଭାବରେ ଅଧ୍ୟୟନ କଲେ ମୋର ମତ କେତେକ ପରିମାଣରେ ଅଲଗା ହୋଇ ପାରିବାର ପୂର୍ଣ୍ଣ ସମ୍ଭାବନା ଥିଲା ।

Digitized by srujanika@gmail.com

ବର୍ତ୍ତମାନ ଘଟଣାରେ ବ୍ୟଥିତ ହୋଇ ମୁଁ ଅତୀତ ସମ୍ବନ୍ଧରେ ଏବଂ ସାଧାରଣ କାର୍ଯ୍ୟରେ ଯୋଗ ଦେଇ ଦିନୁ ଭାରତର ରାଜନୀତି କ୍ଷେତ୍ରରେ କ'ଣ ଘଟିଛି ସେ ସବୁ ଚିନ୍ତା କରିବାକୁ ଲାଗିଲି । ଆମ କାର୍ଯ୍ୟରେ ଆମେ କେତେଦୂର ଠିକ୍ ? କ'ଣ ବା ଭୁଲ ରହିଛି ? ମୋତେ ହଠାତ୍ ମନେ ହେଲା ଯେ ଯଦି ମୁଁ ମୋର ଚିନ୍ତାକୁ କାଗଜରେ ଲେଖିପକାଏ ତେବେ ଚିନ୍ତା ଶୃଙ୍ଖଳିତ ଓ ସାହାଯ୍ୟକାରୀ ହେବ । ମୋର ମନ ମଧ୍ୟ ଗୋଟାଏ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିଯୁକ୍ତ ହୋଇପିବ ଏବଂ ହତାଶା ଓ ଅବସାଦରୁ ମନ ଅନ୍ୟ ଆଡ଼କୁ ବୁଲିଯିବ । ତେଣୁ ୧୯୩୪ ମସିହା ଜୁନମାସରେ ଡେରାଡୂନ ଜେଲରେ ମୁଁ ଏହି 'ଆତ୍ମକାହାଣୀ' ଲେଖା ଆରମ୍ଭ କଲି, ଏବଂ ଯେତେବେଳେ ମୋର ମନ ହୋଇଛି ସେତେବେଳେ ମୁଁ ଗଲା ଆଠମାସ ହେଲା ବରାବର ଏହା ଲେଖି ଆସିଛି । ବେଳେ ବେଳେ ମୋର ଆଦୌ ଲେଖିବା ନିମନ୍ତେ ଇଚ୍ଛା ନ ହେବାରୁ ଲେଖା ବନ୍ଦ ହୋଇଛି, ତିନିଥର ମଝିରେ ମାସ ମାସ ଧରି ଲେଖିନାହିଁ; ମାତ୍ର ମୁଁ ଲେଖା କୌଣସି ପ୍ରକାରେ ଚଲାଇଛି ଏବଂ ମୋର ନିଜ ଜୀବନ କାହାଣୀ ପ୍ରାୟ ଶେଷ ହେବା ଉପରେ ହେଲାଣି । ମୋ ମନରେ ବିଷାଦ ଓ ଭାବାବେଗ ଅବସ୍ଥାରେ ଏହି ପୁସ୍ତକର ଅଧିକାଂଶ ଭାଗ ଲେଖାଯାଇଛି । ବୋଧହୁଏ ମୋ ଲେଖାରେ ସେହିଭାବ କେତେକ ପ୍ରକାଶ ପାଇପାଇଛି, ମାତ୍ର ବର୍ତ୍ତମାନର ଜଞ୍ଜାଳରୁ ମୋତେ ବାହାର କରି ଆଣିବାର ଏହା ଅନେକ ପରିମାଣରେ ସାହାଯ୍ୟ କରିଥିଲା । ମୁଁ ଲେଖିଲାବେଳେ ବାହାରର କାହାରିପ୍ରତି ନିର୍ଦ୍ଦେଶ କରି ଲେଖିନାହିଁ । ଏହା ମୋ ନିଜପାଇଁ ଲେଖା—ନିଜେ ପ୍ରଶ୍ନ କରି ନିଜ ସୁବିଧାସକାଶେ ଜବାବ ଦେଉଥିଲି । ବେଳେ ବେଳେ ଏହା କରି ମୁଁ କୌତୁକ ବୋଧ କରେ । ମୁଁ ଯେତେଦୂର ସମ୍ଭବ ସିଧାଭାବରେ ଚିନ୍ତା କରିବାକୁ ଚେଷ୍ଟା କରିଥିଲି ଏବଂ ମୁଁ ଅନୁମାନ କଲି ଅତୀତର ଏହି ଆଲୋଚନା ଏ ଦିଗରେ ମୋତେ ସାହାଯ୍ୟ କରିପାରିଥିଲା ।

Digitized by srujanika@gmail.com

ଜୁଲାଇ ଶେଷବେଳକୁ କମଳା ଦେହ ଅତି ଖରାପ ହେଲା ଏବଂ କେତେଦିନ ଭିତରେ ତା'ର ଅବସ୍ଥା ଗୁରୁତର ହେଲା । ଅଗଷ୍ଟ ମାସ ତା ୧୧ ରିଖ ଦିନ ମୋତେ ହଠାତ୍ ଡେରାଡୁନଜେଲରୁ ପୁଲିସଜଗୁଆଳି ଅଧୀନରେ ଏଲାହାବାଦ ପଠାଗଲା । ତା ପରଦିନ ସନ୍ଧ୍ୟାବେଳେ ଏଲାହାବାଦ ଷ୍ଟେସନରେ ପହଞ୍ଚିଲୁ ଏବଂ ସେଠାରେ ମୋତେ ଜିଲା ମାଜିଷ୍ଟ୍ରେଟ କହିଲେ ଯେ ମୋର ସ୍ତ୍ରୀକୁ ଦେଖିବା ନିମନ୍ତେ ମୋତେ ଅସ୍ଥାୟୀଭାବରେ ଖଲାସ କରିଦିଆଗଲା । ମୋର ୬ ମାସ ସେତେବେଳକୁ ବଳିଥାଏ ।

———

୨୫

ଏଗାର ଦିନ

"ତରବାରୀ ତା'ର ଖୋଳକୁ ପୁରୁଣା କରିଦିଏ,
ଆଶା ହୃଦୟକୁ ଜୀର୍ଣ୍ଣ କରିପକାଏ ।"—ବାଇରନ୍ ।

ମୋର ଖଲାସ ଅଣସ୍ଥାୟୀ । ମୁଁ ଶୁଣିଥିଲି ଏହା ଦିନେ ଦି'ଦିନ ପାଇଁ କିମ୍ବା ଡାକ୍ତରମାନେ ଯଦି ଅତ୍ୟନ୍ତ ଆବଶ୍ୟକ ମନେ କରନ୍ତି ତେବେ ଆଉ ବେଶୀ କ୍ଷଣ ପାଇଁ ହୋଇପାରେ । ଗୋଟାଏ ଅଦ୍ଭୁତ ପରିସ୍ଥିତି—ଅନିଶ୍ଚୟତାପୂର୍ଣ୍ଣ—ଏବଂ କୌଣସି ଗୋଟିକ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ହେବା ମୋ ପକ୍ଷରେ ସମ୍ଭବ ନ ଥିଲା । ନିର୍ଦ୍ଦିଷ୍ଟ ସମୟ ଜାଣିପାରିଥିଲେ ନିଜର ଅବସ୍ଥାନୁସାରେ ବ୍ୟବସ୍ଥା କରିପାରିଥାନ୍ତି । ଯେପରି ଅବସ୍ଥା ଥିଲା ସେଥିରେ ଯେ କୌଣସି ଦିନ ଯେ କୌଣସି ମୁହୂର୍ତ୍ତରେ ମୋତେ ପୁଣି ଜେଲକୁ ଫେରାଇ ନିଆଯାଇପାରେ ।

ଏହି ପରିବର୍ତ୍ତନ ହଠାତ୍ ଆସିଲା ଏବଂ ଏଥିପ୍ରତି ସମ୍ପୂର୍ଣ୍ଣ ଅପ୍ରସ୍ତୁତ ଥିଲି । ଗୋଟିଏ ନିର୍ଜନ ଅବରୁଦ୍ଧ ସ୍ଥାନରୁ ହଠାତ୍ ଡାକ୍ତର, ନର୍ସ ଓ ଆତ୍ମୀୟ-ସ୍ୱଜନ-ପରିପୂର୍ଣ୍ଣ ସ୍ଥାନକୁ ଗଲି । ମୋ ଝିଅ ଇନ୍ଦିରା ମଧ୍ୟ ଶାନ୍ତିନିକେତନରୁ ଆସିଥାଏ । ଅନେକ ବନ୍ଧୁ ମୋତେ ଦେଖିବା ନିମନ୍ତେ ଓ କମଳା ସ୍ୱାସ୍ଥ୍ୟବିଷୟରେ ପଚାରିବା ନିମନ୍ତେ ବାରମ୍ବାର ଆସୁଥାନ୍ତି । ବଞ୍ଚିବା ପ୍ରଣାଳୀ ସମ୍ପୂର୍ଣ୍ଣ ପୃଥକ୍; ଘରର ସ୍ୱାଚ୍ଛନ୍ଦ୍ୟ, ଭଲ ଖାଦ୍ୟ ମିଳିଲା । ଏହିସବୁ ପଶ୍ଚାତ୍‌ରେ କମଳାର ଗୁରୁତର ଅବସ୍ଥା ହେତୁ ବ୍ୟଗ୍ରତା ପ୍ରକାଶ ପାଉଥିଲା ।

ସେ ସେଠାରେ ପଡ଼ିଥାଏ—ତାର ଦେହ ଶୀର୍ଣ୍ଣ ଓ ଅତ୍ୟନ୍ତ ଦୁର୍ବଳ; ତାହାର ଛାୟାପାତ ମାତ୍ର ଥାଏ—ନିଜର ଅସୁସ୍ଥତା ବିରୁଦ୍ଧରେ ଦୁର୍ବଳ

Digitized by srujanika@gmail.com

ଭିତରେ ଲଢ଼ୁଥାଏ—ସେ ମୋତେ ଛାଡ଼ି ଦେଇ ଚାଲିଯାଇ ପାରେ ଏହି ଚିନ୍ତା ମୋ ମନରେ ଅସହ୍ୟ ବେଦନା ଜନ୍ମାଇଲା । ଆମର ବିବାହ ହେବା ଆଜିକୁ ସାଢ଼େ ୧୮ ବର୍ଷ ହେଲା—ସେହିଦିନ କଥା ମୋର ମନେ ପଡ଼ିଲା ତାର ପରବର୍ତ୍ତୀ ବର୍ଷମାନଙ୍କର କେତେ ସ୍ମୃତି । ସେତେବେଳେ ମୋର ବୟସ ଥିଲା ୨୭, ତାର ସତର—ସେପରି ସ୍କୁଲରେ ବାଳିକା ହୋଇଯାଇଛି—ସଂସାର ଗୃହଚାଳନରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ଆମ ଭିତରେ ବୟସର ପାର୍ଥକ୍ୟ ପ୍ରଚୁର, ମାତ୍ର ଆମର ମାନସିକ ଦୃଷ୍ଟିକୋଣର ପାର୍ଥକ୍ୟ ଆହୁରି ବେଶୀ, କାରଣ, ତାହା ଅପେକ୍ଷା ମୋର ମାନସିକ ବିକାଶ ଆହୁରି ଅଧିକ । ତଥାପି ବାହାରେ ସାଂସାରିକ ଜ୍ଞାନ ଥିବାରୁ ସବୁ ସତ୍ତ୍ୱେ ମୁଁ ବାଳକ ପରି ଚପଳ ଥିଲି ଏବଂ ମୁଁ ପ୍ରାୟ ବୁଝିପାରି ନ ଥିଲି ଯେ ବାଳିକାର କୋମଳ ଓ ଭାବପ୍ରବଣ ମନ ଧୀରେ ଧୀରେ ବିକଶିତ ହୁଏ ଏବଂ ସେଥିପାଇଁ ଧୀର ଓ ସଯତ୍ନ ଆଦର ଦରକାର । ଆମେ ପରସ୍ପର ପ୍ରତି ଆକୃଷ୍ଟ ହେଉଥିଲୁ ଏବଂ ବେଶ୍ ଆନନ୍ଦରେ ଦିନ କାଟୁଥିଲୁ; ମାତ୍ର ମନର ପଶ୍ଚାତ୍‌ରେ ଧାରଣା ଥିଲା ସ୍ୱତନ୍ତ୍ର ଏବଂ ସାମଞ୍ଜସ୍ୟର ବହୁତ ଅଭାବ ଦେଖାଯାଉଥିଲା । ଏହି ଅସାମଞ୍ଜସ୍ୟ ହେତୁ ବେଳେ ବେଳେ ଝଗଡ଼ା ହୁଏ—ଛୋଟ ଛୋଟ କଥାରେ କଜିଆ ହୁଏ—ମାତ୍ର ବାଳକ ବାଳିକାମାନଙ୍କ ପରି ଏହି କଳହ କ୍ଷଣସ୍ଥାୟୀ ହେଉଥିଲା ଏବଂ ଅତିଶୀଘ୍ର ମିଳନ ଭିତରେ ତାହା ଶେଷ ହେଉଥିଲା । ଆମ ଉଭୟଙ୍କର ଟିକିଏ ଚଢ଼ା ମିଜାଜ—ବଡ଼ ଭାବପ୍ରବଣ—ନିଜର ମର୍ଯ୍ୟାଦା ରକ୍ଷା ସମ୍ବନ୍ଧରେ ବାଳକୋଚିତ ଧାରଣା । ଏ ସବୁ ସତ୍ତ୍ୱେ ଆମ ପରସ୍ପର ସହିତ ଘନିଷ୍ଠତା ବୃଦ୍ଧି ପାଇଲା—ଅବଶ୍ୟ ସାମଞ୍ଜସ୍ୟର ଅଭାବରୁ ତାହା ଧୀରେ ଧୀରେ ହେଲା । ଆମ ବିବାହର ୨୧ ମାସ ପରେ ଆମର ଝିଅ—ଏକମାତ୍ର ସନ୍ତାନ ଇନ୍ଦିରାର ଜନ୍ମ ହେଲା ।

ମୋର ବିବାହ ସଙ୍ଗେ ସଙ୍ଗେ ରାଜନୀତିର ନୂତନ ପରିବର୍ତ୍ତନ ଦେଖାଦେଲା ଏବଂ ମୁଁ ସେଥିରେ ଅଧିକ ନିମଗ୍ନ ହେଲି । ସେତେବେଳେ ହୋମରୁଲ୍ ବେଳ—ଅଳ୍ପଦିନ ପରେ ପଞ୍ଜାବରେ ସାମରିକ ଆଇନ ଓ

Digitized by srujanika@gmail.com

ଅସହଯୋଗ ଆସିଲା ଏବଂ ମୁଁ କ୍ରମେ ସାଧାରଣ କୋଳାହଳ ଭିତରେ ରହିଗଲି । ଏହିସବୁ କାର୍ଯ୍ୟରେ ମୋର ମନ ଏପରି ଭାବରେ କେନ୍ଦ୍ରୀଭୂତ ହୋଇଗଲା ଯେ ମୁଁ ତା ପ୍ରତି ଲକ୍ଷ୍ୟ କରି ନାହିଁ— ଯେତେବେଳେ ସେ ମୋର ପୂର୍ଣ୍ଣ ସହଯୋଗ ଦରକାର କରୁଥିଲା ସେତେବେଳେ ତାକୁ ଏକୁଟିଆ ଛାଡ଼ି ଦେଇଛି । ତା ପ୍ରତି ମୋର ସ୍ନେହ ଥିଲା ଏବଂ କ୍ରମେ ବୃଦ୍ଧି ପାଇଲା ଏବଂ ସେ ତାର ଆଗ୍ରହଦାୟକ ପ୍ରସ୍ତାବ ଯେନ ମୋତେ ସାହାଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ଅଛି ଜାଣି ମୁଁ ଅତ୍ୟନ୍ତ ସନ୍ତୋଷ ଲାଭ କରୁଥିଲି । ସେ ମୋତେ ବଳ ଦାନ କରୁଥିଲା, ମାତ୍ର ନିଶ୍ଚୟ ମନରେ ଦୁଃଖ କରୁଥିଲା ଏବଂ ଟିକିଏ ଅବହେଳିତା ବୋଲି ଭାବୁଥିବ । ଏପରି ଅର୍ଦ୍ଧ ବିସ୍ମୃତ ଓ ଅନନୁମିତ ମନୋଭାବ ଛଡ଼ା ତା ପ୍ରତି ନିର୍ଦ୍ଦୟତା ବରଂ ଭଲ ହୋଇପାରିଥାନ୍ତା ।

ତା ପରେ ସେ ବାରମ୍ବାର ବେମାର ପଡ଼ୁଥିଲା; ମୁଁ ଦୀର୍ଘକାଳ ଜେଲରେ ରହିଲି—କେବଳ ଜେଲରେ ସାକ୍ଷାତ୍ ବେଳେ ଆମର ଭେଟ ହୁଏ । ଆଇନ ଅମାନ୍ୟ ଆନ୍ଦୋଳନରେ ସେ ଜଣେ ପ୍ରଥମ ଶ୍ରେଣୀର ଯୋଦ୍ଧା ହେଲା ଏବଂ ସେ ଜେଲକୁ ଯିବାରେ ଭାରି ଖୁସି ହୋଇଥିଲା । ଆମେ ପରସ୍ପରର ନିକଟତର ହେଲୁ, ଆମର ବିରଳ ଭେଟ ବେଶ୍ ମୂଲ୍ୟବାନ ବୋଧ ହେଉଥିଲା—ଆମେ ଏହି ଦିନକୁ ପ୍ରତୀକ୍ଷା କରୁଥାଉଁ ଏବଂ କେତେଦିନ ରହିଲା ବରାବର ଦିନ ଗଣୁଥାଉଁ ! ଆମକୁ କେତେବେଳେ ପରସ୍ପର ପ୍ରତି ବିରକ୍ତିର କମ୍ବା ପୁରୁଣା ବୋଧ ହେଉ ନ ଥିଲା । କାରଣ ଆମର ପ୍ରତ୍ୟେକ ସାକ୍ଷାତ୍ ଓ କ୍ଷଣକାଳପାଇଁ ଏକତ୍ର ହେବାରେ ସର୍ବଦା ଗୋଟାଏ ପ୍ରକାର ନୂତନତ୍ୱ ଥିଲା । ଆମେ ପରସ୍ପରଠାରେ ବରାବର ନୂଆ ଗୁଣ ବାହାର କରୁଥିଲୁ, ଯଦିଓ ଏସବୁ ଗୁଣ ଆମର ପସନ୍ଦ ହେଉ ନ ଥିଲା । ଏପରିକି ବଡ଼ ହୋଇ ଆମର ମତଭେଦଗୁଡ଼ାକ ବାଳକ ବାଳିକା ପରି ମନେ ହେଉଥିଲା ।

୧୮ ବର୍ଷର ବିବାହିତ ଜୀବନ କଟାଇ ସୁଦ୍ଧା ତାହାର ଦେହରେ ଠିକ୍ ବାଳିକା ଓ କୁମାରୀ ଭଳି ଏପରି ଭାବ ରହିଥିଲା; ତାହା ଦେହରେ ମାତୃରୂପ

Digitized by srujanika@gmail.com

ଅବୈ। ନ ଥିଲା । ଦୀର୍ଘକାଳ ପୂର୍ବେ ଆମ ଘରକୁ ବୋହୂ ହୋଇ ଆସିବାବେଳେ ସେ ଯେପରି ଆସିଥିଲା ସେହିପରି ରହିଥିଲା । ମାତ୍ର ମୋର ଅନେକ ପରିବର୍ତ୍ତନ ହୋଇଥିଲା—ଯଦିଓ ମୋର ବୟସ ତୁଳନାରେ ମୁଁ ଖୁବ୍ ହୃଷ୍ଟପୁଷ୍ଟ, ସୁଗଠିତ ଓ କାର୍ଯ୍ୟକ୍ଷମ ଥିଲି ଏବଂ ମୋଠାରେ ବାଲକୋଚିତ ଭାବ ରହିଥିଲା ବୋଲି ଲୋକେ କହନ୍ତି । ତଥାପି ମୋତେ ଦେଖିଲେ ତାହା ବୁଝାଯାଏ ନା । ମୋ ମୁଣ୍ଡ ଆଂଶିକ ଚନ୍ଦା ହୋଇଥିଲା—ବାଳ ପାଚିଯାଇଥିଲା—ମୋ ମୂର୍ଦ୍ଧରେ ରେଖାପାତ ହୋଇଥାଏ ଏବଂ ମୋର ଆଖିରେ କଳାଛାୟା ପଡ଼ିଥାଏ । ଗତ ବିଂଶବର୍ଷର ଜଞ୍ଜାଳ ଓ ଦୁଃଖକଷ୍ଟର ଚିହ୍ନ ମୋଠାରେ ରହିଯାଇଥିଲା । ପରବର୍ତ୍ତୀ ସମୟରେ ଯେତେବେଳେ କୌଣସି ଅପରିଚିତ ସ୍ଥାନକୁ କମଳା ଓ ମୁଁ ଏକ ସାଙ୍ଗରେ ଯାଉଥିଲୁ ସେଠାରେ ମୁଁ ବିବ୍ରତ ହୋଇଯାଏ ସେ ଓ ଇନ୍ଦିରା ଦୁଇ ଭଉଣୀ ପରି ଦେଖାଯାନ୍ତି ।

୧୮ ବର୍ଷର ବିବାହିତ ଜୀବନ ! ମାତ୍ର ଏହି ଦୀର୍ଘକାଳ ଭିତରୁ କେତେକ ବର୍ଷ ମୁଁ ଜେଲର ନିର୍ଜନ କୋଠରୀରେ ଏବଂ କମଳା ଡାକ୍ତରଖାନା ଓ ସ୍ୱାସ୍ଥ୍ୟନିବାସରେ ନ କଟାଇଛୁ ! ଏବେ ମଧ୍ୟ ମୁଁ ପୁଣି ଜେଲରେ ଶାସ୍ତି କାଟୁଛି ଏବଂ ଅଳ୍ପ ଦିନପାଇଁ ବାହାରକୁ ଆସିଛି—ସେ ବେମାର ପଡ଼ିଛି, ତା'ର ଜୀବନ ସହିତ ସଂଗ୍ରାମ କରୁଛି । ସେ ତା'ର ଶରୀର ପ୍ରତି ଯତ୍ନ ନ ନେଉଥିବାରୁ ମୁଁ ତା ପ୍ରତି ଟିକିଏ ବିରକ୍ତ ହୋଇଗଲି । ତଥାପି ତାକୁ କିପରି ମୁଁ ଦୋଷ ଦେବି, କାରଣ ସଂଗ୍ରାମରେ ଯୋଗ ଦେବା ନିମନ୍ତେ ଅତ୍ୟନ୍ତ ଆଗ୍ରହ ଥିବାରୁ ତାର ଅକର୍ମଣ୍ୟ ଓ ଅସମର୍ଥ ଭାବ ବିରୁଦ୍ଧରେ ବିଦ୍ରୋହ କଲା । ଶାରୀରିକ ଅସମର୍ଥତା ହେତୁ ସେ ଠିକ୍ ରୂପେ କାର୍ଯ୍ୟ କରିପାରୁ ନ ଥିଲା କିମ୍ବା ଚିକିତ୍ସାରେ ଲାଗିପାରୁ ନ ଥିଲା ଏବଂ ତା ଭିତରେ ଥିବା ନିଆଁରେ ହିଁ ତାର ଦେହ ଜଳିଗଲା ।

ବର୍ତ୍ତମାନ ମୁଁ ତାକୁ ସବୁଠାରୁ ବେଶୀ ଲୋଡ଼ୁଥିଲାବେଳେ ସେ କ'ଣ ମୋତେ ଛାଡ଼ିଯିବ ? କାହିଁକି—ଆମେ ତ ଏବେ ଅଳ୍ପଦିନ ହେଲା

Digitized by srujanika@gmail.com

ପ୍ରକୃତରେ ପରସ୍ପରକୁ ଚିହ୍ନି ପାରିବୁ ଓ ବୁଝି ପାରିବୁ; ଆମର ମିଳିତ ଜୀବନର ଆରମ୍ଭ ମାତ୍ର ହୋଇଛି । ଆମେ ପରସ୍ପର ଉପରେ କେତେ ନିର୍ଭର କରୁ—ଏକତ୍ର ଆମର କେତେ କଥା କରିବାର ଆଶା ଅଛି ।

ମୁଁ ଘଣ୍ଟା ଘଣ୍ଟା ଦିନ ଦିନ ଧରି ତା ପାଖରେ ବସିଥିଲି ବେଳେ ଏହିପରି ଭାବୁଥାଏ ।

ସହକର୍ମୀ ଓ ବନ୍ଧୁମାନେ ମୋତେ ଦେଖିବାକୁ ଆସନ୍ତି । ମୋତେ ଜଣା ନ ଥିବା ଘଟିଥିବା ଘଟଣା ସେମାନେ ମୋତେ କହିଲେ । ସେମାନେ ପ୍ରଚଳିତ ରାଜନୀତିକ ସମସ୍ୟା ଆଲୋଚନା କରନ୍ତି ଓ ମୋତେ ପ୍ରଶ୍ନ ପଚାରନ୍ତି । ସେଗୁଡ଼ିକର ଉତ୍ତର ଦେବା ମୁଁ କଷ୍ଟକର ମନେ କରେ । କମଳାର ଅସୁସ୍ଥତା ହେତୁ ମନ ଅସ୍ଥିର ଥାଏ—ଜେଲରେ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ରହିଥିବାରୁ ହଠାତ୍ କର୍ତ୍ତବ୍ୟ ପ୍ରଶ୍ନର ସମ୍ମୁଖୀନ ହେବା ଅବସ୍ଥାରେ ମୁଁ ନ ଥିଲି । ଦୀର୍ଘ ଅଭିଜ୍ଞତାରୁ ମୁଁ ଶିଖିଥାଏ ଯେ ଜେଲ ଭିତରେ ଯେଉଁ ସୀମାବଦ୍ଧ ସମ୍ବାଦ ପହଞ୍ଚେ ସେଥିରେ କୌଣସି ପରିସ୍ଥିତି ବିଚାର କରିବା ଠିକ୍ ନୁହେଁ । ଠିକ୍ ମାନସିକ ପ୍ରତିକ୍ରିୟା ନିମନ୍ତେ ବ୍ୟକ୍ତିଗତ ସମ୍ପର୍କ ଆବଶ୍ୟକ, ତାହା ନ ହେଲେ ମତ ପ୍ରକାଶ କେବଳ ପୋଥିଗତ ବାସ୍ତବତାଶୂନ୍ୟ ଆଲୋଚନା ହେବ ମାତ୍ର । ଅନ୍ୟରୁ ମଧ୍ୟ ଗାନ୍ଧିଜୀ ଓ ମୋର କାର୍ଯ୍ୟକାରୀ ସମିତିର ପୁରୁଣା ସହକର୍ମୀମାନଙ୍କ ସହିତ ପ୍ରତ୍ୟେକ କଥା ଆଲୋଚନା କରିବାର ସୁବିଧା ନ ପାଇ କଂଗ୍ରେସର ନୀତି ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ମତ ପ୍ରକାଶ କରିବା ଅନ୍ୟାୟ ବୋଧହେଲା । ଯାହାସବୁ ହୋଇଥିଲା ତାହାର ସମାଲୋଚନାରେ ମୋ ମନ ପୂର୍ଣ୍ଣ ରହିଥିଲା—ମାତ୍ର ମୁଁ କୌଣସି ନିର୍ଦ୍ଦିଷ୍ଟ ମତ ପ୍ରକାଶ କରିବାକୁ ପ୍ରସ୍ତୁତ ନ ଥିଲି । ସେତେବେଳେ ଜେଲରୁ ଖଲାସ ହୋଇ ଆସିବି ବୋଲି ଆଶା କରି ନ ଥିବାରୁ ମୁଁ ଏ ଦିଗରେ ଚିନ୍ତା ବି କରି ନ ଥିଲି ।

ମୋର ମନରେ ମଧ୍ୟ ଗୋଟିଏ ଭାବ ଥିଲା ଯେ ମୋର ସ୍ତ୍ରୀକୁ ଦେଖିବା ନିମନ୍ତେ ସରକାର ଗୋଟିଏ ଭଦ୍ରତା ଦେଖାଇଥିବା ବେଳେ ତାର

Digitized by srujanika@gmail.com

ସୁବିଧା ରାଜନୀତିକ ଉଦ୍ଦେଶ୍ୟରେ ଲଗାଇବା ଠିକ୍ ହେବ ନାହିଁ । ଏପରି କୌଣସି କାର୍ଯ୍ୟ କରିବ ନାହିଁ ବୋଲି ଅବଶ୍ୟ ମୁଁ କୌଣସି ପ୍ରତିଶ୍ରୁତି ବା ଏକରାରନାମା ଦେଇ ନ ଥିଲି—ଯାହାହେଉ ବାରମ୍ବାର ଏହି କାରଣଟା ମୋ ମନରେ ଆସୁଥିଲା ।

ମିଥ୍ୟା ଜନରବ ସବୁର ପ୍ରତିବାଦ କରିବା ଛଡ଼ା ମୁଁ କୌଣସି ସାଧାରଣ ବିବୃତି ଦେଇ ନ ଥିଲି । ପରେ୍ଭ ଆଲୋଚନାରେ ସୁଦ୍ଧା ମୁଁ କୌଣସି ନିର୍ଦ୍ଦିଷ୍ଟ କର୍ମପନ୍ଥାରେ ନିଜର ମତ ଦେଇ ନ ଥିଲି, ମାତ୍ର ଅତୀତ ଘଟଣା ସମ୍ବନ୍ଧରେ ଖୋଲାଖୋଲି ସମାଲୋଚନା କରିଛୁ । କଂଗ୍ରେସ ସାମ୍ୟବାଦୀ ଦଳ ନିକଟରେ ଗଢ଼ା ହୋଇଥାଏ ଏବଂ ମୋର ଅନେକ ଅନ୍ତରଙ୍ଗ ସହକର୍ମୀ ଏଥିରେ ଯୋଗ ଦେଇଥିଲେ । ମୁଁ ଯେତେଦୂର ଏହା ସମ୍ବନ୍ଧରେ ଜାଣିଲି, ସେଥିରେ ଏହାର ସାଧାରଣ ନୀତି ସହିତ ମୁଁ ଏକମତ ଥିଲି, ମାତ୍ର ଏହା ଏକ ବିଚିତ୍ର ମିଶ୍ରିତ ଦଳ ପରି ମନେ ହେଲା ଏବଂ ଯଦି ବା ମୁଁ ସମ୍ପୂର୍ଣ୍ଣ ମୁକ୍ତ ଥାଆନ୍ତି, ତେବେ ହଠାତ୍ ଏଥିରେ ଯୋଗ ଦେଇ ନ ଥାନ୍ତି । ସ୍ଥାନୀୟ ରାଜନୀତି ମଧ୍ୟ ମୋର କେତେକ ସମୟ ନେଇଥିଲା, କାରଣ ଅନ୍ୟାନ୍ୟ କେତେକ ସ୍ଥାନପରି ଏଲାହାବାଦରେ ମଧ୍ୟ ସ୍ଥାନୀୟ କଂଗ୍ରେସ କମିଟି ନିର୍ବାଚନରେ ଅସାଧାରଣ ଭାବରେ ତୀବ୍ର ଆନ୍ଦୋଳନ ଚାଲିଥିଲା । ଏଥିରେ କୌଣସି ନୀତି ନ ଥିଲା—କେବଳ ବ୍ୟକ୍ତିବିଶେଷର ପ୍ରଶ୍ନ ହେଉଥିଲା ଏବଂ କେତେକ ବ୍ୟକ୍ତିଗତ କଳହ ନିଷ୍ପତ୍ତି କରିବାକୁ ମୋତେ କୁହାଗଲା ।

ଏହି ସବୁ ବିଷୟରେ ହସ୍ତକ୍ଷେପ କରିବାକୁ ମୋର ଆଦୌ ଇଚ୍ଛା ନ ଥିଲା—ସମୟ ବି ନ ଥିଲା । ଏ ସବୁ ସତ୍ତ୍ୱେ କେତେକ ଘଟଣା ମୋ ନଜରକୁ ଆସିଲା ଏବଂ ମୋ ମନରେ ଖୁବ୍ ଦୁଃଖ ହେଲା । ସ୍ଥାନୀୟ କଂଗ୍ରେସ ନିର୍ବାଚନରେ ଲୋକେ ଯେ ଏତେ ଉତ୍ସୁକ ହୋଇପିବେ ଏହା ମୋତେ ଆଶ୍ଚର୍ଯ୍ୟ ମନେ ହେଲା । ନାନା ବ୍ୟକ୍ତିଗତ କାରଣରୁ ଯେଉଁମାନେ ସଂଗ୍ରାମରୁ ଅବସର ନେଇଥିଲେ ସେମାନେ ଏଥିରେ ମୁଖ୍ୟ ହୋଇ

Digitized by srujanika@gmail.com

ଉଠିଥିଲେ । ଆଇନ ଅମାନ୍ୟ ପ୍ରତ୍ୟାହାର ପରେ ଏସବୁ କାରଣର ଆଉ ଗୁରୁତ୍ୱ ନାହିଁ ଏବଂ ସେମାନେ ହଠାତ୍ ବାହାର ଆସି ପରସ୍ପର ବିରୁଦ୍ଧରେ ଅନେକ ସମୟରେ ଭୀଷଣ ଓ ଅଭଦ୍ର ଆନ୍ଦୋଳନ ଆରମ୍ଭ କରିଦେଲେ । ଅତି ଅଦ୍ଭୁତ କଥା ଯେ ଅନ୍ୟ ପକ୍ଷକୁ ହରାଇବା ଉତ୍ସାହରେ ସାଧାରଣ ଭଦ୍ରତା-ଜ୍ଞାନ ସୁଦ୍ଧା ଲୋକେ ଭୁଲି ଯାଇଥିଲେ । ମୋର ବିଶେଷ ଦୁଃଖ ହେଲା ଯେ ସ୍ଥାନୀୟ ନିର୍ବାଚନ ଉଦ୍ଦେଶ୍ୟରେ କମଲା ନାମ ଏବଂ ତାର ଅସୁସ୍ଥତାର ମଧ୍ୟ ସୁବିଧା ଉଠା ହୋଇଥିଲା ।

ଅନ୍ୟ ବ୍ୟାପକ ସମସ୍ୟା ଭିତରେ କେନ୍ଦ୍ର-ବ୍ୟବସ୍ଥା-ସଭାକୁ କଂଗ୍ରେସ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ଛିଡ଼ା କରାଇବା କଥା ଆଲୋଚନା ହୋଇଥିଲା । ଯୁବକ ଦଳଙ୍କ ଭିତରୁ ଅନେକ ଏହାର ବିରୋଧ କରୁଥିଲେ, କାରଣ ଏହାର ଅର୍ଥ ହେଉଛି ପୁନର୍ବାର ପାର୍ଲିଅମେଣ୍ଟାରୀ ଓ ମିଳାମିଶା ପନ୍ଥାକୁ ଫେରିଯିବା, ମାତ୍ର ସେମାନେ ସେପରି କାର୍ଯ୍ୟକାରୀ ଅନ୍ୟ ପନ୍ଥା କିଛି ଦେଖାଇ ପାରିଲେ ନାହିଁ । ଏହି ଋଢ଼ିଷ୍ଠ ମତବାଦୀମାନଙ୍କ ଭିତରୁ କେତେକ ଋଢ଼ିଗତ ଦୃଷ୍ଟିରୁ କଂଗ୍ରେସ ଛଡ଼ା ଅନ୍ୟ ଅନୁଷ୍ଠାନ ନିର୍ବାଚନ ଯୁଦ୍ଧ କରିବାରେ ଆପତ୍ତି କରୁ ନ ଥିଲେ—ଅଦ୍ଭୁତ ଯୁକ୍ତି । ସେମାନଙ୍କର ଉଦ୍ଦେଶ୍ୟରୁ ମନେ ହେଲା ସାମ୍ପ୍ରଦାୟିକ ଅନୁଷ୍ଠାନ ସବୁକୁ ଏହି ନିର୍ବାଚନରେ ପୂର୍ଣ୍ଣ କ୍ଷମତା ଦେଇଦେବା ।

ସ୍ଥାନୀୟ କଳହ ଏବଂ ରାଜନୀତି ଯେପରି ହଠାତ୍ ଦ୍ରୁତ ଗତି କରୁଥିଲା ସେଥିରେ ମୁଁ ବଡ଼ ବିରକ୍ତ ବୋଧକଲି । ଏସବୁ ସହିତ ମୋର ଯୋଗ ନ ଥିଲା ଏବଂ ମୋ ନିଜ ସହର ଏଲାହାବାଦରେ ମୁଁ ନିଜକୁ ଅପରିଚିତ ପରି ମନେ କଲି । ମୁଁ ଭାବିଲି ଏପରି ପାରିପାର୍ଶ୍ୱିକ ଅବସ୍ଥାରେ ମୋତେ ଯଦି କାର୍ଯ୍ୟ କରିବାକୁ ପଡ଼ନ୍ତା ମୁଁ କ'ଣ କରିଥାନ୍ତି ।

କମଳା ଅବସ୍ଥା ସମ୍ବନ୍ଧରେ ମୁଁ ଗାନ୍ଧିଜୀଙ୍କୁ ଲେଖିଲି । ମୁଁ ଅତିଶୀଘ୍ର ଜେଲକୁ ପୁଣି ଚାଲିଯିବି ବୋଲି ଭାବୁଥିବାରୁ ଏବଂ ଆଉ ଲେଖିବାର ସୁବିଧା ପାଇପାରିବି ନାହିଁ ବୋଲି ଭାବି ମୋର ମନର ଭାବ ମଧ୍ୟ ତାଙ୍କୁ

Digitized by srujanika@gmail.com

ବନ୍ଧୁ ଜଣାଇଲି । ଆଧୁନିକ ଘଟଣା ସବୁରେ ମୁଁ ଅତ୍ୟନ୍ତ ବିରକ୍ତ ଓ ବ୍ୟଥିତ ହୋଇଥିଲି ଏବଂ ମୋର ଚିଠିରେ ଏହାର କ୍ଷୀଣ ପ୍ରତିବିମ୍ବ ଥିଲା । କ'ଣ କରିବ ବା ନ କରିବା ଉଚିତ ଏ ବିଷୟରେ ମତ ପ୍ରକାଶ କରିବାକୁ ମୁଁ ଚେଷ୍ଟା କରି ନ ଥିଲି, କେବଳ ଘଟିଥିବା ଘଟଣା ସମ୍ବନ୍ଧରେ ମୋର କେତେକ ପ୍ରତିକ୍ରିୟା ବୁଝାଇ ଦେଇଥିଲି । ଏହି ଚିଠି କେବଳ ମୋର ଅବରୁଦ୍ଧ ଭାବାବେଗପୂର୍ଣ୍ଣ ଥିଲା ଏବଂ ମୁଁ ପରେ ଶୁଣିଲି ଯେ ଗାନ୍ଧିଜୀ ଏଥିରେ ବଡ଼ ଦୁଃଖିତ ହୋଇଥିଲେ ।

ଦିନ ପରେ ଦିନ ଗଲା—ମୁଁ ଜେଲକୁ ଫେରିଯିବାର ଡାକରା କରେ । ସରକାରର ଅନ୍ୟ କୌଣସି ନିର୍ଦ୍ଦେଶକୁ ଅପେକ୍ଷା କରିଥାଏ । ଅଳ୍ପ ଅଳ୍ପ ମୋତେ କୁହାଯାଏ ଯେ ତତ୍ପୂର୍ବ ଦିନ ଅମ୍ବା ତା ପରେ ପୁଣି ନିର୍ଦ୍ଦେଶ ଆସିବ । ଏଥିଭିତରେ ମୋର ସ୍ତ୍ରୀ ବିଷୟରେ ଦୈନିକ ବୁଲେଟିନ୍ ସରକାର ନିକଟକୁ ପଠାଇବା ନିମନ୍ତେ ଏଣେ ଡାକ୍ତରଙ୍କୁ ନିର୍ଦ୍ଦେଶ ଦିଆଯାଇଥାଏ । ମୁଁ ଏଠାକୁ ଆସିବା ପରେ କମଳା ଟିକିଏ ଭଲ ଆଡ଼କୁ ଆସିଥାଏ ।

ଏକଥା ସାଧାରଣ ଭାବରେ ବିଶ୍ୱାସ କରାଯାଉଥିଲା ଏବଂ ସରକାରର ବିଶ୍ୱାସରେ ଥିବା ଲୋକେ ମଧ୍ୟ କହୁଥିଲେ ଯେ ମୋତେ ସମ୍ପୂର୍ଣ୍ଣରୂପେ ଖଲାସ କରିଦିଆଯାଇଥାନ୍ତା—ମାତ୍ର ଦୁଇଟି କାରଣରୁ ତାହା ହୋଇପାରି ନ ଥିଲା—ଗୋଟିଏ ହେଉଛି ଅକ୍ଟୋବର ମାସରେ ବମ୍ବେଠାରେ ହେଉଥିବା କଂଗ୍ରେସର ସାଧାରଣ ଅଧିବେଶନ ଏବଂ ଦ୍ୱିତୀୟ ନଭେମ୍ବର ମାସରେ ଆସେମ୍ବ୍ଲି ନିର୍ବାଚନ । ମୁଁ ଜେଲ ବାହାରେ ରହିଲେ ଏଥିରେ ଉପଦ୍ରବ ସୃଷ୍ଟି କରିପାରେ—ତେଣୁ ମୋତେ ପୁଣି ଛଅମାସ ଖଣ୍ଡେ ଜେଲରେ ରଖି ଖଲାସ କରିଦେବା ସମ୍ଭବ ପରି ମନେ ହେଉ । ମୋତେ ଜେଲକୁ ଫେରାଇ ନ ନେବାର ସମ୍ଭାବନା ମଧ୍ୟ ଥିଲା ଏବଂ ଦିନ ପରେ ଦିନ ଗଲା ପରେ ଏହି ସମ୍ଭାବନା ବୃଦ୍ଧି ପାଇଲା । ମୁଁ ସ୍ଥାୟୀ ଭାବରେ କୌଣସି କାର୍ଯ୍ୟରେ ଯୋଗ ଦେବାକୁ ସ୍ଥିର କରିଥିଲି ।

Digitized by srujanika@gmail.com

ମୋର ଖଲାସର ଏକାଦଶ ଦିବସ—ଅଗଷ୍ଟ ତା ୨୫ ରିଖ । ପୁଲିସ ମଠରେ ଆସିଲା—ପୁଲିସ କର୍ମଚାରୀ ଆସି କହିଲେ ମୋର ସମୟ ହୋଇଗଲା—ମୋତେ ତାଙ୍କ ସହିତ ନେଇ ଜେଲକୁ ଯିବାକୁ ପଡ଼ିବ । ମୁଁ ମୋର ଲୋକଙ୍କଠାରୁ ବିଦାୟ ନେଲି । ମୁଁ ଠିକ୍ ପୁଲିସ ଗାଡି ଭିତରେ ପଶିଲା ବେଳକୁ ମୋର ବୃଦ୍ଧା ମାତା ହାତ ମେଲାଇ ମୋ ପାଖକୁ ଦୌଡ଼ି ଆସିଲେ । ତାହାର ସେହି ମୁହଁ ଅନେକ ଦିନ ପର୍ଯ୍ୟନ୍ତ ମୋ ମନେ ପଡ଼ି ଦୁଃଖ ଦେଉଥିଲା ।

Digitized by srujanika@gmail.com

୬୨

ଜେଲ ପ୍ରତ୍ୟାବର୍ତ୍ତନ

"ଅନ୍ଧାରର ଗୋଟିଏ ମାତ୍ର ରୂପ, ତାହାର ପଥ ମୁକ୍ତ—କିନ୍ତୁ ସୂର୍ଯ୍ୟକିରଣ ତା'ର ଗଢ ପଥରେ ଶତ ଶତ ଭିନ୍ନ ରଙ୍ଗରେ ପ୍ରକାଶିତ ହୁଏ। ସେହିପରି ଦୁଃଖ ଓ ସୁଖ ମଧ୍ୟରେ ପାର୍ଥକ୍ୟ—ମୃଗ ଗତିରେ ସୁଖ ବାଧାପାଏ, ପ୍ରଚୁର ବେଦନା ହୁଏ।"

ରାଜତରଙ୍ଗିଣୀ (ଆର, ଏସ୍, ପଣ୍ଡିତଙ୍କ ଇଂରେଜୀ ଅନୁବାଦ —River of Kings)

ମୁଁ ପୁଣି ନୈନୀ ଜେଲକୁ ଫେରିଲି ଏବଂ ପୁଣି ନୂଆ ଜେଲ ଦେଖିବାକୁ ମିଳିବାପରି ମତେ ବୋଧହେଲା। ଭିତରୁ ବାହାର, ପୁଣି ବାହାରରୁ ଭିତର—ମୁଁ ଯେପରି ପିଲାମାନଙ୍କର ଖେଳପେଣ୍ଡୁ ପରି ହୋଇଯାଇଛି! ଏହିପରି ହଠାତ୍ ପରିବର୍ତ୍ତନ ଫଳରେ ସମସ୍ତ ଭାବାବେଗର ଯେ ଆଲୋଡ଼ନ ହୁଏ, ବାରମ୍ବାର ପରିବର୍ତ୍ତନ ଭିତରେ ନିଜକୁ ସଂଯମ ରଖିବା ସହଜ ହୁଏ ନାହିଁ। ମୁଁ ଆଶା କରିଥିଲି ମୁଁ ଆଗରୁ ଅନେକ ଦିନ ପର୍ଯ୍ୟନ୍ତ ଯେଉଁ ସେଲରେ ଥିଲି ସେଇଠାରେ ମୋତେ ରଖାଯିବ। ସେଠାରେ କେତେକ ଫୁଲଗଛ ଥିଲା—ମୋ ଭଣେଇ ରଣଜିତ୍ ପଣ୍ଡିତ ତାହାସବୁ ଲଗାଇଥିଲେ ଏବଂ ଗୋଟାଏ ଭଲ ବାରଣ୍ଡା ମଧ୍ୟ ଥିଲା। ମାତ୍ର ସେହି ପୁରୁଣା ନ ୬ ମ୍ବର ବାରକ୍‌ରେ ଜଣେ ଅନ୍ତରୀଣ ବନ୍ଦୀ ରହିଥିଲେ—ତାଙ୍କୁ ବିନା ବିଚାର ବା ଶାସ୍ତିରେ ଅଟକ ରଖାଯାଇଥିଲା। ତାଙ୍କ ସହିତ ମୁଁ ମିଶିବାଟା ବର୍ତ୍ତମାନ ବାଞ୍ଛନୀୟ ମନେକରୁ ନ ଥିଲେ —ତେଣୁ ମୋତେ ଜେଲର ଆଉ ଏକ ଅତି ଆବଦ୍ଧ ସ୍ଥାନରେ ରଖାଗଲା —ସେଠାରେ ଫୁଲ ବା ସବୁଜ ରଙ୍ଗ ନ ଥିଲା।

Digitized by srujanika@gmail.com

ମାତ୍ର ମୁଁ ଯେଉଁ ସ୍ଥାନରେ ଦିନ [?]ଠ କଟାଏ ପଡ଼ୁଛନ୍ତି, ସେଥିରେ କିଛି ଯାଏ ଆସେ ନା—କାରଣ ମୋର ମନ ଅନ୍ୟ ସ୍ଥାନରେ ଥିଲା । ମୋର ଭୟ ହେଲା କମଳାର ଅବସ୍ଥା ଯାହା କିଛିଏ ଭଲ ଅବସ୍ଥାକୁ ଆସିଥିଲା ମୁଁ ପୁଣି ଗିରଫ ହେବାରେ ସେ ଅଧିକ ମର୍ମାହତ ହେବ ଓ ବେମାର ବଢ଼ିଯିବ । ତାହାହିଁ ହେଲା । କେତେକ ଦିନ ମୋତେ କମଳାର ଦେହ ସମ୍ବନ୍ଧରେ ଡାକ୍ତରଙ୍କ ରିପୋର୍ଟ ପ୍ରତିଦିନ ଜେଲରେ ମିଳିବାର ବ୍ୟବସ୍ଥା ହେଲା । ଏହା ଘୂରି ଘୂରି ଆସୁଥିଲା । ଡାକ୍ତର ଟେଲିଫୋନ କରି ପୁଲିସ ପାଖକୁ ପଠାଉଥିଲେ ଏବଂ ପୁଲିସ ଜେଲଖାନାକୁ ଦେଉଥିଲା । ଡାକ୍ତର ଓ ଜେଲ କର୍ମଚାରୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ବାଞ୍ଛନୀୟ ମନେ କରାହେଉ ନ ଥିଲା । ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହି ବୁଲେଟିନ୍ ମୋ ପାଖକୁ ଆସିଲା—ବେଳେ ବେଳେ ବି ଅନିୟମିତ ଭାବରେ ଆସେ ଏବଂ ତା ପରେ କମଳାର ଅବସ୍ଥା କ୍ରମେ ଅଧିକ ଖରାପ ଆଡ଼କୁ ଯାଉଥିଲେ ସୁଦ୍ଧା ଏହା ବନ୍ଦ କରିଦିଆଗଲା ।

ଖରାପ ସମ୍ବାଦ ଏବଂ ସମ୍ବାଦପାଇଁ ଅପେକ୍ଷା କରି କରି ଦିନଗୁଡ଼ିକ ଅସହ୍ୟ ଓ ଦୀର୍ଘ ମନେ ହେଉଥିଲା ଏବଂ ବେଳେ ବେଳେ ରାତିଗୁଡ଼ିକ ଆହୁରି ଖରାପ ବୋଧ ହେଉଥିଲା । ସମସ୍ତ ସତେ କି କଟୁନାହିଁ ବା ଅତି ଧୀର ମନ୍ଥର ଗତିରେ ଚାଲିଛି—ପ୍ରତ୍ୟେକ ଘଣ୍ଟା ଗୋଟାଏ ବୋଝ ଏବଂ ଭୟାବହ ମନେ ହେଉଥିଲା । ଏପରି ଭାବ ଅତ୍ୟଧିକ ପରିମାଣରେ ମୋର ଏଥି ପୂର୍ବରୁ କେବେ ହୋଇ ନ ଥିଲା । ସେତେବେଳେ ମୁଁ ଭାବୁଥିଲି ଯେ ପ୍ରାୟ ଦୁଇମାସ ଭିତରେ ମୋତେ ବମ୍ବେ କଂଗ୍ରେସ ଅଧିବେଶନ ପରେ ଖଲାସ କରି ଦିଆଯିବ, ମାତ୍ର ଏହି ଦୁଇମାସ ମୋତେ ଅନନ୍ତ କାଳ ପରି ମନେ ହେଲା ।

ମୋର ପୁନର୍ବାର ଗିରଫ ହୋଇ ଆସିବାର ଠିକ ଏକମାସ ପରେ ଜଣେ ପୁଲିସ କର୍ମଚାରୀ ଆସି ମୋ ସ୍ତ୍ରୀକୁ ଦେଖିବା ନିମନ୍ତେ ମୋତେ ନେଇଗଲେ । ମୋତେ କୁହାଗଲା ଯେ ପ୍ରତି ସପ୍ତାହରେ ଦୁଇଥର ଏହିପରି

Digitized by srujanika@gmail.com

ତାଙ୍କୁ ଦେଖିବା ନିମନ୍ତେ ମୋତେ ଅନୁମତି ଦିଆଯିବ—ସେଥିପାଇଁ ସମୟ ମଧ୍ୟ ନିର୍ଦ୍ଦିଷ୍ଟ ହୋଇଗଲା । ଚତୁର୍ଥ ଦିନ ମୁଁ ଅପେକ୍ଷା କରି ରହିଲି, ମାତ୍ର କେହି ଆସିଲେ ନାହିଁ । ପଞ୍ଚମ, ଷଷ୍ଠ, ସପ୍ତମ ଦିବସ ମଧ୍ୟ ଚାଲିଗଲା । ଅପେକ୍ଷା କରି ମୁଁ କ୍ଳାନ୍ତ ହୋଇ ପଡ଼ିଲି । ମୋ ପାଖରେ ସମ୍ବାଦ ପହଞ୍ଚିଲା ଯେ ତା'ର ଅବସ୍ଥା ପୁଣି ଗୁରୁତର ହୋଇଛି । ମୁଁ ଭାବିଲି ମୋତେ ପ୍ରତି ସପ୍ତାହରେ ଦୁଇଥର ନିଆଯିବ ବୋଲି କହି ନ ଆସିବା କପରି ପରିହାସ ! ଶେଷରେ ସେପ୍‌ଟେମ୍ବର ମାସ ଗଲା । ଏହି ମାସଟି ମୋତେ ଅତି ଦୀର୍ଘ ଓ ପୀଡ଼ାଦାୟକ ଦି ୩୦ ନ ବୋଲି ମନେ ହୋଇଥିଲା ।

ନାନା ମଧ୍ୟସ୍ଥଙ୍କ ଜରିଆରେ ମୋ ପାଖକୁ ପରାମର୍ଶ ଆସିଲା ଯେ ଯଦି ମୁଁ ଗୋଟାଏ ଜବାବ ଦିଏ, ଲେଖାପଢ଼ା ନହେଁ ଖାଲି ମୁହଁରେ-ଯେ ମୋର ଅବଶିଷ୍ଟ ଜେଲଦଣ୍ଡ ସମୟ ମୁଁ ରାଜନୀତିରୁ ଅଲଗା ରହିବି ତେବେ ମୋତେ ଖଲାସ କରି ଦିଆଯିବ—ମୁଁ କମଲାର ସେବା କରି ପାରିବି । ସେତେବେଳେ ରାଜନୀତି ମୋ ଚିନ୍ତାରୁ ବହୁ ଦୂରରେ ଥିଲା ଏବଂ ମୁଁ ଯେଉଁ ଏଗାର ଦିନ ବାହାରେ ଥିଲି ସେ ରାଜନୀତି ଦେଖି ବିରକ୍ତ ହୋଇଥିଲି, ମାତ୍ର ଗୋଟାଏ ପ୍ରତିଶ୍ରୁତି ଦେବି ! ମୋର ପ୍ରତିଜ୍ଞା, ଉଦ୍ଦେଶ୍ୟ, ସହକର୍ମୀ ଏବଂ ନିଜ ପ୍ରତି ବିଶ୍ୱାସଘାତକତା କରିବି ! ଏହା ଏକ ଅସମ୍ଭବ ସର୍ତ୍ତ—ଯାହା ଘଟୁ ପଛକେ ହୋଇପାରିବ ନାହିଁ । ଏହା କରିବା ଅର୍ଥ ମୋ ଜୀବନ ମୂଳରେ ମରଣାନ୍ତକ ଆଘାତ କରିବା—ମୁଁ ପବିତ୍ର ବୋଲି ବିଚାରୁଥିବା ଜିନିଷକୁ ଛାଡ଼ିବା । ମୁଁ ଶୁଣିଲି ଯେ କମଲାର ଦେହ କ୍ରମେ ଅଧିକ ଖରାପ ଆଡ଼କୁ ଯାଉଛି ଏବଂ ମୁଁ ତା ପାଖରେ ଉପସ୍ଥିତ ହେଲେ ମୃତ୍ୟୁମୁଖରୁ ସେ ଜୀବନ ପାଇବ । ତାକୁ ଗୋଟାଏ ସୁବିଧା ଦେବି ନାହିଁ ? ମୋର ଅହଙ୍କାର ଓ ଆତ୍ମମର୍ଯ୍ୟାଦାବୋଧ କ'ଣ ଏତେ ବଡ଼ ? ଅମଙ୍ଗଳର ପୂର୍ବ ଆଭାସ ମୋ ପକ୍ଷରେ ଭୟଙ୍କର ହୋଇ ଉଠିଥାନ୍ତା, ମାତ୍ର ସୌଭାଗ୍ୟବଶତଃ ଏ ସମସ୍ୟାର ସମ୍ମୁଖୀନ ହେବାକୁ ମୋତେ ପଡ଼ିଲା ନାହିଁ । ମୁଁ ଜାଣିଥିଲି ଯେ ମୁଁ

Digitized by srujanika@gmail.com

ଶ୍ରୀମତୀ କମଳା ନେହରୁ

Digitized by srujanika@gmail.com

ଯଦି କୌଣସି ପ୍ରତିଶ୍ରୁତି ଦିଏ ତେବେ କମଳା ତାହା ପସନ୍ଦ କରିବ ନାହିଁ ଏବଂ ମୁଁ ସେପରି କଲେ ସେ ମର୍ମାହତ ହେବ ଓ ତାହାର କ୍ଷତି ହେବ ।

ଅକ୍ଟୋବର ମାସ ପ୍ରଥମ ଭାଗରେ ତାକୁ ଦେଖିବା ନିମନ୍ତେ ମୋତେ ନିଆଗଲା । ସେ କେବଳ ଛାୟାରୂପେ ବିଛଣାରେ ପଡ଼ିଥାଏ— ଅତ୍ୟଧିକ ତାପ ଥାଏ । ମୁଁ ତା ପାଖରେ ଗଲେ, ସେ ଏହା ବ୍ୟାକୁଳ ଭାବରେ ଗୃହୁଁଥିଲା, ମାତ୍ର ଯେତେବେଳେ ପୁଣି ଜେଲକୁ ଆସିବା ନିମନ୍ତେ ମୁଁ ତାକୁ ଛାଡ଼ି ଆସିବାକୁ ହେଲି, ସେ ସାହସର ସହିତ ହସିଦେଲା ଓ ତା ଯନ୍ତ୍ରଣାକୁ ଲୁଚାଇ ପଡ଼ିବା ନିମନ୍ତେ ମୋତେ ଇଙ୍ଗିତ କଲା । ମୁଁ ସେପରି କରିବାରୁ ସେ ଫୁସ୍‌ଫୁସ୍ ହୋଇ କହିଲା—"ତୁମର ସରକାରକୁ ଗୋଟାଏ ପ୍ରତିଶ୍ରୁତି ଦେବା କଥା ଯେ ଉଠିଛି ସେ ବିଷୟରେ କ'ଣ କରୁଛ ? କେବେହେଁ ଦେବ ନାହିଁ ।"

ମୁଁ ଜେଲ ବାହାରେ ଯେଉଁ ଏଗାରଦିନ ଥିଲି ସେତେବେଳେ ସ୍ଥିର ହୋଇଥିଲା ଯେ କମଳାର ଦେହ ଟିକିଏ ଭଲହେଲେ ମାତ୍ରେ ତାକୁ ଚିକିତ୍ସାପାଇଁ ଆଉ ଗୋଟିଏ ଉପଯୋଗୀ ସ୍ଥାନକୁ ହଟାଇବ । ସେଥିନିମନ୍ତେ ତା'ର ଅବସ୍ଥା କେବେ ଟିକିଏ ଭଲ ଯାଉଛି କି ନାହିଁ ବୋଲି ଅପେକ୍ଷା କରିଥାଉଁ, ମାତ୍ର ତା ପରିବର୍ତ୍ତେ ତାହାର ଅବସ୍ଥା ଖରାପ ହେଲା ଏବଂ ଏବେ ନୂଆ ସପ୍ତାହ ପରେ ଅବସ୍ଥା ବେଶୀ ଖରାପ ହୋଇଥିବାର ଜଣା ପଡ଼ିଲା । ଆଉ ଅପେକ୍ଷା କରି ନାହିଁ—ଅବସ୍ଥା କେବଳ ଖରାପ ହେବାରେ ଲାଗିଛି—ତେଣୁ ତାର ବର୍ତ୍ତମାନ ଅବସ୍ଥାରେ ସୁଦ୍ଧା ତାକୁ ପାହାଡ଼ରେ ଭଓ୍ୱାଲିକୁ ପଠାଇବା ସ୍ଥିର ହେଲା ।

ସେ ଭଓ୍ୱାଲିକୁ ଯିବା ପୂର୍ବଦିନ ତାକୁ ବିଦାୟ ଦେବା ନିମନ୍ତେ ମୋତେ ଜେଲରୁ ନିଆଗଲା । ମୁଁ ତାକୁ ପୁଣି କେବେ ଦେଖିବି ? ମୁଁ ଭାବିବାକୁ ଲାଗିଲି । ମୁଁ ତାକୁ ଆଉ ଦେଖି ପାରିବି ତ ? ମାତ୍ର ସେଦିନ ସେ ଖୁବ୍ ସ୍ୱଚ୍ଛ ଓ ଆନନ୍ଦମୟ ଦେଖାଯାଉଥିଲା ଏବଂ ମୁଁ ଖୁବ୍ ଖୁସି ହେଲି ।

Digitized by srujanika@gmail.com

ପ୍ରାୟ ତିନି ସପ୍ତାହ ପରେ କମଲାର କିକଟବର୍ତ୍ତୀ ସ୍ଥାନରେ ରହିବା ନିମନ୍ତେ ମୋତେ ନୈନି ଜେଲରୁ ଆଲମୋଡ଼ା ଜେଲକୁ ବଦଳି କରି ନିଆଗଲା । ବାଟରେ ଭୱାଲି ପଡ଼ିଲା—ସେଠାରେ ମୋର ପୁଲିସ ଜଗୁଆଳ ଓ ମୁଁ କେତେକ ଘଣ୍ଟା କଟାଇଲୁ । ମୁଁ କମଲାର ଦେହ ଟିକିଏ ଭଲ ଅଡ଼କୁ ଆସୁଛି ଦେଖି ଭାରୀ ଖୁସି ହେଲି—ମୁଁ ତାକୁ ଛାଡ଼ି ଆଲମୋଡ଼ା ବାଟରେ ଯାତ୍ରା କଲି—ହୃଦୟ ଟିକିଏ ହାଲୁକା ହୋଇଗଲା । ବାସ୍ତବିକ ତା ନିକଟରେ ପହଞ୍ଚିବା ପୂର୍ବରୁ ପାହାଡ଼ଗୁଡ଼ିକୁ ଦେଖି ମୋ ହୃଦୟ ଆନନ୍ଦରେ ପୂରି ଯାଉଥାଏ ।

ଏହି ସବୁ ପାହାଡ଼ ଭିତରକୁ ଫେରି ଆସିବାରୁ ମୁଁ ଆନନ୍ଦିତ ହେଲି । ଆମର ମଟରଗାଡ଼ି ପାହାଡ଼ିଆ ରାସ୍ତାରେ ଗଡ଼ୁଥାଏ—ଶୀତଳ ସକାଳ ବାୟୁ ଏବଂ ପରେ ଦେଖାଯାଉଥିବା ଦୃଶ୍ୟ କପରି ଆନନ୍ଦଦାୟକ । ଆମେ ଉପରକୁ ଉଠିଲୁ, ପର୍ବତର ଗଭୀରତା ବଢ଼ିବାକୁ ଲାଗିଲା; ପର୍ବତ ଶୃଙ୍ଗ ସବୁ ମେଘ ଭିତରେ ଲୁଚିଗଲା; ନୂତନ ଗଛଲତା ସବୁ ଦେଖି ଦେଖି ଆମେ ଆସି ଦେବଦାରୁ ଓ ପାଇନ ରାଜ୍ୟରେ ପହଞ୍ଚିଲୁ । ରାସ୍ତାରେ ଗୋଟିଏ ବାଙ୍କ ପାରି ହେଲେ ହଠାତ୍ ବିସ୍ତୃତ ନୂତନ ପର୍ବତମାଳା ଦେଖିପାରୁ ଏବଂ ତଳେ ଅତି ଗଭୀରରେ ଛୋଟ ନଦୀଟିଏ ବହିଯାଏ । ଦେଖି ଦେଖି ଆଶା ମେଣ୍ଟେ ନାହିଁ; ମୁଁ କ୍ଷୁଧିତ ଭାବରେ ଚାହିଁ ଥାଏ—ସ୍ମୃତି ପଟରେ ସବୁ ସଞ୍ଚୟ କରୁଥାଏ—ସୁତରାଂ ପ୍ରକୃତ ଦୃଶ୍ୟ ଯେତେବେଳେ ଅନ୍ତର୍ହିତ ହେବ ସେତେବେଳେ ଯେପରି ଏହା ମନରେ ପଡ଼େ ।

ପାହାଡ଼ ସବୁରେ ଛୋଟ ଛୋଟ କୁଟୀର—ପର୍ବତ ଦେହରେ ଯେ ଉଁଚ ଟିକିଏ ଚଟାଣିଆ ସ୍ଥାନ ରହିଛି ସେଠାରେ କଠୋର ପରିଶ୍ରମ କରି ଶସ୍ୟକ୍ଷେତ୍ର ତିଆରି ହୋଇଥାଏ । ଦୂରରୁ ସେ ଗୁଡ଼ିକ ପାହାଡ଼ ପରି ଦେଖାଯାଏ—ମନେହୁଏ ଯେପରି ତଳ ଉପତ୍ୟକାଠାରୁ ଆରମ୍ଭ କରି ପର୍ବତ ଅଗ୍ର ପର୍ଯ୍ୟନ୍ତ ଏହା ଯାଇଛି । ଅତି ଅଳ୍ପ ଲୋକଙ୍କୁ ନଜର

Digitized by srujanika@gmail.com

ଖାଦ୍ୟ ପାଇବା ନିମନ୍ତେ କେତେ ପରିଶ୍ରମ କରିବାକୁ ନ ପଡ଼ୁଛି । ସେମାନଙ୍କର କେବଳ ସାମାନ୍ୟ ଆବଶ୍ୟକତା ଅନୁଯାୟୀ ପାଇବା ନିମନ୍ତେ ସେମାନଙ୍କୁ କିପରି ଅକ୍ଳାନ୍ତ ପରିଶ୍ରମ କରିବାକୁ ନ ପଡ଼ୁଛି । ଏହିସବୁ କର୍ଷିତ ଶସ୍ୟକ୍ଷେତ ପାହାଡ଼ ଉପରେ ଗୋଟାଏ ଗାର୍ହସ୍ଥ୍ୟ ଜୀବନର ଚିତ୍ର ଆଙ୍କି ଦିଏ—ତାହାର ପାଖରେ ନିବିଡ଼ ପର୍ବତ ଓ ଅରଣ୍ୟର ଦୃଶ୍ୟ କିପରି ପୃଥକ୍ ।

ଦିନରେ ଏହା ଅତ୍ୟନ୍ତ ଆରାମପ୍ରଦ ସୂର୍ଯ୍ୟ ଉପତ୍ୟକା ଉଠିବା ସଙ୍ଗେ ସଙ୍ଗେ ପର୍ବତରେ ନୂତନ ଜୀବନ ସଞ୍ଚାର ହୁଏ ସେଗୁଡ଼ିକ ଦୂରତ୍ୱ ଓ ବ୍ୟବଧାନ ହରାଇ ଯେପରି ଅତି ପରିଚିତ ବନ୍ଧୁ ଓ ସାଥି ହୋଇ ପଡ଼ିଲେ, ମାତ୍ର ଦିନଶେଷ ହେବା ସଙ୍ଗେ ସଙ୍ଗେ ଏଗୁଡ଼ିକର କିପରି ପରିବର୍ତ୍ତନ ଘଟେ ! "ଯିଏ ପୃଥିବୀ ଉପରେ ଦୀର୍ଘ ପଦକ୍ଷେପରେ ଯାଆନ୍ତି କଲାବେଳେ" ସେଗୁଡ଼ିକ କିପରି ଶୀତଳ ଓ ଭୟଙ୍କର ହୋଇଯାଆନ୍ତି ! ଜୀବନ ଲୁଚିଯାଇ ଆପଣାକୁ ରକ୍ଷା କରେ—ବନ୍ୟ ପ୍ରକୃତିକୁ ଏକାକୀ ଛାଡ଼ିଯାଏ । ଚନ୍ଦ୍ର ବା ନକ୍ଷତ୍ର କିରଣର ଅର୍ଦ୍ଧ ଅନ୍ଧକାରରେ ପର୍ବତ ସବୁ ରହସ୍ୟଜନକ ଭୟ-ମିଶ୍ରିତ ଓ ଦାନ୍ତିକ ପରି ମନେହୁଏ-ଦ୍ରାଘିମ୍, ବାସ୍ତବତା ପରି ମନେ ହୁଏନା—ଉପତ୍ୟକାରେ ମୃଦୁ ପବନର କ୍ରନ୍ଦନ ଶୁଣାଯାଏ । ଜଣେ ପଥିକ ନିଜର ଏକାନ୍ତ ପଥରେ ଯିବାବେଳେ ଥରି ଉଠେ ଏବଂ ପ୍ରତ୍ୟେକ ସ୍ଥାନରେ ଆତଙ୍କର ଛାୟା ଦେଖିପାରେ । ଏପରିକି ପବନର ଶବ୍ଦ ମଧ୍ୟ ତାକୁ ଥଟ୍ଟା ପରି ମନେ ହୁଏ । ଅନ୍ୟ କେତେକ ସମୟରେ ଆଦୌ ପବନ ବା ଅନ୍ୟଶବ୍ଦ ନଥାଏ ଏବଂ ଗୋଟାଏ ସମ୍ପୂର୍ଣ୍ଣ ନିସ୍ତବ୍ଧତା ବିରାଜମାନ କରୁଥାଏ—ଏହାର ନିବିଡ଼ତାରେ ହୃଦୟ ଭାରାକ୍ରାନ୍ତ ହୋଇଉଠେ । ସମ୍ଭବତଃ କେବଳ ଟେଲିଗ୍ରାଫ ତାର ସବୁ କ୍ଷୀଣ ସ୍ୱରରେ ଗୁଣୁ ଗୁଣୁ କରେ—ତାରକା ସବୁ ଉଜ୍ଜ୍ୱଳତର ଏବଂ ଅଧିକ ନିକଟତର ମନେ ହୁଅନ୍ତି । ପର୍ବତ ସବୁ ଭୟଙ୍କର ଦେଖାଯାଏ ଏବଂ ଗୋଟାଏ ରହସ୍ୟର ସମ୍ମୁଖୀନ ହୋଇଥିଲା ପରି ବୋଧହୁଏ ଏବଂ ଭୀତ ସଞ୍ଚାର ହୁଏ । ପାସ୍କଲ ଲେଖିଲା ପରି "ଏହି ଅସୀମ ବିସ୍ତାରର ଅନନ୍ତ ନିସ୍ତବ୍ଧତାରେ ମୁଁ ମୁଗ୍ଧ ।"

Digitized by srujanika@gmail.com

ସମତଳଭୂମିରେ ସର୍ବଦା କେବେ ଏପରି ଶବ୍ଦହୀନ ହୁଏ ନାହିଁ, ଜୀବନ କୋଳାହଳ ପୂର୍ଣ୍ଣ ଥାଏ ଏବଂ ବହିନ୍ନ ଜୀବଜନ୍ତୁ ଓ କୀଟପତଙ୍ଗର ଶବ୍ଦରେ ରହିବ ନସ୍ତବ୍ଧତା ଭଙ୍ଗିଯାଏ ।

ମାତ୍ର ଯେମେ ଆଲମୋଗ୍ରକୁ ମଟରରେ ଯାଉଥିଲାବେଳେ ଶୀତ ଋତୁର ଆଗମନ ବହୁତ ଡେରି ଥାଏ—ଆମର ଯାତ୍ରା ଶେଷ ବେଳକୁ ସନ୍ଧ୍ୟାର ଗୋଟାଏ ବାଙ୍କ ଅତିକ୍ରମ କଲାବେଳକୁ ଆକସ୍ମିକ ମେଘମାଳା ଉଠିଲା— ଏହି ନୂତନ ଦୃଶ୍ୟ ଦେଖି ମୁଁ ଅପୂର୍ବ ଉଲ୍ଲାସ ଅନୁଭବ କଲି । ହିମାଳୟର ବରଫ ଆଚ୍ଛାଦିତ ଶୃଙ୍ଗସବୁ ଦୂରରେ ଜାଜ୍ଜ୍ୱଲ୍ୟମାନ ହେଉଥାଏ—ଅରଣ୍ୟପୂର୍ଣ୍ଣ ପର୍ବତମାଳାର ବହୁ ଊର୍ଦ୍ଧ୍ୱରେ ଏହା ଉଠିଥାଏ । ଅତୀତ ଯୁଗର ସମସ୍ତ ଜ୍ଞାନ ସହିତ ଏହା ଯେପରି ବଡ଼ି ଭାରତର ସଦା ଜାଗ୍ରତ ପ୍ରହରୀ—ନିସ୍ତବ୍ଧ ଏବଂ ରହସ୍ୟମୟ ଦେଖାଯାଉଛି । ତାହାର ଦୃଶ୍ୟ ଦେଖିଲେ ମସ୍ତିଷ୍କର ଉଷ୍ଣତା ଶୀତଳ ହୋଇଯାଏ, ଛୋଟ ଛୋଟ ବିବାଦ, ଷଡ଼ଯନ୍ତ୍ର, କାମପ୍ରବୃତ୍ତି, ସମତଳ ଭୂମି ଓ ସହରମାନଙ୍କର ମିଥ୍ୟାସବୁ ଅତ୍ୟନ୍ତ କ୍ଷୁଦ୍ର ଏବଂ ଅନନ୍ତ ପଥର ବହୁଦୂରରେ ଥିଲାପରି ମନେହୁଏ ।

ଆଲମୋଗ୍ରର ଛୋଟ ଜେଲଟି ଗୋଟାଏ ପର୍ବତ ଧାରରେ ଠିଆ ହୋଇଥାଏ । ମୋତେ ରହିବାପାଇଁ ଗୋଟାଏ ବଡ଼ ବାରକ୍ ଦିଆଗଲା । ଏଥିରେ ୫୧×୧୭ ଫୁଟର ଗୋଟାଏ ପ୍ରକାଣ୍ଡ ହଲ୍ । କଣ୍ଠ ଓ ଆବଡ଼ା ଖାବଡ଼ା ଚଟାଣ ଏବଂ ଘରମଟ ରକ୍ଷାକରିବା ନିମନ୍ତେ କ୍ଷତ ହୋଇଥାଏ— ସେଥିରୁ ଖଣ୍ଡେ ଖଣ୍ଡେ ଖସିପଡ଼ୁଥାଏ । ସେଥିରେ ପନ୍ଦରଟି ଝରକା ଓ ଗୋଟିଏ ଦୁଆର ମୁହଁଥାଏ ବରଂ ଅନେକ ସ୍ଥାନରେ ଖୋଲା ସ୍ଥାନସବୁ ବନ୍ଦ କରିଦିଆ ଯାଇଥିଲା—କାରଣ କୌଣସି ଦୁଆରମୁହଁ ବା ଝରକା ନ ଥିଲା । ସୁତରାଂ ନିର୍ମଳବାୟୁର ଅଭାବ ନ ଥିଲା । ଥଣ୍ଡା ଅଧିକ ହେବାରୁ ଖୋଲା ଝରକାସବୁରେ ନଡ଼ିଆ ଚଟି ଆବୃତ କରାଗଲା । ଏହି ବିରାଟ ବିସ୍ତୃତ ସ୍ଥାନରେ (ଡେରାଡୁନର କୌଣସି ଚଟାଣଠାରୁ ଏହା ବଡ଼ ଥିଲା)

Digitized by srujanika@gmail.com

ମୁଁ ଗୋଟାଏ ନିର୍ଜନ ଗମ୍ଭୀରତାରେ ରହିଲି । ମାତ୍ର ମୁଁ ସମ୍ପୂର୍ଣ୍ଣ ଏକୁଟିଆ ନ ଥିଲି—କାରଣ ଅନ୍ତତଃ ପ୍ରାୟ ୪୦ଟି ହେବ ଘରଚଟିଆ ଚଢ଼େଇ ସେହି ଭଙ୍ଗା ଛାତରେ ଘର କରି ରହିଥିଲେ । ବେଳେ ବେଳେ ଘୂରୁଥିବା ମେଘ ମୁଁ ଦେଖିପାରେ—ନାନା ଅସଂଖ୍ୟ ଖୋଲାସ୍ଥାନ ଭିତରେ ଅନେକ ବାହୁ ପ୍ରସାରିତ ହୋଇଆସେ ଏବଂ ସେ ସ୍ଥାନକୁ ଆର୍ଦ୍ର କୁହୁଡ଼ିରେ ପୂର୍ଣ୍ଣ କରିଦିଏ ।

ଏଠାରେ ପ୍ରତିଦିନ ସନ୍ଧ୍ୟା ୬ ଟା ବେଳେ ମୋତେ ତାଲା ପକାଇ ରଖାହେଉଥିଲା—ମୁଁ ସାଢ଼େ ୫ଟା ବେଳେ ମୋର ଶେଷ ଭୋଜନ ଖାଇସାରିଲା ପରେ ହେଉଥିଲା । ସକାଳ ୭ ଟା ବେଳେ ମୋର ଅବରୁଦ୍ଧ ଦୁଆର ଉନ୍ମୁକ୍ତ କରାଯାଏ । ଦିନବେଳେ ମୁଁ ମୋର ବାରକ୍‌ରେ ବା ସଂଲଗ୍ନ ଅଗଣାରେ ଖରାରେ ବସି ନିଜକୁ ଗରମ କରେ । ପରିବେଷ୍ଟିତ କାନ୍ଥ ଉପରେ ଏକମାଇଲ ଦୂରରେ ମୁଁ ପର୍ବତ ଦେଖିପାରେ ଏବଂ ମୋ ମସ୍ତକ ଉପରେ ବିସ୍ତୃତ ଆକାଶ ନୀଳବର୍ଣ୍ଣ ମେଘାଚ୍ଛନ୍ନ ହେବାର ଦେଖିପାରେ । ଏହିସବୁ ମେଘ ଅପୂର୍ବ ଆକୃତି ଧରେ ଏବଂ ସେଗୁଡ଼ିକୁ ଲକ୍ଷ୍ୟ କରି ମୁଁ କେବେ କ୍ଳାନ୍ତ ହୋଇନାହିଁ । ସବୁପ୍ରକାର ଜୀବଜନ୍ତୁ ଆକାର ଧରୁଥିବାର ଦେଖି ମୁଁ ଖୁସି ହୁଏ—ବେଳେ ବେଳେ ସେଗୁଡ଼ିକ ସବୁ ଏକସଙ୍ଗ ହୋଇଯାଇ ଗୋଟାଏ ବିରାଟ ସମୁଦ୍ର ପରି ଦେଖାଯାଏ; କିମ୍ବା ଗୋଟାଏ ସମୁଦ୍ର କୂଳପରି ଦେଖାଯାଏ ଏବଂ ବାୟୁର ମର୍ମରଧ୍ୱନି ସୁଦୂର ସମୁଦ୍ର ଭିତରୁ ଜୁଆର ଆସିବା ପରି ଶୁଣାଯାଏ । ବେଳେ ବେଳେ ସାହାସିକ ସଦୃଶ ମେଘ ଆମ ଆଡ଼କୁ ଅଗ୍ରସର ହୋଇ ଆସେ—ଏହା ଦୃଢ଼ ଓ ନିରେଟ ବୋଧହୁଏ ଏବଂ ତା'ପରେ ନିକଟକୁ ଆସିଲେ କୁହୁଡ଼ିରେ ପରିଣତ ହୁଏ, ଶେଷରେ ଆମକୁ ଆଚ୍ଛନ୍ନ କରିପକାଏ ।

ଗୋଟାଏ ସଂକୀର୍ଣ୍ଣ ସେଲ ଅପେକ୍ଷା ଏହି ବିସ୍ତୃତ ବାରକ୍‌କୁ ମୁଁ ଅଧିକ ପସନ୍ଦ କରିଥିଲି—ଅବଶ୍ୟ ଗୋଟିଏ ଛୋଟ ସ୍ଥାନ ଅପେକ୍ଷା ଏହା ନିର୍ଜନତର ବୋଧ ହେଉଥିଲା । ଏପରିକି ବାହାରେ ବର୍ଷା ହେଉଥିବା

Digitized by srujanika@gmail.com

ବେଳେ ମୁଁ ଏଥିଭିତରେ ବୁଲିଯାଉଥାଏ । ମାତ୍ର ଅଧିକ ଅଣ୍ଡା ହେବା ମାତ୍ରକେ ଏହାର କିଏନନ୍ଧତା ଅଧିକ ପରିଲକ୍ଷିତ ହେଲା ଏବଂ ତାର ଠିକ୍ ଅଣ୍ଡା ଅବସ୍ଥାରେ ପହଞ୍ଚିଲା ବେଳକୁ ମୋର ନିର୍ମଳ ବାୟୁ ଏବଂ ଖୋଲାସ୍ଥାନ ପ୍ରତି ଶ୍ରଦ୍ଧା ବୃଦ୍ଧି ପାଇଲା । ନୂତନ ବର୍ଷ ଆରମ୍ଭରେ ଭଲ ବର୍ଷା ବୃଷ୍ଟି ହେବାରୁ ମୋର ଆନନ୍ଦ ହେଲା ଏବଂ ଏପରିକି ଜେଲଖାନାର ଶୁଷ୍କ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ସୌନ୍ଦର୍ଯ୍ୟମୟ ହୋଇଗଲା । ବିଶେଷ ଭାବରେ ଜେଲ ପ୍ରାଚୀରର ଠିକ୍ ବାହାରେ ଯେଉଁ ଦେବଦାରୁ ଗଛ ଥାଏ, ବର୍ଷା ଧୌତ ହୋଇ ତା'ର ଉଜ୍ଜ୍ୱଳତା ଅଧିକ ସୁନ୍ଦର ଦେଖାଯାଏ ।

କମଳା ଅବସ୍ଥାର ପତନ ଓ ଉତ୍ଥାନରେ ମୁଁ ବ୍ୟତିବ୍ୟସ୍ତ ହୋଇ ପଡ଼ିଲି—ଟିକିଏ ଖରାପ ସମ୍ବାଦ ପାଇଲେ ମୁଁ କ୍ଷଣକାଳପାଇଁ ବିବ୍ରତ ହୋଇ ପଡୁଥିଲି । ମାତ୍ର ପର୍ବତର ବାୟୁ ମୋତେ ନିଦ୍ରା ଦିଏ । ଆରାମ ଦିଏ ଏବଂ ମୁଁ ବାରଣ୍ଡାରେ ଶୋଇବା ଅଭ୍ୟାସ ଆରମ୍ଭ କରେ । ମୁଁ ଠିକ୍ ଶୋଇବାକୁ ଯିବା ଅବସ୍ଥାରେ ସବେ ନିଦ୍ରାଟା କିପରି ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ ଜିନିଷ । ଭାବିଲି କଣେ ନିଦରୁ ଜାଗ୍ରତ ହୁଏ ? ଧର ଯଦି ମୁଁ ଆଉ ନ ଉଠନ୍ତି ?

ତଥାପି ଜେଲ ବାହାରକୁ ଯିବାର ପ୍ରବୃତ୍ତି ମୋଠାରେ ପ୍ରବଳ ଭାବରେ ଜାଗ୍ରତ ଥିଲା—ଏଥିପୂର୍ବରୁ ଏହା ବେବେ ହୋଇ ନ ଥିଲା । ବମ୍ବେ କଂଗ୍ରେସ ଶେଷ ହୋଇଥାଏ—ନଭେମ୍ବର ମାସ ଆସି ଚାଲିଗଲା ଏବଂ ଆସେମ୍ବ୍ଲି ନିର୍ବାଚନର ଉତ୍ତେଜନା ମଧ୍ୟ ଚାଲିଗଲା । ମୁଁ ଆଶା କରୁଥିଲି ଯେ ଶୀଘ୍ର ଖଲାସ ହୋଇଯିବ ।

ତା ପରେ ଖାଁ ଅବଦୁଲ ଗଫୁର୍ ଖାଁଙ୍କର ଗିରଫ ଓ ଶାସ୍ତିର ଆଶ୍ଚର୍ଯ୍ୟ ଖବର ଆସି ପହଞ୍ଚିଲା ଏବଂ ସୁଭାଷ ବୋଷ ଇଉରୋପପାଇଁ ଭାରତ ଆସିଥିବା ବେଳେ ତାଙ୍କ ଉପରେ ଅଦ୍ଭୁତ ଆଦେଶ ଜାରିହେଲା । ଏହି ଆଦେଶ ମନ୍ତ୍ରୀତ୍ୟତା ଓ ଉଦ୍ଗ୍ରାହଶୂନ୍ୟ ଥିଲା; ଏହା କାହା ଉପରେ ଜାରି ହୋଇଥିଲା —ସୁଭାଷ ବୋଷ—ତାଙ୍କୁ ଆମର ସହସ୍ର ସହସ୍ର ଦେଶବାସୀ ସ୍ନେହ

Digitized by srujanika@gmail.com

ଓ ଆଦର କରନ୍ତି—ସେ ନିଜର ଅସୁସ୍ଥତା ସତ୍ତ୍ୱେ ନିଜ ପିତାଙ୍କୁ ମୃତ୍ୟୁଶଯ୍ୟାରେ ଦେଖିବା ନିମନ୍ତେ ଦୌଡ଼ି ଆସିଥିଲେ—ପହଞ୍ଚିଲେ ମଧ୍ୟ ଡେରିରେ । ସରକାରଙ୍କ ଯଦି ଏହି ମନୋଭାବ ହୁଏ, ତେବେ ମୋର ଆଗରୁ ଖଲାସ ହେବାର କୌଣସି ସମ୍ଭାବନା ନାହିଁ । ପରେ ଯେଉଁ ସବୁ ସରକାରୀ ବିବୃତି ବାହାରିଲା, ସେଥିରେ ଏହା ସମ୍ପୂର୍ଣ୍ଣଭାବରେ ପରିଷ୍କାର ହୋଇଗଲା ।

ଆଲମୋଡ଼ା ଜେଲରେ ମୁଁ ଏକମାସ ରହିବା ପରେ କମଳାକୁ ଦେଖିବା ନିମନ୍ତେ ମୋତେ ଭାୱାଲିକୁ ନିଆଗଲା । ସେହିଦିନଠାରୁ ମୁଁ ତାକୁ ପ୍ରାୟ ପ୍ରତି ତିନିସପ୍ତାହରେ ଦେଖିବାକୁ ଯାଏ । ଭାରତ ସଚିବ ସାର ସାମୁଏଲ ହୋର ବାରମ୍ବାର କହୁଥାନ୍ତି ଯେ ପ୍ରତି ସପ୍ତାହରେ ଥରେ ବା ଦୁଇଥର ମୋ ସ୍ତ୍ରୀକୁ ଦେଖିବା ନିମନ୍ତେ ମୋତେ ଅନୁମତି ଦିଆଯାଉଛି । ମୁଁ ଆଲମୋଡ଼ାରେ ଯେଉଁ ସାଢ଼େ ପାଞ୍ଚମାସ ଥିଲି ସେଥି ଭିତରେ ତାହା ନିକଟକୁ ପାଞ୍ଚଥର ଯିବାକୁ ଦିଆଯାଇଥିଲା । ମୁଁ ଆପତ୍ତି କରିବା ଉଦ୍ଦେଶ୍ୟରେ ଏହା ଲେଖୁନାହିଁ, କାରଣ ମୋର ମନେହୁଏ ଏ ବିଷୟରେ ସରକାର ମୋ ପ୍ରତି ଟିକିଏ ଉଦାରତା ଦେଖାଇଛନ୍ତି ଏବଂ କମଳାକୁ ଦେଖିବା ନିମନ୍ତେ ମୋତେ ସମ୍ପୂର୍ଣ୍ଣ ଅସାଧାରଣ ସୁବିଧା ସବୁ ଦେଇଛନ୍ତି । ଏଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ । ମୁଁ କ୍ଷଣକାଳପାଇଁ ତାକୁ ଯେ ଦେଖିବାକୁ ପାଉଥିଲି ଏହା ମୋ ପକ୍ଷରେ ମୂଲ୍ୟବାନ୍ ଏବଂ ସମ୍ଭବତଃ ତାହା ପକ୍ଷରେ ମଧ୍ୟ । ମୋ ଗଲାବେଳ ଡାକ୍ତରଙ୍କ ଶାସନ ବନ୍ଦ ହୋଇଯାଏ ଏବଂ ତା ସହିତ ଅନେକ ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା କରିବାକୁ ମୋତେ ଅନୁମତି ଦିଆଯାଉଥିଲା । ଆମେ ପରସ୍ପରର ଅତି ନିକଟକୁ ଆସିଲୁ ଏବଂ ତାକୁ ଛାଡ଼ି ଆସିବା ହେଉଛି ଗୋଟାଏ ଯନ୍ତ୍ରଣା । କେବଳ ବିଚ୍ଛିନ୍ନ ହେବା ନିମନ୍ତେ ଆମେ ଭେଟ ହେଉଥିଲୁ । ବେଳେ ବେଳେ ମୁଁ ଆବେଗର ସହିତ ଭାବେ ଏହି ବିଚ୍ଛିନ୍ନତା ଚିରଦିନ ଲାଗି ହେବ କି ।

ମୋର ମାଆ ଚିକିତ୍ସା ନିମନ୍ତେ ବମ୍ବେ ଯାଇଥାନ୍ତି; କାରଣ ସେ ଆରୋଗ୍ୟ ହୋଇ ନ ଥାନ୍ତି । ସେ ଉନ୍ନତ କଲପରି ମନେହେଉଥିଲା !

Digitized by srujanika@gmail.com

ଜାନୁଆରୀ ମଧ୍ୟଭାଗରେ ଦିନେ ସକାଳେ ଗୋଟାଏ ତାର ଅପ୍ରତ୍ୟାଶିତ ଆଘାତ ଆଣି ଦେଲା । ସେ (ମୋ ମାଆ) ପକ୍ଷାଘାତ ରୋଗାକ୍ରାନ୍ତ ହୋଇଛି । ତାକୁ ଦେଖିବା ନିମନ୍ତେ ବମ୍ବେ ଜେଲକୁ ମୋତେ ବଦଳି କରିଦେବାର ସମ୍ଭାବନା ରହିଛି, ମାତ୍ର ତା'ର ଅବସ୍ଥାର ଟିକିଏ ପରିବର୍ତ୍ତନ ଦେଖାଯିବାରୁ ମୋତେ ପଠାଗଲା ନାହିଁ ।

ଜାନୁଆରୀ ପରେ ଫେବୃଆରୀ ଆସିଲା ଏବଂ ବସନ୍ତର ଇଙ୍ଗିତ ଦେଖିଲି । ବୁଲ ବୁଲ ଓ ଅନ୍ୟ ଚଢ଼େଇ ପୁଣି ଉଡ଼ିଲେ ଓ ସ୍ୱର ଦେଲେ ଏବଂ ଛୋଟ ଛୋଟ ତୃଣାଙ୍କୁର ସବୁ ରହସ୍ୟଜନକ ଭାବରେ ଭୂଇଁତଳ ବାହାରି ଆଶ୍ଚର୍ଯ୍ୟ ଦୁନିଆ ପ୍ରତି ଦୃଷ୍ଟିପାତ କଲେ । ରୋଡୋଡେଣ୍ଡ୍ରନ ଗୁଚ୍ଛ ପର୍ବତ ପାଖରେ ରକ୍ତବର୍ଣ୍ଣ ରଙ୍ଗ ଅଙ୍କିଲା ଏବଂ ଶାଳ ଓ ନବପଲ୍ଲବ ଅଙ୍କୁରିତ ହୋଇ ଦେଖାଦେଲା । ଦିନ କଟିଯାଉଥାଏ—ମୁଁ ଦିନ ଗଣୁଥାଏ—କେବେ ପୁଣି ଥରେ ଭଓ୍ୟାଲିକୁ ଯିବି ଦୃଷ୍ଟି ଦେଇଥାଏ । ମୁଁ ଭାବିବାକୁ ଲାଗିଲି ଜୀବନର ଉନ୍ନତ ଦାନ ପଛେ ପଛେ ହତାଶା, ନିଷ୍ଠୁରତା ଓ ବିଚ୍ଛିନ୍ନତା ଅଛି ବୋଲି କଥାର ସତ୍ୟତା ରହିଛି । ତାହା ନ ହେଲେ ଏହି ଆନନ୍ଦସବୁ ବୋଧହୁଏ ଅନୁଭବ କରାଯାଇ ପାରନ୍ତା ନାହିଁ । ସମ୍ଭବତଃ ସୁସ୍ଥ ଚିନ୍ତା ସକାଶେ କଷ୍ଟଭୋଗ କରିବା ଆବଶ୍ୟକ, ମାତ୍ର ଅତିରିକ୍ତ ହେଲେ ମସ୍ତିଷ୍କ ଆବୃତ ହୋଇଯାଏ । ଜେଲରେ ଅନ୍ତର୍ଦୃଷ୍ଟି ହୁଏ ଏବଂ ଜେଲଖାନାରେ ଅନେକ ବର୍ଷ ରହିବାହେତୁ ମୁଁ ନିଜ ସମ୍ବନ୍ଧରେ ଅଧିକରୁ ଅଧିକ ଚିନ୍ତା କରି ପାରିଥିଲି । ମୁଁ ସ୍ୱଭାବତଃ ଅନ୍ତର୍ମୁଖୀ ନୁହେଁ, ମାତ୍ର ବନ୍ଦୀଜୀବନ କଡ଼ା କଫି ଓ ଷ୍ଟ୍ରିକ୍‌ନିନ (କୋଚିଲା ମଞ୍ଜି) ପରି ଅନ୍ତର୍ମୁଖୀ କରି ପକାଏ । ବେଳେ ବେଳେ ନିଜର କୌତୁକପାଇଁ ମୁଁ ଅଧ୍ୟାପକ ମାକ୍‌ଡଗୋଲଙ୍କ ଅନ୍ତର୍ଗାମୀ ଓ ବହିର୍ଗାମୀରେ ଚିତ୍ରମାପ କରେ ଏବଂ ଗୋଟିଏ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ପରିବର୍ତ୍ତନ କିପରି ଦ୍ରୁତଗତିରେ ହୁଏ, ସେଥିପ୍ରତି ଲକ୍ଷ୍ୟ କରେ । ଏହା ଅତିଶୀଘ୍ର ହେଉଥିବାପରି ମନେହୁଏ ।

Digitized by srujanika@gmail.com

୭୨

କେତେକ ଆଧୁନିକ ଘଟଣା

"ରାତ୍ରିର ପଥ ସକାଳ ଆଲୋକରେ ରଞ୍ଜିତ ହୁଏ—ମାତ୍ର ଆମ ଜୀବନର ଆଲୋକ ଆଉ ଫେରି ଆସେ ନା। ଦୃଷ୍ଟିପଥରେ ସୁଦୂର ଚକ୍ରବାଳ ଥାଏ, ମାତ୍ର ବସନ୍ତର ଆଘାତ ହୃଦୟର ଗଭୀର ଗହ୍ୱରରେ ଥାଏ।"

—ଲି ଟାଏ ପୋ

ମୋତେ ମିଳିଥିବା ସମ୍ବାଦପତ୍ରମାନଙ୍କରୁ ମୁଁ କଂଗ୍ରେସର ବର୍ତ୍ତମାନ ଅଧିବେଶନ ବିବରଣୀ ପଢ଼ିଲି। ଏହାର ରାଜନୀତି ଏବଂ ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟରେ ମୋର ଆଗ୍ରହ ଜାତ ହେବା ସ୍ୱାଭାବିକ। କୋଡ଼ିଏ ବର୍ଷର ଘନିଷ୍ଠ ସହଯୋଗ ଫଳରେ ମୁଁ ଏତେ ନିବିଡ଼ ଭାବରେ ଏଥି ସହିତ ବନ୍ଧା ହୋଇଥିଲି ଯେ ମୋର ବ୍ୟକ୍ତିତ୍ୱ ଏଥି ସହିତ ପ୍ରାୟ ମିଶିଯାଇଥିଲା ଏବଂ ପଦବୀ ଓ ଦାୟିତ୍ୱ ଅପେକ୍ଷା ଅବଶ୍ୟ ଭାବରେ ଏହି ବିରାଟ ସଂଗଠନ ଓ ମୋର ହଜାର ହଜାର ପୁରାତନ ସହକର୍ମୀଙ୍କ ସହିତ ମୁଁ ବନ୍ଧା ହୋଇଥିଲି। ତଥାପି ଏହି ବିବରଣୀ ପଢ଼ି କୃତ୍ରିମ ହେବା କଷ୍ଟକର ବୋଧ କଲି; କେତେକ ଗୁରୁତର ନିଷ୍ପତ୍ତି ସତ୍ତ୍ୱେ ଏହି ଅଧିବେଶନଟି ମୋତେ ନିତାନ୍ତ ସାଧାରଣ ବ୍ୟାପାର ପରି ମନେ ହେଲା। ମୁଁ ଆଗ୍ରହ ନେଉଥିବା ବିଷୟମାନ ପ୍ରାୟ ଆଲୋଚିତ ହୋଇ ନ ଥିଲା। ମୁଁ ଭାବିଲି ମୁଁ ସେଠାରେ ଥିଲେ କ'ଣ କରି ଥାଆନ୍ତି। ମୁଁ ନିଶ୍ଚିତରୂପେ କିଛି ଜାଣି ପାରୁନଥିଲି; ନୂତନ ଅବସ୍ଥା ଓ ମୋର ପାରିପାର୍ଶ୍ୱିକ ଅବସ୍ଥାର ଉପରେ ପ୍ରତିକ୍ରିୟା ମୋ ଉପରେ ହୋଇଥାଆନ୍ତା ମୁଁ କହିପାରିବିନାହିଁ। ଜେଲ ଭିତରେ କୌଣସି ଗୁରୁତର ସିଦ୍ଧାନ୍ତ କରିବା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅନାବଶ୍ୟକ ଥିବା ଅବସ୍ଥାରେ ମୁଁ ମୋ ମନକୁ ଏଥିପାଇଁ କାହିଁକି ବାଧ୍ୟ କରିବି ଏହାର କିଛି

Digitized by srujanika@gmail.com

କାରଣ ଦେଖିପାରିଲି ନାହିଁ । ବେଳ ଆସିବ ଯେତେବେଳେ ମୋତେ ବର୍ତ୍ତମାନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ମୋର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ହେବ । କ'ଣ ସିଦ୍ଧାନ୍ତ ହେବ ତାହା ଆଗରୁ ଭାବିବା ଗୋଟିଏ ବାତୁଳତା—ମନର ଅବସର ପାଇଁ ମଧ୍ୟ ଭାବିବା ଉଚିତ ନୁହେଁ —କାରଣ ମୁଁ କିଛି କାର୍ଯ୍ୟ କରିବାକୁ ସ୍ଥିର କରିବା ପୂର୍ବରୁ ପରିସ୍ଥିତି ମୋତେ ତାହା କରିବାକୁ ବାଧ୍ୟ କରିବ ।

ମୁଁ ଦୂରରେ ଏହି ପାର୍ବତ୍ୟ ଅଞ୍ଚଳରେ ନିର୍ଜନ ଭାବରେ ବାସକରି କଂଗ୍ରେସର ଦୁଇଟି ଉଲ୍ଲେଖ ଯୋଗ୍ୟ ବୈଶିଷ୍ଟ୍ୟ ଦେଖିଲି—ଗାନ୍ଧିଜୀଙ୍କର ଅସାମାନ୍ୟ ବ୍ୟକ୍ତିତ୍ୱର ପ୍ରଭାବ ଏବଂ ପଣ୍ଡିତ ମଦନମୋହନ ମାଳବ୍ୟ ଓ ମିଷ୍ଟର ଅନେଙ୍କ ନେତୃତ୍ୱରେ କ୍ଷୀଣ ସାମ୍ପ୍ରଦାୟିକ ବିରୋଧିତା। ଯାହାଙ୍କର ଭାରତର ଜନସାଧାରଣ ଏବଂ ମଧ୍ୟବିତ୍ତ ଶ୍ରେଣୀଙ୍କ ମନର ଆଭ୍ୟନ୍ତରୀଣ କାର୍ଯ୍ୟ ସମ୍ବନ୍ଧରେ କିଛି ଧାରଣା ଅଛି ସେମାନେ ଗାନ୍ଧିଜୀ ଯେ ଭାରତରେ ଏପରି ଅପୂର୍ବ ପ୍ରଭାବ ବିସ୍ତାର କରିଛନ୍ତି ତାହା ଦେଖି ଆଶ୍ଚର୍ଯ୍ୟ ହେବେ ନାହିଁ । ସରକାରୀ କର୍ମଚାରୀ ଏବଂ କେତେକ ନିଜ କଥାରେ ବ୍ୟସ୍ତ ରାଜନୀତିକମାନେ ଅନେକ ସମୟରେ ଅନୁମାନ କରନ୍ତି ଏବଂ ଏହି ଭାବନା କରି ସୁଖୀ ହୁଅନ୍ତି ଯେ ଗାନ୍ଧିଜୀଙ୍କର ରାଜନୀତିକ ଜୀବନରେ ଖେଳା ଶେଷ ପାଇଛି କିମ୍ବା ଅନ୍ତତଃ ତାଙ୍କର ପ୍ରଭାବ ଅନେକ ପରିମାଣରେ କମିଯାଇଛି । ମାତ୍ର ତା'ପରେ ସେ ଯେତେବେଳେ ପୁଣି ତାଙ୍କର ପୁରାତନ ଶକ୍ତି ପ୍ରଭାବ ଦେଖାଇ ବାହାରନ୍ତି, ସେତେବେଳେ ସେମାନେ ଅବାକ୍ ହୋଇଯାନ୍ତି ଏବଂ ଏହି ପରିବର୍ତ୍ତନର ନୂତନ କାରଣ ଖୋଜି ବୁଲନ୍ତି । ସେ କଂଗ୍ରେସ ଓ ଦେଶ ଉପରେ ପ୍ରାଧାନ୍ୟ କରନ୍ତି—ଏହା ତାଙ୍କର ମତ ସବୁବେଳେ ନୁହେଁ, ତାଙ୍କ ମତ ସାଧାରଣତଃ ଗୃହୀତ ହୋଇଥାଏ—ମାତ୍ର ତାଙ୍କର ଅପୂର୍ବ ବ୍ୟକ୍ତିତ୍ୱ ଯୋଗୁଁ । ପ୍ରତ୍ୟେକ ସ୍ଥାନରେ ବ୍ୟକ୍ତିତ୍ୱର ମର୍ଯ୍ୟାଦା ଅଛି—ଭାରତରେ ଏହା ପୁଣି ଅନ୍ୟସ୍ଥାନ ଅପେକ୍ଷା ଅଧିକ ପ୍ରଭାବ ବିସ୍ତାର କରେ ।

Digitized by srujanika@gmail.com

ତାଙ୍କର କଂଗ୍ରେସରୁ ଅବସର ଗ୍ରହଣ କରିବା ଗୋଟିଏ ଉଲ୍ଲେଖ ଯୋଗ୍ୟ ଘଟଣା—ବାହ୍ୟତଃ ଏହା କଂଗ୍ରେସ ଓ ଭାରତ ଇତିହାସର ଗୋଟାଏ ମହତ୍ ଅଧ୍ୟାୟ ସମାପ୍ତି ପରି ମନେ ହେଲା । ମାତ୍ର ପ୍ରକୃତରେ ଏହା ବଡ଼ କଥା ନୁହେଁ—କାରଣ ସେ ଇଚ୍ଛା କଲେ ସୁଦ୍ଧା ତାଙ୍କର ଯେପରି ଅତୁଳନୀୟ ପ୍ରଭାବ ରହିଛି ତାହା ଯିବ ନାହିଁ । କୌଣସି ପଦବୀ ବା ଅନ୍ୟପ୍ରକାର ବନ୍ଧନରୁ, ସେ ଏହି ପ୍ରଭାବ ପାଇ ନ ଥିଲେ । କଂଗ୍ରେସ ପୂର୍ବରୁ ଯେପରି ତାଙ୍କର ମତ ଗ୍ରହଣ କରିଥିଲା ଆଜି ବି କରୁଛି ଏବଂ ପରିବା ଏହା ତାଙ୍କ ପଥରୁ ଖସିଯାଏ, ତଥାପି ଅଜ୍ଞାତଭାବରେ ଗାନ୍ଧିଜୀ ଏହାକୁ ଏବଂ ଅନେକ ପରିମାଣରେ ଦେଶକୁ ପ୍ରଭାବିତ କରୁଥିବେ । ସେ ନିଜେ ଏହି ବୋଝ ଓ ଦାୟିତ୍ୱରୁ ଖସି ଯାଇନପାରନ୍ତି । ଭାରତର ଅବସ୍ଥା ଉଦ୍ଦେଶ୍ୟ ଦିଗରୁ ବିଚାର କଲେ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଦୃଷ୍ଟି ପକାଇବାକୁ ବାଧ୍ୟ ହେବ ଏବଂ ଏହା କେହି ଅବହେଳା କରି ପାରିବନାହିଁ ।

ବର୍ତ୍ତମାନ ସମ୍ଭବତଃ କଂଗ୍ରେସକୁ ଦୁଇଭାଗ ନ କରିବାପାଇଁ ସେ କଂଗ୍ରେସରୁ ଅବସର ଗ୍ରହଣ କରିଛନ୍ତି । ସମ୍ଭବତଃ ସେ ଏକ ପ୍ରକାର ବ୍ୟକ୍ତିଗତ ପ୍ରତ୍ୟକ୍ଷ ସଂଗ୍ରାମର କଳ୍ପନା କରୁଛନ୍ତି ଯାହା ଅବଶେଷରେ ସରକାର ସହିତ ସଂଘର୍ଷରେ ଆସିବ । ସେ ଏହାକୁ କଂଗ୍ରେସର କାର୍ଯ୍ୟ କରିବାକୁ ଚାହାନ୍ତି ନାହିଁ ।

ଦେଶର ଶାସନତନ୍ତ୍ରଗତ ସମସ୍ୟା ସମାଧାନ କରିବା ନିମନ୍ତେ କଂଗ୍ରେସ ଗଣପରିଷଦ ଭାବ ଗ୍ରହଣ କରିବା ଦେଖି ମୁଁ ଖୁସି ହେଲି । ମୋର ମନେହୁଏ ଏହି ସମସ୍ୟା ସମାଧାନ କରିବାର ଅନ୍ୟ ଉପାୟ ନାହିଁ ଏବଂ ମୋର ନିଶ୍ଚିତ ଧାରଣା ଯେ ଦିନେ ନା ଦିନେ ଏହିପରି ଏକ ପରିଷଦ କରିବାକୁ ପଡ଼ିବ । ଯଦି କୌଣସି ବିପ୍ଳବ କୃତକାର୍ଯ୍ୟ ହୁଏ ତାହା ସ୍ୱତନ୍ତ୍ର କଥା—ନଚେତ୍ ବ୍ରିଟିଶ ସରକାରର ସହିତ ଚୁକ୍ତି ବିନା ଏହା ହୋଇ ପାରିବ ନାହିଁ । ଏହା ମଧ୍ୟ ପରିଷ୍କାରରୂପେ ଜଣାପଡ଼ୁଛି ଯେ ବର୍ତ୍ତମାନ ଅବସ୍ଥାରେ ଏହି ଚୁକ୍ତି ମିଳିବାର ସମ୍ଭାବନା ନାହିଁ । ତେଣୁ ଦେଶରେ ଏହା କରିବା

Digitized by srujanika@gmail.com

ପାଇଁ ବାଧ୍ୟ କରିବା ଭଳି ଯଥେଷ୍ଟ ଶକ୍ତି ନ ହେବା ପର୍ଯ୍ୟନ୍ତ ପ୍ରକୃତ ପରିଷଦ ହୋଇପାରିବ ନାହିଁ । ଏଦ୍ୱାରା ଅନିବାର୍ଯ୍ୟ ଅର୍ଥ ଏହି ଯେ ଏହି ପରିଷଦ ବସିବା ପର୍ଯ୍ୟନ୍ତ ରାଜନୀତିକ ସମସ୍ୟାର ମଧ୍ୟ ସମାଧାନ ହୋଇପାରିବ ନାହିଁ । କେତେକ କଂଗ୍ରେସ ନେତା ଏହି ଗଣପରିଷଦ ଧାରଣାକୁ ଗ୍ରହଣ କରିସାରି ଏହାକୁ କମାଇ ଦେଇ ପୁରାତନ ଧରଣର ସର୍ବଦଳ ସମ୍ମିଳନୀ ପ୍ରକାର ଧରନ୍ତି । ଏହା ସମ୍ପୂର୍ଣ୍ଣ ଭୁଲ ପନ୍ଥା ଏବଂ ସେହି ପୁରାତନ ଲୋକ ସବୁ ଆପେ ଆପେ ନିର୍ବାଚିତ ହୋଇ ଆସି ଏକତ୍ର ହେବେ ଓ ଦ୍ୱିମତ ହେବେ । ଗଣପରିଷଦ ମୂଳରେ ଭାବ ହେଉଛି ଯେ ଏକ ବ୍ୟାପକ ସଙ୍ଘ ଜନସାଧାରଣଙ୍କୁ ଭିତ୍ତି କରି ଗଢ଼ା ହେବ—ଜନସାଧାରଣଙ୍କଠାରୁ ଶକ୍ତି ଓ ପ୍ରେରଣା ପାଇବ । ଏହିପରି ସଭା ସାଙ୍ଗେ ସାଙ୍ଗେ ପ୍ରକୃତ ସମସ୍ୟାର ସମ୍ମୁଖୀନ ହେବ ଏବଂ ଆମେ ସବୁ ଯେଉଁ ସାମ୍ପ୍ରଦାୟିକ ଓ ଅନ୍ୟ ଗତାନୁଗତିକ ପନ୍ଥାରେ ଆସି ପଡୁ, ଏହା ସେଥିରେ ସମ୍ଭବ ନାହିଁ ।

ଏହି ପ୍ରସ୍ତାବରେ ସିମଲା ଓ ଲଣ୍ଡନରେ କୌତୁକପ୍ରଦ ପ୍ରତିକ୍ରିୟା ଦେଖାଦେଲା । ଅର୍ଦ୍ଧ-ସରକାରୀ ଭାବରେ ପ୍ରକାଶ କରାଗଲା ଯେ ସରକାରର ଏଥିପାଇଁ କୌଣସି ଆପତ୍ତି ହେବ ନାହିଁ; ସେମାନେ ଗୋଟାଏ ସଦୟ-ଭାବାପନ୍ନ ହୋଇ ସମ୍ମତି ଦେଲେ—ଜଣାପଡୁଥିଲା ଯେ ଏହାକୁ ପୁରୁଣା ଧରଣର ସର୍ବଦଳ ସମ୍ମିଳନୀ ବୋଲି ବିଚାର କରି ଏହା ନିଷ୍ଫଳ ହେବ ବୋଲି ନିଶ୍ଚିତ କରିଥିଲେ—ଏହା ହେଲେ ତାଙ୍କର ଶକ୍ତି ବଢ଼ିବ । ପରେ ଏହି ପ୍ରସ୍ତାବର ବିପଦ ଓ ସମ୍ଭାବନା ସେମାନେ ବୁଝି ପାରିଲାପରି ମନେ ହେଲା ଏବଂ ସେମାନେ ଏହାର ତୀବ୍ର ପ୍ରତିବାଦ କରିବାକୁ ଲାଗିଲେ ।

ବମ୍ବେ କଂଗ୍ରେସର ଅଳ୍ପ ଦିନ ପରେ ଆସେମ୍ବ୍ଲି ନିର୍ବାଚନ ହେଲା । କଂଗ୍ରେସର ପାର୍ଲିମେଣ୍ଟାରୀ କାର୍ଯ୍ୟକ୍ରମ ପ୍ରତି ମୋର ଉତ୍ସାହ ନ ଥିଲେ ସୁଦ୍ଧା କଂଗ୍ରେସ ପ୍ରାର୍ଥୀମାନଙ୍କ ସଫଳତା ଦେଖିବା ନିମନ୍ତେ ମୁଁ ବ୍ୟଗ୍ର ଥିଲି ଏବଂ ଠିକ୍ ରୂପେ କହିବାକୁ ଗଲେ ମୁଁ ବିରୋଧୀମାନଙ୍କର ପରାଜୟ କାମନା କରୁଥିଲି । ଭାଗ୍ୟାନ୍ୱେଷୀ, ସାମ୍ପ୍ରଦାୟିକ, ପଳାତକ ଏବଂ ସରକାରର ଦମନ ନୀତିରେ ସାହାଯ୍ୟ କରିଥିବା ଲୋକଙ୍କର ଅଦ୍ଭୁତ

Digitized by srujanika@gmail.com

ମିଶ୍ରଣ ହୋଇଥିଲା ଓ ସେମାନେ ବିରୋଧ କରୁଥିଲେ । ଏହି ଲୋକଙ୍କ ଭିତରୁ ଅଧିକାଂଶ ଯେ ପରାସ୍ତ ହେବେ ଏଥିରେ ତିଳେ ହେଲେ ସନ୍ଦେହ ନଥିଲା । ମାତ୍ର ଦୁର୍ଭାଗ୍ୟବଶତଃ ସାମ୍ପ୍ରଦାୟିକ ବଣ୍ଟୁଆରା ସମସ୍ୟାକୁ ଆଚ୍ଛାଦିତ କଲା ଏବଂ ଅନେକ ସାମ୍ପ୍ରଦାୟିକ ଅନୁଷ୍ଠାନର ପ୍ରସାରିତ ବାହୁତଳେ ଆଶ୍ରୟ ନେଲେ । ଏ ସବୁ ସତ୍ତ୍ୱେ କଂଗ୍ରେସର ଅପୂର୍ବ ଜୟଲାଭ ହେଲା ଏବଂ ଅନେକ ସଂଖ୍ୟକ ଅବାଞ୍ଛନୀୟ ଲୋକ ବାହାରେ ରହିଗଲେ ଦେଖି ମୁଁ ଖୁସି ହେଲି ।

ତଥାକଥିତ କଂଗ୍ରେସ ଜାତୀୟ ଦଳର ମନୋଭାବ ମୋତେ ଅତ୍ୟନ୍ତ ନିନ୍ଦନୀୟ ମନେ ହେଲା । ସେମାନେ ସାମ୍ପ୍ରଦାୟିକ ବଣ୍ଟୁଆରାର ତୀବ୍ର ବିରୋଧ କରିବାଟା ବୃଦ୍ଧି ହେଉଛି, ମାତ୍ର ନିଜର ଶକ୍ତି ବଢ଼ାଇବା ନିମନ୍ତେ ସେମାନେ ଚରମ ସାମ୍ପ୍ରଦାୟିକ । ଅନୁଷ୍ଠାନ ଏପରିକି ସନାତନୀଙ୍କ (ଏମାନଙ୍କ ଅପେକ୍ଷା ଅଧିକ ପ୍ରତିକ୍ରିୟାପନ୍ଥୀ ଭାରତରେ କାହାନ୍ତି) ସହ ରାଜନୀତିକ ଓ ସାମାଜିକ ଉଭୟ ଦିଗରେ ମିଳିତ ହେଲେ ଏବଂ ଅନେକ ସଂଖ୍ୟକ ଅତି ଖରାପ ଧରଣର ରାଜନୀତିକ ପ୍ରତିକ୍ରିୟାବାଦୀଙ୍କ ସହିତ ମିଶିଥିଲେ । ବଙ୍ଗଳାରେ କେବଳ ଶକ୍ତିଶାଳୀ କଂଗ୍ରେସ ଦଳର ଏମାନେ ସମର୍ଥନ ପାଇଥିଲେ, ଅନ୍ୟସ୍ଥାନରେ ଏମାନଙ୍କ ଭିତରୁ ଅଧିକାଂଶ କଂଗ୍ରେସ ବିରୋଧୀ ଥିଲେ । ବାସ୍ତବିକ ସେମାନେ କଂଗ୍ରେସର ଅତ୍ୟନ୍ତ ଖ୍ୟାତନାମା ବିରୋଧୀ । ଏହିସବୁ ନାନା ପ୍ରକାର ଦଳର ମିଳିତ ବିରୋଧ ସତ୍ତ୍ୱେ ଜମିଦାର ଲିବରାଲ ଏବଂ ସରକାରୀ କର୍ମଚାରୀମାନେ ଏକତ୍ର ହେଲେ ସୁଦ୍ଧା କଂଗ୍ରେସ ପ୍ରାର୍ଥୀମାନେ ଅପୂର୍ବ ପରିମାଣରେ ସାଫଲ୍ୟ ଲାଭ କରିଥିଲେ ।

ସାମ୍ପ୍ରଦାୟିକ ବଣ୍ଟୁଆରା ପ୍ରତି କଂଗ୍ରେସର ମନୋଭାବ ଅଦ୍ଭୁତ ଧରଣର ମାତ୍ର ଏପରି ପରିସ୍ଥିତିରେ ଏହା ଆଉ କିଛି ପ୍ରକାର ପ୍ରାପ୍ୟ ହୋଇ ପାରି ନ ଥାନ୍ତା । ଅତୀତରୁ ଯେଉଁ ନିଷ୍କ୍ରିୟ ଓ ଦୁର୍ବଳ ନୀତି ଗ୍ରହଣ କରି ଯାଇଥିଲା ଏଥିରେ ଏପରି ହେବା ଅନିବାର୍ଯ୍ୟ । ଆଗରୁ

Digitized by srujanika@gmail.com

ଗୋଟିଏ ଦୃଢ଼ନୀତି ଗ୍ରହଣ କରି ଏହାର ଆଶୁ ଫଳାଫଳ ପ୍ରତି ଖାତିର ନ କରି କାର୍ଯ୍ୟ କରି ପାରିଥିଲେ ଅବସ୍ଥା ଅଧିକ ମର୍ଯ୍ୟାଦାସଂପନ୍ନ ଓ ଠିକ ହୋଇଥାଆନ୍ତା । କିନ୍ତୁ କଂଗ୍ରେସ ସେତେବେଳେ ତାହା କରିବା ନିମନ୍ତେ ପ୍ରସ୍ତୁତ ନ ଥିବାରୁ ଯାହା କଲା ତାହା ଅପେକ୍ଷା ଆଉ କିଛି ଉପାୟ ନ ଥିଲା । ସାମ୍ପ୍ରଦାୟିକ ବଣ୍ଟାରା ଗୋଟାଏ ଅତ୍ୟନ୍ତ ଅଳୀକ କଥା ଏବଂ ଏହା ଗ୍ରହଣ କରିବା ଅସମ୍ଭବ—ଏହା ଯେ ପର୍ଯ୍ୟନ୍ତ ରହିଛି କୌଣସି ପ୍ରକାର ସ୍ୱାଧୀନତା ଲାଭ ହୋଇପାରିବନାହିଁ । ଏହା ମୁସଲମାନମାନଙ୍କୁ ଅଧିକ କ୍ଷମତା ଦେଇ ଦେଉଛି ବୋଲି ଯେ ହେବ ନାହିଁ ତାହା ନୁହେଁ । ସମ୍ଭବତଃ ସେମାନେ ଯାହା ବୃଦ୍ଧ ଥିଲେ ତାହା ସେମାନଙ୍କୁ ଅନ୍ୟ ଉପାୟରେ ଦେବା ସମ୍ଭବ ଥିଲା । ମାତ୍ର ବ୍ରିଟିଶ ସରକାର ଭାରତକୁ ପରସ୍ପରଠାରୁ ଅଲଗା ବିଭିନ୍ନ ବିଭାଗରେ ବିଭକ୍ତ କଲା—ପ୍ରତ୍ୟେକ ପ୍ରତ୍ୟେକର ସାମ୍ୟ ରକ୍ଷା କରିବେ—ଅନ୍ୟକୁ ଅଚଳିସ୍ଥ କରି ପକାଇବେ—ତାହାହେଲେ ବିଦେଶୀ ବ୍ରିଟିଶ ସରକାର ଏଠାରେ ସର୍ବେସର୍ବା ହୋଇ ରହିବେ । ଏଥିରେ ବ୍ରିଟିଶ ସରକାର ଅଧୀନରେ ପରାଧୀନତା ଅନିବାର୍ଯ୍ୟ ହୋଇପଡ଼େ ।

ବିଶେଷ ଭାବରେ ବଙ୍ଗଳାରେ କ୍ଷୁଦ୍ର ଗୋଷ୍ଠୀମାନଙ୍କପାଇଁ ବହୁ ରକ୍ଷାକବଚ ରଖାଯାଇଥିଲା—ଏଥିରେ ହିନ୍ଦୁମାନଙ୍କ ପ୍ରତି ଅତ୍ୟନ୍ତ ଅନ୍ୟାୟ କରାଗଲା । ଏପରି ଏକ ବଣ୍ଟାରା ବା ସିଦ୍ଧାନ୍ତ କିମ୍ବା ଯେ କୌଣସି ନାମରେ ଏହା କଥିତ ହେଉ ନା କାହିଁକି (ଏହାକୁ ବଣ୍ଟାରା କହିବାରେ ଆପତ୍ତି ଉଠିଛି) ବିରୁଦ୍ଧରେ ଅସନ୍ତୋଷ ଜାତ ହେବା ଅବଶ୍ୟମ୍ଭାବୀ, ଯଦିବା ଏହା ଜବରଦସ୍ତ ଗୃହୀତ ହୋଇଯାଏ କିମ୍ବା ରାଜନୀତିକ କାରଣ ହେତୁ କ୍ଷଣସ୍ଥାୟୀ ଭାବରେ ଏହା ସତ୍ୟ କରାଗଲେ ସୁଦ୍ଧା ଏକ ସଂଘର୍ଷ ବିଷୟ-ରୂପେ ଏହା ରହିଥିବ । ବ୍ୟକ୍ତିଗତ ଭାବରେ ମୁଁ ମନେକରେ ଯେ ଏହି ଅନ୍ୟାୟ ହିଁ ଏହା ସପକ୍ଷରେ ଯାଉଛି, କାରଣ ଏହା କୌଣସି ସିଦ୍ଧାନ୍ତର ସ୍ଥାୟୀ ଭିତ୍ତି ହୋଇପାରେ ନା ।

Digitized by srujanika@gmail.com

କାଙ୍ଗ୍ରେସ ଦଳ ଏବଂ ତାହାଠାରୁ ଅଧିକ ଭାବରେ ହିନ୍ଦୁମହାସଭା ଓ ଅନ୍ୟ ସାମ୍ପ୍ରଦାୟିକ ଅନୁଷ୍ଠାନମାନେ ଏପରି ଜବରଦସ୍ତି ଲଦିବାରେ ଅତ୍ୟନ୍ତ କ୍ରୋଧ ପ୍ରକାଶ କଲେ, ମାତ୍ର ସେମାନଙ୍କର ଓ ତାଙ୍କ ସମର୍ଥକ-ମାନଙ୍କର ସମାଲୋଚନା ବ୍ରିଟିଶ ସରକାରର ଆଦର୍ଶ ଗ୍ରହଣ ଉପରେ ପ୍ରତିଷ୍ଠିତ । ଏହା ଫଳରେ ସେମାନେ ଏକ ଅଦ୍ଭୁତ ନୀତି ଅନୁସରଣ କଲେ, ଯାହା ସରକାର ପକ୍ଷରେ ବଡ଼ ଆନନ୍ଦଜନକ ମନେହେଉଥିବ । ରାଷ୍ଟ୍ରୀୟ ସମ୍ବନ୍ଧରେ ଅନେକ ଭାବରେ ବ୍ୟସ୍ତ ହୋଇ ସେମାନେ ଅନ୍ୟ ଜୀବନ୍ତ ସମସ୍ୟା ପ୍ରତି ଉଦ୍‌ବୋଧ କମାଇ ଦେଲେ ଏବଂ ସରକାରଙ୍କୁ ଲାଞ୍ଚ ବା ଖୋସାମଦ୍ କଲେ ସେମାନଙ୍କ ସପକ୍ଷରେ ଏହାର ପରିବର୍ତ୍ତନ ହୋଇପାରିବ ବୋଲି ଆଶା କରୁଥିଲେ । ଏ ଦିଗରେ ହିନ୍ଦୁମହାସଭା ସବୁଠାରୁ ଆଗକୁ ଯାଇଛି । ଏହା ଯେ ଅପମାନଜନକ ତାହା ସେମାନଙ୍କ ମନରେ ପ୍ରବେଶ କଲାପରି ମନେ ହୁଏ ନାହିଁ—ଏଥିରେ ରାଷ୍ଟ୍ରୀୟ ପରିବର୍ତ୍ତନ ହେବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ । କାରଣ ମୁସଲମାନ-ମାନେ ଏଥିରେ ଉତ୍ତ୍ୟକ୍ତ ହୁଅନ୍ତି ଓ ସେମାନଙ୍କ ଭିତରେ ପାର୍ଥକ୍ୟ ବଢ଼ିଯାଏ । କାଙ୍ଗ୍ରେସ ଦଳକୁ ହାତକରିବା ବ୍ରିଟିଶ ସରକାର ପକ୍ଷରେ କଷ୍ଟକର; ବ୍ୟବଧାନ ବହୁତ ବେଶୀ ଏବଂ ସ୍ୱାର୍ଥ ସଂଘାତ ମଧ୍ୟ ସ୍ପଷ୍ଟ ଭାବରେ ଚିହ୍ନିତ । ସଂକୀର୍ଣ୍ଣ ସାମ୍ପ୍ରଦାୟିକ ସ୍ୱାର୍ଥ ସମସ୍ୟାରେ ଉଭୟ ହିନ୍ଦୁ ଓ ମୁସଲମାନ ସାମ୍ପ୍ରଦାୟମାନଙ୍କୁ ସନ୍ତୁଷ୍ଟ କରିବା ତାଙ୍କ ପକ୍ଷେ ଅସମ୍ଭବ । ଏଥିଭିତରୁ ତାଙ୍କର ବାଛିବାର କଥା – ସେମାନଙ୍କ ଦୃଷ୍ଟିରୁ ସେମାନେ ଠିକ୍ ଭାବରେ ମୁସଲମାନ ସାମ୍ପ୍ରଦାୟମାନଙ୍କ ସପକ୍ଷରେ ନିଷ୍ପତ୍ତି କରିଥିଲେ । ଏପରି ଏକ ଲାଭଦାୟକ ଦଳକୁ ଛାଡ଼ି କେତେଜଣ ହିନ୍ଦୁ ସାମ୍ପ୍ରଦାୟିକତାକୁ ହାତ କରିବା ନିମନ୍ତେ କ'ଣ ମୁସଲମାନମାନଙ୍କୁ ଅପମାନିତ କରିଥାନ୍ତେ ?

ଗୋଷ୍ଠୀ ହିସାବରେ ହିନ୍ଦୁମାନେ ଯେ ରାଜନୀତିକ ଭାବରେ ଅଧିକ ଉନ୍ନତ ଏବଂ କାଙ୍ଗ୍ରେସ ସ୍ୱାଧୀନତାପାଇଁ ଚିତ୍କାର କରନ୍ତି, ତାହାହିଁ ତାଙ୍କ ବିରୁଦ୍ଧରେ ଯିବାକୁ ବାଧ୍ୟ । କାରଣ କେବଳ ସାମ୍ପ୍ରଦାୟିକ ଅନୁଗ୍ରହଦ୍ୱାରା (ଏହା କେବଳ ଛଡ଼ା ଆଉ କିଛି ହୋଇ ପାରେ ନା) ରାଜନୀତିକ

Digitized by srujanika@gmail.com

ବିରୋଧୀଭାବ କିଛି ବିଶେଷ ପାର୍ଥକ୍ୟ ଘଟିବ ନାହିଁ; ଏହିସବୁ ଅନୁଗ୍ରହଦ୍ୱାରା ଯାହାହେଉ ମୁସଲମାନ ମନୋଭାବର ସାମୟିକ ପରିବର୍ତ୍ତନ ହୋଇପାରେ ।

ଦୁଇଟି ଅତ୍ୟନ୍ତ ପ୍ରତିକ୍ରିୟାପନ୍ଥୀ ସାମ୍ପ୍ରଦାୟିକ ଅନୁଷ୍ଠାନ— ହିନ୍ଦୁ ମହାସଭା ଓ ମୁସଲମାନ ସମ୍ମିଳନୀଙ୍କ ପଶ୍ଚାତରେ କିପରି ଲୋକ ରହିଛନ୍ତି ତାହା ଅସେମ୍ବ୍ଲି ଭୋଟରେ ପ୍ରକାଶିତ ହେଲା । ବଡ଼ ବଡ଼ ଜମିଦାର ଓ ଧନୀମହାଜନ ଶ୍ରେଣୀର ଲୋକ ହିଁ ସେମାନଙ୍କ ତରଫରୁ ପ୍ରାର୍ଥୀ ହେଲେ ଓ ସମର୍ଥକ ହେଲେ । ରଣଜିର ଲାଘବପାଇଁ ହୋଇଥିବା ବିଲମାନଙ୍କର ତିବ୍ର ବିରୋଧ କରି ମହାସଭା ମହାଜନଶ୍ରେଣୀ ପ୍ରତି ଖୁବ୍ ସୌହାର୍ଦ୍ଦ୍ୟ ଦେଖାଇଥିଲା । ହିନ୍ଦୁ ସମାଜର ଉଚ୍ଚ ଶ୍ରେଣୀର ଏହି କେତେକ ମୁଷ୍ଟିମେୟ ଲୋକ ହିନ୍ଦୁ ମହାସଭାରେ ଅଛନ୍ତି ଏବଂ ତାଙ୍କର ଏକ ଅଂଶ ଓ କେତେକ ବୃତ୍ତିଜୀବୀ ଲୋକ ମିଶି ଲିବରାଲ ଦଳ ଗଠିତ ହୋଇଛି । ହିନ୍ଦୁମାନଙ୍କ ଭିତରେ ତାଙ୍କର କିଛି ପ୍ରଭାବ ନାହିଁ କାରଣ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ରାଜନୈତିକ ମତରେ ଅଧିକ ଜାଗ୍ରତ । କଳକାରଖାନା ମାଲିକମାନେ ମଧ୍ୟ ସେମାନଙ୍କଠାରୁ ପୃଥକ ହୋଇ ରହିଲେ—କାରଣ ଉନ୍ନତଶୀଳ ଓ ଅର୍ଦ୍ଧ-ସାମନ୍ତବାଦୀ ଲୋକଙ୍କ ଭିତରେ ଗୋଟାଏ ପ୍ରକାର ବିବାଦ ଥାଏ । କଳକାରଖାନା ମାଲିକମାନେ କୌଣସି ପ୍ରତ୍ୟକ୍ଷ ସଂଗ୍ରାମ ବା ବିପଦସଙ୍କୁଳ କାର୍ଯ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି—ସେଥିପାଇଁ ସେମାନେ ଜାତୀୟତାବାଦ ଓ ସରକାର ଉଭୟ ସହିତ ସମ୍ବନ୍ଧ ରଖିବା ନିମନ୍ତେ ଚେଷ୍ଟା କରନ୍ତି । ସେମାନେ ଲିବରାଲ ବା ସାମ୍ପ୍ରଦାୟିକ ଗୋଷ୍ଠୀ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତିନାହିଁ । ଶିଳ୍ପ ଉନ୍ନତି ଏବଂ ଲାଭହିଁ ସେମାନଙ୍କର ଅସଲ ମତଲବ ।

ନିମ୍ନମଧ୍ୟବିତ୍ତ ଶ୍ରେଣୀର ମୁସଲମାନଙ୍କ ମଧ୍ୟରେ ଏପରି ଜାଗ୍ରତି ଏବେ ସୁଦ୍ଧା ଆସିନାହିଁ ଏବଂ ଶିଳ୍ପ ଦିଗରେ ମଧ୍ୟ ସେମାନେ ଅନୁନ୍ନତ । ସେଥିପାଇଁ ଆମେ ଦେଖୁଁ ଅତ୍ୟନ୍ତ ପ୍ରତିକ୍ରିୟାପନ୍ଥୀ, ସାମନ୍ତବାଦୀ ଓ ପୁରୁଣା କର୍ମଗୃହୀ ସବୁ ଏହି ସାମ୍ପ୍ରଦାୟିକ ଅନୁଷ୍ଠାନମାନ ନିୟନ୍ତ୍ରଣ

Digitized by srujanika@gmail.com

କରନ୍ତି—ସେମାନେ ସଂପ୍ରଦାୟ ଉପରେ ପ୍ରଚୁର ପ୍ରଭାବ ବିସ୍ତାର କରନ୍ତି ମଧ୍ୟ। ମୁସଲମାନ ସିଲଙ୍ଗରେ ନାଇଟ୍; ଭୂତପୂର୍ବ ମନ୍ତ୍ରୀ ଓ ବଡ଼ ବଡ଼ ଜମିଦାରଙ୍କ ଅଡ୍ଡା। ତଥାପି ମୋର ମନେହୁଏ ମୁସଲମାନ ସାଧାରଣଙ୍କର ହିନ୍ଦୁ ଜନସାଧାରଣଙ୍କ ଅପେକ୍ଷା ଅଧିକ ଶକ୍ତି ରହିଛି। ସମ୍ଭବତଃ ସାମାଜିକ ସମ୍ବନ୍ଧରେ ସେମାନଙ୍କର କିଛି ସ୍ୱାଧୀନତା ଥିବାରୁ ଏହା ହୋଇଛି ଏବଂ ଥରେ ଆରମ୍ଭ ହେଲେ ସାମ୍ୟବାଦ ଦିଗରେ ଏମାନେ ଦ୍ରୁତ ଗତିରେ ଅଗ୍ରସର ହେବେ। ବର୍ତ୍ତମାନ ଶିକ୍ଷିତ ମୁସଲମାନମାନେ ମାନସିକ ଓ ଶାରୀରିକ ଉଭୟ ଦିଗରେ ପକ୍ଷାଘାତ ଗ୍ରସ୍ତ ହେଲପରି ମନେ ହେଉଛି—ଏମାନଙ୍କ ମଧ୍ୟରେ ବ୍ୟଗ୍ରତା ନାହିଁ—ପୁରାତନ ନେତାମାନଙ୍କ ବିରୁଦ୍ଧରେ ଯିବାକୁ ସାହସ କରୁନାହାନ୍ତି।

ଏପରି କି ରାଜନୀତିକ କ୍ଷେତ୍ରରେ ଅତ୍ୟନ୍ତ ପ୍ରଗତିଶୀଳ ବର୍ଗ ଗୋଷ୍ଠୀ କଂଗ୍ରେସର ନେତୃମଣ୍ଡଳୀ ମଧ୍ୟ ଜନସାଧାରଣଙ୍କ ଅବସ୍ଥା ଯାହା ବୁଝୁଛି ତାହାପେକ୍ଷା ଅଧିକ ସତର୍କ। ସେମାନେ ସମର୍ଥନ ସକାଶେ ଜନସାଧାରଣଙ୍କୁ ଆହ୍ୱାନ କରନ୍ତି, ମାତ୍ର ସେମାନଙ୍କ ମତ ପ୍ରାୟ ଲୋଡ଼ନ୍ତି ନାହିଁ କିମ୍ବା ସେମାନଙ୍କର ରୋଗ କ'ଣ ତାହା ପ୍ରାୟ ଅନୁସନ୍ଧାନ କରି ଜାଣନ୍ତି ନାହିଁ। ଏସେମ୍ବ୍ଲି ନିର୍ବାଚନ ପୂର୍ବରୁ ନାନା ବେକଂଗ୍ରେସୀ ମତବାଦମାନଙ୍କୁ ହାତ କରିବା ଚେଷ୍ଟାରେ ସେମାନେ ତାଙ୍କର କାର୍ଯ୍ୟପନ୍ଥାକୁ ନରମ କରିବା-ପାଇଁ ସଫଳ ଉଦ୍ୟମ କରିଥିଲେ। ଏପରି କି ମନ୍ଦିର ପ୍ରବେଶ ଆଇନ ପରି ବ୍ୟବସ୍ଥାମାନଙ୍କ ପ୍ରତି ତାଙ୍କର ମତ ବଦଳିଲା ଏବଂ ମାନ୍ଦ୍ରାଜରେ ଅଧିକ ରକ୍ଷଣଶୀଳଙ୍କ ମନ ନେବାପାଇଁ ପ୍ରତିଶ୍ରୁତି ଦିଆଗଲା। ଗୋଟାଏ ସାଦାସିଧା ଆକ୍ରମଣମୂଳକ ନିର୍ବାଚନ କର୍ମପନ୍ଥା ହୋଇଥିଲେ ଅଧିକ ଉତ୍ସାହ ସୃଷ୍ଟି କରିଥାନ୍ତା ଏବଂ ଜନସାଧାରଣଙ୍କୁ ଶିକ୍ଷା ଦିଗରେ ବହୁତ ସାହାଯ୍ୟ କରିଥାନ୍ତା। ବର୍ତ୍ତମାନ ଯେତେବେଳେ କଂଗ୍ରେସ ନିଜେ ଗୋଟିଏ ପାର୍ଲିଆମେଣ୍ଟାରୀ କର୍ମପନ୍ଥାରେ ପ୍ରବେଶ କଲାଣି, ସେତେବେଳେ କୌଣସି ଉପନିର୍ବାଚନରେ ଅଧିକ ଭୋଟ ପାଇବା ଆଶାରେ ରାଜନୈତିକ ଓ ସାମାଜିକ ଦିଗରେ ପ୍ରତିକ୍ରିୟାପନ୍ଥୀ ସ୍ୱାର୍ଥମାନଙ୍କପାଇଁ ଅଧିକ ଆପୋଷ କରା ହେବ--

Digitized by srujanika@gmail.com

କଂଗ୍ରେସ ନେତୃମଣ୍ଡଳୀ ଓ ଜନସାଧାରଣଙ୍କ ମଧ୍ୟରେ ବ୍ୟବଧାନ ବଢ଼ିଯିବ ଆବେଗମୟୀ ବକ୍ତୃତାମାନ ହେବ—ଥରକୁ ଥର ସରକାର ପରାସ୍ତ ହେବ – ଏହିସବୁ ପରାସ୍ତ ସରକାର ପୂର୍ବପର ନୀରବଭାବରେ ଉପେକ୍ଷା କରିଯିବ ।

ଗତ କେତେବର୍ଷ ଭିତରେ କଂଗ୍ରେସ ବ୍ୟବସ୍ଥା ସଭା ବର୍ଜନ କଲାବେଳେ ସରକାରର କୁହାଳିଆ ପଣ୍ଡାମାନେ ବରାବର କହୁଥିଲେ ଯେ କେନ୍ଦ୍ର ଓ ପ୍ରାଦେଶିକ ବ୍ୟବସ୍ଥାସଭା ହେଉଛି, ପ୍ରକୃତରେ ଲୋକଙ୍କର ପ୍ରତିନିଧିମୂଳକ ସଂସ୍ଥା ଏବଂ ଲୋକମତ ଏଥିରୁ ଜଣାପଡେ । ଅତ୍ୟନ୍ତ କୌତୁକପ୍ରଦ କଥା ଯେ ବର୍ତ୍ତମାନ ଯେତେବେଳେ ଅଧିକ ଉନ୍ନତ ଶ୍ରେଣୀ ଆସି ଏଥିରେ ପ୍ରାଧାନ୍ୟ ଲାଭ କଲେ, ସେତେବେଳେ ସରକାରୀ ମତ ପରିବର୍ତ୍ତିତ ହୋଇଗଲା । କେନ୍ଦ୍ର ପାଇଁ ନିର୍ବାଚନରେ କଂଗ୍ରେସର ସାଫଲ୍ୟ କଥା ଉଠାଏ ତେବେ କୁହାଯାଏ ନିର୍ବାଚକ ମଣ୍ଡଳୀଙ୍କ ସଂଖ୍ୟା ବହୁତ କମ୍—ପ୍ରାୟ ୩୫ କୋଟି ଲୋକଙ୍କ ମଧ୍ୟରୁ ମୋଟେ ୩୦ ଲକ୍ଷ ଲୋକେ ଭୋଟର । ସମ୍ଭବତଃ ସରକାରୀ ମତରେ ଆଉ ଯେଉଁ ଅବଶିଷ୍ଟ ଲୋକମାନଙ୍କୁ ଭୋଟ କ୍ଷମତା ଦିଆଯାଇ ନାହିଁ ସେମାନେ ବ୍ରିଟିଶ ସରକାର ପକ୍ଷରେ ରହିଛନ୍ତି । ଏଥିକି ବାଟ ସ୍ପଷ୍ଟ ପଡ଼ି ରହିଛି । ସାବାଳକ ଭୋଟାଧିକାର ଦିଅ ଏବଂ ଏସବୁ ଲୋକେ କ'ଣ ଭାବୁଛନ୍ତି ତାହା ଅନ୍ତତଃ ଆମେ ଜାଣି-ପାରିବା ।

ଅଳ୍ପଦିନ ନିର୍ବାଚନର ଅଳ୍ପଦିନ ପରେ ଭାରତୀୟ ଶାସନ ବିଧାନ ସଂପର୍କରେ ଜଏଣ୍ଟ ପାର୍ଲିମେଣ୍ଟାରୀ କମିଟିର ରିପୋର୍ଟ ପ୍ରକାଶିତ ହେଲା । ଧ୍ୟାପକ ଭାବରେ ଏହାର ଯେ ବିରୂପ ସମାଲୋଚନା ହେଲା ସେଥିରୁ ଏଥିରେ ଭାରତୀୟ ଲୋକଙ୍କ ପ୍ରତି "ଅବିଶ୍ୱାସ" ଓ "ସନ୍ଦେହ" କରାଯାଉଛି କଥା ଉପରେ ବେଶୀ ଜୋର ଦିଆଯାଇ ଥିଲା । ଆମ ରାଜନୀତୀୟ ଓ ସାମାଜିକ ସମସ୍ୟା ପ୍ରତି ଏପରି ଦୃଷ୍ଟିରେ ବିଚାର କରିବା ମୋତେ ଅଦ୍ଭୁତ ପରି ମନେହେଲା । ବ୍ରିଟିଶ ସାମ୍ରାଜ୍ୟ ନୀତି ଓ ଆମର ଜାତୀୟ ସ୍ୱାର୍ଥ ଭିତରେ କ'ଣ କୌଣସି ମର୍ମଗତ ସ୍ୱାର୍ଥର ବିରୋଧ ନାହିଁ ? ପ୍ରଶ୍ନ ହେଉଛି କେଉଁଟା ରହିବ ?

Digitized by srujanika@gmail.com

ଆମେ କ'ଣ କେବଳ ସାମ୍ରାଜ୍ୟବାଦ ମାତ୍ର ଚୂର୍ଣ୍ଣ କରିବା ନିମନ୍ତେ ସ୍ୱାଧୀନତା ଚାହୁଁଛୁ ? ବ୍ରିଟିଶ ସରକାରର ଏହି ଧାରଣା ଥିବ ମନେହୁଏ, କାରଣ ଆମକୁ କୁହାଯାଉଛି ଯେ—ଯେ ପର୍ଯ୍ୟନ୍ତ ଆମେ ଭଲ ଆଚରଣ କରୁ ଏବଂ ବ୍ରିଟିଶ ମାନ ଠିକ୍ ଯାହା ଚାହୁଁଛି ସେହିପ୍ରକାର ସ୍ୱାୟତ୍ତଶାସନରେ ନିଜର ଯୋଗ୍ୟତା ଦେଖାଇ ପାରିବୁ ତାହାହେଲେ "ରକ୍ଷାକବଚ"ର ପ୍ରୟୋଗ କରାଯିବ ନାହିଁ । ବ୍ରିଟିଶ କଣ ସଦ ଇଚ୍ଛାରେ ଜାରି ରହିବାର କଥା, ତେବେ ସରକାର ତୋର ନିଜ ହାତକୁ ଆଣିବା ନିମନ୍ତେ ଏତେ ତତ୍ପର କାହିଁକି ?

କେବଳ ଭାରତ ବ୍ୟବସାୟୀ (୧) ଛଡ଼ା ଅର୍ଥନୈତିକ ଦୃଷ୍ଟିରୁ ଅଟୋଆ ଚୁକ୍ତି ଇଂଲଣ୍ଡ ପକ୍ଷରେ ବିଶେଷ ସୁବିଧାଜନକ ହୋଇନାହିଁ ବୋଲି ଜଣାପଡ଼ିଥିଲା । ଭାରତର ରାଜନୀତିକ ଓ ବ୍ୟବସାୟୀଙ୍କ ମତ ଅନୁସାରେ ଭାରତର ବ୍ୟାପକ ସ୍ୱାର୍ଥ ବିନିମୟରେ ଭାରତରେ ବ୍ରିଟିଶ ବାଣିଜ୍ୟ ଅବଶ୍ୟ ଉପକୃତ ହୋଇଛି । ଉପନିବେଶ ବିଶେଷତଃ କାନାଡ଼ା ଓ ଅଷ୍ଟ୍ରେଲିଆ ଅବସ୍ଥା ସମ୍ପୂର୍ଣ୍ଣ ବିପରୀତ (୨) । ସେମାନେ ବ୍ରିଟେନ୍ ସହ ଦର କଷାକଷି

---

(୧) "ଭାରତର ବାଣିଜ୍ୟ ପ୍ରତି ଲକ୍ଷ୍ୟ କରି ସାର୍ ଉଇଲିୟମ୍ କ୍ଲୁର କହିଥିଲେ ଯେ ଅଟୋଆ ଚୁକ୍ତି ବ୍ରିଟେନପାଇଁ ସମ୍ପୂର୍ଣ୍ଣ ସୁବିଧା ଜନକ ।" ସାର ଉଇଲିୟମ ୧୯୩୪ ଡିସେମ୍ବର ତା ୪ ରିଖରେ ଲଣ୍ଡନର P. &. O Shipping Company ରେ ସଭାପତି ହୋଇ କହିଥିଲେ ।

(୨) ଲଣ୍ଡନର "ଏକନମିଷ୍ଟ" କାଗଜ (ଜୁନ୍ ୧୯୩୪) ସଂଖ୍ୟାରେ ଅଟୋଆ ଚୁକ୍ତି ବିଷୟରେ କହିଥିଲା—"ଭାରତର ଅନ୍ୟାନ୍ୟ ଅଞ୍ଚଳର ବାଣିଜ୍ୟ ସାମ୍ରାଜ୍ୟର କ୍ଷତି ନ କରି ଏହା ଅନ୍ତଃସାମ୍ରାଜ୍ୟବ୍ୟବସାୟ ବଢ଼ାଇ ଥାନ୍ତା, ତେବେ ଅଟୋଆ ଚୁକ୍ତିର ଯଥାର୍ଥତା ପ୍ରମାଣ ହୋଇଥାନ୍ତା, ପ୍ରକୃତରେ ଏଥିରେ ସାମ୍ରାଜ୍ୟର ଅଭ୍ୟନ୍ତରୀଣ ବାଣିଜ୍ୟ କିଛି ବଢ଼ିଥିଲେ ହେଁ ମୋଟାମୋଟି ସାମ୍ରାଜ୍ୟର ବାଣିଜ୍ୟ ହ୍ରାସ ହୋଇଛି । ଏହି ପରିବର୍ତ୍ତନରେ ଗ୍ରେଟ୍ ବ୍ରିଟେନ

Digitized by srujanika@gmail.com

କରି ବ୍ରିଟେନ ଅପେକ୍ଷା ଅଧିକ ସୁବିଧା ପାଇଲେ । ଏହି ଘଟଣାସତ୍ତ୍ୱେ ଅଟୁଆ ଓ ତା'ର ଅନ୍ୟ ବନ୍ଧନରୁ ଉଧୁରିବା ନିମନ୍ତେ ସେମାନେ ସର୍ବଦା ଚେଷ୍ଟା କରୁଛନ୍ତି—ଅନ୍ୟ ଦେଶ ସହିତ ନିଜର ଶିଳ୍ପ ଓ ବାଣିଜ୍ୟ ବୃଦ୍ଧି କରିବାର ଚେଷ୍ଟା ଚାଲିଛି, (୧) କାନାଡ଼ାରେ ଯେଉଁ ମୁଖ୍ୟ ରାଜନୈତିକ ଦଳ ଲିବରାଲମାନେ ଅଳ୍ପଦିନପରେ କ୍ଷମତା ପାଇବାର ସମ୍ଭାବନା, ସେମାନେ ଅଟୁଆ ଚୁକ୍ତି ଲୋପ କରିବାକୁ ଚାହୁଁଥିଲେ । * ଅଷ୍ଟ୍ରେଲିଆ ଅଟୁଆ ଚୁକ୍ତିର କଠିନ ଅର୍ଥ କରି ଜପା ଓ ସୂତା ଉପରେ ଶୁଳ୍କ ବୃଦ୍ଧି କରିଛି—ଏଥିରେ ଲଙ୍କାଶାୟାରର ତୁଳାବ୍ୟବସାୟୀମାନେ ଖୁବ୍ ଅସନ୍ତୁଷ୍ଟ ହୋଇ ଏଥିରେ ଅଟୁଆ ଚୁକ୍ତି ଭଙ୍ଗ ହୋଇଛି ବୋଲି ଦାବୀ କରିଛନ୍ତି । ପ୍ରତିବାଦ ଓ ପ୍ରତିଶୋଧ ନେବା ନିମନ୍ତେ ଲଙ୍କାସାୟାରରେ ଅଷ୍ଟ୍ରେଲିଆର ଜିନିଷ ବର୍ଜ୍ଜନ ଆରମ୍ଭ ହୋଇଗଲା । ଏହି ଧମକରେ

ଅପେକ୍ଷା ଉପନିବେଶର ଅଧିକ ସୁବିଧା ହୋଇଛି । ସାମ୍ରାଜ୍ୟକୁ ଆମର ଆମଦାନୀ ୧୯୩୧ରେ ୨୪୭,୦୦୦,୦୦୦ ପାଉଣ୍ଡରୁ ୧୯୩୩ରେ ୨୪୯,୦୦୦ ୦୦୦ ପାଉଣ୍ଡ ହୋଇଛି, ମାତ୍ର ଆମର ରପ୍ତାନି ୨୭୦,୬୦୦,୦୦୦ ପାଉଣ୍ଡରୁ ୧୬୩,୫୦୦,୦୦୦ ପାଉଣ୍ଡ ହୋଇଛି । ସାମ୍ରାଜ୍ୟକୁ ଆମର ରପ୍ତାନି ୧୯୨୯ରୁ ୧୯୩୩ ଭିତରେ ଶତକଡ଼ା ୫୦.୯ କମ୍ ହୋଇଛି । ଅଥଚ ଆମର ଆମଦାନୀ ମୋଟେ ଶତକଡ଼ା ୩୨.୯ କମିଛି । ବିଦେଶକୁ ଆମର ରପ୍ତାନି ସେତେ ବେଶୀ ହୋଇ ନାହିଁ, ମାତ୍ର ଏହିସବୁ ଦେଶରୁ ଆମଦାନୀ ବହୁତ କମ୍ ହୋଇଛି ।"

(୧) 'ମେଲବୋର୍ଣ୍ଣ ଏଜ୍' ଅଟୁଆ ଚୁକ୍ତିକୁ ପସନ୍ଦ କଲାନାହିଁ । ଏହା ମତରେ ଅଟୁଆ ହେଉଛି "ସର୍ବଦା ବିରକ୍ତିର କାରଣ ଏବଂ କ୍ରମେ ବୃଦ୍ଧି-ହେଉଛି ଏହା ଅତ୍ୟନ୍ତ ଭୁଲ ।" (ମାଞ୍ଚେଷ୍ଟର ଗାର୍ଡ଼ିଆନ୍‌ର ସାପ୍ତାହିକ ସଂଖ୍ୟା ୧୯୩୪ ଅକ୍ଟୋବର ୧୨ ତାରିଖରେ ଉଦ୍ଧୃତ) ।

* ଏପରିକି କାନାଡ଼ାର ଜାତ ପ୍ରଧାନମନ୍ତ୍ରୀ ମିଷ୍ଟର ବେନେଟ୍ ବାଣିଜ୍ୟ ବ୍ୟାପାରରେ ବ୍ରିଟିଶ ସରକାର ପକ୍ଷରେ ଏକ କଣ୍ଟକ ଥିଲେ ।

Digitized by srujanika@gmail.com

ଅଷ୍ଟ୍ରେଲିଆ ପଛ ନଥିଲା—କାରଣ ସେଠାରେ ମଧ୍ୟ ଆହୁରି ଆକ୍ରମଣମୂଳକ ମନୋଭାବ ଜାଗିଲା । ✻

କାନାଡ଼ା ଓ ଅଷ୍ଟ୍ରେଲିଆ ଲୋକଙ୍କର ଚୀନ ଲୋକଙ୍କ ପ୍ରତି ଅସଦ୍‌ଭାବ ହେତୁ ଅର୍ଥନୈତିକ ସଂଘର୍ଷ ହେଉ ନଥିଲା—ଆୟର୍ଲଣ୍ଡରେ ଏପରି ଅସଦ୍‌ଭାବ ଅଧିକ ପ୍ରକଟ ହେଉଥିଲା । ସ୍ୱାର୍ଥ ସଂଘାତରେ ସଂଘର୍ଷ ଜାତ ହୁଏ ଏବଂ ଯେଉଁଠାରେ ଏପରି ସଂଘର୍ଷ ହୋଇପାରେ, ସେଥିରେ ବ୍ରିଟିଶ ସ୍ୱାର୍ଥ ଯେପରି ରହିବ ସେଥିପାଇଁ ଭାରତରେ "ରକ୍ଷାକବଚ" ରହିଛି । ଆଧୁନିକ ଭାରତ-ଇଂରେଜ ବାଣିଜ୍ୟ ଚୁକ୍ତି ଭାରତର ବ୍ୟବସାୟୀ ଓ ଶିଳ୍ପୀଙ୍କ ପ୍ରତିବାଦ ସତ୍ତ୍ୱେ ସେମାନଙ୍କ ଅଗୋଚରରେ ହୋଇଥିଲା—ଯଦିଓ ବ୍ରିଟିଶ ଶିଳ୍ପ ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଇଥିଲା । ବ୍ୟବସ୍ଥାସଭାର ନାମଞ୍ଜୁର ସତ୍ତ୍ୱେ ସରକାର ଏହା ଚଳାଇଲେ—ଏଥିରୁ

ବର୍ତ୍ତମାନ ସେ "ନିଉଡ଼ିଲ" କଥା କହୁଛନ୍ତି ଏବଂ ଅଦ୍ଭୁତ ପରିବର୍ତ୍ତିତ ହୋଇଛନ୍ତି । ଲର୍ଡ୍‌ ଡିନେଭ, ସାର ଷ୍ଟାଫୋର୍ଡ କ୍ରିପ୍ସ୍ ଏବଂ ଜନ ଷ୍ଟ୍ରାଚିଙ୍କର ଭୟଙ୍କର ପ୍ରଭାବ ହେତୁ ସେ "କଲେକ୍ଟିଭିଷ୍ଟ" ହୋଇଛନ୍ତି । ଏଥିରୁ ଏହା ଏଓଣଶୀଲ, ଲିବରାଲ, ଆଇ· ପି. ଏସ୍· ପ୍ରଭୃତିଙ୍କ ପକ୍ଷରେ ଏହିସବୁ ଲୋକଙ୍କ ସହ ସହଯୋଗ ଉପେକ୍ଷା କରିବାର କଥା, ତାହା ନହେଲେ ସେମାନେ ଏହି ଉପହାସଜନକ ମତରେ ଦୂଷିତ ହୋଇ ଯାଇପାରନ୍ତି । (ଏହା ଲେଖିବା ପରେ କାନାଡ଼ାରେ ଲିବରାଲ ଦଳ ମିଷ୍ଟର କିଙ୍ଗଙ୍କ ନେତୃତ୍ୱରେ ନିର୍ବାଚନରେ ଜୟଲାଭ କରି କ୍ଷମତା ପାଇଥିଲେ ।)

✻ 'ମେଲବୋର୍ଣ୍ଣ ଏଜ' ଘୋଷଣା କରିଥିଲା ଯେ ଯଦି ପ୍ରସ୍ତାବିତ ଲଙ୍କାଶାୟାର ବର୍ଜନ ବନ୍ଦ କରା ନ ଯାଏ, ତେବେ ଲଙ୍କାଶାୟାର ସହିତ ଆଉ ଯାହା କିଛି ବାଣିଜ୍ୟ ସମ୍ପର୍କ ଅଛି ଅଷ୍ଟ୍ରେଲିଆ ତା ଉପରେ କଠୋର ଆଘାତ କରିବ । 'ଭଳା ଇତସ୍ତତଃରେ ବାରମ୍ବାର' ଲଙ୍କାଶାୟାରକୁ ଜବାବ ଦେବାକୁ ପଡ଼ିବ । [ସାପ୍ତାହିକ ମାଞ୍ଚେଷ୍ଟର ଗାର୍ଡ଼ିୟାନର ୧୯୩୪ ନଭେମ୍ବର ୪ ତାରିଖରୁ ଉଦ୍ଧୃତ ।]

Digitized by srujanika@gmail.com

"ରକ୍ଷାକବଚ" କେଉଁଅଡ଼କୁ ନେଇଯାଇ ପାରେ ତାହାର ସୂଚନା ମିଳେ । କେବଳ ବାଣିଜ୍ୟ ଯୋଗୁଁ ନୁହେଁ ସାମ୍ରାଜ୍ୟର ସାମଞ୍ଜସ୍ୟ ଓ ନିରାପଦତା ରକ୍ଷା ନିମନ୍ତେ କାନାଡ଼ା, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାର ଲୋକେ ଯେଉଁଭଳି ପଥ ନେଉଛନ୍ତି, ସେଥିଲାଗି ଏହିଭଳି ରକ୍ଷାକବଚ ଆବଶ୍ୟକ । ✻

କୁହାଯାଉଛି ଯେ ସାମ୍ରାଜ୍ୟ ଋଣଗ୍ରସ୍ତ, ତେଣୁ ସାମ୍ରାଜ୍ୟବାଦୀ ମହାଜନ ତାହାର ଅଳଗା ଖାତକ ଉପରେ ଯେଉଁଭଳି କର୍ତ୍ତୃତ୍ୱ ରଖିପାରେ ତାହାର ବିଶେଷ ସ୍ୱାର୍ଥ ଓ କ୍ଷମତା ଅକ୍ଷୁର୍ଣ୍ଣ ରହେ ସେଥିପାଇଁ "ରକ୍ଷାକବଚ"ର ବ୍ୟବସ୍ଥା ହୋଇଛି । ଅଧିକନ୍ତୁ ଏକ ଅଦ୍ଭୁତ କଥା ବାରମ୍ବାର ସରକାରୀ ଭାବରେ କୁହାଯାଏ ଯେ ଗାନ୍ଧିଜୀ ଓ କଂଗ୍ରେସ ଏହି ରକ୍ଷାକବଚ ଭାବକୁ ଗ୍ରହଣ କରିଛନ୍ତି; କାରଣ ୧୯୩୧ ମସିହା ଦିଲ୍ଲୀ ଚୁକ୍ତିରେ ଏପରି 'ଭାରତର ସ୍ୱାର୍ଥ ଦୃଷ୍ଟିରୁ ରକ୍ଷାକବଚ' କଥା ଗ୍ରହଣ କରାଯାଇଥିଲା ।

ଯାହାହେଉ ଅର୍ଥନୀତି ଓ ବ୍ୟବସାୟ ବାଣିଜ୍ୟ ସମ୍ବନ୍ଧରେ ରକ୍ଷା କବଚ ସବୁ ଅତ୍ୟନ୍ତ ଶ୍ରେଷ୍ଠ କଥା । ୧ ଭାରତବାସୀଙ୍କ ଉପରେ ରାଜନୈତିକ

✻ ଦକ୍ଷିଣ ଆଫ୍ରିକାର ଦେଶରକ୍ଷା ବିଭାଗ ମନ୍ତ୍ରୀ ମିଷ୍ଟର ଓ ପିରୋ କହିଥିଲେ ଯେ ସାମ୍ରାଜ୍ୟ ରକ୍ଷାର କୌଣସି ସାଧାରଣ ଯୋଜନାରେ ଦକ୍ଷିଣ ଆଫ୍ରିକା ଭାଗ ନେବନାହିଁ ଏବଂ ବ୍ରିଟେନ ଯୁଦ୍ଧରେ ବ୍ରତୀ ହେଲେ ସୁଦ୍ଧା ଏହା କୌଣସି ବାହାର ଯୁଦ୍ଧରେ ଯୋଗ ଦେବ ନାହିଁ । 'ଯଦି ସରକାର ବାହାର ଯୁଦ୍ଧରେ ଏହି ଦେଶକୁ ଭର୍ତ୍ତି କରିବା ନିମନ୍ତେ ଉଦ୍ୟମ କରନ୍ତେ ତେବେ ବହୁପରିମାଣରେ ଗୋଳମାଳ ଆରମ୍ଭ ହୋଇଯିବ ସମ୍ଭବତଃ ବିଦ୍ରୋହ ହେବ । ସେଥିପାଇଁ ସାମ୍ରାଜ୍ୟ ରକ୍ଷାର କୌଣସି ସାଧାରଣ ଯୋଜନାରେ ଏହି ସରକାର ଯୋଗ ଦେବନାହିଁ ।" (୧୯୩୫ ଫେବ୍ରୁୟାରୀ ୫ ତାରିଖ କେପ୍ ଟାଉନରୁ ରଏଟର ସମ୍ବାଦ) । ପ୍ରଧାନମନ୍ତ୍ରୀ ଜେନେରାଲ ହର୍ଟଯୋଗ ଏହି ଘୋଷଣାକୁ ସମର୍ଥନ କରି ଏହା ଦକ୍ଷିଣ ଆଫ୍ରିକାର ସରକାରର ମତ ବୋଲି କହିଛନ୍ତି ।

୧ ଲଣ୍ଡନ ଏକନମିଷ୍ଟ (ଅକ୍ଟୋବର ୧୯୩୪)ରେ କହୁଛି—"କିନ୍ତୁ ଦେଖାଯାଉଛି ବ୍ରିଟିଶ ଶାସନର ସୁବିଧା ଭିତରେ ଲଙ୍କାଶାୟାରର ହିତ

ଓ ଅର୍ଥନୈତିକ କର୍ତ୍ତୃତ୍ୱ ଜାରି ରଖିବା ନିମନ୍ତେ ଯେଉଁ ମୂଳସୂତ୍ର ସବୁ କରାଯାଇଛି ତାହା ଏ ଦେଶ ପକ୍ଷରେ ମାରାତ୍ମକ । ତାହାହିଁ ଅତୀତରେ ଓ ବର୍ତ୍ତମାନ ଏ ଦେଶକୁ ଶୋଷଣ କରିବାରେ ସାହାଯ୍ୟ କରିଛି । ଯେ ପର୍ଯ୍ୟନ୍ତ ଏ ସବୁ ସର୍ତ୍ତ ରକ୍ଷାକବଚ ରହିଛି, ସେ ପର୍ଯ୍ୟନ୍ତ କୌଣସି ଦିଗରେ ପ୍ରକୃତ ପ୍ରଗତି ଅସମ୍ଭବ ଏବଂ ପରିବର୍ତ୍ତନ ଲାଗି ଶାସନତନ୍ତ୍ରଗତ ପ୍ରଚେଷ୍ଟାର ଆଉ ସ୍ଥାନ ରହେନା । ଏପରି ପ୍ରଚେଷ୍ଟା "ରକ୍ଷାକବଚ" ପ୍ରାଚୀର ସହିତ ଧକ୍କା ଖାଇବ ଏବଂ ଅଧିକରୁ ଅଧିକରୂପେ ପରିଷ୍କାର ହେବ ଯେ ଆଇନ ତନ୍ତ୍ର ପନ୍ଥା ଏକମାତ୍ର ପନ୍ଥା ନୁହେଁ । ରାଜନୀତିକ ପରିବର୍ତ୍ତନ ଦୃଷ୍ଟିରୁ ଏହି ପ୍ରସ୍ତାବିତ ଶାସନବିଧାନ ଓ ତନ୍ମଧ୍ୟରେ ଥିବା ରକ୍ଷଣ ରାଷ୍ଟ୍ରସଂଘ ହେଉଛି ଗୋଟାଏ ଅସଙ୍ଗତ ଜିନିଷ । ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଏହା ଆହୁରି ଖରାପ । ସାମ୍ୟବାଦ ପଥ ଜାଣିଶୁଣି ଅବରୁଦ୍ଧ କରାଯାଇଛି । ବାହାରୁ ଅନେକ ଦାୟିତ୍ୱ ହସ୍ତାନ୍ତରିତ କଲାପରି ଜଣାପଡ଼େ (ଏହା ପୁଣି ଅଧିକ ଭାବରେ "ନିରାପଦ" ଶ୍ରେଣୀଙ୍କ ହାତରେ), ମାତ୍ର କିଛି ଉଲ୍ଲେଖଯୋଗ୍ୟ କରିବା ଭଳି ଉପାୟ ବା କ୍ଷମତା ଦିଆଯାଇ ନାହିଁ । କୌଣସି ଦାୟିତ୍ୱ ନ ଥାଇ ସୁଦ୍ଧା ବ୍ରିଟେନ କ୍ଷମତା ରଖିଛି । ସ୍ୱେଚ୍ଛାଚାରୀ ଶାସନର ଉଲଗ୍ନତା ଘୋଡ଼ାଇବାପାଇଁ ଖଣ୍ଡେ ନେଙ୍ଗୁଟିର ବ୍ୟବସ୍ଥା ହୋଇଛି । ପ୍ରତ୍ୟେକ ଲୋକ ଜାଣନ୍ତି ଯେ ବର୍ତ୍ତମାନ ଯୁଗରେ ଏପରି ଶାସନତନ୍ତ୍ର ହେବା ଉଚିତ ଯାହା ଦ୍ରୁତ ପରିବର୍ତ୍ତିତ ପରିସ୍ଥିତି ସହ ସାମଞ୍ଜସ୍ୟ ରକ୍ଷା କରି ଚାଲିପାରିବ ; ଦ୍ରୁତ ସିଦ୍ଧାନ୍ତର ଆବଶ୍ୟକତା ରହୁଛି ଏବଂ ତାହା ଜାରି କରିବାର କ୍ଷମତା ଥିବା ଦରକାର । ଏହା ହେଲେ ସୁଦ୍ଧା ଆଜିକାଲି ପାର୍ଲାମେଣ୍ଟାରୀ ଗଣତନ୍ତ୍ର ଶାସନ ପାଶ୍ଚାତ୍ୟ ଦେଶମାନଙ୍କରେ ଯେପରି ଭାବରେ କାର୍ଯ୍ୟ କରିବାର ଦେଖାଯାଉଛି, ସେଥିରେ ଆଧୁନିକ ଜଗତରେ ଠିକ୍‌ରୂପେ ଖାପ ଖୁଆଇ ପରିବର୍ତ୍ତନ ଆଣିବାରେ ତାହା ସମର୍ଥ ହେବ କି ନା ସନ୍ଦେହ । ମାତ୍ର ସେ ପ୍ରଶ୍ନ ଏଠାରେ ଉଠୁନାହିଁ, କାରଣ ଜଞ୍ଜିର ଓ ଶୃଙ୍ଖଳରେ ଇଚ୍ଛା କରି

ମୂଲ୍ୟର ଜିନିଷ ସବୁ କିଣିବାପାଇଁ ପୃଥିବୀର ଅନ୍ୟ 'ନେଟିଭ'ମାନଙ୍କୁ ବାଧ୍ୟ କରାଯିବ ।" ସିଂହଳହିଁ ଏହାର ଆଧୁନିକ ଦୃଷ୍ଟାନ୍ତ ।

Digitized by srujanika@gmail.com

ଆନ୍ଦୋଳନର ଗତିରୋଧ କରାଯାଉଛି ଏବଂ ଆମ ସମ୍ମୁଖରେ ଅବରୁଦ୍ଧ ଦାଉଜା ରହୁଛି । ଆମକୁ ଏକ ମଟର ଦିଆଯାଇଛି, ସେଥିରେ ଇଞ୍ଜିନ ବା କଳ ନାହିଁ ଅଥଚ ଅଟକାଇବାର ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି । ଯେଉଁ ସବୁ ଲୋକଙ୍କ ମନ ସାମରିକ ଆଇନରେ ପୁଷ୍ଟ ସେହିମାନେ ଏ ଶାସନତନ୍ତ୍ର ଗଢ଼ିଛନ୍ତି । ବାହୁବଳରେ ବିଶ୍ୱାସ କରୁଥିବା ଲୋକ ପକ୍ଷରେ ହୁଏତ ସାମରିକ ଆଇନ ଜାରି ନଚେତ୍ ମୃତ୍ୟୁ—ଏହା ଛଡ଼ା ମଧ୍ୟପନ୍ଥା ନାହିଁ ।

ବ୍ରିଟେନର ଭାରତକୁ ପ୍ରସ୍ତାବିତ ଦାନ କପଟ ସ୍ୱାଧୀନତା ଦେଉଛି ତାହା ଗୋଟିଏ କଥାରୁ ଜଣାପଡ଼ିବ—ଭାରତର ଅତ୍ୟନ୍ତ ମଡରେଟ ଓ ରାଜନୀତିକ ଭାବରେ ଅନୁନ୍ନତ ସବୁ ସଂପ୍ରଦାୟର ଲୋକେ ଏହାକୁ ଅତି ପ୍ରତିକ୍ରିୟାଶୀଳ ବୋଲି ନିନ୍ଦା କରିଛନ୍ତି । ଯେଉଁମାନେ ସବୁ ଅବସ୍ଥାରେ ସରକାରଙ୍କ ସମର୍ଥନ କରନ୍ତି, ସେମାନେ ମଧ୍ୟ ଭକ୍ତିପୂର୍ଣ୍ଣ ଭାବରେ ଏହାର ସମାଲୋଚନା କରିଛନ୍ତି । ଅନ୍ୟମାନେ ଅହୁରି ଅଧିକ ତୀବ୍ର ଭାବରେ କରିଛନ୍ତି ।

ଏହି ସବୁ ପ୍ରସ୍ତାବ ହେତୁ ଭଗବାନଙ୍କର ଦୁର୍ଜ୍ଞେୟ ବୁଦ୍ଧି ହେତୁ ଭାରତ ବ୍ରିଟିଶ କର୍ତ୍ତୃତ୍ୱ ଅଧୀନରେ ରହିବାରେ ଲିବରାଲଙ୍କର ଯେ ପୂର୍ଣ୍ଣ ବିଶ୍ୱାସ ଥିଲା ତାହା ଏବେ ଦୋହଲିଗଲା । ସେମାନେ କଠୋର ସମାଲୋଚନା କଲେ ମାତ୍ର ବାସ୍ତବତା ପ୍ରତି ଅନ୍ଧ ଥିବାରୁ, ଶବ୍ଦଗୁଡ଼ିକ ପ୍ରତି ଶ୍ରଦ୍ଧା ଥିବାରୁ ଓ "ଇଙ୍ଗିତ" ବୁଝୁଁ ଥିବାରୁ, ସେମାନେ ରିପୋର୍ଟ ଓ ବିଲ୍-ରେ 'ଔପନିବେଶିକ ସ୍ୱାୟତ୍ତଶାସନ' କଥାର ଉଲ୍ଲେଖ ନ ଥିବା ଉପରେ ବେଶୀ ଜୋର ଦେଇଥିଲେ । ଏ ସମ୍ବନ୍ଧରେ ଖୁବ ଚତୁର ଜଟିଳ ଏବଂ ସାର ସାମୁଏଲ ଏହାର ଯେ ଏକ ପ୍ରକାର ବକ୍ତବ୍ୟ ପ୍ରକାଶ କରିଛନ୍ତି, ଏଥିରେ ଅନେକ ସନ୍ତୁଷ୍ଟ ହୋଇଯିବେ । ଔପନିବେଶିକ ସ୍ୱାୟତ୍ତଶାସନ ଏକ ଅଜଣା ଭବିଷ୍ୟତର ଅସ୍ପଷ୍ଟ ଛାୟାମୂର୍ତ୍ତି ହୋଇପାରେ—ଏହି ବହୁଦୂର ଦେଶରେ ଆମେ ହୁଏତ କେବେ ପହଞ୍ଚି ନ ପାରୁ, ମାତ୍ର ଆମେ ଅନ୍ତତଃ

Digitized by srujanika@gmail.com

ଏ ସମ୍ବନ୍ଧରେ ସ୍ୱପ୍ନ ଦେଖିପାରୁ ଏବଂ ତାହାର ନାନା ସୌନ୍ଦର୍ଯ୍ୟ କଳ୍ପନାରେ ଆବେଗପୂର୍ଣ୍ଣ ହୋଇପାରୁ । ସାର୍ ତେଜ ବାହାଦୁର ସାପ୍ରୁ ସମ୍ଭବତଃ ବ୍ରିଟିଶ ପାର୍ଲାମେଣ୍ଟ ଓ ବ୍ରିଟିଶ ଲୋକଙ୍କ ପ୍ରତି ସନ୍ଦେହରେ ବ୍ୟତିବ୍ୟସ୍ତ ହୋଇ ମୁହୂର୍ତ୍ତରେ ଆସ୍ଥା ନେଲେ । ପ୍ରସିଦ୍ଧ ଉକିଲ ହୋଇଥିବାରୁ ସେ ଏକ ଅଭିନବ ଶାସନତନ୍ତ୍ରଗତ ନୀତି ଧାର୍ଯ୍ୟ କରିଛନ୍ତି । ସେ କହିଲେ—"ଭାରତ ପାଇଁ ବ୍ରିଟିଶ ପାର୍ଲାମେଣ୍ଟ ବା ଲୋକେ ଯାହା କରନ୍ତୁ ନା କରନ୍ତୁ ପଛରେ ତାଙ୍କ ଉପରେ ରାଜମୁକୁଟ ଅଛି — ଯେ ସର୍ବଦା ଭାରତୀୟ ପ୍ରଜାର ସ୍ୱାର୍ଥ ଏବଂ ଭାରତର ଶାନ୍ତି ଜୀବନ ଲାଗି ଦୃଷ୍ଟିପାତ କରୁଛନ୍ତି ।" ଏହା ସାନ୍ତ୍ୱନା ପାଇବାର ନୀତି—ଏଥିରେ ଶାସନତନ୍ତ୍ର, ଆଇନ, ରାଜନୈତିକ ବା ସାମାଜିକ ପରିବର୍ତ୍ତନରେ ମୁଣ୍ଡ ଘୂରାଇବାକୁ ଲୋକ ରକ୍ଷା ପାଏ ।

ମାତ୍ର ଲିବରାଲମାନେ ଏହି ଯୋଜନା ପ୍ରତି ତାଙ୍କର ବିରୋଧିତା ଜମାଇଛନ୍ତି ବୋଲି କହିବା ଅନ୍ୟାୟ ହେବ । ସେମାନଙ୍କ ଭିତରୁ ଅଧିକାଂଶ ମତପ୍ରକାଶ କରିଛନ୍ତି—ଭାରତ ଉପରେ ଏ ଯେଉଁ ଅଦରକାରୀ ଦାନ ଜବରଦସ୍ତି ଲଦାଯାଉଛି ତାହାପେକ୍ଷା ବର୍ତ୍ତମାନ ଅବସ୍ଥା ଖରାପ ହୋଇଥିଲେ ସୁଦ୍ଧା ସେମାନେ ତାହା ପସନ୍ଦ କରୁଛନ୍ତି । ଏଥିରେ ଜୋର ଦେବାଠାରୁ ତାଙ୍କର ନୀତି ଅନୁସାରେ ସେମାନେ ଆଉ କିଛି କରିପାରନ୍ତେ ନାହିଁ ଏବଂ ମନେ କରାଯାଇପାରେ ଏଥିପରେ ଜୋର ଦେଉଥିବେ । ଗୋଟିଏ ପୁରାତନ ପ୍ରବାଦକୁ ଆଧୁନିକ କଥାରେ ବ୍ୟବହାର କଲେ ସେମାନଙ୍କର ନୀତି ହେଉଛି—"ତମେ ପ୍ରଥମେ ଯଦି ସଫଳ ହୋଇ ନ ପାର, ତେବେ ପୁଣି ଥରେ କାନ୍ଦ ।"

ବ୍ରିଟେନରେ ଶ୍ରମିକ ଦଳର ଜୟ ଏବଂ ଶ୍ରମିକ ସରକାର ସ୍ଥାପନା ହେଲେ ଗୋଟାଏ ସୁବିଧା ହେବ ବୋଲି ଲିବରାଲ ନେତାମାନେ ଓ ହୁଏତ ଅନେକ କଂଗ୍ରେସ ଲୋକ ବି ବିଶ୍ୱାସ କରନ୍ତି । ବ୍ରିଟେନର ଅଗ୍ରଗାମୀ ଦଳଙ୍କ ସହିତ ସହଯୋଗ କରି ଅଗ୍ରସର ହେବା ଚେଷ୍ଟା କିମ୍ବା ଶ୍ରମିକ ସରକାରର ଆଗମନରେ ତାହାର ସୁବିଧା ଭାରତ ନ ଉଠାଇବାର

Digitized by srujanika@gmail.com

କୌଣସି ସଙ୍ଗତ କାରଣ ନାହିଁ । ମାତ୍ର ଅସହାୟରୂପେ କେବଳ ବ୍ରିଟେନର ଭାଗ୍ୟ ପରିବର୍ତ୍ତନ ଉପରେ ନିର୍ଭର କରିବା ଆଦୌ ମର୍ଯ୍ୟାଦା-ସଂଗତ ବା ଜାତୀୟ ସମ୍ମାନର ଅନୁକୂଳ ନୁହେଁ । ମର୍ଯ୍ୟାଦା ଛଡ଼ା ଏହା ଭଲ ସାଧାରଣ ଜ୍ଞାନ ମଧ୍ୟ ନୁହେଁ । ଆମେ ବ୍ରିଟିଶ ଶ୍ରମିକ ଦଳଠାରୁ କାହିଁକି ବେଶୀ ଆଶା କରିବା ? ଦୁଇଟି ଶ୍ରମିକ ସରକାର ଆଗରୁ ହୋଇପାରିଛି ଏବଂ ଭାରତକୁ ସେମାନଙ୍କର ଦାନ ଆମେ ଭୁଲିବାର ସମ୍ଭାବନା ନାହିଁ । କ୍ରମରେ ମାକଡୋନାଲଡ୍‌ ଦୁଏତ ଶ୍ରମିକ ଦଳ ଛାଡ଼ି ଯାଇଥାଆନ୍ତି, ମାତ୍ର ତାଙ୍କର ପୁରୁଣା ସହକର୍ମୀମାନଙ୍କ ମଧ୍ୟରେ ଅଧିକ ପରିବର୍ତ୍ତନ ଦେଖାଯାଉ ନାହିଁ । ସାଉଥପୋର୍ଟ ଶ୍ରମିକ ଦଳ ସମ୍ମିଳନୀରେ ୧୯୩୪ ମସିହା ଅକ୍ଟୋବର ମାସରେ ବି, କେ କୃଷ୍ଣ ମେନନ୍‌ ଗୋଟିଏ ପ୍ରସ୍ତାବ ଦେଇଥିଲେ ଯେ "ଭାରତରେ ସଙ୍ଗେ ସଙ୍ଗେ ପୂର୍ଣ୍ଣ ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠା ନିମନ୍ତେ ଆତ୍ମନିୟନ୍ତ୍ରଣ ନୀତି ପ୍ରୟୋଗର ଆବଶ୍ୟକତାରେ ଆମେ ବିଶ୍ୱାସ ସ୍ଥାପନ କରୁଛୁ ।" ମିଷ୍ଟର ଆର୍ଥର ହେଣ୍ଡର୍ସନ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ନିମନ୍ତେ ଦାବୀ କଲେ ଏବଂ ପ୍ରକାଶ୍ୟଭାବରେ କର୍ମକର୍ତ୍ତାଙ୍କ ପକ୍ଷରୁ ଘୋଷଣା କରିଥିଲେ ଯେ ଭାରତ ପ୍ରତି ଆତ୍ମନିୟନ୍ତ୍ରଣ ନୀତିକୁ କାର୍ଯ୍ୟକାରୀ କରିପାରିବେ ନାହିଁ । ସେ କହିଲେ—"ଆମେ ଅତି ପରିଷ୍କାରଭାବରେ କହିଦେଇଛୁ ଯେ ଆମେ ଯଥାସମ୍ଭବ ଭାରତର ସକଳ ଶ୍ରେଣୀଙ୍କୁ ପରାମର୍ଶ କରିବାକୁ ଯାଉଛୁ । ଏଥିରେ ଯେ କୌଣସି ଲୋକ ସନ୍ତୁଷ୍ଟ ହେବାର କଥା ।" ସମ୍ଭବତଃ ଏହି କଥାରୁ ସନ୍ତୋଷ ଆସିବାର କଥା ଯେ ଶେଷ ଶ୍ରମିକ ସରକାର ଓ ଜାତୀୟ ସରକାରର ନୀତି ଫଳରେ ଗୋଲ ଟେବୁଲ ସମ୍ମିଳନୀ, ଧଳାକାଗଜ; ଜଏଣ୍ଟ କମିଟି ରିପୋର୍ଟ ଏବଂ ଭାରତ ଆଇନ ଆଦି ହେଲା ।

ଏହା ସମ୍ପୂର୍ଣ୍ଣରୂପେ ପରିଷ୍କାର ଯେ ସାମ୍ରାଜ୍ୟର ନୀତି ସମ୍ପର୍କରେ ଇଂଲଣ୍ଡର ଜାତି ବା ଶ୍ରମିକଙ୍କ ଭିତରେ କୌଣସିଟି ଭେଦ ନୁହେଁ । ଏ କଥା ସତ୍ୟ ଯେ ଶ୍ରମିକ ଦଳର ସାଧାରଣ ସଭ୍ୟମାନେ ଅଧିକ ଅଗ୍ରଗାମୀ, ମାତ୍ର ଏହାର ରକ୍ଷଣଶୀଳ ନେତୃମଣ୍ଡଳୀଙ୍କ ଉପରେ ଏମାନଙ୍କର

Digitized by srujanika@gmail.com

କୌଣସି ପ୍ରଭେଦ ନାହିଁ ? ହୋଇପାରେ ଆଜି କାଲି ଦ୍ରୁତ ଗତିରେ ଯେପରି ଅବସ୍ଥା ପରିବର୍ତ୍ତନ ହେଉଅଛି ସେଥିରେ ବାମପନ୍ଥୀମାନେ ଶକ୍ତିଶାଳୀ ହୋଇ-ପାରନ୍ତି—ମାତ୍ର ଜାତୀୟ ଓ ସାମାଜିକ ଆନ୍ଦୋଳନ ସବୁ କ'ଣ ହାତ ଗୋଡ଼ ବାନ୍ଧି ଶୋଇପଡ଼ିବ ଏବଂ ଅନ୍ୟଠାରେ ଏହି ସମସ୍ୟାପୂର୍ଣ୍ଣ ପରିବର୍ତ୍ତନକୁ ଅପେକ୍ଷା କରି ରହିବ ?

ଆମ ଦେଶର ଲିବରାଲମାନେ ବ୍ରିଟିଶ ଶ୍ରମିକ ଦଳ ଉପରେ ଏପରି ନିର୍ଭର କରିବାର ଗୋଟିଏ ବଡ଼ିଆ ଦିଗ ରହିଛି । ଯଦି ଘଟଣାକ୍ରମେ ଏହି ଦଳ ଅଧିକ ବାମପନ୍ଥୀ ହୋଇଯାଇ ଏହା ସାମ୍ୟବାଦୀ କାର୍ଯ୍ୟପନ୍ଥାକୁ ଇଂଲଣ୍ଡରେ ଜାରି କରେ, ତେବେ ଭାରତରେ ତାହାର କି ପ୍ରତିକ୍ରିୟା ହେବ ? ଏଠାରେ ଥିବା ଲିବରାଲ ଓ ମଡରେଟ୍ ଦଳ କ'ଣ କରିବେ ? ସେମାନଙ୍କ ମଧ୍ୟରୁ ଅଧିକାଂଶ ଅତି ମାତ୍ରାରେ ରକ୍ଷଣଶୀଳ । ସେମାନେ ଶ୍ରମିକ ଦଳର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନକୁ ପସନ୍ଦ କରିବେ ନାହିଁ ଏବଂ ଭାରତରେ ତାହାର ପରିବର୍ତ୍ତନରେ ଭୟଭୀତ ହେବେ । ଯଦି ବ୍ରିଟିଶ ସମ୍ପର୍କ ହେତୁ ସାମାଜିକ ଅବସ୍ଥାର ଓଲଟ ପାଲଟ ହେବାର ସୂଚନା ହୁଏ, ତେବେ ବ୍ରିଟିଶ ସହିତ ସମ୍ପର୍କ ସମ୍ବନ୍ଧରେ ସେମାନଙ୍କର ହଠାତ୍ ପରିବର୍ତ୍ତନ ହୋଇପାରେ । ଏହା ବି ହୋଇ ପାରେ ଯେ ମୋ ପରି ଯେଉଁ ଲୋକେ ଜାତୀୟ ସ୍ୱାଧୀନତା ଚାହୁଁ, ଏବଂ ଏହି ସମ୍ବନ୍ଧ ତୁଟାଇବାକୁ ଚାହୁଁ, ସେମାନେ ତାଙ୍କର ମତ ପରିବର୍ତ୍ତନ କରି ସାମ୍ୟବାଦୀ ବ୍ରିଟେନ ସହିତ ଘନିଷ୍ଠ ସମ୍ପର୍କକୁ ପସନ୍ଦ କରିପାରନ୍ତି । ଆମ ଭିତରୁ କାହାରି ବ୍ରିଟିଶ ଲୋକଙ୍କ ସହିତ ସହଯୋଗ କରିବାରେ କିଛି ଆପତ୍ତି ନାହିଁ; ଆମେ ତାଙ୍କ ସାମ୍ରାଜ୍ୟ-ବାଦକୁ ହିଁ ଆପତ୍ତି କରୁଁ ଏବଂ ଥରେ ସେମାନେ ଏହା ଲୋପ କରି ଦେଲେ ତାଙ୍କ ସହିତ ସହଯୋଗ ଦ୍ୱାର ଖୋଲି ହୋଇଯିବ । ମଡରେଟମାନେ ସେତେବେଳେ କ'ଣ କରିବେ ? ସେମାନେ ସମ୍ଭବତଃ ଏହି ନୂତନ ବ୍ୟବସ୍ଥା ଭଗବାନଙ୍କର ଦୁର୍ଜ୍ଞେୟ ଶକ୍ତିର ଆଉ ଏକ ଇଙ୍ଗିତ ମନେ କରି ଗ୍ରହଣ କରିବେ ।

ଗୋଲଟେବୁଲ ସମ୍ମିଳନୀ ଓ ଏକ ଯୁକ୍ତରାଷ୍ଟ୍ର ପ୍ରସ୍ତାବର ଏକ ଉଲ୍ଲେଖ ଯୋଗ୍ୟ ପରିଣତି ହେଉଛି ଭାରତର ଦେଶୀୟ ରଜାମାନଙ୍କୁ ଆଗୁଆ

Digitized by srujanika@gmail.com

କର ଅଛିବା । ଜାଠ ରକ୍ଷଣଶୀଳମାନଙ୍କର ତାଙ୍କ ପ୍ରତି ଓ ତାଙ୍କର 'ସ୍ୱାଧୀନତା' ପ୍ରତି ଅନୁରକ୍ତି ତାଙ୍କ ଭିତରେ ନୂତନ ଜୀବନ ଦେଲା । ଏଥି ପୂର୍ବରୁ ତାଙ୍କ ଉପରେ କେବେ ଏତେ ଗୁରୁତ୍ୱ ଦିଆ ହୋଇ ନ ଥିଲା । ପୂର୍ବେ ବ୍ରିଟିଶ ରେସିଡେଣ୍ଟଙ୍କର ଏକ ସୂଚନାକୁ ସେମାନେ ସାହସ କରି ମନା କରି ପାରୁ ନ ଥିଲେ ଏବଂ ଅସଂଖ୍ୟ ରାଜାମାନଙ୍କ ପ୍ରତି ଭାରତ ସରକାରର ମନୋଭାବ ଅବଜ୍ଞାପୂର୍ଣ୍ଣ ଥିଲା । ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ବରାବର ହସ୍ତକ୍ଷେପ କରାଯାଉଥିଲା ଏବଂ ଅନେକ ସମୟରେ ଏହା ପଥାର୍ଥ ବୋଲି ବୁଝା ହେଉଥିଲା । ଆଜି ମଧ୍ୟ ବହୁ ସଂଖ୍ୟକ ଦେଶୀୟ ରାଜ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଦେଶୀୟ ରାଜ୍ୟମାନଙ୍କୁ "ଧାର ଦିଆଯାଇଥିବା ବ୍ରିଟିଶ ଅଫିସରମାନଙ୍କଦ୍ୱାରା ଶାସିତ ହେଉଛି । ମାତ୍ର ମିଷ୍ଟର ଚର୍ଚ୍ଚିଲ ଓ ଲର୍ଡ ରୋଥରମରଙ୍କ ଆନ୍ଦୋଳନରେ ଭାରତ ସରକାର ଟିକିଏ ବିଚଳିତ ହେଲା ପରି ଦେଖାଗଲା ଏବଂ ସେମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଏବେ ଏହା ଟିକିଏ ସତର୍କ ହୋଇଛି । ରାଜାମାନେ ଆଜି ଟିକିଏ ମୁଣ୍ଡ ଉପରକୁ ଉଠାଇ କଥା କହୁଛନ୍ତି ।

ଭାରତର ରାଜନୀତିକ କ୍ଷେତ୍ରରେ ଏହି ବାହ୍ୟ ଲକ୍ଷଣଗୁଡ଼ିକ ମୁଁ ଆଲୋଚନା କରିବାକୁ ଚେଷ୍ଟା କରିଛି, ମାତ୍ର ଏଗୁଡ଼ିକ ଅବାସ୍ତବ ବୋଲି ମୁଁ ବୋଧ ନ କରି ରହିପାରୁନାହିଁ ଏବଂ ଏହା ପଛରେ ଯେଉଁ ଭାରତ ରହିଛି ତାହା ଭାବିଲେ ଦୁଃଖ ହୁଏ । ଏଠାରେ ବାରମ୍ବାର ସକଳ ପ୍ରକାର ସ୍ୱାଧୀନତାର ଦମନ, ଅତ୍ୟନ୍ତ ଦୁଃଖକ୍ଲେଶ ଓ ହତାଶା, ସଦିଚ୍ଛାର ବିକୃତି ଓ ନାନାପ୍ରକାର ମିଥ୍ୟା ପ୍ରବୃତ୍ତିକୁ ଉତ୍ସାହିତ କରାଯାଉଛି । ଅନେକ ସଂଖ୍ୟକ ଲୋକ ଜେଲରେ ପଡ଼ିଛନ୍ତି ଏବଂ ବର୍ଷ ବର୍ଷ ଧରି ତାଙ୍କର ଯୁବକ ଜୀବନ ଧ୍ୱଂସ ହୋଇ ଜରାଜୀର୍ଣ୍ଣ ହୋଇଯାଉଛି ।*

---

* ୧୯୩୪ ମସିହା ଜୁଲାଇ ତା ୨୩ ରିଖରେ ଘରୋଇ ସଦସ୍ୟ ସାର ହେରି ହେଗ ଜେଲ ବ୍ୟବସ୍ଥା ସମ୍ବନ୍ଧେ କହିଥିଲେ ଯେ ଜେଲ

Digitized by srujanika@gmail.com

ସେମାନଙ୍କ ପରିବାର, ବନ୍ଧୁବାନ୍ଧବ, ସଂପର୍କୀୟ ଲୋକ ପ୍ରଭୃତି ସହସ୍ର ସହସ୍ର ଲୋକ ବିରକ୍ତ ହୋଇଛନ୍ତି ଏବଂ ପାଶବିକ ଶକ୍ତି ସମକ୍ଷରେ ଗୋଟାଏ କ୍ଷମତାହୀନ ଓ ଅପମାନର ଦୁଃଖଜନକ ଧାରଣା ସେମାନଙ୍କ ଭିତରେ ରହିଛି । ସାଧାରଣ ସମ୍ମୁଖରେ ସୁଦ୍ଧା ଅସଂଖ୍ୟ ଅନୁଷ୍ଠାନ ବେଆଇନ ଘୋଷିତ ହୋଇଛି ଏବଂ ସରକାରର ଅସ୍ତ୍ରାଗାରରେ 'ଜରୁରୀ କ୍ଷମତା' ଶାନ୍ତିରକ୍ଷା ଆଇନ, ଏ ସବୁ ସ୍ଥାୟୀରୂପେ ଘରକରି ରହିଛି । ସ୍ୱାଧୀନତା ସଂକୁଚିତ କରିବାଟା ଦ୍ରୁତ ଗତିରେ ସାଧାରଣ ନିୟମ ହୋଇଗଲାଣି । ଅନେକ ସଂଖ୍ୟକ ପୁସ୍ତକ ଓ ପତ୍ରିକା ସବୁ ବାଜ୍ୟାପ୍ତ କରାଯାଉଛି କିମ୍ବା 'କଷ୍ଟମ୍ସ୍ ଆଇନ' ଅନୁସାରେ ତାର ପ୍ରବେଶ ବନ୍ଦ କରାଯାଉଛି ଏବଂ କୌଣସି 'ବିପଜ୍ଜନକ' ସାହିତ୍ୟ ରଖିଲେ ଦୀର୍ଘ କାରାବାସର ଭୟ ରହିଛି । ବର୍ତ୍ତମାନ ସମୟର ରାଜନୈତିକ ବା ଅର୍ଥନୈତିକ ସମସ୍ୟା ସମ୍ବନ୍ଧରେ ପ୍ରକାଶ୍ୟ ଭାବରେ ମତ ପ୍ରକଟ କରିବା କିମ୍ବା ରୁଷର ସାମାଜିକ ଓ ସଂସ୍କୃତିଗତ ସମସ୍ୟାର ଅନୁକୂଳ ବିବରଣୀ ଦେଲେ ପାଞ୍ଚ କର୍ମଗୃହୀ ତୀବ୍ର ଆପତ୍ତି କରନ୍ତି । ଡାକ୍ତର ରବୀନ୍ଦ୍ରନାଥ ଠାକୁର ନିଜେ ରୁଷ ବୁଲିଆସି ସେ ସମ୍ବନ୍ଧରେ 'ମଡର୍ଣ୍ଣରିଭିଉ' ମାସିକ ପତ୍ରିକାରେ ପ୍ରବନ୍ଧ

ଓ ବିଶେଷ ଶିବିରରେ ଥିବା ଅନ୍ତରୀଣ ବନ୍ଦୀଙ୍କ ସଂଖ୍ୟା ହେଉଛି—ବଙ୍ଗଳାରେ ୧୫୦୦ରୁ ୧୬୦୦, ଦେଓଲିରେ ୫୦୦ । ମୋଟ ୨୦୦୦ରୁ ୨୧୦୦ । ଏହା ଅନ୍ତରୀଣ ବନ୍ଦୀଙ୍କ ସଂଖ୍ୟା—ଅର୍ଥାତ୍ ଯେଉଁମାନଙ୍କୁ ବିନା ବିଚାରରେ ଅଟକ କରାଯାଇଛି । ଏହାଛଡ଼ା କାରାଦଣ୍ଡ ପାଇଥିବା ରାଜବନ୍ଦୀ ମଧ୍ୟ ରହିଛନ୍ତି । ଶାସ୍ତି ପାଇବା ବନ୍ଦୀମାନେ ସାଧାରଣତଃ ଦୀର୍ଘ କାରାବାସ ପାଉଛନ୍ତି । ଏବେ କଲିକତାର ଗୋଟିଏ ମକଦ୍ଦମାରେ ଆସୋସିଏଟେଡ ପ୍ରେସ ରିପୋର୍ଟ କରିଥିଲେ (୧୯୩୪ ଡିସେମ୍ବର ୧୭ ତାରିଖ) ବିନା ଲାଇସେନ୍ସରେ ଅସ୍ତ୍ର ଶସ୍ତ୍ର ରଖିଥିବା ଅପରାଧ ହେତୁ ହାଇକୋର୍ଟ ନଅ ବର୍ଷ ସଶ୍ରମ କାରାଦଣ୍ଡ ଦେଇଛି । ଅପରାଧୀ ବ୍ୟକ୍ତି ଗୋଟିଏ ବନ୍ଧୁକ ଏବଂ ଛଅଟି ଗୁଳିସହ ଗିରଫ ହୋଇଥିଲା ।

Digitized by srujanika@gmail.com

ପ୍ରକାଶ କରିଥିଲେ—ସେଥିପାଇଁ ସେ ପତ୍ରିକାକୁ ସାବଧାନ କରିଦିଆଗଲା । ଭାରତର ସହକାରୀ ସଚୀବ ପାର୍ଲିଆମେଣ୍ଟରେ କହିଲେ ଯେ "ସେହି ପ୍ରବନ୍ଧରେ ଭାରତରେ ବ୍ରିଟିଶ ଶାସନ ସମ୍ବନ୍ଧରେ ବିକୃତ ବିବରଣୀ ଦିଆଯାଇଥିଲା ଏବଂ ସେଥିପାଇଁ ତା ବିରୁଦ୍ଧରେ ଶାସ୍ତି ହେଲା" * । ଏହିସବୁ ସାଫଲ୍ୟର ବିବୃତ ହେଉଛି ଯାହା କର୍ମଚାରୀ—ଆମେ ଏହାର ବୈଧମତ ପୋଷଣ କରିପାରିବୁ ନାହିଁ କିମ୍ବା ତାହା ପ୍ରକାଶ କରିପାରିବୁ ନାହିଁ । ଓବଲନ୍‌ର 'ବନ୍ଧୁ ସମାଜ'କୁ ରବୀନ୍ଦ୍ରନାଥ ଠାକୁର ଯେଉଁ ସଂକ୍ଷିପ୍ତ ବାର୍ତ୍ତା ପ୍ରେରଣ କରିଥିଲେ ତାହା ପ୍ରକାଶରେ ମଧ୍ୟ ସରକାର ଆପତ୍ତି କରିଥିଲେ । ଋଷି ରବୀନ୍ଦ୍ରନାଥ ସମସ୍ତ ରାଜନୀତ ବ୍ୟାପାରରେ ବ୍ୟସ୍ତ ଏବଂ ଇଚ୍ଛା କରି ରାଜନୀତିରୁ ଅଲଗା ରହିଛନ୍ତି—ଭାରତରେ ଯାହାଙ୍କୁ ସମସ୍ତେ ସମ୍ମାନ କରନ୍ତି ତାଙ୍କ ପରି ପୃଥିବୀ ବିଖ୍ୟାତ ଲୋକଙ୍କୁ ଯଦି ଏପରି ଦମନ କରାଯାଇପାରେ, ତେବେ ଅନ୍ୟାନ୍ୟ କ୍ଷୁଦ୍ର ଲୋକଙ୍କ କଥା ଆଉ କ'ଣ ନ ହେଉଥିବ ? ପ୍ରକୃତ ଦମନର ଦୃଷ୍ଟାନ୍ତ ଅପେକ୍ଷା ଯେଉଁ ଭିତର ବାୟୁମଣ୍ଡଳ ଏହା ସୃଷ୍ଟି କରେ ତାହା ଆହୁରି ଖରାପ । ଏହି ପରିସ୍ଥିତିରେ ସାଧୀନଭାବରେ ସମ୍ବାଦପତ୍ର ପରିଚାଳନା କରିବା ଅସମ୍ଭବ କିମ୍ବା ଇତିହାସ, ଅର୍ଥନୀତି, ରାଜନୀତି ବା ଆଧୁନିକ ବ୍ୟାପାର ସମ୍ବନ୍ଧରେ ଠିକ୍ ରୂପେ ବିଚାର ବା ଶିକ୍ଷା କରିବା ଅସମ୍ଭବ । ଏହି ଅଦ୍ଭୁତ ଅବସ୍ଥା ଉପରେ ଶାସନ ସଂସ୍କାର ଓ ଦାୟିତ୍ୱମୂଳକ ଶାସନ ପ୍ରତିଷ୍ଠା କରାଯାଉଛି ।

ପ୍ରତ୍ୟେକ ବୁଦ୍ଧିମାନ୍ ଲୋକ ଜାଣନ୍ତି ଯେ ଆଜି ଦୁନିଆରେ ବୁଦ୍ଧିର କବଳ ଚାଲିଛି—ଏହା କେଉଁଠାରେ କମ୍ ବା କେଉଁଠାରେ ଗୁରୁତର ରୂପେ ଅନୁଭବ କରାଯାଉଛି, କିନ୍ତୁ ସେ ଯାହା ହେଉ ପ୍ରଚଳିତ ଅବସ୍ଥା ପ୍ରତି ପ୍ରବଳ ଅସନ୍ତୋଷ ରହିଛି । ଆମ ସମ୍ମୁଖରେ ସୁଦୂରଗାମୀ ପରିବର୍ତ୍ତନସବୁ ହେଉଛି ଏବଂ ଭବିଷ୍ୟତ ଯେଉଁ ଆକାର ଧାରଣ କରୁ

---

* ୧୯୩୪ ନଭେମ୍ବର ୧୨ ତାରିଖ

Digitized by srujanika@gmail.com

ଘଟୁଛି ଏହା ଖୁବ୍ ଦୂରରେ ନୁହେଁ ଏହା ଏପରି କିଛି ଦୂର ଜିନିଷ ନୁହେଁ ଯାହାକୁ ଅନାସକ୍ତଭାବରେ ଦାର୍ଶନିକ, ସମାଜତତ୍ତ୍ୱ ଓ ଅର୍ଥଶାସ୍ତ୍ରୀମାନେ ଖାଲି ଆଲୋଚନା କରିବେ । ଏହା ଭଲ ପାଇଁ ହେଉ ବା ମନ୍ଦ ପାଇଁ ହେଉ ପ୍ରତ୍ୟେକ ମାନବକୁ ସ୍ପର୍ଶକରେ ଏବଂ ଏ କଥା ନିଶ୍ଚୟ ଯେ ଯେଉଁ ବିଭିନ୍ନ ଶକ୍ତି ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ତାହା ବୁଝିବାକୁ ଚେଷ୍ଟା କରିବା ଏବଂ ନିଜର କାର୍ଯ୍ୟ ପନ୍ଥା ସ୍ଥିର କରିବା ପ୍ରତ୍ୟେକ ଲୋକର କର୍ତ୍ତବ୍ୟ । ଗୋଟିଏ ଦୁନିଆ ଶେଷ ହୋଇପାରିଛି ଏବଂ ନୂତନ ଦୁନିଆ ଆକାର ଧାରଣ କରୁଛି । କୌଣସି ସମସ୍ୟାର ଜବାବ ପାଇବାକୁ ହେଲେ ସେ ସମସ୍ୟା କ'ଣ ତାହା ଜାଣିବା ଆବଶ୍ୟକ । ବାସ୍ତବିକ ସମସ୍ୟା ଜାଣିବା ଓ ତା'ର ସମାଧାନ ଖୋଜିବା ଉଭୟହିଁ ଗୁରୁତର ।

ଦୁର୍ଭାଗ୍ୟବଶତଃ ପୃଥିବୀର ଘଟଣା ସମ୍ବନ୍ଧରେ ଆମ ରାଜନୀତିଜ୍ଞମାନଙ୍କ ଭିତରେ ଅଦ୍ଭୁତ ପ୍ରକାର ଅଜ୍ଞତା ଓ ଉଦାସୀନ ଭାବ ଦେଖାଯାଏ । ସମ୍ଭବତଃ ଭାରତର ସରକାରୀ କର୍ମଚାରୀଙ୍କ ଭିତରୁ ଅଧିକ ସଂଖ୍ୟକଙ୍କ ଭିତରେ ଏ ଅଜ୍ଞତା ଦେଖାଯାଏ, କାରଣ ସିମଲା ସର୍ବଦା ଆନନ୍ଦରେ ବାସ କରୁଥାଏ ଏବଂ ନିଜର ସଂକୀର୍ଣ୍ଣ ଦୁନିଆରେ ସନ୍ତୋଷ ଲଭିଥାଏ । କେବଳ ଅତି ଉଚ୍ଚ କର୍ମଚାରୀଙ୍କୁ ଏହି ସମସ୍ୟା ସମ୍ବନ୍ଧରେ ଭାବିବାକୁ ହୁଏ । ଅବଶ୍ୟ ବ୍ରିଟିଶ ସରକାର ପୃଥିବୀର ଘଟଣାବଳିକୁ ଦୃଷ୍ଟିପଥରେ ରଖି ସେହି ଅନୁସାରେ ନିଜର ନୀତି ସ୍ଥିର କରେ । ଏହା ସାଧାରଣ ଜଣା କଥା ଯେ ଭାରତର ରକ୍ଷା ଓ ଦଖଲ କରିବା ମତଲବହିଁ ବ୍ରିଟିଶ ବୈଦେଶିକ ନୀତି ଗଢ଼ିବାରେ ପ୍ରଚୁରଭାବରେ ପ୍ରଭାବିତ କରେ । ଭାରତର କେତେଜଣ ରାଜନୀତିଜ୍ଞ ବିଚାର କରନ୍ତି ଯେ ଜାପାନୀ ସାମ୍ରାଜ୍ୟବାଦ ସୋଭିଏଟ ଇଉନିୟନର କ୍ରମବର୍ଦ୍ଧିଷ୍ଣୁ ଶକ୍ତି, ସିଙ୍କିୟାଙ୍ଗର ଇଂରେଜ୍ ରୁଷ ଜାପାନ ଷଡ଼ଯନ୍ତ୍ର କିମ୍ବା ମଧ୍ୟ ଏସିଆ, ପର୍ସିଆ (ଇରାନ) ବା ଆଫଗାନିସ୍ଥାନର ଘଟଣା ସହିତ ଭାରତ ରାଜନୀତିର ଘନିଷ୍ଠ ସମ୍ପର୍କ ରହିଛି । ମଧ୍ୟ ଏସିଆର ପରିସ୍ଥିତି କାଶ୍ମୀର ଅବସ୍ଥାରେ ଲାଗେ ଏବଂ ଏହା ଭାରତ ରକ୍ଷା ଓ ବ୍ରିଟିଶ ନୀତିର କେନ୍ଦ୍ର ହୁଏ ।

Digitized by srujanika@gmail.com

ସାରା ଜଗତରେ ଯେଉଁ ଅର୍ଥନୀତିକ ପରିବର୍ତ୍ତନ ହେଉଛି ତାହା ଅଧିକ ଗୁରୁତର । ଆମର ବୁଝିବା ଉଚିତ ଯେ ଉନବିଂଶ ଶତାବ୍ଦୀ ପ୍ରଥା ଲୋପ ପାଇ ଯାଉଛି ଏବଂ ବର୍ତ୍ତମାନ ତାହା କୌଣସି ଆବଶ୍ୟକତାରେ ଆସିବ ନାହିଁ । ଗୋଟିଏ ପୂର୍ବ କାର୍ଯ୍ୟର ଦୃଷ୍ଟାନ୍ତ ଦେଖି ଆଉ ଗୋଟିଏ ସେହିପ୍ରକାର କାର୍ଯ୍ୟ କରିବା ପରି ଆଇନଜୀବୀ ମନୋଭାବ ଭାରତରେ ଏତେ ପ୍ରଚଳିତ ନଜିର ନଥିଲେବେଳେ ଏହାର କୌଣସି ଉପଯୋଗୀତା ନାହିଁ । ଆମେ ରେଲ ଲାଇନରେ ଗୋଟାଏ ବଳଦ ଗାଡ଼ି ଚଳାଇ ତାକୁ ରେଲଗାଡ଼ି ବୋଲି କହି ନପାରୁ । ଏହାକୁ ବର୍ତ୍ତମାନ ଯୁଗରେ ଅକାମୀ ବୋଲି ବାଦ୍ ଦେବାକୁ ହେବ । ଏପରି କି ରୁଷ ଛଡ଼ା ମଧ୍ୟ ଅନ୍ୟ ଦେଶରେ 'ନିଉଡ଼ିଲ' ଓ ବିରାଟ ପରିବର୍ତ୍ତନ ଆଦି କଥା ଉଠୁଛି । ପ୍ରେସିଡେଣ୍ଟ ରୁଜଭେଲଟ୍ ପୁଞ୍ଜିବାଦୀ ପ୍ରଥାକୁ ଶକ୍ତିଶାଳୀ ଓ ସ୍ଥାୟୀ କରିବା ମତଲବରେ ଆମେରିକାର ଜୀବନ ପରିବର୍ତ୍ତନ କଲ୍ପରେ ନୂତନ ଯୋଜନା ସବୁ ବଡ଼ ସାହସର ସହିତ ଆରମ୍ଭ କରିଛନ୍ତି । ସେ "ଅଧିକ ସୁବିଧା ଭୋଗୀଙ୍କର ଉଚ୍ଛେଦ ଓ ସୁବିଧା ନ ପାଉଥିବା ବ୍ୟକ୍ତିଙ୍କର ଅବସ୍ଥାର ଉନ୍ନତି" କଥା କହୁଛନ୍ତି । ସେ ସଫଳ ହୋଇ ପାରନ୍ତୁ ବା ନ ପାରନ୍ତୁ; ମାତ୍ର ତାଙ୍କର ସାହସ ଓ ଗତାନୁଗତିକ ପନ୍ଥାରୁ ନିଜ ଦେଶକୁ ଅଗ୍ରସର କରାଇବାର ଆକାଂକ୍ଷା ଅସ୍ୱୀକାର କରାଯାଇ ନପାରେ । ସେ ତାଙ୍କର ନୀତି ପରିବର୍ତ୍ତନ କିମ୍ବା ଭୁଲ ସ୍ୱୀକାର କରିବାକୁ ଭୟ କରନ୍ତିନାହିଁ । ଇଂଲଣ୍ଡରେ ମିଷ୍ଟର ଲୟଡ ଜର୍ଜ ତାଙ୍କ "ନିଉଡ଼ିଲ" ପ୍ରକାଶ କରିଛନ୍ତି । ଆମେ ଭାରତରେ ମଧ୍ୟ ଅନେକ "ନିଉଡ଼ିଲ" ଚାହୁଁ । ସେହି ପୁରୁଣା ଧାରଣା ଯେ "ଯାହା ଜାଣିବା ଯୋଗ୍ୟ ତାହା ଜଣା ହୋଇଛି ଏବଂ ଯାହା କରିବା ଯୋଗ୍ୟ ତାହା କରାଯାଇଛି" ଅତ୍ୟନ୍ତ ସର୍ବନାଶ-କାରୀ ନିର୍ବୋଧତା ।

ଆମକୁ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ହେବ ଏବଂ ଆମେ ଅବଶ୍ୟ ସାହସର ସହିତ ତାର ସମ୍ମୁଖୀନ ହେବୁ । ପ୍ରଚଳିତ ସାମାଜିକ ବା ଅର୍ଥ-ନୀତିକ ପ୍ରଣାଳୀ ଯଦି ଜନସାଧାରଣଙ୍କର ଅବସ୍ଥା ବହୁ ପରିମାଣରେ ଉନ୍ନତ

Digitized by srujanika@gmail.com

କରିବାରେ ଅସମର୍ଥ ହୁଏ, ତେବେ ତାହାର ରହିବାର କୌଣସି ଅଧିକାର ଅଛି କି ? ଏପରି ବ୍ୟାପକ ଉନ୍ନତି ଅନ୍ୟ କେଉଁ ବ୍ୟବସ୍ଥାରେ ହେବା ସମ୍ଭବ କି ? କେବଳ ରାଜନୈତିକ ପରିବର୍ତ୍ତନରେ କେତେଦୂର ଆମୂଳ ପରିବର୍ତ୍ତନ ଆସିପାରେ ? ଯଦି ଅତ୍ୟନ୍ତ ଆବଶ୍ୟକୀୟ ପରିବର୍ତ୍ତନ ପଥରେ ନ୍ୟସ୍ତସ୍ୱାର୍ଥ ସବୁ ଅନ୍ତରାୟ ହୁଏ, ତେବେ ଜନସାଧାରଣଙ୍କ ଦୁର୍ଦ୍ଦଶା ଓ ଦାରିଦ୍ର୍ୟ ବିନିମୟରେ ତାକୁ ରକ୍ଷା କରିବାର ଚେଷ୍ଟା କ'ଣ ଆଇନ ବା ନୈତିକତାର ପରିଚୟ ? ନିଶ୍ଚୟ ନ୍ୟସ୍ତସ୍ୱାର୍ଥଙ୍କର କ୍ଷତି କରିବା ଉଦ୍ଦେଶ୍ୟ ନୁହେଁ, ମାତ୍ର ଅନ୍ୟମାନଙ୍କୁ କ୍ଷତି ପହଞ୍ଚାଇବାରେ ବାଧାଦେବା ହେଉଛି ଉଦ୍ଦେଶ୍ୟ । ଯଦି ଏହି ନ୍ୟସ୍ତସ୍ୱାର୍ଥଙ୍କ ସହିତ କୌଣସି ମିଳାମିଶା କରିବା ସମ୍ଭବ, ତେବେ ତାହା କରିବା ଅତ୍ୟନ୍ତ ବାଞ୍ଛନୀୟ । ଏହା ନ୍ୟାୟ କି ଅନ୍ୟାୟ ଏ ବିଷୟ ନେଇ ମତଭେଦ ଘଟିପାରେ, ମାତ୍ର ଏକ ମିଳାମିଶାର ଅତ୍ୟାବଶ୍ୟକତା ବିଷୟରେ ଅଳ୍ପଲୋକେ ସନ୍ଦେହ ପ୍ରକାଶ କରିବେ । ଗୋଟିଏ ନ୍ୟସ୍ତସ୍ୱାର୍ଥକୁ ଦୂର କରି ଆଉ ଗୋଟିଏ ନ୍ୟସ୍ତସ୍ୱାର୍ଥ ସୃଷ୍ଟି କଲେ ଏପରି ମିଳାମିଶାର କୌଣସି ଅର୍ଥ ନାହିଁ । ଯେତେବେଳେ ସମ୍ଭବ ଓ ବାଞ୍ଛନୀୟ ମୈତ୍ରୀମୂଳକ ଉପାୟରେ ଚିନ୍ତା କରାଯାଇପାରେ, କାରଣ ସଙ୍ଘର୍ଷ ଫଳରେ ଆହୁରି ଅଧିକ କ୍ଷତି ହୋଇପାରେ । ମାତ୍ର ଦୁର୍ଭାଗ୍ୟ-ବଶତଃ ସମଗ୍ର ଇତିହାସରୁ ଦେଖାଯାଉଛି ଯେ ନ୍ୟସ୍ତସ୍ୱାର୍ଥକୁ କୌଣସି ରଫାନାମା ଗ୍ରହଣ କରନ୍ତି ନାହିଁ । ଯେଉଁ ଶ୍ରେଣୀସବୁର ପ୍ରାଧାନ୍ୟ ସମାଜରେ ଲୋପ ପାଇଯାଇଛି ସେମାନଙ୍କର ବୁଦ୍ଧିର ଅଭାବ ଦେଖାଯାଏ । ସେମାନେ ହୁଏତ ସବୁ ପାଇବାକୁ ଆଶା କରନ୍ତି କିମ୍ବା ଆଦୌ ବୁଝନ୍ତି ନାହିଁ – ତେଣୁ ସେମାନେ ଧ୍ୱଂସ ପାଇଯାନ୍ତି ।

ବାଜ୍ୟାପ୍ତି ଏବଂ ସେହିପରି ଅନେକ "ହୁଗୁଳା କଥା" (କଂଗ୍ରେସ କାର୍ଯ୍ୟକାରୀ ସମିତି ଭାଷାରେ) ଶୁଣାଯାଏ । ପ୍ରଚଳିତ ପ୍ରଥାର ମୂଳଭିତ୍ତି ହେଉଛି ବର୍ତ୍ତମାନ ବାଜ୍ୟାପ୍ତି ଜାରି ରହିବା ଏବଂ ଏହାକୁ ଲୋପକରିବା ନିମନ୍ତେ ସାମାଜିକ ପରିବର୍ତ୍ତନ ସବୁ ପ୍ରସ୍ତାବ କରାଯାଉଛି । ଉତ୍ପାଦନ ଶ୍ରମିକର ଶ୍ରମଲବ୍ଧ ସମ୍ପତ୍ତିର କେତେକାଂଶ ଶୋଷଣ

Digitized by srujanika@gmail.com

କରିଯାଉଛି, କୃଷକର ଖଜଣା ବା ରାଜସ୍ୱ ଏତେ ଅଧିକ ପରିମାଣରେ ବଢ଼ାଇ ଦିଆଯାଏ ଯେ ସେ ତାହା ଦେଇ ପାରେ ନା—ସେତେବେଳେ ଶେଷକୁ କୃଷକର ଜମି ସୁଦ୍ଧା ବାଜ୍ୟାପ୍ତ ହୋଇଯାଏ । ଆମ ସାଧାରଣ ବ୍ୟକ୍ତିବିଶେଷ ଜମିସବୁ ବାଜ୍ୟାପ୍ତ କରିନେଇ ବଡ଼ ବଡ଼ ରାଜ୍ୟ ହୋଇଥିଲା, ଭୂସତ୍ୱାଧିକାରୀ କୃଷକମାନେ ଏହିରୂପେ ଲୋପ ପାଇଥିଲେ । ବର୍ତ୍ତମାନ ବ୍ୟବସ୍ଥାର ଭିତ୍ତି ଓ ପ୍ରାଣ ହେଉଛି ବାଜ୍ୟାପ୍ତୀକରଣ ।

ଏହାର ଆଂଶିକ ପ୍ରତିକାର କରିବା ନିମନ୍ତେ ସମାଜ ନାନା ପ୍ରକାର ବ୍ୟବସ୍ଥା କରେ—ତାହାସବୁ ଏକପ୍ରକାର ବାଜ୍ୟାପ୍ତ—ଯଥା ଉତ୍ତରାଧିକାର ଟିକସ, ମୃତ୍ୟୁଶୁଳ୍କ, ଋଣଭାର ଲାଘବପାଇଁ ଆଇନ, ମୁଦ୍ରା ବାନମୂଲ୍ୟ ବୃଦ୍ଧି ଇତ୍ୟାଦି । ଏବେ ଆମେ ଦେଖିଛେ ଖାଲି ସୋଭିଏଟ ତନ୍ତ୍ର ନୁହେଁ ଅନ୍ୟାନ୍ୟ ମୁଖ୍ୟ ପୁଞ୍ଜିବାଦୀ ଦେଶମାନେ ସୁଦ୍ଧା ପ୍ରଚୁର ଜାତୀୟ ଋଣ ପରିଶୋଧ କରିବାକୁ ଅସ୍ୱୀକାର କରି ଦେଇଛନ୍ତି; ଏଥି ଭିତରେ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ ହେଉଛି ବ୍ରିଟିଶମାନଙ୍କର ଆମେରିକାକୁ ଋଣପରିଶୋଧ କରିବା ନିମନ୍ତେ ଅସ୍ୱୀକୃତ—ଭାରତ ଆଗରେ ଏହା ଏକ ବିପତ୍ତିଜନକ ଦୃଷ୍ଟାନ୍ତ । ମାତ୍ର ଏହିସବୁ ବାଜ୍ୟାପ୍ତି ଓ ଅସ୍ୱୀକାର ଅଳ୍ପ ପରିମାଣରେ ସାହାଯ୍ୟକରେ, ମୂଳ କାରଣ ଦୂର ହୁଏନା । ନୂତନ କରି ଗଢ଼ିବାକୁ ହେଲେ ମୂଳ କାରଣକୁ ବାହାର କରିଦେବାକୁ ପଡ଼ିବ ।

ପ୍ରଚଳିତ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାର ପନ୍ଥା ଚିନ୍ତା କଲାବେଳେ ବୈଷୟିକ ଓ ମାନସିକ ଉଭୟ ଦୃଷ୍ଟିରୁ ଏହାର ମୂଲ୍ୟ ଓଜନ କରିବାକୁ ପଡ଼ିବ । ଆମେ ଅଦୂରଦର୍ଶୀ ହେଲେ ଚଳିବ ନାହିଁ । ମନୁଷ୍ୟ ସମାଜର ବୈଷୟିକ ଓ ମାନସିକ ଉନ୍ନତି ଓ ସୁଖ ଏହା କେତେଦୂର ଶେଷରେ କରିବାରେ ସାହାଯ୍ୟ କରିବ ତାହା ଆମର ଦେଖିବାର କଥା । ମାତ୍ର ପ୍ରଚଳିତ ବ୍ୟବସ୍ଥା ପରିବର୍ତ୍ତନ ନ କଲେ ଯେଉଁ ଭୟଙ୍କର ମୂଲ୍ୟ ଦେବାକୁ ହେଉଛି, ଏହା ଚଳିବାଦ୍ୱାରା ବର୍ତ୍ତମାନ ଆମେ ଯେପରି

Digitized by srujanika@gmail.com

ହତାଶପୂର୍ଣ୍ଣ ବିକୃତ ଜୀବନ ଧାରଣ କରନ୍ତି, ଅନାହାର ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇଛନ୍ତି, ଆମର ମାନସିକ ଓ ନୈତିକ ଅଧୋଗତି ହୋଇଛି ତାହା ମଧ୍ୟ ଆମକୁ ସର୍ବଦା ମନରେ ରଖିବାକୁ ହେବ । ବାରମ୍ବାର ହେଉଥିବା ବନ୍ୟା ପରି ପ୍ରଚଳିତ ଅର୍ଥନୀତିକ ବ୍ୟବସ୍ଥା ବେହାଲ କରିପକାଏ । ଏବଂ ମାନବ ସମାଜର ବହୁସଂଖ୍ୟକ ଲୋକଙ୍କୁ ଧ୍ୱଂସ ପଥକୁ ଟାଣିନିଏ । ବାଲ୍ଟିରେ ଆମେ କେତେକ ପାଣି ବୋହି ନେଇ ବନ୍ୟାର ଗତିରୋଧ କରିପାରିବା ନାହିଁ କିମ୍ବା ଏହି ଲୋକମାନଙ୍କୁ ରକ୍ଷା କରିପାରିବା ନାହିଁ । ବନ୍ଧ ଏବଂ କେନାଲ ସବୁ ତିଆରି କରିବାକୁ ପଡ଼ିବ ଏବଂ ପାଣିର ଧ୍ୱଂସକାରୀ ଶକ୍ତିକୁ ଆୟତ୍ତରେ ଆଣି ମନୁଷ୍ୟର ମଙ୍ଗଳରେ ଲଗାଇବାକୁ ପଡ଼ିବ ।

ଏ କଥା ସ୍ପଷ୍ଟ ଯେ ସାମ୍ୟବାଦ ଯେଉଁ ବିରାଟ ପରିବର୍ତ୍ତନ କଳ୍ପନା କରେ, ତାହା ହଠାତ୍ କେତୋଟି ଆଇନ ପାସ କରିବାଦ୍ୱାରା ଆସିପାରିବ ନାହିଁ । ମାତ୍ର ପ୍ରଗତି ପଥରେ ଚାଳିତ କରିବା ନିମନ୍ତେ ଏବଂ ବ୍ୟବସ୍ଥାର ମୂଳଭିତ୍ତି ପକାଇବା ନିମନ୍ତେ ମୂଳ ଆଇନ ଓ କ୍ଷମତା ଆବଶ୍ୟକ । ଯଦି ସାମ୍ୟବାଦୀ ସମାଜର ବିରାଟ ସୌଧ ନିର୍ମାଣ କରିବାକୁ ହେବ, ତେବେ ଏହା ଘଟଣାକ୍ରମେ ଆସିଯିବ କିମ୍ବା ଯାହା ହୋଇଛି ତାହାର ଧ୍ୱଂସରେ ଉତ୍ତେଜନା ବା ମଝିରେ ମଝିରେ ହେବ ନାହିଁ । ଏହିରୂପେ ପ୍ରଧାନ ବାଧାସବୁକୁ ଦୂର କରିବାକୁ ପଡ଼ିବ । ଉଦ୍ଦେଶ୍ୟ ବଣ୍ଟନ କରିବା ନୁହେଁ, ଅଭାବପୂରଣ କରିବା: ବର୍ତ୍ତମାନର ଅଭାବ ସ୍ଥାନରେ ଭବିଷ୍ୟତର ପ୍ରାଚୁର୍ଯ୍ୟ ଆଣିବା । ମାତ୍ର ଏହା କରିବାକୁ ଗଲାବେଳେ ଯେଉଁସବୁ ବାଧା ଏବଂ ସ୍ୱାର୍ଥପରତା ସମାଜକୁ ପଛକୁ ଟାଣିନେବାକୁ ଚାହେଁ ତାକୁ ଦୂର କରି ପରିଷ୍କାର କରିବା ଆବଶ୍ୟକ ହେବ । ଆମେ ଯେଉଁ ପନ୍ଥା ନେଉଁ ତାହା କେବଳ ଆମେ ପସନ୍ଦ କରୁବା ବା ନ କରୁବା, ଏପରିକି କେବଳ ନ୍ୟାୟର ପ୍ରଶ୍ନ ନୁହେଁ, ମାତ୍ର ଦେଖିବାକୁ ଅର୍ଥନୀତିକ ଦୃଷ୍ଟିରୁ ଏହା ଠିକ୍ କି ନା, ପରିବର୍ତ୍ତିତ ଅବସ୍ଥା ସହିତ ଖାପଖାଇ ଏହା ପ୍ରଗତି କରିବାରେ ସମର୍ଥ କି ନା ଏବଂ ବହୁ ସଂଖ୍ୟକ ମନୁଷ୍ୟଙ୍କର ଏହା ମଙ୍ଗଳକରିବାରେ ସମ୍ଭାବନା ଅଛି କି ନା ।

Digitized by srujanika@gmail.com

ସ୍ୱାର୍ଥର ସଂଘର୍ଷ ଅନିବାର୍ଯ୍ୟ ବୋଲି ମନେହୁଏ । କୌଣସି ମଧ୍ୟପନ୍ଥା ନାହିଁ । ଆମ ପ୍ରତ୍ୟେକଙ୍କୁ ଆମର ବାଟ ବାଛି କରିବାକୁ ହେବ । ବାଛି-ନେବା ପୂର୍ବରୁ ଆମର ଜାଣିଥିବା ଏବଂ ବୁଝିବା ଦରକାର । ସାମ୍ୟବାଦକୁ ଗୋଟାଏ ଭାବପ୍ରବଣ ଭାବରେ ଦେଖିବା ଯଥେଷ୍ଟ ନୁହେଁ । ଘଟଣା, ମୁକ୍ତ ଓ ବିସ୍ତୃତ ସମାଲୋଚନାରେ ଭିତ୍ତି କରି ମୁକ୍ତିଯୁକ୍ତ ଓ ବୁଦ୍ଧିଗମ୍ୟ କାରଣ-ଦ୍ୱାରା ଏହାକୁ ବୁଝାଇବାକୁ ପଡ଼ିବ । ପାଶ୍ଚାତ୍ୟ ଦେଶରେ ଏପରି ସାହିତ୍ୟ ଅନେକ ରହିଛି, ମାତ୍ର ଭାରତରେ ଏହା ବହୁତ ଅଭାବ ରହିଛି ଏବଂ ଅନେକ ଭଲ ପୁସ୍ତକସବୁ ଏଠାରେ ପ୍ରବେଶ କରିବାକୁ ଦିଆଯାଏ ନାହିଁ । ମାତ୍ର ଅନ୍ୟ ଦେଶର ପୁସ୍ତକ ପଢ଼ିବା ଯଥେଷ୍ଟ ନୁହେଁ । ଭାରତରେ ଯଦି ସାମ୍ୟବାଦ ପ୍ରତିଷ୍ଠା କରିବାକୁ ହୁଏ, ତେବେ ତାହା ଭାରତୀୟ ଅବସ୍ଥା ଭିତରୁ ବୃଦ୍ଧି ପାଇବ ଏବଂ ଏହି ଅବସ୍ଥାର ବିଶ୍ଳେଷଣ ଅଧ୍ୟୟନ ଦରକାର । ଆମେ ଏ ବିଷୟରେ ବିଶେଷଜ୍ଞ ଚାହୁଁ—ସେମାନେ ଅଧ୍ୟୟନ କରିବେ ଏବଂ ବିସ୍ତୃତ ଯୋଜନା ତିଆରି କରିବେ । ଦୁର୍ଭାଗ୍ୟବଶତଃ ଆମର ବିଶେଷଜ୍ଞ ସବୁରୁ ଅଧିକାଂଶ ସରକାରୀ ନୌକରୀ ବା ଅଧା ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କରେ ରହିଛନ୍ତି ଏବଂ ସେମାନେ ଏ ଦିଗରେ ଅଧିକ ଦୂର ଅଗ୍ରସର ହେବାକୁ ସାହସ କରନ୍ତି ନାହିଁ ।

ସାମ୍ୟବାଦ ଆଣିବା ନିମନ୍ତେ ବୁଦ୍ଧିର ଭୂମିକା ଯଥେଷ୍ଟ ନୁହେଁ । ଅନ୍ୟ ଶକ୍ତିର ଆବଶ୍ୟକତା ଅଛି । ମାତ୍ର ମୁଁ ଅନୁଭବ କରେ ଏହି ଭୂମିକା ନ ଥିଲେ ଆମେ ବିଷୟଟି ଧରି ପାରିବା ନାହିଁ କିମ୍ବା ଶକ୍ତିଶାଳୀ ଆନ୍ଦୋଳନ ସୃଷ୍ଟି କରିପାରିବା ନାହିଁ । ବର୍ତ୍ତମାନ ସମୟରେ କୃଷକ ସମସ୍ୟା ଭାରତର ସର୍ବାପେକ୍ଷା ଗୁରୁତର ସମସ୍ୟା ଏବଂ ଏହା ସେପରି ରହିବାର ସମ୍ଭାବନା । କିନ୍ତୁ ଶିଳ୍ପୋଦ୍ୟୋଗ ଅପେକ୍ଷାକୃତ କମ୍ ଗୁରୁତର ବିଷୟ ଏବଂ ଏହା ବୃଦ୍ଧି ପାଉଛି । ଆମର ଉଦ୍ଦେଶ୍ୟ କ'ଣ ? ଚୋଟିଏ କୃଷକରାଷ୍ଟ୍ର ନା କଳ କାରଖାନାର ଶ୍ରମିକରାଷ୍ଟ୍ର ? ଆମକୁ ପ୍ରଧାନଭାବରେ କୃଷିକାର୍ଯ୍ୟ କରିବାକୁ ପଡ଼ିବ, କିନ୍ତୁ ମୋର ମନେ ହୁଏ ତାହା ସଙ୍ଗେ ସଙ୍ଗେ ଆମେ ଶିଳ୍ପକୁ ମଧ୍ୟ ଅଗ୍ରସର କରିପାରିବା ।

Digitized by srujanika@gmail.com

ଆମର କଳକାରଖାନାର କର୍ମକର୍ତ୍ତାମାନଙ୍କର ଧାରଣା ଅତି ପୁରୁଣା କାଳର; ସେମାନେ ଆଧୁନିକ ଧରଣର ଯୁକ୍ତିବାଦୀ ନୁହନ୍ତି । ଜନସାଧାରଣ ଏତେ ଦରିଦ୍ର ଯେ ଲାଭଦାୟକ କ୍ରେତାରୂପେ ସେମାନେ ତାଙ୍କୁ ମନେକରନ୍ତି ନାହିଁ ଏବଂ ମଜୁରି ବୃଦ୍ଧି ବା ଶ୍ରମକରିବାର ସମୟ ହ୍ରାସ କରିଦେବା ପ୍ରସ୍ତାବ ବିରୁଦ୍ଧରେ ସେମାନେ ସଂଗ୍ରାମ କରନ୍ତି । ଏବେ ତୁଲା କଳମାନଙ୍କରେ କାର୍ଯ୍ୟ କରିବା ସମୟ ୧୦ ଘଣ୍ଟାରୁ ୯ ଘଣ୍ଟା କରାଯାଇଛି । ସେଥିପାଇଁ ଅହମେଦାବାଦରେ ମିଲମାଲିକମାନେ ଶ୍ରମିକଙ୍କର ମଜୁରି କମାଇ ଦେଇଛନ୍ତି—ଏପରି କି ଠିକା ମଜୁରି ସୁଦ୍ଧା କମ କରି ଦିଆଯାଇଛି । ଏହିରୂପେ କାର୍ଯ୍ୟ କରିବାର ସମୟ କମିବା ସଙ୍ଗେ ସଙ୍ଗେ ଶ୍ରମିକଙ୍କ ଆୟ ବି କମିଯାଇଛି ଏବଂ ଶ୍ରମିକର ଜୀବନଯାତ୍ରା ପ୍ରଣାଳୀ ଅଧିକ ଦରିଦ୍ରତର ହୋଇଛି । ଯାହାହେଉ କାରଖାନାରେ ବୈଜ୍ଞାନିକ ପ୍ରଣାଳୀ ବୃଦ୍ଧି ପାଉଛି, ଶ୍ରମିକ ଉପରେ ଚାପ ବଢ଼ୁଛି ଓ ସେ ଅଧିକ ପରିଶ୍ରମ କରି କ୍ଳାନ୍ତ ହୋଇପଡ଼ୁଛି, ମାତ୍ର ସେହି ଅନୁପାତରେ ତା'ର ବେତନ ବଢ଼ୁନାହିଁ ! କଳକାରଖାନାର ସମଗ୍ର ଦୃଷ୍ଟିକୋଣ ହେଉଛି ଊନବିଂଶ ଶତାବ୍ଦୀର ପ୍ରଥମ ଭାଗର ଦୃଷ୍ଟିକୋଣ । ସେମାନେ ସୁବିଧା ପାଇଲେ ପ୍ରଚୁର ଲାଭ କରନ୍ତି । ଶ୍ରମିକ ଅବସ୍ଥା ପୂର୍ବପରି ଥାଏ; ଦୁର୍ଗତି ଘଟିଲେ ମାଲିକମାନେ ଆପତ୍ତି କରନ୍ତି ଯେ ମଜୁରି ନ କମାଇଲେ ସେମାନେ ଚଳିପାରିବେ ନାହିଁ । ସେମାନେ ଖାଲି ଯେ ସରକାରର ସାହାଯ୍ୟ ପାଆନ୍ତି ତାହା ନୁହେଁ, କିନ୍ତୁ ସାଧାରଣତଃ ଆମର ମଧ୍ୟବିତ୍ତ ଶ୍ରେଣୀର ରାଜନୀତିଜ୍ଞମାନଙ୍କର ସହାନୁଭୂତି ପାଆନ୍ତି । ତଥାପି ଅହମେଦାବାଦର ତୁଲାକଳ ଶ୍ରମିକର ଅବସ୍ଥା ବମ୍ବେ ବା ଅନ୍ୟ ସ୍ଥାନର ସେହିପରି ଶ୍ରମିକଙ୍କ ଅବସ୍ଥା ଅପେକ୍ଷା ଭଲ । ମୋଟାମୋଟି ତୁଲାକଳ ଶ୍ରମିକଙ୍କ ଅବସ୍ଥା କଲିକତାର ଚଟକଳ ଓ ଅନ୍ୟାନ୍ୟ ଖଣି ଶ୍ରମିକଙ୍କ ଅପେକ୍ଷା ଭଲ । ଛୋଟ ଛୋଟ ଅସଂଗଠିତ କଳକାରଖାନାମାନଙ୍କରେ ଥିବା ଶ୍ରମିକଙ୍କ ମଜୁରି ସବୁଠାରୁ କମ । ଝୋଟ ଓ ତୁଲାକଳର ଲକ୍ଷପତିମାନଙ୍କର ପ୍ରାସାଦ, ତାହାର ଜାକଜମକ ଓ ବିଳାସ ସହିତ ସେମାନଙ୍କର ଅର୍ଦ୍ଧନଗ୍ନ ଶ୍ରମିକମାନେ ଯେଉଁ ଭଙ୍ଗା କୁଡ଼ିଆରେ ବାସକରନ୍ତି, ତାହା ତୁଳନା କଲେ ଅନେକ ଶିକ୍ଷାଲାଭ ହୁଏ ।

Digitized by srujanika@gmail.com

ମାତ୍ର ଆମେ ଏହି ଅସାମଞ୍ଜସ୍ୟକୁ ସ୍ୱାଭାବିକ ବୋଲି ଗ୍ରହଣ କରୁ ଏବଂ କୌଣସି ପ୍ରକାରେ ଆମ ହୃଦୟକୁ ସ୍ପର୍ଶ ନ କରି ବା ଏଥିରେ ମୁଗ୍ଧ ନ ହୋଇ ଏହାକୁ ଅତିକ୍ରମ କରି ଚାଲିଯାଉ ।

ମାତ୍ର ଭାରତର କଳକାରଖାନାର ଶ୍ରମିକ ଅବସ୍ଥା ଯାହା ଆର୍ଥିକ ଦୃଷ୍ଟିରୁ କୃଷକ ଅପେକ୍ଷା ତାହା ଅତ୍ୟନ୍ତ ଭଲ । କୃଷକର ଗୋଟିଏ ସୁବିଧା ଅଛି; ସେ ନିର୍ମଳ ବାୟୁରେ ବାହାରେ ଏବଂ ବସ୍ତିର କଦର୍ଯ୍ୟ ଅଧୋଗତିରୁ ରକ୍ଷା ପାଇଥାଏ । ମାତ୍ର ସେ ଏତେ ତଳକୁ ଯାଇଛି ଯେ ଗାନ୍ଧିଜୀଙ୍କ କହିବା ପରି ତାହାର ଏହି ଖୋଲା ପବନ ଥିବା ଗ୍ରାମ "ଗୋବର ଗଦା" ରେ ପରିଣତ ହେଲାଣି । ତା ଭିତରେ ସହଯୋଗ କିମ୍ବା ସମ୍ପ୍ରଦାୟର ମଙ୍ଗଳ ନିମନ୍ତେ ମିଳିତ କାର୍ଯ୍ୟ କରିବାର ଉଦ୍ୟମ ନାହିଁ । ଏଥିପାଇଁ ତାକୁ ନିନ୍ଦା କରିବା ସହଜ, ମାତ୍ର ସେ ଦୁର୍ଭାଗ୍ୟ ଅତିକ୍ରମ କରିବ କ'ଣ ? ଜୀବନ ତାହା ନିକଟରେ ଏକ ଚକ୍ର ଓ ଅବିରାମ ବ୍ୟକ୍ତିଗତ ସଂଗ୍ରାମର କ୍ଷେତ୍ର—ପ୍ରତ୍ୟେକ ଲୋକର ହାତ ତାହା ବିରୁଦ୍ଧରେ ଉଠିଛି । ସେ କପଟ ବନ୍ଧୁ ରହୁଛି ତାହା ଅବିଶ୍ୱାସର ସନ୍ଦେହରୂପେ ରହୁଛି । ଦେଖାଯାଉଛି ପଞ୍ଜାବରେ ୧୯୨୮—୨୯ରେ ଏକ ପ୍ରକାର କୃଷକଙ୍କର ହାରାହାରି ଦୈନିକ ଆୟ ପ୍ରାପ୍ତ ଦୁଇଅଣା ମାତ୍ର । ୧୯୩୦-୩୧ରେ ଏହା ପ୍ରତ୍ୟେକ ଲୋକର ତିନିପଇସା ହୋଇଗଲା । ଯୁକ୍ତପ୍ରଦେଶ, ବିହାର ଏବଂ ବଙ୍ଗଳା ଛଡ଼ା ପଞ୍ଜାବର କୃଷକମାନେ ଅଧିକ ଉନ୍ନତ ବୋଲି ଧରାଯାଏ । ଯୁକ୍ତପ୍ରଦେଶର ପୂର୍ବ ଜିଲ୍ଲାମାନଙ୍କରେ (ଗୋରଖପୁର ଇତ୍ୟାଦି) ଦୁର୍ଭିକ୍ଷ ପୂର୍ବରୁ ଅବସ୍ଥା ଭଲଥିବା ଅବସ୍ଥାରେ ଦୈନିକ କୃଷିମଜୁରି ଥିଲା ଦୁଇଅଣା । ଏହି ଭୟାବହ ଅବସ୍ଥାର ଉନ୍ନତି ଦୟାଳୁ ବ୍ୟକ୍ତିଙ୍କର ଦାନ କିମ୍ବା ସ୍ଥାନୀୟ ଉଦ୍ୟମଦ୍ୱାରା ମଫସଲର ଉନ୍ନତି କରିବା ଅଥବା କହିବା କୃଷକ ଓ ତା'ର ଦୁର୍ଦ୍ଦଶା ପକ୍ଷେ ଗୋଟାଏ ଉପହାସ ମାତ୍ର ।

ଏହି ପଙ୍କ ଶୋଷଣରୁ ଆମେ କିପରି ବାହାରି ପାରିବା ? ପନ୍ଥା ବାହାର କରିବାକୁ ହେବ ସନ୍ଦେହ ନାହିଁ, ଯଦିଓ ଯେଉଁ ଜନସାଧାରଣ ଏତେ ତଳେ ପଡ଼ିଛନ୍ତି ସେମାନଙ୍କୁ ଉଠାଇବା ବଡ଼ କଷ୍ଟକର କାର୍ଯ୍ୟ ।

Digitized by srujanika@gmail.com

ମାତ୍ର ପ୍ରକୃତ ଅସୁବିଧା ଆସେ ପରିବର୍ତ୍ତନ—ବିରୋଧୀ ସ୍ୱାର୍ଥପର ଗୋଷ୍ଠୀଙ୍କ ଲାଗି ଏବଂ ସାମ୍ରାଜ୍ୟବାଦୀ କଣ୍ଟିନ୍ଭିରେ ପରିବର୍ତ୍ତନ ସମସ୍ୟା ବାହାର ପରି ମନେ ହୁଏ । ଆଗାମୀ ବର୍ଷମାନଙ୍କରେ ଭାରତ କେଉଁ ଦିଗରେ ଦୃଷ୍ଟିପାତ କରିବ ? ଏହି ଯୁଗରେ କମ୍ୟୁନିଜମ୍ ଓ ଫାସିଜମ୍ ପ୍ରଧାନ ଭାବରେ ପ୍ରଚଳିତ—ମଧ୍ୟବର୍ତ୍ତୀ ମତବାଦ କିମ୍ବା ଦୋଳାୟମାନ ଦଳସବୁ କ୍ରମେ ଲୋପ ପାଇଯାଉଛନ୍ତି । ସାର୍ ମାଲକମ୍ ହେଲେନ ଭବିଷ୍ୟତବାଣୀ କରିଛନ୍ତି ଯେ ଭାରତ ଜାତୀୟ ସାମ୍ୟବାଦ ଗ୍ରହଣ କରିବ ଅର୍ଥାତ୍ ଏକପ୍ରକାର ଫାସିଜମ୍ ହେବ । ସମ୍ଭବତଃ ନିକଟ ଭବିଷ୍ୟତ କଥା ଦେଖିଲେ ତାଙ୍କ କଥା ଠିକ୍ । ଭାରତରେ ବିଶେଷତଃ ବଙ୍ଗଳାରେ ଯୁବକ ଯୁବତୀଙ୍କ ଭିତରେ ଫାସିଷ୍ଟ ପ୍ରବୃତ୍ତି ପରିସ୍ଫୁଟରୂପେ ଦୃଷ୍ଟିଗୋଚର ହେଉଛି; କିନ୍ତୁ କେତେକ ପରିମାଣରେ ପ୍ରତ୍ୟେକ ପ୍ରଦେଶରେ ମଧ୍ୟ ଦେଖାଯାଉଛି ଏବଂ କଂଗ୍ରେସ ଏହା ପ୍ରତିଫଳିତ ହେବାକୁ ଆରମ୍ଭ କରିଛି । ଫାସିଜମ୍ ଚରମ ହିଂସା ସହିତ ଘନିଷ୍ଠଭାବରେ ମିଶ୍ରିତ ହୋଇଥିବାରୁ କଂଗ୍ରେସର ପ୍ରବୀଣ ବୃଦ୍ଧ ନେତାମାନେ ଅହିଂସା ଗ୍ରହଣ କରିଥିବାରୁ ଏଥିପ୍ରତି ଗୋଟାଏ ଆତଙ୍କ ଭାବ ରହିବା ସ୍ୱାଭାବିକ । ମାତ୍ର ଫାସିଜମ୍‌ର ତଥାକଥିତ ଦାର୍ଶନିକ ତତ୍ତ୍ୱ —ସମବାୟ ସୃଷ୍ଟି ହେବ; ସେଥିରେ ବ୍ୟକ୍ତିଗତ ସମ୍ପତ୍ତି ସୁରକ୍ଷିତ ହେବ; ନ୍ୟସ୍ତସ୍ୱାର୍ଥଙ୍କ ଅହମିକା ଭାଙ୍ଗି ଦିଆଯିବ; ମାତ୍ର ସେମାନେ ଲୋପ ପାଇବେ ନାହିଁ—ଏହି ଭାବକୁ ସେମାନେ ହୁଏତ ପସନ୍ଦ କରିବେ । ପ୍ରଥମ ଦୃଷ୍ଟିରେ ପୁରୁଣାକୁ ରକ୍ଷା କରି ସୁଦ୍ଧା ନୂତନ ପାଇବାରେ ଏହା ଗୋଟିଏ ସୁବର୍ଣ୍ଣ ପଥ ପରି ମନେହୁଏ । ମାତ୍ର ଏକସଙ୍ଗରେ ପିଠା ତିଆରି କରି ଖାଇବା ସମ୍ଭବ କି ନା ତାହା ଦୁସରା କଥା ।

କିନ୍ତୁ ସ୍ୱାଭାବିକ ଭାବରେ ପ୍ରକୃତରୂପେ ଫାସିଜମ୍ ଅଗ୍ରସର ହେବ ମଧ୍ୟବିତ୍ତ ଶ୍ରେଣୀର ଯୁବକମାନଙ୍କ ଦ୍ୱାରା । ପ୍ରକୃତରେ ବର୍ତ୍ତମାନ ଭାରତରେ ମଧ୍ୟବିତ୍ତ ଶ୍ରେଣୀହିଁ ଆଂଶିକଭାବରେ ବିପ୍ଳବୀ, କୃଷକ ବା ଶ୍ରମିକ ସେତେ ନୁହନ୍ତି, ଯଦି କଳକାରଖାନାର ଶ୍ରମିକଙ୍କଠାରେ ଏହି ଚେତନାର ସମ୍ଭାବନା ଅଧିକ । ଫାସିଷ୍ଟ ମତବାଦ ପ୍ରଚାରପାଇଁ ଏହି ଜାତୀୟବାଦୀ ମଧ୍ୟବିତ୍ତ ଶ୍ରେଣୀ

Digitized by srujanika@gmail.com

ହେଉଛନ୍ତି ଅନୁକୂଳ କ୍ଷେତ୍ର । ମାତ୍ର ଏଠାରେ ଯେ ପର୍ଯ୍ୟନ୍ତ ବିଦେଶୀ ଶାସନ ଅଛି, ସେପର୍ଯ୍ୟନ୍ତ ଇଉରୋପରେ ହେଲପରି ଏଠାରେ ଫାସିଜିମ୍ ବିସ୍ତାର କରିପାରିବ ନାହିଁ । ଭାରତର ଫାସିଜିମ୍ ଭାରତର ସ୍ୱାଧୀନତା ଦାବୀ କରିବ ଏବଂ ସେଥିପାଇଁ ବ୍ରିଟିଶ ସାମ୍ରାଜ୍ୟବାଦ ସହିତ ଏହା ସହଯୋଗ କରିପାରିବ ନାହିଁ । ଏଥିପାଇଁ ଜନସାଧାରଣଙ୍କର ସମର୍ଥନ ନେବାକୁ ପଡ଼ିବ । ବ୍ରିଟିଶ କର୍ତ୍ତୃତ୍ୱ ଯଦି ସମ୍ପୂର୍ଣ୍ଣରୂପେ ଦୂର ହୋଇଯାଏ, ତେବେ ସମ୍ଭବତଃ ଫାସିଜିମ୍ ଦ୍ରୁତ ବେଗରେ ବୃଦ୍ଧି ପାଇପିବ ଏବଂ ଏହା ନିଶ୍ଚୟ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀ ଓ ନ୍ୟସ୍ତସ୍ୱାର୍ଥଙ୍କର ସମର୍ଥନ ପାଇପାରିବ ।

ମାତ୍ର ବ୍ରିଟିଶ କର୍ତ୍ତୃତ୍ୱ ଶୀଘ୍ର ଯିବାର ସମ୍ଭାବନା ନାହିଁ ଏବଂ ଏଥି ଭିତରେ ବ୍ରିଟିଶ ସରକାରର ଭୀଷଣ ଦମନ ସତ୍ତ୍ୱେ ସୋସିଆଲିଜିମ୍ ଓ କମ୍ୟୁନିଜିମ୍ ଧାରଣା ପ୍ରଚୁର ହେଉଛି । କମ୍ୟୁନିଷ୍ଟ ପାର୍ଟି ଭାରତରେ ବେଆଇନ ହୋଇଛି ଏବଂ ଏହି ଶବ୍ଦକୁ ବହୁଳାଭାବରେ ଅର୍ଥ କରାଯାଏ —ଏହାର ସହାନୁଭୂତିସମ୍ପନ୍ନ ଏବଂ ଅଗ୍ରଗାମୀ କର୍ମପନ୍ଥା ଗ୍ରହଣ କରିଥିବା ଶ୍ରମିକଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯାଏ ।

ଫାସିଜିମ୍ ଓ କମ୍ୟୁନିଜିମ୍ ଭିତରେ ମୋର ସହାନୁଭୂତି ପୂର୍ଣ୍ଣଭାବରେ କମ୍ୟୁନିଜିମ୍ ପ୍ରତି । ମାତ୍ର ଏହି ବହି ପଢ଼ିଲେ ଜଣାଯିବ ମୁଁ କମ୍ୟୁନିଷ୍ଟଙ୍କଠାରୁ ବହୁ ଦୂରରେ । ମୋର ମୂଳ ସମ୍ଭବତଃ ବର୍ତ୍ତମାନ ସୁଦ୍ଧା ଆଂଶିକଭାବରେ ଊନବିଂଶ ଶତାବ୍ଦୀରେ ରହିଛି ଏବଂ ମୁଁ ଏହି ମାନବିକ ଉଦାର ଚିନ୍ତା ପରମ୍ପରାରେ ଏତେ ପ୍ରଭାବିତ ହୋଇଛି ଯେ, ଏଥିରୁ ସମ୍ପୂର୍ଣ୍ଣରୂପେ ଉଦ୍ଧାର ପାଏ ନାହିଁ । ମୋର ବୁର୍ଜୁଆ ଏହି ବୁର୍ଜୋୟା ପୃଷ୍ଠଭୂମି ଦେଖି ଅନେକ କମ୍ୟୁନିଷ୍ଟ ବିରକ୍ତ ହୁଅନ୍ତି । ମୁଁ ଯୁକ୍ତିହୀନ ମତବାଦକୁ ଘୃଣା କରେ; କାର୍ଲ ମାର୍କସ୍‌ଙ୍କ ଲେଖା କିମ୍ବା ଅନ୍ୟ ଲେଖା ସବୁକୁ ଭଗବାନ ପ୍ରେରିତ ଉପଦେଶରୂପେ ବିନା ପ୍ରତିବାଦରେ ଗ୍ରହଣ କରିବାକୁ ହେବ । ଏହା ନ କଲେ ପାଷଣ୍ଡରେ ପରିଣତ ହେବ- ଏହିସବୁ ଆଜିକାଲି କମ୍ୟୁନିଜିମ୍‌ରେ

Digitized by srujanika@gmail.com

ଚୋଟାଏ ଲକ୍ଷରୂପେ ପରିଣତ ହୋଇଛି । ଭୂତରେ ଯାହା ହୋଇଛି ସେଥିରୁ ଅନେକ କଥା ମୁଁ ପସନ୍ଦ କରେ ନା, ବିଶେଷତଃ ସାଧାରଣ ସମୟରେ ସୁଦ୍ଧା ଅତିରିକ୍ତ ହିଂସା ପ୍ରୟୋଗ ମୋର ପସନ୍ଦ ନୁହେଁ । କିନ୍ତୁ ତଥାପି ମୁଁ ଅଧିକରୁ ଅଧିକ ଭାବରେ କମ୍ୟୁନିଷ୍ଟ ଦର୍ଶନ ପ୍ରତି ଅନୁରକ୍ତ ।

ମାର୍କସ୍‌ଙ୍କର କେତେକ ବକ୍ତୃତା ଭୁଲ ହୋଇ ଥାଇପାରେ କିମ୍ବା ତାଙ୍କ ମତବାଦର ମୂଳ ଭୁଲ ହୋଇପାରେ; ଏହା ବିଚାର କରିବାର କ୍ଷମତା ମୋର ନାହିଁ । ମାତ୍ର ସାମାଜିକ ସମସ୍ୟାରେ ତାଙ୍କର ସମ୍ପୂର୍ଣ୍ଣ ଅସାଧାରଣ ଅନ୍ତର୍ଦୃଷ୍ଟି ଥିଲା ଏବଂ ବୈଜ୍ଞାନିକ ଉପାୟ ଗ୍ରହଣ କରିଥିବାରୁ ଏହି ଦୂରଦୃଷ୍ଟି ସେ ପାଇଥିଲେ । ଏହି ଭାବରେ ଏହି ଅତୀତ ଇତିହାସ ଏବଂ ପ୍ରଚଳିତ ଘଟଣା ସବୁ ଆଲୋଚନା କଲେ ଅନ୍ୟ ଯେ କୌଣସି ଚିନ୍ତା ଛଡ଼ା ଅଧିକ ଭଲଭାବରେ ବୁଝିବାରେ ଏହା ଆମକୁ ସାହାଯ୍ୟ କରେ ଏବଂ ଏହି କାରଣରୁ ହିଁ ଅଧୁନିକ ଦୁନିଆରେ ହେଉଥିବା ପରିବର୍ତ୍ତନର ଅତି ତୀକ୍ଷ୍ଣ ବିଶ୍ଳେଷଣ ସବୁ ମାର୍କସପନ୍ଥୀ ଲେଖକମାନେ କରିଥାନ୍ତି । ମାର୍କସ୍ କେତେକ ପରେ ଘଟିଥିବା ପ୍ରବୃତ୍ତିକୁ ଉପେକ୍ଷା କରିଥିବା ବା ଅଳ୍ପ ଗୁରୁତ୍ୱ ଦେଇଛନ୍ତି ବୋଲି କହିବା ସହଜ, ଯଥା ଆଜିକାଲି ମଧ୍ୟବିତ୍ତ ଶ୍ରେଣୀଙ୍କ ଭିତରେ ଯେଉଁ ବିପ୍ଳବ ଭାବ ଦେଖାଯାଉଛି ତାହା ସେ ଲେଖି ନ ଥିଲେ । ମାତ୍ର ମାର୍କସ୍‌ବାଦର ପ୍ରକୃତ ମୂଲ୍ୟ ହେଉଛି ମୋ ମତରେ—ଏଥିରେ ମୁକ୍ତିହୀନ ମତବାଦ ନାହିଁ—ଗୋଟିଏ ବିଶେଷ ଦୃଷ୍ଟିକୋଣ ଏବଂ ବିଶିଷ୍ଟ ବିଚାର ପ୍ରଣାଳୀ କିମ୍ବା କାର୍ଯ୍ୟ ପ୍ରତି ଏକପ୍ରକାର ମନୋଭାବ ଉପରେ ଏହା ଜୋର ଦିଏ ନାହିଁ । ଏହି ଦୃଷ୍ଟିକୋଣ ଆମର ନିଜ କାଳର ସାମାଜିକ ଅବସ୍ଥା ବୁଝିବାରେ ସାହାଯ୍ୟକରେ ଏବଂ ଏଥିରୁ ବାହାର ପାଇବା ଓ କାର୍ଯ୍ୟ କରିବାର ଉପାୟ ଦେଖାଇଦିଏ ।

ଏପରି କି ଏହି କାର୍ଯ୍ୟ ପ୍ରଣାଳୀର କୌଣସି ନିର୍ଦ୍ଦିଷ୍ଟ ଏବଂ ଅପରିବର୍ତ୍ତନୀୟ ପଥ ନାହିଁ, ମାତ୍ର ଅବସ୍ଥା ସହିତ ଖାପ ଖାଇବାକୁ ହୁଏ ।

Digitized by srujanika@gmail.com

ତାହା ଅନ୍ତତଃ ଲେନିନଙ୍କର ମତ ଥିଲା ଏବଂ ପରିବର୍ତ୍ତିତ ପରିସ୍ଥିତି ସହିତ ଅତି ଶତିଶୀଳ ଭାବରେ ସାମଞ୍ଜସ୍ୟ କରିପାରି ସେ ତା'ର ଯଥାର୍ଥତା ଦେଖାଇ-ଥିଲେ । ସେ କହିଛନ୍ତି "କୌଣସି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ କୌଣସି ବାସ୍ତବ ଅବସ୍ଥାର ଗଭୀର ସମ୍ପୃକ୍ତ ଭାବରେ ପରୀକ୍ଷା ନ କରି ସଂଗ୍ରାମର ନିର୍ଦ୍ଦିଷ୍ଟ ପଥ ସମ୍ବନ୍ଧରେ 'ହଁ' ବା 'ନାହିଁ' କହିବାକୁ ଚେଷ୍ଟା କରିବା ଅର୍ଥ ହେଉଛି ମାର୍କସ୍ ମତବାଦରୁ ଏକଦମ୍ ଦୂରରେ ରହିବା ।" ସେ ପୁଣି କହିଥିଲେ— "କୌଣସି ଜିନିଷ ଚରମ ନୁହେଁ । ପରିସ୍ଥିତିରୁ ଆମକୁ ସର୍ବଦା ଶିକ୍ଷା କରିବାକୁ ହେବ ।"

ଏହି ସମ୍ପୃକ୍ତ ଓ ବ୍ୟାପକ ଦୃଷ୍ଟିକୋଣ ହେତୁ ପ୍ରକୃତ କମ୍ୟୁନିଷ୍ଟ ସାମାଜିକ ଜୀବନର ମୂଳ ତତ୍ତ୍ୱ ଧରି ପ୍ରକୃତରୂପେ ବୁଝିପାରେ । ତା ନିକଟରେ ରାଜନୀତି କେବଳ ସୁବିଧାବାଦ ବା ଅନ୍ଧାରରେ ବାଡ଼ି ଘୂରାଇବା ଜିନିଷ ହୋଇ ରହେ ନା । ଯେଉଁ ଆଦର୍ଶ ଓ ଲକ୍ଷ୍ୟ ପାଇଁ ସେ କାର୍ଯ୍ୟ କରେ, ସେଥିରେ ସଂଗ୍ରାମ ଅର୍ଥପୂର୍ଣ୍ଣ ହୋଇପଡ଼େ ଏବଂ ସେ ସ୍ୱେଚ୍ଛାକ୍ରମେ ତ୍ୟାଗ ସ୍ୱୀକାର କରେ । ମାନବସମାଜର ଭାଗ୍ୟ ଫେରାଇ ଆଣିବା ନିମନ୍ତେ ଲଢ଼ୁଥିବା ବିରାଟ ସୈନ୍ୟବାହିନୀର ସେ ଏକ ଅଙ୍ଗ ବୋଲି ଅନୁଭବ କରେ ଏବଂ "ଇତିହାସ ସହିତ ସମାନ ପଦକ୍ଷେପରେ" ସେ ଚାଲୁଥିବା ଭାବ ବୋଧ କରେ ।

ସମ୍ଭବତଃ ଅଧିକାଂଶ କମ୍ୟୁନିଷ୍ଟ ଏହି ଭାବରେ ଅନୁପ୍ରାଣିତ ହୁଅନ୍ତି ନାହିଁ । ସମ୍ଭବତଃ କେବଳ ଜଣେ ଲେନିନ ହିଁ ଜୀବନର ମୂଳତତ୍ତ୍ୱକୁ ପୂର୍ଣ୍ଣଭାବରେ ଉପଲବ୍ଧି କରିପାରିଥିଲେ, ସେଥିଲାଗି ତାଙ୍କ କାର୍ଯ୍ୟ ଏପରି ଫଳପ୍ରଦ ହୋଇପାରିଥିଲା; ମାତ୍ର କମ୍ ପରିମାଣରେ ହେଲେ ସୁଦ୍ଧା ଆନ୍ଦୋଳନର ଦର୍ଶନକୁ ବୁଝିପାରିଥିବା ପ୍ରତ୍ୟେକ କମ୍ୟୁନିଷ୍ଟର ଏହା ଅଛି ।

ଅନେକ କମ୍ୟୁନିଷ୍ଟଙ୍କ ସହିତ ଆଲୋଚନା ବେଳେ ଧୈର୍ଯ୍ୟ ରକ୍ଷିବା କଷ୍ଟକର । ସେମାନେ ଅନ୍ୟକୁ ଚିଡ଼ାଇ ଦେବାର ବିଚିତ୍ର କୌଶଳ ଶିଖିଛନ୍ତି । କିନ୍ତୁ ସେମାନେ ଅନେକ ଆଘାତ ପାଇଛନ୍ତି ଏବଂ ସୋଭିଏଟ୍

Digitized by srujanika@gmail.com

ଇଉକ୍ରେନ ଛଡ଼ା ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ଅସୁବିଧା ଭିତରେ ସେମାନଙ୍କୁ ଲଢ଼ିବାକୁ ପଡ଼ୁଛି । ସେମାନଙ୍କର ଅଦ୍ଭୁତ ସାହସ ଓ ତ୍ୟାଗ କରିବା ଶକ୍ତିକୁ ମୁଁ ସର୍ବଦା ପ୍ରଶଂସା କରେ । ସେମାନେ ଅଗଣିତ ଦରକାରୀ ନାନାପ୍ରକାର ଯାତନା ସହ୍ୟ କରି ଘୋର କଷ୍ଟ ସହନ୍ତି, ମାତ୍ର ସେମାନେ ଏକ ଅପମାନକର ସର୍ବଶକ୍ତିମାନ ଭାଗ୍ୟକୁ ଅନ୍ଧଭାବରେ ଗ୍ରହଣ କରନ୍ତି ନାହିଁ । ସେମାନେ ମଣିଷର ଦୁଃଖ ସହନ୍ତି ଏବଂ ଏହି ଦୁଃଖବରଣର ଶୋଚନୀୟତା ଭିତରେ ଗୋଟାଏ ମହିମା ଥାଏ ।

ରୁଷର ସାମ୍ରାଜ୍ୟଗଠନର ପରୀକ୍ଷାମୂଳକ ବ୍ୟବସ୍ଥାର ସଫଳତା ବା ନିଷ୍ଫଳତା ପ୍ରତ୍ୟକ୍ଷଭାବରେ ମାର୍କସ୍ ମତବାଦର ସତ୍ୟତାକୁ ସ୍ପର୍ଶ କରେ ନା । ଏହା କଳ୍ପନା କରାଯାଇ ପାରେ—ଯଦି ଏହା ଅସମ୍ଭବ ମନେ ହେଉଛି—ଯେ କୌଣସି ଅପ୍ରତ୍ୟାଶିତ ପରିସ୍ଥିତି ଫଳରେ କିମ୍ବା ମିଳିତ ଶକ୍ତିର କ୍ଷମତାରେ ଏହା ଓଲଟି ଯାଇପାରେ । କିନ୍ତୁ ଏହି ବିରାଟ ସମାଜର ବିଦ୍ରୋହର ମୂଲ୍ୟ ତଥାପି ରହିଥିବ । ସେଠାରେ ଯାହା ଘଟିଛି ସେଥିପ୍ରତି ମୋର ଗୋଟାଏ ପ୍ରକୃତିଗତ ନାପସନ୍ଦ ଭାବ ଥିବା ସତ୍ତ୍ୱେ, ମୁଁ ବୋଧକରେ ଯେ ଏହା ଜଗତର ସବୁଠାରୁ ବଡ଼ ଆଶା । ମୁଁ ଯଥେଷ୍ଟ ଜାଣେ ନାହିଁ ଏବଂ ମୁଁ ସେମାନଙ୍କ କାର୍ଯ୍ୟ ବିଚାର କରିବା ଅବସ୍ଥାରେ ନାହିଁ । ମୋର ପ୍ରଧାନ ଭୟ ଯେ ଅତିରିକ୍ତ ହିଂସା ଓ ଦମନ ଏହାର ପଶ୍ଚାତ୍‌ରେ ଥିବାରୁ ଏଥି ସହିତ ଅନେକ ଅନ୍ୟାୟ ଆସିଯାଇପାରେ ଯାହା ଦୂର କରିବା କଷ୍ଟକର ହୋଇପାରେ । ମାତ୍ର ରୁଷର ବର୍ତ୍ତମାନ ପରିଚାଳକବର୍ଗଙ୍କ ଅନୁକୂଳରେ ପ୍ରଧାନ କଥା ହେଉଛି ସେମାନେ ତାଙ୍କ ଭୁଲକୁ ଶିକ୍ଷାକରିବା ନିମନ୍ତେ ଭୟ କରୁନାହାନ୍ତି । ସେମାନେ ପଛକୁ ପଦକ୍ଷେପ କରି ପୁଣି ନୂଆ କରି ଗଢ଼ିପାରନ୍ତି । ସର୍ବଦା ସେମାନେ ସେମାନଙ୍କ ସମ୍ମୁଖରେ ଆଦର୍ଶକୁ ରଖିଛନ୍ତି । ଅନ୍ୟ ଦେଶମାନଙ୍କରେ କମ୍ୟୁନିଷ୍ଟ ଇଣ୍ଟରନେସନାଲ ଜରିଆରେ ସେମାନଙ୍କ କାର୍ଯ୍ୟ ସବୁ ନିଷ୍ଫଳ ହୋଇଛି, ସମ୍ଭବତଃ ଆଜିକାଲି ଏହିସବୁ କାର୍ଯ୍ୟ ବହୁତ କମାଇ ଦିଆ ଯାଇଛି ।

ଭାରତ ପ୍ରତି ଦୃଷ୍ଟିପାତ କଲେ, ବାହାରଦେଖଣାସବୁର ଗଢ଼ଣଥକୁ ଟପିଲ ନ କଲେ ଏଠାରେ କମ୍ୟୁନିଜମ୍ ଓ ସୋସାଲିଜମ୍ ଗୋଟିଏ ସୁଦୂର ଚିନ୍ତାର ପରି ମନେହୁଏ । ଆମର ସମସ୍ୟା 'କମ୍ୟୁନିଜିମ' ନୁହେଁ । ମାତ୍ର ଏହା ସହିତ ଆଉ ଗୋଟିଏ ଦୁଇଟି ଅକ୍ଷର ଯୋଡ଼ିଦେଇ "କମ୍ୟୁନାଲିଜିମ୍" ଅର୍ଥାତ୍ ସାଂପ୍ରଦାୟିକତାର ସମ୍ମୁଖୀନ ହେବାକୁ ହେବ । ସମ୍ପ୍ରଦାୟ ହିସାବରେ ଭାରତ ବର୍ତ୍ତିମାନ ସୁଦ୍ଧା ଅନ୍ଧକାର ରାଜ୍ୟରେ ଅଛି । କାର୍ଯ୍ୟଦକ୍ଷ ଲୋକଙ୍କ ଅତି ସାମାନ୍ୟ କଥା, ଷଡ଼ଯନ୍ତ୍ର, କୁଚକ୍ରରେ ନିଜର ଶକ୍ତି ଅପଚୟ କରି ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଅତିକ୍ରମ କରିବାକୁ ଚାହାଁନ୍ତି । ପୃଥିବୀରୁ ଏକ ଉତ୍ତମ ଏବଂ ଉଜ୍ଜ୍ୱଳ ସ୍ଥାନ କରିବାର ଚେଷ୍ଟା ଖୁବ୍ ଅଳ୍ପ ଲୋକେ କରନ୍ତି । ବୋଧହୁଏ ଏହା ଏକ କ୍ଷଣସ୍ଥାୟୀ ଅବସ୍ଥା—ଶୀଘ୍ର ଦୂର ହୋଇଯିବ ।

ଅତନ୍ତଃ କଂଗ୍ରେସ ଏହି ସାମ୍ପ୍ରଦାୟିକ ଅନ୍ଧକାରରୁ ଅନେକ ପରିମାଣରେ ଦୂରରେ ରହିଛି, ମାତ୍ର ଏହାର ଦୃଷ୍ଟିକୋଣ ହେଉଛି 'ପେଟି ବୁର୍ଜୋୟା' ଶ୍ରେଣୀର । ଏହା'ର ଓ ଅନ୍ୟାନ୍ୟ ସମସ୍ୟାର ପ୍ରତିକାର ଏହା 'ପେଟି ବୁର୍ଜୋୟା' ଦୃଷ୍ଟିରୁ ଦେଖେ ! ଏପରି ଭାବରେ ଏହା ସଫଳ ହେବା ସମ୍ଭବ ନୁହେଁ । ଏହା ଆଜି ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ପ୍ରତିନିଧିତ୍ୱ କରେ, କାରଣ ବର୍ତ୍ତିମାନ ଏହାହିଁ ଅତ୍ୟନ୍ତ ସଚେତନ ଓ ବିପ୍ଳବୀ ଶ୍ରେଣୀ । ମାତ୍ର ତଥାପି ଏହା ଯେପରି ଗୁରୁତର ପରି ମନେ ହେଉଛି ତାହା ସେପରି ନୁହେଁ । ଏହା ଦୁଇଆଡ଼ୁ ଚାପ ଖାଉଛି—ଏକପକ୍ଷ ଦୃଢ଼ଭାବରେ ସଙ୍ଘବଦ୍ଧ, ଅନ୍ୟପକ୍ଷ ବର୍ତ୍ତିମାନ ସୁଦ୍ଧା ଦୁର୍ବଳ ଥିଲେ ସୁଦ୍ଧା ଦ୍ରୁତଗତିରେ ଅଗ୍ରସର ହେଉଛି । ବର୍ତ୍ତମାନ ଏହାର ଅସ୍ତିତ୍ୱ ସଂକଟମୟ ହୋଇ ପଡ଼ୁଛି । ଭବିଷ୍ୟତରେ ଏହାର କ'ଣ ହେବ କହିବା କଷ୍ଟକର । ଏହା ଜାତିର ସ୍ୱାଧୀନତା ହାସଲ କରିବାର ଐତିହାସିକ କାର୍ଯ୍ୟ ପୂର୍ତ୍ତି କରିବା ପୂର୍ବରୁ ସଂଘବଦ୍ଧ ଶକ୍ତି ପାଖକୁ ଆଉଜି ପାରିବ ନାହିଁ । ମାତ୍ର ଏହା ଏଥିରେ ସଫଳ ହେବା ପୂର୍ବରୁ ଅନ୍ୟ ଶକ୍ତିସବୁ ଶକ୍ତିଶାଳୀ ହୋଇ ଉଠି-ପାରନ୍ତି ଏବଂ ସେମାନଙ୍କ ହାତରେ ଏହା ଉପରେ ପ୍ରଭାବ ପକାଇ ପାରନ୍ତି କିମ୍ବା କ୍ରମେ ଏହାକୁ ସ୍ଥାନାନ୍ତରିତ କରିପାରନ୍ତି । ତାହାହେଉ ଏହା ସମ୍ଭବ-

Digitized by srujanika@gmail.com

ପର ମନେ ହେଉଛି ଯେ ଯେପର୍ଯ୍ୟନ୍ତ ବହୁପରିମାଣରେ ଜାତୀୟ ସ୍ୱାଧୀନତା ହାସଲ ନ ହୋଇଛି ସେ ପର୍ଯ୍ୟନ୍ତ ଭାରତରେ କଂଗ୍ରେସ ପ୍ରଧାନଶକ୍ତି ଭାବରେ କାର୍ଯ୍ୟ କରିବ ।

କୌଣସି ହିଂସାମୂଳକ କାର୍ଯ୍ୟର ପ୍ରଶ୍ନ ଉଠିପାରେ ନା—ଏହା ଅଦରକାରୀ ଏବଂ ଦଣ୍ଡ ଚେଷ୍ଟା ମାତ୍ର । ନିଷ୍ଫଳ ଏବଂ ଆକସ୍ମିକ ବହୁଳ ହିଂସା କାର୍ଯ୍ୟ ସତ୍ତ୍ୱେ ମୋର ମନେହୁଏ ଭାରତରେ ସାଧାରଣତଃ ଏହି ମତକୁ ସ୍ୱୀକାର କରନ୍ତି । ହିଂସା ପଥରେ ଗଲେ ଆମେ କେଉଁଠିକି ଯାଇ ପାରିବା ନାହିଁ—ଏହା ଆମକୁ ଏପରି ଅଧଃଶକ୍ତି ଭାବରେ ହିଂସା ଓ ପ୍ରତିହିଂସାର ଗୋଲକଧନ୍ଦାରେ ପକାଇବ ଯେଉଁଥିରୁ ବାହାରିବା ଆମ ପକ୍ଷରେ ଅସମ୍ଭବ ହୋଇ ପଡ଼ିବ ।

ଆମେ ବାରମ୍ବାର ଶୁଣୁ ଯେ ଆମକୁ ନିଜ ଭିତରେ ଏକତା ଆଣିବାକୁ ହେବ ଏବଂ 'ସମ୍ମିଳିତ ଯାତ୍ରା' (United Front) ଦେବାକୁ ହେବ । ଶ୍ରୀମତୀ ସରୋଜିନୀ ନାଇଡୁ ତାଙ୍କ କବିତ୍ୱପୂର୍ଣ୍ଣ ଜ୍ୱାଳାମୟୀ ଭାଷାରେ ଏହି ମତପାଇଁ ଆହ୍ୱାନ କରନ୍ତି । ସେ ଜଣେ କବି ଏବଂ ସାମଞ୍ଜସ୍ୟ ଓ ସୌହାର୍ଦ୍ଦ୍ୟର ସୌନ୍ଦର୍ଯ୍ୟ ଉପରେ ଜୋର ଦେବାରେ ସମର୍ଥ । 'ସମ୍ମିଳିତ ଯାତ୍ରା' ସର୍ବଦା ବାଞ୍ଛନୀୟ, ମାତ୍ର ଯଦି ଏହା ଯଥାର୍ଥ ହୋଇଥାଏ । ମାତ୍ର ଏହି ଶବ୍ଦ ଆଲୋଚନା କଲେ ଏହି ଅର୍ଥ ବାହାରୁଛି, ଉପରେ ଥିବା କେତେକ ବ୍ୟକ୍ତିବିଶେଷଙ୍କ ସହିତ ଗୋଟାଏ ଚୁକ୍ତି ବା ମିଳାମିଶା କରିବା । ଏପରି ମିଶ୍ରଣ ଫଳରେ ଅତି ସତର୍କ ଓ ମଡରେଟ୍ ପନ୍ଥୀମାନେ ଆମର ଉଦ୍ଦେଶ୍ୟ ସ୍ଥିର କରିବେ ଏବଂ ଅଗ୍ରଗତି ମନ୍ଥର କରିବେ । ସେମାନଙ୍କ ଭିତରୁ କେତେକ କୌଣସି ପ୍ରକାର ଆନ୍ଦୋଳନ ପସନ୍ଦ କରନ୍ତି ନାହିଁ, ଏହା ଜଣାଶୁଣା । ତେଣୁ ଏହା ଫଳରେ ଗୋଟାଏ ଐକ୍ୟବଦ୍ଧ ନିସ୍ତବ୍ଧତା, ସମ୍ମିଳିତ ଯାତ୍ରା ପରିବର୍ତ୍ତେ ସମ୍ମିଳିତ ଓ ବ୍ୟାପକଭାବରେ ପଶ୍ଚାତ୍‌ଗମନ ଦେଖାଯିବ ।

Digitized by srujanika@gmail.com

ଅବଶ୍ୟ ଆମେ ଅନ୍ୟମାନଙ୍କ ସହିତ ସହଯୋଗ ବା ମିଳାମିଶା କରିବା ନାହିଁ ବୋଲି କହିବାଟା ଅର୍ଥହୀନ । ଆମର ଜୀବନ ଓ ରାଜନୀତି ଏତେ ଜଟିଳ ଯେ ସବୁଦା ସିଧା ସଳଖ ଭାବରେ ଲୋକ ଚିନ୍ତା କରି ପାରେ ନା । ଏପରିକି ଲେନିନ ସୁଦ୍ଧା କହିଥିଲେ "ବିନା ମିଳାମିଶାରେ ନିଜ ପଥରୁ ଟିକିଏ ନ ଫେରି ଅଗ୍ରସର ହେବା ହେଉଛି ବୌଦ୍ଧିକ ଅର୍ବାଚୀନତା ଏବଂ ଏହା ବିପ୍ଳବୀ ଶ୍ରେଣୀର ଗୁରୁତର କୌଶଳ ତ୍ରୁଟି ।" ମିଳାମିଶା ହେବାକୁ ବାଧ୍ୟ ଏବଂ ସେ ବିଷୟରେ ବେଶୀ ଛାନ୍ଦି ହେବା ଦରକାର ନାହିଁ । ମାତ୍ର ଆମେ ମିଳାମିଶା କରୁ କିମ୍ବା କହିବାକୁ ଅସ୍ୱୀକାର କରୁ ପଛକେ, ପ୍ରଧାନ ବିଷୟସବୁ ସବୁଦା ଆଗରେ ରଖିବା ଉଚିତ ଏବଂ ଗୌଣ କଥା ଯେପରି ତା ଆଗରୁ ଆସି ପ୍ରଥମ ସ୍ଥାନ ନ ନିଏ । ଆମର ଯଦି ନୀତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପରିଷ୍କାର ଧାରଣା ଥାଏ, ତେବେ ଅସ୍ଥାୟୀ ମିଳାମିଶାରେ କିଛି କ୍ଷତି ହେବ ନାହିଁ । କିନ୍ତୁ ବିପଦ ପହଞ୍ଚିବ ଯଦି ଆମେ ଆମର ଦୁର୍ବଳ ଭାଇମାନଙ୍କୁ ଅସନ୍ତୁଷ୍ଟ କରିବା ଭୟରେ ଆମର ନୀତି ଓ ଉଦ୍ଦେଶ୍ୟକୁ କଳଙ୍କିତ କରୁ । ଅନ୍ୟକୁ ଅପମାନ ଦେବା ଅପେକ୍ଷା ଭୁଲ ପଥରେ ନେବା ଆହୁରି ଖରାପ ।

ଆଧୁନିକ ଘଟଣା ସମ୍ବନ୍ଧରେ ମୁଁ କେତେକ ପରିମାଣରେ ଅସ୍ପଷ୍ଟ ଓ ପୋଥିଗତ ଆଲୋଚନା କଲି ଏବଂ ଏକ ଅନାସକ୍ତ ଦର୍ଶକ ପରି ବ୍ୟବହାର କରିଛି । ମାତ୍ର କର୍ମର ଆହ୍ୱାନ ଆସିଲେ ମୁଁ ସାଧାରଣତଃ ଦର୍ଶକ ହୋଇ ରହିପାରେନା; ଲୋକେ କହନ୍ତି ମୋର ଅପରାଧ ହେଉଛି ଯେ ବିନା ଉତ୍ତେଜନା ସତ୍ତ୍ୱେ ମୁଁ ନିର୍ବୋଧ ଭାବରେ ଏହି ଭିତରକୁ ଡେଇଁପଡେ । ମୁଁ ଏବେ କ'ଣ କରିବି ? ମୋ ଦେଶବାସୀଙ୍କି କ'ଣ କରିବା ନିମନ୍ତେ ପରାମର୍ଶ ଦେବି ? ସମ୍ଭବତଃ ସାଧାରଣ କାର୍ଯ୍ୟରେ ବ୍ୟସ୍ତ ହୋଇଥିବା ଲୋକେ ନିଜେ କୌଣସି ସମ୍ବନ୍ଧରେ ଆଗରୁ ମତ ପ୍ରକାଶ କରିବା ପୂର୍ବରୁ ସତର୍କ ହୋଇଥାନ୍ତି । କିନ୍ତୁ ସତ୍ୟ କହିବାକୁ ହେଲେ ମୁଁ ପ୍ରକୃତରେ ଜାଣେ ନାହିଁ ଏବଂ ବାହାର କରିବାପାଇଁ ଚେଷ୍ଟା କରେ ନାହିଁ । ମୁଁ ଯଦି କାର୍ଯ୍ୟ କରି ନ ପାରିବି ତେବେ ବ୍ୟସ୍ତ ହେବି କାହିଁକି ?

Digitized by srujanika@gmail.com

ଅନେକ ସମୟରେ ମୁଁ ବହୁପରିମାଣରେ ବ୍ୟତିବ୍ୟସ୍ତ ହୋଇ ଚିନ୍ତାକରେ, ମାତ୍ର ଏହା ଅନିବାର୍ଯ୍ୟ । ଅନ୍ତତଃ ଯେ ପର୍ଯ୍ୟନ୍ତ ମୁଁ ଜେଲଖାନାରେ ଅଛି, ସେ ପର୍ଯ୍ୟନ୍ତ ଜରୁରୀ କାର୍ଯ୍ୟ ସମସ୍ୟାର ସମ୍ମୁଖୀନ ହେବାରୁ ମୁଁ ନିଜକୁ ରକ୍ଷା କରିଛି ।

ଜେଲଖାନାରେ ସବୁ କାର୍ଯ୍ୟ ବହୁ ଦୂରରେ ଥିବାପରି ମନେହୁଏ । ମଣିଷ ଘଟଣାର କର୍ତ୍ତା ନ ହୋଇ ଦର୍ଶକ ହୋଇପଡ଼େ । ଲୋକେ କିଛି ଘଟିବାପାଇଁ ଅପେକ୍ଷା କରି ରହିଥାଏ । ମୁଁ ଭାରତର ଓ ପୃଥିବୀର ରାଜନୈତିକ ଓ ସାମାଜିକ ସମସ୍ୟା ସମ୍ବନ୍ଧରେ ଲେଖୁଛି, କିନ୍ତୁ ମୋର ଏହି ଅମୃତ୍ତ୍ର ଜଗତ ଯେଉଁଠାରେ ମୋତେ ଦୀର୍ଘକାଳ ରହିବାକୁ ହେବ ସେଠାରେ ଏହାର ସମ୍ବନ୍ଧ କ'ଣ ? ବନ୍ଦୀମାନଙ୍କର ଏକମାତ୍ର ପ୍ରଧାନ ଆଗ୍ରହ ହେଉଛି କେଉଁ ତାରିଖରେ ଖଲାସ ହେବ ।

ନୈନି ଜେଲରେ ଓ ଏଠାରେ ଆଲମୋରାରେ ଅନେକ ବନ୍ଦୀ ମୋ ପାଖକୁ ଆସି 'ଜୁଗଲ' ସମ୍ବନ୍ଧରେ ଆଗ୍ରହର ସହିତ ଅନୁସନ୍ଧାନ କରିଛନ୍ତି । ପ୍ରଥମେ ଏହା କ'ଣ ମୁଁ ବୁଝିପାରି ନ ଥିଲି । ପରେ ବୁଝିଲି ଏହା 'ହେଉଛି 'ଜୁବ୍‌ଲି' । ରାଜାର ସୁବର୍ଣ୍ଣ ଜୁବ୍‌ଲି ଉତ୍ସବକୁ ଲକ୍ଷ୍ୟକରି ସେମାନେ ମୋତେ ପଚାରୁଥିଲେ, ସେମାନେ ଏହା କ'ଣ ଜାଣି ନ ଥିଲେ । ଅତୀତ ଘଟଣା ହେତୁ ଏହି ଶବ୍ଦର ଗୋଟିଏ ଅର୍ଥ ତାଙ୍କ ନିକଟରେ ଅଛି— ଏଥିରେ ଜେଲରୁ କେତେ ଆଗ୍ରିଂକ ଲୋକେ ଖଲାସ ହୁଅନ୍ତି କିମ୍ବା ଶାସ୍ତିର ପରିମାଣ ବହୁତ କମ କରିଦିଆଯାଏ । ପ୍ରତ୍ୟେକ ବନ୍ଦୀ ବିଶେଷତଃ ଦୀର୍ଘ ଦିନପାଇଁ ଶାସ୍ତି ଲଭିଥିବା ବନ୍ଦୀମାନେ 'ଜୁବ୍‌ଲି' ପ୍ରତି ଆଗ୍ରହ ଦେଖାଉ-ଥାନ୍ତି । ତାଙ୍କ ପକ୍ଷରେ ଶାସନତନ୍ତ୍ରଗତ ସଂସ୍କାର, ପାର୍ଲିମେଣ୍ଟର ଆଇନ୍, ସୋସିଆଲିଜିମ୍ ଓ କମ୍ୟୁନିଜିମ୍ ଅପେକ୍ଷା 'ଜୁବ୍‌ଲି'ର ଗୁରୁତ୍ୱ ବେଶୀ ।

—o—

Digitized by srujanika@gmail.com

୬୮

ଉପସଂହାର

"ଶ୍ରମ କରିବାର ଅଧିକାର ଆମର ଅଛି, ମାତ୍ର ଆମକୁ ଶ୍ରମ ଶେଷ କରିବାର ଅଧିକାର ଦିଆଯାଇ ନାହିଁ ।"—ତାଲମୁଦ ।

ମୋର ଗଳ୍ପ ଶେଷହେଲା । ମୋର ନିଜ ଜୀବନର, ମୋ ଦ୍ୱାରା କାହାଣୀ ଆଜି ପର୍ଯ୍ୟନ୍ତ ଅର୍ଥାତ ଆଲମୋରା ଜେଲଠାରେ ୧୯୩୫ ମସିହା ଫେବୃୟାରୀ ତା ୧ ରିଖ ପର୍ଯ୍ୟନ୍ତ ପହଞ୍ଚିଛି । ଆଜିଠାରୁ ଛଅମାସ ପୂର୍ବେ ଏହି ଜେଲରେ ମୁଁ ମୋର ୪୫ ବର୍ଷ ଆରମ୍ଭର ଜନ୍ମଦିନ ପାଳନ କରିଥିଲି ଏବଂ ମୋର ମନେହୁଏ ମୋତେ ଆହୁରି ଅନେକ ବର୍ଷ ବଞ୍ଚିବାକୁ ହେବ । ବେଳେ-ବେଳେ ବୟସ ଅଧିକ ହେବା ଭାବ ଏବଂ କ୍ଳାନ୍ତି ବୋଧକରେ, ମାତ୍ର ଅନ୍ୟ ସମୟରେ ମୁଁ ନିଜକୁ ବେଶ୍ ଶକ୍ତିଶାଳୀ ଓ ଜୀବନ୍ତ ମନେକରେ । ମୋର ବେଶ୍ ସୁଗଠିତ ଶରୀର, କୌଣସି ଆଘାତରୁ ମୁକ୍ତ ପାଇବାର କ୍ଷମତା ମୋର ଅଛି; ତେଣୁ ମୁଁ ଅନୁମାନ କରେ କିଛି ଆକସ୍ମିକ ଦୁର୍ଭାଗ୍ୟ ନ ପହଞ୍ଚିଲେ ମୁଁ ଅନେକ ଦିନ ବଞ୍ଚିବି । ମାତ୍ର ଭବିଷ୍ୟତ କଥା ଲେଖିବାକୁ ହେଲେ ମୋତେ ବଞ୍ଚି ରହିବାକୁ ପଡ଼ିବ ।

ମୋର ଦୁଃସାହସିକ କାର୍ଯ୍ୟରେ ବୋଧହୁଏ ସେପରି ଉତ୍ତେଜନା-ମୂଳକ କିଛି ନାହିଁ; ଦୀର୍ଘକାଳ ଜେଲଖାନାରେ ରହିବାଟାକୁ ଦୁଃସାହସିକ କାର୍ଯ୍ୟ ବୋଲି କୁହାଯାଇ ପାରେ ନା । ଏଗୁଡ଼ିକରେ ବିଶେଷତା କିଛି ନାହିଁ, କାରଣ ଏହି ବର୍ଷମାନଙ୍କରେ ମୋ ପରି ମୋ ଦେଶର ଲକ୍ଷ ଲକ୍ଷ ପୁରୁଷ ସ୍ତ୍ରୀ, ଜେଲ ବରଣ କରିଛନ୍ତି ଏବଂ ଏହି ପରିବର୍ତ୍ତିତ ଆଚରଣ, ଆନନ୍ଦ ଓ ବିଷାଦ, ଅତ୍ୟନ୍ତ କର୍ମପ୍ରବଣତା ଓ ଜବରଦସ୍ତି ନିର୍ଜ୍ଜନତା ଆମ ସମସ୍ତଙ୍କ ଭାଗ୍ୟରେ ଘଟିଛି । ମୁଁ ଜନସାଧାରଣଙ୍କ ଭିତରୁ ଜଣେ ।

Digitized by srujanika@gmail.com

ସେମାନଙ୍କ ସହିତ ଚଳି କରନ୍ତି ଏବଂ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି, ବେଳେ ବେଳେ ସେମାନଙ୍କୁ ପରିଚାଳନା କରନ୍ତି; ଅନ୍ୟର ମଧ୍ୟ ବ୍ୟକ୍ତିବିଶେଷ ଭାବରେ ଅନ୍ୟମାନଙ୍କଠାରୁ—ଜନତା ଭିତରୁ ଅଲଗା ହୋଇ ଜୀବନ ଯାପନ କରନ୍ତି । ବେଳେ ବେଳେ ଆମେ ଅଭିନେତା ପରି ମନୋଭାବ ଜାଣିଶୁଣି ଦେଖାଉନ୍ତି, ମାତ୍ର ଆମେ କରିଥିବା ଅନେକ ଘଟଣା ଭିତରେ ବାସ୍ତବତା ଏବଂ ନିବିଡ଼ ସତ୍ୟତା ପୂରି ରହିଛି—ଏହାହିଁ ଆମର କ୍ଷୁଦ୍ର ସ୍ୱାର୍ଥରୁ ଉପରକୁ ଆମକୁ ନେଇଛି—ଆମକୁ ପ୍ରଧାନ କରିଛି ଏବଂ ଅଯଥା ନ ପାଇଲ ପରି ଗୁରୁତ୍ୱ ଆମେ ଲଭିଛେ । ଉପଯୁକ୍ତ ଆଦର୍ଶକୁ କାର୍ଯ୍ୟ ସହିତ ଖାପ ଖୁଆଇବାପାଇଁ ଚେଷ୍ଟାରେ ବେଳେ ବେଳେ ଜୀବନର ପୂର୍ଣ୍ଣ ଅଭିଜ୍ଞତା କରିବାର ସୌଭାଗ୍ୟ ଆମର ହୋଇଛି । ଆମେ ବୁଝି ପାରିଛୁ ଯେ ଅନ୍ୟ କୌଣସି ଜୀବନ ଯାପନ କରିବା ଅର୍ଥ ହେଉଛି ଏହି ଆଦର୍ଶକୁ ତ୍ୟାଗ କରିବା ଏବଂ ପ୍ରବଳ ଶକ୍ତି ନିକଟରେ ବଶତା ସ୍ୱୀକାର କରିବା—ଏଥିରେ ଜୀବନ ଧରିବା ବୃଥା ହୋଇଥାନ୍ତା—ଅସନ୍ତୋଷ ଓ ମାନସିକ ଦୁଃଖ ବଢ଼ିଥାନ୍ତା ।

ଏହି କେତେ ବର୍ଷ ମଧ୍ୟରେ ଅନ୍ୟ କଥା ଭିତରେ ମୁଁ ଗୋଟିଏ ବହୁମୂଲ୍ୟ ଦାନ ପାଇଛି । ମୁଁ ଜୀବନକୁ ଏକ ଦୁଃସାହସିକ ଜିନିଷ-ରୂପେ ଦୃଷ୍ଟିପାତ କରନ୍ତି—ଯେତେ ଅଧିକ ବୁଝିଛି ମନେହୋଇଛି ଏତେ କଥା ଏଥିରେ ଶିଖିବାର ଅଛି । ଏତେ କାର୍ଯ୍ୟ କରିବାର ଅଛି । ବରାବର ମୁଁ ବୃଦ୍ଧି ପାଇବାର ଭାବ ଅନୁଭବ କରୁଛି ଏବଂ ସେ ଭାବ ଏବେ ସୁଦ୍ଧା ସେଠାରେ ଅଛି—ଏହାହିଁ ପ୍ରତିକାର୍ଯ୍ୟରେ ମୋତେ ବଳ ଦିଏ ଏବଂ ମୁଁ ପୁସ୍ତକ ପଢ଼େ ଓ ଜୀବନ ସାର୍ଥକ ହେଉଛି ବୋଲି ସାଧାରଣତଃ ଭାବେ ।

ଏହି ବର୍ଣ୍ଣନାରେ ମୁଁ ପ୍ରତ୍ୟେକ ଘଟଣାରେ ମୋର ଚିନ୍ତା ଓ ଭାବ ଦେବାକୁ, ଯଥାସମ୍ଭବ ସେ ସମୟର ଭାବ ଜଣାଇବାକୁ ଚେଷ୍ଟା କରିଛି । ଅତୀତ ମନୋଭାବ ସବୁ ପୁଣି ଥରେ ଆଣିପାରିବା କଷ୍ଟକର, ଏବଂ

Digitized by srujanika@gmail.com

ପରବର୍ତ୍ତୀ ଘଟଣାସବୁ ବୁଝିପାରିବା ସହଜ ନୁହେଁ । ମୋର ପ୍ରଥମ ଜୀବନର ବର୍ଣ୍ଣନାସବୁ ପରବର୍ତ୍ତୀ ଧାରଣାରେ ରଞ୍ଜିତ ହେବା ଅପରିହାର୍ଯ୍ୟ, ମାତ୍ର ମୁଖ୍ୟଭାବରେ ମୋର ନିଜର ମଙ୍ଗଳ ନିମନ୍ତେ ମୋର ଉଦ୍ଦେଶ୍ୟ ହେଲା ମୋର ନିଜର ଉନ୍ନତିକୁ ଲକ୍ଷ୍ୟ କରିବା । ସମ୍ଭବତଃ ଏଥିରେ ଯାହା ଲେଖିଛି ମୁଁ ଯେ ସେଉଦ୍ଧା ତାହା ନ ହୋଇପାରେ । ମାତ୍ର ବେଳେ-ବେଳେ ମୁଁ କ'ଣ ହେବାକୁ ଚାହୁଁଥିଲି ବା ମୁଁ କ'ଣ ବୋଲି ନିଜକୁ ବିଚାରୁ-ଥିଲି ତାହା ଲେଖା ହୋଇଛି ।

କେତେ ମାସ ତଳେ ସାର ସି. ପି. ରାମସ୍ୱାମୀ ଆୟାର ସାଧାରଣରେ ପ୍ରକାଶ କରିଥିଲେ ଯେ, ମୁଁ ଜନସାଧାରଣଙ୍କ ଭାବପ୍ରକଟ କରେ ନାହିଁ; ମାତ୍ର ମୋର ତ୍ୟାଗ, ଆଦର୍ଶବାଦ ଓ ବିଶ୍ୱାସ ଦୃଢ ଅନୁରକ୍ତି ଯୋଗୁଁ ମୁଁ ଅଧିକ ବିପତ୍ତିଜନକ—ସେ ମୋର ଏହି ଭାବଗୁଡ଼ିକୁ 'ଆତ୍ମମୁଗ୍‌ଧକାରୀ' ବୋଲି କହିଥିଲେ । 'ଆତ୍ମସମ୍ମୋହନ' ରୋଗରେ ପୀଡ଼ିତ ଲୋକ ପ୍ରାୟ ନିଜକୁ ଜାଣି ପାରେ ନା,—ଯାହାହେଉ ଏହି ବ୍ୟକ୍ତିଗତ ବ୍ୟାପାରରେ ମୁଁ ସି.ପି.ଙ୍କ ସହ ଏକମତ ନୁହେଁ । ଆମର ଅନେକବର୍ଷ ହେଲା ସାକ୍ଷାତ ହୋଇନାହିଁ, ମାତ୍ର ଅନେକଦିନ ତଳେ ଏପରି ସମୟ ଥିଲା ଯେତେବେଳେ ଆମେ ଦୁହେଁ ହୋମ୍‌ରୁଲ ଲିଗ୍‌ର ମୁଗ୍ମସମ୍ପାଦକ ଥିଲୁ । ସେହିଦିନଠାରେ ଅନେକ କଥା ଘଟିଛି—ସି. ପି. ଗୋଲକାର ପଥରେ ମୁଣ୍ଡଉପରି ଉପରକୁ ଉଠିଛନ୍ତି—ମୁଁ ଏହି ମାଟିର ଲୋକ ମାଟିରେ ରହିଛି । ଆମେ ଗୋଟିଏ ଦେଶର ଲୋକ ଛଡ଼ା ଆମ ଭିତରେ ଆଉ କୌଣସି ସାମଞ୍ଜସ୍ୟ ନାହିଁ । ଆଜି ସେ ଭାରତରେ ବ୍ରିଟିଶ ଶାସନର ଜଣେ ଅତ୍ୟନ୍ତ ସମର୍ଥକ, ବିଶେଷତଃ ଗତ କେତେ ବର୍ଷ ହେଲା ଭାରତରେ ଓ ଅନ୍ୟତ୍ର ଏକଛତ୍ର ଶାସନର ଧାରକ ଏବଂ ନିଜେ ଗୋଟିଏ ଭାରତୀୟ ଦେଶୀୟ ରାଜ୍ୟର ସ୍ୱେଚ୍ଛାଚାରୀ ଶାସନର ଉଜ୍ଜ୍ୱଳ ଦୃଷ୍ଟାନ୍ତରୂପେ ଶୋଭା ପାଉଛନ୍ତି । ମୋର ମନେହୁଏ ଅନେକ ବିଷୟରେ ଆମେ ଦ୍ୱିମତ, ମାତ୍ର ଗୋଟିଏ ସାମାନ୍ୟ କଥାରେ ଆମର ଏକମତ ଅଛୁ । ମୁଁ ଜନସାଧାରଣଙ୍କ ଭାବ ପ୍ରକଟ କରେ

Digitized by srujanika@gmail.com

ନାହିଁ ବୋଲି ସେ ଠିକ୍ କହୁଛନ୍ତି । ଏ ବିଷୟରେ ମୋର ମଧ୍ୟ କିଛି ମୋହ ନାହିଁ ।

ବାସ୍ତବିକ ମୁଁ ବେଳେ ବେଳେ ଭାବେ ମୁଁ କାହାର ପ୍ରତିନିଧିତ୍ୱ କରେ କି ? ମୁଁ ଭାବେ ମୁଁ କାହାର ପ୍ରତିନିଧି ନୁହେଁ; ଅବଶ୍ୟ ଅନେକଙ୍କର ମୋ ପ୍ରତି ଗୋଟାଏ ସଦୟ ବନ୍ଧୁଭାବ ରହିଛି । ମୁଁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅଦ୍ଭୁତ ସମ୍ମିଶ୍ର, ପ୍ରତ୍ୟେକ ସ୍ଥାନରେ ଅପରିଚିତ । କେଉଁଠି ମୋର ଘର ନାହିଁ । ବୋଧ ହୁଏ ମୋର ଚିନ୍ତା ଓ ଜୀବନପ୍ରତି ଦେଖିବାର ଭଙ୍ଗୀ ପ୍ରାଚ୍ୟଭାବ ଅପେକ୍ଷା ଯାହା ପାଶ୍ଚାତ୍ୟ ବୋଲି କୁହାଯାଏ ସେଥିପ୍ରତି ଅଧିକ ସାମଞ୍ଜସ୍ୟ ରହିଛି—ମାତ୍ର ଅସଂଖ୍ୟ ଉପାୟରେ ଭାରତ ଯେପରି ତା'ର ସନ୍ତାନମାନଙ୍କୁ ଧରି ରଖିଛି ସେହିପରି ମୋତେ ବି ରଖିଛି । ମୋ ପଶ୍ଚାତରେ କେଉଁଠାରେ ଅର୍ଦ୍ଧଚେତନ ଭାବରେ ଶହ ଶହ ବର୍ଷର ଜାତିଗତ ସ୍ମୃତି କିମ୍ବା ସଂଖ୍ୟା ଯାହା ହେଉ ପଛକେ ବଂଶଗତ ସ୍ମୃତି ରହିଛି । ମୁଁ ମୋର ସେହି ମୌଳିକ ସ୍ମୃତି କିମ୍ବା ଆଧୁନିକ ଗୁଣ କାଢ଼ି ଛାଡ଼ି ପାରେନା । ଏସବୁ ମୋ ଜୀବନର ଅଂଶ, ଏବଂ ଏହାର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟରେ ମୋତେ ସାହାଯ୍ୟ କରୁଥିଲେ ସୁଦ୍ଧା ଖାଲି ମୋର ସାଧାରଣ କାର୍ଯ୍ୟ ନୁହେଁ, ମୋର ନିଜ ଜୀବନରେ ମଧ୍ୟ ଗୋଟାଏ ମାନସିକ ନିର୍ଜନତା ସୃଷ୍ଟି କରେ । ମୁଁ ପାଶ୍ଚାତ୍ୟ ଦେଶରେ ଅପରିଚିତ ଓ ବିଦେଶୀ । ମୁଁ ସେ ଦେଶର ହୋଇ ପାରେ ନା । କିନ୍ତୁ ମୋ ନିଜ ଦେଶରେ ମଧ୍ୟ ବେଳେ ବେଳେ ନିଜକୁ ନିର୍ବାସିତ ପରି ମନେ କରେ ।

ସୁଦୂରବର୍ତ୍ତୀ ପର୍ବତମାଳାରେ ପହଞ୍ଚିବା ଓ ଚଢ଼ିବା ସହଜ ମନେହୁଏ—ତା'ର ମସ୍ତକ ଉଜ୍ଜ୍ୱଳ ଦେଖାଯାଏ, ମାତ୍ର ଜଣେ ଚଢ଼ିବା ଆରମ୍ଭ କଲେ ଅସୁବିଧା ସବୁ ଦେଖାଯାଏ ଏବଂ ଲୋକ ଯେତେ ଉଚ୍ଚକୁ ଯାଏ, ଯାତ୍ରା ତେତେ ଶ୍ରମସାଧ୍ୟ ହୋଇପଡ଼େ ଏବଂ ତାହାର ଅଗ୍ରଭାଗ ମେଘମାଳାରେ ଲୁଚି ରହିଯାଏ । ତଥାପି ଚଢ଼ିବାପାଇଁ ଉଦ୍ୟମ କରିବାର ମୂଲ୍ୟ ରହିଛି ଏବଂ ଏଥିରେ ଆନନ୍ଦ ଓ ସନ୍ତୋଷ ରହିଛି । ସମ୍ଭବତଃ

Digitized by srujanika@gmail.com

ପରୀକ୍ଷାମଧ୍ୟ ଜୀବନକୁ ମୂଲ୍ୟ ଦାନ କରେ—ଅନ୍ତିମ ପରୀକ୍ଷା ଏତେ ନୁହେଁ। ଠିକ୍ ବାଟ କ'ଣ ଏହା ଜାଣିବା ଅନେକ ସମୟରେ କଷ୍ଟକର; କ'ଣ ଠିକ୍ ନୁହେଁ ତାହା ଜାଣିବା ଅନେକ ସମୟରେ ସହଜ ଏବଂ ତାହାଠାରୁ ଦୂରରେ ରହିବା ଭଲ। ଅତ୍ୟନ୍ତ ନମ୍ରତାର ସହିତ ମହାନ୍ ସୋକ୍ରେଟିସଙ୍କ ଶେଷକଥା ଏଠାରେ ଉଦ୍ଧାର କରୁଛି "ମୃତ୍ୟୁ କ'ଣ ମୁଁ ଜାଣେ ନା—ଏହା ଭଲ ଜିନିଷ ହୋଇପାରେ: ଏବଂ ସେଥିଲାଗି ମୁଁ ଭୀତ ନୁହେଁ। ମାତ୍ର ମୁଁ ଜାଣେ ଅଜୀତକୁ ଛାଡ଼ିବା ଗୋଟାଏ ଖରାପ ଜିନିଷ ଏବଂ ମୁଁ ଯାହା ଖରାପ ବୋଲି ଜାଣେ ତାହା ଅପେକ୍ଷା ଯାହା ଭଲ ହୋଇପାରେ ତାକୁ ପସନ୍ଦ କରେ।"

ଜେଲରେ ମୁଁ କେତେବର୍ଷ କଟାଇଛି। ଏକାକୀ ବସି ମୁଁ ଚିନ୍ତାରେ ମଗ୍ନ। କେତେ ଋତୁ ଚାଲିଯାଇଛି—ଗୋଟିକପରେ ଗୋଟିଏ ଲୁଚି-ଯାଉଛି। କେତେ ପଥ ଚନ୍ଦ୍ର ଉଜ୍ଜ୍ୱଳ ହୋଇ ପୁଣି ମଉଳି ପଡ଼ୁଥିବାର ଦେଖୁଛି ଏବଂ ଅସଂଖ୍ୟ ତାରକାମାଳା ଚିନା ଗତିରେ ମହିମାମୟ ଶୋଭା ବିକୀରଣ କରି ଗତି କରୁଛନ୍ତି। ମୋ ଜୀବନର କେତେ ଯୌବନ ଏଠାରେ ସମାଧି ପାଇଛି; ବେଳେ ବେଳେ ମୋର ଏହି ଗତଦିନର ସ୍ମୃତି-ଭୂତ ଜାଗିଉଠେ—ତିକ୍ତ ସ୍ମୃତି ମନରେ ଆଣେ ଏବଂ ମୁଁ ମନେ ମନେ ଭାବେ "ଏହାର କ'ଣ କୌଣସି ସାର୍ଥକତା ଅଛି ?" ଏହି ପ୍ରଶ୍ନର ଉତ୍ତର ଦେବାରେ ଦ୍ୱିଧା ନାହିଁ। ମୋତେ ଯଦି ପୁଣି ଥରେ ମୋର ବର୍ତ୍ତମାନ ଜ୍ଞାନ ଓ ଅନୁଭୂତି ସହିତ ମୋର ଜୀବନ ଅତିବାହିତ କରିବା ନିମନ୍ତେ ସୁବିଧା ଦିଆଯାଏ, ତେବେ ମୋର ବ୍ୟକ୍ତିଗତ ଜୀବନରେ ମୁଁ ଅନେକ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବି ଏଥିରେ ସନ୍ଦେହ ନାହିଁ। ମୁଁ ପୂର୍ବରୁ ଯାହା କରିଛି, ତାହାକୁ ଅନେକ ପ୍ରକାରେ ଉନ୍ନତ କରିବା ନିମନ୍ତେ ଚେଷ୍ଟା କରିବି, ମାତ୍ର ସାଧାରଣ ବ୍ୟାପାରରେ ମୋର ପ୍ରଧାନ ସିଦ୍ଧାନ୍ତଗୁଡ଼ିକ ପରିବର୍ତ୍ତନ ହୋଇପାରିବନାହିଁ। ବାସ୍ତବିକ ମୁଁ ସେଗୁଡ଼ିକ ବଦଳାଇପାରେ ନା, କାରଣ ମୋ ଅପେକ୍ଷା ସେଗୁଡ଼ିକ ଅଧିକ ଶକ୍ତିଶାଳୀ, ଏବଂ ମୋର ଆୟତ୍ତ ବାହାରେ ଶକ୍ତି ମୋତେ ଏହା ଗ୍ରହଣ କରିବାକୁ ବାଧ୍ୟ କରିଛି।

Digitized by srujanika@gmail.com

ମୋର ଶାନ୍ତି ହେବାର ଠିକ୍ ଏକବର୍ଷ ହେଲା । ଦୁଇବର୍ଷ ଶାସ୍ତିରୁ ଏ ଜବର୍ଷ ଗତ ହୋଇଗଲା । ଆହୁରି ପୂର୍ଣ୍ଣ ଏକବର୍ଷ ରହିଛି ; କାରଣ ଏଥରକ ମୋର ଅଶୁମ କାରାବାସ ହୋଇଥିବାରୁ ମୁଁ ଆଉ ମାର୍ଜନା (Remisson) ପାଇବି ନାହିଁ । ଏଥରକ ମୁଁ ସେଉଁ ଏତୋଟ ଦିନ ବାହାରେ ଥିଲି ତାହା ଏଥି ସହିତ ଯୋଗ କରି ଦିଆଯାଇଛି । କିନ୍ତୁ ଏବର୍ଷ ମଧ୍ୟ ଅତୀତ ହୋଇଯିବ ଏବଂ ମୁଁ ବାହାରକୁ ଯିବି—ତା'ପରେ କ'ଣ ହେବ ? ମୁଁ ଜାଣେ ନା, ମାତ୍ର ମୋର ଏକ ଭାବ ହେଉଛି ଯେ ମୋର ଜୀବନର ଏକ ଅଧ୍ୟାୟ ଶେଷ ହୋଇଛି ଏବଂ ଆଉ ଏକ ଅଧ୍ୟାୟ ଆରମ୍ଭ ହେବ । ଏହା କ'ଣ ହେବ ମୁଁ ପରିଷ୍କାରରୂପେ ଅନୁମାନ କରିପାରୁନାହିଁ । ଜୀବନ-ପୁସ୍ତକର ପୃଷ୍ଠାଗୁଡ଼ିକ ବନ୍ଦ ଅଛି ।

ପୁନର୍ବାର

ଡେରାଡୁନ୍ ଜେଲର, ସୋଆକ୍ଟ୍ୟାଲଣ୍ଡ୍
ଅକ୍ଟୋବର ୨୫, ୧୯୩୪

ଗତ ମେ ମାସରେ ଇଂଲଣ୍ଡରେ ଅଧିକ ଚିକିତ୍ସା ନିମନ୍ତେ ମୋର ସ୍ତ୍ରୀ ଇଉରୋପ ଗଲା । ସେ ଗଲାପରେ ମୋର ଆଉ ଉର୍ଓ୍ୟାଲ୍ ଦର୍ଶନ ହେଲା ନାହିଁ—ଆଉ ପନ୍ଦର ଦିନରେ ଥରେ ବାହାରକୁ ଯାଇ ପାହାଡ଼ିଆ ରାସ୍ତାରେ ମଟରଯାତ୍ରା ହେଲା ନାହିଁ । ମୁଁ ସେଥିରୁ ବଞ୍ଚିତ ହେଲି ଏବଂ ଆଲମୋଡ଼ା ଜେଲ ମୋତେ ପୂର୍ବାପେକ୍ଷା ଅଧିକ କ୍ଳାନ୍ତିପ୍ରଦ ବୋଧ ହେଲା ।

କ୍ୱେଟା ଭୂମିକମ୍ପ ଖବର ଆସି ପହଞ୍ଚିଲା ଏବଂ କ୍ଷଣକାଳପାଇଁ ଅନ୍ୟସବୁ କଥା ଭୁଲିଗଲି, ମାତ୍ର ବେଶୀଦିନ ଲାଗି ନୁହେଁ ; କାରଣ ଭାରତ ସରକାର ତାକୁ ଓ ତା'ର ଅଦ୍ଭୁତ ଆଚରଣକୁ ଆମକୁ ଭୁଲିଯିବାକୁ ଦିଏ ନାହିଁ । ଅଳ୍ପ ଦିନପରେ ଆମେ ଖବର ପାଇଲୁ ଯେ କଂଗ୍ରେସ ସଭାପତି ରାଜେନ୍ଦ୍ର ପ୍ରସାଦ ଯେ କି ଭୂମିକମ୍ପ ସାହାଯ୍ୟ କାର୍ଯ୍ୟ ସମ୍ବନ୍ଧରେ ଭାରତର ଅନ୍ୟ ଯେ କୌଣସି ଲୋକ ପକ୍ଷରେ ଅଧିକ ଜାଣିଥିଲେ, ତାଙ୍କୁ କ୍ୱେଟା ଯାଇ ରିଲିଫ କାର୍ଯ୍ୟରେ

Digitized by srujanika@gmail.com

ସାହାଯ୍ୟ କରିବା ନିମନ୍ତେ ଅନୁମତି ଦିଆଗଲା ନାହିଁ । ଗାନ୍ଧିଜୀ କିମ୍ବା ଅନ୍ୟ କୌଣସି ମୁଖ୍ୟ ସାଧାରଣ ନେତାଙ୍କୁ ମଧ୍ୟ ଅନୁମତି ଦିଆଗଲା ନାହିଁ । କ୍ୱେଟା ସମ୍ବନ୍ଧରେ ପ୍ରବନ୍ଧ ଲେଖିବାରୁ ଅନେକ ଭାରତୀୟ ସମ୍ବାଦପତ୍ରର ଜମାନତ୍ ଟଙ୍କା ବାଜ୍ୟାପ୍ତି କରାଗଲା ।

ପ୍ରତ୍ୟେକ ସ୍ଥାନରେ, ଆସେମ୍ବ୍ଲିରେ, ସିଭିଲ ଶାସନରେ, ସୀମାନ୍ତରେ ବୋମା ପକାଇବାରେ ସାମରିକ ମନୋଭାବ, ପୁଲିସ ମନୋଭାବ ଦେଖାଯାଏ । ଭାରତରେ ବ୍ରିଟିଶ ସରକାର ଯେପରି ସବୁଦିନେ ଭାରତର ଲୋକଙ୍କ ସନ୍ଦେହ ମୁଦ୍ଦରେ ବ୍ୟାପୃତ ଥିବାପରି ମନେହୁଏ ।

ପୁଲିସ ଏକ ଦରକାରୀ ଓ ଆବଶ୍ୟକୀୟ ଫୌଜ; ମାତ୍ର ପୁଲିସ ଲୋକ ଓ ପୁଲିସର ରେଗୁଲେଶନ୍ ଲଠି ପରିପୂର୍ଣ୍ଣ ସ୍ଥାନ ବୋଧହୁଏ ବାସ କରିବା ପକ୍ଷରେ ବାଞ୍ଛନୀୟ ନୁହେଁ । ଅନେକ ସମୟରେ ଭୁଲାଯାଏ ଯେ ଅଯଥା ଭାବରେ ଶକ୍ତି ପ୍ରୟୋଗ କରାଗଲେ ଯେ ବଳ ପ୍ରୟୋଗ କରେ ତାହାର ଅଧଃପତନ ହୁଏ, ଏବଂ ଏଥିରେ ଯେ ଶିକାର ହୁଏ, ସେ ମଧ୍ୟ ଅପମାନିତ ଓ ଅଧଃପତିତ ହୁଏ । ଆଜିକାଲି ଭାରତର ଉଚ୍ଚ ଚାକିରୀ ମହଲରେ ବିଶେଷତଃ ଭାରତୀୟ ସିଭିଲ ସର୍ଭିସ ଭିତରେ ଯେପରି ନିମ୍ନଧରଣରେ ନୈତିକ ଓ ବୁଦ୍ଧିର ଅଧୋଗତି ହୋଇଛି ତାହା ଅନ୍ୟ କେଉଁଠି ନାହିଁ । ଏହା ଉପରସ୍ଥ କର୍ମଚାରୀଙ୍କଠାରେ ବେଶୀ ଦେଖାଯାଏ ଏବଂ ସମସ୍ତ ଚାକିରୀ ମହଲରେ ଏହା ସୂତ୍ରରୂପେ ଚାଲେ । ଯେତେବେଳେ ଉଚ୍ଚ ପଦବୀରେ ନୂତନ ନିଯୁକ୍ତିପାଇଁ ସମୟ ପଡ଼େ, ସେତେବେଳେ ଏହି ନୂତନ ଭାବ ଯାହାଠାରେ ଉତ୍କୃଷ୍ଟଭାବରେ ଦେଖାଯାଏ ତାଙ୍କୁହିଁ ନିଯୁକ୍ତ କରାଯାଏ ।

ମୋର ସ୍ତ୍ରୀର ଅବସ୍ଥା ଗୁରୁତର ହୋଇଥିବା ଖବର ଆସି ପହଞ୍ଚିବାରୁ ସେପ୍ଟେମ୍ବର ତା ୪ ରିଖରେ ମୋତେ ହଠାତ୍ ଆଲିମୋରା ଜେଲରୁ ଖଲାସ କରିଦିଆଗଲା । ସେ ଜର୍ମାନୀର ବେଡ଼େନ୍‌ୱାଇଲରଠାରେ ଚିକିତ୍ସିତ ହେଉଥିଲା । ମୋର ଶାସ୍ତି 'ସ୍ଥଗିତ'

Digitized by srujanika@gmail.com

ଛିହ୍ନଲ ବୋଲି ମତେ କୁହାଗଲା ଏବଂ ମୁଁ ସାଢ଼େ ୫ ମାସ ଆଗରୁ ଖଲାସ ହେଲି । ମୁଁ ଉଡ଼ାଜାହାଜରେ ୟୁରୋପ ଗଲି ।

ସେତେବେଳେ ସମଗ୍ର ୟୁରୋପ କୋଳାହଳମୟ ଉଚ୍ଛୃଙ୍ଖଳପୂର୍ଣ୍ଣ—ଗ୍ରେଟ୍‌ବ୍ରିଟେନରେ ସର୍ବଦା ଆର୍ଥିକ ସଙ୍କଟ ରହିଛି । ଆବିସିନିଆ ଆକ୍ରମଣ ହେଲା—ସେ ଦେଶର ଅଧିବାସୀଙ୍କ ଉପରେ ବୋମା ନିକ୍ଷେପ କରାଗଲା; ଭିନ୍ନ ସାମ୍ରାଜ୍ୟବାଦୀ ବ୍ୟବସ୍ଥା ସଙ୍ଘର୍ଷରେ ପଡ଼ିଛନ୍ତି—ପରସ୍ପର ପ୍ରତି ଧମକ ଦିଆ ଚାଲିଛି; ଏବଂ ସର୍ବଶ୍ରେଷ୍ଠ ସାମ୍ରାଜ୍ୟବାଦୀ ଶକ୍ତି ଇଂଲଣ୍ଡ ଶାନ୍ତି ଓ ଲିଗର ସମବେତ ନିରାପଦପାଇଁ ଦାବୀ କରୁଛି, ଅଥଚ ନିଜ ଅଧୀନରେ ଥିବା ଲୋକଙ୍କୁ ନିର୍ମମ ଭାବରେ ଦମନ କରୁଛି । ବୋମା ନିକ୍ଷେପ କରୁଛି । ମାତ୍ର ଏଠାରେ ଏହି କୃଷ୍ଣବର୍ଣ୍ଣ ଅରଣ୍ୟରେ ସବୁ ନିସ୍ତବ୍ଧ ଓ ଶାନ୍ତିପୂର୍ଣ୍ଣ ଏବଂ ଏପରିକି 'ସ୍ୱସ୍ତିକ' ମଧ୍ୟ ବେଶୀ ଦେଖାଯାଏ ନାହିଁ । ଉପତ୍ୟକା ସବୁ କୁହୁଡ଼ିରେ ଆବୃତ ହେବା ମୁଁ ଲକ୍ଷ୍ୟ କଲେ—ଫ୍ରାନ୍‌ସର ସୁଦୂର ସୀମାନ୍ତ ଓ କାନ୍ତାର ଆବୃତ ହୋଇଯାଏ ଏବଂ ଏଗୁଡ଼ିକର ପଛରେ କ'ଣ ଅଛି ମୁଁ ଭାବିବାକୁ ଲାଗେ ।

Digitized by srujanika@gmail.com

ପାଞ୍ଚବର୍ଷ ପରେ

ଆଜିଠୁଁ ସାଢ଼େ ପାଞ୍ଚବର୍ଷ ତଳେ ଆଲମୋଡ଼ା ଜିଲ୍ଲା ଜେଲରେ ନିଜ କୋଠରୀରେ ବସି ମୁଁ 'ମୋ ନିଜ କାହାଣୀ'ର ଶେଷ ପଂକ୍ତି ଲେଖିଥିଲି । ତାହାର ଆଠମାସ ପରେ ଜର୍ମାନୀର ବେଡେନ ଓ୍ୱେଲରଠାରେ ଏଥିରେ ଆଉ କିଛି ଅଂଶ ଯୋଗ କରିଥିଲି । 'ମୋ ନିଜ କାହାଣୀ'ର ଇଂରେଜୀରେ ଇଂଲଣ୍ଡରେ ଛପା ହୋଇଥିଲା ଏବଂ ଦେଶ ବିଦେଶର ସବୁ ଶ୍ରେଣୀର ଲୋକ ଏହା ସ୍ୱାଗତ କରିଥିଲେ । ମୋ ମନରେ ଆନନ୍ଦ ହେଲା ଯେ ମୁଁ ଯାହାସବୁ ଲେଖିଥିଲି ତାହାଦ୍ୱାରା ଭାରତବର୍ଷକୁ ବିଦେଶର କେତେକ ବନ୍ଧୁ ଭଲରୂପେ ବୁଝି ପାରିଲେ ଏବଂ ସେମାନେ ଆମର ସ୍ୱାଧୀନତା ଲଢ଼େଇର ଭିତର ମହତ୍ତ୍ୱକୁ ମଧ୍ୟ କେତେକ ପରିମାଣରେ ଉପଲବ୍ଧି କଲେ ।

ମୁଁ ବାହାର ହଲଚଲରୁ ଦୂରରେ ରହି ଜେଲ ଭିତରେ 'ମୋ ନିଜ କାହାଣୀ' ଲେଖିଥିଲି । ଜେଲରେ ମନ ଭିତରେ ନାନା ପ୍ରକାରର ତରଙ୍ଗ ଉଠୁଥିଲା । ପ୍ରତ୍ୟେକ ବନ୍ଦୀ ମନରେ ଏହିପରି ହୁଏ । ମାତ୍ର ଧୀରେ ଧୀରେ ମୋ ମନରେ ଆତ୍ମ-ନିରୀକ୍ଷଣରେ ଗୋଟାଏ ଲହରୀ ଆସିଲା, ଏଥିରେ କିଛି ମାନସିକ ଶାନ୍ତି ମଧ୍ୟ ପାଇଲି । ମାତ୍ର ଏବେ ସେ ଲହରୀ ଆଉ ପାଇବି କେଉଁଠି ? ସେ ବର୍ଣ୍ଣନା ସମ୍ପ୍ରତ ଖାପ ଖୁଆଇବ ବା କିପରି ? ନିଜ ଲେଖା ବହିକୁ ପୁଣି ଦେଖିଲାବେଳକୁ ମନେ ହେଉଛି ଯେପରି ଆଉ କେହି ଅନେକ ପୁରୁଣା କାଳର କାହାଣୀ ଲେଖିଛି । ଯେଉଁ ପାଞ୍ଚବର୍ଷ ବିତିଗଲାଣି, ସେଥିରେ ଦୁନିଆ ବଦଳି ଯାଉଛି ଓ ମୋ ଉପରେ ତା'ର ଏକ ଛାପ ରହିଯାଇଛି । ଶରୀର ଦୃଷ୍ଟିରୁ ମୁଁ ପାଞ୍ଚବର୍ଷ ବୁଢ଼ା ହୋଇଛି ସନ୍ଦେହ ନାହିଁ; ମାତ୍ର ମନ ଧକ୍କା ଉପରେ ଧକ୍କା ଖାଇ ଓ ନାନା ଘଟଣାର ପ୍ରତିକ୍ରିୟା ଫଳରେ ଠାଣ

Digitized by srujanika@gmail.com

ହୋଇଯାଇଛି, କିମ୍ବା ପରୀକ୍ଷ୍ୟ ହୋଇଯାଇଛି । ସୁଇଜରଲାଣ୍ଡରେ କମଳାର ଦେହାନ୍ତ ହୋଇଯିବା ଯୋଗୁଁ ମୋର ଜୀବନ କଥାର ଏକ ଅଧ୍ୟାୟ ପୂର୍ଣ୍ଣ ହୋଇଗଲା ଏବଂ ମୋର ଅସ୍ତିତ୍ୱର ଅଂଶ ହୋଇ ରହିଥିବା ଅନେକ ଜିନିଷ ମୋ ଜୀବନରୁ ଏହାଦ୍ୱାରା ଛଡ଼ାଇ ନିଆଗଲା । ସେ (କମଳା) ନାହିଁ ବୋଲି ବୁଝିବା ମୋ ପକ୍ଷରେ ମୁସ୍କିଲ ହୋଇଗଲା ଏବଂ ଏହା ଭିତରେ ମୋର ମନ ବା ମସ୍ତିଷ୍କ ଠିକ୍ ହୋଇପାରେ ନା । ମୁଁ ନିଜ କାମରେ ଲାଗିଗଲି; ଏଥିରେ କିଛି ସନ୍ତୋଷ ପାଇବାର ଚେଷ୍ଟା କଲି ଏବଂ ଦେଶର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଗସ୍ତ କରିବାରେ ଲାଗିଲି । ବଡ଼ ଭିଡ଼, କଠିନ କାମ ଏବଂ ଏକୁଟିଆ ଆପଣାର ଆବରଣ ଭିତରେ ମୋର ଜୀବନ ବିଚିତ୍ର ଢଙ୍ଗର ହୋଇଗଲା, ଅତୀତରେ ଏପରି କେବେ ହୋଇ ନ ଥିଲା । ଏହାପରେ ମାଆଙ୍କର ମୃତ୍ୟୁ ହେବା ଦିନଠାରୁ ଅତୀତ କାଳ ସହିତ ମୋର ଶେଷ ସମ୍ବନ୍ଧ ମଧ୍ୟ ତୁଟିଗଲା । ମୋ ଝିଅ ସୁଦୂର ଅକ୍ସଫୋର୍ଡ଼ରେ ପଢ଼ୁଥିଲା ଏବଂ ପରେ ସ୍ୱଦେଶରେ ଗୋଟିଏ ସାନଟୋରିୟମ୍‌ରେ ଚିକିତ୍ସିତ ହେଉଥିଲା । ଯେତେବେଳେ ଦୂରଅଞ୍ଚଳ ବୁଲିବାରୁ ମୁଁ ଘରକୁ ଫେରେ, ସେତେବେଳେ ବଡ଼ ଅନିଚ୍ଛାସତ୍ତ୍ୱେ ଏକୁଟିଆ ନିଜର ଶୂନ୍ୟଘରେ ବସି ରହେ, ଚେଷ୍ଟା କରେ କାହାରି ସହିତ ନ ମିଶିବା ପାଇଁ । ଏତେ ଭିଡ଼ ଗହଳି ପରେ ମୁଁ ଶାନ୍ତିକାମନା କରୁଥିଲି !

କିନ୍ତୁ ମୋ କାମରେ ଓ ମନରେ ମୁଁ ଶାନ୍ତି ପାଇଲି ନାହିଁ ଏବଂ ମୋ କାନ୍ଧରେ ଯେଉଁ ବୋଝ ଥିଲା ସେଥିରେ ମୁଁ ବଡ଼ କଷ୍ଟ ପାଉଥିଲି । ମୁଁ ଶକନ ପାର୍ଟି ଓ ଦଳ ସହିତ ନିଜକୁ ମିଶାଇ ପାରିଲି ନାହିଁ—ଏପରିକି କେତେକ ଘନିଷ୍ଠ ସାଥୀଙ୍କ ସହିତ ସୁଦ୍ଧା ମନ ମିଳିଲା ନାହିଁ । ମୁଁ ଯେପରି ଚାହୁଁଥିଲି ସେପରି ନିଜେ କାମ କରିପାରୁ ନ ଥିଲି, ମାତ୍ର ଅନ୍ୟମାନଙ୍କୁ ସେମାନଙ୍କ ଇଚ୍ଛାନୁସାରେ କାର୍ଯ୍ୟ କରିବାରେ ବାଧା ଦେଉଥିଲି । ଏହିପ୍ରକାର ହତାଶାଜନକ ଭାବନା ଅଧିକ ହେବାକୁ ଲାଗିଲା ଏବଂ ସାଧାରଣ କାର୍ଯ୍ୟକ୍ଷେତ୍ରରେ ମୁଁ ଏକୁଟିଆ ରହିଗଲି; ଅବଶ୍ୟ

Digitized by srujanika@gmail.com

ଉପ୍ରେଠ କନଡ଼ା ମୋର ବନ୍ଧୁ ତା ଶୁଣୁଥିଲେ ଏବଂ ଗୃହସ୍ଥାନ୍ତେ ମୋର ଉଦ୍ଭାବର ଛାୟା ପଡ଼ୁଥିଲ ।

ମୁରୋପ ଓ ସୁଦୂର ପ୍ରାଚ୍ୟର ଘଟଣାବଳୀ ମୋ ଉପରେ ଯେପରି ପ୍ରଭାବ ପକାଇଥିଲ, ଏପରି ଆଉ କାହାର ହୋଇ ନ ଥିଲ । ମ୍ୟୁନିକର ଧକ୍କା ବଢ଼ିବାଡ଼ ଜଣତା କଷ୍ଟ ଏବଂ ସ୍ପେନର ଦୁଃଖଦାୟକପରିଣତି ମୋତେ ମୋର ନିଜ ଜୀବନର ଦୁଃଖ ପରି ଲାଗିଲା । ଗୋଟିକ ପରେ ଗୋଟିଏ ଏପରି ଆତଙ୍କ ଦିବସ ଯେପରି ଆସିବାକୁ ଲାଗିଲା, ସେହିପରି ଆମ ମସ୍ତକ ଉପରେ ଆସନ୍ନପ୍ରାୟ ସଙ୍କଟ କଥା ଭାବ ମୁଁ ଅସ୍ଥିର ହେବାକୁ ଲାଗିଲି । ଦୁନିଆଁର ଭବିଷ୍ୟତ ଉଜ୍ଜ୍ୱଳ—ମୋର ଏହି ବିଶ୍ୱାସ ଟଳିଲ ପଡ଼ିବାକୁ ଲାଗିଲା ।

ଏବେ ସେ ସଙ୍କଟ ଆସି ହାଜର ହେଲାଣି ! ୟୁରୋପରେ ଜ୍ୱାଳାମୁଖୀ ଅଗ୍ନି ଏବଂ ସର୍ବନାଶ ନୃତ୍ୟ କରୁଛି ଏବଂ ମୁଁ ଏଠି ଭାରତବର୍ଷରେ ଆଉ ଏକ ଜ୍ୱାଳାମୁଖୀର ନିକଟରେ ବସିଛି—କେତେବେଳେ ଏ ନିଆଁ ଛୁଟିକି ଆସି ଉପରେ ପଡ଼ିବ କିଏ ଜାଣେ ! ବର୍ତ୍ତମାନ ସମସ୍ୟାରୁ ନିଜକୁ ବିଚ୍ଛିନ୍ନ କରି ଆତ୍ମନିରୀକ୍ଷଣ କାର୍ଯ୍ୟରେ ବ୍ରତୀ ହୋଇ ବିଗତ ପାଞ୍ଚବର୍ଷ ପ୍ରତି ଦୃଷ୍ଟି ପକାଇ ସେ ସମ୍ବନ୍ଧରେ ସ୍ୱଚ୍ଛନ୍ଦରେ ବସି କିଛି ଲେଖିବା ଏବେ ମୁସ୍କିଲ ହୋଇ ଯାଇଛି । ମୁଁ ଏହା କରିବାକୁ ସମର୍ଥ ହେଲେ ସୁଦ୍ଧା ଏତେ ବହୁତ କଥା କହିବାର ଅଛି ଯେ ଲେଖି ବସିଲେ ପୁଣି ଗୋଟିଏ ବଡ଼ ବହି ହୋଇଯିବ । ସେଥିପାଇଁ ଯେଉଁସବୁ ଖାସ୍ ଖାସ୍ ଘଟଣାବଳୀ ଓ ଅବସ୍ଥାରେ ମୁଁ ଭାଗ ନେଇଛି ବା ଯାହାର ମୋ ଉପରେ ପ୍ରଭାବ ପଡ଼ିଛି ସେ ସମ୍ବନ୍ଧରେ ଠିକେ ଠିକେ ଲେଖିବାର ଚେଷ୍ଟା କରିବି ।

ଲୁସେନ୍‌ରେ ୧୯୩୬ ମସିହା ଫେବ୍ରୁୟାରୀ ୨୮ ତାରିଖ ଦିନ ମୋର ଧର୍ମପତ୍ନୀର ମୃତ୍ୟୁ ହେଲାବେଳେ ମୁଁ ତାହା ପାଖରେ ଥିଲି । କିଛିଦିନ ଆଗରୁ ମୁଁ ଖବର ପାଇଥିଲି ଯେ ଦ୍ୱିତୀୟଥର ଲାଗି ମୋତେ କଂଗ୍ରେସର ସଭାପତି ନିର୍ବାଚନ କରାଯାଇଛି । ମୁଁ ଶୀଘ୍ରଉଡ଼ାଜାହାଜରେ ହିନ୍ଦୁସ୍ଥାନକୁ

Digitized by srujanika@gmail.com

ଫେରିଲି ଏବଂ ରାସ୍ତାରେ ରୋମ୍‌ଠାରେ ଗୋଟିଏ ମଜା ଅନୁଭବ ହେଲା । ଯାହା ଆରମ୍ଭର କିଛିଦିନ ପୂର୍ବରୁ ମୋ ପାଖରେ ବାର୍ତ୍ତା ଦେଇଥିଲେ ଯେ ମୁଁ ରୋମ୍‌ଦେଇ ଗଲାବେଳେ ମୋ ସହିତ ସିନ୍ୟୋର ମୁସୋଲିନି ସାକ୍ଷାତ୍ କରିବାକୁ ଚାହାଁନ୍ତି । ଫାସିଷ୍ଟ ଶାସନର ଘୋର ବିରୋଧୀ ହୋଇ ସୁଦ୍ଧା ମାମୁଲି ସମୟରେ ମୁଁ ସିନ୍ୟୋର ମୁସୋଲିନିଙ୍କ ସହିତ ଭେଟ ହେବା ପସନ୍ଦ କରିଥାନ୍ତି ଏବଂ ଦୁନିଆର ଘଟଣାଚକ୍ରରେ ଏତେ ବଡ଼ ମହତ୍ତ୍ୱପୂର୍ଣ୍ଣ ଭାଗ ନେଉଥିବା ବ୍ୟକ୍ତି କିପରି ଲୋକ ତାହା ନିଜେ ଜାଣି ପାରିଥାନ୍ତି ! ମାତ୍ର ସେ ସମୟରେ ମୁଁ କୌଣସି ପ୍ରକାର ମୁଲାକାତ୍ କରିବାକୁ ଇଚ୍ଛା କରୁ ନ ଥିଲି । ଏହା ଅପେକ୍ଷା ଆଉ ଏକ ବଡ଼ ପ୍ରତିବନ୍ଧକ ଥିଲା ସେ ସମୟରେ ଆବିସିନିଆ ଉପରେ ଇଟାଲିର ଆକ୍ରମଣ । ମୋର ଭୟ ହେଲା ଯେ ଏପରି ସାକ୍ଷାତ୍‌କୁ ଫାସିଷ୍ଟମାନଙ୍କ ତରଫରୁ ପ୍ରଚାରଦ୍ୱାରା ଦୁରୁପଯୋଗ କରିବାର ସମ୍ଭାବନା ରହୁଛି ।

କିନ୍ତୁ ମୋର ଅସ୍ୱୀକାର କରିବାରେ ଯାଏ ଆସେ କେତେ ? ମୋର ମନେ ପଡ଼ିଲା ଯେ ୧୯୩୧ ମସିହାରେ ମହାତ୍ମା ଗାନ୍ଧୀ ଯେତେବେଳେ ରୋମ ଛାଡ଼ିଗଲେ ସେତେବେଳେ ତାଙ୍କ ସହିତ ସାକ୍ଷାତ୍ ସମ୍ବାଦ 'ଜର୍ଣ୍ଣାଲ ଡ଼ ଇଟାଲିଆ'ରେ ପ୍ରକାଶିତ ହୋଇଥିଲା । ଆଉ କେତେକ ଘଟଣା ମନେ ପଡ଼ିଲା—କେତେକ ଭାରତବାସୀଙ୍କର ଇଟାଲି ଭ୍ରମଣକୁ ମଧ୍ୟ ଫାସିଷ୍ଟମାନେ ତାଙ୍କ ନିଜ ସୁବିଧାଲାଗି ହିସାବ ପ୍ରବୃତ୍ତ କରିଥିଲେ । ମୋତେ ଜବାବ ଦିଆଗଲା ଯେ ମୋ ସମ୍ବନ୍ଧରେ ଏପରି କୌଣସି କଥା ହେବ ନାହିଁ ଏବଂ ମୁଲାକାତ୍ ବଡ଼ ଘରୁଆ ଭାବରେ ହେବ । ଏହା ସତ୍ତ୍ୱେ ସାକ୍ଷାତ୍ ନ କରିବା ପାଇଁ ମୁଁ ସ୍ଥିର କଲି ଏବଂ ସିନ୍ୟୋର ମୁସୋଲିନିଙ୍କୁ ମୋ କଥା ଜଣାଇ ଦେଲି ।

ମାତ୍ର ରୋମ୍ ଦେଇ ମୋତେ ଯିବାକୁ ପଡ଼ିଲା; କାରଣ ହଲାଣ୍ଡର ଏଲ୍, ଏମ୍, ନାମକ ଯେଉଁ ଜାହାଜରେ ମୁଁ ଯାଉଥିଲି ତାହା ସେଠି ରାତିଏ ରହିବାର କଥା । ମୁଁ ରୋମ୍‌ରେ ପହଞ୍ଚିଲାକ୍ଷଣି ଜଣେ ବଡ଼ ଅଫିସର ମୋ

Digitized by srujanika@gmail.com

ପାଖରୁ ଆସିଲେ ଏବଂ ସନ୍ଧ୍ୟାବେଳେ ସିନ୍ୟୋର ମୁସୋଲିନୀଙ୍କ ସହ ସାକ୍ଷାତ କରିବା ନିମନ୍ତେ ମୋତେ ନିମନ୍ତ୍ରଣ କଲେ । ସେ ମୋତେ କହିଲେ ଯେ ସବୁ ଠିକ୍ ହୋଇସାରିଛି । ମୁଁ ବଡ଼ ଅପ୍ରସ୍ତୁତ ହେଲି । ମୁଁ କହିଲି ଯେ ଏଥିରୁ କ୍ଷମା ମାଗି ତ ମୁଁ ଆଗରୁ କହି ପଠାଇଛି । ପୂରା ଘଣ୍ଟାଏ ପର୍ଯ୍ୟନ୍ତ କଥାବାର୍ତ୍ତା ଚାଲିଲା—ଏପରିକି ମୁଲାକାତ୍‌ର ବେଳ ଅତି ହୋଇଗଲା । ଶେଷରେ ମୋ କଥାହିଁ ରହିଲା । କୌଣସି ସାକ୍ଷାତ ହେଲା ନାହିଁ ।

ଭାରତବର୍ଷକୁ ଫେରି ମୁଁ ନିଜ କାମରେ ମଜ୍ଜିଗଲି । ଫେରିବାର ଅଳ୍ପ କେତେଦିନ ପରେହିଁ ମୋତେ କଂଗ୍ରେସ ଅଧିବେଶନର ସଭାପତି ହେବାକୁ ପଡ଼ିଲା । ଯେଉଁ କେତେକ ବର୍ଷ ମୁଁ ଜେଲରେ ଥିଲି ପରିସ୍ଥିତି ସହିତ ମୋର ସମ୍ପର୍କ ତୁଟି ଯାଇଥିଲା । ମୋତେ କେତେକ ପରିବର୍ତ୍ତନ ଦେଖାଗଲା; ନୂତନ ରୂପରେଖ ଏବଂ କଂଗ୍ରେସ ଭିତରେ ଦଳ ଗଢ଼ିବାର ଭାବନା ମଧ୍ୟ ଦେଖିବାକୁ ପାଇଲି । ମାତ୍ର ଏଥିଭିତରେ ଜଟିଳତା ଓ ସଂଘର୍ଷର ପରିଚୟ ନ ଥିଲା । ମୁଁ ଏ ସମ୍ବନ୍ଧରେ ବେଶୀ ନଜର ଦେଲିନାହିଁ ଏବଂ ମୋର ବିଶ୍ୱାସ ଥିଲା ଯେ ଏ ପରିସ୍ଥିତିର ମୁଁ ସମ୍ମୁଖୀନ ହୋଇପାରିବି । କେତେକ ପରିମାଣରେ କଂଗ୍ରେସକୁ ମୋ ନିଜ ପଥରେ ନେଇଯାଉଥିଲା ପରି ମୋତେ ଲାଗିଲା, କିନ୍ତୁ ଶୀଘ୍ର ମୁଁ ଜାଣିପାରିଲି ଯେ ସଂଘର୍ଷ ଗଭୀର ଏବଂ ଆମ ହୃଦୟରେ ପରସ୍ପର ପ୍ରତି ଯେଉଁ ସନ୍ଦେହ ଓ କଟୁତା ଜାତ ହୋଇଛି ତାହା ପୋଛି ଦେବା ସେପରି ସହଜ କଥା ନୁହେଁ । ମୁଁ ଗମ୍ଭୀରତାର ସହିତ ସ୍ଥିର କଲି ଯେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଦେବି, ମାତ୍ର ଏଥିରେ ମାମଲା ଅଧିକ ବିଗିଡ଼ିବ ବୁଝି ମୁଁ ତାହା କଲି ନାହିଁ ।

ମାତ୍ର କ୍ରମେ କିଛି ମାସପରେ ମୁଁ ଇସ୍ତଫା ଦେବା ସମ୍ବନ୍ଧରେ ବିଚାର କଲି । କାର୍ଯ୍ୟକାରୀ ସମିତିରେ ନିଜ ସାଥୀମାନଙ୍କ ସହିତ ମନ ମିଳି କାମ କରିବା ମୋତେ ମୁସ୍କିଲ ପରି ମନେ ହେଲା ଏବଂ ମୋତେ ପରିଷ୍କାର ଦେଖାଗଲା ଯେ ସେମାନେ ମୋ ମନର ଗତିକୁ ବଡ଼ ଆଶଙ୍କା ଦୃଷ୍ଟିରେ ଦେଖୁଛନ୍ତି । ମୋର କୌଣସି ବିଶେଷ କାର୍ଯ୍ୟକୁ ସେମାନେ ନାପସନ୍ଦ

Digitized by srujanika@gmail.com

କରୁଥିଲେ, ଏପରି ନୁହେଁ; ମାତ୍ର ସେମାନେ ମୋର ନିଜର ଗତି ଓ ଦୃଷ୍ଟିକୋଣକୁ ପସନ୍ଦ କରୁ ନ ଥିଲେ । ମୋର ଦୃଷ୍ଟିକୋଣ ଅନ୍ୟ-ଢଙ୍ଗର ଥିବାର ପ୍ରମାଣ ମଧ୍ୟ ସେମାନଙ୍କ ପାଖରେ ଥିଲା । କଂଗ୍ରେସ ସିଦ୍ଧାନ୍ତରେ ମୁଁ ଅଟଳ ଥିଲି; କିନ୍ତୁ ତା'ର କେତେକ ଅଂଶ ଉପରେ ମୁଁ ଜୋର ଦେଉଥିଲି, ଅଥଚ ମୋ ସାଥିମାନେ ଅନ୍ୟ ସମସ୍ୟା ଉପରେ ଜୋର ଦେଉଥିଲେ । ସେଥିକୁ ମୁଁ ଇସ୍ତଫା ଦେବାକୁ ସ୍ଥିର କଲି ଏବଂ ମୋର ଏହି ବସ୍ତୁତ କଥା ଗାନ୍ଧିଜୀଙ୍କ ପାଖକୁ ଖବର ଦେଲି । ତାଙ୍କୁ ପେଠ ଚିଠି ଦେଲି ସେଥିରେ ଲେଖିଦେଲି ଯେ, "ଇଉରୋପରୁ ଫେରିବାପରେ ମୁଁ ଦେଖୁଛି ଯେ କାର୍ଯ୍ୟକାରୀ ସମିତି ବୈଠକରେ ମୁଁ ବହୁତ କ୍ଳାନ୍ତ ହୋଇପଡ଼ୁଛି; ଏହା ଫଳରେ ମୋର ଶକ୍ତି କମିଯାଉଛି ଏବଂ ନୂଆ ଘଟଣା ପରେ ମୋ ମନରେ ଏପରି ଖିଆଲ ହେଉଛି ଯେପରିକି ମୁଁ ବହୁତ ବୁଢ଼ା ହୋଇଗଲିଣି । କାର୍ଯ୍ୟକାରୀ ସମିତିରେ ମୋର ଅନ୍ୟ ସହଯୋଗୀମାନଙ୍କୁ ଏପରି ମାଲୁମ ହେବା ଜଣାପଡ଼ୁ ନାହିଁ । ଏପରି ଅବସ୍ଥା ଅସ୍ୱାସ୍ଥ୍ୟକର ଏବଂ ଏଥିରେ ପ୍ରକୃତ କର୍ମ କ୍ଷେତ୍ରରେ ବାଧା ପଡ଼ୁଛି ।"

ଏହାର ଅଳ୍ପ କେତେଦିନ ପରେ ଦୂରଦେଶର ଏକ ଘଟଣା-ଯାହାର ଭାରତବର୍ଷ ସହିତ କୌଣସି ସଂପର୍କ ନ ଥିଲା—ମୋ ଉପରେ ବହୁତ ପ୍ରଭାବ ପକାଇଲା ଏବଂ ମୋର ମନ ବଦଳି ଗଲା । ଏହି ଘଟଣା ହେଉଛି ସ୍ପେନରେ ଜେନେରାଲ ଫ୍ରାଙ୍କୋ ବିଦ୍ରୋହ କରିବା ସମ୍ବାଦ । ମୁଁ ଦେଖିଲି ଏ ବିଦ୍ରୋହ ପଛରେ ଜର୍ମାନୀ ଓ ଇଟାଲିର ହାତ କାମ କରୁଛି ଏବଂ ଗୋଟିଏ ଇଉରୋପୀୟ ବା ବିଶ୍ୱବ୍ୟାପୀ ସଙ୍ଘର୍ଷରେ ପରିଣତ ହେବାକୁ ଯାଉଛି । ଭାରତବର୍ଷକୁ ଏ ସଂଘର୍ଷ ବ୍ୟାପିବା ସ୍ୱାଭାବିକ । ଏପରି ଅବସ୍ଥାରେ ଯେତେବେଳେ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଜରୁରୀ ସେତେବେଳେ ମୁଁ ଇସ୍ତଫା ଦେଇ ନିଜର ସଂସ୍ଥାକୁ ଦୁର୍ବଳ କରିବା ଏବଂ ଆଭ୍ୟନ୍ତରୀଣ ସଂକଟ ଉପୁଜାଇବା ଠିକ୍ ନ ଥିଲା । ମୁଁ ପହିଲେ ପରିସ୍ଥିତିକୁ ଯେପରି ଭାବରେ ଦେଖି ଆଲୋଚନା କରିଥିଲି ତାହା ଭୁଲ ନ ଥିଲା; ଅବଶ୍ୟ ଏହା ବର୍ତ୍ତମାନ କାଳ ପୂର୍ବରୁ କରିଥିଲି

Digitized by srujanika@gmail.com

ଏବଂ ମୋ ମନ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଥିଲା ତାହା ଘଟିବାକୁ କିଛି ଦିନ ବାକି ଥିଲା ।

ସ୍ପେନୀୟ ଯୁଦ୍ଧର ମୋ ଉପରେ ଯେ ପ୍ରତିକ୍ରିୟା ହେଲା, ସେଥିରୁ ମୋ ମନରେ ଭାରତବର୍ଷର ପ୍ରଶ୍ନ ପୃଥିବୀର ଅନ୍ୟ ସମସ୍ୟା ସହିତ କିପରି ଯୋଡ଼ି ହୋଇ ରହିଛି ବୋଲି ଧାରଣା, ତା'ର ପ୍ରମାଣ ମିଳେ । ମୁଁ ଅଧିକ ଚିନ୍ତା କରିବାକୁ ଲାଗିଲି ଯେ ସମଗ୍ର ସମସ୍ୟା,—କି ରାଜନୈତିକ, କି ଆର୍ଥିକ ଚୀନ, ଆବିସିନିଆ, ସ୍ପେନ, ମଧ୍ୟ ଇଉରୋପ ବା ଅନ୍ୟ ସ୍ଥାନର ସମସ୍ୟା—ସବୁଗୁଡ଼ିକ ହେଲେ ସୁଦ୍ଧା ଏକ ବିଶ୍ୱ ସମସ୍ୟାର ଅଙ୍ଗ ମାତ୍ର । ଯେ ପର୍ଯ୍ୟନ୍ତ ଏହି ମୂଳ ସମସ୍ୟାର ସମାଧାନ ନ ହୋଇଛି, ସେପର୍ଯ୍ୟନ୍ତ ଏଥିରୁ କୌଣସି ଗୋଟିଏ ହେଲେ ସମସ୍ୟାର ଶେଷ ସମାଧାନ ହୋଇ ପାରିବ ନାହିଁ ଏବଂ ଏ ସମସ୍ୟା ସମାଧାନ ହେବା ଆଗରୁ ଏକ ଉତ୍ପାତ ବା ବିପତ୍ତି ଘଟିପାରେ—ଏ ଆଶଙ୍କା ମଧ୍ୟ ପୂରାପୂରି ଥାଏ । ଯେପରି କୁହା ହେଉଥିଲା ଯେ ଦୁନିଆରେ ଶାନ୍ତି ଅବିଭାଜ୍ୟ, ସେହିପରି ସ୍ୱାଧୀନତା ମଧ୍ୟ ଅବିଭାଜ୍ୟ । ଦୁନିଆ କିଛି ସବୁଦିନେ ସ୍ୱାଧୀନ କି ଗୋଲାମ ହୋଇ ରହିବ ନାହିଁ । ଫାସିଜିମ୍ ଓ ନାଜିବାଦରେ ଅଭିଶାପ ଦୁନିଆ ଉପରେ ମୂଳତଃ ସାମ୍ରାଜ୍ୟବାଦ ଯୋଗୁଁ ହୋଇଛି । ଏ ଦୁହେଁ ଯାଆଁଳା ଭାଇ—କେବଳ ପ୍ରଭେଦ ଯେ ସାମ୍ରାଜ୍ୟବାଦ ବିଦେଶରେ ଥିବା ଉପନିବେଶ ଏବଂ ଅଧିକୃତ ଦେଶରେ ଯେଉଁ କାମ କରେ, ଫାସିଜିମ୍ ଓ ନାଜିବାଦ ନିଜ ଦେଶରେହିଁ ସେହି କାର୍ଯ୍ୟ କରେ । ଦୁନିଆରେ ସ୍ୱାଧୀନତା କାଏମ୍ କରିବାକୁ ହେଲେ ଯେ କେବଳ ଫାସିଜିମ୍ ଓ ନାଜିବାଦ ଅନ୍ତ ହେବା ଦରକାର ତାହା ନୁହେଁ, ସାମ୍ରାଜ୍ୟର ଚିହ୍ନବର୍ତ୍ତି ସୁଦ୍ଧା ଲୋପ କରିଦେବାକୁ ପଡ଼ିବ ।

ବିଦେଶର ଘଟଣାମାନଙ୍କର ପ୍ରତିକ୍ରିୟା କେବଳ ମୋଠାରେ ସୀମାବଦ୍ଧ ନ ଥିଲା । ଭାରତବର୍ଷର ବହୁତ ଲୋକ କେତେକ ପରିମାଣରେ ଏପରି ଚିନ୍ତା କରିବାକୁ ଲାଗିଲେ, ଏବଂ ଜନତାଙ୍କର ମଧ୍ୟ ଏଥିରେ ଆଗ୍ରହ ଜନ୍ମିଲା । କଂଗ୍ରେସ ଦେଶର ସବୁଠି ଚୀନ, ଆବିସିନିଆ,

Digitized by srujanika@gmail.com

ପାଲେଷ୍ଟାଇନ ଓ ସ୍ପେନ ଲୋକଙ୍କ ସହିତ ସହାନୁଭୂତି ପ୍ରକାଶ କରିବା ନିମନ୍ତେ ହଜାର ହଜାର ସଭା ଓ ଶୋଭାଯାତ୍ରା କଲେ—ଏହାଦ୍ୱାରା ଜନତାର ଆଗ୍ରହ କାଏମ୍ ରହିଲା । ଚୀନ ଓ ସ୍ପେନକୁ ଔଷଧ ଏବଂ ଖାଦ୍ୟ ପଦାର୍ଥ ରୂପରେ କିଛି ସାହାଯ୍ୟ ଦେବାକୁ ଚେଷ୍ଟା କରାଗଲା । ଅନ୍ତର୍ରାଷ୍ଟ୍ରୀୟ ସମସ୍ୟାରେ ଏପରି ଆଗ୍ରହ ବଢ଼ିବା ହେତୁ ଆମର ଜାତୀୟ ସଂଗ୍ରାମ ବହୁତ ଉଚ୍ଚ ସ୍ତରକୁ ଗଲା ଏବଂ ଯେପରି ପ୍ରାୟ ହୁଏ ରାଷ୍ଟ୍ରୀୟତାର ସେ ସଙ୍କୀର୍ଣ୍ଣତା ଅଳ୍ପ ବହୁତ କମ୍ ହୋଇଥିଲା ।

କିନ୍ତୁ ବାସ୍ତବିକ ନିଜ ଦୁଃଖରେ ପଡ଼ିଥିବା ଶହ ଶହ ଲୋକଙ୍କ ଜୀବନ ଉପରେ ଏ ବିଦେଶୀ ସମସ୍ୟାର କୌଣସି ପ୍ରଭାବ ପଡ଼ିଲା ନାହିଁ । କୃଷକମାନଙ୍କର ଦୁଃଖ ଦିନକୁ ଦିନ ବଢ଼ି ଚାଲିଥିଲା । ଭୟଙ୍କର ଦାରିଦ୍ର୍ୟ ଏବଂ ଆଉ ଅନେକ ବୋଝରେ ସେମାନେ ଦବି ଯାଉଥିଲେ । ପ୍ରକୃତରେ କୃଷକମାନଙ୍କ ସମସ୍ୟା ଭାରତର ଏକ ବଡ଼ ସମସ୍ୟା ଏବଂ କଂଗ୍ରେସ ଧୀରେ ଧୀରେ କୃଷକମାନଙ୍କ ସମ୍ପର୍କରେ କାର୍ଯ୍ୟକ୍ରମ ମଧ୍ୟ ସ୍ଥିର କରିଥିଲା । ଅବଶ୍ୟ ଏହାର ଫଳ ବହୁଦୂରଗାମୀ । ତଥାପି ପ୍ରଚଳିତ ପଦ୍ଧତିକୁ ଏହା ମଞ୍ଜୁର କଲା । କାରଖାନାର ମଜଦୁରଙ୍କ ଅବସ୍ଥା କିଛି ଭଲ ନ ଥିଲା ଓ ହରତାଳ ହେଉଥିଲା । ରାଜନୀତିକ ବିଚାରଶୀଳ ଲୋକେ ଭାରତ ଉପରେ ବ୍ରିଟିଶ ପାର୍ଲିମେଣ୍ଟ ଲଦି ଦେଇଥିବା ନୂଆ ଶାସନ ବିଧାନ ସମ୍ବନ୍ଧରେ ଚର୍ଚ୍ଚା କରୁଥିଲେ । ଏହି ବିଧାନ ଅନୁସାରେ ପ୍ରଦେଶମାନଙ୍କୁ କିଛି କ୍ଷମତା ପ୍ରଦାନ କରାଯାଇଥିଲା, ତଥାପି ଅସଲ କ୍ଷମତା ତାଙ୍କ ବ୍ରିଟିଶ ସରକାର ଓ ତାଙ୍କ ପ୍ରତିନିଧିଙ୍କ ହାତରେ ରଖାଯାଇଥିଲା । କେନ୍ଦ୍ର ଶାସନପାଇଁ ଏକ ଫେଡ଼େରେସନର ବ୍ୟବସ୍ଥା ଥିଲା—ଏହାଦ୍ୱାରା ସାମନ୍ତ ଓ ନିରଙ୍କୁଶ ଦେଶୀୟ ରାଜ୍ୟସବୁ ଅର୍ଦ୍ଧ ଜନତନ୍ତ୍ରାତ୍ମକ ପ୍ରଦେଶ ସହିତ ଯୋଡ଼ା ହୁଅନ୍ତା ଏବଂ ବ୍ରିଟିଶ ଶାସନର ପଦ୍ଧତି ଯେପରି ସେପରି ରହିଥାଆନ୍ତା । ଏହା ଏକ ନିହାତି ବେହିଆ କଥା ଏବଂ ଏହା କଦାପି ଚଳିପାରନ୍ତା ନାହିଁ । ମନ୍ତ୍ରୀପଦ ନେଇ ଯେତେଦୂର ପାଇପାରେ ସେତେଦୂର ଚେଷ୍ଟା କରି ଏଥିରେ ଇଂରେଜଙ୍କ ନ୍ୟସ୍ତସ୍ୱାର୍ଥ ରକ୍ଷା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା ।

Digitized by srujanika@gmail.com

କଂଗ୍ରେସ ଏହି ଶାସନକୁ କଠୋରତା ସହିତ ଆଘାତ କଲା ଏବଂ ସତ୍ୟ କହିବାକୁ ଗଲେ ଭାରତରେ ପ୍ରାୟ କେହି ଏହାକୁ ଭଲ ବୋଲି କହିଲେ ନାହିଁ ।

ପ୍ରଥମେ ଏହାର ପ୍ରାଦେଶିକ ଅଂଶ କାର୍ଯ୍ୟରେ ଲାଗିଲା । ଆମେ ଶାସନକୁ ନାମଞ୍ଜୁର କରି ସାରିଥିଲୁ ; ତଥାପି ଆମେ ସ୍ଥିର କଲୁଁ ଯେ ନିର୍ବାଚନରେ ଲଢ଼ିବା; କାରଣ ଏଥିରେ କେବଳ ଲକ୍ଷ ଲକ୍ଷ ଭୋଟଦାତା କାହିଁକି, ଅନ୍ୟ ଲୋକଙ୍କ ସହିତ ମଧ୍ୟ ଆମେ ସମ୍ପର୍କରେ ଆସିପାରିବା । ଏହି ସାଧାରଣ ନିର୍ବାଚନ ତ ମୋ ପକ୍ଷରେ ଏକ ସ୍ମରଣୀୟ ପ୍ରସଙ୍ଗ । ମୁଁ ନିଜେ କିଛି ପ୍ରାର୍ଥୀ ନ ଥିଲି; କିନ୍ତୁ କଂଗ୍ରେସ ପ୍ରାର୍ଥୀମାନଙ୍କ ତରଫରୁ ମୁଁ ସାରା ଭାରତରେ ଗସ୍ତ କଲି ଓ ମୋର ମନେହୁଏ ନିର୍ବାଚନ-ଆନ୍ଦୋଳନରେ ମୁଁ ଏପରି କାମ କଲି ଯାହା ସେଥିପୂର୍ବରୁ କେବେ ହୋଇ ନ ଥିଲା । ଚାରିମାସ ଭିତରେ ମୁଁ ପ୍ରାୟ ୫୦ ହଜାର ମାଇଲ ଗସ୍ତ କଲି ଏବଂ ଏଥିରେ ନାନା ପ୍ରକାର ଯାନ ବ୍ୟବହାରରେ ଲଗାଇଲି । ଅତି କୋଣରେ ପଡ଼ିଥିବା ମଫସଲ ଅଞ୍ଚଳକୁ ମଧ୍ୟ ମୁଁ ଗଲି—ସେଠିକି ସବୁ ଯିବାଲାଗି କୌଣସି ଠିକଣା ରାସ୍ତା ହିଁ ନ ଥାଏ । ଏହି ଗସ୍ତ ମୁଁ ଉଡ଼ାଜାହାଜ, ରେଲ, ମଟରଗାଡ଼ି, ମଟରଲରି, ନାନା ପ୍ରକାର ଘୋଡ଼ା ଗାଡ଼ି, ବଳଦ ଗାଡ଼ି, ସାଇକଲ, ହାତୀ, ଓଟ, ଘୋଡ଼ା, ଷ୍ଟୀମର, ନୌକାଦ୍ୱାରା ଓ ଗୋଡ଼ରେ ଚାଲି କରିଥିଲି ।

ମୁଁ ମୋ ସାଙ୍ଗରେ ଡାକବାଜା ଯନ୍ତ୍ର ରଖିଥିଲି ଏବଂ ଦିନକ ଭିତରେ ମୁଁ ପ୍ରାୟ ବାରଟା ସଭା କରୁଥିଲି । ଏହା ଛଡ଼ା ସଡ଼କ ଉପରେ ଭିଡ଼ ହୋଇ ଥିଲେ, ତାଙ୍କୁ କିଛି କହିବାକୁ ପଡ଼ୁଥାଏ, ସେ ତ ଅଲଗା କଥା । କୌଣସି କୌଣସିଠାରେ ପ୍ରାୟ ଏକଲକ୍ଷ ଲୋକଙ୍କ ଭିଡ଼ ହୋଇଯାଏ ଏବଂ ହାରାହାରି ଶ୍ରୋତାଙ୍କ ସଂଖ୍ୟା ପ୍ରତ୍ୟେକ ସଭାରେ ୨୦ ହଜାର ହେବ । ଦିନଯାକ ହେଉଥିବା ସଭାର ଲୋକସଂଖ୍ୟା ପ୍ରାୟ ଏକ ଲକ୍ଷ ହୋଇ ଯାଉଥିଲା; କେବେ କେବେ ତହିଁରୁ ଅଧିକ ହେଉଥିଲା । ମୋଟାମୋଟି

Digitized by srujanika@gmail.com

କୁହାଯାଇ ପାରେ ମୁଁ ଯେଉଁସବୁ ସଭାରେ ବକ୍ତୃତା କଲି ସେଥିରେ ପ୍ରାୟ ଏକ କୋଟି ଲୋକ ଯୋଗ ଦେଇଥିବେ ଏବଂ ଆଉ କେତେ ଲକ୍ଷ ଲୋକ ମୋର ଗସ୍ତବେଳେ ସଳ୍ପକରେ ସମ୍ପର୍କରେ ଆସିଥିବେ।

ଭାରତର ଉତ୍ତର ସୀମାରୁ ଦକ୍ଷିଣ ସୀମାରେ ସମୁଦ୍ର ତଟ ପର୍ଯ୍ୟନ୍ତ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ମୁଁ ଦୌଡ଼ିବାକୁ ଲାଗିଲି। ମଝିରେ କେଉଁଠି ଆରାମ ନେଇ ନାହିଁ। ସେତେବେଳର ତେଜ ଏବଂ ସେଉଁ ଅସୀମ ଉତ୍ସାହ ମୁଁ ଦେଖିବାକୁ ପାଇଲି, ସେଥିରେ ସ୍ତମ୍ଭିତ ହୋଇଗଲି। ଏପରି ଏକ ଅସାଧାରଣ ଶରୀର ଶ୍ରମ ମୋର ଦେହ ବରଦାସ୍ତ କରିପାରିଲା ଭାବି ମୁଁ ଆଚମ୍ବିତ ହେଲି। ଏହି ନିର୍ବାଚନ ଆନ୍ଦୋଳନରେ ଲୋକେ ବହୁସଂଖ୍ୟାରେ ଭାଗ ନେଲେ। ଏଥିପାଇଁ ସମଗ୍ର ଦେଶରେ ଗୋଟାଏ ହଲଚଲ ପଡ଼ିଗଲା ଏବଂ ସବୁଠି ନୂତନ ଜୀବନ ଦେଖାଦେଲା। ଆମ ପକ୍ଷରେ ଏହା ତ କେବଳ ଏକ ନିର୍ବାଚନ ଲଢ଼ାଇ ନ ଥିଲା, ତାହିଁରୁ ଢେର ଅଧିକ କିଛି ଥିଲା। ଆମର କେବଳ ତିନିକୋଟି ଭୋଟଦାତାଙ୍କ ସହିତ ନୁହେଁ, ଯେଉଁ କୋଟି କୋଟି ଲୋକ ଭୋଟର ନୁହନ୍ତି ତାଙ୍କ ସହିତ ବି ସମ୍ବନ୍ଧ ଥିଲା।

ଏହି ଲମ୍ବା ଗସ୍ତରେ ଆଉ ଏକ ଦିଗପ୍ରତି ମୁଁ ଆକୃଷ୍ଟ ହୋଇଥିଲି। ମୋ ପକ୍ଷରେ ଏହି ଗସ୍ତ ଭାରତର ଏବଂ ଭାରତୀୟ ଜନତାର ସନ୍ଧାନ-ଯାତ୍ରା ଥିଲା। ମୁଁ ଆମ ମୁଲକର ଏପରି ଅଞ୍ଚଳସବୁ ଦେଖିଲି ଯାହା ପରସ୍ପରଠାରୁ ଏକଦମ୍ ପୃଥକ୍, ତଥାପି ସବୁଥିରେ ଯେପରିକି ଭାରତର ଗୋଟିଏ ଛାପ ରହିଯାଇଛି। ମୋତେ ଚାହିଁ ରହିଥିବା ଲକ୍ଷ ଲକ୍ଷ ସ୍ନେହପୂର୍ଣ୍ଣ ଚକ୍ଷୁକୁ ମୁଁ ମଧ୍ୟ ଧ୍ୟାନର ସହିତ ଲକ୍ଷ୍ୟ କରୁଥିଲି ଏବଂ ଜାଣିବାଲାଗି ଚେଷ୍ଟା କରୁଥିଲି—ଏହା ପଛରେ ପ୍ରକୃତରେ କ'ଣ ଅଛି? ମୁଁ ଯେତେ ବେଶୀ ଭାରତର କଥା ଦେଖୁଥିଲି, ସେତେ ବେଶୀ ମୋତେ ବୋଧ ହେଉଥିଲା ଯେ ମୁଁ ଏହାର ଅସୀମ ଆକର୍ଷଣ ଓ ବିଭିନ୍ନ ରୂପ ସମ୍ବନ୍ଧରେ କିଛି ଜାଣେ ନାହିଁ—ଆହୁରି ବହୁତ ଚିହ୍ନିବା ଓ ଜାଣିବାର ବାକି ଅଛି। ମୋ ଦେଶ ପ୍ରାୟ ମୋତେ ଦେଖି ମୁରୁକି ହସୁଥିଲା, କେତେବେଳେ ଉପହାସ କରୁଥିଲା ଏବଂ ମୋ ସହିତ ଛଳ ମଧ୍ୟ କରୁଥିଲା।

Digitized by srujanika@gmail.com

କେବେ କେବେ -ଅବଶ୍ୟ ବହୁତ କମ୍—ମୁଁ ଏକ ଦୁଇ ଦିନ କେଉଁଠି ରହି ନିକଟର ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ଦେଖୁଥିଲି—ଯଥା —ଅଜନ୍ତାଗୁମ୍ଫା ଓ ସିନ୍ଧ ପ୍ରଦେଶର ମହେଞ୍ଜୋଦାରୋ ଇତ୍ୟାଦି । କିନ୍ତୁ ସମୟ ଲାଗି ସତେ କି ମୁଁ ଅତୀତ ଯୁଗକୁ ଚାଲିଯାଏ ଏବଂ ବୋଧିସତ୍ତ୍ୱ ଓ ଅଜନ୍ତାରେ ଚିତ୍ରାଙ୍କିତ ରୂପବତୀ ସ୍ତ୍ରୀଙ୍କ ଛବି ମୋ ମନରେ ଅଙ୍କିତ ହୋଇଯାଏ । କିଛିଦିନ ପରେ ଯେତେବେଳେ କ୍ଷେତରେ କାମ କରୁଥିବା ବା ଗାଁରେ କୂଅରୁ ପାଣି କାଢ଼ୁଥିବା କୌଣସି ସ୍ତ୍ରୀଲୋକକୁ ମୁଁ ଦେଖେ, ସେତେବେଳେ ମୁଁ ଆଶ୍ଚର୍ଯ୍ୟ ହୋଇଯାଏ; କାରଣ ତାକୁ ଦେଖି ମୋର ଅଜନ୍ତାଗୁମ୍ଫାର ସ୍ତ୍ରୀ ଚିତ୍ର ସ୍ମରଣ ହୁଏ ।

ସାଧାରଣ ନିର୍ବାଚନରେ କଂଗ୍ରେସ ସାଫଲ୍ୟମଣ୍ଡିତ ହେଲା ଏବଂ ଆମେ ପ୍ରଦେଶମାନଙ୍କର ମନ୍ତ୍ରୀମଣ୍ଡଳ ଗ୍ରହଣ କରିବା କି ନାହିଁ ?—ଏହା ଖୁବ୍ ଆଲୋଚନା ଲାଗିଲା । ଶେଷକୁ ସ୍ଥିର ହେଲା ଯେ ଆମେ ମନ୍ତ୍ରୀପଦ ଗ୍ରହଣ କରିବା; ମାତ୍ର ଭାଇସରାୟ ବା ଗଭର୍ଣ୍ଣର କୌଣସି ପ୍ରକାର ବାଧା ଦେବେ ନାହିଁ ଏହା ସ୍ୱୀକୃତ ହେଲେ ହେବ ।

୧୯୩୭ ମସିହାର ଗରମ ଦିନରେ ମୁଁ ବର୍ମା ଓ ମାଲୟ ଯାଇଥିଲି । ଏଥିରେ କିଛି ମୋତେ ଛୁଟି ମିଳିଲା ନାହିଁ । କାରଣ ମୁଁ ଯେଉଁଠାକୁ ଗଲି ସେଠି ସେହିପରି ମୋ ପଛରେ ଭିଡ଼ ଲାଗିଥାଏ ଏବଂ ମୁଁ କାମରେ ବ୍ୟସ୍ତ ରହୁଥାଏ । କିନ୍ତୁ ଏ ପରିବର୍ତ୍ତନ ବଡ଼ ଆନନ୍ଦଦାୟକ ଥିଲା ଏବଂ ବର୍ମାର ସ୍ୱଚ୍ଛ ଯୌବନପୂର୍ଣ୍ଣ ଲୋକଙ୍କୁ ଦେଖିବା ଏବଂ ସେମାନଙ୍କ ସହିତ ମିଳାମିଶା କରିବା ମୋତେ ଭଲ ଲାଗିଲା । ସେମାନେ ଭାରତୀୟଙ୍କଠାରୁ କେତେ-କାଂଶରେ ଫରକ— । ସେ ସବୁ ଚଞ୍ଚଳତା ଅତୀତ କାଳର ସ୍ମୃତି ଚିହ୍ନ ସ୍ୱରୂପ ଥିଲା ।

ଭାରତବର୍ଷରେ ଆମ ସମ୍ମୁଖରେ ନୂତନ ପ୍ରଶ୍ନ ଆସି ପଡ଼ିଥିଲା । ଅଧିକାଂଶ ପ୍ରଦେଶରେ କଂଗ୍ରେସ ସରକାରର ଶାସନ ଜାରି ଥିଲା ଏବଂ ବହୁତ ମନ୍ତ୍ରୀ ଏଥିପୂର୍ବରୁ ବର୍ଷ ବର୍ଷ ଧରି ଜେଲ କାଟିଥାନ୍ତି । ମୋ

Digitized by srujanika@gmail.com

ଭଉଣୀ ବିଜୟଲକ୍ଷ୍ମୀ ପଣ୍ଡିତ ଯୁକ୍ତପ୍ରଦେଶର ଜଣେ ମନ୍ତ୍ରୀ ହୋଇଥିଲେ । ହିନ୍ଦୁସ୍ଥାନରେ ସେ ହେଉଛନ୍ତି ପ୍ରଥମ ମହିଳା ମନ୍ତ୍ରୀ । କଂଗ୍ରେସ ମନ୍ତ୍ରୀମଣ୍ଡଳ ସ୍ଥାପିତ ହେବାର ପ୍ରଥମ ଫଳ ଦେଖାଗଲା ସେ ମଫସଲ ଲୋକଙ୍କ ମଧ୍ୟରେ ଗୋଟାଏ ସ୍ୱସ୍ତି ଭାବ; ସତେ କି ତାଙ୍କ ଉପରୁ ଗୋଟାଏ ଗରୁ ବୋଝ ଦୂର ହୋଇଗଲା । ଦେଶସାରା ଗୋଟିଏ ନୂଆ ଜୀବନ ଖେଳିଗଲା ଏବଂ କୃଷକ ଓ ମଜଦୁର ଏଣିକି ବଡ଼ ବଡ଼ କାମସବୁ ହେବ ବୋଲି ଆଶା ପୋଷଣ କଲେ । ରାଜନୈତିକ ବନ୍ଦୀ ମୁକ୍ତି ପାଇଲେ ଏବଂ ଆଉ ପର୍ଯ୍ୟନ୍ତ ଜଣା ନ ଥିବା ଅନେକ ନାଗରିକ ଅଧିକାର ମଧ୍ୟ ମିଳିଗଲା ।

କଂଗ୍ରେସ ମନ୍ତ୍ରୀମାନେ ବହୁତ କାମ କଲେ ଏବଂ ଅନ୍ୟମାନଙ୍କୁ କରିବାପାଇଁ ବାଧ୍ୟ କଲେ । କିନ୍ତୁ ସେମାନଙ୍କୁ ଶାସନର ସେହି ପୁରୁଣା ମେସିନ ସହିତ କାମ କରିବାକୁ ପଡ଼ିଲା—ଏହା ସେମାନଙ୍କ ପକ୍ଷରେ ବିଦେଶୀ ଓ ସେମାନଙ୍କର ବିରୋଧୀ ମଧ୍ୟ ଥିଲା । ଅମଲା ନିଯୁକ୍ତ କରିବାର କ୍ଷମତା ମଧ୍ୟ ସେମାନଙ୍କର ନ ଥିଲା । ଦୁଇ ଥର ଗଭର୍ଣ୍ଣରମାନଙ୍କ ସହିତ ମତଭେଦ ହେଲା ଓ ମନ୍ତ୍ରୀମାନେ ଇସ୍ତଫା ଦାଖଲ କରି ଦେଲେ । ଏଥିରେ ଗଭର୍ଣ୍ଣର ମନ୍ତ୍ରୀମାନଙ୍କ କଥା ମାନିଲେ ଏବଂ ସଙ୍କଟ ଦୂର ହେଲା । ମାତ୍ର ସିଭିଲ ସର୍ଭିସ, ପୁଲିସ ଏବଂ ଅନ୍ୟ ପୁରୁଣା ଅମଲାମାନଙ୍କର କ୍ଷମତା ଓ ପ୍ରଭାବ ବେଶୀ ଥିଲା, କାରଣ ତାଙ୍କ ପଛରେ ଗଭର୍ଣ୍ଣରମାନେ ଥିଲେ ଏବଂ ଶାସନ ବିଧାନ ମଧ୍ୟ ତାଙ୍କୁ ସାହାଯ୍ୟ ଦେଉଥିଲା । ଏହା ନିତି ନିତି ଘଟଣାରେ ଜଣାପଡ଼ୁଥିଲା । ଏହାର ଫଳସ୍ୱରୂପ ସଂସ୍କାର ଧୀର ମନ୍ଥର ଗତିରେ ହେଲା ଏବଂ ଅସନ୍ତୋଷ ଜାଗି ଉଠିଲା ।

ଏ ଅସନ୍ତୋଷ କଂଗ୍ରେସ ଭିତରେ ମଧ୍ୟ ଦେଖା ଦେଲା ଏବଂ ଅଧିକ ପ୍ରଗତିଶୀଲ ତତ୍ତ୍ୱମୂଳକ କାର୍ଯ୍ୟ ଅଗ୍ରସର ହୋଇ ପାରିଲା ନାହିଁ । ମୁଁ ନିଜେ ମଧ୍ୟ ଘଟଣାଚକ୍ରର ଗତିରେ ସନ୍ତୁଷ୍ଟ ନ ଥିଲି, କାରଣ ମୁଁ ଦେଖିପାରିଲି ସେ ଆମର ଏପରି ଶ୍ରେଷ୍ଠ ଲଢ଼ୁଆ ଅନୁଷ୍ଠାନ ଧୀରେ ଧୀରେ ଗୋଟିଏ ନିର୍ବାଚନ କେନ୍ଦ୍ରିକ ଅନୁଷ୍ଠାନରେ ପରିଣତ ହୋଇ ଯାଉଛି । ମୋତେ ବୋଧ ହେଲା

Digitized by srujanika@gmail.com

ଦେଶ ସ୍ୱତନ୍ତ୍ରତା ସଂଗ୍ରାମ ତ ଲଢ଼ିବାକୁ ହେବ । ଏହି ପ୍ରାନ୍ତୀୟ ସ୍ୱରାଜ୍ୟ ବା ଶାସନ ତ କେବଳ ଅଲଗନ ପାଇଁ । ୧୯୩୮ ମସିହା ଏପ୍ରିଲ ମାସରେ କଂଗ୍ରେସ ମନ୍ତ୍ରୀମଣ୍ଡଳ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ମୁଁ ଗାନ୍ଧିଜୀଙ୍କୁ ଏହି ଚିଠିରେ ଲେଖିଥିଲି—"ସେମାନେ ପୁରୁଣା ବ୍ୟବସ୍ଥା ସହିତ ନିଜକୁ ମିଳାଇବାପାଇଁ ବହୁତ ଚେଷ୍ଟା କରୁଛନ୍ତି ଏବଂ ତାକୁ ନ୍ୟାୟୋଚିତ ସିଦ୍ଧ କରୁଛନ୍ତି; ଏ ଭଲମନ୍ଦ ହୁଏତ ବରଦାସ୍ତ କରି ହୁଅନ୍ତା । ମାତ୍ର ଏହାଠୁଁ ଖରାପ କଥା ହେଉଛି ଯେ ଆମେ ବହୁତ ପରିଶ୍ରମ କରି ଲୋକଙ୍କ ହୃଦୟରେ ଯେଉଁ ସ୍ଥାନ ଦଖଲ କରିଥିଲୁଁ, ତାହା ହରାଇବାକୁ ବସିଛୁ । ଆମେ ତଳକୁ ଖସି ଯାଇ ମାମୁଲି ରାଜନୀତିଜ୍ଞ ସ୍ତରରେ ପହଞ୍ଚିଲୁଣି ।"

ମୁଁ ବୋଧହୁଏ କଂଗ୍ରେସ ମନ୍ତ୍ରୀମାନଙ୍କ ଉପରେ ଟିକିଏ କଡ଼ା ହୋଇ ଯାଇଥିଲି—ଏହା ଦରକାରଠାରୁ ଅଧିକ ଥିଲା । କିନ୍ତୁ ଏହାର ପରିସ୍ଥିତି ଯୋଗୁଁ ଏହା ବେଶୀ ହୋଇଥିଲା । ଏହି ମନ୍ତ୍ରୀମାନଙ୍କ କାର୍ଯ୍ୟକଳାପ ଅନେକ କ୍ଷେତ୍ରରେ ରାଷ୍ଟ୍ରୀୟ ଗଠନବାଦୀ ଦୃଷ୍ଟିରୁ ଠାଣୁଆ ଥିଲା । ମାତ୍ର ସେମାନଙ୍କୁ ଗୋଟିଏ ଖାସ ପରିସ୍ଥିତି ଭିତରେ ରହି କାମ କରିବାକୁ ପଡ଼ୁଥିଲା ଏବଂ ଆମ ସମସ୍ୟାପାଇଁ ସେମାନଙ୍କ ଏପରିସ୍ଥିତି ବାହାରକୁ ଯିବାକୁ ହୁଅନ୍ତା । ସେମାନେ କେତେକ ଭଲ ଭଲ କାମ କଲେ—ସେଥିଭିତରୁ ପ୍ରଜାସ୍ୱତ୍ୱ ସମ୍ବନ୍ଧୀୟ ଆଇନରେ କୃଷକମାନଙ୍କର ସୁବିଧା ହେଲା । ଆଉ ଗୋଟିଏ ଭଲ କାମ ହେଉଛି ମୌଳିକ ଶିକ୍ଷାର ପ୍ରଚଳନ । ଏହାର ଉଦ୍ଦେଶ୍ୟ ହେଉଛି ମୌଳିକ ଶିକ୍ଷାଦ୍ୱାରା ଦେଶର ପ୍ରତ୍ୟେକ ସନ୍ତାନ ୭ ବର୍ଷଠାରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସାତବର୍ଷ କାଳ ବିନା ଖର୍ଚ୍ଚରେ ବାଧ୍ୟତାମୂଳକ ଶିକ୍ଷା ପାଇବ । ଏହି ଶିକ୍ଷା କୌଣସି ଶିଳ୍ପ ଜରିଆରେ କରା ହେବ ଏବଂ ଏହାର ବିକାଶ ଓ ହେବାର ପନ୍ଥା ଏପରି ସ୍ଥିର କରା ଯାଇଥିଲା ଯେ ଅଳ୍ପ ଅର୍ଥ ଓ ଅନ୍ୟାନ୍ୟ ଜିନିଷ ଖର୍ଚ୍ଚରେ ଉତ୍ତମ ଶିକ୍ଷା ବ୍ୟବସ୍ଥା କରାଯାଇ ପାରିବ । ଭାରତବର୍ଷ ପରି ଗରିବ ଦେଶରେ ଅନ୍ୟାନ୍ୟ ପାଠ୍ୟକ୍ରମ କମ୍ ଲାଗିବାଠା ଭିତ୍ତି କମ୍ ମହତ୍ତ୍ୱର କଥା ନୁହେଁ । ଏହି

Digitized by srujanika@gmail.com

ପନ୍ତ୍ରାହ୍ୱାବ୍ ଭାରତବର୍ଷରେ ଶିକ୍ଷା ବିପ୍ଳବ ଆସିଛି ଏବଂ ଏଥିରେ ଖୁବ୍ ବଡ଼ ବଡ଼ ଆଶା ରଖାଯାଇଛି ।

ଉଚ୍ଚ ଶିକ୍ଷା ଉପରେ ଜୋର ଦିଆଗଲା ଏବଂ ସାଧାରଣ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସେହିପରି ନଜର ଦିଆଗଲା । ମାତ୍ର କଂଗ୍ରେସ ମନ୍ତ୍ରୀମଣ୍ଡଳ ପ୍ରଯତ୍ନର ଅଧିକ ଫଳ ମିଳିବା ଆଗରୁ ମନ୍ତ୍ରୀମଣ୍ଡଳଗୁଡ଼ିକୁ ଇସ୍ତଫା ଦେବାକୁ ପଡ଼ିଲା । ଆହୁରି ମଧ୍ୟ ସାବାଳକ ଶିକ୍ଷା ଦେବା କାମ ଖୁବ୍ ଜୋରରେ କରାଗଲା ଏବଂ ଏହାର ପରିମାଣ ଭଲ ହେଲା । ଗ୍ରାମଗୁଡ଼ିକର ପୁନର୍ଗଠନ ଦିଗରେ ମଧ୍ୟ ବହୁତ ଦୃଷ୍ଟି ଦିଆଗଲା ।

କଂଗ୍ରେସ ସରକାରଙ୍କ କାର୍ଯ୍ୟ ମୋଟାମୋଟି ବେଶ୍ ଗୋଟାଏ ପ୍ରଭାବ ପକାଇଥିଲା; ମାତ୍ର ଏସବୁ ଭଲ କାମରେ ସୁଦ୍ଧା ଭାରତର ମୂଳ ସମସ୍ୟା ସମାଧାନ ହୋଇ ପାରିଲାନାହିଁ । ଏଥିଲାଗି ଆହୁରି ଭିତରକୁ ଯିବା ଦରକାର ଏବଂ ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ଲୋଡ଼ା—ଯେଉଁ ସାମ୍ରାଜ୍ୟବାଦ ଆଜି ଆମ ଦେଶର ସମସ୍ତ ପ୍ରକାର ସ୍ଥାପିତ ସ୍ୱାର୍ଥ (Vested interest) କୁ ଆଶ୍ରା ଦେଇ ରଖି ଆସିଛି, ତାହାକୁ ଶେଷ କରିବା ଦରକାର ।

ଏଇଥି ପାଇଁ କଂଗ୍ରେସ ଭିତରେ ନରମ ଓ ଉଗ୍ର ଦଳଙ୍କ ଭିତରେ ବହୁତ ମତଭେଦ ହୋଇଗଲା । ୧୯୩୭ ମସିହା ଅକ୍ଟୋବର ମାସରେ ହୋଇଥିବା ନିଖିଳ ଭାରତ କଂଗ୍ରେସ କମିଟି ବୈଠକରେ ଏକଥା ପ୍ରଥମେ ପ୍ରକାଶ ପାଇଲା । ଏଥିରେ ଗାନ୍ଧିଜୀଙ୍କୁ ବଡ଼ ଦୁଃଖ ଲାଗିଲା ଏବଂ ସେ ସନ୍ତାନର ସହିତ ନାରାଜ ମତ ପ୍ରକାଶ କଲେ । ପରେ ତାଙ୍କର ଏହି ଲେଖାରେ ମୁଁ ରାଷ୍ଟ୍ରପତି ହିସାବରେ କରିଥିବା କେତେକ କାର୍ଯ୍ୟକୁ ମଧ୍ୟ ସେ ନାପସନ୍ଦ କରି ଲେଖିଥିଲେ ।

ମୋତେ ବୋଧ ହେଲା କାର୍ଯ୍ୟକାରୀ ସମିତିରୁ ଜଣେ ଦାୟିତ୍ୱସମ୍ପନ୍ନ ସଭ୍ୟ ହିସାବରେ ମୁଁ ଅଗ୍ରସର ହୋଇ ପାରିବିନାହିଁ । କିନ୍ତୁ ମୁଁ ସ୍ଥିର କଲି

Digitized by srujanika@gmail.com

ଯେ ମୁଁ ଏପରି କୌଣସି କାର୍ଯ୍ୟ କରିବି ନାହିଁ ଯେଉଁଥିରେ ସଂକଟ ଉପୁଜିପାରେ । କଂଗ୍ରେସର ସଭାପତି ରହିବା ସମ୍ବନ୍ଧ ମୋର ଅଫିସ ଶେଷ ହେବା ଉପରେ ଥିଲା । ଏହା ପରେ ମୁଁ ନିରବରେ ଅଲଗା ହୋଇ ପାରେ; କିନ୍ତୁ ଲଗ୍ ଲଗ୍ ଦୁଇଥର ଓ ସର୍ବମୋଟ ତିନିଥର ସଭାପତି ହେଲି । ଆଗାମୀ ବର୍ଷପାଇଁ ମୋତେ ପୁଣି ସଭାପତି ନିର୍ବାଚନ କରିବାର ଶୁଣାଶୁଣି ହେଉଥିଲା, ମାତ୍ର ମୋ ମନରେ ଏକଥା ପରିଷ୍କାର ଥିଲା ଯେ ଆଉ ଥରେ ମୋର ସଭାପତିଲାଗି ପ୍ରାର୍ଥୀ ହେବା ଉଚିତ ନୁହେଁ । ଏଥରକ ମୁଁ ଗୋଟିଏ କୌଶଳ କଲି, ଏଥିରେ ବଡ଼ ମଜା ବି ହେଲା । ମୁଁ ଏକ ପ୍ରବନ୍ଧ ଲେଖିଲି ଏବଂ ତାହା ମୋ ନାମ ନ ଦେଇ କଲିକତାର 'ମଡର୍ଣ୍ଣ ରିଭ୍ୟୁ' ମାସିକ ପତ୍ରିକାରେ ବାହାରିଲା । ସେଥିରେ ମୁଁ ନିଜେ ପୁଣି ଥରେ ସଭାପତି ହେବାର ବିରୋଧ କରି ଲେଖିଥିଲି । ଏ ଲେଖା କିଏ ଲେଖିଥିଲା ଏହା କାହାରିକୁ ଜଣା ନ ଥିଲା; ଏପରିକି ସମ୍ପାଦକଙ୍କୁ ମଧ୍ୟ ଅଜଣା ଥିଲା । ମୋର ସାଥୀ ଓ ଅନ୍ୟ ଲୋକଙ୍କ ଉପରେ ଏହାର କିପରି ପ୍ରଭାବ ପଡ଼ୁଛି ଏହା ବଡ଼ ଆଗ୍ରହର ସହିତ ମୁଁ ଲକ୍ଷ୍ୟ କରୁଥାଏ । ଲେଖକ କିଏ ଏ ସମ୍ବନ୍ଧରେ ନାନାପ୍ରକାର ଅନୁମାନ କଳ୍ପନା ଜଳ୍ପନା ଚାଲିଲା; କିନ୍ତୁ ଜନ୍ ଗୁନ୍ଥର ତାଙ୍କ ଲିଖିତ ପୁସ୍ତକ 'ଇନ୍‌ସାଇଡ୍ ଏସିଆ'ରେ ଏହାର ଆଲୋଚନା ନ କରିବା ପର୍ଯ୍ୟନ୍ତ ଖୁବ୍ ଅଳ୍ପ ଲୋକ ଏହାର ସତ୍ୟତା ଜାଣିପାରିଥିଲେ ।

ହରିପୁରଠାରେ ଆଗାମୀ କଂଗ୍ରେସ ଅଧିବେଶନରେ ସୁଭାଷବୋଷ ସଭାପତି ନିର୍ବାଚିତ ହେଲେ ଏବଂ ଏହା ପରେ ମୁଁ ଶୀଘ୍ର ୟୁରୋପ ଯିବାଲାଗି ସ୍ଥିର କଲି । ମୁଁ ମୋର ଝିଅ ଇନ୍ଦୁକୁ ଦେଖିବାକୁ ଚାହୁଁଥିଲି, ମାତ୍ର ଅସଲ କଥା ହେଉଛି ମୁଁ ମୋର କ୍ଳାନ୍ତ ଓ ବିମର୍ଷ ମନକୁ ତାଜା କରିବାକୁ ଚାହୁଁଥିଲି ।

କିନ୍ତୁ ୟୁରୋପରେ ବା କେଉଁଠି ଆରାମରେ ବସି ଚିନ୍ତା କରିବାର ବା ନିଜ ମନର ଅନ୍ଧାର ହଟାଇ ଦେବାର ସ୍ଥାନ କାହିଁ ! ସେଠି ତ ଚାରିଆଡ଼େ ଅନ୍ଧକାର ଘନ ହୋଇଥିଲା । ତୋଫାନ ଆସିବା ପୂର୍ବରୁ—

Digitized by srujanika@gmail.com

ଯେପରି ନିଶ୍ଚଳ ଅବସ୍ଥା ଥାଏ, ସେହିପରି ଶାନ୍ତି ଅବଶ୍ୟ ଥିଲା । ଏହା ୧୯୩୮ ମସିହା ଜୁନମାସର ଇଉରୋପ—ଏତେବେଳେ ମିଷ୍ଟର ନେଭାଇ ଚେମ୍ବରଲେନଙ୍କର ସନ୍ତୁଷ୍ଟ କରିବା ନୀତି ଜୋରରେ ଚାଲୁଥିଲା—ଏହି ନୀତି ପ୍ରଚଳନ କରି ଦେଶମାନଙ୍କୁ ଦଗାଦେଇ ନଷ୍ଟ କରି ଦିଆଗଲା । ଏହି ନାଟକର ଅନ୍ତିମ ଦୃଶ୍ୟ ମ୍ୟୁନିକ୍‌ଠାରେ ହୋଇଥିଲା । ମୁଁ ଉଡ଼ାଜାହାଜରେ ବର୍ସିଲୋନା ଗଲି ଏବଂ ଲଢ଼େଇ ଲାଗିଥିବା ଇଉରୋପରେ ପ୍ରବେଶ କଲି । ସେଠି ମୁଁ ପାଞ୍ଚଦିନ ପର୍ଯ୍ୟନ୍ତ ରହିଲି ଏବଂ ରାତିରେ ଆକାଶରୁ ବୋମାବୃଷ୍ଟି ହେବାର ଦେଖିଲି । ସେଠି ମୁଁ ଆହୁରି ଅନେକ କଥା ଦେଖିଲି ଏବଂ ଏହା ମୋ ଉପରେ ଖୁବ୍ ପ୍ରଭାବ ପକାଇଲା । ବିପଦ୍ରତା, ସର୍ବନାଶ ଓ ସର୍ବଦା ମସ୍ତକ ଉପରେ ଆବୃତ ବିପତ୍ତି ମଧ୍ୟରେ ସୁଦ୍ଧା ମୁଁ ଇଉରୋପର ଅନ୍ୟ ଯେ କୌଣସି ସ୍ଥାନ ଅପେକ୍ଷା ସ୍ପେନରେ ଅଧିକ ଶାନ୍ତି ଲଭିଲି । ସେଠାରେ ଶାନ୍ତି ବିରାଜୁଥିଲା—ତାହା ହେଉଛି ହୃଦୟର ଶାନ୍ତି; ଦୃଢ଼ ନିଶ୍ଚୟ ଏବଂ କିଛି ନା କିଛି କାମ କରିବାର ଶାନ୍ତି ।

ମୁଁ ଇଂଲଣ୍ଡ ଗଲି ଏବଂ ସେଠି ଏକମାସ କଟାଇଲି । ସବୁ ଶ୍ରେଣୀ ବା ସବୁ ପ୍ରକାରର ବିଚାରଶୀଳ ଲୋକଙ୍କ ସହିତ ସାକ୍ଷାତ କଲି । ମୁଁ ପ୍ରାୟ ସମସ୍ତଙ୍କଠାରେ ଗୋଟାଏ ପରିବର୍ତ୍ତନ ଲକ୍ଷ୍ୟ କଲି । ଏହି ପରିବର୍ତ୍ତନ ନୀତି ଠିକ୍ ଦିଗରେ ହେଉଥିଲା । କିନ୍ତୁ ଉପରେ କୌଣସି ପରିବର୍ତ୍ତନ ନ ଥିଲା, ସେଠି ଚେମ୍ବରଲେନ୍‌ବାଦ ସଦର୍ପରେ ବିରାଜିଥିଲା । ପରେ ମୁଁ ଚେକୋ-ସ୍ଲୋଭେକିଆ ଗଲି ଏବଂ ନିଜର ସାଥୀକୁ ଦଗା ଦେବା ପରି କୁଟିଳ ଓ ଦୁଃଖଦାୟକ ଘଟଣା ନିଜ ଆଖି ଆଗରେ ଘଟିବାର ଥାଇ ଦେଖିଲି ଯେଉଁ ଉଦ୍ଦେଶ୍ୟକୁ ନିଜେ ଖୁବ୍ ଉଚ୍ଚ ନୈତିକ ମୂଲ୍ୟବୋଧ ରୂପେ ଧରିଥାନ୍ତି, ତାକୁ କିପରି ପଣ୍ଡ କରିଯାଇ ପାରେ ତାହା ମଧ୍ୟ ଦେଖିଲି । ମ୍ୟୁନିକ୍ ସଂକଟ ବେଳେ ମୁଁ ଏହି ଖେଳ ଲଣ୍ଡନ, ପାରିସ୍ ଓ ଜେନେଭାରେ ଦେଖିଲି ଏବଂ ଏହାର ଅଦ୍ଭୁତ ପରିଣାମ ବିଷୟ ବିଚାର କଲି । ଆଗକୁ କିପରି ବୋଲି କୁହାଯାଉଥିବା ଲୋକେ ଓ ଦଳସବୁ ସଂକଟ ବେଳେ କିପରି ନିହାତି ତଳକୁ ଖସି ଯାଉଛନ୍ତି ଏହା ଦେଖି ମୋତେ ସବୁଠାରୁ

ଅତାମ୍ଭିତ ଲାଗିଲା । କେନେଡ଼ିଆ ଦେଖି ପୁରୁଣା କାଳର ଭଗ୍ନାବଶେଷ ଗ୍ରାମ ବା ସହରର ଖିଆଲ ମୋ ମନରେ ଉଠିଲା ! ଏହି ସ୍ଥାନରେ ଏଠି ସେଠି ଶହ ଶହ ଅନ୍ତଃରାଷ୍ଟ୍ରୀୟ ଅନୁଷ୍ଠାନର—ଯାହାର ଏହି ହଜାର ସଦର ସ୍ଥଳୀ ଥିଲା—ଶବ ସବୁ ପଡ଼ିଥିବା ପରି ମନେ ହେଲା । ଲଣ୍ଡନରେ ସନ୍ତୋଷ ଦେଖା ହେଉଥିଲା ଯେ ମୃତ୍ୟୁ ଚାଲିଗଲା ଏବଂ ଆଉ କୌଣସି ଡର ନାହିଁ । ଏହାର ମୂଳ୍ୟ ତ ଅନ୍ୟଙ୍କୁ ଦେବାକୁ ପଡ଼ିଥିଲା; ତେଣୁ ସେ କଥା ଆଉ ଭାବନା କାହିଁକି ? କିନ୍ତୁ ଏକ ବର୍ଷ ନ ପୂରୁଣୁ ଅନେକ କିଛି ଘଟଣା ହୋଇଗଲା । ମିଷ୍ଟର ଚେମ୍ବରଲେନଙ୍କର ପିତାର ବାଜୁଥିଲା; ତଥାପି ତା'ର ବିରୋଧରେ ଶବ୍ଦ ଉଠୁଥିଲା । ପାରିସ ଘଟଣାରେ ମୋତେ ଧକ୍କା ଲାଗିଲା; ବିଶେଷତଃ ଏହି ସହରର ମଧ୍ୟବିତ୍ତ ଶ୍ରେଣୀ ଅଧିକ ବିରୋଧ କଲେ ନାହିଁ ଏହା ଜାଣିପାରି । ଏହି କି'ନ ସେହି ପାରିସ ସହର—ବିପ୍ଳବୀ ପାରିସ ଯାହା ଦିନେ ସାରା ଦୁନିଆର ସ୍ୱାଧୀନତାର ପ୍ରତୀକ ଥିଲା !

ବହୁତ ଖାମଖିଆଲି ଭାବ ଦୂର କରି ମୁଁ ଇଉରୋପରୁ ଦୁଃଖୀ ଓ ଉଦାସ ହୃଦୟରେ ଫେରିଲି । ଫେରିବା ବାଟରେ ମିଶର ଦେଶରେ ରହିଥିଲି—ସେଠି ମୁସ୍ତାଫା ନାହାଶ ପାଶା ଏବଂ ଓ୍ୟାଫଡ୍ ପାର୍ଟିର ଅନ୍ୟ ନେତାମାନେ ମୋର ଆନ୍ତରିକ ଅଭ୍ୟର୍ଥନା କଲେ । ସେମାନଙ୍କ ସହିତ ଘନିଷ୍ଠ ଭାବେ ସାକ୍ଷାତ କରି ଏବଂ ଅତିଶୀଘ୍ର ବଦଳୁଥିବା ଦୁନିଆର ପରିସ୍ଥିତି ବିଷୟରେ ନିଜ ନିଜର ଦୃଷ୍ଟି ଅନୁସାରେ ଭାବ ଆଦାନ ପ୍ରଦାନରେ ମୋତେ ଆନନ୍ଦ ମିଳିଲା । କେତେକ ମାସ ପରେ ଓ୍ୟାଫଡ୍ ପାର୍ଟିର ଗୋଟିଏ ପ୍ରତିନିଧି-ମଣ୍ଡଳ ଆମ ସହିତ ସାକ୍ଷାତ୍ କରିବା ପାଇଁ ଭାରତବର୍ଷକୁ ଆସିଲେ ଓ ସେମାନେ ଆମ କଂଗ୍ରେସର ବାର୍ଷିକ ଅଧିବେଶନରେ ମଧ୍ୟ ଯୋଗ ଦେଇଥିଲେ ।

ଭାରତରେ ପୁରୁଣା ସମସ୍ୟା ଓ ବିବାଦ ଲାଗିଥାଏ । ମୋତେ ପୁଣି ପୁରୁଣା ସାଥିମାନଙ୍କ ସହ କାର୍ଯ୍ୟ କରିବାରେ ସେହି ପୁରାତନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ଯେତେବେଳେ ଦୁନିଆର କାହ୍ନା ପାଳିତ

ହେବାର ସମ୍ଭାବନା ସେତେବେଳେ ବହୁ କଂଗ୍ରେସ ଲୋକ ଛୋଟ ବଡ଼ ଦଳଗଠନ ଝଗଡ଼ାରେ ପଡ଼ିଥିବା ଦେଖି ମୋ ମନରେ ସନ୍ତାପ ଆସିଲା—ତଥାପି କଂଗ୍ରେସ ଅନୁଷ୍ଠାନର ଉପରଠାଉଆ କଂଗ୍ରେସ ଲୋକଙ୍କ ଭିତରେ ଠିକ୍ ଠିକ୍ ବୁଝିବାର ଓ ମିଳାମିଶି ରହିବାର ଭାବନା ଥିଲା । କଂଗ୍ରେସ ବାହାରେ ଅବସ୍ଥା ଆହୁରି ଖରାପ ଥିଲା । ସାଂପ୍ରଦାୟିକ ଦ୍ୱେଷ ଓ କ୍ରୋଧ ବଢ଼ି ଯାଉଥିଲା ଏବଂ ମୁସଲିମ୍ ଲିଗ ଶ୍ରୀ ଜିନାଙ୍କ ନେତୃତ୍ୱରେ ଉଗ୍ର ଜାତୀୟତା ବିରୋଧୀ ଓ ସଂକୀର୍ଣ୍ଣ ମତାବଲମ୍ବୀ ହୋଇଗଲା । ଏହାର ଗତିପଥ ଦେଖି ଆଚମ୍ବିତ ହେବାକୁ ପଡ଼ିଲା । ତାଙ୍କ ତରଫରୁ କୌଣସି ସଂଗଠନ କରିବାର ମତଲବ ବା ମେଳମିଳାପ କରିବା ପାଇଁ କଥାବାର୍ତ୍ତାର ପ୍ରଚେଷ୍ଟା ବି ନ ଥିଲା । କୌଣସି ପ୍ରଶ୍ନର ଜବାବ ମଧ୍ୟ ମିଳି ନ ଥିଲା । ପ୍ରକୃତରେ ସେମାନେ କ'ଣ ଚାହାଁନ୍ତି ? ଏହା ତ ଏକ ଦଳ ଓ ହିଂସାରେ ବିଭକ୍ତ କରିବାର କାର୍ଯ୍ୟପନ୍ଥା—ଏହା ନାଜୀମାନେ ଗ୍ରହଣ କରିଥିବା ପଦ୍ଧତି ସହ ଖାପ ଖାଉଥିଲା । ବିଶେଷ ଭାବରେ କଷ୍ଟଦାୟକ କଥା ହେଉଛି ସାଂପ୍ରଦାୟିକ ଅନୁଷ୍ଠାନଗୁଡ଼ିକର ଉଦ୍ଦଣ୍ଡ ପଣିଆ ବଢ଼ି ଚାଲିଲା—ଆମର ସାଧାରଣ ଜୀବନ ଉପରେ ଏହାର ଖୁବ୍ ଖରାପ ପ୍ରଭାବ ପଡ଼ୁଥିଲା । ଏ କଥା ନିଶ୍ଚୟ ଯେ ଅନେକ ମୁସଲମାନ ଅନୁଷ୍ଠାନ ଓ ବହୁ ସଂଖ୍ୟାରେ ମୁସଲମାନମାନେ ମୁସଲିମ୍ ଲିଗ୍ର କାର୍ଯ୍ୟରେ ନାରାଜ ଥିଲେ ଏବଂ କଂଗ୍ରେସ ପକ୍ଷରେ ଅଛନ୍ତି !

ଏହି ପଥରେ ଯାଇ ମୁସଲିମ୍ ଲିଗ୍ ଅଧିକ ଭୁଲ ରାସ୍ତାରେ ଯିବା ସ୍ୱାଭାବିକ ଏବଂ ଶେଷକୁ ଏହା ଯେ ଖାଲି ଭାରତରେ ପ୍ରଜାତନ୍ତ୍ର ସ୍ଥାପନର ବିରୋଧରେ ଚାଲୁ ତାହା ନୁହେଁ, ଦେଶକୁ ଦୁଇ ଭାଗ କରିବାରେ ମଧ୍ୟ ଲାଗିପଡ଼ିଛି । ବ୍ରିଟିଶ ଅଫିସରମାନେ ଏହି ନିର୍ବୋଧ ଦାବୀପାଇଁ ତା'ର ପିଠି ଥାପୁଡ଼େଇଲେ; କାରଣ ମୁସଲିମ ଲିଗ୍ର କାର୍ଯ୍ୟରୁ ସେମାନେ ଫାଇଦା ଉଠାଇବାକୁ ଚାହୁଁଥିଲେ—ଏଥିରେ କଂଗ୍ରେସର ପ୍ରଭାବ କମ୍ ହୋଇଯିବ ଏହି ଆଶାରେ । ବଡ଼ ଆଶ୍ଚର୍ଯ୍ୟ କଥା ଯେ ଯେତେବେଳେ ଏକ ରାଷ୍ଟ୍ରସଂଘର ଅଙ୍ଗସ୍ୱରୂପ ନ ରହିଲେ ଏ ଦୁନିଆରେ କୌଣସି କ୍ଷୁଦ୍ର ରାଷ୍ଟ୍ର ବା ଶାସନର

Digitized by srujanika@gmail.com

ସ୍ଥାନ ନାହିଁ ବୋଲି ପ୍ରମାଣିତ ହୋଇ ଚାଲିଛି, ଠିକ୍ ଏତିକିବେଳେ ଭାରତକୁ ବିଭକ୍ତ କରିବାର ଦାବୀ ପେଶ୍ କରାଯାଉଛି, ଏହି ଦାବୀର ଗମ୍ଭୀର ଅର୍ଥ ବୋଧହୁଏ ପ୍ରକାଶିତ ହୋଇନାହିଁ, କିନ୍ତୁ ମିଷ୍ଟର ଜିନ୍ନାଙ୍କର ଦୁଇଟି ରାଷ୍ଟ୍ର କରିବା କଳ୍ପନାର ଏହାହିଁ ପରିଣତି । ସାଂପ୍ରଦାୟିକତାର ଏହି ନୂତନ ରୂପ ସହିତ ଧର୍ମଭେଦଭାବର କୌଣସି ସଂପର୍କ ନାହିଁ । ଏହା ଜଣାଶୁଣା କଥା ଯେ ତାହା ଠିକ୍ ହୋଇପାରେ । ମାତ୍ର ଏହା ତ ଯେଉଁମାନେ ସ୍ୱାଧୀନ, ସଂଗଠିତ ଏବଂ ପ୍ରଜାତନ୍ତ୍ରାତ୍ମକ ଭାରତ ଚାହାନ୍ତି ଏବଂ ଯେଉଁ ପ୍ରଗତିଗାମୀ ଓ ସାମନ୍ତ ଲୋକ ଏହାର ବିରୋଧ କରନ୍ତି ସେମାନଙ୍କ ଭିତରର ଝଗଡ଼ା—ଧର୍ମ ଆବରଣରେ ସେମାନେ ନିଜର ବିଶେଷ ସ୍ୱାର୍ଥକୁ କାଏମ୍ ରଖିବାକୁ ଚାହୁଁଥିଲେ । ଭିନ୍ନ ଭିନ୍ନ ଧର୍ମଗୋଷ୍ଠୀ ଯେପରି ଧର୍ମ ନାମରେ କାର୍ଯ୍ୟ କରୁଥିଲେ ମୋ ଦୃଷ୍ଟିରେ ତାହା ଏକ ଅଭିଶାପ ଏବଂ ସାମାଜିକ ଓ ବ୍ୟକ୍ତିଗତ ସକଳପ୍ରକାର ପ୍ରଗତିରେ ବାଧା ପହଞ୍ଚାଇବା ଭଳି କାର୍ଯ୍ୟ । ଯେଉଁ ଧର୍ମ ଆଧ୍ୟାତ୍ମିକତା ଓ ଭ୍ରାତୃଭାବ ପ୍ରଚାର କରିବ ବୋଲି ଆଶା କରାଯାଉଥିଲା, ତାହା ଏବେ ଘୃଣା, କ୍ରୋଧଭାବ ଏବଂ ଖାଉଟିଆ ଓ ନିମ୍ନସ୍ତରର ଭୌତିକତାର ଖାସ୍ ପ୍ରତିରୂପ ହୋଇଗଲା ।

୧୯୩୯ରେ ରାଷ୍ଟ୍ରପତି ନିର୍ବାଚନ ବେଳେ କଂଗ୍ରେସ ଅବସ୍ଥା ଖରାପ ହୋଇଗଲା । ଦୁର୍ଭାଗ୍ୟବଶତଃ ନିର୍ବାଚନରେ ପ୍ରାର୍ଥୀ ହେବାଲାଗି ମୌଲାନା ଅବୁଲ କାଲାମ ଆଜାଦ ମନା କରିଦେଲେ ଏବଂ ନିର୍ବାଚନରେ ସୁଭାଷଚନ୍ଦ୍ର ବୋଷ ନିର୍ବାଚିତ ହୋଇଗଲେ । ଏଥିରେ କେତେକ ଅସୁବିଧା ଓ ଗତି-ଅବରୋଧ ଜାତ ହେଲା—ତାହା କେତେକ ମାସ ପର୍ଯ୍ୟନ୍ତ ରହିଲା । ତ୍ରିପୁରୀ କଂଗ୍ରେସରେ କବୋଧ ଦୃଶ୍ୟ ଦେଖିବାକୁ ମିଳିଲା । ଏତେବେଳେ ମୋର ଉତ୍ସାହ ଫିକା ପଡ଼ିଯାଇଥିଲା ଏବଂ କର୍ମକ୍ଷେତ୍ରରେ ଅଗ୍ରସର ହେବା ମୋ ପକ୍ଷରେ ମୁସ୍କିଲ ହୋଇପଡ଼ିଲା । ରାଜନୈତିକ ଘଟଣାବଳୀ—ରାଷ୍ଟ୍ରୀୟ ଅନ୍ତର୍ରାଷ୍ଟ୍ରୀୟ ସମସ୍ୟାର ମଧ୍ୟ ମୋ ଉପରେ ପ୍ରଭାବ ପଡ଼ିଲା, କିନ୍ତୁ ସେ ସବୁର ଆମ ସାଧାରଣ ସମସ୍ୟା ସହିତ କୌଣସି ସମ୍ପର୍କ ନ ଥିଲା । ମୁଁ ନିଜେ ଅସ୍ଥିର ହୋଇ ପଡ଼ିଲି ଏବଂ ଗୋଟିଏ ଖବରକାଗଜରେ ଏକ

Digitized by srujanika@gmail.com

ପ୍ରବନ୍ଧରେ ମୁଁ ଲେଖିଥିଲି—"ମୋର ଡର ଯେ ମୁଁ ସେମାନଙ୍କୁ (ମୋର ସାଥିମାନଙ୍କୁ) ସନ୍ତୋଷ ଦେଇ ପାରିବି ନାହିଁ; ତଥାପି ଏହା କିଛି ଆଶ୍ଚର୍ଯ୍ୟ କଥା ନୁହେଁ, କାରଣ ନିଜ କାମରେ ମୋତେ ନିଜେ ମଧ୍ୟ ଖୁବ୍ କମ୍ ସନ୍ତୋଷ ମିଳୁଛି । ଏପରି ଗୁଣ ବା ବଳରେ ନେତାଗିରି ହୋଇପାରେ ନା, ମୋର ସାଥିମାନେ ଯେତେ ଶୀଘ୍ର ଏକଥା ବୁଝିନେବେ ସେତେ ମୋ ପକ୍ଷରେ ଓ ତାଙ୍କ ପକ୍ଷରେ ମଙ୍ଗଳ । ମନ ଖୁବ୍ ଭଲ ଭାବରେ କାମ କରି ପାରୁଛି—କାମ ଚଳାଇ ନେବାର ଅଭ୍ୟାସ ମଧ୍ୟ କ୍ରମଶଃ ପଡ଼ିଯାଉଛି, କିନ୍ତୁ ଯେଉଁ ସ୍ରୋତ ଏହି କାମକୁ ଠିକ୍ ଚଳାଇବାପାଇଁ ଜୀବନ ଓ ଶକ୍ତି ଦାନ କରେ, ତାହା ଶୁଖିଗଲାପରି ଜଣା ପଡ଼ୁଛି ।"

ସୁଭାଷ ବୋଷ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଦେଲେ ଓ ଫରୱାର୍ଡ ବ୍ଲକ ଚଳାଇଲେ । ଏହା କଂଗ୍ରେସର ପ୍ରାୟ ପ୍ରତିଦ୍ୱନ୍ଦ୍ୱୀ ସଂଗଠନ ହେବାକୁ ଇଚ୍ଛା କରୁଥିଲା । କିଛିଦିନ ପରେ ଏହାର ଶକ୍ତି ଶେଷ ହୋଇଗଲା—ଏହା ହେବାରହିଁ କଥା । ମାତ୍ର ଏଥିରେ ବିଧ୍ୱଂସକ ପ୍ରବୃତ୍ତିକୁ ସାହାଯ୍ୟ ମିଳିଲା ଓ ବହୁତ ଖରାପ ହେଲା । ଆଡମ୍ବରପୂର୍ଣ୍ଣ ଭାଷାର ପରଦାରେ ଦୁଃସାହସୀ ଓ ଅବସରବାଦୀ ଲୋକମାନଙ୍କୁ କହିବାର ସୁବିଧା ମିଳିଗଲା ଏବଂ ମୋତେ ତ ଜର୍ମାନୀର ନାଜୀଦଳର ଅବଭ୍ରଂଶର ଖିଆଲ ଆସିଗଲା । ତା'ର ପନ୍ଥା ହେଉଛି କୌଣସି ଗୋଟିଏ କାର୍ଯ୍ୟପନ୍ଥାରେ ଜନତାର ସହଯୋଗ ହାସଲ କରି ଅନ୍ୟ ଉଦ୍ଦେଶ୍ୟରେ ତାହାକୁ ଉପଯୋଗ କରିବା ।

କାର୍ଯ୍ୟ ଖୁସି ମୁଁ ନୂତନ କଂଗ୍ରେସ କାର୍ଯ୍ୟକାରୀ ସମିତିରୁ ଅଲଗା ହୋଇଥିଲି । ମୋତେ ବୋଧ ହେଲା ଯେ ନିଜକୁ ଏଥିରେ ଖାପ ଖୁଆଇ ପାରିବି ନାହିଁ ଏବଂ ଯାହା ସବୁ ଘଟିଲା, ତାହା ମଧ୍ୟ ମୋର ପସନ୍ଦ ହେଉ ନ ଥିଲା । ରାଜକୋଟ ସମ୍ବନ୍ଧରେ ଗାନ୍ଧିଜୀଙ୍କ ଉପବାସ ଏବଂ ତାହାପରେ ହୋଇଥିବା ପରବର୍ତ୍ତିନରେ ମୁଁ ବିମର୍ଷ ହୋଇ ଗଲି । ମୁଁ ସେ ସମୟରେ ଲେଖିଥିଲି ଯେ "ରାଜକୋଟ ଘଟଣା ପରେ ମୋର ଅସହାୟ ହେବାର ଭାବନା ବଢ଼ିଯାଇଛି । ଯାହା ମୁଁ ବୁଝିପାରେ ନା ସେଥିରେ ମୁଁ କାମ

ଜଣଗାଉ ନା ଏବଂ ଯାହା ସବୁ ଘଟିଗଲା, ତାହା ମୁଁ ଆଦୌ ବୁଝି ପାରୁନାହିଁ ।" ପୁଣି ମୁଁ ଲେଖିଥିଲି—ଆମ ଭିତରେ ଅନେକଙ୍କ ସମ୍ମୁଖରେ କଠିନ ପ୍ରଶ୍ନ ଆସି ପହଞ୍ଚୁଛି । ଆମେ କ'ଣ ଧରି ଚାଲିବା ? ଏଠି ଦକ୍ଷିଣ—ବାମ (ନରମ-ଗରମ) ପନ୍ଥାର ବା ରାଜନୀତିକ ସିଦ୍ଧାନ୍ତର ପ୍ରଶ୍ନ ନାହିଁ । ଏଠି ବାଛିବାର କଥା ହୁଏତ ଯାହା ସିଦ୍ଧାନ୍ତ ହେଉଛି ତାହା ଭେଳେ ବେଳେ ପରସ୍ପର-ବିରୋଧୀ ହେଲେ ସୁଦ୍ଧା ତାହାର ନ ଜଣ ସ୍ୱୀକାର କରି କାମ କରିବା—ଏଥିରେ ମୁକ୍ତିର ସ୍ଥାନ ନାହିଁ; ବିରୋଧ କରି ନରେତ କିଛି ନ କରି ଚୁପ୍‌ଚାପ୍ ବସ । ଏଥିରୁ କୌଣସି ଗୋଟିକୁହିଁ ଭଲ ବୋଲି କହିବା ସହଜ ନୁହେଁ । ଜଣେ ଯାହା ବୁଝିପାରୁନାହିଁ ବା ଖୁସିରେ ଗ୍ରହଣ କରୁ ନାହିଁ, ତାହା କରି ଚାଲିଲେ ମାନେ ତାହାରି ସେଥିରେ ନିଜର ମାନସିକ ଜଡ଼ତା ଓ ଦୁର୍ବଳତା ଜାତ ହୁଏ । ଏଥିରେ କୌଣସି ବଡ଼ ଆନ୍ଦୋଳନ ଚଳିପାରେ ନା; ପ୍ରଜାତନ୍ତ୍ର ଆନ୍ଦୋଳନ ତ ମୂଳରୁ ନୁହେଁ । ଯେତେବେଳେ ଆମର ବିରୋଧ ନିଜକୁ ଦୁର୍ବଳ କରିଦିଏ ଏବଂ ପ୍ରତିପକ୍ଷକୁ ସାହାଯ୍ୟ ଦିଏ, ସେତେବେଳେ ବିରୋଧ କରିବା ମୁସ୍କିଲ ହୋଇ ଉଠେ । ଯେତେବେଳେ ବୃହତ୍ତର କାର୍ଯ୍ୟ କରିବାର ଡାକରା ଆସିଛି, ସେତେବେଳେ କିଛି ନ କରିବା ଦ୍ୱାରା କାମ ବିଗିଡ଼ି ଯାଏ ଏବଂ ସବୁ ପ୍ରକାର ଅସୁବିଧା ଆସି ପହଞ୍ଚେ !"

୧୯୩୮ ମସିହା ଶେଷବେଳକୁ ଇଉରୋପରୁ ଫେରିବାର ଅଳ୍ପଦିନ ପରେ ଆଉ ଦୁଇଟି କାମରେ ମୋତେ ଲାଗିଯିବାକୁ ପଡ଼ିଲା । ମୋତେ ନିଖିଳ ଭାରତ ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀର ଲୁଧିଆନା ଅଧି-ବେଶନରେ ସଭାପତି ହେବାକୁ ପଡ଼ିଥିଲା ଏବଂ ଏହି ପ୍ରକାରେ ଅର୍ଦ୍ଧସାମନ୍ତ ଦେଶର ପ୍ରଜାମାନଙ୍କର ପ୍ରଗତିଶୀଳ ଆନ୍ଦୋଳନସହ ମୋର ଘନିଷ୍ଠ ସମ୍ବନ୍ଧ ହୋଇଗଲା । ଅନେକ ଦେଶୀୟ ରାଜ୍ୟରେ ଅସନ୍ତୋଷ ବଢ଼ିଥିଲା । ଏହି କାରଣରୁ ଯେତେବେଳେ ନା ସେତେବେଳେ ପ୍ରଜାମଣ୍ଡଳ ଓ ଶାସକମାନଙ୍କ ସହିତ ସଂଘର୍ଷ ଲାଗିଯାଉଥିଲା । ଶାସକମାନଙ୍କୁ ସାହାଯ୍ୟ କରିବାପାଇଁ ବ୍ରିଟିଶ ଫୌଜ ତିଆରି ଥିଲେ । ଏହି ଦେଶୀୟ ରାଜ୍ୟ ପ୍ରଭୃତି ଅର୍ଥାତ୍

Digitized by srujanika@gmail.com

ବ୍ରିଟିଶ ସରକାର ମଧ୍ୟଯୁଗର ଏହି ଅଟୋକ୍ରାସୀ ସତ୍ତାକୁ କାଏମ୍ ରଖିବା ନିମନ୍ତେ ଯାହା କାର୍ଯ୍ୟ କରିଛି, ତାହା ବର୍ଣ୍ଣନା କଲେ ମୁହଁରେ ଲଗାମ ଲଗାଇବା ମୁସ୍କିଲ ହୋଇପଡ଼େ । ଏବେ ଜଣେ ଲେଖକ ଏହି ରାଜ୍ୟ-ଗୁଡ଼ିକୁ ଭାରତବର୍ଷରେ ବ୍ରିଟେନ୍‌ର ପଞ୍ଚମ ବାହିନୀ ବୋଲି ଯାହା କହିଛନ୍ତି, ତାହା ଯଥାର୍ଥ । କେତେକ ସମର୍ଥ୍ଦାର ଶାସକ ଅଛନ୍ତି ଯେଉଁମାନେ ପ୍ରଜାଙ୍କ ଭରସା ନେବାକୁ ଚାହାନ୍ତି ଏବଂ ନେତୃବୃନ୍ଦଙ୍କର କାର୍ଯ୍ୟକାରୀ ସଂସ୍ଥାନ କରିବା ଇଚ୍ଛା; ମାତ୍ର ସର୍ବପ୍ରଧାନ ଶକ୍ତି (Paramount Power) ତାଙ୍କର କାର୍ଯ୍ୟରେ ବାଧା ଦେଉଛି । କୌଣସି ପ୍ରଜାତନ୍ତ୍ରୀ ଦେଶୀୟ ରାଜ୍ୟ ପଞ୍ଚମ ବାହିନୀ ହୋଇ କାମ କରିପାରେ ନା ।

ଏ କଥା ସଫା ଦେଖାଯାଉଛି ଯେ ଛୋଟ ବଡ଼ ଏହି ୫୬୦ ଦେଶୀୟ ରାଜ୍ୟ ରାଜନୀତିକ ବା ଆର୍ଥିକ ସତ୍ତା ହୋଇ ଅଲଗା ଅଲଗା ଭାବରେ କାମ କରିପାରିବେ ନାହିଁ । ପ୍ରଜାତନ୍ତ୍ର ଭାରତରେ ସାମନ୍ତ ହୋଇ ଏମାନେ ତିଷ୍ଠି ପାରିବେ ନାହିଁ । କେତେକ ବଡ଼ ବଡ଼ ଦେଶୀୟରାଜ୍ୟ ଫେଡରେସନ୍ (ସଙ୍ଘ)ରେ ଗୋଟିଏ ଲେଖାଏଁ ପ୍ରଜାତନ୍ତ୍ର ଅଙ୍ଗ ହୋଇ-ପାରନ୍ତି; ମାତ୍ର ଅନ୍ୟଗୁଡ଼ିକୁ ତ ଏକଦମ୍ ଲୋପ ହେବାକୁ ପଡ଼ିବ । ଏଥିରୁ କମ୍ କିମ୍ବା ଅଳ୍ପ ସଂସ୍କାରରେ ସମସ୍ୟା ସମାଧାନ ହୋଇ ପାରିବ ନାହିଁ । ରାଜ୍ୟ ପ୍ରଥାକୁ ଲୋପ କରିବାକୁ ହେବ ଏବଂ ଏହା ବ୍ରିଟିଶ ସାମ୍ରାଜ୍ୟବାଦ ଲୋପ ହେଲେ ଯାଇ ସମ୍ଭବ । କଂଗ୍ରେସ ତତ୍ତ୍ୱାବଧାନରେ ପ୍ରାଦେଶିକ ସରକାରମାନଙ୍କ ସହଯୋଗରେ ରାଷ୍ଟ୍ର ନିର୍ମାଣ ସମିତି (National Planning Committee) ସ୍ଥାପନ କରା ଯାଇଥିଲା ଏବଂ ମୁଁ ତାହାର ସଭାପତି ହେଲି । ଏହି କାମକୁ ହାତରେ ନେଇ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଏହା ବଢ଼ିବାରେ ଲାଗିଲା—ଶେଷକୁ ଦେଶର ଗଠନର ସବୁ ଦିଗକୁ ସ୍ପର୍ଶ କଲା । ଆମେ ବିଭିନ୍ନ ବିଷୟ ସବୁ ସକାଶେ ୨୯ ଟି ଉପସମିତି ଗଠନ କଲୁ—ଯଥା—କୃଷିବିଷୟକ, ଶିଳ୍ପ, ସାମାଜିକ, ଆର୍ଥିକ, ହିସାବୀ ପ୍ରଭୃତି ଏବଂ ସେ ସମ୍ବନ୍ଧରେ ସହଯୋଗ ସୃଷ୍ଟି କରିବାର ଚେଷ୍ଟା କଲୁ, ଯେପରି ଭାରତ ପାଇଁ ଗୋଟିଏ ଅର୍ଥ-ବ୍ୟବସ୍ଥାର ଯୋଜନା ତିଆରି

Digitized by srujanika@gmail.com

ହୋଇପାରେ । ଆମ ଯୋଜନା ବିଶେଷଭାବରେ ଖାଲି ଗୋଟାଏ ସୂଚନା ଦେବାପରି ହେବ—ତେବେ ସେଥିରେ ଅନେକ କଥା ଯୋଗ କରାଯାଇ-ପାରେ । ଏହି ରାଷ୍ଟ୍ର-ନିର୍ମାଣ ସମିତି ଏବେ ମଧ୍ୟ କାମ କରୁଛି ଏବଂ ଆସନ୍ତା ଅଳ୍ପ କେତେମାସ ଭିତରେ ଏହାର କାର୍ଯ୍ୟ ଶେଷ ହେବା ସମ୍ଭବପର । ମୋପାଇଁ ଏ କାମ ବଡ଼ ଲୋଭନୀୟ ହୋଇଛି ଏବଂ ଏଥିରୁ ମୁଁ ବହୁତ ଶିଖିଛି । ଏହା ତ ସଫା କଥା ଯେ ଭାରତ ବର୍ଷ ସ୍ୱାଧୀନ ହେଲେ ଯାଇ ଆମର ଯେ କୌଣସି ଯୋଜନା ପ୍ରକୃତରେ କାମରେ ଲାଗି ପାରିବ । ଏହା ମଧ୍ୟ ପରିଷ୍କାର ଜଣାପଡ଼ୁଛି ଯେ କୌଣସି ଉପଯୋଗୀ ଯୋଜନାରେ ଆର୍ଥିକ ବ୍ୟବସ୍ଥାକୁ ସମାଜୀକରଣ କରିବା ଅତ୍ୟନ୍ତ ଆବଶ୍ୟକ ।

୧୯୩୯ ମସିହା ଗ୍ରୀଷ୍ମ ଋତୁରେ ଅଳ୍ପ କେତେକ ଦିନ ପାଇଁ ମୁଁ ସିଲୋନ (ଲଙ୍କା) ଗଲି—କାରଣ ସେଠି ଥିବା ଭାରତବାସୀ ଓ ସରକାର ମଧ୍ୟରେ ଝଗଡ଼ା ଲାଗିଥିଲା । ସେହି ସୁନ୍ଦର ଠାକୁ ଯିବାହେତୁ ମୁଁ ଭାରି ଖୁସି ହେଲି ଏବଂ ମୋର ମନେହୁଏ ସେଠିକି ଯିବାଦ୍ୱାରା ଭାରତବର୍ଷ ଓ ସିଲୋନ୍ ଭିତରେ ନିକଟ ସମ୍ପର୍କ ସ୍ଥାପିତ ହୋଇଗଲା । ସବୁ ଶ୍ରେଣୀଙ୍କ ତରଫରୁ ମୋତେ ସ୍ୱାଗତ କରାଯାଇଥିଲା—ଏଥିରେ ସରକାରୀ ମେମ୍ବର ମଧ୍ୟ ସାମିଲ ହୋଇଥିଲେ । ମୋର ସନ୍ଦେହ ନାହିଁ ଯେ ଭବିଷ୍ୟତ ଯେ କୌଣସି ବ୍ୟବସ୍ଥାରେ ସିଲୋନ ଓ ଭାରତ ଏକତ୍ର ହେବେ । ଭବିଷ୍ୟତ ସମ୍ବନ୍ଧରେ ମୋର ନିଜ କଳ୍ପନାରେ ଏକ ସଂଘ ସ୍ଥାପନା ଅଛି—ଏଥିରେ ଚୀନ, ଭାରତ, ବର୍ମା, ସିଲୋନ, ଆଫଗାନିସ୍ଥାନ ଏବଂ ଅନ୍ୟ ଦେଶ ମଧ୍ୟ ସାମିଲ ହୋଇପାରନ୍ତି । ମାତ୍ର ଯଦି ବିଶ୍ୱସଂଘ ସ୍ଥାପିତ ହୁଏ, ତେବେ ଆଉ କହିବାର କ'ଣ ଅଛି ?

୧୯୩୯ ଅଗଷ୍ଟ ବେଳକୁ ଇଉରୋପ ଅବସ୍ଥା ଉତ୍ତେଜକ ହୋଇଥିଲା, ଏବଂ ସଂକଟ ବେଳେ ଭାରତବର୍ଷ ଛାଡ଼ି ଯିବାକୁ ମୁଁ ଚାହୁଁ ନ ଥିଲି । କିନ୍ତୁ ଅଳ୍ପଦିନ ପାଇଁ ହେଲେ ସୁଦ୍ଧା ମୋର ଚୀନ ଯାତ୍ରା କରିବାର ଅଭିଳାଷ ଥିଲା । ଉଡ଼ାଜାହାଜ ଯୋଗେ ମୁଁ ଚୀନ ଯାତ୍ରା କଲି ଓ ଭରତ

Digitized by srujanika@gmail.com

ଯୁଦ୍ଧବାର ଦୁଇଦିନ ମଧ୍ୟରେ ହିଁ ମୁଁ ଯାଇ ଚୁଙ୍‌କିଙ୍‌ରେ ପହଞ୍ଚିଲି । କିନ୍ତୁ ଅତିଶୀଘ୍ର ମୋତେ ଭାରତକୁ ଫେରି ଆସିବାକୁ ପଡ଼ିଲା; କାରଣ ସେତେ-ବେଳକୁ ଇଉରୋପରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ମୁଁ ସ୍ୱାଧୀନ ଚୀନଦେଶରେ ଦୁଇସପ୍ତାହରୁ ବି କମ୍ ଦିନ ରହିଲି; ତଥାପି ଏହି ଦୁଇସପ୍ତା ଖୁବ୍ ସ୍ମରଣୀୟ ହୋଇ ରହିଛି । କେବଳ ବ୍ୟକ୍ତିଗତ ଦିଗରେ ମୋ ଲାଗି ନୁହେଁ, ଅଧିକନ୍ତୁ ଭାରତ ଓ ଚୀନର ଭବିଷ୍ୟତ ସମ୍ପର୍କ ଦୃଷ୍ଟିରୁ ମଧ୍ୟ । ମୁଁ ମଧ୍ୟ ଜାଣି ଖୁସି ହେଲି ଯେ—ଚୀନ ଓ ଭାରତ ନିଜ ନିଜ ଭିତରେ ନିକଟ ସମ୍ପର୍କରେ ଆସନ୍ତୁ ଏବଂ ଉଭୟଙ୍କ ଭିତରେ ସମ୍ବନ୍ଧ ସ୍ଥାପିତ ହେଉ—ମୋର ଏ ଇଚ୍ଛାକୁ ଚୀନ ନେତାମାନେ ମଧ୍ୟ ଗ୍ରହଣ କଲେ । ବିଶେଷଭାବରେ ସେହି ଚୀନର ଏକତା ଓ ସ୍ୱାଧୀନତା ସଂକଳ୍ପର ପ୍ରତୀକ ସ୍ୱରୂପ ଜଣା-ପଡ଼ୁଥିବା ସେହି ମହାପୁରୁଷ ମଧ୍ୟ ବୁଝି ପାରିଛନ୍ତି । ମାର୍ଶାଲ ଚ୍ୟାଙ୍ଗ କାଇଶେକ୍ ଓ ମ୍ୟାଡାମ୍ ଚ୍ୟାଙ୍ଗଙ୍କ ସହ ମୁଁ ଅନେକ ଥର ଦେଖା କଲି ଓ ନିଜ ନିଜ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ସମ୍ବନ୍ଧରେ ମଧ୍ୟ ବିଚାର କଲି । ମୁଁ ଭାରତକୁ ଫେରିଲି ବେଳକୁ ଚୀନ ଓ ଚୀନଲୋକଙ୍କର ପୂର୍ବାପେକ୍ଷା ଅଧିକ ପ୍ରଶଂସକ ହୋଇ ଆସିଲି । ଏପରି ନୂତନ ଜୀବନ ଲାଭ କରିଥିବା ଚୀନର ପୁରାତନ ଅଧିବାସୀଙ୍କ ଆଶା ଦୁର୍ଦ୍ଦିନରେ ଏପରି ଝାଉଁଳି ପଡ଼ିବ ଏହା ମୁଁ କଳ୍ପନା କରି ନ ଥିଲି ।

ମୁକ୍ତ ଏବଂ ଭାରତ । ଆମର କ'ଣ ଦରକାର କଥା ? ଅନେକ ବର୍ଷ ହେଲା ଆମେ ଏ ସମ୍ବନ୍ଧରେ ବିଚାର କରି ଆସୁଥିଲୁ ଏବଂ ନିଜ ମତ ଘୋଷଣା କରି ଆସିଥିଲୁ । କିନ୍ତୁ ଏହା ହୋଇ ସୁଦ୍ଧା ବ୍ରିଟିଶ ସରକାର ଆମମାନଙ୍କର, କେନ୍ଦ୍ର ବ୍ୟବସ୍ଥାପକ କିମ୍ବା ପ୍ରାଦେଶିକ ସରକାରଗୁଡ଼ିକର ମତ ନ ନେଇ ଭାରତ ଯୁଦ୍ଧରତ ଦେଶ ବୋଲି ଘୋଷଣା କରିଦେଲେ । ଏହି ଉପେକ୍ଷାକୁ ଆମେ ଖାଲି ବେଖାତିର କରିବା ଠିକ୍ ହୋଇ ନ ଥାନ୍ତା, କାରଣ ଆଗପରି ସାମ୍ରାଜ୍ୟବାଦ କାମ କରୁଛି ବୋଲି ଏଥିରୁ ପ୍ରକଟ ହୁଅନ୍ତା । ୧୯୩୯ ମସିହା ସେପ୍ଟେମ୍ବର ମଧ୍ୟଭାଗରେ କଂଗ୍ରେସ କାର୍ଯ୍ୟକାରୀ ସମିତି ଗୋଟିଏ ଲମ୍ବା ବକ୍ତବ୍ୟ ପ୍ରକାଶ କଲା; ଏଥିରେ ଆମର ଅତୀତ ଓ

Digitized by srujanika@gmail.com

ବର୍ତ୍ତମାନ ଯୁଦ୍ଧର ଅର୍ଥ କରାଯାଇଥିଲା ଏବଂ ନିଜର ଯୁଦ୍ଧ ଉଦ୍ଦେଶ୍ୟ ବିଶେଷତଃ ବ୍ରିଟିଶ ସାମ୍ରାଜ୍ୟବାଦ ପ୍ରଶ୍ନ ସମ୍ବନ୍ଧରେ ପରିଷ୍କାର କରିବାପାଇଁ ବ୍ରିଟିଶ ସରକାରଠାରେ ଦାବୀ କରାଗଲା । ଆମେ ତ ସର୍ବଦା ଫାସିଜିମ୍ ଓ ନାଜୀବାଦର ନିନ୍ଦା କରିଥିଲୁ, କିନ୍ତୁ ଯେଉଁ ସାମ୍ରାଜ୍ୟବାଦ ଆମ ଉପରେ ସବାର ଥିଲା, ତାହା ସହିତ ଆମେ ନିକଟ ସମ୍ପର୍କରେ ଥିଲୁ । ଏ ସାମ୍ରାଜ୍ୟବାଦ କ'ଣ ଲୋପ ହୋଇଯିବ ? ଭାରତର ସ୍ୱାଧୀନତା ଓ ଗଣ-ପରିଷଦଦ୍ୱାରା ନିଜର ଶାସନ ବିଧାନ ତିଆରି କରିବା ହକ୍‌କୁ କ'ଣ ଏହା ସ୍ୱୀକାର କରୁଛି ? କେନ୍ଦ୍ରୀୟ ଶାସନକୁ ଲୋକ-ନିର୍ବାଚିତ ସରକାର ଅଧୀନ କରିବାପାଇଁ ଶୀଘ୍ର କ'ଣ କରାଯାଇପାରେ ? ଏହାପରେ ସଂଖ୍ୟାନ୍ୟୂନ ସଂପ୍ରଦାୟ ତରଫରୁ ଉଠୁଥିବା ସମସ୍ୟା ସମାଧାନ କରିବାପାଇଁ ଗଣପରିଷଦ କ'ଣ କରିପାରେ ଏହା ବିସ୍ତୃତ ଭାବରେ କୁହାଯାଇଥିଲା । ଏହା ମଧ୍ୟ ଘୋଷଣା କରାଗଲା ଯେ ଏହି ଆସେମ୍ବ୍ଲିରେ ସଂଖ୍ୟାନ୍ୟୂନଙ୍କ ଦାବି ସଂଖ୍ୟାନ୍ୟୂନଙ୍କ ମତ ଅନୁସାରେ ନିଷ୍ପତ୍ତି କରାଯିବ; ବହୁମତରେ ନୁହେଁ । ମାତ୍ର ଯଦି କୌଣସି ପ୍ରଶ୍ନ ସମ୍ବନ୍ଧରେ ଏପରି ବୁଝାମଣା ସମ୍ଭବ ନ ହେବ, ତେବେ ତାହା ଏକ ନିରପେକ୍ଷ ପଞ୍ଚାୟତର ଶେଷ ନିଷ୍ପତ୍ତିପାଇଁ ପେଶ୍ କରାଯିବ । ଜନତନ୍ତ୍ର ଦୃଷ୍ଟିରୁ ଏହି ପ୍ରସ୍ତାବନା ଠିକ୍ ନୁହେଁ—କିନ୍ତୁ ଅଳ୍ପ ସଂଖ୍ୟକ ସମସ୍ୟାକୁ ସମାଧାନ କରିବାପାଇଁ କଂଗ୍ରେସ ଏତେଦୂର ଯିବାକୁ ପ୍ରସ୍ତୁତ ଥିଲା ।

ବ୍ରିଟିଶ ସରକାରର ଜବାବ ସାଫ୍ ଥିଲା । ସେ ନିଜର ଯୁଦ୍ଧ ଉଦ୍ଦେଶ୍ୟକୁ ସ୍ପଷ୍ଟ କରିବା ବା ଶାସନକୁ ଲୋକପ୍ରତିନିଧିମାନଙ୍କ ହାତରେ ସମର୍ପି ଦେବା ନିମନ୍ତେ ମୋଟେ ପ୍ରସ୍ତୁତ ନ ଥିଲେ ଏଥିରେ କୌଣସି ସନ୍ଦେହ ରହିଲା ନାହିଁ । ପୁରୁଣା ରୀତି ଚାଲିଲା ଏବଂ ଚାଲିବାର କଥା—ଏବଂ ଭାରତରେ ଇଂରେଜଙ୍କ ହିତ ଅରକ୍ଷିତ ଭାବରେ ଛାଡ଼ି ଦିଆଯାଇ ପାରେ ନା । ଏହି କଥା ଉପରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦାଖଲ କରି ଦେଲେ, କାରଣ ଯୁଦ୍ଧ ଚଳାଇବାପାଇଁ ଏହି ସବୁ ସର୍ତ୍ତରେ ସେମାନେ ସହଯୋଗ କରିବାକୁ ରାଜି ନ ଥିଲେ । ଶାସନ ଅଚଳ

Digitized by srujanika@gmail.com

ହୋଇଗଲା ଏବଂ ସ୍ୱେଚ୍ଛାଚାରୀ ଶାସନ ପୁଣି କାଏମ୍ ହୋଇଗଲା । ପାଶ୍ଚାତ୍ୟ ଦେଶରେ ନିର୍ବାଚିତ ପାର୍ଲିମେଣ୍ଟ ଓ ସମ୍ରାଟଙ୍କର ବିଶେଷ ଅଧିକାର ନେଇ ଯେପରି ଝଗଡ଼ା ଲାଗେ, ଠିକ୍ ସେହିପରି ପୁରୁଣା ଶାସନତନ୍ତ୍ରଗତ ସଂକଟ ଋଷିଆରେ ଉପସ୍ଥିତ ହେଲା । ଏହିପରି ସଂକଟରେ ଫ୍ରାନ୍ସ ଓ ଇଂଲଣ୍ଡକୁ ଦୁଇ ଜଣ ସମ୍ରାଟଙ୍କୁ ନିଜର ଜୀବନ ଦେବାକୁ ପଡ଼ିଥିଲା । କିନ୍ତୁ ଏହି ଶାସନତନ୍ତ୍ରଗତ ବିଷୟ ଛଡ଼ା ଏଠି ଆହୁରି ଏକ ପରିସ୍ଥିତି ଥିଲା । ଜନକ୍ରାନ୍ତି ଏ ପର୍ଯ୍ୟନ୍ତ ଦେଖା ଦେଇ ନ ଥିଲା, କିନ୍ତୁ ଏହା ହେବା ନିଶ୍ଚିତ ଓ ଏହାର ଧୂଆଁ ଦେଖା ଯାଉଥିଲା ।

ସଂକଟ ଉପୁଜିଲା ଏବଂ ସେ ସମ୍ପର୍କରେ ନୂଆ ନୂଆ ଆଇନ ଓ ଅର୍ଡ଼ିନାନ୍ସ ଧୀରେ ଧୀରେ ଆମ ଉପରେ ଲଦି ହୋଇଗଲା ଏବଂ କଂଗ୍ରେସ ଓ ଅନ୍ୟାନ୍ୟ ଲୋକଙ୍କୁ ବହୁ ସଂଖ୍ୟାରେ ଗିରଫ କରାଗଲା । ପ୍ରତିରୋଧ ବଢ଼ିଲା ଏବଂ ଆମ ତରଫରୁ କିଛି କାର୍ଯ୍ୟ କରିବାର ଦାବି ମଧ୍ୟ ଶୁଣାଗଲା । କିନ୍ତୁ ଲଢ଼ାଇ ଅବସ୍ଥା ଓ ଇଂଲଣ୍ଡର ସଂକଟ ସମୟ ହେତୁ ଆମେ ଇତସ୍ତତ କରୁଥିଲୁ; କାରଣ ଆମେ ସେ ପୁରୁଣା ରୂପ ପୁରାପୁରି ଭୁଲି ନ ଥିଲୁ । ତାହା ହେଉଛି—ଗାନ୍ଧିଜୀଙ୍କର ଉପଦେଶ ଯେ ବିପକ୍ଷ ପକ୍ଷର ବିପଦ ବେଳେ ତାକୁ ହଇରାଣ କରିବା ଆମର ଉଦ୍ଦେଶ୍ୟ ହେବା ଉଚିତ ନୁହେଁ ।

ଯୁଦ୍ଧ ଯେତେ ବଢ଼ିବାକୁ ଲାଗିଲା, ନୂତନ ସମସ୍ୟା ସବୁ ଆସି ପହଞ୍ଚିଲେ ଅଥବା ପୁରାତନ ସମସ୍ୟା ନୂତନ ରୂପ ଧାରଣ କଲା ଓ ପୁରୁଣା ରୂପରେଖା ବଦଳି ଗଲା ପରି ବୋଧ ହେଲା । ପୁରୁଣା ଷ୍ଟାଣ୍ଡାର୍ଡ (ମାପ) ଗୋଳମାଳିଆ ଧସିଗଲା । କେତେକ ଧକ୍କା ପହଞ୍ଚିଲା ଏବଂ ସ୍ଥିର ହୋଇ ରହିବା ମୁସ୍କିଲ ହୋଇଗଲା—ରୁଷ, ଜର୍ମାନୀ ସନ୍ଧି; ସୋଭିଏଟର ଫିନ୍‌ଲାଣ୍ଡ ଉପରେ ଆକ୍ରମଣ ଏବଂ ରୁଷର ଜାପାନ ସହିତ ବନ୍ଧୁତା କରିବାର ଝୁଙ୍କ୍ । ଏହି କୂଟନୀତିରେ କିଛି ମୂଲ୍ୟବୋଧ ଅଛି କି ? କାର୍ଯ୍ୟରେ ଲଗାଇବା ପାଇଁ କିଛି ମାପଦଣ୍ଡ ଅଛି ନା ଏସବୁ କେବଳ ସୁବିଧାନୁସାରେ ଫାଇଦା ଉଠାଇବା ପାଇଁ ଅଛି ।

Digitized by srujanika@gmail.com

ଅପ୍ରେଲ ମାସ—ନରୱେ ହାତଛଡ଼ାଗଲା । ମେ ମାସରେ ହଲାଣ୍ଡ ଓ ବେଲଜିୟମ୍‌ରେ ଭୟଙ୍କର କାଣ୍ଡ ଘଟିଲା । ଜୁନରେ ହଠାତ୍ ଫ୍ରାନ୍ସର ପତନ ହେଲା ଏବଂ ଯେଉଁ ପାରିସ ସହରଟି ସୁପ୍ରସିଦ୍ଧ ସୁନ୍ଦର ନଗରୀ ଥିଲା ଏବଂ ସ୍ୱାଧୀନତାର ପ୍ରତୀକ ଥିଲା, ଏବେ ଶତ୍ରୁପାଦତଳେ ପଡ଼ିଗଲା । ଫ୍ରାନ୍ସର କେବଳ ସାମରିକ ଭାବରେ ଯେ ପରାଜିତ ହେଲା ତାହା ନୁହେଁ; ତାହାର ଆଧ୍ୟାତ୍ମିକ ଆତ୍ମସମର୍ପଣ ଓ ପତନ ହେଲା—ଏହା ଅତ୍ୟନ୍ତ ଦୁଃଖର କଥା । ଯେ ପର୍ଯ୍ୟନ୍ତ ଜଡ଼ପିଣ୍ଡ କିଛି ଖରାପ ହୋଇ ନ ଥିବ ସେ ପର୍ଯ୍ୟନ୍ତ ଏହା ସବୁ କିପରି ହୋଇପାରେ, ମୁଁ କହି ପାରିବିନାହିଁ । ଇଂଲଣ୍ଡ ଓ ଫ୍ରାନ୍ସ ସେହି ପୁରୁଣା ବ୍ୟବସ୍ଥାର ସବୁଠାରୁ ବଡ଼ ପ୍ରତିନିଧି ଥିଲେ—ତାହା ଶେଷ ହେବା ଦରକାର ଥିଲା ! ଏହି ଦୋଷ ହେତୁ କ'ଣ ଫ୍ରାନ୍ସ ଲଢ଼ି ପାରିଲା ନାହିଁ ? ଯେଉଁ ସାମ୍ରାଜ୍ୟବାଦ ତାକୁ ବଳ ଦେଉଥିବା ପରି ଜଣା ପଡ଼ୁଥିଲା ତାହା ପ୍ରକୃତରେ ଏପରି ମୁହୂର୍ତ୍ତରେ ତାକୁ ଦୁର୍ବଳ କରୁଥିଲା କି ? ମାତ୍ର ଯେମାନେ ନିଜେ ଏହା ଅସ୍ୱୀକାର କଲେ ସେମାନେ ସ୍ୱାଧୀନତା ଲାଗି ଲଢ଼ି ପାରନ୍ତି ନାହିଁ ଏବଂ ତା'ର ସାମ୍ରାଜ୍ୟବାଦ ନଗ୍ନ ଫାସିଜିମ୍‌ରେ ପରିଣତ ହୋଇ ଯାଇଥାଏ—ଫ୍ରାନ୍ସରେ ଏପରି ହେଲା । ମିଷ୍ଟର ଚେମ୍ବରଲେନ୍ ଏବଂ ତାଙ୍କର ଯୁଦ୍ଧନୀତିର ଛାପ ଏବେ ମଧ୍ୟ ଇଂଲଣ୍ଡ ଉପରେ ପଡ଼ିଥିଲା । ଜାପାନକୁ ସନ୍ତୁଷ୍ଟ କରିବା ପାଇଁ ବର୍ମା-ଚୀନ ରାସ୍ତାକୁ ବନ୍ଦ କରି ଦିଆଗଲା । ଏଠି ଭାରତରେ କୌଣସି ପରିବର୍ତ୍ତନର ସୂଚନା ମିଳୁ ନ ଥିଲା ଏବଂ ଆମେ ନିଜେ ବରଣ କରିଥିବା ନିଷେଧର ଅର୍ଥ କରାଯାଉଥିଲା ଯେ ଆମେ କୌଣସି ସଫଳ କାମ କରିବା ଲାଗି ସମର୍ଥ ନୋହୁଁ । ବ୍ରିଟିଶ ସରକାରର ଯେ କୌଣସି ଆଗକୁ ଦୃଷ୍ଟି ନାହିଁ । ଏହା ଜାଣି ମୁଁ ବଡ଼ ବ୍ୟସ୍ତ ହେଉଥିଲି । ଏହା ବର୍ତ୍ତମାନ ଯୁଗର ସଙ୍କେତ ଏବଂ ଯାହାସବୁ ହେଉଛି ତାହା ନ ବୁଝି ପାରିବାକୁ ନିଜକୁ ତା'ର ସମକକ୍ଷ କରି ପାରିଲା ନାହିଁ । ନା, ଏହା ଏକ ପ୍ରକୃତିର ଖେଳ ! କାର୍ଯ୍ୟ ହେବା ପୂର୍ବରୁ ଅନ୍ୟ ଘଟଣାଘର ଅନ୍ତର୍ଦ୍ଦୃଷ୍ଟିର କ୍ଷେତ୍ରରେ ମଧ୍ୟ ତାର ଫଳାଫଳ ଜଣା ପଡ଼ିବାର କଥା ? ଅଥବା ଯେଉଁ ପ୍ରଥାର ଆଉ କୌଣସି ଆବଶ୍ୟକତା ନାହିଁ, ତାହା ନିଜର ଇଚ୍ଛା ମଧ୍ୟ ବୁଝିସୁଝି କରିପାରୁ ନାହିଁ ?

Digitized by srujanika@gmail.com

ଯେତେବେଳେ ବ୍ରିଟିଶ ସରକାର ସମ୍ପୃକ୍ତି ବୁଝି ପାରୁ ନାହିଁ ଏବ ଅନୁଭବରୁ କିଛି ଶିଖି ପାରୁ ନାହିଁ, ସେତେବେଳେ ଭାରତ ସରକାର ବିଷୟରେ ଆଉ କ'ଣ କହିବା ? ଏହାର କାର୍ଯ୍ୟକଳାପ ଦେଖିଲେ ହଠମାତ୍ରେ, କେତେକ କଥାରେ ଦୁଃଖ ହୁଏ; କାରଣ ମୂର୍ଖତର୍କ ବେଳେ ତା ବୁଝି ପାରିଲେନେଲେ, କି ଶବଦ ଅପଦ ବେଳେ—କେତେବେଳେ ହେଲେ ଭାରତ ସରକାର ତା'ର ପୁରୁଣା ଗତିରୁ ହଲଚଲ ହେବା ଦେଖା ଯାଏ ନାହିଁ—ଏହା ନିଜ କଥାରେ ନିଜେ ସନ୍ତୁଷ୍ଟ ହୋଇ ରହିଥାଏ। ଏହା ଜାଗିଲା ଅବସ୍ଥାରେ ସୁଦ୍ଧା ଶିମଳା ପାହାଡ଼ ପରି ଶୋଇ ରହିଥାଏ।

ମୁକ୍ତ ପରିସ୍ଥିତିରେ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ କଂଗ୍ରେସ କାର୍ଯ୍ୟକାରୀ ସମିତି ଆଗରେ ନୂଆ ନୂଆ ସମସ୍ୟା ଆସି ପହଞ୍ଚିଲା। ଗାନ୍ଧିଜୀଙ୍କ ଇଚ୍ଛା ଯେ ଯେଉଁ ଅହିଂସାର ସିଦ୍ଧାନ୍ତକୁ କାର୍ଯ୍ୟକାରୀ ସମିତି ସ୍ୱାଧୀନତା ଲଢ଼ାଇବା ପାଇଁ ଗ୍ରହଣ କରିଛି, ତାକୁ ଅଉ ଟିକିଏ ଆଗକୁ ନେଇ ରାଷ୍ଟ୍ରକଳନା କାର୍ଯ୍ୟରେ ମଧ୍ୟ ଖଟାଇ। ସ୍ୱତନ୍ତ୍ର ଭାରତକୁ ବାହ୍ୟ ଆକ୍ରମଣ କିମ୍ବା ଆଭ୍ୟନ୍ତରୀଣ ଗଣ୍ଡଗୋଳରେ ନିଜକୁ ରକ୍ଷା କରିବା ନିମନ୍ତେ ଏହି ସିଦ୍ଧାନ୍ତ ଉପରେ ନିର୍ଭର କରିବାକୁ ପଡ଼ନ୍ତା। ସେତେବେଳେ ଆମ ସମ୍ମୁଖରେ ସେ ପ୍ରଶ୍ନ ନ ଥିଲା, କିନ୍ତୁ ତାଙ୍କ ନିଜ ମନରେ ଏହା ଭରି ଥିଲା ଏବଂ ସେ ବୋଧ କଲେ ଯେ ଏହା ସ୍ପଷ୍ଟ ଘୋଷଣା କରିବାର ସମୟ ଆସି ପହଞ୍ଚିଛି। ଆମ ଭିତରେ ପ୍ରତ୍ୟେକ ଲୋକ ସ୍ୱୀକାର କରୁଥିଲେ ଯେ ଆମେ ଆଜିପର୍ଯ୍ୟନ୍ତ ଯେପରି କରି ଆସିଛୁ, ସେହିପରି ନିଜ ସଂଗ୍ରାମରେ ଆମକୁ ଅହିଂସା ନୀତି ଉପରେ ଅଟଳ ରହିବାକୁ ହେବ। ଇଉରୋପର ଯୁଦ୍ଧ ଏହି ବିଶ୍ୱାସକୁ ଆହୁରି ପକ୍କା କରାଇ ଦେଲା। କିନ୍ତୁ ଏହା ସହିତ ଭବିଷ୍ୟତ ରାଷ୍ଟ୍ରକୁ ବାନ୍ଧିଦେବା ଅଲଗା କଥା ଏବଂ ମୁସ୍କିଲ। ରାଜନୀତି ରାସ୍ତାରେ ଯାଉଥିବା କେଉଁ ଲୋକ ଉପରେ ନା ଏହା କରି ପାରନ୍ତା ? ଏହା କିଛି ସହଜ କଥା ନୁହେଁ।

ଗାନ୍ଧିଜୀ ଅନୁଭବ କଲେ ଏବଂ ତାଙ୍କର ଏପରି କରିବା ଠିକ୍ ଯେ—ସେ ସାରା ଦୁନିଆଁ ଆଗରେ ଯେଉଁ ସନ୍ଦେଶ ରଖିଥିଲେ, ତାକୁ କୌଣସି

Digitized by srujanika@gmail.com

ପ୍ରକାରେ ଛାଡ଼ି ପାରିବେ ନାହିଁ କିମ୍ବା କମ୍ କରି ପାରିବେ ନାହିଁ । ନିଜର ଇଚ୍ଛାନୁସାରେ ତାହା ବୁଝିଆ ପଡ଼ିଲେ ରଖିବା ପାଇଁ ତାଙ୍କୁ ସ୍ୱାଧୀନତା ମିଳିବା ଦରକାର ଏବଂ ରାଜନୀତିକ ଆବଶ୍ୟକତା ଦୃଷ୍ଟିରୁ ତାଙ୍କୁ କୌଣସି ବାଧା ମିଳିବା ଠିକ୍ ନୁହେଁ । ସେଥିପାଇଁ କାର୍ଯ୍ୟକାରୀ ସମିତି ଏକ ଦିଗରେ ତ ସେ ଅନ୍ୟ ଦିଗରେ ଗଲେ—ଏହା ପ୍ରଥମ ଥର ପାଇଁ ଘଟିଲା । ତାଙ୍କ ସହିତ ଯେ ଭଲକୁଲ ସମ୍ପର୍କ ରହିବ ନାହିଁ ଏହା ହୋଇ ପାରେ ନା; କାରଣ ବନ୍ଧନ ବଡ଼ ଟାଣ ଏବଂ ଏଥିରେ ସନ୍ଦେହ ନାହିଁ ଯେ ସେ ଥରକୁ ଥର ପରାମର୍ଶ ଦେଉଥିବେ ଏବଂ ପ୍ରାୟ ନେତୃତ୍ୱ କରୁଥିବେ । ପୁଣି ଏ କଥା ମଧ୍ୟ ସତ୍ୟ ଯେ ଅଳ୍ପଦିନ ପାଇଁ ସେ ଅନ୍ତର ହୋଇଯିବାଦ୍ୱାରା ଆମର ରାଷ୍ଟ୍ରୀୟ ଆନ୍ଦୋଳନର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଶେଷ ପାଇଗଲା । ଗତ କେତେବର୍ଷ ହେଲା ମୁଁ ତାଙ୍କଠାରେ ଟିକିଏ କଠିନତା ଦେଖି ପାରୁଛି ଏବଂ ଅନ୍ୟମାନଙ୍କ ସହିତ ଖାପ ଖୁଆଇବାର ଯେ କ୍ଷମତା ତାଙ୍କର ଥିଲା, ତାହା କମ୍ ହୋଇ ଯାଇଛି । କିନ୍ତୁ ପୁରାତନ ଯାଦୁ ଏବେ ବି ଅଛି, ପୁରୁଣା ଆକର୍ଷଣ କାମ କରୁଛି ଏବଂ ଏହାର ମହାନତା ଓ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ-ଠାରୁ ଅଧିକ । କେହି ଯେପରି ନ ଭାବନ୍ତି ଯେ ଭାରତର କେତେ କୋଟି ଲୋକଙ୍କ ଉପରେ ତାଙ୍କର ଯେ ପ୍ରଭାବ ଥିଲା, ତାହା କମ୍ ହୋଇ ଯାଇଛି । ସେ କୋଡ଼ିଏ ବର୍ଷ ଏବଂ ତାହିଁରୁ ଅଧିକ ଦିନ ହେଲା ଭାରତର ଭାଗ୍ୟ-ନିର୍ମାତା ହୋଇ ରହିଛନ୍ତି ଏବଂ ତାଙ୍କ କାମ ଏବେ ସୁଦ୍ଧା ପୂରା ହୋଇ ନାହିଁ ।

ଗତ କେତେ ବର୍ଷ ତଳେ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ କଥା ଅନୁସାରେ କଂଗ୍ରେସ ଉ ଷ୍ଟେନ୍ ସମ୍ମୁଖରେ ଆଉ ଗୋଟିଏ ପ୍ରସ୍ତାବ ରଖିଲେ ରାଜଗୋପାଳାଚାରୀ କଂଗ୍ରେସର ନରମଦଳର ନେତା ବୋଲି ଜଣା । ତାଙ୍କର ଅଦ୍ଭୁତ ମେଧାଶକ୍ତି, ନିଃସ୍ୱାର୍ଥ ଆଚରଣ ଓ ବିଶ୍ଳେଷଣ କରିବାର ଅପୂର୍ବ କ୍ଷମତା ଆମ ଉଦ୍ଦେଶ୍ୟ ସିଦ୍ଧି ଦିଗରେ ବହୁତ ସାହାଯ୍ୟ କରିଛି । କଂଗ୍ରେସ ମନ୍ତ୍ରୀମଣ୍ଡଳ ଶାସନ ବେଳେ ସେ ମାନ୍ଦ୍ରାଜର ପ୍ରଧାନ ମନ୍ତ୍ରୀ ଥିଲେ । ସଂଘର୍ଷ ଏଡ଼ିବା ନିମନ୍ତେ ସେ ଚିନ୍ତିତ ଥିଲେ; ସେଥିପାଇଁ ସେ

Digitized by srujanika@gmail.com

ଯେଉଁ ପ୍ରସ୍ତାବ ଆଣିଲେ ତାହା ବିନା ଦ୍ୱିଧାରେ ତାଙ୍କର କେତେକ ସାଥି ସମର୍ଥନ କଲେ । ପ୍ରସ୍ତାବ ହେଉଛି—ବ୍ରିଟେନ୍ ଭାରତର ସ୍ୱାଧୀନତା ସ୍ୱୀକାର କରିବ, ସଙ୍ଗେ ସଙ୍ଗେ କେନ୍ଦ୍ରରେ ଏପରି ଅସ୍ଥାୟୀ ଜାତୀୟ ସରକାର ସ୍ଥାପିତ ହେବ ଯାହାକି ନିର୍ବାଚିତ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭା ପ୍ରତି ଦାୟୀ ରହିବ । ଯଦି ଏହା ହୋଇପାରେ, ତେବେ ଦେଶରକ୍ଷାର ଦାୟିତ୍ୱ ସରକାର ହାତକୁ ନେବ ଏବଂ ଏହିରୂପେ ମିତ୍ର କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିବ ।

କଂଗ୍ରେସର ଏହି ପ୍ରସ୍ତାବ ବିଶେଷଭାବରେ ବ୍ୟବହାରିକ ଦୃଷ୍ଟିରୁ କରା-ଯାଇଥିଲା ଏବଂ ବିନା ଗଣ୍ଡଗୋଳରେ ଏହା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହୋଇପାରିଥାନ୍ତା । ଅନିବାର୍ଯ୍ୟରୂପେ ଜାତୀୟ ସରକାର ଏକ ସଂଗଠିତ ବସ୍ତୁ ହୋଇଥାନ୍ତା ଏବଂ ସେଥିରେ ଅଳ୍ପ ସଂଖ୍ୟକ ଦଳର ମଧ୍ୟ ପ୍ରତିନିଧି ରହିଥାନ୍ତେ । ପ୍ରସ୍ତାବଟି ଯେ ନରମ ଥିଲା ଏ ଅବଶ୍ୟ ନିଶ୍ଚିତ କଥା । ଦେଶ-ରକ୍ଷା ଓ ମିତ୍ର ପ୍ରଚେଷ୍ଟା ଦୃଷ୍ଟିରୁ କୌଣସି ପ୍ରକୃତର କାର୍ଯ୍ୟ କରିବାକୁ ହେଲେ ଜନତାର ବିଶ୍ୱାସ ଓ ସହଯୋଗ ଥିବା ଦରକାର । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । କେବଳ ଜାତୀୟ ସରକାରରେହିଁ ଏହି ସବୁ କଥା ହୋଇ ପାରିବାର ସୁଯୋଗ ମିଳିବ । ସାମ୍ରାଜ୍ୟବାଦଦ୍ୱାରା ଏହା ହେବା ଅସମ୍ଭବ ।

କିନ୍ତୁ ସାମ୍ରାଜ୍ୟବାଦ ତ ଶପଷ୍ଟତ ଢଙ୍ଗରେ ଚିନ୍ତା କରେ । ତାହା ଶଗୃହବେ ସେ ନିଜ କାମ କରି ନେବ ଏବଂ ନିଜର ମତଲବ ପୂର୍ଣ୍ଣ କରିବାପାଇଁ ଲୋକଙ୍କ ଉପରେ ଜୋର ମଧ୍ୟ କରିପାରେ । ନିଜ ମୁଣ୍ଡ ଉପରେ ଆସି ବିପଦ ପଡ଼ିଲେ ମଧ୍ୟ, ଯଦି ହାତରୁ ରାଜନୈତିକ ଓ ଆର୍ଥିକ ଅଧିକାର ଛାଡ଼ିଦେବାକୁ ପଡ଼େ, ତେବେ ବନ୍ଧୁପକ୍ଷମାନଙ୍କଠୁ ସାହାଯ୍ୟ ନେବା ଲାଗି ସେ ପ୍ରସ୍ତୁତ ନୁହେଁ । ଏହା ଛଡ଼ା ଏତେଦିନ ଭାରତରେ ଓ ସାମ୍ରାଜ୍ୟର ଅନ୍ୟ ଦେଶମାନଙ୍କରେ ଭଲ କାମ କରିବାଦ୍ୱାରା ଯେଉଁ ନୈତିକ ପ୍ରତିଷ୍ଠା ତାକୁ ମିଳିବାର କଥା ସେଥିକି ମଧ୍ୟ ସେ ପରୁଆ କଲେ ନା ।

Digitized by srujanika@gmail.com

ଆଜି ୧୯୪୦ ମସିହା ଅଗଷ୍ଟ ତା ୮ ରିଖ ଦିନ ମୁଁ ଏହା ଲେଖୁଥିଲା-ବେଳେ ବଡ଼ଲାଟ ଆମକୁ ବ୍ରିଟିଶ ସରକାରର ଜବାବ ଶୁଣାଇ ଦେଇଛନ୍ତି । ଏହା ସାମ୍ରାଜ୍ୟବାଦ ପୁରୁଣା ଭାଷାରେ ତିଆରି ଏବଂ ଢଙ୍ଗରେ କୌଣସି ପ୍ରକାର ପରିବର୍ତ୍ତନ ହୋଇନାହିଁ । ଇଉରୋପ ଓ ପୃଥିବୀ ପରି ଏଠି ମଧ୍ୟ ଭାରତରେ କାଳଚକ୍ର ଘୂରୁଛି ।

ମୋର ସାଥି ଜେଲକୁ ଓ୍ୟାପସ ଗଲେଣି ଏବଂ ମୋର ମଧ୍ୟ ସେଥିରେ ଶ୍ରଦ୍ଧା ରହୁଛି । ବୋଧହୁଏ ଯୁଦ୍ଧ, ରାଜନୀତି, ଫାସିଜମ ଏବଂ ସାମ୍ରାଜ୍ୟ-ବାଦର ଏ ପାଗଳ ଦୁନିଆଁ ପରିବର୍ତ୍ତେ କାରାବାସରେ ଏକାନ୍ତରେ ଜୀବନ ବିତାଇ ଚିନ୍ତା କରିବା ଅଧିକ ସହଜ ।

କିନ୍ତୁ କେବେ କେବେ ଅନ୍ତତଃ ଏହି ଦୁନିଆଁରୁ ଅଳ୍ପକାଳ ପାଇଁ ଛୁଟି ମିଳିଯାଏ । ୨୩ ବର୍ଷ ପରେ ଗତମାସରେ କାଶ୍ମୀର ଗଲି । ମୁଁ ସେଠି ମୋଟେ ୧୨ ଦିନ ରହିଲି, ମାତ୍ର ଏହି କେତୋଟି ଦିନ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ହୋଇଥିଲି । ମୁଁ ଜାଦୁପରି ସେ ଦେଶର ରମଣୀୟତା ପାନ କଲି । ମୁଁ ପର୍ବତଘାଟୀରେ ଏଠି ସେଠି ବୁଲିଲି, ଉଚ୍ଚ ଗିରି ପାହାଡ଼ରେ ଯାତ୍ରା କଲି; ଗୋଟିଏ ଗ୍ଲେସିୟରର ଉପରେ ଚଢ଼ିଲି ଏବଂ ବୋଧ କଲି ଜୀବନ ମଧ୍ୟ ଏକ କାର୍ଯ୍ୟର ବସ୍ତୁ ।

ଏଲାହାବାଦ, ୮ ଅଗଷ୍ଟ, ୧୯୪୦

ଜବାହରଲାଲଙ୍କ ଜୀବନୀ (ହିନ୍ଦୀରୁ ଅନୁବାଦ)—ଅନୁବାଦକ

କଟକ ଜେଲ, ଏପ୍ରିଲ; ୧୯୪୩

Digitized by srujanika@gmail.com

୧୯୪୦—୧୯୪୯

(ଅନୁବାଦକଙ୍କଦ୍ୱାରା ସଂଗୃହୀତ)

କଂଗ୍ରେସର ପ୍ରସ୍ତାବ ବିଷୟରେ ବ୍ରିଟିଶ ସରକାର ଶେଷ ନିଷ୍ପତ୍ତି ଶୁଣାଇଦେଲେ । ଗାନ୍ଧିଜୀଙ୍କ ଭାଷାରେ କଂଗ୍ରେସ ଚାହିଁଥିଲା ଭାତ, ଇଂରେଜ ଦେଲେ ପଥର । ନାନା କଟକଣା କରାଯାଇ ସ୍ୱାଧୀନତା ସଂଗ୍ରାମର ପ୍ରତୀକ କଂଗ୍ରେସକୁ ଦଳିଦେବାର ଉଦ୍ୟମ କରାଗଲା । ଶେଷକୁ ଆଉ ଉପାୟ ନ ଦେଖି ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତରେ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହେଲା । ଆଚାର୍ଯ୍ୟ ବିନୋବା ଭାବେ ପ୍ରଥମ ସତ୍ୟାଗ୍ରହୀ ହେଲେ ।

ତାଙ୍କ ପରେ ପଣ୍ଡିତ ଜବାହରଲାଲ ଦ୍ୱିତୀୟ ସତ୍ୟାଗ୍ରହୀରୂପେ ନିର୍ବାଚିତ ହେଲେ । କିନ୍ତୁ ସତ୍ୟାଗ୍ରହ ପୂର୍ବରୁ ଗୋରଖପୁରଠାରେ ଏକ 'ବେଆଇନ' ଭାଷଣ ଦେଇଥିବାରୁ ତାଙ୍କୁ ୧୯୪୦ ଡିସେମ୍ବରରେ ହଠାତ୍ ଗିରଫ କରାଗଲା ଓ ଚାରିବର୍ଷ ପାଇଁ ନୈନିଜେଲକୁ ପଠାଇ ଦିଆଗଲା ।

ଠିକ୍ ବର୍ଷକପରେ ସେ ନୈନିଜେଲରୁ ଖଲାସ ହେଲେ । 'ନୈନିର ଶ୍ରେଷ୍ଠ ବନ୍ଦୀଶାଳା ଭିତରୁ ଭାରତର ବୃହତ୍ ବନ୍ଦୀଶାଳାକୁ' ଆସିବାର ଅନୁମତି ସେ ପାଇଲେ ।

୧୯୪୧ ମସିହା ଶେଷ ହେବାକୁ ବସିଥାଏ । ଅଢ଼େଇବର୍ଷର ଲଢ଼ାହାଣି ପରେ ପୃଥିବୀର ମାନଚିତ୍ରରେ କେତେ ଅଦଳବଦଳ ହୋଇଗଲାଣି । ପୂର୍ବଏସିଆ ଭିତରେ ଜାପାନ ସେତେବେଳକୁ ଆସି ଭାରତର ପୂର୍ବଫାଟକ ପାଖରେ ହାଜର ! କେତେ ଶତାବ୍ଦୀର କଳ୍ପନା ସାମଗ୍ରୀ ସିଙ୍ଗାପୁର ଗଲା— ରେଙ୍ଗୁନର ବୌଦ୍ଧ ପାଗୋଡ଼ା ଉପରେ ଜାପାନୀ ଉଡ଼ାଜାହାଜ ଚକ୍କର ମାରିଲା । ଭାରତର ଜନମନରେ ମନ୍ତ୍ରଭେଳିକି ଲଗାଇବା ପାଇଁ ସାର୍

Digitized by srujanika@gmail.com

ଷ୍ଟାଫୋର୍ଡ କ୍ରିପ୍‌ସ ୧୯୪୨ ମାର୍ଚ୍ଚ ମାସରେ ଦିଲ୍ଲୀରେ ଜାଦୁଖେଳ ଜମେଇ ଦେଲେ ।

କ୍ରିପ୍‌ସ ସାହେବଙ୍କ ସଙ୍ଗରେ ସମସ୍ତ କଥାବାର୍ତ୍ତା କରିବାପାଇଁ କଂଗ୍ରେସ ତରଫରୁ ମୌଲାନା ଆଜାଦ ଓ ପଣ୍ଡିତ ନେହରୁ ପ୍ରତିନିଧି ହୋଇ ଯାଇଥିଲେ । ଅନେକ ମନ୍ତ୍ରଣାଜଳ୍ପନା ପରେ କ୍ରିପ୍‌ସଙ୍କର ଫମ୍ପା ପ୍ରସ୍ତାବ ଧରା ପଡ଼ିଲା । ଜାତିର ସ୍ୱାର୍ଥଦୃଷ୍ଟିରୁ କଂଗ୍ରେସ ଏହା ଗ୍ରହଣ କରି ପାରିଲା ନାହିଁ । "ଭାରତକୁ ସ୍ୱାଧୀନତା ଦେବା ଇଂରେଜ ସରକାରର ମତଲବ ନୁହେଁ,...ଭାରତ ତା'ର ନିଜର ବଳରେ ନିଜର ମୁକ୍ତି ହାସଲ କରିବ ।" କଂଗ୍ରେସ ଏହି ମର୍ମରେ ଏକ ପ୍ରସ୍ତାବ ଗ୍ରହଣ କଲା ।

ତା'ପରେ ୧୯୪୨ ଗ୍ରୀଷ୍ମକାଳର ଜାପାନ ଧକ୍କା । ଓଡ଼ିଶାର ଉପକୂଳରେ ମଧ୍ୟ ହଠାତ୍ ଦିନେ ଜାପାନୀ ବିମାନର ଢୁ ଢୁ ଶୁଣାଗଲା । ଭାରତରୁ ଲୁଭ ନେଇ, ରକ୍ତ ନେଇ ବ୍ରିଟିଶ ସରକାର ଏତେ ଦିନ ବଞ୍ଚି ଆସିଲା, ଶେଷରେ ତା'କୁ ସେ ସର୍ବସ୍ୱାନ୍ତ ଓ ନାହେପୋଖିତ କରି ଜାପାନ ପାଦତଳେ ସମର୍ପି ଦେଇଯିବ, ଏଇ ଚିନ୍ତା ସମସ୍ତ ଦେଶକୁ ଆକୁଳ କରି ପକାଇଲା । ଆଉ ଗୋଟାଏ ଅତ୍ୟାଚାରୀ ଶକ୍ତି ଆସି ଦେଶକୁ ଛାରଖାର କରି ଦେଇଯିବ, ଅଥଚ ଦେଶ ଲୋକେ ତାକୁ ମୁଣ୍ଡପାତି ବରଣ କରି ନେବେ ! ଏଇ ପରାଧୀନତା ଅପମାନ ଆତ୍ମପ୍ରକାଶ କଲା ଅଗଷ୍ଟ ପ୍ରସ୍ତାବର ମୁକ୍ତି-କାମନାରେ । ବ୍ରିଟିଶଶାସକଙ୍କୁ ଭାରତବର୍ଷ ଛାଡ଼ିଦେବାକୁ ହେବ, ଦେଶର ଅସୀମ ଜନଶକ୍ତିକୁ ବନ୍ଧନମୁକ୍ତ କରିବାକୁ ହେବ, ଏଇ ହେଲା ଭିତରର ଦାବି । ମହାତ୍ମାଗାନ୍ଧିଙ୍କର 'କର ବା ମର' ବାଣୀ ନେଇ ଦେଶ ଶେଷ ସଂଗ୍ରାମପାଇଁ ପ୍ରସ୍ତୁତ ହେବାକୁ ଲାଗିଲା ।

ନିଖିଳ ଭାରତ କଂଗ୍ରେସ କମିଟିର ବମ୍ବେ ବୈଠକରେ ଏଇ 'ଅଗଷ୍ଟ ପ୍ରସ୍ତାବ' ଘୋଷଣା କରାଗଲା । ଶାନ୍ତିପୂର୍ଣ୍ଣ ସମାଧାନର ଶେଷଚେଷ୍ଟା କରି ପ୍ରତ୍ୟକ୍ଷ ଆନ୍ଦୋଳନ ସୁରୁ କରିବାରେ ସେନାପତିତ୍ୱ ଗାନ୍ଧିଜୀଙ୍କୁ ଅର୍ପଣ କରାଗଲା । କିନ୍ତୁ ଏହାପରେ ଆଉ ଦେଖି ଦେଖି ସହିବାକୁ ସରକାରର

Digitized by srujanika@gmail.com

ଯେମିତି ନ ଥିଲା—ଦେଶସାରା ଏକ ସ୍ୱାତନ୍ତ୍ର୍ୟର ଆତଙ୍କରେ ସେ ସନ୍ତ୍ରସ୍ତ ହୋଇ ଥାଉଥିଲା । ଅଗଷ୍ଟ ୩୦ ତାରିଖ ଗାଡ଼ି ପୁନାଠା ବେଳେ ସିପାହୀ ଓ ପୋଲିସର ଘେରା ପହରା ସବୁ ନେତାଙ୍କୁ ଗିରଫ କରି ଧରି ନେଇଗଲା ।

ଗାନ୍ଧିଜୀ, ନେହେରୁ ଓ ଅନ୍ୟାନ୍ୟ ନେତାମାନଙ୍କୁ ନେଇ ଗାଡ଼ି କେଉଁ ଅଜଣା ସ୍ଥାନକୁ ଚାଲିଥାଏ । ସେଇ ରେଳ ଭିତରେ ସେମାନେ ସକାଳ ଜଳଖିଆ ଖାଇଲେ । ଚିଞ୍ଚ୍‌ୱାଡ଼୍ ଷ୍ଟେସନଠାରେ ଗାନ୍ଧିଜୀଙ୍କୁ ଓହ୍ଲାଇ ନିଆହୋଇ 'ଆଗା ଖାଁ' ବନ୍ଦୀଶାଳାକୁ ନିଆଗଲା ।

ଗାଡ଼ି ଚାଲିଥାଏ—ସରକାର ସେମାନଙ୍କ ପାଇଁ ଯେ କେଉଁଠି ନୂତନ ଦୁର୍ଗ ଠିକ୍ କରିଛନ୍ତି, ସେ କଥା କେହି ଠିକ୍ କରି କହିପାରୁ ନ ଥାନ୍ତି । ଯେତେବେଳେ ପୁନା ଷ୍ଟେସନରେ ଗାଡ଼ି ଅଟକିଲା, ସେତେବେଳେ ଦଳେ ପିଲା ଜାତୀୟଧ୍ୱଜ ଲଗାଇ ନେତାମାନଙ୍କୁ ସମ୍ମାନ ଜଣାଇବାକୁ ଆସିଲେ । ସେମାନଙ୍କର ଜୟନାଦରେ ଆକାଶ ଭରି ଉଠିଲା—

ଏଇ ପିଲାଙ୍କର ଅଭିନନ୍ଦନର ଉତ୍ତରରେ ସରକାରୀ ପୋଲିସ ସେମାନଙ୍କ ଉପରେ ଲାଠିମାଡ଼ ଆରମ୍ଭ କରିଦେଲେ । ରେଳଡ଼ବା ଭିତରେ ଥାଇ ପଣ୍ଡିତ ନେହେରୁ 'ସଭ୍ୟଶାସନ'ର ଏଇ ନମୁନା ଦେଖିବାକୁ ପାଇଲେ । ତାଙ୍କର ବିଦ୍ରୋହୀ ପ୍ରାଣ ଆଉ ବରଦାସ୍ତ କରି ପାରିଲା ନାହିଁ—ଦେଶର ପିଲାଙ୍କ ଉପରେ ପଡ଼ୁଥିବା ମାଡ଼ ପାହାରକୁ ସେ ଯେପରି ନିଜ ଦେହରେ ଅନୁଭବ କଲେ ।

“ବନ୍ଦ କର ଏ ଲାଠିମାଡ଼; ଏତେ ସାହସ, ତୁମେ ପିଲାଙ୍କ ପିଠିରେ ମଧ୍ୟ ଲାଠିମାଡ଼ ବସାଇବ ?” ତାଙ୍କର ସମସ୍ତ ରକ୍ତକଣା ଅପମାନର ଜ୍ୱାଳାରେ ଅଗ୍ନିକଣା ହୋଇଗଲା । ସେ ବାହାରକୁ ଆସିବାକୁ ବସିଲେ, ଜଗୁଆଳୀ ସାଦାପୋଲିସ ତାଙ୍କୁ ବାଧା ଦେଲା । ସଙ୍ଗେ ସଙ୍ଗେ ସେ ରେଳଡବାର ଝରକା ଦେଇ ପ୍ଲାଟ୍‌ଫର୍ମ ଉପରକୁ ଡେଇଁ ପଡ଼ିଲେ ଓ ଲାଠି ମାଡ଼ ହେଉଥିବା ଜାଗାକୁ ଛୁଟିବାକୁ ଲାଗିଲେ । ଆଉ ଜଣେ ଗୋରା

Digitized by srujanika@gmail.com

ଅଫିସର ବାଟରେ ତାଙ୍କୁ ଅଟକାଇ ରଖିଲା । ପଣ୍ଡିତ ନେହରୁ ତା'ର କବଳରୁ ଖସିବାକୁ ଛଟପଟ ହେଉଥାନ୍ତି । ଆଉରି କେତେକ କଳାପୁଲିସ ମଧ୍ୟ ଆସି ପହଞ୍ଚିଗଲେ । ରୀତିମତ ଗୋଟାଏ ସଂଘର୍ଷ ଆରମ୍ଭ ହୋଇଗଲା । ଜଣେ ପୁଲିସ କନେଷ୍ଟବଲ ମଧ୍ୟ ତାଙ୍କଠାରୁ ମୁଥଟିଏ ଖାଇଲା । କିଛି ସମୟ ବେଶ୍-ସଂଘର୍ଷ ଚାଲିଲା । ଶେଷରେ ହାତ ଗୋଡ଼ ଧରି ଶୂନ୍ୟେ ଶୂନ୍ୟେ ତାଙ୍କୁ ଗାଡ଼ି ଭିତରକୁ ଅଣାଗଲା । ଠିକ୍ ସେତିକିବେଳେ ରେଲଗାଡ଼ି ପୁନା ଷ୍ଟେସନ ଛାଡ଼ିଦେଲା ।

ଶେଷରେ ଏହି ଅଜଣା ଯାତ୍ରାର କୂଳ ମିଳିଲା । ଧୋନ୍ଦ୍ ଷ୍ଟେସନରେ ସେମାନଙ୍କୁ ଗାଡ଼ିରୁ ଓହ୍ଲାଇବାକୁ କୁହାଗଲା । ମଟରରେ ବସି ସମସ୍ତେ ଅହମ୍ମଦନଗର ଦୁର୍ଗକୁ ଆସିଲେ । ଦୁର୍ଗର ଚତୁର୍ଥ କୋଠରୀଟିରେ ନେହରୁଙ୍କର ବନ୍ଦୀଜୀବନ ଆରମ୍ଭ ହେଲା ।

୧୯୪୨ ଅଗଷ୍ଟ ନଅତାରିଖରୁ ୧୯୪୫ ଜୁନ ୧୫ ତାରିଖ । ଏହି ତିନି ବର୍ଷ ଭିତରେ ଦେଶର ଜୀବନ ଉପରେ ହୋଇ ଅନେକ ଝଡ଼-ପ୍ରବାହ ବହିଗଲା, ନେତା ନ ଥାଇ ମଧ୍ୟ ଭାରତୀୟ ଜନତା ସରକାରଙ୍କୁ ଦାନ୍ତଭଙ୍ଗା ଜବାବ ଦେଲା । ଭାରତକୁ ଥୋବରା କରି ରଖିଦେବାର ଆଶା ଭାଙ୍ଗିଗଲା । କେତେ ଲାଠି, କେତେ ଗୁଳି ଚାଲିଲା, କେତେ ଫାଶି ପାଇଲେ, 'ସଭ୍ୟ' ସରକାରର ସକଳ ପ୍ରକାର ଅସଭ୍ୟ ଉପାୟ ଅବଲମ୍ବନ କରି ଦେଶରେ ମଣିଷମରା ଚାଲିଲା । କିନ୍ତୁ ନାଁ ଆଉ ଲଢ଼ି ପାରିଲା ନାହିଁ—ଭୀଷଣ ରଣଯଜ୍ଞ ଭିତର ଦେଇ ଭାରତ ବିଜୟୀ ସୈନିକ ପରି ସ୍ୱାଧୀନତାର ଦ୍ୱାରଦେଶରେ ଆସି ପହଞ୍ଚିଲା ।

ଏହି ତିନିବର୍ଷ ଭିତରେ ବଙ୍ଗ, ଓଡ଼ିଶା ଓ ମାଲାବାରରେ ଦାରୁଣ ଦୁର୍ଭିକ୍ଷ ପଡ଼ିଲା । କମାଣ ଗୁଳିରେ ମାରି ନ ପାରି ଉପାସ ଭୋକରେ ମାରିବା ପାଇଁ ଶ୍ରୀ ଆମେରି ସରକାର ଯୋଜନା ଆଗରୁ ପାଞ୍ଚି କରି ରଖିଥିଲା । କଲିକତା ସହରରେ କାଉ ଶାଗୁଣା ଉଡ଼ିଲେ, ଅଇଁଠା ଭାତ ପାଇଁ

Digitized by srujanika@gmail.com

କୁକୁର ଅନ୍ନ ମଣିଷ ଭିତରେ ମୁଁଷ ଲଗିଲା । ହିନ୍ଦୁସ୍ଥାନ ବା ପାକିସ୍ଥାନର ଭେଦ ରହିଲା ନାହିଁ, ହିନ୍ଦୁ ମୁସଲମାନ ସମସ୍ତେ 'ଫାକା-ଇ-ସ୍ଥାନ (ଭୋକର ଦେଶ)'ର ଅଧିବାସୀ ଭାବେ ଛଟପଟ ହେବାକୁ ଲାଗିଲେ । ଗାଗଣ୍ଡା ଶୂନ୍ୟ ହୋଇଗଲେ—ପିଲାଏ ମା'ଦୁଧ ନ ପାଇ ଛଟପଟ ହୋଇ ମଲେ । ଏଇ 'ମଣିଷ ତିଆରି' ଦୁର୍ଭିକ୍ଷ ଦେଶରେ ସାମାଜିକ ଜୀବନକୁ ନଷ୍ଟ ଭ୍ରଷ୍ଟ କରି ପକାଇଲା । ଏ ଯୁଗର ଜୀବାଣୁ-ବୋମ (Germ Bomb) ପରି ଦୁର୍ଭିକ୍ଷ-ବୋମା ଖୁବ୍ କାମ ଦେଲା । ଶହେ ବର୍ଷ ଯାଏଁ ଗୋଟାଏ ବିରାଟ ସଭ୍ୟତାକୁ ମାରି ଦିଆହେଲା । ଏହି ଦୁର୍ଭିକ୍ଷ ସମ୍ପର୍କରେ ପଣ୍ଡିତ ନେହରୁ ଜେଲ ଭିତରେ ଲେଖିଛନ୍ତି—"ଆଉ କାହାର ଅଭାବ ରହିବ ନାହିଁ,—ସଭାପତି ରୁଜ୍‌ଭେଲ୍‌ଟ ଏଇ କଥା କହି ବୁଲୁଛନ୍ତି । କିନ୍ତୁ ଏବେ ଭାରତବର୍ଷରେ ଯେ ଲକ୍ଷ ଲକ୍ଷ ଲୋକ ଭୋକ ଉପାସରେ ପ୍ରାଣ ହରାଇଲେ, ସେ ଆଡ଼କୁ ଧନୀ ଇଂଲଣ୍ଡ ବା ଆମେରିକା କାହାର ଆଖି ପଡ଼ିଲା ନାହିଁ ।"

(Oiscovery of India P. 4)

ଏଇ ତିନିବର୍ଷର ଜେଲଜୀବନ ଭିତରେ ପଣ୍ଡିତ ନେହରୁ ଏକ ହଜାରରୁ ବେଶୀ ବହି ପଢ଼ିଥିଲେ । ତାଙ୍କର ମହାମୂଲ୍ୟ 'ଭାରତ ଅନ୍ୱେଷଣ' (Discovery of India) ଏଇ ବନ୍ଦୀ ଦୁର୍ଗରେ ଲେଖା ହୋଇଥିଲା । ବନ୍ଦୀ ଜବାହାରଲାଲ ଏଇ ତିନିବର୍ଷ ଭିତରେ କୌଣସି ପିଲା ବା ସ୍ତ୍ରୀ ଲୋକର ମୁହଁ ଦେଖି ନ ଥିଲେ—ତାଙ୍କ ନୂଆ ନାତିକୁ ଦେଖିବାକୁ ସରକାର ତାଙ୍କୁ 'ଦୟା' ଦେଖାଇ ଛାଡ଼ିଦେବାକୁ କହିଥିଲେ ମାତ୍ର ସେ ତାକୁ ଗ୍ରହଣ କରି ନ ଥିଲେ ।

୪୨ ଓ ୪୩ ର ବଡ଼ଲାଟ ଲିନ୍‌ଲିଥ୍‌ଗୋ ଯାଇ ତାଙ୍କ ଜାଗାରେ ଲର୍ଡ଼ ଓ୍ୱାଭେଲ ଦେଶର ଶାସନଭାର ନିଅନ୍ତି ଆସିଲେ । ନୂଆ ବଡ଼ଲାଟ କି ନୂଆ ଚାଳ ଆଣିଛନ୍ତି, ସେଇଆ ଦେଖିବାକୁ ଦେଶସାରା ଅନେଇ ରହିଲା । ସମାଧାନର ଶୁଭ ଅନୁକୂଳ ହେଲା କଂଗ୍ରେସ ନେତାମାନେ ୧୯୪୫ ଜୁନ ୧୫ ତାରିଖରେ ଅହମଦନଗରରୁ ଖଲାସ ହେଲେ ।

Digitized by srujanika@gmail.com

ଦେଶରେ ସେତେବେଳେ ଦୁର୍ଭାଗ୍ୟର ଛାୟା ଘୋଟିଯାଇଛି । ସରକାରୀ ଅତ୍ୟାଚାର ଓ ଦୁର୍ଭିକ୍ଷର ଦାରୁଣ ଜ୍ୱାଳାରେ ଦେଶର ଜ୍ୟୋତି ମଳିନ ହୋଇଯାଇଛି । ଜବାହରଲାଲଙ୍କର ପ୍ରଧାନ କାମ ହେଲା ଦେଶର ଏହି ଜ୍ୟୋତି ଫେରାଇ ଆଣିବା, ଦେଶର ଅନ୍ତର ଭିତରେ ପୁଣି ନୂତନ ଉତ୍ସାହ ଓ ଅମିତ ଆଶା ଭରାଇ ଦେବା । ତାଙ୍କର ଅଗ୍ନିବାଣୀରେ ସବୁରି ମର୍ମ ପୁଣି ଅଗ୍ନିମୟ ହୋଇଉଠିଲା, ସୈନିକର ବାହୁ ସମରର ଆହ୍ୱାନରେ ପୁଣି ନର୍ମି ଉଠିଲା ! ଗୋଟିଏ ସଭାରେ ସେ କହିଥିଲେ—'୧୯୪୨ ରେ ଦେଶରେ ଯାହାସବୁ ଘଟଣା ଘଟିଲା, ସେଥିଲାଗି ମୁଁ ଗର୍ବ ଅନୁଭବ କରୁଛି । କେବେ ଯଦି ବ୍ରିଟିଶ ସରକାର ସାମ୍ନାରେ [illegible] ଦେଖାଥାନ୍ତି, ତେବେ ପ୍ରକୃତରେ ମୁଁ ଦୁଃଖିତ ହୋଇଥାନ୍ତି । ସେପରି ହେଉଥିଲେ ଆମେ ପ୍ରକୃତ ଯାଇବେ ହେଲୁ ବୋଲି ବୁଝାଯାଇଥାନ୍ତା ।' (ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ ୨୮ । ୭ । ୪୫) ।

ତା'ପରେ ସିମଳାରେ ଗାଲ ଆରମ୍ଭ ହେଲା । ସହୁଆ, ଝରିଆ ଓ ବାହାଘିଆ ସମସ୍ତଙ୍କୁ ମିଳାଇ ବଡ଼ଲାଟ ଏକ ଷଡ଼ଯନ୍ତ୍ର ବାନ୍ଧିବାର ଆୟୋଜନ ଆରମ୍ଭ କରିଦେଲେ । ଶେଷରେ ଖାଲି ପରିଶ୍ରମହିଁ ସାର ହେଲା, ଯନ୍ତ୍ରର ତାଡ଼ ତାଡ଼ ମୁଣ୍ଡାଟିଏ ବି ମିଳିଲା ନାହିଁ । ଜାତି—ଜାତି ଭାଗ ବଣ୍ଟାଇବା ନେଇଁ କାହାରି ମତ କାହାରି ସମ୍ମତି ପାଇଲା ନାହିଁ । ଲୀଗ-କଂଗ୍ରେସ-ଲାଗି ଗୋଳମାଳ ଭିତରେ ସରକାରଙ୍କର ଅସଲ ମନ ଘୋଡ଼ାଇ ହୋଇ ରହିଗଲା ।

ତା'ପରେ ଭାରତ ଇତିହାସରେ ଯେଉଁ ଅଧ୍ୟାୟ ଆସିଲା ତାକୁ ଆଜାଦ-ହିନ୍ଦ-ଫୌଜର ଅଧ୍ୟାୟ ବୋଲି କହିବାକୁ ହେବ । ଯେତେବେଳେ ଜାପାନଙ୍କର ସାହାଯ୍ୟରେ ସେ [illegible] ଏହି ଫୌଜର ଗଠନ କଲେ, ସେତେବେଳେ ଭାରତର ଜନତା ଶ୍ରଦ୍ଧାରେ ସୁଭାଷ ଚନ୍ଦ୍ରଙ୍କୁ ତାଙ୍କ ନେତାଜୀ ବୋଲି ଡାକିଲା । ସେହି ଆଜାଦଫୌଜର ଶାସ୍ତି ଦେବାପାଇଁ ଯେଉଁ ଇଂରେଜ ଅଭିନବ ସଂହାର କରୁଥିଲେ,

Digitized by srujanika@gmail.com

ସେଥିରେ ଶ୍ରୀ ଭୁଲାଭାଇ ଦେଶାଇ ଓ ପଣ୍ଡିତ ନେହରୁ କଂଗ୍ରେସ ତରଫରୁ ସେମାନଙ୍କର ମକଦ୍ଦମା ଲଢ଼ିଥିଲେ ଏବଂ ସେମାନଙ୍କୁ ଫାଶି ଦୁଆରରୁ ମୁକୁଳାଇ ଆଣିଥିଲେ । ଜନତାର ଜୟ ହେଲା ।

ତା'ପରେ ପୁଣି ମନ୍ତ୍ରଣାର ସୂତ୍ରପାତ ହେଲା । ସାତ ଜଣ ପାର୍ଲାମେଣ୍ଟ ସଭ୍ୟ ବିଲାତରୁ ଆସି ଭାରତର ଅବସ୍ଥା ପରୀକ୍ଷା କରି ଗଲେ । ପୁଣି ନୂଆ କରି ଭୋଟ ନିଆ ହେଲା । କେନ୍ଦ୍ର ଆସେମ୍ବ୍ଲିରେ କଂଗ୍ରେସର ବିପୁଳ ଜୟ ହେଲା । ଏହି ବିଜୟ ପଛରେ ପଣ୍ଡିତ ନେହରୁଙ୍କର ପ୍ରାଣମୟ ପ୍ରଚାର ଖୁବ୍ କାମ କରିଥିଲା । ସେ ପଞ୍ଜାବ, ବିହାର, ଆସାମ ଓ ଚଟ୍ଟଗ୍ରାମର ବିଭିନ୍ନ ଅଞ୍ଚଳରେ ବୁଲି ସେମାନଙ୍କୁ କଂଗ୍ରେସ ଆଦର୍ଶର ଅନୁଯାତ୍ରୀ କରି ପାରିଥିଲେ । ୧୯୪୬ର ନିର୍ବାଚନ ପରେ ଆଠୋଟି ପ୍ରଦେଶରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କଲା । ୧୯୪୨ର ବୀରମାନେ ଜେଲରୁ ବାହାରିଲେ । ତିନି ଚାରି ବରଷର ହତାଶା ପରେ ପୁଣି ସବୁରି ପ୍ରାଣରେ ଜାତୀୟତାର ଉତ୍ସାହ ଓ ମୁକ୍ତିର ପୁଲକ ଖେଳିବାକୁ ଲାଗିଲା । ଦେଶର ଚିରମୌନ ସୈନ୍ୟବାହିନୀ ମଧ୍ୟ ସରକାର ବିରୁଦ୍ଧରେ ବିକ୍ଷୋଭ ଦେଖାଇଲେ । ଜଣେ ବକ୍ତାଙ୍କ ଭାଷାରେ 'ଭାରତ ଗୋଟିଏ ଗୁଳିବାରୁଦର ଘର ହୋଇଗଲା ।' ଗୋଟାଏ ଦିଆସିଲି କାଠି ମାରିଲେ ଯେପରି ସବୁ ଜଳି ପୋଡ଼ି ଭସ୍ମ ହୋଇଯିବ !

୧୯୪୦ରେ ରାମଗଡ଼ କଂଗ୍ରେସ ବସିଥିଲା ! ସେହିଦିନଠାରୁ ମୌଲାନା ଆଜାଦ ନାନା ସଙ୍କୁଳ ବାତାବରଣ ଭିତରେ ଜାତିର ଡଙ୍ଗା-ଖଣ୍ଡିକ ବାହି ଆସିଥିଲେ । ବର୍ତ୍ତମାନ ଛଅ ବରଷ ପରେ ଗାଦି ବଦଳାଇବା ବେଳ ଆସିଲା । ବମ୍ବେଠାରେ ନି. ଭା. କଂ. କ. ବସି ପଣ୍ଡିତ ଜବାହର-ଲାଲ କଂଗ୍ରେସର ସଭାପତି ହେଲେ । ଲାହୋର, ଲକ୍ଷ୍ନୌ ଓ ଫୈଜପୁର ପରେ ଚତୁର୍ଥଥରପାଇଁ ପୁଣି ସେ ମଙ୍ଗ୍ ଆଲରୁ ପଗଡ଼ି ପିନ୍ଧିଲେ ।

ବିଲାତରେ ଶ୍ରମିକ ସରକାର ତରଫରୁ ପୁଣି ମନ୍ତ୍ରୀ ପରିଷଦ ଆସିଲେ । ଲର୍ଡ଼ ପେଥିକ୍ ଲରେନ୍ସ, ସାର ଷ୍ଟାଫୋର୍ଡ କ୍ରିପ୍ସ ଆଲେକ୍‌ଜାଣ୍ଡରଙ୍କ

Digitized by srujanika@gmail.com

ସଙ୍ଗେ ଆସି ଭାରତର ବଡ଼ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା ଆରମ୍ଭ କଲେ । କଂଗ୍ରେସ ସେମାନଙ୍କର ଅସ୍ଥାୟୀ ଯୋଜନାରେ ରାଜି-ହେଲା । ଜିନ୍ନା-ଲିଗ୍ ଅବଶ୍ୟ ଲିଗ୍‌ର ଛିଦ୍ର ହିସାବକୁ ଉପେକ୍ଷା କରି ବଡ଼ଲାଟ ଓ୍ୱାଭେଲ କଂଗ୍ରେସକୁ ସରକାର ଗଢ଼ିବାକୁ ଡାକିଲେ । ସେପ୍ଟେମ୍ବର ୨ ତାରିଖରେ ନେହେରୁଙ୍କର ନେତୃତ୍ୱରେ ଅସ୍ଥାୟୀ ସରକାର ଗଠିତ ହେଲା ।

ନେହେରୁ ସରକାର ଖୁବ୍ ସୁରୁଖୁରୁରେ ଚାଲିଲା । ଲୁଣ ଟିକସ ଉଠିଲା, ପଶ୍ଚିମ ସୀମାନ୍ତରେ ବୋମାବର୍ଷଣ ବନ୍ଦ ହେଲା । ସରକାରଙ୍କୁ ଏ ନିର୍ମଳ ଜଳ ସୁଅଇଲା ନାହିଁ । ସେ ପୁଣି ତ୍ରିମିଟିପାଲ ପକାଇ ଜିନ୍ନାଙ୍କୁ ଖେଳିବାକୁ ଡାକିଲେ । ତାଙ୍କର ଲିଗ୍-ମନୋନୀତ ପାଞ୍ଚଜଣ ସଭ୍ୟ ଆସି ନେହେରୁଙ୍କର ସରକାରରେ ଯୋଗଦେଲେ । ଭାରତର ସ୍ଥାୟୀ ଶାସନତନ୍ତ୍ର ତିଆରି କରିବାପାଇଁ ଗଣପରିଷଦର ନିର୍ବାଚନ ହୋଇଗଲା ।

କଂଗ୍ରେସ ନିୟମାନୁସାରେ ନେହେରୁଙ୍କୁ କଂଗ୍ରେସ ସଭାପତିତ୍ୱ ଛାଡ଼ିବାକୁ ହେଲା । ନଭେମ୍ବର ୨୩ ତାରିଖରେ ମୀରଟଠାରେ ସାଧାରଣ ଅଧିବେଶନ ବସି ଆଚାର୍ଯ୍ୟ କୃପାଳନୀ କଂଗ୍ରେସର ନୂତନ ସଭାପତି ହେଲେ ।

ଜିନ୍ନା ଓ ଜିନ୍ନାପନ୍ଥୀଙ୍କର ସମସ୍ତ ମାନ ଅଭିମାନ ଓ ଯୁକ୍ତିପ୍ରମାଣମାନଙ୍କୁ ଉପେକ୍ଷା କରି ଡିସେମ୍ବର ନଅ ତାରିଖରେ ଗଣପରିଷଦ ଦିଲ୍ଲୀଠାରେ ବସିଛି । ସରକାରଙ୍କର ସଦିଚ୍ଛା ଥାଉ ବା ନ ଥାଉ, ଶାସନକଳ ଉପରେ ଜନବଳର ଝାପଟ ହୋଉଛି । ଏଥିଲାଗି ଜିନ୍ନାଙ୍କ ସହିତ ଜାତିନେତା ଚର୍ଚ୍ଚିଲ ମଧ୍ୟ ଶ୍ରମିକ ସରକାରଙ୍କୁ ଗାଳିଦେବାରେ ଲାଗିଛନ୍ତି । ତଥାପି ଦେଶର ଭାଗ୍ୟ, ଭବିଷ୍ୟତର ବିଧାନ ସେହି ଗଣପରିଷଦରେ ତିଆରି ହୋଉଛି । ଦେଶ ଗୋଟାଏ ବିରାଟ ପରିବର୍ତ୍ତନର ଦ୍ୱାରଦେଶରେ ଆସି ପହଞ୍ଚିଛି—ଧର୍ମ ଓ ସତ୍ୟର ପୂର୍ଣ୍ଣ ପରିଚୟ ମିଳିବାକୁ ଯାଉଛି ।

ଗଣପରିଷଦର ଲକ୍ଷ୍ୟ ବିଷୟରେ ପଣ୍ଡିତ ନେହେରୁ ପ୍ରଥମ ପ୍ରସ୍ତାବଟି ଆଗତ କରିଛନ୍ତି । ଭାରତକୁ ଏକ ଗଣତନ୍ତ୍ରରେ ପରିଣତ କରିବା ହେଉଛି

Digitized by srujanika@gmail.com

ଏହି ପ୍ରସ୍ତାବର ଉଦ୍ଦେଶ୍ୟ । ଏହି ପ୍ରସ୍ତାବ ମହାତ୍ମା ଗାନ୍ଧିଙ୍କର ଆଶୀର୍ବାଦ ପାଇଛି, ଓ ଗଣପରିଷଦରେ ମଧ୍ୟ ଏହା ପ୍ରାୟ ସମସ୍ତଙ୍କର ସମର୍ଥନ ପାଇଛି । ସ୍ୱଳ୍ପା ଏ ମନୋଭାବରେ ଏହି ଦେଶର ଯେଉଁ ପ୍ରିୟପୁତ୍ର ପଣ୍ଡିତ ନେହରୁ ଚାଲିଆସୁଥିଲେ, ଏହି ପ୍ରସ୍ତାବରେ ସେ ତାକୁ ବାସ୍ତବ ଆକାର ଦେବାକୁ ଯାଉଛନ୍ତି । ଆଗାମୀ ଯୁଗ ହେଉଛି ଗଣତନ୍ତ୍ରର ଯୁଗ,—ଭାରତ ଏହି ସତ୍ୟକୁ ପ୍ରମାଣିତ କରିବ ।

ଓ୍ୱାଭେଲଙ୍କ ବଦଳରେ ଲର୍ଡ ମାଉଣ୍ଟବାଟେନ ବଡ଼ଲାଟ ଗାଦିରେ ବସିଲେ । ସେ ଏକ ନୂଆ ଫନ୍ଦି କାଢ଼ିଲେ । ସମସ୍ତଙ୍କୁ ଆପଣାର କରିବାକୁ ଚେଷ୍ଟା କଲେ ଏବଂ ଏକ ଅଦ୍ଭୁତ ଜୁଆଖେଳ ଆରମ୍ଭ କରିଦେଲେ । ଏଣେ ଦେଶର ନାନା ସ୍ଥାନରେ ହିନ୍ଦୁ ମୁସଲମାନ ଦଙ୍ଗା ଆରମ୍ଭ ହୋଇଗଲା । ଶେଷକୁ ମାଉଣ୍ଟବାଟେନଙ୍କ ଯୋଜନାକୁ ଜବାହରଲାଲ ଓ କଂଗ୍ରେସ ମାନିନେଲେ । ଭାରତବର୍ଷ ଦୁଇଭାଗ ହେଲା । ହିନ୍ଦୁସ୍ଥାନ ଓ ପାକିସ୍ଥାନ । ୧୯୪୭ ଅଗଷ୍ଟପନ୍ଦର ତାରିଖରୁ ପୂର୍ଣ୍ଣରୂପେ ସ୍ୱାଧୀନ ଦେଶଭାବରେ ଘୋଷଣା ସାବ୍ୟସ୍ତ ହେଲା । ପଞ୍ଜାବ ଓ ବଙ୍ଗଳାରୁ ଅଧେ, ସିନ୍ଧ ଓ ସୀମାନ୍ତପ୍ରଦେଶ ନେଇ ଜିନ୍ନା ପାକିସ୍ଥାନ ଗଠନ କଲେ । ଖଣ୍ଡିତ ଭାରତର ଅପ୍ରତିଦ୍ୱନ୍ଦ୍ୱୀ ନେତା ହେଲେ ପଣ୍ଡିତ ନେହରୁ । ସ୍ୱାଧୀନ ଭାରତର ପ୍ରଧାନ ମନ୍ତ୍ରୀ ଭାବରେ ସେ ସେହିଦିନୁ କାର୍ଯ୍ୟ କରି ଆସିଛନ୍ତି । କିନ୍ତୁ ଏ ପରିବର୍ତ୍ତନରେ ଗାନ୍ଧିଜୀ ଆଦୌ ସୁଖୀ ହୋଇ ନ ଥିଲେ । ଦେଶର ବିଭାଜନ ସେ ପସନ୍ଦ କରି ନ ଥିଲେ ଏବଂ ସେହିହେତୁ ସ୍ୱାଧୀନତା ଉତ୍ସବ ପାଳନରେ ସେ ଯୋଗ ଦେଇ ନ ଥିଲେ ।

ସ୍ୱାଧୀନ ଭାରତର କର୍ଣ୍ଣଧାର ଭାବରେ ପଣ୍ଡିତ ନେହରୁଙ୍କ ସମ୍ମାନ ଓ ମର୍ଯ୍ୟାଦା ପୃଥିବୀ ଆଗରେ ବୃଦ୍ଧି ପାଇଲା । ପ୍ରଥମଥର ଲାଗି ଏସିଆ ଦେଶମାନଙ୍କର ଏକ ସମ୍ମିଳନୀ ସେ ଦିଲ୍ଲୀରେ ଡକାଇଲେ ଏବଂ ଇଣ୍ଡୋନେସିଆ ସମସ୍ୟାର ଶୀଘ୍ର ସମାଧାନ ଲାଗି ସେଥିରେ ଦାବି କରାଯାଇଥିଲା । ଏହା ରାଜ୍ୟ-ଲୋଭୀ ଇଉରୋପୀୟ ଜାତିଗୁଡ଼ିକ ଭିତରେ ବେଶ୍ ହଲଚଲ ପକାଇ ଦେଇଥିଲା । ରାଜ୍ୟର ଶାସନ-କାର୍ଯ୍ୟ ଚଳାଇବା

Digitized by srujanika@gmail.com

ଯନ୍ତ୍ରଣା ଏହି ସମସ୍ତ ଭିତରେ ତାଙ୍କ ଜୀବନରେ ଆଉ ଉଲ୍ଲେଖଯୋଗ୍ୟ ଘଟଣା କିଛି ଘଟି ନାହିଁ ।

୧୯୪୮ ଜାନୁୟାରୀ ୩୦ ତାରିଖରେ ଜନ୍ମପିତା ଗାନ୍ଧିଜୀଙ୍କୁ ଗଡ୍‌ସେ ନାମକ ଜଣେ ହିନ୍ଦୁ ଧର୍ମାନ୍ଧଲୋକ ଗୁଳିରେ ହତ୍ୟାକଲା । ସାରାଦେଶ ଶୋକହତ ହୋଇଗଲା ଏବଂ ପଣ୍ଡିତ ନେହେରୁ ବହୁ ବ୍ୟଥିତ ହୋଇପଡ଼ିଲେ । ଗାନ୍ଧିଜୀ ତାଙ୍କୁ ରାଜନୀତିକ ଉତ୍ତରାଧିକାରୀ ବୋଲି ଆଗରୁ କହିଯାଇଥିଲେ । ତାଙ୍କୁ ହରାଇ ସେ କିପରି ଏହି ଗୃହଦାହକୁ ତୁଲାଇ ପାରିବେ ଏହି ଚିନ୍ତା ତାଙ୍କ ପ୍ରାଣକୁ ଅସ୍ଥିର କରି ପକାଇଲା । ତଥାପି ସେ ଗୁରୁଗମ୍ଭୀର ସ୍ୱରରେ ଘୋଷଣା କଲେ ଗାନ୍ଧିଜୀ ଗଲେ ସତ, ମାତ୍ର ସେ ଯେଉଁ ଆଲୋକ ଦାନ କରି ଯାଇଛନ୍ତି, ତାହା ଲିଭି ନାହିଁ; ତାହାହିଁ ଆମକୁ ବାଟ ଦେଖାଉଥିବ । କିନ୍ତୁ କଂଗ୍ରେସ ଚାଳିତ ଶାସନ ଓ କଂଗ୍ରେସ କମିଟିଗୁଡ଼ିକ ଗାନ୍ଧି ପ୍ରଦର୍ଶିତ ନୀତି ଅନୁସରଣ କରି ଚାଲିପାରୁ ନାହାନ୍ତି ।

୧୯୪୯ ରେ ଭାରତର ସ୍ଥିତି ସମ୍ବନ୍ଧରେ ଶେଷ ନିଷ୍ପତ୍ତି କରିବା ନିମନ୍ତେ ପଣ୍ଡିତ ନେହେରୁ ଦ୍ୱିତୀୟ ଥର ଲାଗି କମନୱେଲଥ ପ୍ରଧାନମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେବା ନିମନ୍ତେ ଲଣ୍ଡନ ଗଲେ ଏବଂ ସେଠାରେ କମନୱେଲଥ ଭିତରେ ରହିବା ଲାଗି ରାଜି ହୋଇ ଆସିଲେ । ଭାରତର ସାର୍ବଭୌମ ଅଧିକାରରେ କୌଣସି ହସ୍ତକ୍ଷେପ ହେବ ନାହିଁ, ରାଜାଙ୍କର କୌଣସି ଅଧିକାର ରହିବ ନାହିଁ, ମାତ୍ର କମନୱେଲଥର ପ୍ରତୀକ ଭାବରେ ଇଂଲଣ୍ଡର ରାଜା ରହିବେ । ଏହି ନିଷ୍ପତ୍ତିଦ୍ୱାରା ଭାରତ ଇଂରେଜ ଆମେରିକା ଦଳରେ ସଂଯୁକ୍ତ ହେଲା ବୋଲି ଅନ୍ୟ ପକ୍ଷରେ ସନ୍ଦେହ ଜାତ ହେବ ଏବଂ ଶାନ୍ତି ଦିଗରେ ଭାରତର ଉଦ୍ୟମ ସଫଳ ହେବ ନାହିଁ । ଏହା କରିବାଦ୍ୱାରା ପୂର୍ବ ପ୍ରତିଶ୍ରୁତି ଭଙ୍ଗ କରାଗଲା ବୋଲି ଅଭିଯୋଗ ପଣ୍ଡିତ ନେହେରୁଙ୍କ ପ୍ରତି କରାଯାଇଛି । କିନ୍ତୁ କଂଗ୍ରେସ କମିଟି ଓ ଶାସନ ଉଭୟ ଏକ ସ୍ୱରରେ ପଣ୍ଡିତ ନେହେରୁଙ୍କ ପ୍ରସ୍ତାବ ଗୃହୀତ ହୋଇଛି । ୧୯୪୯ ର ନେହେରୁ ଓ ୧୯୩୯ ର ନେହେରୁ ଭିତରେ ଆକାଶ-ପାତାଳ ପ୍ରଭେଦ ଦେଖାଦେଉଛି ।

Digitized by srujanika@gmail.com

ପରିଶିଷ୍ଟ—କ

୧୯୩୦ ଜାନୁଆରୀ ତା ୨୬ ରିଖର ସ୍ୱାଧୀନତା ଶପଥ

ଆମେ ବିଶ୍ୱାସ କରୁ ଯେ ଭାରତର ପୂର୍ଣ୍ଣ ସୁଯୋଗ ପାଇବା ନିମନ୍ତେ ଅନ୍ୟ ଦେଶର ଲୋକଙ୍କ ପରି ଭାରତବାସୀଙ୍କର ସ୍ୱାଧୀନତା ପାଇବାର, ନିଜର ଶ୍ରମଫଳ ଭୋଗ କରିବାର ଏବଂ ଜୀବନର ଆବଶ୍ୟକୀୟ ଉପକରଣ ପାଇବାର ଅପ୍ରତିହତ ଅଧିକାର ଅଛି । ଆମେ ମଧ୍ୟ ବିଶ୍ୱାସ କରୁ ଯଦି କୌଣସି ସରକାର ଏହି ଅଧିକାରରୁ କୌଣସି ଲୋକଙ୍କୁ ବଞ୍ଚିତ କରେ ଓ ଦମନ କରେ ତେବେ ସେ ଲୋକଙ୍କର ସେହି ସରକାରକୁ ବଦଳାଇ ଦେବାର କିମ୍ବା ଲୋପ କରିଦେବାର ଅଧିକାର ରହିଛି । ଭାରତରେ ବ୍ରିଟିଶ ସରକାର ଭାରତବାସୀଙ୍କୁ ଖାଲି ଯେ ତାଙ୍କର ସ୍ୱାଧୀନତାରୁ ବଞ୍ଚିତ କରିଛି ତାହା ନୁହେଁ, ଏହା ଜନସାଧାରଣଙ୍କ ଶୋଷଣ ଉପରେ ପ୍ରତିଷ୍ଠିତ ଏବଂ ଭାରତକୁ ଅର୍ଥନୈତିକ, ରାଜନୈତିକ, ସଂସ୍କୃତିଗତ ଓ ଆଧ୍ୟାତ୍ମିକ ଦିଗରୁ ମଧ୍ୟ ଧ୍ୱଂସ କରିଛି । ତେଣୁ ଆମେ ବିଶ୍ୱାସ କରୁ ଯେ ଭାରତକୁ ଅବଶ୍ୟ ବ୍ରିଟିଶ ସଂପର୍କ ତୁଟାଇବାକୁ ହେବ ଏବଂ ପୂର୍ଣ୍ଣ ସ୍ୱରାଜ୍ୟ ବା ପୂର୍ଣ୍ଣ ସ୍ୱାଧୀନତା ଲାଭ କରିବାକୁ ପଡ଼ିବ ।

ଭାରତ ଅର୍ଥନୀତିକ ଦିଗରୁ ଧ୍ୱଂସ ପାଇଛି । ଆମ ଲୋକଙ୍କଠାରୁ ଯେଉଁ ରାଜସ୍ୱ ଆଦାୟ ହୁଏ, ତାହା ସେମାନଙ୍କ ଆୟ ଅନୁପାତରେ ଅଧିକ । ଆମର ହାରାହାରି ଦୈନିକ ଆୟ ୭ ପଇସା ଏବଂ ଆମେ ଯେଉଁ ଅତ୍ୟଧିକ ଖଜଣା ଦେଉଁ ସେଥିରୁ ଶତକଡ଼ା ୨୦ ଭାଗ କୃଷକର ଜମିରୁ ଆସେ ଏବଂ ତିନି ଭାଗ ଲୁଣ ଶୁଳ୍କରୁ ଆସେ—ଏହି ଟିକସ ଅତ୍ୟଧିକ ରୂପେ ଗରିବ ଉପରେ ପଡ଼େ ।

ଭାରତରେ ସୂତା କାଟିବା ଆଦି ଗ୍ରାମ୍ୟ ଶିଳ୍ପ ଧ୍ୱଂସ ହୋଇଛି—ଏହା ଫଳରେ ବର୍ଷକରେ ଅନ୍ତତଃ ଚାରି ମାସ ପାଇଁ କୃଷକ ଅଳସୁଆ

Digitized by srujanika@gmail.com

ହୋଇଛି—କୌଣସି ହାତକାମ କରିବାରେ ବୁଦ୍ଧି ନିବେଶ ହୋଇ ପାରିଛି ଏବଂ ଅନ୍ୟ ଦେଶରେ ଯେପରି ଏପରି ଶିଳ୍ପ ଧ୍ୱଂସ ହୋଇଥିବା ବଦଳରେ ଅନ୍ୟ ବ୍ୟବସ୍ଥା ହୋଇଛି ଏଠାରେ ସେପରି କିଛି ହୋଇନାହିଁ ।

ମୁଦ୍ରା ପ୍ରଚଳନ ଓ ବିନିମୟ ଏପରି ଭାବରେ କରାଯାଇଛି ଯାହା ଫଳରେ କୃଷକ ଉପରେ ଆହୁରି ବୋଝ ବଢ଼ିଛି । ବ୍ରିଟିଶ ଦେଶର ଜିନିଷହିଁ ଅଧିକ ଭାବରେ ଆମର ଆମଦାନୀ ହୁଏ । ଶୁଳ୍କ ବସାଇବାରେ ବ୍ରିଟିଶ ଦେଶର ଜିନିଷ ପ୍ରତି ପକ୍ଷପାତିତା କରାଯାଏ—ଏମାନଙ୍କଠାରୁ ଯେ ଟିକସ ନିଆଯାଏ ସେଥିରେ ଜନସାଧାରଣଙ୍କର ଭାର ଲାଘବ ହୁଏ ନା, ମାତ୍ର ଏକ ଅତିରିକ୍ତ ବ୍ୟୟବହୁଳ ଶାସନ କରାଯାଏ । ଆହୁରି ଅଧିକ ସ୍ୱେଚ୍ଛାମୂଳକ ଭାବରେ ବିନିମୟ ଅନୁପାତ ସ୍ଥିର କରାଯାଇଛି—ଯାହା ଫଳରେ ଦେଶରୁ ଲକ୍ଷ ଲକ୍ଷ ଧନ ଶୋଷଣ ହୋଇଯାଉଛି ।

ବ୍ରିଟିଶ ଶାସନ ଅଧୀନରେ ଭାରତର ଅବସ୍ଥା ଯେପରି ରାଜନୈତିକ ଦିଗରେ ତଳକୁ ଖସି ପଡ଼ିଛି, ତାହା ପୂର୍ବରୁ କେବେ ହୋଇ ନ ଥିଲା । କୌଣସି ସଂସ୍କାରରେ ଲୋକଙ୍କୁ ପ୍ରକୃତ ରାଜନୈତିକ କ୍ଷମତା କିଛି ଦିଆଯାଇ ନାହିଁ । ଆମର ସର୍ବୋଚ୍ଚ ଲୋକଙ୍କୁ ସୁଦ୍ଧା ବିଦେଶୀ କର୍ତ୍ତୃପକ୍ଷ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ୁଛି । ସ୍ୱାଧୀନଭାବରେ ମତପ୍ରକାଶ ଓ ସ୍ୱାଧୀନ ସଙ୍ଘସମିତି ଅଧିକାର ଆମକୁ ଦିଆଯାଇନାହିଁ ଏବଂ ଆମର ଅନେକ ଦେଶବାସୀ ବିଦେଶରେ ନିର୍ବାସିତରୂପେ ରହିବାକୁ ବାଧ୍ୟ ହୋଇଛନ୍ତି,—ସେମାନେ ଦେଶକୁ ଫେରି ପାରୁନାହାନ୍ତି । ସମସ୍ତପ୍ରକାର ଶାସନ ଯୋଗ୍ୟତା ନଷ୍ଟ କରାହୋଇଛି ଏବଂ ଜନସାଧାରଣଙ୍କୁ ଛୋଟ ଛୋଟ ଗ୍ରାମ୍ୟ ପଦ ଓ କିରାଣୀ ଗିରିରେ ସନ୍ତୁଷ୍ଟ ରହିବାକୁ ପଡ଼ୁଛି ।

ସଂସ୍କୃତି ଦିଗରେ, ଶିକ୍ଷାପ୍ରଣାଳୀ ଆମର ଭିତ୍ତିଭୂମି ଭାବରୁ ବିଚ୍ୟୁତ ହୋଇଛି ଏବଂ ଆମ ଶିକ୍ଷାହେତୁ ଆମକୁ ଯେଉଁ ଜଞ୍ଜିର ବାନ୍ଧି ରଖିଛି ଆମେ ସେହି ଜଞ୍ଜିରକୁ ଆଦର କରୁଛୁ ।

Digitized by srujanika@gmail.com

ଆଧ୍ୟାତ୍ମିକ ଦିଗରେ, ବାଧ୍ୟତାମୂଳକ ନିରସ୍ତ୍ରୀକରଣ ଫଳରେ ଆମେ ଅମନୁଷ୍ୟ ହୋଇଛୁ ଏବଂ ଆମର ପ୍ରତିରୋଧ ଶକ୍ତିକୁ ଦମନ କରିବା ଉଦ୍ଦେଶ୍ୟରେ ଏକ ବିଦେଶୀ ସଶସ୍ତ୍ର ଫୌଜର ଉପସ୍ଥିତି ଫଳରେ ଆମେ ଭାବୁଛୁ ଯେ ଆମେ ନିଜର ଯତ୍ନ ନେଇପାରୁ ନାହିଁ କିମ୍ବା ବିଦେଶୀ ଆକ୍ରମଣ ବିରୁଦ୍ଧରେ ଆତ୍ମରକ୍ଷା କରିପାରିବୁ ନାହିଁ କିମ୍ବା ଏପରିକି ଚୋର, ଡକାୟତ ଓ ଗୁଣ୍ଡା ପ୍ରଭୃତିଙ୍କ ଆକ୍ରମଣରୁ ନିଜର ଘର ଓ ପରିବାରକୁ ସୁରକ୍ଷା କରିପାରିବୁ ନାହିଁ ।

ଯେଉଁ ଶାସନ ଆମ ଦେଶକୁ ଏପରି ଚତୁରଙ୍ଗ ଧ୍ୱଂସ କରିଛି, ତାହା ନିକଟରେ ଆଉ ବଶ୍ୟତା ସ୍ୱୀକାର କରିବା ଅର୍ଥ ମନୁଷ୍ୟ ଓ ଭଗବାନଙ୍କ-ଠାରେ ଏକ ଅପରାଧ ବୋଲି ଆମେ ବିଚାରୁଁ । ଅବଶ୍ୟ ଆମେ ଏ କଥା ସ୍ୱୀକାର କରୁଛୁ ଯେ ଆମର ସ୍ୱାଧୀନତା ପାଇବାର ସର୍ବୋତ୍କୃଷ୍ଟ ଫଳପ୍ରଦ ଉପାୟ ହିଂସା ନୁହେଁ । ସେଥିପାଇଁ ଆମେ ଯେତେଦୂର ପାରୁ ବ୍ରିଟିଶ ସରକାରଠାରୁ ସମସ୍ତ ସ୍ୱେଚ୍ଛାକୃତ ସାହାଯ୍ୟ ପ୍ରତ୍ୟାହାର କରିବୁ ଏବଂ ଖଜଣା ନ ଦେବା ପ୍ରଭୃତି ଆଇନଅମାନ୍ୟ କାର୍ଯ୍ୟ ନିମନ୍ତେ ନିଜକୁ ପ୍ରସ୍ତୁତ କରିବୁ । ଆମେ ଉପଲବ୍ଧି କରୁଛୁ ଯେ ଯଦି ଆମେ ସମସ୍ତ ସ୍ୱେଚ୍ଛାକୃତ ସାହାଯ୍ୟ ଉଠାଇ ଆଣୁ, କୌଣସିପ୍ରକାର ହିଂସା ନ କରି ଏପରିକି ଉତ୍ତେଜନା ସତ୍ତ୍ୱେ ଖଜଣା ନ ଦେଉ, ତେବେ ଏହି ଅମାନୁଷିକ ଶାସନ ନଷ୍ଟ ହୋଇଯିବ । ସେଥିପାଇଁ ଆମେ ବଶୃଙ୍ଖତର ସହିତ ଏଠାରେ ଶପଥ କରୁଛୁ ଯେ ପୂର୍ଣ୍ଣ ସ୍ୱରାଜ୍ୟ ସ୍ଥାପନ ଉଦ୍ଦେଶ୍ୟରେ କଂଗ୍ରେସର ଥରକୁ ଥର ଆସୁଥିବା ନିର୍ଦ୍ଦେଶକୁ ଆମେ ପାଳନ କରିବୁ ।

—o—

Digitized by srujanika@gmail.com

ପରିଶିଷ୍ଟ—ଖ

୧୯୩୦ ମସିହା ଅଗଷ୍ଟ ୧୫ ତାରିଖରେ ୟେରବାଡ଼ା ଜେଲରୁ ଶାନ୍ତି ପାଇଁ ସନ୍ଧି ଦେଇ ସାର ତେଜ ବାହାଦୂର ସାପ୍ରୁ ଓ ମିଷ୍ଟର ଏମ୍. ଜୟକାରଙ୍କ ନିକଟକୁ କଂଗ୍ରେସ ନେତାମାନେ ନିମ୍ନଲିଖିତ ପତ୍ର ପଠାଇଥିଲେ ।

ୟେରବାଡ଼ା କେନ୍ଦ୍ର ଜେଲ
୧୫ ଅଗଷ୍ଟ, ୧୯୩୦

ପ୍ରିୟ ବନ୍ଧୁମାନେ,

ବ୍ରିଟିଶ ସରକାର ଓ କଂଗ୍ରେସ ମଧ୍ୟରେ ଗୋଟାଏ ଶାନ୍ତିପୂର୍ଣ୍ଣ ମିଳାମିଶା କରିବାପାଇଁ ଆପଣମାନେ ଯେ ଚେଷ୍ଟା କରୁଛନ୍ତି ସେଥିପାଇଁ ଆମେ ଆପଣମାନଙ୍କ ପାଖରେ ଗଭୀର ଭାବରେ କୃତଜ୍ଞ । ଆପଣମାନଙ୍କ ଓ ବଡ଼ଲାଟଙ୍କ ଭିତରେ ଆଦାନପ୍ରଦାନ ହୋଇଥିବା ଚିଠି ପତ୍ର ପଢ଼ିବା ସହିତ ପାଠ କରି ଏବଂ ଆପଣମାନଙ୍କ ସହିତ ଦୀର୍ଘ ଆଲୋଚନାର ସୁବିଧା ପାଇଲା ପରେ ଏବଂ ଆମ ନିଜ ଭିତରେ ଆଲୋଚନା କରି ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିଛୁ ଯେ ଦେଶ ପକ୍ଷରେ ଏକ ସମ୍ମାନଜନକ ମିଳାମିଶା କରିବାପାଇଁ ଉପଯୁକ୍ତ ସମୟ ବର୍ତ୍ତମାନ ସୁଦ୍ଧା ଆସି ନାହିଁ । ଗତ ପାଞ୍ଚମାସ ଭିତରେ ଜନସାଧାରଣଙ୍କର ଅପୂର୍ବ ଜାଗ୍ରତ ହୋଇଛି; ଭିନ୍ନ ଧର୍ମାବଲମ୍ବୀ ସକଳ ପ୍ରକାର ଓ ସକଳ ଶ୍ରେଣୀର ଲୋକେ ଅତ୍ୟନ୍ତ କଷ୍ଟ ସ୍ୱୀକାର କରିଛନ୍ତି; ତଥାପି ଆମେ ଅନୁଭବ କରୁଛୁ ଯେ ଆମ୍ଭ ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ଏହା ପର୍ଯ୍ୟାପ୍ତ ନୁହେଁ ବା ଅଧିକ ନୁହେଁ । ଏଠାରେ ଉଲ୍ଲେଖ କରିବାର ଆବଶ୍ୟକ ଯେ ବଡ଼ଲାଟ ଓ ଆପଣମାନେ ଆଇନ ଅମାନ୍ୟ ଦେଶରେ ଅନିଷ୍ଟ ପହଞ୍ଚାଇଛି କିମ୍ବା ଏହା ସମୟୋପଯୋଗୀ ଓ ନିୟମସଙ୍ଗତ ନୁହେଁ ବୋଲି ଯେ ମତପୋଷଣ କରନ୍ତି, ସେଥିରେ ଆମେ ଏକମତ ନୋହୁଁ । ଇଂରେଜ ଇତିହାସରେ ରକ୍ତାକ୍ତ ବିଦ୍ରୋହର ବହୁ ଦୃଷ୍ଟାନ୍ତ ରହିଛି—ଇଂରେଜ ଲୋକେ ଏହାର ଅଜସ୍ର ପ୍ରଶଂସା ଗାନ କରନ୍ତି ଏବଂ

Digitized by srujanika@gmail.com

ସେପରି କରିବା ନିମନ୍ତେ ଆମକୁ ଶିଖାଇଛନ୍ତି । ସେଥିପାଇଁ ଏହି ଉଭୋକ୍ତର ମତଲବ ଶାନ୍ତିପୂର୍ଣ୍ଣ ହୋଇଥିଲା ବେଳେ ଏବଂ ବାହ୍ୟଭାବରେ କାର୍ଯ୍ୟରେ ମଧ୍ୟ ଏହା ଶାନ୍ତିପୂର୍ଣ୍ଣ ଥିବାବେଳେ ବଡ଼ଲାଟ କିମ୍ବା ଅନ୍ୟ କୌଣସି ବୁଦ୍ଧିମାନ୍ ଇଂରେଜ ଲୋକ ପକ୍ଷରେ ଏହାର ନିନ୍ଦା କରିବା ଶୋଭା ପାଏ ନାହିଁ; ମାତ୍ର ବର୍ତ୍ତମାନ ଆଇନ ଅମାନ୍ୟ ଆନ୍ଦୋଳନକୁ ସରକାରୀ ବା ବେସରକାରୀ ଭାବରେ ଯେଉଁ ନିନ୍ଦା କରାଯାଉଛି ତାହା ସହିତ ଜଳନ୍ତୁ କରିବାର ଇଚ୍ଛା ଆମର ନାହିଁ । ଜନସାଧାରଣଙ୍କର ଯେଉଁ ଅପୂର୍ବ ସମର୍ଥନ ପାଇଛି ଆମ ମତରେ ତାହାହିଁ ଏହାର ଯଥାର୍ଥତା ପ୍ରମାଣ କରୁଛି । ଯାହାହେଉ ଏ ପରେ କଥା ହେଉଛି ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ବା ବନ୍ଦ କରିବାପାଇଁ—ଯଦି ଏହା ସମ୍ଭବ ହୋଇପାରେ—ଆମେ ଆପଣମାନଙ୍କ ସହିତ ଏକମତ । ଅକାରଣ ଆମ ଦେଶର ସ୍ତ୍ରୀ, ପୁରୁଷ ଓ ଶିଶୁମାନଙ୍କୁ ଜେଲ, ଲାଠିମାଡ଼ ଓ ଅନ୍ୟାନ୍ୟ ଅତ୍ୟାଚାର ମୁଖରେ ପକାଇବା କିଛି ଆମପକ୍ଷରେ ଆନନ୍ଦଦାୟକ ନୁହେଁ । ସେଥିପାଇଁ ଆମେ ଯେତେବେଳେ ଆପଣମାନଙ୍କୁ ଓ ଆପଣଙ୍କ ଜରିଆରେ ବଡ଼ଲାଟଙ୍କୁ ଏ ନିର୍ଭର ଜବାବ ଦେଉଛୁ ଯେ ଆମେ ଏକ ସମ୍ମାନଜନକ ଶାନ୍ତି ସକାଶେ ପ୍ରତ୍ୟେକ ଏବଂ ସର୍ବପ୍ରକାର ବାଟ ପରୀକ୍ଷା କରିବାରେ ପଛାଇବୁ ନାହିଁ ସେଥିରେ ଆପଣମାନେ ଆମକୁ ବିଶ୍ୱାସ କରନ୍ତୁ, ମାତ୍ର ଆମେ ଖୋଲାଭାବରେ ଏ କଥା ସ୍ୱୀକାର କରିବାକୁ ଚାହୁଁ ବର୍ତ୍ତମାନ ସୁଦ୍ଧା ଦିଗ୍‌ବଳୟରେ ଏପରି କୌଣସି ଚିହ୍ନ ଆମେ ଦେଖିପାରୁ ନାହୁଁ । ଭାରତ ପକ୍ଷରେ କ'ଣ ଭଲ ତାହା ଭାରତର ନରନାରୀମାନଙ୍କୁ ସିଦ୍ଧାନ୍ତ କରିବା ନିମନ୍ତେ ଛାଡ଼ିଦେବା ଉଚିତ । ଏପରି ହୃଦୟର ପରିବର୍ତ୍ତନ ଇଂରେଜ କର୍ମଚାରୀଙ୍କ ଭିତରେ ହୋଇଥିବାର ଚିହ୍ନ ଆମେ ଦେଖିପାରୁ ନାହୁଁ । ଆମେ ସରକାରୀ କର୍ମଚାରୀମାନଙ୍କର ଭଲ ମତଲବ ସମ୍ବନ୍ଧରେ ଘୋଷଣାସବୁ ଭଲଭାବରେ କରାଗଲେ ସୁଦ୍ଧା ସନ୍ଦେହ ଚକ୍ଷୁରେ ଦେଖୁଛୁ । ଯୁଗ ଯୁଗ ଧରି ଏହି ପ୍ରାଚୀନ ଦେଶର ଜନସାଧାରଣ ଇଂରେଜମାନଙ୍କ ଦ୍ୱାରା ଶୋଷିତ ହୋଇଥିବାରୁ ନୈତିକ, ଅର୍ଥନୈତିକ ଓ ରାଜନୈତିକ ଦିଗରୁ

Digitized by srujanika@gmail.com

ଶୋଷଣଦ୍ୱାରା ଆମ ଦେଶ କିପରି ଧ୍ୱଂସ ପାଇଛି ତାହା ବୁଝିବାକୁ ସେମାନେ ଅସମର୍ଥ । ସେମାନେ ଏ କଥା ନିଜେ ଦେଖି ପାରୁନାହାନ୍ତି ଯେ ଆମ କାନ୍ଧରୁ ନିଜକୁ ଅନ୍ତର କରିନେବା ଏକ ଦରକାରୀ କଥା ଏବଂ ଅତୀତ ଅନ୍ୟାୟର କ୍ଷତିପୂରଣ ସ୍ୱରୂପ ବ୍ରିଟିଶ କର୍ତ୍ତୃତ୍ୱ ଫଳରେ ଏକ ଶତାବ୍ଦୀ ହେଲା ଆମ ଦେଶର ଯେ ଅବସ୍ଥା ହୋଇଛି, ସେଥିରୁ ଉଦ୍ଧାର କରିବାରେ ସାହାଯ୍ୟ କରିବା ।

କିନ୍ତୁ ଆମେ ଜାଣୁ ଯେ ଆପଣମାନେ ଏବଂ ଆମ ଦେଶର କେତେକ ଶିକ୍ଷିତ ଲୋକେ ଅନ୍ୟ ଭାବରେ ଚିନ୍ତା କରୁଛନ୍ତି । ଆପଣମାନେ ବିଶ୍ୱାସ କରନ୍ତି ହୃଦୟର ପରିବର୍ତ୍ତନ ହୋଇଛି ଅନ୍ତତଃ ପ୍ରସ୍ତାବିତ ସମ୍ମିଳନୀରେ ଯୋଗ ଦେଲାଭଳି ଅବସ୍ଥା ହୋଇଛି । ସୁତରାଂ ଆମେ ସୀମାବଦ୍ଧ ଅବସ୍ଥାରେ ଥିବା ସତ୍ତ୍ୱେ ଆମର ସାଧ୍ୟ ଅନୁସାରେ ଆମେ ଆପଣମାନଙ୍କ ସହିତ ଆନନ୍ଦରେ ସହଯୋଗ କରିବୁ ।

ଆମେ ବର୍ତ୍ତମାନ ଯେପରି ଅବସ୍ଥାରେ ଅଛୁ, ସେଥିରେ ଯେ ଆମେ ଆପଣମାନଙ୍କ ଉଦ୍ୟମରେ କେତେଦୂର ଅଗ୍ରସର ହୋଇପାରୁ ଏହା ତଳଲିଖିତ ପ୍ରକାରେ ପ୍ରକାଶ କରୁଛୁ:—

୧ । ଆମେ ଅନୁଭବ କରୁଛୁ ଯେ ପ୍ରସ୍ତାବିତ ସମ୍ମିଳନୀ ସମ୍ବନ୍ଧରେ ଆପଣଙ୍କ ଚିଠିର ଜବାବରେ ବଡ଼ଲାଟ ଦେଇଥିବା ଚିଠିର ଭାଷା ଅତ୍ୟନ୍ତ ଅସ୍ପଷ୍ଟ—ଗତବର୍ଷ ଲାହୋରଠାରେ ଜାତୀୟଦାବୀ ସମ୍ବନ୍ଧରେ ଗୃହୀତ ପ୍ରସ୍ତାବ ତୁଳନାରେ ଆମେ ତାହାର ମୂଲ୍ୟ ନିରୂପଣ କରିବାକୁ ଅସମର୍ଥ—ଆହୁରି ମଧ୍ୟ କଂଗ୍ରେସର କାର୍ଯ୍ୟକାରୀ ସମିତିର ନିୟମିତ ବୈଠକ ଏବଂ ଯଦି ଦରକାର ହୁଏ ନିଖିଳ ଭାରତ କଂଗ୍ରେସ କମିଟିର ଶଗୃର ବିନା ଆମେ କଂଗ୍ରେସ ତରଫରୁ ଏ ସମ୍ବନ୍ଧରେ କିଛି କହି ପାରିବୁ ନାହିଁ; ମାତ୍ର ଆମେ ବ୍ୟକ୍ତିଗତ ଭାବରେ କହିପାରୁ ଯେ ତଳଲିଖିତ କଥା ଅନ୍ତତଃ ନ ହେଲେ କୌଣସି ସମାଧାନ ସମ୍ଭବ ନୁହେଁ:—

Digitized by srujanika@gmail.com

(କ) ଭାରତର ଇଚ୍ଛାନୁସାରେ ବ୍ରିଟିଶ ସରକାରଠାରୁ ବିଚ୍ଛିନ୍ନ ହେବାର ଅଧିକାର ସ୍ୱୀକାର କରାଯିବ ।

(ଖ) ଭାରତର ସୈନ୍ୟଦଳ, ଅର୍ଥନୀତିକ ଉପରେ କର୍ତ୍ତୃତ୍ୱ, ଗାନ୍ଧିଜୀ ବଡ଼ଲାଟଙ୍କୁ ତାଙ୍କ ଚିଠିରେ ଦେଇଥିବାର ଏଗାର ସର୍ତ୍ତସହ ଲୋକଙ୍କ ନିକଟରେ ଦାୟିତ୍ୱପୂର୍ଣ୍ଣ ପୂର୍ଣ୍ଣ ଜାତୀୟ ସରକାର ଭାରତ ପାଇବ ।

(ଗ) ଜାତୀୟ ସରକାର ନିକଟରେ ଯାହା ଅନ୍ୟାୟ ବା ଲୋକ ସାଧାରଣଙ୍କ ସ୍ୱାର୍ଥ ଅନୁକୂଳ ବୋଲି ମନେ ନ ହେବ ସେହିପରି ବ୍ରିଟିଶ ଦାବୀ, ଅନୁଗ୍ରହ ଇତ୍ୟାଦି ଯଥା ଭାରତର ସାଧାରଣ ଋଣ ସମସ୍ୟା ଦରକାର ହେଲେ ସ୍ୱତନ୍ତ୍ର ପଞ୍ଚାୟତକୁ ପଠାଇବା ଅଧିକାର ଭାରତର ରହିବ ।

(ନୋଟ୍—କ୍ଷମତା ହସ୍ତାନ୍ତର କରିବାବେଳେ ଭାରତ ସ୍ୱାର୍ଥଦୃଷ୍ଟିରୁ ଯେଉଁସବୁ ଅଦଳ ବଦଳ ଦରକାର ହେବ, ତାହା ଭାରତର ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ସ୍ଥିରୀକୃତ ହେବ ।)

୨ । ଏହିସବୁ ବ୍ରିଟିଶ ସରକାର ପକ୍ଷରେ ଯଦି ସମୀଚୀନ ମନେହୁଏ ଏବଂ ଏହି ମର୍ମରେ ଏକ ସନ୍ତୋଷଜନକ ବବୃତି ବାହାରେ, ଆମେ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହାର କରିବା ଆବଶ୍ୟକତା ସମ୍ବନ୍ଧରେ କାର୍ଯ୍ୟକାରୀ ସମିତିକୁ ସୁପାରିଶ୍ କରିବୁ ଅର୍ଥାତ୍ ଅମାନ୍ୟ କରିବା ଉଦ୍ଦେଶ୍ୟରେ ଯେଉଁ ନିର୍ଦ୍ଦିଷ୍ଟ ଆଇନ ଅମାନ୍ୟ ହେଉଥିଲା ତାହା ବନ୍ଦ ହେବ । ମାତ୍ର ସରକାର ନିଜେ ମଦ ନିବାରଣ ଓ ବିଦେଶୀ ଲୁଗା ବର୍ଜନ ନୀତି ପ୍ରବର୍ତ୍ତନ ନ କରିବା ପର୍ଯ୍ୟନ୍ତ ବିଦେଶୀ ଲୁଗା ଓ ମଦ ଦୋକାନରେ ଶାନ୍ତିପୂର୍ଣ୍ଣ ପିକେଟିଂ ଚାଲିଥିବ । ଲୋକମାନେ ଲୁଣ ତିଆରି କରୁଥିବେ ଏବଂ ଲୁଣ ଆଇନର ଶାନ୍ତିମୂଳକ ଦଫା ଜାରି କରାଯିବ ନାହିଁ ! ସରକାରୀ ବା ଘରୋଇ ଲୁଣ ଗୋଲା ଦଖଲ ହେବ ନାହିଁ ।

୩ । ଆଇନ ଅମାନ୍ୟ ପ୍ରତ୍ୟାହାର କରିବା ସଙ୍ଗେ ସଙ୍ଗେ—

(କ) ସମସ୍ତ ସତ୍ୟାଗ୍ରହୀ ବନ୍ଦୀ ଏବଂ ଅନ୍ୟ ରାଜବନ୍ଦୀ, ସେମାନେ ଶାସ୍ତି ପାଇଥାନ୍ତୁ ବା ବିଚାରାଧୀନ ଥାଆନ୍ତୁ, ଯେଉଁମାନେ ହିଂସା ବା ହିଂସା

Digitized by srujanika@gmail.com

ପ୍ରରୋଚନା ସକାଶେ ଗିରଫ ହୋଇ ନ ଥିବେ, ସେମାନଙ୍କୁ ଖଲାସ କରିବାକୁ ଆଦେଶ ଦିଆଯିବ ।

(ଖ) ଲୁଣ ଆଇନ, ଖବରକାଗଜ ଆଇନ, ରାଜସ୍ୱ ଆଇନ ଓ ସେହିପରି ଆଇନରେ ବାଜ୍ୟାପ୍ତ ହୋଇଥିବା ସମସ୍ତ ଫେରାଇ ଦିଆଯିବ ।

(ଗ) ଶାସ୍ତି ପାଇଥିବା ସତ୍ୟାଗ୍ରହୀ କିମ୍ବା ପ୍ରେସ ଆଇନ ଅନୁସାରେ ନିଆଯାଇଥିବା ଜୋରିମାନା ଓ ଅମାନତ ଟଙ୍କା ଫେରାଇ ଦିଆଯିବ ।

(ଘ) ଗ୍ରାମ କର୍ମଚାରୀ ସମେତ ସମସ୍ତ କର୍ମଚାରୀ ଯେଉଁମାନେ ଇସ୍ତଫା ଦେଇଥିବେ କିମ୍ବା ଆଇନ ଅମାନ୍ୟ ଆନ୍ଦୋଳନ ଯୋଗୁଁ ଯେଉଁମାନଙ୍କୁ ବରଖାସ୍ତ କରାଯାଇଥିବ, ସେମାନଙ୍କ ଭିତରୁ ଯେଉଁମାନେ ପୁଣି ସରକାରୀ ଚାକିରୀରେ ପ୍ରବେଶ କରିବାକୁ ଚାହିଁବେ, ସେମାନଙ୍କୁ ପୁନର୍ବାର ଚାକିରୀ ଦିଆଯିବ ।

(ନୋଟ୍—ଉପରୋକ୍ତ ଉପଧାରା ଅସହଯୋଗ ସମୟ ପ୍ରତି ମଧ୍ୟ ପ୍ରଯୁଜ୍ୟ ।)

(ଙ) ବଡ଼ଲାଟଙ୍କ ଆଦେଶର ପ୍ରଚଳିତ ସମସ୍ତ ଅର୍ଡିନାନ୍ସ ରଦ୍ଦ କରାଯିବ ।

୪ । ପ୍ରସ୍ତାବିତ ସମ୍ମିଳନୀର ଗଠନ ଏବଂ କଂଗ୍ରେସ ସେଥିରେ ଯୋଗ ଦେବା କଥା, କେବଳ ଉପରୋକ୍ତ ପ୍ରାଥମିକ କଥାସବୁ ସନ୍ତୋଷଜନକ ଭାବରେ ନିଷ୍ପତ୍ତି ହୋଇ ପାରିଲେ ସ୍ଥିର କରାଯାଇପାରେ ।

ଆପଣଙ୍କର ଅନୁଗତ
ମୋତିଲାଲ ନେହରୁ
ଏମ୍. କେ. ଗାନ୍ଧି
ସରୋଜିନୀ ନାଏଡ଼ୁ
ବଲ୍ଲଭଭାଇ ପଟେଲ
ଜୟରାମଦାସ ଦୌଲତରାମ
ସୟଦ ମାମୁଦ
ଜହରଲାଲ ନେହରୁ

Digitized by srujanika@gmail.com

ପରିଶିଷ୍ଟ—ଗ

ସ୍ମୃତି ପ୍ରସ୍ତାବ

ଜାନୁୟାରୀ ତା ୨୬ । ୧୯୩୧

ଆମେ······ଅଧିବାସୀ ଭାରତର ଯେଉଁ ପୁତ୍ରକନ୍ୟାମାନେ ଭାରତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଛନ୍ତି ଏବଂ ଆମର ମାତୃଭୂମିକୁ ସ୍ୱାଧୀନ କରିବା ନିମନ୍ତେ କଷ୍ଟ ସହିଛନ୍ତି ଓ କଷ୍ଟ ବରଣ କରିଛନ୍ତି ସେମାନଙ୍କୁ ପ୍ରଶଂସା କରୁଛୁ ଓ ତାଙ୍କ ଲାଗି ଗର୍ବ ଅନୁଭବ କରୁଛୁ । ଆମେ ଆମର ମହାନ୍ ଓ ପ୍ରିୟ ନେତା ମହାତ୍ମା ଗାନ୍ଧି ଯେ ଆମମାନଙ୍କୁ ସର୍ବଦା ପ୍ରେରଣା ଦେଇଛନ୍ତି ଏବଂ ସର୍ବଦା ଉଚ୍ଚ ଉଦ୍ଦେଶ୍ୟ ଓ ମହତ୍ ଉଦ୍ୟମ ପଥ ଦର୍ଶାଇଛନ୍ତି ତାଙ୍କୁ ପ୍ରଶଂସା କରୁଛୁ; ଯେଉଁ ଶହ ଶହ ଯୁବକ ସ୍ୱାଧୀନତା ବଦଳରେ ଜୀବନ ଅର୍ପଣ କରିଛନ୍ତି; ପେଶୱାର, ସମଗ୍ର ସୀମାନ୍ତ ପ୍ରଦେଶ, ସୋଲାପୁର ମେଦିନୀପୁର ଜିଲ୍ଲା ଓ ବମ୍ବେର ଶହୀଦମାନଙ୍କ ପ୍ରତି, ଯେଉଁ ସହସ୍ର ସହସ୍ର ଲୋକ ଶତ୍ରୁ ଶକ୍ତି ହାତରୁ ବର୍ବର ଲାଠି ପ୍ରହାର ସହ୍ୟ କରିଛନ୍ତି; ନିଜ ଜୀବନ ଧ୍ୱଂସପଥରେ ପକାଇ ଗଡ଼ୱାଲି ସେନାର ଯେଉଁ ସୈନ୍ୟ ଏବଂ ସରକାରର ପୁଲିସ ବା ଅନ୍ୟ ବିଭାଗର ଯେଉଁ କର୍ମଚାରୀମାନେ ଗୁଳି ଫାୟାର କରିବା ପାଇଁ କିମ୍ବା ନିଜ ଦେଶବାସୀଙ୍କ ବିରୁଦ୍ଧରେ ଅନ୍ୟ କାର୍ଯ୍ୟ କରିବାଲାଗି ଅସ୍ୱୀକାର କରିଛନ୍ତି ସେମାନଙ୍କ ପ୍ରତି, ଗୁଜୁରାଟର ଦୀର୍ଘକାଳ ଦୁଃଖଭୋଗୀ କୃଷକ ଯେଉଁମାନେ ଅଟଳ ଭାବରେ ସମସ୍ତ ହିଂସାର ସମ୍ମୁଖୀନ ହୋଇ ସୁଦ୍ଧା ଦୃଢ଼ ହୋଇଛନ୍ତି; ଭାରତର ଅନ୍ୟାନ୍ୟ ଅଞ୍ଚଳର ସାହସୀ ଓ ଦୀର୍ଘକାଳ ଦୁଃଖଭୋଗୀ କୃଷକ ଯେଉଁମାନଙ୍କୁ ଦମନ କରିବାର ସମସ୍ତ ଚେଷ୍ଟା ସତ୍ତ୍ୱେ ସେମାନେ ସଂଗ୍ରାମରେ ପୂର୍ଣ୍ଣ ଭାବରେ ଅଂଶ ନେଇଛନ୍ତି; ବ୍ୟବସାୟୀ ଶ୍ରେଣୀ ଯେଉଁମାନେ ନିଜର ଅନେକ କ୍ଷତି ସତ୍ତ୍ୱେ ଜାତୀୟ ସଂଗ୍ରାମରେ ବିଶେଷତଃ ବିଦେଶୀ ଲୁଗା ଓ ବ୍ରିଟିଶ

Digitized by srujanika@gmail.com

ଦ୍ରବ୍ୟ ବର୍ଜନରେ ସାହାଯ୍ୟ କରୁଛନ୍ତି; ଲକ୍ଷ ଲକ୍ଷ ନରନାରୀ ଜେଲକୁ ଯାଇଁ ସମସ୍ତ ପ୍ରକାର ନିର୍ଯାତନ ଏବଂ ସମୟ ସମୟରେ ଜେଲ ପ୍ରାଚୀର ଭିତରେ ମୃତ୍ୟୁ ମାତ୍ର ଓ ଅପମାନ ସହୁଛନ୍ତି; ବିଶେଷତଃ ଭାରତର ସାଧାରଣ ସ୍ୱେଚ୍ଛାସେବକ ଯେ କୌଣସି ପଦ ବା ପୁରସ୍କାର ଆଶା ନ କରି କେବଳ ମହତ୍ ଉଦ୍ଦେଶ୍ୟ କଥା ଚିନ୍ତା କରି ଅବିଶ୍ରାନ୍ତ ଭାବରେ ଓ ଶାନ୍ତି-ପୂର୍ଣ୍ଣଭାବରେ କଷ୍ଟ ଓ ଦୁଃଖ ବରଣ କରିଛି; ତାଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରଶଂସା ଜ୍ଞାପନ କରୁଛୁ ।

ଆମେ ଭାରତର ନାରୀ ସଂପ୍ରଦାୟଙ୍କ ପ୍ରତି ମଧ୍ୟ ଆମର ଗଭୀର ଭକ୍ତି ଓ ପ୍ରଶଂସା ଜ୍ଞାପନ କରୁଛୁ । ମାତୃଭୂମିର ସଙ୍କଟବେଳେ ସେମାନେ ନିଜର ଘର ଦ୍ୱାର ଛାଡ଼ି ଏବଂ ଅଟଳ ସାହସ ଓ ସହିଷ୍ଣୁତା ଦେଖାଇ ଭାରତର ଜାତୀୟ ସୈନ୍ୟର ପ୍ରଥମ ବାହିନୀରେ କାନ୍ଧରେ କାନ୍ଧ ମିଶାଇ ଧାର୍ମି କରିଥିଲେ ଏବଂ ସଂଗ୍ରାମର ତ୍ୟାଗ ଓ ବିଜୟରେ ଭାଗ ନେଇଛନ୍ତି । ଆମେ ଆମର ଯୁବକ ସଂପ୍ରଦାୟ ଏବଂ ବାନର ସେନାଙ୍କ ଲାଗି ଗର୍ବ ଅନୁଭବ କରୁଛୁ । ସେମାନଙ୍କର ସ୍ୱଳ୍ପ ବୟସ ସୁଦ୍ଧା ସେମାନଙ୍କ ଜାତୀୟ ସଂଗ୍ରାମରୁ ଅଲଗା ରହି ପାରିଲେ ନାହିଁ କିମ୍ବା ଉଦ୍ଦେଶ୍ୟ ଲାଗି ଶହୀଦ ନ ହୋଇ ରହିପାରିଲେ ନାହିଁ ।

ଆହୁରି ମଧ୍ୟ ଭାରତର ସମସ୍ତ ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘିଷ୍ଠ ସଂପ୍ରଦାୟ ଓ ଶ୍ରେଣୀ ସବୁ ଏହି ବିରାଟ ସଂଗ୍ରାମରେ ଏକତ୍ର ଯୋଗ ଦେଇଥିବାରୁ ଏବଂ ଏହି ଉଦ୍ଦେଶ୍ୟଲାଗି ତାଙ୍କର ସର୍ବୋତ୍କୃଷ୍ଟ ଦାନ କରିଥିବାରୁ ଆମେ ସେମାନଙ୍କୁ କୃତଜ୍ଞତା ଜଣାଉଛୁ—ବିଶେଷ ଭାବରେ ମୁସଲମାନ, ଶିଖ, ପାର୍ସି, ଖ୍ରୀଷ୍ଟିୟାନ ପ୍ରଭୃତି ସଂଖ୍ୟାଲଘିଷ୍ଠ ସମ୍ପ୍ରଦାୟ-ମାନଙ୍କର ବୀରତ୍ୱ ଓ ମାତୃଭୂମିର ଉଦ୍ଦେଶ୍ୟ ପ୍ରତି ଅନୁରକ୍ତି ଯୋଗୁଁ ଏକ ଯୁକ୍ତ ଓ ଅବିଭକ୍ତ ଜାତି ଗଢ଼ିବାରେ ସହାୟ ହେଉଛି—ଏହା ବିଜୟ ଲଭିବା ନିଶ୍ଚିତ ଏବଂ ଏହା ଶପଥ କରୁଛି ଯେ ଏହା ଭାରତର ସ୍ୱାଧୀନତା ପାଇବ ଏବଂ ତାହା ରକ୍ଷା କରିବ । ଏହି ନୂତନ ସ୍ୱାଧୀନତାରେ ଭାରତର

Digitized by srujanika@gmail.com

ସକଳ ଶ୍ରେଣୀ ଯେଉଁ ବନ୍ଧନରେ ଆବଦ୍ଧ ସେଥିରୁ ସେମାନଙ୍କୁ ମୁକ୍ତ କରିବ—ଓ ସମସ୍ତ ଅସାମଞ୍ଜସ୍ୟ ଦୂର କରିବ ଏହିରୂପେ ସମଗ୍ର ମାନବ ସମାଜର ମଙ୍ଗଳ ସାଧନ କରିବ । ଉକ୍ତ ଲକ୍ଷ୍ୟ ହାସଲ ନିମନ୍ତେ ତ୍ୟାଗ, କଷ୍ଟସ୍ୱୀକାରର ଏହି ଅପୂର୍ବ ଓ ପ୍ରେରଣାଦାୟକ ଦୃଷ୍ଟାନ୍ତ ସମ୍ମୁଖରେ ରଖି ଆମେ ପୁନର୍ବାର ସ୍ୱାଧୀନତା ଶପଥ ଗ୍ରହଣ କରୁଛୁ ଏବଂ ଶପଥ କରୁଛୁ ଯେ ଭାରତ ପୂର୍ଣ୍ଣରୂପେ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଆମେ ସଂଗ୍ରାମ ଚଳାଇବୁ ।

ବହୁମୁଖ ଜେଲ
୧୫।୬।୪୧

ସମାପ୍ତ

ମୁଦ୍ରାକର—ଶ୍ରୀ ହରଦେବ ମିଶ୍ର, ଭୁବନ ପ୍ରେସ, କଟକ-୨ — ୧୯୬୬

Digitized by srujanika@gmail.com